# ପ୍ରାଚୀନ ଉତ୍କଳ

## ପ୍ରଥମ ଭାଗ

ଓଡ଼ିଶା ସାହିତ୍ୟ ଏକାଡେମୀ

# ପ୍ରାଚୀନ ଉତ୍କଳ

## ( ପ୍ରଥମ ଭାଗ )

ଜଗବନ୍ଧୁ ସିଂହ

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧୪

ପ୍ରାଚୀନ ଉତ୍କଳ ( ପ୍ରଥମ ଭାଗ )

ଲେଖକ : ଜଗବନ୍ଧୁ ସିଂହ

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୪

ତୃତୀୟ ସଂସ୍କରଣ : ୧୯୮୨

ମୁଦ୍ରଣ : କୋଣାର୍କ ପ୍ରିଣ୍ଟର୍ସ
ଖଟବିନ୍ ସାହି, କଟକ-୮

ମୂଲ୍ୟ : ଟ ୨୫-୦୦ ( ପଚିଶ ଟଙ୍କା )

**PRACHIN UTKAL ( Ist Part )**

*Writer* : **Jagabandhu Singh**

*Published by* : Orissa Sahitya Akademi
Bhubaneswar-14

Third Publication-1982

*Printed at* **Konark Printers**,
Khatbin Sahi, Cuttack-8

*Price* : **Rs. 25**/- ( Twenty five only )

# ଭୂମିକା ।

ସ୍ୱର୍ଗତ ଜଗବନ୍ଧୁ ସିଂହଙ୍କର ପ୍ରାଚୀନ ଉତ୍କଳ ଓଡ଼ିଆରେ ଏକ ଅନବଦ୍ୟ ଗ୍ରନ୍ଥ । ଏହାକୁ ଓଡ଼ିଆ ସଂସ୍କୃତିର ଏକ ପ୍ରାମାଣିକ ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚଳିତ ଶତାବ୍ଦୀର ପ୍ରଥମ ପାଦରେ ଏହା ରଚିତ ଓ ପ୍ରକାଶିତ ହୋଇଥିଲା । ଓଡ଼ିଶାର ସ୍ୱାତନ୍ତ୍ର୍ୟ ବା ସ୍ୱାଜାତ୍ୟ ଚେତନାର ଏହା ଥିଲା ପ୍ରଚଣ୍ଡ ମଧ୍ୟାହ୍ନ । ଖ୍ରୀ: ଅ: ୧୯୦୩ ସାଲରେ ଉତ୍କଳ ଗୌରବ ମଧୁସୂଦନଙ୍କର ନେତୃତ୍ୱରେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ 'ଉତ୍କଳ ସମ୍ମିଳନୀ' ସ୍ଥାପିତ ହେବା ଦିନ ଠାରୁ ଓଡ଼ିଶାରେ ଚେତନାର ବା ନବ ଜାଗରଣର ସୂତ୍ରପାତ ହୋଇଥିଲା । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ପ୍ରାଣରେ ଜାଗିଥିଲା ନିଜର ସ୍ୱୀୟତ୍ୱ ଓ ସ୍ୱାତନ୍ତ୍ର୍ୟକୁ (Identity) ଜାଣିବା ଓ ବୁଝିବାର ଆକାଂକ୍ଷା । ସେତେବେଳେ ଯେଉଁ କେତେଗୁଡ଼ିଏ ପୁସ୍ତକ ଇଂରାଜୀରେ ମିଳୁଥିଲା, ସେ ସବୁ ଓଡ଼ିଆ ସଂସ୍କୃତିର ବହିରଙ୍ଗ ଉପରେ ଯେତିକି ଆଲୋକପାତ କରି ଥିବାର ଜଣାପଡ଼େ ନାହିଁ । ତାହାର ଭାଷାର ଲେଖାରେ ମଧ୍ୟ ଥିଲା, ଓଡ଼ିଶାର ଗୌରବମୟ ଅତୀତ ଓ ତା'ର ସ୍ୱୀୟତ୍ୱକୁ ନ୍ୟୂନ କରିବାର ପ୍ରଚେଷ୍ଟା । ଦୁର୍ଭାଗ୍ୟକୁ ସ୍ମୃତି, ଓଡ଼ିଆରେ ଏ ସମ୍ପର୍କରେ କୌଣସି ପ୍ରାମାଣିକ ପୁସ୍ତକ ନ ଥିଲା । ଏହି ପରିସ୍ଥିତିରେ ଜଗବନ୍ଧୁ ସିଂହ ବହୁ ଅସୁବିଧା ସ୍ୱୀକାର ପୂର୍ବକ, ଏହି ଗ୍ରନ୍ଥଟି ରଚନା କରି ଦେଇ ଅଭାବ ମୋଚନ କରିଥିଲେ ।

'ପ୍ରାଚୀନ ଉତ୍କଳ' ଗ୍ରନ୍ଥରୁ ଆଜି ମଧ୍ୟ ଆଗ୍ରହୀ ପାଠକମାନେ ଓଡ଼ିଶାର ସଂସ୍କୃତିର ଯେ ପୂର୍ଣ୍ଣାଙ୍ଗ ପରିଚୟ ପାଇ ପାରିବେ ଏଥିରେ ମୋର ସନ୍ଦେହ ନାହିଁ ।

ଆଜି ଅବଶ୍ୟ ଓଡ଼ିଶାର ସଂସ୍କୃତିର ଇତିହାସ ରଚନା କରିବା ଅନେକ ଦିଗମାନଙ୍କରେ ସୁଗମ ହୋଇଛି । କାରଣ ଇତିମଧ୍ୟରେ ବହୁ ଗବେଷକଙ୍କର ଉଦ୍ୟମରେ ଓଡ଼ିଶାର ଲୁପ୍ତ ଇତିହାସର ବହୁ ଉପାଦାନ ସଂଗୃହୀତ ହୋଇ ପାରିଛି । କିନ୍ତୁ ଜଗବନ୍ଧୁ ସିଂହ ପ୍ରାଚୀନ ଉତ୍କଳ ଲେଖିଲା ବେଳେ, ସେଥିପାଇଁ ଉପାଦାନ ସୁଲଭ ନଥିଲା । ଏ ପରିସ୍ଥିତିରେ ଲେଖକ ବୁଦ୍ଧିରେ କେତେ ଅଭିନନ୍ଦନର ଅର୍ହ, ଏକାଧାରରେ ଐତିହାସିକ, ଗବେଷକ ଓ ଲେଖକ ହୋଇ ଯେପରି ଏ ବିରାଟ ଗ୍ରନ୍ଥଟି ପ୍ରଣୟନ କରିଅଛନ୍ତି, ତାହା କେବଳ ତାଙ୍କ ଅଧ୍ୟୟନ ଓ ଅଧ୍ୟବସାୟ ନୁହେଁ, କାର୍ଯ୍ୟପ୍ରୀତିର ମଧ୍ୟ ସୂଚନା ଦିଏ ।

ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ଏହି ଗ୍ରନ୍ଥଟି ଆଜି ନୂଆ ଓଡ଼ିଆ ପାଠକ ମାନଙ୍କରେ ଯେ ତାହାର ଆଦର କମିନାହିଁ, ଏହି ନୂତନ ସଂସ୍କରଣ ତାହାର ସାକ୍ଷ୍ୟ ବହନ କରୁଅଛି ।

ପ୍ରାଚୀନ ଉତ୍କଳର କଳେବର ବୃଦ୍ଧିରୁ ଏହାକୁ ଦୁଇଖଣ୍ଡରେ ଆମ୍ଭେମାନେ ବିଭକ୍ତ କରିଅଛୁ । ଏହି ଖଣ୍ଡରେ ଓଡ଼ିଶାର ଇତିହାସ, ସାହିତ୍ୟ ଓ ଧର୍ମ ଚେତନା ସମ୍ପର୍କରେ ମୂଲ୍ୟବାନ ଆଲୋଚନାମାନ ଦିଆଯାଇଅଛି । ପାଠକ ସମାଜରେ ଏହା ଯେ ଅଭିନନ୍ଦିତ ହେବ ଏଥିରେ ମୋର ସନ୍ଦେହ ନାହିଁ ।

ତା ୨୮-୧୧-୮୨

ସୁରେନ୍ଦ୍ର ମହାନ୍ତି
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

# ଜଗବନ୍ଧୁ ସିଂହ

ଓଡ଼ିଶାର କବିଭୂଷଣ ସ୍ୱର୍ଗୀୟ ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ଶୀର୍ଷକ ପୁସ୍ତକଟି ଓଡ଼ିଶା ସମ୍ବନ୍ଧରେ ସମ୍ୟକ ଧାରଣା କରିବା ପାଇଁ ବିଶେଷ ଉପାଦେୟ ପୁସ୍ତକ । ଓଡ଼ିଶାର ଓଡ଼ିଆମାନଙ୍କ ଅତୀତର ଚିତ୍ର ଲଭିବା ପାଇଁ 'ପ୍ରାଚୀନ ଉତ୍କଳ' ଭଳି ବିଶେଷ ଉପାଦେୟ ପୁସ୍ତକ ଅଦ୍ୟାପି ଓଡ଼ିଶାରେ ଲେଖା ଯାଇନାହିଁ । ପ୍ରାଚୀନ ଉତ୍କଳର ସମସ୍ତ ବିଷୟକୁ ଏକାଠି କରି ସ୍ୱର୍ଗୀୟ ଜଗବନ୍ଧୁ ସିଂହ ଷୋଡ଼ଶ ଅଧ୍ୟାୟ ବିଶିଷ୍ଟ ଯେଉଁ ବୃହତ୍ ପୁସ୍ତକ ଲେଖିଥିଲେ, ତାହା ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଏକ ମହାର୍ଘ ରତ୍ନ । ଓଡ଼ିଶା ସମ୍ବନ୍ଧରେ ଅନେକ ଲେଖକଙ୍କ ପୁସ୍ତକ ହଣ୍ଟର ସାହେବଙ୍କ ଓଡ଼ିଶା, ଷ୍ଟର୍ଲିଂ ସାହେବଙ୍କ ଓଡ଼ିଶା, ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଓଡ଼ିଶାର ଇତିହାସ', ନଗେନ୍ଦ୍ରନାଥ ବସୁଙ୍କ 'ମୟୂରଭଞ୍ଜ', 'Orissa and her remains', ରାଜେନ୍ଦ୍ରଲାଲ ମିତ୍ରଙ୍କ 'ଓଡ଼ିଶାର ପ୍ରତ୍ନତତ୍ତ୍ୱ' ପ୍ରଭୃତି ବହୁତ ଲେଖା ଯାଇଥିଲେ ମଧ୍ୟ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ସେ ସବୁ ପୁସ୍ତକ ପଢ଼ି ଆଦୌ ସନ୍ତୁଷ୍ଟ ହୋଇନଥିଲେ । ଓଡ଼ିଶା ସମ୍ବନ୍ଧରେ କେତେକ ଲେଖକଙ୍କ ମନ୍ତବ୍ୟ ତାଙ୍କ ମନରେ ଦାରୁଣ ଆଘାତ ଦେଇଥିଲା । ତେଣୁ ସେ 'ପ୍ରାଚୀନ ଉତ୍କଳ' ପୁସ୍ତକଟି ଲେଖିବା ପାଇଁ ପ୍ରୟାସୀ ହୋଇଥିଲେ ।

'ପ୍ରାଚୀନ ଉତ୍କଳ' ଶୀର୍ଷକ ପୁସ୍ତକଟି ପ୍ରକାଶ କରିବା ପୂର୍ବରୁ ଲେଖକ ଜଗବନ୍ଧୁ ସିଂହ ୧୯୧୭ ମସିହା ଅପ୍ରେଲ ସଂଖ୍ୟା 'ମୁକୁର'ରେ ପ୍ରଥମ ପ୍ରବନ୍ଧ ପ୍ରକାଶ କରିଥିଲେ । ପ୍ରବନ୍ଧଟି ସେ ସମୟର ପାଠକଙ୍କୁ ଏତେ ମୁଗ୍ଧ କରିଥିଲା ଯେ, ଓଡ଼ିଶାର ଅନ୍ୟତମ ବରପୁତ୍ର

ଫକୀରମୋହନ ସେନାପତି ୧୯-୪-୧୯୧୭ ତାରିଖରେ ଲେଖକ ଜଗବନ୍ଧୁଙ୍କୁ ଅଭିନନ୍ଦନ ଜଣାଇଥିଲେ । ବ୍ୟାକରଣ ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ'ଟିକୁ ଏଇ ବୟସରେ ପଢ଼ିଥିବାର ମତ ଦେବା ସଙ୍ଗେ ସଙ୍ଗେ ଲେଖକଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଲେଖିଥିଲେ, "ମୋର ଦୃଢ଼ ବିଶ୍ୱାସ, ଜନନୀ ଜନ୍ମଭୂମିର ଗୌରବ ସାଧାରଣରେ ପରିଚିତ କରାଇବା ସକାଶେ ଆପଣ ଗୋଟିଏ ଯୋଗ୍ୟ ବ୍ୟକ୍ତି । ଆପଣ ଅନ୍ୟ ଅଡ଼େ ମନ ନ ଦେଇ ଏହି ବିଷୟରେ ଲାଗିପଡ଼ନ୍ତୁ । × × × ଉତ୍କଳବାସୀଙ୍କୁ ମାତୃଭୂମିର ଗୌରବମୟ କାହାଣୀ ଶୁଣାଇବାକୁ ଚେଷ୍ଟା କରନ୍ତୁ, ମୋହର ପ୍ରାର୍ଥନା ।"

କେବଳ ବ୍ୟାକରଣ ଭୂଷଣ, ଉତ୍କଳର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ଗୋପୀ ରତ୍ନ, କଟକର ପ୍ରଧାନାଥ ପଣ୍ଡିତଙ୍କ ସୁଯୋଗ୍ୟ ପୁତ୍ର ଶଶୀଭୂଷଣ ରାୟ ମଧ୍ୟ 'ପ୍ରାଚୀନ ଉତ୍କଳ' ଶୀର୍ଷକ ପ୍ରବନ୍ଧ ଲାଗି ଜଗବନ୍ଧୁ ସିଂହଙ୍କୁ ପ୍ରୋତ୍ସାହନ ବାଣୀ ଶୁଣାଇଥିଲେ । ତେଣୁ ଲେଖକ ସ୍ୱୀୟ ଅଧ୍ୟବସାୟ ବଳରେ ଯେଉଁ ପ୍ରବନ୍ଧମାନ ଲେଖିଥିଲେ, ସେଗୁଡ଼ିକୁ ଉପଯୁକ୍ତ କ୍ରମରେ ସଜାଡ଼ି ସନ ୧୯୨୯ ମସିହାରେ ପୁସ୍ତକଟି ପ୍ରକାଶ କଲେ । 'ପ୍ରାଚୀନ ଉତ୍କଳ' ପୁସ୍ତକଟି ସ୍ୱଦେଶ ଶକ୍ତି ପ୍ରେସରୁ ପ୍ରକାଶ ପାଇଥିଲା ।

'ପ୍ରାଚୀନ ଉତ୍କଳ'ର ଉପାଦେୟତା ପ୍ରତ୍ୟେକ ପାଠକ ଅନୁଭବ କରୁଥିଲେ ହେଁ ଦୀର୍ଘ ଷାଠିଏ—ପଞ୍ଚତିରିଶ ବର୍ଷ ମଧ୍ୟରେ ପୁସ୍ତକର ଦ୍ୱିତୀୟ ମୁଦ୍ରଣ ହୋଇ ପାରି ନ ଥିଲା । ୧୯୬୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀର ତତ୍କାଳୀନ ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁଙ୍କ ଚେଷ୍ଟାରେ ଦ୍ୱିତୀୟ ମୁଦ୍ରଣ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶ ପାଇଲା । ଅନ୍ୟାନ୍ୟ ଅନେକ ବହୁ ପୁସ୍ତକର ତୃତୀୟ ମୁଦ୍ରଣ ଓଡ଼ିଶା ସାହିତ୍ୟ ଏକାଡେମୀର ସୁଯୋଗ୍ୟ ସଭାପତି, ସୁସାହିତ୍ୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଓ ଏକାଡେମୀର ସୁଯୋଗ୍ୟ ସମ୍ପାଦକ ଶ୍ରୀଯୁକ୍ତ ଗୁଣଚରଣ ଦାସଙ୍କ ପ୍ରଚେଷ୍ଟାରେ ହୋଇପାରୁଛି । ଦ୍ୱିତୀୟ ଓ ତୃତୀୟ ମୁଦ୍ରଣ ମଧ୍ୟରେ ସମୟ ବ୍ୟବଧାନ ଦୃଷ୍ଟିରୁ ବହୁତ କମ ହେଲେ ହେଁ, 'ପ୍ରାଚୀନ ଉତ୍କଳ' ପୁସ୍ତକଟି ଓଡ଼ିଆ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଛି । ପ୍ରତ୍ୟେକ ଦେଶପ୍ରେମିକ ଆଜିର ଯୌବନ ଜନ୍ମଭୂମିର ପ୍ରାଚୀନ ଗୌରବ ଗାଥା ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ହୋଇ ଉଠିଛନ୍ତି ।

ଆଜିକାଲି ସ୍ୱର୍ଗୀୟ ଜଗବନ୍ଧୁ ସିଂହ ଯେଉଁ ସମୟରେ ପ୍ରାଚୀନ ଉତ୍କଳ ପୁସ୍ତକ ଲେଖିବାର ପରିକଳ୍ପନା କରିଥିଲେ, ସେ ସମୟରେ ଓଡ଼ିଶା ସମ୍ବନ୍ଧରେ ସେତେ ବେଶୀ ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ପୁସ୍ତକ ରଚନା ହୋଇଥିଲେ ତାହା ସେପରି ତଥ୍ୟମୂଳକ ନ ଥିଲା । ବିଶେଷତଃ କେତେକ ଅଣଓଡ଼ିଆ ଲେଖକ ଓଡ଼ିଶାର ଇତିହାସ, ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର ଜାତୀୟ ଜୀବନ ସମ୍ପର୍କରେ ସ୍ୱତନ୍ତ୍ର ତଥା ଭ୍ରାନ୍ତିମୂଳକ ଲେଖା ପ୍ରକାଶ କରିଥିଲେ ।

ଆଲୋଚକ ଭଗବାନ୍ ସିଂହ ସେ ସବୁ ଲେଖାର ସମାଲୋଚନା ତାଙ୍କ 'ପ୍ରାଚୀନ ଉତ୍କଳ'ରେ କରିଛନ୍ତି ।

ଓଡ଼ିଶାରେ ଧାରାବାହିକ ଇତିହାସ ନାହିଁ ବୋଲି ଲେଖକ ସ୍ୱର୍ଗତ ସିଂହ ପୁସ୍ତକର ପ୍ରଥମ ଅଧ୍ୟାୟରେ ସ୍ୱୀକାର କରିଛନ୍ତି । ବିଶେଷତଃ ଖ୍ରୀ: ପୂ: ଦ୍ୱିତୀୟ ଶତାବ୍ଦୀର ମହାମେଘବାହନ ସମ୍ରାଟ ଖାରବେଳଙ୍କ ରାଜତ୍ୱ ପରେ ମାଠର ବଂଶ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ଶହ ବର୍ଷର ଇତିହାସ ମିଳୁନାହିଁ । ସେହି ସମୟ ମଧ୍ୟରେ ଗୁପ୍ତ, ଶଶାଙ୍କ ପ୍ରଭୃତି ଶାସକ ଓଡ଼ିଶାର ଶାସନ ସେଠାରେ ପ୍ରତିଷ୍ଠିତ ହୋଇଥିବାର ବିଭିନ୍ନ ପ୍ରମାଣ ଆଜି ମିଳୁଛି । ମାଠର ଓ ଶୈଳୋଦ୍ଭବ ରାଜବଂଶର ଧାରାବାହିକ ଇତିହାସ ମଧ୍ୟ ସନ୍ଦେହମୁକ୍ତ ନୁହେଁ । ସେ ସମୟର ଇତିହାସର ଛିନ୍ନସୂତ୍ରକୁ ସଂଯୋଗ କରିବାକୁ ହେଲେ ବିଭିନ୍ନ ରାଜବଂଶର ଦାନପତ୍ର, ପୌରାଣିକ ଆଖ୍ୟାୟିକା, ଜାତୀୟ ଲୋକଶ୍ରୁତି ତଥା କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ କେତେକ ଲେଖା ଉପରେ ଆସ୍ଥା ସ୍ଥାପନ କରିବାକୁ ହୁଏ । ଅବଶ୍ୟ ଏ ପର୍ଯ୍ୟନ୍ତ ଶୈଳୋଦ୍ଭବ, ଭୌମକର, ସୋମ, ଗଙ୍ଗ ଓ ଗଜପତି ରାଜାମାନଙ୍କର ଯେଉଁ ଦାନପତ୍ରଗୁଡ଼ିକ ମିଳିଛି, ସେଥିରୁ ଅନେକାଂଶରେ ଐତିହାସିକ ଧାରାର କେତେକ ସନ୍ଦେହାସ୍ପଦ ସ୍ଥଳ ପ୍ରାମାଣିକତାର ପରୀକ୍ଷା ସହିତ ସିଦ୍ଧ ହୋଇ ପାରିଛି । ଐତିହାସିକ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସ୍ୱର୍ଗତ କେଦାରନାଥ ମହାପାତ୍ର, ଡ. ସତ୍ୟନାରାୟଣ ରାଜଗୁରୁ, ଡ. ନବୀନକୁମାର ସାହୁ, ଡ. ଭବାନୀଚରଣ ରାୟ ଓ ଡ. ଗୁରୁକୃଷ୍ଣ ମହାପାତ୍ରଙ୍କ ଲିଖିତ ଇତିହାସମାନଙ୍କରେ ଯେଉଁ ପ୍ରାମାଣିକ ତଥ୍ୟମାନ ପରିବେଷିତ ହୋଇଛି, ତାହା ବିଭିନ୍ନ ଅଞ୍ଚଳରୁ ମିଳିଥିବା ତମ୍ବାପଟା, ଶିଳାଲେଖ, ତାଳପତ୍ର ପୋଥି, ମୁଦ୍ରା ପ୍ରଭୃତି ଉପରେ ଆଧାରିତ । ତଥାପି ଉକ୍ତ ଲେଖକମାନଙ୍କର ସୂକ୍ଷ୍ମ ଆଲୋଚନା କଲେ ଗୋଟିଏ ଗୋଟିଏ ସ୍ଥଳରେ ଚିନ୍ତାମୂଳକ ପାର୍ଥକ୍ୟ ସ୍ପଷ୍ଟ ପରିଲକ୍ଷିତ ହୁଏ ।

ଇତିହାସ କାବ୍ୟ ନୁହେଁ କିମ୍ବା କିମ୍ବଦନ୍ତୀ ନୁହେଁ । ଉପଲବ୍ଧ ଗବେଷଣାପ୍ରସୂତ ଉପାଦାନ ଉପରେ ନିର୍ଭର କରି ଇତିହାସ ଲେଖାଯାଏ । କେବେ ଯେଉଁ ସ୍ଥଳରେ ଐତିହାସିକ ଉପାଦାନ ଏକାନ୍ତ ଅଭାବ ଥାଏ, ସେ ସ୍ଥଳରେ କିମ୍ବଦନ୍ତୀ ଉପରେ ଐତିହାସିକ ଭିତ୍ତିଭୂମି ପ୍ରତିଷ୍ଠା କରାଯାଏ । ସବୁ କିମ୍ବଦନ୍ତୀର ସତ୍ୟତା ନଥାଏ କିନ୍ତୁ କିମ୍ବା ସବୁ କିମ୍ବଦନ୍ତୀଗୁଡ଼ିକ ମିଥ୍ୟା ଉପରେ ପ୍ରତିଷ୍ଠିତ ନୁହେଁ । ଗୋଟିଏ ଘଟଣାକୁ କେନ୍ଦ୍ର କରି କିମ୍ବଦନ୍ତୀରେ ଶାଖା ପ୍ରଶାଖା ମେଲି ଥାଏ ସତ, କିନ୍ତୁ ତା'ର ମୌଳିକତାରେ କେତେକାଂଶରେ ସତ୍ୟତା ରହିଛି, ତାହା ଖୋଜି ବାହାର କରିବା ସହଜସାଧ୍ୟ ନ ହେଲେ ମଧ୍ୟ ଅସମ୍ଭବ ନୁହେଁ । ସେହି ଗବେଷକ ସେତିକି ଅଧ୍ୟବସାୟ ନେଇ ତଥ୍ୟର ଅନୁସନ୍ଧାନରେ ବ୍ରତୀ ହୋଇଛନ୍ତି, ତାଙ୍କ ରଚନା ନିଦର୍ଶନମାନଙ୍କରେ ସେହି ପରମ୍ପରାରେ ଅଙ୍କିତ ହୋଇଛି ।

ଆଲୋଚକ ଜଗବନ୍ଧୁ ସିଂହ ୧୯୨୭ ମସିହାରେ ଓଡ଼ିଶାର ଏକ ସାଂସ୍କୃତିକ ଇତିହାସ ଲେଖିବାକୁ ଉଦ୍ୟମ କଲେ । ସେଥିରେ ତାଙ୍କ ଅନେକ ବକ୍ତବ୍ୟର ପ୍ରାମାଣିକ ଉପାଦାନ ଅଦୌ ନ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୩୦ ମସିହାରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପ୍ରତିଷ୍ଠିତ ହେବା ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମୂର୍ତ୍ତି, ତାମ୍ରପତ୍ର, ଶିଳାଲେଖ, ମୁଦ୍ରା ଓ ତାଳପତ୍ର ପୋଥି ସଂଗୃହୀତ ହୋଇ ଗବେଷକମାନଙ୍କୁ ଆବଶ୍ୟକୀୟ ଉପାଦାନ ଯୋଗାଇ ପାରିଲା; କିନ୍ତୁ ଦୁର୍ଭାଗ୍ୟ ଜଗବନ୍ଧୁ ସିଂହ ସେହି ସମୟରେ କାର୍ଯ୍ୟ ସମ୍ବନ୍ଧରେ ବ୍ୟସ୍ତ ହୋଇ ଓଡ଼ିଶାର ସାଂସ୍କୃତିକ ଇତିହାସ ଲେଖିବା ପାଇଁ ମନ ବଳାଇଥିଲେ; ହେଲେହେଁ ଉପାଦାନ ମିଳିବା ତ ଦୂରର କଥା, ଓଡ଼ିଶା ସେତେବେଳେ 'ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇ ନ ଥିଲା । ଅନ୍ଧ୍ର, ମଧ୍ୟପ୍ରଦେଶ, ବିହାର, ବଙ୍ଗ ପ୍ରଭୃତିରେ ଓଡ଼ିଶାର ସଂସ୍କୃତି ଓଡ଼ିଆର ଜାତୀୟତା, ଓଡ଼ିଆ ଭାଷା ବିଭାଜିତ ତଥା ଅବହେଳିତ ଅବସ୍ଥାରେ ଥିଲା । ଓଡ଼ିଶାର ଗୌରବକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ କୌଣସି ସ୍ଥାନରେ ସନ୍ଧାନମାନଙ୍କ ଉପାଦାନ ଲେଖକଲେଖକଙ୍କ ଗୋଚରକୁ ଆସିଲେ, ସେମାନେ ସ୍ୱର୍ଗୀୟ ଉଦାହରଣ ସ୍ୱରୂପରେ ତା'ର ଅର୍ଥ ଉଦ୍ଧାର କରି ଓଡ଼ିଆ ସଂସ୍କୃତିର ସମୃଦ୍ଧି ପ୍ରକାଶ କରୁଥିଲେ । ଉଦାହରଣ ସ୍ୱରୂପ – ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିରରେ ସଂଲଗ୍ନ ଚନ୍ଦ୍ରିକା-ଦେବୀଙ୍କ ଶିଳାଲିପିଟିକୁ ଉଦାହରଣ ଦିଆଯାଇପାରେ । କେହି କେହି ଭୁବନେଶ୍ୱରର ଲକ୍ଷ୍ମଣେଶ୍ୱର ମନ୍ଦିର ଠାରୁ ଆରମ୍ଭ କରି ଭାସ୍କରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଶତାଧିକ ଦେବମନ୍ଦିର ମଧ୍ୟରେ ଗଙ୍ଗବଂଶର ସୋମବଂଶୀ ରାଜା ଅନଙ୍ଗଭୀମଦେବଙ୍କ କନ୍ୟା ଓ ହୈହୟ ବଂଶର ପ୍ରତିଷ୍ଠାତା ଲିଙ୍ଗରାଜ ପରମର୍ଦ୍ଦିଦେବଙ୍କ ପତ୍ନୀ ଚନ୍ଦ୍ରିକାଦେବୀ ବା ଚନ୍ଦ୍ରିକା ଦେବୀ ଏକମାତ୍ର ବିଷ୍ଣୁମନ୍ଦିର ପ୍ରତିଷ୍ଠା କରାଇ ବିଷ୍ଣୁଙ୍କ ନାମ ଅନନ୍ତବାସୁଦେବ ରଖିଥିଲେ । ଅନନ୍ତବାସୁଦେବ ମନ୍ଦିରର ଗଠନଶୈଳୀ, ବିଶେଷତଃ ଗର୍ଭଗୃହର କାନ୍ଥ ଶୈଳୀ ଲିଙ୍ଗରାଜଙ୍କଠାରୁ ଅଲଗା ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ମତ ରହିଛି । କମ୍ପୁଟର୍‌ରୁ ଜଣାଯାଏ, ଚନ୍ଦ୍ରିକାଦେବୀଙ୍କ ସ୍ୱାମୀ ହୈହୟବଂଶର ପରମର୍ଦ୍ଦି । ସେହି କୈଶୁର ଯୁଦ୍ଧରେ ମୃତ୍ୟୁ ହେବାରୁ ସେ ସ୍ୱାମୀଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଚନ୍ଦ୍ରିକା ଦେବୀ ଶିବନଗରୀ ପରିବେଷ୍ଟିତ ଭୁବନେଶ୍ୱରରେ ଏକମାତ୍ର ବିଷ୍ଣୁମନ୍ଦିର ନିର୍ମାଣ କରାଇଥିଲେ । ଚନ୍ଦ୍ରିକାଦେବୀଙ୍କ ସମ୍ବନ୍ଧରେ ସମସ୍ତ ବିବରଣୀ ଉତ୍କୀର୍ଣ୍ଣ କରାଯାଇ ଖଣ୍ଡିଏ ଶିଳାଫଳକ ମନ୍ଦିରଗାତ୍ରରେ ସଂଲଗ୍ନ କରାଯାଇଥିଲା । କିନ୍ତୁ କୌଣସି କାରଣ ବଶରୁ ଗବେଷକ କୌଣସିକ୍ରମେ କଲିକତାସ୍ଥିତ ଚନ୍ଦ୍ରିକାଦେବୀଙ୍କ ଶିଳାଲେଖଟିକୁ ନେଇ ପୂର୍ବ ବଙ୍ଗ (ବାଙ୍ଗ୍ଲାଦେଶ)ର ଭବଦେବ ଭଟ୍ଟଙ୍କ ଶିଳାଲେଖଟିକୁ ସେଠାରେ ଲଗାଇଦେଲେ ଏବଂ ଅନନ୍ତବାସୁଦେବ ମନ୍ଦିରଟି ଭବଦେବ ଭଟ୍ଟଙ୍କ କୀର୍ତ୍ତି ବୋଲି ଗବେଷଣାମୂଳକ ପ୍ରବନ୍ଧ ମଧ୍ୟ ବିଭିନ୍ନ ପତ୍ରିକାରେ ପାଠ କଲେ । ତତ୍କାଳୀନ ଗବେଷକମାନେ ଏ ପ୍ରକାର ଜାଲିଆତି ଧରିପାରିଲେ ନାହିଁ । ତେଣୁ ବହୁ ଦିନ ପର୍ଯ୍ୟନ୍ତ ଅନନ୍ତବାସୁଦେବ ମନ୍ଦିର ଭବଦେବ ଭଟ୍ଟଙ୍କ କୀର୍ତ୍ତି ବୋଲି ବେଦପାଠ ମହଲରେ ପ୍ରଚଳିତ

ହେଲା । ବହୁଦିନ ପରେ ଓଡ଼ିଶାର ସୁଯୋଗ୍ୟ ପ୍ରତ୍ନତତ୍ତ୍ୱବିତ୍ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ ଏହି ତଥ୍ୟ ଉଦ୍‌ଘାଟନ କଲେ । ମୟୂରଭଞ୍ଜ ମହାରାଜାଙ୍କ ବ୍ୟୟବରାଦରେ ନିର୍ମିତ ମିଉଜିୟମକୁ ଅନନ୍ତବାସୁଦେବ ମନ୍ଦିରରେ ସଂଲଗ୍ନ ପ୍ରସ୍ତର ଶିଳାଲିପିର ଗୋଟିଏ ପ୍ରତିଲିପି ଆଣାଇଥିଲେ । ଏ ସମ୍ବନ୍ଧରେ ପୁଣି ଐତିହାସିକ ମହଲରେ କୋଳାହଳ ଆରମ୍ଭ ହେଲା । ପରିଶେଷରେ ଚନ୍ଦ୍ରିକା ଦେବୀଙ୍କ ଶିଳାଲେଖଟି କୌଣସି ଏକ ଚତୁର ଗବେଷକଙ୍କ ଦ୍ୱାରା କଲିକତା ମିଉଜିୟମକୁ ନିଆଯାଇ, ତା' ସ୍ଥାନରେ ଭବଦେବ ଭଟ୍ଟଙ୍କ ଶିଳାଲେଖଟିକୁ ସନ୍ନିବେଶିତ କରାଇବା କଥାଟି ଲେଖକଲେଖକଙ୍କୁ ଅର୍ପିତ ହେଲେ ହେଁ ଉତ୍କଳୀୟ ଗବେଷକ ମହଲରେ ବିଳମ୍ବିତ ଭାବନା ଉଠାଇଲା ।

ଅଷ୍ଟ ଗୋବିନ୍ଦ ଘଟଣା ଏଠାରେ ଉଲ୍ଲେଖ କରାଯାଇପାରେ । ଦେଓନପୁରର ଭୂଷଣ୍ଡ ଦେଉଳ ଓ ଗୋବର୍ଦ୍ଧନ ମନ୍ଦିରରେ ଗୋବିନ୍ଦ ମହାରାଜାଙ୍କ ଦାନରେ ପ୍ରତିଷ୍ଠିତ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ସ୍ୱର୍ଗତ ବିଜୟଚନ୍ଦ୍ର ମଜୁମଦାର ଗୋବିନ୍ଦ ଅଭିଲେଖର କପିର ଉଦ୍ଧୃତି କରିଥିଲେ ଯାହା ଏଠାରେ ଉଲ୍ଲେଖଯୋଗ୍ୟ । ପ୍ରଥ ଅଭିଲେଖର ଶେଷରେ ଦାତା ଗୋବିନ୍ଦ ସ୍ୱୟଂ ଲେଖିଅଛନ୍ତି—

"ଅସ୍ମିନ୍ ବଂଶେ ଯସ୍ୟ କାଲେ ଯଃ ତସ୍ମିନ୍ ଶାସନଭୂପତେଃ, ତସ୍ୟାହଂ ପାଦଲଗ୍ନୋଽସ୍ମି ।"

ଅର୍ଥାତ୍ ମୁଁ ଯେଉଁ ଦାନ ଦେଉଛି ତାହା ମୋ ବଂଶର ଦାୟାଦଗଣ କର୍ତ୍ତୃକ ପ୍ରତିପାଳନ କରିବେ । କିନ୍ତୁ ମୋ ବଂଶ ଯଦି ଲୋପ ପାଇଯାଏ ଏବଂ ଅନ୍ୟ କୌଣସି ରାଜବଂଶ ପ୍ରତିଷ୍ଠିତ ହୁଏ, ସେହି ବଂଶର ରାଜାଙ୍କ ପାଦରେ ପ୍ରଣାମ ନିବେଦନ କରି ମୁଁ କହୁଛି, ସେମାନେ ମୋ ଦ୍ୱାରା ପ୍ରଦତ୍ତ ଦାନର ମର୍ଯ୍ୟାଦା ରକ୍ଷା କରିବେ ।

ଏହି ଶ୍ଳୋକଟିକୁ ସ୍ୱର୍ଗତ ମଜୁମଦାର ମହୋଦୟ ଜାଣିଶୁଣି ପାଠ କଲେ—

ଅସ୍ମିନ୍ ବଂଶେ ଯସ୍ୟ କାଲେ ........ ଅର୍ଥାତ୍ ଅସ୍ମ ଚନ୍ଦ୍ର ରାଜବଂଶ ଯସ୍ୟ ହୋଇ ଥାଆନ୍ତୁ.............କେବଳ ଏତିକି କହିଁ, ତାହା ଦେଖାଇଲେ ପତିତପାଣି ସିଂହର କଥାକଥିତ ଗବେଷକମାନେ ଜାଣିଶୁଣି, ଓଡ଼ିଶାର ଗୌରବକୁ ଉପେକ୍ଷିତ କରାଇ, ପ୍ରକୃତ ସତ୍ୟର ଉଦ୍ଧାର କରିନାହାନ୍ତି । ସ୍ୱର୍ଗୀୟ ଅବୋଲକର, କଲବେନ୍ ସିଂହ ମହାଭାରତ, ରାମାୟଣ, ହରିବଂଶ, ବ୍ରହ୍ମାଣ୍ଡ ପୁରାଣ, ଦେବୀଭାଗବତ ପୁରାଣ, ଶିବପୁରାଣ, ସ୍କନ୍ଦପୁରାଣ, ଶ୍ରୀମଦ୍‌ଭଗବଦ୍‌ଗୀତା ପ୍ରଭୃତି ଗ୍ରନ୍ଥରୁ ଉଦ୍ଧୃତମାନ ଦେଇ ଉତ୍କଳର ପ୍ରାଚୀନତା ସମ୍ବନ୍ଧରେ ପ୍ରମାଣମାନ ଉପସ୍ଥାପିତ କରି ଯାଇଛନ୍ତି ତଥାକଥିତ ଗବେଷକମାନଙ୍କ ଭ୍ରାନ୍ତ ପ୍ରମାଦକୁ ବିରୋଧ କରିଛନ୍ତି ।

ଓଡ଼ିଶାରେ ରଚିତ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥମାନଙ୍କ ସମ୍ବନ୍ଧରେ ଆଲୋଚକ ସିଂହ ଯେଉଁ ମତ ଦେଇଛନ୍ତି, ତାହା ବ୍ୟତୀତ ବହୁସ୍ଥଳରେ ପ୍ରମାଣ ଏବେ ମିଳୁନାହିଁ । ଗ୍ରନ୍ଥକାର-ମାନଙ୍କ ସମୟ ସମ୍ବନ୍ଧରେ ଜଗବନ୍ଧୁ ସିଂହଙ୍କ ମତ ଅଭ୍ରାନ୍ତ ନ ହେଲେ ହେଁ ସେ ସମୟରେ ତାଙ୍କୁ ଯେତିକି ଉପାଦାନ ମିଳିଥିଲା, ଅନେକତଃ ତାହାରି ଉପରେ ଧାରଣା କରି ଗ୍ରନ୍ଥମାନଙ୍କ ସମୟ ନିର୍ଦ୍ଧାରଣ କରିଛନ୍ତି । ୧୯୫୦ ମସିହାରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଯେଉଁ ତାଳପତ୍ର ପୋଥି ସଂଗ୍ରହର କେଉଁ ଅଭିଯାନ ଚାଲିଲା, ତା' ଫଳରେ ବର୍ତ୍ତମାନ ପ୍ରାୟ ପଚିଶ ହଜାର ପୋଥି ଆମର ହସ୍ତଗତ ହୋଇଛି । ଦୁର୍ଭାଗ୍ୟ ଜଗବନ୍ଧୁ ସିଂହ ପୂର୍ବ ଭାରତର ପ୍ରାଚୀନତମ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧରେ ଲେଖିବାକୁ ଯାଇ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଯେଉଁ ମତ ଦେଇଛନ୍ତି, ସେଥିରେ ପରବର୍ତ୍ତୀ ଆଲୋଚନା ଅନୁସାରେ କେତେକ ପ୍ରମାଦ ପରିଲକ୍ଷିତ ହୁଏ । ସେ ନିଜେ ସ୍ୱୀକାର କରିଛନ୍ତି— "ଦୁଃଖର ବିଷୟ, ସମସ୍ତ ଓଡ଼ିଆ ପୁସ୍ତକ ଏ ପର୍ଯ୍ୟନ୍ତ ପଢ଼ିବାକୁ ପାଇପାରି ନାହିଁ । ଅନେକ ପୁସ୍ତକ ଲୋଚନଗୋଚର ହୁଏ ନାହିଁ । କି ରତ୍ନ କେଉଁଠି ପଡ଼ିଛି, ତାର ଇୟତ୍ତା ନାହିଁ । ଏ ପର୍ଯ୍ୟନ୍ତ ଓଡ଼ିଆ ପୁସ୍ତକମାନଙ୍କର କୌଣସି ଠିକଣା ତାଲିକା ହୋଇ ପାରିଲା ନାହିଁ । ଏ ପୁସ୍ତକ ନ ହେଲେ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ଲେଖା ଅସମ୍ଭବ ।"

ପ୍ରକୃତରେ ଆଲୋଚକ ସିଂହଙ୍କ ମତ ଅକ୍ଷରେ ଅକ୍ଷରେ ସତ୍ୟ । ୧୯୧୬-୧୭ ବେଳକୁ ଯେଉଁ ଅଳ୍ପ କେତେ ଖଣ୍ଡି ଓଡ଼ିଆ ପୁସ୍ତକ, କାବ୍ୟ ପ୍ରଭୃତି ଲୋକଲୋଚନର ଗୋଚରକୁ ଆସି ପାରିଥିଲା, ସେଗୁଡ଼ିକ ମଧ୍ୟରେ ସାରଳା, ବଳରାମ ଦାସ ଆଦି ପଞ୍ଚସଖା, ବିଶେଷତଃ ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଭାଗବତ', କୃଷ୍ଣଦାସଙ୍କ ରସ କଲ୍ଲୋଳ, ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶବିଳାସ ପ୍ରଭୃତି କାବ୍ୟ ପ୍ରଧାନ ।

ଖ୍ରୀ: ଅ: ୧୮୭୪ ମସିହାରେ ରେଭରେଣ୍ଡ ଜେ: ଲଙ୍ଗ୍ ଠାରୁ ଆରମ୍ଭ କରି ଜନ୍ ବିମ୍ସ୍, ମୃଣ୍ଡଗ, ଅପର୍ଣ୍ଣା ପଣ୍ଡା, ଶ୍ୟାମସୁନ୍ଦର ରାଜଗୁରୁ, ତାରିଣୀଚରଣ ରଥ, ପଣ୍ଡିତ ବିନାୟକ ମିଶ୍ର, ଡଃ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରଭୃତି ଯେତେ ଜଣ ଆଲୋଚକ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନା କରିଛନ୍ତି, ତାହା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ । ପ୍ରତ୍ୟେକ ଆଲୋଚକ ଉପଲବ୍ଧ ଗ୍ରନ୍ଥ ଗୁଡ଼ିକ ଉପରେ ଆଲୋକପାତ କରିବା ବ୍ୟତୀତ ବିଶେଷ କିଛି ପରିଦର୍ଶନ କରିପାରି ନ ଥିଲେ ।

୧୯୧୬ ମସିହାରେ ଓଡ଼ିଶାରେ ରଚିତ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥର ଆଲୋଚନା କରିବା ସମ୍ବନ୍ଧରେ ଓଡ଼ିଶାରେ କୌଣସି ହେଲେ ଅନୁଷ୍ଠାନ ପକ୍ଷରୁ ପୋଥି ସଂଗ୍ରହ କାର୍ଯ୍ୟ ହୋଇ ନ ଥିଲା । ଦୁର୍ଭାଗ୍ୟ ଆଲୋଚକ ସିଂହ ମହୋଦୟ ନିଜର ବ୍ୟକ୍ତିଗତ ଚେଷ୍ଟା ଫଳରେ

ସେଥି ସମ୍ପର୍କରେ ପ୍ରାମାଣିକ ସଂଗ୍ରହ କରିଥିଲେ, ତାହା ଉପରେ ନିର୍ଭର କରି ସେ କବି; ସେମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମସ୍ତ ସମ୍ବନ୍ଧରେ ସେ ଏକ ସ୍ଥୂଳ ଧାରଣା ଦେଇଥିଲେ । ତାଙ୍କ ପରବର୍ତ୍ତୀ ଆଲୋଚକ ହିସାବ ସେମାନଙ୍କ ମଧ୍ୟରୁ, କେଦାରନାଥ ମହାପାତ୍ର, ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଆଲୋଚକ ଚନ୍ଦ୍ରଚରଣ ପଟ୍ଟନାୟକ, ଡକ୍ଟର କୃଷ୍ଣଚନ୍ଦ୍ର କର, ପଣ୍ଡିତ ବିନାୟକ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଅଧ୍ୟାପକ ଡକ୍ଟର ଶ୍ରୀ ବଂଶୀଧର ମହାନ୍ତି ପ୍ରମୁଖ ଆଲୋଚକମାନେ ଉକ୍ତ ଅନୁସନ୍ଧାନ ତଥା ପାଣ୍ଡୁଲିପି ଗ୍ରନ୍ଥମାନଙ୍କର ବସ୍ତୁତତ୍ତ୍ୱ ସଂଗ୍ରହ କରି ଅକ୍ଲାନ୍ତ ଭାବରେ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗୀୟ ଜଗବନ୍ଧୁ ସିଂହ ଏ ବିଷୟର ଥିଲେ କର୍ଣ୍ଣଧାର ତଥା ପଥପ୍ରଦର୍ଶକ । ତାଙ୍କ ଆଲୋଚନାରେ ହୁଏତ, କେତେକ ଭ୍ରମ ଥାଇ ପାରେ; କିନ୍ତୁ ସେ ଯେ ସର୍ବପ୍ରଥମେ ଗ୍ରନ୍ଥାଲୋଚନାର ପଥ ଉନ୍ମୋଚନ କରିଥିଲେ, ଏହା ଅନସ୍ୱୀକାର୍ଯ୍ୟ ।

ଓଡ଼ିଆ କବି ଜୟଦେବ ଓ ତାଙ୍କ ରଚିତ ଗୀତଗୋବିନ୍ଦ ସମ୍ବନ୍ଧରେ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ପଶ୍ଚିମବଙ୍ଗର ଅଜୟ ନଦୀ କୂଳର କେନ୍ଦୁବିଲ୍ୱ ସମ୍ବନ୍ଧୀୟ ବଙ୍ଗୀୟ ଆଲୋଚକମାନଙ୍କ ଯୁକ୍ତିକୁ ଦୃଢ଼ ଭାବରେ ଖଣ୍ଡନ କରିଥିଲେ । ବର୍ତ୍ତମାନ ଜୟଦେବଙ୍କ ସମ୍ବନ୍ଧରେ ଅନେକ ଐତିହାସିକ, ପ୍ରତ୍ନତାତ୍ତ୍ୱିକ, ସାହିତ୍ୟିକ ତଥ୍ୟ ଅମର ଭାବରେ ମିଳୁଣି । ସ୍ୱର୍ଗୀୟ କେଦାରନାଥ ମହାପାତ୍ର ନିଜର ବଳିଷ୍ଠ ଯୁକ୍ତି ବଳରେ ଜୟଦେବ ଓଡ଼ିଶାର ପ୍ରାଚୀ ନଦୀ ତୀରବର୍ତ୍ତୀ କେନ୍ଦୁବିଲ୍ୱରେ ଜନ୍ମଗ୍ରହଣ କରି, ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସେବାରେ ତାଙ୍କ ଗୀତରେ ବନ୍ଧ ରଚନା ନେଇଥିବାର ସତ୍ୟ ପ୍ରତିପାଦନ କରିଛନ୍ତି । କିନ୍ତୁ ଜଗବନ୍ଧୁ ସିଂହ ମାର୍ମିକ ପ୍ରମାଣ ମଧ୍ୟରେ ଜୟଦେବ ଓଡ଼ିଶାରେ ଜନ୍ମଗ୍ରହଣ କରି ଗୀତଗୋବିନ୍ଦ ରଚନା କରିଥିଲେ ବୋଲି ଯେଉଁ ଯୁକ୍ତି ଦର୍ଶାଇଛନ୍ତି ତାହା ଅଦ୍ୟାପି କୌଣସି ଆଲୋଚକଙ୍କ ଦ୍ୱାରା ଖଣ୍ଡିତ ହୋଇନାହିଁ, ବରଂ ବୀରଭୂମର ଅଜୟ ନଦୀ କୂଳରେ ଥିବା ଗ୍ରାମ ସମ୍ବନ୍ଧରେ ଯୁକ୍ତିର ଅସାରତା, ସଂସ୍କୃତ ଭକ୍ତମାଳରେ ଥିବା ଚନ୍ଦ୍ରଦତ୍ତଙ୍କ ରଚିତ ଜୟଦେବ ଉପାଖ୍ୟାନ, କେଶବମିଶ୍ରଙ୍କ ରଚିତ ଅଳଙ୍କାର ଶେଖରରେ ଜୟଦେବଙ୍କ ଜନ୍ମଭୂମି ସମ୍ବନ୍ଧୀୟ ଯୁକ୍ତି ପ୍ରଭୃତି ଉଲ୍ଲେଖକରି ସ୍ୱର୍ଗୀୟ ଜଗବନ୍ଧୁ ସିଂହ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଏକ ପ୍ରାମାଣିକ ପୁସ୍ତକ ରୂପେ ଦେଶବାସୀଙ୍କ ହସ୍ତରେ ଅର୍ପଣ କରିଛନ୍ତି ।

ଓଡ଼ିଶାର ଇତିହାସ ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ପୂର୍ବରୁ ମାଦଳା ପାଞ୍ଜି ଉପରେ ଅଳ୍ପ ପ୍ରୟାସ କରିଥିଲେ । ଏହି ପ୍ରସଙ୍ଗରେ ସ୍ୱର୍ଗତ ସିଂହ ବାବୁ ରଚିତ 'ଉତ୍କଳ...' ଖ୍ରୀ: ଅ: ୧୯୦୫ରେ ପ୍ରକାଶିତ, ପି. ଚନ୍ଦ୍ରାମଣି ... 'ମାଦଳା' ଖ୍ରୀ: ଅ: ୧୯୦୦ରେ ପ୍ରକାଶିତ, ପାଞ୍ଜିକା ...

ଯଦୁନାଥ ମିଶ୍ରଙ୍କର 'ଖାରବେଳ ବଂଶାବଳୀ' ତଥା କେତେକ ଅନୁଲେଖରୁ ତଥ୍ୟ ସଂଗ୍ରହ କରି ରାଜବଂଶାବଳୀ ପ୍ରସ୍ତୁତ କରିଛନ୍ତି ।

ବଂଶାବଳୀ ପ୍ରସ୍ତୁତ କରୁଥିବାବେଳେ ମୁ. ସଂ. ସଂଗୃହୀତ ଉପାଦାନ ଉପରେ ନିର୍ଭର କରିବାକୁ ପଡ଼େ । ବସ୍ତୁତଃ ଏହା ଯଥେଷ୍ଟ ଜଣାପଡ଼େ । ସେଥି ଉଲ୍ଲେଖିତ ସେତେକ ପଣ୍ଡିତମାନେ ବେଳ ଐତିହାସିକ ଉପାଦାନ ସଂଗ୍ରହ କରିଥାନ୍ତି, ତା ସେହି ଅନୁସାରେ ରାଜବଂଶର 'କୁଳିନାମା' ପ୍ରସ୍ତୁତ କରନ୍ତି । ଓଡ଼ିଶାର ରାଜବଂଶ ସମ୍ବନ୍ଧରେ ଆଜି ଯୁଦ୍ଧା କେତେକ ଐତିହାସିକ ତଥା ଆଲୋଚକମାନଙ୍କ ମଧ୍ୟରେ ମତଭେଦ ରହିଛି ତାହା ଯଥେଷ୍ଟ ନୁହେଁ । ରାଜବଂଶର ନାମ, ରାଜାମାନଙ୍କ ରାଜତ୍ୱକାଳ, ସେମାନଙ୍କ ଶାସନକାଳରେ ଘଟିତ ପ୍ରାଚୀନ କୀର୍ତ୍ତିମାନଙ୍କ ସମ୍ବନ୍ଧରେ ପ୍ରାଚୀନ ମତ, ପରବର୍ତ୍ତୀ ମତ ଦ୍ୱାରା ଖଣ୍ଡନ କରାଯାଇ ଥାଏ । ଇତିହାସ କାଳ୍ପନିକ କଳ୍ପ ନୁହେଁ, ଏହା ଉପଲବ୍ଧ ତଥ୍ୟ ଉପରେ ଆଧାରିତ । ଯାଜପୁରୀ ସେତେବେଳେ ଐତିହାସିକଙ୍କ ଦ୍ୱାରା 'ଓଡ଼ିଶା ଇତିହାସ' ଲେଖାଯାଇଛି, ସେ ଗ୍ରନ୍ଥଟିର ପୃଷ୍ଠା ଓଲଟାଇଲେ ଏହାର ପ୍ରମାଣ ମିଳିପାରିବ । ଜଗବନ୍ଧୁ ସିଂହ ମହୋଦୟ ଓଡ଼ିଶାର ରାଜବଂଶ ତାଲିକାରେ ସୋମବଂଶ, କେଶରୀବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶ, ଭୋଇବଂଶ, ଚାଳୁକ୍ୟବଂଶ ଓ ଯଦୁବଂଶ ଉଲ୍ଲେଖରେ ସେହି ତଥ୍ୟ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଲିପିବଦ୍ଧ କରିଛନ୍ତି, ପରବର୍ତ୍ତୀ ଆଲୋଚକଙ୍କ ଦ୍ୱାରା ଆବିଷ୍କୃତ ତଥ୍ୟ ଅନୁସାରେ ଦେଖିବାକୁ କେତେକ ମତ ପରିବର୍ତ୍ତିତ ହୋଇଛି । କିନ୍ତୁ ଏକେତକ ଜଗବନ୍ଧୁ ସିଂହ ଓଡ଼ିଶା ଇତିହାସ ଆଲୋଚନାର ଯେଉଁ ଧାରା ପ୍ରବର୍ତ୍ତନ କରିଥିଲେ, ତାହା ପରବର୍ତ୍ତୀ ଆଲୋଚକମାନଙ୍କୁ ମାର୍ଗଦର୍ଶନ କରାଇଛି । ସେହି ଦୃଷ୍ଟିକୋଣରୁ ବିଚାର କଲେ, ସ୍ୱର୍ଗୀୟ ଜଗବନ୍ଧୁ ସିଂହ ମହୋଦୟଙ୍କୁ ଓଡ଼ିଆ ଐତିହାସିକମାନଙ୍କର ମାର୍ଗଦର୍ଶକ ରୂପେ ଗ୍ରହଣ କରାଯାଇଥାଏ ।

ଓଡ଼ିଶାର ବୀରତ୍ୱ ସମ୍ବନ୍ଧରେ ବର୍ଣ୍ଣିତ ସିଂହଙ୍କର ଆଲୋଚନା ପ୍ରଣିଧାନଯୋଗ୍ୟ ବିଷୟ । ଓଡ଼ିଆମାନେ ରାମାୟଣ ଓ ମହାଭାରତ ଗ୍ରନ୍ଥରୁ ନିଜର ସାହସ ଲାଗି ପ୍ରସିଦ୍ଧ ଥିଲେ । ପରବର୍ତ୍ତୀ କାଳରେ 'କଳିଙ୍ଗାଃ ସାହସିକାଃ' ଗୋଟିଏ ପ୍ରବଚନରେ ପରିଣତ ହୋଇଥିଲା ।

ମେଘାସ୍ଥିନିସ୍‌ଙ୍କ ବିବରଣୀ ଅନୁସାରେ କଳିଙ୍ଗ ଗୋଟିଏ ମହାନ୍ ଯୋଦ୍ଧା ଜାତି ଥିବାର ପ୍ରମାଣ ମିଳୁଛି । ବସ୍ତୁତଃ ସମ୍ରାଟ ମଗଧ ବାହିନୀ ଆଗରେ କଳିଙ୍ଗ ବାହିନୀର ସାହସିକତା ଇତିହାସର ମହାନ୍ ଉଦାହରଣ ରୂପେ ବିଦ୍ୟମାନ । ନିଜ ମାତୃଭୂମିର ଗୌରବ ରକ୍ଷା ପାଇଁ ଲକ୍ଷ ଲକ୍ଷ ଓଡ଼ିଆଙ୍କ ଆତ୍ମୋତ୍ସର୍ଗ ସେମାନଙ୍କ ବୀରତ୍ୱକୁ ଚିର ଅମର କରି ପାରିଛି ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମହାନ୍ ବୀର ଐରକୁଳ ତିଳକ ମହାମେଘ ବାହନ ଖାରବେଳ ଯେଉଁ ବିଜୟ ଅଭିଯାନ ଚଳାଇଥିଲେ ତାହା କମ୍ ଗୌରବାବହ ନୁହେଁ ।

ପରବର୍ତ୍ତୀ ସୂର୍ଯ୍ୟବଂଶର ସମ୍ରାଟମାନେ ଓଡ଼ିଶାର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ଯାଇ ବହୁ ବିଜୟ ହାସଲ କରିଥିଲେ ।

କେବଳ ସ୍ଥଳଯୁଦ୍ଧରେ ନୁହେଁ; କଳିଙ୍ଗ ବୀରମାନେ ଜଳଯୁଦ୍ଧରେ ମଧ୍ୟ ବିଜୟ ଅଭିଯାନ ଚଳାଇ ସୁଦୂର ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ, ମାଳୟ, ସିଂହଳ ଓ ବ୍ରହ୍ମଦେଶ ପ୍ରଭୃତିରେ ଉପନିବେଶ ମାନ ପ୍ରତିଷ୍ଠା କରି ପାରିଥିଲେ ।

ପରବର୍ତ୍ତୀ ରାଜବଂଶ ଶୈଳୋଦ୍ଭବ, ଭୌମକର, ସୋମ ଓ ଗଙ୍ଗମାନେ କଳିଙ୍ଗ ଗୌରବର ବହୁ ବିସ୍ତାର ଅନେକ ଭାବରେ ଯୋଗାଇଛନ୍ତି । ଗଙ୍ଗମାନଙ୍କ ସମୟରେ କଳିଙ୍ଗର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପରବର୍ତ୍ତୀ ସମୟରେ ଗଜପତି ବଂଶର ମହାପ୍ରତାପୀ କପିଳେନ୍ଦ୍ର, ଦେବ ବହୁ ଯୁଦ୍ଧ ମୂଳରେ ଓଡ଼ିଶାର ଗୌରବ ପ୍ରମାଣିତ କରିଛନ୍ତି । କଳିଙ୍ଗ ରାଜାମାନଙ୍କର ତାମ୍ରପଟ୍ଟ ଗୁଡ଼ିକରୁ ସେହି ଗୌରବ ବାଚକ ବିଶେଷଣ-ମାନ ମିଳୁଛି, ସେ ଗୁଡ଼ିକୁ କେବଳ ଅତି ରଞ୍ଜିତ ବର୍ଣ୍ଣନା ବୋଲି କହି ଅବହେଳା କରାଯାଇ ନ ପାରେ । ବିଶେଷତଃ 'ଅନେକ-ସମର-ସଂଘୋଷ ଜନିତ ଜୟ ଶବ୍ଦ', 'ପ୍ରତାପ ଦହନ ଦଗ୍ଧାରାତିଜନଃ', 'ନିଜ ଭୁଜବଳ ଉର୍ଜିତ ସକଳ କଳିଙ୍ଗାଧିପ' ତଥା—

'ରାଢ଼ାବରେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ-
ପୂରେଣ ଦୂର ବିନିବେଶିତ କାଳିମଶ୍ରୀମ୍ ।
ତଦ୍‌ବିପ୍ରଲମ୍ଭଦରୁଣାଦ୍ଭୁତ ଶତ୍ରୁରଙ୍ଗା
ଗଙ୍ଗାପି ନୂନମମୁନା ଯମୁନାଽଧୁନାଭୂତ୍ ।'

× × ×

'କର୍ଣ୍ଣାଟୋତ୍କଳସିଂହଃ ଦଳବଳକଲଜସ୍ୱୀ ମାଳବ ଧ୍ୱଂସଶୀଳଃ
କଙ୍କାଳୋ ଗୌଡ଼ମର୍ଦ୍ଦୀ ଭ୍ରମରବର ନୃପୋ ଧୃଷ୍ଟ ହମ୍ମୀର ଗର୍ବଃ ।
ସଂଗ୍ରାମେ ଦୃଷ୍ଟମେକଂ ପ୍ରକଟଭୁଜଭଟାଃ କେବଳକ୍ଷ୍ମୀ ବଳକ୍ଷ୍ମୀ
ଯେଷାଂ ସ୍ୱପ୍ନାବକାଶେ କୃତକଳଶତଟୀକୁଞ୍ଜମାଧଙ୍ଗଚକ୍ରମ୍ ।'

ପ୍ରଭୃତି ଗୌରବ ବାଚକ ପ୍ରଶସ୍ତି କୁ ଏକାବେଳକେ ଉଡ଼ାଇ ଦେଇ ହେବ ନାହିଁ ।

ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଅମଳରେ ମଧ୍ୟ ଓଡ଼ିଆମାନଙ୍କ ବୀରତ୍ୱ କମ୍ ପ୍ରଶଂସାର୍ହ ନୁହେଁ ।

ଅନ୍ୟତମ ଜଗବନ୍ଧୁ ସିଂହ 'ପ୍ରାଚୀନ ଉତ୍କଳ'ରେ ଦେଶ ଅତୀତ ଗୌରବର ଗାଥା କେତୋଟି ସ୍ଥାନରେ ବର୍ଣ୍ଣନା କରି ଜାତୀୟ ଜୀବନକୁ ପୁନର୍ଗଠିତ କରିବା ପାଇଁ ଚେଷ୍ଟା କରିଛନ୍ତି ।

ଐତିହାସିକ ଜଗବନ୍ଧୁ ସିଂହ ମହୋଦୟ ଓଡ଼ିଶାର ପ୍ରାଚୀନ ସଭ୍ୟତା, ଶିଳ୍ପ, ବାଣିଜ୍ୟ, ଧର୍ମ, ବିଶେଷତଃ ଓଡ଼ିଶାର ଆରାଧ୍ୟ ଦେବ ଶ୍ରୀଜଗନ୍ନାଥ ଦେବ ଓ ତାଙ୍କ ଶ୍ରୀମନ୍ଦିର ସମ୍ବନ୍ଧରେ ବହୁତ ବିବରଣୀ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଲିପିବଦ୍ଧ କରି ପୁସ୍ତକଟିକୁ ଜାତୀୟ ଇତିହାସରେ ପରିଣତ କରିଛନ୍ତି ।

ସ୍ୱର୍ଗୀୟ ଜଗବନ୍ଧୁ ସିଂହ କେବଳ ଯେ ସୁହୃଦ ଲେଖା ଦ୍ୱାରା ଓଡ଼ିଆମାନଙ୍କ ଜୀବନର ଗଠନ ଲାଗି ଚେଷ୍ଟାକରିଥିଲେ ତା' ନୁହେଁ, ସେ ନିଜେ ଜଣେ ସଂଗ୍ରାମୀ ଥିଲେ । ନିଜ ଚେଷ୍ଟାବଳରେ ସେ ମାତୃଭୂମିର ଗୌରବ ପ୍ରତିପାଦନ ନିମିତ୍ତ ଓଡ଼ିଆଭାଷା ବାହାରି ପଡ଼ିଥିଲେ ।

ଅନେକେ ଇଂରେଜ ସୁଲେଖକ ମହାତ୍ମାଙ୍କ ଭାଷାରେ କହିବାକୁ ଗଲେ— "ଓଡ଼ିଶାର ଏପରି ଅସୀମ ଗୌରବ ପରମ୍ପରା, ବାସ୍ତବତଃ ଅନ୍ୟ କୌଣସି ଦେଶ ବା ଜାତିର ଇତିହାସରେ ବିରଳ । ଯୁଦ୍ଧଶାସ୍ତ୍ର ଧର୍ମ ପୂର୍ବ ସେମାନେ ଯୁଦ୍ଧରେ ସାମ୍ରାଜ୍ୟ ବିସ୍ତାର କରି ପାରିଥିଲେ, ସୂର୍ଯ୍ୟବଂଶ ଶତାବ୍ଦୀର ଆରମ୍ଭରେ ସେମାନେ ସଂଖ୍ୟାରେ ବାବଦାସ୍ତିଙ୍କ ଦ୍ୱାରା ପର୍ଯ୍ୟ ଦସ୍ତ ହେଲେ !! ଏ ଜାତିର ପଶ୍ଚିମ ଦିଗରେ ଓଡ଼ିଆ ଜାତି ପକ୍ଷରେ ଅଦୃଷ୍ଟ ହିଁ ଥିଲା ଏକମାତ୍ର ସହାୟ ! ଦେଶର ସ୍ୱାଧୀନତା ରକ୍ଷା ପାଇଁ ଚେଷ୍ଟା କରିବାକୁ ଅବସର ନ ଥିଲା ।

ସେହିପରି ଏକ ଦୁର୍ଦ୍ଦଶାଗ୍ରସ୍ତ ଜାତିର ଶୁଦ୍ଧି ମୁକ୍ତିର ଶପଥ ପ୍ରତିଷ୍ଠା ପାଇଁ ଯେଉଁ ନେତୃବର୍ଗ ଦେଶ ପାଇଁ ଆତ୍ମ ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଓ ତାଙ୍କର ସହଯୋଗୀମାନେ ଜାତୀୟ ସ୍ତରରେ ଉଦ୍‌ବୁଦ୍ଧ ହୋଇ ଉତ୍କଳଜନନୀଙ୍କ ସେବାରେ ଲାଗିପଡ଼ିଥିଲେ ।

ସ୍ୱର୍ଗତ ଜଗବନ୍ଧୁ ସିଂହ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ 'ଉତ୍କଳ ସମ୍ମିଳନୀ'ରେ ଯୋଗଦାନ କରିଥିଲେ । ଖ୍ରୀ: ଅ: ୧୯୦୩ରୁ ଉତ୍କଳ ସମ୍ମିଳନୀ ଗଠନ ହେବାରୁ ମୟୂରଭଞ୍ଜର ମହାରାଜା ଶ୍ରୀ ଶ୍ରୀରାମଚନ୍ଦ୍ର ଭଞ୍ଜ, ଖଲ୍ଲିକୋଟ ରାଜା ମଦନମୋହନ ସିଂହଦେବ, ବୀରେନ୍ଦ୍ର ନାରାୟଣ ଭଞ୍ଜଦେବ, ରାଜା ବୈକୁଣ୍ଠନାଥ ଦେବ, ଦେଶପ୍ରାଣ ମଧୁସୂଦନ ଦାସ, ଖ୍ୟାତ ଔପନ୍ୟାସିକ ଫକୀର ମୋହନ ସେନାପତି ପ୍ରମୁଖ ସମ୍ମିଳନୀର ସଭାପତି ଆସନ ଅଳଙ୍କୃତ କରିଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କର ଏକାନ୍ତ ଅନୁଗାମୀ ଭାବରେ ସ୍ୱର୍ଗତ ଜଗବନ୍ଧୁ ସିଂହ ସମ୍ମିଳନୀରେ ଯୋଗଦାନ କରିବା ଦିନଠାରୁ ନିଜର ଦାୟିତ୍ୱ ସମ୍ପାଦନ କରୁଥିଲେ ।

ଧୀରେ ଧୀରେ ଉତ୍କଳମଣି ଓ ଦେଶପ୍ରାଣଙ୍କ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସରେ ଉତ୍କଳ ସମ୍ମିଳନୀର ଯୋଗଦାନ ସମ୍ପର୍କରେ ମତଭେଦ ସୃଷ୍ଟି ହେବାକୁ ଲାଗିଲା । ୧୯୧୯

ଡାଲିର ଉତ୍କଳସମ୍ମିଳନୀରେ ଉତ୍କଳମଣି ଗୋପବନ୍ଧୁ ସଭାପତିତ୍ୱ କରିଥିଲେ ଏବଂ ପୁରୀର ଜଗବନ୍ଧୁ ସିଂହ ତାଙ୍କର ଖୁବ୍ ପାଖରେ ରହି ଭୂମିକାଥିଲେ ।

ଉତ୍କଳସମ୍ମିଳନୀର ଷୋଡ଼ଶ ଅଧିବେଶନ ସିଂହଭୂମର ଚକ୍ରଧରପୁର ଠାରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ଦେଶପ୍ରାଣ ମଧୁସୂଦନ ଦାସ ସଭାପତିତ୍ୱ କରିବାର ପ୍ରସ୍ତାବ ଥିଲା, କିନ୍ତୁ ସମ୍ମିଳନୀର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଘୋର ମତଭେଦ ହୋଇଥିବାରୁ ଲକ୍ଷ୍ୟକରି ମଧୁବାବୁ ବୈଠକରେ ଯୋଗଦେଇ ନଥିଲେ । ସେହି ଅଧିବେଶନରେ ସଭାପତି ହୋଇଥିଲେ ପୁରୀର ଜଗବନ୍ଧୁ ସିଂହ ।

କିନ୍ତୁ ଚକ୍ରଧରପୁର ସମ୍ମିଳନୀର ସେହି କର୍ମକର୍ତ୍ତାଙ୍କ ମଧ୍ୟରେ ମନୋମାଳିନ୍ୟ ଦୂର କରି ଉତ୍କଳୀୟମାନଙ୍କର ଐକ୍ୟଭାବର ମଞ୍ଚରେ ସମସ୍ତେ ଏକତ୍ରିତ ହେବା ଲାଗି ଜଗବନ୍ଧୁ ସିଂହ ଚେଷ୍ଟା କରୁଥିଲେ ଏବଂ ସେ ମଧୁସୂଦନ ଦାସଙ୍କ ନିକଟକୁ ଯାଇ ତାଙ୍କୁ ସମ୍ମିଳନୀରେ ଯୋଗ ଦେବା ଲାଗି ନିବେଦନ କରିଥିଲେ । ପ୍ରଥମେ ଅବଶ୍ୟ ମଧୁବାବୁ ଚକ୍ରଧରପୁର ସମ୍ମିଳନୀରେ ସଭାପତିତ୍ୱ କରିବା ପାଇଁ ସ୍ୱୀକୃତ ହୋଇଥିଲେ; କିନ୍ତୁ ସେତେବେଳେ ନାଗପୁର କଂଗ୍ରେସର ଅଧିବେଶନକୁ ଲକ୍ଷ୍ୟ ପଥରେ ରଖି, ଫଳ ସ୍ୱରୂପ ଉତ୍କଳମଣି ଗୋପବନ୍ଧୁ ତାଙ୍କ ସହଯୋଗୀମାନଙ୍କ ପରାମର୍ଶକ୍ରମେ ଚକ୍ରଧରପୁର ଅଭ୍ୟର୍ଥନା ସମିତିର ସମ୍ପାଦକ ଶ୍ରୀ କାହ୍ନୁଚରଣ ପାଣି ମହାଶୟ ସମ୍ମିଳନୀର ନିର୍ଦ୍ଦିଷ୍ଟ ତାରିଖ ଡିସେମ୍ବର ଶେଷ ସପ୍ତାହକୁ ଘୁଞ୍ଚାଇ ଦେବାରୁ, ଦେଶପ୍ରାଣ ମଧୁସୂଦନ ସେଥିରେ ଯୋଗଦାନ କରି ନଥିଲେ ।

ପରବର୍ତ୍ତୀରେ ପୁରୀର ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଚକ୍ରଧର ପୁର ଠାରେ ଉତ୍କଳସମ୍ମିଳନୀର ଷୋଡ଼ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରମୁଖ ନେତୃବର୍ଗ ନାଗପୁର କଂଗ୍ରେସରେ ଯୋଗଦାନ କରିବା ହେତୁ ସମ୍ମିଳନୀରେ ଯୋଗଦେଇ ଉତ୍କଳସମ୍ମିଳନୀକୁ କଂଗ୍ରେସ ସଂସ୍ଥାରେ ମିଶାଇ ଦେବାଲାଗି ପ୍ରସ୍ତାବ ଆଗତ କରିଥିଲେ । ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ଆନୀତ ଓ ଚନ୍ଦ୍ରଶେଖର ବେହେରାଙ୍କ ଦ୍ୱାରା ସମର୍ଥିତ ଏହି ପ୍ରସ୍ତାବ ବିରୁଦ୍ଧରେ ମଧୁବାବୁଙ୍କ ସମର୍ଥକ ବ୍ରଜସୁନ୍ଦର ଦାସ, ମୁକୁନ୍ଦ ପ୍ରସାଦ ଦାସ, ରାଜାମଣି ପଣ୍ଡା ପ୍ରମୁଖ ବିରୋଧ କରିଥିଲେ । ଗୋଟିଏ ମାତ୍ର ଦର୍ଶନରେ ଉତ୍କଳମଣିଙ୍କ ପ୍ରସ୍ତାବ ସମର୍ଥିତ ହୋଇଥିଲା ।

ଜଗବନ୍ଧୁ ସିଂହ ଉତ୍କଳମଣିଙ୍କର ଜଣେ ପ୍ରଧାନ ସମର୍ଥକ ହୋଇଥିବାରୁ ସେ ଗୋପବନ୍ଧୁ ଦାସଙ୍କ ନିର୍ଦ୍ଦେଶମତେ ପୁରୀରେ ଜାତୀୟ ସଂଗ୍ରାମ ଶାଖାର ଦାୟିତ୍ୱ ଗ୍ରହଣ କଲେ । ଜଗବନ୍ଧୁ ସିଂହ, ଅଭିମାନ ସିଂହ ପ୍ରଭୃତି ନେତାଗଣ ଧର୍ମାନନ୍ଦ ଗାନ୍ଧୀ ମିଳି ପୁରୀଠାରେ କଂଗ୍ରେସକମିଟି ଗଠନ କରି ଦେଶମାତୃକାର ସେବାରେ ଆତ୍ମନିୟୋଗ କରିଥିଲେ ।

ଭାଷାଭିତ୍ତିରେ ପ୍ରଦେଶ ଗଠନ କରିବାକୁ ଜାତୀୟ କଂଗ୍ରେସ ଗ୍ରହଣ କରିଥିବାରୁ , ଜଗବନ୍ଧୁ ସିଂହ ଦେଶ ମହାସ୍ରୋତରେ ନିଜକୁ ମିଶାଇ ଦେଇ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପ୍ରସଙ୍ଗ ସଙ୍ଗେ, ଓଡ଼ିଶାର ଭୂତପୂର୍ବ ଗୌରବର ପୁନରୁଦ୍ଧାର ଲାଗି ଯତ୍ନ କରିଥିଲେ ।

ଜଗବନ୍ଧୁ ସିଂହ ରାଜନୈତିକ ଆନ୍ଦୋଳନ, ପୁସ୍ତକ ରଚନା ପ୍ରଭୃତି ମାଧ୍ୟମରେ ଓଡ଼ିଶାର ସର୍ବାଙ୍ଗୀଣ କଲ୍ୟାଣସାଧନରେ ଯାବତ୍ ଜୀବନ ବିତାଇ ଦେଇଥିଲେ ।

ପ୍ରସ୍ତୁତ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଏହାର ଲୋକପ୍ରିୟତାର ପରିଚୟ ଦେଉଛି । ଆଲୋଚକ ଜଗବନ୍ଧୁ ସିଂହଙ୍କ ରଚନାରେ ଯେଉଁଠି ଇତିହାସ ଦୃଷ୍ଟିରୁ ମତଭେଦ ଦେଖା-ଦେଇଛି, ସେପରି କେତେକ ସ୍ଥଳରେ ପାଦଟୀକା ଦେଇ ତାହା ସ୍ପଷ୍ଟ କରିଦେଇଥିଲେ, 'ପ୍ରାଚୀନ ଉତ୍କଳ' ଏକ ପ୍ରାମାଣିକ ପୁସ୍ତକ ରୂପେ ଆଦୃତ ହୋଇ ପାରନ୍ତା ।

ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର

ନୀଳମଣି ମିଶ୍ର
୨୩ – ୧୧ – ୮୨

# ପ୍ରାଚୀନ ଉତ୍କଳ

ପ୍ରାଚୀନ ଉତ୍କଳ ଏବଂ ବର୍ତ୍ତମାନ ଉତ୍କଳ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଉତ୍କଳ କହିଲେ ଲୋକେ କେବଳ ପୁରୀ-କଟକ-ବାଲେଶ୍ୱର ବୋଲି ବୁଝିଥିଲେ । ଅଳ୍ପକାଳ ହେଲା ସମ୍ବଲପୁର, ମଧ୍ୟପ୍ରଦେଶରୁ ଆସି ରାଜନୈତିକ ଉତ୍କଳ ସଙ୍ଗେ ମିଶିଛି । ବର୍ତ୍ତମାନ ରାଜନୈତିକ ଉତ୍କଳ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଓ କେତେକ ଗଡ଼ଜାତ ସମଷ୍ଟି ମାତ୍ର । ଏହି ଅଂଶଗୁଡ଼ିକ ରାଜନୈତିକ ଉତ୍କଳ ପ୍ରାଚୀନ-ଉତ୍କଳ ନୁହେଁ । ସୁତରାଂ ପ୍ରାଚୀନ ଉତ୍କଳ ବିଷୟ ଆଲୋଚନା କରିବାକୁ ହେଲେ କେତେଗୁଡ଼ିଏ ପ୍ରଶ୍ନ ସ୍ୱତଃ ମନରେ ଉଦିତ ହୁଏ : (୧) ପ୍ରାଚୀନ ଉତ୍କଳର ବିସ୍ତୃତ କେଉଁଠାରୁ କେଉଁଠା ପର୍ଯ୍ୟନ୍ତ ଥିଲା ? (୨) ପ୍ରାଚୀନ ଉତ୍କଳର ଅଙ୍ଗହାନି ହେଲା କାହିଁକି ? (୩) ଅଙ୍ଗହାନିଦ୍ୱାରା ଉତ୍କଳୀୟମାନଙ୍କର କି କ୍ଷତି ହୋଇଛି ? ପ୍ରାଚୀନ ଉତ୍କଳର ବିସ୍ତୃତ ସମ୍ବନ୍ଧେ ସୀମା ପରିଚ୍ଛେଦରେ ବିଶେଷରୂପରେ ଆଲୋଚନା କରାଯିବ । ମୂଳତଃ ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ନାନା କାରଣରୁ ତାର ଅଙ୍ଗଚ୍ଛେଦ ହୋଇଛି । କେତେକ ଅଂଶ ମାନ୍ଦ୍ରାଜ ପ୍ରଦେଶ ସଙ୍ଗେ, କେତେକ ବଙ୍ଗ ପ୍ରଦେଶ ସଙ୍ଗେ, କେତେକ ମଧ୍ୟପ୍ରଦେଶ ସଙ୍ଗେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜନୈତିକ କାରଣରୁ ଯୁକ୍ତ ହୋଇଯାଇଛି । ଏହି ଅଙ୍ଗଚ୍ଛେଦ ହେତୁ ଓଡ଼ିଆମାନେ ଭିନ୍ନ ଭିନ୍ନ ପ୍ରଦେଶରେ ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ ବାସକରିବାକୁ ବାଧ୍ୟ ହୋଇଅଛନ୍ତି । ଏହି ଅଙ୍ଗଚ୍ଛେଦ ଗୋଟିଏ ଅସ୍ୱାଭାବିକ ଘଟଣା । ଗୋଟିଏ ଲୋକର ହାତ ଗୋଡ଼ କାଟି ଭିନ୍ନ ଭିନ୍ନ ସ୍ଥାନକୁ ପଠାଇଦେଲେ ସେ ଲୋକର ଅବସ୍ଥା ଯେପରି ଭୟଙ୍କର ବିଭତ୍ସାକାର ଧାରଣ କରିବ, ପ୍ରାଚୀନ ଉତ୍କଳ ତଥା ପ୍ରାଚୀନ ଓଡ଼ିଆ ଜାତିର ଅବସ୍ଥା ତଦ୍ରୂପ ହୋଇଛି । ଏହି ଅସ୍ୱାଭାବିକ ଅଙ୍ଗଚ୍ଛେଦଦ୍ୱାରା ଓଡ଼ିଆ ଜାତିର ଯେ କ୍ଷତି ହୋଇଛି ତାହା ଅକଥନୀୟ । ସେ କ୍ଷତି ବିଷୟ ଆଲୋଚନା କଲେ ଅତି ପାଷାଣର ମଧ୍ୟ ହୃଦୟ ତରଳିଯିବ । ମାତ୍ର ଦୁଃଖର ବିଷୟ ଯେ ଉତ୍କଳୀୟମାନେ ବହୁକାଳ ହେଲା ଏ କ୍ଷତିକୁ ଅମ୍ଳାନବଦନରେ ସ୍ୱୀକାର କରି, ନୀରବ ନିଶ୍ଚଳଭାବେ କାଳଯାପନ କରୁଅଛନ୍ତି । ଅନ୍ୟ କୌଣସି ଜାତି ଏପର୍ଯ୍ୟନ୍ତ ଏ ଅଙ୍ଗଚ୍ଛେଦରୂପକ ଦାରୁଣ ଆଘାତ ସହ୍ୟ କରି ନଥାନ୍ତା । ଉତ୍କଳୀୟମାନେ ଆଜି ବ୍ରିଟିଶ ସରକାରଙ୍କ ଅନୁଗ୍ରହରୁ ସବୁ ପ୍ରତିବେଶୀ ପ୍ରଦେଶରେ

ମୂର୍ତ୍ତିମେସୁ ହୋଇ ରହିଛନ୍ତି । ସବୁ ପ୍ରଦେଶରେ ସେମାନଙ୍କ ସଂଖ୍ୟା ଅଳ୍ପ । ବଙ୍ଗପ୍ରଦେଶାନ୍ତର୍ଗତ ଓଡ଼ିଆମାନେ ବଙ୍ଗୀୟମାନଙ୍କ ସଂସର୍ଗରେ ରହି ସେମାନଙ୍କ ଆଚାର-ବ୍ୟବହାର, ଖାଦ୍ୟ-ପେୟ, ଭାଷା ପ୍ରଭୃତି ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ମାନ୍ଦ୍ରାଜପ୍ରଦେଶାନ୍ତର୍ଗତ ଓଡ଼ିଆମାନେ ତେଲିଙ୍ଗାମାନଙ୍କ ସଂସର୍ଗରେ ରହି ସେମାନଙ୍କ ଆଚାର-ବ୍ୟବହାର, ଖାଦ୍ୟ-ପେୟ, ଭାଷା ପ୍ରଭୃତି ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ମଧ୍ୟପ୍ରଦେଶାନ୍ତର୍ଗତ ଓଡ଼ିଆମାନଙ୍କ ଦୁର୍ଦ୍ଦଶା ମଧ୍ୟ ତତୋଧିକ । ଭିନ୍ନ ଭିନ୍ନ ଭାଷାଭାଷୀ ଲୋକମାନଙ୍କ ସଂସର୍ଗ ଓ ଭିନ୍ନ ଶାସନପ୍ରଣାଳୀ ଉତ୍କଳୀୟମାନଙ୍କର ଜାତୀୟ ଉନ୍ନତିର ପ୍ରଧାନ ଅନ୍ତରାୟ । ସମସ୍ତ ଉତ୍କଳବାସୀ ଲୋକମାନେ ଏକଶାସନାଧୀନରେ ନ ରହିବା ପର୍ଯ୍ୟନ୍ତ ଓଡ଼ିଆମାନେ କୌଣସି ବିଷୟରେ ଉନ୍ନତ ହୋଇପାରିବେ ନାହିଁ । ପ୍ରାଚୀନ କାଳରେ ସମସ୍ତ ଉତ୍କଳବର୍ତ୍ତୀ ଅଞ୍ଚଳମାନ ଏକଶାସନାଧୀନରେ ଥିଲା । ସୁତରାଂ ଓଡ଼ିଆମାନେ ଶିଳ୍ପ, ବାଣିଜ୍ୟ, ସାହିତ୍ୟ ପ୍ରଭୃତିରେ ଯଥେଷ୍ଟ ଉନ୍ନତି ଲାଭ କରିଥିଲେ । ପ୍ରାଚୀନ ଉତ୍କଳ ଖଣ୍ଡବିଖଣ୍ଡ ହେବା ସଙ୍ଗେ ସଙ୍ଗେ ପ୍ରାଚୀନ ଗୌରବରବି କ୍ରମେ ଅସ୍ତମିତ ହେଲା ଏବଂ ଏବେ କେଉଁ କୋଣରେ ପଡ଼ିରହିଛି, ସେକଥା ମଧ୍ୟ ଭାବିବାକୁ ଲୋକଙ୍କର ଅବସର ନାହିଁ । ଆଧୁନିକ ଉତ୍କଳ ଗୌରବ ନିଷ୍ଫଳ ନିସ୍ତବ୍ଧ ଭାବରେ ପଡ଼ିରହିଛି ।

ବହୁକାଳ ପରେ ଉତ୍କଳର ବରପୁତ୍ର ମଧୁସୂଦନ ଦାସ ମହାଶୟ ଉତ୍କଳ ସମ୍ମିଳନୀ ଆରମ୍ଭ କରି ସମସ୍ତ ଉତ୍କଳବର୍ତ୍ତୀ ପ୍ରଦେଶକୁ ଏକଶାସନାଧୀନ କରିବାର ଆକାଂକ୍ଷା ଜନମନରେ ପ୍ରଚାର କରିଥିଲେ । ସେହି ସମୟରୁ କ୍ରମେ ଉତ୍କଳୀୟମାନଙ୍କ ମଧ୍ୟରେ ଦେଶମିଳନ ପ୍ରସ୍ତାବ ସ୍ଥାନ ପାଇ ନବ ଭାବ ଜନ୍ମୁଛି । କିନ୍ତୁ କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ଫଳୀଭୂତ ହୋଇନାହିଁ । ସମସ୍ତ ଉତ୍କଳବାସୀ ଲୋକେ ପୂର୍ଣ୍ଣମାତ୍ରାରେ ଜାଗ୍ରତ ହୋଇ ନାହାନ୍ତି । ପ୍ରତ୍ୟେକ ଓଡ଼ିଆର ଶିରା-ପ୍ରଶିରା ଏ ଭାବ ପୂର୍ଣ୍ଣ କରିବାଲାଗି ପ୍ରଚାରିତ ହୋଇନାହିଁ । ଅଳ୍ପ ଲୋକ ମନରେ ଏହାର କାର୍ଯ୍ୟ ହେଉଥିବାରୁ ଏ ପର୍ଯ୍ୟନ୍ତ ଆଶାନୁରୂପ ଫଳ ହୋଇନାହିଁ । ଓଡ଼ିଶାରେ ଦେଶମିଳନ ଆନ୍ଦୋଳନର ସୂତ୍ରପାତ ହେବା ପରେ ସରକାର ବଙ୍ଗ ପ୍ରଦେଶକୁ ଦୁଇ ଭାଗରେ ବିଭକ୍ତ କରିଥିଲେ । ସରକାରଙ୍କର ଏ ପ୍ରସ୍ତାବ ବଙ୍ଗୀୟମାନଙ୍କ ପ୍ରତି ଅସହ୍ୟ ହେଲା । ବଙ୍ଗଳାକୁ ଭାଙ୍ଗି ପୃଥକ୍ କରିଦେଲେ କାହା ଦେହ ସହିବ ? ବଙ୍ଗୀୟମାନେ ଏ ଭ୍ରାତୃବିଚ୍ଛେଦମୂଳକ ପ୍ରସ୍ତାବକୁ ରହିତ କରିବାଲାଗି ପ୍ରବଳ ଆନ୍ଦୋଳନ ଆରମ୍ଭ କଲେ । ଫଳରେ ସରକାର ବାଧ୍ୟହୋଇ ବଙ୍ଗବିଚ୍ଛେଦ ପ୍ରସ୍ତାବ ଉଠାଇଦେଲେ । ଉତ୍କଳୀୟମାନେ ସେପରି ପ୍ରବଳ ଇଚ୍ଛା ପ୍ରକାଶ କରିପାରି ନଥିବାରୁ ଦେଶମିଳନ ପ୍ରସ୍ତାବ ଏ ପର୍ଯ୍ୟନ୍ତ ଯେଉଁଠି ସେଇଠି ଅଛି; ଆଶାନୁରୂପ ଫଳ ଫଳିନାହିଁ । ଉତ୍କଳ ସମ୍ମିଳନୀ ପରେ ଓଡ଼ିଆମାନଙ୍କ ମନରେ କିଛିଟା ଜାତୀୟ ଜାଗରଣ ହୋଇଛି । ସମ୍ମିଳନୀ ଜନ୍ମପୂର୍ବ ଅବସ୍ଥା ମନେପଡ଼ିଲେ ଘୋର ଦୁଃଖ ହୁଏ । ଉତ୍କଳରେ ବଙ୍ଗଭାଷା ପ୍ରଚଳନର ପ୍ରସ୍ତାବ ହୋଇଥିଲା । ଓଡ଼ିଆଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକ ନଥିବାରୁ ବଙ୍ଗଳା ପୁସ୍ତକ ସ୍କୁଲମାନଙ୍କରେ ପଢ଼ାଯାଉଥିଲା । ସ୍ୱର୍ଗୀୟ ଫକୀର ସେନାପତି ଓ ଗୌରୀଶଙ୍କର

ଉତ୍କଳକୁ ଏହି ଆପଦରୁ ରକ୍ଷା କରିଥିଲେ । ସେମାନେ ବଙ୍ଗଭାଷା ପ୍ରଚଳନ ପ୍ରସ୍ତାବ ସମ୍ମୁଖରେ ଦଣ୍ଡାୟମାନ ହୋଇ ନଥିଲେ ଓଡ଼ିଆଭାଷା ମଧ୍ୟ ଲୋପ ପାଇଥାନ୍ତା । ପୂର୍ବେ ଉତ୍କଳୀୟ ଯୁବକମାନେ ଆପଣାକୁ ବଙ୍ଗୀୟ ବୋଲି ପରିଚୟ ଦେବାକୁ ଗୌରବ ମନେ କରୁଥିଲେ । ମେଦିନୀପୁର ଅଞ୍ଚଳର ଉତ୍କଳୀୟମାନେ ବଙ୍ଗପ୍ରଦେଶାନ୍ତର୍ଗତ ହୋଇ ଏକପ୍ରକାର: ଆତ୍ମବିସ୍ମୃତ ହେଲେଣି । ସେ ଅଞ୍ଚଳର ଅନେକ ଲୋକ ବଙ୍ଗୀୟମାନଙ୍କ ସଙ୍ଗେ ବୈବାହିକ ସମ୍ବନ୍ଧ କରି ବଙ୍ଗୀୟ ବୋଲି ପରିଚୟ ଦେଲେଣି । ଓଡ଼ିଆ ବଦଳରେ ବଙ୍ଗାକ୍ଷରରେ ଲେଖି ପଢ଼ିଲେଣି । ଲୋକସୁମାରୀବେଳେ ଅନେକେ ଆପଣାକୁ ବଙ୍ଗୀୟ ବୋଲି ଲେଖାଇଲେଣି । କ୍ରମେ ସେ ଅଞ୍ଚଳରେ ଉତ୍କଳୀୟମାନଙ୍କ ସଂଖ୍ୟା ମଧ୍ୟ କମିଯାଉଛି । ଆଉ କେତେ ବର୍ଷ ପରେ ସେ ଅଞ୍ଚଳରେ ଉତ୍କଳୀୟ ନାହାନ୍ତି ବୋଲି ପ୍ରକାଶିତ ହେବା ବିଚିତ୍ର ନୁହେଁ । କେତେକାଳ ପରେ ଏସବୁ ଅଞ୍ଚଳରେ ଯେ ଓଡ଼ିଆମାନେ ବାସ କରୁଥିଲେ ଏବଂ ଏହି ଅଞ୍ଚଳ ଯେ ପ୍ରାଚୀନ ଉତ୍କଳର ଅନ୍ତର୍ଗତ ଥିଲା, ଏଥିର ପ୍ରମାଣ ମଧ୍ୟ ମିଳିବ ନାହିଁ ।

ଉତ୍କଳର ଧାରାବାହିକ ଇତିହାସ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁରାଣ, ଶିଳାଲିପି, ତାମ୍ରଶାସନ, ଜନଶ୍ରୁତି, ପ୍ରାଚୀନଗ୍ରନ୍ଥ, ମାଦଳାପାଞ୍ଜି ଉତ୍କଳର ପ୍ରଧାନ ଐତିହାସିକ ସମ୍ବଳ । ଉତ୍କଳ ବୈଦେଶିକ ଶାସନାଧୀନ ହେବା ପରେ କେତେକ ପାଶ୍ଚାତ୍ୟ ଓ ବଙ୍ଗୀୟ ଲେଖକ ନିଜ ନିଜ ଦୃଷ୍ଟିରେ ଓଡ଼ିଶା ସମ୍ବନ୍ଧେ କେତେକ ଲେଖା ପୁସ୍ତକାକାରରେ ପ୍ରକାଶ କରିଛନ୍ତି । ସେମାନେ ଅନ୍ୟ କାର୍ଯ୍ୟୋପଲକ୍ଷରେ ଓଡ଼ିଶାକୁ ଆସିଥାନ୍ତି । ସେମାନେ ଅଳ୍ପ-କାଳ ଅବସ୍ଥାନ ପରେ କେତେଗୁଡ଼ିଏ ପୁସ୍ତକ ଘାଣ୍ଟି କରି ପୁସ୍ତକ ଲେଖନ୍ତି । ସେମାନଙ୍କ ମତ ଓ ସମାଲୋଚନାମାନ ଅଭ୍ରାନ୍ତ ବୋଲି କୁହାଯାଇ ପାରିବ ନାହିଁ । ଲେଖକ ବା ସମାଲୋଚକ ଯେଉଁଠି ଉପାଦାନ ପାଇବ, ସେଠାରୁ ଲେଖିବ । ଉପାଦାନର ସତ୍ୟତା ଉପରେ ଲେଖାର ଅଭ୍ରାନ୍ତତା ନିର୍ଭର କରେ । ତଥାପି ଲେଖକର ଦାୟିତ୍ୱଜ୍ଞାନ ଥିବା ଆବଶ୍ୟକ; ନିରପେକ୍ଷ ଲକ୍ଷ୍ୟ ଥିବା ଆବଶ୍ୟକ । ବହୁ ଲେଖକ ଏ ଦାୟିତ୍ୱ ଉପଲବ୍ଧି କରିପାରନ୍ତି ନାହିଁ । ଏ ପୁସ୍ତକରେ ଯେ ସବୁ କଥା ଉଲ୍ଲେଖ କରିଛି, ତାହା ଯେ ସମ୍ପୂର୍ଣ୍ଣ ଅଭ୍ରାନ୍ତ ଏ କଥା ମୁଁ କହିପାରିବି ନାହିଁ । ପ୍ରାପ୍ତ ଉପାଦାନଗୁଡ଼ିକ ଏକତ୍ର ଲିପିବଦ୍ଧ କରିବା ଆମର ପ୍ରଧାନ ଉଦ୍ଦେଶ୍ୟ । ଭବିଷ୍ୟତ୍ ଲେଖକମାନେ ଏ ଉପାଦାନ ନେଇ ଓଡ଼ିଶାର ସମ୍ପୂର୍ଣ୍ଣ ଅଭ୍ରାନ୍ତ ଇତିହାସ ଲେଖିପାରନ୍ତି ଏବଂ ବର୍ତ୍ତମାନପ୍ରାପ୍ତ ଉପାଦାନର ସତ୍ୟାସତ୍ୟ ଅନ୍ତତଃ ବିଶଦଭାବରେ ଆଲୋଚନା କରିପାରନ୍ତି । ଲେଖକର ସହୃଦୟତା ସର୍ବଦା ଅବଲମ୍ବନୀୟ । କେବଳ ଦୋଷଦର୍ଶୀ ହେବା କୌଣସି ଲେଖକ ପକ୍ଷରେ ଶୋଭନୀୟ ନୁହେଁ ।

ଦେଖାଯାଏ, ଅନେକ ବୈଦେଶିକ ଲେଖକ ସୀମା ଲଙ୍ଘନ କରିଛନ୍ତି । ନିଜକୁ ଉନ୍ନତ ମନେକରି ହେୟ ଆସନରେ ବସି ଉତ୍କଳ ଇତିହାସ ଲେଖିବାର ଚେଷ୍ଟା କରିଛନ୍ତି । ଉତ୍କଳର ଶିଳ୍ପକଳା ଉତ୍କଳୀୟମାନଙ୍କର ନୁହେଁ ବୋଲି ପ୍ରକାଶ କରିବାକୁ ସଚେଷ୍ଟ

ବୋଧ କରନ୍ତିନାହାନ୍ତି । ସୁବିଧାନୁସାରେ ଉତ୍କଳ ହୋଇ ଉତ୍କଳର କୀର୍ତ୍ତିମାନଙ୍କୁ ଆପଣା ଜାତିର ସମ୍ପତ୍ତି ବୋଲି ଦାବି କରିବାକୁ ତ୍ରୁଟି କରୁନାହାନ୍ତି । ଉତ୍କଳୀୟମାନଙ୍କୁ ଅନ୍ଧକାରରେ ରଖିବାକୁ ତ୍ରୁଟି କରୁନାହାନ୍ତି । ଏସବୁଦ୍ୱାରା ଜାତୀୟ ବିଦ୍ୱେଷର ବୀଜ ବପନ କରିବା ବ୍ୟତୀତ ଅନ୍ୟ କିଛି ଫଳ ନାହିଁ । ଉତ୍କଳର ଭବିଷ୍ୟତ ଇତିହାସ-ଲେଖକମାନେ ଏ ଶ୍ରେଣୀୟ ଲେଖକଙ୍କୁ କି ଦୃଷ୍ଟିରେ ଦେଖିବେ ? ଲେଖକର ଲକ୍ଷ୍ୟ କେବଳ ବୋଲି ପଣ୍ଡିତ ହେବାର ନୁହେଁ । ପ୍ରତ୍ୟେକ ଐତିହାସିକ ଲେଖକ ଯଥାସମ୍ଭବ ସତ୍ୟାନ୍ୱେଷଣ ଦୃଷ୍ଟି ଦେବା ଆବଶ୍ୟକ । ପକ୍ଷପାତଶୂନ୍ୟ ଆଲୋଚନା ବା ସମାଲୋଚନା ବାଞ୍ଛନୀୟ । ଅନୁସନ୍ଧାନରେ ପ୍ରାପ୍ତ ଉପାଦାନଗୁଡ଼ିକୁ ବ୍ୟବହାର କଲେ ଦେଶ ପ୍ରତି, ଜାତି ପ୍ରତି ଓ ସାହିତ୍ୟ ପ୍ରତି ଉପକାର କରାଯାଏ । ଅଯଥା ଅନ୍ୟର ନିନ୍ଦା ବା କୁତ୍ସାରଟନା କରିବା ନ୍ୟାୟସଙ୍ଗତବହିର୍ଭୂତ, ଅଯଥା ଅନ୍ୟର ପ୍ରଶଂସା ମଧ୍ୟ ଅତିରଞ୍ଜିତ ନ୍ୟାୟସଙ୍ଗତବହିର୍ଭୂତ । ନିଜ ଦେଶ ବା ଜାତିର ଗୌରବ ବୃଦ୍ଧି କରିବାକୁ ଯାଇ ଅନ୍ୟ ଦେଶ ବା ଜାତି ପ୍ରତି ଅବହେଳା ପ୍ରଦର୍ଶନ କରିବା ନିତାନ୍ତ ଗର୍ହିତ କାର୍ଯ୍ୟ । ଭାରତର ସର୍ବାଙ୍ଗୀନ ଉନ୍ନତି ଲାଗି ପ୍ରତ୍ୟେକ ପ୍ରଦେଶର ସର୍ବାଙ୍ଗୀନ ଉନ୍ନତି ନିତାନ୍ତ ଆବଶ୍ୟକ । ଭାରତର ପ୍ରାଚୀନ ଇତିହାସର ଗୌରବ ରକ୍ଷା କରିବାଲାଗି ପ୍ରତ୍ୟେକ ପ୍ରଦେଶର ପ୍ରାଚୀନ ଇତିହାସର ଗୌରବ ରକ୍ଷା କରିବା ନିତାନ୍ତ ଆବଶ୍ୟକ । ପ୍ରତ୍ୟେକ ଇତିହାସ ଲେଖକ ଲେଖନୀ ଚାଳନା କରିବା ସମୟରେ ଏହି କଥାକୁ ହୃଦୟରେ ପ୍ରଥମ ସ୍ଥାନ ଦେଇ ଲେଖନୀ ଚାଳନା କରିବା ଉଚିତ; ଅନ୍ୟଥା ପବିତ୍ର ଲେଖନୀ କଳୁଷିତ ହେବ । ମାତ୍ର ଦୁଃଖର ବିଷୟ, କେତେକ ବୈଦେଶିକ ଲେଖକ ଏ କଥା ପ୍ରତି ଉପେକ୍ଷାଦୃଷ୍ଟି ଦେଇ ଆପଣା ପବିତ୍ର ଲେଖନୀକୁ କଳୁଷିତ କରୁଛନ୍ତି । ପୁରୀ ମନ୍ଦିର, କୋଣାର୍କ ମନ୍ଦିର, ଭୁବନେଶ୍ୱର ମନ୍ଦିର ଏବଂ କାଠଯୋଡ଼ି ବନ୍ଧ ପ୍ରଭୃତି ଉତ୍କଳୀୟ କାରିଗରମାନଙ୍କ କୀର୍ତ୍ତି ନୁହେଁ ବୋଲି କହିବାକୁ ଲଜ୍ଜାବୋଧ କରୁନାହାନ୍ତି । ଏପରି ଲେଖିବାଦ୍ୱାରା ଲେଖକମାନେ ନିଜ ମହତ୍ତ୍ୱହାନି କରୁଛନ୍ତି । ଏପରି ଆଲୋଚନା ଲେଖାଦ୍ୱାରା ଓଡ଼ିଶାର ମହତ୍ତ୍ୱହାନି ହେବ ନାହିଁ । ଉତ୍କଳର ଧାରାବାହିକ ପ୍ରାଚୀନ ଇତିହାସ ଲିପିବଦ୍ଧ ହୋଇଥିଲେ ବୈଦେଶିକମାନେ ଏପରି ଲେଖିବାକୁ କଦାପି ସାହସୀ ହୋଇ ନଥାନ୍ତେ ।

## ପ୍ରାଚୀନ ଇତିହାସର ଆବଶ୍ୟକତା :

କେହି କେହି କହନ୍ତି, ପୁରୁଣା କଥା ଗାଇହେଲେ ଫଳ କ'ଣ ? ଗଲା କଥା ଗଲାଣି ; ମଲା ଘୋଡ଼ାର ଦାନ୍ତ ମାପି ଫଳ କ'ଣ ମିଳିବ ? ପ୍ରାଚୀନ ଗୀତ ଗାଇ ସମୟ ନଷ୍ଟ କରିବା ଅପେକ୍ଷା ଭବିଷ୍ୟତ ଉନ୍ନତି ପାଇଁ ଚିନ୍ତା ଆବଶ୍ୟକ, ତାହା କରାଯାଉ । ଏମନ୍ତ ଏକାବେଳକେ ଅଯୌକ୍ତିକ ବୋଲି କୁହାଯାଇ ନପାରେ । ଭବିଷ୍ୟତ ପାଇଁ କାର୍ଯ୍ୟ କରିବାକୁ ହେବ, ଏଥିରେ କେହିମାତ୍ର ସନ୍ଦେହ ନାହିଁ । ପ୍ରାଚୀନ ଗୌରବ କାହିଁକି ମନରେ ନବ ବଳ ସଞ୍ଚାର କରାଏ ? ମାତାପିତା କେତେକ କାଳକୁ ଇହଧାମ ପରିତ୍ୟାଗ କରିଥିଲେ ମଧ୍ୟ ଲୋକ ବାପଦାଦାଙ୍କ

ମା'ଙ୍କୁ ବାପଙ୍କୁ ଜନ୍ମଦେଇଥାଏ । ମାତାପିତା ନାମ ସ୍ମରଣ ହେଲେ ମାନଙ୍କ ମନରେ ନୂତନ ତେଜ, ସାହସ ଜନ୍ମେ । ସେହିପରି ଜନ୍ମଭୂମିର ପ୍ରାଚୀନ କୀର୍ତ୍ତି-ଗୌରବ ଶୁଣିଲେ ମନରେ ନୂତନ ବଳ ସଞ୍ଚାରିତ ହୁଏ । ପ୍ରାଚୀନ ଜାତିର ଆଦର୍ଶ ଜାତି ଆଗରେ ଥିଲେ ଜାତି ଅଧୋଗାମୀ ହେବ ନାହିଁ; ବରଂ ସେହି ଆଦର୍ଶ ଅନୁକରଣରେ ଉନ୍ନତାବସ୍ଥାରେ ଠିଆହେବାକୁ ଅଧିକ ସାହାଯ୍ୟ ହେବ । ମୋର ପୂର୍ବପୁରୁଷ ସଭ୍ୟ ଥିଲେ, ମୋର ପୂର୍ବପୁରୁଷଙ୍କର କୀର୍ତ୍ତିରାଶି ପୃଥିବୀ ଭିତରେ ଗୌରବାନ୍ୱିତ ହୋଇଥିଲା ବୋଲି ଶୁଣିଲେ କେଉଁ ପାଷଣ୍ଡ ଅବସ୍ଥାରୁ ବଂଶଧରର ହୃଦୟ ଉତ୍ସାହିତ ପାଇଁ ନାଚି ନ ଉଠିବ ? ସୁତରାଂ ପ୍ରାଚୀନ ଇତିହାସ ପ୍ରାଚୀନ ଜାତିର ପଥପ୍ରଦର୍ଶକ । ଆମ୍ଭେମାନେ ପ୍ରାଚୀନ ଇତିହାସର ଉପଯୋଗିତା ଏକାବେଳକେ ଉପେକ୍ଷା କରି ପାରିବା ନାହିଁ । ପ୍ରତ୍ୟେକ ଜାତିର ପ୍ରାଚୀନ ଇତିବୃତ୍ତ ଜାତିର ଗୋଟିଏ ପ୍ରଧାନ ଅମୂଲ୍ୟ ଧନ ଏବଂ ଉନ୍ନତିର ଅନ୍ୟତମ ପ୍ରଧାନ ମୂଳଭିତ୍ତି ।

ପ୍ରାଚୀନ ଉତ୍କଳ ସମ୍ବନ୍ଧେ ବୈଦେଶିକ ଲେଖକମାନେ ସମ୍ବଲିତ ପୁସ୍ତକମାନ ଲିପିବଦ୍ଧ କରି ଯାଇଛନ୍ତି । ସେଗୁଡ଼ିକ ଏ ସମ୍ବନ୍ଧେ ସମାଲୋଚ୍ୟ : (୧) ହଣ୍ଟର ସାହେବଙ୍କ ଓଡ଼ିଶା—୧ମ ଓ ୨ୟ ଖଣ୍ଡ [୧୮୭୨], (୨) ଷ୍ଟର୍ଲିଂ ସାହେବଙ୍କ ଓଡ଼ିଶା [୧୮୨୨], (୩) ଟି ଏ ବନ୍ସ ସାହେବଙ୍କ ଓଡ଼ିଶା [୧୩୫୬], (୪) ଓଡ଼ିଶା ଓ ତାର ଅବଶେଷ, (୫) ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଇତିହାସ, (୬) ପୃଥିବୀ ଇତିହାସ, (୭) ସ୍ୱଦେଶ [ଶ୍ରୀଯୁକ୍ତ ନରେନ୍ଦ୍ରନାଥ ଚୌଧୁରୀ], (୮) ଶ୍ରୀଜଗନ୍ନାଥ ଓ ଚୈତନ୍ୟ [ଗୋପାଳଚନ୍ଦ୍ର ପଟ୍ଟଯୋଷୀ ଚୌଧୁରୀ], (୯) ଓଡ଼ିଶାର ଚିତ୍ର [ସତ୍ୟେନ୍ଦ୍ରମୋହନ ସିଂହ], (୧୦) ବ୍ରେମେଣ୍ଟର ଯାତ୍ରା, (୧୧) ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଶାର ପ୍ରତ୍ନତତ୍ତ୍ୱ, (୧୨) ବ୍ରଜକିଶୋର ଘୋଷଙ୍କ ଇତିହାସ, (୧୩) ଷ୍ଟର୍ଲିଂସାହେବଙ୍କ ଓଡ଼ିଶା ରାଜାମାନଙ୍କ ଇତିହାସ, (୧୪) ଏଚ୍. ବେଲ୍ଲିଙ୍କ ଓଡ଼ିଶା, (୧୫) ଫର୍ଗୁସନ ସାହେବଙ୍କ ଓଡ଼ିଶା ଶିଳ୍ପ, (୧୬) ଫର୍ଗୁସନ ସାହେବଙ୍କ ଖୋଦିତ ଗୁମ୍ଫା [୧୮୫୫], (୧୭) ବର୍ଜେସ୍‌ଙ୍କ ପ୍ରତ୍ନତତ୍ତ୍ୱ [୧୬୫୭], (୧୮) ସ୍ମିଥ ସାହେବଙ୍କ ଭୂଗୋଳ [୧୭୫୩], (୧୯) ଆର.ଡି. ଉଇଲ୍ସନ ସାହେବଙ୍କ ସ୍ୱରାଜସ୍ୱ ଓ କଟକ [୧୮୪୭], (୨୦) ଗ୍ଲାଡ୍‌ୱିନ ସାହେବଙ୍କ ଆଇନ ଆକବରୀ [୧୮୦୦], (୨୧) ରେଭ ସୁରିଙ୍କ ଜଗନ୍ନାଥ ଦେଉଳ, (୨୨) ଓଡ଼ିଶା ବ୍ୟାପ୍ଟିଷ୍ଟ ମିସନଙ୍କ ରିପୋର୍ଟ, (୨୩) ପ୍ରେସେର ସାହେବଙ୍କ ଭାରତର ଜନନ [୧୮୩୦], (୨୪) ପ୍ରିନସେପଙ୍କ ଖୋଦିତ ଲିପି, (୨୫) କାଲି ସାହେବଙ୍କ ଓଡ଼ିଶା ଭ୍ରମଣ, (୨୬) ମଣ୍ଟ ସାହେବଙ୍କ ଓଡ଼ିଶା ଭ୍ରମଣ, (୨୭) ଅଣ୍ଡ୍ରେଲ ସେଥ ସାହେବଙ୍କ ଜଗନ୍ନାଥ, (୨୮) ହୁଏନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତ, (୨୯) କନିଂହାମ ସାହେବଙ୍କ ପୁରାତନ ଭୌଗୋଳିକ ବୃତ୍ତାନ୍ତ, (୩୦) ମ୍ୟାକ୍ସ ସାହେବଙ୍କ ପୁରାତନ ଭାରତ, (୩୧) ଫାହିୟାନଙ୍କ ଭ୍ରମଣ ବୃତ୍ତାନ୍ତ, (୩୨) ପ୍ରିନ୍‌ସେପ୍ ସାହେବଙ୍କ ଓଡ଼ିଶାର ଖୋଦିତ ଲିପି, (୩୩) ମହାଭାରତ, (୩୪) ରାମାୟଣ, (୩୫) ମାଦଳାପାଞ୍ଜି, (୩୬) ଦେଉଳତୋଳା, (୩୭) ରଘୁବଂଶ, (୩୮) ବ୍ରହ୍ମପୁରାଣ, (୩୯) ନୀଳାଦ୍ରି ମହୋଦୟ, (୪୦) ସ୍କନ୍ଦପୁରାଣ, (୪୧) ଶିବପୁରାଣ, (୪୨) [illegible]

ମହୋଦଧି, (୪୩) ଏକାମ୍ରପୁରାଣ, (୪୪) ପ୍ରାଚୀମାହାତ୍ମ୍ୟ, (୪୫) ଜଗନ୍ନାଥ ମନ୍ଦିର, (୪୬) ମତ୍ସ୍ୟପୁରାଣ, (୪୭) ମନୁସଂହିତା, (୪୮) ହରିବଂଶ, (୪୯) କ୍ଷେତ୍ରମାହାତ୍ମ୍ୟ, (୫୦) ଉତ୍କଳ-ବଂଶାନୁଚରିତ ଇତ୍ୟାଦି ।

ଉପରୋକ୍ତ ଗ୍ରନ୍ଥଲେଖକମାନଙ୍କ ମଧ୍ୟରୁ କୌଣସି କୌଣସି ବଙ୍ଗୀୟ ବା ପାଶ୍ଚାତ୍ୟ ଲେଖକ ଉତ୍କଳୀୟମାନଙ୍କ ବିଷୟରେ ଅନେକ ଅବଜ୍ଞା ବ୍ୟବହାର କରିଛନ୍ତି । ଉକ୍ତ ଲେଖାମାନ କେବଳ ଯେ ମିଥ୍ୟା ତାହା ନୁହେଁ, ଯେ କୌଣସି ପାଠକ ପଢ଼ିଲେ ମାତ୍ରେ ଜାଣିପାରିବ ଯେ ଲେଖକ ଈର୍ଷାପରବଶ ହୋଇ ଆପଣାକୁ ଅତି ହୀନ ମନେକରି ନିଜ ଲେଖନୀ କଳୁଷିତ କରିଛନ୍ତି । ଉକ୍ତ ଲେଖାମୂଳକ ଲେଖକଙ୍କ ସଙ୍କୀର୍ଣ୍ଣ ହୃଦୟର ପରିଚାୟକ । ଏ ସମ୍ବନ୍ଧେ ବିଶେଷ ଆଲୋଚନା ଅନାବଶ୍ୟକ ।

ଉତ୍କଳ ଶବ୍ଦର ଅର୍ଥ କରିବାକୁ ଯାଇ ଅନେକ ଲେଖକ ପଥଭ୍ରାନ୍ତ ହୋଇଅଛନ୍ତି । ବଙ୍ଗୀୟ ଲେଖକଙ୍କ ମଧ୍ୟ ସୁଯୋଗ୍ୟ ଲେଖକ ଉତ୍କଳ ଶବ୍ଦର ଅର୍ଥ ଉଦରବାହକ ବା ମୂର୍ଖ ବୋଲି ଲେଖିଛନ୍ତି । ଏ ଅର୍ଥ ଦେଖିଲେ ଲୋକ ହାସ୍ୟ ସମ୍ବରଣ କରିପାରିବେ ନାହିଁ । ଉତ୍କଳ ଶବ୍ଦର ଅନେକ ମୂଳସୂତ୍ର ଅର୍ଥ ଏ ସ୍ଥଳେ ଲେଖାଗଲା ଏବଂ ଯଥାର୍ଥ ଅର୍ଥ ଦେଖାଗଲା କିପରି, ବୁଝାଯାଉନାହିଁ । ଉତ୍କଳ ଶବ୍ଦର ଅନେକ ପ୍ରାଚୀନ ଅର୍ଥ ଅଛି ।

(୧) ମନୁଙ୍କ ନାତି ଅର୍ଥାତ୍ ସୁଦ୍ୟୁମ୍ନଙ୍କ ପୁତ୍ର ଉତ୍କଳ ନାମକ ରାଜା ଥିଲେ । ସେ ଯେଉଁ ଭୂଖଣ୍ଡ ଉପରେ ରାଜତ୍ୱ କରୁଥିଲେ ତାହାର ନାମ ଉତ୍କଳ । ରାଜାଙ୍କ ନାମାନୁସାରେ ଭୂଖଣ୍ଡର ନାମକରଣ ହୋଇଥିଲା (ମତ୍ସ୍ୟପୁରାଣ) । (୨) ଉତ୍କଳରେ କଳାବିଦ୍ୟା ଶ୍ରେଷ୍ଠ, ବଙ୍ଗୀୟ ଓ ପାଶ୍ଚାତ୍ୟ ପଣ୍ଡିତମାନେ ଏକଥା ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି । ଯେଉଁ ଦେଶର କଳାକୁଶଳତା ଉତ୍କୃଷ୍ଟ, ସେ ଦେଶର ନାମ ଉତ୍କଳ ହେବା ସମୀଚୀନ । (୩) ସିଂହଳଠାରୁ ମଗଧବଂଶୀୟ ରାଜା ଉତ୍କଳଙ୍କ ତାମ୍ରଶାସନ ମିଳୁଛି । ସେଥିରୁ ଜଣାଯାଏ, ଜଳାନ୍ତଗ୍ରାମ ଉତ୍କଳର ରାଜା ତାଙ୍କର ଏକମାତ୍ର କନ୍ୟା ପଦ୍ମାବତୀଙ୍କୁ ମୁଗ୍ଧମାର୍ତ୍ତଣ୍ଡଙ୍କୁ ବିବାହ ଦେଇଥିଲେ ଏବଂ ଜାମାତାଙ୍କୁ ଉତ୍ତରାଢ଼ୀ ବା ଉତ୍ତରଦେଶ ନାମକ ସ୍ଥାନର ରାଜତ୍ୱ ଦେଇଥିଲେ । ଉତ୍କଳର ରାଜା ଅପୁତ୍ରିକ ଓ ମୃତ ହେଲେ ଏବଂ ପଦ୍ମାମାର୍ତ୍ତଣ୍ଡ ସେନାନାୟକ ଉତ୍କଳରାଜ୍ୟକୁ ଶାସନ କଲେ । ଉତ୍କଳ ଓ ଉତ୍ତରାଢ଼ମଣ୍ଡଳ ଓଡ଼ିଶା ନାମରେ କଥିତ ହେଲା । (୪) ଓଡ୍ର ନାମକ ଜଣେ ରାଜା ଓଡ଼ିଶାରେ ରାଜତ୍ୱ କରୁଥିଲେ । ଓଡ୍ର ଚନ୍ଦ୍ରବଂଶୀୟ କ୍ଷତ୍ରିୟ ଥିଲେ (ମନୁ ୧୦ମ ଅ: ୪୪ ଓ ୪୫) । ମହାଭାରତରୁ ଜଣାଯାଏ, ଓଡ୍ର ରାଜା ପାଣ୍ଡବମାନଙ୍କୁ ହସ୍ତୀଦନ୍ତ ଉପଢୌକନ ଦେଇଥିଲେ । ଓଡ଼ିଶାର ନାନାସ୍ଥାନରେ ବିଶେଷତଃ ଖୋର୍ଦ୍ଧା ଅଞ୍ଚଳରେ ଓଡ୍ରମାନେ ଦେଖାଯାନ୍ତି । ସେମାନେ ଆପଣାକୁ ଓଡ୍ର ବୋଲି ପରିଚୟ ଦିଅନ୍ତି । ଓଡ୍ର ପାଇକମାନେ ହେଁ ଓଡ୍ର ରାଜବଂଶୀୟ ବୋଲି ବୋଧହୁଏ । ଏମାନେ ଯୁଦ୍ଧବିଦ୍ୟାରେ ପାରଦର୍ଶୀ ଥିଲେ ।

ପାଇକମାନଙ୍କ ପ୍ରଧାନ କାର୍ଯ୍ୟ ଯୁଦ୍ଧବିଦ୍ୟା । ବର୍ତ୍ତମାନ ଏମାନଙ୍କ ଅସ୍ତ୍ର-ବ୍ୟବହାରକୁ ଏମାନଙ୍କ ପୂର୍ବ ଜାତୀୟତା ଓ ଯୁଦ୍ଧବିଦ୍ୟାରେ ପାରଦର୍ଶିତାର ଶେଷଚିହ୍ନ ମନେକର । ସେହି ସମୟ ନାହିଁ କି ସେ ସୁଯୋଗ ନାହିଁ । ଓଡ଼ିଶାର ଖଣ୍ଡାୟତଙ୍କ ଅନ୍ତର୍ଗତ ଦଳେଇ ବେହେରା ଏମାନଙ୍କ ଖଣ୍ଡାୟତଙ୍କ ଅନ୍ତର୍ଗତ ହୋଇଅଛନ୍ତି । ଖଣ୍ଡାୟତମାନେ ସମସ୍ତଙ୍କଠାରୁ ଉଚ୍ଚ ହୋଇ ସ୍ଥିତ ଅଛନ୍ତି । ଏହି ଜାତିଙ୍କୁ ଓଡ଼ିଆ ପାଇକମାନେ ଅତି ହେୟଜ୍ଞାନ କରନ୍ତି । ଏମାନଙ୍କ ଶକ୍ତି ସବୁ ଲୋପ ପାଇଛି; ମାତ୍ର ଏମାନେ ଓଡ଼ିଆ ପାଇକ ବୋଲି ଆପଣାକୁ ପରିଚୟ ଦେଉଅଛନ୍ତି ।

କଳିଙ୍ଗ ନାମ କାହାରିକୁ ଅବିଦିତ ନାହିଁ । ଅଙ୍ଗ, ବଙ୍ଗ, କଳିଙ୍ଗ ନାମ ଅତି ପ୍ରାଚୀନ କାଳର କଥା । ଉତ୍କଳ ଦେଶ କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା; କେତେବେଳେ ପୃଥକ୍ ଥିଲା । କାଳିଦାସଙ୍କ ସମୟରେ କଳିଙ୍ଗ ଉତ୍କଳଠାରୁ ସ୍ୱତନ୍ତ୍ର ଥିଲା । ରଘୁ ମହାରାଜାଙ୍କ ଦିଗ୍‌ବିଜୟ ବର୍ଣ୍ଣନାରେ କାଳିଦାସ ଲେଖିଅଛନ୍ତି—ଉତ୍କଳାଦର୍ଶିତ ପଥଃ କଳିଙ୍ଗାଭିମୁଖଂ ଯଯୌ । କଳିଙ୍ଗ ବଳିରାଜାଙ୍କ ପୁତ୍ର ଥିଲେ । ତାଙ୍କ ଅଧିକୃତ ରାଜ୍ୟ କଳିଙ୍ଗ ନାମରେ ଅଭିହିତ ହୋଇଥିଲା । ବଙ୍ଗଦେଶର ସମୁଦ୍ରତୀରବର୍ତ୍ତୀ ରାଜ୍ୟଠାରୁ ତେଲିଙ୍ଗ ପର୍ଯ୍ୟନ୍ତ ଦେଶର ନାମ କଳିଙ୍ଗ (ବୌଧାୟନ ସୂତ୍ର ୧ । ୧ । ୨, ମନୁ ୧୦ମ ଅଧ୍ୟାୟ) । ରାମାୟଣ କିଷ୍କିନ୍ଧାକାଣ୍ଡ ୪୧ ସର୍ଗ, ମହାଭାରତ ବନପର୍ବ, ହରିବଂଶ ପ୍ରଭୃତିରେ କଳିଙ୍ଗ ନାମ ଉଲ୍ଲେଖ ଅଛି । କଳିଙ୍ଗ ଦେଶରେ ବୈତରଣୀ ନଦୀ ପ୍ରବାହିତ ହେଉଥିବା ଉଲ୍ଲେଖ ଅଛି । ସୁତରାଂ ଓଡ଼ିଶା କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା ବୋଲି ଜଣାଯାଏ । ହରିବଂଶରେ ଲେଖାଅଛି, କଳିଙ୍ଗ ତାମ୍ରଲିପ୍ତ ନିକଟରେ ଅବସ୍ଥିତ । କଳିଙ୍ଗ ନୃପତି କୁରୁକ୍ଷେତ୍ର ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୁଦ୍ଧ କରିଥିବାର ମହାଭାରତ ଭୀଷ୍ମପର୍ବରେ ଉଲ୍ଲେଖ ଅଛି । ପ୍ରାଚୀନ ଶିଳାଲିପିମାନଙ୍କରେ ତ୍ରିକଳିଙ୍ଗ ନାମ ଦେଖାଯାଏ । କନିଂହାମ୍‌ଙ୍କ ମତରେ ତ୍ରିକଳିଙ୍ଗରୁ ତେଲିଙ୍ଗ ନାମ ହୋଇଛି । ହୁଏନସାଂଙ୍କ ମତରେ କଳିଙ୍ଗ ଗଞ୍ଜାମଠାରୁ ୨୦୦ କି ୩୦୦ ମାଇଲ ଦୂରରେ ଅବସ୍ଥିତ । କଳିଙ୍ଗର ରାଜଧାନୀ ଶ୍ରୀକାକୋଳ ବା ଚିକାକୋଳ । ଉତ୍କଳ କେତେବେଳେ କଳିଙ୍ଗ ଅନ୍ତର୍ଗତ ଥିଲା ବା ପୃଥକ୍ ଥିଲା; ମାତ୍ର ଉତ୍କଳ କଳିଙ୍ଗର ଉତ୍ତରରେ ଅବସ୍ଥିତ । ଇଂରେଜଙ୍କ ବା ଉତ୍କଳଙ୍କ ଶାସନରେ ଉତ୍କଳ ନାମରେ ପରିଚିତ ହୋଇଥିବାର ସ୍ପଷ୍ଟ ଅନୁମିତ ହୁଏ । ଦୀର୍ଘତମାଙ୍କ କୃପାରୁ ବଳିରାଜାଙ୍କ ରାଣୀ ସୁଦେଷ୍ଣାଙ୍କ ଗର୍ଭରେ ପାଞ୍ଚୋଟି ପୁତ୍ର ଜନ୍ମ ହୋଇଥିଲେ । ସେମାନଙ୍କର ନାମ—ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ । ଏମାନେ ପ୍ରତ୍ୟେକ ଶାସନ କରୁଥିବା ପ୍ରଦେଶମାନେ ସେମାନଙ୍କ ନାମାନୁସାରେ ନାମ ଧାରଣ କରିଥିଲା । ଦୁର୍ଯ୍ୟୋଧନ କଳିଙ୍ଗ ରାଜା ଚିତ୍ରାଙ୍ଗଦଙ୍କ କନ୍ୟାକୁ ବିବାହ କରିଥିଲେ ଏବଂ ତାଙ୍କ ରାଜଧାନୀ ରାଜପୁରରେ ଥିଲା । ରାଜପୁରର ବର୍ତ୍ତମାନ ନାମ ରାଜମହେନ୍ଦ୍ରୀ । ମହାଭାରତ ବନପର୍ବ ୧୧୪ରେ ଉଲ୍ଲେଖ ଅଛି ଯେ ଯୁଧିଷ୍ଠିର ଯେତେବେଳେ ବନବାସ କରୁଥିଲେ, ଲୋମଶ ମୁନି ତାହାଙ୍କୁ କହିଥିଲେ,

ବୈତରଣୀପ୍ରବାହିତ ପ୍ରଦେଶରେ ଅଷ୍ଟ ହୋମ ଯଜ୍ଞ କରିଥିଲେ; ସେ ସ୍ଥାନକୁ ଯଜ୍ଞପୁର ବା ଯାଜପୁର କହନ୍ତି ଏବଂ ସେହି ପ୍ରଦେଶ କଳିଙ୍ଗ ।

ଉତ୍କଳ ପ୍ରଦେଶର ପ୍ରାଚୀନତା ସମ୍ବନ୍ଧରେ କୌଣସି କୌଣସି ଲେଖକ ସନ୍ଦେହ କରନ୍ତି । ମାଦଳାପାଞ୍ଜିରୁ ଜଣାଯାଏ, ଯୁଧିଷ୍ଠିର ଖ୍ରୀଷ୍ଟପୂର୍ବ ୩୧୦୧ ଠାରୁ ୩୦୮୯ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମହାଭାରତରେ ଉତ୍କଳର ନାମ ଦେଖାଯାଏ । ମହାଭାରତର ପ୍ରାଚୀନତା ସଙ୍ଗେ ଉତ୍କଳର ପ୍ରାଚୀନତା ସମ୍ପୃକ୍ତ; ସୁତରାଂ ମହାଭାରତର ପ୍ରାଚୀନତା ସମ୍ବନ୍ଧରେ କିଛି କହିବା ଆବଶ୍ୟକ । ମହାଭାରତର କାଳନିର୍ଣ୍ଣୟ ସମ୍ବନ୍ଧରେ ପାଶ୍ଚାତ୍ୟ ଓ ଭାରତୀୟ ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ । ପାଶ୍ଚାତ୍ୟ ପଣ୍ଡିତ ହୋଲ୍ଟଜମ୍ୟାନ, ହପ୍କିନ୍ସ ଓ ଏଲ୍ଫିନଷ୍ଟୋନ ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀରେ ମହାଭାରତ ଯୁଦ୍ଧ ସଙ୍ଘଟିତ ହୋଇଥିଲା ବୋଲି କହନ୍ତି । ରମେଶଚନ୍ଦ୍ରଙ୍କ ମତରେ ଖ୍ରୀଷ୍ଟପୂର୍ବ ତ୍ରୟୋଦଶ ଶତାବ୍ଦୀରେ ମହାଭାରତ ଯୁଦ୍ଧ ହୋଇଥିଲା । ହିନ୍ଦୁ ଲୋକମତ ଅନୁସାରେ କଳି-ଦ୍ୱାପର ସନ୍ଧିସମୟ ଅର୍ଥାତ୍ ଅନ୍ୟୂନ ପଞ୍ଚସହସ୍ରାଧିକ ବର୍ଷ ପୂର୍ବେ କୁରୁ-ପାଣ୍ଡବ ଯୁଦ୍ଧ ହୋଇଥିଲା । ପୃଥ୍ୱୀ-ଇତିହାସ ଲେଖକ ଏହି ମତର ବହୁତ ଆଲୋଚନା କରି ସିଦ୍ଧାନ୍ତ କରିଛନ୍ତି ଯେ, ଏପର୍ଯ୍ୟନ୍ତ ଯେଉଁମାନେ ଏ ବିଷୟ ଆଲୋଚନା କରିଅଛନ୍ତି ସେମାନେ ସମସ୍ତେ ଶାଖାରୁ ମୂଳ ଅଡ଼କୁ ଯାଉଛନ୍ତି; କୌଣସି ସମାଲୋଚକ ମୂଳରୁ ଶାଖା ଆଡ଼କୁ ଯିବାର ଚେଷ୍ଟା କରିନାହାନ୍ତି । କାଳିଦାସକୃତ ଜ୍ୟୋତିର୍ବିଦାଭରଣ ଗ୍ରନ୍ଥ ଆଲୋଚନା କରି ଦେଖାଇଛନ୍ତି ଯେ, ୫୦୦୯ ବର୍ଷ ପୂର୍ବେ ମହାଭାରତ ଯୁଦ୍ଧ ହୋଇଥିଲା । କଳିଯୁଗର ୩୦୬୮ ବର୍ଷ ଗତ ହେବାପରେ କାଳିଦାସ ଉକ୍ତ ଗ୍ରନ୍ଥ ରଚନା କରିଥିଲେ । ଏହି ଗ୍ରନ୍ଥରେ ଯୁଧିଷ୍ଠିରଙ୍କ ରାଜତ୍ୱକାଳ ବର୍ଣ୍ଣିତ ଅଛି । ୧୨୬୮ ବର୍ଷ ପୂର୍ବେ ଜଣେ ହିନ୍ଦୁ ଜ୍ୟୋତିଷ ଅନେକ ବିବେଚନା-ପୂର୍ବକ ସେହି ସମୟ ନିରୂପଣ କରିଥିଲେ, ତାହା ପ୍ରତି ଉପେକ୍ଷା ପ୍ରଦର୍ଶନ କରିବାର କିଛି ମାତ୍ର କାରଣ ନାହିଁ । ସୁତରାଂ ଉକ୍ତ ମତ ଗ୍ରାହ୍ୟ । ପୃଥ୍ୱୀ-ଇତିହାସ ୨ୟ ଖଣ୍ଡରେ ଶ୍ରୀକୃଷ୍ଣଙ୍କ ସ୍ୱର୍ଗଗମନ ସମ୍ବନ୍ଧୀୟ ଶ୍ରୀମଦ୍ଭାଗବତୋକ୍ତ, ବିଷ୍ଣୁପୁରାଣୋକ୍ତ, କଳିଯୁଗରାଜବୃତ୍ତାନ୍ତମାନ ଆଲୋଚନା କରି କୁରୁ-ପାଣ୍ଡବ ଯୁଦ୍ଧ କଳିଯୁଗ ପୂର୍ବରେ ଏବଂ ଦ୍ୱାପରଯୁଗ ଶେଷରେ ହୋଇଥିବାର ସିଦ୍ଧାନ୍ତ କରାଯାଇଅଛି । ପୃଥ୍ୱୀ-ଇତିହାସ ଲେଖକ ବହୁ ପରିଶ୍ରମ ଓ ଅନୁସନ୍ଧାନ, ନାନା ଶାସ୍ତ୍ର ଆଲୋଚନା କରି ଯେଉଁ ମତରେ ଉପନୀତ ହୋଇଛନ୍ତି, ତାକୁ ଭ୍ରମପୂର୍ଣ୍ଣ ବୋଲି କହିବା ପାଇଁ କିଛି ପ୍ରମାଣ ମିଳୁନାହିଁ । ସୁତରାଂ ଅନ୍ୟୂନ ୫୦୦୦ ବର୍ଷ ପୂର୍ବେ ଉତ୍କଳଦେଶ ବିଦ୍ୟମାନ ଥିବା ବିଷୟରେ କିଛିମାତ୍ର ସନ୍ଦେହ କରାଯାଇ ନପାରେ । ମହାଭାରତ ସେତେବେଳର ବିଷୟ । ରାମାୟଣ ଅଗ୍ର କି ମହାଭାରତ ଅଗ୍ର, ଏ ବିଷୟ ପୃଥ୍ୱୀ-ଇତିହାସ ଲେଖକ ଯଥେଷ୍ଟ ଆଲୋଚନା କରିଛନ୍ତି ଏବଂ ସିଦ୍ଧାନ୍ତ କରିଛନ୍ତି ଯେ ରାମାୟଣ ପରେ ମହାଭାରତ । ହରିବଂଶ ମହାଭାରତର ଏକ ଅଂଶ । ହରିବଂଶରେ ଲେଖାଅଛି—

ସୁଦ୍ୟୁମ୍ନସ୍ୟ ତୁ ଦାୟାଦାସ୍ତ୍ରୟଃ ପରମଧାର୍ମିକାଃ
ଉତ୍କଳଶ୍ଚ ଗୟଶ୍ଚୈବ ବିନତାଶ୍ଚ ଭାରତ ।
ଉତ୍କଳସ୍ୟୋତ୍କଳା ରାଜନ୍ ବିନତାସ୍ୟ ପଶ୍ଚିମା
ଦିକ୍ ପୂର୍ବା ଭରତଶ୍ରେଷ୍ଠ ଗୟସ୍ୟ ତୁ ଗୟାପୁରୀ ।

ଇକ୍ଷ୍ୱାକୁ ଓ ସୁଦ୍ୟୁମ୍ନ ସମସାମୟିକ । ପୁରାଣଶାସ୍ତ୍ରମାନଙ୍କରେ ଜମ୍ବୁଦ୍ୱୀପାନ୍ତର୍ଗତ ଭାରତବର୍ଷ ବର୍ଣ୍ଣନ ଜନପଦ ପ୍ରସଙ୍ଗରେ ଓଡ୍ର ନାମୋଲ୍ଲେଖ ବାର ବାର ଦେଖାଯାଏ । ସୁତରାଂ ଉତ୍କଳ, ଓଡ୍ରଦେଶ ବା ଓଡ଼ିଶାର ପ୍ରାଚୀନତ୍ୱ ବିଷୟରେ କିଛି ମାତ୍ର ସନ୍ଦେହ କରାଯାଇ ନପାରେ; ବରଂ ସ୍ପଷ୍ଟ ପ୍ରମାଣ ହେଉଛି ଯେ ୭ମ ଶତାବ୍ଦୀର ବହୁକାଳ ପୂର୍ବେ ଉତ୍କଳ ଓ ଓଡ୍ରଦେଶ ବିଦ୍ୟମାନ ଥିଲା । ମନୁସଂହିତାରେ ଓଡ୍ରଦେଶ ଏବଂ ଉତ୍କଳୀୟ ଜାତିର ନାମ ଉଲ୍ଲେଖ ଅଛି ।

ପୌଣ୍ଡ୍ରକାଶ୍ଚୌଡ୍ରଦ୍ରାବିଡ଼ାଃ କାମ୍ବୋଜା ଯବନା ଶକାଃ
ପାରଦା ପହ୍ଲବାଶ୍ଚୀନାଃ କିରାତା ଦରଦା ଖଶାଃ ।
ଝଲ୍ଲୋ ମଲ୍ଲଶ୍ଚ ରାଜନ୍ୟାଦ୍ ବ୍ରାତ୍ୟାନ୍ନିଚ୍ଛିବିରେବ ଚ
ନଟଶ୍ଚ କରଣଶ୍ଚୈବ ଖସୋ ଦ୍ରାବିଡ଼ ଏବ ଚ । (ମନୁ ୧୦-୪୪ ଓ ୨୨)

ବାବୁ ବିଜୟଚନ୍ଦ୍ର ମଜୁମଦାର ଓଡ଼ିଶା ସମ୍ବନ୍ଧେ ଅନେକଗୁଡ଼ିଏ ପ୍ରବନ୍ଧ ଲେଖିଅଛନ୍ତି । ଓଡ଼ିଶାର ସଂକ୍ଷିପ୍ତ ଇତିହାସ ନାମକ ଖଣ୍ଡିଏ ପୁସ୍ତକ ଇଂରେଜୀ ଭାଷାରେ ପ୍ରକାଶ କରିଛନ୍ତି । ଅନେକଗୁଡ଼ିଏ ପ୍ରାଚୀନ ଓଡ଼ିଆ କବିତା ଏକତ୍ର କରି ଏକ ପୁସ୍ତକ ସଂକଳନ କରିଅଛନ୍ତି । ଏ ପୁସ୍ତକ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇଛି । ଏ ପୁସ୍ତକର ମୁଖବନ୍ଧରେ ଓଡ଼ିଆ ସାହିତ୍ୟ ବିଷୟ ଆଲୋଚନା କରିଯାଇଛନ୍ତି । ଏ ମହାଶୟ ସୋନପୁରର ପ୍ରାଚୀନ ଇତିହାସ ଲେଖିଅଛନ୍ତି । ଓଡ଼ିଶାର ଶିଳ୍ପ, ସାହିତ୍ୟ, ପ୍ରାଚୀନତା ବିଷୟରେ ଅନେକ ଲେଖକ ପୁସ୍ତକ ଲେଖି ଆପଣା ସାହିତ୍ୟାନୁରାଗ ଦେଖାଇଥିବାର ଦେଖାଯାଏ । ଏହା ଉତ୍କଳର ପ୍ରାଚୀନ ଗୌରବର ପରିଚାୟକ । କେବଳ ଉତ୍କଳଭୂମି ନିଜର ମହତ୍ତ୍ୱ, ବଂଶଗୌରବ, ପ୍ରାଚୀନ ଗୌରବ, ଶିଳ୍ପ କଳାକୌଶଳ ପ୍ରଭୃତି ଅମୂଲ୍ୟ ଧନରାଶି ଯେ ଅନେକ ଲେଖକଙ୍କ ଲେଖନୀକୁ ଅର୍ପଣ କରିପାରିବାକୁ ସମର୍ଥ ହେଉଛି, ଏହା ଉତ୍କଳର ବିଶେଷତ୍ୱ ।

ବିଜୟ ବାବୁଙ୍କ ମତରେ ଓଡ୍ରମାନେ ଅସଭ୍ୟ ଥିଲେ; ସେମାନଙ୍କର ଭାଷା ନଥିଲା; ଉତ୍ତରଭାରତର ଭାଷା ପ୍ରାୟ ୭ମ ଶତାବ୍ଦୀରେ ପ୍ରଚଳିତ ହେଲା; ପ୍ରାଚୀନ କଳିଙ୍ଗ ଉତ୍କଳ ଏବଂ ଓଡ୍ର ବାହାରେ ଥିଲା ଏବଂ କଳିଙ୍ଗ ଲୋକମାନଙ୍କ ସହିତ ସେମାନଙ୍କର କିଛି ସମ୍ପର୍କ ନଥିଲା । ପୁରାଣମାନଙ୍କରେ କୌଣସି ସୀମାନିର୍ଦ୍ଦିଷ୍ଟ ଉତ୍କଳର ପରିଚୟ ନାହିଁ । ଭୀଷ୍ମପର୍ବରେ (୯-୪୩୮) ଉତ୍କଳୀୟମାନେ ଅସଭ୍ୟ ବୋଲି ବର୍ଣ୍ଣିତ ଅଛି ଏବଂ ସେମାନଙ୍କର ଗୋଟିଏ

ରାଜ୍ୟ ଥିଲା ବୋଲି ଉଲ୍ଲେଖ ନାହିଁ । ପୂର୍ବକାଳରେ ଏହା ଦକ୍ଷିଣ ବଙ୍ଗର ଅନ୍ତର୍ଗତ ଥିଲା ଏବଂ ଅନ୍ୟ ସମୟରେ କଳିଙ୍ଗ ସହିତ ସମ୍ପର୍କିତ ଥିଲା । ଏହା ବଙ୍ଗ କଳିଙ୍ଗର ପଶ୍ଚିମ ପାର୍ଶ୍ୱ ସ୍ଥିତ ମହାଭାରତରେ ଉଲ୍ଲେଖ ଅଛି । ସେମାନେ ଏକ ଜାତି ଏବଂ ଏକ ଅବସ୍ଥାପନ୍ନ ଲୋକ ଥିଲେ (ଦ୍ରୋଣପର୍ବ ୭୦) । ଉତ୍କଳୀୟମାନେ ଏକ ନୂତନ ଅସଭ୍ୟ ଜାତି ଏବଂ ତାଙ୍କ ପ୍ରତିବେଶୀ ଜାତିଙ୍କ ସହିତ କିଛି ସୌସାଦୃଶ୍ୟ ନଥିଲା (ମାର୍କଣ୍ଡେୟପୁରାଣ ୫୭; ହରିବଂଶ ୧୦-୨୩୧-୩୨) ଇତି ।

ମଜୁମଦାର ମହାଶୟଙ୍କ ସିଦ୍ଧାନ୍ତ ଉତ୍ତରରେ କିଛି କହିବା ପୂର୍ବରୁ ଅନ୍ୟ କେତେକଗୁଡ଼ିଏ ଶାସ୍ତ୍ରୋକ୍ତ ପ୍ରମାଣ ଉଦ୍ଧାର କରିଦେବା ଆବଶ୍ୟକ ।

ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍କଳଃ ସ୍ମୃତଃ,
ଉତ୍କଳସ୍ୟ ସମୋଦେଶଃ ଦେଶୋ ନାସ୍ତି ମହୀତଳେ । (କପିଳସଂହିତା)

ସାରସ୍ୱତାଃ କାନ୍ୟକୁବ୍ଜା ଉତ୍କଳାଃ ମୈଥିଳାଶ୍ଚ ଯେ,
ଗୌଡ଼ାଶ୍ଚ ପଞ୍ଚଧା ଚୈବ ପଞ୍ଚଗୌଡ଼ା ପ୍ରକୀର୍ତ୍ତିତାଃ । (ସ୍କନ୍ଦପୁରାଣ ସାହ୍ୟାଦ୍ରି ଖଣ୍ଡ)

ଭାରତେ ଭାରତବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ,
ଓଡ୍ରଦେଶ ଇତି ଖ୍ୟାତଃ ସ୍ୱର୍ଗମୋକ୍ଷପ୍ରଦାୟକଃ
ସମୁଦ୍ରାଦୁତ୍ତରେ ତାବଦ୍ ଯାବଦ୍ ବିରଜାମଣ୍ଡଳମ୍ । (ବ୍ରହ୍ମାଣ୍ଡପୁରାଣ)

ଋଷିକୁଲ୍ୟାଂ ସମାସାଦ୍ୟ ଯାବଦ୍ଧି ବୈତରଣୀ ନଦୀ,
ତୀର୍ଥଯାତ୍ରା କଳାଭକ୍ତ ପୁନାସ୍ଥାୟୀନମର୍ଦ୍ଦିତ । (ସ୍କନ୍ଦପୁରାଣ)

ଓଡ୍ର ଉତ୍କଳ ନାମାନୌ ମଧ୍ୟଃ କଥ୍ୟତେ ମତାଃ । (ଶକ୍ତିଭାଣ୍ଡଶେଷ)

ଓଡ୍ରଦେଶ ଇତି ଖ୍ୟାତୋ ବର୍ଷେ ଭାରତ ସଂଜ୍ଞିତମ୍,
ଦକ୍ଷିଣସ୍ୟୋଦଧେସ୍ତୀରେ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମମ୍ ।
ତତ୍ର ନୀଳଗିରିର୍ନାମ ଘନଗ୍ରାମ କାନନାବୃତମ୍
ତସ୍ୟୋପରିଷ୍ଟାଦ୍ଦିଶି ଖ୍ୟାତଂ କୃଷ୍ଣଂ ସୌଦର୍ଶନଂ ସଂଜ୍ଞିତମ୍ । (ସ୍କନ୍ଦପୁରାଣ)

ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟନ୍ୟ ପୃଥିବୀତଳେ
ଭୁକ୍ତିମୁକ୍ତି ପ୍ରଦଂ ଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍ । (ବୃହଦ୍ ନୃସିଂହପୁରାଣ)

ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚୀ ଅବନ୍ତିକା,
ପୁରୀ ଦ୍ୱାରାବତୀ ଚୈବ ସପ୍ତୈତା ମୋକ୍ଷଦାୟିକା ।
ସୀମାନ୍ତୁତ୍କଳ ଦେଶସ୍ୟ ବୈତରଣ୍ୟା ବନାନ୍ତରେ
ମାର୍ଗସ୍ଥାଂ ଚଣ୍ଡିକାଂ ପ୍ରାପ୍ୟ ଚର୍ଚ୍ଚିତାଂ ମୁଣ୍ଡମାଳୟା ।

ପୁରୁଷୋତ୍ତମାତ୍ ପରଂ ଶ୍ରେଷ୍ଠଂ ନାସ୍ତ୍ୟନ୍ୟଦ୍ ଭବମୋଚନମ୍
ଯତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ୟାଜ ଶରୀରଭୃତ୍ । (ଶିବପୁରାଣ)

କଣ୍ଟକା ବଙ୍ଗାସ୍ତ ପିଣ୍ଡା ଉଦେଣ୍ଡା ତାମ୍ରଲିପ୍ତକାଃ
ଓଡ୍ରାଃ ମ୍ଲେଚ୍ଛାଃ ସଚେତନ୍ତ୍ରାଃ ପାର୍ବତୀୟାଶ୍ଚ ମାରିଷ । (ଭୀଷ୍ମପର୍ବ ୯-୫୯)
ପାଣ୍ଡ୍ୟାଂଶ୍ଚ ଦ୍ରାବିଡ଼ା ଶ୍ଚୈବ ସହିତାଂ ଶ୍ଚୋଡ୍ର କେରଳୈ
ଅନ୍ଧ୍ରାଂ ସ୍ତାଳବନାଂ ଶ୍ଚୈବ କଳିଙ୍ଗାନୁଷ୍ଟ୍ରକର୍ଣ୍ଣିକାନ୍ । (ସଭାପର୍ବ ୩୧ । ୧୧)
ତୀନାଂଶ୍ଚୈବ ତଥା ଓଡ୍ରାନ୍ ପର୍ବତାନ୍ ବନବାସିନଃ । (ସଭାପର୍ବ-୫୧)

ବଙ୍ଗାନ୍ ପୌଣ୍ଡ୍ରାନ୍ ଚେଷ୍ଟୁଲ ଦ୍ରାବିଡ଼ୀଣ୍ଡକାନ୍
ଯତ୍ର ସର୍ବାନ୍ ମସ୍ତ୍ରପାଳାନ୍ ଶତ୍ରୁତେଜା ଭସ୍ମୀକୃତାନ୍ । (ବନପର୍ବ-୬୧)

ତଥୈବ ଗୋଦାବରୀଂ ରମ୍ୟାଂ କୃଷ୍ଣବେଣୀଂ ମହାନଦୀଂ
ମେକଳାନୁତ୍କଳାଂ ଶ୍ଚୈବ ଦଶାର୍ଣ୍ଣନଗରାଣ୍ୟପି ।
ତଥା ମତ୍ସ୍ୟାଃ କଳିଙ୍ଗାଶ୍ଚ କୌଶିକାଶ୍ଚ ସମନ୍ତତଃ
ଅନ୍ୱୀକ୍ଷ୍ୟ ଦଣ୍ଡକାରଣ୍ୟଂ ସପର୍ବତ ନଦୀଗୁହାଂ । (କିଷ୍କିନ୍ଧାକାଣ୍ଡ-୪୧)

ଜଗନ୍ନାଥପ୍ରାନ୍ତଦେଶ ଉତ୍କଳାଃ ପରିକୀର୍ତ୍ତିତଃ । (ଉତ୍କଳମାହାତ୍ମ୍ୟ)

ଜଗନ୍ନାଥାତ୍ ସମାରଭ୍ୟ କୃଷ୍ଣ ତୀରାନ୍ତଗଃ ଶିବେ
କଳିଙ୍ଗଦେଶଃ ସମ୍ପ୍ରୋକ୍ତୋ ବାମମାର୍ଗ ପରାୟଣ । (ଶକ୍ତିସଙ୍ଗମତନ୍ତ୍ର)

ଉତ୍କଳା ମେକଳାଃ ପୌଣ୍ଡ୍ରାଃ କଳିଙ୍ଗା ଆନ୍ଧ୍ର ସଂଯୁତେ
ନିଷାଦାଶ୍ଚ ତ୍ରିଗର୍ତ୍ତାଶ୍ଚ ବାଲ୍ହିକାଶ୍ଚ କଭାଭ୍ୟୟୁଃ । (ଦ୍ରୋଣପର୍ବ)

ଉତ୍କଳାଦର୍ଶିତପଥଃ କଳିଙ୍ଗାଭିମୁଖୋ ଯଯୌ
ତ୍ରିସ୍ୱଂ ମହେନ୍ଦ୍ରନାଥସ୍ୟ କହ୍ଲାର ନଗୁ ମେଖଳମ୍ ।
ଭତ୍ରୀ ଯନ୍ତ୍ରପ୍ରତାରେଣ ଜଗାମ ବହୁଧାଧ୍ୱଗଃ
ଦ୍ୱୀପଭୂମିଃ ସମ୍ପୃତୋ ଯାଃ କଳିଙ୍ଗାନ୍ ପ୍ରତି ଭାରତ ।
ତତ୍ପ୍ରାପ୍ୟୋତ୍କଳୋ ରମ୍ୟା ପ୍ରଜନ୍ ବିମଳଶ୍ଚ ନିମ୍ନଃ ସ୍ରୁତାଃ
ଦକ୍ଷିଣା ଯଣ ପ୍ରଜାଦେବା ବହୁବୃର୍ଦ୍ଧସ୍ଥ ବହୁଳାଃ । (ମହାଭାରତ)

ଉଦୟଗିରି ଭଦ୍ରଗୌଡ଼କ ପୌଣ୍ଡ୍ରୋତ୍କଳ କାଶିମେକଳାମ୍ବଷ୍ଠା
ତାମ୍ରଲିପ୍ତକ କୋଶଲକ ବର୍ଦ୍ଧମାନଶ୍ଚ ଆଗ୍ନେୟ୍ୟାଂ ଦିଶି କୋଶଳ
କଳିଙ୍ଗ ବଙ୍ଗୋପବଙ୍ଗ ଜଠରାଙ୍ଗ । (ବୃହତ୍ ସଂହିତା)

ଏହାକୁ ଶାସ୍ତ୍ରୀୟ ବର୍ତ୍ତମାନ ମଜୁମଦାର ମହାଶୟଙ୍କ ଯୁକ୍ତିତର୍କକୁ ସମ୍ପୂର୍ଣ୍ଣ ଖଣ୍ଡନ କରୁଛୁ । ମଜୁମଦାର ମହାଶୟ ଖ୍ରୀଷ୍ଟାବ୍ଦରେ ଯେଉଁ ଶ୍ଲୋକ ଉପରେ ନିର୍ଭର କରନ୍ତି, ତାର ଅର୍ଥ ଦେଖାଯାଉ । ସେ ବୋଧହୁଏ ମ୍ଲେଚ୍ଛ ବା ବର୍ବର ଶବ୍ଦକୁ ଓଡ୍ରର ପ୍ରତିଶବ୍ଦ ମନେ କରନ୍ତି; ମାତ୍ର ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ମ୍ଲେଚ୍ଛ ବର୍ବର ଅର୍ଥ ଜାତିବିଶେଷ । ଏ ଶ୍ଲୋକରେ କେବଳ କେତେକ ଜାତିର ନାମ ଲେଖା ଅଛି ।

ମଜୁମଦାର ମହାଶୟ ଆଉରି ଏକ ଅଦ୍ଭୁତ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ସେ କହନ୍ତି, କଳିଙ୍ଗର ଭାଗ୍ୟଶାଳୀ ଲୋକେ ଅଶୋକଙ୍କ ଆକ୍ରମଣର ବହୁକାଳ ପୂର୍ବରେ ବର୍ମାରେ ଏକ ରାଜ୍ୟ ସ୍ଥାପିତ କରିଥିଲେ । ବର୍ମାର ନୂତନ ଉପନିବେଶସ୍ଥାପକମାନେ ମୁଦୁକଳିଙ୍ଗ ବୋଲି ପରିଚିତ ଥିଲେ । ଭାରତରେ ମୁଦୁକଳିଙ୍ଗ ନାମ ତଲିଙ୍ଗମାନଙ୍କର ଥିଲା । ମୁଦୁକଳିଙ୍ଗର ପଶ୍ଚିମକୁ ଏକ ପାର୍ବତ୍ୟ ଭୂଖଣ୍ଡ ଥିଲା । ସେହି ଭୂଖଣ୍ଡର ନାମ ଉତ୍କଳ ଥିଲା । ଉତ୍କଳ ନାମ ସେହି ଭୂଖଣ୍ଡର ଅସମତଳ ପ୍ରକୃତିର ପରିଚାୟକ । ସୁତରାଂ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟ ଉତ୍କଳ ଏବଂ ଓଡ୍ର ବାହାରେ ଥିଲା । କଳିଙ୍ଗ ଲୋକମାନଙ୍କ ଆଚାର-ବ୍ୟବହାର ସେହି ଅସମତଳ ପାର୍ବତ୍ୟ ଓଡ୍ର ଭୂଖଣ୍ଡ ବା ଉତ୍କଳ ଲୋକଙ୍କ ଆଚାର-ବ୍ୟବହାର ସଙ୍ଗେ ଏକପ୍ରକାର ନ ଥିଲା । ମଜୁମଦାର ମହାଶୟ ଏ ବିଷୟକୁ ଗୋଟିଏ ମୂଲ୍ୟବାନ୍ ଐତିହାସିକ ସାମଗ୍ରୀ ବୋଲି କହନ୍ତି । ଏହି ପ୍ରମାଣ ଦେଇ ସେ ସିଦ୍ଧାନ୍ତ କରନ୍ତି ଯେ କଳିଙ୍ଗମାନେ ଉତ୍କଳୀୟମାନଙ୍କୁ ଘୃଣା କରୁଥିଲେ; ସୁତରାଂ ସେମାନେ ଅସଭ୍ୟ ଥିଲେ । ଏତାଦୃଶ ଅଦ୍ଭୁତ କଳ୍ପନାଶକ୍ତିକି ଧନ୍ୟ ! ମନେହୁଏ ପ୍ରତ୍ନତତ୍ତ୍ୱାନୁସନ୍ଧାନ ବିଷୟରେ ଏ ମହାଶୟ ଶ୍ରେଷ୍ଠ ଲେଖକଙ୍କୁ ବଳାଇଛନ୍ତି । ଭୂଖଣ୍ଡଟା ଅସମତଳ, ସୁତରାଂ ଲୋକଙ୍କ ଆଚାର-ବ୍ୟବହାର ଅସମତଳ ବା ଅସଭ୍ୟଜନୋଚିତ, ଏ ସିଦ୍ଧାନ୍ତ ବାଳକୋଚିତ ପରି ବୋଧହୁଏ ।

ମଜୁମଦାରଙ୍କର ଆଉ ଏକ ଯୁକ୍ତି ଶୁଣନ୍ତୁ ! ରଘୁମହାରାଜଙ୍କୁ ଉତ୍କଳୀୟମାନେ କେବଳ ବାଟ ଦେଖାଇ ଦେଇଥିଲେ; ସୁତରାଂ ଉତ୍କଳୀୟମାନେ ଅସଭ୍ୟ ଥିଲେ । ସେମାନଙ୍କର ସ୍ୱାଧୀନ ଶାସନ ନ ଥିଲା; ତେଣୁ ରଘୁମହାରାଜା ସେମାନଙ୍କୁ ଜୟ କରିବାକୁ ଇଚ୍ଛା କରିନଥିଲେ । ଦୂରଦର୍ଶୀ ଲୋକ ନ ହେଲେ ଏପରି ଅନୁମାନ କରିପାରିବା ଅସମ୍ଭବ । କେହି ଅନ୍ୟକୁ ବାଟ ଦେଖାଇଦେବାକୁ କହିଲେ ଏବଂ ସେ ତାକୁ ବାଟ ଦେଖାଇଦେଲେ ପଥପ୍ରଦର୍ଶକର ଅସଭ୍ୟତା କିପରି ପ୍ରମାଣିତ ହେଲା, ଏହା ବୁଝିବାକୁ ଆମେ ଅକ୍ଷମ । ରଘୁବଂଶବର୍ଣ୍ଣିତ ନ ହେଲେ ଏପରି ସିଦ୍ଧାନ୍ତ କରିବା ଅସମ୍ଭବ । ପାଠକମାନେ ସହଜରେ ଏଥିର ସାରବତ୍ତା ଉପଲବ୍ଧି କରିପାରିବେ । ଏକ ଦେଶର ଲୋକ ଅନ୍ୟ ଦେଶର ଲୋକଙ୍କୁ ଅସଭ୍ୟ ବୋଲି କହିବାର କିଛି ଅର୍ଥ ନାହିଁ । ପ୍ରତ୍ୟେକ ସ୍ୱଦେଶ ବା ଦେଶବାସୀ ଆପଣାକୁ ସଭ୍ୟ ବୋଲି ଗର୍ବ କରେ ଏବଂ ସେହି ଆନନ୍ଦରେ ଅନ୍ୟ ଦେଶ ବା ପ୍ରଦେଶବାସୀଙ୍କୁ ଅସଭ୍ୟ ବୋଲି କହିବା ପାଇଁ କୌତୂହଳ ମନେକରେ । ଏହା ଅନେକ

ସ୍ଥଳରେ ଦେଖାଯାଏ । ବୈଦେଶିକମାନଙ୍କ ଲେଖାରେ ଉତ୍କଳ ସମ୍ବନ୍ଧୀୟ ଅତିରଞ୍ଜିତ ଅପ୍ରାକୃତିକ ବିବରଣ ଏବଂ ସନ୍ଦେହ ଓ ବହୁ ପ୍ରାଚୀନ ବର୍ଣ୍ଣନାପୂର୍ଣ୍ଣ ଐତିହାସିକ ତଥ୍ୟଗୁଡ଼ିକୁ ବାଦ୍ ଦେଇ ପାଠକମାନେ ସୂକ୍ଷ୍ମଭାବରେ ଆଲୋଚନା କରିବା ପାଇଁ ଅନୁରୋଧ କରୁଅଛୁଁ ।

ସଭ୍ୟତା ଅର୍ଥ କଣ ? କେବଳ ପୋଷାକ-ପରିଚ୍ଛଦ, ଆଚାର-ବ୍ୟବହାର ସଭ୍ୟତାର ପରିଚାୟକ ବା ପରିମାପକ ନୁହେଁ । ପୋଷାକ-ପରିଚ୍ଛଦ, ଖାଦ୍ୟ, ଆଚାର-ବ୍ୟବହାର ଜଳବାୟୁର ଉପଯୋଗୀ ବା ଅନୁପଯୋଗୀ ଅନୁସାରେ ଭିନ୍ନଭିନ୍ନ ଦେଶରେ ଭିନ୍ନ ଭିନ୍ନ ପ୍ରକାରର ହେବା ସ୍ୱାଭାବିକ । ସୁତରାଂ ଏକ ଦେଶର ଲୋକମାନଙ୍କ ପୋଷାକ-ପରିଚ୍ଛଦ ପ୍ରଭୃତିକୁ ଆଦର୍ଶ ମନେକରି ଅନ୍ୟ ଦେଶବାସୀଙ୍କ ପୋଷାକ-ପରିଚ୍ଛଦ ପ୍ରଭୃତିକୁ ଅସଭ୍ୟତାର ପରିଚାୟକ ବୋଲି ବୁଝାଯାଇ ନପାରେ । ପ୍ରାଚୀନ କଥା ଅଛି, "ଯେ ଦେଶ ଯାଇ ସେ ଫଳ ଖାଇ ।" ଯେଉଁ ଦେଶର ଆଚାର-ବ୍ୟବହାର, ଖାଦ୍ୟ, ପୋଷାକ ସେହି ଦେଶର ଉପଯୋଗୀ; ଅନ୍ୟ ଦେଶପ୍ରତି ଉପଯୋଗୀ ହୋଇ ନପାରେ । ସଭ୍ୟତାର ପ୍ରକୃତ ପରିମାପକ ଜ୍ଞାନ । ଯେଉଁ ଦେଶବାସୀ ଜ୍ଞାନସୋପାନର ଯେତେ ଉଚ୍ଚକୁ ଉଠିପାରିଥିଲେ ବା ପାରିବେ, ସେମାନେ ସେତେ ସଭ୍ୟ ଥିଲେ ବା ସଭ୍ୟ ହେବେ । ବାହ୍ୟରଙ୍ଗ ଆବରଣ ସଭ୍ୟତାର ପ୍ରକୃତ ପରିମାପକ ନୁହେଁ । ବୈଦେଶିକମାନଙ୍କ ଲେଖା ସେ ପ୍ରକାର; ସେଥିକୁ ଲେଖା ଅଧିକ ସ୍ଥଳରେ ଲୋକେ ପ୍ରମାଦରେ ପଡ଼ୁଛନ୍ତି । କୌଣସି ଉତ୍କଳୀୟ ଧାରାବାହିକ ଇତିହାସ ଲେଖି ନଥିବା ଏବଂ ବୈଦେଶିକମାନଙ୍କ ଲେଖାର ଉଚିତ ପ୍ରତିବାଦ କରି ନ ଥିବାରୁ ଲୋକେ ସେସବୁ ଲେଖା-ଗୁଡ଼ିକ ଅକାଟ୍ୟ ପ୍ରମାଣ ବୋଲି ଧରିନେଉଛନ୍ତି । ଅନେକ ସ୍ଥଳରେ ଉକ୍ତ ଲେଖାର ଅଧିକାଂଶ ଭିତ୍ତି ମିଥ୍ୟା, କାଳ୍ପନିକ, ଅସାର, ଅତିରଞ୍ଜିତ, ଈର୍ଷ୍ୟାପୂର୍ଣ୍ଣ, ପ୍ରାଚୀନପ୍ରମାଣବର୍ଜିତ ଥିବାରୁ ଲେଖକମାନଙ୍କର ଅନଭିଜ୍ଞତାର ପୂର୍ଣ୍ଣ ପରିଚୟ ମିଳେ ।

ଅଷ୍ଟାଦଶ-ପୁରାଣବେତ୍ତା ବେଦବ୍ୟାସ ଏ ପ୍ରକାର ଲୋକ ନୁହନ୍ତି । ସେ ମହାଭାରତ ରଚନା କରିଥିଲେ । ମହାଭାରତର ପ୍ରାଚୀନତ୍ୱ ସମ୍ବନ୍ଧେ ପୂର୍ବେ କୁହାଯାଇଛି । ଉତ୍କଳ ପୁଣ୍ୟଭୂମି ବୋଲି ଭୂରି ଭୂରି ଶାସ୍ତ୍ରପ୍ରମାଣ ଅଛି । ହଣ୍ଟର ସାହେବଙ୍କ ପରି ଲେଖକ ଯେଉଁ ଉତ୍କଳକୁ ପାପୀ ଦେଶ ବୋଲି ବର୍ଣ୍ଣନା କରିଅଛନ୍ତି, ତାହା ପାଠକମାନେ ନିମ୍ନଲିଖିତ କେତେଗୋଟି ପ୍ରମାଣ ଦେଖିଲେ ତହିଁର ସତ୍ୟତା ବୁଝିପାରିବେ ।

ସାଗରସ୍ୟୋତ୍ତରେ ତୀରେ ମହାନଦ୍ୟାସ୍ତୁ ଦକ୍ଷିଣେ
ସ ପ୍ରଦେଶ ପୃଥିବ୍ୟାଂ ହି ସର୍ବତୀର୍ଥ ଫଳପ୍ରଦଃ । ( ସ୍କନ୍ଦ )

ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ । ( ତନ୍ତ୍ରଯାମଳ )

ଉତ୍କଳେ ବିରଜା ନାମ ବ୍ରାହ୍ମଣୀ ସୁପ୍ରତିଷ୍ଠିତା
ଯସ୍ୟାଃ ସନ୍ଦର୍ଶନେ ମର୍ତ୍ତ୍ୟଃ ପୁନାତ୍ୟାସପ୍ତମଂ କୁଳମ୍ । ( ବ୍ରହ୍ମାଣ୍ଡ )

ସନ୍ତି ତୀର୍ଥାନି ସର୍ବାଣି ପୁଣ୍ୟସ୍ଥାନ୍ୟାୟତନାନି ଚ ।
ଉତ୍କଳେ ତୁ ମୁନି ଶ୍ରେଷ୍ଠା ଦେବତାୟତନାନି ତାନିବୈ
ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମାଃ ।
ଆସ୍ତେ ପୁଣ୍ୟ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପନାଶନମ୍ ।
ଧନ୍ୟାସ୍ତେ ମନୁଜ ପ୍ରାଜ୍ଞା ଯେ ବସନ୍ତ୍ୟୁତ୍କଳେ ଜନାଃ ।
ତୀର୍ଥରାଜ ଜଳେ ସ୍ନାତ୍ୱା ପଶ୍ୟନ୍ତି ପୁରୁଷୋତ୍ତମମ୍
ସ୍ୱର୍ଗେ ବସନ୍ତି ତେ ମର୍ତ୍ତ୍ୟା ନ ବସନ୍ତି ଯମାଳୟେ । ( ବ୍ରହ୍ମପୁରାଣ )

ତସ୍ୟାସ୍ତେ ଭାରତେବର୍ଷେ ଦକ୍ଷିଣୋଦଧି ସନ୍ନିଧୌ
ଉଡ୍ରଦେଶ ଇତି ଖ୍ୟାତଃ ସର୍ବମୋକ୍ଷପ୍ରଦାୟକଃ । ( ରଘୁନନ୍ଦନ )

ନୀଳାଦ୍ରୌ ଦେବଦେବେଶଂ ବୈକୁଣ୍ଠଂ ମାଧବେ ଯଦେ
ସଂପାପନ୍ନେଶ୍ୱରଃ ଯତ୍ନୋ ଯତ୍ରେ ଶ୍ରୀପୁରୁଷୋତ୍ତମମ୍ । ( କୂର୍ମ୍ମପୁରାଣ )

ହଣ୍ଟର ସାହେବ ଭାରତକୁ ଆସିବାର ବହୁ ଶତ ବର୍ଷ ପୂର୍ବେ ଏ ପୁରାଣମାନ ରଚିତ ହୋଇଥିଲା । ହଣ୍ଟର ସାହେବ ଏଗୁଡ଼ିକ ପ୍ରାଚୀନ ପ୍ରମାଣ ପାଇଥିଲେ ଏପରି ଲେଖି ନଥାନ୍ତେ । ସେ କେବଳ ଶୁଣାକଥାରେ ନିର୍ଭର କରି କିମ୍ବା ନିଜ କଳ୍ପନା ବଳରେ ଏପରି ଲେଖିଛନ୍ତି । ଭାରତର ପ୍ରାଚୀନ ସଭ୍ୟତା ବିଷୟ ସେ ସ୍ୱୀକାର କରିପାରିବେ ନାହିଁ । ଅନ୍ୟାନ୍ୟ ଜାତି ସଭ୍ୟ ହୋଇ ପାରିବାର ଦେଖିବାର ବହୁସହସ୍ର ବର୍ଷ ପୂର୍ବେ ହିନ୍ଦୁମାନେ ସଭ୍ୟତାର ଉନ୍ନତମ ସୋପାନରେ ଅଧିଷ୍ଠିତ ଥିଲେ । ଚୀନପରିବ୍ରାଜକ ହୁଏନ୍‌ତ୍‌ସାଂ ହଣ୍ଟର ସାହେବ ଭାରତକୁ ଆସିବାର ବହୁକାଳ ପୂର୍ବେ ଉତ୍କଳକୁ ଆସିଥିଲେ । ସେ ଲେଖିଛନ୍ତି, "ଓଡ୍ରଦେଶର ଉର୍ବର ଭୂମିରେ ସକଳପ୍ରକାର ଶସ୍ୟ ହେଉଥିଲା । ଦେଶର ଅଧିକାଂଶ ଅଧିବାସୀ ଅସଭ୍ୟ; ମାତ୍ର ବିଦ୍ୟାନୁରାଗୀ ଥିଲେ ।" ଯେଉଁମାନେ ବିଦ୍ୟାନୁରାଗୀ ଥିଲେ, ସେମାନେ ଅସଭ୍ୟ ହେଲେ କିପରି ? ଆଶ୍ଚର୍ଯ୍ୟ । ସଭ୍ୟତାର ମାପକାଠି । ଏ ମହାଶୟ ଚାଲିଚଳଣି ପୋଷାକ-ପରିଚ୍ଛଦ ତୁଳନାରେ ଉତ୍କଳୀୟମାନଙ୍କୁ ଅସଭ୍ୟ ଥିବାର ସିଦ୍ଧାନ୍ତ କରିଛନ୍ତି; ଅନ୍ୟଥା ଅନ୍ୟ କିଛି ମୂଳ ନାହିଁ । ପାଶ୍ଚାତ୍ୟ ପଣ୍ଡିତମାନେ ଏହି ଭ୍ରାନ୍ତ ଧାରଣାର ବଶୀଭୂତ ହୋଇ ଆମକୁ ଅସଭ୍ୟ ବୋଲି ଲେଖିଯାଇଛନ୍ତି । ଏଥିରେ ବିଶେଷ ଆଶ୍ଚର୍ଯ୍ୟର କଥା କିଛି ନାହିଁ । ଅଦ୍ଭୁତ କଥା ଏଦେଶୀୟ ଲେଖକମାନଙ୍କ ମଧ୍ୟରୁ କେତେକ ଅପରିଣାମଦର୍ଶୀ ଏବଂ ପାଶ୍ଚାତ୍ୟ ସଭ୍ୟତା-ଅନୁକରଣପ୍ରିୟ ଲେଖକ ସେହିପରି ଭ୍ରମରେ ପଡ଼ିଛନ୍ତି । ଏମାନଙ୍କ ଲେଖନୀପ୍ରସୂତ ବହୁ ପୁସ୍ତକ ଲେଖା କେବଳ ପାଶ୍ଚାତ୍ୟ ଲେଖାର ଅନୁବାଦ । ସେ ବିଷୟରେ ବିଶେଷ ଲେଖିବା ଅନାବଶ୍ୟକ ।

୧୫୮୦ ଖ୍ରୀଷ୍ଟାବ୍ଦରେ ଅକବରଙ୍କ ପ୍ରଧାନମନ୍ତ୍ରୀ ଶିବାଇ ଜୟସିଂହ ବହୁତ ସୈନ୍ୟସାମନ୍ତ ନେଇ ଓଡ଼ିଶା ଆକ୍ରମଣ କରିଥିଲେ । ପୁଣ୍ୟତୋୟା ମହାନଦୀ, ଅସଂଖ୍ୟ ବ୍ରାହ୍ମଣ ଓ ଦେବାଳୟ

ଦେଖି ବିମୁଗ୍ଧ ହୋଇଥିଲେ ଏବଂ ସେଥିପାଇଁ କହିଲେ—ଉତ୍କଳ ଦେବଭୂମି, କେବଳ ତୀର୍ଥଭୂମି; ମନୁଷ୍ୟ ବାସମନରେ ଯୋଗ୍ୟ ନୁହେଁ। ବିଦେଶୀୟ ରାଜାଙ୍କ ହସ୍ତେ କ୍ଷମତା ଅର୍ପଣ କରି ଦେଇଗଲେ। ଉତ୍କଳର ପୁଣ୍ୟକ୍ଷେତ୍ରମାନ ଯେପରି ଚତୁର୍ଦ୍ଦିଗରେ ହୋଇ ରହିଛି, ତହିଁରୁ ସୁସଂଗଠିତ ସ୍ଥାନର ନିଦର୍ଶନ ମିଳେ।

ଯମପୁର
ବୈତରଣୀ ନଦୀ
ଯାଜପୁର (ପାପଖଣ୍ଡନ)
ଅର୍କକ୍ଷେତ୍ର (କୋଣାର୍କ) ଦକ୍ଷିଣପୂର୍ବ
ଶିବକ୍ଷେତ୍ର (ଭୁବନେଶ୍ୱର) ଏକାମ୍ରକାନନ ଦକ୍ଷିଣପଶ୍ଚିମ
ବିଷ୍ଣୁକ୍ଷେତ୍ର (ପୁରୀ)

ସୁରସେବିତ ପୁଣ୍ୟତୋୟା ପ୍ରାଚୀ ନଦୀ ଉତ୍କଳରେ ପ୍ରବାହିତ। ସ୍କନ୍ଦଶ୍ରୀ, କ୍ଷୀଣକଳେବର ପ୍ରାଚୀ ଫୁଲନଖରଠାରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି। ପ୍ରାଚୀକୂଳ ତୀର୍ଥଭୂମି। କିମ୍ବଦନ୍ତୀ ଅଛି, ରାମଚନ୍ଦ୍ରଙ୍କ ବନବାସ ବେଳେ ସେ ପ୍ରାଚୀକୂଳରେ କିଛି ସମୟ ଥିଲେ; ରାମେଶ୍ୱର ମହାଦେବଙ୍କୁ ପ୍ରତିଷ୍ଠା କରିଥିଲେ। ମହାରାଜା ଯୁଧିଷ୍ଠିର ବନବାସ ବେଳେ ଏହି ପ୍ରାଚୀକୂଳରେ କିଛି ସମୟ ଥିଲେ ଏବଂ ମାଧବାନନ୍ଦଙ୍କୁ ପ୍ରତିଷ୍ଠା କରିଥିଲେ ଏବଂ ମାଧବଗ୍ରାମ ବସାଇଥିଲେ। ମାଧବଗ୍ରାମ କଅଁଳୀ ନିକଟରେ। ପ୍ରାଚୀକୂଳରେ ଅଗ୍ନିବେଦୀ, ବିଶ୍ୱାମିତ୍ର, ଦଧୀଚି ଆଶ୍ରମ ଅଛି। ବିଶେଷ ବିବରଣୀ 'ପ୍ରାଚୀମାହାତ୍ମ୍ୟ'ରୁ ଜଣାଯିବ।

ଏ ସମସ୍ତ ଆଲୋଚନା କଲେ ଉତ୍କଳର ପ୍ରାଚୀନତା, ପବିତ୍ରତା, ସଭ୍ୟତା ପ୍ରଭୃତି ସମ୍ବନ୍ଧରେ ଭୂରିଭୂରି ପ୍ରାଚୀନ ପ୍ରମାଣ ମିଳିବ। ପୂର୍ବାପର ଆଲୋଚନା ନକରି ଯେଉଁମାନେ ଆପଣା କଳ୍ପନା, ଅନୁମାନ ଉପରେ ନିର୍ଭର କରି ଅବହେଳାକ୍ରମେ ଲେଖନୀ ଧରନ୍ତି, ସେମାନଙ୍କୁ ପ୍ରକୃତ ଲେଖକ କୁହାଯିବ ନାହିଁ। ସେମାନଙ୍କ ଲେଖାରୁ ଅବହେଳାକ୍ରମେ ଆଗାମୀ ଉତ୍କଳର ଭାବୀ ବଂଶଧରମାନେ ପ୍ରକୃତ ତଥ୍ୟାଲୋଚନାରେ ପ୍ରବୃତ୍ତ ହେବେ।

ଉତ୍ଥାନ ପତନ ପ୍ରକୃତିର ନିୟମ। କୌଣସି ଜାତି ଚିରକାଳ ଯାବଚ୍ଚନ୍ଦ୍ରାର୍କେ ଉନ୍ନତ ହୋଇ ରହିନାହିଁ। ଅନେକ ପ୍ରାଚୀନ ସଭ୍ୟ ଦେଶ ଆଜି ଭୂଗର୍ଭରେ ଲୀନ ହୋଇଯାଇଛି। କେତେକ ଦେଶରେ ପ୍ରାଚୀନ ସଭ୍ୟତାର ଚିହ୍ନ ପର୍ଯ୍ୟନ୍ତ ନାହିଁ। କେତେକ ଅସଭ୍ୟ ଦେଶ ଆଜି ସଭ୍ୟତାର ଉଚ୍ଚତମ ଆସନରେ ଅଧିଷ୍ଠିତ। ମାତ୍ର ଯେ ସଭ୍ୟ ହୋଇ ପତିତ, ସେ ଅନ୍ୟ ଦେଶସ୍ଥିତ ଉଦାର ଦୃଷ୍ଟି ନ ଦେଇ ଅବହେଳାକ୍ରମେ ସେମାନଙ୍କ ଇତିହାସ ଲେଖିବା ଅତି ଅନ୍ୟାୟ। ଉତ୍କଳ ସମ୍ବନ୍ଧରେ ଏହି କଥା ଘଟିଛି। ତଥାପି ପ୍ରକୃତ

ଅବଲୋକନ କଲେ ଜଣାଯାଏ, ଉତ୍କଳର ପ୍ରାଚୀନ ଗୌରବ ଏପର୍ଯ୍ୟନ୍ତ ଲୋପ ହୋଇନାହିଁ । ଏପର୍ଯ୍ୟନ୍ତ ପାପୀ କାଳା ମୂର୍ତ୍ତିପାପୁ କେବେ ଉତ୍କଳରେ ଶାନ୍ତିଲାଭ କରିବାକୁ ଦେଇଅଛନ୍ତି । ସୁତରାଂ ଲେଖକମାନଙ୍କ ଉଦ୍ଧୃତ ବାକ୍ୟୋକ୍ତ ପ୍ରତି ଦୃକ୍ପାତ ନକରି ଅନୁମାନକୁ ପ୍ରକୃତ ପୂର୍ବକ ଆଲୋଚନା କରିବାକୁ ହେବ ।

---

## ପ୍ରାଚୀନ ଉତ୍କଳ ।

### କଳିଙ୍ଗ ସମ୍ବନ୍ଧ ।

ପ୍ରଥମେ ନିର୍ଦ୍ଧାରଣୀୟ କଳିଙ୍ଗ ସଙ୍ଗେ ଉତ୍କଳର କି ସମ୍ବନ୍ଧ ଥିଲା । ଉତ୍କଳ କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା, କେତେବେଳେ ଉତ୍କଳ କଳିଙ୍ଗର ବାହାରେ ଥିଲା । ମହାଭାରତ, ରାମାୟଣରେ କଳିଙ୍ଗ ନାମ ଦେଖାଯାଏ । ଉତ୍କଳ ନାମ ମଧ୍ୟ ମହାଭାରତରେ ଦେଖାଯାଏ । କଳିଙ୍ଗ ବଳିରାଜାଙ୍କ ପୁତ୍ର ଥିଲେ ଏବଂ ତାଙ୍କ ଅଧିକୃତ ରାଜ୍ୟ ତାଙ୍କ ନାମରେ ଅଭିହିତ ହୋଇଥିଲା । ପ୍ରାଚୀନ କାଳରେ କଳିଙ୍ଗ ଗୋଟିଏ ସମୃଦ୍ଧିଶାଳୀ ରାଜ୍ୟ ଥିଲା । ତାହାର ବର୍ଣ୍ଣନା ନିମ୍ନଲିଖିତ ପୁସ୍ତକରେ ମିଳେ ।

ବୌଧାୟନ ସୂତ୍ର ୧-୧-୨, ମନୁସଂହିତା ୧୦ମ ଅଧ୍ୟାୟ, ରାମାୟଣ ୪୧ ସର୍ଗ କିଷ୍କିନ୍ଧାକାଣ୍ଡ ଓ ୬୯ ସର୍ଗ ଅଯୋଧ୍ୟାକାଣ୍ଡ, ମହାଭାରତ ବନପର୍ବ ୧୧୪ ଅଧ୍ୟାୟ, ହରିବଂଶ ୬୮ ଅଧ୍ୟାୟ ୩୩ଶ ଶ୍ଲୋକ, ରଘୁବଂଶ ୪ର୍ଥ ସର୍ଗ ୩୮ଶ ଶ୍ଲୋକ, ଶକ୍ତିସଙ୍ଗମତନ୍ତ୍ର, ବ୍ରହ୍ମାଣ୍ଡପୁରାଣ ଇତ୍ୟାଦି ।

ରାମାୟଣରେ କଳିଙ୍ଗ ଓ ଉତ୍କଳ ନାମୋଲ୍ଲେଖ ଦେଖାଯାଏ । କିଷ୍କିନ୍ଧାକାଣ୍ଡରେ ଯେପରି ବର୍ଣ୍ଣନା ଅଛି, ସେଥିରୁ ଜଣାଯାଏ, କଳିଙ୍ଗ ଉତ୍କଳର ଦକ୍ଷିଣ ପ୍ରଦେଶରେ ଅବସ୍ଥିତ । ଭରତ ଅଯୋଧ୍ୟାକୁ ମାତୁଳାଳୟରୁ ଫେରିବା ବାଟରେ କଳିଙ୍ଗ ନଗରର ପରିଚୟ ମିଳେ । ଭରତ ମାତୁଳାଳୟରୁ ଅଯୋଧ୍ୟାକୁ ଫେରିବାବେଳେ ଏଳେଶାଳା ନାମକ ଗ୍ରାମର ନିକଟବର୍ତ୍ତୀ ହ୍ରାଦିନୀ ନାମ୍ନୀ ନଦୀ ଉତ୍ତୀର୍ଣ୍ଣ ହୋଇ ଏକସାଲ ନାମକ ଗ୍ରାମକୁ ଯାଇ ସ୍ଥାଣୁମତୀପରବର୍ତ୍ତୀ ଗୋମତୀ ନାମ୍ନୀ ନଦୀ ପାରହୋଇ କଳିଙ୍ଗ ନଗରରେ ଉପସ୍ଥିତ ହେଲେ । ଏଥିରୁ ଜଣାଯାଏ, ଗୋମତୀ ଓ ଅଯୋଧ୍ୟା ମଧ୍ୟରେ କଳିଙ୍ଗ ଅବସ୍ଥିତ ଥିଲା । ଶ୍ରୀରାମଚନ୍ଦ୍ରଙ୍କ ସମୟରେ ତାଙ୍କ ବଂଶ କଳିଙ୍ଗ ଦେଶରେ ପ୍ରତିଷ୍ଠିତ ହୋଇଥିଲା ବୋଲି ପଦ୍ମପୁରାଣରେ ଲିଖିତ ଅଛି । ଚାକ୍ଷୁଷ ମନ୍ୱନ୍ତରର ସମୟରେ ପୁରଅନ୍ଧକାଙ୍କ ସଙ୍ଗେ ସୁମାଲ୍ୟ ନାମକ ବୈଶ୍ୟ ଭଗବତୀଙ୍କ ଉପାସନା କରୁଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରୁ ଜଣାଯାଏ, ସୁମାଲ୍ୟଙ୍କ ପିତାମହ ବୀରଧ କଳିଙ୍ଗର ରାଜା ଥିଲେ । ମହାଭାରତ ବନପର୍ବରେ

ଯୁଧିଷ୍ଠିରଙ୍କ ତୀର୍ଥଭ୍ରମଣ ବେଳେ କଳିଙ୍ଗର ନାମୋଲ୍ଲେଖ ଅଛି । ବୈଶମ୍ପାୟନ ଜନମେଜୟଙ୍କୁ କହୁଥିଲେ, ଯୁଧିଷ୍ଠିର ଗଙ୍ଗାସାଗରସଙ୍ଗମରୁ ଯାଇ ୫ ଶହ ନଦୀରେ ସ୍ନାନ କରି ଋଷିମାନଙ୍କ ସହିତ ସମୁଦ୍ରତୀର ବାଟେ କଳିଙ୍ଗ ଆଡ଼କୁ ଯାତ୍ରା କଲେ । ସେହି ସମୁଦ୍ରତୀରବର୍ତ୍ତୀ ଦେଶମାନଙ୍କୁ ଲକ୍ଷ୍ୟକରି ଲୋମଶ କହୁଥିଲେ—'ଏତେ କଳିଙ୍ଗା କୌନ୍ତେୟ ଯତ୍ର ବୈତରଣୀ ନଦୀ । ଯତ୍ରା ଯଜତ ଧର୍ମୋଽପି ଦେବାଞ୍ଶରଣ ମେତ୍ୟବୈ ।' ଏଥିରୁ ଜଣାଯାଏ, ସେତେବେଳେ ଯାଜପୁର ପର୍ଯ୍ୟନ୍ତ କଳିଙ୍ଗର ସୀମା ଥିଲା । ରଘୁବଂଶରେ ଅଛି—'ଅଙ୍ଗାଷ୍ଟ କଳିଙ୍ଗ-ସ୍ୱାମୁଦ୍ରଦ୍ରଭାଃ' । ଏଥିରୁ ଜଣାଯାଏ, କଳିଙ୍ଗ ତାମ୍ରଲିପ୍ତ ନିକଟରେ ଥିଲା । ଭୀଷ୍ମ-ପର୍ବରୁ ଜଣାଯାଏ, କଳିଙ୍ଗାଧିପତି ଶ୍ରୁତାୟୁ ଦୁର୍ଯ୍ୟୋଧନ ପକ୍ଷରେ ଯୁଦ୍ଧ କରିଥିଲେ ଏବଂ ଭୀମଙ୍କଦ୍ୱାରା ଦୁଇପୁତ୍ର ସହିତ ନିହତ ହୋଇଥିଲେ । କାଳିଦାସଙ୍କ ସମୟରେ କଳିଙ୍ଗ ଉତ୍କଳର ସୀମାନ୍ତରେ ଥିବାର ଦେଖାଯାଏ । ଶକ୍ତିସଙ୍ଗମ ତନ୍ତ୍ରରେ ଅଛି—

ଜଗନ୍ନାଥାତ୍ ପୂର୍ବଭାଗାତ୍ କୃଷ୍ଣାତୀରାନ୍ତଗଂ ଶିବେ
କଳିଙ୍ଗଦେଶଃ ସଂପ୍ରୋକ୍ତୋ ବାମମାର୍ଗ ପରାୟଣଃ ।
କଳିଙ୍ଗଦେଶମାରଭ୍ୟ ପଞ୍ଚାଶ୍ଚ ଯୋଜନଂ ଶିବେ
ଦକ୍ଷିଣସ୍ୟାଂ ମହେଶାନି କଳିଙ୍ଗ ପରିକୀର୍ତ୍ତିତଃ ।

ଧର୍ମବକସ୍ୟ ପୁରାଣ ଅଛି—

ଓଡ୍ରଦେଶାଦୂର୍ଦ୍ଧ୍ୱରେ ତ କଳିଙ୍ଗୋ ଦକ୍ଷିଣୋ ଭବେ
ତସ୍ମାତ୍ ଖ୍ୟାତମଦେଶସ୍ୟ ସଂଲେପେନ ତୁ ଦକ୍ଷିଣମ୍ ।

ମେଗାସ୍ଥିନିସ୍ ଓ ପ୍ଲିନି ପ୍ରଭୃତି ପାଶ୍ଚାତ୍ୟ ପଣ୍ଡିତମାନେ କଳିଙ୍ଗ ବିଷୟ ଆଲୋଚନା କରିଥିଲେ । ମେଗାସ୍ଥିନିସ୍‌ଙ୍କ ଉପାଦାନରୁ ଉପକୃତ ହୋଇ ପ୍ଲିନି ସାହେବ ଅନେକ ଭାରତର ଭୌଗୋଳିକ ବୃତ୍ତାନ୍ତ ଲେଖିଛନ୍ତି । ସେଥିରେ ତିନୋଟି କଳିଙ୍ଗର ନାମୋଲ୍ଲେଖ ଅଛି—(୧) କଳିଙ୍ଗ, (୨) ମାକ୍କୋ କଳିଙ୍ଗ ଏବଂ (୩) ଗଙ୍ଗାରିଡ଼ି କଳିଙ୍ଗ । ପ୍ରାଚୀନ ଶିଳାଲିପିରୁ ତ୍ରିକଳିଙ୍ଗ ନାମ ଥିଲା ବୋଲି ଜଣାଯାଏ । ମହାଭାରତରୁ ଜଣାଯାଏ, କଳିଙ୍ଗ ନାମ ଉତ୍କଳ ସମୟରେ ବାହ୍ୟ ଦେଶ ପକ୍ଷେ ପ୍ରଯୁକ୍ତ ହୋଇଥିଲା । ବିଷ୍ଣୁପୁରାଣ ଟୀକାରେ ଅଧ୍ୟାପକ ହୋରେସ୍ ଉଇଲ୍‌ସନ୍ ତିନୋଟି 'କଳିଙ୍ଗ' ଉଲ୍ଲେଖ କରିଛନ୍ତି । ତେଡ ରାଜ୍ୟର ହୈହୟବଂଶୀୟ ରାଜାମାନଙ୍କ ଶୋଧନ ଲିପିରେ ସେମାନେ ଆପଣାକୁ ତ୍ରିକଳିଙ୍ଗ ଏବଂ କଳିଙ୍ଗର ଅଧିପତି ବୋଲି ପରିଚୟ ଦେଇଛନ୍ତି । କନିଂହାମ୍ ସାହେବ ଏଥିରୁ ସିଦ୍ଧାନ୍ତ କରିଛନ୍ତି ଯେ, ଭୁବନେଶ୍ୱରର ପାଦପାଦ ପୂର୍ବ କଳିଙ୍ଗର ଏବଂ ତ୍ରିକଳିଙ୍ଗ ଶବ୍ଦଦ୍ୱାରା କୃଷ୍ଣାନଦୀତୀରସ୍ଥିତ ଧାନକ ବା ଅମରାବତୀ ରାଜ୍ୟ । କଳିଙ୍ଗ ବା ରାଜମହେନ୍ଦ୍ରୀ କଳିଙ୍ଗବାଲାଙ୍କ ନିକଟରେ -ଭାରତବର୍ଷ ପୂର୍ବଭାଗରେ ମାନେମାର୍ଗ ଏବଂ ପ୍ରସିଦ୍ଧ ମାଳିଆ ପର୍ବତ ଅନ୍ନବଗଟର

କଳିଙ୍ଗ ଦେଶ ଅବସ୍ଥିତ । ସୁତରାଂ 'ମାଲ୍ଲୁସ' ପର୍ବତକୁ ପଣ୍ଡିତମାନେ ମହେନ୍ଦ୍ର ପର୍ବତ ବୋଲି କହୁଅଛନ୍ତି ।

ପରିବ୍ରାଜକ ହୁଏନ୍‌ସାଂ ୭ମ ଶତାବ୍ଦୀରେ ଆସିଥିଲେ । ଗଞ୍ଜାମର ଦକ୍ଷିଣ-ପଶ୍ଚିମ ୧୪୦୦ ଠାରୁ ୧୫୦୦ ଲି (୨୩୩-୨୫୦ କୋଶ) ଦୂରରେ କଳିଙ୍ଗ ରାଜଧାନୀ ଦେଖିବାକୁ ଯାଇଥିଲେ । ତାଙ୍କ ଉଚ୍ଚାରଣ ଅନୁସାରେ ରାଜଧାନୀର ନାମ- "କିଏ ଲିଙ୍ଗ୍‌ଆ" ଥିଲା । ଉକ୍ତ ଦେଶର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମ-୬୦୦ (ବା ୨୦୦) ମାଇଲ ଉତ୍ତରର ସ୍ଥାନ "କୋଙ୍ଗୁଦୋ" ନାମକ ସ୍ଥାନରେ ପହଞ୍ଚିଥିଲେ । ପରେ କନ୍ଦୋଲଙ୍କି-ଆ ଗମନ କଲେ । କଙ୍ଗୋଦ, କୋଙ୍ଗୁଦୋ ଗଞ୍ଜାମର ଅଂଶ ନାମ । ଦୁଇଟି ସମୁଦ୍ରର ସଙ୍ଗମ ସ୍ଥଳରେ ଉକ୍ତ ରାଜଧାନୀ ଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି । ଏଥିରୁ ଅନୁମିତ ହୁଏ, ଚିଲିକା ଓ ସମୁଦ୍ର ମଧ୍ୟବର୍ତ୍ତୀ ଗଞ୍ଜାମ ନଗର ପରିବ୍ରାଜକଙ୍କ କୋଙ୍ଗୁଦୋ । ସେ ଗଞ୍ଜାମରୁ ଯାଇ କଳିଙ୍ଗକୁ ଦନ୍ତାଧ ବୋଲି ଉଚ୍ଚାରଣ କରିଛନ୍ତି । ହୁଏନ୍‌ସାଂ ଓ କନିଂହାମଙ୍କ ବର୍ଣ୍ଣନାରେ ସାମଞ୍ଜସ୍ୟ କଲେ ଦୁଇଟି ସ୍ଥାନ ଦୃଷ୍ଟିରେ ପଡ଼େ—(୧) ଗୋଦାବରୀ କୂଳସ୍ଥ ରାଜମହେନ୍ଦ୍ରୀ ଓ (୨) ସମୁଦ୍ରକୂଳସ୍ଥ କଳିଙ୍ଗ । ପ୍ରଥମ ସ୍ଥାନ ଗଞ୍ଜାମଠାରୁ ୨୫୧ ମାଇଲ ଦକ୍ଷିଣ-ପଶ୍ଚିମ ଏବଂ ଶେଷୋକ୍ତ ସ୍ଥାନ ୨୩୭ ମାଇଲ । କଳିଙ୍ଗର ଆଦ୍ୟ ରାଜଧାନୀ ଶ୍ରୀକାକୋଳ ବା ଚିକାକୋଳ ଥିଲା । କନିଂହାମ ରାଜମହେନ୍ଦ୍ରୀକି ହୁଏନ୍‌ସାଂଙ୍କ ଦୃଷ୍ଟ କଳିଙ୍ଗ ନଗର ବୋଲି କହନ୍ତି । ଚିକାକୋଳ କଳିଙ୍ଗଠାରୁ ୨୦ ମାଇଲ ଦୂରରେ ଅବସ୍ଥିତ । ହୁଏନ୍‌ସାଂଙ୍କ ବର୍ଣ୍ଣନାନୁସାରେ କଳିଙ୍ଗର ପରିଧି ୫୦୦ (ବା ୮୩୩) ମାଇଲ । ଏଥିରୁ କନିଂହାମ ନିର୍ଦ୍ଧାରଣ କଲେ ଯେ, କଳିଙ୍ଗ ପଶ୍ଚିମରେ ଅନ୍ଧ୍ର ରାଜ୍ୟ । କଳିଙ୍ଗ ଧାନକଟକ ରାଜ୍ୟର ଦକ୍ଷିଣରେ ଅବସ୍ଥିତ । ସୁତରାଂ ଦକ୍ଷିଣ-ପଶ୍ଚିମରେ କଳିଙ୍ଗ ରାଜ୍ୟର ବିସ୍ତୃତି ଗୋଦାବରୀ ପର୍ଯ୍ୟନ୍ତ ଥିବାର ସମ୍ଭବ । ଉତ୍ତର-ପଶ୍ଚିମରେ କଳିଙ୍ଗ ଇନ୍ଦ୍ରାବତୀ ନଦୀଗାରଣ୍ଡିତ ଗାଓଲିଆ ନାମକ ସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏ ସୀମାନ୍ତର୍ଗତ ସ୍ଥାନର ପରିଧି ୮୦୦ ମାଇଲ । କେହି କେହି କହନ୍ତି, ରାଜମହେନ୍ଦ୍ରୀରେ କଳିଙ୍ଗ ରାଜଧାନୀ ସ୍ଥାପନ ଅଧୁନାତନ ଘଟଣା । ହୁଏନ୍‌ସାଂ କଳିଙ୍ଗର ଯେଉଁ ରାଜଧାନୀ ଦେଖିଥିଲେ ତାର ପରିଧି ୫ ମାଇଲ ଥିଲା ।

୫୯୦ ଖ୍ରୀଷ୍ଟାବ୍ଦରେ ଚାଲୁକ୍ୟବଂଶୀୟମାନେ ବେଙ୍ଗୀ ନାମକ ରାଜ୍ୟ ପ୍ରତିଷ୍ଠିତ କରିଥିଲେ । ବେଙ୍ଗୀପୁରଠାରେ ସେମାନଙ୍କ ରାଜଧାନୀ ଥିଲା । ବର୍ତ୍ତମାନ ରାଜମହେନ୍ଦ୍ରୀର ୫୦ ମାଇଲ ଦକ୍ଷିଣ-ପଶ୍ଚିମରେ ଏବଂ ଇଲୁରର ୫ ମାଇଲ ଦୂର ଉତ୍ତରରେ ବେଙ୍ଗୀ ନାମକ ସ୍ଥାନର ଧ୍ୱଂସାବଶେଷ ଦେଖାଯାଏ । ବେଙ୍ଗୀ ଦେଶ ଏକସମୟରେ ଓଡ଼ିଶାର ସୀମାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ୭୫୦ ଖ୍ରୀଷ୍ଟାବ୍ଦରେ ବେଙ୍ଗୀରାଜା କଳିଙ୍ଗ ଅଧିକାର କଲେ । ଅଳ୍ପଦିନ ପରେ ରାଜମହେନ୍ଦ୍ରୀଠାରେ ରାଜଧାନୀ ସ୍ଥାପନ କଲେ ।

ଖଣ୍ଡଗିରିର ଖୋଦିତ ଲିପିରେ କଳିଙ୍ଗ ନାମ ବହୁଥର ଉଲ୍ଲେଖ ଅଛି । ଶାକ୍ୟମୁନିଙ୍କ ଜନ୍ମକାଳ ମଧ୍ୟରେ ଖ୍ରୀଷ୍ଟପୂର୍ବ ୨୦୦ ବର୍ଷ ପୂର୍ବେ ଏ ଲିପି ଲିଖିତ ହୋଇଥିବାର ପଣ୍ଡିତମାନେ ଅନୁମାନ କରନ୍ତି । ଶିଳାଲିପି ପାଠରୁ ଜଣାଯାଏ, କଳିଙ୍ଗ ରାଜ୍ୟ ଏକସମୟରେ ପୂର୍ବର ମଗଧର ଅଂଶଥିବା ଧାର୍ମିକ ପ୍ରସିଦ୍ଧି ଲାଭ କରିଥିଲା । ବୁଦ୍ଧଦେବଙ୍କ ନିର୍ବାଣର ପରେ କଳିଙ୍ଗାଧିପତି ବୁଦ୍ଧଦେବଙ୍କ ଦନ୍ତ ଆଣିଥିଲେ ଏବଂ ସେହି ଦନ୍ତ ଉପରେ ଗୋଟିଏ ସୁବର୍ଣ୍ଣ ସ୍ତୂପ ନିର୍ମାଣ କରିଥିଲେ । ତଦନୁସାରେ ଏକସମୟରେ କଳିଙ୍ଗର ରାଜଧାନୀ ଦନ୍ତପୁର ଥିଲା । ଏହି ଦନ୍ତପୁର ସମ୍ବନ୍ଧରେ ନାନା ମତ ଦେଖାଯାଏ । କେହି ପୁରୀକୁ ଦନ୍ତପୁର, କେହି ମେଦିନୀପୁର ଦକ୍ଷିଣବର୍ତ୍ତୀ ଦାନ୍ତନକୁ ଦନ୍ତପୁର, କେହି ବା ଦକ୍ଷିଣ ପ୍ରଦେଶସ୍ଥ ଦନ୍ତବକ୍ରକୁ ଦନ୍ତପୁର ବୋଲି କହନ୍ତି । ଉକ୍ତ ଦନ୍ତପୁରଠାରେ କଳିଙ୍ଗର ରାଜଧାନୀ ସ୍ଥାପିତ ହେବା ପୂର୍ବେ ସିଂହପୁର କଳିଙ୍ଗର ପ୍ରାଚୀନ ରାଜଧାନୀ ଥିଲା । ବୌଦ୍ଧମାନଙ୍କ ମହାବଂଶ ଗ୍ରନ୍ଥରେ ରାଜା ସିଂହବାହୁ ସିଂହପୁର ପ୍ରତିଷ୍ଠିତ କରିଥିଲେ ବୋଲି ଲିଖିତ ଅଛି । ସେହି ସିଂହବାହୁଙ୍କ ପୁତ୍ର ବିଜୟ ସିଂହଳ ବା ଲଙ୍କା ଜୟ କରିଥିଲେ । କେହି କେହି କହନ୍ତି, ଏହି ସିଂହବାହୁଙ୍କ ନାମାନୁସାରେ ଲଙ୍କାର ନାମ ସିଂହଳ ହୋଇଥିଲା । ଯାହାହେଉ, ସିଂହପୁର ବର୍ତ୍ତମାନ ଲୁପ୍ତପ୍ରାୟ । ଗଞ୍ଜାମର ପଶ୍ଚିମରେ ୧୧୫ ମାଇଲ ଦୂରରେ ଲାଙ୍ଗୁଲ୍ୟା ନଦୀ ତୀରରେ ସିଂହପୁର ନାମକ ଗୋଟିଏ ପ୍ରାଚୀନ ନଗରର ଧ୍ୱଂସାବଶେଷ ଦେଖାଯାଏ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ଏହାକୁ ଉକ୍ତ ସିଂହପୁର ବୋଲି ନିର୍ଦ୍ଦେଶ କରନ୍ତି ।

ସତ୍ୟ, ତ୍ରେତା, ଦ୍ୱାପର, କଳି ଯୁଗମାନଙ୍କରେ କଳିଙ୍ଗର ପରିଚୟ ମିଳେ । ମାତ୍ର ବର୍ତ୍ତମାନ କଳିଙ୍ଗ ରାଜ୍ୟର ଅସ୍ତିତ୍ୱ ନାହିଁ । ବଙ୍ଗ ଅଛି, ଉତ୍କଳ ଅଛି; ମାତ୍ର କଳିଙ୍ଗ ନାମକ କୌଣସି ଜନପଦର ଚିହ୍ନ ନାହିଁ । କଳିଙ୍ଗ ଏକସମୟରେ ତିନି କଳିଙ୍ଗ ନାମରେ ପରିଚିତ ଥିଲା । ତାହାର ଦୃଷ୍ଟାନ୍ତ ଏକମାତ୍ର ତ୍ରିକଳିଙ୍ଗ ବା ତେଲିଙ୍ଗା ( ତେଲିଙ୍ଗାନ ) । କଳିଙ୍ଗ ପୂର୍ବେ ବଙ୍ଗଦେଶକୁ ସ୍ପର୍ଶ କରିଥିଲା । ପରେ ଉତ୍କଳ ( ଓଡ୍ରଦେଶ ) କଳିଙ୍ଗ ଅଙ୍ଗରୁ ଅନେକ ଅଂଶ ମିଶାଇଥିଲା । ପରେ ଦାକ୍ଷିଣାତ୍ୟର ଅଧିକାଂଶ ସ୍ଥାନ କଳିଙ୍ଗର ବିଶାଳ ଅଙ୍ଗରେ ଅନ୍ତର୍ଭୁକ୍ତ ହୋଇଥିଲା । ପରେ କଳିଙ୍ଗ ଗୋଦାବରୀ ନଦୀକୂଳକୁ ସ୍ପର୍ଶ କରିଥିଲା । ପରେ ଅଧୁନା ପର୍ଯ୍ୟନ୍ତ କଳିଙ୍ଗ ଅଙ୍ଗ ବିସ୍ତାର କରିଥିଲା । ମାତ୍ର ଆଜି ସେ କଳିଙ୍ଗ କାହିଁ ? ରାଜମହେନ୍ଦ୍ରୀ, କଳିଙ୍ଗପଟ୍ଟନ, ବିଶାଖାପଟ୍ଟନ ପ୍ରଭୃତି ନଗର ଏବଂ ମହେନ୍ଦ୍ର ପର୍ବତ ପାର୍ଶ୍ୱସ୍ଥିତ ଭୂଭାଗ ଅନେକାଂଶରେ କଳିଙ୍ଗରାଜ୍ୟ ବୋଲି ପରିଚିତ ଥିଲା । ମାତ୍ର ଆଜି ସେ କଳିଙ୍ଗ କାହିଁ ? ପୁରାତ-ତତ୍ତ୍ୱାନ୍ୱେଷୀ ଲେଖକ ବହୁତ ଆକ୍ଷେପ କରିଅଛନ୍ତି; ମାତ୍ର କବିବରଙ୍କ ଉକ୍ତି—"ଅଜି ସେ ସ୍ୱଦେଶ ଯିବେ ଗଲାଣି ସେ ଗରବ ।"

'ଦଶକୁମାରଚରିତ'ରେ ଉଲ୍ଲିଖିତ ବର୍ଣ୍ଣନା ଦେଖାଯାଏ ।

(୧) ହସ୍ତୀଙ୍କର ଚପଳ ଦନ୍ତରେ···ଜାଳେ କଳିଙ୍ଗରାଜା ସହଜାତ ଜନେକ କେତକସ୍ୱସ୍ଥ ···ଦଣ୍ଡାଗ୍ରଣୀ ଜନ୍ମକ ପାଦରୂପର କାନନେ କ୍ରୀଡ଼ାସ୍ଥ ଜାତ ସନ୍ତର୍ପଣ । ଏଥ

କଟ ଅନ୍ଧ୍ରନାଥେନ ଜୟସିଂହେନ ଦେବଲତରଙ୍ଗାଧଃପାତ ନେତାନେକ ସଂଯୋଜନା-
ମହେନ ଭକ୍ତ୍ୟାଦ୍ଧ ।

(୨) ତତସ୍ତୈଦ୍ୟା ଜଗ୍ନିତସ୍ଥା ନବଚନ୍ଦ୍ରାଲିକୃତ ଉଦ୍ଭେତ୍ତୁକାମ କଳିଙ୍ଗନାଥସ୍ୟାପଦଭସ୍ମ
ସଙ୍ଗତ୍ୟାଜ୍ଞ କଳିଙ୍ଗରାଜ୍ୟଂ କଳିଙ୍ଗନାଥେନ୍ୟାସ୍ୟ ।

(ଦଶକୁମାର)

(୩) ଉତ୍କଳଦର୍ଶିତପଥଃ କଳିଙ୍ଗାଭିମୁଖୋ ଯଯୌ
ତ୍ରିସ୍ୱଂ ମହେନ୍ଦ୍ରନାଥସ୍ୟ ଜହାର ଦନ୍ତ ବେଦନମ୍ ।

(ରଘୁ ୪-୩୮-୪୩)

ମଲ୍ଲିନାଥ—ମହେନ୍ଦ୍ରନାଥସ୍ୟ କଳିଙ୍ଗସ୍ୟ

(୪) ଅବନମ୍ୟ କଟୁର ଧରେ କଳିଙ୍ଗୋ ଦୁଷ୍ଟବୈରିଣଃ
ଅଭୁତେଷ୍ଟ ମହେନ୍ଦ୍ରାଦ୍ରିଂ ସନ୍ଧ୍ୟା ସମର୍ପିନଃ ।

(ରଘୁ ୧୯-୯୨)

(୫) ମହେନ୍ଦ୍ରତନୟାଃ ସର୍ବାଃ ପ୍ରଦ୍ୟୋତା ଶୁକ୍ତିମତୀଃ ।

(ମତ୍ସ୍ୟ ୧୧୩-୩)

(୬) ଭାବେଷୁ କଲିଙ୍ଗ ମେଖଳସ୍ୟ ସ୍ଥାନାବେକ୍ଷିନ୍
ମଳୟଗିରି ଶିଖାଃ ସଞ୍ଚାମି । (୫-୩)

ଉପରୋକ୍ତ ଦଶକୁମାର ବର୍ଣ୍ଣନାରୁ ଜଣାଯାଏ, କଳିଙ୍ଗ ରାଜଧାନୀ କଳିଙ୍ଗନଗର କଥା ଉଲ୍ଲେଖପଥନଠାରେ ଅଛି । ରାଜମହେନ୍ଦ୍ରୀଠାରେ ରାଜଧାନୀ ଏହାର ଅନୁମିତ ହୁଏ । ରାଜମହେନ୍ଦ୍ରୀ ସମୁଦ୍ର ଉପକୂଳର ନିକଟବର୍ତ୍ତୀ ଏବଂ ରାଜମହେନ୍ଦ୍ରୀର ସୀମାନ୍ତ ଅନ୍ଧ୍ରଦେଶ । କମ୍ୟୁଦନ୍ତୀ ଅଛି, କଳିଙ୍ଗରାଜା ଅନ୍ଧ୍ରରାଜାଙ୍କ ପରାସ୍ତ କରିଥିଲେ ଏବଂ ଅନ୍ଧ୍ରରାଜ୍ୟକୁ କଳିଙ୍ଗ ସଙ୍ଗେ ଯୋଗ କରିଥିଲେ । ଅନ୍ଧ୍ରନଗର ନିକଟରେ ପ୍ରକାଣ୍ଡ ହ୍ରଦ ଅଛି । ସେହି ହ୍ରଦ ତଟଭାଗରେ ଏକ ବୃହତ୍ ଜଙ୍ଗଲ ଅଛି । ଏ ହ୍ରଦ କଲେୟର ହ୍ରଦ କୁହାଯାଏ । ଏ ହ୍ରଦର ଲମ୍ବା ୬୦ ମାଇଲ । ଏହି ହ୍ରଦର ପଶ୍ଚିମକୁ ତେରେ ମାଇଲ ଦୂରରେ ବେଙ୍ଗି ଅନ୍ଧ୍ର ରାଜଧାନୀ । ଦଶକୁମାରଚରିତ ସମ୍ଭବତଃ ଏହାକୁ ଅନ୍ଧ୍ରନଗର ବୋଲି କହନ୍ତି ।

ରଘୁ ମହାରାଜାଙ୍କ ଦିଗ୍ବିଜୟ ବର୍ଣ୍ଣନାରୁ ଜଣାଯାଏ, ରଘୁ କପିଶା ନଦୀ ପାରହୋଇ ଉତ୍କଳଦର୍ଶିତ ପଥରେ କଳିଙ୍ଗକୁ ଗଲେ । ସେଠାରେ କଳିଙ୍ଗ ରାଜାଙ୍କ ସଙ୍ଗେ ଯୁଦ୍ଧ କଲେ । କଳିଙ୍ଗ ରାଜା ପରାସ୍ତ ହେଲେ । ମହେନ୍ଦ୍ର ପର୍ବତରେ ଆପଣା କୀର୍ତ୍ତି ଘୋଷିତ କଲେ । ମହେନ୍ଦ୍ର

ପାଣ୍ଡବ କପିଶା ନଦୀକୁ ସୁବର୍ଣ୍ଣରେଖା ବୋଲି କହନ୍ତି । ମାତ୍ର କପିଶା ପ୍ରକୃତରେ କାଂଶବାଂଶ ବା କଂଶାଇ ନଦୀ । କଂଶାଇ ମେଦିନୀପୁରର ନିକଟ ଦେଇ ପ୍ରବାହିତ । କପିଶା ନଦୀ ଠାରୁ ଦକ୍ଷିଣରେ ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ କଳିଙ୍ଗର ସୀମା ଥିଲା । ଭାରତର ସପ୍ତ କୁଳପର୍ବତମାଳା ମଧ୍ୟରେ ମହେନ୍ଦ୍ରମାଳା ପ୍ରଧାନ । ଗୋଦାବରୀ ନିକଟସ୍ଥ ପୂର୍ବଘାଟ ପର୍ବତମାଳା ଏବଂ ଗଞ୍ଜାମ ନିକଟସ୍ଥ ପାହାଡ଼କୁ ବର୍ତ୍ତମାନ ମହେନ୍ଦ୍ର ବୋଲି କୁହାଯାଏ । କପିଶା କଳିଙ୍ଗର ଉତ୍ତର ସୀମା ବୋଲି କୁହାଯାଏ ନାହିଁ । ଉପରୋକ୍ତ ବର୍ଣ୍ଣନାରୁ ଜଣାଯାଏ ଉତ୍କଳ, କଳିଙ୍ଗ ଓ କପିଶା ମଧ୍ୟରେ ଥିଲା । ମହାଭାରତ ଅନୁସାରେ ବୈତରଣୀ କଳିଙ୍ଗର ଉତ୍ତର ସୀମା ହୋଇପାରେ (ବନପର୍ବ ୧୧୪—୧୧୭) । ଏଥିରୁ ଜଣାଯାଏ, ଅଧୁନିକ ଓଡ଼ିଶା କଳିଙ୍ଗ ମଧ୍ୟରେ ଥିଲା । ମାତ୍ର ଉତ୍କଳ ପୃଥକ୍ ରାଜ୍ୟ ଥିଲା; କାରଣ ମହାଭାରତରେ ଉତ୍କଳ ନାମ ଅଛି । ମହେନ୍ଦ୍ର ପର୍ବତ କଳିଙ୍ଗର ଦକ୍ଷିଣ ସୀମା ଥିଲା । କଳିଙ୍ଗାଧିପତି ମହେନ୍ଦ୍ରାଧିପତି ନାମରେ ପରିଚିତ ହେଉଥିଲେ । କଳିଙ୍ଗାଧିପତିଙ୍କ ଆଧିପତ୍ୟ ଦକ୍ଷିଣକୁ ବହୁଦୂର ବିସ୍ତୃତ ଥିଲା । କୂର୍ମପୁରାଣରୁ ଜଣାଯାଏ (୩୯-୯) କଳିଙ୍ଗାଧିପତିମାନେ ଅମରକଣ୍ଟକ ପର୍ବତ ପର୍ଯ୍ୟନ୍ତ ଅନାର୍ଯ୍ୟ ଲୋକମାନଙ୍କ ଉପରେ ଆଧିପତ୍ୟ କରୁଥିଲେ । ରାଜମହେନ୍ଦ୍ରୀ ନାମରୁ ଜଣାଯାଏ, ଏ ନଗର ମହେନ୍ଦ୍ର ରାଜାଙ୍କ ରାଜଧାନୀ ଥିଲା । ପ୍ରାଚୀନ କଳିଙ୍ଗର ଦକ୍ଷିଣ ସୀମା ଗୋଦାବରୀ ପର୍ଯ୍ୟନ୍ତ ଥିବାର ଜଣାଯାଏ । କନିଂହାମ ସାହେବଙ୍କ ମତରେ ପୂର୍ବଘାଟ ପାହାଡ଼ ମଧ୍ୟରେ କଳିଙ୍ଗ ଥିଲା; ଅର୍ଥାତ୍ ଭଳାଗାପଃମଠାରୁ ଦକ୍ଷିଣରେ ବରଙ୍ଗୁଲ୍ ଜିଲ୍ଲା ପର୍ଯ୍ୟନ୍ତ । ରାଜଧାନୀ ନାମ ରାଜପୁର । ରଘୁବଂଶରୁ ଜଣାଯାଏ କଳିଙ୍ଗ ରାଜଧାନୀ ସମୁଦ୍ରକୂଳରେ ଥିଲା । ସମୁଦ୍ରକୁ ଏତେ ନିକଟ ଥିଲା ଯେ ବାତାୟନରୁ ସମୁଦ୍ର ଦେଖାଯାଉଥିଲା ଏବଂ ସମୁଦ୍ରର ତରଙ୍ଗଧ୍ୱନିରେ ରାଜପୁରର ବାଦ୍ୟଧ୍ୱନି ଶୁଣାଯାଉ ନଥିଲା ( ରଘୁ ୬-୫୬ ) । ଏ ବର୍ଣ୍ଣନା କଳିଙ୍ଗପତ୍ତନକୁ ବୁଝାଉଛି ଏବଂ କାଳିଦାସଙ୍କ ସମୟରେ ସମ୍ଭବତଃ କଳିଙ୍ଗପତ୍ତନ ରାଜଧାନୀ ଥିଲା ।

କଳିଙ୍ଗ ଦେଶର ଲୋକଙ୍କୁ କଳିଙ୍ଗା ବା କଳିଙ୍ଗ ବା କାଳିଙ୍ଗକ କୁହାଯାଉଥିଲା । କଳିଙ୍ଗମାନେ ଧର୍ମପରାୟଣ ଲୋକ ଥିଲେ ( ଶାନ୍ତି ୧୭-୨୨ ଓ ୬୬-୩୧୩ ) । କଳିଙ୍ଗ ଅତି ପ୍ରାଚୀନ ରାଜ୍ୟ ଥିଲା । ଏଠାକାର ପ୍ରଧାନ ରାଜାଙ୍କ ନାମ ଦେଖାଯାଏ : (୧) ଶ୍ରୁତାର୍ଦ୍ଧ, (୨) ଭୁଷଣ, (୩) ଭୀମ (ଆଦିପର୍ବ ୬୭-୨୭୦୧) । ସେମାନଙ୍କ କନ୍ୟାମାନେ ଚନ୍ଦ୍ରବଂଶୀୟ ରାଜକୁମାରମାନଙ୍କ ପାଣିଗ୍ରହଣ କରୁଥିଲେ । କଳିଙ୍ଗ ରାଜକନ୍ୟାଙ୍କ ସ୍ୱୟଂବର ସମୟରେ ଦୁର୍ଯ୍ୟୋଧନ ଆସିଥିଲେ ଏବଂ କନ୍ୟାକୁ ବଳପୂର୍ବକ ନେଇ ଯାଇଥିଲେ ( ୪୪-୨୬୬୪ ଓ ୩୬୮୦ ଶାନ୍ତିପର୍ବ-୪୬ ) । କୃଷ୍ଣ କଳିଙ୍ଗରାଜାମାନଙ୍କୁ ଦନ୍ତକୂରଠାରେ ପରାସ୍ତ କରିଥିଲେ ( ଉଦ୍ୟୋଗ-୬୭।୧୮୩ ) ।

ପାର୍ଜିଟର ସାହେବ ପୁରାଣରୁ ପ୍ରାଚୀନ ରାଜାମାନଙ୍କର ଗୋଟିଏ ବଂଶାବଳୀ ଦେଇଛନ୍ତି (G.A.S.B. ୮୯୭ ଓ ୯୦୨)

ମନୁ
| ବୈବସ୍ୱତ ମନୁ
ଇଳା
|
ସୁଦ୍ୟୁମ୍ନ
|
ଓଡ୍ର
|
ବୈତରଣୀ ବଂଶ
|
ଯଯାତି
|
ସୁନ୍ଦରୀ ବଂଶ
|
ମହାଦେବ

ମହେନ୍ଦ୍ର ପର୍ବତ | ବଙ୍ଗେବର ବଂଶ
କଳିଙ୍ଗ
କଳିଙ୍ଗପତ୍ତନ
ଶ୍ରୀକାକୋଲ
ଜଗନ୍ନାଥ ବଂଶ

ଗୋଦାବରୀ
|
ଅନ୍ଧ୍ରଦେଶ

ଚୀନ ପରିବ୍ରାଜକ ହୁଏନ୍‌ସାଂ ୭ମ ଶତାବ୍ଦୀରେ ଭାରତକୁ ଆସିଥିଲେ । ସେ କଜଙ୍ଗଲ, କର୍ଣ୍ଣ-ସୁବର୍ଣ୍ଣଠାରୁ ୭୦୦ କିମ୍ବା ୯୦୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଯାଇ ଓ୍ୱ-ଟୁ ରାଜ୍ୟରେ ପ୍ରବେଶିଲେ (ଓ୍ୱ-ଟୁ = ଓଡ୍ର ଦେଶ) । ଓଡ୍ର ଦେଶରେ ଚେଲିଟୋଲୋ ନଗର ଦେଖିଲେ । ସେ ନଗରରେ ଗୋଟିଏ ବନ୍ଦର ଥିଲା । ସେଠାରେ ଜାହାଜ ଯିବା ଆସିବା କରୁଥିଲା । ମନ୍ଦିରମାନଙ୍କର ଗୋଟିଏ

ଶାଖା ଦନ୍ତପୁରା । ସମ୍ଭବତଃ ଏହି ଶାଖା ଉପରେ ଦନ୍ତପୁରା ନଗର ଥିଲା । ସେଠାରୁ ୧୨୦୦ ଲି ବା ୧୫୦୦ ମାଇଲ ଯାଇ ପରିବ୍ରାଜକ କଙ୍ଗୋଦ ନଗରରେ ପହଞ୍ଚିଲେ । କଙ୍ଗୋଦର ପରିଧି ୨୪ ମାଇଲ । ପ୍ରତ୍ନତତ୍ତ୍ୱବିତ୍‌ମାନେ ଗଞ୍ଜାମକୁ କଙ୍ଗୋଦ ବୋଲି ସ୍ଥିର କରନ୍ତି । ସେଠାରୁ ଦକ୍ଷିଣ-ପଶ୍ଚିମକୁ ୧୯୦ ମାଇଲ ଯାଇ ସେ କା-ଲିଙ୍ଗ-କ (କଳିଙ୍ଗ)ରେ ପହଞ୍ଚିଲେ । ଏହା କଳିଙ୍ଗ ନଗରର ରାଜଧାନୀ ଥିଲା । ପାରଳାକିମିଡି ଅନ୍ତର୍ଗତ ମୁଖଲିଙ୍ଗ କଳିଙ୍ଗର ଅଂଶ ହୋଇପାରେ । ରାଜଧାନୀର ପରିଧି ୪୩୨ ମାଇଲ । କଳିଙ୍ଗଠାରୁ ଉତ୍ତର-ପଶ୍ଚିମକୁ ୨୪୦ ମାଇଲ ଯାଇ କୋଶଳରେ ପହଞ୍ଚିଲେ । ବର୍ତ୍ତମାନର ଛତିଶଗଡ ଦକ୍ଷିଣକୋଶଳର ଅନ୍ତର୍ଗତ ଥିଲା ।

କଳିଙ୍ଗ ମଧ୍ୟରେ ଗଙ୍ଗାବାଡ଼ି ଗୋଟିଏ ପ୍ରଧାନ ନଗର ଥିଲା । [illegible] କଳିଙ୍ଗ ସମ୍ଭବତଃ ଏହିଠାରେ ଥିଲା । ବର୍ତ୍ତମାନ ପାରଳାଖେମୁଣ୍ଡି ନିକଟରେ ଗଙ୍ଗାବାଡ଼ି ଗ୍ରାମ ଅଛି । ଏ ଗ୍ରାମ ନଉପଡା ଷ୍ଟେସନଠାରୁ ୧୬ ମାଇଲ ଦୂର ଏବଂ ପାରଳାଠାରୁ ୯ ମାଇଲ ଦୂର । ଅନୁମାନ କରାଯାଏ ପାରଳାଖେମୁଣ୍ଡି ଗଙ୍ଗାବାଡ଼ି ଅନ୍ତର୍ଗତ ଥିଲା । ଗୋକର୍ଣ୍ଣେଶ୍ୱର ମହାଦେବ ଏ ରାଜ୍ୟର ପ୍ରଧାନ ଇଷ୍ଟଦେବତା ଥିଲେ । ମଞ୍ଜୁଷାଠାରୁ ୨ ମାଇଲ ଉତ୍ତରକୁ ମହେନ୍ଦ୍ରାଚଳ ବିଦ୍ୟମାନ । ଏହି ପର୍ବତଶିଖରରେ ଗୋକର୍ଣ୍ଣେଶ୍ୱର ଅଛନ୍ତି । ଏ ଅଞ୍ଚଳ ଗଙ୍ଗବଂଶୀୟ ରାଜାମାନଙ୍କର ଆଦ୍ୟ ବାସସ୍ଥାନ ଥିଲା । କେହି କେହି ଗଙ୍ଗାବାଡ଼ିକୁ ଗଙ୍ଗାବାଳି ନାମ ଦେଇଛନ୍ତି । ନରସିଂହ ତାମ୍ରଶାସନରେ ଲେଖାଅଛି—

ଧନ-କନକ-ସମୃଦ୍ଧା ଗଙ୍ଗବାଡ଼ି ପ୍ରସିଦ୍ଧା
ସକଳନୃପସମୂହୈଃ ଦୁର୍ଗଦୁର୍ଗୋପଭୋଗ୍ୟା
ଜଲଧିପ ଲତ ଶ୍ୟାତୋଽନନ୍ତ ବର୍ମା ନୃପେନ୍ଦ୍ରଃ
ସମଭବଦଥଭୂପଭଙ୍ଗା ନାମ୍ନା ତଦାଦ୍ୟଃ ।

ଏ ବଂଶର ଆଦ୍ୟ ନାମ ଭୂପଭଙ୍ଗ । ଅନନ୍ତ ବର୍ମା ରାଜା ଥିଲେ । ତାଙ୍କ ଜ୍ୟେଷ୍ଠପୁତ୍ର ନରସିଂହ ଏବଂ ପଞ୍ଚମ ରାଜା କାମାର୍ଣ୍ଣବ । ଚୋଡ଼ଗଙ୍ଗଦେବ ବା ଚୋରଗଙ୍ଗ ଏହି ବଂଶର । ଅନଙ୍ଗଭୀମ ଦେବ ଏହି ବଂଶ-ସମ୍ଭୂତ । ଗଙ୍ଗବଂଶ ଉତ୍କଳ ସିଂହାସନରେ ବହୁକାଳ ରାଜତ୍ୱ କରିଥିଲେ । କେମିଣ୍ଡି ରାଜପରିବାରମାନେ ଏହି ବଂଶୀୟ । ପୁରୀ ରାଜବଂଶ ଗଜପତିବଂଶ ବୋଲି ଖ୍ୟାତ ଏବଂ ପାରଳା ଓ ବଡ଼ଖେମୁଣ୍ଡି ରାଜାମାନେ ମଧ୍ୟ ଗଜପତିବଂଶୀୟ ।

ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମହାରାଜା ପ୍ରତାପରୁଦ୍ର ଦେବ ଦକ୍ଷିଣରେ ଗୋଦାବରୀଠାରୁ ଆହୁରି ଦୂର ପ୍ରଦେଶକୁ ଉତ୍କଳ ରାଜ୍ୟ ବିସ୍ତାର କରିଥିଲେ । ସୁତରାଂ କାଳକ୍ରମେ କଳିଙ୍ଗ ଉତ୍କଳ ଅଙ୍ଗରେ ଏଣୁ ମିଶାଇଦେଇ ନିଜର ନାମକୁ ହରାଇଥିଲା । କଳିଙ୍ଗର ଭିନ୍ନ ଅସ୍ତିତ୍ୱ ନାହିଁ; ମାତ୍ର ପ୍ରାଚୀନ ଉତ୍କଳର

ସୀମା ଗୋଦାବରୀ ପର୍ଯ୍ୟନ୍ତ ଥିବାର ଭୂୟସୀ ପ୍ରମାଣ ଅଛି । କାଳକ୍ରମେ କଳିଙ୍ଗ ଉତ୍କଳ ଦେଶ ମିଶିଯାଇଅଛି । ପ୍ରାଚୀନ କଳିଙ୍ଗ ସୀମା ଏବଂ ପ୍ରାଚୀନ ଉତ୍କଳ ସୀମାପ୍ରତି ଦୃଷ୍ଟି ଦେଲେ ଏହି ସିଦ୍ଧାନ୍ତରେ ଅବଶ୍ୟ ଉପନୀତ ହେବ—ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ । ପ୍ରାଚୀନ ଉତ୍କଳର ସୀମାମଧ୍ୟସ୍ଥ ଲୋକମାନଙ୍କ ଭାଷା, ଆଚାରବ୍ୟବହାର, ସ୍ୱଭାବ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ, ଏ ପ୍ରଦେଶ ଏକ ଉତ୍କଳୀୟ ପ୍ରଦେଶ । ଶାସନସୂତ୍ରରେ ପ୍ରାଚୀନ ଉତ୍କଳ ଖଣ୍ଡ ଖଣ୍ଡ ହୋଇଅଛି; ମାତ୍ର ଭୌଗୋଳିକ ଅବସ୍ଥାନର କିଛି ପରିବର୍ତ୍ତନ ହୋଇନାହିଁ । ସୁତରାଂ ପ୍ରାଚୀନ କଳିଙ୍ଗ ଉତ୍କଳୀୟ ପ୍ରଦେଶାନ୍ତର୍ଗତ । କାଳକ୍ରମେ ଅନ୍ଧ୍ରମାନେ ଆସି ଉତ୍କଳରେ ବସତି କରିଅଛନ୍ତି, ମାତ୍ର ଏହା ଅନ୍ଧ୍ରପ୍ରଦେଶାନ୍ତର୍ଗତ ନୁହେଁ । ଅନ୍ଧ୍ରପ୍ରଦେଶ କଳିଙ୍ଗଠାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ପୂର୍ବେ ପ୍ରମାଣିତ ହୋଇଅଛି । ଅନ୍ଧ୍ରଦେଶକୁ କଳିଙ୍ଗ ଅଧିକାରରେ ଆଣିଥିବ; ମାତ୍ର ଉକ୍ତ ଦେଶ ପ୍ରାକୃତିକ କଳିଙ୍ଗର ଅଂଶ ନୁହେ । କଳିଙ୍ଗ ଉତ୍କଳ ମଧ୍ୟରେ ସମସ୍ତ ଦମୁଦ ଥିଲା ଏବଂ ବର୍ତ୍ତମାନ ଅଛି । କଳିଙ୍ଗ ଏକ ନାମ ତାଂଶବଶି ଉତ୍କଳ ଭୂଖଣ୍ଡ ମଧ୍ୟରେ ଲୁପ୍ତ ହୋଇଅଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ଧ୍ରମାନେ କଳିଙ୍ଗକୁ ଅନ୍ଧ୍ରରାଜ୍ୟ ବୋଲି ଦାବି କରିବା ଅନ୍ୟାୟ ।

---

## ସୀମା

ପ୍ରାଚୀନ ଉତ୍କଳର ସେ ବିଶାଳ କଳେବର ନାହିଁ । ବର୍ତ୍ତମାନ ରାଜନୈତିକ ଉତ୍କଳ ପ୍ରାଚୀନ ଉତ୍କଳର କ୍ଷୀଣ କଳେବର ମାତ୍ର । ପ୍ରାଚୀନ ଉତ୍କଳର ଅଧିକାଂଶ ପ୍ରକୃତ ଖଣ୍ଡବିଖଣ୍ଡ ହୋଇ ଭିନ୍ନ ପ୍ରଦେଶର ଅନ୍ତର୍ଗତ ହୋଇଅଛି । ସୁତରାଂ ପ୍ରାଚୀନ ଉତ୍କଳର ସୀମା କେଉଁଠାରୁ କେଉଁ ପର୍ଯ୍ୟନ୍ତ ଥିଲା ତାହା ବର୍ଣ୍ଣନୀୟ ବିଷୟ । ଲୋକପ୍ରବାଦରୁ ଶୁଣାଯାଏ, ପ୍ରାଚୀନ ଉତ୍କଳର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ପୁରାଣମାନଙ୍କରୁ ଦେଖାଯାଏ ଯେ ଓଡ୍ରଦେଶର ସୀମାନ୍ତରେ କଳିଙ୍ଗ । ଉତ୍କଳ ବା ଓଡ୍ରଦେଶ କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା, କେତେବେଳେ ବାହାରେ ଥିଲା ।

ଜଗନ୍ନାଥ ପୂର୍ବଭାଗାତ୍ କୃଷ୍ଣାତୀରାନ୍ତଗଂ ଶିବେ ।
କଳିଙ୍ଗଦେଶ ସମ୍ପ୍ରୋକ୍ତ ବାମମାର୍ଗ ପରାୟଣଃ ।
କଳିଙ୍ଗଦେଶମାରଭ୍ୟ ପଞ୍ଚାଶତ୍ ଯୋଜନଂ ଶିବେ ।
ଦକ୍ଷିଣସ୍ୟାଂ ମହେଶାନି କଳିଙ୍ଗ ପରିକୀର୍ତ୍ତିତଃ ॥ (ଶକ୍ତିସଙ୍ଗମ ତନ୍ତ୍ର)

ଓଡ୍ରଦେଶାଦ୍ଦକ୍ଷିଣେ ତ କଳିଙ୍ଗୋ ବର୍ତ୍ତତେ ଭୁବି ।
ତସ୍ମାନ୍ୟଂ ଧାମଦେଶସ୍ୟ ସର୍ବଶ୍ରେଷ୍ଠତ୍ୱମ୍ ॥ (ଦେଶାବଳୀ ପ୍ରକାଶ)

ଏତେ କଳିଙ୍ଗାଃ କୌନ୍ତେୟ ଯତ୍ର ବୈତରଣୀ ନଦୀ ।
ଯତ୍ରାୟଜତ ଧର୍ମୋଽପି ଦେବାଞ୍ଛରଣମେତ୍ୟ ବୈ ॥ (ମହାଭାରତ)

କଳିଙ୍ଗଦେଶ ଦାକ୍ଷିଣାତ୍ୟ ପ୍ରଦେଶରେ ଅବସ୍ଥିତ । ଭରତ ମାତୁଳାଳୟକୁ ଯିବା-ଆସିବାବେଳେ କଳିଙ୍ଗ ବାଟେ ଯାଉଥିଲେ । ଶ୍ରୀରାମଚନ୍ଦ୍ରଙ୍କ ସଙ୍ଗରେ କଳିଙ୍ଗ ଦେଶରେ ଯୁଦ୍ଧାନୁଷ୍ଠାନ ହୋଇଥିଲା । ସମାଧିର ପିତାମହ ଶ୍ରୁତାୟୁଧ କଳିଙ୍ଗର ରାଜା ଥିଲା । କଳିଙ୍ଗରାଜା ଶ୍ରୁତାୟୁ କୁରୁକ୍ଷେତ୍ର ଯୁଦ୍ଧବେଳେ ଦୁର୍ଯ୍ୟୋଧନ ପକ୍ଷରେ ଯୁଦ୍ଧ କରିଥିଲେ । ହୁଏନ୍‌ସାଂ ୭ମ ଶତାବ୍ଦୀରେ ଭାରତକୁ ଆସିଥିଲେ । ସେ ଶଙ୍ଗାମର ଦକ୍ଷିଣ-ପଶ୍ଚିମ ୧୪୦୦ କି ୧୫୦୦ ମାଇଲ ଦୂରରେ କଳିଙ୍ଗ ରାଜଧାନୀ ଦେଖିବାକୁ ଯାଇଥିଲେ । ଓଡ୍ରଦେଶର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମ ୨୦୦ ମାଇଲ ଗଲାପରେ ‘‘କୋଂଗୁଦ’’ ନାମକ ସ୍ଥାନରେ ଉପସ୍ଥିତ ହେଲେ । ସେଠାରୁ ସେ କଳିଙ୍ଗ ରାଜଧାନୀ ‘‘କଂ ଏଲିକିଆ’’ ନଗରକୁ ଯାଇଥିଲେ । କୋଙ୍ଗୁଦାର ବର୍ତ୍ତମାନ ନାମ ଗଞ୍ଜାମ । ଦୁଇଟି ସମୁଦ୍ରର ସଙ୍ଗମସ୍ଥଳରେ ଏ ନଗର ବିଦ୍ୟମାନ ଥିଲା । କଳିଙ୍ଗର ଆଦ୍ୟରାଜଧାନୀ ଶ୍ରୀକାକୋଲ ବା ଚିକାକୋଲ । କଳିଙ୍ଗର ପଶ୍ଚିମରେ ଅନ୍ଧ୍ର ରାଜ୍ୟ ଏବଂ କଳିଙ୍ଗ ଧାନକାଟା ରାଜ୍ୟର ଦକ୍ଷିଣରେ ଅବସ୍ଥିତ । କଳିଙ୍ଗ ରାଜ୍ୟର ବିସ୍ତୃତ ଦକ୍ଷିଣ-ପଶ୍ଚିମରେ ଗୋଦାବରୀ ପର୍ଯ୍ୟନ୍ତ ଥିଲା ବୋଲି ଅନୁମାନ ହୁଏ । ସୁତରାଂ ଗୋଦାବରୀଠାରୁ ଋଷିକୁଲ୍ୟାକୁ ଓଡ୍ରଦେଶ ବା ଉତ୍କଳ ।

ପରିବ୍ରାଜକ ହୁଏନ୍‌ସାଂ ଲେଖିଛନ୍ତି ଯେ ସେ କର୍ଣ୍ଣସୁବର୍ଣ୍ଣଠାରୁ ୭୦୦ କିମ୍ବା ୯୦୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଗଲେ ଏବଂ ଓ୍ୱୁ-ଚେ (ଓଡ୍ରଦେଶ) ପ୍ରଦେଶରେ ପହଞ୍ଚିଲେ । ଉକ୍ତ ପ୍ରଦେଶ ୭୦୦ କିମ୍ବା ୮୫୦ ମାଇଲ ବିସ୍ତୃତ ଗୋଟିଏ ବଡ଼ ରାଜ୍ୟ । ଓ୍ୱୁ-ଚେ ମଧ୍ୟରେ ଚେଲିତାଲୋ ନଗର ଗୋଟିଏ ବନ୍ଦର ଥିଲା । ସେଠାରୁ ଜାହାଜ ସମୁଦ୍ରଯାତ୍ରା କରୁଥିଲା । ଚିତ୍ରତୋଲା ବା ଚିତ୍ରୋତ୍ପଳା ମହାନଦୀର ଗୋଟିଏ ପ୍ରାଚୀନ ନାମ । ଚେଲିତାଲୋ ବା ଚିତ୍ରତୋଲା ନଗର ମହାନଦୀ କୂଳରେ ଥିଲା । ପରିବ୍ରାଜକ ସେଠାରୁ ୨୦୦ କିମ୍ବା ୨୫୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଯାଇ କଙ୍ଗୋଦ ବା କଙ୍ଗୋଧ ରାଜ୍ୟରେ ପହଞ୍ଚିଲେ । ସେ ରାଜ୍ୟର ବିସ୍ତୃତ ୨୨୫ ମାଇଲ । ପୁନଶ୍ଚ ସେଠାରୁ ୧୪୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଗଲେ । ପରେ କଳିଙ୍ଗଦେଶରେ ପହଞ୍ଚିଲେ । କଳିଙ୍ଗର ବିସ୍ତୃତ ୭୩୫ ମାଇଲ । ସେଠାରୁ ଉତ୍ତର-ପଶ୍ଚିମକୁ ୨୫୦ ମାଇଲ ଗଲାପରେ କୋଶଳରେ ପହଞ୍ଚିଲେ । ଦକ୍ଷିଣକୋଶଳ ବର୍ତ୍ତମାନ ଛତିଶଗଡ଼ ଅନ୍ତର୍ଗତ ।

ପୁରାଣ ଓ ମାଦଳାପାଞ୍ଜିରୁ ଜଣାଯାଏ, ଉତ୍କଳ ବା ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଥିଲା ଏବଂ ସ୍ୱତନ୍ତ୍ର ରାଜାଙ୍କ ଶାସନାଧୀନରେ ଥିଲା । ପ୍ରାଚୀନ ଉତ୍କଳ ବଳିଷ୍ଠ ରାଜାଙ୍କ ବାହୁବଳରେ ଉତ୍ତର ଓ ଦକ୍ଷିଣ ଦିଗକୁ ବିସ୍ତୃତ ହୋଇଥିଲା । ମହାରାଜା ଅନଙ୍ଗଭୀମଦେବଙ୍କର ଉପାଧି ଥିଲା ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟକଳବର୍ଗେଶ୍ୱର ଇତ୍ୟାଦି । 'ନବକୋଟି' ଶବ୍ଦର ଦୁଇଟି ଅର୍ଥ ହୋଇପାରେ; ଯଥା—ନୂତନ ସୀମା ବା ନବସଂଖ୍ୟକ ଦୁର୍ଗ । ଅନଙ୍ଗଭୀମଙ୍କ ରାଜତ୍ୱ ସମୟରେ ଉତ୍କଳାଧିପ କର୍ଣ୍ଣାଟକଳବର୍ଗ ଜୟ କରିଥିଲେ କିମ୍ବା

ନବପଣାଙ୍କ ଦୁଦଶୀଷ୍ଟ କର୍ଣ୍ଣାଟକଳବର୍ଗର ଅଧୀଶ୍ୱର ଥିଲେ । କବି ଲକ୍ଷ୍ମଣ ରାଓ ତେଲୁଗୁ ଭାଷାରେ ହିନ୍ଦୁଦେଶ କଥାସଂଗ୍ରହ ନାମକ ପୁସ୍ତକ ଲେଖିଛନ୍ତି । ମହମ୍ମଦଶାହ ନିଜାମୁଦ୍ଦୀନ୍‌ଙ୍କ ୩୫୭ ପୃଷ୍ଠାରେ କୃଷ୍ଣଦେବ ରାୟଙ୍କ ପୂର୍ବବର୍ତ୍ତୀଙ୍କ ସମୟରେ ଦକ୍ଷିଣ-ଭାରତରେ ପ୍ରତାପରୁଦ୍ର ମହାରାଜାଙ୍କ ଅଧୀନସ୍ଥ ରାଜ୍ୟରେ ଉଦ୍ୟୋଗ ୯ ଗୋଟି ଦୁର୍ଗ ବିଷୟ ଲେଖାଅଛି : (୧) ଉଦୟଗିରି, (୨) କୋଣ୍ଡା, (୩) ନଜ୍ଜ୍, (୪) କୋଣ୍ଡାପଲ୍ଲୀ, (୫) ବେଲ୍ଲଂକୋଣ୍ଡା, (୬) ନାଗାର୍ଜ୍ଜୁନ କୋଣ୍ଡା, (୭) ଅଦ୍ଦାଙ୍କି, (୮) ଅନନ୍ତଗିରି, (୯) ଖାଣ୍ଡେଡ଼୍ ।

ଗଙ୍ଗବଂଶାବତଂସ ମହାରାଜା ଅନଙ୍ଗଭୀମ (୧୧୭୫-୧୨୦୨) ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାକୁ ଜରିପ କରାଇଥିଲେ । ସେତେବେଳେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ଓଡ଼ିଶାର ରାଜସ୍ୱ ୧୫ ଲକ୍ଷ ମୋହର ଥିଲା । ୧୫ ଲକ୍ଷ ମୋହର—୪୦୬୨୫୦ ପାଉଣ୍ଡ—୬୦୯୩୭୫୦ ଟଙ୍କା । ୧୬ଶ ଶତାବ୍ଦୀରେ ବାର୍ଷିକ ରାଜସ୍ୱ ୪୩୫୦୦୦ ପାଉଣ୍ଡ । ଆକବରଙ୍କ ଅମଳରେ ୪୩୫୩୧୯ ପାଉଣ୍ଡ । ୧୭ଶ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ । ସାହାଜାହାନଙ୍କ ଅମଳରେ ୪୯୭୨୪୯୭ ପାଉଣ୍ଡ—୫୩୭୬୪୯୫୫ ସିକାଟଙ୍କା । ୧୮ଶ ଶତାବ୍ଦୀରେ ୫୭୦୭୫୦ ପାଉଣ୍ଡ ଥିଲା । ମାତ୍ର ଇଂରେଜମାନଙ୍କ ଅମଳରେ ୪୫୦୦୦ ପାଉଣ୍ଡ ଥିଲା । ଓଡ଼ିଶାର ସୀମା କ୍ରମେ ହ୍ରାସ ହୋଇଥିବାର ଏଥିରୁ ସ୍ପଷ୍ଟ ପ୍ରକାଶିତ ହେଉଅଛି ।

ଗଙ୍ଗବଂଶୀୟ ରାଜାଙ୍କ ଅମଳରେ ଓଡ଼ିଶାର ଅନ୍ତର୍ଗତ ମେଦିନୀପୁର ସହିତ ୩୪୮୦୬ ବର୍ଗମାଇଲ ଥିଲା । ତତ୍କାଳୀନ ଗଙ୍ଗବଂଶ ଅମଳରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଅନ୍ତରେ ବଙ୍ଗଦେଶ ପର୍ଯ୍ୟନ୍ତ ସୀମାବୃଦ୍ଧି ହୋଇଥିଲା । ଗଙ୍ଗବଂଶ ରାଜାମାନଙ୍କ ପୂର୍ବେ ଓଡ଼ିଶାର ଦୈର୍ଘ୍ୟ ୧୮୫ ମାଇଲ ଏବଂ ପ୍ରସ୍ଥ ୬୦ ମାଇଲ ଥିଲା । ଗଙ୍ଗବଂଶ ଅମଳରେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ହେଲା ।

ତମଲୁକ ଯେ ଓଡ଼ିଶା ଅନ୍ତର୍ଗତ ଥିଲା, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଆଜି ସେଠାରେ ଯେଉଁସବୁ ଚିହ୍ନ ଅଛି, ସେଥିରୁ ସେ ଦେଶ ଓଡ଼୍ରଦେଶ ଥିବାର ସ୍ପଷ୍ଟ ଜଣାପଡ଼େ । ସେଠାରେ ଓଡ଼ିଆ ଜାତି, ଓଡ଼ିଆ ଭାଷା ରହିଛି । ଲୋକମାନଙ୍କ ପଦବୀ ଅଧିକାଂଶ ଓଡ଼ିଆ ପଦବୀ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ କହନ୍ତି, ସେତେବେଳେ ତାମ୍ରଲିପ୍ତ ଉତ୍କଳର ଅନ୍ତର୍ଗତ ଥିଲା । ପୂର୍ବେ ରାମାୟଣରେ ତାମ୍ରଲିପ୍ତର କୌଣସି ନାମ ଉଲ୍ଲେଖ ହୋଇନାହିଁ । ମହାଭାରତ, ବ୍ରହ୍ମାଣ୍ଡପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ, ଗରୁଡ଼ପୁରାଣ ପ୍ରଭୃତିରେ ତାମ୍ରଲିପ୍ତ ନାମ ଉଲ୍ଲେଖ ଅଛି । 'ଅଭିଧାନ ଚିନ୍ତାମଣି' ଗ୍ରନ୍ଥରେ ତାମ୍ରଲିପ୍ତର ଅନେକ ନାମ ଦେଖାଯାଏ; ଯଥା—ତମୋଲିପ୍ତ, ତାମ୍ରଲିପ୍ତ, ବେଳାକୂଳ, ତମାଲିକା,

ଦମଲନ୍ତ, ତମାଳିନ୍, କସ୍ତୁଗୁଣ୍ଡ । କେମିଙ୍ଗ ମହାଶୟ ଏହାକୁ ଭହୂଗଡ଼ ବୋଲି କହନ୍ତି । ଭାର୍ଗବ ଦାସଙ୍କ ମତାନୁସାରେ ଏହାର ନାମ ରତ୍ନାବତୀପୁର ।

ମହାରାଜା ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶାର ଗଜପତିଙ୍କ ଅଧିକାର ବୃଦ୍ଧି ହୋଇଥିଲା । ସେ ଆପଣା ବାହୁବଳଦ୍ୱାରା ଉତ୍କଳର ସୀମାକୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ବଢ଼ାଇଥିଲେ । କେତେକେତେକ ଉତ୍କଳ ରାଜ୍ୟ ଭାରତର ଏକ-ତୃତୀୟାଂଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ରାୟ ରାମାନନ୍ଦ ପ୍ରତାପରୁଦ୍ରଙ୍କ ସମସାମୟିକ । ସେ ଜଗନ୍ନାଥବଲ୍ଲଭ ନାମକ ଗୋଟିଏ ନାଟକ ଲେଖିଥିଲେ । ସେହି ନାଟକରେ ନିମ୍ନଲିଖିତ ପ୍ରକାର ବର୍ଣ୍ଣନା ହୋଇଅଛି—

ଯସ୍ୟାମାପି ଜଗତ୍ୟ ପ୍ରଚଣ୍ଡଶତେ ଚେଦୀଶ୍ୱରଃ କମ୍ପତେ
ସ୍ୱର୍ଣ୍ଣଂ କର୍ଣ୍ଣାଟନର୍ତ୍ତ ଭୂମିପତିଭିଃ ସାର୍ଦ୍ଧଂ ସମୁଦ୍ଦେଶତଃ ।
ନୀତଂ ଗୁର୍ଜ୍ଜର ଭୂପତେର୍ଯ୍ୟବନୃପୈଃ ରାଜ୍ୟଂ ପଥ୍ୟନମ୍
ବାତ୍ୟାଗ୍ରସ୍ତପୋତ ଇବ ମୂର୍ଚ୍ଛିତ ଗୌଡ଼େଶ୍ୱରଃ ।

ଏଥିରେ ପ୍ରତାପରୁଦ୍ରଙ୍କ ପ୍ରତାପ, କୀର୍ତ୍ତି ଓ ଅଧିକୃତ ରାଜ୍ୟ ସମସ୍ତ ବର୍ଣ୍ଣିତ ଅଛି । ରାଜା ପ୍ରତାପରୁଦ୍ର ଦାକ୍ଷିଣାତ୍ୟ ପ୍ରଦେଶରେ ରହି ବହୁକାଳ ଯୁଦ୍ଧ କରି ଅନେକ ରାଜ୍ୟ କରଗତ କରିଥିଲେ । ରାୟ ରାମାନନ୍ଦ ତାଙ୍କର ସେନାପତି ଥିଲେ । ଯୁଦ୍ଧରେ କୃତିତ୍ୱ ଦେଖାଇ ରାୟ ଉପାଧି ପାଇଥିଲେ ଏବଂ ରାଜମହେନ୍ଦ୍ରୀର ଶାସନକର୍ତ୍ତା ହୋଇଥିଲେ । ଉପରୋକ୍ତ ଶ୍ଳୋକର ଭାବ ଏହି ଯେ, ପ୍ରତାପରୁଦ୍ରଙ୍କ ନାମ ଶୁଣି ଭୟରେ ସେତୁବନ୍ଧର ରାଜା ଗିରିକନ୍ଦରରେ ଲୁଚୁଥିଲେ, କର୍ଣ୍ଣାଟେଶ୍ୱର ଆପଣା ପରିବାରବର୍ଗଙ୍କ ନୟନରେ ଅଶ୍ରୁ ଦେଖୁଥିଲେ ଏବଂ ଗୌଡ଼ ଦେଶର ରାଜା ଆପଣାକୁ ପ୍ରବଳ ବାତ୍ୟାବେଗରେ ସମୁଦ୍ରରେ ଘୂର୍ଣ୍ଣିତ ପୋତାରୂଢ଼ ସଦୃଶ ମନେ କରୁଥିଲେ । ଯେଉଁମାନେ ପୂର୍ବରୁ ଅନନ୍ତବର୍ମଙ୍କ ପ୍ରତାପ ଜାଣିଥିଲେ ସେମାନେ ପୁନଶ୍ଚ ପ୍ରତାପରୁଦ୍ରଙ୍କ ବିକ୍ରମ ଦୂରରୁ ଅନୁଭବ କଲେ । ଯେଉଁମାନେ ପରାସ୍ତ ହେଲେ, ସେମାନେ ରାଜ୍ୟ ଛାଡ଼ି ପଳାଇଲେ ଏବଂ ଆପଣା ରାଜ୍ୟକୁ ଭାରତ ଦୁର୍ଭାଗ୍ୟ ମଣିଥିଲେ । ମିଷ୍ଟର ଷ୍ଟାର୍ଲିଂ ମାଦଳପାଞ୍ଜି ଓଡ଼ିଶା ରାଜାଙ୍କ ବଂଶାବଳୀ ଗ୍ରନ୍ଥର ଯେଉଁ ଅନୁବାଦ କରିଥିଲେ ତାହା ୧୮୩୭ ଖ୍ରୀଷ୍ଟାବ୍ଦର ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲ୍ ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଉକ୍ତ ପ୍ରବନ୍ଧରେ ସେ ଲେଖିଅଛନ୍ତି, ପ୍ରତାପରୁଦ୍ରଦେବ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ । ଫ୍ରାନ୍ସର ପ୍ୟାରିସ୍ ନଗରର ପୁସ୍ତକାଳୟରେ ଭାରତର ଗୋଟିଏ ପ୍ରାଚୀନ ମାନଚିତ୍ର ଅଛି । ସେଥିରେ "ପ୍ରତାପରୁଦ୍ରଙ୍କ ଦିଗ୍ବିଜୟ ସାମ୍ରାଜ୍ୟ" ବୋଲି ଯେଉଁ ସ୍ଥାନ ଚିହ୍ନିତ ଅଛି, ତାହା ଦେଖିଲେ ତତ୍କାଳୀନ ଉତ୍କଳର ବିଶାଳତା ହୃଦୟରେ ଜାଗ୍ରତ ହେବ । ଗୋପୀନାଥପୁରର କୋଣାର୍କ ଲେଖରୁ ଜଣାଯାଏ ପ୍ରତାପରୁଦ୍ରଙ୍କ ପୂର୍ବେ ରାଜା ପୁରୁଷୋତ୍ତମଦେବ କର୍ଣ୍ଣାଟ, କଳବର୍ଗା (ଗୁଲବର୍ଗା)—ହାଇଦ୍ରାବାଦ

ନବସହସାଙ୍କ ପୂର୍ବବର୍ତ୍ତୀ କର୍ଣ୍ଣାଟକଳବର୍ଗର ଅଧୀଶ୍ୱର ଥିଲେ । କବି ଲକ୍ଷ୍ମଣ ଏହି ତେଲୁଗୁ ଭାଷାରେ ଅନ୍ଧ୍ରଦେଶ କଥାସନ୍ଦର୍ଭ ନାମକ ପୁସ୍ତକ ଲେଖିଥିଲେ । ନୃସିଂହଦେବ ମହାମୁଖାଧ୍ୟ ୩୬୭ ପୃଷ୍ଠାରେ କୃଷ୍ଣଦେବ ରାୟଙ୍କ ପୂର୍ବବର୍ତ୍ତୀ ରାଜତ୍ୱ ସମୟରେ ଦକ୍ଷିଣ-ଭାରତରେ ପ୍ରତାପରୁଦ୍ର ମହାରାଜାଙ୍କ ଅଧୀନସ୍ଥ ରାଜ୍ୟରେ ନିମ୍ନୋକ୍ତ ୯ ଗୋଟି ଦୁର୍ଗ ଥିବାର ଲେଖାଅଛି : (୧) ଉଦୟଗିରି, (୨) କୋଣ୍ଡା, (୩) ବଡ୍ଡ, (୪) କୋଣ୍ଡାପଲ୍ଲୀ, (୫) ବେଲ୍ଲଂକୋଣ୍ଡା, (୬) ନାଗାର୍ଜୁନ କୋଣ୍ଡା, (୭) ଅଦାଙ୍କି, (୮) ଅଜ୍ଞାନଦ୍ରୋଲୁ, (୯) କାଙ୍ଗେଡ଼ ।

ଗଙ୍ଗବଂଶାବତଂସ ମହାରାଜା ଅନଙ୍ଗଭୀମ (୧୧୭୫-୧୨୦୨) ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାକୁ ଜରିମାପ କରାଇଥିଲେ । ସେତେବେଳେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ଓଡ଼ିଶାର ରାଜସ୍ୱ ୧୫ ଲକ୍ଷ ମୋହର ଥିଲା । ୧୫ ଲକ୍ଷ ମୋହର = ୪୦୬୨୫୦ ପାଉଣ୍ଡ = ୬୦୯୩୭୫୦ ଟଙ୍କା । ୧୬ଶ ଶତାବ୍ଦୀରେ ଜାହିର ରାଜସ୍ୱ ୪୩୫୦୦୦ ପାଉଣ୍ଡ । ଆକବରଙ୍କ ଅମଳରେ ୮୩୫୩୧୯ ପାଉଣ୍ଡ । ୧୭ଶ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ । ଶାହାଜାହାନଙ୍କ ଅମଳରେ ୪୯୬୧୪୯୭ ପାଉଣ୍ଡ = ୫୩୭୪୯୫୫ ସିକାଟଙ୍କା । ୧୮ଶ ଶତାବ୍ଦୀରେ ୫୬୦୭୫୦ ପାଉଣ୍ଡ ଥିଲା । ମାତ୍ର ଇଂରେଜମାନଙ୍କ ଅମଳରେ ୭୫୦୦୦୦ ପାଉଣ୍ଡ ଥିଲା । ଓଡ଼ିଶାର ସୀମା କ୍ରମେ ହ୍ରାସ ହୋଇଥିବାର ଏଥିରୁ ସ୍ପଷ୍ଟ ପ୍ରକାଶିତ ହେଉଅଛି ।

ଗଙ୍ଗବଂଶୀୟ ରାଜାଙ୍କ ଅମଳରେ ଓଡ଼ିଶାର ଆୟତନ ମେଦିନୀପୁର ସହିତ ୩୯୨୦୭ ବର୍ଗମାଇଲ ଥିଲା । ତନ୍ମଧ୍ୟ ଭଞ୍ଜବଂଶ ଅମଳରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଅତ୍ତରେ କହ୍ଵଦ ପର୍ଯ୍ୟନ୍ତ ସୀମାବୃଦ୍ଧି ହୋଇଥିଲା । ଗଙ୍ଗବଂଶ ରାଜାମାନଙ୍କ ପୂର୍ବେ ଓଡ଼ିଶାର ଦୈର୍ଘ୍ୟ ୧୮୫ ମାଇଲ ଏବଂ ପ୍ରସ୍ଥ ୬୦ ମାଇଲ ଥିଲା । ଗଙ୍ଗବଂଶ ଅମଳରେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ହେଲା ।

ତମଲୁକ ଯେ ଓଡ଼ିଶା ଅନ୍ତର୍ଗତ ଥିଲା, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଆଜି ସେଠାରେ ସେହିଭଳି ଚିହ୍ନ ଅଛି, ଯେଉଁଥିରୁ ସେ ଦେଶ ଓଡ଼୍ରଦେଶ ଥିବାର ସ୍ପଷ୍ଟ ଜଣାପଡ଼େ । ସେଠାରେ ଓଡ଼ିଆ ଜାତି, ଓଡ଼ିଆ ଭାଷା ଚଳୁଅଛି । ଲୋକମାନଙ୍କ ପଦବୀ ଅଧିକାଂଶ ଓଡ଼ିଆ ପଦବୀ । ପ୍ରତ୍ନତତ୍ତ୍ୱବିତ୍ ଯେଉଁମାନେ କହନ୍ତି, ସେମାନଙ୍କ ମତରେ ତାମ୍ରଲିପ୍ତ କଳିଙ୍ଗର ଅନ୍ତର୍ଗତ ଥିଲା । ପୂର୍ବଂ ସମୟରେ ତାମ୍ରଲିପ୍ତର ସବିଶେଷ ନାମ ଉଲ୍ଲେଖ ହୋଇନାହିଁ । ମହାଭାରତ, ବ୍ରହ୍ମାଣ୍ଡପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ, ଗରୁଡ଼ପୁରାଣ ପ୍ରଭୃତିରେ ତାମ୍ରଲିପ୍ତ ନାମ ଉଲ୍ଲେଖ ଅଛି । 'ଅଭିଧାନ ଚିନ୍ତାମଣି' ଗ୍ରନ୍ଥରେ ତାମ୍ରଲିପ୍ତର ଅନେକ ନାମ ଦେଖାଯାଏ; ଯଥା— ତମୋଲିପ୍ତ, ତାମ୍ରଲିପ୍ତ, ବେଳାକୂଳ, ତମାଲିକା,

ଦମଲପ୍ତ, ତମାଳିକା, ଶକ୍ତୁଳ । ଜେରିନି ମହୋଦୟ ଏହାକୁ ରକ୍ତପଦ୍ମ ବୋଲି କହନ୍ତି । ଦାଣ୍ଡୀରାମ ଦାସଙ୍କ ମହାଭାରତରେ ଏହାର ନାମ ରତ୍ନାବତୀପୁର ।

ମହାରାଜା ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶାର କଳେବର ଅତ୍ୟନ୍ତ ବୃଦ୍ଧି ହୋଇଥିଲା । ସେ ଆପଣା ବାହୁବଳଦ୍ୱାରା ଉତ୍କଳର ସୀମାକୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ବଢ଼ାଇଥିଲେ । କେତେକଦେବଙ୍କ ଉତ୍କଳ ରାଜ୍ୟ ଭାରତର ଏକ-ତୃତୀୟାଂଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ରାୟ ରାମାନନ୍ଦ ପ୍ରତାପରୁଦ୍ରଙ୍କ ସମସାମୟିକ । ସେ ଜଗନ୍ନାଥବଲ୍ଲଭ ନାମକ ଗୋଟିଏ ନାଟକ ଲେଖିଥିଲେ । ଏହି ନାଟକରେ ନିମ୍ନଲିଖିତ ପ୍ରକାର ବର୍ଣ୍ଣନା ଦେଇଅଛନ୍ତି—

ଯନ୍ନାମାପି ଜଗତ୍ୟ ସଦ୍ଗଜପତେ ଦେବେନ୍ଦ୍ରଃ ଚନ୍ଦନମ୍
ସ୍ୱର୍ଣ୍ଣଂ ଚନ୍ଦ୍ରଶାଳି ଭୂମିତଳେଃ ଶାସ୍ତ୍ରଂ ସମୁଦ୍ଘୋଷିତ ।
ଯେନ ପୂର୍ବର ଭୂପାର୍ଥିବନରବାଜିନଂ ନଗଂ ପଦ୍ମନମ୍
ବାଡ଼ବାନ୍ତରସ୍ୟୋ, ପାତପ ନୈବ ସଂଦେହ ଗୌଡ଼େଶ୍ୱରଃ ।

ଏଥିରେ ପ୍ରତାପରୁଦ୍ରଙ୍କ ପ୍ରତାପ, ଶକ୍ତି ଓ ଅଧିକୃତ ରାଜ୍ୟ ବିଷୟ ବର୍ଣ୍ଣିତ ଅଛି । ରାଜା ପ୍ରତାପରୁଦ୍ର ଦାକ୍ଷିଣାତ୍ୟ ପ୍ରଦେଶରେ ରହି ବହୁକାଳ ଯୁଦ୍ଧ କରି ଅନେକ ରାଜ୍ୟ କରଗତ କରିଥିଲେ । ରାୟ ରାମାନନ୍ଦ ତାଙ୍କର ସେନାପତି ଥିଲେ । ଯୁଦ୍ଧରେ କୃତିତ୍ୱ ଦେଖାଇ ରାୟ ଉପାଧି ପାଇଥିଲେ ଏବଂ ରାଜମହେନ୍ଦ୍ରୀର ଶାସନକର୍ତ୍ତା ହୋଇଥିଲେ । ଉପରୋକ୍ତ ଶ୍ଳୋକର ଭାବ ଏହି ଯେ, ପ୍ରତାପରୁଦ୍ରଙ୍କ ନାମ ଶୁଣି କର୍ଣ୍ଣାଟ ଦେଶର ରାଜା ଗିରିକନ୍ଦରରେ ଲୁଚୁଥିଲେ, କଳବର୍ଗେଶ୍ୱର ଆପଣା ଅଶ୍ୱାରୋହୀଙ୍କ ନିଧନରେ ଅଶ୍ରୁ ଦେଉଥିଲେ ଏବଂ ଗୌଡ଼ ଦେଶର ରାଜା ଏହାଙ୍କୁ ପ୍ରବଳ ତାରୁଣ୍ୟବେଗରେ ଉନ୍ମତ୍ତ ପୂର୍ଣ୍ଣିତ ଯୋଦ୍ଧାରୂପ ସମୁଦ୍ର ମନେ କରୁଥିଲେ । ଯେଉଁମାନେ ପୂର୍ବରୁ ଅନଙ୍ଗଭୀମଙ୍କ ପ୍ରତାପ ଜାଣିଥିଲେ ସେମାନେ ଭୁଜଙ୍ଗମ ପ୍ରତାପରୁଦ୍ରଙ୍କ ଶରଣ ଭୂମିକୋଳେ ସନ୍ଧାନ କଲେ । ଯେଉଁମାନେ ସ୍ୱତନ୍ତ୍ର ହେଲେ, ସେମାନେ ରାଜ୍ୟ ଛାଡ଼ି ପଳାଇଲେ ଏବଂ ଆପଣା ରାଜ୍ୟକୁ କାନନ ସ୍ୱରୂପ ମଣିଥିଲେ । ମିଷ୍ଟର ଷ୍ଟାର୍ଲିଂ ସାହେବ ଓଡ଼ିଶା ରାଜାଙ୍କ ବଂଶାବଳୀ ଉପରେ ଯେଉଁ ଅନୁବାଦ କରିଥିଲେ ତାହା ୧୮୩୭ ଖ୍ରୀଷ୍ଟାବ୍ଦରେ ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲ୍ ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଉକ୍ତ ପ୍ରବନ୍ଧରେ ସେ ଲେଖିଅଛନ୍ତି, ପ୍ରତାପରୁଦ୍ରଦେବ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ । କାଞ୍ଚୀର ସାକ୍ଷୀଗୋପାଳ ମନ୍ଦିରକାନ୍ଥରେ ଖୋଦିତ ଗୋଟିଏ ପ୍ରାଚୀନ ମାନଚିତ୍ର ଅଛି । ସେଥିରେ "ପ୍ରତାପରୁଦ୍ରଙ୍କ ବିଜିତ ସାମ୍ରାଜ୍ୟ" ବୋଲି ଯେଉଁ ସ୍ଥାନ ଚିହ୍ନିତ ଅଛି, ତାହା ଦେଖିଲେ ଉଦୟଗିରିଠାରୁ ମୁଦ୍ଗଲର କର୍ଣ୍ଣାଟକ ପର୍ଯ୍ୟନ୍ତ ଜଣାପଡ଼େ । ବୋଧିନାଥପୁରର ଖୋଦିତ ଲିପିରୁ ଜଣାଯାଏ ପ୍ରତାପରୁଦ୍ରଙ୍କ ପୂର୍ବେ ରାଜା କପିଳେନ୍ଦ୍ରଦେବ କର୍ଣ୍ଣାଟ, କଲବର୍ଗ (କୁଲବର୍ଗା—ହାଇଦ୍ରାବାଦ

ନବସଂଖ୍ୟକ ବୃହଦ୍‌ବଂଶୀୟ କର୍ଣ୍ଣାଟଦେଶବର୍ଗର ଅଧୀଶ୍ୱର ଥିଲେ । କପି ଲକ୍ଷଣ ଶ୍ରୀ ତେଲୁଗୁ ଭାଷାରେ ଅନ୍ଧ୍ରଦେଶ ଚରିତ୍ର ନାମକ ପୁସ୍ତକ ଲେଖିଛନ୍ତି । ମହାବଂଶ ମହାପ୍ରଭାଙ୍କ ୩୫୭ ପୃଷ୍ଠାରେ କୁବ୍ଜଦେବ ରାଜାଙ୍କ ଶୁଦ୍ଧଧର୍ମଚକ୍ରୀୟ ସମୟରେ ଦକ୍ଷିଣ-ଭାରତରେ ପ୍ରତାପରୁଦ୍ର ମହାରାଜାଙ୍କ ଅଧୀନସ୍ଥ ରାଜ୍ୟରେ ନିମ୍ନୋକ୍ତ ୯ ଗୋଟି ଦୁର୍ଗ ଥିବାର ଲେଖାଅଛି : (୧) ଉଦୟଗିରି, (୨) କୋଣ୍ଡା, (୩) ବଢ଼ୁ, (୪) କୋଣ୍ଡାପଲ୍ଲୀ, (୫) ବେଲ୍ଲଂ କୋଣ୍ଡା, (୬) ନାଗାର୍ଜୁନ କୋଣ୍ଡା, (୭) ଅଦ୍ଦାଙ୍କି, (୮) ଅମ୍ମାନାବ୍ରୋଲୁ, (୯) ଭାଗେଡୁ ।

ଗଙ୍ଗବଂଶାବତଂସ ମହାରାଜା ଅନଙ୍ଗଭୀମ ୧୧୭୫–୧୨୦୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାକୁ ଜରିପ କରାଇଥିଲେ । ସେତେବେଳେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ଓଡ଼ିଶାର ରାଜସ୍ୱ ୧୫ ଲକ୍ଷ ମୋହର ଥିଲା । ୧୫ ଲକ୍ଷ ମୋହର—୪୩୭୨୫୦ ପାଉଣ୍ଡ—୭୦୯୩୭୫୦ ଟଙ୍କା । ୧୬ଶ ଶତାବ୍ଦୀରେ ବାର୍ଷିକ ରାଜସ୍ୱ ୪୩୫୦୦୦ ପାଉଣ୍ଡ । ଆଫଗାନଙ୍କ ଅମଳରେ ୨୩୫୩୧୯ ପାଉଣ୍ଡ । ୧୭ଶ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ । ଶାହାଜାହାନଙ୍କ ଅମଳରେ ୪୯୭୧୪୯୭ ପାଉଣ୍ଡ—୫୩୭୪୯୫୫ ସିକ୍କାଟଙ୍କା । ୧୮ଶ ଶତାବ୍ଦୀରେ ୫୭୦୭୫୦ ପାଉଣ୍ଡ ଥିଲା । ମାତ୍ର ଇଂରେଜମାନଙ୍କ ଅମଳରେ ୪୫୦୦୦ ପାଉଣ୍ଡ ଥିଲା । ଓଡ଼ିଶାର ସୀମା କ୍ରମେ ହ୍ରାସ ହୋଇଥିବାର ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ।

ଗଙ୍ଗବଂଶୀୟ ରାଜାଙ୍କ ଅମଳରେ ଓଡ଼ିଶାର ଅନ୍ତର୍ଗତ ମେଦିନୀପୁର ଜିଲ୍ଲା ୫୨୦୦୭ ବର୍ଗମାଇଲ ଥିଲା । ତନ୍ମଧ୍ୟ ଗଙ୍ଗବଂଶ ଅମଳରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଅତଏବ ବହୁଦୂର ପର୍ଯ୍ୟନ୍ତ ସୀମାବୃଦ୍ଧି ହୋଇଥିଲା । ଗଙ୍ଗବଂଶ ରାଜାମାନଙ୍କ ପୂର୍ବେ ଓଡ଼ିଶାର ଦୈର୍ଘ୍ୟ ୧୮୫ ମାଇଲ ଏବଂ ପ୍ରସ୍ଥ ୭୦ ମାଇଲ ଥିଲା । ଗଙ୍ଗବଂଶ ଅମଳରେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ହେଲା ।

ତମଲୁକ ଯେ ଓଡ଼ିଶା ଅନ୍ତର୍ଗତ ଥିଲା, ଏଥିରେ କୌଣସି ସନ୍ଦେହ ନାହିଁ । ଆଜି ସେଠାରେ ସେହିପରି ରହିଅଛି, ସେଥିପାଇଁ ସେ ଦେଶ ଓଡ଼ିଆଦେଶ ଥିବାର ସ୍ପଷ୍ଟ ଜଣାପଡ଼େ । ସେଠାରେ ଓଡ଼ିଆ ଜାତି, ଓଡ଼ିଆ ଭାଷା ଚଳୁଛି । ଲୋକମାନଙ୍କ ପଦବୀ ଅଧିକାଂଶ ଓଡ଼ିଆ ପଦବୀ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ କହନ୍ତି, ପୂର୍ବକାଳରେ ତାମ୍ରଲିପ୍ତ କଳିଙ୍ଗର ଅନ୍ତର୍ଗତ ଥିଲା । ପରନ୍ତୁ ରାମାୟଣରେ ତାମ୍ରଲିପ୍ତର କୌଣସି ନାମ ଉଲ୍ଲେଖ ହୋଇନାହିଁ । ମହାଭାରତ, ବ୍ରହ୍ମାଣ୍ଡପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ, ଗରୁଡ଼ପୁରାଣ ପ୍ରଭୃତିରେ ତାମ୍ରଲିପ୍ତ ନାମ ଉଲ୍ଲେଖ ଅଛି । 'ଅଭିଧାନ ଚିନ୍ତାମଣି' ଗ୍ରନ୍ଥରେ ତାମ୍ରଲିପ୍ତର ଅନେକ ନାମ ଦେଖାଯାଏ; ଯଥା—ତମୋଲିପ୍ତ, ତାମ୍ରଲିପ୍ତି, ବେଲାକୂଳ, ତମାଲିକା,

ଉମଲ୍ଲୁ, କମ୍ମାମେଟ, ବିନୁକୁଣ୍ଡ । କେତେକ ମହର୍ଷି ଏମାନଙ୍କୁ ଗଜପତି ବୋଲି କହନ୍ତି । ଭାଗୀରଥ ଦାସଙ୍କ ମଣ୍ଡଳ ଭିତରେ ଏହାର ନାମ ରହିଥିବାରୁ ।

ମହାରାଜା ପ୍ରତାପରୁଦ୍ରଙ୍କ ଅମଳରେ ଓଡ଼ିଶାର ଗୌରବର ଆହୁରି ବୃଦ୍ଧି ହୋଇଥିଲା । ସେ ଆପଣା ବାହୁବଳଦ୍ୱାରା ଉତ୍କଳର ସୀମାକୁ କୃଷ୍ଣାନଦୀ ଅବ୍ୟବହିତ ପର୍ଯ୍ୟନ୍ତ ବଢ଼ାଇଥିଲେ । ସେତେବେଳେ ଉତ୍କଳ ରାଜ୍ୟ ଭାରତର ଏକ-ତୃତୀୟାଂଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ରାୟ ରାମାନନ୍ଦ ପ୍ରତାପରୁଦ୍ରଙ୍କ ସମସାମୟିକ । ସେ ଜଗନ୍ନାଥବଲ୍ଲଭ ନାମକ ଏକ ନାଟକ ଲେଖିଥିଲେ । ସେ ନାଟକରେ ନିମ୍ନଲିଖିତ ପ୍ରକାର ବର୍ଣ୍ଣନା ଦେଇଛନ୍ତି—

ଯନ୍ନାମାଙ୍କି ଜଗତ୍ୟା ସବିଶେଷତ ହେମଧାରଃ କଥାରମ୍
ଦୁର୍ବର୍ଣ୍ଣଂ ଭାଲଦର୍ଶ ଭୂମିପାଳକଃ ଗାଣ୍ଡ୍ରଂ ସମୁଦ୍ରବସନେ ।
ମେରୁଂ ସୁବର୍ଣ୍ଣ ଭୂମିପାଳିଜଃ ଧବାଗ୍ରଣୀଂ ରାଜଂ ଯଥନମ୍
ପାତନ୍ୟାଦପ୍ୟୁଦ୍ୟୁ, ଯାଜନ ମିବ ସ୍ତଂଭେବ ଗୌଡ଼େଶ୍ୱରଃ ।

ଏଥିରେ ପ୍ରତାପରୁଦ୍ରଙ୍କ ପ୍ରତାପ, କୀର୍ତ୍ତି ଓ ଅଧିକୃତ ରାଜ୍ୟ ବିଷୟ ବର୍ଣ୍ଣିତ ଅଛି । ରାଜା ପ୍ରତାପରୁଦ୍ର ଦାକ୍ଷିଣାତ୍ୟ ପ୍ରଦେଶରେ ବହୁ ଦିନକାଳ ଯୁଦ୍ଧ କରି ଅନେକ ରାଜ୍ୟ ଜୟ କରିଥିଲେ । ରାୟ ରାମାନନ୍ଦ ତାଙ୍କର ସେନାପତି ଥିଲେ । ପୂର୍ବରୁ କହନ୍ତି ଯେ ରାୟ ଉପାଧି ପାଇଥିଲେ ଏବଂ ରାଜମହେନ୍ଦ୍ରୀର ଶାସନକର୍ତ୍ତା ହୋଇଥିଲେ । ଉପରୋକ୍ତ ଶ୍ଲୋକର ଭାବ ଏହି ଯେ, ପ୍ରତାପରୁଦ୍ରଙ୍କ ନାମ ଶ୍ରବଣ କରି ଦେଶଦେଶର ରାଜା ଗିରିକନ୍ଦରରେ ଲୁଚିଥିଲେ, ଧବଳଦୁର୍ଗେଶ୍ୱର ଆପଣା ଶତ୍ରୁକାରିକର୍ଣ୍ଣଙ୍କ ନୟନରେ ଅଗ୍ନି ଦେଖୁଥିଲେ ଏବଂ ଗୌଡ଼ ଦେଶର ରାଜା ଆପଣାକୁ ପ୍ରବଳ ବାତ୍ୟାବେଗରେ ସମୁଦ୍ରରେ ସଂକ୍ଷିପ୍ତ ନୌକାରୂଢ଼ ଅନୁଭବ କରୁଥିଲେ । ଯେଉଁମାନେ ଯୁଦ୍ଧକୁ ଗଜପତିଙ୍କ ପ୍ରତାପ ଜାଣିଥିଲେ ସେମାନେ ବୁଦ୍ଧିହୀନ ପ୍ରତାପରୁଦ୍ରଙ୍କ ବଶ୍ୟ ଦୂତହୋଇ ଶରଣ ପଶିଲେ । ଯେଉଁମାନେ ସମ୍ମୁଖ ହେଲେ, ସେମାନେ ରାଜ୍ୟ ଛାଡ଼ି ପଳାଇଲେ ଏବଂ ଆପଣା ରାଜ୍ୟକୁ ଜାଗର ସ୍ୱପ୍ନ ମଣିଥିଲେ । ମିଷ୍ଟର ଷ୍ଟର୍ଲିଂ ସାହେବ ଓଡ଼ିଶା ରାଜାଙ୍କ ବଂଶାବଳୀ ଗ୍ରନ୍ଥର ଯେଉଁ ଅନୁବାଦ କରିଥିଲେ ତାହା ୧୮୩୭ ଖ୍ରୀଷ୍ଟାବ୍ଦରେ ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲ୍ ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଥି ପ୍ରବନ୍ଧରେ ସେ ଲେଖିଅଛନ୍ତି, ପ୍ରତାପରୁଦ୍ରଦେବ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ଦେଶ ରାଜ୍ୟ ଜୟ କରିଥିଲେ । ମାକେଞ୍ଜି ସାହେବଙ୍କ ପୁସ୍ତକାଳୟରେ ଭାରତର ଏକ ପ୍ରାଚୀନ ମାନଚିତ୍ର ଅଛି । ସେଥିରେ "ପ୍ରତାପରୁଦ୍ରଙ୍କ ବିସ୍ତୃତ ସାମ୍ରାଜ୍ୟ" ବୋଲି ଯେଉଁ ସ୍ଥାନ ଚିହ୍ନିତ ଅଛି, ତାହା ଦେଖିଲେ ଉଦାନନ୍ଦନ ଚିତ୍ତର ବିସ୍ମୟ ଏଥିରେ ଜଣାପଡ଼େ । ଗୋପୀନାଥପୁରର ଶିଳାଲିପିରୁ ଜଣାଯାଏ ପ୍ରତାପରୁଦ୍ରଙ୍କ ପୂର୍ବେ ରାଜା କପିଳେନ୍ଦ୍ର ଦେବ କର୍ଣ୍ଣାଟ, କଲବରଗ (ଗୁଲବର୍ଗା)—ହାଇଦ୍ରାବାଦ

ନ୍ୟାଚରେ), ମାଳବ ଓ ଗୌଡ଼ ଦେଶ ଜୟ କରିଥିଲେ ଏବଂ ଦାକ୍ଷିଣାତ୍ୟଙ୍କୁ ପରାସ୍ତ କରିଥିଲେ । ଉତ୍କଳୀୟମାନଙ୍କର ଏହି ପ୍ରାଚୀନ କୀର୍ତ୍ତି, ଗୌରବ, ବାହୁବଳ ଏକାବେଳକେ ଲୋପ ପାଇଛି । ମହାରାଜା ପ୍ରତାପରୁଦ୍ରଦେବ ଚୈତନ୍ୟଧର୍ମ ଗ୍ରହଣ କରି ଚୈତନ୍ୟଙ୍କ ଶିଷ୍ୟ ହେବା ପରେ ସଂଗ୍ରାମ ବିମୁଖ ହେଲେ ଏବଂ ସେହିଦିନୁ ବାହୁବଳ ଅନ୍ତର୍ହିତ ହେଲା । ଆଜି ସେହି ଉତ୍କଳୀୟମାନଙ୍କ ବଂଶଧରମାନଙ୍କୁ ଲୋକେ ମେଣ୍ଢା କହି ଉପହାସ କରି ମନରେ ଆନନ୍ଦ ଉପଭୋଗ କରୁଛନ୍ତି । ବଙ୍ଗଳାଭଙ୍ଗର ସ୍ୱଭାବ ଏସବୁ ଦୁର୍ଗତିର ଏକମାତ୍ର କାରଣ ।

ଓଡ଼ିଆଭାଷା ଯେଉଁ ଯେଉଁ ସ୍ଥାନରେ ଦେଖାଯାଏ, ତଦନୁସାରେ ପ୍ରାଚୀନ ଉତ୍କଳର ଚିହ୍ନ ଦେଖାଯାଏ । ଗ୍ରୀୟରସନ୍ ସାହେବଙ୍କ ଭାଷାତତ୍ତ୍ୱ ୫ମ ଭାଗ ୨ୟ ଅଧ୍ୟାୟରେ ଦେଖାଯାଏ, ଓଡ଼ିଆଭାଷୀ ପ୍ରଦେଶର ସୀମା ପୂର୍ବରେ ବଙ୍ଗୋପସାଗର, ଉତ୍ତରରେ ପୂର୍ବଅଞ୍ଚଳ ହୁଗଳୀନଦୀ, ମେଦିନୀପୁର ଡିଷ୍ଟ୍ରିକ୍ଟର କଣ୍ଟାଇର ଉତ୍ତର ସୀମା । ଉତ୍ତର-ପଶ୍ଚିମ ଅଞ୍ଚଳ କାଳିଘାଇ ନଦୀଠାରୁ ବାଙ୍କୁଡ଼ା ପର୍ଯ୍ୟନ୍ତ । ଦାନ୍ତନ, ଗୋପୀବଲ୍ଲଭପୁର, ଝାଡ଼ଗ୍ରାମ ଓ ବନପୁର ପ୍ରଭୃତି ଥାନାମାନ ଏଥିର ଅନ୍ତର୍ଗତ । ସିଂହଭୂମର ପୂର୍ବସୀମା ଧଳଭୂମକୁ ଛୁଇଁ-ଦେଇଛନ୍ତି । ସିଂହଭୂମର ସାଧାରଣ ସୀମା ମୟୂରଭଞ୍ଜ, ସରାଇକେଲା ପର୍ଯ୍ୟନ୍ତ । ସେଠାରୁ ଉତ୍ତରଅଞ୍ଚଳ ସିଂହଭୂମ ଜିଲା ଦେଇ ଉତ୍ତରସୀମା ପର୍ଯ୍ୟନ୍ତ । ରାଞ୍ଚି ଜିଲାର ଦକ୍ଷିଣସୀମା ପର୍ଯ୍ୟନ୍ତ ଯାହୁପୁରର ଦକ୍ଷିଣାଂଶ ପୁଣି ପଶ୍ଚିମକୁ ଯଶପୁର ଏବଂ ଉଦୟପୁର ମଧ୍ୟଦେଇ ରାଏଗଡ଼, ସାରଙ୍ଗଗଡ଼, ସମ୍ବଲପୁର, ଜୟପୁର, ଭିଜାଗାପଟ୍ଟମ, ବସ୍ତର, ଚାନ୍ଦା ପର୍ଯ୍ୟନ୍ତ । ସେଠାରୁ ପୂର୍ବ ଅଞ୍ଚଳକୁ ଭିଜାଗାପଟ୍ଟମ, ଗଞ୍ଜାମ ମଧ୍ୟଦେଇ ପୂର୍ବ ସମୁଦ୍ରକୂଳ ବରୁଆ ବନ୍ଦର ପର୍ଯ୍ୟନ୍ତ । ଏଥିରୁ ସମସ୍ତ ଓଡ଼ିଆଭାଷୀ ପ୍ରଦେଶର ଆୟତନ ନିର୍ଣ୍ଣୟ କଲେ ମଧ୍ୟ ଅଧିକାଂଶ ପ୍ରଦେଶର ଅଭାବ ଦିଶୁଛି ।

ଷ୍ଟର୍ଲିଂ ସାହେବ ତାଙ୍କ 'ଓଡ଼ିଶା ଇତିହାସ'ରେ ଓଡ଼ିଶାର ସୀମା ନିମ୍ନଲିଖିତ ପ୍ରକାରେ ଦେଇଅଛନ୍ତି :

ଉତ୍ତର—ତ୍ରିବେଣୀଠାରୁ ବିଷ୍ଣୁପୁର ଦେଇ ପାଟକୁମ ପର୍ଯ୍ୟନ୍ତ ।

ଦକ୍ଷିଣ—ଗୋଦାବରୀ ।

ପୂର୍ବ—ହୁଗୁଳି ଓ ସମୁଦ୍ର ।

ପଶ୍ଚିମ—ସିଂହଭୂମଠାରୁ ସୋନପୁର, ଗାଙ୍ଗପୁର, ସମ୍ବଲପୁର ଏବଂ ଏହାର ଅଧୀନସ୍ଥ ଜିଲାମାନ, ବସ୍ତରଠାରୁ ଜୟପୁର ଓ ଗୋଦାବରୀ, ମେଦିନୀପୁରର ଏକ ଅଂଶ, ଗଞ୍ଜାମ ଓ ଭିଜାଗାପଟ୍ଟମର କେତେକ ଅଂଶ ।

ଏହି ପ୍ରାଚୀନ ବିଶାଳ କଳେବରୀ ଉତ୍କଳ ଆଜି କ୍ଷୀଣ କଳେବର ଧାରଣ କରିଛି । ଏ ଅଙ୍ଗଚ୍ଛେଦ ନାନା କାରଣରୁ ଘଟିଛି । ମୁସଲମାନ ଶାସକମାନେ ଏ ଅଙ୍ଗଚ୍ଛେଦର

ମୁଲଦାଇଟ । ୧୭୨୭ ଖ୍ରୀଷ୍ଟାବ୍ଦରେ ନବାବଙ୍କ ନାଏବ ମହମ୍ମଦ ତକି ଖାଁ ଶାସନ ସମୟରେ ଓଡ଼ିଶା ସୁବାର ସୀମା ଗଧାଦେଉଳଠାରୁ ଟିକ୍କାଲି ରଘୁନାଥପୁର ପର୍ଯ୍ୟନ୍ତ ଥିଲା । ଗଧାଦେଉଳ ମେଦିନୀପୁରଠାରୁ ୬ କୋଶ ଦୂରରେ ଅବସ୍ଥିତ ଏବଂ ଟିକ୍କାଲି ଗଞ୍ଜାମର ମହେନ୍ଦ୍ରମାଳି ପାହାଡ଼ ନିକଟରେ । ଦୈର୍ଘ୍ୟ ୧୭୭ କୋଶ । ପଶ୍ଚିମରେ ଜଳ ପ୍ରଦେଶଠାରୁ ବନମୁଲଘାଟି ପର୍ଯ୍ୟନ୍ତ ପ୍ରସ୍ଥ ୮୫ ମାଇଲ । ଏହାଙ୍କ ଶାସନସୂତ୍ରେ ଆକବରଙ୍କ ଅମଳରେ ଓଡ଼ିଶାର ପାଞ୍ଚଗୋଟି ସରକାର ଥିଲା; ଯଥା—(୧) ଜଳେଶ୍ୱର, (୨) ଭଦ୍ରକ, (୩) କଟକ, (୪) କଳିଙ୍ଗ ଦଣ୍ଡପାଟ, (୫) ରାଜମହେନ୍ଦ୍ରୀ । ଓଡ଼ିଶାର ଗଜପତିବଂଶୀୟ ରାଜାମାନେ ଦକ୍ଷିଣକୁ ବହୁଦୂର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । କର୍ଣ୍ଣାଟକ ଓଡ଼ିଶା ରାଜାଙ୍କ ଅଧୀନସ୍ଥ ହୋଇଥିଲା । ଗୋଦାବରୀର ଦକ୍ଷିଣକୁ ଯେଉଁ ପ୍ରଦେଶମାନ ଓଡ଼ିଶା ରାଜାମାନେ ଜୟ କରିଥିଲେ, ସେଥିପାଇଁ ବାହ୍ମନୀ ରାଜାମାନଙ୍କ ସହିତ ତୁମୁଳ ଯୁଦ୍ଧ ହୋଇଥିଲା । ଓଡ଼ିଶା ପ୍ରଥମେ ମୋଗଲ ସାମ୍ରାଜ୍ୟଭୁକ୍ତ ହେଲାବେଳେ ସୀମା ଉତ୍ତରରେ ସମସ୍ତ ତମଲୁକ ଓ ମେଦିନୀପୁର ଏବଂ ଦକ୍ଷିଣରେ ରାଜମହେନ୍ଦ୍ରୀ ପର୍ଯ୍ୟନ୍ତ ଥିଲା । ଆକବରଙ୍କ ମନ୍ତ୍ରୀମାନେ ଓଡ଼ିଶାକୁ ବେଙ୍ଗଲ ସାମିଲ କଲାବେଳେ ତମଲୁକ ଏବଂ ଅଧୀନସ୍ଥ ଦଶଗୋଟି ମାହାଲ ହିଜଳିକୁ କାଟିନେଇ ବଙ୍ଗ ସଙ୍ଗେ ମିଶାଇଦେଲେ । ଓଡ଼ିଶାର ଏ ପ୍ରଥମ ଅଙ୍ଗଚ୍ଛେଦ ୧୫୯୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ଓଡ଼ିଶା ସୁବାର ପଶ୍ଚିମାଂଶ ଅର୍ଥାତ୍ ବିଷ୍ଣୁପୁରଠାରୁ କୋଆନ୍ତି ଜୟପୁର ବନ୍ଦର ପର୍ଯ୍ୟନ୍ତ ପୃଥକ୍ ଝାଡ଼ଖଣ୍ଡଭୁକ୍ତ ହେଲା ଏବଂ ମୁସଲମାନଙ୍କ ଅଧିକାର ଘେନ ଅନେକ ଦିନଯାଏ ଓଡ଼ିଶା ରାଜାଙ୍କ ଅଧୀନରେ ଥିଲା । ଆକବରଙ୍କ ବନ୍ଦୋବସ୍ତର ଅଳ୍ପ ସମୟ ପରେ ରାଜମହେନ୍ଦ୍ରୀ ଏବଂ ଟିକ୍କାଲି ରଘୁନାଥପୁରଠାରୁ ଦକ୍ଷିଣ କଳିଙ୍ଗ ରାଜ୍ୟ ଗୋଲକୁଣ୍ଡାର ମୁସଲମାନ ରାଜାମାନେ ଓଡ଼ିଶାରୁ ପୃଥକ୍ କରିଦେଲେ । ୧୭୨୭ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦର ନିଜାମଙ୍କ କର୍ମଚାରୀମାନେ ଗଞ୍ଜାମର ଖେମଡ଼ାଶାଳୀ ଜମିଦାରମାନଙ୍କ ସହିତ ଷଡ଼ଯନ୍ତ୍ର କରି ଚିଲିକାର ଦକ୍ଷିଣରୁ ସମସ୍ତ ଦକ୍ଷିଣ-ଉତ୍କଳକୁ କାଟିନେଲେ । ନବାବ ସୁଜାଉଦ୍ଦିନ୍ ମହମ୍ମଦଙ୍କ ରାଜତ୍ୱ ଅବସାନର ଦୁଇ ବର୍ଷ ପୂର୍ବରୁ ପଚାଶପୁର ସ୍ୱନାମ ବଙ୍ଗାଳ ସମଗ୍ର ଜଳେଶ୍ୱର ଉତ୍ତରକୁ ଅର୍ଥାତ୍ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ମୁର୍ଶିଦାବାଦ ସରକାରଙ୍କ ଶାସନାଧୀନ କଲେ । ଅବଶିଷ୍ଟ ଉତ୍କଳ ଉତ୍ତରରେ ସୁବର୍ଣ୍ଣରେଖା, ପଚାଶପୁର, ଦକ୍ଷିଣରେ ଚିଲିକା, ପୂର୍ବରେ ସମୁଦ୍ର, ପଶ୍ଚିମରେ ବନମୁଲଘାଟି । ଏହି କ୍ଷୀଣକଳେବର ଉତ୍କଳକୁ ଖାଁ ଜମାନ ଆଲିବର୍ଦ୍ଦି ୧୭୫୧ ଖ୍ରୀଷ୍ଟାବ୍ଦରେ ଚଉଠ ଭାବରେ ଦେବାପାଇଁ ମରହଟ୍ଟାମାନଙ୍କୁ ସମର୍ପଣ କଲେ । ମରହଟ୍ଟାମାନଙ୍କ ପରେ ଏହି କ୍ଷୁଦ୍ରତର ଉତ୍କଳ ଇଂରେଜମାନଙ୍କ ହସ୍ତଗତ ହେଲା । ମାନ୍ଦ୍ରାଜ ପ୍ରଦେଶ ଇଂରେଜମାନଙ୍କ ହସ୍ତଗତ ହେଲାବେଳେ ଦକ୍ଷିଣ-ଉତ୍କଳ ମାନ୍ଦ୍ରାଜ ସରକାରଙ୍କ ଅଧୀନ ଥିଲା । ଅବଶିଷ୍ଟ ଥିଲା କେବଳ ମଧ୍ୟଉତ୍କଳ ଖଣ୍ଡ । ଏ ଖଣ୍ଡ ଅନ୍ୟାନ୍ୟ ଅଂଶ ଇଂରେଜମାନଙ୍କ ହସ୍ତଗତ ହେବାପରେ ୧୮୦୩ ଖ୍ରୀଷ୍ଟାବ୍ଦରେ ହସ୍ତଗତ ହେଲା । ପ୍ରଥମେ ଏହି ଅଂଶ ବଙ୍ଗପ୍ରଦେଶ ଶାସନାଧୀନ ଥିଲା । ଶତାଧିକ ବର୍ଷ ପରେ ସେହି ମଧ୍ୟଉତ୍କଳ

ଖଣ୍ଡ ବଙ୍ଗ ଦେଶରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ବିହାର ପ୍ରଦେଶ ଗଠନ ହେବାବେଳେ ବିହାର ସଙ୍ଗେ ଯୋଗକରାଗଲା । ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ ହେଲାବେଳେ ସମସ୍ତ ଓଡ଼ିଆଭାଷୀ ପ୍ରଦେଶ ବିଚ୍ଛିନ୍ନ ନ ହୋଇ କେବଳ ଉପାନ୍ତକ ଓଡ଼ିଶା କମିଶନରଙ୍କ ଅଧୀନସ୍ଥ ମଧ୍ୟଉତ୍କଳ ଖଣ୍ଡ ଆସି ବିହାର ସଙ୍ଗେ ସଂଯୁକ୍ତ ହେଲା । ଉତ୍କଳର ଉତ୍ତରାଂଶ ମେଦିନୀପୁର ଅଞ୍ଚଳ ଓ ତନ୍ନିକଟବର୍ତ୍ତୀ ଓଡ଼ିଆଭାଷୀ ଅଞ୍ଚଳମାନ ପୂର୍ବପରି ବଙ୍ଗ ସଙ୍ଗେ ରହିଗଲା । ଫୁଲଝର, ପଦ୍ମପୁର, ବସ୍ତର, କଳାହାଣ୍ଡି, ଚନ୍ଦ୍ରପୁର, ସମ୍ବଲପୁର ପ୍ରଭୃତି ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ଥିଲା । କେତେକ ଆପତ୍ତି ପରେ ସମ୍ବଲପୁରକୁ ଆଣି ମଧ୍ୟଉତ୍କଳ ସଙ୍ଗେ ଯୋଗକଲେ । ଅବଶିଷ୍ଟ ଅଞ୍ଚଳଗୁଡ଼ିକ ପୂର୍ବପରି ମଧ୍ୟପ୍ରଦେଶରେ ଅଛି । ଫଳରେ ଓଡ଼ିଆଭାଷୀ ଲୋକମାନେ ବର୍ତ୍ତମାନ ମାନ୍ଦ୍ରାଜ, ବଙ୍ଗ, ମଧ୍ୟପ୍ରଦେଶ ଏବଂ ବିହାର ପ୍ରାଦେଶିକ ସରକାରମାନଙ୍କ ଶାସନାଧୀନରେ ଅଛନ୍ତି । ମାନ୍ଦ୍ରାଜର ଅଧିକାଂଶ ଅଧିବାସୀ ତେଲୁଗୁ । ସେ ଅଞ୍ଚଳର କଚେରୀ ଓ ସ୍କୁଲର ସାଧାରଣ ଭାଷା ତେଲୁଗୁ । ବଙ୍ଗଳାର ଅଧିକାଂଶ ଅଧିବାସୀ ବଙ୍ଗାଳୀ । କଚେରୀ ଓ ସ୍କୁଲର ସାଧାରଣ ଭାଷା ବଙ୍ଗଳା । ମଧ୍ୟପ୍ରଦେଶ ଓ ବିହାରର ଅଧିକାଂଶ ଅଧିବାସୀ ହିନ୍ଦୀଭାଷୀ ଏବଂ ସ୍କୁଲ-କଚେରୀର ସାଧାରଣ ଭାଷା ହିନ୍ଦୀ । ପୂର୍ବୋକ୍ତ ପ୍ରଦେଶର ଓଡ଼ିଆମାନଙ୍କ ସଂଖ୍ୟା ଅନ୍ୟ ଜାତି ଲୋକଙ୍କ ସଂଖ୍ୟା ତୁଳନାରେ ମୁଷ୍ଟିମେୟ । କେବଳ ମଧ୍ୟଉତ୍କଳ ଖଣ୍ଡର ସଂଖ୍ୟା ଅଧିକ ଓ ଏହା ଏକ ସ୍ୱତନ୍ତ୍ର କମିଶନରଙ୍କ ଅଧୀନ ଥିବାରୁ ଏ ସ୍ଥାନର ଓଡ଼ିଆମାନେ ଆପଣାର ଭାଷା ପ୍ରଭୃତିର ସ୍ୱାତନ୍ତ୍ର୍ୟ ରକ୍ଷିପାରୁଛନ୍ତି । ତଥାପି ବଙ୍ଗ ସଙ୍ଗେ ଥିବାବେଳେ ମଧ୍ୟଉତ୍କଳକୁ ଓଡ଼ିଆଭାଷା ଉଠାଇଦେଇ ବଙ୍ଗଭାଷା ଚଳାଇବାର ପ୍ରସ୍ତାବ ଉଠିଥିଲା । ତଦାନୀନ୍ତନ କେତେକ ସ୍ୱଦେଶପ୍ରେମିକ ଓଡ଼ିଆଙ୍କ ଉଦ୍ୟମରେ ସେ ଚେଷ୍ଟା ବିଫଳ ହେବାରୁ ଆଜି ଓଡ଼ିଶାରେ ଓଡ଼ିଆ ଭାଷା ଜୀବିତ ଅଛି । ଅନ୍ୟାନ୍ୟ ପ୍ରଦେଶର ଓଡ଼ିଆମାନେ ମୂର୍ତ୍ତିମାନଙ୍କରେ ସ୍ୱାତନ୍ତ୍ର୍ୟ ହରାଉଛନ୍ତି । କେଉଁଠି ଆତ୍ମବିସ୍ମୃତ ହୋଇଯାଉଛନ୍ତି, କେଉଁଠି ସଂସ୍ପର୍ଶରେ ପ୍ରାଚୀନ ସ୍ମୃତି ଜାଗ୍ରତ ଅଛି । ଦକ୍ଷିଣ-ଉତ୍କଳବାସୀଙ୍କ ସଂଖ୍ୟା ଅପେକ୍ଷାକୃତ ବେଶୀ । ତେଣୁ ସେମାନେ ଅଦ୍ୟାପି ପ୍ରାଚୀନ ସ୍ମୃତି ହରାଇ ନାହାନ୍ତି । ଭାଷା ବିକୃତ ହୋଇଗଲାଣି, ସାହିତ୍ୟ-ବ୍ୟବହାର ନୂତନ ଆକାର ଧାରଣ କଲାଣି, ମାତୃଭାଷା-ଶିକ୍ଷାରୁ ବଞ୍ଚିତ ଇତ୍ୟାଦି ନାନାପ୍ରକାର କଷ୍ଟ ଅସୁବିଧା ଭୋଗ କରୁଛନ୍ତି । ଏକଭାଷାଭାଷୀ ଲୋକେ ମୁଷ୍ଟିମେୟ ହେଲେ ଅନ୍ୟ ଭାଷାଭାଷୀଙ୍କ ସଙ୍ଗେ ରହିଲେ ଏପରି ହେବା ସ୍ୱାଭାବିକ । ଏମାନଙ୍କ ମଧ୍ୟରେ ଜାତୀୟ ଏକତା, ଜାତୀୟ ଭାବ ଜାଗ୍ରତ ରହିବା ଅସମ୍ଭବ । ସଂଖ୍ୟାବଳ ଜାତିର ସେହିଏ ପ୍ରଧାନ ବଳ । ସାହସିକ ଏମାନଙ୍କରେ ଥିବା ପର୍ଯ୍ୟନ୍ତ ସେମାନଙ୍କର ବଳ ସେପରି ଥାଏ, ସୁଅରେ ପଡ଼ିଲେ ସେପରି ରହେ ନାହିଁ । ପର ଆକର୍ଷିଯାଏ, ବଳ କମିଯାଏ । ଏହା ପ୍ରାକୃତିକ ନିୟମ । ପୂର୍ବେ କହିଛୁ, ସମସ୍ତ ଓଡ଼ିଆଭାଷୀ ପ୍ରଦେଶମାନଙ୍କୁ ଏକମ ଶାସନ କରିବା ଉଦ୍ୟମ ୧୯୦୩ ଖ୍ରୀଷ୍ଟାବ୍ଦରୁ ଚାଲିଛି । ମାତ୍ର ଏହାର ପ୍ରଶ୍ନର ମୀମାଂସା ଯେପରି ପ୍ରାଦେଶ ଅଦେଖା, ସେପରି ଜାତୀୟ ଜାଗରଣ ଅବଶ୍ୟକ, ଭବିଷ୍ୟ ଶତାଂଶରୁ ଏକାଂଶ ଥିଲା

ଏ ପ୍ରଶ୍ନ ବହୁକାଳରୁ ମୀମାଂସା ହୋଇସାରିଥିଲାଣି । ୧୫୬୮ ଖ୍ରୀଷ୍ଟାବ୍ଦରୁ ଉତ୍କଳର ଅଧଃପତନ ଆରମ୍ଭ ହୋଇ ଆଜି ୧୯୨୬ ଖ୍ରୀଷ୍ଟାବ୍ଦ ଶେଷ ହେଲା । ପ୍ରାୟ ୩ ଶତାବ୍ଦୀ ଶେଷ ହୋଇ ୪ର୍ଥ ଶତାବ୍ଦୀରୁ ୫୭ ବର୍ଷ ଗତ ହେଲା; ତଥାପି ଓଡ଼ିଆଭାଷୀ ପ୍ରଦେଶ ଏକତ୍ର ହୋଇପାରିଲା ନାହିଁ । ଆମ୍ଭମାନଙ୍କ ରକ୍ତରେ ସେପରି ଜାତୀୟତା ନାହିଁ । ମନରେ ସେପରି ଜାତୀୟ ଜୀବନ ଅହଂକାର ନାହିଁ, ପ୍ରାଣରେ ସେପରି ବ୍ୟାକୁଳତା ନାହିଁ । ଅନ୍ୟ କୌଣସି ଜାତି ଏପରି ଜାତୀୟ ଦୁର୍ଗତି ଅଧୋଗତିରେ ଏତେ କାଳ ଅମ୍ଳାନବଦନରେ ସ୍ୱୀକାର କରନ୍ତା ! ସୀମା ପରିବର୍ତ୍ତନର ଅସୀମ ଦୁଃଖ ଅନୁଭବ କରି ମଧ୍ୟ ଆମ୍ଭେମାନେ ନୀରବ ନିଶ୍ଚଳ ଭାବରେ କାଳ କାଟୁଅଛୁ । ଚିତ୍ତ ନିଶ୍ଚେଷ୍ଟ ହୋଇଗଲାଣି । ଜାତୀୟ ମାନ ଅପମାନର ଜ୍ଞାନ ନାହିଁ । ଉତ୍କଳ ସମ୍ମିଳନୀ ନାମକୁ ସ୍ୱପ୍ନର ଧନ ଭୂମିରୁ ଏକ, ମାତ୍ର ଉଚ୍ଛ୍ୱାସ କଳରୋଳ ନଦୀର ନ୍ୟାୟ କେବଳ ଅରଣ୍ୟରୋଦନ ହୋଇ ରହୁଛି । ଆତ୍ମଶକ୍ତି ତାହା ଯେ ବୃକ୍ଷଭାବ ଧାରଣ କରୁନାହିଁ, ସେଥିଲାଗି ଉତ୍କଳର ଶିକ୍ଷିତ ସମାଜ ଦାୟୀ । ଉତ୍କଳର ଅଙ୍ଗଚ୍ଛେଦ ହେଲା, ଉତ୍କଳ ଚାଲିଗଲା ହେଲା, ଉତ୍କଳ ଦ୍ୱିଧା, ତ୍ରିଧା, ଚତୁର୍ଦ୍ଧା ହେଲା; ମାତ୍ର ଏ ଘଟଣା ଦେଖି ଉତ୍କଳୀୟମାନଙ୍କ ପ୍ରାଣ ଅତୁଳ ବ୍ୟାକୁଳ ହୋଇଥିବାର ପ୍ରତ୍ୟକ୍ଷ ପ୍ରମାଣ ଦେଖାଯାଉ ନାହିଁ । ସମସ୍ତ ଓଡ଼ିଆଭାଷୀ ପ୍ରଦେଶକୁ ଏକତ୍ର କରିବାଲାଗି ଉତ୍କଳୀୟମାନଙ୍କ ମନରେ ସେପରି ଉତ୍କଣ୍ଠା ସ୍ଥାନ ପାଇନାହିଁ । ସେପରି ଭାବରେ ଐକ୍ୟବଦ୍ଧ ଆନ୍ଦୋଳନ ନହେବା ପର୍ଯ୍ୟନ୍ତ ଏ ପ୍ରଶ୍ନ ନିଶ୍ଚୟରେ ମୀମାଂସା ହେବାପରି ବୋଧ ହେଉନାହିଁ ।

ଉତ୍କଳର ସର୍ବାଙ୍ଗୀଣ ଉନ୍ନତି ଲାଗି ଉତ୍କଳର ପ୍ରାଚୀନ ସୀମା ରକ୍ଷିତ ହେବା ନିତାନ୍ତ ଆବଶ୍ୟକ । ସମସ୍ତ ଓଡ଼ିଆଭାଷୀ ପ୍ରଦେଶ ଏକତ୍ର ନହେଲେ ଓଡ଼ିଆମାନେ କୌଣସି ଜାତି ବୋଲି ମସ୍ତକ ଉତ୍ତୋଳନ କରିପାରିବେ ନାହିଁ । ଜାତିର ସମସ୍ତ ଲୋକ ଏକତ୍ର ନହେଲେ ଜାତୀୟ ଭାବ ସେମାନଙ୍କ ମଧ୍ୟରେ ଜାଗ୍ରତ ହେବ ନାହିଁ । ଜାତିର ନିଜ ଜାଗ୍ରତ ନହେବା ପର୍ଯ୍ୟନ୍ତ ଜାତିର ଉନ୍ନତି ସୁଦୂରପରାହତ । ପ୍ରାଚୀନ ଜାତୀୟତା, ପ୍ରାଚୀନ କୀର୍ତ୍ତି, ପ୍ରାଚୀନ ଗୌରବ, ପ୍ରାଚୀନ ଶିଳ୍ପସାହିତ୍ୟ, ପ୍ରାଚୀନ ସୌନ୍ଦର୍ଯ୍ୟ, ପ୍ରାଚୀନ ସ୍ୱରାଜ୍ୟ ପ୍ରଭୃତି ବିଷୟ ଆଲୋଚନା କରି ଉତ୍କଳୀୟ ଯୁବକମାନଙ୍କ ହୃଦୟତନ୍ତ୍ରୀ ଜାଗ୍ରତ ନ ହେବା ପର୍ଯ୍ୟନ୍ତ ଉତ୍କଳର ଭବିଷ୍ୟତ ଅନ୍ଧକାରମୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉତ୍କଳରେ ପାଶ୍ଚାତ୍ୟ ଶିକ୍ଷା ଯଥେଷ୍ଟ କ୍ରମେ ବିସ୍ତାର ଲଭୁଅଛି; କ୍ରମେ ଓଡ଼ିଆମାନେ ବଡ଼ ବଡ଼ ପଦକୁ ଯାଉଛନ୍ତି; ଓକିଲ, ମୁକ୍ତାର, ଡାକ୍ତର, ଇଞ୍ଜିନିୟର ସଂଖ୍ୟା କ୍ରମେ ବଢ଼ୁଛି । କ୍ରମେ ଉତ୍କଳୀୟମାନେ ଲାଟସ୍ୱ, ବଡ଼ଲାଟଙ୍କ ସଭାରେ ସଭ୍ୟ ହେଉଛନ୍ତି, ଜିଲ୍ଲାବୋର୍ଡ ପ୍ରଭୃତି ସ୍ୱାୟତ୍ତଶାସନ ଯନ୍ତ୍ରରେ ଉତ୍କଳୀୟମାନେ ପ୍ରବେଶ କରୁଛନ୍ତି । ମାତ୍ର ଜାତିର ଭାବ, ଜାତୀୟ ପ୍ରୀତି, ଜାତୀୟ ଜାଗରଣ ଯେ କ୍ରମେ ସେହି ପରିମାଣରେ ବଢ଼ୁଛି, ଏକଥା ନିଃସନ୍ଦେହରେ କହିବାକୁ ମୁଁ ସାହସ କରୁନାହିଁ । ବରଂ ଦେଖାଯାଏ, ଜାତିର ମଧ୍ୟରେ ଦ୍ୱେଷ,

ବିଦ୍ୱେଷ, ହିଂସା, ଘୃଣା ବୃଦ୍ଧି ପାଉଛି । ସଦେଶପ୍ରୀତି ସ୍ୱାର୍ଥପରତାରେ ପରିଣତ ହୋଇ ସାମ୍ପ୍ରଦାୟିକ କୋଳାହଳ ଦେଇ ଆପଣ ଆପଣାକୁ ଦେଶହିତୈଷୀ ବୋଲି ପ୍ରମାଣିତ କରିବାରେ ଲାଗି ପଡ଼ୁଛନ୍ତି । ଏପରି ମାନସିକ ବିକୃତ ଅବସ୍ଥା ହେଲେ ଦେଶପ୍ରୀତି, କାହାକୁ କାହାରି ପ୍ରତି ସହାନୁଭୂତି ସମ୍ମାନର ସ୍ଥାନ କାହିଁ ? ଯେ ପର୍ଯ୍ୟନ୍ତ ପ୍ରଥମ ସ୍କୁଲ ତଥା କାହାରି ଶରୀରରେ ପ୍ରତ୍ୟେକ ଶିକ୍ଷକ ସ୍କୁଲର ଯୁବକମାନଙ୍କ ପ୍ରତ୍ୟେକ ଶିରାପ୍ରଶିରାରେ ପ୍ରବାହିତ ନ ହୋଇଛି, ସେପର୍ଯ୍ୟନ୍ତ ଉପରପ୍ରକାର ବାହ୍ୟିକ ଚେଷ୍ଟା କେବଳ ବାଲୁକାର ଘର ତିଆରି ନ୍ୟାୟରେ ପଣ୍ଡ ହେବ । ଯେ କୌଣସି ଆନ୍ଦୋଳନ ଅନୁଷ୍ଠାନ ମୂଳରେ ଥିବା କାହାରି ମନ ବଳିଷ୍ଠ ତାହା ବାସ୍ତବତା ଉପାଦାନରେ ପରିଣତ ହୋଇ ଅନେକ ପରେ ସଫଳ ହେବ ।

ସ୍କୁଲକଲେଜମାନଙ୍କରେ ଆଉ ଦେଶପ୍ରୀତି ନାନାପ୍ରକାର ଉପଦେଶ ଦିଆଯାଉଛି ଏବଂ ଯାଉଛି; ମାତ୍ର ଯେପରି ଭାବରେ ଏଗୁଡ଼ିକ କାର୍ଯ୍ୟ କରାଯାଉଛି, ତଦ୍ୱାରା ଶୀଘ୍ର ସେପରି ଆଶାନୁରୂପ ଫଳ ଫଳୁନାହିଁ । କଥା ଅଛି, "ଯଦ୍ଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ" । ଛାତ୍ରମାନେ ଯେପରି ଭାବନା କରୁଛନ୍ତି, ସେପରି ସିଦ୍ଧି ହେବ ନା ? କେବଳ କଂଗ୍ରେସ ଭାରତରେ ପ୍ରାଦେଶିକ ସ୍ତରରେ ଦୁ'ଘଣ୍ଟା କଲେଇଦେଲେ ଦେଶପ୍ରେମ ହେବନାହିଁ, କିମ୍ବା ସଭାସମିତିରେ ଠିଆହୋଇ ବକ୍ତୃତା ଦେଲେ ଦେଶପ୍ରେମ ହେବନାହିଁ । ପ୍ରାଣରେ ବ୍ୟାକୁଳତା, ପ୍ରାଣରେ ଆବେଗ ଜାଗ୍ରତ ହୋଇ ଉଠିବା ଆବଶ୍ୟକ । ଏପରି ଦେଖାଯାଉଛି, ଏଣୁ ଆମେମାନେ ଅନେକ ଲୋକ ମୁଁ ନେତା ହେବାପାଇଁ, ଏମାନେ ଲୋକରେ ପ୍ରଶଂସା ପାଇବା ପାଇଁ ଏପରି କରୁଛନ୍ତି; ଲୋକସାଧାରଣଙ୍କ ପ୍ରାଣ ଦେଶପ୍ରୀତି ବ୍ୟାକୁଳ ନୁହେଁ । ଏପରି ଦେଖାଯାଏ ହେବାରୁ ଲୋକସାଧାରଣଙ୍କ ଇଚ୍ଛା ନ'ଣ, ଅନୁଧ୍ୟାନ କରିବା ଲାଗି ୨୦ ବର୍ଷ ପରେ ମିଳିତ୍ ଉପ୍ କମିଶନ ବସିଥିଲା । ସେମାନେ ଗ୍ରାମ ଅଞ୍ଚଳରେ ବୁଲି [illegible] ଦେଲେ—ଶିକ୍ଷିତଲୋକ ଦେଶପ୍ରୀତି ଇଚ୍ଛା ପ୍ରକାଶ କରୁଛନ୍ତି, ଜନସାଧାରଣ କିନ୍ତୁ [illegible] ବୁଝିନାହାନ୍ତି । ସେଥିଲାଗି କହେ, ସେପରି ବ୍ୟାକୁଳତା ଦେଶପ୍ରୀତି ଆମ୍ଭମାନଙ୍କ ମନରେ ଜନ୍ମିବାର ଆମ୍ଭେମାନେ ପ୍ରକାଶ କରିପାରୁନାହୁଁ । ଏଥିଲାଗି ପ୍ରବଳ ଉଦ୍ୟମ [illegible] କାର୍ଯ୍ୟ କରିବା ଆବଶ୍ୟକ ।

---

## ପ୍ରାଚୀନ ଉତ୍କଳ—ସଂସ୍କୃତଚର୍ଚ୍ଚା

ଉତ୍କଳ ମାତୃଭାଷାଠାରୁ ସଂସ୍କୃତଭାଷା ଦ୍ୱାରା ଉନ୍ନତିରେ ଅତ୍ୟନ୍ତ ଉନ୍ନତି ଲାଭ କରିଥିଲା । ସଂସ୍କୃତ ଦେବଭାଷା ବୋଲି ଖ୍ୟାତ । ଭାରତର ଧର୍ମଗ୍ରନ୍ଥ ସାହିତ୍ୟରତ୍ନରାଜି ସଂସ୍କୃତଭାଷାରେ ଲେଖା ହୋଇଥିଲା । ବେଦବେଦାନ୍ତ, କାବ୍ୟ, ନାଟକ, ପୁରାଣ, ତନ୍ତ୍ର, ସ୍ମୃତି, ବ୍ୟାକରଣ, ଜ୍ୟୋତିଷ, ଦର୍ଶନଶାସ୍ତ୍ର, ଗଣିତଶାସ୍ତ୍ର ପ୍ରଭୃତି ସମସ୍ତ ଶାସ୍ତ୍ରମାନ ସଂସ୍କୃତଭାଷାରେ ରଚିତ ହୋଇଅଛି । ପୂର୍ବକାଳ ପର୍ଯ୍ୟନ୍ତ ସଂସ୍କୃତସାହିତ୍ୟରେ ଉଦ୍ଭୂତ, ଏକାଦଶ ଶତାବ୍ଦୀରୁ ମଧ୍ୟ ଶିଳାଲିପିମାନ ଲେଖିଥିଲେ । ଖଣ୍ଡଗିରିରେ ମୁଦ୍ରାଯନ୍ତ୍ର ନେଇଁଲେ ଗ୍ରନ୍ଥମାନମାନେ ଭାରତରେ ପଦାର୍ପଣ କରିଥିଲେ ।

ସଂସ୍କୃତ ସାହିତ୍ୟ ପୃଥିବୀ ମଧ୍ୟରେ ଶ୍ରେଷ୍ଠ ସାହିତ୍ୟ । କାଳକ୍ରମେ ଭାରତଭୂମି ଦେବାପାଣିଙ୍କ ଋଷିମାନଙ୍କର ଲୀଳାକ୍ଷେତ୍ର ଥିଲା । ସଂସ୍କୃତ ସାହିତ୍ୟର ଶ୍ରେଷ୍ଠତ୍ୱ ବର୍ତ୍ତମାନ ମଧ୍ୟ ପାଶ୍ଚାତ୍ୟ ବିଖ୍ୟାତ ପଣ୍ଡିତମାନେ ସ୍ୱୀକାର କରୁଅଛନ୍ତି ଏବଂ ତାହାକୁ ରସାସ୍ୱାଦନ କରି ମୁଗ୍ଧ ନହୋଇ ରହିପାରୁ ନାହାନ୍ତି ।

ଯେତେବେଳେ ଏହି ସଂସ୍କୃତ ସାହିତ୍ୟସ୍ରୋତ ସମଗ୍ର ଭାରତବର୍ଷକୁ ପ୍ଲାବିତ କରିଥିଲା, ଉତ୍କଳ ସେତେବେଳେ ପଛରେ ପଡ଼ିନଥିଲା । ଉତ୍କଳ ସାହିତ୍ୟକ୍ଷେତ୍ର ସେତେବେଳେ ଶିକ୍ଷାରେ ଭାରତର ଅନ୍ୟ ପ୍ରଦେଶ ସହିତ ସମକକ୍ଷ ହୋଇଥିଲା । ସେତେବେଳେ ଉତ୍କଳୀୟ ପଣ୍ଡିତମାନେ ଉଦ୍ଭାବକ ଥିଲେ । ସଂସ୍କୃତ କଲେଜ ନଥିଲା, ସଂସ୍କୃତ ଛପାଖାନା ନଥିଲା, ବଡ଼ ବଡ଼ ଦୋଠାଘର ନଥିଲା; ତଥାପି ସେତେବେଳର ସାହିତ୍ୟଚର୍ଚ୍ଚା ତୁଳନା କଲେ ବର୍ତ୍ତମାନର ଶିକ୍ଷିତ ସମାଜ ଲଜ୍ଜିତ ଓ ନତମସ୍ତକ ନହୋଇ ରହିପାରିବ ନାହିଁ । ବର୍ତ୍ତମାନ ସମ୍ବନ୍ଧରେ ପଣ୍ଡିତସଂଖ୍ୟା ବଢୁଛି । ମାତ୍ର ସେତେବେଳେ ଶାସ୍ତ୍ରଜ୍ଞ ପଣ୍ଡିତସଂଖ୍ୟା ତୁଳନାରେ ବର୍ତ୍ତମାନ ସାହିତ୍ୟକ୍ଷେତ୍ର ଅନୁନ୍ନତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉତ୍କଳ ସଂସ୍କୃତଚର୍ଚ୍ଚାର ଲୀଳାଭୂମି ଥିଲା କହିଲେ ଚଳେ । ସଂସ୍କୃତଚର୍ଚ୍ଚା ଉତ୍କଳରେ ଧାରାବାହିକରୂପେ ଚାଲିଆସୁଛି । ମୁସଲମାନ ଯୁଗ ପରେ ସଂସ୍କୃତସାହିତ୍ୟ ଚର୍ଚ୍ଚାର ସେହି ନୂତନ ସ୍ରୋତ ଥମିଯାଇଥିଲା, ସେତେବେଳେ ଉତ୍କଳ ପଶ୍ଚାତ୍‌ପଦ ନଥିଲା । ଉତ୍କଳରେ ସଂସ୍କୃତଭାଷାର ବହୁଳ ପ୍ରଚାର ହୋଇଥିଲା ଏବଂ ପ୍ରାଧାନ୍ୟ ଲାଭ କରିଥିଲା । ଉତ୍କଳୀୟ କବିମାନେ ସଂସ୍କୃତଭାଷାରେ ପ୍ରଚୁର ଗ୍ରନ୍ଥ ପ୍ରଣୟନ କରିଯାଇଅଛନ୍ତି । ସନନ୍ଦ, ଦାନପତ୍ର, ଅନୁଶାସନପତ୍ରମାନ ସଂସ୍କୃତଭାଷାରେ ଲେଖାଯାଉଥିଲା । ଏପରିକି ଦେଶୀ ମହାଜନ, ସଂସ୍କୃତ ବ୍ୟବହାରିକ ଭାଷାରୂପେ ଅଧିକାଂଶ ଲୋକ ବ୍ୟବହୃତ ହେଉଥିଲା । ଉତ୍କଳର ପୁରୀ ନଗରୀ ସଂସ୍କୃତ ଶିକ୍ଷା ଲାଗି ବିଖ୍ୟାତ ଥିଲା । ମୁକ୍ତିମଣ୍ଡପ ପଣ୍ଡିତ ସଭା ସଂସ୍କୃତ ଶିକ୍ଷାରେ ସାର୍ବଭୌମ ଉଚ୍ଚ ଭାରତପ୍ରସିଦ୍ଧ ଥିଲା । ପୁରୀରେ ଶଙ୍କର ମଠ ବହୁଳାଂଶରେ ପ୍ରତିଷ୍ଠିତ

ହୋଇଥିଲା । ଶଙ୍କରାଚାର୍ଯ୍ୟଙ୍କ ଚାରି ପୀଠ ମଧ୍ୟରେ ପୁରୀର ଗୋବର୍ଦ୍ଧନ ପୀଠ ଶ୍ରେଷ୍ଠ । ମହାତ୍ମା ଶଙ୍କର ସଂସ୍କୃତଚର୍ଚ୍ଚାରେ ଦେଶକୁ ମତାଇ ଦେଇଥିଲେ ଏବଂ ତାଙ୍କର ମତ (ତାଙ୍କ ଲେଖା), ତାଙ୍କ ଶିଷ୍ୟ ପ୍ରଭୃତି ସଂସ୍କୃତଭାଷାରେ ଲିଖିତ । ମହାତ୍ମା ଶଙ୍କର ଖ୍ରୀଷ୍ଟାବ୍ଦ ୮ମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ପ୍ରକୃତରେ ସେ ପୁରୀଧାମକୁ ଆସିଥିଲେ । ସେ ବ୍ରାହ୍ମଣମାନଙ୍କର ଗୁରୁ । ସମାଜରେ ବ୍ରାହ୍ମଣମାନେ ସୁଶିକ୍ଷିତ ଥିଲେ । ସୁତରାଂ ଶଙ୍କରମତ ପ୍ରଚାର ପରେ ସଂସ୍କୃତଚର୍ଚ୍ଚା ବିଶେଷଭାବରେ ଚଳିଲା । ଦେଶକୁ ଧାର୍ମିକ-ଦୃଷ୍ଟେ ସଂସ୍କୃତଚର୍ଚ୍ଚା ଚାଲିଥିଲା ।

ଉତ୍କଳୀୟ ଶାସନମାନ ସଂସ୍କୃତଶିକ୍ଷାର କେନ୍ଦ୍ର ଥିଲା । ଏପରି କହିଲେ ସଂସ୍କୃତ ଟୋଲ ଏବଂ ପୋଥି ବୋଲିଲେ ସଂସ୍କୃତ ପୋଥି । ପ୍ରାକୃତଭାଷା ପ୍ରତି କେହି ଆଦର ନଥିଲା । ପ୍ରାକୃତ ଭାଷା ଇତର ଲୋକଙ୍କ ଭାଷା ବୋଲି ଗଣ୍ୟ ହେଉଥିଲା । ସଂସ୍କୃତଭାଷାରେ ଯାହାର ଅଭିଜ୍ଞତା ନାହିଁ, ସେ ପଣ୍ଡିତମଣ୍ଡଳୀରେ ସ୍ଥାନ ପାଉନଥିଲା । କେବଳ କରଣ, କ୍ଷତ୍ରିୟ ପ୍ରଭୃତି ଉଚ୍ଚଜାତିର ଶିକ୍ଷିତ ଲୋକେ ସଂସ୍କୃତ ପଢ଼ୁଥିଲେ । କେତେକ ବ୍ରାହ୍ମଣ ସଂସ୍କୃତଜ୍ଞ ପଣ୍ଡିତମାନେ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁନଥିଲେ । ରାଜସଭାରେ ସଂସ୍କୃତଚର୍ଚ୍ଚା ହେଉଥିଲା ଏବଂ ପଣ୍ଡିତମାନେ ଜ୍ଞାନ ଅନୁସାରେ ପୁରସ୍କୃତ ହେଉଥିଲେ । ରାଜଦ୍ୱାରରେ ପ୍ରବେଶଲାଭର ପାଣ୍ଡିତ୍ୟ ଏକ ପନ୍ଥା ଥିଲା । ସୁତରାଂ ବ୍ରାହ୍ମଣେତର ପଣ୍ଡିତମାନେ ସଂସ୍କୃତ ପଢ଼ି ବିଶେଷ ଖ୍ୟାତି ଲାଭ କରୁଥିଲେ ଏବଂ ସଂସ୍କୃତଭାଷାରେ ପୁସ୍ତକ ପ୍ରଣୟନ କରୁଥିଲେ । ବ୍ରାହ୍ମଣ ପଣ୍ଡିତମାନଙ୍କ ସଙ୍ଗେ ଟକ୍କର ଦେବାକୁ ହେଲେ ସଂସ୍କୃତ ଜ୍ଞାନ ନିତାନ୍ତ ଆବଶ୍ୟକ ଥିଲା । ଗୋଟିଏ ଦୁଇଟି ଉଦାହରଣ ଦେଲେ କଥାଟା ଜଣାଯିବ ।

ଅନେକ ଲୋକ ଭଦ୍ରାମ ଶାଳଭୋଜନବାସୀ ଜଗ ଜଟପାଣି ପଟ୍ଟନାୟକଙ୍କ ନାମ ଶୁଣିଥିବେ । ସେ ସଂସ୍କୃତଭାଷାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ସମସ୍ତ ସମୟରେ ମୁକ୍ତିମଣ୍ଡପ ସଭାର ପଣ୍ଡିତମାନଙ୍କ ସଙ୍ଗେ ସଂସ୍କୃତଭାଷାରେ ମୁକ୍ତତର୍କ କରିପାରୁଥିଲେ ଏବଂ ପଣ୍ଡିତମାନେ ତାଙ୍କ ସଂସ୍କୃତ ଜ୍ଞାନ ଦେଖି ମୁଗ୍ଧ ହେଉଥିଲେ । ଥରେ ପୁରୀ ରାଜଗୁରୁ ଜଗନ୍ନାଥ ଦେଉଳରେ ବେଢ଼ା ବୁଲୁଥିବା ବେଳେ ଜଣେ ତାଙ୍କୁ କହିଲା, ଏଇମାନେ ଜଟପାଣି ଠିଆହୋଇଛନ୍ତି । ରାଜଗୁରୁ ଶୁଣି ଅଶାନ୍ତିର ସ୍ୱରରେ କହିଲେ—

ନପାଦସ୍ପୋକ୍ଷୁ ନନନ୍ତ୍ରି ବାଂହଃ
ଶିଳୋଚ୍ଚୟେ ମୂର୍ଚ୍ଛିତ ମାରୁତସ୍ୟ ।

ପଟ୍ଟନାୟକ ଶୁଣି ତତ୍କ୍ଷଣାତ୍ ଉତ୍ତର ଦେଲେ—

ଏକମ୍ପୁଷ୍ପା ପେଚକ ବ୍ୟାପିତେଜ
ଦୃଷ୍ଟେନ୍ଦ୍ରୁ ଶୃଙ୍ଗେଷ ବଭୂବ ଲଜ୍ଜା ।

ରଘୁଦେବ ଚକ୍ରପାଣିଙ୍କ ପ୍ରତ୍ୟୁତ୍ପନ୍ନମତି ଦେଖି ଆଶ୍ଚର୍ଯ୍ୟ ହେଲେ । ଗୁଣୀର ଗୁଣୀ ଆଦର । ରଘୁଦେବଙ୍କ ମନରେ କିପରି ଶ୍ରଦ୍ଧା ଓ ଭକ୍ତି ସଞ୍ଚାର ହେଲା । ରଘୁଦେବ ପଚାରିଲେ, "ମୂଲ୍ୟଂ କେ ?" ପଟ୍ଟନାୟକେ କହିଲେ, "ଦଶଂ ଟଙ୍କାଃ ।" ରଘୁଦେବ ପ୍ରଶ୍ନକଲେ, "କିଂ କରଣୀୟଃ ?" ପଟ୍ଟନାୟକେ କହିଲେ, "ଅଲଂକରଣଂ ବ୍ୟାକରଣଂ ପ୍ରକରଣଂ ଚ କରଣୀୟମର୍ଥିତେ ।" ରଘୁଦେବ ବଡ଼ ସନ୍ତୁଷ୍ଟ ହେଲେ ।

ଅନ୍ୟ ଏକଦିନ ପଣ୍ଡିତ ଭଗବାନ ଭଟ୍ଟଙ୍କ ସାକ୍ଷାତ ସଙ୍ଗେ ଚକ୍ରପାଣିଙ୍କର ହେଲା । ପଟ୍ଟନାୟକଙ୍କର କିପରି ଚରଣ ସାଙ୍ଗ ଢଙ୍ଗ ଥାଏ । ଧଡ଼ିକୁଞ୍ଚ ଲୁଗା, ମୁଣ୍ଡବାଳଗୁଡ଼ିକ କେଶ୍ କୁଣ୍ଡି ଆକୁଣ୍ଡି ହୋଇଛି । ହାତରେ ବାଡ଼ିଏ ବଙ୍କାବାଡ଼ି । ଏ ଢଙ୍ଗ ଦେଖି ଭଟ୍ଟଙ୍କ କହିଲେ—

କିଂ ବାଦିତା ଚକ୍ରପାଣି ତ୍ୱଦ୍ରେଷେଣ
କିଂ ଦାରୁଣା ବହୁର ଚକ୍ରରେଣ
ସଦ୍ୟାନ୍ତି ଯାଚନ୍ତି ବଚସାଂ ବହୂନି
ପ୍ରଜାହ୍ଣ ମେଧ୍ୟାତ୍ମ ମନସୋ ଭଜନ୍ତି ।

ପଟ୍ଟନାୟକେ ଉତ୍ତର ଦେଲେ—

କିଂ ବାସସା ନାଥ ବିଚାରଣୀୟମ୍
ବାସଃ ପ୍ରଧାନଂ ଖଳୁ ଯୋଗ୍ୟତାୟାଃ ।
ପୀତାମ୍ବରଂ ବୀକ୍ଷ୍ୟ ଦଦୌ ସ୍ୱକନ୍ୟାମ୍
ଦିଗମ୍ବରଂ ଶମ୍ଭୁ ଗରଳଂ ପୟୋଧିଃ ।

ଏଥିରୁ ପଟ୍ଟନାୟକଙ୍କ ପ୍ରତ୍ୟୁତ୍ପନ୍ନମତି ଏବଂ ସଂସ୍କୃତଭାଷାରେ ଜ୍ଞାନ ଏବଂ ଦେଶରେ ସଂସ୍କୃତଭାଷାର ବହୁଳ ପ୍ରଚଳନ ବିଷୟ ଜଣାପଡ଼େ । ପଟ୍ଟନାୟକେ ଖଲ୍ଲିକୋଟବାସୀ ଥିଲେ । ପଟ୍ଟନାୟକଙ୍କର ଓଡ଼ିଆ ସାହିତ୍ୟରେ ବିଶେଷ ଦକ୍ଷତା ଥିଲା । ସେ ସଂଗୀତରେ ବିଶେଷ ପାରଦର୍ଶିତା ଲାଭକରିଥିଲେ । ଓଡ଼ିଆ ସାହିତ୍ୟ ଆଲୋଚନା ଅଧ୍ୟାୟରେ ତାଙ୍କୁ ପରିଚୟ ଦିଆଯିବ ।

ଉପରେ ଯେଉଁ ବୃଦ୍ଧ ରାଘବେନ୍ଦ୍ରଙ୍କ ବିଷୟ ଉଲ୍ଲେଖ କରାଯାଇଛି, ସେ ମହାପ୍ରାଜ୍ଞର କିପରି ପରିଚୟ ଅଜଣା । ପୁରୀ ଜିଲ୍ଲା ଅନ୍ତର୍ଗତ ବୀରନରସିଂହପୁର ଶାସନରେ ରାଘବେନ୍ଦ୍ରଙ୍କ ଘର ଥିଲା । ଶ୍ରୀ ପଞ୍ଚକୋଷୀ ରାଘବେନ୍ଦ୍ରଙ୍କ ସଖା ଥିଲେ । ଏ ଦୁହିଙ୍କର ସଂସ୍କୃତ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ । ରାଘବେନ୍ଦ୍ର ଊଷାପରିଣୟ ନାମକ ନାଟକ ସଂସ୍କୃତରେ ରଚନା କରିଥିଲେ । ପଞ୍ଚକୋଷୀ ଜଣେ ଶ୍ରେଷ୍ଠ

ନୈୟାୟିକ ଥିଲେ । 'କୃପାସିନ୍ଧୁ ଜଣାଣ' ରଚୟିତା ରାଜା ବୀରକିଶୋରଦେବଙ୍କ ଅମଳରେ ଏ ସୁଯୋଗ୍ୟ ପାଣ୍ଡିତ୍ୟର ପ୍ରେରଣା ଦେଖାଇଥିଲେ । ରାଜଦରବାରେ ରଘୁଗୁରୁଙ୍କର ବିଶେଷ ଆଧିପତ୍ୟ ଥିଲା । ବୀରକିଶୋର ଦେବ ଗାଦିଲ ହେବାକୁ ତାଙ୍କ ପୁତ୍ରଙ୍କୁ ସିଂହାସନରେ ବସାଇବା ପାଇଁ ରଘୁଗୁରୁ ଚେଷ୍ଟା କଲେ; ମାତ୍ର ବୀରକିଶୋର ଦେବ ଏଥିରେ ସମ୍ମତ ହେଲେ ନାହିଁ । ରଘୁଗୁରୁ ବିଫଳମନୋରଥ ହୋଇ ରଘୁଜୀଙ୍କ ଆଶ୍ରୟ ନେବାପାଇଁ ନାଗପୁର ଗଲେ । ମାତ୍ର ନାଗପୁରରେ ପହଞ୍ଚି ଦେଖିଲେ, ରଘୁଜୀ ପେଶବାଙ୍କ ଦରବାରରେ ବାକି ଖଜଣା ଲାଗି ବନ୍ଦୀ ଥିବାର ଶୁଣିଲେ । ରଘୁଗୁରୁ ଅଗତ୍ୟା ସଙ୍ଗ ଶିଷ୍ୟ ପଞ୍ଚକୋଶୀଙ୍କୁ ସଙ୍ଗରେ ନେଇ ପେଶବାଙ୍କ ନିକଟକୁ ଗଲେ ।

ପେଶବାଙ୍କ ଦରବାରରେ ନୂତନାଗତଙ୍କର ଗୋଟିଏ ନିୟମ ଥିଲା । ସଭାମଣ୍ଡପର ଗୋପୁରଦ୍ୱାରପାଖରେ ଗୋଟିଏ ଢୋଲକ ଲମ୍ବିଥାଏ । କୌଣସି ପଣ୍ଡିତ ରାଜଦର୍ଶନ ଲାଭ କରିବାକୁ ଇଚ୍ଛାକଲେ ସେ ଯେତେ ପ୍ରକାର ବିଦ୍ୟା ଜାଣିଥିବ, ସେତେ ବାଡ଼ି ସେ ଢୋଲକରେ ବାଜାଇଦେବ । ତଦ୍ୱାରା ନବାଗତଙ୍କୁ ଯିବାର ଅନୁମତି ମିଳିବ । ସଭାମଣ୍ଡପରେ ପଣ୍ଡିତମାନେ ବସିଥିବେ । ନବାଗତ ପଣ୍ଡିତ ସେଠାରେ ପଣ୍ଡିତଙ୍କ ସହିତ ବିଦ୍ୟାତର୍କ । କରି କୃତିତ୍ୱ ଦେଖାଇ ପାରିଲେ, ପରେ ରାଜଦର୍ଶନ ହେବ । ସଭାମଣ୍ଡପରେ ପହଞ୍ଚି ରଘୁଗୁରୁ ଢୋଲକରେ ଅଠର ପାହାର ବାଡ଼ାଇଦେଲେ । ପଣ୍ଡିତମାନେ ବୁଝିଲେ ଯେ ଜଣେ ଅଷ୍ଟାଦଶବିଦ୍ୟାବେତ୍ତା ପଣ୍ଡିତ ଆସିଲେ ।

ରଘୁଗୁରୁ ଦେବୀଉପାସକ ଥିଲେ ଏବଂ ଦେବୀ ଭଗବତୀଙ୍କ ଅନୁଗ୍ରହରେ ଭୂତ ଭବିଷ୍ୟତ୍ ବର୍ତ୍ତମାନ କଥା କହିପାରୁଥିଲେ । ରଘୁଗୁରୁ ଜାଣିଥିଲେ ଯେ ସେ ନ୍ୟାୟଶାସ୍ତ୍ରରେ ପାରଦର୍ଶୀ ନଥିଲେ; ସୁତରାଂ ଇଚ୍ଛା କରୁଥିଲେ ଯେ ନ୍ୟାୟଶାସ୍ତ୍ର ତର୍କ ବେଳେ ଯେ ବସି ଦିନି ରହିଲେ, ସେ ନୈୟାୟିକମାନଙ୍କ ସଙ୍ଗେ ତର୍କ କରିବେ । ଏହିପରି ପରାମର୍ଶକରି ପୂଜା ଲାଭ ରାଜସଭାରେ ପ୍ରବେଶ ହେଲେ । ନାନାଶାସ୍ତ୍ରଜ୍ଞ ପଣ୍ଡିତଙ୍କ ସହିତ ତର୍କକରି ରଘୁଗୁରୁ ଜୟଲାଭ କଲେ । ରାଜଦର୍ଶନ ଲାଗି ଅନୁମତି ପାଇଲେ । ପେଶବା ରଘୁଗୁରୁଙ୍କ ତେଜଶ୍ରୀ ଦେଖି ପରମ ସନ୍ତୋଷ ଲାଭକଲେ । ରଘୁଗୁରୁଙ୍କ ସ୍ତବରେ ପେଶବା ମୁଗ୍ଧ ହେଲେ ଏବଂ ପଣ୍ଡିତ ଯାହା ମାଗିବେ ତାହା ଦେବାକୁ ପ୍ରତିଶ୍ରୁତ ହେଲେ । ମାଗିପାରିଥିଲେ ଓଡ଼ିଶା ରାଜସିଂହାସନ ପାଇଥାନ୍ତେ । ତାଙ୍କର ସେପରି ଲୋଭ ନଥିଲା । ସେ ରଘୁଜୀଙ୍କ ମୁକ୍ତିଭିକ୍ଷା କଲେ । ରଘୁଜୀ ମୁକ୍ତିଲାଭ କଲେ । ରଘୁଗୁରୁଙ୍କ ବିଦ୍ୟାବଳରେ ଉପସ୍ଥିତ ପେଶବା ପ୍ରୀତିଲାଭ କରିଥିଲେ । ପେଶବାଙ୍କ ନିକଟରୁ ଫେରିଆସି ବୀରକିଶୋର ଦେବଙ୍କୁ ସିଂହାସନ ଛାଡ଼ିବାକୁ କହିଲେ । ରାଜା ଏ କଥାରେ ଅପମାନ ବୋଧକରି ରଘୁଗୁରୁଙ୍କ ବଂଶଲୋପ ହେବ ବୋଲି ଅଭିଶାପ ଦେଲେ । ବର୍ତ୍ତମାନ ବୃଦ୍ଧ ପଣ୍ଡିତଙ୍କ ବଂଶ ଲୋପ । ସେ ନୈଷଧ କାବ୍ୟର ଏକ ଉତ୍କୃଷ୍ଟ ଟୀକା କରିଥିଲେ ।

'ଜଗନ୍ନାଥବଲ୍ଲଭ' ନାଟକ ରଚୟିତା ରାୟ ରାମାନନ୍ଦ ଜଣେ ପ୍ରଧାନ ବ୍ରାହ୍ମଣବୈଷ୍ଣବ ପଣ୍ଡିତ ଥିଲେ । ସଂସ୍କୃତଭାଷାରେ ନାଟକ ରଚନା କରିଥିଲେ । ଶ୍ରୀଚୈତନ୍ୟ ଏ ନାଟକ ଶୁଣି ପ୍ରେମରେ ମୁଗ୍ଧ ହୋଇଥିଲେ । ସେ କର୍ଣ୍ଣରେ କରଣ ଥିଲେ । ରାମାନନ୍ଦ ପିତାଙ୍କ ନାମ ଭବାନନ୍ଦ ରାୟ । ଭବାନନ୍ଦଙ୍କର ୫ ପୁତ୍ର ଥିଲେ । ଚରିତାମୃତ ଲେଖକ ଭବାନନ୍ଦଙ୍କୁ ପାଣ୍ଡୁ ଓ ୫ ପୁତ୍ରଙ୍କୁ ପାଣ୍ଡବ ଅଂଶ ଦେଇଛନ୍ତି । ରାମାନନ୍ଦଙ୍କ ୪ ଭାଇଙ୍କ ନାମ ଗୋପୀନାଥ, କଳାନିଧି, ସୁଧାନିଧି ଓ ବାଣୀନାଥ ପଟ୍ଟନାୟକ । ରାମାନନ୍ଦ ଶ୍ରୀଚୈତନ୍ୟଙ୍କର ପରମ ଭକ୍ତ ଥିଲେ । ଚରିତାମୃତରେ ଲେଖାଅଛି, ରାମାନନ୍ଦ ଓ ମୋର ଦେହଭେଦ ମାତ୍ର । ରାମାନନ୍ଦ ଶ୍ରୀଚୈତନ୍ୟଙ୍କୁ ସମସ୍ତ ଧର୍ମଶାସ୍ତ୍ର ଶୁଣାଇଥିଲେ । ଶ୍ରୀଚୈତନ୍ୟଙ୍କ ପ୍ରଶ୍ନ ଓ ରାମାନନ୍ଦଙ୍କ ଉତ୍ତରରେ ଧର୍ମତତ୍ତ୍ୱ ଯେପରି ପରିସ୍ଫୁଟ ହୋଇଛି, ଜଗତରେ ଅନ୍ୟ କୌଣସି ଧର୍ମ ତତ୍ତ୍ୱ ସେପରି ହୋଇନାହିଁ । ରାମାନନ୍ଦ ପ୍ରଜ୍ଞା ଥାଇ ମଧ୍ୟ ପରମ କୃଷ୍ଣଭକ୍ତ ଥିଲେ । ସଂସ୍କୃତ, ବଙ୍ଗଳା, ଓଡ଼ିଆ, ତେଲିଙ୍ଗାପାଣ୍ଡୀ ଓ ଆରବୀ ଭାଷାରେ ତାଙ୍କର ସୁନ୍ଦର ପ୍ରବେଶ ଥିଲା । ରାମାନନ୍ଦ ରାଜା ପ୍ରତାପରୁଦ୍ରଙ୍କର ପ୍ରଧାନମନ୍ତ୍ରୀ ଥିଲେ । ରାୟ ପଦ ରାଜଦତ୍ତ ଉପାଧି । ରାଜା ପ୍ରତାପରୁଦ୍ର ରାମାନନ୍ଦଙ୍କୁ ରାଜମହେନ୍ଦ୍ରୀର ରାଜତ୍ୱ ପ୍ରଦାନ କରିଥିଲେ ଏବଂ ଚୈତନ୍ୟଦେବ ରାୟ ଉପାଧି ଦେଇଥିଲେ । ରାମାନନ୍ଦ ଜଗନ୍ନାଥବଲ୍ଲଭ ନାଟକରେ ଆପଣାର ପରିଚୟ ଦେଇଛନ୍ତି : "ଦେବ ଦେବ୍ୟାନନ୍ଦ ବିଳାସ ଚାତୁର୍ଯ୍ୟ ସ୍ତୁତିନି ପଦାବାଦ· ମୁକ୍ତରତ୍ନାକରସ୍ୟ ମୁରଲୀର ପ୍ରୀତ ନତକବନ୍ଦ୍ୟଚରଣସ୍ୟ ମାନ୍ୟାନୁଗାମୀନଃ ପ୍ରଶସ୍ତ ପ୍ରୀତିଶୀଳସ୍ୟ ଶ୍ରୀଭବାନନ୍ଦ ରାୟସ୍ୟ ତନୁଜେନ ଶ୍ରୀକୃଷ୍ଣଚରଣ ମାନସେନ ଶ୍ରୀରାମାନନ୍ଦରାୟେନ କବିନା" ଇତ୍ୟାଦି । ମନୋହରଙ୍କ କୃତ ଚନ୍ଦ୍ରମଣି ଚନ୍ଦ୍ରୋଦୟ ନାମକ ପୁସ୍ତକରୁ ରାମାନନ୍ଦଙ୍କ ଭ୍ରାତା ବାଣୀନାଥ ପଟ୍ଟନାୟକଙ୍କ ବଂଶାବଳୀ ମିଳୁଅଛି । ବାଣୀନାଥଙ୍କର ଗୋକୁଳାନନ୍ଦ ଓ ଶଙ୍କର ନାମରେ ଦୁଇ ପୁତ୍ର ଥିଲେ । ଶଙ୍କରଙ୍କ ପୁତ୍ର ଗୋବିନ୍ଦ ଏବଂ ଗୋବିନ୍ଦଙ୍କ ପୁତ୍ର ନିତ୍ୟାନନ୍ଦ । ରାଜପୁର ଅନ୍ତର୍ଗତ ରମାଇଆଳବକୋଳ ଗ୍ରାମ ରାମାନନ୍ଦଙ୍କର ଜନ୍ମଭୂମି ଥିଲା । ଗୋବିନ୍ଦାନନ୍ଦ ନିଜ ଗ୍ରାମ ତ୍ରିଶ ନଟକ ଭଟଙ୍କୁ ଦାନ ଦେଇଥିଲେ । ସେଠାରେ ଶିଶୁଦାନ ରାଜ୍ୟ ପରଲୋକ ଗମନ କଲେ । ନବାବମାନଙ୍କ ଓଡ଼ିଶା ରାଜ୍ୟ ଭ.ଙ୍ଗର ସମୟ ମଗିରି ନେଇ କେବଳ ୭ ଖଣ୍ଡ ଗ୍ରାମ ଛାଡ଼ିଦେଇଥିଲେ । ନିତ୍ୟାନନ୍ଦ ଏଥିରେ ଦୁଃଖିତ ହୋଇ ଦେଶାନ୍ତରରୁ ବା ବଙ୍ଗଦେଶକୁ ଗଲେ ଏବଂ ସେଠାରେ ମଲ୍ଲରାଜମାନଙ୍କ ଅଧୀନ ଚାକିରି କରିଥିଲେ । ରାମାନନ୍ଦ ୧୩୦୦ ଶକାବ୍ଦର ଶେଷରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀଚୈତନ୍ୟ ଗୋଦାବରୀ କୂଳରେ ରାମାନନ୍ଦଙ୍କୁ ଭେଟିଲେ । ଜଗନ୍ନାଥବଲ୍ଲଭ ନାଟକ ଏହା ସାକ୍ଷାତ ପୂର୍ବରୁ ରଚିତ ହୋଇଥିଲା । ତଦ୍ଭିନ୍ନ ଗୀତାନନ୍ଦ, ଗୀତଶ୍ଲୋକ, ଗୌରପଦାବଳୀ, ଗୌରପଦତରଙ୍ଗିଣୀ ପ୍ରଭୃତି ଅନେକଗୁଡ଼ିଏ ଗ୍ରନ୍ଥ ରାମାନନ୍ଦ ରଚନା କରିଥିଲେ । ବଙ୍ଗଳାର ସୁପରିଚିତ ପଣ୍ଡିତ ରସିକମୋହନ ଚକ୍ରବର୍ତ୍ତୀ ବଙ୍ଗଭାଷାରେ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । ଆଜି ବଙ୍ଗୀୟ ବୈଷ୍ଣବମାନେ ରାମାନନ୍ଦଙ୍କ ଗୁଣ କୀର୍ତ୍ତନ କରି ଆପଣାକୁ ଧନ୍ୟ ମନେ କରୁଅଛନ୍ତି । ରାମାନନ୍ଦଙ୍କ ଦ୍ୱାରା ଚୈତନ୍ୟଙ୍କ ଧର୍ମର ସୁ ପ୍ରଧାନ

ପ୍ରଧାନ ହେବାରେ ସ୍ଥାନ ପାଇବ । ପୂର୍ବେ କହିଛୁଁ, ବଙ୍ଗୀୟ ଲେଖକମାନଙ୍କର ସର୍ବଦା ଚେଷ୍ଟା, ଯାହା କିଛି ଭଲ ଦେଖାଯିବ ସେ ବଙ୍ଗଳାର । ସ୍ମାର୍ତ୍ତ ରମାନାଥ ଉତ୍କଳଲେଖକ ପଣ୍ଡିତ ରସିକମୋହନ ଲେଖିଛନ୍ତି, ରମାନାଥ କାୟସ୍ଥ ଥିଲେ; ମାତ୍ର ବଙ୍ଗଦେଶୀୟ କାୟସ୍ଥଙ୍କପରି ତାଙ୍କର ଘୋଷ, ବସୁ, ମିତ୍ର ଉପାଧି ଥିଲା କି ନା ଜଣାଯାଉ ନାହିଁ । ରମାନାଥଙ୍କ ଜାତି ଗୋତ ଉପାଧି ସମ୍ବନ୍ଧେ ଏତେଗୁଡ଼ିଏ ଅକାଟ୍ୟ ଦୃଢ଼ ପ୍ରମାଣ ଥିବାସତ୍ତ୍ୱେ ଲେଖକ ଏପରି ସନ୍ଦେହରେ ପଡ଼ିଲେ କାହିଁକି ?

ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ପ୍ରଭୃତି କବିଶିରୋମଣିମାନେ ସଂସ୍କୃତଭାଷାରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ । ଏମାନଙ୍କ ଓଡ଼ିଆ ଲେଖାରେ ସଂସ୍କୃତଭାଷାର ଛାୟା ସୁନ୍ଦରଭାବରେ ପ୍ରତିଫଳିତ ହୋଇଅଛି । ହଣ୍ଟର ସାହେବ ମହୋଦୟ ତାଙ୍କ ପୁସ୍ତକରେ କବି ଓ ସେମାନଙ୍କ ରଚିତ ପୁସ୍ତକର ତାଲିକା ଦେଇଛନ୍ତି । ସେଥିରୁ ନିମ୍ନରେ ସଂସ୍କୃତଜ୍ଞମାନଙ୍କ ସଂଖ୍ୟା ଦିଆଗଲା । ବ୍ରାହ୍ମଣ ଓ ଶୂଦ୍ରକୁଳର ଲେଖକମାନେ ସଂସ୍କୃତବିଦ୍ୟାରେ ବ୍ୟୁତ୍ପତ୍ତି ଲାଭ କରୁଥିଲେ । ବ୍ରାହ୍ମଣମାନଙ୍କର ବେଦବେଦାଙ୍ଗ ବିଦ୍ୟାଚର୍ଚ୍ଚା ପ୍ରଧାନ କାର୍ଯ୍ୟ ଥିଲା । ତଦାନୀନ୍ତନ ଓଡ଼ିଶା ରାଜାଙ୍କ ସାହାଯ୍ୟରେ ପ୍ରତିପାଳିତ ହୋଇ ସ୍ୱଚ୍ଛନ୍ଦ ବୃତ୍ତି ଭୋଗକରି ନିଶ୍ଚିନ୍ତଭାବରେ ଶାସ୍ତ୍ରାଲୋଚନା କରୁଥିଲେ ଏବଂ ଆପଣା ବିଦ୍ୟାବଳରେ ଅନ୍ୟାନ୍ୟ ପ୍ରଦେଶରେ ପ୍ରତିଷ୍ଠାଲାଭ କରୁଥିଲେ । ମୁକୁନ୍ଦମିଶ୍ର ପଣ୍ଡିତଙ୍କ କାଶୀ ପ୍ରଭୃତି ପ୍ରଧାନ ପ୍ରଧାନ ବିଦ୍ୟାପୀଠରେ ଖ୍ୟାତିଲାଭ କରିଥିଲା । କଟିଆମାଳ ମଧ୍ୟରେ ବାହାରର ଓଡ଼ିଆ ପାଣି ପିଇ ତଦାନୀନ୍ତନ ପଣ୍ଡିତମାନେ ଯେ ବିଦ୍ୟାବୁଦ୍ଧି ଦେଖାଇ ଯାଇଛନ୍ତି, ଆଜି ସେ କଥା ସ୍ୱପ୍ନପରି ବୋଧହୁଏ । ଏହିମାନଙ୍କ ପୂର୍ବପୁରୁଷମାନେ ବିଦ୍ୟାବଳରେ ଚନ୍ଦ୍ରଶେଖର ବାଜପେୟୀ, ପ୍ରଥମପାଣିଗ୍ରାହୀ ମିଶ୍ର ପ୍ରଭୃତି ଉପାଧି ଲାଭ କରିଥିଲେ । ମାଦଳାପାଞ୍ଜିରେ ଏପରି କଥା ଲେଖାଅଛି । ଉତ୍କଳରାଜା ସୁବର୍ଣ୍ଣକେଶରୀଙ୍କର ଶଙ୍କରମିଶ୍ର ବାଜପେୟୀ ପାତ୍ର ଥିଲେ । ପୂର୍ଣ୍ଣିମାଦିନ ଅମାବାସ୍ୟା ବୋଲି ଭୁଲରେ କହିଦେଲେ । ବିଦ୍ୟାବଳରେ ଚନ୍ଦ୍ରଙ୍କୁ ସ୍ତମ୍ଭନ କଲେ । ରାତିରେ ଚନ୍ଦ୍ର ଦେଖାଗଲେ ନାହିଁ । ସେଥିରୁ ତାଙ୍କ ନାମ ଚନ୍ଦ୍ରଶେଖର ହେଲା । ଉତ୍କଳରାଜା ମଦନମୋହନ ମହାଦେବଙ୍କ ଅମଳରେ ବୌଦ୍ଧ ଓ ବ୍ରାହ୍ମଣ ପଣ୍ଡିତମାନଙ୍କ ବିବାଦରେ ବ୍ରାହ୍ମଣ ପଣ୍ଡିତ ସର୍ପ ଥିବା ମାଠିଆ ଭିତରେ କିଛି ନାହିଁ, କେବଳ ଭସ୍ମ ଅଛି କହି ବିଦ୍ୟାବଳରେ ଜିଣିଲେ । ମାଠିଆ ଫିଟାଗଲା ବେଳକୁ ସର୍ପ ନାହିଁ । ସେଥିରୁ ଭସ୍ମମାଠିଆ ପଦ ପାଇଲେ । ବୌଦ୍ଧ ପଣ୍ଡିତମାନେ ହାରିଲେ । ସେମାନଙ୍କ ମୁଣ୍ଡ ଛେଦିବା ପାଇଁ ରାଜାଜ୍ଞା ହେଲା । ବୌଦ୍ଧମାନେ ଏହା ଶୁଣି ପଟଳସୁଣ୍ଢୀକୁ ପଳାଇଗଲେ । ସେହି ସମୟରୁ ଓଡ଼ିଶାରୁ ବୌଦ୍ଧଧର୍ମ ଲୋପ ହେଲା; ବ୍ରାହ୍ମଣମାନଙ୍କ ଆଧିପତ୍ୟ ବଢ଼ିଲା । ତନ୍ତ୍ର-ମନ୍ତ୍ର-ବିଦ୍ୟାରେ କିପରି ଉତ୍କର୍ଷ ଲାଭ କରିଥିଲେ ଏଥିରୁ ଜଣାଯାଏ ।

ଭଟ୍ଟଚନ୍ଦ୍ର ନାରାୟଣ ଦେବ ।—୮୦୦ ବର୍ଷ ପୂର୍ବେ—ଜୋଗୀନ୍ଦ୍ର ଚନ୍ଦ୍ରଜା ।

ବର୍ଦ୍ଧମାନ ମହାପାତ୍ର—୭୦୦ ବର୍ଷ ପୂର୍ବେ—ବର୍ଦ୍ଧମାନକାଶିକା, ଦୁର୍ଘଟୋଦ୍ଭବ ଚନ୍ଦ୍ରିକା ।

ଭଗବାନ ଭଟ୍ଟାଚାର୍ଯ୍ୟ—୬୦୦ ବର୍ଷ ପୂର୍ବେ—ଶ୍ରୁତି ସ୍ମୃତି ।

ହରି ନାୟକ—୬୫୦ ,, —ଗୀତପ୍ରକାଶ ।

କାଳିଦାସ ଚକ୍ରିଣୀ ପଣ୍ଡିତ—୫୦୦ ,, —ସୂକ୍ତି ଚନ୍ଦ୍ରିକା ।

ହରିହର ଆଚାର୍ଯ୍ୟ—୩୦୦ ବର୍ଷ ପୂର୍ବେ—ସାମ୍ୟପ୍ରଦୀପ ।

ଜଗନ୍ନାଥ ଦାସ—୩୫୦ ବର୍ଷ ,, —ଜଗନ୍ନାଥକାଶିକା ।

ଗୋବିନ୍ଦ ସାମନ୍ତ—୩୦୦ ବର୍ଷ ,, —ଦୃଷ୍ଟାନ୍ତଦର୍ଶ, ସାରଦର୍ଶ ।

ଧର୍ମସିଂହ ମହାପାତ୍ର—୨୦୦ ବର୍ଷ ପୂର୍ବେ—ବୃନ୍ଦାବନ, ଶୁଦ୍ଧି କ୍ରିୟା, କାଳପ୍ରଦୀପ ।

ଚନ୍ଦ୍ରମଣି ମହାନ୍ତି—୧୩୫ ବର୍ଷ ପୂର୍ବେ ସୁଦର୍ଶନଚନ୍ଦ୍ରୋଦୟ, ଶିବ ଭକ୍ତିଲତା ।

ମାଧବ କର—୪୦୦ ବର୍ଷ ,, —ନିଦାନ ।

ଚକ୍ରପାଣି ପଟ୍ଟନାୟକ—୧୫୦ ବର୍ଷ ,, —ଶ୍ରୁତି ସ୍ମୃତି ।

ଗଦାଧର ମହାପାତ୍ର ରାଜଗୁରୁ—୨୦୦ ବର୍ଷ ପୂର୍ବେ—କାଳସାର, ଶ୍ରାଦ୍ଧସାର, ଆଚାରସାର ।

ଗୋପୀନାଥ ରଥ—୧୫୦ ବର୍ଷ ପୂର୍ବେ—ମେଘଦୂତ ଟୀକା, ନୈଷଧ ଟୀକା ।

କୃଷ୍ଣ ମିଶ୍ର—୨୫୦ ବର୍ଷ ପୂର୍ବେ—ପ୍ରବୋଧ ଚନ୍ଦ୍ରୋଦୟ ନାଟକ, ସାହିତ୍ୟ ରତ୍ନାକର ଅଲଙ୍କାର ଟୀକା, ପ୍ରକ୍ରିୟା ।

ବୀରକେଶର ରାଜଗୁରୁ – ମଧୁରାନିରୁଦ୍ଧ ନାଟକ ।

ପୀତାମ୍ବର ଦେବ—ଅଖିଳରସ ଚିନ୍ତାମଣି ।

ମାଣିକ୍ୟଦେବ—ଭକ୍ତି ସୂକ୍ତ ।

ଲକ୍ଷ୍ମୀଧର—ଅଦ୍ୱୈତ ମକରନ୍ଦ ।

ବୈଦ୍ୟନାଥ—ଅମରକୋଷ ଟୀକା ।

ଜଗନ୍ନାଥ—ଅଗ୍ନିଷ୍ଟୋମ ପଦ୍ଧତି ।

ସୋମନାଥ ମିଶ୍ର—ଆୟୁର୍ବେଦ କଳ୍ପଦ୍ରୁମ ।

ପୁରୁଷୋତ୍ତମ ମିଶ୍ର—ନୈଷଧ ଟୀକା ।

ନରସିଂହ ବାଜପେୟୀ—ନିତ୍ୟାଚାର ପଦ୍ଧତି, ପ୍ରତିଷ୍ଠା ପଦ୍ଧତି ।

ମୁରାରି ମିଶ୍ର—ସାମୁଦ୍ରିକ ମନୋହର ।

ନାରାୟଣ ତୀର୍ଥ—ବେଦାନ୍ତ ଚନ୍ଦ୍ରିକା ।

ଚନ୍ଦ୍ରକର ମିଶ୍ର—ଚନ୍ଦ୍ରମଣ୍ଡଳ ପଦ୍ଧତି ।

ଶ୍ରୀକୃଷ୍ଣ ବିଦ୍ୟାବାଗୀଶ—ଶବ୍ଦାର୍ଣ୍ଣ ପ୍ରଦୀପ ।

ବଳଭଦ୍ର ମିଶ୍ର—ବୈଦ୍ୟତନ୍ତ୍ର ଶ୍ରୀକ ।

ପାର୍ଥସାରଥି ମିଶ୍ର—ଶାସ୍ତ୍ରଦୀପିକା ।

ବାସୁଦେବ ମିଶ୍ର—ଶୁଦ୍ଧିପ୍ରକାଶ ।

ନାରାୟଣ ଦେବ—ସଙ୍ଗୀତ-ନାରାୟଣ ।

ବୋପଦେବ—ସୁପ୍ରସିଦ୍ଧ ମୁଗ୍ଧବୋଧ ବ୍ୟାକରଣ ।

୯ ଭ ସାମାନ୍ୟ । ଏପରି ଅନେକ ପୁସ୍ତକ କେଉଁଠି ଗଦା ପଡ଼ିଅଛି, ଏପରିକି ପଦାକୁ ବାହାରିନାହିଁ । କେଉଁଠି କେତେ ପୁସ୍ତକ ଲୁଚି ରହିଗଲେଣି । ଏପରିକି ସମ୍ପୂର୍ଣ୍ଣ ତାଲିକା ହୋଇପାରୁନାହିଁ । ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ରଙ୍କ ଯତ୍ନରେ କେତେ ଖଣ୍ଡି ପୁସ୍ତକ ପଦାକୁ ବାହାରିଛି ।

(୧) ଅଭିନବ ଗୀତଗୋବିନ୍ଦ—ଗୀତଗୋବିନ୍ଦ ଅନୁକରଣରେ ଲିଖିତ । ସଂସ୍କୃତ ଭାଷା, ଉତ୍କଳାକ୍ଷର । କର୍ତ୍ତା ପୁରୁଷୋତ୍ତମ ଦେବ ଗଜପତି । ଶ୍ରୀ ମୁକୁନ୍ଦଦେବଙ୍କ ୧୬ ଅଙ୍କ ବେଳେ ୫ ଖଣ୍ଡ । ଜୟପୁର ଶାସନ ମହାଜନ ବାବୁ ... ଦ୍ୱାରା ଲିଖିତ । 'ମୁକ୍ତି ଚିନ୍ତାମଣି' ମଧ୍ୟ ଏହି ରାଜାଙ୍କ ପ୍ରଣୀତ ।

(୨) ଅମରକୋଷ ଟୀକା—ପରମଭୋଜଦେବଙ୍କ ଅମର ସିଂହ—ବିକ୍ରମାଦିତ୍ୟ ମହାରାଜାଙ୍କ ଉତ୍କଳ ଶ୍ରୀ ଦେବିଦାସଙ୍କ କୃତ ।

(୩) ଅଷ୍ଟରସାର—ଗଦାଧର ରାଜଗୁରୁକୃତ । ଅଷ୍ଟାଦଶ ଶତାବ୍ଦୀରେ ଲେଖା । ଗଦାଧର ରାଜା ବୀରକେଶରୀଙ୍କ ଗୁରୁ ଥିଲେ ।

(୪) ଅନୁଷ୍ଠାନପଦ୍ଧତି—ଗୋପୀନାଥ ବାଜପେୟୀକୃତ ।

(୫) ନିତ୍ୟାଚାର—ବିଦ୍ୟାକର ବାଜପେୟୀକୃତ—୧୫୦୦ ଶତାବ୍ଦୀରେ ଲେଖା । ବଙ୍ଗଳାର ସ୍ମୃତିକାର "ଭଟ୍ଟ ବିଦ୍ୟାକର" ବୋଲି ଉଲ୍ଲେଖ କରନ୍ତି ।

(୬) ନିତ୍ୟାଚାର ପଦ୍ଧତି—ଗୋପାଳଦାସକୃତ ।

(୭) ପ୍ରାୟଶ୍ଚିତ୍ତ ନିକେତନ—ବାସୁଦେବ ତ୍ରିପାଠୀ ।

(୮) ଶୁଦ୍ଧି ଚନ୍ଦ୍ରିକା—କାଳିଦାସକୃତ—ଧନଞ୍ଜୟ ଟୀକାକାର ।

(୯) ଶୁଦ୍ଧି ଚନ୍ଦ୍ରିକା-କାଳିଦାସବର୍ତ୍ତିକା—ବାଜପେୟୀକୃତ ।

(୧୦) ଦୁର୍ଗୋତ୍ସବ ଚନ୍ଦ୍ରିକା—ଉତ୍କଳ ରାଜା ରାମଚନ୍ଦ୍ରଦେବଙ୍କ କୃତ ।

(୧୧) ମେଘଦୂତଟୀକା—ମହାମହୋପାଧ୍ୟାୟ ନରହରିକୃତ ।

(୧୨) ଭକ୍ତି ମହୋଦୟ ନାଟକ—ନରହରି ମିଶ୍ର । ଓଡ଼ିଶା ରାଜା ନଳଭଦ୍ର ଦେବଙ୍କ ସମୟରେ ଅଭିନୀତ ।

(୧୩) ସାହିତ୍ୟଦର୍ପଣ ଓ ସାହିତ୍ୟଦର୍ପଣାଲୋଚନା—ପଣ୍ଡିତ ବିଶ୍ୱନାଥକୃତ । ବିଶ୍ୱନାଥ କଳିଙ୍ଗାଧିପତିଙ୍କ ମନ୍ତ୍ରୀ ।

(୧୪) ସାହିତ୍ୟଦର୍ପଣ ଟୀକା—ଲୋକନାଥଦୀକ୍ଷିତକୃତ—୬୦୩୮ ଶ୍ଲୋକ ।

(୧୫) ହଂସଦୂତ ଟୀକା—ପୁରୁଷୋତ୍ତମ ମିଶ୍ର—୩୭୨ ଶ୍ଲୋକ । ନରସିଂହଦେବଙ୍କ ଶାସନରେ ରଚିତ ।

(୧୬) ଶରଦଚନ୍ଦ୍ରିକା—ଦାମୋଦରକୃତ—୨୫୦ ଶ୍ଲୋକ ।

(୧୭) କୁଳମତ ତନ୍ତ୍ର—ଚନ୍ଦ୍ରଶେଖରକୃତ ।

(୧୮) ଗଣ୍ଡଚନ୍ଦ୍ର ବିବରଣ—କୃଷ୍ଣନାଥକୃତ ।

(୧୯) ଦଣ୍ଡକପ୍ରଦୀପ—ନରସିଂହ ବାଜପେୟୀକୃତ—୧୦୦୦ ଶ୍ଲୋକ ।

(୨୦) ଟୀକାସର୍ବସ୍ୱ—ସର୍ବାନନ୍ଦକୃତ ।

(୨୧) ଦାନବାକ୍ୟାବଳୀ—ଯୋଗୀଶ୍ୱରକୃତ ଭୂମିଦାନ ବିଧି । ଗଜପତିମାନଙ୍କ ଶାସନକାଳରେ ।

(୨୨) ନାଟ୍ୟଶେଖର—ଶିବାନନ୍ଦ କବିଚନ୍ଦ୍ର ।

(୨୩) ଭକ୍ତିସଂପ୍ରଦୀପ—ପ୍ରଦ୍ୟୁମ୍ନ ବିଦ୍ୟାଭୂଷଣପଣ୍ଡିତକୃତ ।

(୨୪) ଭରତଲୀଳା ଚିନ୍ତାମଣି—କମଳଲୋଚନକୃତ ।

(୨୫) ସ୍ୱପ୍ନାସ୍ତବ ପ୍ରକାଶ—ଶ୍ରୀନିବାସକୃତ ।

(୨୬) ମନ୍ତ୍ରାର୍ଥଦୀପିକା—ଗୋବିନ୍ଦ ନ୍ୟାୟବାଗୀଶ ।

(୨୭) ରତ୍ନାକର—ମୁରାରିମିଶ୍ରକୃତ ।

(୨୮) ଲଳିତାଙ୍ଗ ଶିକ୍ଷା—ପୁରୁଷୋତ୍ତମକୃତ ।

(୨୯) ସଙ୍ଗୀତମାଧବ ନାଟକ—ଗୋବିନ୍ଦ ବିଦ୍ୟାଧରକୃତ ।

ଏ କେବଳ ଉଦାହରଣ ସ୍ୱରୂପ ଲେଖାଗଲା । ଏ ଭଳି ସଂସ୍କୃତ ପୁସ୍ତକର ଅସଂଖ୍ୟ ।

ତାମ୍ରଶାସନ ପ୍ରସ୍ତରରେ ମଧ୍ୟ ସଂସ୍କୃତଭାଷା ବ୍ୟବହୃତ ହେଉଥିଲା । ନରସିଂହଦେବଙ୍କ ତାମ୍ରଶାସନ ମିଳନ୍ତି । ଭାଷା ସଂସ୍କୃତ, ଲିପି ଓଡ଼ିଆ । ଏହି ସଂସ୍କୃତଶ୍ଳୋକରେ ଦ୍ୱାଦଶଶତ ଶକ

ଷଷ୍ଠରେ ଆଉ ନରସିଂହଦେବଙ୍କ ରାଜତ୍ୱରେ ଏକତ୍ରିଂଶ ବର୍ଷରେ ସିଂହ ଶୁକ୍ଳପକ୍ଷ ସୋମବାରରେ ସେମ୍ବୋ କହନ୍ତି । ପ୍ରଚଳିତ ନିୟମାନୁସାରେ ଅଙ୍କଗଣନା ତାହାଙ୍କୁ ବାମଅଙ୍କରୁ ଗଣାଯାଏ, ସୁତରାଂ ଶକାବ୍ଦ ୧୨୧୬ । ସୁତରାଂ ୨୩ଶ ବର୍ଷ ପୂର୍ବେ ଲେଖା ହୋଇଥିଲା । ଅର୍ଥାତ୍ ୧୨୯୦ ଖ୍ରୀଷ୍ଟାବ୍ଦ ୧୨୧୪ ଶକାବ୍ଦରେ ଭାନୁଦେବ ସିଂହାସନରେ ବସିଥିଲେ । ସେ ନରସିଂହଙ୍କ ପୁତ୍ର । ଉଦ୍ଧୃତଙ୍କ ୭ଂ ବର୍ଷ ରାଜତ୍ୱ କରିଥିଲେ, ସୁତରାଂ ସେ ୧୧୯୪ ଶକାବ୍ଦରେ ରାଜା ହୋଇଥିଲେ ।

ବେଦର୍ତ୍ତୁବ୍ୟୋମଚନ୍ଦ୍ର ପ୍ରମିତ ଶକସମା ପ୍ରାନ୍ତଭାଗେ ଘନେନ
ସ୍ୱପତ୍ନ୍ୟୈ ଶୋଭନେ ମଧୌ ବଳବତ୍ ଶ୍ରୁତ୍ୱା ପ୍ରଶସ୍ୟଂ ପ୍ରାନ୍ତବନ୍ତ୍ୟ ।
ଭସ୍ମୀନ୍ ମୂର୍ଦ୍ଧ୍ନି ଶ୍ରିତେ ନୃପକରଉଦୟେ ଦେବଳେ ବୈଦ୍ୟନାଥେ
ଶ୍ରୀମତ୍ ଭାନୁଦେବେଣ ନରଦେବବଧଂ ତତ୍‌ପ୍ରଭାନନ୍ଦମୂର୍ତ୍ତିମ୍ ।

ପୁଣି ହିମାଳୀ ମଠ ଓ ଶଙ୍କରାନନ୍ଦ ମଠରୁ ଦୁଇଖଣ୍ଡ ତାମ୍ରଶାସନ ମିଳିଛି । ଏଥିରେ ସଂସ୍କୃତଭାଷା ବ୍ୟବହୃତ ହୋଇଛି; ମାତ୍ର କମେ ଭାଷା ପ୍ରାକୃତ ଅଙ୍କକୁ ପରିବର୍ତ୍ତିଥିବାର ଦେଖାଯାଏ । ହିମାଳୀ ମଠ ସନନ୍ଦର ସମୟ ୧୩୦୫ ଶକାବ୍ଦ ଶ୍ରୀନୃସିଂହଦେବଙ୍କ ୮ ଅଙ୍କ ଚୈତ୍ର ଶୁକ୍ଳ ରବିବାର ଏବଂ ଶଙ୍କରାନନ୍ଦ ମଠ ସନନ୍ଦ ୧୩୧୬ ଶକାବ୍ଦ ଶ୍ରୀନୃସିଂହଦେବଙ୍କ (ଅଙ୍କ ଅଷ୍ଟମ) ଚୈତ୍ର ଶୁକ୍ଳ ଏକାଦଶୀ ମଙ୍ଗଳବାର ।

ଏହାରୁ ଦେଖିଲେ ମନେହୁଏ, ଉତ୍କଳରେ ଧାରାବାହିକରୂପେ ସଂସ୍କୃତ-ବର୍ଣ୍ଣ ଚାଲିଛି; କେବେହେଲେ ପଛରେ ପଡ଼ିନାହିଁ । ନରସିଂହ ତାମ୍ରଶାସନରେ ଯେଉଁ ସଂସ୍କୃତଭାଷା ବ୍ୟବହୃତ ହୋଇଛି, ତାହା ଉତ୍କଳ ଧରଣର ସଂସ୍କୃତ । ସେଥିରୁ ଅନୁମାନ ସେ ସମୟର ବହୁକାଳ ପୂର୍ବରୁ ସଂସ୍କୃତଭାଷା-ବର୍ଣ୍ଣ ବହୁଳରୂପେ ଥିଲା ।

ଏ ପ୍ରବନ୍ଧରେ କବି ଜୟଦେବଙ୍କ ଜୀବନ ଆଲୋଚନା କରିବା ଆବଶ୍ୟକ ।

ଏ ଜଣେ ସଂସ୍କୃତଜ୍ଞ ଥିଲେ । ଗୀତଗୋବିନ୍ଦ ତାଙ୍କ ରଚିତ ପୁସ୍ତକ । ଜୟଦେବ ବଙ୍ଗାଳୀ କି ଓଡ଼ିଆ ? ଅନେକ ଦିନ ଆଗରୁ ବଙ୍ଗୀୟ ଲେଖକମାନେ ଜୟଦେବଙ୍କୁ ବଙ୍ଗାଳୀ କହିଆସୁଛନ୍ତି । ଏ ବିଷୟରେ ଅନେକ ପୁସ୍ତକ ମଧ୍ୟ ଲେଖାହୋଇଯାଇଛି । ହଣ୍ଟର ସାହେବ ୧୮୭୫ ମସିହାରେ ତାଙ୍କ ଇତିହାସରେ ଲେଖିଛନ୍ତି ଯେ ଜୟଦେବଙ୍କ ଘର ବୀରଭୂମ ଜିଲ୍ଲା କେନ୍ଦୁଲୀ ଗ୍ରାମରେ । ଏ ଗ୍ରାମ ଅଜୟ ନଦୀ କୂଳରେ । ଏଠାରେ ବୈଷ୍ଣବମେଳା ହୁଏ । ଠାକୁର ମନ୍ଦିର ଅଛି । ସ୍ୱର୍ଗୀୟ ରମେଶଚନ୍ଦ୍ର ଦତ୍ତ ମହାଶୟ ବଙ୍ଗସାହିତ୍ୟ ନାମକ ପୁସ୍ତକରେ ଲେଖିଛନ୍ତି ଯେ ପ୍ରାଚୀନ କବି ଜୟଦେବଙ୍କୁ ବଙ୍ଗ-ସନ୍ତାନ ବୋଲି ଦାବି କରାଯାଇପାରେ । ସେ ଲକ୍ଷ୍ମଣ ସେନଙ୍କ ରାଜତ୍ୱରେ ବଞ୍ଚିଥିଲେ । ସେ ୧୨ ଶତାବ୍ଦୀର

ହୋଇ ଥିଲେ । କେନ୍ଦୁବିଲ୍ୱ ବା କେନ୍ଦୁଲୀ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଜୀବନର ପ୍ରଥମାବସ୍ଥାରେ ସେ ପୁରୀଧାମ ଯାଇ କୃଷ୍ଣଭକ୍ତି ପ୍ରଚାର କରିଥିଲେ । ମାତ୍ର ଏ କଥା ଐତିହାସିକମାନଙ୍କର କପୋଳକଳ୍ପିତ । ଜୟଦେବ ପୁରୀରୁ ଯାଇ ଉତ୍ତର-ଭାରତର ବୃନ୍ଦାବନ ଓ ଜୟପୁର ଅଞ୍ଚଳକୁ ଯାଇଥିଲେ । ତାଙ୍କ ସ୍ତ୍ରୀ ମରିବା ପରେ ସେ ଆପଣା ଗ୍ରାମରେ ଶେଷ ଜୀବନ କଟାଇ ମାନବଲୀଳା ସମ୍ବରଣ କଲେ । ବୀରଭୂମ ଜିଲ୍ଲାର କେନ୍ଦୁଲୀ ଗ୍ରାମରେ ଜୟଦେବଙ୍କର ସମାଧି ଅଛି । ଏଠାରେ ପ୍ରତିବର୍ଷ ମେଳା ହୁଏ । ଏହା ବଙ୍ଗ ମହାଶୟଙ୍କର ମତ ।

ଏ ଉକ୍ତିର ବିରୁଦ୍ଧରେ କୌଣସି ଯୁକ୍ତି ନ ମିଳିଲେ ବଙ୍ଗ ମହାଶୟଙ୍କର କଥା ଠିକ୍ ବୋଲି କୁହାଯାଇ ପାରିବ । ମାତ୍ର ସେପରି ଯୁକ୍ତି ଅଛି କି ନା, ଦେଖାଯାଉ । ଗୀତଗୋବିନ୍ଦରେ କବିଙ୍କ ଜନ୍ମସ୍ଥାନ ବିଷୟରେ କିଛି ଲେଖା ନାହିଁ । ବର୍ତ୍ତମାନ ପାରିପାର୍ଶ୍ୱିକ ପ୍ରମାଣ ଉପରେ ନିର୍ଭର କରିବାକୁ ହେବ । ପ୍ରଥମେ ଦେଖାଯାଉ କାବ୍ୟଟି ରଚିତ ହେଲା କେବେ ? ତାହାରେ ସେମିତି ଉଲ୍ଲେଖ ନାହିଁ । ଏ ବିଷୟରେ ମଧ୍ୟ ପାରିପାର୍ଶ୍ୱିକ ଅବସ୍ଥା ଦ୍ରଷ୍ଟବ୍ୟ । ଗୀତଗୋବିନ୍ଦ ପାଠ ଜଗନ୍ନାଥ ନୀତି ମଧ୍ୟରେ ଗୋଟିଏ ପ୍ରଧାନ ଅଙ୍ଗ । ବଡ଼ସିଂହାର ଭୋଗରୁ ପ୍ରତ୍ୟହ ଗୀତଗୋବିନ୍ଦ ପାଠହୁଏ । ମାଦଳାପାଞ୍ଜିରେ ଦେଖାଯାଏ, ରାଜାକବି ନରସିଂହଦେବ ଗୀତଗୋବିନ୍ଦ ଶୁଣି କରାଇଲେ । ଅର୍ଥାତ୍ ମହାପ୍ରଭୁଙ୍କ ଶ୍ରୀଛାମୁରେ ଗୀତଗୋବିନ୍ଦ ପାଠ ଶୁଣାଇଲେ । ଏହି ନରସିଂହଦେବ ୨୫ ବର୍ଷ ରାଜତ୍ୱ କରିଥିଲେ । ତାଙ୍କ ପୂର୍ବ ରାଜା ଲଙ୍ଗୁଳା ନରସିଂହଦେବ ଏବଂ ପର ରାଜା ପ୍ରତାପ ନରସିଂହ । ଏହି ନରସିଂହ ୧୨୮୪—୧୩୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସୁତରାଂ ୧୨୮୨ ଖ୍ରୀଷ୍ଟାବ୍ଦ ପୂର୍ବେ ଗୀତଗୋବିନ୍ଦ ରଚିତ ହୋଇଥିଲା । ରାଜା ଏକବର୍ଷୀ କାମଦେବ ଗୀତଗୋବିନ୍ଦ ଜଣୁଣି ଜଳଗ୍ରହଣ କରୁ ନଥିଲେ । ଏକଥା 'ରାମାନନ୍ଦ' ଗ୍ରନ୍ଥଲେଖକ ସ୍ୱୀକାର କରନ୍ତି । କାମଦେବ ରାଜା ଗଙ୍ଗେଶ୍ୱରଦେବଙ୍କ ପୁତ୍ର । ୨ ବର୍ଷ ରାଜତ୍ୱ କରିଥିଲେ । ଭଣ୍ଡାର ସାହେବ ୧୧୬୨–୧୧୬୧ ଖ୍ରୀଷ୍ଟାବ୍ଦ ତାଙ୍କ ରାଜତ୍ୱକାଳ ସ୍ଥିର କରିଛନ୍ତି । ସୁତରାଂ ୧୧୬୨ ଖ୍ରୀଷ୍ଟାବ୍ଦ ପୂର୍ବରୁ ଗୀତଗୋବିନ୍ଦ ରଚିତ ହୋଇଥିଲା । ଗୀତଗୋବିନ୍ଦ ଅନୁକରଣରେ ଅଭିନବ ଗୀତଗୋବିନ୍ଦ ରଚିତ ହୋଇଥିଲା—କବି ପୁରୁଷୋତ୍ତମଦେବ, ତାଳପତ୍ର ପୋଥିରେ ଲେଖା, ସଂସ୍କୃତ ଭାଷା, ଲିପି ଓଡ଼ିଆ । ପୁରୁଷୋତ୍ତମଦେବ ଦୁଇଜଣ ଥିଲେ । କପିଳେନ୍ଦ୍ରଦେବଙ୍କ ପୁତ୍ର ପୁରୁଷୋତ୍ତମଦେବ ଏବଂ ଅନଙ୍ଗଦେବଙ୍କର ପୁତ୍ର ପୁରୁଷୋତ୍ତମଦେବ । ଅନଙ୍ଗଙ୍କ ପୁତ୍ର ୧୨୦୨-୧୨୩୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ଆମଳରେ ଅଭିନବ ଗୀତଗୋବିନ୍ଦ ରଚିତ ହୋଇଥିବାର ସମ୍ଭବ ।

ବର୍ଣ୍ଣନାରୁ ଜଣାଯାଏ, ମାଣିକଚନ୍ଦ୍ର ରାଜାଙ୍କ ସମୟରେ ଅଲଙ୍କାରଶେଖର ନାମକ ଗ୍ରନ୍ଥ ରଚିତ ହୋଇଥିଲା । ଏ ଗ୍ରନ୍ଥରେ ଜୟଦେବ ଉତ୍କଳ ରାଜାଙ୍କ ସଭାକବି

ଥିବାର ଉଲ୍ଲେଖ ଅଛି । ମାଣିକଚନ୍ଦ୍ର ଉତ୍ତରବଙ୍ଗରେ ଜଣେ ପ୍ରଧାନ ରାଜା ଥିଲେ । ତାଙ୍କ ପୁତ୍ର ଗୋପୀଚନ୍ଦ୍ର ଏବଂ ପୁତ୍ରବଧୂ ଅଦୁନାଜଣ । 'ବଙ୍ଗସାହିତ୍ୟ' ଲେଖକ ଦତ୍ତ ମହାଶୟ ଲେଖିଛନ୍ତି ଯେ (୧୨ । ୫୮ ପୃଷ୍ଠା) ମାଣିକଚନ୍ଦ୍ର ଏକାଦଶ ଶତାବ୍ଦୀର ଲୋକ ଥିଲେ । ମାଣିକଚନ୍ଦ୍ର ଓ ଗୋପୀଚନ୍ଦ୍ରଙ୍କ ସମ୍ବନ୍ଧୀୟ ଗୀତମାନଙ୍କରେ ବୌଦ୍ଧଧର୍ମର ପ୍ରଭାବ ଦେଖାଯାଏ । ଧର୍ମପାଳ ମାଣିକଚନ୍ଦ୍ରଙ୍କର ଜଣେ ଅମାତ୍ୟ ଥିଲେ । ଧର୍ମପାଳଙ୍କଦ୍ୱାରା ମାଣିକଚନ୍ଦ୍ର ନିହତ ହୋଇଥିବା କଥା ବିଶ୍ୱକୋଷରେ ଉଲ୍ଲେଖ ଅଛି । ଗୋବିନ୍ଦଚନ୍ଦ୍ରଙ୍କ ଅଭ୍ୟୁଦୟ କାଳ ଏକାଦଶ ଶତାବ୍ଦୀ । ଗୋବିନ୍ଦଚନ୍ଦ୍ର ରାଜେନ୍ଦ୍ର ଚୋଳଙ୍କ ସମସାମୟିକ ଥିଲେ । ରାଜେନ୍ଦ୍ର ଚୋଳ ୧୦୬୩ରୁ ୧୧୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସୁତରାଂ ମାଣିକଚନ୍ଦ୍ର ଏକାଦଶ ଶତାବ୍ଦୀର ଲୋକ ଥିବା ପ୍ରମାଣିତ ଏବଂ ଜୟଦେବ ଏକାଦଶ ଶତାବ୍ଦୀର ଲୋକ ଥିବାର ଅନୁମିତ ହୁଏ । ଏ ହେତୁବାଦ ଅନୁସାରେ ରମେଶ ଦତ୍ତ ମହାଶୟଙ୍କ ସିଦ୍ଧାନ୍ତ ଯେ ଜୟଦେବ ରାଜା ଲକ୍ଷ୍ମଣ ସେନଙ୍କ ରାଜସଭାରେ କବି ଥିଲେ, ତାହା ଅମୂଳକ । ଲକ୍ଷ୍ମଣ ସେନ ଦ୍ୱାଦଶ ଶତାବ୍ଦୀର ଲୋକ ଥିଲେ । ଆଇନ ଆକବରୀ ଅନୁସାରେ ସେନବଂଶୀୟ ରାଜା ୧୦୬ ବର୍ଷ ରାଜତ୍ୱ କରିଥିଲେ ଏବଂ ରାଜେନ୍ଦ୍ରଲାଲ ମିତ୍ରଙ୍କ ଗଣନା ଅନୁସାରେ ୨୩୩ ବର୍ଷ ରାଜତ୍ୱ କରିଥିଲେ । ଆଇନ ଆକବରୀ ଅନୁସାରେ ବଲ୍ଲାଳସେନଙ୍କ ପୁତ୍ର ଲକ୍ଷ୍ମଣସେନ ୧୧୦୬ ଖ୍ରୀଷ୍ଟାବ୍ଦରେ ରାଜତ୍ୱ ପାଇଥିଲେ ଏବଂ ଶେଷ ରାଜା ଲକ୍ଷ୍ମଣେୟ ବା ଅଶୋକସେନ ୧୧୪୨ ଖ୍ରୀଷ୍ଟାବ୍ଦରେ ରାଜତ୍ୱ ପାଇଥିଲେ । ୧୨୦୩ ଖ୍ରୀଷ୍ଟାବ୍ଦରେ ବଙ୍ଗ ମୁସଲମାନମାନଙ୍କର କରଗତ ହେଲା ଏବଂ ବଙ୍ଗର ଶେଷ ରାଜା କେଶବ ସେନ ବା ଲକ୍ଷ୍ମଣେୟ ପଳାୟନ କରି ଓଡ଼ିଶା ରାଜାଙ୍କ ଶରଣାଗତ ହେଲେ । ସୁତରାଂ ଦତ୍ତ ମହାଶୟଙ୍କ ସିଦ୍ଧାନ୍ତ ଅମୂଳକ ।

ଶ୍ରୀଯୁକ୍ତ ରାଜର୍ଷି ଗୋପାଳଚନ୍ଦ୍ର ଅଗ୍ରଣୀ ଜଗାତଲେ ଶ୍ରୀଜଗନ୍ନାଥ ଓ ଶ୍ରୀ ଗୌରାଙ୍ଗ ନାମକ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । ସେ ଲେଖିଛନ୍ତି ଚନ୍ଦ୍ରଦତ୍ତକୃତ ପ୍ରାଚୀନ ସଂସ୍କୃତ ଭକ୍ତମାଳା ଗ୍ରନ୍ଥରେ ଜୟଦେବଙ୍କ ଜନ୍ମଭୂମି ପୁରୀ ଜିଲ୍ଲା ବୋଲି ଲେଖାଅଛି । ଚନ୍ଦ୍ରଦତ୍ତ ଜଣେ ମୈଥିଳୀ ପଣ୍ଡିତ ଥିଲେ । ସେ କାଶୀଗୀତା ଟୀକା ଗ୍ରନ୍ଥ, ଭକ୍ତଚରିତ୍ର ମାହାତ୍ମ୍ୟ, ଲୁପ୍ତବିଷ୍ଣୁବାବଲି ସଟୀକ ଗ୍ରନ୍ଥ ଲେଖିଛନ୍ତି (ବିଶ୍ୱକୋଷ) ।

ଶ୍ରୀନାଭାଜୀ ଅଗ୍ରସ୍ୱାମୀଙ୍କ ଶିଷ୍ୟ କୃଷ୍ଣଦାସ ବାବାଜୀ ପ୍ରଥମେ ନାଭାଜୀକୃତ ହିନ୍ଦୀ ଭକ୍ତମାଳା ଗ୍ରନ୍ଥକୁ ବଙ୍ଗଳାରେ ଅନୁବାଦ କରିଥିଲେ । କୃଷ୍ଣଦାସ ତାଙ୍କ ଅନୁଦିତ ଭକ୍ତମାଳା ଗ୍ରନ୍ଥରେ ଅନ୍ତତ ଅଧିକ କେତେ ଜଣ ଭକ୍ତ ବୈଷ୍ଣବଙ୍କ ଜୀବନୀ ସନ୍ନିବେଶ କରିଥିଲେ । କୃଷ୍ଣଦାସ ଅଦ୍ୱୈତ ପ୍ରଭୁଙ୍କ ସମସାମୟିକ ଥିଲେ । ଚୈତନ୍ୟଙ୍କ ଅବତାରର ବହୁକାଳ ପୂର୍ବରୁ ଜୟଦେବଙ୍କ ଅଭ୍ୟୁଦୟ ହୋଇଥିଲା । ଶ୍ରୀଚୈତନ୍ୟ ୧୪୮୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଏବଂ ସନ୍ନ୍ୟାସୀ ହେଲେ । ସନ୍ନ୍ୟାସୀ ହେବାପରେ ୧୫୦୯ ଖ୍ରୀଷ୍ଟାବ୍ଦରେ

ଶ୍ରୀଚୈତନ୍ୟ ପୁରୀକ୍ଷେତ୍ରକୁ ଆସି ତାଙ୍କ ଲୀଳାଖେଳା କରିଥିଲେ । ସୁତରାଂ ଭକ୍ତମାଳ ଗ୍ରନ୍ଥ ଶ୍ରୀଚୈତନ୍ୟଙ୍କ ଅବତାର ପରେ ରଚିତ ହୋଇଥିଲା ।

ରାଜା ପ୍ରତାପରୁଦ୍ରଦେବ ୧୫୦୪ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ରାଜସିଂହାସନ ଆରୋହଣ କରିଥିଲେ । ବଡ଼ଦେଉଳର ଜଗମୋହନ ବାମ ପାର୍ଶ୍ୱରେ ଗୋଟିଏ ଖୋଦିତ ଲିପି ଅଛି । ସେ ଲିପିର ସମୟ ପ୍ରତାପରୁଦ୍ରଦେବ ମହାରାଜାଙ୍କ ୪ ଅଙ୍କ କର୍କଟ ମାସ ୧୦ ଦିନ ଅର୍ଥାତ୍ ୧୫୦୭ ଖ୍ରୀଷ୍ଟାବ୍ଦ । ଏହି ଅନୁଜ୍ଞାରେ ଗୀତଗୋବିନ୍ଦ ପାଠ ବିଷୟ ଲେଖା ଅଛି । ଏଥିରୁ ଜଣାଯାଏ ଯେ ପ୍ରତ୍ୟେକ ରାଜା ବଡ଼ସିଂହାର ବେଳେ ଗୀତଗୋବିନ୍ଦ ପାଠ ନୀତିକି ଅନୁମୋଦନ କରି ଆସିଛନ୍ତି ଏବଂ ଏ ନୀତି ବର୍ତ୍ତମାନ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଅଛି । ସୁତରାଂ ଭକ୍ତମାଳ ଗ୍ରନ୍ଥ ଲେଖାହେବାର ବହୁକାଳ ପୂର୍ବରୁ ଗୀତଗୋବିନ୍ଦ ଓ ଜୟଦେବଙ୍କ ନାମ ଉତ୍କଳରେ ସୁପରିଚିତ ଓ ସୁପ୍ରତିଷ୍ଠିତ ଥିବା ସମ୍ବନ୍ଧରେ ମାଦଳାପାଞ୍ଜି ଓ ଖୋଦିତ ଲିପିର ଉଲ୍ଲେଖ ଅଛି । ଏଥିରୁ ବିଷୟଟି ସ୍ପଷ୍ଟ ପ୍ରମାଣିତ ହୁଏ, ଜୟଦେବ ଓ ଗୀତଗୋବିନ୍ଦ ବହୁ ପ୍ରାଚୀନ କାଳର ଏବଂ ଜୟଦେବ ପୁରୀବାସୀ ଥିବା ବିଷୟ ସୁସ୍ପଷ୍ଟଭାବେ ପ୍ରମାଣିତ ହେଉଛି ।

ଲକ୍ଷ୍ମଣ ସେନଙ୍କ ସମୟରେ ବଙ୍ଗଳାରେ ଶାକ୍ତଧର୍ମର ବିଶେଷ ପ୍ରଭାବ ଥିଲା । ବଲ୍ଲାଳ ସେନଙ୍କର ତିନି ପୁତ୍ର ଥିଲେ—ବିଶ୍ୱରୂପ, କେଶବ ଓ ମାଧବ । କେଶବଙ୍କ ପୁତ୍ର ଦନୌଜ ମାଧବ । ଲକ୍ଷ୍ମଣ ସେନ ୧୧୭୦ ଖ୍ରୀଷ୍ଟାବ୍ଦରେ ରାଜା ହେଲେ ଏବଂ ୧୧୯୯ରେ ବଖ୍ତିୟାର ଖିଲ୍‌ଜିଙ୍କଦ୍ୱାରା ପରାଜିତ ହୋଇ ପଳାୟନ କଲେ ଏବଂ ଓଡ଼ିଶା ରାଜାଙ୍କ ଆଶ୍ରୟ ନେଲେ । କେଶବ ସେନ ନାମମାତ୍ର ରାଜା ଥିଲେ ଏବଂ ଅଳ୍ପ ସମୟରେ ଇହଧାମ ପରିତ୍ୟାଗ କଲେ । ପିତାଙ୍କ ପଳାୟନ ବାର୍ତ୍ତା ପାଇ ଜ୍ୟେଷ୍ଠପୁତ୍ର ମାଧବ ପଳାୟନ କରି ହିମାଳୟରେ ଆଶ୍ରୟ ନେଲେ । ବଲ୍ଲାଳ ସେନଙ୍କ ଅମଳରୁ ଲକ୍ଷ୍ମଣ ସେନଙ୍କ ଶାସନ ପର୍ଯ୍ୟନ୍ତ ଗୌଡ଼ ପ୍ରଦେଶରେ ତାନ୍ତ୍ରିକ ଧର୍ମର ପୂର୍ଣ୍ଣ ପ୍ରଭାବ ଥିଲା । ଲକ୍ଷ୍ମଣ ସେନଙ୍କ ରାଜଧାନୀରେ ବ୍ୟଭିଚାର ସ୍ରୋତ ପୂର୍ଣ୍ଣମାତ୍ରାରେ ପ୍ରବାହିତ ହେଉଥିଲା । ପଞ୍ଚମକାର ସେବା ନିତ୍ୟ-ନୈମିତ୍ତିକ କ୍ରିୟାକଳାପ ଥିଲା । ବାରବିଳାସିନୀ ଓ ସ୍ୱେଚ୍ଛାଚାରିଣୀମାନଙ୍କ ଦ୍ୱାରା ବିଳାସ ଉଦ୍‌ଦାମ ହେଉଥିଲା । ସୈନ୍ୟ ସେନାମାନଙ୍କ ମଧ୍ୟରେ ଏହି ବ୍ୟଭିଚାର ପ୍ରବେଶ କରିବାରୁ ସେମାନେ ଉଚ୍ଛୃଙ୍ଖଳ ଓ ବିଶୃଙ୍ଖଳ ହେଲେ ଏବଂ ଫଳରେ ସେମାନେ ମୁସଲମାନଙ୍କ ଦ୍ୱାରା ପରାସ୍ତ ହେଲେ । ହଲାୟୁଧ ଏ ସମୟରେ 'ମତ୍ସ୍ୟସୂକ୍ତ' ନାମକ ଗୋଟିଏ ଗ୍ରନ୍ଥ ଲେଖିଥିଲେ । ସୁତରାଂ ବର୍ଣ୍ଣିତ ବିଷୟ ହିନ୍ଦୁ ସମାଜର ସଦାଚାର ରକ୍ଷାକରିବା ଅଥଚ ତାନ୍ତ୍ରିକ ମତର ଅବିରୋଧୀ । ଲକ୍ଷ୍ମଣ ସେନଙ୍କ ରାଜତ୍ୱର ଏହି ଅବସ୍ଥା ଦେଖିଲେ ପରମ ବୈଷ୍ଣବ ଜୟଦେବ ସେ ସଭାର କବି ଥିବା ସମ୍ଭବ ନୁହେଁ । ହଲାୟୁଧ ଲକ୍ଷ୍ମଣ ସେନଙ୍କ ସଭାର ଜଣେ ବଡ଼ ପଣ୍ଡିତ ଥିଲେ । ଜୟଦେବ ଗୀତଗୋବିନ୍ଦରେ କେତେକଣ କବିଙ୍କ ନାମ ଉଲ୍ଲେଖ

କରିଛନ୍ତି; ମାତ୍ର ହଳାୟୁଧଙ୍କ ନାମ ଉଲ୍ଲେଖ ନାହିଁ । ଏଥିରୁ ଜଣାଯାଏ, ଜୟଦେବ ଲକ୍ଷ୍ମଣ ସେନଙ୍କ ସମସାମୟିକ ନଥିଲେ ।

ଗୀତଗୋବିନ୍ଦରେ ଯେଉଁ "ଆଚାର୍ଯ୍ୟ ଗୋବର୍ଦ୍ଧନ"ଙ୍କ ନାମୋଲ୍ଲେଖ ଅଛି, ସେ ଜଣେ ପୁରୀବାସୀ ଥିଲେ । ଗୋବର୍ଦ୍ଧନଶତକ ନାମକ ଗ୍ରନ୍ଥରେ ତାଙ୍କ ରଚିତ ଅନେକ ଶ୍ଳୋକ ଅଛି । ଆଚାର୍ଯ୍ୟସଞ୍ଜ୍ଞକ ବ୍ରାହ୍ମଣ ଏଠି ଓଡ଼ିଶାରେ ଅନେକ ଥିଲେ । ପ୍ରସିଦ୍ଧ ସ୍ମୃତିଗ୍ରନ୍ଥ ଉକ୍ତର ରଚୟିତା ସୁଦର୍ଶନାଚାର୍ଯ୍ୟ ଏବଂ ସାମନ୍ତସିଂହାର ରଚୟିତା ଶ୍ରୀଧର ଆଚାର୍ଯ୍ୟ । ବଙ୍ଗଦେଶର କେତେକ କହନ୍ତି, ଗୋବର୍ଦ୍ଧନ ନୀଳାମ୍ବର ଆଚାର୍ଯ୍ୟଙ୍କ ପୁତ୍ର ଏବଂ ସେ ଲକ୍ଷ୍ମଣ ସେନଙ୍କ ସଭାର ଜଣେ ପଣ୍ଡିତ ଥିଲେ । ମାତ୍ର ଆମ୍ଭେ ତାଙ୍କ ସହିତ ଏକମତ ହେବାର କିଛି କାରଣ ଦେଖୁନାହୁଁ ।

ଧରଣୀଧର ଜଣେ ଓଡ଼ିଆ କବି । ସେ ୩୫୦ ବର୍ଷ ପୂର୍ବେ ଗୀତଗୋବିନ୍ଦକୁ ଓଡ଼ିଆ ପଦ୍ୟରେ ଅନୁବାଦ କରିଥିଲେ । ଗୀତଗୋବିନ୍ଦ ଗୋଟିଏ ଜଗତ୍‌ପ୍ରସିଦ୍ଧ କାବ୍ୟ । ଅନେକ ପଣ୍ଡିତ ଗୀତଗୋବିନ୍ଦର ଟୀକା କରିଛନ୍ତି—ଉଦୟନାଚାର୍ଯ୍ୟ, କମଳାକର, କୁମ୍ଭକର୍ଣ୍ଣ, ମହେଶ, କୃଷ୍ଣ ଦତ୍ତ, କୃଷ୍ଣ ଦାସ, ଗୋପାଳ, ଚୈତନ୍ୟ ଦାସ, ନାରାୟଣ ଭଟ୍ଟ, ନାରାୟଣ ଦାସ, ପୀତାମ୍ବର, ଭଗବଦ୍ଦାସ, ଭବାଚାର୍ଯ୍ୟ, ମାନାଙ୍କ, ରାମତାରଣ, ରାମଦତ୍ତ, ରୂପଦେବ, ଲକ୍ଷ୍ମଣ ଭଟ୍ଟ, ଶେଷରତ୍ନ, ବାଗେଶ୍ୱର ଭଟ୍ଟ, ଶଙ୍କର ମିଶ୍ର, ଶ୍ରୀହର୍ଷ, ହୃଦୟାଭରଣ । ପାଶ୍ଚାତ୍ୟ ପଣ୍ଡିତ ଏଡ୍‌ୱିନ୍ ଆର୍ନୋଲ୍ଡ ଓ ସାର୍ ଉଇଲିୟମ୍ ଜୋନସ୍ ଗୀତଗୋବିନ୍ଦକୁ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି ।

ଜୟଦେବଙ୍କୁ ବଙ୍ଗାଳୀ ବୋଲି ପ୍ରମାଣ କରିବା ପାଇଁ ଅନେକ ଅଦ୍ଭୁତ ଯୁକ୍ତି କେତେକ ଲେଖକମାନେ ଦେଖାଇଛନ୍ତି । ସେ ଯୁକ୍ତି, ଗୀତଗୋବିନ୍ଦର ଶ୍ଳୋକ ପାଠକଲେ ଜଣାଯାଏ ରଚନାଟି ବଙ୍ଗଭାଷାର; ମାତ୍ର ସଂସ୍କୃତ କବିତା ରୂପରେ ହୋଇଛି । ଜୟଦେବ ବଙ୍ଗାଳୀ ହୋଇ ନଥିଲେ ଏପରି ରଚନା କରିପାରିଥାନ୍ତେ କି ନା ସନ୍ଦେହ । ଏ ଯୁକ୍ତି ଗୋପାଳଚନ୍ଦ୍ର ଆଚାର୍ଯ୍ୟ ମହାଶୟଙ୍କର । ଏ ଯୁକ୍ତି ନିତାନ୍ତ ଅମୂଳକ । ଓଡ଼ିଆଭାଷାର ସଂସ୍କୃତ ସହିତ ଅଧିକ ଘନିଷ୍ଠତା । ଭାରତ ଯୋଗରେ ଓଡ଼ିଆଭାଷା ସହଜରେ ସଂସ୍କୃତ ହୋଇପାରେ । ଓଡ଼ିଆ ଭାଷାର ଜନ୍ମଦାତା ସଂସ୍କୃତ । ବଙ୍ଗଭାଷା ମୈଥିଳୀ ଓ ଓଡ଼ିଆ ଭାଷାରୁ ଜାତ । ପ୍ରାଚୀନ ବଙ୍ଗଭାଷା ମଧ୍ୟରେ ଅନେକାଂଶ ଓଡ଼ିଆ ଶବ୍ଦ ଅଛି ।

ଚନ୍ଦନଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ,
କେଳିଚଳନ୍ମଣି କୁଣ୍ଡଳମଣ୍ଡିତ ଗଣ୍ଡଯୁଗସ୍ମିତଶାଳୀ
ହରିରିହ ମୁଗ୍ଧବଧୂ ନିକରେ
ବିଳାସିନି ବିଳସତି କେଳିପରେ ।

ଏଥିରୁ କିପରି ଜଣାଗଲା ଯେ ଏ ଦୃଷ୍ଟାନ୍ତ ବଙ୍ଗଭାଷାରୁ ନିଆ ହୋଇଛି ଏବଂ ଜୟଦେବ ବଙ୍ଗାଳୀ ?

୨ୟ ଯୁକ୍ତି ନାଟକୀୟ ଉପାଖ୍ୟାନରେ । 'ଜୟଦେବ' ନାମକ ନୂତନ ନାଟକରେ ଜୟଦେବଙ୍କୁ ବଙ୍ଗାଳୀ ପ୍ରମାଣ କରାଯାଇଛି । ଏ ନାଟକରେ ସେକଶୁଭୋଦୟା ଅପ୍ରାକୃତିକ ଘଟଣା ବର୍ଣ୍ଣିତ ହୋଇଛି । ନାଟକର ଉଦ୍ଦେଶ୍ୟ ଜୟଦେବଙ୍କ ମାହାତ୍ମ୍ୟ କୀର୍ତ୍ତନ । ସଂକ୍ଷେପତଃ ଲକ୍ଷ୍ମଣ ସେନଙ୍କ ପୁତ୍ର ହେମନ୍ତ ସେନ ମଲା । ଶାକ୍ତ ମନ୍ତ୍ରୀ ଘୋଷଣା କଲେ ଯେ ଅନ୍ୟ କୌଣସି ଶିଶୁ ବଳିଦେଲେ ପୁତ୍ର ବଞ୍ଚିବ । କୌଣସି ବ୍ରାହ୍ମଣ ଶିଶୁ ଦେବଳକୁ ଆସିଲା । ଶିଶୁକୁ ବଳିଦେବାବେଳେ ହଠାତ୍ ଜୟଦେବ ଆସି ସେ ଶିଶୁକୁ ମୁକ୍ତ କରିଦେଲେ ଏବଂ ମୃତ ପୁତ୍ର ଦେହରେ ହାତ ଦେବା ମାତ୍ରକେ ସେ ପୁଣି ଜୀବିତ ହେଲା । ରାଜା ବୈଷ୍ଣବର ମାହାତ୍ମ୍ୟ ଦେଖି ବୋଲି ବୁଦ୍ଧିମାନ ଶାକ୍ତଧର୍ମ ଛାଡ଼ି ବୈଷ୍ଣବଧର୍ମ ଗ୍ରହଣ କଲେ । କେତେକ ଦିନ ପରେ ଓଡ଼ିଶା ରାଜାଙ୍କ ନିକଟକୁ ଯାଇ ଦୀକ୍ଷା ଗ୍ରହଣ କଲେ । ପ୍ରଥମରୁ ଦେଖାଯାଏ ଯେ ଲକ୍ଷ୍ମଣ ସେନଙ୍କ ହେମନ୍ତ ନାମରେ ପୁତ୍ର ନଥିଲା । ସାମନ୍ତ ସେନଙ୍କର ହେମନ୍ତ ନାମକ ପୁତ୍ର ଥିବାର ଇତିହାସରୁ ଜଣାଯାଏ । ଲକ୍ଷ୍ମଣ ସେନ ମୁସଲମାନଙ୍କ ଭୟରେ ପଳାୟନ କରି ଓଡ଼ିଶା ରାଜାଙ୍କ ଆଶ୍ରୟ ନେଇଥିବା କଥାସୂତ୍ରରେ ଇତିହାସ ସାକ୍ଷୀ । ଏହାଙ୍କ ପୂର୍ବେ ଅନ୍ୟ କୌଣସି ରାଜା ଓଡ଼ିଶାକୁ ଆସି ନଥିଲେ । ଜୟଦେବଙ୍କର ଏପରି ମାହାତ୍ମ୍ୟ ଦେଖି ଲକ୍ଷ୍ମଣ ସେନ ତାଙ୍କଠାରୁ ଦୀକ୍ଷା ଗ୍ରହଣ ନକରି ଓଡ଼ିଶାକୁ ଦୀକ୍ଷାଗ୍ରହଣ ପାଇଁ ଆସିଲେ କାହିଁକି ? ଏ ଅସ୍ୱାଭାବିକ ନୁହେଁ କି ?

୩ୟ ଯୁକ୍ତି, ବୀରଭୂମର କେନ୍ଦୁଲୀ ଗ୍ରାମ । ଗୀତଗୋବିନ୍ଦରେ ଜୟଦେବଙ୍କ ଜନ୍ମସ୍ଥାନ କେଉଁଠି ଲେଖା ନାହିଁ । ଜନଶ୍ରୁତିରୁ ଜଣାଯାଏ, ତାଙ୍କ ଜନ୍ମଭୂମି "କେନ୍ଦୁବିଲ୍ୱ" ବା କେନ୍ଦୁଲୀ ଗ୍ରାମରେ ଥିଲା । କେନ୍ଦୁବିଲ୍ୱ ନାମକ ଗ୍ରାମ ଓଡ଼ିଶାରେ ନାହିଁ କି ବଙ୍ଗଳାରେ ନାହିଁ । କେନ୍ଦୁବିଲ୍ୱ ନାମ କେନ୍ଦୁଲୀରେ କାଳକ୍ରମେ ପରିଣତ ହୋଇଥିବା ସମ୍ଭବପର । ଯଦି କେନ୍ଦୁଲୀ ଜନ୍ମଭୂମି ହେଲା, ସେ କେଉଁଠି ? ପୁରୀ ଜିଲ୍ଲାରେ କି ବଙ୍ଗଳା ବୀରଭୂମରେ ? କେନ୍ଦୁଲୀ ଗ୍ରାମ ବୀରଭୂମିରେ ଅଛି । ସୁତରାଂ ସେହି ଗ୍ରାମ ଜୟଦେବଙ୍କ ଜନ୍ମଭୂମି ହେବ ନାହିଁ କି ? ପୁରୀ ଜିଲ୍ଲାରେ କେନ୍ଦୁଲୀ ଗ୍ରାମ ଥିଲେ ସେ ସ୍ଥାନ ନହେବ କାହିଁକି ? ସୁତରାଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଘଟଣା ସଙ୍ଗେ ଯେଉଁ ସ୍ଥାନ ବେଶି ମିଳିବ, ସେହି ସ୍ଥାନ ହେବା ସମୀଚୀନ ବୋଲି ଧରିବାକୁ ହେବ ।

ଶ୍ରୀଚୈତନ୍ୟଙ୍କ ଅବତାର ପୂର୍ବେ ବଙ୍ଗଦେଶରେ ଜୟଦେବ ବା ଗୀତଗୋବିନ୍ଦ ବଙ୍ଗବାସୀଙ୍କୁ ଜଣାଥିବାର କିଛି ପ୍ରମାଣ ନାହିଁ । କୌଣସି ବଙ୍ଗୀୟ ଲେଖକ ଏ ପ୍ରମାଣ ଦେଖାଇ ପାରିନାହାନ୍ତି । ଶ୍ରୀଚୈତନ୍ୟ ପୁରୀରେ ଥିବାବେଳେ ପ୍ରଥମ ରାମାନନ୍ଦଙ୍କଠାରୁ ଗୀତଗୋବିନ୍ଦ ଶୁଣିଲେ । କ୍ରମେ ଗୀତଗୋବିନ୍ଦ ପ୍ରତି ତାଙ୍କର ଶ୍ରଦ୍ଧା ବଢ଼ିଲା ଏବଂ ସେ

ଗୀତଗୋବିନ୍ଦ ଶୁଣି ଆତ୍ମହରା ହେଲେ । ତେଣୁ ଶ୍ରୀଚୈତନ୍ୟଙ୍କ ପାରିଷଦବର୍ଗଙ୍କର ଗୀତଗୋବିନ୍ଦ ପ୍ରତି ମନ ଆକୃଷ୍ଟ ହେଲା । ଅନେକଗୁଡ଼ିଏ ଭକ୍ତ ଶ୍ରୀଚୈତନ୍ୟଙ୍କ ସଙ୍ଗେ ନବଦ୍ୱୀପରୁ ଓଡ଼ିଶାକୁ ଆସିଥିଲେ । ସେମାନେ ପୁରୀରୁ ଫେରିଯାଇ ଗୀତଗୋବିନ୍ଦର ମାହାତ୍ମ୍ୟ ବଙ୍ଗଳାରେ ପ୍ରଚାର କଲେ । ମାତ୍ର ଜଣେ ଓଡ଼ିଆ ପଣ୍ଡିତଙ୍କ ପୁତ୍ର ଶ୍ରୀମହାପ୍ରଭୁଙ୍କର ଏତେ ପ୍ରିୟ ବସ୍ତୁ ହେବ, ଏକଥା ତାଙ୍କ ଦେହ ସହିଲା ନାହିଁ । ସୁତରାଂ ସେମାନେ ଜୟଦେବଙ୍କୁ ପ୍ରମାଣ କଲେ ସେ ସେ ବଙ୍ଗାଳୀ । ଏହି ସମୟରେ ବଙ୍ଗଦେଶରେ ଜାତୀୟତା ଉଦ୍ଭବ ହେଲା । ସେ ସୂତ୍ରରେ ଜୟଦେବଙ୍କୁ ବଙ୍ଗାଳୀ ବୋଲି ଚେଷ୍ଟା ଚାଲିଥିଲା । ସେଥିଯୋଗୁଁ ଅନୁମାନ କରାଯାଏ ଚୈତନ୍ୟୋତ୍ତର ବୈଷ୍ଣବ କବିମାନେ ଗୀତଗୋବିନ୍ଦର ମାହାତ୍ମ୍ୟ ଦେଖି ଜୟଦେବଙ୍କୁ ଓଡ଼ିଆ ବୋଲି ସ୍ୱୀକାର କରିବାକୁ ରାଜି ହୋଇ ନଥିବେ । ଏହି ହେତୁ ଅନୁସାରେ ଜୟଦେବ ବଙ୍ଗାଳୀ ହୋଇ ରହିଗଲେ । ଅନ୍ୟ ଏକ କାରଣର ପ୍ରମାଣ ଅଛି । ଶ୍ରୀଚୈତନ୍ୟ ଯେତେବେଳେ ପୁରୁଷୋତ୍ତମ କ୍ଷେତ୍ରରେ ଲୀଳାଖେଳା କରୁଥିଲେ, ଭକ୍ତକବି ଜଗନ୍ନାଥ ଦାସ ପୁରୀରେ ଥିଲେ । ଜଗନ୍ନାଥ ଦାସ ଜଣେ ଖାଣ୍ଟି ଓଡ଼ିଆ ବ୍ରାହ୍ମଣ । ଶ୍ରୀଚୈତନ୍ୟ ତାଙ୍କ ଭକ୍ତିରେ ମୋହିତ ହୋଇ ତାଙ୍କୁ ଅତିବଡ଼ି ପଦ ଦେଇଥିଲେ ଏବଂ ସେହି ସମୟରୁ ଓଡ଼ିଶାରେ ଅତିବଡ଼ି ବୈଷ୍ଣବ ସମ୍ପ୍ରଦାୟ ସୃଷ୍ଟି ହେଲା । ଏକଥା ବଙ୍ଗୀୟ ବୈଷ୍ଣବମାନେ ସହ୍ୟ କରି ନପାରି ଶ୍ରୀଚୈତନ୍ୟଙ୍କୁ ବଂଶ ଭଙ୍ଗ ଶାଳସୁର ପର୍ଯ୍ୟନ୍ତ ଗାଳିଦେଲେ । ଏ ବିଷୟର ପ୍ରମାଣ ଲାଗି 'ଜଗନ୍ନାଥଚରିତାମୃତ'ର କେତେକାଂଶ ଉଦ୍ଧୃତ କରାଗଲା ।

ଏମନ୍ତେ ଗଲା କେତେକ ଦିନ । ପୁରୁଷୋତ୍ତମେ ଶ୍ରୀଚୈତନ୍ୟ ॥
ଅତିବଡ଼ ବୋଲି ବୋଲନ୍ତେ । ବୈଷ୍ଣବେ ଦୁଃଖ କଲେ ଚିତ୍ତେ ॥
ଓଡ଼ିଆ ବ୍ରାହ୍ମଣ ଅଟଇ । ହୋଇଗଲେ ଅତିବଡ଼ ଏହି ॥
ଆଜ ପର୍ଯ୍ୟନ୍ତ ସେବା କଲୁ । ଆମ୍ଭେ ଯାକ ପାଦେ ଥିଲୁ ॥
ଏହାଙ୍କ ସଙ୍ଗେ ଯେତେ ଥିବା । ଏହି କଥା ଯିବା ଶୁଣିବା ॥
ଗୌଡ ଭକ୍ତ ହୋଇଣ ଭଲେ । ପ୍ରଭୁଙ୍କ ଅଗ୍ରେ ଜଣାଇଲେ ॥
ଉତ୍କଳୀ ବ୍ରାହ୍ମଣ ଅଶୀଲ । ତାହାଙ୍କୁ ଅତିବଡ଼ ବୋଲି ॥

ଶ୍ରୀଚୈତନ୍ୟ ଉବାଚ

ଅତିଲଃ ସର୍ବଜ୍ଞାନାଂ ଦାସ୍ୟ ପାଷାଣ ଚିତ୍ତା
ଅନନ୍ୟ ସ୍ତ୍ରୀ ଜାଗ୍ରତେ ଭୂମୌ ମନୁଷ୍ୟାଣାଂ ଚ ଦାକଥା ।

ଏମନ୍ତ ପ୍ରଭୁଙ୍କ ଶୁଣି । ଶୁଣ ବୈଷ୍ଣବ ଦୁଃଖ ମଣି ॥
ଛାଡ଼ି ପୁରୁଷୋତ୍ତମ ସ୍ଥାନ । ଅତିବଡ଼ ଦେବେ ଶାସନ ॥
ମହାପ୍ରଭୁ ହେଁ ଶୁଣିଲେ । ଗାଳିଗଞ୍ଜ ବୋଲି ଗଲେ ॥

ଉତ୍କଳେ ପାଣ୍ଡବଙ୍କ ସାଥ । ଏଣେ ଶ୍ରୀଚୈତନ୍ୟ ଗୋସାଇଁ ॥
ସପ୍ତ ମୂର୍ତ୍ତି ବୈଷ୍ଣବ ହୁଲେ । ପୁରୁଷୋତ୍ତମରେ ଉତ୍କଳେ ॥

× × × ×

ସପ୍ତମୂର୍ତ୍ତିତା ଆଉ କେତେଦୂର ଯାଇପାରେ । ଶ୍ରୀଚୈତନ୍ୟ ପୁରୀରେ ୧୮ ବର୍ଷ କାଳ ଥିଲେ । ଜଗନ୍ନାଥ ଦାସଙ୍କ ସହିତ ଶ୍ରୀଚୈତନ୍ୟଙ୍କ ଦେଖାସାକ୍ଷାତ ଇତ୍ୟାଦି ହୋଇଥିବା ବିଷୟ ରୂପଦେବଙ୍କ ପଞ୍ଚାରୁ ସ୍ପଷ୍ଟ ଜଣାଯିବ । ଚୈତନ୍ୟଚରିତାମୃତ ଓ ଚୈତନ୍ୟ-ଭାଗବତ ଲେଖକ ବୈଷ୍ଣବ-କବି ସମ୍ଭବତଃ ଏହି କାରଣରୁ ସେମାନଙ୍କ ପୁସ୍ତକରେ ଜଗନ୍ନାଥ ଦାସଙ୍କ ନାମୋଲ୍ଲେଖ କରିନାହାନ୍ତି । ଏଠାରୁ ବିଶେଷ ପ୍ରମାଣ କଅଣ ଦିଆଯାଇ ପାରେ । ବୀରଭୂମ କେନ୍ଦୁଲୀ ଗ୍ରାମରେ ମେଳା ହେବା ସତ୍ୟ ନୁହେଁ । ଆମ୍ଭମାନଙ୍କ ଦେଶରେ ବୈଷ୍ଣବମାନଙ୍କର ଯେପରି ଆଚରଣ ତାହା ଆମ୍ଭମାନଙ୍କୁ ଜଣା । ଜଣେ ବୈଷ୍ଣବ ଯେ କେଉଁଠି ଗୋଟିଏ ମେଳା କରିବାକୁ ଇଚ୍ଛା କଲେ ଅଳ୍ପକ୍ଷଣରେ କରିପାରେ ।

ବୀରଭୂମି କେନ୍ଦୁଲୀ ଗ୍ରାମରେ ଏକ ଦେଉଳ ଅଛି । ଦେଉଳଟିର ନାମ "ଜୟଦେବ ଦେଉଳ" । ଜୟଦେବ ବଙ୍ଗବାସୀ ଥିବାର ଏ ଗୋଟିଏ ପ୍ରମାଣ ବୋଲି କେହି କେହି କହନ୍ତି । ବୀରଭୂମି ଜିଲ୍ଲା ଗେଜେଟିଅର ଦେଖିଲେ ଜଣାଯାଏ ୧୬୨୫ ଶକାବ୍ଦ ଅର୍ଥାତ୍ ୨୦୦ ବର୍ଷ ପୂର୍ବେ ବର୍ଦ୍ଧମାନ ମହାରାଜା କୀର୍ତ୍ତିଚନ୍ଦ୍ରଙ୍କ ମାତା ଏ ଦେଉଳ ତୋଳାଇ ଦେଇଥିଲେ । ଏ ତ ସେ ଦିନର କଥା । ଅନ୍ୟ ଦେଉଳଟି ଜଣେ ଗ୍ରାମସ୍ଥ ମହନ୍ତ ନିର୍ମାଣ କରାଇଥିଲେ । ପ୍ରଥମତଃ ଦେଉଳରେ ରାଧାବିନୋଦ ଠାକୁର ଅଛନ୍ତି; ମାତ୍ର ଏ ଠାକୁର ଜୟଦେବଙ୍କ ପୂଜିତ ଠାକୁର ନୁହନ୍ତି । ଜୟଦେବଙ୍କ ପୂଜିତ ଠାକୁର ରାଧାଗୋବିନ୍ଦ ମୂର୍ତ୍ତି ଜୟପୁରର ଘାଟି ନାମକ ସ୍ଥାନରେ ଅଛନ୍ତି । ଜୟଦେବଙ୍କ ମୃତ୍ୟୁ ପରେ ଜୟପୁର ମହାରାଜା ବୃନ୍ଦାବନ କେଶୀଘାଟଠାରୁ ସେ ମୂର୍ତ୍ତି ନେଇଯାଇଥିଲେ ।

କେହି କେହି କହନ୍ତି, ଜୟଦେବଙ୍କ ସମାଧି କେନ୍ଦୁଲୀଠାରେ ଅଛି । ଭକ୍ତମାଳା ଗ୍ରନ୍ଥରୁ ପ୍ରକାଶ ଯେ ଜୟଦେବ ବୃନ୍ଦାବନରେ ଅପ୍ରକଟ ହୋଇଲେ । ସାଧୁମାନଙ୍କ ମୃତ୍ୟୁକୁ ଅପ୍ରକଟ କୁହାଯାଏ । ବୀରଭୂମିଠାରୁ ବୃନ୍ଦାବନ ବହୁଦୂରରେ ଥିଲା । ଦତ୍ତ ମହାଶୟ କହନ୍ତି, ଜୟଦେବ ଆପଣା ଜନ୍ମସ୍ଥାନରେ ଅପ୍ରକଟ । ସୁତରାଂ ସେ କଥାର ସାରବତ୍ତା କାହିଁ ?

ଭକ୍ତମାଳା ଗ୍ରନ୍ଥରୁ ପ୍ରକାଶ ଯେ ଜୟଦେବ ପ୍ରତିଦିନ ଗଙ୍ଗାସ୍ନାନ କରୁଥିଲେ । ବୀରଭୂମି କେନ୍ଦୁଲୀ ଗ୍ରାମଠାରୁ ଗଙ୍ଗା ୪୦ ମାଇଲ ଦୂରରେ । ସେଠାରୁ ଯାଇ ଗଙ୍ଗାସ୍ନାନ କରି ଫେରିଆସିବା ସମ୍ଭବ କି ? ତାଙ୍କ ସମୟରେ ରେଲ, ମଟରକାର୍ ବା ପୁଷ୍ପକବିମାନ

ନଥିଲ । ୪୦ ମାଇଲ ଯାଇ ୪୦ ମାଇଲ ଫେରିବା ଅସମ୍ଭବ । ଏ ଯୁକ୍ତି କେତେଦୂର ସମ୍ଭବ ପାଠକମାନେ ବୁଝିବେ ।

ଅନ୍ୟ ଏକ ପ୍ରମାଣ ଅଛି, ଜୟଦେବ ତାଳପତ୍ର କୋଳରେ ଲେଖନଦ୍ୱାରା ଗୀତଗୋବିନ୍ଦ ଲେଖିଥିଲେ । ଲେଖନ ତାଳପତ୍ର ଓଡ଼ିଶାର ବିଶେଷତ୍ୱ; ବଙ୍ଗଳାର ନୁହେଁ । ବଙ୍ଗଳାରେ ସେତେବେଳେ ଲେଖନ ତାଳପତ୍ର ନ ଥିଲା । ଓଡ଼ିଆ ଓ ବଙ୍ଗଳା ଲେଖା ମଧ୍ୟରେ ଏଥିହେତୁ ବିଶେଷ ପ୍ରଭେଦ । ଲେଖନଦ୍ୱାରା ଅକ୍ଷର ବର୍ତ୍ତୁଳ ହୁଏ, ମାତ୍ର କଞ୍ଚିକଲମଦ୍ୱାରା ରେଖାସମ୍ବୃକ୍ତ (ମୁଣ୍ଡିଆଦ୍ୱାରା) । ତାଳପତ୍ର ପୋଥି ଲେଖା ଗୀତଗୋବିନ୍ଦ ବର୍ତ୍ତମାନ ଓଡ଼ିଶାର ଅନେକ ସ୍ଥଳରେ ଅଛି । ଜୟଦେବ ବଙ୍ଗଳାର ହୋଇଥିଲେ ଓଡ଼ିଶାରେ ଏତେ ତାଳପତ୍ର ପୋଥି କେଉଁଠୁ ମିଳନ୍ତା ?

ଜୟଦେବଙ୍କ ସ୍ତ୍ରୀ ପଦ୍ମାବତୀ । ପଦ୍ମାବତୀ ଜଣେ ଦାକ୍ଷିଣାତ୍ୟ ବ୍ରାହ୍ମଣଙ୍କ କନ୍ୟା । ଜୟଦେବ ଓଡ଼ିଆ ବ୍ରାହ୍ମଣ ହୋଇନଥିଲେ ପଦ୍ମାବତୀଙ୍କର ତାଙ୍କ ସହିତ ବିବାହ ହୁଅନ୍ତା କିପରି ? ଦକ୍ଷିଣ ବ୍ରାହ୍ମଣମାନଙ୍କ ସହିତ ଓଡ଼ିଶା ବ୍ରାହ୍ମଣମାନଙ୍କର ଅଦ୍ୟାବଧି ବୈବାହିକ ସମ୍ବନ୍ଧ ଚଳୁଛି; ମାତ୍ର ବଙ୍ଗୀୟ ବ୍ରାହ୍ମଣଙ୍କ ସହିତ ଚଳେ ନାହିଁ । ଯେଉଁ ମହାଶୟ ଜୟଦେବଙ୍କର ସେପରି ଜୀବନୀ ଲେଖିଛନ୍ତି, ସେଥିରୁ ଜଣାଯାଏ, ଜୟଦେବ କେବେ ଓଡ଼ିଶାକୁ ଆସିନଥିଲେ । ଭକ୍ତମାଳା ଗ୍ରନ୍ଥରେ ଲେଖାଥିବା ଜୀବନ ସହିତ ଏ ବର୍ଣ୍ଣନା ସମ୍ପୂର୍ଣ୍ଣ ଅମେଳ । 'ଶ୍ରୀନୀଳାଚଳେ ଶ୍ରୀଜଗନ୍ନାଥ ଓ ଗୌରାଙ୍ଗ' ଲେଖକ ମହାଶୟ କହନ୍ତି, ଜୟଦେବଙ୍କ ପଦାବଳୀ ଏବଂ ଗୀତଗୋବିନ୍ଦ ସ୍ଥାନମାନରେ ଏପରି ବିକୃତଭାବରେ ପଠିତ ଯେ ତାହା ବର୍ଣ୍ଣନାତୀତ । ଜୟଦେବ ସ୍ଥାନମାନରେ ବାସ କରି ନଥିଲେ ଏପରି ଶାବ୍ଦିକାନନ ସ୍ଥିତି ଲାଭ କରିପାରି ନଥାନ୍ତା । ଓଡ଼ିଶାରେ ଗୀତଗୋବିନ୍ଦ ଶ୍ଲୋକ ସାମାନ୍ୟ ଲୋକଠାରୁ ପଣ୍ଡିତମଣ୍ଡଳୀ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି । ଜଗନ୍ନାଥ ଦେଉଳରେ ପ୍ରତିଦିନ ଗୀତଗୋବିନ୍ଦ ପାଠହୁଏ । ଓଡ଼ିଶାରେ ଜଗନ୍ନାଥ ଦାସଙ୍କ ଭାଗବତ ଯେପରି ସୁପରିଚିତ, ଗୀତଗୋବିନ୍ଦ ମଧ୍ୟ ତଦ୍ରୂପ ।

କେହି କହିପାରେ, ଓଡ଼ିଶାରେ ଜୟଦେବଙ୍କର କି ସ୍ମୃତି ଅଛି । ବଙ୍ଗଳାରେ ଜୟଦେବ କେନ୍ଦୁଲିମେଳା ପ୍ରଚଳିତ ଅଛି; ଓଡ଼ିଶାରେ ସେପରି ନାହିଁ ? ଏଥିରୁ ପରେ ମନଗଢ଼ା କାଳ୍ପନିକ ବୋଲି ଦେଖାଉଛନ୍ତି । ଏପରି ସ୍ମୃତିରକ୍ଷା ଆଧୁନିକ ପ୍ରଥା; ପ୍ରାଚୀନ ପ୍ରଥା ନୁହେଁ । କବିଙ୍କ କାବ୍ୟ ତାଙ୍କର ଏକମାତ୍ର ସ୍ମୃତି । ଆଉ ଅଧିକ କି ସ୍ମୃତି ଆବଶ୍ୟକ । ବଡ଼ଦେଉଳରେ ପ୍ରତିଦିନ ଗୀତଗୋବିନ୍ଦ ପାଠ ତ ପ୍ରଧାନ ସ୍ମୃତି । ଜୟଦେବ ଅତି ଅଳ୍ପ ବୟସରୁ ଗୃହତ୍ୟାଗ କରିଥିଲେ । ପୁରୁଷୋତ୍ତମକୁ ଆସି ବୈଷ୍ଣବଧର୍ମ ଗ୍ରହଣ କରି ଅଧିକାଂଶ ଜୀବନ କଟାଇଥିଲେ । ଶେଷଜୀବନ ବୃନ୍ଦାବନରେ କଟାଇ ସେଠାରେ ଅପ୍ରକଟ ହେଲେ । ଜନ୍ମଭୂମି ପଲ୍ଲିଗ୍ରାମରେ । ସେଠାରେ ଆଉ କି ସ୍ମୃତି ରହନ୍ତା । ଜଗନ୍ନାଥଦାସ, ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ ଏମାନଙ୍କର କି ସ୍ମୃତି ଅଛି ? ସ୍ମୃତିଚିହ୍ନ ନାହିଁ ବୋଲି କ'ଣ ଏମାନେ

ବଙ୍ଗାଳୀ ? ଅଳ୍ପକାଳ ସାହେବମାନଙ୍କ ଦ୍ୱାରା ଉଦ୍ଦେଶରେ ଭାରତର ନାନା ସ୍ଥାନରେ ପ୍ରସ୍ତରମୂର୍ତ୍ତି ସ୍ଥାପନ କରାଯାଉଅଛି, ଗଳି ରାସ୍ତା ପ୍ରଭୃତିର ନାମକରଣ ହେଉଛି, ସାଧାରଣ ଗୃହ ପ୍ରଭୃତିର ନାମକରଣ କରାଯାଉଛି । କେତେକାଳ ପରେ କ'ଣ ପ୍ରମାଣ ହେବ ଯେ ଏମାନେ ଓଡ଼ିଆ ବା ଭାରତବାସୀ ଥିଲେ । ଏ ଯୁକ୍ତି କ'ଣ ଅସାର୍ଥକ ପରି ବୋଧ ହେଉନାହିଁ ? ଏ ସମସ୍ତ ଆଲୋଚନା କଲେ ଜୟଦେବ ଓଡ଼ିଆ ଥିବାର ଜଣାଯାଏ । ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର 'ଜଗନ୍ନାଥ ମନ୍ଦିର' ନାମକ ପୁସ୍ତକରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । କେନ୍ଦୁଳୀ ଗ୍ରାମ ପୁରୀ ଜିଲ୍ଲାର ଗୋଟିଏ ଗ୍ରାମ । ପ୍ରାଚୀନ ପ୍ରସିଦ୍ଧି ହେତୁ ଏ ସ୍ଥାନରେ ବୁଣାହେଉଥିବା ବସ୍ତ୍ରର ନାମ କେନ୍ଦୁଳି ବସ୍ତ୍ର । ଅଦ୍ୟାବଧି ଏ ବସ୍ତ୍ର ବ୍ୟବହୃତ ହେଉଛି । ସିଭିଲ ଗ୍ରାମର ୪୭୫ ନମ୍ବର ଗ୍ରାମର ଉପରଭାଗ କେନ୍ଦୁଳିଶାସନ, କେନ୍ଦୁଳି ଦେଉଳ ସୁନା ନଗର, କେନ୍ଦୁଳିପାଟଣା । ଏ ଗ୍ରାମଗୁଡ଼ିକ ବାଲିଅନ୍ତା ପୋଲିସ ଷ୍ଟେସନ ଓ ଭୁବନେଶ୍ୱର ଅନ୍ତର୍ଗତ । ପ୍ରଥମଟି ଶାସନ ବା ବ୍ରାହ୍ମଣ ବସତି । ଜୟଦେବ ବ୍ରାହ୍ମଣ ଥିଲେ । ବ୍ରାହ୍ମଣମାନେ ସାଧାରଣତଃ ଶାସନମାନଙ୍କରେ ବାସକରିଥାନ୍ତି । ଏହି କେନ୍ଦୁଳିଶାସନ ଘୁଂଟେଶ୍ୱରୀ ପ୍ରାଚୀନଦୀ କୂଳରେ ଅବସ୍ଥିତ । କେନ୍ଦୁଳିଶାସନର ଅପରପାର୍ଶ୍ୱରେ କୁଶଭଦ୍ରା ନଦୀ । ଏଠାରେ କେନ୍ଦୁଳି ମଠ ଅଛି । କେନ୍ଦୁଳିଶାସନର ୨ ମାଇଲ ଦୂରରେ ତ୍ରିବେଣୀ ତୀର୍ଥ । ତ୍ରିବେଣୀ ତୀର୍ଥ ଗଙ୍ଗା-ଯମୁନା-ସରସ୍ୱତୀ ସଙ୍ଗମସ୍ଥଳ । ମାଘ ମାସର ତ୍ରିବେଣୀ ଅମାବାସ୍ୟା ଦିନ ଏଠାରେ ଗୋଟିଏ ବଡ଼ ମେଳା ହୁଏ ଏବଂ ଭିଡ଼ ଜମେ । ଏଠାରେ ଅନନ୍ତଦେବ ନାମରେ ପବିତ୍ର ସ୍ଥାନ ଅଛି । ପଦ୍ମପୁରାଣାନ୍ତର୍ଗତ ପ୍ରାଚୀ ମାହାତ୍ମ୍ୟରେ ପ୍ରାଚୀର ମହିମା ବିଶଦଭାବରେ ବର୍ଣ୍ଣିତ ଅଛି । ସଂସ୍କୃତ ପ୍ରାଚୀ ମାହାତ୍ମ୍ୟ ଓଡ଼ିଆରେ ଅନୁଦିତ ହୋଇଛି । ଶିଳଭବନ ଦ୍ୱିଜ ଅନୁବାଦକ । ପ୍ରାଚୀରେ ମର୍ତ୍ତ୍ୟେ ଅତର ଗଙ୍ଗାଙ୍କର ଆବିର୍ଭାବ ହୁଏ । 'ଗଙ୍ଗାମାଧବ-ସମ୍ବାଦ'ରେ ଲେଖାଅଛି, ପ୍ରତି ବର୍ଷ ଅକ୍ଷୟତୃତୀୟା ଦିନ ଗଙ୍ଗା ପ୍ରାଚୀରେ ଆବିର୍ଭୂତ ହୋଇ ଆପଣାର ପାଦ ପ୍ରକ୍ଷାଳନ କରନ୍ତି ଏବଂ ଏଠାରେ ସ୍ନାନ କରନ୍ତି । ପ୍ରାଚୀସ୍ନାନ ଗଙ୍ଗାସ୍ନାନ ଅପେକ୍ଷା ବିଶେଷ ଫଳପ୍ରଦ ।

ପ୍ରାଚୀ ମାହାତ୍ମ୍ୟ —

ନାମ ଭାରତ ଅନ୍ତବେଦୀ । ସାଯୁଜ୍ୟ ମୋକ୍ଷ ପ୍ରଭୃବାଦୀ ॥
ତ୍ରିବେଣୀ-ସ୍ନାନ କଲେ ନର । ମୁକ୍ତ ହୋଇ କଳେବର ॥
ଅନେକ ସ୍ନାନ ଦାନ ଯେତେ । ଶତଗୁଣରେ ହୁଏ ତେତେ ॥
ସକଳ ପାପରୁ ମୁକ୍ତାଂଶ । ପ୍ରାଚୀସ୍ନାନରେ ହୁଏ ମୋକ୍ଷ ॥
ଗଙ୍ଗାସ୍ନାନଠାରୁ ସେ ଅଧିକ । ହୋଇ ପବିତ୍ର କରେ ଲୋକ ॥
କାଳନ୍ଦୀ ଗଙ୍ଗା ସମୀପରେ । ସେ ଫଳ ସେ ଫଳ ପ୍ରାଚୀରେ ॥
ଉତ୍କଳ ଦେଶେ ପ୍ରାଚୀ ନାମ । ପ୍ରବଳ ନାମେ ଅନୁପମ ॥

ଭକ୍ତମାଳା ଗ୍ରନ୍ଥରେ ଜୟଦେବଙ୍କ ପ୍ରଚଳିତ ଉପାଖ୍ୟାନ ଓ ତାଙ୍କ ଅବର୍ଣ୍ଣିତ ଏହିଠାରେ ସମ୍ଭବ ହୋଇପାରେ । ପୌରାଣିକ ପ୍ରମାଣ ଏଥିର ପୋଷକ । ଏ ସମସ୍ତ ଆଲୋଚନା କରି ଆମ୍ଭ ମତରେ ଜୟଦେବଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲାରେ ଥିଲା ଏବଂ ତାଙ୍କ ଲୀଳାକ୍ଷେତ୍ର ଏ ପବିତ୍ର ପୁରୀଧାମରେ ଥିଲା । ସେ ଓଡ଼ିଆ ବ୍ରାହ୍ମଣ ଥିଲେ ।

ଜଗନ୍ନାଥ ପୁରୀପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ
ବିନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣସଙ୍କୁଳଃ ।
ତତ୍ରୋତ୍କଳେ ଉତ୍ପନ୍ନୋ ଦ୍ୱିଜୋ ଜୟଦେବ ଇତି ଶ୍ରୁତଃ
ବେଦାଖ୍ୟାନରତଃ ଶାନ୍ତଃ ପୁରୁଷୋତ୍ତମପୂଜକଃ ।
ଅଥ ତତ୍ରୈବ ବିପ୍ରୋଽନ୍ୟୋ ଦେବଶର୍ମେତି ବିଶ୍ରୁତଃ
ଅନପତ୍ୟୋ ବହୁକାଳେ ଜଗନ୍ନାଥମୁପାଗତଃ ।

ତାଙ୍କ ପିତାଙ୍କ ନାମ ଭୋଜଦେବ, ମାତା ରାଧାଦେବୀ, ସ୍ତ୍ରୀ ପଦ୍ମାବତୀ (ଭକ୍ତମାଳା) । ଆର୍. କୃଷ୍ଣସ୍ୱାମୀ, ବି. ଏ. ଅଧୁନା ପତ୍ରିକାରେ ଜୟଦେବଙ୍କ ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖିଥିଲେ । ସେ ପ୍ରବନ୍ଧ ୧୯୧୦ ମସିହା ଜୁନ୍ ୧୮ ତାରିଖରେ ଅମୃତବଜାର ପତ୍ରିକାରେ ପ୍ରକାଶ ହୋଇଥିଲା । ସେ ଲେଖିଛନ୍ତି, ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ଗ୍ରାମ । ଏ ଗ୍ରାମ ପୁରୀ ନିକଟ । ଜୟଦେବଙ୍କର ଏକ ସଂସ୍କୃତ ଜୀବନୀ ସେ ଲେଖିଛନ୍ତି ।

---

## ଓଡ଼ିଆ ଭାଷା

କେହି କେହି କହନ୍ତି, ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ । କେତେକ ବଙ୍ଗୀୟ ଲେଖକ କହନ୍ତି, ଓଡ଼ିଆ ଭାଷା ବଙ୍ଗଭାଷାରୁ ଜାତ ହୋଇଅଛି । ଏକଥାଟି କେତେଦୂର ସମୀଚୀନ ଏହା ଆଲୋଚନା କରାଯାଉ ।

ଭାଷା କେବେ ସୃଷ୍ଟି ହେଲା ତାହାର ଆଦ୍ୟନ୍ତ ସ୍ଥିର କରିବା କଠିନ । ବୋଧହୁଏ ଯେତେବେଳରୁ ସୃଷ୍ଟି ହେଲାଣି, ସେତେବେଳରୁ ଭାଷା ହେଲାଣି । ସୃଷ୍ଟି ଆଗ କି ଭାଷା ଆଗ ଏକଥା ସ୍ଥିର କରିବାର କୌଣସି ଉପାୟ ନାହିଁ । ବୀଜ ଓ ବୃକ୍ଷର ପୌର୍ବାପର୍ଯ୍ୟ ସ୍ଥିର କରିବା ଯେପରି କଠିନ, ଭାଷା ଓ ସୃଷ୍ଟି ସମ୍ବନ୍ଧରେ ସେହିପରି । ଶାସ୍ତ୍ର କହେ, ନାଦ ବା ଶବ୍ଦ ବ୍ରହ୍ମସ୍ୱରୂପ । ଭାଷା ଅର୍ଥ ଭାବବୋଧକ ଶବ୍ଦ ବା ସ୍ୱର । ଯେଉଁ ଅଭିବ୍ୟକ୍ତିଦ୍ୱାରା ପ୍ରାଣୀର ଭାବ ଅନ୍ୟକୁ ବୁଝାଇ ଦିଆଯାଇପାରେ, ତାହାହିଁ ଭାଷା । ମନୁଷ୍ୟର ଭାଷା ଅଛି, ପଶୁପକ୍ଷୀର ଭାଷା

ଅଛି, କୀଟପତଙ୍ଗଙ୍କର ଭାଷା ଅଛି, ଆଧୁନିକ ବିଜ୍ଞାନ ମତରେ ଉଦ୍ଭିଦର ମଧ୍ୟ ଭାଷା ଅଛି । ସାଧାରଣ ଭାଷାରେ କହିବାକୁ ଗଲେ ଯେଉଁ ଶବ୍ଦ ବା ସ୍ୱରଦ୍ୱାରା ପ୍ରାଣୀମାନେ ଆପଣା ସ୍ୱଜାତୀୟ ପ୍ରାଣୀମାନଙ୍କ ନିକଟରେ ଆପଣାର ମନୋଗତ ଭାବ ବ୍ୟକ୍ତ କରିପାରନ୍ତି, ତାହାର ନାମ ଭାଷା । ପ୍ରତ୍ୟେକ ପ୍ରାଣୀ ଆପଣାର ସୁଖ, ଦୁଃଖ, ଅଭାବ ଅଭିଯୋଗ ଅନ୍ୟ ଆଗରେ ପ୍ରକାଶ କରିବାକୁ ସକ୍ଷମ । ଯେ କୌଣସି ପ୍ରକାରେ ଯେ କୌଣସି ପ୍ରାଣୀ ଆପଣା ମନୋଗତ ଭାବ ପ୍ରକାଶ କରିବହିଁ କରିବ । ଏହା ପ୍ରାଣୀର ନୈସର୍ଗିକ ଧର୍ମ । ପ୍ରତ୍ୟେକ ପ୍ରାଣୀର ଗୋଟିଏ ଲେଖାଏଁ ସ୍ୱରଯନ୍ତ୍ର ଅଛି । ଭିନ୍ନ ଭିନ୍ନ ଜାତୀୟ ପ୍ରାଣୀଙ୍କର ସ୍ୱରଯନ୍ତ୍ରର ଗଠନପ୍ରଣାଳୀ ସ୍ୱତନ୍ତ୍ର । ମନୁଷ୍ୟ ଆପଣା ମନୋଗତ ଭାବ ଯେପରି ପ୍ରକାଶ କରିପାରେ, ଅନ୍ୟାନ୍ୟ ପ୍ରାଣୀ ପକ୍ଷରେ ତାହା ଧାରଣାତୀତ । ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ପଣ୍ଡିତ ଆରିଷ୍ଟଟଲ କହିଛନ୍ତି, "ଭାଷାଦ୍ୱାରା ମନୁଷ୍ୟ ଆବଶ୍ୟକ ଓ ଅନାବଶ୍ୟକ, ନ୍ୟାୟ ଓ ଅନ୍ୟାୟ ବୁଝାଇପାରେ । ଭଲ ମନ୍ଦ, ନ୍ୟାୟ ଅନ୍ୟାୟ ବୁଝିପାରେ ବୋଲି ଏବଂ ଜ୍ଞାନ ଓ ବୁଦ୍ଧି ଦ୍ୱାରା ପଶୁଠାରୁ ଅପେକ୍ଷା ଶ୍ରେଷ୍ଠ ବୋଲି ମନୁଷ୍ୟ ବାକ୍ୟ ଗଠନ ଭାଷାର ଅଧିକାରୀ ।"

ଭାଷା କିପରି ଉତ୍ପତ୍ତି ହେଲା ଏ ବିଷୟରେ ନାନା ମତଭେଦ ଦେଖାଯାଏ । କେହି କହନ୍ତି, ଭାଷା ଦୈବଶକ୍ତିସମ୍ଭୂତା । କେହି କେହି ଭାଷାକଣ୍ଠାନୁସନ୍ଧିତ୍ସୁ କହନ୍ତି, ମାନବସୃଷ୍ଟ । ମାନବସୃଷ୍ଟ ହେବାପରେ କିଛିକାଳ ମୌନ ଥିଲା, ଭ୍ରୂଭଙ୍ଗୀ ଦ୍ୱାରା ଆପଣା ମନୋଭାବ ପ୍ରକାଶ କରୁଥିଲା । ସେ ଉପାୟଦ୍ୱାରା ପୂର୍ଣ୍ଣ ମନୋଭାବ ପ୍ରକାଶ କରି ନ ପାରି ଶବ୍ଦ ଉଚ୍ଚାରଣ କଲା । ପ୍ରଥମ ଉଚ୍ଚାରିତ ଶବ୍ଦ ଅର୍ଥଶୂନ୍ୟ ଓ ଅସମ୍ପୂର୍ଣ୍ଣ ଥିଲା । ଶେଷକୁ ଦୁଇ ତିନି ଶବ୍ଦ ସଂଯୋଗ କରି ମନୋଭାବ ପ୍ରକାଶ କଲା । କେହି କେହି କହନ୍ତି, ଭାଷା ଈଶ୍ୱରସୃଷ୍ଟ । ଅନ୍ୟ ଏକ ପକ୍ଷ କହନ୍ତି, ଭାଷା ମନୁଷ୍ୟର ସ୍ୱଭାବଜାତ । ଯେକୌଣସି ମତ ଗ୍ରାହ୍ୟ କଲେ ଜଣାଯାଏ ଯେ ଭାଷା ଅନାଦି କାଳରୁ ଅଛି । ପୃଥିବୀରେ ଅନେକ ପ୍ରକାର ଭାଷା ପ୍ରଚଳିତ ଅଛି । ଭାଷା ପରିବର୍ତ୍ତନଶୀଳ । ଏକ ଭାଷା ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଆକାର ଧାରଣ କରିଛି । ଦେଶକାଳଭେଦେ ଭାଷା ଭିନ୍ନରୂପ ଧାରଣ କରେ । ଏ ତ ଗଲା ଭାଷାର ସାଧାରଣ ନିୟମ । ବର୍ତ୍ତମାନ ଦେଖାଯାଉ, ଉତ୍କଳଭାଷା ବା ଓଡ୍ରଭାଷା ବା ଓଡ଼ିଆଭାଷା କେତେ କାଳର । ବୃହଦ୍ଧର୍ମ ପୁରାଣରେ ଲେଖାଅଛି, "ବ୍ରହ୍ମା ସର୍ବାଗ୍ରେ ବ୍ରହ୍ମରୂପୀ ବାକ୍ୟ ସୃଜନା କରି ଅକାରାଦି ସ୍ୱର ଓ କକାରାଦି ବ୍ୟଞ୍ଜନବର୍ଣ୍ଣ ଏବଂ ମୂଳବର୍ଣ୍ଣ ଓ ସ୍ୱରବର୍ଣ୍ଣ ପରସ୍ପର ସମ୍ମିଳିତ ହେଲେ ଯୁକ୍ତାକ୍ଷର ଷଟ୍ପଞ୍ଚାଶତ୍ ସଂଖ୍ୟକ ଭାଷା ଏବଂ ବାଳକମାନଙ୍କ ଭାଷା ଶିକ୍ଷା ନିମିତ୍ତ ଏ ସମସ୍ତ ଭାଷାର ବ୍ୟାକରଣ ସୃଷ୍ଟି କଲେ (ବୃହଦ୍ଧର୍ମ ପୁରାଣ, ପୂର୍ବଖଣ୍ଡ ୨୫ ଅଧ୍ୟାୟ ୧୧-୧୩ଶ ଶ୍ଳୋକ) । ସେହି ଛପନ ଭାଷା ମଧ୍ୟରେ କେଉଁ କେଉଁ ଭାଷା ଥିଲା, ତାହା ପୁରାଣରେ ଲେଖା ନାହିଁ । 'ପ୍ରାକୃତ ଲଙ୍କେଶ୍ୱର ବ୍ୟାକରଣ'ରେ ଶାସ୍ତ୍ରୀୟ ଅଷ୍ଟାଦଶ ଭାଷାର ଉଲ୍ଲେଖ ଅଛି । ଏହି ଅଷ୍ଟାଦଶ ଭାଷା ମଧ୍ୟରେ ଓଡ୍ରୀୟ ବା ଓଡ୍ରୀୟା ଭାଷାର ନାମୋଲ୍ଲେଖ ଅଛି । ଲିଙ୍ଗତନ୍ତ୍ରର ଗ୍ରନ୍ଥରେ ଲେଖାଅଛି ଯେ ଅଷ୍ଟମ

ବିଶ୍ୱାମିତ୍ର ବୁଦ୍ଧଦେବ ଲିପିଶିକ୍ଷା ପ୍ରଦାନ କରିବା ପୂର୍ବରୁ ବୁଦ୍ଧଦେବ ୬୪ ପ୍ରକାର ଲିପି ଶିକ୍ଷା କରିଥିଲେ । ବୁଦ୍ଧଦେବ ଯେଉଁ ୬୪ ପ୍ରକାର ଲିପି ଶିକ୍ଷା କରିଥିଲେ, ସେଥିମଧ୍ୟରୁ "ଉଗ୍ରଲିପି" ନାମ ଉଲ୍ଲେଖ ଅଛି । ସମ୍ଭବତଃ ଓଡ୍ର ଲିପି ଉଗ୍ରଲିପି ବୋଲି ଲେଖାଯାଇଛି । ଜୈନମାନଙ୍କର "ସମବାୟସୂତ୍ର" ଓ "ପ୍ରଜ୍ଞାପନାସୂତ୍ର" ଗ୍ରନ୍ଥରେ "ଦାସ ଉଡ଼ିଆ" ଏବଂ "ଦାସ ପୁରିଆ" ଲିପିର ନାମ ଉଲ୍ଲେଖ ଅଛି । ନନ୍ଦିସୂତ୍ର ନାମକ ଅନ୍ୟ ଏକ ଜୈନ ଗ୍ରନ୍ଥରେ ଛତିଶ ପ୍ରକାର ଲିପି କଥା ଲେଖାଅଛି । ସେଥିରେ "ଓଡ୍ରୀଲିପି" ନାମ ଉଲ୍ଲେଖ ଅଛି । ସଂସ୍କୃତ ମୂଳ ଭାଷା ଏବଂ ୧୭ ଗୋଟି ଉପଭାଷାର ପରିଚୟ ପ୍ରଦତ୍ତ ହୋଇଛି । ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ 'ପ୍ରାକୃତ ଚନ୍ଦ୍ରିକା' ନାମକ ଗ୍ରନ୍ଥରେ ସେହି ସମସ୍ତ ଭାଷାର ବିଷୟ ଲେଖାଅଛି ।

ଶୌଢୋଡ୍ରଦ୍ରାବିଡ଼ ଶାକ୍ତ୍ରାଲ୍ୟ ପାଣ୍ଡ୍ୟ କୌନ୍ତଳ ସିଂହଳାଃ ।

ଓଡ଼ିଆ ଭାଷା ଅନ୍ୟାନ୍ୟ ଭାଷା ପରି ସଂସ୍କୃତଭାଷାରୁ ଉଦ୍ଭୂତ ହୋଇଛି । ଭାରତ-ବର୍ଷର ଭାଷାସମୂହର ଉତ୍ପତ୍ତି ସମ୍ବନ୍ଧରେ ନାନା ମତ ପ୍ରଚଳିତ । ପ୍ରଧାନତଃ ସଂସ୍କୃତଭାଷା ମୂଳ ଭାଷା ବୋଲି କଥିତ ହୁଏ । ଏହା ଭାରତ ବାହିକ, ସଂସ୍କୃତ ପୃଥିବୀର ଯାବତୀୟ ଭାଷାର ଜନନୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁଣି ସଂସ୍କୃତ ନାନାପ୍ରକାରର, ଯଥା — ବୈଦିକ ସଂସ୍କୃତ, ବ୍ରାହ୍ମଣାରଣ୍ୟକମାନଙ୍କ ସଂସ୍କୃତ, ଉପନିଷଦ ସଂସ୍କୃତ, ସୂତ୍ର ସଂସ୍କୃତ ଓ ପୁରାଣୋପପୁରାଣ ସଂସ୍କୃତ । ଏମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି । ସଂସ୍କୃତ ସବୁ ଭାଷାର ଜନନୀ ହେଲେ ମଧ୍ୟ କେଉଁ ଭାଷା କି ପ୍ରକାରେ ସଂସ୍କୃତରୁ ଉତ୍ପନ୍ନ ହୋଇଛି, ଏକଥା ନିର୍ଣ୍ଣୟ କରିବାର ସହଜ ନୁହେଁ । ମ୍ୟାକ୍ସମୂଲରଙ୍କ ମତରେ ସଂସ୍କୃତଭାଷାରୁ ପ୍ରାକୃତଭାଷାର ଉତ୍ପତ୍ତି ଏବଂ ପ୍ରାକୃତଭାଷାରୁ ଅନ୍ୟାନ୍ୟ ପ୍ରାଦେଶିକ ଭାଷାର ଉତ୍ପତ୍ତି । ଏହା ହିଁ ସାଧାରଣ ମତ । ପ୍ରାକୃତ ଶବ୍ଦର ଅର୍ଥପ୍ରାପ୍ତି ସମ୍ବନ୍ଧରେ ଅଭିଧାନକାରମାନେ କହନ୍ତି, "ପ୍ରାକୃତ ସଂସ୍କୃତ ଭବ ଭବଂ ତତୋ ଆଗତଂ ବା ପ୍ରାକୃତମ୍ ।"

ଅନ୍ୟ ଏକ ଶ୍ରେଣୀର ପଣ୍ଡିତମାନେ କହନ୍ତି, ପାଲିଭାଷା ସମସ୍ତ ଭାରତୀୟ ଭାଷାର ଆଦି ମୂଳ । ପାଲିଭାଷା ବ୍ୟାକରଣକାର କାତ୍ୟାୟନ ଏହି ମତର ପୋଷକତା କରିଛନ୍ତି । ତାଙ୍କ ମତରେ ପାଲିଭାଷା ମୂଳଭାଷା । ସିଂହଳ ଦେଶୀୟ ବୌଦ୍ଧମାନେ ପାଲିଭାଷାକୁ ମାଗଧୀଭାଷା ବୋଲି କହନ୍ତି । ଅନେକ ପ୍ରତ୍ନତତ୍ତ୍ୱବିତ୍ ମାନେ ସ୍ୱୀକାର କରିଛନ୍ତି ଯେ ପଙ୍କ୍ତିରେ ଏ ଭାଷା ବ୍ୟବହାର ହେଉଥିଲା ବୋଲି ଏହାର ନାମ ପାଲିଭାଷା । 'ପଦ ସନ୍ଧି ଅନୁସ୍ୱ' ନାମକ ପାଲି ଗ୍ରନ୍ଥରେ ଲେଖାଅଛି ଯେ ଏହି ଭାଷା ଦେବଲୋକ, ନରଲୋକ, ନରକ, ପ୍ରେତଲୋକ ଏବଂ ପଶୁଜାତିଙ୍କ ମଧ୍ୟରେ ବି ପ୍ରଚଳିତ ଥିଲା । ମାଗଧୀଭାଷା ପ୍ରଥମ ଭାଷା; ଏହିହେତୁ ବୁଦ୍ଧଦେବ ସ୍ୱୟଂ ସର୍ବସାଧାରଣଙ୍କ ବୋଧସୌକର୍ଯ୍ୟାର୍ଥେ ପିଟକଗ୍ରନ୍ଥ ଏହି ଭାଷାରେ ବ୍ୟକ୍ତ କରିଥିଲେ । ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ସଂସ୍କୃତରୁ ପ୍ରଥମେ ପାଲିଭାଷାର ଜନ୍ମ । ପାଲିଭାଷା ସଂସ୍କୃତର ଜ୍ୟେଷ୍ଠ ପୁତ୍ରୀ । ତତ୍ପରେ ପାଲିଭାଷାରୁ ଅନ୍ୟାନ୍ୟ ପ୍ରାଦେଶିକ

ଭାଷାର ଉତ୍ପତ୍ତି । ଚକ୍ରବର୍ତ୍ତୀ ଅଶୋକ ଭାରତବର୍ଷର ନାନା ପ୍ରଦେଶରେ ଘୋଷଣା ଲିପି ପ୍ରଚାର କରିଥିଲେ । ଓଡ଼ିଶାରେ ମଧ୍ୟ ଅଶୋକଙ୍କ ଦଣାଙ୍କ ଧଉଳି ଓ ଜଉଗଡ଼ ପ୍ରଭୃତି ପାହାଡ଼ମାନଙ୍କରେ ଖୋଦିତ ହୋଇ ରହିଅଛି । ଅଶୋକ ଯେଉଁ ସ୍ଥାନରେ ସେହି ଅନୁଶାସନ ଖୋଦିତ କରିଥିଲେ ସେ ସମସ୍ତ ପାଲିଭାଷାରେ ଖୋଦିତ ହୋଇଥିଲା । ଦେଶଭେଦରେ ସାମାନ୍ୟ ସାମାନ୍ୟ ପ୍ରଭେଦ ଥାଇପାରେ । ମାତ୍ର ସାଧାରଣତଃ ସମସ୍ତ ଏକପ୍ରକାର । ଅଶୋକ ସାଧାରଣ ଲୋକଙ୍କ ଶିକ୍ଷା ଲାଗି ତାଙ୍କ ଅନୁଶାସନ ପ୍ରଚାର କରିଥିଲେ । ସୁତରାଂ ସେ ସାଧାରଣ ଲୋକେ ଯେଉଁ ଭାଷା ବୁଝିପାରୁଥିଲେ ସେହି ଭାଷାରେ ଲେଖାଇ-ଥିବା ସୁନିଶ୍ଚିତ । ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଯେଉଁ ଭାଷା ସାଧାରଣଙ୍କ ବୋଧଗମ୍ୟ ଥିଲା, ସେହି ଭାଷାରେ ଅଶୋକ ଘୋଷଣା ଲିପି ଲେଖାଇଥିଲେ । ଉଚ୍ଚାରଣ ତାରତମ୍ୟ ହେତୁ ଭିନ୍ନ ଭିନ୍ନ ସ୍ଥାନରେ କିଛିଏ ପାର୍ଥକ୍ୟ ଥାଇପାରେ । ମାତ୍ର ତାହା ଯେ ଏକ ଭାଷା ଏଥିରେ ଅଳ୍ପ ସନ୍ଦେହ ନାହିଁ ।

ପ୍ରତ୍ନତତ୍ତ୍ୱବିତ୍‌ମାନେ ଭାଷା ପରିବର୍ତ୍ତନର ଯୁଗ ସ୍ଥିର କରିଅଛନ୍ତି । ବୈଦିକ ଯୁଗରେ ଋଗ୍‌ବେଦର ସରଳ ପ୍ରକାର ଭାଷା ପ୍ରଚଳିତ ଥିଲା । ବୈଦିକ ଯୁଗ ପରେ ମହାକାବ୍ୟର ଯୁଗ ଏହି ଯୁଗରେ ବ୍ରାହ୍ମଣ ଓ ଆରଣ୍ୟକମାନଙ୍କର ଅଭ୍ୟୁଦୟ ହୋଇଥିଲା । ତୃତୀୟ ଅବସ୍ଥା ସୂତ୍ରକର୍ତ୍ତାଙ୍କର ଯୁଗ । ଏହି ଯୁଗରେ ବୌଦ୍ଧ ସାହିତ୍ୟର ଅଭ୍ୟୁଦୟ ହୋଇଥିଲା । ଏହି ସମୟରେ ଲିଖିତଭାଷା ଓ କଥିତଭାଷା ମଧ୍ୟରେ ପାର୍ଥକ୍ୟ ସାଧିତ ହୁଏ । ଏହି ଯୁଗରେ ବ୍ୟାକରଣ ବନ୍ଧନ ମଧ୍ୟରେ ଏକ ଆଡ଼େ ଦୃଢ଼ ସାହିତ୍ୟ, ଅନ୍ୟ ଆଡ଼େ ସୁନ୍ଦର କଥିତଭାଷା ପ୍ରକାଶିତ ହେଲା । ଏହି ସମୟରେ ଗୌତମ ବୁଦ୍ଧ ଧର୍ମମତ ପ୍ରଚାର କଲେ ଏବଂ ଅଶୋକ ଘୋଷଣା ଲିପି ପ୍ରଚାର କଲେ । ଏହି ଯୁଗର ସାଧାରଣ କଥିତଭାଷା ପାଲିଭାଷାର ଉତ୍ପତ୍ତିର । ଏହା ପରେ ଚତୁର୍ଥ ଯୁଗ—ପୌରାଣିକ ଯୁଗ । ଏହି ସମୟରେ ପ୍ରାକୃତଭାଷାର ଉତ୍ପତ୍ତି । ବୌଦ୍ଧ ପ୍ରଭାବ ଅବସାନ ହେବାରୁ ହିନ୍ଦୁଧର୍ମର ପୁନରଭ୍ୟୁଦୟ ହେଲା ଓ ପାଲିଭାଷାର ଉନ୍ନତିପଥ ଅବରୁଦ୍ଧ ହେବାରୁ ପ୍ରାକୃତଭାଷା ଅଧିକ ପ୍ରଭାବ ବିସ୍ତାର କଲା । ପାଲିଭାଷା ସହିତ ଓଡ଼ିଆ ଓ ସଂସ୍କୃତ ଭାଷାର କେତେକ ନମୁନା ଦେଖାଯାଉ ।

| ସଂସ୍କୃତ | ପାଲି | ପ୍ରାକୃତ | ଓଡ଼ିଆ |
|---|---|---|---|
| ଟେଟ | ସର୍ପ | ସପ | ସପୁ |
| ଅଗ୍ନି | ଅଗ୍ଗି | ଅଗି | ଆଗି |
| ସୂତ୍ର | ସୁତ୍ତ | ସୁତ | ସୂଅ |
| ମତ୍ସ୍ୟ | ମଚ୍ଛ | ମଚ୍ଛ | ମାଛ |
| ରାଜନ୍ | ରାଜା | ରାଆ | ରଜା |

| ପ୍ରାକୃତ | ପାଲି | ଓଡ଼ିଆ |
|---|---|---|
| ଛଣ | ଖଣ | ଖଣ |
| ବକୁଳୀ | ବକ୍କୁମା | ବକୁଳ |
| ଣଡ | ଣଡ | ନାଡ଼ |
| ଠାଣାଣି | ଠାନାନ | ସ୍ଥାନ |

ନ ପୁଷ୍ପଗନ୍ଧଂ ପ୍ରତିବାତ ମେତି
ନ ଚନ୍ଦନଂ ତଗର ମଲ୍ଲିକେ ବା
ସତାଞ୍ଚ ଗନ୍ଧ ପ୍ରତିବାତ ମେତି
ସତ୍ପୁରୁଷଃ ସର୍ବାଦିଶଃ ପ୍ରବାତି । (ସଂସ୍କୃତ)

ନ ପୁପ୍ଫ ଗନ୍ଧୋ ପଟିବାତ ମେତି
ନ ଚନ୍ଦନଂ ତଗର ମଲ୍ଲିକା ବା
ସତଞ୍ଚ ଗନ୍ଧୋ ପଟିବାତୋ ମେତି
ସବ୍ବାଦିସା ସପ୍ପୁରିସୋ ପବାତି । (ପାଲି)

ପୁଷ୍ପ ଗନ୍ଧ ବାୟୁର ବିପରୀତ ଦିଗକୁ ଯାଏ ନାହିଁ ।
ଚନ୍ଦନ କିମ୍ବା ମଲ୍ଲିକାର ଗନ୍ଧ ବାୟୁର ବିପରୀତ ଦିଗକୁ ଯାଏ ନାହିଁ ।
ସତ୍ପୁରୁଷମାନଙ୍କ ଗନ୍ଧ ବାୟୁର ବିପରୀତ ଦିଗକୁ ଯାଏ ।
ସତ୍ପୁରୁଷମାନଙ୍କ ଗନ୍ଧ ସବୁଆଡ଼େ ପ୍ରବାହିତ ହୁଏ । (ଓଡ଼ିଆ)

ଏଥିରୁ ପାଲି ପ୍ରାକୃତ ଓ ସଂସ୍କୃତ ସହିତ ଓଡ଼ିଆର କିପରି ସାମଞ୍ଜସ୍ୟ ଅଛି, ତାହା ଜଣାଯାଉଛି । ଏବା ଏହି ତିନି ଭାଷା ବାହିଁକ, ଭାରତବର୍ଷର ଅନେକ ଭାଷା ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଅଛି ।

ଏକସମୟରେ ଭାରତବର୍ଷର ସମସ୍ତ ଭାଷା ଦଶ ଭାଗରେ ବିଭକ୍ତ ହୋଇଥିଲା । ଯଥା—ପଞ୍ଚ ଗୌଡ଼ ଓ ପଞ୍ଚ ଦ୍ରାବିଡ଼ । ସ୍କନ୍ଦପୁରାଣରେ ଅଛି—

"ସାରସ୍ୱତା କାନ୍ୟକୁବ୍ଜା, ଗୌଡ଼ ମୈଥିଳଉତ୍କଳାଃ,
ପଞ୍ଚ ଗୌଡ଼ ଇତି ଖ୍ୟାତା ବିନ୍ଧ୍ୟସ୍ୟୋତ୍ତରବାସିନଃ ।"

ଏହି ପଞ୍ଚ ଗୌଡ଼ରେ ପଞ୍ଚ ଭାଷା ପ୍ରଚଳିତ ଥିଲା । ଏହି ଗୌଡ଼ୀୟ ଭାଷା ମଧ୍ୟରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ ଏବଂ ହିନ୍ଦୀର ଉପଭାଷାମାନ ପ୍ରଧାନ ।

୧୯୦୧ ମସିହାର ଜନଗଣନା ରିପୋର୍ଟରୁ ପ୍ରକାଶ ଯେ ଭାରତରେ ଅନ୍ୟୂନ ୧୪୭ ଭାଷା ପ୍ରଚଳିତ ଅଛି । କାର୍ଯ୍ୟାଧ୍ୟକ୍ଷ ଗ୍ରିୟରସନ ସାହେବ ସମସ୍ତ ଭାଷାକୁ ସାତ ଭାଗରେ ବିଭକ୍ତ କରିଛନ୍ତି । ସେ ମହାଶୟ ଓଡ଼ିଆଭାଷାକୁ ଇଣ୍ଡୋ-ଇଉରୋପୀୟ ବିଭାଗରେ ସ୍ଥାନ ଦେଇଛନ୍ତି ।

ଉତ୍କଳଭାଷା ନାନା ସ୍ଥାନରେ ନାନା ପ୍ରକାର ଧାରଣ କରିଛି—କଟକର ଓଡ଼ିଆଭାଷା, ସମ୍ବଲପୁରର ଓଡ଼ିଆଭାଷା, ଗଞ୍ଜାମୀ ଓଡ଼ିଆଭାଷା, ଖୋର୍ଦ୍ଧାର ଓଡ଼ିଆଭାଷା, ବାଲେଶ୍ୱର ଓଡ଼ିଆଭାଷା ଓ ପୁରୀର ଓଡ଼ିଆଭାଷା ମଧ୍ୟରେ ପାର୍ଥକ୍ୟ ଦେଖାଯାଏ। ଏହା ଓଡ଼ିଆଭାଷାର ଜୀବନ୍ତ ସବୁ ଭାଷା ଏହିପରି ସ୍ଥାନାନୁସାରେ ପାର୍ଥକ୍ୟ ଧାରଣ କରନ୍ତି। ସୁତରାଂ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଯେପରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାଷା, ଓଡ଼ିଆଭାଷା ମଧ୍ୟ ଗୋଟିଏ ସ୍ୱତନ୍ତ୍ର ଭାଷା। କୌଣସି ପ୍ରାଦେଶିକ ଭାଷାର ଏହା ଉପଭାଷା ନୁହେଁ। କେତେକ ବଙ୍ଗାଳୀଙ୍କର ଧାରଣା ଯେ ଓଡ଼ିଆଭାଷା ବଙ୍ଗଭାଷାର ଉପଭାଷା; ମାତ୍ର ଏ କଥା ନିତାନ୍ତ ଅମୂଳକ। କୌଣସି ଭାଷାତତ୍ତ୍ୱାନୁସନ୍ଧାୟୀ ପଣ୍ଡିତ ଏପରି ମତ ପ୍ରକାଶ କରିଥିବାର ଦେଖାଯାଏ ନାହିଁ। ପ୍ରସିଦ୍ଧ-ଭାଷାତତ୍ତ୍ୱବିତ୍ ଲେଖକ ଅଗାଧ ପରିଶ୍ରମ କରି ଭାରତର ଭାଷା ସମ୍ବନ୍ଧେ ଯେଉଁ ଆଲୋଚନା କରିଛନ୍ତି ସେଥିରେ ମଧ୍ୟ ଏପ୍ରକାର ମତ ଦେଖାଯାଏ ନାହିଁ। କେହି କେହି କହନ୍ତି, ଓଡ଼ିଆଭାଷା ସହିତ ବଙ୍ଗଳାଭାଷାର ବିଶେଷ ନିକଟ-ସମ୍ପର୍କ ଥିବାର ଦେଖାଯାଏ; ସୁତରାଂ ଓଡ଼ିଆଭାଷା ବଙ୍ଗଭାଷାର ଉପଭାଷା। ଯଦି ଏହାହିଁ ପ୍ରଧାନ ଯୁକ୍ତି ହୁଏ, ତେବେ ବଙ୍ଗଭାଷା ଓଡ଼ିଆଭାଷାର ଉପଭାଷା କହିଲେ ଆପତ୍ତି କଣ ? ଭାରତର ପ୍ରତ୍ୟେକ ଭାଷା ସହିତ ପ୍ରତ୍ୟେକ ଭାଷାର ନିକଟ ସମ୍ପର୍କ, ସୌସାଦୃଶ୍ୟ ଥିବା ସ୍ଥଳେ ଏପରି ଧାରଣା ନିତାନ୍ତ ଅମୂଳକ ବୋଲି ବୋଧହୁଏ। ବରଂ ଉତ୍କଳ ଭାଷାର ସଂସ୍କୃତ ସହିତ ବେଶି ସୌସାଦୃଶ୍ୟ ଦେଖାଯାଏ। ଅତଏବ ଉତ୍କଳ ଭାଷା ସଂସ୍କୃତରୁ ଉତ୍ପତ୍ତି ହୋଇଥିବାର ନିଶ୍ଚିତ କଥା। ଭାରତର ସକଳ ଭାଷା ମଧ୍ୟରେ କିପରି ସମ୍ପର୍କ ଅଛି ଦେଖାଯାଉ—

| | (ଏକବଚନ) ଅସ୍ମଦ୍ ଶବ୍ଦ | | (ଏକବଚନ) ଅସ୍ମଦ୍ ଶବ୍ଦ |
|---|---|---|---|
| ସଂସ୍କୃତ | ଅହମ୍ | ଭୋଜପୁରି | ହମ୍ |
| ପ୍ରାକୃତ | ଅହମ୍ | ପୁସ୍ତୁଭାଷା | ଜାମ୍ |
| ପାଲି | ଅହମ୍ | ତେଲୁଗୁ | ନେନୁ |
| ହିନ୍ଦୀ | ହମ୍ | ତାମିଲ୍ | ନାଂ |
| ବଙ୍ଗଳା | ଆମି | କାନାଡ଼ୀ | ନା, ନୁ |
| ଗୁଜରାଟୀ | ହୁଁ | ମଲୟାଲମ୍ | ଞ୍ୟାନ୍ |
| ସିନ୍ଧୀ | ମେଁ | ପଞ୍ଜାବୀ | ମେଁ |
| ମରାଠୀ | ମୀ | ନେପାଳୀ | ମେଁ |

| | | (ଏକବଚନ) ଅସ୍ମଦ୍ ଶବ୍ଦ | (ଏକବଚନ) ଅସ୍ମଦ୍ ଶବ୍ଦ |
|---|---|---|---|
| ଓଡ଼ିଆ— | ଅମେ ବା ଅମ୍ଭେ | ବର୍ମିଜ— | ଅଂ, ଙ୍ଗଂ |
| ମୈଥିଳୀ— | ହମ୍ | ତିବ୍ବତୀ— | ଙ୍ଗ, ଙ୍ଗଂ |

କୃ ଧାତୁ

ସଂସ୍କୃତ—କରୋତି
ପ୍ରାକୃତ—କରଇ
ଉତ୍କଳୀୟ—କରେ
ହିନ୍ଦୀ—କରେଁ
ବଙ୍ଗଳା—କରେ

ପାଶ୍ଚାତ୍ୟ ପଣ୍ଡିତମାନଙ୍କ ସିଦ୍ଧାନ୍ତାନୁସାରେ ମଧ୍ୟ-ଏସିଆର କେନ୍ଦ୍ରସ୍ଥାନରୁ ଆର୍ଯ୍ୟମାନେ ଦେଶଦେଶକୁ ଗମନ କଲା ସମୟରେ ସେମାନଙ୍କର ଭାଷା ଭିନ୍ନ ଭିନ୍ନ ମୂର୍ତ୍ତି ଧାରଣ କଲା । ସୁତରାଂ ମୂଳ ଭାଷାକୁ ସେମାନେ "ଏରିୟାନ୍" ବା ଇଣ୍ଡୋ-ୟୁରୋପୀୟ ନାମରେ ଅଭିହିତ କରନ୍ତି । ସେହି ମୂଳ ଭାଷାର ଆଠଗୋଟି ଶାଖା, ଯଥା—ଇଣ୍ଡିକ, ଇରାଣୀକ, ସ୍ଲାଭୋନିକ, କେଲ୍‌ଟିକ, ହେଲେନିକ, ଇଟାଲିକ, ଟିଉଟୋନିକ । ଇଣ୍ଡିକ ଶାଖାରୁ ପ୍ରଥମେ ସଂସ୍କୃତ ଏବଂ ସଂସ୍କୃତରୁ ପ୍ରାକୃତ, ଓଡ଼ିଆ, ବଙ୍ଗଳା ପ୍ରଭୃତି ଆଧୁନିକ ଭାଷାମାନଙ୍କର ଉତ୍ପତ୍ତି ହୋଇଛି । ମ୍ୟାକ୍‌ସ୍‌ମୁଲର ପ୍ରମୁଖ ପାଶ୍ଚାତ୍ୟ ପଣ୍ଡିତମାନେ ଏହି ମତର ପ୍ରବର୍ତ୍ତକ ଓ ସମର୍ଥକ । ଏହିହେତୁ ପୃଥିବୀର ଯାବତୀୟ ଭାଷାମଧ୍ୟରେ ସୌସାଦୃଶ୍ୟ ଦେଖାଯାଏ ।

ସଂସ୍କୃତ—ପିତୃ (ପ୍ରଥମାରେ) ପିତର
ଜେନ୍ଦ—ପଦର
ଲାଟିନ୍—ପେଟର
ଗ୍ରୀକ୍—ପାଟର
ଜର୍ମ୍ମାନ୍—ଫାଟେର
ଇଂଗ୍ଲିଶ—ଫାଦର
ଓଡ଼ିଆ—ପିତା
ବଙ୍ଗଳା—ପିତା

ଏହିପରି ଅନେକ ଶବ୍ଦର ସୌସାଦୃଶ୍ୟ ଦେଖାଯିବ ।

ପ୍ରାଦେଶିକ ଭାଷାର ଉତ୍ପତ୍ତି କେବେ ହେଲା ? ଖ୍ରୀଷ୍ଟ ୬ଷ୍ଠ ଶତାବ୍ଦୀର ମଧ୍ୟଭାଗରୁ ରାଜକୀୟ ଲିପିରେ ବିଶୁଦ୍ଧ ସଂସ୍କୃତଭାଷା ବ୍ୟବହାର ହେବାର ଆରମ୍ଭ ହେଲା । ୧୫୦ ଖ୍ରୀଷ୍ଟାବ୍ଦରେ ସର୍ବପ୍ରଥମ ବିଶୁଦ୍ଧ ସଂସ୍କୃତଭାଷା ବ୍ୟବହାର ହେବାର ଲିପିମାନଙ୍କରୁ ଦେଖାଯାଏ । ପରେ ତାମ୍ରଶାସନ ପ୍ରଭୃତି ସମସ୍ତ ପ୍ରୟୋଜନୀୟ ରାଜକୀୟ କାର୍ଯ୍ୟରେ ସଂସ୍କୃତଭାଷା ବ୍ୟବହୃତ ହେଲା । ଅଶୋକଙ୍କ ଅନୁଶାସନ ଏବଂ ପୁଲୁମାୟିର ଲିପିମାନଙ୍କରୁ ଅନୁମାନ ହୁଏ ଯେ ଆର୍ଯ୍ୟମାନଙ୍କର ଭାଷା ଏକ ଥିଲା ଏବଂ ତାହା ସଂସ୍କୃତାନୁଯାୟୀ ଥିଲା । ଦେଶଜ ଭାଷା ଅର୍ଥାତ୍

ପ୍ରଥମ ଅଧିବାସୀଙ୍କ କଥିତଭାଷା ନାନାବିଧ ଏବଂ ସଂସ୍କୃତଠାରୁ ପୃଥକ୍ ଥିଲା । ଆର୍ଯ୍ୟ-ଭାଷା ଏହି ସମସ୍ତ ଦେଶଜ ଭାଷାକୁ ବହିଷ୍କୃତ କରି ସେମାନଙ୍କ ପ୍ରକାରର ଶବ୍ଦ ସମ୍ପତ୍ତି ଓ ଉଚ୍ଚାରଣ ଗ୍ରହଣ କରି ଓଡ଼ିଆ, ବଙ୍ଗଳା ପ୍ରଭୃତି ପ୍ରାଦେଶିକ ଭାଷା ସୃଷ୍ଟି କଲା ।

ଓଡ଼ିଆ, ବଙ୍ଗଳା ପ୍ରଭୃତି ପ୍ରାଦେଶିକ ଭାଷାମାନ ପୂର୍ବେ 'ପ୍ରାକୃତ' ଭାଷା ନାମରେ ଅଭିହିତ ହେଉଥିଲା । ପ୍ରାକୃତ ଭାଷା ତ୍ରିବିଧ—ତତ୍ସମ, ତଦ୍ଭବ, ଦେଶଜ । ଯେଉଁ ଶବ୍ଦ ସଂସ୍କୃତ ତୁଲ୍ୟ ତାହା ତତ୍ସମ; ଯେଉଁ ଶବ୍ଦ ସଂସ୍କୃତରୁ ଉଦ୍ଭବ ହୋଇ କାଳକ୍ରମେ ବିକୃତିପ୍ରାପ୍ତ ହୋଇଛି ତାହା ତଦ୍ଭବ; ଯେଉଁ ପ୍ରାଦେଶିକ ଶବ୍ଦମାନ ସଂସ୍କୃତତୁଲ୍ୟ ନୁହେଁ ବା ସଂସ୍କୃତରୁ ଉଦ୍ଭୂତ ହୋଇନାହିଁ ସେଗୁଡ଼ିକ ଦେଶଜ ଶବ୍ଦ ।

| ତତ୍ସମ | ତଦ୍ଭବ | ଦେଶଜ |
|---|---|---|
| ଦର୍ଶନ | ଦେଖ | ନଡ଼ିଆ |
| ଶ୍ରବଣ | ଶୁଣ | ଘଗଡ଼ି |
| ଲଜ୍ଜା | ଲାଜ | କାନ୍ଥ |
| ଅରଣ୍ୟ | ରାନ୍ନା | ଡଙ୍ଗା |

ଏ ସମସ୍ତ ଆଲୋଚନା କଲେ ସ୍ପଷ୍ଟ ଜଣାଯିବ ଯେ ଓଡ଼ିଆଭାଷାର ପ୍ରାଚୀନତ୍ୱ ଅବିସମ୍ବାଦିତ । ଓଡ଼ିଆ ଯେଗୋଟିଏ ସ୍ୱତନ୍ତ୍ର ପ୍ରାଚୀନ ଭାଷା ବୋଲି କେହି ଅସ୍ୱୀକାର କରି ପାରିବ ନାହିଁ ।

ଆଉ ଗୋଟିଏ ଜଣା କଥା ସ୍ମରଣରେ ରଖିବାକୁ ହେବ । ଭାଷା ଦୁଇ ପ୍ରକାର-- କଥିତ ଓ ଲିଖିତ । ଭାରତରେ କଥିତଭାଷା ଅପେକ୍ଷା ଲିଖିତଭାଷାର ମର୍ଯ୍ୟାଦା ଅଧିକ । କଥିତଭାଷା ସମ୍ବନ୍ଧରେ କୌଣସି ପ୍ରାଚୀନ ଗ୍ରନ୍ଥ ଲେଖାହୋଇଥିବାର ଦେଖାଯାଏ ନାହିଁ । ଲିଖିତଭାଷା ସମସ୍ତ ସମୟରେ କଥିତଭାଷାରୁ ଶବ୍ଦ ଗ୍ରହଣ କରିଛି; କିନ୍ତୁ କୌଣସି ପ୍ରୟୋଜନୀୟ କାର୍ଯ୍ୟରେ କଥିତଭାଷା ବ୍ୟବହୃତ ହୁଏ ନାହିଁ । ମହାରାଜା ଅଶୋକ ପ୍ରଭୃତି ସେମାନଙ୍କ ଉତ୍କୀର୍ଣ୍ଣ ଲିପିରେ କଥିତଭାଷା ବ୍ୟବହାର କରିଥିଲେ; ମାତ୍ର ତାହା ସ୍ଥାୟୀ ହେଲା ନାହିଁ । କଥିତଭାଷା ସାହିତ୍ୟରେ ସ୍ଥାନ ପାଇ ନଥିଲା । କିନ୍ତୁ ବର୍ତ୍ତମାନ ଏ ବିଷୟର ପରିବର୍ତ୍ତନ ଘଟିଛି । ଆଜିକାଲି କଥିତଭାଷାର ମର୍ଯ୍ୟାଦା ଅଧିକ ହେଉଛି ଏବଂ ସମାଦୃତ ହେଉଛି ।

ଓଡ଼ିଆଭାଷାର ବର୍ଣ୍ଣମାଳା ସ୍ୱତନ୍ତ୍ର । ଭାରତରେ ଅନେକ ପ୍ରକାର ବର୍ଣ୍ଣମାଳା ପ୍ରଚଳିତ ଅଛି । ଦେବନାଗର, କୁଟିଳ ଓ ଓଡ଼ିଆ ବର୍ଣ୍ଣମାଳା ମଧ୍ୟରେ କେତୋଟି ସାଦୃଶ୍ୟ ଦେଖାଯାଏ । ଅନୁମାନ ହୁଏ, ବର୍ତ୍ତମାନ ଓଡ଼ିଆ ବର୍ଣ୍ଣମାଳାର ଆକାର କୁଟିଳାକ୍ଷରରୁ ଗଠିତ ଥିଲା । ଓଡ଼ିଆ ବର୍ଣ୍ଣମାଳା ପୁଣି ଦୁଇ ପ୍ରକାର—କରଣୀ ଓ ସରଳାକ୍ଷର । ବର୍ଣ୍ଣମାଳା କେବେ ସୃଷ୍ଟି ହେଲା, ଏ ସମ୍ବନ୍ଧେ ନାନା ମତ ଦେଖାଯାଏ । କେହି କେହି ସିଦ୍ଧାନ୍ତ କରନ୍ତି

ଯେ, ବର୍ଣ୍ଣମାଳା ପ୍ରଥମେ ଭାରତରେ ସୃଷ୍ଟି ହୋଇ ପରେ ପୃଥିବୀର ଅନ୍ୟାନ୍ୟ ଅଂଶରେ ପ୍ରଚଳିତ ହେଲା । ଭାଷା ଯେତେ ଦିନରୁ ସୃଷ୍ଟି ହୋଇଛି, ବର୍ଣ୍ଣମାଳା ସେତେ ଦିନରୁ ସୃଷ୍ଟି ହୋଇଛି । ଜନସ୍ଫୂର୍ତ୍ତି ସଙ୍ଗେ ସଙ୍ଗେ ଭାଷାର ସ୍ଫୂର୍ତ୍ତି ହୁଏ ଏବଂ ସେହି ସ୍ଫୂର୍ତ୍ତି ବର୍ଣ୍ଣମାଳାରେ ପ୍ରକାଶିତ ହୁଏ । ଏହା ହିଁ ପ୍ରାକୃତିକ ନିୟମ । ପୁରାତନ ଶାସ୍ତ୍ରମାନ ଆଲୋଚନା କଲେ ଜଣାଯାଏ ଯେ ସତ୍ୟ, ତ୍ରେତା, ଦ୍ୱାପର, କଳିଯୁଗମାନଙ୍କରେ ବର୍ଣ୍ଣମାଳା ବିଦ୍ୟମାନ ଥିଲା । ପୃଥିବୀର ଅତିପ୍ରାଚୀନ ଋଗ୍‌ବେଦରେ ବର୍ଣ୍ଣମାଳାର ଅସ୍ତିତ୍ୱ ପରିଚୟ ମିଳେ ।

ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ପ୍ରଥମେ ମୌଖିକ ଅକ୍ଷର ବା ବସ୍ତୁଚିହ୍ନ ଥିଲା ଏବଂ ଏହି ମୌଖିକ ଲିପି ପ୍ରଥମେ ମିଶର ଦେଶରେ ସୃଷ୍ଟି ହେଲା । ଏହି ମୌଖିକ ଚିହ୍ନ ନାନା ପ୍ରକାରର ଥିଲା—ବସ୍ତୁଚିହ୍ନ, ଭାବଚିହ୍ନ, ଶବ୍ଦଚିହ୍ନ । ଭାବଚିହ୍ନ ପୁଣି ଦୁଇ ପ୍ରକାର—ଏକଭାବଚିହ୍ନ ଓ ବହୁଭାବଚିହ୍ନ । ଗୁଣାର୍ଥବୋଧକ ମୂର୍ତ୍ତିଚିହ୍ନ, ଏକାଧିକ ମୌଖିକ ଅକ୍ଷରସଂଯୋଗଦ୍ୱାରା ଶବ୍ଦ ଉଚ୍ଚାରଣ, ଏହିପରି ନାନାପ୍ରକାର ଥିଲା । କେହି କହନ୍ତି, ଫିନିସିଆ ଜାତି ପ୍ରଥମେ ବର୍ଣ୍ଣମାଳା ସୃଷ୍ଟି କଲେ । ଅଧିକାଂଶ ପାଶ୍ଚାତ୍ୟ ପଣ୍ଡିତ ମିଶରରୁ ଫିନିସିଆ ଏବଂ ଫିନିସିଆରୁ ଇଉରୋପ ଓ ଏସିଆ ପ୍ରଭୃତି ଦେଶରେ ବର୍ଣ୍ଣମାଳା ପ୍ରବେଶ ଲାଭକଲା । ଏ ସମ୍ବନ୍ଧେ ପୂର୍ବ-ଭାରତୀୟ ଲେଖକ ଅନେକ ଆଲୋଚନା କରି କହନ୍ତି ଯେ ବର୍ଣ୍ଣମାଳା ପ୍ରଥମେ ଭାରତରେ ସୃଷ୍ଟି ହେବାର ଅନେକ କାରଣ ଅଛି ।

ପାଶ୍ଚାତ୍ୟ ପଣ୍ଡିତମାନେ ଆଲେକ୍‌ଜାଣ୍ଡରଙ୍କ ଭାରତାଗମନ ପୂର୍ବେ ଭାରତରେ ଲିପି ଥିବା ବିଷୟ ଅସ୍ୱୀକାର କରନ୍ତି । ପାଶ୍ଚାତ୍ୟ ପଣ୍ଡିତମାନଙ୍କର ଭାରତ ସମ୍ବନ୍ଧୀୟ ଅଭିଜ୍ଞତା ଏହି ଆଲେକ୍‌ଜାଣ୍ଡରଙ୍କ ସମୟରୁ ଆରମ୍ଭ । କିନ୍ତୁ ଆଲେକ୍‌ଜାଣ୍ଡରଙ୍କ ବହୁଶତାବ୍ଦୀ ପୂର୍ବରୁ ଭାରତରେ ଲିପି ପ୍ରଚଳିତ ଥିବା ବିଷୟ ବେଦବେଦାନ୍ତ, ପାଣିନି ପ୍ରଭୃତିରୁ ସ୍ପଷ୍ଟ ଜଣାଯାଏ । ଆଲେକ୍‌ଜାଣ୍ଡର ଖ୍ରୀଷ୍ଟପୂର୍ବ ୩୨୬ ଅବ୍ଦରେ ଭାରତକୁ ଆସିଥିଲେ । ଖ୍ରୀଷ୍ଟପୂର୍ବ ୨୫୦ ବା ୩୦୦ ବର୍ଷ ପୂର୍ବରେ ଅଶୋକଙ୍କ ରାଜତ୍ୱ ସମୟରେ ସ୍ତମ୍ଭ ପ୍ରଭୃତିରେ ଲିପି ଖୋଦିତ ହୋଇଥିଲା । ଏ ସମସ୍ତ ପାଲି ଲିପି । ଓଡ଼ିଶାରେ ମଧ୍ୟ ଅଶୋକଙ୍କ ଦଶାଜ୍ଞା ଧଉଳି ପାହାଡ଼ରେ ଖୋଦିତ ଅଛି । ସୁତରାଂ ଓଡ଼ିଆ ବର୍ଣ୍ଣମାଳା ଅଶୋକଙ୍କ ରାଜତ୍ୱ ପରେ ସୃଷ୍ଟ ହୋଇଥିବାର ସମ୍ଭବ । କାରଣ ସେତେବେଳେ ଉତ୍କଳାକ୍ଷର ପ୍ରଚଳିତ ଥିଲେ ସେହି ଅକ୍ଷରରେ ସେହି ଦଶାଜ୍ଞାମାନ ଅବଶ୍ୟ ଖୋଦିତ ହୋଇଥାନ୍ତା ।

ଭାରତରେ ନାନାପ୍ରକାର ବର୍ଣ୍ଣମାଳା ଦେଖାଯାଏ । ଯେତେ ଭାଷା ସେତେ ବର୍ଣ୍ଣମାଳା ଦେଖାଯାଏ । ପ୍ରତ୍ୟେକ ଭାଷାଭାଷୀ ଲୋକମାନେ ଆପଣା ଆପଣା ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଲାଗି ବର୍ଣ୍ଣମାଳାକୁ ରୂପାନ୍ତର କରିଥିବାର ସମ୍ଭବ । ଭେଦବୁଦ୍ଧି ଏହା ମୂଳରେ ବର୍ତ୍ତମାନ ଥିବାର ସମ୍ଭବ । ସେ କଥା ଯାହାହେଉ, ଉତ୍କଳାକ୍ଷର କେଉଁ ସମୟରେ ବର୍ତ୍ତମାନ

ଆକାର ଧାରଣ କଲା ତାହା ସ୍ଥିର ହେବା ସୁକଠିନ । ମାତ୍ର ବହୁ କାଳରୁ ଉତ୍କଳାକ୍ଷର ଚକ୍ର ଲିପିଭାବେ ଚଳିଆସୁଛି ।

ମନୁଷ୍ୟର ଜ୍ଞାନ ସ୍ଫୂର୍ତ୍ତି ଯେତେ ବେଶି ହୋଇଥାଏ, ସାହିତ୍ୟ ସେତେ ପରିମାର୍ଜିତ ଓ ପରିବର୍ତ୍ତିତ ହୋଇଥାଏ । ସାହିତ୍ୟ ଜାତୀୟ ଜୀବନ ଚିନ୍ତାର ପରିଚାୟକ ଓ ପରିମାପକ । ନିଜ ଚିନ୍ତାମାନ ସାଧାରଣରେ ପ୍ରକାଶ କରିବା ଲାଗି ଭାଷାର ପ୍ରୟୋଜନ । ଭାଷା ଲିଖିତ ହେବାର ଉଦ୍ଦେଶ୍ୟ ଏହି ଯେ ଭାଷାସବୁ ସ୍ଥାୟୀ ସୁରକ୍ଷିତ ହେବ ଓ ବହୁଳ ପ୍ରଚାରିତ ହେବ । ବର୍ଣ୍ଣମାଳାର ସହାୟକ ହିଁ ଲିପି ।

ଅନେକ ପୂର୍ବେ କହିଛୁ, ଅନୁକରଣ ହିଁ ମନୁଷ୍ୟର ଧର୍ମ । ଶିଶୁ ଭୂମିଷ୍ଠ ହେବା ପରେ ଆପଣାର ବଦନ ଓ ଅଙ୍ଗୁଳି ଓ ଭଙ୍ଗି ଦ୍ୱାରା ଆପଣା ମନୋଭାବ ସବୁ ପ୍ରକାଶ କରେ । କ୍ରମେ ବୟସବୃଦ୍ଧି ହେଲେ ଅସ୍ଫୁଟ କଥା ଉଚ୍ଚାରଣ କରେ । ତାହାରେ କଳ୍ପନା ପରିସ୍ଫୁଟ ହୁଏ । ଶିଶୁ ଦଶ ବାର ବର୍ଷ ବୟସରେ ପଣ୍ଡିତର କଥା ଅନୁସାରେ ଓ ଲେଖିବାକୁ ଆରମ୍ଭ କରେ । ପିଲ ଯେତେବେଳେ ଲେଖନ ତାଳପତ୍ର ଅବା କାଗଜ କାଳି କଲମ ନେଇକରି ଲେଖେ, ସେତେବେଳେ ତା ଅକ୍ଷରର ଆକାର ଠିକଣା ନ ଥାଏ, କଦାଚିତ୍ ଅସୁନ୍ଦର ଦେଖାଯାଇଥାଏ । କ୍ରମେ ଅକ୍ଷର ବସିଥାଏ ଓ ପିଲ ଯେତେ ମନକୁ ଆପଣା ଅକ୍ଷର ତାହାର ସୁନ୍ଦର ଦେଖାଯିବ ସେଥିପ୍ରତି ଦୃଷ୍ଟି ଦିଏ । ବେଶି ଲେଖିବାର ଆବଶ୍ୟକ ପଡ଼ିଲେ ସମ୍ପାଦନ ହୁଏ, ଅର୍ଥାତ୍ ସୁନ୍ଦର ଅକ୍ଷର ପ୍ରତି ଦୃଷ୍ଟି ନ ଦେଇ ଅଳ୍ପ ସମୟରେ କିପରି ବେଶି ଲେଖିପାରିବ ତହିଁପ୍ରତି ଦୃଷ୍ଟି ଦିଏ । ଏତେବେଳେ ଅକ୍ଷର ଲେଖିବାକୁ ଯେତେ ଅଳ୍ପ ଆୟାସରେ ଲେଖିହେବ ତହିଁପ୍ରତି ଦୃଷ୍ଟି ଦିଏ । ଅଳ୍ପ ଆୟାସରେ ଅଳ୍ପ ସମୟରେ ବେଶି ବିଷୟ ଲେଖିବାକୁ ପଡ଼ିଲେ ଅକ୍ଷର ଲେଖିବା ପ୍ରଣାଳୀ ଯେତେ ସରଳ ଓ ସହଜ ହୁଏ, ସେତେ ସୁବିଧାଜନକ । ସୁତରାଂ ଅକ୍ଷରର ବର୍ଣ୍ଣ କ୍ରମେ ପରିବର୍ତ୍ତିତ ହୁଏ ।

ଲୌହ ଲେଖନ ଆମ୍ଭମାନଙ୍କ ଦେଶର ପୁରାତନ ଲେଖନ-ଯନ୍ତ୍ର । ପୂର୍ବେ ତାଳପତ୍ର ଉପରେ ଅନେକ ଗ୍ରନ୍ଥ ଲେଖାଯାଉଥିଲା । ତାଳପତ୍ର ଉପରେ ଲେଖନରେ ଲେଖିବା ଟିକିଏ ଶ୍ରମସାଧ୍ୟ । ସୁତରାଂ ଅକ୍ଷର ଆକାର ଯେପରି ହେଲେ ତାଳପତ୍ର ଉପରେ ସହଜରେ ଲେଖିହେବ, ସେପରି ଆକାରରେ ପୁରାତନ କୁଟିଳାକ୍ଷର ପରିବର୍ତ୍ତିତ ହେବା ସ୍ୱାଭାବିକ । ସୁତରାଂ କୁଟିଳାକ୍ଷର କ୍ରମେ ବର୍ତ୍ତମାନ ଉତ୍କଳାକ୍ଷରର ଆକାର ଧାରଣ କରିଛି ।

ମୁଦ୍ରାଯନ୍ତ୍ର ପ୍ରତିଷ୍ଠିତ ହେବା ପୂର୍ବେ ଏ ଦେଶରେ ଲେଖନ ଦ୍ୱାରା ତାଳପତ୍ରରେ ଲିପିମାନ ଲିଖିତ ହେଉଥିଲା । ଆଜି ଓଡ଼ିଶାର ଘରେ ଘରେ ଅନେକ ତାଳପତ୍ର ପୋଥି ଅଛି । ଅନେକ ପୁରାତନ ପୁସ୍ତକ ଆଜିଯାଏ ସୂର୍ଯ୍ୟାଲୋକ ଦେଖିନାହିଁ । ଆଉ ଅନେକ ପୋଥି କୀଟଦଷ୍ଟ ହୋଇଗଲାଣି । ୧୮୨୨ ସାଲରେ ମିଶନରୀମାନେ ପ୍ରଥମେ ମୁଦ୍ରାଯନ୍ତ୍ର ସ୍ଥାପନ

କଲେ । ଖ୍ରିଷ୍ଟିୟାନମାନେ ୧୮୬୬ରେ ପ୍ରଥମେ ଓଡ଼ିଶାରେ ସ୍ଥାପିତ ହୋଇଥିଲା । ଏ ସମୟରେ ମଧ୍ୟ ବଙ୍ଗୀୟ ଲୋକମାନଙ୍କର ବେଶ୍ ପ୍ରତିପତ୍ତି ଦେଖାଦେଉଥିଲା । କେତେକ ବଙ୍ଗୀୟ ଲୋକ ପ୍ରଚାର କରିଥିଲେ ଯେ ଓଡ଼ିଆଭାଷା ଗୋଟାଏ ସ୍ୱତନ୍ତ୍ର ଭାଷା ନୁହେଁ । ଓଡ଼ିଆଭାଷା ପରିବର୍ତ୍ତେ ସ୍କୁଲମାନଙ୍କରେ ବଙ୍ଗଳା ଭାଷା ପ୍ରଚଳିତ ହେବ । ସେତେବେଳେ ଘୋର ଆପତ୍ତି ହୋଇଥିଲା ଏବଂ ଉପେନ୍ଦ୍ରନାଥ ଦେବ କଣ୍ଠଯୋଜିତ ଭାମୁଲ ମହୋଦୟ ଓଡ଼ିଆମାନଙ୍କର ଆପତ୍ତି ଶୁଣି ଓଡ଼ିଆଭାଷାକୁ ରକ୍ଷାକଲେ । 'ଜ୍ଞାନାରୁଣ' ଓ 'ପ୍ରବୋଧଚନ୍ଦ୍ରିକା' ନାମକ ଦୁଇଟି ଓଡ଼ିଆ ସମ୍ବାଦପତ୍ର ୧୮୪୯-୧୮୫୧ ମସିହାରେ ମୁଦ୍ରିତ ହୋଇ ବାହାରିଥିଲା । ୧୮୬୬ ମସିହାରେ ଉତ୍କଳର ପ୍ରଧାନ ଜନନାୟକମାନଙ୍କ ଉଦ୍ୟମରେ 'ଉତ୍କଳଦୀପିକା' ନାମକ ସମ୍ବାଦପତ୍ର ବାହାରିଥିଲା ଏବଂ ଏହି କାଗଜଟି ବର୍ତ୍ତମାନ ସୁଦ୍ଧା ବାହାରୁଛି; ମାତ୍ର ବହୁତ ଦେଶୀ ହେବାରୁ କ୍ଷୀଣକଳେବର ଓ ବଳହୀନ ହେବାକୁ ଆରମ୍ଭ କଲାଣି । ବୃଦ୍ଧ ଗୌରୀଶଙ୍କର ଜଣେ ବଙ୍ଗାଳୀ; ମାତ୍ର ବହୁକାଳରୁ ସେ ଉତ୍କଳରେ ବାସକରି ଓଡ଼ିଶାକୁ ମାତୃଭୂମି କରି ନେଇଛନ୍ତି । ଗୌରୀଶଙ୍କର ତାଙ୍କ ଜୀବନ ମଧ୍ୟରେ ସେ ଉତ୍କଳଦୀପିକାର ସମ୍ପାଦକ ହୋଇ ୪୦ ବର୍ଷକାଳ କାଗଜଟିକୁ ଚଳାଇ କାଗଜର ମହତ୍ତ୍ୱ ରକ୍ଷା କରିଛନ୍ତି । ଓଡ଼ିଆଭାଷାର ଉନ୍ନତିକଳ୍ପେ ସେ ଯେଉଁ ଅଦମ୍ୟ ଉତ୍ସାହ ସହିତ କାର୍ଯ୍ୟ କରିଛନ୍ତି, ତାଙ୍କଠାରେ ଓଡ଼ିଆମାନେ ଋଣୀ । ବୃଦ୍ଧ ଗୌରୀଶଙ୍କର ଓ ତାଙ୍କ ସମସାମୟିକ ପ୍ରାତଃସ୍ମରଣୀୟ ଭକ୍ତକବି ମଧୁସୂଦନ ଓ ଫକୀରମୋହନ ପ୍ରମୁଖ ତଦାନୀନ୍ତନ ଉତ୍କଳ ସାହିତ୍ୟସେବୀମାନେ ଯଦି ନ ଥାନ୍ତେ, ଓଡ଼ିଆଭାଷା କେବେଠୁ ସ୍କୁଲମାନଙ୍କରୁ ଉଠିଯାଇଥାନ୍ତା । ବୃଦ୍ଧ ଗୌରୀଶଙ୍କରଙ୍କଠାରେ ବଙ୍ଗାଳୀ ଅଭିମାନ ନାହିଁ । ସେ ଓଡ଼ିଆଙ୍କ ସହିତ ଆପଣା ସ୍ୱାର୍ଥ ମିଳାଇ ଜନ୍ମଭୂମିପରି ଉତ୍କଳଦୀପିକାର ଉନ୍ନତି-କଲେ; ୪୦ ବର୍ଷ ଅନବରତରେ କାର୍ଯ୍ୟ କରିଥିବା ବଡ଼ ଉଦାରତାର କଥା ।

ସଂସ୍କୃତଭାଷା ପ୍ରାଚୀନ ଭାଷା । ବ୍ରାହ୍ମଣମାନେ ପ୍ରାୟ ସଂସ୍କୃତଚର୍ଚ୍ଚା ଅଧିକାଂଶରେ କରୁଥିଲେ । ଅଧିକାଂଶ ପୁସ୍ତକ ସଂସ୍କୃତଭାଷାରେ ଲିଖିତ ହୋଇଥିଲା । ବ୍ରାହ୍ମଣମାନେ ପ୍ରାକୃତ ଭାଷାକୁ ସୁଦୃଷ୍ଟିରେ ଦେଖୁ ନଥିଲେ; ବରଂ ପ୍ରାକୃତ ଭାଷାରେ ଲେଖା ପଢ଼ା ଓ ପ୍ରାକୃତ ପୁସ୍ତକ ପଢ଼ିବାକୁ ହେୟ ଜ୍ଞାନ କରୁଥିଲେ । ପ୍ରାକୃତ ପ୍ରତି ଏହି ଅନାଦର ସ୍ଥାନ ଆଜିଯାଏଁ ଦୃଷ୍ଟିଗୋଚର ହେଉଛି । ଆଜି ମଧ୍ୟ ଅନେକ ସ୍ଥାନରେ ସଂସ୍କୃତ ପଣ୍ଡିତଙ୍କ ମୁଖରୁ ପ୍ରାକୃତ ପ୍ରତି ଅନାଦର ଶୁଣାଯାଏ । ବ୍ରାହ୍ମଣ ପଣ୍ଡିତମାନେ ସଂସ୍କୃତକୁ ଯେତେ ଆଦର କରନ୍ତି ପ୍ରାକୃତକୁ ସେତେ କରନ୍ତି ନାହିଁ । ଏହି କାରଣରୁ ପୁରାତନ ପ୍ରାକୃତ ଲେଖକଙ୍କ ଭିତରେ ବ୍ରାହ୍ମଣ-ମାନଙ୍କର ସଂଖ୍ୟା ଅଳ୍ପ । ଆଧୁନିକ ବ୍ରାହ୍ମଣ ପଣ୍ଡିତଙ୍କ ମଧ୍ୟରେ ପ୍ରାକୃତଭାଷା-ଉଲ୍ଲଙ୍ଘୀ ଏଭଳି ପଣ୍ଡିତଙ୍କ ସଂଖ୍ୟା ଅଳ୍ପ ।

ପ୍ରାକୃତ ଭାଷାକୁ ଏଠାରେ ଓଡ଼ିଆଭାଷା ବୋଲି କହୁ । ଏଥିରେ ଓଡ଼ିଆଜାତିର ସାଧାରଣଙ୍କର ବୋଧଗମ୍ୟ ଏବଂ ସଂସ୍କୃତଭାଷା ଅନଭିଜ୍ଞ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ । ପୁରାଣ, ବେଦ,

ବେଦାନ୍ତ, ଗୀତା, ଭାଗବତ ଆଦି ଧର୍ମ ଗ୍ରନ୍ଥମାନ ସଂସ୍କୃତ ଭାଷାରେ ଲିଖିତ ହୋଇଥିଲା । ସେଗୁଡ଼ିକ ଦେଶୀୟ ଭାଷାରେ ଅନୁବାଦିତ ହୋଇ ନ ଥିଲେ ସାଧାରଣ ଲୋକେ କଦାପି ତୃପ୍ତିପାଇ ନ ଥାନ୍ତେ । ସୁତରାଂ ସାଧାରଣ ଲୋକଶିକ୍ଷା ଲାଗି ଉଚ୍ଚ ଚିନ୍ତା ଓ ଉଚ୍ଚ ଭାବମାନ ମାତୃଭାଷାରେ ପ୍ରକାଶିତ ହେବା ନିତାନ୍ତ ଆବଶ୍ୟକ । ଭାଷାର ଗତି କିପରି ହେବା ଉଚିତ ? ଏମନ୍ତସ୍ଥଳେ ଏହା ହିଁ ପ୍ରଧାନ ସମାଧାନ । ଭାଷା ସଂସ୍କୃତଶବ୍ଦାଡ଼ମ୍ବରରେ ପରିପୂରିତ ହେଲେ ଅଳ୍ପଶିକ୍ଷିତ ଲୋକଙ୍କ ମଧ୍ୟରେ ଅନାଦୃତ ରହିବ । ବରଞ୍ଚ ପ୍ରଚଳିତ ଚଳିତ ସରଳ ଓଡ଼ିଆ ଶବ୍ଦ ଦ୍ୱାରା ସାହିତ୍ୟ ଲେଖାହେଲେ ସାଧାରଣଙ୍କର ବୋଧଗମ୍ୟ ହେବ । ଲୋକଶିକ୍ଷା ଲାଗି ଏହିଭଳି ଭାଷା ଗ୍ରହଣୀୟ ।

ଦେଶୀୟ ଓଡ଼ିଆଭାଷାର ନିଜର ସ୍ୱାତନ୍ତ୍ର୍ୟ ଅଛି । କେତେକ ଶବ୍ଦ ସଂସ୍କୃତରୁ ଆସିଛି, କେତେକ ପ୍ରାକୃତରୁ ଆସିଛି । ମୂଳ ଶବ୍ଦ ସଂସ୍କୃତ ବା ପ୍ରାକୃତ ହେଉ କିନ୍ତୁ ପରିବର୍ତ୍ତନ ନାହିଁ, ତାହା କେତେକ ନିମ୍ନରେ ଦିଆଗଲା ।

ତିନ୍ତା ବା ତାଟିଆ — ଗାଢ ବା ଗାଡ଼

ଛାଲ ବା ଚୋପା — ପକାଉଛି ବା ପାଞ୍ଜିଆ

ଘଟ ବା ବଉଠା — ତୋଟି ବା ଉର୍ଣ୍ଣି

ଚୁମ୍ବୁଣୀ ବା ଝାଡ଼ୁ

---

## ଓଡ଼ିଆ ସାହିତ୍ୟ

### ( ୧ )

ସାହିତ୍ୟ କ'ଣ ? ସାହିତ୍ୟ ଜାତୀୟ ଜୀବନର ଦର୍ପଣ ସ୍ୱରୂପ । ଯେଉଁ ଜାତି ଯେତେ ଉନ୍ନତ, ସେ ଜାତିର ସାହିତ୍ୟ ସେତେ ଉନ୍ନତ । ଭାଷାରେ ପ୍ରକାଶିତ ଭାବାବଳୀ ହିଁ ସାହିତ୍ୟ । ପୂର୍ବକାଳରେ ଗୁରୁମାନେ ଶିଷ୍ୟମାନଙ୍କୁ ମୌଖିକ ପ୍ରଣାଳୀରେ ଉପଦେଶ ଦେଉଥିଲେ । ଭାବଗୁଡ଼ିକ ପ୍ରକାଶିତ ହେଲେ ତାକୁ ସାହିତ୍ୟ କୁହାଯାଏ । ମନୁଷ୍ୟ ପ୍ରଥମେ କୌଣସି ନିର୍ଦ୍ଦିଷ୍ଟ ବିଷୟ ମନରେ ପୋଷଣ କରେ, ପରେ ସେଗୁଡ଼ିକ ଭାଷାଦ୍ୱାରା ପ୍ରକାଶ କରେ । ଜଣେ ଲୋକ ଗୁଡ଼ିଏ ବିଷୟ ଭାବକରି ସେହି ଭାବଗୁଡ଼ିକ ଭାଷାରେ ଅନ୍ୟ ଆଗରେ ପ୍ରକାଶ କଲା; ସେ ବ୍ୟକ୍ତି ସେ ଭାବଗୁଡ଼ିକ ଶୁଣି ଅନ୍ୟ ବ୍ୟକ୍ତି ଆଗରେ ପ୍ରକାଶ କଲା । ଏହିପରି ଜଣକର ଭାବ ଦଶଜଣ ଜାଣିଲେ । ଭାବ ମଧ୍ୟରେ ସନ୍ନିବିଷ୍ଟ ଥିବା ଉପଦେଶଗୁଡ଼ିକ

ଥିଲେ । ପ୍ରିଣ୍ଟିଂ ମେସିନ ୧୮୬୬ରେ ପ୍ରଥମେ ଓଡ଼ିଶାରେ ସ୍ଥାପିତ ହୋଇଥିଲା । ଏ ସମୟରେ ମଧ୍ୟ ବଙ୍ଗୀୟ ବ୍ୟକ୍ତିମାନଙ୍କର ହେତୁ ସଙ୍କୀର୍ଣ୍ଣତା ଦେଖାଦେଇଥିଲା । କେତେକ ବଙ୍ଗୀୟ ବ୍ୟକ୍ତି ପ୍ରଚାର କରୁଥିଲେ ଯେ ଓଡ଼ିଆ ଭାଷା ଗୋଟାଏ ସ୍ୱତନ୍ତ୍ର ଭାଷା ନୁହେଁ । ଓଡ଼ିଆ ଭାଷା ପରିବର୍ତ୍ତେ ଏଠାରେ ଅର୍ଥାତ୍ ବଙ୍ଗଳା ଭାଷା ପ୍ରଚଳନ ହେବ । ସେତେବେଳେ ଘୋର ଆପତ୍ତି ହୋଇଥିଲା ଏବଂ ଉଦ୍ୟମଶୀଳ କେତେକ ଲବ୍ଧପ୍ରତିଷ୍ଠ ବ୍ୟକ୍ତିଙ୍କ ସହଯୋଗରେ ଓଡ଼ିଆମାନଙ୍କର ଆପତ୍ତି ସତ୍ତ୍ୱେ ଓଡ଼ିଆ ଭାଷାକୁ ରକ୍ଷା କଲେ । 'ଜଗନ୍ନାଥ'ଓ 'ପ୍ରବୋଧଚନ୍ଦ୍ରିକା' ନାମକ ପୁସ୍ତକଦ୍ୱୟ ଓଡ଼ିଆ ଦେବନାଗର ୧୮୫୮-୧୮୬୧ ମସିହାରେ ମୁଦ୍ରିତ ହୋଇ ବାହାରିଲା । ୧୮୬୬ ମସିହାରେ ଉତ୍କଳର ପ୍ରଧାନ ଜନନାୟକମାନଙ୍କ ଉଦ୍ୟମରେ 'ଉତ୍କଳଦୀପିକା' ନାମକ ସମ୍ବାଦପତ୍ର ବାହାରିଥିଲା ଏବଂ ଏହି କାଗଜଟି ବର୍ତ୍ତମାନ ମୃତ ହେଲାଣି; ମାତ୍ର ବହୁତ ବେଶୀ ହେବାକୁ ଶୀତଳେଶ୍ୱର ଓ ଜନପ୍ରିୟ ହେବାକୁ ଆରମ୍ଭ କଲଣି । ସ୍ୱର୍ଗତ ଗୌରୀଶଙ୍କର ଜଣେ ବଙ୍ଗାଳୀ; ମାତ୍ର ବଙ୍ଗଳାକୁ ଅପେକ୍ଷା ଉତ୍କଳକୁ ବା ଓଡ଼ିଶାକୁ ମାତୃଭୂମି ବୋଲି ମଣିଥିଲେ । ଗୌରୀଶଙ୍କର ତାଙ୍କ ଜୀବନ ମଧ୍ୟରେ ସେ ଉତ୍କଳଦୀପିକାର ସମ୍ପାଦକ ହୋଇ ୫୦ ବର୍ଷକାଳ କାଗଜଟିକୁ ଚଳାଇ ଜାତିର ମଙ୍ଗଳ କରି ଆସିଥିଲେ । ଓଡ଼ିଆଭାଷାର ଉନ୍ନତିରେ ସେ ଯେଉଁ ଅଦମ୍ୟ ଉତ୍ସାହ ଦେଖାଇ କାର୍ଯ୍ୟ କରିଥିଲେ, ତାହାଠାରେ ଓଡ଼ିଆଭାଷା ଚିରଋଣୀ । ସ୍ୱର୍ଗତ ଗୌରୀଶଙ୍କର ଓ ତାଙ୍କ ସମସାମୟିକ ପ୍ରାତଃସ୍ମରଣୀୟ ବିଚ୍ଛନ୍ଦ ପଟ୍ଟନାୟକ ଓ ବିଚିତ୍ରାନନ୍ଦ ପ୍ରମୁଖ ଉଦ୍ୟମଶୀଳ ଉତ୍କଳ ହିତୈଷୀମାନଙ୍କ ଯତ୍ନ ନ ଥିଲେ ଓଡ଼ିଆଭାଷା ଏତେଦିନ ସ୍କୁଲମାନଙ୍କରୁ ଉଠିଯାଇଥାନ୍ତା । ସ୍ୱର୍ଗତ ଗୌରୀଶଙ୍କରଙ୍କଠାରେ ବଙ୍ଗାଳୀ ଭାବନା ନାହିଁ । ସେ ଓଡ଼ିଆଙ୍କ ସହିତ ଆପଣା ଜାତୀୟ ମିଳାଇ କଟକସହରରେ ଉତ୍କଳସାହିତ୍ୟର ଉନ୍ନତି-କଳ୍ପେ ୫୦ ବର୍ଷ ଅକ୍ଳାନ୍ତଭାବରେ କାର୍ଯ୍ୟ କରିଥିବା ବଡ଼ ଗୌରବର ବିଷୟ ।

ସଂସ୍କୃତ ଭାଷା ପ୍ରାଚୀନ ଭାଷା । ବ୍ରାହ୍ମଣମାନେ ପ୍ରାୟ ସଂସ୍କୃତରେ । ଲେଖାଲେଖି କରୁଥିଲେ । ଅଧିକାଂଶ ପୁସ୍ତକ ସଂସ୍କୃତଭାଷାରେ ଲିଖିତ ହେଉଥିଲା । ବ୍ରାହ୍ମଣମାନେ ପ୍ରାକୃତ ଭାଷାକୁ ଘୃଣାଦୃଷ୍ଟିରେ ଦେଖୁଥିଲେ, ବରଂ ପ୍ରାକୃତ ଭାଷାରେ ଲେଖା ପଢ଼ା ଓ ପ୍ରାକୃତ ପୁସ୍ତକ ପଢ଼ିବାକୁ ହେୟ ଜ୍ଞାନ କରୁଥିଲେ । ପ୍ରାକୃତ ପ୍ରତି ଏହି ଅନାଦର ସବୁ ଅଞ୍ଚଳରେ ଦୃଷ୍ଟିଗୋଚର ହେଉଛି । ଆଜି ମଧ୍ୟ ଅନେକ ସଂସ୍କୃତ ପଣ୍ଡିତଙ୍କ ମୁଖରୁ ପ୍ରାକୃତ ପ୍ରତି ଅନାଦର ଶୁଣାଯାଏ । ବ୍ରାହ୍ମଣ ପଣ୍ଡିତମାନେ ସଂସ୍କୃତକୁ ଯେତେ ଆଦର କରନ୍ତି ପ୍ରାକୃତକୁ ସେତେକ କରନ୍ତି ନାହିଁ । ଏହି କାରଣରୁ ପ୍ରସିଦ୍ଧ ପ୍ରାକୃତ ଲେଖକଙ୍କ ମଧ୍ୟରେ ବ୍ରାହ୍ମଣ--ମାନଙ୍କର ସଂଖ୍ୟା ଅଳ୍ପ । ଅନେକ ବ୍ରାହ୍ମଣ ପଣ୍ଡିତଙ୍କ ମଧ୍ୟରେ ପ୍ରାକୃତଭାଷା-ଅଭିଜ୍ଞତା ଥିବା ପଣ୍ଡିତଙ୍କ ସଂଖ୍ୟା ଅଳ୍ପ ।

ପ୍ରାକୃତ ଭାଷାରୁ ବସ୍ତୁତଃ ଓଡ଼ିଆଭାଷାର ଜନ୍ମ । ବସ୍ତୁତଃ ଓଡ଼ିଆଭାଷା ସାଧାରଣଙ୍କର କଥାଭାଷା ଏବଂ ସଂସ୍କୃତଭାଷା ଅଳ୍ପସଂଖ୍ୟକ ଲୋକମାନଙ୍କ ମଧ୍ୟରେ ଆବଦ୍ଧ । ପୁରାଣ, ବେଦ,

ବେଦାନ୍ତ, ଗୀତା, ଭାଗବତ ଆଦି ସମସ୍ତ ଗ୍ରନ୍ଥମାନ ସଂସ୍କୃତଭାଷାରେ ଲିଖିତ ହୋଇଥିଲା । ସେଗୁଡ଼ିକ ଓଡ଼ିଆରେ ଅନୁବାଦିତ ହୋଇ ନଥିଲେ ସାଧାରଣ ଲୋକେ କାହିଁପାଇଁ ବୁଝିପାରି ନ ଥାନ୍ତେ । ସୁତରାଂ ସାଧାରଣ ଲୋକଶିକ୍ଷା ଲାଗି ଏହି ଗ୍ରନ୍ଥ ଓ ଏହି ସବୁମାନ ମାତୃଭାଷାରେ ପ୍ରକାଶିତ ହେବା ନିତାନ୍ତ ଆବଶ୍ୟକ । କିନ୍ତୁ ଏହା କିପରି ହେବା ଉଚିତ ? ସମସ୍ୟାର ଏହା ହିଁ ପ୍ରଧାନ ସମାଧାନ । ଏହା ସଂସ୍କୃତଶବ୍ଦାଡ଼ମ୍ବରରେ ପରିପୂର୍ଣ୍ଣ ହେଲେ ଅଳ୍ପସଂଖ୍ୟକ ଲୋକଙ୍କ ମଧ୍ୟରେ ଆବଦ୍ଧ ରହିବ । କେବଳ ପ୍ରଚଳିତ ସରଳ ତଦ୍ଭବ ଓଡ଼ିଆ ଶବ୍ଦ ଦ୍ୱାରା ସାହିତ୍ୟ ଲେଖାହେଲେ ସାଧାରଣଙ୍କର ବୋଧଗମ୍ୟ ହେବ । ଲୋକଶିକ୍ଷା ଲାଗି ଏହିପରି ଭାଷା ଆବଶ୍ୟକ ।

ସେଥିପାଇଁ ଓଡ଼ିଆଭାଷାର ନିଜର ସ୍ୱାତନ୍ତ୍ର୍ୟ ଅଛି । କେତେକ ଶବ୍ଦ ସଂସ୍କୃତରୁ ଆସିଛି, କେତେକ ପ୍ରାକୃତରୁ ଆସିଛି । ଯେ ଶବ୍ଦର ସଂସ୍କୃତ ବା ପ୍ରାକୃତ ସହିତ କିଛି ସମ୍ପର୍କ ନାହିଁ, ତାହା ଦେଶଜ ନାମରେ ଅଭିହିତ ।

| | |
|---|---|
| ଢିବା ବା ଢାଟିଆ | ଖାଲ ବା ଗାଡ଼ |
| ଡାଲ ବା ଢେଙ୍ଗା | ପଛାଡ଼ିବା ବା ପାଳିବା |
| ପାଏ ବା ବଇଠା | ଚୋଟି ବା ଝୁଣ୍ଟି |

ଲୁଗୁଡ଼ା ବା ଛାଡ଼ି

---

## ଓଡ଼ିଆ ସାହିତ୍ୟ

### ( ୧ )

ସାହିତ୍ୟ କ'ଣ ? ସାହିତ୍ୟ ଜାତୀୟ ଜୀବନର ଦର୍ପଣ ସ୍ୱରୂପ । ଯେଉଁ ଜାତି ଯେତେ ଉନ୍ନତ, ସେ ଜାତିର ସାହିତ୍ୟ ସେତେ ଉନ୍ନତ । ଭାଷାରେ ପ୍ରକାଶିତ ଭାବାବଳୀ ହିଁ ସାହିତ୍ୟ । ପୂର୍ବକାଳରେ ଗୁରୁମାନେ ଶିଷ୍ୟମାନଙ୍କୁ ମୌଖିକ ପ୍ରଣାଳୀରେ ଅଧ୍ୟୟନ କରାଉଥିଲେ । ଭାବଗୁଡ଼ିକ ପ୍ରକାଶିତ ହେଲେ ତାକୁ ସାହିତ୍ୟ କୁହାଯାଏ । ମନୁଷ୍ୟ ପ୍ରଥମେ କୌଣସି ନିର୍ଦ୍ଦିଷ୍ଟ ବିଷୟ ମନରେ ପୋଷଣ କରେ, ପରେ ସେଗୁଡ଼ିକ ଭାଷାଦ୍ୱାରା ପ୍ରକାଶ କରେ । ଜଗତ ଲୋକେମାନଙ୍କ ବିଷୟ ଭାବନାର ହେତୁ ଭାବଗୁଡ଼ିକ ଭାଷାରେ ଅନ୍ୟ ଆଗରେ ପ୍ରକାଶ କଲା; ସେ ବ୍ୟକ୍ତି ସେ ଭାବଗୁଡ଼ିକ ଶୁଣି ଅନ୍ୟ ବ୍ୟକ୍ତି ଆଗରେ ପ୍ରକାଶ କଲା । ଏହିପରି ଜଗତର ଭାବ ଦଶଜଣ ଜାଣିଲେ । ଭାବ ମଧ୍ୟରେ ଉତ୍କୃଷ୍ଟ ଥିବା ଉପଦେଶଗୁଡ଼ିକ

ସ୍ୱତ୍ୱପାଳନ ନିମନ୍ତେ ତଦନୁଯାୟୀ କାର୍ଯ୍ୟ କରିବାକୁ ଶିକ୍ଷା କହନ୍ତି । ଶିକ୍ଷାର ପ୍ରକୃତ ଅର୍ଥ ଶିଖା ବା ଶିକ୍ଷିତା । ଯେ ଯେତେ ବିଷୟ ଶିଖି ପାରିଲା, ସେ ସେତେଦୂର ଶିକ୍ଷିତ । ଶିକ୍ଷିତ ଲୋକ ନିରକ୍ଷର ହୋଇପାରେ ଏବଂ ସାକ୍ଷର ଲୋକ ଅଶିକ୍ଷିତ ହୋଇପାରେ । ଶିକ୍ଷା ପାଇବା ଅକ୍ଷର ପରିଚୟର ବିଶେଷ କିଛି ଦରକାର ନାହିଁ । ନିରକ୍ଷର ଲୋକ ନାନା ଲୋକଙ୍କଠାରୁ ନାନା କଥା ଶୁଣି ଶିକ୍ଷିତ ହୋଇପାରେ । ଅକ୍ଷରଜ୍ଞାନ ଗୋଟିଏ ସୁବିଧା । ଏହି ସୁବିଧାକୁ ଅବଲମ୍ବନ କରି ଲୋକ ଲିଖିତ ପୁସ୍ତକରେ ଥିବା ମହାପୁରୁଷ ଜ୍ଞାନଶୀଳ ବ୍ୟକ୍ତିମାନଙ୍କ ଉପଦେଶଗୁଡ଼ିକ ଅନେକ ଆପେ ଶିଖି ପାରନ୍ତି ଏବଂ ପରମୁଖାପେକ୍ଷୀ ହେବ ନାହିଁ । ଭାବର କଳ୍ପନା ସ୍ରୋତର କମନୀୟ ଶବ୍ଦାବଳୀ ଲଳିତ ଭାଷାରେ ପ୍ରକାଶିତ ହେଲେ । ଏହା ହିଁ ସାହିତ୍ୟ । ପ୍ରତ୍ୟେକ ଜାତିର ସାହିତ୍ୟ ଅଛି । ଉନ୍ନତ ଜାତିର ସାହିତ୍ୟ ଉନ୍ନତ ଓ ଅନୁନ୍ନତ ଜାତିର ସାହିତ୍ୟ ଅନୁନ୍ନତ ।

ଯାହା ବ୍ୟକ୍ତିଗତ ସତ୍ୟ, ତାହା ଜାତିଗତ ସତ୍ୟ । ପୃଥିବୀର ସମସ୍ତ ଜୀବ ନିୟମାଧୀନ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନିୟମଦ୍ୱାରା ଏ ପ୍ରକୃତି ନିୟନ୍ତ୍ରିତ । ପ୍ରକୃତିର ରାଜ୍ୟରେ ଯିଏ ଏହି ଜନ୍ମଠାରୁ ସୋପାନରେ ପରିଣତ ହୁଏ । ସାହିତ୍ୟ ପ୍ରାକୃତିକ ନିୟମରୁ ବହିର୍ଭୂତ ନୁହେଁ । ସାହିତ୍ୟ ମଧ୍ୟ କ୍ରମୋନ୍ନତି ପଥରେ ପରିଣତ । ଜନ୍ମଠାରୁ ଚାରିଗୋଟି ସାଧାରଣ ଅବସ୍ଥା, ଯଥା—ଶୈଶବ, କୈଶୋର, ପ୍ରୌଢ଼ ଓ ବୃଦ୍ଧ । ପ୍ରକୃତିର ରାଜ୍ୟରେ ପଦାର୍ଥ କି ଜଡ଼, କି ଚୈତନ୍ୟ ଏହି ଚତୁର୍ବିଧ ଅବସ୍ଥାମାନ ଭୋଗ କରିବାକୁ ବାଧ୍ୟ । ସାହିତ୍ୟ ତଦ୍ରୂପ ଏହି ନିୟମାନୁସାରେ ପରିଣତ ହୁଏ । ଜାତି ମଧ୍ୟ ବାଲ୍ୟାଦି ଏହି ସବୁ ଅବସ୍ଥା ଭୋଗକରେ । ଜାତିର ଅବସ୍ଥା ସଙ୍ଗେ ସଙ୍ଗେ ତାହାର ସାହିତ୍ୟର ଅବସ୍ଥା ପରିବର୍ତ୍ତିତ ହୁଏ । ସୁତରାଂ ସାହିତ୍ୟ ଦେଖି ଜାତିର ଅବସ୍ଥା ପରିମାପ କରାଯାଇପାରେ ଏବଂ ଜାତିର ଅବସ୍ଥା ଦେଖି ସାହିତ୍ୟ ପରିମାପ କରାଯାଇପାରେ । ଏହି କାରଣରୁ ସାହିତ୍ୟ ଜାତୀୟ ଉନ୍ନତିର ପରିମାପକ ବୋଲି କଥିତ ହୁଏ ।

ସାହିତ୍ୟର ଦୁଇଟି ପ୍ରଧାନ ବିଭାଗ ଅଛି, ଯଥା—ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟ । ଏ ବିଭାଗର ନାନା ଉପବିଭାଗ ଅଛି ଅର୍ଥାତ୍ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ବିଷୟାତ୍ମକ ଶବ୍ଦାବଳୀର ସାହିତ୍ୟ ଏକତ୍ର ସନ୍ନିବେଶର ନାମ ତଦ୍‌ବିଷୟାତ୍ମକ ସାହିତ୍ୟ; ଯଥା—ଜ୍ୟୋତିଷ ସାହିତ୍ୟ, କାବ୍ୟ ସାହିତ୍ୟ, ଚିକିତ୍ସା ସାହିତ୍ୟ, ଧର୍ମ ସାହିତ୍ୟ, ଗଳ୍ପ ସାହିତ୍ୟ, ସଙ୍ଗୀତ ସାହିତ୍ୟ ଇତ୍ୟାଦି । ପଦ୍ୟ ସାହିତ୍ୟ ନାନା ରାଗରାଗିଣୀ ଓ ଛନ୍ଦପୂର୍ଣ୍ଣ । କେଉଁ ଜାତି କେଉଁ ବିଷୟ କେତେଦୂର ଚିନ୍ତା କରିଥିଲେ ତାର ପ୍ରମାଣ ସାହିତ୍ୟରୁ ମିଳିବ ।

ଉନ୍ନତି ଦୁଇପ୍ରକାର, ଯଥା—ବୈଷୟିକ ଉନ୍ନତି ଓ ଆଧ୍ୟାତ୍ମିକ ଉନ୍ନତି । କେଉଁ ଜାତି ଉନ୍ନତିର କେଉଁ ମାର୍ଗରେ କେତେଦୂର ଅଗ୍ରସର ହୋଇଥିଲା, ତାହା ମଧ୍ୟ ସାହିତ୍ୟ ଦେଖି ପରିମାପ କରାଯାଇପାରେ ।

ସଙ୍ଗୀତ ଶାସ୍ତ୍ରଟୀର ଗୋଟିଏ ପ୍ରଧାନ ଅଙ୍ଗ । କବି ସେକ୍ସପିଅର କହିଅଛନ୍ତି ଏବଂ କାଳିଦାସ ମଧ୍ୟ ଗାଇଅଛନ୍ତି ଯେ-ସଙ୍ଗୀତଶାସ୍ତ୍ରକାବ୍ୟରସାନଭିଜ୍ଞ ସାକ୍ଷାତ୍ ପଶୁ, ପୁଚ୍ଛବିଷାଣହୀନଃ ଇତ୍ୟାଦି । ସଙ୍ଗୀତଶାସ୍ତ୍ରକାବ୍ୟ ବୈଚିତ୍ର୍ୟସାପେକ୍ଷ । ଜୀବ ଯେତେବେଳେ ଚିନ୍ତିତ ଅବସ୍ଥାରେ ଥାଏ, ଉଦରଜ୍ୱାଳାରେ ପ୍ରପୀଡ଼ିତ ନ ହୋଇ ସୁଖଶାନ୍ତିରେ କାଳଯାପନ କରୁଥାଏ, ସେତେବେଳେ ସଙ୍ଗୀତସ୍ରୋତ ସ୍ୱରଲହରୀରେ ପ୍ରବାହିତ ହୁଏ । ବ୍ୟକ୍ତିଗତ ଜୀବନରେ ଏହି ସତ୍ୟ ପ୍ରତ୍ୟକ୍ଷ ପ୍ରମାଣିତ ହେଉଅଛି । ଆମ ଦେଶରେ ଗୋଟିଏ ଢଗ ଅଛି "ମନଫୁଲ୍ଲଣ ଗୀତ ଗାଏ" । ଜଣାଶୁଣା ଢଗ ହୋଇପାରେ; ମାତ୍ର ଏ ପଦକରେ ନିଗୂଢ଼ ସତ୍ୟ ନିହିତ ଅଛି । ସଙ୍ଗୀତ ମାନବର କି ପ୍ରକାର ମାନସିକ ଅବସ୍ଥାରେ ଉତ୍ପତ୍ତି ହୁଏ, ଏ ତତ୍ତ୍ୱ ବୁଝାଇବା ଲାଗି ଅନେକ ବୈଜ୍ଞାନିକ ଅନେକ ମତ ପ୍ରକାଶ କରିଥିଲେ ବା କରୁଅଛନ୍ତି । ମାତ୍ର ଏ ସମସ୍ତ ବୈଜ୍ଞାନିକ ତତ୍ତ୍ୱାଲୋଚନାର ସାରମର୍ମ ଏ ଢଗ ପଦକରୁ ଜଣାପଡ଼ୁଛି । ବାସ୍ତବିକ ମନ ପ୍ରଫୁଲ୍ଲ ନଥିଲେ ସଙ୍ଗୀତ ବାହାରିବ ନାହିଁ । ମନ ଯେତେବେଳେ ଆନନ୍ଦ-ସାଗରରେ ଭାସମାନ, ସେତେବେଳେ ହୃଦ ଅନ୍ତସ୍ଥ ସଙ୍ଗୀତ ବାହାରିପଡ଼େ । ସୁତରାଂ କଥାଟାକୁ ଢଗ ବୋଲି ଉଡ଼ାଇଦେଲେ ଚଳିବ ନାହିଁ । ଢଗ ମଧ୍ୟ ଗୋଟିଏ ପ୍ରକାରର ସାହିତ୍ୟ । ସେଥିମଧ୍ୟରେ ଅନେକ ନୀତି ଅଛି, ଉପଦେଶ ଅଛି, ଉପମା ଅଛି ଏବଂ ସତ୍ୟ ଅଛି । ଏହିପରି ଢଗ ବହୁ ପ୍ରାଚୀନକାଳରୁ ଉତ୍କଳରେ ଚଳିଆସୁଅଛି । ଢଗଗୁଡ଼ିକର ଭାଷା ସରଳ ଅଥଚ ଭାବଗର୍ଭିତ । ବୋଧହୁଏ ଲିଖିତ ସାହିତ୍ୟ ସୃଷ୍ଟି ହେବା ପୂର୍ବେ ଏ ଢଗମାନଗୁଡ଼ିକ ଅଧିକଭାବରେ ପ୍ରଚଳିତ ଥିଲା । ଲୋକେ ଶୁଣି ଶୁଣି ମୁଖସ୍ଥ କରି ଅବସରମାନ ସମୟରେ ଆବୃତ୍ତି କରୁଥିଲେ । ଏହି ବ୍ୟକ୍ତିମାନେ ଜଦାନନ୍ଦନ ଲୋକସାଧାରଣ-ବୋଧଗମ୍ୟ ହେବାଭଳି ଭାଷାରେ ଗୂଢ଼ତତ୍ତ୍ୱଗୁଡ଼ିକ ପ୍ରକାଶ କରି ଦେଇଥିଲେ । ଏହିପରି ଅସଂଖ୍ୟ ଢଗ ଉତ୍କଳର ଘରେ ଘରେ ଶୁଣିବାକୁ ମିଳିବ । ଏସବୁ ନିରର୍ଥକ ନୁହେଁ; ଏ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟ ।

ଓଡ଼ିଆ ଜାତିର ପ୍ରାଚୀନତ୍ୱ ଅଛି, ଓଡ଼ିଆ ସାହିତ୍ୟର ପ୍ରାଚୀନତ୍ୱ ଅଛି; କେବଳ ପ୍ରାଚୀନତ୍ୱ ନାହିଁ, ସ୍ୱାତନ୍ତ୍ର୍ୟ ମଧ୍ୟ ଅଛି । ଓଡ଼ିଆ-ସାହିତ୍ୟ ସଂସ୍କୃତ-ସାହିତ୍ୟରୁ ଜନ୍ମ, ଅନ୍ୟ କୌଣସି ପ୍ରାଦେଶିକ ସାହିତ୍ୟ ସଂସ୍କୃତରୁ ଜନ୍ମ ହୋଇନାହିଁ । ପ୍ରାକୃତଭାଷା ଜନ୍ମ ହେବା ପୂର୍ବେ ସଂସ୍କୃତଭାଷା ଉତ୍କଳରେ ପ୍ରଚଳିତ ସାହିତ୍ୟିକ ଭାଷା ଥିଲା । ପ୍ରାଚୀନ ଉତ୍କଳର ସଂସ୍କୃତଚର୍ଚ୍ଚା ପ୍ରବନ୍ଧରେ ଏ ବିଷୟ ଆଲୋଚନା କରାଯାଇଅଛି । ସଂସ୍କୃତଭାଷା ସାଧାରଣ ଲୋକମାନଙ୍କର ବୋଧଗମ୍ୟ ନ ହେବାରୁ ତାହା ନିମ୍ନ ସ୍ତରରୁ ସ୍ତରାନ୍ତର ଧାରଣ କରୁ କରୁ ପ୍ରାଦେଶିକ ପ୍ରାକୃତଭାଷାରେ ପରିଣତ ହେଲା । ସାଧାରଣତଃ ଏକସ୍ଥାନସ୍ଥ ଲୋକମାନେ ଏକଭାଷାଭାଷୀ ହେବା ହିଁ ସ୍ୱାଭାବିକ ନିୟମ । ଏହେତୁ ଗୋଟିଏ ଗୋଟିଏ ଦେଶ ବା ପ୍ରଦେଶରେ ଏକଭାଷାଭାଷୀ ବହୁଜାତୀୟ ଲୋକ ବାସ କରୁଥିବାର ଦେଖାଯାଏ ।

ସଂସ୍କୃତଚର୍ଚ୍ଚା ଉଣା ହୋଇଆସିବାରୁ ପ୍ରାକୃତ ଭାଷାମାନଙ୍କର ଉନ୍ନତି ହେଲା । ଓଡ଼ିଆ ସାହିତ୍ୟ ମଧ୍ୟ ଏହି ଦଶା ଭୋଗକରିଥିଲା ।

କୌଣସି କୌଣସି ବଙ୍ଗୀୟ ଲେଖକଙ୍କର ଧାରଣା ଯେ ଓଡ଼ିଆଭାଷା ବଙ୍ଗଭାଷାର ଗୋଟିଏ ବିକୃତ ଶାଖା ମାତ୍ର, ଏହା ସ୍ୱତନ୍ତ୍ର ଭାଷା ନୁହେଁ । ଆଜିକାଲି ଲେଖକଙ୍କର ସ୍ୱାତନ୍ତ୍ର୍ୟ ବୃଦ୍ଧି ହୋଇଛି । ଯାହାର ମନ ଯାହା ହେଲା ସେ ପୁସ୍ତକ ଲେଖିଦେବାକୁ ମନାକରୁଛି କିଏ ? ମାତ୍ର ଏପରି ଯୁକ୍ତିତର୍କ ନିତାନ୍ତ ଅମୂଳକ । ବଙ୍ଗଭାଷା ତୁଳନାରେ ଓଡ଼ିଆଭାଷା ଅଧିକ ପ୍ରାଚୀନ । ବଙ୍ଗଭାଷା ସ୍ୱତନ୍ତ୍ର ଭାଷା ନୁହେଁ । ଓଡ଼ିଆ ବଙ୍ଗଭାଷାର ଅଙ୍ଗ ହେଲା କିପରି ? ଧନ୍ୟ ଲେଖକଙ୍କ କଳ୍ପନାଶକ୍ତି !

ବଙ୍ଗଭାଷାର ଉତ୍ପତ୍ତି କେବେ ଏବଂ କେଉଁଠାରୁ ? ବଙ୍ଗ ବୋଲି ସ୍ୱତନ୍ତ୍ର ନାମ ହେଲା କେବେ ? "ବଙ୍ଗ ଭାଷା ଓ ସାହିତ୍ୟ" ନାମକ ପୁସ୍ତକର ୨୨୯ ପୃଷ୍ଠା ଦେଖିଲେ ଏହି ପ୍ରଶ୍ନର ସଠିକ ଉତ୍ତର ମିଳିବ ।

ପଞ୍ଚଗୌଡ଼ ମଧ୍ୟରେ ଉତ୍କଳର ସ୍ଥାନ ଥିଲା, ଯଥା—ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମିଥିଳା, ଉତ୍କଳ । ମିଥିଳା ବଙ୍ଗଦେଶର ଶ୍ରେଷ୍ଠ ଶିକ୍ଷକ, ମିଥିଳାର ଭାଷା ବ୍ରଜବୋଲି, ମିଥିଳା ସଂସ୍କୃତ ଟୋଲ ନବଦ୍ୱୀପର ଶିକ୍ଷାଗୁରୁ । ମିଥିଳାର ଅକ୍ଷର 'ତିରୁତ' ଏବଂ ଏହି ଅକ୍ଷର ବଙ୍ଗଳାରେ ପ୍ରଚଳିତ ହେଲା । ମିଥିଳା ପରେ 'କାନ୍ୟକୁବ୍ଜ' ବଙ୍ଗର ଶିକ୍ଷାଗୁରୁ । ପାଞ୍ଚାଳୀ ଗୀତ ପାଞ୍ଚାଳ ଦେଶରେ ରଚିତ । ଏହି ଗୀତ ଆଦର୍ଶରେ ପ୍ରଥମେ ବଙ୍ଗଦେଶରେ ଗୀତ ରଚିତ ହୋଇଥିଲା । ପ୍ରାଚୀନ ବଙ୍ଗ ସାହିତ୍ୟ ଆଲୋଚନା କଲେ ଜଣାଯାଏ ହିନ୍ଦୁସ୍ଥାନୀ, ମୈଥିଳୀ ଭାଷାରୁ ବଙ୍ଗଭାଷାର ଉତ୍ପତ୍ତି । ଅନେକ ଓଡ଼ିଆ ଶବ୍ଦ ସହିତ ବଙ୍ଗଭାଷାର ସାମ୍ୟ ଅଛି । ମୋଗଲମାନଙ୍କ ଅମଳରୁ ପ୍ରଥମେ ବଙ୍ଗଳା ବୋଲି ସ୍ୱତନ୍ତ୍ର ନାମକରଣ ହେଲା । ବିଦ୍ୟାପତି ଜଣେ ମୈଥିଳୀ ପଣ୍ଡିତ ଥିଲେ । ରମେଶ ଦତ୍ତ ମହାଶୟଙ୍କ "ବଙ୍ଗ ସାହିତ୍ୟ" ନାମକ ପୁସ୍ତକରୁ ଜଣାଯାଏ ଯେ ଚଣ୍ଡୀଦାସ ଓ ବିଦ୍ୟାପତି ପ୍ରଥମେ ଚତୁର୍ଦ୍ଦଶ ଶତାବ୍ଦୀରେ ସାହିତ୍ୟ ଲେଖିଥିଲେ । ସୁତରାଂ ବଙ୍ଗ-ସାହିତ୍ୟ ଯେ ଧନର ଓଡ଼ିଆ-ସାହିତ୍ୟ ପରି ପ୍ରାଚୀନ ନୁହେଁ ।

କେତେକ ବଙ୍ଗାଳୀମାନଙ୍କର ଧାରଣା ଯେ ସେମାନଙ୍କ ଯୋଗୁଁ ଓଡ଼ିଆ ସାହିତ୍ୟର ଉନ୍ନତି ହେଲା । ସେମାନେ କହନ୍ତି—ଗୌରୀଶଙ୍କର, ରାଧାନାଥ ପ୍ରଭୃତିଙ୍କ ପରି ଓଡ଼ିଆ ସାହିତ୍ୟ ଅଛି, ନଚେତ୍ ମରିଯାଇଥାନ୍ତା । ଅବଶ୍ୟ ସେହି ମୂଳ କବିଙ୍କ ନାମୋଲ୍ଲେଖ କଲେ ସେମାନଙ୍କ ନିକଟରେ ଆଧୁନିକ ଓଡ଼ିଆ ସାହିତ୍ୟ ଋଣୀ, ମାତ୍ର ସେ ମହାତ୍ମାମାନଙ୍କର ଜନ୍ମର ବହୁକାଳ ପୂର୍ବରୁ ପ୍ରାଚୀନ ଓଡ଼ିଆ ସାହିତ୍ୟ ବହୁତ ଉନ୍ନତ କରିଥିଲା । ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଉନ୍ନତ ପଥରେ ଗତି କରୁଛି କି ଅବନତି ପଥରେ ଗତି କରୁଛି, ତାହା ସ୍ୱତନ୍ତ୍ର କଥା । ସେ ବିଷୟ ଆଲୋଚନାବେଳେ ଏ କଥା ସ୍ଥିର କରାଯିବ । ହେଲେ, ଦୁଃଖର କଥା ବଙ୍ଗାଳୀ ଓଡ଼ିଆଭାଷାରେ ସାହିତ୍ୟ ଲେଖି କୃତିତ୍ୱ ଦେଖାଉଛନ୍ତି, ଏଥିଲାଗି ବ୍ୟାସକବି ପୁସ୍ତକରେ

ଓଡ଼ିଆଜାତିକୁ ଦେଖି କ କୁଡ଼ିବୁ ମିଳିବ । ଏପରି ଦେଖିଲେ କ'ଣ ଓଡ଼ିଆ ବଙ୍ଗଭାଷାର କିଛି ଉପକାର କରିନାହାନ୍ତି ? ବଙ୍ଗଳାର ପ୍ରଥମ ର୍'.ଭ ଲେଖକ ଗୋପାଳ ଭଣ୍ଡ । ସେ ଜଣେ ଭଞ୍ଜ । ତାଙ୍କର ଘର ଘାଜମୂରରେ । ବଙ୍ଗଳାରେ ଗାନ ଓ ଅନ୍ୟାନ୍ୟ ବଙ୍ଗଳା ପୁସ୍ତକର ଭୂମିକାରେ ଆଜି ପର୍ଯ୍ୟନ୍ତ ତାହାଙ୍କ ନାମ "ଗୋପାଳ ଭଣ୍ଡ" ରହିଛି । ଆଜି ଗୋପାଳ ଓଡ଼ିଆର କାହାଣୀ ବଙ୍ଗଳାର ଘରେ ଘରେ ପ୍ରଚଳିତ । ବଙ୍ଗବାସୀ ମାନଙ୍କ ଗୋପାଳର ଗପ, କାହାଣୀ, କଥା ଶୁଣିବାକୁ ଉତ୍କଣ୍ଠିତ ହୁଅନ୍ତି ଏବଂ ଶୁଣି ଅନନ୍ଦ ଅନୁଭବ କରନ୍ତି । ଗୋପାଳ ରାଜା କୃଷ୍ଣଚନ୍ଦ୍ରଙ୍କ ସଭାରେ ବହୁତ ଖ୍ୟାତି ଓ ପ୍ରତିପତ୍ତି ଲାଭ କରିଥିଲେ । ସେ ୧୭୧୦ ଖ୍ରୀଷ୍ଟାବ୍ଦର ବଙ୍ଗଭାଷାରେ ନାଟ୍ୟ ଗୀତ ରଚନା କରିଥିଲେ ।

"ଧର୍ମମଙ୍ଗଳ" ନାମକ ବଙ୍ଗଗ୍ରନ୍ଥରେ ଗୋଟିଏ ପୁସ୍ତକ ଅଛି । ଏ ପୁସ୍ତକର ରଚୟିତା ଗୋପୀବଲ୍ଲଭ ଦାସ । ସେ ଜଣେ ଓଡ଼ିଶାବାସୀ ଓଡ଼ିଆ ଥିଲେ । କବି ଗଦାଧର ଜଣେ ଓଡ଼ିଆ ଥିଲେ । ସେ ବଙ୍ଗଭାଷାରେ ଅନେକ ପୁସ୍ତକ ରଚନା କରିଥିଲେ ।

ତାପରେ ଶ୍ରୀଚୈତନ୍ୟଦେବ ସାହିତ୍ୟ କ୍ଷେତ୍ରରେ ସୁପରିଚିତ ଓ ସୁବିଖ୍ୟାତ । ଶ୍ରୀଚୈତନ୍ୟଙ୍କ ଯୁଗ ସାହିତ୍ୟର ଗୋଟିଏ ପ୍ରଧାନ ଯୁଗ । "ଚୈତନ୍ୟଚନ୍ଦ୍ରୋଦୟ" ଦେଖି ବଙ୍ଗ ସାହିତ୍ୟସମୁଦ୍ର ଉଛୁଳି ଉଠିଥିଲା । ଏହି ଯୁଗରେ ନାନାପ୍ରକାର ଧର୍ମ ସାହିତ୍ୟ ରଚିତ ହୋଇଥିଲା । ବଙ୍ଗ ସାହିତ୍ୟ ଏହି ଯୁଗରେ ନୂତନ ଆକାର ଧାରଣ କଲା ଏବଂ କ୍ରମେ ପରିପୁଷ୍ଟ ହେଲା । ପାଠକେ ଜାଣନ୍ତି କି, ଏ ମହାତ୍ମା କିଏ ? ଏ ଜଣେ ଉତ୍କଳୀୟ ଥିଲେ । ଶ୍ରୀଚୈତନ୍ୟଦେବ ଉତ୍କଳରେ ଜନ୍ମଗ୍ରହଣ କରି ନ ଥିଲେ ସତ, ମାତ୍ର ସେ ଜଣେ ଓଡ଼ିଆ ସନ୍ତାନ ଥିଲେ ଏବଂ ତାଙ୍କ ଲୀଳାଖେଳା ଏହି ଉତ୍କଳ ବକ୍ଷରେ ସମ୍ପନ୍ନ ହୋଇଥିଲା । ଶ୍ରୀଚୈତନ୍ୟଦେବଙ୍କ ବଂଶାବଳୀ ନିମ୍ନରେ ଦିଆଗଲା ।

ମଧୁକର ମିଶ୍ର
- କାଳିଦ ମିଶ୍ର
- ରଙ୍ଗାଦ ମିଶ୍ର
- ଉପେନ୍ଦ୍ର ମିଶ୍ର
  - କଂସାରି ମିଶ୍ର
  - ପରମାନନ୍ଦ ମିଶ୍ର
    - ଗଙ୍ଗା ଦାସ
      - ଗଙ୍ଗାଧର
        - କୃଷ୍ଣନାଥ ନ୍ୟାୟଭୂଷଣ
    - ବିଷ୍ଣୁ ଦାସ
      - ନନ୍ଦରଣ ଦାସ
        - ବୃନ୍ଦେଶ୍ୱର ପଞ୍ଚାନନ
          - ଶିବରାମ ସାର୍ବଭୌମ
  - ଜଗନ୍ନାଥ ମିଶ୍ର
    - ବିଶ୍ୱରୂପ
    - ବିଶ୍ୱମ୍ଭର (ଚୈତନ୍ୟ)
- କୃତ୍ତିବାସ ମିଶ୍ର

ଶ୍ରୀଚୈତନ୍ୟଦେବଙ୍କ ସ୍ୱରୂପ ଓଡ଼ିଶା ଅନ୍ତର୍ଗତ ଯାଜପୁରନିବାସୀ ଓଡ଼ିଆ ବ୍ରାହ୍ମଣ ଥିଲେ । ତଦାନୀନ୍ତନ ଉତ୍କଳ ରାଜା କପିଳେନ୍ଦ୍ରଦେବଙ୍କ ରାଜତ୍ୱ ସମୟରେ ଜଗନ୍ନାଥ ମିଶ୍ରଙ୍କ ପୂର୍ବପୁରୁଷଙ୍କର ରାଜାଙ୍କ ସହିତ ମନୋମାଳିନ୍ୟ ଘଟିବାରୁ ପ୍ରଜା ଭାଙ୍ଗି ଓଡ଼ିଶାରୁ ବାହାରି ଚାଲିଗଲେ ଏବଂ ସେ ଯାଇ ଶ୍ରୀହଟ୍ଟ ଜିଲ୍ଲାରେ ବାସକଲେ । କପିଳେନ୍ଦ୍ରଦେବଙ୍କର ଅପର ନାମ ଭ୍ରମରବରଦେବ ଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେବ ଯେ ଶ୍ରୀଚୈତନ୍ୟଦେବ ବଙ୍ଗବାସୀ ଓଡ଼ିଆ ଥିଲେ । ଶ୍ରୀଚୈତନ୍ୟଦେବ ଧର୍ମ-ସାହିତ୍ୟ ଜଗତରେ ଯେଉଁ ଯୁଗାନ୍ତର ଘଟାଇଛନ୍ତି, ତାହା ଉତ୍କଳ ପକ୍ଷରେ ଗୌରବର ବିଷୟ ।

ଏ ସମସ୍ତ ଦୃଷ୍ଟାନ୍ତରୁ ବଙ୍ଗ ସାହିତ୍ୟ ଓଡ଼ିଆମାନଙ୍କଠାରେ କେତେ ଦୂର ଋଣୀ ତାହା ସ୍ପଷ୍ଟ ଜଣାଯିବ । ଏ ସମସ୍ତ ପ୍ରମାଣ ଶ୍ରୀ ଦୀନେଶଚନ୍ଦ୍ର ସେନଙ୍କ "ବଙ୍ଗଭାଷା ଓ ସାହିତ୍ୟ" ନାମକ ପୁସ୍ତକରେ ଦେଖାଯିବ । (୨୪୯, ୨୬୪, ୨୮୦, ୩୪୨, ୩୫୮ ଓ ୫୩୩ ପୃଷ୍ଠା ଦେଖ ) ।

ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟ ଆଲୋଚନା କରାଯାଉ । ପ୍ରତ୍ୟେକ ଜାତୀୟ ସାହିତ୍ୟର ଇତିହାସ ଆଲୋଚନା କଲେ ଜଣାଯିବ ଯେ ସାହିତ୍ୟର ପ୍ରଥମ ସ୍ତର ଅନୁବାଦ । ଜାତି ସମାଜରେ ଯେଉଁ ଉଚ୍ଚଦର ସାହିତ୍ୟ ଥାଏ, ତାକୁ ସାଧାରଣ ଲୋକମାନଙ୍କ ବୋଧ୍ୟ ହେବା ଲାଗି ପ୍ରାକୃତ ଭାଷାରେ ଅନୁବାଦ କରାଯାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟ ମଧ୍ୟ ଏହି ସ୍ତର ଦେଇ ଗତିକରିଥିବାର ଦେଖାଯାଏ । ଓଡ଼ିଆ ଜାତି ସମାଜରେ ସଂସ୍କୃତ ଆଦର୍ଶ ସାହିତ୍ୟ ଥିଲା । ସଂସ୍କୃତଭାଷା ଲୋକସାଧାରଣରେ ଅବୋଧ୍ୟ ହେବାରୁ ବହୁସଂଖ୍ୟକ ପ୍ରାକୃତ ଭାଷାରେ ଅନୁବାଦିତ ହେଲା । ରାମାୟଣ, ମହାଭାରତ, ପୁରାଣ, ଉପପୁରାଣ, ନୀତି ଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର ପ୍ରଭୃତି କଠିନ କଠିନ ସଂସ୍କୃତ ଗ୍ରନ୍ଥମାନ ଓଡ଼ିଆ ଭାଷାରେ ଅନୁବାଦିତ ହୋଇଥିବାର ଦେଖାଯାଏ । ଅନୁବାଦ ଅର୍ଥ ଭାଷାନ୍ତର; କିନ୍ତୁ ଅନୁବାଦ କଲାକ୍ଷଣି ସହଜ ବୋଲି ମନେ କରିବା ଉଚିତ ନୁହେଁ । ଅନୁବାଦ କରିବା ଲାଗି ବିଦ୍ୟା, ବୁଦ୍ଧି ଓ ଭାଷାଜ୍ଞାନରେ ଦକ୍ଷତା ଥିବା ଆବଶ୍ୟକ । ନଚେତ୍, ଅନୁବାଦ ବିଫଳ ହେବ । ଯେପରି ସେପରି ଭାଷାନ୍ତର କରିଦେଲେ ଚଳିବ ନାହିଁ । ଶକ୍ତିଶାଳୀ ଅନୁବାଦକର ଅନୁବାଦ ଭାଷାନ୍ତର ବୋଲି ଜଣାଯିବ ନାହିଁ; ବରଂ ଦେଖିଲେ ମୌଳିକ ଲେଖାପରି ପ୍ରତୀତ ହେବ । ପୁନଶ୍ଚ ଗଦ୍ୟାନୁବାଦ କରିବାକୁ ହେଲେ କେତେଗୁଡ଼ିଏ ନିୟମ ମଧ୍ୟରେ ଆବଦ୍ଧ ରହି ଅନୁବାଦ କରିବାକୁ ହେବ । ପଦ୍ୟାନୁବାଦ ହେଉ ବା ଗଦ୍ୟାନୁବାଦ ହେଉ, କେତେଗୁଡ଼ିଏ ସାଧାରଣ ବିଷୟ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ହେବ; ଯଥା—ଭାଷା ସରଳ, ସୁଲଳିତ ଓ ସୁବୋଧ୍ୟ ହେବ ଏବଂ ଭାବଗର୍ଭ ହେବ ।

ପ୍ରାଚୀନ ଉତ୍କଳସାହିତ୍ୟ ଭଣ୍ଡାରର ଅଧିକାଂଶ ପଦ୍ୟସାହିତ୍ୟରେ ପରିପୂର୍ଣ୍ଣ । ଗଦ୍ୟସାହିତ୍ୟ ବିରଳ ଦେଖାଯାଏ । ପ୍ରାଚୀନ ପଦ୍ୟସାହିତ୍ୟରେ କଳାକୁଶଳତା ଦେଖାଯାଏ ।

ପ୍ରାଚୀନ ଓଡ଼ିଆ ସାହିତ୍ୟିକମାନେ କେବଳ ଭାଷା ଓ ଭାବ ଉପରେ ଦୃଷ୍ଟି ନ ରଖି ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖାଇ ଯାଇଛନ୍ତି । ଛନ୍ଦଲେଖା ପ୍ରାଚୀନ ଉତ୍କଳ ସାହିତ୍ୟର ଗୋଟିଏ ବିଶେଷତ୍ୱ । ଏ ବିଶେଷତ୍ୱ ଅନ୍ୟ କୌଣସି ସାହିତ୍ୟରେ ଦେଖାଯାଏ ନାହିଁ । ବୈଦେହୀଶ-ବିଳାସ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ବିଦଗ୍ଧଚିନ୍ତାମଣି, ରସକଲ୍ଲୋଳ ପରି ଗ୍ରନ୍ଥ ଅନ୍ୟ କୌଣସି ସାହିତ୍ୟରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଳଙ୍କାରଶାସ୍ତ୍ରର ଯେତେଗୁଡ଼ିଏ ନିୟମ ଅଛି, ପ୍ରାଚୀନ କବି ସେସମସ୍ତ ରକ୍ଷାକରି ଓଡ଼ିଆ ସାହିତ୍ୟକୁ ସମ୍ପୂର୍ଣ୍ଣ କରିଥିଲେ । ନାନା ଚତୁଷ୍ପଦୀ, ଛାନ୍ଦ, ବନ୍ଧ, ବାଣୀ, ଯମକ, ଅନୁପ୍ରାସ ଇତ୍ୟାଦିରେ ପ୍ରାଚୀନ ସାହିତ୍ୟ ଅଳଙ୍କୃତ । କବିବର ଉପେନ୍ଦ୍ର ଭଞ୍ଜ "ଅବନାରସତରଙ୍ଗ" ନାମକ ପୁସ୍ତକ ଲେଖି-ଯାଇଛନ୍ତି । ପୁସ୍ତକଟି ନିତାନ୍ତ ଛୋଟ ନୁହେଁ; ମାତ୍ର ସମସ୍ତ ଲେଖାରେ ବନା ନ ହିଁ । ଏ ନିୟମ ରକ୍ଷାକରି ସେଥିରେ ଏତାଦୃଶ ପୁସ୍ତକ ଲେଖିବା କେଡ଼େ କଠିନ କଥା ! "ବୈଦେହୀଶବିଳାସ"ରେ 'ବ' ନିୟମ ରକ୍ଷିତ ହୋଇଛି । ପ୍ରତ୍ୟେକ ପଦ 'ବ' ଅକ୍ଷରଯୁକ୍ତ ଶବ୍ଦ ଥାଇ ଆରମ୍ଭ, ପ୍ରତ୍ୟେକ ଛାନ୍ଦ ସେହିପରି ପଦରେ ଶେଷ ହୋଇଅଛି ଏବଂ ତାହା ମଧ୍ୟ 'ବ' ଅକ୍ଷରଯୁକ୍ତ; ଯଥା—ବାଇଶୀ, ବତିଶ, ବୟାଳିଶ, ବାଉନ, ବାସଠି, ବାହାତର, ବୟାଅଶୀ, ବୟାନବେ ଇତ୍ୟାଦି । ଏ ମଧ୍ୟ ସହଜ କଥା ନୁହେ । ଏଥିରୁ ଶବ୍ଦକୋଷ ଉପରେ କବିଙ୍କର କି ଆଧିପତ୍ୟ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହେଉ ନାହିଁ କି ?

ଭଞ୍ଜ ମହାଶୟଙ୍କର "କଳାକଉତୁକ" ନାମରେ ଗୋଟିଏ କ୍ଷୁଦ୍ର ପୁସ୍ତକ ଅଛି । ପୁସ୍ତକର ଶିରୋନାମ ମାତ୍ରୁ ଜଣାଯିବ ଯେ ପୁସ୍ତକଟି ଅମୂଳ 'କ' ନିୟମରେ ଲେଖାହୋଇଛି । ଉପରୋକ୍ତ ନାମରେ ତିନିଗୋଟି 'କ' ବ୍ୟବହୃତ ହୋଇଛି, ଯଥା—ଆଦ୍ୟରେ 'କ', ମଧ୍ୟରେ 'କ' ଏବଂ ପ୍ରାନ୍ତରେ 'କ' । ସମସ୍ତ ପୁସ୍ତକଟିରେ ପଦମାନ ଏହି ନିୟମରେ ଲେଖାଯାଇଛି ।

ଉକ୍ତ ମହାଶୟଙ୍କର "ଚିତ୍ରକାବ୍ୟବନ୍ଧୋଦୟ" ନାମକ ପୁସ୍ତକରେ ସେ ନାନା-ବନ୍ଧନୀତିର ପରିଭାଷା ଦେଖାଇ ଯାଇଛନ୍ତି । ଉକ୍ତ ମହାଶୟଙ୍କ କବିତା ଏଥିରୁ ଅନ୍ୟ ଅଧିକ, ମାତ୍ର ସମସ୍ତ କବିତା ସରସ ।

କବି ଅଭିମନ୍ୟୁ ସାମନ୍ତସିଂହାର ଜଣେ ଉଚ୍ଚଦରର ସାହିତ୍ୟିକ ଥିଲେ । ରଚିତ ଭାବାବଳି କିପରି ସୁଲଳିତ, ପ୍ରାଞ୍ଜଳ ଭାଷାରେ ପ୍ରକାଶ କରାଯାଇପାରେ, ସାମନ୍ତସିଂହାର "ବିଦଗ୍ଧଚିନ୍ତାମଣି"ରେ ତାହା ଦେଖାଇ ଯାଇଛନ୍ତି । ବିଦଗ୍ଧଚିନ୍ତାମଣିର ଭାଷା ଅତି ଉନ୍ନତ । ଭାଷା ଉନ୍ନତ କିପରି ହୁଏ ? ଯେତେବେଳେ ଭାଷା ସକଳ ପ୍ରକାର ଭାବ ପ୍ରକାଶ କରିବାକୁ ସକ୍ଷମ ହୁଏ, ସେତେବେଳେ ହିଁ ଭାଷାର ଉନ୍ନତ ଅବସ୍ଥା । ପଦ ଯୋଡ଼ି କବି ହେବା ସହଜ, ମାତ୍ର ପ୍ରାଞ୍ଜଳ ଭାଷାଦ୍ୱାରା ଭାବ ବ୍ୟକ୍ତ କରିବା ସହଜ ନୁହେ । କବି ହେବା ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ । କବିତା ଲେଖିବା ଶକ୍ତି ଐଶ୍ୱରିକ । ସେ ଶକ୍ତି ଯାହାଠାରେ ଥାଏ,

ତାର କବିତା ଶୁଣିବାମାତ୍ରେ ହୃଦୟର ତନ୍ତ୍ରୀ ଭଳି ଝଙ୍କାରିତ ହୁଏ । କବିତାପ୍ରିୟ ଈଶ୍ୱର ମୁଗ୍ଧ ହୁଅନ୍ତି, "ଅନ୍ୟ ପରେ କା କଥା" । ସାମନ୍ତସିଂହାରଙ୍କଠାରେ ଏହି ଶକ୍ତି ଥିଲା, ନଚେତ୍ ତାଙ୍କ କବିତା ପ୍ରାଣସ୍ପର୍ଶୀ ହୋଇ ନଥାନ୍ତା । "ବିଦଗ୍ଧଚିନ୍ତାମଣି"ର ସ୍ତୁତି ମନେହୁଏ ଭକ୍ତ ଦିନାକୁ ଭୁଲାଇବାର ପରିଚୟ କରୁଛନ୍ତି କି ?

"ରସକଲ୍ଲୋଳ" ଭାଷା ଅତି ସରଳ ଏବଂ ଭାବ ମଧ୍ୟ ସୁନ୍ଦରଭାବରେ ବ୍ୟକ୍ତ କରାଯାଇଛି ।

'ଭାଗବତ ବୃକ୍ଷ' ଓଡ଼ିଆ ସାହିତ୍ୟର ଗୋଟିଏ ଅମୂଲ୍ୟରତ୍ନ । ବୃକ୍ଷଟି ନ-ଅକ୍ଷର । ଏ ବୃକ୍ଷ ଭକ୍ତଶିରୋମଣି ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ । ଏ ମଧ୍ୟରେ ସମସ୍ତ "ଭାଗବତ" ଗ୍ରନ୍ଥକୁ ଭାଷାରେ ପ୍ରକାଶ କରି ଉତ୍କଳର ଭୂତ ଭବିଷ୍ୟ ଉପକାର କରିଯାଇଛନ୍ତି । ଭାଗବତ ପରି କଠିନ ସଂସ୍କୃତ ଗ୍ରନ୍ଥ ଭାଷାରେ ପ୍ରକାଶିତ ହୋଇ ନଥିଲେ ଜନସାଧାରଣ ଭାଗବତପାଠରୁ ବଞ୍ଚିତ ହୋଇଥାନ୍ତେ । ଭାଗବତର ଭାଷା ଯେମନ୍ତ ସରଳ, ଶବ୍ଦଗୁଡ଼ିକ ସେହିପରି ସୁମିଷ୍ଟ ଭାବରେ ବ୍ୟକ୍ତ କରାଯାଇଛି । ସାରଳାଦାସ ମହାଭାରତକୁ ଛନ୍ଦରେ ଲେଖିଯାଇଛନ୍ତି । ବଳରାମ ଦାସ ରାମାୟଣ ଓ ଭଗବଦ୍‌ଗୀତାକୁ ଛନ୍ଦରେ ପ୍ରକାଶ କରିଯାଇଛନ୍ତି । ପ୍ରାଚୀନ ଉତ୍କଳ ସାହିତ୍ୟ ଲେଖକ ପ୍ରାୟ ସମସ୍ତ କବିମାନେ ଛନ୍ଦର ଆଶ୍ରୟ ନେଇଥିବାର ଦେଖାଯାଏ । ଛନ୍ଦର ନାନା ଶାଖାପ୍ରଶାଖା ଅଛି, ମାତ୍ର ମୂଳତଃ ପ୍ରାଚୀନ ଓଡ଼ିଆ ସାହିତ୍ୟ ଛନ୍ଦରେ ସମଳଙ୍କୃତ । ଭିନ୍ନ ଭିନ୍ନ କବି ଭିନ୍ନ ଭିନ୍ନ ବିଷୟକୁ ଭିନ୍ନ ଭିନ୍ନ ରାଗ-ବୃତ୍ତରେ ଲେଖିଛନ୍ତି । ମାତ୍ର ଆମ୍ଭେ ସମସ୍ତଙ୍କୁ ଛନ୍ଦ ବୋଲି ଧରିନେଇଅଛୁଁ ।

ଏହି ଛନ୍ଦବହୁଳତା ଦେଖି ଜଣାଯାଏ ଯେ ପ୍ରାଚୀନ ଉତ୍କଳ ସେତେବେଳେ ଗୀତସାହିତ୍ୟରେ କାଳଯାପନ କରୁଥିଲା । ଗୀତ ଗାଇବା ସେ କାଳର ସାଧାରଣ ରୀତି ଥିଲା । ଲୋକେ ଗୀତରେ ଅନୁରକ୍ତ ଥିଲେ । ଗଦ୍ୟ ଅପେକ୍ଷା ଲୋକେ ସେତେବେଳେ ଛନ୍ଦକୁ ବେଶୀ ଆଦର କରୁଥିଲେ । ଛନ୍ଦ ସହଜରେ ମୁଖସ୍ଥ ହୋଇପାରେ ଏବଂ ଗୀତଦ୍ୱାରା ଭାବଟା ବେଶି ହୃଦୟସ୍ପର୍ଶୀ ହୁଏ । ବୋଧହୁଏ ଏହି କାରଣରୁ ଗଦ୍ୟସାହିତ୍ୟ ପ୍ରାଚୀନ ଉତ୍କଳରେ ବିଶେଷ ଅଭ୍ୟୁଦୟ ଲାଭ କରିନଥିଲା ।

କେହି କେହି କହନ୍ତି, ପ୍ରାଚୀନ ଉତ୍କଳସାହିତ୍ୟ କେବଳ ଆଡ଼ମ୍ବରପୂର୍ଣ୍ଣ, ତାହା ବର୍ତ୍ତମାନ ଯୁଗର ଉପଯୋଗୀ ନୁହେଁ । ଅଶ୍ଳୀଳ ବର୍ଣ୍ଣନା ପ୍ରାଚୀନ ସାହିତ୍ୟରେ ବହୁତ ସ୍ଥଳମାନଙ୍କରେ ଦେଖାଯାଏ; ସୁତରାଂ ସେଗୁଡ଼ିକ ଆଧୁନିକ ଶିକ୍ଷିତ ଯୁବକମାନଙ୍କର ପଠନ ଯୋଗ୍ୟ ହୁଏ ନାହିଁ ।

ପ୍ରାଚୀନଉତ୍କଳ ସାହିତ୍ୟକୁଞ୍ଜର ଯେଉଁଠି ସେଉଁଠି ଦୁଇ ଚାରି କଦାଚାର ହୋଇଥାଏ, ତେବେ ସେ କଣ୍ଟକଟିକୁ ଏଡ଼ାଇଦେଇ ପରିଷ୍କାର କରିବା, ନା ସେହି ବୃକ୍ଷଗୁଡ଼ିକ ସବୁ ଉପାଡ଼ି, ସେଗୁଡ଼ିକ କାଟିଦେଇ ତାହା ସ୍ଥାନରେ ଅନ୍ୟ ମନୋହର ବୃକ୍ଷ ରୋପଣ କରିବା ?

ମୋ ମତରେ ଲେଖିଥିବି ବାସ୍ତବସ୍ । କିନ୍ତୁ ପ୍ରାଚୀନ ସାହିତ୍ୟର ସମାଲୋଚନା କଲାବେଳେ ଦେଶକାଳ-ପାତ୍ରର ବିବେଚନା ନିତାନ୍ତ ଆବଶ୍ୟକ । କୌଣସି ଏକ ଶ୍ରେଷ୍ଠ ଗ୍ରନ୍ଥର ସମାଲୋଚନା କଲେ ଗ୍ରନ୍ଥକର୍ତ୍ତା କେଉଁ ସ୍ଥାନର ଏବଂ କେଉଁ ଯୁଗର ଲୋକ, ତାହାପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ତାଙ୍କ ପାରିପାର୍ଶ୍ୱିକ ଅବସ୍ଥା କିପରି ଥିଲା, ତାହାର ବିଚାର ଆବଶ୍ୟକ । ଏ ସମସ୍ତ କଥାମାନଙ୍କୁ ଦେଖିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ କୌଣସି ତ୍ରୁଟିକୁ ବଡ଼ ଅସଙ୍ଗତ ବୋଧ ହୁଏ ନାହିଁ । ଅତିରଞ୍ଜିତ ପଦ୍ୟ ବା ଲେଖା କେଉଁ ସାହିତ୍ୟରେ ନାହିଁ ? ବଙ୍ଗସାହିତ୍ୟ ଦେଖ, "ବିଦ୍ୟାସୁନ୍ଦର" ଅଶ୍ଳୀଳତା ପରିପୂର୍ଣ୍ଣ । ଇଂରେଜୀ ସାହିତ୍ୟ ଦେଖ, ସେହି କଥା ପାଇବ । ସାହିତ୍ୟ ସାମୟିକ ରୁଚିସ୍ରୋତକୁ ଅବଲମ୍ବନକରି ଲିଖିତ ହୁଏ । ଦେଶରେ ଯେଉଁ ରସାତ୍ମକ ଭାବ ଯେତେବେଳେ ପ୍ରାଧାନ୍ୟ ଲାଭକରେ, ସାହିତ୍ୟ ସେତେବେଳେ ସେହି ଭାବାତ୍ମକ ହୁଏ, ଏହାହିଁ ପ୍ରାକୃତିକ ନିୟମ । ବର୍ତ୍ତମାନ ଯେଉଁ କଥାକୁ ଆମ୍ଭମାନଙ୍କର ଦୃଷ୍ଟିକଟୁ ବା ତ୍ରୁଟିକୁ, ପୂର୍ବକାଳରେ ତାହା ସେପରି ନଥିଲା । ଖୁବ ସମ୍ଭବତଃ; ମାତ୍ର ଆମ୍ଭମାନଙ୍କୁ ଏ ସମସ୍ତ ସାହିତ୍ୟକୁ ସାହିତ୍ୟ ଦୃଷ୍ଟିରେ ଦେଖିବାକୁ ହେବ । ଏହା କେତେଦୂର ଉନ୍ନତ ହୋଇଥିଲା, ଖୁବ କେତେଦୂର ପରିପୁଷ୍ଟ ହୋଇଥିଲା, ଏହାହିଁ ଆମ୍ଭମାନଙ୍କର ଦ୍ରଷ୍ଟବ୍ୟ । ଏହାଦ୍ୱାରା ବର୍ଣ୍ଣନା କରିବାରେ କବିମାନେ କେତେଦୂର ସମର୍ଥ ହୋଇଥିଲେ ତାହା ମଧ୍ୟ ଦେଖିବାକୁ ହେବ । କେବଳ ଅଶ୍ଳୀଳ ବୋଲି ପ୍ରାଚୀନ ସାହିତ୍ୟକୁ ତ୍ୟାଗକଲେ ଚଳିବ ନାହିଁ । ପ୍ରାଚୀନ ଉତ୍କଳ ସାହିତ୍ୟରେ କବିମାନେ ଯେଉଁ ଦକ୍ଷତା ଓ କଳାକୁଶଳତା ଦେଖାଇଛନ୍ତି, ସେଥିରୁ ଆମ୍ଭମାନଙ୍କର ଗର୍ବ କରିବାର କଥା । ତାହାର ଗୌରବ ଦେଖାଇବାକୁ ହେଲେ ସାହିତ୍ୟ ହିଁ ଜାତିର ପ୍ରଧାନ ସମ୍ବଳ ।

ସେ କାଳର କବିମାନେ ଆପଣା କୀର୍ତ୍ତି-ପତାକା ଉଡ଼ାଇ ନାମ କରିବାକୁ ପ୍ରୟାସୀ ନଥିଲେ । ସେତେ ଭଲ ଆତ୍ମପରିଚୟ ଦେଇ ନାହାନ୍ତି, କେତେ ଲୋକଙ୍କର ନାମ, ଜାତି, ଗୋତ୍ର ଜାଣିବାର ଉପାୟ ନାହିଁ । କାରଣ ସେମାନେ ପ୍ରଶଂସାପ୍ରିୟ ନଥିଲେ । କେବଳ ସେମାନଙ୍କ ଲେଖା ପଢ଼ି ଆନନ୍ଦାନୁଭବ କଲେ ହେଲା । ସେମାନଙ୍କ ନାମକୁ କିଏ ଚିହ୍ନିବ, ଏହାହିଁ ସେମାନଙ୍କର ଧାରଣା ଥିଲା । ସେ କାଳରେ ଅଜ୍ଞକାଳପରି ସମ୍ବର୍ଦ୍ଧିତ କରି ତାହାର ପ୍ରଶଂସା କରିବା କିମ୍ବା ଖବରକାଗଜରେ ଲେଖିବାର ପ୍ରଥା ନଥିଲା । ସେତେବେଳେ ପୃଥିବୀରେ ନୋବେଲ ପୁରସ୍କାର ପ୍ରବର୍ତ୍ତିତ ହୋଇ ନଥିଲା । ଆଜି କବି ରବୀନ୍ଦ୍ର ଠାକୁର 'ଗୀତାଞ୍ଜଳି' ଲେଖି ଜଗଦ୍‌ବିଖ୍ୟାତ ହେଲେ ଏବଂ ନୋବେଲ୍ ପୁରସ୍କାର ପାଇଲେ । ମାତ୍ର, ପ୍ରାଚୀନ ଉତ୍କଳୀୟ କବିମାନେ 'ଗୀତାଞ୍ଜଳି'ଠାରୁ ଆହୁରି ଶ୍ରେଷ୍ଠ ଧରଣର କବିତା ଲେଖି ମଧ୍ୟ ଆଜି ସେମାନଙ୍କ ନାମ ସେହି ଅନ୍ଧକାର ମଧ୍ୟରେ ରହିଲା । ଆମ୍ଭେମାନେ ସେମାନଙ୍କର ସେହି ଅଯୋଗ୍ୟ ବଂଶଧର । ସେମାନଙ୍କ ଲେଖାରେ ନ ବୁଝିପାରି ଅଥଚ ତାହା ଜଗତକୁ ଦେଖାଇ ଆପଣା ଜାତୀୟ ଗୌରବ ରକ୍ଷା କରିବା ଦୂରେଥାଉ, ପ୍ରାଚୀନ ସାହିତ୍ୟ

ଅଶ୍ଳୀଳପୂର୍ଣ୍ଣ ବୋଲି ଦେଖୁଥିବା ପାଠକମାନଙ୍କୁ ଘୃଣା ବୋଧହେଲା । ହାୟ ! କି ପରିତାପର କଥା !

ପ୍ରାଚୀନ ଓଡ଼ିଆ ସାହିତ୍ୟର ଅଧିକାଂଶ ଗ୍ରନ୍ଥ "ରାଧାକୃଷ୍ଣ" ଚରିତ୍ର ଅବଲମ୍ବନରେ ଲିଖିତ ଏବଂ କେତେକ "ସୀତାରାମ" ଚରିତ୍ର ଅବଲମ୍ବନରେ ଲିଖିତ । ରାଧାକୃଷ୍ଣ ଓ ସୀତାରାମ ହିନ୍ଦୁଜାତିର ଆଦର୍ଶ ସ୍ତ୍ରୀ ପୁରୁଷ । ରାଧାକୃଷ୍ଣ ହିନ୍ଦୁର ଯେପରି ପୂଜ୍ୟ, ସୀତାରାମ ମଧ୍ୟ ସେହିପରି ପୂଜ୍ୟ । ହିନ୍ଦୁ ଏମାନଙ୍କୁ ଈଶ୍ୱରାବତାର ବୋଲି ବିଶ୍ୱାସ କରେ ଏବଂ ଏମାନଙ୍କୁ ଦେବତା ଜ୍ଞାନରେ ପୂଜାକରେ । ଏମାନଙ୍କ ଚରିତ୍ର ଶୁଣି ହିନ୍ଦୁ ଆପଣାକୁ କୃତାର୍ଥ ମନେକରେ । ଏମାନଙ୍କ ଚରିତ୍ର ଶ୍ରବଣ ହିନ୍ଦୁର ନିତ୍ୟ-ନୈମିତ୍ତିକ କ୍ରିୟାକଳାପର ପ୍ରଧାନ ଅଙ୍ଗ । ରାଧାକୃଷ୍ଣପ୍ରେମ ହିନ୍ଦୁଜାତିର ଅଧଃପତିତ ନୁହେଁ ବା ଅଶ୍ଳୀଳ ନୁହେଁ । ହିନ୍ଦୁ ରାଧାକୃଷ୍ଣ-ପ୍ରେମସ୍ରୋତରେ ଭାସିଯାଇଲେ ଧର୍ମଲାଭ କରେ । ରାଧାକୃଷ୍ଣ ନାମ ଆବାଳବୃଦ୍ଧବନିତାଙ୍କ କଣ୍ଠ ଏବଂ ଏମାନେ ରାଧାକୃଷ୍ଣ-ଚରିତ୍ର ଶ୍ରବଣରେ ମୁଗ୍ଧ । ଏହି ଭାବ ଯେଉଁଠାରେ ହିନ୍ଦୁର ଘରେ ଘରେ ପ୍ରଚାରିତ, ସାହିତ୍ୟ ସେ ଭାବଗୁଡ଼ିକ ପ୍ରକାଶ କରିବା ସ୍ୱାଭାବିକ ଏବଂ ସାହିତ୍ୟ ସେହି ପ୍ରେମରସାତ୍ମକ ବର୍ଣ୍ଣନାରେ ପରିପୂର୍ଣ୍ଣ ହେବା ସ୍ୱାଭାବିକ । ରାଧାକୃଷ୍ଣପ୍ରେମ ସ୍ୱର୍ଗୀୟ ପ୍ରେମ, ଏହା ପାର୍ଥିବ କାମଭାବ ନୁହେଁ । ରାଧାକୃଷ୍ଣ ଅର୍ଥରେ ଜୀବ ଓ ଈଶ୍ୱର ବୋଲି ବୁଝିବାକୁ ହେବ । ଜୀବ ଈଶ୍ୱରଙ୍କୁ ପାଇବା ଲାଗି ଯତ୍ନ । ଚେଷ୍ଟା ଏବଂ ଭକ୍ତିଜନ୍ମରେ ଜୀବର ଏହାହିଁ ପ୍ରଧାନ ଉଦ୍ଦେଶ୍ୟ । ମାତ୍ର ଜୀବ ଈଶ୍ୱରଲାଭ କରିବ କିପରି ? ରାଧାଙ୍କର ଶ୍ରୀକୃଷ୍ଣଙ୍କଠାରେ ଯେପରି ଏକାନ୍ତ ଭକ୍ତି ଓ ପ୍ରେମ, ଜୀବ ଈଶ୍ୱରଙ୍କଠାରେ ସେହିପରି ଭକ୍ତି ଓ ପ୍ରେମ କରିପାରିଲେ ଈଶ୍ୱରଲାଭ ହେବ । ଏହି କଥା ଶିକ୍ଷା ଦେବା ଲାଗି ରାଧାକୃଷ୍ଣଙ୍କର ମର୍ତ୍ତ୍ୟରେ ଅବତାର । ରାଧାକୃଷ୍ଣଙ୍କ ଚରିତ୍ରକୁ ହିନ୍ଦୁ ଏହି ଦୃଷ୍ଟିରେ ଦେଖେ । ଏହି ଦୃଷ୍ଟିରେ ଦେଖିଲେ ଆଉ ରାଧାକୃଷ୍ଣଚରିତ୍ରରେ ଅଶ୍ଳୀଳତା ରହେନାହିଁ । ଅଶ୍ଳୀଳ ବୋଲି କୌଣସି ନିର୍ଦ୍ଦିଷ୍ଟ ପଦାର୍ଥ ନାହିଁ, ଏହା ଭାବ ଓ ରୁଚିର ବିକାର ମାତ୍ର । "ଭିନ୍ନରୁଚିର୍ହି ଲୋକଃ" ଅର୍ଥାତ୍ ସବୁ ଲୋକଙ୍କ ରୁଚି ସମାନ ନୁହେଁ । କିଏ କେଉଁ ବସ୍ତୁକୁ କି ଦୃଷ୍ଟିରେ ଦେଖେ ତାହା ସ୍ଥିର କରି କୁହାଯାଇନପାରେ । ତେବେ ଅନେକ ସ୍ଥଳରେ ଦେଖାଯାଏ ଯେ ଯେଉଁ କଥାକୁ ଆମ ଦେଶରେ ଆମ୍ଭେମାନେ ଅଶ୍ଳୀଳ ବୋଲି କହୁଁ, ଅନ୍ୟ ଦେଶ ଲୋକେ ହୁଏତ ସେହି କଥାକୁ ଅଶ୍ଳୀଳ ବୋଲି କହିବେ ନାହିଁ । ସମୟ ପରିବର୍ତ୍ତନ ସଙ୍ଗେ ରୁଚିର ମଧ୍ୟ ପରିବର୍ତ୍ତନ ହୁଏ । ଅନ୍ୟ ଦେଶବାସୀ ଲୋକମାନଙ୍କ ସଂସର୍ଗରେ ମଧ୍ୟ ରୁଚିର ପରିବର୍ତ୍ତନ ହୁଏ । ଆମ୍ଭମାନଙ୍କର ଦଶା ମଧ୍ୟ ସେହିପରି ହୋଇଅଛି । ବର୍ତ୍ତମାନ ପାଶ୍ଚାତ୍ୟବାସୀମାନଙ୍କ ସଂସର୍ଗରେ ବହୁ ଆମ୍ଭମାନଙ୍କର ରୁଚିବିକାର ଘଟିଛି । ସାହେବମାନେ ଯାହାକୁ କହିବେ ଶ୍ଳୀଳ ଓ ସୁନ୍ଦର, ଆମ୍ଭେ ତାହାକୁ ତାହାହିଁ ଶ୍ଳୀଳ ଓ ସୁନ୍ଦର । ଅନ୍ୟଥା ହେଲେ ଅଶ୍ଳୀଳ ଓ ଅସୁନ୍ଦର । ଉନ୍ନତ ପାଠକ 'Mysteries of the Court of London' ଅର୍ଥାତ୍ "ଲଣ୍ଡନର ଗୁପ୍ତ ରହସ୍ୟ" ନାମକ ପୁସ୍ତକର ନାମ ଶୁଣିଥିବେ ।

ଏ ପୁସ୍ତକରେ ଗୂଢ଼ ପ୍ରେମ-ରହସ୍ୟ ବର୍ଣ୍ଣିତ ହୋଇଛି । ସେ ପୁସ୍ତକ ଆମ୍ଭମାନଙ୍କୁ ପଢ଼ିବାକୁ ମିଳିଲେ । ଉତ୍ତମ ଦାମ ଦେଇ ସେ ପୁସ୍ତକଗୁଡ଼ିକ କିଣି ଘରେ ରଖିବାକୁ ଭଲପାଉ । ଏ ପୁସ୍ତକର ଯେଉଁ ସବୁଶ୍ରୀ କାଣ୍ଡମାନ ବର୍ଣ୍ଣିତ ହୋଇଛି, ସେପରି ବର୍ଣ୍ଣନା ପ୍ରାଚୀନ ଉତ୍କଳ ସାହିତ୍ୟର କୌଣସି ପୁସ୍ତକରେ ନାହିଁ । ଅଥଚ "ଲଣ୍ଡନ ଗୁପ୍ତ ରହସ୍ୟ" ଆମ୍ଭମାନଙ୍କର ପାଠ୍ୟ । ମାତ୍ର ରେନଲ୍ଡସ୍ ଭଳି ଲେଖା ପଢ଼ିଲେ ଆମ୍ଭେମାନେ ଲାଭ ହେବୁ କାହିଁକି ? ଲଣ୍ଡନରୁ ଆସିବା "ଗୁପ୍ତ ରହସ୍ୟ"—ରେନଲ୍ଡସଙ୍କ ଲେଖା । ଜୁଲଙ୍ଗ ସେସବୁଗୁଡ଼ିକ ପଢ଼ି ଆମ୍ଭେମାନେ ଧନ୍ୟ ହେଉ । ରିଡେଲ୍ସ ଲେଖାକୁ ସତ କୌଣସି ସାହେବ କହେ ଯେ ସେଟା ଭଲ ଲେଖା, ତେବେ ଆଉ ଆମ୍ଭମାନେ ସମସ୍ତେ ଏକସ୍ୱରରେ ତାର ପ୍ରଶଂସା କରନ୍ତି । ଆମ୍ଭେମାନେ ଏତେଦୂର ପରମୁଖାପେକ୍ଷୀ ହୋଇପଡ଼ିଲୁଣି ଯେ ଘରପଦାର୍ଥଗୁଡ଼ାକ ଆମ୍ଭମାନଙ୍କ ଆଖିକୁ ଆଉ ପଡ଼ୁନାହିଁ । ଏ ଘୋର ଦୁର୍ଦ୍ଦଶାରୁ ଆମ୍ଭେମାନେ କେବେ ଶାନ୍ତି ପାଇବା ! ଭଗବାନ ଶୀଘ୍ର ଆମ୍ଭମାନଙ୍କର ମତିଗତି ନ ଫେରାଇଲେ ଆମ୍ଭେମାନେ ଏକାବେଳକେ ଉତ୍କଳକୁ ଭୁଲିବାପରି ବୋଧ ହେଉଅଛି ।

ପ୍ରାଚୀନ ଉତ୍କଳ ସାହିତ୍ୟରେ କେବଳ ଆଦିରସଘଟିତ ଲେଖା ନାହିଁ । ବୀରରସ ଲେଖା ଅଛି, କରୁଣରସର ଲେଖା ଅଛି, ହାସ୍ୟରସ ଲେଖା ଅଛି; ମୋଟାମୋଟି କହିବାକୁ ଗଲେ କୌଣସି ରସ ଏକାବେଳକେ ଲୋପ ହୋଇନାହିଁ । ଆଧ୍ୟାତ୍ମିକ ଭାବାତ୍ମକ ଲେଖାର ପ୍ରାଚୁର୍ଯ୍ୟ ଦେଖାଯାଏ । କେବଳ ପ୍ରାଚୀନ କାଳରେ ଆଧ୍ୟାତ୍ମିକ ଚିନ୍ତା ପ୍ରତି ବିଶେଷ ଦୃଷ୍ଟି ଦେଉଥିବାର ଏହା ଗୋଟିଏ ଉତ୍କୃଷ୍ଟ ପ୍ରମାଣ ।

ଜୀବ ଭୂମିଷ୍ଠ ହେବା ସଙ୍ଗେ ସଙ୍ଗେ ସୁଖାନ୍ୱେଷଣ କରେ । ମଣିଷଠାରୁ କୀଟ ଯାଏ ଜୀବ ହେଉ ସୁଖାନ୍ୱେଷଣ କରେ । ଏ ଜୀବ ଆନନ୍ଦଧାମରେ ଥାଇ ପୂର୍ଣ୍ଣ ସୁଖ ଅନୁଭବ କରୁଥିଲା; ମାତ୍ର ଜନ୍ମହେବାକ୍ଷଣି ସେ ସୁଖରୁ ବଞ୍ଚିତ ହେଲା । ବର୍ତ୍ତମାନ ଖୋଜୁଅଛି ସେ ସୁଖ କାହିଁ, କେଉଁଠି ରହିଲା ? ଆମୋଦନେ ଇନ୍ଦ୍ରିୟ ଦେଖିଥିବେ । ଇନ୍ଦ୍ରିୟ ଗଣ ପାଇଲେ ସନ୍ତୋଷ ଲାଭ କରିବ । ମାତ୍ର ତାହା ଖୋଜୁ ଖୋଜୁ ପଥରେ ଅନେକ ଦୋଷ ଘଟେ । ପ୍ରତ୍ୟେକ ପଦାର୍ଥକୁ ଠିକଣା ବୁଝିଦେଇ ତ୍ୟାଗ କରେ—ନା, ଏ ନୁହେଁ ? ଏହିପରି ଭାଳି ଭାଳି ଯେତେବେଳେ ତାହାର ବାଞ୍ଛିତ ପଦାର୍ଥ ପାଏ, ସେତେବେଳେ ସେଥି ସୁଖାନୁଭବ କରି ଆନନ୍ଦରେ ତା ଚିତ୍ତ ମିଶିଯାଏ । ଏ ଜଗତର ଗତି ଜନ୍ମଠାରୁ ଏହି ପ୍ରକାର । ଆମ୍ଭମାନଙ୍କର ବାଞ୍ଛିତ ସୁଖ ବୈଷୟିକ ଉନ୍ନତିରେ ନାହିଁ । ଆଧ୍ୟାତ୍ମିକ ଉନ୍ନତିର ଶେଷ ସୋପାନକୁ ଗଲେ ସେ ସୁଖ ମିଳିବ ନାହିଁ । ହିନ୍ଦୁମାନଙ୍କର ଏ ଧାରଣା ସହଜରେ ହୁଏ ନାହିଁ । ମାନବ ପ୍ରଥମେ ଇନ୍ଦ୍ରିୟଲଭ୍ୟ ସୁଖ ବୈଷୟିକ ଉନ୍ନତିରୁ ପାଇବ ବୋଲି ବିଶ୍ୱାସ କରେ । ସେହି କଥାରେ ଶାସ୍ତ୍ରବାଦୀମାନେ ଭଣ୍ଡାଇ ହୋଇପଡ଼ନ୍ତି । ଇନ୍ଦ୍ରିୟ ଉପରେ ବୈଷୟିକ ସୁଖରେ ମନବୋଧ କରିଲେ ଆଧ୍ୟାତ୍ମିକ ଚିନ୍ତା ଅଟକି ଯାଏ

ହୋଇଥାଏ । ନବନିଧାରଣ ଜଣବାଲିତି ଧନରୁ ଆନୁଶାଙ୍ଗ ଅଛୁ ଏବଂ ବୈଦିକ ଧର୍ମର ଏଗାରକାଳରେ ପରିତ୍ୟାଗ କରନ୍ତି । ଶୀଘ୍ର ଭାବରେ, ଅନ୍ତରେ ସ୍ୱଭାବରେ ବାହ୍ୟ ଧର୍ମ କର ଆଧ୍ୟାତ୍ମିକ ଉନ୍ନତି ପ୍ରତି ଲକ୍ଷ୍ୟ ରଖିବ । ଏହାହିଁ ଉତ୍କୃଷ୍ଟ ପନ୍ଥା ।

ପ୍ରାଚୀନ ଉତ୍କଳ ଶାସ୍ତ୍ରୀୟରେ ଆଧ୍ୟାତ୍ମିକ ଚିନ୍ତାର ପ୍ରାଚୁର୍ଯ୍ୟ ଦେଖି ମନେହୁଏ ହେଁ, ବୌଦ୍ଧ ଜୈନ ଧର୍ମମାନଙ୍କର ସଂଘାତର ଭିତ୍ତିଭୂମି ଉପରେ ଗଢ଼ିଉଠିଥିଲା ବୈଷ୍ଣବଧର୍ମର ପ୍ରାଧାନ୍ୟ ହେଲା । ଏହି କାରଣରୁ ଉତ୍କଳ ସହଜରେ ସ୍ୱାଧୀନତା ହରାଇବସିଲା ।

ଆଜିକାଲି କେତେ ଲୋକ କହନ୍ତି, ଓଡ଼ିଆରେ ଭଲ ସଙ୍ଗୀତ ନାହିଁ । ଅନେକ ଲୋକ ଏବଂ ଶିକ୍ଷିତମାନଙ୍କର ସେପରି ଧାରଣା ଯେ, ଓଡ଼ିଆ ସଙ୍ଗୀତ ସେପରି ମନକୁ ଆସେ ନାହିଁ । ଏଠାରେ ସେମାନଙ୍କ ଯୁକ୍ତି—ଅଜ୍ଞତା । ଦୁଃଖର ବିଷୟ ଯେ, ଓଡ଼ିଆ ସଙ୍ଗୀତ କେଉଁଠି ଭଲ ଅଛି ତାକୁ ଖୋଜି ବାହାର କରିବାକୁ ଚେଷ୍ଟା କରୁଥିବାର ଦେଖାଯାଏ ନାହିଁ । ମାତ୍ର ହିନ୍ଦୀଗୀତକୁ ବଳେ ନିଜର ମନେ କରନ୍ତି । ଓଡ଼ିଆଭାଷାରେ ଅନେକ ଉଚ୍ଚ ସଙ୍ଗୀତ ଅଛି, ନାନା ରସାତ୍ମକ ସଙ୍ଗୀତ ଅଛି; ମାତ୍ର ସେଗୁଡ଼ିକ ପଢ଼ାକୁ କେହି ଚାହାନ୍ତି ନାହିଁ । କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ, ବନମାଳୀ ପ୍ରଭୃତି ପ୍ରାଚୀନ କବିମାନେ ସଙ୍ଗୀତଶାସ୍ତ୍ରରେ କେତେ କୁଶଳୀ ଥିଲେ, ସେ ସଙ୍ଗୀତମାନଙ୍କର କୋଟିଏ କୋଟିଏ ପଦ କୋଟିଏ କୋଟିଏ ଅମୂଲ୍ୟ ରତ୍ନ । ଏହି ସଙ୍ଗୀତମାନଙ୍କର କୋଟିଏ କୋଟିଏ ପଦକୁ ଭଲ ସଙ୍ଗୀତ ବୋଲି ଜାଣିବାର ନାହିଁ । ଓଡ଼ିଆ ସଙ୍ଗୀତ ସଂସ୍କୃତିଜ୍ଞମାନଙ୍କ ନିକଟରେ ଅପରିଚିତ ଏବଂ ଓଡ଼ିଆଭାଷା ନ ଜାଣିଥିବାରୁ ସେମାନଙ୍କ ସାହିତ୍ୟମାନେ ଓଡ଼ିଆ ସଙ୍ଗୀତ ପରିବାର ନା ବୁଝିବାର ସୁବିଧା ସୁଯୋଗ ପାଉନାହାନ୍ତି । ଯଦି ଏ ସୁଯୋଗ କେବେ ମିଳେ, କେବଳ ତେବେ ସମ୍ପୂର୍ଣ୍ଣ ଭାରତବର୍ଷରେ ସେ ଓଡ଼ିଆ ସଙ୍ଗୀତ ସମସ୍ତଙ୍କ ସଙ୍ଗୀତ ହେବ । ଓଡ଼ିଆ ସଙ୍ଗୀତ ମୁକ୍ତ । ଓଡ଼ିଆ ସଙ୍ଗୀତ ଭାବ ପ୍ରକାଶିନୀ ଅଦ୍ୟାବଧି ନାହାନ୍ତି । ଓଡ଼ିଶୀ ନୃତ୍ୟ ସମସ୍ତଙ୍କ ଜଣା । ଏ ସମ୍ପର୍କରେ କିଛି କହିବାର ନାହିଁ । ଏହି ସଙ୍ଗୀତ ନୃତ୍ୟ ଓ ମଞ୍ଚଅଭିନୟମାନଙ୍କରେ ଭଲି । ଓଡ଼ିଆ ସଙ୍ଗୀତ କେତେ ଉଚ୍ଚକୋଟିର, ତାହା ସଙ୍ଗୀତ କେତେକ କହନ୍ତି । ତାହା ସଙ୍ଗୀତ ଅନେକ ଅଂଶରେ ଦୃଷ୍ଟି ଉପଯୋଗୀ ହୋଇଛି । କିନ୍ତୁ ପ୍ରାଚୀନ ଓଡ଼ିଆ ସଙ୍ଗୀତ ଓ ପ୍ରାଚୀନ ବଙ୍ଗ ସଙ୍ଗୀତ ଉଭୟଙ୍କୁ ତୁଳନା କଲେ ଆକାଶ ପାତାଳ ପ୍ରଭେଦ । ଗୁଣାନୁଭବ ମଧ୍ୟ ସଙ୍ଗୀତ ଶାସ୍ତ୍ରାନୁମୋଦିତ । ବଙ୍ଗସଙ୍ଗୀତରେ ଯେଉଁ ଚୌତିସା ପ୍ରଭୃତି ଦେଖାଯାଏ, ସେଥି ବଙ୍ଗ ସଙ୍ଗୀତରେ କେଉଁଠି ଭାବ ପ୍ରସ୍ଫୁଟିତ ହୋଇଛି ?

ଦୁଃଖର ବିଷୟ, ସମସ୍ତ ଓଡ଼ିଆ ପୁସ୍ତକ ଏପର୍ଯ୍ୟନ୍ତ ପଢ଼ାକୁ ଆସିନାହିଁ । ଅନେକ ପୁସ୍ତକ ଗାଦିଘରରେ ନଷ୍ଟ ହେଲାଣି । ସେ ସବୁ କେଉଁଠି ପଡ଼ିଛି ତାର ସନ୍ଧାନ ନାହିଁ ।

ଏପର୍ଯ୍ୟନ୍ତ ଓଡ଼ିଆ ସୂତ୍ରଧରମାନଙ୍କର କୌଣସି ତାଲିକା ଠିକଣା ହୋଇ ପାରିନାହିଁ । ଏହାର [illegible] ନ ଦେଲେ ଓଡ଼ିଆ ଶିଳ୍ପୀଙ୍କ ମୂର୍ତ୍ତିରେ ଉତ୍କୀର୍ଣ୍ଣ ଲେଖା ହେବା ଅସମ୍ଭବ । ଏମନ୍ତ ସୂତ୍ରଧରମାନଙ୍କ ନ [illegible] ପାଇଁ ଓଡ଼ିଆ ଭକ୍ତମାନଙ୍କ ନାମ ବା ସେମାନଙ୍କ କଥା ଲେଖାହୋଇ ଅଛି । ଉତ୍କଳ-ଶାସ୍ତ୍ରୀୟ-ସମାଜ [illegible] ଖାଲି ହେଲେ ପ୍ରଚଳିତ ହୋଇ [illegible] କିଛି ଜଣାପଡ଼େ ନାହିଁ । ଏହି [illegible] ଶାସ୍ତ୍ରୀୟ-ସମାଜର ପ୍ରଥମ [illegible] ହୋଇ ଆସୁଅଛି । ବର୍ତ୍ତମାନ ସେଥି [illegible] ନାମ ଓ ସେମାନଙ୍କ ଉତ୍ତର ସୂତ୍ରଧରମାନଙ୍କର ନାମ ପ୍ରକାଶିତ ହୋଇଛି, ତାହାର ତାଲିକା ପରେ ଦେବୁ ।

କୋଣାର୍କ । ଉତ୍କଳରେ ମନ୍ଦିରମାନଙ୍କୁ ଦେଖିଆସୁଅଛୁ ଏବଂ ଓଡ଼ିଆମାନେ ଶିଳ୍ପମାନଙ୍କୁ ଦର୍ଶନ [illegible] ହୋଇ [illegible] । ଚୀନ ପରିବ୍ରାଜକ ହୁଏନ୍ ସାଂ [illegible] ୬୩୯ ଶତାବ୍ଦୀରେ ଉତ୍କଳକୁ ଆସିଥିଲେ । ତାଙ୍କ ଭ୍ରମଣବୃତ୍ତାନ୍ତରେ [illegible] ଆଲୋଚନା କରି ନାହାନ୍ତି; ମାତ୍ର ଉତ୍କଳରେ [illegible] ପ୍ରଭାବ ସେ ଦେଖିଥିଲେ ବୋଲି ଲେଖିଯାଇଛନ୍ତି । [illegible] ଓଡ଼ିଆମାନେ [illegible] କରୁଥିଲେ । ଏଥିରୁ ଓଡ଼ିଆମାନଙ୍କ ଶିଳ୍ପ ଓ ଭାଷା କେତେକ ପ୍ରାଚୀନକାଳ ତାହା [illegible] ଅନୁମେୟ ।

ଉତ୍କଳରେ ଲିଖିତ [illegible] ମନ୍ଦିରମାନଙ୍କୁ [illegible] ହେଉଥିଲେହେଁ ଉତ୍କଳ-[illegible] ସୂତ୍ରଧର [illegible] ହେବାରେ କିପରି [illegible] ଅନୁମାନ କରାଯାଏ । [illegible] ମତରେ ବ୍ରାହ୍ମଣମାନଙ୍କର [illegible] ଓ ଅଧ୍ୟାପନ, [illegible] । [illegible] ବ୍ରାହ୍ମଣମାନେ [illegible] ବୃତ୍ତି ପାଉଥିଲେ । [illegible] ଏବଂ [illegible] ବ୍ରାହ୍ମଣମାନେ [illegible] ନିୟୋଜିତ ହେଉଥିଲେ, କିନ୍ତୁ [illegible] । [illegible] ପାଉଥିଲେ । ବ୍ରାହ୍ମଣମାନଙ୍କର ଶିଳ୍ପ [illegible] । [illegible] ସେମାନେ [illegible] ମନ୍ଦିର ନିର୍ମାଣ କରୁଥିଲେ ବା [illegible] କରୁଥିଲେ ଯେ [illegible] ଶିଳ୍ପଶାସ୍ତ୍ରରେ ଲେଖି ରଖୁଥିଲେ ଓ [illegible] ଦ୍ୱାରା [illegible] କରୁଥିଲେ । ବ୍ରାହ୍ମଣମାନେ [illegible] ହୋଇ ନ ଥିଲେ [illegible] ଶାସ୍ତ୍ରରେ [illegible] ନ ଥିଲେ । ଏହି କାରଣରୁ ପ୍ରାଚୀନ ଉତ୍କଳୀୟ [illegible] ବ୍ରାହ୍ମଣମାନଙ୍କ ମଧ୍ୟରୁ ଅଧିକାଂଶ ଶିଳ୍ପଶାସ୍ତ୍ରରେ ପୁସ୍ତକ ପ୍ରଣୟନ କରୁଥିଲେ । ଶିଳ୍ପ-[illegible] । ପ୍ରାଚୀନ ଉତ୍କଳରେ ଏପରି ପ୍ରାଧାନ୍ୟ [illegible] ଯେ ବ୍ରାହ୍ମଣମାନେ [illegible] ଶିଳ୍ପ [illegible] ପାରଦର୍ଶିତା ଲାଭ କରିଥିଲେ ଓ ଶିଳ୍ପଶାସ୍ତ୍ରରେ ପୁସ୍ତକ ପ୍ରଣୟନ କରିଥିଲେ । [illegible]; ମାତ୍ର ଶିଳ୍ପଶାସ୍ତ୍ରରେ ଯେ 'ଭରତାର୍ଣ୍ଣବ' ନାମକ [illegible] ଅଛନ୍ତି । ପ୍ରାଚୀନ

ସାହିତ୍ୟିକମାନେ ସଂସ୍କୃତଭାଷାରେ ପୁସ୍ତକ ଆଦି ପ୍ରଣୟନ କରିବାକୁ ଗୌରବ ମନେ କରୁଥିଲେ । ଏପରି ବ୍ରାହ୍ମଣମାନେ ପ୍ରାକୃତଭାଷାରେ ଲିଖିତ ପୁସ୍ତକମାନଙ୍କୁ ହେୟ ଚକ୍ଷୁରେ ଦେଖୁଥିଲେ । ଏହିସବୁ କାରଣରୁ ଓଡ଼ିଆଭାଷାରେ ପୁସ୍ତକ ଲେଖାହେବାରେ ବିଳମ୍ବ ଘଟିଥିଲା ।

କାଳକ୍ରମେ ବ୍ରାହ୍ମଣମାନେ ରାଜାନୁଗ୍ରହରୁ ବଞ୍ଚିତ ହେଲେ । ରାଜାମାନେ ବୈଦେଶିକ ଶତ୍ରୁମାନଙ୍କ ଆକ୍ରମଣଦ୍ୱାରା ପ୍ରପୀଡ଼ିତ ହୋଇ ଲଣ୍ଡଭଣ୍ଡ ହେଲେ । କ୍ରମେ ବ୍ରାହ୍ମଣମାନେ ରାଜାନୁଗ୍ରହରୁ ବଞ୍ଚିତ ହେଲେ ଏବଂ ଉଦରଜ୍ୱାଳାରେ ପ୍ରପୀଡ଼ିତ ହୋଇ ଆପଣା କର୍ମ ତ୍ୟାଗ-କରି ଅନ୍ୟାନ୍ୟ ବ୍ୟବହାରରେ ମନ ଦେଲେ । ସଂସ୍କୃତଚର୍ଚ୍ଚାର ଅବନତି ହେଲା । ଲୋକମାନେ ଧର୍ମୋପଦେଶ ପାଇବାରୁ ବଞ୍ଚିତ ହେଲେ । ତପୋନିଷ୍ଠ ମହାତ୍ମାମାନେ ଦେଶର ଏବମ୍ଭୂତ ଅବସ୍ଥା ଦେଖି ଲୋକସାଧାରଣଙ୍କ ଉପକାରାର୍ଥେ ସଂସ୍କୃତ ସାହିତ୍ୟ-ଭଣ୍ଡାରରେ ନିହିତ ଥିବା ଧର୍ମ ଓ ନୀତିତତ୍ତ୍ୱମାନଙ୍କୁ ପ୍ରାକୃତଭାଷାରେ ପ୍ରକାଶ କଲେ ।

ପ୍ରାଚୀନ ଉତ୍କଳୀୟ ବ୍ରାହ୍ମଣମାନେ ବିଦ୍ୟାବଳ ଦ୍ୱାରା ଅଘଟନ ଘଟାଉଥିବାର ପ୍ରମାଣ ମିଳୁଅଛି । ମନ୍ତ୍ର ଓ ତନ୍ତ୍ରବିଦ୍ୟାରେ ବ୍ରାହ୍ମଣମାନେ ବହୁତ ପାରଦର୍ଶିତା ଲାଭ କରିଥିଲେ । ଚନ୍ଦ୍ରଶେଖର ବାହିନୀପତିଙ୍କ ବିଷୟ ଅନେକ ପାଠକ ଶୁଣିଥିବେ । ଏ ବିଷୟ ମାଦଳାପାଞ୍ଜିରେ ଲେଖାଅଛି । ପୂର୍ଣ୍ଣିମା ସୃଷ୍ଟିରେ ବାହିନୀପତି ତାମ୍ର ଥାଳ ଦେଇ 'ଚନ୍ଦ୍ରଶେଖର' ଉପାଧି ପାଇଥିଲେ । ବୁଢ଼ାମାଟିଆ ମିଶ୍ରଙ୍କ କଥା ଅନେକ ଲୋକ ଶୁଣିଥିବେ । ଏ ବିଷୟ ମଧ୍ୟ ମାଦଳାପାଞ୍ଜିରେ ଲେଖାଅଛି । ଓଡ଼ିଶା ରାଜା ଗଙ୍ଗେଶ୍ୱର ଦେବ ଥରେ ରାଣୀଙ୍କ ନିକଟ ଗର୍ବ କଲେ ଯେ "ବ୍ରାହ୍ମଣମାନେ ଶ୍ରେଷ୍ଠ" । ମାତ୍ର ରାଣୀ କହିଲେ, "ବୌଦ୍ଧମାନେ ଶ୍ରେଷ୍ଠ, ସେମାନେ ବଡ଼ ।" ପରୀକ୍ଷା ହେବାର କଥା ହେଲା । ଗୋଟିଏ ମାଟିଆରେ ଗୋଟିଏ ସର୍ପ ପୂରାଇ ବନ୍ଦ କରାଗଲା । ବୌଦ୍ଧମାନଙ୍କୁ ପ୍ରଶ୍ନ କରାଗଲା ଯେ "ମାଟିଆରେ କଣ ଅଛି କୁହ ।" ସେମାନେ ଉତ୍ତର ଦେଲେ, 'ମାଟିଆରେ ସର୍ପ ଅଛି' । ପୁଣି ବ୍ରାହ୍ମଣଙ୍କୁ ପ୍ରଶ୍ନ ହେଲା । ସେମାନେ କହିଲେ, "ଏହା ବୁଢ଼ାମାଟିଆ, ଏଥିରେ କିଛି ନାହିଁ ।" ତଦନନ୍ତରେ ମାଟିଆ ଖୋଲି ଦେଖିଲା ବେଳକୁ ଭୁଷୁ । ସେହିଦିନରୁ ବ୍ରାହ୍ମଣ "ବୁଢ଼ାମାଟିଆ" ପଦ ପାଇଲେ । ବୌଦ୍ଧମାନେ ପରାସ୍ତ ହୋଇ ଅନ୍ତିମ ଛାଡ଼ି ପଳାଇଲେ । ଏହି ସମୟରୁ ବୌଦ୍ଧଧର୍ମ ଲୋପ ହୋଇ ବୈଷ୍ଣବଧର୍ମ ପ୍ରବଳ ହେଲା । ଏ ପ୍ରକାର ବିଦ୍ୟାବଳରେ ବଳୀୟାନ୍ ହୋଇ ପ୍ରାଚୀନ ଓଡ଼ିଆ ପଣ୍ଡିତ ଓ କବିମାନେ ଭାରତରେ ପ୍ରତିଷ୍ଠାଲାଭ କରିଥିଲେ । ପ୍ରାଚୀନ ଉତ୍କଳରେ ଯେପରି ସାହିତ୍ୟଚର୍ଚ୍ଚା ଥିଲା, ଆଜି ଆଉ ସେପରି ଦେଖାଯାଏ ନାହିଁ । ପୂର୍ବେ ଭାଗବତ-ଘରମାନଙ୍କରେ ଭାଗବତପାଠ, ପୁରାଣପାଠ, ଅବସର ସମୟରେ ବାଣୀ ପାଳି, ଶବର-ଶବରୁଣୀ, ନଟମଙ୍ଗଳ, ଧ୍ରୁବଲୀଳା ଓ ରାମଲୀଳା ଆଦି ନୃତ୍ୟ, ଗୀତ ଓ ସଙ୍ଗୀତ ଆଖଡ଼ାମାନ ହେଉଥିଲା । ସେହିସବୁ ଅନୁଷ୍ଠାନ ଦ୍ୱାରା ସାଧାରଣ ଲୋକମାନଙ୍କ ମଧ୍ୟରେ ଭାଷା ଏବଂ

ସାହିତ୍ୟରେ । ସେକାଳର ସୁବିଧା ଥିଲା । ପ୍ରାଚୀନ ଓଡ଼ିଆ ସାହିତ୍ୟ ଏହି ସୂତ୍ରେ ପଦେପଦେ ଲେଖକଧାରଣଙ୍କ ଦୃଷ୍ଟିରେ ପଡ଼ୁଥିଲା । ଭୂଗୋଳ ଓ ଜାତିସ୍ୱଭାବ ପ୍ରଭୃତି ମଧ୍ୟ ଦେଖୁଥିଲେ । ଲୋକେ ଜଗତର ଅତି ସୂକ୍ଷ୍ମ ଅନେକ ସାଧାରଣ ଉପଦେଶଗର୍ଭକ କଥା ଶିଖିପାରୁଥିଲେ । ସ୍ୱାଧୀନମାନଙ୍କରେ ଗୁଣମାନ ଦେଖାଯାଉଥିଲା, ସୁତରାଂ ସେସବୁ ଜାଣିବା ସାହିତ୍ୟ ପ୍ରତି ଲୋକମାନଙ୍କର ମନ ଆକୃଷ୍ଟ ହେଉଥିଲା ।

ଓଡ଼ିଆଭାଷାରେ ସାହିତ୍ୟ ଲେଖା ହେବା ପୂର୍ବରୁ ବ୍ୟାବହାରିକ ଦଲିଲ, ଦସ୍ତାବିଜ, ସନନ୍ଦ, ଦାନପତ୍ର, ଲେଖ, ତାମ୍ରଶାସନ ପ୍ରଭୃତି ଓଡ଼ିଆଭାଷାରେ ଲେଖାହେଉଥିଲା । ମାଦଳାପାଞ୍ଜି ପ୍ରାକୃତଭାଷାରେ ଲେଖାଯାଇଛି । ମାଦଳାପାଞ୍ଜିରେ ସମସ୍ତ ବିଷୟ ଲେଖା ଥାଏ । ମନ୍ଦିରର ଆୟ-ବ୍ୟୟ ଓ ପ୍ରଧାନ ପ୍ରଧାନ ଘଟଣାବଳୀ ଏଥିରେ ଲେଖାଥାଏ ।

ଶ୍ରୀଜଗନ୍ନାଥ ଦେଉଳର ଶାସନ ପଦ୍ଧତିସ୍ଥ ନିୟମାବଳୀ ଦେଖିଲେ ଜଣାଯାଏ ଯେ କର୍ତ୍ତା ଜଣେ ଅସାଧାରଣ ବୁଦ୍ଧିଶାଳୀ ଲୋକ ଥିଲେ । ଦେଉଳରେ ସେବକମାନଙ୍କର ଶୃଙ୍ଖଳା, ସେବାକାର୍ଯ୍ୟମାନଙ୍କ ନିୟମ, ଅବ୍ୟବସ୍ଥାର ବନ୍ଦୋବସ୍ତ କର୍ତ୍ତାଙ୍କ ବୁଦ୍ଧିବଳର ପରିଚୟକ । ସୁତରାଂ ଦେଉଳର କାର୍ଯ୍ୟାବଳୀ ଅଙ୍କନ ପରେ ସହସା ଦେଉଳର ଭଣ୍ଡାର ଲେଖିରଖିବା ବୁଦ୍ଧି ତାଙ୍କ ଦେଖ ଯାଇ ନଥିବ, ଏକଥା ମନେ କରିବା ଯୁକ୍ତିଯୁକ୍ତ ନୁହେଁ । ଦେଉଳ ଆରମ୍ଭ ସଙ୍ଗେ ସଙ୍ଗେ ଏହି ମାଦଳାପାଞ୍ଜିର ସୃଷ୍ଟି ହୋଇଥିବାର ସଙ୍କେତ ବୋଧ ହେଉଛି । ମାଦଳ ପାଞ୍ଜି ବର୍ତ୍ତମାନ ଯେଉଁ ଭାଷାରେ ଲିଖିତ ଅଛି, ତାହା ଯେ ଅତି ପ୍ରାଚୀନ ଭାଷା ବୋଧ ହେଉ ନାହିଁ । ପ୍ରାଚୀନ ପାଞ୍ଜିର ଜୀର୍ଣ୍ଣୋଦ୍ଧାର ହୋଇଥିବ ଏବଂ ସେତେବେଳେ ଲେଖକ ଭାଷାରେ କେତେକ ପରିବର୍ତ୍ତନ କରିଥାଇପାରନ୍ତି । ଏହା ବୋଲି ମାଦଳାପାଞ୍ଜି ଯେ ପ୍ରାଚୀନତ୍ୱ ହରାଇଛି, ତାହା ନୁହେଁ । ମାଦଳାପାଞ୍ଜିରେ ବ୍ୟବହୃତ କେତେଗୁଡ଼ିଏ ଶବ୍ଦ ନିମ୍ନରେ ଦିଆଗଲା—

ଛକାଡ଼, ଚାଉଶା, ପାଟ (ବଣ), ପାଲି, ଜନଦ, ଭଟ୍ଟାଶଅ, ମୂଦଲ, ବୋଦଣ୍ଡ ଦଣ୍ଡପାଟ, ଦୋହାଏ, ମୁଦଳି, ପାଟଳ, ଖଣ୍ଡୀ, ଯୋଗାଜ ଦେଇ, ମଡ଼ଫୁଲ, ଜଗୁଆ, ଭଗୁଆ, ଲଟେଇଲେ, ତିଳକ, ଦୋରେଖା, ବଢ଼ାଇଁକେତଲି, ପହଞ୍ଚ ମାଡ଼ି, ଚୂଡ଼ାଲେଖା, ନାଲ୍ଦାନ, ବାଟି ଇତ୍ୟାଦି ।

ପୂର୍ବେ ନରସିଂହଦେବଙ୍କ ତାମ୍ରଶାସନ କଥା କହିଛୁଁ । ସେଥିରେ ଯେଉଁ ସଂସ୍କୃତ ଲିପି ବ୍ୟବହୃତ ହୋଇଛି ତାହା ନିତାନ୍ତ ଅବୋଧ କିମ୍ବା ନୁହେଁ, ବରଂ ସେଥିରୁ ଯେ ଯେ ଭାଷା ସାଧାରଣ ସଂସ୍କୃତ ପଥ ଛାଡ଼ି କିଛିଏ ପ୍ରାକୃତ ଆଡ଼କୁ ଯାଇଛି । ତୋଟିଏ ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା—

୧—ମଧ୍ୟ ସୁପ୍ରଭବ ଦେବ ବ୍ରାହ୍ମଣ ଭୋଗୀ ହୋଇବା, ଚୌପଥ ସମ୍ମୋହନସଂଶୁଦ୍ଧୋଭିର ଷୋଡ଼ଶ ମାଣାୟୁ କୈତା ବାଟିକା ବହିଭୂତ ନିଜକରର ଦଣ୍ଡସ୍ଥୋଭିର ନବବାଟିକା ପଞ୍ଚମିତଂ ।

୨—ଦଣ୍ଡିସୁ ସୁବର୍ଣ୍ଣ ପଦ୍ମିନୀ ତତ୍ତ୍ୱ ମାଦଳପଞ୍ଜୀ ଉପରେ ଛାପାର୍ଙ୍କ ଦେଶୀ ସିଡ଼ାଇଛନ୍ତି
ଶୁଦ୍ଧଲୋମାନିଜମତ ଚତୁର୍ଦ୍ଦଶୀ ଲେଖିଛି ।

୩—ଶିବଦୋଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଦଳ ପ୍ରମାଣରେ ।

୪—ସୁନ୍ଦର ଶ୍ରେଷ୍ଠ ଶ୍ରୀ ବା ନାରାୟଣଙ୍କ ଦଶା ।

୫—ବଦେଶ୍ୱର ଛତ୍ରୀ ବଂଶୀ ଜାତିଙ୍କ ମହାଲି ଦାସ ।

୬—ଦକ୍ଷିଣମାରଙ୍ଗ କଳିଙ୍ଗା ଗ୍ରାମ ମଧ୍ୟସ୍ଥିତ ବଡ଼କୁଞ୍ଜାଦ୍ୟ ପୁଷ୍ପମାଳୀ ।

୧୭୩୪ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୬ ତାରିଖ ଦିନରେ ବ୍ୟବହୃତ ବେଳକୋଟି ଏବେ ଜଣାପଡ଼େ

ଚନ୍ଦ୍ରକଳା, ଶାର୍ଦ୍ଦୂଲ, ଖଣ୍ଡୁଆ, କୁମ୍ଭାକେରା, ଅଗ୍ରଚାମ୍ପା, ପୁଷ୍ପକ୍ରାନ୍ତି, ଚାନ୍ଦ୍ରଶ୍ରୀ ବନ୍ଧା, ପଟଣି ।

୧୭୯୫ ନଭେମ୍ବର ୨୩ ତାରିଖ ଦିନରେ ବ୍ୟବହୃତ ଶାଢ଼ୀ—

ପାଟବସ୍ତ୍ର, ହାଣ୍ଡିବନ୍ଧାଛାପ, ବୋଟେ, ଅଧିରାଜିକ, ସୁତଳ, କୁମ୍ଭକେରା, ଶ୍ରୀଚନ୍ଦ୍ରକାନ୍ତି, ପାଣ୍ଡୁବେଣୀ, ଦଣ୍ଡ, ସାଞ୍ଜ, ଅଗଦାନ, ବୁନ୍ଦୁ, ମାଳତୀଶୀଳ (ସ୍ୱର୍ଣ୍ଣପଟ୍ଟ ଛାପିବା ପ୍ରଭୃତି), ବୋଲି, ଚନ୍ଦ୍ରଶ୍ରୀ, କୋଠଥ, ଶ୍ରୀକମଳ, ଦଶିଆ, ମାଛ, ଚନ୍ଦ୍ରଘଣ୍ଟା ଶାଢ଼ୀର ପୁଷ୍ପକାରଣୀ ବନ୍ଧା, ଆଡ଼ଚନ୍ଦନ, ପାଲି, ସଞ୍ଜୁଆ, କୋଣ, ବଡ଼, ଦୋଳକ, ଭାଗବତ ଦେଗ୍ନ, ରାଂପକପା ଫୁଲ, ଅନାରି ବୁଟି, ଦଣ୍ଡଜ, ଫୁଟକଳନ, ଗଣ୍ଡଭେରୁଣ୍ଡ, ପୁଷ୍ପଶ୍ରୀଦଳ ।

୧୮୩୭ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୯ ତାରିଖ ଦିନ—

ଶ୍ରୀଗୀତ ଅକ୍ଷରେ, ବୁଟିପଟି, କେତକୀର ପୋଲିସ୍, ଫୁଟାଳି, ନାଗଫେଣ ଶାଢ଼ୀ, ନୀଳ ବନ୍ଧ, ମୁକୁଟ ।

୧୮୪୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୯/୨ ତାରିଖ ଦିନ—

ଅମାରେଖି, ମୟୂର ପତ୍ର କାମୁଡ଼ା ଭଞ୍ଜାଳ, ମୋଟିଆ ସାଲଗ ଦମସ୍ତ, ଶ୍ରୀଗୀତ ଅକ୍ଷରେ, ପଟ୍ଟଳକ୍ଷ୍ମୀ, ଶାରିଗା ବେଲିକ, ପୁଷ୍ପପ୍ରଭ କୋଣଶାଢ଼ୀ[1] ।

୧୮୫୯ ଖ୍ରୀଷ୍ଟାବ୍ଦ ଜୁଲାଇ ୧୨ ତାରିଖ ଦିନ—

ବୀର ଶ୍ରୀ ରାଜପଥ ନାଗେଶ୍ୱର ଦଶହରା ମହୋତ୍ସବ ଭଦ୍ରେଶ୍ୱର ପ୍ରଭାବ ଶ୍ରୀ କପିଳେଶ୍ୱର, - ଏ ଭୂମିରେଖା ରୁ ପାଟ୍ଟାକୁ ଅନୁସାରେ ସବୁ ଦେଶୀୟ ବେତନ ଜନ୍ମ ଜୀବନ ବାନ୍ଧିକ ଆନନ୍ଦର ଦ୍ରବ୍ୟ ।

୧୮୬୮ ଖ୍ରୀଷ୍ଟାବ୍ଦ ଅପ୍ରେଲ ୨୫ ତାରିଖ ଦିନ—

ସେଥିରେ ବ୍ୟବହୃତ ଶାଢ଼ୀ—

କୋଣାର୍କ, ମ ନ୍ଦି*, ଜମତେଶ୍ବ, ଭୁବନେଶ୍ବର, ଧଉଳିଗିରି, କୋଣ୍ଡା ପୁଷ୍ପଗିରି, ବୋଇଗଡ଼ା, ବଗଡ଼ା, ଜୟଯୋଡ଼ା, ମୁକ୍ତି ବାଙ୍କୀ, ଚିଲିକା ବଡ଼ ଦଣ୍ଡିମାଳ, ଅଚରଦେବେ ମାଣିକପୁର ପଲ୍ଲୀ, ଖଲ୍ଲି କୋଟ ।

ଏ ସ୍ଥାନମାନଙ୍କ ମଧ୍ୟରୁ ଅନେକ ସ୍ଥଳ ବର୍ତ୍ତମାନ ସୁଦ୍ଧା ପ୍ରସିଦ୍ଧ ଅଛି, ଏବଂ ଆଉ କେତେକ ପ୍ରଚଳିତ ହେଉନାହିଁ । ତାମ୍ରଶାସନ ଗୁଡ଼ିକରେ ଉଲ୍ଲେଖଥିବା ବହୁତ ସ୍ଥାନକୁ ଅଦ୍ଭୁତ ଓ ମିଳିଥିବା ସ୍ଥାନ ନାମରୁ ଜଣାଯାଉ ଅଛି । ଉକ୍ତ ସ୍ଥାନର ପ୍ରାଚୀନତ୍ବ ବିଷୟରେ କିଛି ମାତ୍ର ସନ୍ଦେହ କରାଯାଇ ନପାରେ ।

ଅନ୍ୟ ଗୋଟିଏ କଥା, ଓଡ଼ିଆ ଭାଷାର ପ୍ରଥମ ପୁସ୍ତକ କେଉଁଟି ? ଏ ପ୍ରଶ୍ନର ମୀମାଂସା କରିବା ପୂର୍ବରୁ କେତେଗୁଡ଼ିଏ ପାରିପାର୍ଶ୍ବିକ ଘଟଣା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ପ୍ରଥମ କଥା ଏହି ଯେ, ଓଡ଼ିଶାରେ ଲେଖା ହୋଇଥିବା ସମସ୍ତ ପୁସ୍ତକ ଏପର୍ଯ୍ୟନ୍ତ ପଦାକୁ ବାହାରି ନାହିଁ କିମ୍ବା ସମସ୍ତ ପୁସ୍ତକମାନଙ୍କର ଏ ପର୍ଯ୍ୟନ୍ତ ତାଲିକା ପ୍ରସ୍ତୁତ ହୋଇନାହିଁ, ସମସ୍ତ ଲିଖିତ ପୁସ୍ତକମାନଙ୍କର କାଳ ନିର୍ଣ୍ଣୀତ ହୋଇଥିଲେ ସାହିତ୍ୟର ଧାରାର କ୍ରମାନୁସାରେ ବିଷୟ ଆଲୋଚନା କରିବାକୁ ସୁବିଧା ଓ ସୁଯୋଗ ମିଳନ୍ତା । ମାତ୍ର ସେ ସୁବିଧା ବର୍ତ୍ତମାନ ନାହିଁ ।

ବର୍ତ୍ତମାନ ଦେଖାଯାଉ ଯେ କି ପୁସ୍ତକ ଉପଲବ୍ଧ ହେଉଅଛି । ଷ୍ଟର୍ଲିଙ୍ଗ ସାହେବ ଓଡ଼ିଶା ଇତିହାସରେ କେତେକଣ କବି ଓ ସେମାନଙ୍କ ରଚିତ ପୁସ୍ତକ ତାଲିକା ଦେଇଅଛନ୍ତି । ସେହିମାନଙ୍କର ନାମ ନିମ୍ନରେ ଉଦ୍ଧାର କରିଗଲୁ । ପରେ ଅନ୍ୟ ଓ ସେମାନଙ୍କ ଲେଖା ସମ୍ବନ୍ଧେ ଆଲୋଚନା କରିବୁଁ ।

(୧) ଅଭିମନ୍ୟୁ ସାମନ୍ତସିଂହାର—୧୦୦ ବର୍ଷ ପୂର୍ବେ—ବିଦଗ୍ଧଚିନ୍ତାମଣି, ପ୍ରେମଚିନ୍ତାମଣି ।

(୨) ଅଚ୍ୟୁତାନନ୍ଦ ଦାସ—୧୦୦ ବର୍ଷ ପୂର୍ବେ—ଅନନ୍ତଗୋଇ ମାଳିକା, ଗୁପ୍ତସଂହିତା ।

(୩) ଶାରଳା ଦାସ—ସମୟ ଜଣାନାହିଁ—ଜଗନ୍ନାଥ ଚରଣ ।

(୪) ଜଗନ୍ନାଥ ଦାସ— ,, ଭାଗବତ ।

(୫) ବଳରାମ ଦାସ—୩୦୦ ବର୍ଷ ପୂର୍ବେ—ବେଢ଼ାପରିକ୍ରମା, ଅର୍ଜୁନଗୀତା, ଭାବସମୁଦ୍ର, ଅମରକୋଷଗୀତା, ବଟଅବକାଶ, ଭୂତକେଳି, ବିରାଟଗୀତା, ବ୍ରହ୍ମାଣ୍ଡଭୂଗୋଳ, କାମଧେନୁଗୀତା, ରାମାୟଣ, ରହସେଲି, ଶଙ୍କର ଭୁଟବାଧ, ଗଣେଶ ଗୀତା, ଗଜନିସ୍ତାରଣ ଗୀତା, ଅମୃତ ଗୀତା, ଶିବସାର, ବ୍ରହ୍ମଗୀତା, ଲକ୍ଷ୍ମୀପୁରାଣ, ମହାଭାରତ, ମୃଗୁଣୀସ୍ତୁତି, ଗଣ୍ଡକୋଳ, ତୁଳାଭିଣା ।

(୬) ଭକ୍ତଚରଣ ଦାସ—୧୫୦ ବର୍ଷ ପୂର୍ବେ—ମଥୁରାମଙ୍ଗଳ ।

(୭) ଲୋକନାଥ ପଟ୍ଟନାୟକ—୨୦୦ ବର୍ଷ ପୂର୍ବେ—କନ୍ଦର୍ପକେଳି କାବ୍ୟ ।

(୮) କୃପା ଦାସ—୨୦୦ ବର୍ଷ ପୂର୍ବେ—ଭକ୍ତରତ୍ନମାଳା ।

(୯) ଭୀମା ଧୀବର—୧୫୦ ବର୍ଷ ପୂର୍ବେ—କପଟପଶା, ଭାରତସାବିତ୍ରୀ ।

(୧୦) ବିଶ୍ୱକଣ୍ଠ ଦାସ—୨୫୦ ବର୍ଷ ପୂର୍ବେ—ବନ୍ଦୀଘୋଷ ଛଉପଦୀ ।

(୧୧) ବିଶ୍ୱନାଥ ଖୁଣ୍ଟିଆ—୩୦୦ ବର୍ଷ ପୂର୍ବେ—ବିଚିତ୍ର ରାମାୟଣ ।

(୧୨) ବିଶ୍ୱନାଥ ପାଇକରାୟ—ସମୟ ଜଣା ନାହିଁ—ଲକ୍ଷ୍ମୀପତିଙ୍କ କାବ୍ୟ ।

(୧୩) ବିଶ୍ୱମ୍ଭର ମିଶ୍ର—୨୦୦ ବର୍ଷ ପୂର୍ବେ—ବଚନିକା ଭାରତ ।

(୧୪) ବୃନ୍ଦାବନ ଦାସ—ସମୟ ଜଣା ନାହିଁ—ଅମ୍ବିକାବିଳାସ, ଯମଲଉଦ୍ଧାର, ପ୍ରେମସୁଧାନିଧି ।

(୧୫) ଚନ୍ଦ୍ରମଣି ମହାନ୍ତି—୧୫୦ ବର୍ଷ ପୂର୍ବେ—ସ୍ୱୟଂବର ।

(୧୬) ଧନଞ୍ଜୟ ଭଞ୍ଜ—ସମୟ ଜଣା ନାହିଁ—ରଘୁନାଥବିଳାସ ।

(୧୭) ବନମାଳୀ ମିଶ୍ର—୨୦୦ ବର୍ଷ ପୂର୍ବେ—ଜଗନ୍ନାଥଚରିତାମୃତ ।

(୧୮) ଦୀନକୃଷ୍ଣ ଦାସ—ସମୟ ଜଣା ନାହିଁ—ଧ୍ରୁବ ସ୍ତୁତି ।

(୧୯) ଦାମୋଦର—୨୫୦ ବର୍ଷ ପୂର୍ବେ—ରାଗଚନ୍ଦ୍ରିକା ।

(୨୦) ଦୀନକୃଷ୍ଣ ଗୁପ୍ତ—୨୫୦ ବର୍ଷ ପୂର୍ବେ—ରାଧାବିଳାସ ।

(୨୧) ଦୀନକୃଷ୍ଣ ଦାସ—୨୫୦ ବର୍ଷ ପୂର୍ବେ—ରସକଲ୍ଲୋଳ, ନବକେଳି ବିଳାସ, ମଧୁଚନ୍ଦ୍ର ବିଳାସ, ମାଧବଙ୍କର ଗୀତ, ଅର୍ଥକୋଶ ଚଉତିଶା, ନାରଦାଗମନକୋଇଲି, ଗଜେନ୍ଦ୍ରମୋକ୍ଷ, ଯାଦୁମଣି, ପୁଣ୍ଡରିକ, ଗୁଣ୍ଡିଚାଯାତ୍ରା, ଉତ୍କଳ ଦର୍ପଣ କାବ୍ୟ (ଗଦ୍ୟ), ରାଧାରହସ୍ୟ, ଦ୍ୱାରକାଲୀଳା, କୃଷ୍ଣଦାସ ବଂଶୀ ।

(୨୨) ଗଦାଧର ପଟ୍ଟନାୟକ—୧୭୦ ବର୍ଷ ପୂର୍ବେ—ରାସ କଲ୍ଲୋଳ ।

(୨୩) ଗୋବିନ୍ଦ ଭଣିତା—୨୦୦ ବର୍ଷ ପୂର୍ବେ—ମଧୁପ ଚଉତିଶା ।

(୨୪) ଗୋପୀନାଥ ଭଞ୍ଜବର୍ମଣ—୨୦୦ ବର୍ଷ ପୂର୍ବେ—ଭଗବତ୍ଗୀତା, ଗୁପ୍ତ ବିହାର ।

(୨୫) ଗୋବିନ୍ଦ ଦାସ—୨୭୦ ବର୍ଷ ପୂର୍ବେ—ଚନ୍ଦ୍ରକଳା ପୁରାଣ ।

(୨୬) ହରି ଦାସ—୧୦୦ ବର୍ଷ ପୂର୍ବେ—ମାଳିକା ।

(୨୭) ହରିଚନ୍ଦ୍ର ଦେବ—୩୫୦ ବର୍ଷ ପୂର୍ବେ—ଲୀଳାବତୀ, ଚନ୍ଦ୍ରକଳା ।

(୨୮) ହଳଧର ଦାସ—୫୦୦ ବର୍ଷ ପୂର୍ବେ—ଅଧ୍ୟାତ୍ମରାମାୟଣ, ହଳଧର ଦାରବା ।

(୨୯) ହନୁମାନ ମିଶ୍ର—ସମୟ ଜଣା ନାହିଁ—ମହାନାଟକ ଟୀକା ।

(୩୦) ଧରଣୀଧର ଭଞ୍ଜ—୩୦୦ ବର୍ଷ—ଦ୍ୱିଜ ରାମାୟଣ ।

(୩୧) ଧନକୃଷ୍ଣ ମହାପାତ୍ର—ସମୟ ଜଣାନାହିଁ—ରୁକ୍ମିଣୀ-ବିଳାସ ।

(୩୨) ଯଦୁମଣି ଭଞ୍ଜ—୨୫୦ ବର୍ଷ—ରୁକ୍ମିଣୀ ବିଭାହ ।

(୩୩) ଜଗନ୍ନାଥ ଦାସ—୩୫୦ ବର୍ଷ—ଦାଣ୍ଡଦଳନ, ଭାଗବତ, ମନଶିକ୍ଷା, ଜଗନ୍ନାଥ-ମାଳିକା ।

(୩୪) ଉତ୍କଳର ଗଜପତି ପ୍ରତାପରୁଦ୍ର—୪୫୦ ବର୍ଷ—ଦଣ୍ଡପଦ, କଣ୍ଠୋଦ୍ଧରଣୀ, ଆଜପଦାଚାନାଦରଙ୍ଗଣୀ, ଭାବାର୍ଣ୍ଣବ ।

(୩୫) ଜଗତଗୁରୁ ରଘୁନାଥ ପଣ୍ଡିତ—୨୦୦ ବର୍ଷ—ଗୋପୀନାଥବଲ୍ଲଭ ନାଟକ ।

(୩୬) ଜୟରାମ ମିଶ୍ର—୧୦୦ ବର୍ଷ—ଭକ୍ତରତ୍ନାକର ।

(୩୭) କେଶବ ଦାସ—୨୦୦ ବର୍ଷ—ଦ୍ୱିଜ ଭାରତ ।

(୩୮) କୃଷ୍ଣଦାସ—ସମୟ ଜଣାନାହିଁ—ରସକଲ୍ପ, ଗୀତଗୋବିନ୍ଦ, ସାର୍ଦ୍ଧସହସ୍ରନାମ ।

(୩୯) କୃଷ୍ଣସିଂହ—୨୦୦ ବର୍ଷ—ମହାଭାରତ, ହରିବଂଶ, ଭାଗବତ, ଗୀତଗୋବିନ୍ଦ ।

(୪୦) କୃପାସିନ୍ଧୁ ପଟ୍ଟନାୟକ—୫୦୦ ବର୍ଷ—କମଳାକାନ୍ତ ଚଉତିଶା, ଦଶମ ଚଉତିଶା, ବାରମାସି, ଚକ୍ରବ୍ୟୂହ ।

(୪୧) କୃଷ୍ଣଚନ୍ଦ୍ର ପଟ୍ଟନାୟକ—୧୫୦ ବର୍ଷ—କୃଷ୍ଣବିଳାସ ।

(୪୨) କଂସାରି ମିଶ୍ର—୨୫୦ ବର୍ଷ—ଶୈବ କଳ୍ପଦ୍ରୁମ ।

(୪୩) ଲକ୍ଷ୍ମୀଧର ଦାସ—୨୦୦ ବର୍ଷ—ଅଙ୍ଗଦପଟ୍ଟି ।

(୪୪) ଲୋକନାଥ ବିଦ୍ୟାଧର—୨୦୦ ବର୍ଷ—ଚନ୍ଦ୍ରକଳା, ସର୍ବାଙ୍ଗସୁନ୍ଦରୀ, ଚମ୍ପୂକଳା, ପଦ୍ମକଳା, ରସକଳା ।

(୪୫) ଲୋକନାଥ ଦାସ—୧୫୦ ବର୍ଷ—ପାରିଜାତହରଣ ଭଗବାନ୍ ।

(୪୬) ଲୋକନାଥ ନାୟକ—୧୫୦ ବର୍ଷ—ହଂସ-ଦୂତଗୀତା ।

(୪୭) ମାଧବକର—୪୦୦ ବର୍ଷ—ମାଧବକର ନିଦାନ ।

(୪୮) ମାଗୁଣି ପଟ୍ଟନାୟକ—୧୫୦ ବର୍ଷ—ରାମଚନ୍ଦ୍ର ବିହାର ।

(୪୯) ମହାଦେବ ଦାସ—୨୦୦ ବର୍ଷ—ମାର୍କଣ୍ଡପୁରାଣ, ପଦ୍ମପୁରାଣ, ମାଘ ମାହାତ୍ମ୍ୟ, ବୈଶାଖ ମାହାତ୍ମ୍ୟ, କାର୍ତ୍ତିକ ମାହାତ୍ମ୍ୟ, ରାମାୟଣ ।

(୫୦) ମାର୍କଣ୍ଡ ଦେବ—ସମୟ ଜଣାନାହିଁ—ଶୁକ୍ତି ପୁସ୍ତକ ।

(୪୧) ମାର୍କଣ୍ଡ ଦାସ—୨୦୦ ବର୍ଷ—କେଶବ କୋଇଲି, ଜାଦୋଦଣ୍ଡ କୋଇଲି ।

(୪୨) ନାରାୟଣ ଅବଧୂତ—୩୦୦ ବର୍ଷ—ପୁଲିଷଣୀ ।

(୪୩) ନାରାୟଣ ପୁରୋହିତ—୨୦୦ ବର୍ଷ—ବୃତ୍ତରତ୍ନାକର ଟୀକା ।

(୪୪) ନିଧି ରଥ—୩୦୦ ବର୍ଷ—ରତ୍ନସଙ୍ଗାର ।

(୪୫) ନୀଳାମ୍ବର ଭଞ୍ଜ—୧୫୦ ବର୍ଷ—ବୃନ୍ଦାବନାମୃତ, ପଞ୍ଚସାୟକ ।

(୪୬) କୃପାସିନ୍ଧୁ ଦାସ—୪୦୦ ବର୍ଷ—କୈମ୍ପିକନ୍ୟାରତ ।

(୪୭) ନୀଳାମ୍ବର ଦାସ—୪୦୦ ବର୍ଷ—ଦ୍ୱିଜବଣ ।

(୪୮) ପଦ୍ମନାଭ ଦେବ—୪୦୦ ବର୍ଷ—ଦ୍ୱିଜବଘ ।

(୪୯) ପଦ୍ମନାଭ ପଣ୍ଡା—୧୫୦ ବର୍ଷ—ଗୀତ ତାଳ ବୃତ୍ତ ।

(୫୦) ପୀତାମ୍ବର ରାଜେନ୍ଦ୍ର—୨୦୦ ବର୍ଷ—ଗୁଣମାଳିକା ।

(୫୧) ଚିନ୍ତାମଣି ଶ୍ରୀଚନ୍ଦନ—ସମୟ ଜଣାନାହିଁ—ମୁକ୍ତାମାଳା ।

(୫୨) ପୀତାମ୍ବର ମିଶ୍ର କବିଚନ୍ଦ୍ର—୧୫୦ ବର୍ଷ—ପୁଣ୍ଡ୍ରିଷ୍ଣୁ ଚମ୍ପୂ, ନାରାୟଣଙ୍କ ଟୀକା, ନାଟକାଳଙ୍କାର ଟୀକା, ରାମ ବନ୍ଦାବଳୀ, ପୀତାମ୍ବରଙ୍କ ଚନ୍ଦ୍ରୀ ।

(୫୩) ପୀତାମ୍ବର ଦେବ—୩୦୦ ବର୍ଷ—ଅଖିଳରସ ଚିନ୍ତାମଣି ।

(୫୪) ପୁରୁଷୋତ୍ତମ ଦାସ—୨୦୦ ବର୍ଷ—ପୁଣ୍ଡ୍ରିସୁବଳେ ।

(୫୫) ପୁରୁଷୋତ୍ତମ ମିଶ୍ର—୫୦୦ ବର୍ଷ—ଗୀତନାରାୟଣ, ଷୋଡଶନ୍ୟାସ ।

(୫୬) ପୁରୁଷୋତ୍ତମ ପାତ୍ର—୩୦୦ ବର୍ଷ—ଅନର୍ଘ ରାଘବ ନାଟକ, ନୈଷଧ, କବିମାନଙ୍କର ଟୀକା, ଅମରକୋଷ ଟୀକା ।

(୫୭) ରଘୁନାଥ ଦାସ—୧୫୦ ବର୍ଷ—ଶବ୍ଦାଭିଧାନ ଲହରୀ, ଧାତୁପ୍ରିୟ ତରଙ୍ଗିଣୀ, ଅମରକୋଷ, ରଘୁନାଥ ପ୍ରଣିଧି ବର୍ଣ୍ଣମାଳ ବ୍ୟାକରଣ ଟୀକା, ଜେମ୍ସ କବିମାନଙ୍କର ଟୀକା, ସମ୍ଭ ଜଗନ୍ନାଥ-ରହସ୍ୟ ଟୀକା, ଭକ୍ତି ତରଙ୍ଗିଣୀ ।

(୫୮) ରାମଚନ୍ଦ୍ର ଦାସ—୨୦୦ ବର୍ଷ—ବଳଭଦ୍ରବଳୀ ଚଉପଦୀ ।

(୫୯) ରାମଚନ୍ଦ୍ର ପଟ୍ଟନାୟକ—୫୦୦ ବର୍ଷ—ହାରାବଳୀ, କୈଶିକଚିନ୍ତାମଣି ।

(୬୦) ରାମଚନ୍ଦ୍ର ରଥ—ସମୟ ଜଣାନାହିଁ—ସାହିତ୍ୟରତ୍ନାକର ଅଳଙ୍କାର ।

(୬୧) ଲୋକନାଥ—ସମୟ ଜଣାନାହିଁ—ଶାରଳାମୃତ, ମଙ୍ଗଳାମୃତ, ବିମଳାମୃତ ।

(୬୨) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—୧୨୨ ବର୍ଷ—ଲଗ୍ନାଷ୍ଟକମଣି, ନାମଚିନ୍ତାମଣି, ପ୍ରେମ-ପଞ୍ଚାମୃତ, ଯୁଗଳରସାମୃତ, ପ୍ରେମତରଙ୍ଗିଣୀ, ପ୍ରେମଲହରୀ, ପ୍ରେମଭକ୍ତି, ଯୁଗଳ-ରସାମୃତ ଭଣିତ ।

(୭୩) ଶମ୍ଭୁକର ବାଜପେୟୀ—୧୫୦ ବର୍ଷ—ଶମ୍ଭୁକର ବାଜପେୟୀ ।

(୭୪) ସାରଳା ଦାସ—୫୦୦ ବର୍ଷ—ମହାଭାରତ ।

(୭୫) ଶିଶୁ ଈଶ୍ୱର ଦାସ—ସମୟ ଜଣାନାହିଁ—ବାଳୁଙ୍ଗ ଗୀତା ।

(୭୬) ଶିଶୁଶଙ୍କର ଦାସ—୨୫୦ ବର୍ଷ—ଉଷାପରିଣୟ ନାଟକ ।

(୭୭) ଶୁଧର ଦାସ—୫୦୦ ବର୍ଷ—ଭାଷ୍ୟକଳିକା ।

(୭୮) ଶ୍ରୀପତି ଦାସ—୨୦୦ ବର୍ଷ—ଶ୍ରୀପତି ଜାତକ ।

(୭୯) ଶିବସୁନ୍ଦର ଦାସ—୨୦୦ ବର୍ଷ—କର୍ଣ୍ଣପାଶ, ରାମକୃଷ୍ଣ କେଳିକଲ୍ଲୋଳ, କେଳିଗୀତ, ରାଧାକୃଷ୍ଣ କେଳିକଲ୍ଲୋଳ ।

(୮୦) ଉପେନ୍ଦ୍ର ଭଞ୍ଜ—୩୦୦ ବର୍ଷ—ଅବନାରସତରଙ୍ଗ, ଦାଢ଼୍ୟତାଶୀ, ବୈଦେହୀଶବିଳାସ, ଗୀତକଣ, ବ୍ରଜକଳା, ଚନ୍ଦ୍ରକଳା, ଚନ୍ଦ୍ରରେଖା, ଚଉପଦୀଭୂଷଣ, ଚଉପଦୀଚନ୍ଦ୍ର, ଛାନ୍ଦଭୂଷଣ, ଚିତ୍ରଲେଖା, ଚିତ୍ରକାବ୍ୟବନ୍ଧୋଦୟ, ଦୁର୍ଗା, ନାରୀ, ଗୀତାଭିଧାନ, ଦୈବମାତୃକ, ଇଚ୍ଛାବତୀ, ଜନକସ୍ୱଜନ ତକ୍ଷଧନୀ, ନଳାବତୀ, କଳାକଉତୁକ, ମାନକଳା, କୋଟିବ୍ରହ୍ମାଣ୍ଡସୁନ୍ଦରୀ, କୁଞ୍ଜବିହାର, ଲାବଣ୍ୟବତୀ, ମୁଦ୍ରାବତୀ, ମନୋରମା, ପ୍ରେମଲତା, ପ୍ରେମସୁଧାନିଧି, ପୁରୁଷୋତ୍ତମମାହାତ୍ମ୍ୟ, ରସକଳା, ରସଲେଖା, ରସପଞ୍ଚକ, ରସିକ-ହାରାବଳୀ, ସୁଧାମଞ୍ଜରୀ, ଶବ୍ଦମାଳା, ସଙ୍ଗୀତକୌମୁଦୀ, ଶଶିରେଖା, ଶୋଭାବତୀ, ସୁବର୍ଣ୍ଣରେଖା, ସୁଭଦ୍ରାପରିଣୟ, ସୌନ୍ଦର୍ଯ୍ୟମୋହିନୀ ।

ଅଜ୍ଞାତଲିଖିତ ପୁସ୍ତକମାନଙ୍କର ନାମ ଜାଣେ, ଯେ ସମ୍ପ୍ରତିରେ ପ୍ରଚଳିତ ଅଛି ବୋଲି ଷ୍ଟର୍ଲିଂ ସାହେବ ଲେଖିଯାଇଛନ୍ତି । ଅର୍ଥକୋଷ, ଅଷ୍ଟଶମ୍ଭୁମହାତ୍ମ୍ୟ, ଅଧ୍ୟାତ୍ମକୋଷ, ଅମୃତାନ୍ତ, ଅଷ୍ଟ ମହୋଦଧି ଜାତିକା, ଭକ୍ତି ରତ୍ନାବଳୀ, ବଦରୀମାଧବ, ଜନ୍ମଖଣ୍ଡ, ଚୈତନ୍ୟଚରିତାମୃତ, ଦେଉଳତୋଳା, ଧ୍ରୁବସ୍ତୁତି, ଦ୍ୱାରିକାଯୋଗ, ଏକାମ୍ରକ୍ଷେତ୍ର, ଏକାକ୍ଷରକୋଷ, ଜ୍ଞାନଚୂଡ଼ାମଣି, ଗଙ୍ଗାମାହାତ୍ମ୍ୟ, କପିଳସଂହିତା, ଗାନ୍ଧାରୀଭେଦ, କୋକଶାସ୍ତ୍ର, ମହାଭାରତ ଗୀତିସ୍ୱରୂପ, ମହାଗୀତ, ମହାମଣ୍ଡଳ, ମୁକୁନ୍ଦମାଳା, ନବନୃସିଂହ ବନବିହାର, ନାନାର୍ଥକୋଷ, ପାଣ୍ଡବାଭିଷେକ, ପ୍ରାଚୀମାହାତ୍ମ୍ୟ, ପ୍ରେମଲୋଚନ ନାଟକ, ପୁରୁଷୋତ୍ତମ କ୍ଷେ.ମାହାତ୍ମ୍ୟ, ପ୍ରବୋଧଚନ୍ଦ୍ର ନାଟକ, ରାମଲୀଳା ନାଟକ, ରାମ ରାଜ୍ୟାଭିଷେକ, ଶିବପୁରାଣ, ଶିବଲୀଳାମୃତ, ସ୍ତୋତ୍ରାବଳୀ, ସୂର୍ଯ୍ୟକ୍ଷେତ୍ରମାହାତ୍ମ୍ୟ, ଭଜନାବଳୀ, ତୁଳସୀଭେଦ, ଉତ୍କଳମାହାତ୍ମ୍ୟ, ଗଣେଶ ବିଭୂତି (୧ମ ଓ ୨ୟ), ଉତ୍କଳଖଣ୍ଡ ଗୀତଗୋବିନ୍ଦ, ଉପାସନା, ଜ୍ଞାନବଚନ, ଭକ୍ତି ସ୍ତୋତ୍ର କଳ୍ପ, କୁଟିପଞ୍ଚକ, କାମଶାସ୍ତ୍ର ମନ୍ତ୍ର, ବେଦାନ୍ତସାର, କାଳଚକ୍ର, କୃଷିପରାଶର, ଗୁପ୍ତଗୀତା, ଚୌତିଶାସଂଗ୍ରହ (କୃଷ୍ଣଦାସ), ଜ୍ଞାନଚୂଡ଼ାମଣି (ଜଗନ୍ନାଥ ଦାସ), ଲକ୍ଷ୍ମୀପୁରାଣ (ମଧୁସୂଦନ), ଜ୍ୟୋତିଷସାର, ବ୍ରହ୍ମାଣ୍ଡଗୀତା ।

ସ୍ୱପ୍ନର ସାହେବଙ୍କ ଅନୁଗ୍ରହରୁ ଆଜ୍ଞା ଅମ୍ଭେମାନେ ପ୍ରାଚୀନ ଉତ୍କଳ ସାହିତ୍ୟର ଏ କେତେଗୋଟି ଗ୍ରନ୍ଥର ନାମ ଶୁଣିବାକୁ ପାଇଲୁଁ । ସେ ମହାତ୍ମାଙ୍କ ଲେଖାରେ କେତେକ ଭ୍ରମ ଥାଇପାରେ, ତଥାପି ଉତ୍କଳ ଅଜ୍ଞ ତାଙ୍କଠାରେ ଋଣୀ । ବୈଦେଶିକମାନେ ଓଡ଼ିଶାର ପ୍ରକୃତତତ୍ତ୍ୱ ସ୍ଥିର କରିବା ଲାଗି ଭୂୟସୀ ଚେଷ୍ଟା କରୁଅଛନ୍ତି; ମାତ୍ର ଅଭେଦ୍ୟ ଉତ୍କଳ ସନ୍ତାନମାନଙ୍କର ଏ ଦିଗକୁ ଦୃଷ୍ଟି ନ ଦବାକୁ ଏଥିଠାରୁ ବଳି ଅଧିକ ପରିତାପର ବିଷୟ କଅଣ ଅଛି ? ଉତ୍କଳର ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟ ଯେପରି ଦୁର୍ଜ୍ଞେୟ, ସେହିପରି ଜଟିଳ ଓ ସମସ୍ୟା-ପୂର୍ଣ୍ଣ । ଅମ୍ଭେ ଯେ ଏ ବିଷୟର ସୁମୀମାଂସା କରି । କରିପାରିବୁଁ ଏଥିର ଆନ୍ତର ଭରସା ନାହିଁ । ମାତ୍ର ଅନ୍ୟାନ୍ୟ ଉଦ୍ଯୋଗୀ ଉତ୍କଳ ସନ୍ତାନମାନଙ୍କର ଏ ଦିଗକୁ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ପଦେ ଅଧେ ଲେଖୁଅଛୁଁ । ଏହି ଉଦ୍ଦେଶ୍ୟରେ କେତେକଣ କବି ଓ ସେମାନଙ୍କ ଲେଖା ସମ୍ବନ୍ଧେ ଆଲୋଚନା କରିବାରେ ପ୍ରବୃତ୍ତ ହେଲୁଁ । ଏହା ଆନ୍ତର ଦୁଃସାହସ ମାତ୍ର । ଆଶାକରୁଁ ପାଠକମାନେ ଆପଣା ସହୃଦୟତା ଗୁଣରୁ ଆମ୍ଭର ତ୍ରୁଟି ମାର୍ଜନା କରିବେ ।

କବି ଚିତାମ୍ବର ଦାସ—ପାଠକମାନେ ଜାଣନ୍ତି ଯେ ନୃସିଂହପୁରାଣ ଗୋଟିଏ ବୃହତ୍ ଗ୍ରନ୍ଥ । ଏ ଗ୍ରନ୍ଥଟି ପଞ୍ଚ ଖଣ୍ଡରେ ପରିପୂର୍ଣ୍ଣ । ମୂଳଗ୍ରନ୍ଥ ସଂସ୍କୃତ ଭାଷାରେ ଲିଖିତ । କବି ମହାଶୟ ୫ ସମସ୍ତ ଗ୍ରନ୍ଥଟି ଓଡ଼ିଆ ଭାଷାରେ ଅନୁବାଦ କରିଅଛନ୍ତି । ସମସ୍ତ ଗ୍ରନ୍ଥଟି ପଦ୍ୟରେ ଅନୁବାଦିତ ହୋଇଅଛି । ଚଉଦ-ଅକ୍ଷର ବୃତ୍ତରେ ପଦ୍ୟଗୁଡ଼ିକ ଲିଖିତ ହୋଇଅଛି । ଏ ପୁସ୍ତକଟି କେବେ ଅନୁଦିତ ହେଲା କବି ତାର ପରିଚୟ ଦେଉଅଛନ୍ତି ।

ହରିକିଶୋର ଦେବଙ୍କ ବଂଶ ଅଙ୍କରେ ସିଂହମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦିବ୍ୟସିଂହ ଦେବ ଓଡ଼ିଶାରେ ରାଜା ଥିଲେ ଏବଂ ସେ ୧୬୮୭ ଖ୍ରୀଷ୍ଟାବ୍ଦଠାରୁ ୧୭୧୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ଅଙ୍କ ଶବ୍ଦର ଗୋଟିଏ ବିଶେଷ ଅର୍ଥ ଅଛି ଏବଂ ଅଙ୍କ ଗଣନାର ମଧ୍ୟ ବିଶେଷ ନିୟମ ଅଛି । ଉତ୍କଳରେ ସୁନିଆଁ ଦିନଠାରୁ ବର୍ଷ ଆରମ୍ଭ ହୁଏ । ସୁନିଆଁ ଦିନ ରାଜଦ୍ୱାରରେ ବହୁ ସମାରୋହ । ଏ ଦିନ ଓଡ଼ିଶା ରାଜାଙ୍କୁ ଅନ୍ୟାନ୍ୟ ସମସ୍ତ ସାମନ୍ତ ରାଜା, ଭୂଞା ଓ ଦଣ୍ଡ ସ୍ୱସ୍ୱ-ମାନେ ଆପଣା ଆପଣା ଶକ୍ତି ଓ ମର୍ଯ୍ୟାଦାନୁରୂପ ଭେଟି ପ୍ରଦାନ କରନ୍ତି । ରାଜଦ୍ୱାରରେ ନାନାପ୍ରକାର ନୃତ୍ୟଗୀତ ମଜଲିସ୍ ହୁଏ । ଏହି ପ୍ରଥା ଅନୁସାରେ ଉତ୍କଳର ବହୁ ପ୍ରଜାମାନେ ଆପଣା ଆପଣା ଜମିଦାର, ମହାଜନ, ସରବରାକାର ପ୍ରଭୃତିଙ୍କି ଭେଟି ପ୍ରଦାନ କରନ୍ତି । ଏହି ଦିନଠାରୁ ନୂତନ ସାଲ ବା ବର୍ଷ ଆରମ୍ଭ ହୁଏ । ଏହି ଦିନ ଓଡ଼ିଶା ରାଜାଙ୍କର ଅଙ୍କ ଗଣା ହୁଏ । ଅଙ୍କ ଗଣା ଅର୍ଥ ନୂତନ ବର୍ଷର ପ୍ରାରମ୍ଭ । ଯେଉଁ ରାଜା ଯେତେ ବର୍ଷ ରାଜତ୍ୱ କରନ୍ତି, ତାହାଙ୍କ ରାଜତ୍ୱକାଳ ସେତେ ଅଙ୍କ ବୋଲି ବୁଝାଯାଏ ।

ଏହି ଅଙ୍କ ଗଣନା କରିବାର ନିୟମ ଏହି ଯେ ୧, ୬, ୯, ୨୦, ୨୬, ୩୦, ୩୬, ୪୦ ଇତ୍ୟାଦି ସଂଖ୍ୟା ତ୍ୟାଜ୍ୟ । ୧୦ ସଂଖ୍ୟାର ଅନ୍ୟାନ୍ୟ ଯେଉଁ ଅଙ୍କର ଡାହାଣରେ ୦ ଥାଏ, ୧ ଓ ଯାହାର ଡାହାଣରେ ୬ ଥାଏ ସେ ୬ ତ୍ୟାଜ୍ୟ ।

ଏହି ଗଣନାର ନିୟମାନୁସାରେ ନୃସିଂହପୁରାଣରେ ଅନୁବାଦର ସମୟ ୧୬୭୮ ଖ୍ରୀଷ୍ଟାବ୍ଦ ।

ମତ ଏ ଗ୍ରନ୍ଥରେ ଅସ୍ପଷ୍ଟତଃ ଦେଉଛନ୍ତି । ଛଅଟି ପ୍ରକାଶିତ ହୋଇଛି । ୪ର୍ଥ ଖଣ୍ଡରର ୧୧୫ ପୃଷ୍ଠାରେ ଲେଖାଅଛି —

"ଋଷିକୁଲ୍ୟା ନଦୀତୀରେ ଅଟଇ ମୋର ମଠ
କୃଷ୍ଣ ମୁ ଜନ୍ମିଲେ ପଣ୍ଡା କୁଳ ଭାଳ ନଷ୍ଟ ।
ଗୋପାଳ ସେହି ଦ୍ୱିଜ ନମିଲେ ଭଗତେ
କୃଷ୍ଣ ମୁ ଅଳ୍ପେଲ ନନ ପାଣ୍ଡି ପୁଏ ନରେଶ୍ୱ ।"

ଏଥିରୁ ଜଣାଯାଏ କବି ଜଣେ ଗୃହୀ ବୈଷ୍ଣବ ଥିଲେ ଏବଂ ଭାଗବତବୃତ୍ତିଦ୍ୱାରା ଉଦର ପୋଷଣ କରୁଥିଲେ । କବିଙ୍କ ପିତାଙ୍କ ନାମ ନୀଳକଣ୍ଠ ଏବଂ ପ୍ରପିତାଙ୍କ ନାମ ଲକ୍ଷ୍ମୀଧର । କବିଙ୍କ ପିତା ନରସିଂହଙ୍କ ଧାମରେ ଦୀକ୍ଷିତ ହେବାର ଉଲ୍ଲେଖ ଅଛି । କବିଙ୍କ ଗୋତ୍ର କୌଣ୍ଡିନ୍ୟ ଗୋତ୍ର ।

ପଣ୍ଡିତ ମୃତ୍ୟୁଞ୍ଜୟ ରଥେ କବି ପୁରୀବାସୀ ବୋଲି ଲେଖିଥିବାରୁ ସେ ଭ୍ରମ 'ଆଶା'ରେ ଗୋପୀନାଥ ନନ୍ଦ ମହାଶୟଙ୍କ ପ୍ରତିବାଦ କରିଥିଲେ । କବି ପୁରୀବାସୀ ଥିବା କଥା ନୃସିଂହ-ପୁରାଣରେ ଉଲ୍ଲେଖ ନାହିଁ । ରଥେ ଆପଣେ ଏତଦ୍ ଭିନ୍ନ ଅନ୍ୟ କୌଣସି ପ୍ରମାଣରୁ ଯେବେ ଏ ବିଷୟର ପ୍ରମାଣ ପାଇଥାନ୍ତି, ତାହା ଆମ୍ଭେ ଜାଣି ନପାରୁଁ । କବିଙ୍କ ମଠ ଋଷିକୁଲ୍ୟା ନଦୀତୀରରେ ହେଲେ ହେଁ ସେ ସେ ପୁରୀବାସୀ ହୋଇ ନ ପାରନ୍ତି, ଏ କଥା ମଧ୍ୟ କୁହାଯାଇ ନ ପାରେ । ତେବେ ଅନ୍ୟ ପ୍ରମାଣ ନ ମିଳିଲେ କବିଙ୍କ ବାସସ୍ଥାନ ଋଷିକୁଲ୍ୟା ନଦୀ-ତୀରରେ ବୋଲି ଧରିବାକୁ ହେବ ।

ନୃସିଂହପୁରାଣରେ ନୃସିଂହଙ୍କ ଜନ୍ମ, ବିବାହ, ମୁରାସୁରର ଜନ୍ମ, ବୀର୍ଯ୍ୟ ଓ ମୃତ୍ୟୁ ବିଷୟ ଉଲ୍ଲେଖ ଅଛି । ମୁରାସୁର ଦର୍ପରେ ପୃଥିବୀ କମ୍ପିତ ହେଲା, ଦେବତାମାନେ ପୀଡ଼ିତ ହେଲେ । ସୁତରାଂ ବିଷ୍ଣୁ ନୃସିଂହ ଅବତାର ଗ୍ରହଣ କରି ମୁରାସୁର ସହିତ ଘୋର ଯୁଦ୍ଧ କରିବା ପରେ ତାକୁ ନିହତ କଲେ । ଏହାହିଁ ପୁରାଣର ବର୍ଣ୍ଣିତ ବିଷୟ । ପ୍ରସଙ୍ଗକ୍ରମେ ଧର୍ମ ଓ ଜ୍ଞାନକର୍ମକ ଉପଦେଶମାନ ବର୍ଣ୍ଣିତ ହୋଇଛି । ନାନାପ୍ରକାର ସାମାଜିକ ନିୟମମାନ ବର୍ଣ୍ଣିତ ହୋଇଛି । ଜଗନ୍ନାଥଙ୍କର ଉତ୍ପତ୍ତି ଓ ସ୍ଥିତି ବିଷୟ ଏ ପୁରାଣରେ ବର୍ଣ୍ଣିତ ହୋଇଛି । ନୃସିଂହ

ଏହି ସୁସ୍ଥାନରେ ଚନ୍ଦନଯାତ୍ରା କରିବାର ଉଲ୍ଲେଖ ଅଛି । ଚନ୍ଦନଯାତ୍ରାର ପ୍ରାଚୀନତ୍ୱ ବିଷୟ ଏଥିରୁ ଜଣାଯିବ ।

ଏହି ଏତେ ବଡ ପୋଖରୀ ସମ୍ପୃକ୍ତ ପୁରୀରେ ଉତ୍କଳ ଗ୍ରାମରେ ଅବସ୍ଥିତ ଏହି ଜଳାଧାରରେ ଅନେକ ଉପକାର କରିଥାନ୍ତି । ଯଥା ପାଣ୍ଡୁଳ, ହରଳ ଓ ସୁବୋଧ୍ୟ । ଆଜି ଅନେକ ଲୋକ ନୃସିଂହପୁରାଣ ପାଠକରି ଆପଣାକୁ ଧନ୍ୟ ମନେକରନ୍ତି । କବିଙ୍କର ସମ୍ପୃକ୍ତ ପ୍ରକାଶରେ ବ୍ୟୁତ୍ପତ୍ତି ଥିବାର ଜଣାଯାଏ ।

ତ୍ରିଲୋଚନ ଦ୍ୱିଜ କବି ପ୍ରାଚୀମାହାତ୍ମ୍ୟକୁ ଉତ୍କଳାନୁବାଦ କରିଅଛନ୍ତି । ସେ ତାଙ୍କର କୌଣସି ପରିଚୟ ଦେଇନାହାନ୍ତି କିମ୍ବା ଅନୁବାଦର ସମୟ ଦେଇନାହାନ୍ତି । ପ୍ରାଚୀମାହାତ୍ମ୍ୟ ପଦ୍ମପୁରାଣାନ୍ତର୍ଗତ । ଏ ପୁସ୍ତକରେ ଉତ୍କଳର ପ୍ରାଚୀନତ୍ୱ ସମ୍ବନ୍ଧେ ଅନେକ କଥା ମିଳେ । ପ୍ରାଚୀ ନଦୀ ଉତ୍କଳ ପ୍ରଦେଶର ପୂର୍ବକୂଳ ଦେଇ ପ୍ରବାହିତ । ପ୍ରାଚୀ ନଦୀର ପବିତ୍ରତା ସମ୍ବନ୍ଧେ ଏ ପୁସ୍ତକରେ ଲେଖାଅଛି । ନିମ୍ନ କେତେକ ପଂକ୍ତିରୁ ପ୍ରାଚୀର ମାହାତ୍ମ୍ୟ ଜଣାପଡ଼ିବ ।

କପିଳେଶ୍ୱର ସନ୍ନିଧାନ । ଯେହୁ ପ୍ରାଚୀ ମୋକ୍ଷଦେଲ ଜନନ ॥
ଭୂଇଁ ଦେବଙ୍କ ଅଗ୍ରସ୍ଥଳ । ଭୂମି ବ୍ରହ୍ମାଣ୍ଡ ସକଳ ॥
ନାମ ତାଙ୍କର ଅଗ୍ରବେଗ । ସାଯୁଜ୍ୟ ମୋକ୍ଷ ପ୍ରଭୁଦାତ ॥
ତ୍ରିବେଣୀ ସ୍ନାନ କରି ନର । ମୁକ୍ତ କରଇ କଳେବର ॥
ଅନେକ ସ୍ନାନ ଦାନ ଯେତେ । ଶତ ଗୁଣରେ ପୁଣ୍ୟ ଦେତେ ॥
ଗଙ୍ଗାସାଗରୁ ହେ ଅଧିକ । ମୋକ୍ଷ ଦେବଇ କରି ଲେଖ ॥
ବ୍ରହ୍ମାଣ୍ଡେ ପ୍ରାଚୀନାରୀ ସମ । ଭୂତ ଭବିଷ୍ୟ ନାହିଁ ଆନ ॥
କାଳିନ୍ଦୀ ଗଙ୍ଗା ସମୀପରେ । ଯେ ଫଳ ସେ ଫଳ ପ୍ରାଚୀରେ ॥
ମାଧବ ନାମେ ଶୁଦ୍ଧ ସ୍ୱାମୀ । ଯେ ଉତ୍ତରେ ଅର୍ପିତ ॥
ଉତ୍କଳ ଦେଶେ ପ୍ରାଚୀ ନାମ । ସକଳ ନାମେ ଅନୁପମ ॥
କଳିରେ ନାମେ ପ୍ରାଚୀ ଗଙ୍ଗେ । ସ୍ଥିତ ପୃଥିବୀ ଏ ସଂସାର ॥
ଯେବେ ନ ଥିଲି କାଳ ଘୋର । ଉଦ୍ଧାରିଣୀ ଜନ୍ମର ନାହିଁ ॥

ପ୍ରାଚୀ କୂଳରେ ଅନେକ ମହାଦେବ ମୂର୍ତ୍ତି ଅଛନ୍ତି; ଯଥା—କପିଳେଶ୍ୱର, ମଙ୍ଗଳେଶ୍ୱର, ବଟେଶ୍ୱର, ବିଶ୍ୱେଶ୍ୱର, ଅମରେଶ୍ୱର, ଗୋକର୍ଣ୍ଣେଶ୍ୱର, ସୋମନାଥ, ପୁଣ୍ଡ୍ରେଶ୍ୱର, ଶୋଭନେଶ୍ୱର, ସୋମେଶ୍ୱର, ଅଙ୍ଗେଶ୍ୱର, ରାମେଶ୍ୱର, ମଙ୍କୋଶ୍ୱର, ଲକ୍ଷ୍ମଣେଶ୍ୱର, ଇତ୍ୟାଦି ।

ପ୍ରାଚୀ ନଦୀତୀର ତୀର୍ଥପୂର୍ଣ୍ଣ । ପ୍ରାଚୀ କୂଳରେ ଅନେକଗୁଡ଼ିଏ ତୀର୍ଥ ଅଛି; ଯଥା— ମାତୃକା ତୀର୍ଥ, ମଙ୍ଗଳବନ, ତ୍ରିବେଣୀ, ଅର୍କତୀର୍ଥ, କର୍ଣ୍ଣତୀର୍ଥ, ଗୋତୀର୍ଥ, ଅଗ୍ନିତୀର୍ଥ, ଲକ୍ଷ୍ମୀତୀର୍ଥ, ସୂର୍ଯ୍ୟତୀର୍ଥ, ମୁକ୍ତିତୀର୍ଥ, ଚକ୍ରତୀର୍ଥ, ବିଷ୍ଣୁତୀର୍ଥ, ସୁଦର୍ଶନ ତୀର୍ଥ, ବିଶ୍ୱାମିତ୍ର ତୀର୍ଥ, ପଞ୍ଚ ତୀର୍ଥ, ଦଶାଶ୍ୱମେଧ ।

ଶ୍ରୀରାମଚନ୍ଦ୍ର ବନବାସ କାଳରେ ଏହି ପ୍ରାଚୀକୂଳବାଟେ ଯାଇଥିଲେ ବୋଲି ଏହି ପ୍ରାଚୀ ନଦୀରେ ପିତୃଶ୍ରାଦ୍ଧ କରିଥିଲେ । ପ୍ରଭାସ ନଗର ନୃପତି ଶ୍ୟାମେଶ୍ୱରଙ୍କଠାରୁ ସୋମେଶ୍ୱରଙ୍କ ପର୍ଯ୍ୟନ୍ତ ପ୍ରତି ପଦରେ ସଜ୍ଜନଗଣ ସେବନ କରୁଥିଲେ । ସୃଷ୍ଟିର ବନବାସ କାଳରେ ଏହି ପ୍ରାଚୀ ତୀରରେ ଅବସ୍ଥାନ କରିଥିଲେ । ଏହି ନଦୀତୀରରେ ପାଣ୍ଡବତୀର୍ଥ ନାମରେ ଗୋଟିଏ ତୀର୍ଥ ଅଛି । ସୃଷ୍ଟିର ମାଧବାନନ୍ଦ ଠାକୁରଙ୍କ ପ୍ରତିଷ୍ଠିତ ମାଧବ ନାମକ ଗ୍ରାମ ବସାଇଥିଲେ । ଏହି ମାଧବ ନିଅଳୀ ନିକଟରେ । ସେଠାରେ ମାଧବଯାତ୍ରା ନାମକ ଗୋଟିଏ ଯାତ୍ରା ହୁଏ । ମାଘ ମାସ ଶୁକ୍ଳ ଏକାଦଶୀ ଦିନ ଏହି ଯାତ୍ରା ଅନୁଷ୍ଠିତ ହୁଏ । ମାଧବ ଗ୍ରାମ ପୂର୍ବ ଜଳର ଦୂରଦେଶରେ । ସ୍ୱୟଂ ଗଙ୍ଗା ପଦେ ପାପ ପ୍ରକ୍ଷାଳନ ପ୍ରତିବାଞ୍ଛିତ ଅକ୍ଷୟ ଜଗନ୍ନାଥ ଦେବ ମାଧବ ନିକଟରେ ଅବସ୍ଥିତ ଅଛନ୍ତି । ପ୍ରାଚୀକୂଳରେ ତ୍ରିବେଣୀ ନାମକ ତୀର୍ଥ ଅଛି । ସେଠାରେ ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ ପଡ଼େ ଏବଂ ଯାତ୍ରା ହୁଏ ।

ଏ ଗ୍ରନ୍ଥରେ ବାଦ୍ୟଯନ୍ତ୍ର କେତେଗୁଡ଼ିଏ ନାମ —

ଝାଞ୍ଜି, ଘଣ୍ଟାବେଣ୍ଟା, ତେଲିଙ୍ଗ, ଖୋଳପୁଟ, ପିଣାପିଣି, ଧମ୍ପି, ସିଂହୋଳପତ୍ର, ବେଣୁଙ୍କା, ଜାଞ୍ଜବାଦ୍ୟ, ଝଞ୍ଜମାନ, ଶିଙ୍ଘାଶୋଣୀ, ସ୍ୱରିମଣ୍ଡ, ଡମ୍ବୁ ଇତ୍ୟାଦି ।

ସମସ୍ତ ଗ୍ରନ୍ଥଟି ଭାଗବତ ବୃତ୍ତରେ ରଚିତ । ଏଥିରୁ ଅନୁମାନ ହୁଏ, ଏ କବି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପରବର୍ତ୍ତୀ ବା ସମସାମୟିକ ଲେଖକ ।

କୃଷ୍ଣଦାସ — ଏହାଙ୍କ ରଚିତ ଗ୍ରନ୍ଥ ମଧ୍ୟରେ 'ରସବିନୋଦ' ପ୍ରଧାନ ଗ୍ରନ୍ଥ । ଏ ଗ୍ରନ୍ଥଟି ବର୍ତ୍ତମାନ ପ୍ରକାଶିତ ହୋଇଛି । ଭଣିତାବେଳେ କବି ଆପଣାକୁ କେବଳ କୃଷ୍ଣଦାସ ଏବଂ କେତେକ ସ୍ଥଳରେ "ଦୀନକୃଷ୍ଣଦାସ" ବୋଲି ପରିଚୟ ଦେଇଛନ୍ତି । ରସବିନୋଦ ଗ୍ରନ୍ଥରେ କବି ଆପଣାର ପରିଚୟ ଦେଇଛନ୍ତି ।

ପୂର୍ବ ବାଦେନା ଅଟମୂଳ । ଜନମ ଗୋବିନ୍ଦଶ୍ରୀକୂଳ ॥
ସୁବର୍ଣ୍ଣରେଖା ନଦୀ ତୀର । ନିକଟ ଗ୍ରାମ ଜଳେଶ୍ୱର ॥
ସପତ ପୁରୁଷ ମୋ ତହିଁ । ଗଲେ ସେ ଏତେ କାଳ ବହି ॥
ବସି ବୃତ୍ତିପୁ ତହିଁ ସେଠାରେ । ରହୁଣି ଅଛନ୍ତି ଦେମନ୍ତେ ॥

ତହିଁଅ ରାଜାଙ୍କ ନନ୍ଦନେ । ପୋଲ ଭଲର ଦଣ୍ଡପାଟେ ॥
ଅଠ ଦେଇ ଦଣ୍ଡପାଟ ମୂଳେ । ସୁବର୍ଣ୍ଣରେଖା ନଦୀକୂଳେ ॥
ଏମନ୍ତେ ଅନନ୍ତ ଯେ ଭୂପ । ମୋଟେ ଅର୍ପିଲେ ନରଶ୍ରେଷ୍ଠ ॥
ଦୁର୍ଦିନେ ଅନୁଗ୍ରହ କଲେ । ଦକ୍ଷିଣେ ଭଗନ୍ତୁ ଆଣିଲେ ॥
ଦେଖିଲେ ସ୍ୱସ୍ତ ରାଜ୍ୟ ଦେଶ । ଓଡ଼ିଶା ଭୂମିରେ ପ୍ରବେଶ ॥
ଦେଖିଲେ ଶ୍ରୀପୁରୁଷୋତ୍ତମ । କେତେମାନଙ୍କ ସେ ଉଦ୍ୟମ ॥
ସେ ଦନ ମାନସିଂହ ହାତ । ଅଇଲା ଓଡ଼ିଶାକୁ ବାହୁ ॥
ଦେବକ ରାମଚନ୍ଦ୍ର ରଜା । ଶୁଦ୍ଧେ ପାଳିଲେ ଜନ ପ୍ରଜା ॥
ଖୋର୍ଦ୍ଧା ଭିତର ନଗର । ରହିଣ ଥିଲେ ନୃପବର ॥
ଉଦ୍ୟୋଗିଣ ଅଙ୍ଗ ତେଜ । ଧର୍ମ ଦୋହାଇଲ ମୁକ୍ତିଯୋଗ ॥
ତାହାଙ୍କ ନନ୍ଦନର ନାମ । ପୁରୁଷୋତ୍ତମ ଦେବ ଜାଣ ॥
ଅନେକ ଦିଶ ଅଙ୍ଗ ତେଜ । ଧର୍ମ ଦୋହାଇଲ ମୁକ୍ତିଯୋଗ ॥
ତାହାଙ୍କଠାରୁ ଯେ ଜନ୍ମ । ନୃସିଂହ ଦେବ ମହାରାଜ ॥
କେତେଦିନ ଅନ୍ତେ ଯାଇ ଥିଲେ । ବନ୍ଧୁ ତରଙ୍ଗ ଦେହା କଲେ ॥
ମୁନି ମାତରେ ଯାତା ପୁଣ । ବଦନ୍ତି ପୁରାଣ ଭୁଆଣ ॥
ଏମନ୍ତେ ଘଟନ ଏ ପୋଥି । ଜାଣିଲ ଓଡ଼ିଶା ଭୂଆଣ ॥

X X X

ତେଣୁ ଦେ ଦୋଷରେ ଆସି । ରାଜାଙ୍କୁ ପ୍ରଜାଙ୍କ ନାଶି ॥
ଏ ଗ୍ରନ୍ଥ ଯୋଡ଼ିବାର କାଳେ । ସର୍ବ ଦ୍ରାକ୍ଷୀ ନଦୀକୂଳେ ॥
କଳଦେଶ୍ୱର ଲିଙ୍ଗ ପାଶ । ଏକଚାଳିଆ ନାମ ଦେଶ ॥
ତହିଁ ମୋହର ନିଜ ସ୍ଥିତି । କରୁଣା କଲେ ଗୋସାଇଁ ପତି ॥
ଧର୍ମ ଭରତା ଜଗନ୍ନାଥେ । ପ୍ରଚଣ୍ଡ ଆଜ୍ଞା ଦେଲେ ମୋତେ ॥
ମୁଁ ଭୁବ ବାନ୍ଧିବେ ଗଣନା । ନାଟରେ ରଜଦୁର ଦିନା ॥
ଅନେକ କାଳ ଗୋଳ ମୋର । ଅନନ୍ତ ଓଡ଼ିଶା ରାଜ୍ୟର ॥
କେହି ତ ନ ବୁଝନ୍ତି ମୋତେ । ଜାଣ ଗୁରୁମୁଖ ରଚ୍ଛି ଯେତେ ॥
ଏଥି ତମା ନାହିଁ ଜାତି ତୋଷା । ମୁଁ ଭାବେ ଦକ୍ଷିଣର ଦେଶା ॥

ଏଥିରୁ ବଶଙ୍କ ପଣ୍ଡିତ ଓ ସମସ୍ତ ସୁଖ ଜଣାପଡ଼ୁଅଛି । ପଣ୍ଡିତଙ୍କର ଅପ୍ରକାଶ ଅନେକାନେକ ପୁସ୍ତକ ଅଛି । ଗଞ୍ଜାମଜିଲାରେ ସେ ପୁସ୍ତକ ନାମ ନିମ୍ନଲିଖିତ ମତେ ଦିଆଯାଉଛି : ଲୁଣ୍ଠାକର, ରସସମୁଦ୍ର, ଭୂତନେଳି, ବଂଶବାଧକ, ଅମୃତସାଗର, ମୁକ୍ତିତ୍ୱାକର, କାବ୍ୟମଣିଶାସ୍ତ୍ର, ପ୍ରତାପସାଗର, କଳମୋହନ ବୁଦ୍ଧି, କମ୍ରନ୍ଦା କଥା, ସିଂ, ଚଂଦ୍ରବଂଶ, ଜ୍ଞାନଚାକର, ଧର୍ମ ଦାତବ, ଦଶାବତାର କଥା, ଶୀତାରତ୍ନ, ନାମରତ୍ନ ଗୀତା ।

ମିଷ୍ଟର ସାହେବ ଦୀନକୃଷ୍ଣ ଦାସଙ୍କ ରଚିତ ପୁସ୍ତକମାନଙ୍କର ଯେଉଁ ତାଲିକା ଦେଇଅଛନ୍ତି, ସେଥିରୁ ମଧ୍ୟରେ କେବଳ ଗୁଣସାଗର ବ୍ୟତୀତ ରସବିନୋଦରେ ଲେଖାଥିବା ପୁସ୍ତକମାନଙ୍କ ନାମ ନାହିଁ। ତେବେ ଏଠାରେ ବକ୍ତବ୍ୟ ବିଷୟ ଏହି ଯେ, ରସକଲ୍ଲୋଳ ଲେଖକ ଓ ରସବିନୋଦ ଲେଖକ ଏକ ବ୍ୟକ୍ତି ବା ଭିନ୍ନ ଭିନ୍ନ ବ୍ୟକ୍ତି ? ରସବିନୋଦର ଲେଖା ଯେପରି ସରଳ ଓ ସୁବୋଧ୍ୟ, ରସକଲ୍ଲୋଳ ଲେଖା ମଧ୍ୟ ସେହିପରି। ରସବିନୋଦ ଲେଖକ ଓ ରସକଲ୍ଲୋଳ ଲେଖକ ଯେବେ ଏକ ବ୍ୟକ୍ତି ହୁଅନ୍ତି, ତେବେ ଜଣାଯାଏ ଯେ ରସବିନୋଦ ଲେଖା ପରେ ରସକଲ୍ଲୋଳ ଲେଖା ହୋଇଛି। ରସକଲ୍ଲୋଳ ଲେଖକ ଯେପରି ଜଣେ ଧର୍ମାତ୍ମା ସ୍ୱରୂପ ଏବଂ ଶୁଦ୍ଧବାଦୀ ଥିଲେ, ରସବିନୋଦ ଲେଖକ ମଧ୍ୟ ସେହିପରି ଜଣେ ଶୁଦ୍ଧବାଦୀ ଥିଲେ। ରସବିନୋଦ ଲେଖକଙ୍କ ଲେଖା ଯେପରି ସୁଧାବୃଷ୍ଟିବର୍ଷିତ ଅଳଙ୍କାରରେ ଲିଖିତ, ରସକଲ୍ଲୋଳ ଲେଖକଙ୍କ ଲେଖା ମଧ୍ୟ ସେହି ଉଦାହରଣ। ଉଭୟ ପୁସ୍ତକ ଲେଖକ ବୈଷ୍ଣବଧର୍ମାବଲମ୍ବୀ ଥିଲେ। ଉଭୟ ପୁସ୍ତକ ଲେଖକ ସ୍ୱଳ୍ପଭାଷୀ ଥିବାରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କଥାଗତ ଦେଖିଁ ନାନାପ୍ରକାର ବର୍ଣ୍ଣନା ଲେଖିଅଛନ୍ତି। ରସକଲ୍ଲୋଳର ଭାଷା କିପରି ସରଳ ତାହାର ନିଦର୍ଶନ ନିମ୍ନରେ ଦିଆଗଲା।

"କୃଷ୍ଣ କଥା ଶ୍ରବଣରେ ଶୁଣିବ　। କୃଷ୍ଣ ବୋଲି ଜଗତକୁ ଜାଣିବ ॥
କୃଷ୍ଣ କାର୍ଯ୍ୟେ ତତପର ହୋଇବ　। କୃଷ୍ଣ ପାଇଁ ଭଲ ଦ୍ରବ୍ୟ ଥୋଇବ ॥
କୃଷ୍ଣ ଗୀତ ଶରଧାରେ ଗାଇବ　। କୃଷ୍ଣ ଦାସଙ୍କୁ ପ୍ରସନ୍ନ ହୋଇବ ॥
କୃଷ୍ଣ ରୂପ କରୁଥିବ ଧିଆନ　। କୃଷ୍ଣଚରିତ କରୁଥିବ ଗାନ ॥
କୃଷ୍ଣ ଭଣାରେ ଯା'ର ଇଚ୍ଛା ନାହିଁ　। କେଉଁ ଉପାୟକୁ ଦେଖିବ ସେହି ॥
ଦୀନବନ୍ଧୁ କପାଳେ କରମତନ୍ତ୍ରୀ　। କଳାମେଘେ କଦା ଚନ୍ଦ୍ର ଦେଖନ୍ତି ॥"

ଏପରି ଦେଖିବାକୁ ଗଲେ ରସକଲ୍ଲୋଳର ସମସ୍ତ ପଦଗୁଡ଼ିକ ସରଳ ଏବଂ ହୃଦୟସ୍ପର୍ଶୀ।

'ଗୁଣସାଗରର' ଭାଷା ମଧ୍ୟ ସେହିପରି ସରଳ।

"ଅତଳ ଜଳଧି ହୃଦୟ ପଦକ ଦରିଦ୍ର ହେଲେଁ ବାନ୍ଧି।
ତାଙ୍କ ବିନୁ ମୁଁ ଯେ ଅନାଥ ହୋଇଲି କେମନ୍ତେ ଧରିବ ଚିତ୍ତ ॥"

ରସକଲ୍ଲୋଳ ଲେଖକ ମଧ୍ୟ ଆପଣାକୁ କୃଷ୍ଣଦାସ ବୋଲି ପରିଚୟ ଦେଇଅଛନ୍ତି।

୧—କୃଷ୍ଣଦାସ ମନ, କମଳ ଲୋଚନ ଧର ଚରଣ।
୨—କୃଷ୍ଣଦାସ କହେ, କୃତାର୍ଥ ହୋଇଲି ଏହି ଗୀତ ଗାଇ।
୩—କୃଷ୍ଣଦାସ ମନ ପଡ଼ିଛି ଭୋଳିଆ ଯେ ରୂପକୁ ଦେଖି ନିତ୍ୟ।
୪—ଭକତେ ସ୍ତୁତି ବାଣୀମାନ କରନ୍ତି, କୃଷ୍ଣଦାସ ମନ ଅଳପରେ ମୋହନ୍ତି।
୫—ଶୁକଦେବ ଗୋପୀଙ୍କ କଥା ଶୁଣି, କୃଷ୍ଣଦାସର ବଢ଼ିବ ସୁଖଶ୍ରେଣୀ।

ସୁତରାଂ ଏହିରୁ ଜଣାଯାଏ ଯେ ଉଦ୍ଧବଦୂତ ଲେଖକ ଏବଂ ଉତ୍କଳକଲ୍ଲୋଳ ଲେଖକ ଏକ ବ୍ୟକ୍ତି । ଏହାଙ୍କର ପ୍ରକୃତ ନାମ 'କୃଷ୍ଣଦାସ'; ମାତ୍ର 'ଦାସ' ଶବ୍ଦଟି ବଙ୍ଗଦେଶୀୟରୂପେ ସ୍ଥଳବିଶେଷରେ ବ୍ୟବହୃତ ହୋଇଛି । ସୁତରାଂ ଏହାଙ୍କ ଗ୍ରନ୍ଥଦ୍ୱୟ ସମ୍ବନ୍ଧରେ ସନ୍ଦିହାନ ହେବାର କିଛି କାରଣ ନାହିଁ । ଉଦ୍ଧବଦୂତରେ ପୂର୍ଣ୍ଣ ପରିଚୟ ଦିଆଯାଇଛି । ଏହାଙ୍କ ଜନ୍ମସ୍ଥାନ, ଶେଷ ବାସସ୍ଥାନ, ଜାତି ଇତ୍ୟାଦିର ପୂର୍ଣ୍ଣ ପରିଚୟ ମିଳୁଛି ।

ପଣ୍ଡିତ ମୃତ୍ୟୁଞ୍ଜୟ ରଥେ କାଳଚେର ଦେଉଳ ପଟ୍ଟନା ଉପଲକ୍ଷେ ଉତ୍କଳକେଳିର ସ୍ଥାନମାନ ଆଲୋଚନା କରିଥିଲେ ( ଉତ୍କଳସାହିତ୍ୟ ୧୯ଶ ଭାଗ, ୧ମ ସଂଖ୍ୟା ) । ସେ କବି ପୁରୀବାସୀ ହେବାର ଯେ କାରଣ ଦେଖାଇଛନ୍ତି, ତାହା ସମୀଚୀନ ନୁହେଁ । କବି ପୁରୀବାସୀ ହୋଇପାରନ୍ତି; ମାତ୍ର ପୁରୀ ତାଙ୍କର ଜନ୍ମସ୍ଥାନ ନୁହେଁ । ପୁରୀ ସହରର ଦେବଦେଉଳମାନଙ୍କର କଥା ବର୍ଣ୍ଣନା କରିଥିବା ଲୋକର ଜନ୍ମସ୍ଥାନ ଯେ ଅବଶ୍ୟ ପୁରୀରେ ହେବ, ଏ ଯୁକ୍ତି ନିତାନ୍ତ ଅସଙ୍ଗତ । କବି ପୁରୀକୁ ଯାଇଥିବା ଏବଂ ପୁରୀରେ ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇଥିବା କଥା ଉଦ୍ଧବଦୂତରେ ଲେଖାଅଛି; ମାତ୍ର ଜନ୍ମସ୍ଥାନ ପୁରୀରେ ନୁହେଁ ।

ରଥେ କହୁଛନ୍ତି, କବି କରଣ ଥିବାର ଦେଖା ଯାଉଛି । ଏହି ପ୍ରମାଣ ଉପରେ ନିର୍ଭର କରି ରଥେ କବିଙ୍କୁ କରଣ ସ୍ଥିର କରିଛନ୍ତି ଏବଂ ପ୍ରମାଣ ନଥିବା ସତ୍ତ୍ୱେ ତାହାଙ୍କୁ ଶ୍ରୀଚୈତନ୍ୟ ବୈଷ୍ଣବପନ୍ଥୀ ଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏଥିରୁ ଜଣାଯାଏ, ରଥେ ଉତ୍କଳକେଳି ସମାଲୋଚନା କଲାବେଳେ ଉଦ୍ଧବଦୂତ ପଢ଼ି ନଥିଲେ । କବିର କୌଣସି ଗୋଟିଏ ପୁସ୍ତକ ଆଲୋଚନା କରିବାକୁ ହେଲେ ତାଙ୍କ ରଚିତ ଅନ୍ୟାନ୍ୟ ପୁସ୍ତକ ଦେଖିବା ଆବଶ୍ୟକ ।

କବି ବୈଶ୍ୟ ହୋଇପାରନ୍ତି; ମାତ୍ର ଦଶରୁ ଉର୍ଦ୍ଧ୍ୱ କବି ଷୋଡଶବର୍ଷ ବୟସରୁ ଗ୍ରନ୍ଥ ପ୍ରଣୟନ କରିଥାଇଛନ୍ତି, କେତେ ଜଣ ଏହା ସେପରି କରିବାକୁ ସମର୍ଥ ହୁଅନ୍ତି ? ବରଂ ଜଣାଯାଏ ଏହି ବିଦ୍ୟାବଳରେ ବଳୀୟାନ ଥିଲେ । ଲକ୍ଷ୍ମୀ ତାଙ୍କର ବିଦ୍ୱେଷୀ ହୋଇ ଥାଇପାରନ୍ତି; ମାତ୍ର ସରସ୍ୱତୀ ଏହାଙ୍କ ଉପରେ ପୂର୍ଣ୍ଣଭାବରେ ଅବଲମ୍ବନ କରିଥିଲେ । କବିଙ୍କର ସଂସ୍କୃତଶାସ୍ତ୍ରରେ ଜ୍ଞାନ ଥିବାର ଜଣାଯାଏ, କାରଣ ଉତ୍କଳକଲ୍ଲୋଳ ପ୍ରାକୃତ ଛନ୍ଦରେ ଅନେକ ସଂସ୍କୃତ ପ୍ରବଚନର ଅବିକଳ ଅନୁବାଦ ଦିଆଯାଇଛି ।

ଯଥା—"ନିରାଧାରଂ ନ ଶୋଭନ୍ତେ କବିତା ବନିତା ଲତା ।"
କେବଳ କବିତା ବନିତା ଲତା
ଜଣାଅଛି ବିଜ୍ଞ ପଣ୍ଡିତ ଲୋକ
ଆଶ୍ରୟ ନଥିଲେ ନ ଶୋଭନ୍ତି । (ଉତ୍କଳକଲ୍ଲୋଳ—୩୪ ପୃଷ୍ଠା)

ଯ—"କେଚିଦ୍ ବଦନ୍ତି ବିପନନ୍ତି ଭୁଜଙ୍ଗମଣ୍ଡେ
କେଚିଦ୍ ବଦନ୍ତି ଲଲନା କମ୍ବୁକଣ୍ଠାଗ୍ରେ
କେଚିଦ୍ ବଦନ୍ତି ଜଳଜା ରଦନାଗ୍ରସ୍ଥେ
କର୍ପୂର ନୀର ପରିପୂରିତ ନାରିକେଳେ ।"

"କେ ବୋଲେ ସ୍ତେଜ୍ଜ (ବିଷ)
ଅଛି ସର୍ପଜିହ୍ୱାର ଠାବେ
କିଏ ସେ ବଢ଼ି ମେ ବୋଇଲି ବେଳ୍ୟୁ
ତସ୍ତୁ ପଇଡ଼ ସଙ୍ଗେ ଅଛି ଯେ
କେ ବୋଲେ ଜଳ ରଚନା ସୁଟି
କେ ବୋଲେ ନାସ୍ତି ନେତ୍ର ମଧାରେ
ସେତେକ ବଡ଼ ସେ ତ ସଂସାରେ ମଣ୍ଡନ୍ତି ଯେ ।" (ରସକଲ୍ଲୋଳ-୭ମ ପୃଷ୍ଠା)
କେତେବେଳେ ତରଙ୍ଗିଣୀ, କଇପଥ, ଶୃଙ୍ଗିଣୀ
ଟେକିଲୁ ମୁଁ ଯାଇ ବିଷ୍ଣୁ । ଇତ୍ୟାଦି ।

'ନାମରତ୍ନଗୀତା' ଏହାଙ୍କ ରଚିତ ଅନ୍ୟତମ ପୁସ୍ତକ । ଏଥିରେ କୃଷ୍ଣାର୍ଜୁନ ସମ୍ବାଦ ବର୍ଣ୍ଣିତ ଅଛି । ଏଥିରେ ଭକ୍ତଲକ୍ଷଣ, ଗୁରୁଲକ୍ଷଣ, ପାପର ଦଣ୍ଡ ବର୍ଣ୍ଣନା, ଧର୍ମତତ୍ତ୍ୱ, ଚଣ୍ଡାଳ ବର୍ଣ୍ଣନ, କୁମ୍ଭୀପାକ ଘୋରାଘୋର, ସୃଷ୍ଟିତତ୍ତ୍ୱ, ନାମମହିମା ଇତ୍ୟାଦି ବର୍ଣ୍ଣିତ ଅଛି ।

"ଗନ୍ଧତଳା" ଶବ୍ଦର ବ୍ୟବହାର ଏ ଗ୍ରନ୍ଥରେ ଦେଖାଯାଏ । ଗନ୍ଧତଳା ଅର୍ଥ ରୁମାଲ ।

ଦର୍ଶନ ହୋଇ ଦୁଃଖ ପାଉଥାଇ ସେତେ
ନ ତାଙ୍କୁ ଛୁଇଁଲେ ସେ ନ ଛାଡ଼ିଲ ମୋତେ । (ଭକ୍ତଲକ୍ଷଣ)

କର୍ଣ୍ଣ ଉପଦେଶ ଗୁରୁ ଶବ୍ଦାଦେ ମୂଳ
ଅନୁଭବ ତତ୍ତ୍ୱରୁ ଉଜ୍ଜଳ ହୁଳ । (ଗୁରୁଭକ୍ତି)

କୋଟିଏ ପାପ କରିଲ ଅଗ୍ନିକି ହୋଇ । (ପାପର ଦଣ୍ଡ)

"ଘୃତପାକ ଅନ୍ନ, ଅମୃତ ଦେବ ଦେବୀ, ରଣ୍ଡି ଅମାନଙ୍କ ମଧ୍ୟେ ଗୁରୁ ଗୁରୁ" ଇତ୍ୟାଦି ଏଥିରେ ବ୍ୟବହୃତ ହୋଇଛି ।

ଏହା ଦ୍ୱିତୀୟଗୀତା ବା ଯମଗୀତା ନାମକ ଖଣ୍ଡିଏ ପୁସ୍ତକ ରଚନା କରିଥିଲେ । ଏଥିରେ ବସ୍ତ୍ର ଭଜନ ଫଳ ଓ ଦୁରାତ୍ମାଙ୍କ ଦୁର୍ଗତି ବର୍ଣ୍ଣିତ ଅଛି । ଯମପୁରବର୍ଣ୍ଣନ, କେଉଁ ପାପର କି ଦଣ୍ଡ, ଶ୍ରୀକୃଷ୍ଣଙ୍କ ଯମପୁରରୁ ଗୁରୁପୁତ୍ର ଆନୟନ ଏ ଗୀତାରେ ବର୍ଣ୍ଣିତ ହୋଇଛି । ଏ ଗ୍ରନ୍ଥରେ କବି ଆପଣାକୁ ନୃସିଂହଦାସ ଶିଷ୍ୟ ବୋଲି ପରିଚୟ ଦେଇଛନ୍ତି । ସ୍ଥାନ-ବିଶେଷରେ ନୃସିଂହଦାସଙ୍କ ସ୍ତୁତି ବୋଲି ମଧ୍ୟ ଲେଖିଛନ୍ତି ।

"ଭଣେ ନୃସିଂହଦାସ ବଳା ॥"

"ଅନ୍ତେ ପାଲବ ସ୍ୱର୍ଗବାସ । ଭଣେ ନୃସିଂହଦାସ ଶିଷ୍ୟ ॥"
"ଭଣେ ଧନକୃଷ୍ଣ ଦାସ । ଗୁରୁଙ୍କ ଭଗବାନ ଘୋଷ ।"

'ନାବକେଳି' ଭକ୍ତଙ୍କର ଅନ୍ୟତମ ରଚନା । ଏହାର ଭାଷା ମଧ୍ୟ ଅତି ସରଳ

"କେ ବୋଲେ ନାଗର ଶ୍ରୀବନମାଳୀ
ଚନ୍ଦନ ଧଇଆ ଲକ୍ଷ୍ମୀକାନ୍ତ ।
କେ ବୋଲେ ଚନ୍ଦ୍ରମା ମୁଖ ଉଜ୍ଜ୍ୱଳ
ଚିତା ଦଳରେ ଲାଗିଅଛି ନୀଳ ।
ଏତେ ବାଳୁତକାଳୁ ସେ ବୁଝିଆ
ହରି କଥା ତାର ଭଜନ ପିଇଆ ।
ଉତ୍କଳନାଥକ ଜଗବନ୍ଧୁ
ଧନକୃଷ୍ଣ ଦାସ ପାଦେ ଶରଣ ।"

'ପ୍ରଶ୍ନାଦୀପିକା' ଭକ୍ତଙ୍କର ଗୋଟିଏ ଉପାଦେୟ ଗ୍ରନ୍ଥ । ସ୍ୱର୍ଣ୍ଣ ଶ୍ଳୋକଗୁଡ଼ିକ ଭକ୍ତ ସରଳ ଓଡ଼ିଆ ଭାଷାରେ ଅନୁବାଦିତ କରିଛନ୍ତି ।

"ସ୍ୱର୍ଣ୍ଣ ଶାସ୍ତ୍ରେ ଯେତେକ ବାଣୀ
ସବୁ ପ୍ରଶ୍ନ ମୂଳ କରି ଆଣି ।
ଶୁଭ ଅଶୁଭ ଭଲ ମନ୍ଦ ଯାହା
ଏ ଶାସ୍ତ୍ର ପଢ଼ିଲେ ଜାଣିବ ତାହା ।
ଶ୍ରୀଜଗନ୍ନାଥଙ୍କ ଦେବ ଚରଣ
ଶିଶୁମତି କୃଷ୍ଣଦାସ ଶରଣ ।"

ଭକ୍ତ 'ଦେଉଳତୋଳା' ବୋଲି ଏକ ଗ୍ରନ୍ଥ ଲେଖିଛନ୍ତି । ଜଗନ୍ନାଥ ଦେଉଳ ନିର୍ମାଣ ଓ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ବିଷୟ ଏଥିରେ ବର୍ଣ୍ଣିତ ଅଛି । ଦେଉଳ ନିର୍ମାଣ ଓ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା ପରେ ସ୍ୱୟଂ ଜଗନ୍ନାଥ ପ୍ରସନ୍ନ ହୋଇ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ବର ମାଗିଲେ । ଇନ୍ଦ୍ରଦ୍ୟୁମ୍ନ କହିଲେ—

"ତୁମ୍ଭେ ଯେବେ ବର ଦେବ ମାଗୁଅଛୁ ମୁହିଁ
ମୋହର ବଂଶରେ କେହୁ ନଥିବେ ଗୋସାଇଁ ।
ଇନ୍ଦ୍ରଦ୍ୟୁମ୍ନ ବୋଲେ ମୋର କେତେ ଭାଗ୍ୟ ନାହିଁ
ସବୁଦିନେ ଜାଗତ ମୋହର ଥିବ ରହି ।

ପୂର୍ବ ଜାତ ବୋଲନ୍ତେ ଯେ ଦେଖିଲ ଅନ୍ତର
ଆତ୍ମର ହୋଇଲେ ଧର୍ମ ଜିବ ଯେ ମୋହର ।
ବିଦ୍ୟାପତି ବ୍ରାହ୍ମଣ ଯେ ମୃତ୍ୟୁପଣେ ଥିଲ
ଶବର ଝିଅକୁ ସେ ଯେ ବିବାହ ହୋଇଲ ।
ଶବରୁଣୀଠାରୁ ଯେଉଁ ପୁତ୍ର ହେବ ଜାତ
ସେ ତ ସୁଆର ଯେ ହେବ ବୋଇଲେ ଜଗନ୍ନାଥ ।
ଶବରଙ୍କ ଘରୁ ଯେଉଁ ପୁତ୍ର ହେବ ଜାତ
ଦଇତା ସେବକ ହେବେ ବୋଇଲେ ଜଗନ୍ନାଥ ।
ଯେ ବ୍ରାହ୍ମଣ ଘରେ ଯେଉଁ ପୁତ୍ର ହେବେ ଜାତ
ପୂଜକ ସେବକ ସେ ହୋଇଲେ ଜଗନ୍ନାଥ ।"

ଅଚ୍ୟୁତାନନ୍ଦ ଦାସ—ଏ ଜଣେ ପ୍ରଧାନ ଭକ୍ତ ଏବଂ ପଣ୍ଡିତ ଥିଲେ । ଏ ଶ୍ରୀଚୈତନ୍ୟ ଦେବଙ୍କ ପଞ୍ଚସଖାମଧ୍ୟରୁ ଜଣେ । ଏହାଙ୍କ ଲେଖା ପଢ଼ିଲେ ଜଣାଯାଏ, ଏହି ଜଣେ ଅସାଧାରଣ ପଣ୍ଡିତ ଥିଲେ । ଏହାଙ୍କ ରଚିତ ପୁସ୍ତକ ଅତିଶ ଦାର୍ଶନିକ ଶାସ୍ତ୍ରମାନ ଏବଂ ସକଳ ଉତ୍କଳଖଣ୍ଡରେ ପ୍ରଚାରିତ ଅଛନ୍ତି । ସେ ଜଣେ ସନ୍ନ୍ୟାସୀ ଗୋପାଳଚନ୍ଦ୍ରାନ ଥିଲେ । ସେ ଅନେକଗୁଡ଼ିଏ ପୁସ୍ତକ ଲେଖିଯାଇଛନ୍ତି । ଶୂନ୍ୟସଂହିତାରେ ଏହାଙ୍କ ଉତ୍ପତ୍ତିକଥା ଦେଇଅଛନ୍ତି । ଏହି ଲେଖିଅଛନ୍ତି, "ସେ ପୂର୍ବଜନ୍ମରେ ସୁଦାମ ଥିଲେ ।" ସେ ଚୈତନ୍ୟଙ୍କ ଅନ୍ୟ ସ୍ୱରୂପ—ଜଗନ୍ନାଥ, ବଳରାମ, ଅନନ୍ତ, ସତେଶଚନ୍ଦ୍ର । ସ୍ୱନାମଙ୍କ ବୁଦ୍ଧ ଶୁଣି ଅଚ୍ୟୁତ ଯେଉଁ ଧର୍ମ ଉପଦେଶ ଦେଇଥିଲେ ତାହାହିଁ ଶୂନ୍ୟସଂହିତାର ବର୍ଣ୍ଣିତ ବିଷୟ । ଶୂନ୍ୟଭଜନ ଓ ନିର୍ବାଣ ଭଜନ ଏହାଙ୍କ ମତରେ ସବ ପଥରେ ମୁକ୍ତି ପନ୍ଥା । ଅତି ଗୂଢ଼ ତତ୍ତ୍ୱଗୁଡ଼ିକ ସାଧାରଣଙ୍କର ସୁବୋଧ ହେବାଲାଗି ଦାସେ ଅତି ସରଳ ଓଡ଼ିଆଭାଷାରେ ବ୍ୟକ୍ତ କରିଛନ୍ତି । ନିର୍ବାଣ ଭଜନ ସମ୍ବନ୍ଧେ ଏହି ଉପଦେଶ ଲେଖିଛନ୍ତି ଦେଖନ୍ତୁ—

"ଇନ୍ଦ୍ରିୟ ସ୍ୱାଦ ଯେତେକ ସୁଖ । ପାକେ ମିଶିଗଲେ ସେତେକ ଦୁଃଖ ॥
ସୁନ୍ଦରଟି ପାକେ ମିଶ କରିଲେ । ଅମୃତ ପଦାର୍ଥ ବିଷଇ ଭଲେ ॥
ଯେ ଠାବରୁ ମୁଳ ଫଡ଼ିଲା ତାର । ଦେଖି ପ୍ରମାଣେ ସେ ବିଷସ୍ତୁ ଭର ॥
ଖାଇଥିବୁ ଯେବେ ଲୁହା ଖପରି । ମିଳନ ଗାଳିଲେ ଲୁହା ଛୁଟିଛି ॥
ଲୁହା ଖାଇଲେ ମିଳିଲ ନ ଜାଣ । କାଞ୍ଚନ ଖାଇଲେ ଲୁହା ତେଜଇ ॥
କାଞ୍ଚନ ଖାଇଲେ ସବୁ ଝଲକ । କାଳିଶିରେ ଯେତେ ଶଶୀ ରହାଇ ॥
ପଞ୍ଚୁଆ ଛଟିଣା ଘୁଷିଲେ ମଣି । ମନ ଜନକରେ ଲୁଲ ହୋଇ ଦିଶ ॥
ଯେଉଁ ପଦାର୍ଥକୁ ତୋଷର ଇଚ୍ଛା । ନିର୍ବାଣ କରି ଧର ମନ ବାଞ୍ଛା ॥

ଜାଗାଇଲେ ଯନ ରଶ୍ମି ଯେମନ୍ତ । ଉଦୟ ନାଶଇ କଳ୍ପିତ ମତ ॥
ସେହିପରି ହରିନାମ ଏହି ଭଜନ । ଚତୁର୍ବର୍ଣ୍ଣ ବୋଲି ମନରେ ଘେନ ॥”

ଗୃ.ନିଷ୍ଠ ଦାସେ କହନ୍ତି—

“ମୋହ ଶବଦ ତୋତେ ଅଦ୍ଧା ବାପୁ । ଏ ଭଜନ ଦୁହି ଗୁହ୍ୟ ଜଳନ୍ତୁ ॥
କିଏ ଜାଣିବ ମିଥ୍ୟା ଯେ ସଂସାର । ଅଜପ କରିଲେ ଆଖି ଜଳ ଜାଣିବ ॥
ଆପଣ୍ଠ ଅଟେ ଚିନ୍ତିଲେ ହେ ବାପୁ । ଜାଣେ ଜାଣେ ଅନାମର ହୋଇଲୁ ॥
ଦୁଇଷ ଯାଇଥିବୁ ଭବସାଗର । କୁଳଜଳ ପ୍ରାନ୍ତେ ଗିବ ଶୋଭ ॥

X X X

ଅପୁଦଲେ ଉଦ୍ଦେଶ ବାୟୁ ଯେ ବନ୍ଧିବ । ମହାଘୋର ଅନ୍ଧକାର ତମ ଅବରୋଧ ॥

ଜ ଚରେଣ ଦମ୍ପତିର ଦାସେ କହନ୍ତି—

“ହେଲେ ଜାତି ଜଳ ନାହିଁ ଭକ୍ତି ମନ ଶ୍ରୀକୃଷ୍ଣ ବାଟମା ଥାଏ ।
ବଳିବଳଷ୍ଟ ଯେ ପଦ୍ଙ୍କରେ କୁଞ୍ଚିଲେ ପଙ୍ଗୁ ନ କରିବ ଦେହ ॥”

ଦାସେ ଆତ୍ମପରିଚୟ କରେ ଦେଇଛନ୍ତି କେଶଙ୍କୁ—

ଶାଳକଣାରେ ମୁଁ ଜନମ ହୋଇଲି କେଷ୍ଟ ନ ଚିହ୍ନିଲେ ମୋତେ ।
ଅଗଣିତ ବୋଲି ମାତା ଡାକୁଥାନ୍ତି ଅନ୍ନ ନ ମିଳଇ ପେଟ ॥
ବେଦ ସୁତ ମୋର ଏକ ଯେ ଭଗିନୀ ଛିଣ୍ଡିର ଗ୍ରାମରେ ବାସ ।
ଏମନ୍ତ ମୋ ମାତା ପିଅର ବଶନ୍ତି ଗ୍ରାମରେ ଭର ନିବାସ ॥
ନାମ ମୋ ଅଚ୍ୟୁତ ଦାସ ଯେ ବୈଷ୍ଣବ ନେପାଳ ଗ୍ରାମରେ ଅଛି ।
ଏବେ ଶୂଦ୍ରକୁଳେ ଜନମ ଲଭିଲି ପ୍ରଭୁଙ୍କ ଆଜ୍ଞାରୁ ମୁହିଁ ॥
ଗ୍ରନ୍ଥ ଦାସ ନିର୍ମିଳ ପୁରାଣ ପଞ୍ଚରେ ଜଗତ ହିତେ ।
ସୁଗ୍ର ଜମ୍ବୁନଦୀ ସୁବର୍ଣ୍ଣ ବାଟତା ଆଜ୍ଞା ହେଲା ପ୍ରଭୁ ଏବେ ॥
ଧନବନ୍ତ ନାମ ଲକ୍ଷ୍ମୀ ଏ ଶୂଦ୍ରର କୁଳରେ ହୋଇବୁ ଜାତ ।
ଦାଶ୍ମି ଗ୍ରାମ ଫଳ ଦେଖିବ କମଳ ପୁତ୍ର ଅଂଶ ଲଭି ପୁଣି ॥
ଶୁଣି ଏ ଧନବନ୍ତ ନାମ ବୋଲିଣ ପଦ୍ମାବତୀ ନାମେ ନାରୀ ।
ତୁମ୍ଭ ଅଙ୍ଗ ଘେନ ପ୍ରବେଶ ହୋଇଲୁ ଗର୍ଭେଣ ମୁହିଁ ତାହାରି ॥
ଦଶମାସ ଦଶ ଦିବସ ମଧ୍ୟରେ ଶୁକ୍ଳ ମାଘ ଏକାଦଶୀ ।
ଜନମ ଲଭନ୍ତେ ପିତା ମୋ ଦେଖନ୍ତେ ଅନ୍ନ ଫିଙ୍ଗି ଦୋଷ ଦେଇ ॥
ତେ ବୋଲିଲେ ଅନାମ ଅଗଣିତ ନାମ ଏ ବୋଲି ଅନନ୍ତ ଦତ୍ତ ।
ମାତା ପିତା ମୋତେ ଡାକିଲେ ନିଶ୍ଚୟ ଅଚ୍ୟୁତ ନାମ ଯେ ଦେଇ ॥
ଚୈତନ୍ୟ ଗୋସାଇଁ ବନେ ଭଣିଛନ୍ତି ବାଳଦାସରେ ଯେ ଅଛି ।

ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ ଚରଣେ ପଡ଼ିଲି ସ୍ୱାମୀ ॥
ମେଲାଣି ମାଗି ମୋ ପିତା ମୋତେ ଦେଇ ନିଜ ଗ୍ରାମକୁ ଗଲେ ।
ବୁଦ୍ଧ ଦେଖାଇଲେ ମନ ଉଦ୍‌ବେଗିତ ହୋଇ କଣ୍ଠୀ ବସ୍ତ୍ରକେ ॥
ଧର୍ମ ଦେବ ସ୍ଥାନ ଦେବ୍ୟ ପଣାଶ୍ୱର ଭବାନୀ କୂଳରେ ଥାଇ ।
ନେମାଳ ଗ୍ରାମ ଶଙ୍ଖୋଦ୍ଧାରା ସୁଧରେ ପଦ୍ମବନ ନାମେ ଭୂଇଁ ॥"

ଏଥିରୁ କବିଙ୍କ ଜୀବନ ବୃତ୍ତାନ୍ତ, ତାଙ୍କ ଜନ୍ମସ୍ଥାନ ଇତ୍ୟାଦି ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳୁଛି ।

'ଶୂନ୍ୟସଂହିତା'ର ଦଶମ ଅଧ୍ୟାୟରେ ଦାସେ ମାଧବଙ୍କ ଜନ୍ମ ଲେଖିଛନ୍ତି । ମାଧବ ବୈରାଗୀ ହୋଇ ବନକୁ ଯାଇଥିଲେ । ଦଣ୍ଡକାରଣ୍ୟ ପୂର୍ବ ପ୍ରାଚୀନଦୀକୂଳରେ ପ୍ରବେଶ ହୋଇ ଦେଖିଲେ ଯେ ସେଠାରେ ତପୀ, ଯତି ଓ ସନ୍ନ୍ୟାସୀଙ୍କ ଆଶ୍ରମ ଅଛି । ମାତ୍ର ପ୍ରଥମରେ ସେମାନଙ୍କ ସହିତ ସାକ୍ଷାତ ହେଲା ନାହିଁ । ଶେଷରେ ଜନୈକ ସାଧୁଙ୍କ ସହିତ ଦେଖା ହେଲା । ସେ ଆଶ୍ରମମାନ ଦେଖାଇଦେଲେ । ସେ ପ୍ରାଚୀ ନଦୀକୂଳରେ ବହୁ ଏକଶତ ମୁନି ଦେଖିଥିଲେ । ସେମାନଙ୍କ ନାମ ମଧ୍ୟ ଲେଖିଛନ୍ତି—ଗୌତମ ମୁନି, ମାର୍କଣ୍ଡ ମୁନି, ଭରଦ୍ୱାଜ ବନ ବଶିଷ୍ଠଙ୍କ ଆଶ୍ରମ, ଶୁକଦେବଙ୍କ ମଠ, ନାରଦଙ୍କ ମଠ ଇତ୍ୟାଦି । ସେ ମାଧବ ସେମାନଙ୍କଠାରୁ ନାନା ଶାସ୍ତ୍ର, ବେଦାନ୍ତ, ସିଦ୍ଧାନ୍ତ, ବେଦାନ୍ତ ପ୍ରଭୃତି ଅନେକ ବିଦ୍ୟା ଶିକ୍ଷା କରିଥିଲେ । ଦୋଷାନ୍ତ ଅଧ୍ୟୟନରେ ମନଧ୍ୟାନଦ୍ୱାରା ସର୍ବ ବିଦ୍ୟା ଶିକ୍ଷା ଲାଭ କଲେ । ଅଚ୍ୟୁତ ଏହି ପ୍ରାଚୀ କୂଳରେ ବାସକରିଥିବାର ଜଣାଯାଏ ଏବଂ ପ୍ରାଚୀବାସୀ ଋଷିମାନଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିବାର ଜଣାଯାଏ । ଦାସେ କହିଛନ୍ତି—

"ଏଣୁ ଅନ୍ତେ ପାଞ୍ଚଜଣ ସେ ଅଟନ୍ତି
ମନ ଧ୍ୟାନ କରିଲାରୁ ସଭେ ପ୍ରବେଶିଲି ।
ଋଷି ତପୀ ସନ୍ନ୍ୟାସୀ ନାମେକ ସାରସିଂହ
ସେବା ଦାସ ବାହାର ପଡ଼ିକି ଦେଖେ ହଙ୍ଗ ।"

ଅଚ୍ୟୁତ ଦାସଙ୍କର ଅନେକ ଶିଷ୍ୟ ଥିଲେ । ଶୂନ୍ୟସଂହିତାରେ ଦାସେ ଲେଖିଛନ୍ତି, "ତାଙ୍କର ୩୦୦୦ ଭକ୍ତ ଥିଲେ । ଏଥିମଧ୍ୟରୁ ପ୍ରଥମ ଶିଷ୍ୟ ୫୦୦ ।" ପ୍ରାଚୀକୂଳରେ ଦାସଙ୍କର ୧୦୦୦ ଭକ୍ତ ଥିଲେ । ଅନନ୍ତପୁର ଗାଦିରେ ସର୍ଦ୍ଦାର ଦ୍ୱିଜବର, ପ୍ରାଚୀ କୂଳର ଦାସ ମହାପାତ୍ର, ଗଣେଶ ପଣ୍ଡା, ଗଦାଧର ବାହିନୀଙ୍କ ପୁତ୍ର ଦେଓ୍ୱାଳିକ, ଯାଜପୁର କର୍ତ୍ତା ମହାନ୍ତି— ଏମାନେ ଦାସଙ୍କର ପ୍ରଧାନ ଭକ୍ତ ଥିଲେ । ଭକ୍ତ ଗର୍ଗ । ଦ୍ୱିଜବରଙ୍କ ପୁଅ ମାଦୁଗୀ । ଶୂନ୍ୟ-ସଂହିତାର ସପ୍ତମ ଅଧ୍ୟାୟରେ କବି କହିଛନ୍ତି—

"ଦ୍ୱନ୍ଦ୍ୱ ଭବେ ଅଲେଖ, ଲୁବ୍ଧକ ଅଲେଖ ସେ
ଏଣୁ ଅଲେଖ ହେଲ, ଅଲେଖ ଦ୍ୱନ୍ଦ୍ୱ ଭବେ ॥"

ଏଥିରୁ ଜଣାଯାଏ ଦାସେ ଧର୍ମ ବିଷୟରେ ଏକଦେଶଦର୍ଶୀ ନଥିଲେ ।

ରାଜା ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ । ତାଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଏବଂ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ତାଙ୍କ ସହିତ ଅନେକ କଚାଳି କଲେ । ବ୍ରାହ୍ମଣମାନେ ଏକଥା ଶୁଣି ଉପହାସ କଲେ । ତାଙ୍କର ଉପହାସ ପ୍ରତି ଭ୍ରୂକ୍ଷେପ ନ ଥିଲା । ଏହାହିଁ ସାଧୁ-ସନ୍ଥମାନଙ୍କର ପ୍ରଧାନ ଗୁଣ । ତାହେ ରାଜାଙ୍କ ଆଜ୍ଞା ପାଇ ଅଙ୍ଗଣରେ ପଡ଼ିଲେ; ମାତ୍ର ସେଠାରୁ ପରୀକ୍ଷା ହେବାର ସ୍ଥିର ହେଲା । ପୁରୀ ହେଉଥିବା କାଠି ସୁଦ୍ଧାଂଶ ନଦୀତୀର ଶୂନ୍ୟ ବାଲି ଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହେଲେ ଏବଂ ସେହି ସ୍ଥାନରେ ବାସକରିବା ଲାଗି ତାଙ୍କୁ ଆଜ୍ଞା ଦେଲେ । ଅଦ୍ୟାବଧି ସେହି ସ୍ଥାନରେ ଗୋଟିଏ ମଠ ଅଛି; ଏହା ନାମ ଗୋପାଳମଠ । ଏ ମଠଟି ପୁରୀ ସହରସ୍ଥ ମାନନୀୟ ମଧୁସୂଦନ ଦାସ ସି.ଆଇ.ଇ.ଙ୍କ ଘରର ଦକ୍ଷିଣ-ପଶ୍ଚିମ ପଟରେ ଅବସ୍ଥିତ ।

ତ୍ରିଭୁଜାର, (୨୪) ଭୁଜବଲ୍ଲଭ, (୨୫) ପୁରୁଷୋତ୍ତମ, (୨୬) ବଳ ଅର୍ଜୁନ, (୨୭) ଭବବଲ୍ଲଭ, (୨୮) ଶ୍ରୀ ମୁକୁନ୍ଦଦେବ, (୨୯) କୃଷ୍ଣଚନ୍ଦ୍ର ନରେନ୍ଦ୍ର ଦେବ, (୩୦) ଉପେନ୍ଦ୍ର, (୩୧) ଦୁଃଖୀଶ୍ୟାମ, (୩୨) ରାମକୃଷ୍ଣ, (୩୩) ରାମଚନ୍ଦ୍ର ଦେଓ, (୩୪) ଜଗନ୍ନାଥ ନାରାୟଣ ଦେବ, (୩୫) ଦ୍ୱିଜ ଯଦୁନାଥ, (୩୬) ଗଙ୍ଗବଂଶ ଅବତଂଶ ଶ୍ରୀ ଜଗନ୍ନାଥ ଦେବ, (୩୭) ଶ୍ରୀ ଯୋଗେନ୍ଦ୍ର ଦେବ, (୩୮) ବଲ୍ଲଭଦାସ, (୩୯) ଭଗୀରଥ ରଣା, (୪୦) ଦ୍ୱିଜ ପୀତାମ୍ବର, (୪୧) ଅନୁକୂଳ ଭୂପତି, (୪୨) ଧ୍ରୁବଦେବ, (୪୩) ଶେଖର, (୪୪) ହାର, (୪୫) ରାଜରାଜେଶ୍ୱର ଦେବ, (୪୬) ପରମେଶ୍ୱର, (୪୭) ଚକ୍ରପାଣି, (୪୮) ନୀଳମ୍ବର ରାଜେନ୍ଦ୍ର, (୪୯) କବି ଦ୍ୱିଜରାଜ, (୫୦) ଭଗୀରଥ ଭୂଦେବସୁତ, (୫୧) ଶ୍ୟାମଦନ, (୫୨) ପୁରୁଷୋତ୍ତମ ନୃପ ଅନଙ୍ଗଭୀମ, (୫୩) ମଧୁକର, (୫୪) ସଦନ, (୫୫) ହର, (୫୬) ଦ୍ୱିଜ ମାନଗୋବିନ୍ଦ, (୫୭) ସଦାଶିବ, (୫୮) ମାନ, ୫୯) ଦ୍ୱିଜ ନାରାୟଣ, (୬୦) ଶ୍ରୀ ସୁନ୍ଦରଦର, (୬୧) ବାଲଦେବ, (୬୨) ମଦମ୍ପଞ୍ଜୀ ଚୈତନ୍ୟ, (୬୩) ନାରାୟଣ ପଟ୍ଟନାୟକ, (୬୪) ଶ୍ରୀ ଜଗନ୍ନାଥଦେବ କୁମାର ଗଜପତି, (୬୫) ଅଷ୍ଟଦୁର୍ଗ ପୁରୋହିତ, (୬୬) ଅଷ୍ଟଦୁର୍ଗପତି, (୬୭) ଗଜପତି, (୬୮) ଉପେନ୍ଦ୍ର ଭଞ୍ଜ, (୬୯) ଶିବଦେବ ଗନ୍ଧମର୍ଦ୍ଦନ, (୭୦) ବୀର ଶ୍ରୀଗୌରଚନ୍ଦ୍ର, (୭୧) ବନମାଳୀ, (୭୨) ଗୋପାଳକୃଷ୍ଣ, (୭୩) ବୁଡାନନ୍ଦ, (୭୪) ଭଦ୍ରପୁରର ଶିବ ଚନ୍ଦ୍ର ବନ୍ଦଦର, (୭୫) ଚଇତନ ଦାସ, (୭୬) ଗଙ୍ଗାଧର, (୭୭) ମଦନ ପାଜର, (୭୮) ନୃସିଂହ ସୁନ୍ଦରଦର, (୭୯) ବୀରକେଶରୀ ଦେବ, (୮୦) ନାରାୟଣ ସିଂହ ଦେବ, (୮୧) ଲକ୍ଷ୍ମୀନାରାୟଣ ଜଗଦେବ, (୮୨) ମାନଧାତା (୮୩) ଦାନଭଦ୍ର, (୮୪) କୃଷ୍ଣଚନ୍ଦ୍ର ଦେବ, (୮୫) ନରସିଂହ, (୮୬) ଚକ୍ରପାଣି ସିଂହ, (୮୭) ବନ ମାଳୀ, (୮୮) ନନ୍ଦାଦ୍ରି, (୮୯) ବୈଦ୍ୟନାଥ, (୯୦) ମାନସିଂହ ହରିଚନ୍ଦନ, (୯୧) ଧରଣୀଧର, (୯୨) ଶ୍ୟାମସୁନ୍ଦର ନୃପମଣି. (୯୩) ଜନାର୍ଦ୍ଦନ ସ୍ୱପ୍ନେଶ୍ୱର, (୯୪) କୃଷ୍ଣଚନ୍ଦ୍ର ସିଂହ, (୯୫) ଚକ୍ରଧର (୯୬) ଦ୍ୱିଜ ଗୌରହରି, (୯୭) ଗୁଣ୍ଡିଚାନନ୍ଦସୁତା (୯୮) ଗୁଣ୍ଡିଚାନନ୍ଦସୁତ, ଗୁଣ୍ଡିଚାନୁ କୁମର, (୯୯) ରାମଚନ୍ଦ୍ର, (୧୦୦) ନୃସିଂହ ପଟ୍ଟନାୟକ, (୧୦୧) ଦ୍ୱିଜ ଦାଶରଥି, (୧୦୨) ମୁରଳୀଧର, (୧୦୩) ଦେବଦୁର୍ଗ ମଣ୍ଡଳେଶ୍ୱର, (୧୦୪) ମାନସିଂହ, (୧୦୫) ନୃସିଂହପୁର ଶମ୍ଭୁ ଭୂପତି, (୧୦୬) ସୋମନାଥ ହରିଚନ୍ଦନ, (୧୦୭) ଦାନଚନ୍ଦ୍ର ରାଜ, (୧୦୮) ଦୋଃସନନ୍ଦ, (୧୦୯) ବାଲୁକେଶ୍ୱର, (୧୧୦) ଶ୍ରୀ ମନ୍ଦର ବାହାଦୁର, (୧୧୧) ଦ୍ୱିଜ ଯଦୁନାଥ, (୧୧୨) ସଦାନନ୍ଦ, (୧୧୩) ଦୀନକୃଷ୍ଣ, (୧୧୪) ନରହରି ପଟ୍ଟନାୟକ ଇତ୍ୟାଦି । ଏହି ଅନେକ ଲେଖକଙ୍କ ନାମ ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ଏଥିରେ କେତେକ ଜଣ ଅଧିକାର କବିଙ୍କ ନାମ ଅଛି; ମାତ୍ର ଅଧିକାଂଶ ଦୁଷ୍ପ୍ରାପ୍ୟ ଅଟେ । ଅନଙ୍ଗଭୀମଦେବଙ୍କ ନାମରେ ଗୀତ ଭଣିତା ଥିବାର ଦେଖାଯାଏ । ସେ ନିଜେ ଏ ଗୀତ ରଚନା କରିଥିବେ ଅଥବା ତାଙ୍କ ନାମରେ କେହି ଭଣିତା କରିଥିବ; ମାତ୍ର ଗୀତଟି ତାଙ୍କ ସମୟର ନୁହେଁ । ପୁରୁଣା ଏହି କାଳକୁ ଓଡ଼ିଶାରେ ଦେଖାଯାଉ ନାହିଁ । ଅତଏବ ଥିବାର

ପ୍ରମାଣ ମିଳେ । ରାଜାମାନଙ୍କର ଉପନାମ କେବଳ ଆପଣା ଆପଣା ନାମ ବ୍ୟବହାର କରିଛନ୍ତି । ସୁତରାଂ ବଂଶ ପରିଚୟ ମିଳିବାର ଆଶା କରିହୁଏ ନାହିଁ ।

ଅନେକ ଚଉପଦୀ ଲେଖା ମିଳେ । ଏହି ଚଉପଦୀ ମଧ୍ୟ ନାନା ରାଗରାଗିଣୀ ଓ ତାଳ ଯୁକ୍ତ । ଚଉତିଶା ଓ ଚଉପଦୀ ମଧ୍ୟରେ ପ୍ରଭେଦ ଏହି ଯେ, ଚଉତିଶା 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିଶ ଅକ୍ଷରମୂଳକ ୩୪ ପଦ ଏବଂ ଚଉପଦୀ ସାଧାରଣତଃ ଚାରି ପଦ । ଚଉପଦୀ ନାନା ରାଗରାଗିଣୀ ଯୁକ୍ତ; ମାତ୍ର ଚଉତିଶାମାନଙ୍କର ଛନ୍ଦ ଭିନ୍ନ । ମଧୁର ଚଉତିଶା, ଶଙ୍କରଭେଦ ଚଉତିଶା, ମାନଭଞ୍ଜନ ଚଉତିଶା ଭାଗବତ ନାନା ଚଉତିଶା ଅଛି । ଶଙ୍କରଭେଦ ଚଉତିଶାର ଲେଖା ଅତି ଉତ୍କୃଷ୍ଟ, ଭାଷା ସରଳ, ମାତ୍ର ଏହା ଅତି ଭଲ । ଉଦାହରଣ ସ୍ୱରୂପ ଏଠାରେ ... ଉଦ୍ଧୃତ କରାଗଲା ... ଏହା ... ଉତ୍କୃଷ୍ଟ ପଦ୍ୟ । ସାଧାରଣ ଲୋକମାନଙ୍କ ବୁଝିବା ନିମନ୍ତେ ଅତି ସରଳ ଭାଷାରେ ଲେଖା ହୋଇଅଛି ।

କୃଷ୍ଣ ମନ ଆଉରେ ମୋ ବୋଲି କର
କାଳୀ ଶ୍ରୀମୁଖ ଯାରେ ଦେଖିବା ଘୂଳ ରେ ।
କେତେ ଧନକୁ ମନ ବାନ୍ଧୁଛୁ ଆଣ୍ଠ
ଏ ଦେହଟିରୁ ଜୀବ ଛାଡ଼ିଗଲେ ଯିବ ରେ । ୧ ।
ଛାଡ଼ ପଲଙ୍କ ମନ ଶୋଇବା ଖଟ
ଜଳ ପୂର୍ଣ୍ଣର ଦେହ ଏ ତୋର ନେଇ ରେ ।
କଣ୍ଠିକି କଣ୍ଠି ତୋର ଉଷ୍ଣର ଗଣ୍ଠି ।
ଗାଇ ଯେ ଥିବେ ଶ୍ୱାନ ଶୃଗାଳ ବାଣ୍ଟିରେ । ୨ ।
ତବ ପ୍ରତିମା ପ୍ରାଣେ ଦଶ୍ମୁ ହରାର
ତରି ଉତର ଦେଶ ନ ଜାଣିବାର ରେ ।
ତର୍ଜି ବେଢ଼ିଛୁ ମିଦା ତତ୍ତ୍ୱଖୀବ
ଚଢ଼ି ଗୁ ଧନ ଜଳଗିରିବାହାଙ୍କି ରେ । ୩ ।

ପଦ୍ମମଣି ଜଣେ ପ୍ରଧାନ କବି ଥିଲେ । ସେ ଜାତିରେ ବଢ଼ାଇ । ମାତ୍ର ତାଙ୍କ ପାଣ୍ଡିତ୍ୟ ହେତୁ ସେ ରାଜଦରବାରମାନଙ୍କରେ ବଡ଼ ଆଦର ପାଉଥିଲେ । ପଦ୍ମମଣି ରହସ୍ୟ ନାମକ ଖଣ୍ଡିଏ ପୁସ୍ତକ ଛପାହୋଇ ପ୍ରକାଶିତ ହୋଇଅଛି । ସେଥିରୁ ତାଙ୍କ ଜୀବନୀ ସମ୍ବନ୍ଧରେ ବିଭିନ୍ନ ଘଟଣାର ପ୍ରମାଣ ମିଳିବ । ରାଜାମାନେ ଜାତି ବିଚାର ନ ରଖି ଗୁଣରେ ଆଦର କରୁଥିବା ବିଷୟ ପଦ୍ମମଣିଙ୍କ ଜୀବନରୁ ପ୍ରମାଣିତ ହୁଏ । ସବୁ ଯୁଗରେ, ସବୁ ଦେଶରେ ଗୁଣୀ ଲୋକ ଉଦ୍ଭୂତ ହୋଇଥିବାର ଭୂରି ଭୂରି ପ୍ରମାଣ ମିଳେ । ପଦ୍ମମଣି ଜଣେ ଛନ୍ଦ ଓ ସଙ୍ଗୀତ

ଲେଖକ । "Humorist" ବୋଲି ଯାହା ବୁଝନ୍ତି, ଯଦୁମଣି ସେହି ଶ୍ରେଣୀର ଲେଖକ । ତାଙ୍କ ଲେଖା ରସିକତାପୂର୍ଣ୍ଣ ।

ତାଙ୍କ ଲେଖାରୁ ପଦେପଦେ ଦୃଷ୍ଟାନ୍ତ ଦେଲେ ପାଠକେ ଅଧିକତର ତୃପ୍ତିପାଇବେ । ଯଦୁମଣି 'ରାଘବବିଳାସ' ନାମକ ଏକ ପୁସ୍ତକ ଲେଖିଅଛନ୍ତି । ରାମାୟଣ କଥାକୁ ଛନ୍ଦରେ ଲେଖାଯାଇଛି । ରାମଚନ୍ଦ୍ର, ଯେତେବେଳେ ସିନ୍ଧୁ ପାରିହୋଇ ଲଙ୍କା ନଗରରେ ପ୍ରବେଶ ହେଲେ, ସେତେବେଳେ ପୁର ଯାକ ସବୁଙ୍କୁ ଆମୋଦ କରାଇଲେ । ଏହି କଥାକୁ ଯଦୁମଣି କି ପ୍ରକାର ବର୍ଣ୍ଣନା କରିଅଛନ୍ତି ଦେଖନ୍ତୁ ।

ପୁଷ୍ପ ଦେବତା ଶବ୍ଦ ଉଚ୍ଚରି ଅନେକ ପୂଜା ନାରୀ ଗଣ ପ୍ରକାଶ ।
ଅଶୋକ କନକ ପଲାଶେ ଖୁବା ବସ୍ତ୍ର ବନ୍ଧୁ ପିନ୍ଧି ଭ୍ରମର ପ୍ରବେଶ ।
ଏଥିକି ଶୁଣି ହର୍ଷ ହୋଇଲା । ଦଶଗ୍ରୀବ ।
ନାହିଁ କହନ୍ତି ଘାଟେ ଦ୍ୱାରେ ଭଲ ଜାଣିବ ବୋଲି ଆସିଥିବ । ୧ ।

'ପ୍ରେମ ପୁଷ୍ପିତକ୍ଷୁ' ଯଦୁମଣିଙ୍କ ଅନ୍ୟତମ କ୍ଷୁଦ୍ର ଗ୍ରନ୍ଥ । ଏଥିରେ ଶ୍ରୀକୃଷ୍ଣଙ୍କ ଦାନଲୀଳା ଚନ୍ଦ୍ରାଣୀଙ୍କ କଥା । ଭାଷାଟି ନାନା ଛନ୍ଦରେ ଲେଖା । କେବଳ ଆଠ ଛନ୍ଦ ପ୍ରକାଶିତ ହୋଇଛି । ଭାଷା ଶବ୍ଦାଡ଼ମ୍ବର ଓ ଅଳଙ୍କାରପୂର୍ଣ୍ଣ । ପଦେ ଦୁଇପଦ ଦେଖିଲେ ଜଣାଯିବ ।

କ୍ଷୀରସାଗର ଉଦର ଅନ୍ତରୁ ନବ ମୁଦିର ତୋଷଇଙ୍କ ।
ଚନ୍ଦ୍ରୀ ବର୍ଣ୍ଣପତ ଧବଳ ମିଶିଲୁ ଅଟଳ ଭୃତ୍ୟ କୁରଙ୍ଗ ।
ଦ୍ୱାରେ ରମାର । କମଳାର କାନ୍ତି ହୃଷ୍ଟାର ।
ଏପରି ବନ୍ଧୁ ଗଲି ଯାଉ ଶୁଭ ହେଉ ଏହି ନଳା ବନ୍ଧୁର । (ଶଙ୍ଖ ଛନ୍ଦ)

ଅମର ଯତ ଅମର ନାରୀ ଯେତେ ରହିଥିଲେ ଦ୍ୱାରବନ୍ଦକ ।
ଦଶଦିଗ ପଟେ ସଙ୍ଗୀତ ଗୀତରଙ୍ଗ ସୁଖ ବାଜିଥିଲେ ଚାନ୍ଦ୍ରକ ।
ବାଳା କଳାପ । ଗଜେ ପ୍ରବେଶ ହୋଇଲେ ଯାଇ ।
ଅବଲୋକନ କରି କାନ୍ତି କଞ୍ଚନ ଲଜ୍ଜିବେ ଭବେ ରହିଲ । (୧୧ ପଦ)

ଯଦୁମଣି କେତେଗୁଡ଼ିଏ ଗୀତ ଲେଖିଅଛନ୍ତି । ଗୀତଗୁଡ଼ିକ ସ୍ୱରଗର୍ଭିତ; ମାତ୍ର ଅତି ଗ୍ରାମ୍ୟଭାଷାରେ ରଚିତ । ଏପରି ଲେଖାର ଅବଶ୍ୟ ବାହାଦୁରୀ ଅଛି । ଦୃଷ୍ଟାନ୍ତ ଦେଖନ୍ତୁ —

ଖଣ୍ଡ ଯିବାର ଲେଢ଼ା

ପ୍ରିୟକର ପ୍ରୀତି ପାଖୁଲୁଗୁ ଅତି ଯେବେ ଲୁଚିଲ ଦରଜା । ପଦ ।
ଅତି ସରେ ଘୁଣି ବାଣ୍ଡୁଅଡ଼େ ଅଣି ଲଗାଇଲି ବରଗଡ଼ା ।
ବୋଲେ ଯଦୁମଣି ମୋ କରମକୁ ଘୁଣି ଫଟିଲି ପିଠାତରଡ଼ା ॥

କବିସୂର୍ଯ୍ୟ ବଳଦେବ ମଧ୍ୟ ଏହିପରି ଧରଣରେ ଗୀତ ଲେଖିଯାଇଅଛନ୍ତି । କିନ୍ତୁ ଯଦୁମଣି ଓ ତାଙ୍କ ଲେଖା ମଧ୍ୟରେ କିଛି ପ୍ରଭେଦ ଦେଖାଯାଏ । ଦୃଷ୍ଟାନ୍ତ ଦେଖନ୍ତୁ —

ନେତ୍ର କଲ୍ଲ ନ ବୁଝିଣ୍ଣରକୁ ରେ । କଜ୍ଜଳ ଖଣ୍ଡ ଅଳି ଖୋରକୁ ରେ । ପଦ ।
ସମ୍ପାଦ ଲୁଲ୍ଲ ଆଣି ମୁଁ ଝିଞ୍ଚି ଦେଲି ପାଣିବନ୍ଧ ଦର୍ଶନ ମୋହନ୍ଦାରକୁ ରେ ।
ଚଢ଼ାଇ ଦେଲି ଗୁରୁତର ଚନ୍ଦନ ଭଲ୍ଲୁ ଢୋକନ କର୍ଣ୍ଣିକା ଲତା ତ୍ରାରକୁ ରେ । ୧ ।

ଶୀଳା ସ୍ମୁନୁ କରି ନ ଥିବା ଗନ୍ଧର୍ବ ନାମକ୍ରେ ରଖି ଚୂଳ ଧାରକୁ ରେ ।
ଶିଖିପିଚ୍ଛ ସୁକୁମାର ମନ୍ଦାରକ କୁମାର ଜନରେ ଚୂଡ଼ାଢାଳି ଆରକୁ ରେ । ୨ ।

ହେନ ଠୁଳକୁ କ୍ଷେତ୍ର ଘଂ ଧୂପଂ ଦୀପ୍ତ ଚନ୍ଦ୍ର ତୁଲ ଦେଖିଲି ଦ୍ୱାରକୁ ରେ ।
ଯବନଜାତ ଶବ ଉଦତ ନୈବେଦ୍ୟ ଖଣ୍ଡ କୁଟକୁ ଜନ୍ମ ନମସ୍କାରକୁ ରେ । ୩ ।

ବନମାଳୀଙ୍କ ସଙ୍ଗୀତରେ ଯେଉଁ ଉଦାହରଣ ଉପରେ ଲେଖାଅଛୁ, କବିସୂର୍ଯ୍ୟ ଠିକ୍ ସେହିଭାବରେ ଗୋଟିଏ ସଙ୍ଗୀତ ଲେଖିଅଛନ୍ତି ।

ପଞ୍ଚମ ସ୍ୱର କି ଲେଡ଼ାରେ ସଙ୍ଗୀତ

ଶ୍ରୀମୁଖକ ପ୍ରତିବିମ୍ବ ସ୍ୱଭାବ ସ୍ୱଅଛ ସେବେଦ ଜଂଦର୍ପା । ପଦ ।
ଧାରଣାରେ ହୃଦୟ ଉଳକୁ ଯଦୟୁ ପଟ ପରମ ମୁନିଁ ଶ
ଯେତେମାନେ ମୁଗ୍ଧ ରସେବ କୁଟ ମୁଖେ ଥିବ ମନ୍ମଥ । ୧ ।

ଉଳଚ୍ଛୁଣ୍ଡି ଜାଣ ମୁଦୁବାଣୀ ଦ୍ୱାଶି ବାରଣ୍ଡି ସୁଦେ ତାଳବା ।
ନଦାଦେ ଭାଟିଭ ବନଲତା ଦ୍ୱିତ ଧ୍ୱାଉନୋ ଭଲ କିବା । ୨ ।

ଏଥିରୁ ଦେଖାଯାଏ ଯେ ଉପମାଗୁଡ଼ିକ ବଡ଼ ସ୍ୱାଭାବିକ । ଏ ପ୍ରକାର ଉପମାମାନ ବଡ଼ ହୃଦୟସ୍ପର୍ଶୀ ଏବଂ ଚିତ୍ତରଞ୍ଜନ । କବିସୂର୍ଯ୍ୟଙ୍କ ଗୀତମାନଙ୍କରେ ଏହି ବିଶେଷତ୍ୱ ସର୍ବଦା ଲକ୍ଷିତ ହୁଏ । ଭାଷା ସରଳ, ଉପମାଗୁଡ଼ିକ ନୂତନ ଅନୁଭୂତ ପଦବୋଧକ ଏବଂ ସ୍ୱାଭାବିକ ଥିବାରୁ ବଳଦେବଙ୍କ ସଙ୍ଗୀତ ବଡ଼ ଲୋକପ୍ରିୟ ଏବଂ ସାଧାରଣ ସମାଜରେ ଆଦରଣୀୟ ।

କବିସୂର୍ଯ୍ୟ କେବଳ ଶୃଙ୍ଗାରରସରେ ସଙ୍ଗୀତ ରଚନାକାରୀ । ଅନ୍ୟାନ୍ୟ ରସର ସଙ୍ଗୀତ ଅଭାବ ନାହିଁ । ଜଗନ୍ନାଥଙ୍କୁ ନାନା ଜନ ନାନାପ୍ରକାର ସ୍ତୁତି କରିଛନ୍ତି । ଦୁଇଟିଗୋଟି ଦୃଷ୍ଟାନ୍ତ ଦେଲେ ପାଠକେ ବୁଝିପାରିବେ ।

ରାଗ—ତୋଡ଼ିପରଜ, ଏକତାଳୀ

ମିଛ ଏ କାଏ ଦେହ ଗୋ ମୋ, ମନ ରହୁନ ନାହିଁ ।
ନୀଳଗିରି ପର୍ବତେ କାଳିଆ ମୁହିଁକୁ ଭୁଲାଣୀ ପଶୁଏ ଅଛି । ଧ୍ରୁବ ।
ପଣ୍ଡାରଣା ଭାତ ଭଡ଼ବେ ସେବେ ଅଣିରେ ବାଅଳ ଦେଖି
ଭଣ୍ଡାରୀ ବନ୍ଧନ୍ତି ତ୍ରାହ୍ମଣେ ନେଇଣ ଚାହିଁକୁ ଦିଅନ୍ତି ଲୁହି । ୧ ।

କଳେବର ବୋଲେ ଲକ୍ଷ ପରଲୋକ କରିପାରନ୍ତି ଦେଖ ମୁଖୀ
ନାମ ଜପୁଥିଲେ ପାପ ପୁଣି ଯମ କରଣ ନପାରେ ଲେଖି । ୨ ।

୨୧

ସନକାଦ୍ୟବନ୍ଦ୍ୟ ! ଶରଣାଗତ ରକ୍ଷଣ ସ୍ୱାମୀ ।

ଅନ୍ତେବଶ ମୋର ଅବୁଝ ହୃଦୟ ଅରେ ଅରେ ତୁମ୍ଭ ଧର୍ମ ଶୁଣି । ପଦ ।

ବଳୀ ମହୀପତି ସକଳ ସମ୍ପତ୍ତି ଦେଇ ସମର୍ପିଲା ଶିର ଅଣି ।
ଧରି ତାକୁ ବଳେ ଗୃହୀଲ ପାତାଳେ ବନ୍ଧାଇ ଶଳାକୁ ତୁମ୍ଭ ବାଣୀ । ୧ ।

କେତେକ ଅନୁଗ୍ରହ ଯାଦବ ଗୋଷ୍ଠୀଠାରେ କଲ ହେ ରଥାଙ୍ଗପାଣି !
କଶି କି କି ଦୁଷ୍ଟ ନକଲ ତୁମେ ଟକାଇଲ ସବଙ୍କୁ ହାଣି । ୨ ।

କି ହେତୁ ଅନେକ ଭଣ୍ଡିଲେ ଶାନ୍ତନୁସୁତାଠାରୁ ନାହିଁ ସୁଲକ୍ଷଣୀ
ନ ଦେଖ ଓଁଦ୍ରୋଧ ଭୁଞ୍ଜା କଲ ବୋଧ ନ ଦେଇଲ ଯୋରବାଳ ଅଣି । ୩ ।

ଧରଣୀତଳେ ତରଣୀସୁତ ଭୟ ନାଶିବାରୁ କେବଳ ଥାଉ୍ଲା ପ୍ରାଣୀ ।
ବନମାଳୀ ତୁମ୍ଭ ପାଶ ନ ମାଡ଼ିଲା କୋଟିଏ ମୁବର୍ତ୍ତି ଦେଲେ ଅଣି । ୪ ।

ଏଣୁ କଥାରେ ମୋ ମନ ।

ଲଳିତ ଦେଦୀପ୍ୟଥିବ ଚଳାଡ୍ରୁ ମସ୍ତକେ ଚନ୍ଦ୍ରଚୂଡ଼ଙ୍କ ବଦନ । ଧ୍ରୁ ।
ଅଞ୍ଜନରେ କଳ ଠିକ ଟିକ୍ରୁଥିବ ତଳକ ଜଣା ନୟନ,
ଶଚୀପତି ପଦ ଲୁଚି ମଣୁଥିବ ଥିଲେ ତୁମ୍ଭ ସନ୍ନିଧାନ । ୧ ।

ଦୁଳିଶ ହୋଇଥିବ ଅର୍ଦ୍ଧ ଚନ୍ଦ୍ର ମୁଖ ଚଳନନ୍ଦି ଦେଖନ୍ତୁ ।
ଧୀରେ ସ୍ମୃହୁଁ ଥିବ ବହୁଳ ଭୁଜଙ୍କୁ ସୁଭଦ୍ରା କାମପାଳନ୍ତୁ । ୨ ।

ଅବତାରମାନଙ୍କରେ ମୋ ନିଳୟ ହୋଇଥିବ ଅହର୍ନିଶ ।
କେତେବେଳେ ତୋତେ ଦେଖିଲେ ନ ଦେଖିବେ ବ୍ରହ୍ମା ରୁଦ୍ର ଚନ୍ଦ୍ର ଘଣ ।।
ଉନ୍ନବଦନ ଚନ୍ଦ୍ର ଶ୍ରୀ ମୁହିଁ ମୁହିଁ ଭାଗବତଙ୍କୁ ଜାଣିବି ।
ବୋଲେ ବନମାଳୀ କଳ୍ପତରୁଙ୍କୁ କେବଳଙ୍କୁ ମୁହିଁ ଭଜିବି । ୪ ।

ଏପରି କେତେକ ଉଦାହରଣ ଦେଉ । ଏସବୁ ଉଦାହରଣ ଦେଇଦେଲେ ଗୋଟିଏ ବୃହତ୍ ପୁସ୍ତକ ହୋଇ ଯିବ । କେତେପ୍ରକାର ସଙ୍ଗୀତ କେତେ କବି ଲେଖିଛନ୍ତି ତାହା ପାଠକମାନେ ଅନୁମାନ କରିବା ଆବଶ୍ୟକ । ସେଭଳିମାନେ ମନେକରନ୍ତି ଯେ ଓଡ଼ିଆ ସଙ୍ଗୀତ କେବଳ ଆଦିରସପୂର୍ଣ୍ଣ, ସେମାନଙ୍କ ଭ୍ରମ ଦୂରୀକରଣାର୍ଥେ କେତେଗୋଟି ଦୃଷ୍ଟାନ୍ତ ଦେଲି । ଏ ତ ଅଳ୍ପ କତିପୟ ସମ୍ବନ୍ଧରେ ।

କେବଳ ଶ୍ରୀକୃଷ୍ଣଙ୍କ ରୂପବର୍ଣ୍ଣନା ଯେଉଁଠାରେ କରାଯାଇଛି ସେ ସ୍ଥାନମାନଙ୍କର ସାହିତ୍ୟିକ ଛଟା ଓ ଭାବ ଦେଖିଲେ, ସାହିତ୍ୟିକ ଉନ୍ନତି କେତେଦୂର ହୋଇଥିଲା ଜାଣିପାରିବେ ।

ଦୃଷ୍ଟିରେ ନବକୁଞ୍ଜରଙ୍କୁ । ଗଗନଭ ବନ୍ଧୁ ସୁଧା-ଶୋଭନ ଗଜଙ୍କୁ । ଧ୍ରୁବ ।
ଦେଖେ କାଳକୁ ଦରଶ ଗର୍ଭେ ରଖିଥିଲ ଯାହା
ସଂସାର ସାର ଉପମା ଶମ୍ଭି ପ୍ରକଳ୍ପ । ୧ ।

ତନୁଭଙ୍ଗ ପାଳିତ ନୀଳମଣି ନିନ୍ଦିତ କୁନ୍ତଳ ବନ୍ଧୁ ଲୁଦ ତମାଳ ଧାର୍ଯ୍ୟିତ
ଘନଶ୍ୟାମ ପ୍ରଫୁଲ୍ଲ ଲୋଚନ ମଧୁବ୍ରତ ଉତ୍ପଳ ଇନ୍ଦୀବର ଜିଣି ଆକାର ରେ ।
ପଦ୍ମ ଦେଖିଲୁ ନୟନ ମୋହନ ।
ଶ୍ରୀବତ୍ସରେ କୁଣ୍ଡଳ ଚନ୍ଦ୍ରାର୍ଦ୍ଧରେ ମଣ୍ଡଳ
ହେମ ଝଲକଇ କଣ୍ଠେ କଣ୍ଠ ରତ୍ନହାର
ନାଚେ ଶିଖଣ୍ଡ ଚୂଡ଼ା ଅଳକେ ଚଞ୍ଚଳ ଶିଖିପୁଚ୍ଛ ଚୂଳଟି ଦେଉଛି ଝଲମଲ ରେ ।
ପଦ୍ମ ଦେଖିଲୁ...... ।

"ଧନ୍ୟ ଧନ୍ୟ ନନ୍ଦନନ୍ଦନ ଗୋ, ନବ ନବ ରସ ରୀତି ।
ନନ୍ଦ ଦେଖିଥିଲେ ପ୍ରୀତି ବଢ଼ୁଥାଇ ଭୂପତି ଲୁଟିଲ ତଥି । ପଦ ।
ଦ୍ୱାରରେ ସଖୀ ଗୋପରେ ତାର ପାଦୁକା ଯେ ଥାଇ ସୁଖ ।
ଦୂରରେ ଯଶୋ ଧ୍ୱନି ନାଶଇ କୃଷ୍ଣ ଚେତନଇ ନାମ । ୧ ।"

ଭକ୍ତ ହୋଇଥିବ ଯଦୁମ୍ବର ମୂରତି ନନ୍ଦନର ବେଶ ହୋଇ ।
ଯେଉଁଥିବ ସେବେ ମୋହନ ମୁରଲୀ ଅଧରେ ଚୁମ୍ବିବ ନାହିଁ ।
ପୀତାମ୍ବର ପଥ ଝରଣା ରେ ନେଇଁ ।
ନ ଜାଣି ଚର୍ଚ୍ଚିକ ପଦ ବଢ଼ାଇଲେ ପଦ ପଦକେ ଜଡ଼ିତ ରେ । (ଧ୍ରୁବ)
ଚନ୍ଦନେ ନନ୍ଦ କି ଲୀଳାରେ ଭରିନ ହୋଇଣ ଅନ୍ତର ଲଟ୍ଟା ।
ଆଜି ଦେଖିବାର ଆଶା ତୋହର ହୋଇ ପାଶୁଛି ଛଟା । ୧ ।

କେବଳ ଉଦାହରଣ ଦେଉ । ଯାହାର ପ୍ରକୃତ ଓଡ଼ିଆ ସଙ୍ଗୀତ-ସାହିତ୍ୟ ପାଠ କରିବାର ଇଚ୍ଛା ହେବ, ସେ ସମସ୍ତ ସଙ୍ଗୀତଗ୍ରନ୍ଥକ ପାଠକରି ହୃଦୟଙ୍ଗମ କରିପାରିବେ । ଉପମା ଦଶରୁ ଦେଖ, ଭାଷା ଦଶରୁ ଦେଖ ବା ଭାବ ଦଶରୁ ଦେଖ, ଓଡ଼ିଆ ସଙ୍ଗୀତ ଅନ୍ୟାନ୍ୟ ପ୍ରାଦେଶିକ ସଙ୍ଗୀତ ଅପେକ୍ଷା କୌଣସି ଅଂଶରେ ନିକୃଷ୍ଟ ନୁହେଁ; ବରଂ ଅନେକାଂଶରେ ଶ୍ରେଷ୍ଠ । ଓଡ଼ିଶାର ସମସ୍ତ ସଙ୍ଗୀତ ଏକତ୍ରିତ କଲେ ଲକ୍ଷାଧିକ ହେବ । ଏପର୍ଯ୍ୟନ୍ତ ସମସ୍ତ ପ୍ରକାଶିତ ହୋଇନାହିଁ । କେବଳ ଅବହେଳା ହେତୁ ସେଗୁଡ଼ିକ ଉଦ୍ଧାରହେଲେ ବଳବ ନାହିଁ । ଅନ୍ୟାନ୍ୟ ଭାଷାରେ ଅପରିଷ୍କୃତ ସଙ୍ଗୀତ ସଙ୍କଳନା କରି ହେବ, ଉପମା କ ପ୍ରକାର ସୃଷ୍ଟି ହୋଇଛି ଦେଖିବାକୁ ହେବ । ଅପରନ୍ତୁ ଆଉ କେବେ ନ ପ୍ରଚାର ପ୍ରକାଶିତ ହୋଇଛି ଦେଖନ୍ତୁ —

କଳାକନକମାଳ ଦମ ସୁଅଙ୍ଗ ମନୋହର ବେଣୀ ବାନ୍ଧୁ ।
ଟଳାଲୁ ହାରକର ଦେଲ ପକାଇ ଜାବକ ଯାନ୍ତି ନ ଥାଉ । ୧ ।

ତନ୍ତ୍ରୀ ତରଳ କଳପିକସ୍ୱନ କୁସୁମ ଭୃଙ୍ଗ ନିନାଦ ।
ଲଗେ ବିଷପରି ହୃଦେ ଶେଷ ନ ଛୁଅନ୍ତି ଚେତେ ନାଦ । ୨ ।

ଇତ୍ୟାଦି ଅନେକ ଉଦାହରଣ ଦିଆଯାଇପାରେ । ପାଠକମାନଙ୍କୁ ଅନୁରୋଧ ଯେ ସେମାନେ ସାହିତ୍ୟିକ ସ୍ୱବରେ ଦେଖନ୍ତୁ । ଆମ୍ଭ ସାହିତ୍ୟ ଭଣ୍ଡାରରେ ଯାହା ରହିଅଛି, ତାହା ଅନ୍ୟକୁ ଦେଖାଇବା ଓ ଅପେ ଦେଖି ଆପଣାକୁ ଗୌରବାନ୍ୱିତ ମନେକରିବା ହିଁ ଆମ୍ଭମାନଙ୍କର ପ୍ରଧାନ ଲକ୍ଷ୍ୟ ହେବା ଆବଶ୍ୟକ । ବର୍ତ୍ତମାନ ରୁଚ୍ୟାନୁମୋଦିତ ସଙ୍ଗୀତ ଛନ୍ଦ ପ୍ରସ୍ତୁତ ହେଉ, ଏଥିରେ କାହାରି କିଛି ଆପତ୍ତି ନାହିଁ । ଏହା ବୋଲି ପ୍ରାଚୀନ ଶୈଳୀ ଆମ୍ଭମାନଙ୍କର ଉପେକ୍ଷଣୀୟ ନୁହେଁ । ଭାବ ପ୍ରକାଶ ହିଁ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ । ଯେ କୌଣସି ରସାତ୍ମକ ଭାବ କି ପ୍ରକାର ପ୍ରକଟିତ ଓ ପ୍ରସ୍ଫୁଟିତ ହୋଇପାରନ୍ତି ତାହାହିଁ ଆମ୍ଭମାନଙ୍କର ଦ୍ରଷ୍ଟବ୍ୟ । ଯେଉଁ ସ୍ଥାନରେ ଅଶ୍ଳୀଳତା ଅଛି ତାହା ବାଦ୍ ଦେଇ ଦେଖାଯାଉ । ମୋର ବିଶ୍ୱାସ, ଶବ୍ଦଯୋଜନା, ରୁଚି, ଭାବ ଓ ଉପମା ଦୃଷ୍ଟିରେ ଓଡ଼ିଆ ସଙ୍ଗୀତ ଛନ୍ଦ ଅତି ଉତ୍କୃଷ୍ଟ । ଓଡ଼ିଆ ଛନ୍ଦ ତୁଳନାରେ ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ଗୀତ ରଚିତ ହୋଇନାହିଁ । ଦୃଷ୍ଟାନ୍ତସ୍ୱରୂପ ଆମ୍ଭେ ଗୋଟିଏ ବଙ୍ଗଳା ଗୀତ ଏବଂ ଗୋଟିଏ ଓଡ଼ିଆ ଗୀତର ତୁଳନା କରିବା ଉଦ୍ଦେଶ୍ୟରେ ନିମ୍ନରେ ଉଦ୍ଧାର କଲୁ ।

( ବଙ୍ଗଳା )

ଯାଇ ଗୋ ଓଇ ବାଜାୟ ବାଂଶୀ ପ୍ରାଣ କେମନ କରେ ।
ଏକଲ୍ ଖାଲି କଦମ ତଲାୟ ଦାଁଡ଼ିୟେ ଥାକେ ଅମାରତରେ ।
ଯତ ବାଁଶିର ନାନାନ୍ ତତ ପଥ ପାନେ ଚେୟ ।
ପାଗଲ ବାଂଶୀ ଡାକେ ଉଭରାୟ,—
ନା ଗେଲେ ସେ କେଁଦେ କେଁଦେ ଚଲେଯାବେ ମାନଭରେ ।

( ଓଡ଼ିଆ )

କେ ମୁରଲୀ ବଜାଉଛି ବୃନ୍ଦାବନେ ଗୋ ।
ତା ପରି ନାଗର ଆଉ ନାହିଁ ଜଣେ ଗୋ । ଧ୍ରୁବ ।

ହେ ନାଦ କର୍ଣ୍ଣେ ବାଜିଲା    ପାଦ ମୋର ନ ଚଳିଲା
ମାରି ମରମେ ବେଧିଲା ପଞ୍ଚବାଣେ । ୧ ।

ମୁରଲୀ ବଡ଼ ପ୍ରମାଦ    କଲା ମୋତେ ଅପ୍ରମାଦ
ପରବତା ଛଡ଼ାଇଲା ଘରି ମନେ । ୨ ।

ଚନ୍ଦ୍ରପଟେ ଚିତ୍ରାଇବ ପତାକାରେ ରଖାଇବ
ଯଶ କୀର୍ତ୍ତି ଘୋଷାଇବ ଅନୁକ୍ଷଣେ । ୩ ।
ବନମାଳୀ ଦାସ କହେ ନନ୍ଦସୁତ ମନ ମୋହେ
ଭକ୍ତ ମୁଁ ନିତି ରହିବି ଶ୍ରୀଚରଣେ । ୪ ।

ଏହା ନବଘନ ଶ୍ୟାମ ବଂଶୀସ୍ୱନ କାଣିଅରେ ଟେକି ଶୁଣାଇବ ।
ଦେଖି ସୁତ ମନେ ମୋଦମଗ୍ନ ହେବେ ବନ୍ଧୁଗଣ କୋଳ ଧରାଇବ ।

ଦୂରେ ରହି ନୀଳ ଗିରିର ସଙ୍ଗୀତ, କାଳିନ୍ଦୀ କୂଳ ମଳୟ ମରୁତ ।
ଉତ୍କଳର ଲୋକ ଉତ୍ସବରେ ମତାଇ, ପଲ୍ଲୀନନ୍ଦ ଗୀତ ଶୁଣାଇବ । ୧ ।

ଜନ୍ମଭୂମି ଜଳଜ ବଟିତ ଉତ୍କଳ, ମସ୍ତକେ ମସ୍ତକ ଗିରି ବଳୟ ।
ସୁରଭି ମୁକୁଳ ବକୁଳ ଫୁଲମାଳ ଗନ୍ଧ ଆଗତ ଚଢ଼ାଇବ । ୨ ।

ଦେବ ଦ୍ୱାରକାନାଥ ମନ୍ଦିର ଉଜ୍ଜ୍ୱଳ, ଶିଳ୍ପାଚାର୍ଯ୍ୟ ଦକ୍ଷ ବନସ୍ଥଳ ।
କଳାବତୀ କୂଳ କୃତଜ୍ଞ ମୂଳ, ମୂର୍ତ୍ତି ଶିଳ୍ପକୁ ଦେଖାଇବ । ୩ ।

ଜଗନ୍ନାଥ ନାରାୟଣ ଦେବ ଗୀତ, ଅନଙ୍ଗଭୀମ, ମଧୁସୂଦନ, ଚଣ୍ଡୀ ।
ଉତ୍କଳୀୟ ସଭା ଭଜନରେ ଏହା ଗୁଣଗରିମା ସଭା ଜଣାଇବ । ୪ ।

ବିଶେଷ ସମାଲୋଚନା ଅନାବଶ୍ୟକ । ପାଠକେ ଉଭୟ ଗୀତ ପାଠ କରି ଦେଖିଥିବେ ଉପରେ ଯେଉଁ ପ୍ରକଟିତ ହୋଇଛି ତାହା ବୁଝିନେବେ । ଏପରି ଅନେକ ତୁଳନା କରାଯାଇ-ପାରେ । ଶ୍ରୀକୃଷ୍ଣଙ୍କୁ ଗୋଟିଏ ବଂଶୀ ନ୍ୟାୟରେ ପାଠକମାନେ ଇଚ୍ଛାକଲେ ଆପେ ଆପେ କରିନେଇ ପାରନ୍ତି । ହିନ୍ଦୀ ସଙ୍ଗୀତ ସହିତ ତୁଳନା କଲେ ମଧ୍ୟ ଏହାହିଁ ଜଣାଯିବ ।

ହିନ୍ଦୀ

କାହାଁ ନନ୍ଦନ ଧନ ବୃନ୍ଦାବନ ପ୍ରାଣ ଦାନ୍ତାଁ ମେରା ହୃଦୟ କା ଦକା ।
ଶୂନ୍ୟ ହୃଦୟ ସୂକ୍ଷ୍ମ ଅଉ ଆଉ ଦୂରକୁ ମୋହନ ବାଂଶରୀ ବାଜା ।
ନନ୍ଦନ ନନ୍ଦନ ଚନ୍ଦାନୂଲ, ହାଟକ ସାଗର ଦ୍ୱାରା ପରଶୁରାମ,
ଶ୍ରୀରାମ ମେରା ଗିରମେ ଅଜା ।
ନନ୍ଦନ କି ସେବନ, ନନ୍ଦନ ସେଉଡ଼କେ
ଧୂରତ ଜିଇତ କାହାଁ ଖାଲେ ଖାଲେ ଦ୍ୱା ଦ୍ୱା ପ୍ରିୟବନ୍ଦ ଏ ଦେଖ ବାଜା ।

ରାଗ—ଆନନ୍ଦଭୈରବୀ, ତାଳ—ତ୍ରିପୁଟା

କାଶୀଧର କେଶପାଣି ଛନ୍ତି କାହିଁ ଏ ବନେ ଡେକିଲେ ଦେ ଦେ । ଧ୍ରୁବ ।

ଉତ୍କଳତାମାନେ କାନ୍ଦୁଅଛନ୍ତି ମାଆ ମରୁଅଛୁ ଶୋକରେ । ଦେଖୁଛି ଆଉ କାହିଁକି ଅବଶେଷ ବାରୁଣ କେଉଁ ହୃଦୟକୁ ବାନ୍ଧିବ ବେ । ପଦ । ଶିଖିପୁଚ୍ଛ ଚୂଳା, ନବଘନ କାନ୍ତି,

ନନ୍ଦ ଗଙ୍ଗା ଛଳା ଭୁଜଙ୍ଗମାଳୀ, ରଙ୍ଗି ଭଙ୍ଗେ ଭଲେ ଦେ ତନୁପାଳିକାଆ, ଦେଖି-ଛଳ ନ ଜାଣୁ ଲୋଚ୍ଚୁ ମୋର କୃଷ୍ଣ । ୧ ।

ଜାଣ ଯୁଝ ଲୋଚଣ ନାହିଁ କ ଭରୁଣା ପୁରନ୍ଦରନ ଚୂଡ଼ାର । ସୁଦ୍ଧି ମୋ ଦୁଃଖ ନାହିଁପାଇଁ ସ୍ୱପ୍ନ ହାକ୍ଷିଦର ପ୍ରାଣଯାଇଁ ଦେଇ ମୋର । ପଦ । ତାହାଙ୍କ ବଂଶୀସ୍ୱନ, ପଶାଇ ଏ ସରିଲେ, ସେ କାହିଁ ଗଲେ ଅନୁନାଥାନ୍ତ ମୋ ନୟନେ । ଅହାର ସୁଦ୍ଧି ଏବେ ଆକାଶର ଅଦ୍ଭୁତେ, ଏତାଳିକ ମୋ ଆଶ୍ରୁ ଆଖି ନାହିଁ ଜବନେ । ୨ ।

ଦେଖ ଭରୁଥିଲ ଅନୁକୂଳ ଗୁଟମ୍ଭ ବନମାଳୀ କ କୁସୁମ । ଫୁଲ ତୋଳିବାକୁ ମିଳ ହେବ ଗୋପୀ ସଙ୍ଗ ତାଙ୍କ ହାତରେ ଦେବାକୁ । ପଦ । ନନ୍ଦନନ୍ଦନ ଦେଖି ବନ୍ଧନ ଅଟେ, ଭଣ ଦେଉ ଡାଳ ମଣ୍ଡ ରଚିଲେ ମୋତେ, ଦୂରେ ରହିବ ଶୁଭଜନେ ଏ ନିଶାରେ । ଚମ୍ପଇ-ବନ୍ଧୁଙ୍କୁ ନେ ଜଗନ୍ନାଥ ମୋ ପାଣରେ । ୩ ।

ଏ ଭରଣ ଧନ କାମ ବଣେ ବାଣ ଦେଉଅଛ ମୋ ପ୍ରାଣ । ମିଳନକର ବନ୍ଧୁକରେ ବାଳଗୁଳି ଦେଖିଲ ମୁଁ ଭଙ୍ଗେ କର୍ଣ୍ଣେଦେଇଁ ନାଚୁଁ । ପଦ । ଏବେନେ ବୃନ୍ଦାବନେ ବଡନ ଶୁଣି ନୋପେ, ଅଳି ପ୍ରବେଶ କ୍ଷେତ୍ରେ ତ୍ରିଜଗାନୀ ସ୍ୱରଣେ, ଖେଳେ କୁସୁମବନ ଗିରି ଶ୍ୟାମ ବେଣି ହରଣେ, ଚକ୍ରପାଣି ପଞ୍ଚାନନ ଛଡ଼ିଲ ଏ ଭବେ । ୪ ।

ଉତ୍କଳ ସାହିତ୍ୟରେ ଆଉ ଏକପ୍ରକାର ଲେଖା ଦେଖାଯାଏ । ଚାଉତିଶା ବୋଲି ତାର ନାମ । ନେମାଳଠାର ପ୍ରସିଦ୍ଧ ଅଚ୍ୟୁତ ଦାସ ନାମକ ମହାପୁରୁଷଙ୍କ ଦ୍ୱାରା ଲିଖିତ । ଏ ମହାପୁରୁଷ ଜଣେ ସିଦ୍ଧପୁରୁଷ ଥିଲେ । ଏହାଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲାର ବାମଦେବପୁର । ଅଚ୍ୟୁତାନନ୍ଦ ଗାଦି ଏ ଜିଲ୍ଲାର ନେମାଳଠାରେ । ଏ ଗୋଟିଏ ପ୍ରଧାନ ଧର୍ମ ସ୍ଥାନ । ମାଟିଆ-ଗୁଳା ଏମାନଙ୍କର ଧର୍ମ । ଏମାନଙ୍କ ଶ୍ରେଣୀ ଓଡ଼ିଆ ଭାଷା ଜନ୍ମରେ ଦୁର୍ଲଭ । ଏହାର ଆକାର ତୁଳ ନାହିଁ । ଅଚ୍ୟୁତାନନ୍ଦଙ୍କର ଅନେକ ଭଜନ ଗୀତ ଅଛି । ସେ ସମସ୍ତ ଶବ୍ଦବହୁଳ ସମ୍ପୂର୍ଣ୍ଣ । ଏ ଜାତୀୟ ଅନ୍ୟାନ୍ୟ ଗୋସାଇଁମାନଙ୍କ ରଚିତ ଭଜନ ଦେଖାଯାଏ । ବାଇ ଦାସ, ମାଧବ ଦାସ, ଜଗନ୍ନାଥ ଦାସ ପ୍ରଭୃତି ଏହି ସମ୍ପ୍ରଦାୟର । ସେଇ ଚାଉତିଶା କଥା କହୁଥିଲି, ତହିଁରୁ ପଦେ ଦୁଇପଦ ଦୃଷ୍ଟାନ୍ତସ୍ୱରୂପ ନିମ୍ନରେ ଦିଆଗଲା ।

ଶ୍ରୀବତ୍ସ ସ୍ୱରୂପ ଅନାଦି ନିରାକାର
ହରିଜନା ଭକ୍ତ ଜନର ସାଧାର
ଶ୍ରୀଅଦେଖା କର ନୋଳକ୍ଷ୍ମ ବ୍ରହ୍ମାଧର
ଶଙ୍ଖ ଚକ୍ରଧର ଶ୍ରୀଧର, ଶ୍ରୀରାମ ରୂପଧର । ୧ ।

ଫାଲ୍ଗୁନା ନେତ୍ରରୁ ଫଳ ପାଉନ କାହିଁ
ଫୁଟିଛି ଏକ ପଦ୍ମ ଅନଳ ପୁଷ୍କଳ
ନେତ୍ରରୁ ମନ୍ତ୍ର ଆଦିକ ବିକାର ତାର ନାହିଁ
ଫୁଲ ଫୁଟି ବାନ୍ଧ ଯାଉଛି ନ ଭୁମ୍ବ କାହିଁପାଇଁ । ୨ ।

ଭ୍ରମୁଛି ଏକ ଜାତ ଏକରେ ବସାଇ
ଏଭଳି ଲକ୍ଷ କରତ ଅନୁଛି ଅନାଇଁ
ଦୋହୁଛି ଚୋର ଏଥ ଲୁଚୁଛି ଦେଖିବାପାଇଁ
ଦଲକ ତୋର ଜ୍ଞାନ ଚକ୍ଷୁର ଖୁଣ୍ଟିଛି ଧୀର ଦ୍ୱୀପ । ୩ ।

ଅଭିରାମଙ୍କ ଭଜନରୁ ପଦେ ପଦେ ଦୃଷ୍ଟାନ୍ତ ଦେଲେ ତାଙ୍କ କବିତାର ସ୍ୱର ପାଠକେ ବୁଝିପାରିବେ ।

ପତିତପାବନବାନା ଯାଇ ନେତେ ଦେଖିଲୁ
ଭୁଲିଗଲୁ ଭବନରେ ନାହିଁ ହୃଦ ଲୁଚିଲୁ । ପଦ ।

ନିହେକ ଯୋଜନେ ଗଜ ଡାକିଲା ଆସନ୍ତୁ
ତକ୍ଷ ଯେତି ଗ୍ରାହ ନାହିଁ ଉଦ୍ଧାରିଲ ତାହାକୁ । ୧ ।"

ଏହିପରି ଅନେକ ଭଜନ ଅଛି । ସମସ୍ତ ଭକ୍ତିରସାତ୍ମକ ଏବଂ ଈଶ୍ୱରତତ୍ତ୍ୱ ଦ୍ୟୋତକ ।

୧—"ଭଜ ମନ ନନ୍ଦଦୁଲାଳ, ଭଜିଲେ ତୋ ଦୁଃଖ ରହିବ ନାହିଁ ।"
୨—"ଆରେ ଭଲାମଣି, ଲଗିଛି ତୋର ମସ୍ତକେ ଶୂଳ ।"
୩—"ଘୁଞ୍ଚି ଦେଖ ବେଙ୍ଗୁଛି ଲୋଟଣିପାଣି,
ଅଠାକାଠି ପକ୍ଷୀ ଉଡ଼ିବ ନ ପଡ଼ିବ ଧରି ।"

ଏମାନଙ୍କର ଅନେକ ଭବିଷ୍ୟତ୍ ବାଣୀ ଅଛି । ତାକୁ ମାଳିକା କହନ୍ତି । କଥିତ ଅଛି, ଅଭିରାମ ଲୋକଙ୍କୁ ଦେଖି ତାର ମନୋଗତ ଭାବ କହିଦେଉଥିଲେ । ସେ ଜଣେ ମହାପୁରୁଷ ଥିଲେ ବୋଲି ଏ ଜିଲ୍ଲାରେ ସମସ୍ତଙ୍କର ବିଶ୍ୱାସ । ଅଭିରାମ ପ୍ରାୟ ୭୦ ବର୍ଷ କି ୮୦ ବର୍ଷ ପୂର୍ବେ ଇହଧାମ ପରିତ୍ୟାଗ କରିଥିଲେ । ଉତ୍କଳର ନାନା ସ୍ଥାନରେ ଏତାଦୃଶ କବିତ ସାଧକ-କବି ଅନେକ ଥିଲେ । ତାଙ୍କ କବିତା ଅନେକ ସ୍ଥାନରେ ମିଳେ, ଅଥଚ ତାହା ପୁସ୍ତକରେ ପ୍ରକାଶିତ ନୁହେଁ । ଉତ୍କଳୀୟ କବିମାନଙ୍କର ଏହା ଗୋଟିଏ ସ୍ୱଭାବ । ଆଜିକାଲି ଯୁଗରେ ଯେପରି କବିତାକୁ ନେଇ ସ୍ୱଦେଶରେ ପ୍ରକାଶ କରି ଖ୍ୟାତି ଲଭିବା ପାଇଁ ଲୋକେ ବ୍ୟଗ୍ର, ଉତ୍କଳୀୟ କବିମାନଙ୍କର ସେପରି ଆକାଂକ୍ଷା ନ ଥିଲା । ତେଣୁ ଅନେକଙ୍କ ରଚିତ ପଦ୍ୟାବଳୀ କେବଳ ତାଙ୍କ ଶିଷ୍ୟ ସମ୍ପ୍ରଦାୟ ମଧ୍ୟରେ ଅଛି । ଅଭିରାମଙ୍କ ଶିଷ୍ୟ ଉତ୍କଳର ନାନା ସ୍ଥାନରେ ଅଛନ୍ତି । ଗୋଟିଏ ଗୋଟିଏ ଶିଷ୍ୟ ସ୍ଥାନେ ସ୍ଥାନେ ରହିଥାନ୍ତି । ନିଷ୍ଠାପର କର

ଅପଣା ବାହ୍ୟପେନ୍ଦ୍ର ଚଳାଇ ବାଜ ଯାତ୍ରା କଲେ ବେଲୁଗଡ଼ା ଘଟାନ୍ତି । ଅନେକ ଗ୍ରାମରେ ଶାଳୀ ଘୋଷାଇଁସାର କର୍ମ ଜାତ୍ରି ମଧ୍ୟ ଅଛି । କିନ୍ତୁ ଅଭିଡଧାନ ସେତେକ ମହାତ୍ମା ଥିଲେ, ସେପରି ମଣ୍ଡୁ ହାଙ୍ଗ ପଞ୍ଜ୍ୟ କ୍ରମେ ବିରଳ ହୋଇ ଆସୁଥିଲେହେଁ ସେହି ଗ୍ରାମ୍ୟବୁଦ୍ଧଙ୍କ ପ୍ରତିଷ୍ଠା କଣାଳ ଅଛି । ଆଶ୍ୱିନଙ୍କ ଭଜନ ଗ୍ରାମେ ଗ୍ରାମେ ପ୍ରସିଦ୍ଧ । ଅନେକ ଗ୍ରାମର ଲୋକ ଅମାବାସ୍ୟାବେଳେ ଭଜନ ବୋଲନ୍ତି ଏବଂ କୀର୍ତ୍ତନ କରନ୍ତି । ଧନଞ୍ଜୟ ଭଞ୍ଜ 'ଶାଲିହୋତ୍ର' ନାମକ ପୁସ୍ତକ ଲେଖିଛନ୍ତି । ଏଥିରେ ଘୋଡ଼ାମାନଙ୍କ ବିଷୟ ବର୍ଣ୍ଣିତ ଅଛି । ଏ ରୋଗିଏ ଅଣ୍ଡ ଉପାଦେୟ ହିଁ ।

"ବନ୍ଦଇ ଏକଳ ମଙ୍ଗଳ ଷଷ୍ଠି । କୃପାକର ମୋତେ ହାଲିକାଧାଷ୍ଟି ॥
ଅଶ୍ୱମାନଙ୍କର କହି ଲକ୍ଷଣ । ଦେଶ ବସୁଦ ଦୋଷ ପ୍ରମୋଦ ॥
ସୂର୍ଯ୍ୟଦର୍ଶନ କଙ୍କର ଯେଉଁ ସ୍ଥଳ । ଏହା ବାହନା ଶୁଣି ହେ ସୁତେଜ ॥
ସବ ଦାନବଙ୍କ ଭୟେ ଅମୃତ । କହିଲେ ଚତୁରାନନ ସୁନ୍ଦର ॥
ଯେଉଁ ପ୍ରକାରେ ଅଶ୍ୱ ଦୈତ୍ୟଗଣ । କହିମୁଁ ଧନ୍ୟ ଏଥିର କାରଣ ॥
ବୋଲନ୍ତି ବ୍ରହ୍ମା ଶୁଣ ସୁରଗଣ । ପୂର୍ବେ ଯେ ହେଲା ଦ୍ୱିଦଧି ମନ୍ଥନ ॥
ତହୁଁ ଉଚ୍ଚୈଶ୍ରବା ହୋଇବା ଜାତ । ତାହା ନେଲେକ ଦେବେନ୍ଦ୍ରଚର୍ଯ୍ୟ ॥
ତହୁଁ ଭୂମ୍ୟଙ୍କୁ ସବାରେ କରିଲ । ତେଣୁ ତା ଦେବ ଅଶ୍ୱ ହୋଇଲ ॥
ଏବେ ଭୁବନ ଧର ଏହୁ ବସୁର । ଅମୃତ କହିବା ଶୁଣ ଦୂରବର ॥୧୦॥
ପୂର୍ବକାଳେ ଦକ୍ଷଙ୍କ ହୋମର । ଅନେକ ଧୂମ ହୋଇଲା ବାହାର ॥
ମୋର ଚକ୍ଷୁର ସେ ଧର୍ମ ପୂରିଲ । ତେଣୁ ମୋହର ଅଶ୍ରୁପାତ ହେଲ ॥
ଦେଖିଣ କମଳା ଧରିଲା କର । ଝିଙ୍ଗି ଗଲା ଦେଲା ଅଙ୍ଗ ଉପର ॥
ତହୁଁ ଅଶ୍ୱମାନେ ହୋଇଲେ ଜାତ । ତହୁଁ ହୋଇଲେ ଲକ୍ଷ୍ମୀଙ୍କ ସୁତ ॥
ଏମନ୍ତ କହି ଅଣ୍ଡ ଉତ୍ତର । ଜାତ କଲେକ ଦିବ୍ୟ କୁମାର ॥
ବ୍ରହ୍ମା, ଲକ୍ଷ୍ମୀ ସେ ଦେଖିଣ ଶୁଦ୍ଧ ଜାତ । ଏ ସୁଜାତ ଅଶ୍ୱରେ ବସ୍ୟାତ ॥
ନର୍ତ୍ତିଶ୍ୱରର ହୋଇଲେ ଅନେକ । ବଳେ ଆକର୍ଷିଲେ ସେ ସୁରଲୋକ ॥
ଦକ୍ଷଙ୍କ ଅଶ୍ୱ ଭଲେ ଉତ୍ପନ୍ନ । ତେଣୁ କୋପେ କଲେ ଋଷିନନ୍ଦନ ॥
ଅଶ୍ୱମାନଙ୍କୁ ସେ ଶାପ ଦେଲେ । ପକ୍ଷମାନଙ୍କୁ ଛେଦି ପକାଇଲେ ॥
ପୃଥ୍ୱୀରେ ଥାଇ ହୋଇବ ବାହନ । ଧର ତଳେ ସେଠାକୁ ଗମନ ॥
ଦେବ ମାନବଙ୍କ ବାହନ ହେବ । ଏମନ୍ତ କହି ଜାଲମାନ ଦେବ ॥
ଏମନ୍ତ ଦକ୍ଷଙ୍କ ଶୁଣି ବଚନ । କମ୍ପିଲେ ସବୁ ତୁରଙ୍ଗମଗଣ ॥
ଋଷି ପାଦରେ ଶରଣ ପଶିଲେ । ତେଣୁ ତାହାଙ୍କୁ ଋଷି କୃପା କଲେ ॥
ଯେଉଁମାନେ ଉଠ ମୁକ୍ତ ସନ୍ତୋଷ । ଯଥାମତ ବଳ ସେ ଦାନ ଦେବ ॥
ତାହାର ଭୁନୁଭ ଉଡ ହୋଇବ । ଏମନ୍ତେ ଶାପରୁ ମୁକତ ହେବ ॥

ସ୍ୱର୍ଗରେ ଯାଇ ଗର୍ଜିବ ଅବାଧ । ମୋର ବଚନ ଏ ହେବ ଅବଶ୍ୟ ॥
ମୁନି ବଚନେ ଯାନକ ହୋଇଲେ । ପ୍ରଦକ୍ଷିଣ କରି ପାଦେ ପଡ଼ିଲେ ॥
ବୋଇଲେ ଗୋସାଇଁ କରନ୍ତୁ ଦୟା । ଭାଙ୍ଗି ଯାଇଣ ବନ୍ଧନୁ ଅବାଧ ॥
ଶୁଣି ତ ସ୍ୱାମ୍ଭୁ ଦଣ୍ଡ ଅଶ୍ୱ ଛଡ଼େଲେ । ହେମବନ୍ତ ପାଶେ ରକ୍ଷ କହିଲେ ॥
ଶୁଣି ଅଶ୍ୱମାନେ ଆନନ୍ଦ ହୋଇ । ଚଳିଲେ ଦଣ୍ଡ ଅଶ୍ୱ ଶିରେ ନେଇ ॥
ହେମବନ୍ତ ପାଶେ ପ୍ରବେଶ ହୋଇଲେ । ଆନନ୍ଦେ ତହିଁ ଭ୍ରମଣ କରିଲେ ॥
ଏଥୁଁ ଜାଣିଣ ଶ୍ରୀ ଶାଳିହୋତ୍ର । ସେ ସ୍ଥାନେ ବେଗେ ହୋଇଲେ ଉପଗତ ॥
ଆଶ୍ରମ କଲେ ତହିଁ ତପୋଧନ । ଅଶ୍ୱମାନଙ୍କୁ ଦେଖିଲେ ନୟନ ॥
ପୁଣ୍ୟ ପ୍ରାପ୍ତ କରି ପଣ୍ଡାକଲେ । ଏମନ୍ତେ ଅଶ୍ୱମାନେ ବୃଦ୍ଧ ହୋଇଲେ ॥
ସେ ସ୍ଥାନେ ଯାଅ ପ୍ରକାଶ ଅମର । ମନ ଲାଗି ଜଳ ପାଉ ପ୍ରବଳ ॥
ଦେଖିବ ତାହାଙ୍କୁ ପ୍ରତି ଶାଳିହୋତ୍ର । ସେ ଅଶ୍ୱମାନେ ଅଟନ୍ତି ପବିତ୍ର ॥
ଏମନ୍ତ ଆଦେଶ ଧାତାର ପାଇ । ଆଳକ୍ଷ କଲେ ସୁରଜନ ତହିଁ ॥
ଯାହା ମନକୁ ଯେତେ ଯେ ଭଲ । ସେତେ ଅଶ୍ୱ ଘେନି ଦେବେ ତ ନେଲ ॥
ହରିତ ବର୍ଣ୍ଣ ଯେତେ ତୁରଙ୍ଗମ । ତାହାଙ୍କୁ ପାଇଣ ବରିଲେ ସୋମ ॥
ମରକତ ବର୍ଣ୍ଣ ଯେତେକ ଅଶ୍ୱ । ତାଙ୍କୁ ବରିଲେ ଯାଇ ସୁରେଶ ॥
ଶୁକ୍ଳବର୍ଣ୍ଣ ଯେତେ ଅଶ୍ୱ ଉତ୍ତମ । ତାହାଙ୍କୁ ନେଲେ ଧର୍ମରାଜନ ॥
ଅରୁଣ ବର୍ଣ୍ଣ ଯେତେ ଅଶ୍ୱବର । ତାହାଙ୍କୁ ବେଗେ ନେଲେ ଦଣ୍ଡଧର ॥
ଲୋହିତ ବର୍ଣ୍ଣ ଯେତେ ଅଶ୍ୱ ଜାଣ । ତାହାଙ୍କୁ ନେଲେ ଅଗ୍ନି ଦେବ ବହ୍ନି ॥
ଚନ୍ଦ୍ର କିରଣ ବର୍ଣ୍ଣ ଯେତେ ଅଶ୍ୱ । ତାହାଙ୍କୁ ବେଗେ ନେଲେ ମାତରିଶ୍ୱ ॥
ସୁବର୍ଣ୍ଣ ବର୍ଣ୍ଣ ଅଶ୍ୱ ନେଲେ ଶିବ । ଧାରୁ ନେଲେ ବିଶ୍ୱକର୍ମା ଦେବ ॥
କଦଳୀ ବର୍ଣ୍ଣ ଯେତେ ଅଶ୍ୱବର । ତାହାଙ୍କୁ ଘେନିଗଲେ ଚକ୍ରଧର ॥
ଚଳପଟଳ ଅଶ୍ୱିନୀକୁମାର । ଘେନିଗଲେ ସେହୁ ସାରଙ୍ଗଧର ॥
ଶ୍ୟାମବର୍ଣ୍ଣ ଅଶ୍ୱ ନେଲେ ବରୁଣ । କୃଷ୍ଣ ନେଲେକ ଜଳଶୋଣିମିଶା ॥
କଳଙ୍କ ନେଲେ ଶ୍ୟାମବର୍ଣ୍ଣ ଅଶ୍ୱ । କୁବେର ନେଲେ ବାଜି ଅତିଶୟ ॥
ଅଦ୍ଭୁତ ଦେବତା ଆଉ ଯେତେକ । ନାହିଁ ମନକୁ ନେଲେଟି ଯୋଟେକ ॥
ତହୁଁ ଅବଶିଷ୍ଟ ଯେତେକ ଅଶ୍ୱ । ପୃଥିବୀରେ ରହିଁ ହୋଇଲେକ ଉଦ୍ଦେଶ୍ୟ ॥
ଆଗରେ ବ୍ରହ୍ମା ଆଦି ସୁରପତି । ଦେବଙ୍କ ବାଞ୍ଛି ହୋଇଲ ନୃପବର ॥
ଯେଉଁ ଦେଶେ ଯେଉଁ ଅଶ୍ୱ ରହିଲେ । ତାହା କୁଳ ଗୋତ୍ର ତହିଁ ବଢ଼ିଲେ ॥
ସେ ଦେଶ ନାମରେ ହୋଇଲେ ଖ୍ୟାତ । ଏମନ୍ତ ହୋଇ ଅଶ୍ୱଙ୍କର ଜାତି ॥
ଯେଉଁ ଦେଶରେ ଯେଉଁ ଗୁଣଗ୍ରାମ । ସେ ଗୁଣ ଘେନିଲେ ସେ ଅଶ୍ୱଗଣ ॥
ଉତ୍ତମ ମଧ୍ୟମ ଅଧମ ହୋଇଲେ । ଦେଶ ଗୁଣରେ ଅଶ୍ୱ ଜାତି କହି ॥

ଦେଖୁ ଥିଲେ ସମୁଦ୍ର କୂଳରେ । ଦେଖୁ ଜାଉ ହେଲେ ନିଜ ଦେଶରେ ॥
ଯୌବନ ଦେଖଣ ହୋଇଲେ ଯେ ଜାତ । ଜାମକ ଦେଖଣ ଯେ ହୋଇଲେ ଖ୍ୟାତ
ସୁନ୍ଦରୀ କହିବା ଅଶ୍ରୁଙ୍କ ଜନମ । ଯେତେକ ପର୍ବତେ ହେଲେ ଉତପନ ॥
ସୁମନ୍ତ୍ର କହୁ ଶତ୍ରୁମର୍ଦ୍ଦନ । ମନକୁ ବୋଧ ନିଶ୍ଚ ଜେଜନ ॥
ସେମନ୍ତ ଜଗାର ଶ୍ରୀ କରଲାଗି । ଏତେ ପ୍ରାଚୀନ ସବୁ ପଠନ ଭାଗ ॥"

ଚଉତିଶା—ଏ ପ୍ରକାର ଲେଖା ଓଡ଼ିଆ ସାହିତ୍ୟରେ ବହୁଳ ଦେଖାଯାଏ । ପ୍ରତ୍ୟେକ ସଂଖ୍ୟା ୩୪ ପଦ । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷରଯୁକ୍ତ ଶବ୍ଦ ଆଦ୍ୟରେ ଥାଇ ଗୀତଟି ସମ୍ପୂର୍ଣ୍ଣ ହୋଇଥାଏ । ଚଉତ୍ରିଶାଧିକ ଚଉତିଶା ଲେଖିଲେ ମିଳେ । ସବୁ ଚଉତିଶା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଚଉତିଶାର ବିଷୟ ମଧ୍ୟ ନାନାପ୍ରକାର । ଗୋଟିଏ ଗୋଟିଏ ଗଡ଼ ବା ବୃତ୍ତିରେ ଅନେକ ଚଉତିଶା ଲେଖାଯାଇଛି । ଯଥା—ମଥୁରା ଚଉତିଶା, ବୈଷ୍ଣବ ଚଉତିଶା, ମନବୋଧ ଚଉତିଶା, କଳାବତୀ ଚଉତିଶା ଇତ୍ୟାଦି । ଚଉତିଶାର ଗୋଟିଏ ଉଦାହରଣ ତଳେ ଦିଆଗଲା ।

ଅଗତିନାଶି ଚଉତିଶା

ରାଗ—କାମୋଦୀ

"ତୃଷାର୍ତ୍ତ ନଦନ ଜଳ ଅବଲୋକନ
ଯେସନ୍ତେ କରନ୍ତି ଯତନ
କାକୁସ୍ଥଭର ହୋଇ କର ଯୋଡ଼ି ଜଣାଇ
କରୁଅଛନ୍ତି ଦାସ ନିବେଦନ । ହେ ମହାପ୍ରଭୁ !
କୃପାଜଳବରଷ ହୋଇ । ଭକତ ସମ୍ପନ୍ନ ଜନ ବାଞ୍ଛି ।
କରୁଣା ଜଳ ଜାଣି ଦିଅ ହେ ଜଗତସ୍ୱାମୀ
ନାହିଁ ମୁଁ ଦେଖି ନୟନେ । ହେ ମହାପ୍ରଭୁ !"

ଚଉତିଶା ପରେ ଜଣାଣ ଭଜନ ଅସଂଖ୍ୟ ଅଛି । ଜଣାଣ ଭଜନ କେବଳ ଭଗବାନଙ୍କଠାରେ ପ୍ରାର୍ଥନା, ଭଗବାନଙ୍କ ଗୁଣକୀର୍ତ୍ତନ ଅର୍ଜ୍ଜୁନଦାସ, ବାଇଦାସ, ମାଧବଦାସ, ନୀଳାଦ୍ରି ଦାସ ପ୍ରଭୃତି ବେନ୍ତୁପଡ଼ା ମଠର ଗୋସାଇଁମାନଙ୍କର ଜଣାଣ ଅଧିକ ହେବ । ବେନ୍ତୁପଡ଼ା ପୁରୀ ଜିଲ୍ଲା ଡେଲଙ୍ଗ ନିକଟରେ । ସେଠାରେ ଅଲେଖ ମଠ ଅଛି । ଅର୍ଜ୍ଜୁନ ଦାସ ପ୍ରଭୃତି ସେହି ମଠର ଅଧିକାରୀ ଥିଲେ । ସେମାନେ ଅନେକ ଭଜନ ରଚନା କରିଛନ୍ତି । ଶଙ୍କରଭଞ୍ଜ, ନରକାର ନବଘନ କୃଷ୍ଣ, ଶ୍ରୀକୃଷ୍ଣ ପ୍ରଭୃତି ଅବଲମ୍ବନରେ ଅନେକ ଭଜନ ଗୀତର ରଚନା କରିଛନ୍ତି । ତାଙ୍କର ଦାଣ୍ଡୁଆ ବୋଲି ଏକ ପୁସ୍ତକ ଅଛି । ଏଥିରେ ଗୋପାଳଙ୍କର ରୂପବର୍ଣ୍ଣନା, ଗୋପାଳଙ୍କ ବଂଶୀର ଜଳାକଳ ଅତି ସୁନ୍ଦର ସରଳ ଭାବରେ ବର୍ଣ୍ଣିତ ହୋଇଛି । ଏହାର ଚଉପଦୀ ଛନ୍ଦରେ ମଧ୍ୟ ଶୈଳୀ ରୂପରେ ଲେଖାଯାଇଛି । 'କଳୋଳ ପୁରାଣ' ବୋଲି

ଏକ ଗ୍ରନ୍ଥ ଅଛି । ସେଥିରେ ରାସକ୍ରୀଡ଼ା ବର୍ଣ୍ଣିତ ଅଛି । ଚଉପଦୀ, ଚଉତିଶା, ପାଲା ପ୍ରଭୃତି ଅସଂଖ୍ୟ ଖଣ୍ଡକାବ୍ୟ ଗୀତ ଅଛି । ଏକଥିକି ଦେଖିଲେ ମହାଭାରତ ଅପେକ୍ଷା ବୃହତ୍ତର ହୋଇପାରେ । ଚଉପଦୀ ଚଉତିଶାରେ ନାନା ଅର୍ଥବୋଧକ ଗୀତ ଅଛି । ଏକ ଚଉପଦୀର ପୂର୍ବ ତିନି ପ୍ରକାର ଅର୍ଥ ଅଛି । ନାନା ଛନ୍ଦର ଚଉପଦୀ ଅଛି । ନାନା ଅନୁପ୍ରାସର ଚଉପଦୀ ଅଛି । ସେ ସମସ୍ତର ଆଲୋଚନା ପାଇଁ ଏଠାରେ ସ୍ଥାନ ନାହିଁ । ତାହା ଏକ ସ୍ୱତନ୍ତ୍ର ପୁସ୍ତକ ହେବ । ପାଲା ଏ ଦେଶର ଗୋଟିଏ ପ୍ରଧାନ ଶାଖା ଥିଲା । ଏତଦ୍ୱାରା ଦେଶର ପଲ୍ଲିମାନଙ୍କରେ ପୁରାଣ-କାବ୍ୟ ସବୁର ଆଲୋଚନା ହେଉଥିଲା ଏବଂ ସେଥି ସଙ୍ଗେ ଧର୍ମଶାସ୍ତ୍ର ପ୍ରଚାର ହେଉଥିଲା । ବାଦୀପାଲା ହେଉଥିବାରୁ ତଦ୍ୱାରା ପ୍ରତିଯୋଗିତାର ଦ୍ୱାର ଉନ୍ମୁକ୍ତ ଥିଲା । ଅନେକ ପଲ୍ଲିବାସୀ କବିତା ଲେଖୁଥିଲେ । ପ୍ରତ୍ୟେକ ପାଲି ଦଳର ସ୍ୱତନ୍ତ୍ର କବି । କାହା କବିତା ସରସ, କାହା କବିତା ଅର୍ଥଗର୍ଭକ, କାହା କବିତା ଅଳଙ୍କାରପୂର୍ଣ୍ଣ, ଏ ବିଷୟ ଆଲୋଚନା ହେଉଥିଲା । ଅନ୍ୟର ଅନେକ ପ୍ରକାର ଯାତ୍ରା ହେଉଥିଲା । ଶବରଶବରୁଣୀ, ନଟମଙ୍ଗଳ, ଗୁଆଳଚମ୍ପଲା, ସୁମନ୍ତଲୀ ଇତ୍ୟାଦି । ଏସବୁ ଯାତ୍ରାପାଇଁ ସ୍ୱତନ୍ତ୍ର ଗୀତ ରଚନା ହେଉଥିଲା । ଏସବୁ ହେତୁରୁ ଅନେକ ସାଧାରଣ ଲୋକ, ଯେଉଁମାନେ କୌଣସି ସ୍କୁଲରେ ପଢ଼ି ନ ଥିଲେ ବା ବିଶ୍ୱବିଦ୍ୟାଳୟରୁ ଉପାଧି ପାଇ ନ ଥିଲେ ସେମାନେ ମଧ୍ୟ କବିତା ରଚନା କରୁଥିଲେ । ଏ ସବୁ କ୍ରମେ କ୍ରମେ ଦେଶରୁ ଲୋପ ହୋଇଯାଉଛି । ଆଉ ସେ କବିତା-ଚର୍ଚ୍ଚା ପଲ୍ଲିମାନଙ୍କରେ ଦେଖା ଯାଉନାହିଁ; କ୍ରମେ ପଲ୍ଲି ଅନାଦୃତ ହେଉଛି । ଓଡ଼ିଆ ସାହିତ୍ୟର ବିଶାଳ ଆକାର ଏ ପର୍ଯ୍ୟନ୍ତ ଓଡ଼ିଆ ଯୁବକମାନେ ଦେଖି ପାରି ନାହାନ୍ତି । ପ୍ରାଚୀନ ଓଡ଼ିଆ ପୁସ୍ତକ ତାଲିକା ଏ ପର୍ଯ୍ୟନ୍ତ ପୂର୍ଣ୍ଣରୂପେ ପ୍ରକାଶିତ ହୋଇନାହିଁ । ବିହାର-ଓଡ଼ିଶା ସରକାର କେତେକ ଦିନ ଜଣେ ପଣ୍ଡିତ ରଖାଇ ତାଲିକା ପ୍ରସ୍ତୁତ କରୁଥିଲେ । ମାତ୍ର ସେ କାମ ବନ୍ଦ ହୋଇଗଲା । ଅନ୍ୟ ଦେଶର ସାହିତ୍ୟମାନେ [illegible] ଅଛି ତାହା ଦେଖିବାକୁ ମିଳୁଛି । ଓଡ଼ିଶାରୁ ପ୍ରାଚୀନ ପୁସ୍ତକ କିଣି ନେଇ ଜର୍ମାନ ଦେଶର ପଣ୍ଡିତମାନେ ଆଲୋଚନା କରୁଛନ୍ତି । ସେଥିରୁ ସାର ବାହାର କରି ନିଜର ତଥ୍ୟାନୁସନ୍ଧାନରେ ଲଗାଇ ସେ ତଥ୍ୟକୁ ନୂତନ ଆକାରରେ ଜଗତରେ ପ୍ରକାଶ କରି ପୃଥିବୀକୁ ଆଶ୍ଚର୍ଯ୍ୟାନ୍ୱିତ କରୁଛନ୍ତି । ଆଜି ସେମାନଙ୍କର ଏହି ଅପୂର୍ବ ଶାସ୍ତ୍ରାଲୋଚନା ଦେଖି ଆମ୍ଭମାନେ ହା-ହୁତାଶ ହୋଇ ଦଗ୍ଧ ହୃଦୟରେ ବସି ରହିଛୁ । ଭୁବନେଶ୍ୱରଠାରୁ ଜର୍ମାନ ପଣ୍ଡିତମାନେ ଅନେକ ତାଳପତ୍ର ପୋଥି ଓ ଶିଳାଲେଖର ନକଲ ନେଇଛନ୍ତି । ସେମାନେ ମନେ କରୁଛନ୍ତି, ଏ ଦେଶ ଏତେ ଉନ୍ନତ ଥିଲା, ଏଥିରେ କାଳେ କିଛି ଉପାଦେୟ ଗୁପ୍ତ ସାମଗ୍ରୀ ଥିବ; ମାତ୍ର ଆମ୍ଭେମାନେ ବର୍ତ୍ତମାନ ବୁଝୁ ନାହୁଁ ।

ବର୍ତ୍ତମାନ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ଆମ୍ଭମାନଙ୍କ ସାହିତ୍ୟ ସେବକ ଓ ସମାଲୋଚକ । ସେ ବର୍ତ୍ତମାନ ଭଲ ଭାବରେ କେତେଗୁଡ଼ିଏ ଓଡ଼ିଆ ପଦ୍ୟ ଛପାଇ ଓଡ଼ିଆ ସାହିତ୍ୟର ପରିଚୟ ଦେଉଛନ୍ତି । ସେ ପୁସ୍ତକ ଅନ୍ୟ ବିଦ୍ୟାଳୟର

ପାଠ୍ୟପୁସ୍ତକ । କୋଇଲି ଗୋପୀଭାଷାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଶତ ବର୍ଷର ସାହିତ୍ୟର ଉଦ୍ଧୃତାଂଶ ଏହି ପୁସ୍ତକରେ ନକଲ କରାଯାଇଛି । କୋଇଲି ଏବଂ ଗୋପୀଭାଷା ଅବଧାନ ଚାଟଶାଳୀର ପାଠ । ୭।୮ ବର୍ଷ ପିଲାଙ୍କ ପାଠ୍ୟ । ଏବେ ଉଚ୍ଚଶିକ୍ଷା ଶ୍ରେଣୀର ପାଠ୍ୟପୁସ୍ତକ ହେବାର ଦେଖି ମନେ ହୁଏ, କୋଇଲିର ଉନ୍ନତି ହେଲା, କି ଛାତ୍ରମାନଙ୍କର ଅବନତି ହେଲା ? ସମ୍ଭବତଃ କୋଇଲିର ଉନ୍ନତି ହେଲା, କାରଣ ପଲ୍ଲୀଗ୍ରାମ ମାଟିଘର ପାଠଶାଳାରୁ ଉଠିଆସି ଏବେ ବିଜୁଳି ପଙ୍ଖା ତଳରେ ସ୍ଥାନ ପାଇଲା ! ବୈଦ୍ୟୁତିକ ପଙ୍ଖା ପବନ, ବୈଦ୍ୟୁତିକ ଆଲୋକ ପାଇ ତାହାର ସ୍ୱାସ୍ଥ୍ୟ ଶକ୍ତି ବୃଦ୍ଧି ପାଇବ । ବିଜୟ ବାବୁ ଏ ପୁସ୍ତକ ଭୂମିକାରେ ପ୍ରାଚୀନ ଉତ୍କଳର ସଂକ୍ଷିପ୍ତ ଐତିହାସିକ ବିବରଣ ଓ ପ୍ରାଚୀନ ଓଡ଼ିଆ କବିଙ୍କ ସମ୍ବନ୍ଧରେ ଗୋଟିଏ ମୂଲ୍ୟବାନ ପ୍ରବନ୍ଧ ଲେଖିଛନ୍ତି । ତହିଁର ସତ୍ୟାସତ୍ୟ ନିର୍ଣ୍ଣୟ ଆଲୋଚନା କରିବା ଆବଶ୍ୟକ । ଆଲୋଚନା କରିବା ପୂର୍ବରୁ ଯଦୁମଣି କବିଙ୍କର ଗୋଟିଏ ପ୍ରାଚୀନ କବିତା ମନେ ପଡ଼େ—

ଅନ୍ଧ ଦେଖିଲୁ ଗଲା ଦର୍ପଣ ଧରି
ଛନ୍ଦ ହାତରେ ଦେଲା ଚୋଦାନ ଟେକି,
ଜଡ଼ା ମଧ୍ୟରେ କଲା ଫଡ଼ା ରଜନ
କାମୁଡ଼ା ଘୋଡ଼ା ମୁଖେ ଦେଲା ଚୁମ୍ବନ,
ହେ ରାଜା, କି କଲ ! ବିଷ୍ଣୁ ଭକ୍ତମାନଙ୍କୁ ତଦନ ଖୋଇଲ ।

ଓଡ଼ିଆ ସାହିତ୍ୟରେ କି ମାଧୁର୍ଯ୍ୟ ଅଛି ତାର ସ୍ୱାଦ ଯେ ନିଜେ ଅନୁଭବ ନ କରି ପାରିବ ସେ ବୁଝିବ କଣ ? ଓଡ଼ିଆ ସାହିତ୍ୟର ମାହାତ୍ମ୍ୟ କୀର୍ତ୍ତନ କରିବା ଲାଗି ତହିଁରେ ତନ୍ମୟତା ହେବା ଆବଶ୍ୟକ । ଏ ପୁସ୍ତକ ସଙ୍କଳନର ଉଦ୍ଦେଶ୍ୟ କେବଳ ଅର୍ଥୋପାର୍ଜ୍ଜନ କରିବା । ମୂଲ୍ୟବାନ ଆଲୋଚନା ଅବାନ୍ତର ମାତ୍ର । ନୂଆ କବିମାନେ ଏଥିରେ କ ଭୁଲ ନିଜ ଘର ଭଳେ ଖୋଜିବା ଉଚିତ । ଆମ୍ଭ ଘର ଆଲମାରି ପେଡ଼ିରେ କି ସାମଗ୍ରୀ ଅଛି ତାହା ଅନ୍ୟଙ୍କ ସୁ-ଲୋକ ବୁଝିବ କିପରି ? ଓଡ଼ିଆ ସାହିତ୍ୟ ବଙ୍ଗୀୟ ସାହିତ୍ୟସେବୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଅପରିଚିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁଁ ଏପରି ସାହସ ସହିତ କହିପାରେ ଯେ ଓଡ଼ିଆ ସାହିତ୍ୟର ଗୋଟିଏ ପଦର ସ୍ୱାଦ ହେଲେ ବଙ୍ଗଳାର କୌଣସି ପ୍ରାଚୀନ ଲେଖା ପାଖରେ ପଡ଼ିବ ନାହିଁ । ଓଡ଼ିଆ-ସାହିତ୍ୟ-କାବ୍ୟକୁଞ୍ଜ-କାନନର ଗୋଟିଏ ଗୋଟିଏ ପୁଷ୍ପ ଅତୁଳନୀୟ । ବଳରଥ ଚନ୍ଦ୍ରମଣି ପରି କାବ୍ୟ, ବୈଦେହୀଶ ବିଳାସ ପରି କାବ୍ୟ ତୁଳନାରେ ଖଣ୍ଡିଏ କୌଣସି କାବ୍ୟ ବଙ୍ଗ-ସାହିତ୍ୟରେ ଅଛି କି ? କାବ୍ୟର ବିଶେଷତ୍ୱ ଲାଗି ଦେଶ କାଳ ପାତ୍ର ବିବେଚନା କରିବା ଆବଶ୍ୟକ । କାବ୍ୟ ଯେଉଁ ଦେଶର ଲେଖା, ସେହି ସମୟର ଲେଖା, ତହିଁପ୍ରତି ଦୃଷ୍ଟି ଦେବାକୁ ହେବ । କବିଙ୍କ ମନୋଗତ ଭାବ ପ୍ରତି ଲକ୍ଷ୍ୟ ରଖି କାବ୍ୟାଲୋଚନା କରିବାକୁ ହେବ । ସମାଲୋଚକ ତା ନିଜ ଆଦର୍ଶରେ ବସି ସମାଲୋଚନା କଲେ କାବ୍ୟପ୍ରତି ନ୍ୟାୟ ବିଚାର କରି ପାରିବ ନାହିଁ । କେହି କେହି କହନ୍ତି, ଉପେନ୍ଦ୍ର ଭଞ୍ଜ ଦୁର୍ବୋଧ କେବଳ

ଆଦିରସରେ କବିତା ଲେଖିଥିଲେ, ଅନେକ ଅଶ୍ଳୀଳ ଭାବ ବର୍ଣ୍ଣନା କରିଥିଲେ; ସୁତରାଂ ସେଗୁଡ଼ିକ ଅପାଠ୍ୟ । ଆମ୍ଭ ଦେଶରେ କଥା ଅଛି, ମାଙ୍କଡ଼ ହାତରେ ଶାଳଗ୍ରାମ; ଅର୍ଥାତ୍ ଯେ ଅରସିକ ତା ହାତରେ କୋଟିଏ ଟଙ୍କା ପଡ଼ିଲେ ଦଶା କଅଣ ହେବ ? ଆମ୍ଭ ଓଡ଼ିଆ ସାହିତ୍ୟର ଦଶା ବର୍ତ୍ତମାନ ସେହି ଦଶା ପ୍ରାପ୍ତ । ଅରସିକ ହାତରେ ଓଡ଼ିଆ ସାହିତ୍ୟ ପଡ଼ିଲାରୁ ତାହାର ଦୁରବସ୍ଥା ନଷ୍ଟ ହେଉଛି । ସୁତରାଂ କୌଣସି କୋଟିଏ ସ୍ୱଜାତି ସାହିତ୍ୟ ଆଲୋଚନା କରିବାକୁ ହେଲେ ସେ ଦେଶର ଇତିହାସ ସମ୍ପୂର୍ଣ୍ଣ ଅଭିଜ୍ଞତା ଥିବ, ପ୍ରାଚୀନ ସାହିତ୍ୟରେ ମଧ୍ୟ ଜ୍ଞାନ ଥିବ, ଦେଶର ଆଚାର-ବ୍ୟବହାର, ଲୋକଙ୍କ ଧର୍ମଭାବ, ତଦାନୀନ୍ତନ ରୁଚିର ଧାରଣା ଇତ୍ୟାଦିପ୍ରତି ଲକ୍ଷ୍ୟ ରଖି ବିଚାର କରିବାକୁ ହେବ । କେତେକ ସମାଲୋଚକ ଏ ଦିଗରେ ଅନ୍ୟପ୍ରକାର ଦେଖାଇବ । ଉପେନ୍ଦ୍ର ଭଞ୍ଜ ପ୍ରଭୃତିଙ୍କ କାବ୍ୟ କେବଳ ନାୟକ ନାୟିକା ଅବଲମ୍ବନରେ ଲେଖାଯାଇଛି । ବୈଷ୍ଣବ ମଙ୍ଗଳ କବିତାର ପ୍ରଧାନ ଉପାଦେୟ ବିଷୟ । ମାତ୍ର ସେଥିରେ କେଉଁ ଅଂଶ ବର୍ଣ୍ଣିତ ହୋଇଛି, ସେ ବିଷୟକୁ ଛାଡ଼ି କରି ପାଠକମାନେ କେତେଦୂର ପଟୁତା ଦେଖାଇଛନ୍ତି, ତାହା ଦେଖିବା ଆବଶ୍ୟକ । ଉପେନ୍ଦ୍ର ଭଞ୍ଜ ଭାଷାରେ କେତେଦୂର ଶିଳ୍ପନୈପୁଣ୍ୟ ଦେଖାଇଛନ୍ତି ତାହା ଦେଖିବା ଆବଶ୍ୟକ । ଅଶ୍ଳୀଳ ବୋଲି ତ୍ୟାଗକଲେ ସେ କବିତାର ରସାସ୍ୱାଦନ କରିପାରିବ ନାହିଁ ! ମାତ୍ର ମଜୁମଦାର ମହାଶୟ ଭଞ୍ଜ କବିତା ଏବଂ ରାମକୃଷ୍ଣସିଂହାରଙ୍କ କବିତା ତୁଳନାରେ କୌଣସି କୋଟିଏ କଣ୍ଠ କବିତାକୁ ତୁଳନା କରିପାରିବେ କି ?

ଏହା ଉତ୍କଳର ଦୁଃଖ । ଯେ ଯେତେ ଶିକ୍ଷିତ ହୋଇ ପାରିଲା, ସେ ସେତେ ବଡ଼ । ଓଡ଼ିଆ କବିତା ସେ ପ୍ରକାର ମୂଲ୍ୟ ପାଉନାହିଁ; ଅନୁବାଦିତ ହୋଇ ଦେଶ-ବିଦେଶରେ ପ୍ରଚଳିତ ହୋଇନାହିଁ । ଓଡ଼ିଆମାନେ ସଭାମଞ୍ଚରେ ଯେପରି ପଣ୍ଡିତ, ଏ ଦିଗରେ ସେହିପରି । ସୁତରାଂ ଓଡ଼ିଆ ସାହିତ୍ୟ ଯେପରି ଘର କୋଣରେ ଥିଲା, ସେପରି ପଡ଼ିଛି । ବାହାର-ସାହିତ୍ୟରେ ମାଣିକ୍ୟ ପଡ଼ିଲେ ତାର ଯେପରି ଦଶା ହୁଏ, ବର୍ତ୍ତମାନ ବଙ୍ଗୀୟ ସମାଲୋଚକଙ୍କ ହାତରେ ତାର ସେହି ଦଶା ହୋଇଅଛି । ଆମ୍ଭେ ଆଶ୍ଚର୍ଯ୍ୟ । କବି ଚଣ୍ଡୀଦାସଙ୍କ ପଦ ଭଞ୍ଜ କବିତା, ରାମକୃଷ୍ଣସିଂହାରଙ୍କ କବିତା ଯେପରି ପୃଷ୍ଠପୋଷକ ପାଇ ଦେଶ-ବିଦେଶକୁ ଯାଉଅଛି ସେହିପରି ଏମାନେ ପ୍ରତ୍ୟେକ କୋଡ଼ିଏ ପୁରସ୍କାର କେଉଁଠାରୁ ପାଉଥାନ୍ତେ । ଯେଉଁ କବିତା ଲେଖି ଆଧୁନିକ କବିମାନେ ସେ ପୁରସ୍କାର ପାଉଛନ୍ତି ସେ କବିତା ଓଡ଼ିଆ କବିତାଠାରୁ ସେ କେତେ ତଳେ ତାହା କେବଳ ଉତ୍କଳ ଶ୍ରାବକ ହେଲେ ବୁଝିବ । ଯେଉଁ ଦେଶର ବାହାର କର୍ତ୍ତବ୍ୟ ନେଇଛି ଏକ ଭଗ୍ନ ବାଟ, ସେ ଦେଶର ଉଚ୍ଚଶ୍ରେଣୀର କବିଙ୍କ କବିତା ବୁଝିବାଲାଗି ବହୁତ ସମୟ ଆବଶ୍ୟକ । ଶାସ୍ତ୍ରକାରଙ୍କ ଓ ଓଡ଼ିଆ ରଚ ଥାନରେ ବାଦଶାହଙ୍କ ରାଜସଭାରେ ଗୀତ ଗାଇ ପ୍ରଶଂସା ପାଉଥିଲେ । ମଜୁମଦାର ମହାଶୟ କହନ୍ତି, କେଶବ କୋଇଲି ପ୍ରଥମ କବିତା । କୋଇଲିର ଭାଷା ଭାବ ଦେଖିଲେ ଜଣାଯିବ ସେ ତାହା ବହୁ ଉତ୍ତରର କବିତା । କୋଇଲି ପୂର୍ବରୁ ଅନ୍ୟ ଅନେକ ଲେଖା ଯୋଗ୍ୟ ଥିବ; ମାତ୍ର

ଦୁଃଖର ବିଷୟ ଯେ ଅଧିକାଂଶ ଓଡ଼ିଆ ପୁସ୍ତକରେ ଲେଖକେ ଗ୍ରନ୍ଥର ସମୟ ଲେଖିନାହାନ୍ତି। କେତେକ ଗ୍ରନ୍ଥ ପୁସ୍ତକ ହସ୍ତାକ୍ଷରରୁ ପଦାର୍ଥ ବାହାରିଛି, ମଜୁମଦାର ଦେଖି ସେଥିରୁ ଗ୍ରନ୍ଥ କିଣିଛନ୍ତି। ମାତ୍ର ସେଥିରୁ ଓଡ଼ିଆ ସାହିତ୍ୟର ଅନୁସନ୍ଧାନ କରାଯାଇ ନପାରେ । ଓଡ଼ିଶାରେ ଅନେକ କବିତା ଲୋକଙ୍କ ମୁହେଁ ମୁହେଁ ଅଛି, କୌଣସି ପୋଥିରେ ଲେଖା ନାହିଁ କି ଛପା ହୋଇନାହିଁ। ଏଗୁଡ଼ିକୁ କେତେକ କେଉଁ କେଉଁ ସଂଗ୍ରହ କରୁଛନ୍ତି । ଗୀତ ସଙ୍ଗୀତ ମନୁଷ୍ୟର ସ୍ୱାଭାବିକ ଧର୍ମରେ ଚଳେ। ତେଣୁ ସାମାଜିକ ଜୀବନ ସହିତ ଏହା ଜଡ଼ିତ ଆକାର ଧାରଣ କରେ । ଆମ୍ଭ ଦେଶରେ ଶାନ୍ତିଆ ଗୀତ, ଘଣ୍ଟିଗୁଆ ଗୀତ, ସୁଆଙ୍ଗ ଗୀତ, ଚଢ଼େଇଆ ଚଢ଼େଇଣୀ ଗୀତ, ଦଶାଣି ଗୀତ, ଜଗନ୍ନାଥଙ୍କ ଅସଂଖ୍ୟ ଦେଖାଯାଏ। ଏହା ପ୍ରାଥମିକ କବିତା। ଏସବୁ କୌଣସି ଲେଖା ପୋଥିରେ ନାହିଁ । ମାତ୍ର ପ୍ରତ୍ୟେକ ଗ୍ରାମକୁ ଯାଅ, ଏସବୁ ବହୁତ ସ୍ୱରରେ ଶୁଣିବ। ଏ ସମସ୍ତ ସଂଗୃହୀତ ହୋଇ ପ୍ରକାଶିତ ହେଲେ ସେଗୁଡ଼ିକର ମୌଳିକତା ବୁଝିପାରିବ। ସେ ସମସ୍ତ ପ୍ରାଥମିକ କବିତା । ଯୋଗଲି, କୋଣାର୍କଯାତ୍ରା ହେବାର ବହୁକାଳ ପୂର୍ବେ ଏ ଜାତି ରଚିତ । ତେଲଗୁ ଭାଷା ପରି ଓଡ଼ିଆ ଭାଷାର କୌଣସି ସମର୍ଥ ନାହିଁ। ଅନେକ ସ୍ତୁତି-କବିତା ଦେଖିବାକୁ ମିଳେ; ଯଥା- ମଙ୍ଗଳା ସ୍ତୁତି, ମୁଗୁଣି ସ୍ତୁତି ଇତ୍ୟାଦି। ଓଷା ବ୍ରତ ଗୀତରେ ଲେଖାଅଛି । ସେଗୁଡ଼ିକ ଓଡ଼ିଶାରେ ଓଷା କରିବା ପ୍ରଥା ଚଳିବା ଦିନୁ ଚାଲିଆସୁଅଛି । ଭୁଦୁବୁଡୁଣୀ ଓଷା, ଭୁଦୁଇ ଓଷା, ବୃହସ୍ପତି ଓଷା ପ୍ରଭୃତିର ଯେ କଥା-ଗୀତ ଓଷାବେଳେ ପଢ଼ାଯାଏ, ସେସବୁ ବହୁ ପ୍ରାଚୀନ କାଳର । ସୁତରାଂ କେବଳ ସେଗୁଡ଼ିକ ମୁଦ୍ରାଯନ୍ତ୍ର ପ୍ରସାଦରୁ ଛପା ହୋଇଛି, ସେ ବହିରୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଇତିହାସ ବୁଝାଯାଇ ପାରିବ ନାହିଁ । ଏ ଦେଶରେ ପାଞ୍ଚ ସାଧା, ମେଣ୍ଢାମାନଙ୍କର ଚଉପଦୀ ଯାଏ ଗୁଡ଼ିଏ । ଏଗୁଡ଼ିକ ସାହାଡ଼ିର ଅନେକ ଗୀତ ବୋଲାଯାଏ । ସେ ଗୀତ ବହୁ ପ୍ରାଚୀନ । ଯାହା ଶ୍ରୁତି କାଳରୁ ସେଗୁଡ଼ିକ ଚଳିଆସୁଛି । ସେହିପରି ସଂଗ୍ରହ କଲେ ପ୍ରାଚୀନ ଲେଖାର ଅନେକ ପରିଚୟ ମିଳିବ। ମଜୁମଦାର ମହାଶୟ କହନ୍ତି ଯେ, ଗଙ୍ଗବଂଶ ରାଜତ୍ୱର ବହୁକାଳ ପୂର୍ବେ ଓଡ଼ିଆ ଲୋକଙ୍କ ନିଜର ପ୍ରାଦେଶିକ ଭାଷା ରୂପେ ଗୃହୀତ ହୋଇଥିଲା । ମାତ୍ର ୧୫ଶ ଶତାବ୍ଦୀ ପୂର୍ବରୁ କୌଣସି ଲେଖା ସେ ପାଇନାହାନ୍ତି । ଡାକ୍ତର ରମେଶଚନ୍ଦ୍ର ମଜୁମଦାର କୋଟିଏ ତାମ୍ରଶାସନର ଲେଖା ପଢ଼ି ତାଙ୍କୁ ଶୁଣାଇଥିଲେ । ସେ ଲେଖା ସପ୍ତଦଶ ଶତାବ୍ଦୀର । ସେ ତାମ୍ରଶାସନର ଭାଷା ଜଣା ପାଇଁ ଉପଯୋଗୀ ହୁଏ । ଗଙ୍ଗବଂଶ ରାଜାମାନଙ୍କଠାରୁ ଓଡ଼ିଆ ସାହିତ୍ୟ ବେଶି ଉତ୍ସାହ ପାଇ ନଥିବ; କାରଣ ସେ ତେଲଙ୍ଗ ଭାଷାକୁ ବେଶି ପ୍ରଶ୍ରୟ ଦେଉଥିଲେ । ଯୋଗଲି ଲେଖା ୧୪୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ହୋଇ ନଥିବ, ଏ ତ କେବଳ ଅନୁମାନର କଥା । ଏଥିର କାରଣ ମଧ୍ୟ କିଛି ଦେଇନାହାନ୍ତି । ଯଦି ସେହି ଅନୁମାନ ଠିକ୍ ହୁଏ, ତେବେ ଯୋଗଲି ଲେଖାର ବହୁକାଳ ପୂର୍ବରୁ ଓଡ଼ିଆ ସାହିତ୍ୟ ଆରମ୍ଭ ହୋଇଥିବ । ଯୋଗଲି ଅତ୍ୟାଧୁନିକ ବୋଲି ସେ ବିଚାର କରନ୍ତି । ବାସ୍ତବରେ ଯୋଗଲିର ଭାଷା, ଭାବ, ଶବ୍ଦବିନ୍ୟାସ ଦେଖିଲେ ତାକୁ ଦ୍ୱାଦଶ ଶତାବ୍ଦୀର ସାହିତ୍ୟ ଲେଖା ବୋଲି ନିଶ୍ଚୟ କୁହାଯିବ ।

ମଜୁମଦାରଙ୍କ ମତରେ ଦଶିନେନ୍ଦ୍ର ଦେବ ପ୍ରଭୃତି ସୂର୍ଯ୍ୟବଂଶୀୟ ରାଜାମାନଙ୍କ ଅମଳରେ ବଙ୍ଗଳା ଓଡ଼ିଆ ସାହିତ୍ୟ ପୁସ୍ତକ ଲେଖା ହୋଇଥିଲା ଏବଂ ସେ ସମୟରେ ଓଡ଼ିଶାର ସର୍ବାଙ୍ଗୀଣ ଉନ୍ନତି ହୋଇଥିଲା ।

ସାହିତ୍ୟର ବହୁଳ ପ୍ରଚାର, ବହୁଳ ପୁସ୍ତକ ଲେଖା ସେ ସମୟରେ ହୋଇଥିବ, ଏବଂ ହୋଇଥିବାର ଦେଖାଯାଏ । ମାତ୍ର ତତ୍ପୂର୍ବେ ଯେ ଓଡ଼ିଆଭାଷା ନ ଥିଲା, ଓଡ଼ିଆଭାଷାରେ କୌଣସି ଗୀତ ସଙ୍ଗୀତ ପ୍ରଭୃତି ନଥିଲା, ଏକଥା ଆମ୍ଭେ ସ୍ୱୀକାର କରିପାରୁନାହିଁ । ଯଦ୍ୟପି ଖପାର ବଙ୍ଗଳା ପ୍ରସ୍ୱର ହେତୁ ଓଡ଼ିଆ ପ୍ରାକୃତଭାଷାରେ ଉତ୍କଳଦେଶୀୟ କବିମାନେ ସାହିତ୍ୟ ଲେଖି ନଥିଲେ । ମାତ୍ର ଜମ୍ବୁଦ୍ୱୀପୀୟ ଲେଖକଙ୍କର ଯେ କୌଣସି ସାହିତ୍ୟ ନଥିଲା, ଏକଥା କୁହାଯାଇ ନପାରେ । ଆମ୍ଭେ ପୂର୍ବେ କହିଛୁ, ଓଡ଼ିଆଭାଷାର ଅନେକ ବହି ଏପର୍ଯ୍ୟନ୍ତ ଛପାଯାଇ ନାହାନ୍ତି; ତାହାସବୁ ଦେଖିଲେ ଅଦ୍ଭୁତ ତଥ୍ୟ ମିଳିପାରେ ।

ବର୍ତ୍ତମାନ ଖବରକାଗଜରୁ ପ୍ରମାଣ ଯେ ହାଇଦ୍ରାବାଦ ନିଜାମଙ୍କ ରାଜ୍ୟରେ ଯଥଲ-ବାଡ଼ିରେ ଜଣେ ଜାଗିରଦାର ସୟଦ ମହମ୍ମଦ ହୁସେନଙ୍କ ଘରେ ଗୋଟିଏ ଅତି ପ୍ରାଚୀନ ପୁସ୍ତକାଳୟ ଅଛି । ସେ ପୁସ୍ତକାଳୟ ବିଜାପୁର ରାଜ୍ୟ ସ୍ଥାପିତହେବା ପୂର୍ବକାଳର । ସେ ପୁସ୍ତକାଳୟରେ ଅନେକ ହାତଲେଖା ପୋଥି ଅଛି । ଭାରତର ପ୍ରାୟ ସକଳ ଭାଷାର ପୁସ୍ତକ ଅଛି । ସେଥିରେ ଯେ ଯେ ବିଷୟର ପୁସ୍ତକ ଅଛି ବୋଲି ଖବର ମିଳୁଛି, ତନ୍ମଧ୍ୟରେ ଅଦ୍ଭୁତ ଆଶ୍ଚର୍ଯ୍ୟଜନକ ବିଷୟ ଅଛି । ଅନେକ ବିଷୟର ପୁସ୍ତକ ଅଛି । ଉଦାହରଣ ସ୍ୱରୂପ କେତେ-ଗୋଟି ନିମ୍ନରେ ଦେଲୁଁ ।

୧ । ତାରବିହୀନ ଟେଲିଗ୍ରାଫ୍—ଦୂରବର୍ତ୍ତୀ ପ୍ରସ୍ତରଦ୍ୱାରା ସହସ୍ର ସହସ୍ର କୋଶ ଦୂରରେ ଥାଇ ସମ୍ବାଦ ଦିବା ଆସିବା କରିବ । ଏ ପ୍ରସ୍ତର ପ୍ରସ୍ତୁତ ପ୍ରଣାଳୀ ସହିତ ।

୨ । ଜପା—ଯେ ରଙ୍ଗର ଇଚ୍ଛା ସେ ରଙ୍ଗ ବା ବର୍ଣ୍ଣର ଜପା ସୃଷ୍ଟି ।

୩ । ପୃଥିବୀତଳେ କି କି ଧନରତ୍ନ ପ୍ରଭୃତି ଅଛି ତାହା ଜାଣିପାରିବାର ଉପାୟ ।

୪ । ଆଶ୍ଚର୍ଯ୍ୟ ଦର୍ପଣ—ଏ ଦର୍ପଣ ଯନ୍ତ୍ର ଉପରେ ଧରିଲେ ସମୁଦ୍ରତଳ ଦେଖାଯିବ ।

୫ । ଗ୍ରୀଷ୍ମପ୍ରଧାନ ଦେଶରେ ବରଫ ପଡ଼ିବ ଏବଂ ଶୀତପ୍ରଧାନ ଦେଶରେ ବରଫ ନ ପଡ଼ିବାର ଉପାୟ ।

୬ । ବଡ଼ ବଡ଼ ପାହାଡ଼ ପର୍ବତକୁ ସମତଳ କରିବାର ଉପାୟ ।

୭ । ତଳୁ ଉପରକୁ ଜଳ ଉଠାଇବାର ଉପାୟ ।

୮ । ବିନା ଅଗ୍ନିରେ ଧାତୁକୁ ତରଳାଇବାର ଉପାୟ ।

୯ । ୧୦୦୦ ବର୍ଷ ବା ତତୋଧିକ ସମୟ ଜଳକୁ ଗରମ ରଖିବାର ଉପାୟ ।

ଆହା କୂର୍ମ ମଧ୍ୟରେ ଏପରି ଯନ୍ତ୍ରକଳ ରଖାଯାଇଥିଲା । ଏହା କପର ରହିଛି ଦେଖି ଦେଖି ନୂତନ ଇଞ୍ଜିନିୟରମାନେ ତାକୁ ଭାଙ୍ଗିଲେ; ମାତ୍ର ଆଉ ସେପରି କରିପାରିଲେ ନାହିଁ ।

୧୦ । ଯେ କୌଣସି ଧାତୁକୁ ସୁନା ରୂପା କରିପାରିବା ।

୧୧ । ମଣିମୁକ୍ତା ପ୍ରଭୃତିକୁ ତରଳାଇ ଯେ କୌଣସି ଆକାରରେ ଗଢ଼ିବା ।

ଏ ସୂତ୍ରକାଳସ୍ଥକୁ କେତେ ଜର୍ମନ ପଣ୍ଡିତ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରୁଛନ୍ତି ( ଫରୱାର୍ଡ଼, ୫ ନଭେମ୍ବର ୧୯୨୮ ) ।

ଏତେକାଳ ପରେ ଏ ସୂତ୍ରକମାନ ଅଛି ବୋଲି ସମ୍ବାଦ ମିଳୁଛି । ଦେଶରେ ପ୍ରକୃତରେ ଏ ତଥ୍ୟ ଅଛି ଅଥଚ ଏପର୍ଯ୍ୟନ୍ତ କେହି ଦେଖିବାକୁ ଚେଷ୍ଟା କରନାହିଁ । ସେହିପରି ଓଡ଼ିଶାରେ ଜେଲିଠାରେ କେତେ ଶାସ୍ତ୍ରକାରଙ୍କ ଅଛି ଏପର୍ଯ୍ୟନ୍ତ ଜାଣିବାକୁ କେହି ଚେଷ୍ଟା କରିନାହିଁ । ଏହାକୁ ପ୍ରକାଶିତ ହେଲେ ମଧ୍ୟ ଆମ୍ଭେମାନେ ତାକୁ ଜାତିରେ ପରିଣତ କରନ୍ତାଇଁ ଅକ୍ଷମ । ଆମ୍ଭର ବୁଦ୍ଧି ନାହିଁ । ଆମ୍ଭେମାନେ ହେବୁ ବଳ ଗଲ୍ପ କୋଳି ଶଙ୍କରରେ ଉଡ଼ାଇଦେଉଁ । ମାତ୍ର ପାଶ୍ଚାତ୍ୟ ଲୋକେ କଣ କରୁଛନ୍ତି ? ସେପରି କୋଟିଏ ନୂତନ ସ୍ୱର ତାଙ୍କ ଆଖିରେ ପଡ଼ିଲେ ସେମାନେ ପ୍ରାଣ ଦେଇ କରି ସେ ସବୁକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରୁଥାନ୍ତି ଏବଂ କାର୍ଯ୍ୟରେ ଦେଖାଇ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଅଛନ୍ତି । ଆମ୍ଭେମାନେ ସେମାନଙ୍କଠାରୁ ସେମାନଙ୍କ ତୁଳନା ବୁଦ୍ଧି ଆଉ ସେପରି ଦକ୍ଷତା ନ ହେବ ନାହିଁ । ପରେ ତାଳ, ଶ୍ରୀଫଳ, ଗଛ ପ୍ରଭୃତି ସବୁ ଅଛି; ମାତ୍ର ସେ ସବୁକୁ ଏକତ୍ର କରି ରଚନା କରିବା ପାଇଁ ଆମ୍ଭମାନଙ୍କ ବୁଦ୍ଧି ଉପାୟ ନାହିଁ ନାହିଁ । କେଉଁ ଆମ୍ଭମାନଙ୍କର ଏପରି ଅଜ୍ଞ ଅବସ୍ଥା । କେହି କହନ୍ତି, ପ୍ରାଚୀନ ଜାତିର ଗୌରବ ଘୋଷଣା କରି କି ଫଳ ଅଛି ? ବାସ୍ତବରେ ପ୍ରାଚୀନ ଜାତି ମୂଳଦୁଆ ଉପରେ ଆମ୍ଭେ ଗୃହ ନିର୍ମାଣ କରିପାରିବାକୁ ଅକ୍ଷମ । କେବଳ ଅତୀତ ଏହା ତାହା ଥିଲା କହି ଲାଭ କଣ ? ଏଥର ମୁଁ କହେ କଥା ଅଛି । କେତେକ ପ୍ରାଚୀନ ଜାତି ଜାତୀୟ ଶକ୍ତି ମନରେ ଦମ୍ଭ ଆସିବ ବାଧା ଛଡ଼ିପାରେ । ଏ କଥାରେ ଅସାଧ କିଛି ନାହିଁ ଅନୁଭବ କରୁ ନାହିଁ । ତେଣୁ କହେ ଆମ୍ଭେ ଅତୀତକୁ ଅତି ଗୌରବ ବୋଲି ମନେ କରିବା ଉଚିତ ନୁହେଁ । ମଜୁମଦାର ମହାଶୟ ( ଯୁକ୍ତିରେ ) ବା ଅନ୍ୟ କୌଣସି ଲେଖକ ( ଯୁକ୍ତିରେ ) ଆମ୍ଭମାନଙ୍କର ପ୍ରାଚୀନତାକୁ ଯେତେ ପ୍ରକାଶ କରିବାକୁ ଦେଉନ୍ତୁ, ତାହା ଆମ୍ଭମାନଙ୍କର କିଛି ନାହିଁ । ତଥାପି ସେମାନଙ୍କ ପ୍ରକୃତ କଥା ବୁଝାଇଦେବାକୁ ଚେଷ୍ଟା କରିବା ଉଚିତ କର୍ତ୍ତବ୍ୟ ମନେକରେ ।

ମଜୁମଦାର ମହାଶୟ କହନ୍ତି, କଳିଙ୍ଗଦେଶ, ଉତ୍ତରପୂର୍ବ ଓ ପୁରୁଷୋତ୍ତମ ଦେବଙ୍କ ସ୍ଥାନ ଓ ଦେଶଦ୍ୱାରଗତିବିଧି ବିଷୟ କୌଣସି ଶିଳାଲେଖରୁ ଜଣା ଯାଉ ନାହିଁ । କେବଳ ପୁରାଣ ବା ଅନୁଶାସନରେ କେତେକ କଥା କଥିତ ହୋଇଛି । ଏପରି ସୂତ୍ର ମଜୁମଦାରଙ୍କ

ଦୃଷ୍ଟିରେ ପଞ୍ଚସଖା ଥିଲେ, ମାତ୍ର ଏପରି ସୂତ୍ର ସେ ଲେଖାଇଥାଇ କୌଣସିଠାରେ ଉତ୍କଳରେ ନାହିଁ ଏକଥା କହିବାକୁ ନାହିଁ । ଗଙ୍ଗବଂଶାନୁଚରିତ, ଜଗନ୍ନାଥବଲ୍ଲଭ ନାଟକ ପ୍ରଭୃତି ଦେଖିଲେ ମଜୁମଦାରଙ୍କ ଭ୍ରମ ଭାଙ୍ଗିବ । ମଜୁମଦାର ମହାଶୟ କହନ୍ତି, ବଙ୍ଗାଳୀ ଧର୍ମଗୁରୁ ଚୈତନ୍ୟ ଓଡ଼ିଶା ଲେଖକଙ୍କ ପାଣ୍ଡିତ୍ୟ ଓ ଭକ୍ତିମତ୍ତାକୁ ପ୍ରତାପରୁଦ୍ରଙ୍କ ଅମଳରେ ନୂତନ ଧାରାକୁ ଫେରାଇଦେଲେ । ବଙ୍ଗାଳୀ ଧର୍ମଗୁରୁ ଲେଖିବାରେ ବିଶେଷ କିଛି ତାତ୍ପର୍ଯ୍ୟ ନଥିଲା । ଏପରି ଲେଖିବା ବଙ୍ଗୀୟ ଲେଖକଙ୍କର ଗୋଟିଏ ରୋଗ । ମଜୁମଦାର ମହାଶୟ ଉତ୍କଳର ପ୍ରାଚୀନ ତଥ୍ୟାନୁସନ୍ଧାନରେ ବ୍ୟସ୍ତ; ମାତ୍ର ଟିକିଏ ଚେଷ୍ଟା କରିଥିଲେ ସେ ଜାଣିପାରିଥାନ୍ତେ ଚୈତନ୍ୟ ଜଣେ ଉତ୍କଳୀୟ ବ୍ରାହ୍ମଣବଂଶର ସନ୍ତାନ । ବଙ୍ଗାଳୀମାନେ ଉତ୍କଳରେ ଆସି ଶହ ଶହ ବର୍ଷ ହେଲା ସ୍ଥାୟୀଭାବରେ ବାସକରି ରହୁଛନ୍ତି । ସେମାନଙ୍କ ଭାଷା ଓଡ଼ିଆ ହୋଇଗଲାଣି, ଆଚାର-ବ୍ୟବହାର ବଦଳିଗଲାଣି; ତଥାପି ସେମାନେ ବଙ୍ଗାଳୀ ବୋଲି ପରିଚିତ ହୁଅନ୍ତି । ମାତ୍ର ଚୈତନ୍ୟଙ୍କ ପୂର୍ବପୁରୁଷ ବଙ୍ଗଳାକୁ ଯାଇ ବାସକଲେ ବୋଲି ସେ ବଙ୍ଗାଳୀ ହେବେ କାହିଁକି ? ବଙ୍ଗାଳୀ ଓଡ଼ିଶାରେ ରହିଲେ ଓଡ଼ିଆ ହେଉନାହାନ୍ତି; ମାତ୍ର ଓଡ଼ିଆ ପୁଣି ଗୁଣୀ ଓଡ଼ିଆଟିଏ ବଙ୍ଗଦେଶରେ ବାସକଲେ ସେ ବଙ୍ଗାଳୀ ହୋଇଯିବ କିପରି ? ଉଦାର ସ୍ୱରରେ 'ଦେଖିଥିଲେ ମଜୁମଦାର କହିଥାନ୍ତେ ସେ ଚୈତନ୍ୟ ବଙ୍ଗାଳାର ସ୍ଥାୟୀ ଅଧିବାସୀ, ଓଡ଼ିଆ ଧର୍ମଗୁରୁ ଚୈତନ୍ୟ । ସେକଥା ଥାଉ । ଚୈତନ୍ୟଙ୍କ ମତପ୍ରଚାରଦ୍ୱାରା ଓଡ଼ିଶାର ସାହିତ୍ୟ ସେତେ ଦୂରକୁ ବିଶେଷ ଭାବରେ ଲାଭ କରିଥିବ । ମାତ୍ର ଏହା ବୋଲି ତାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟ ନଥିଲା, ଏକଥା କୁହାଯାଇ ନପାରେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆବିର୍ଭାବ ଦିନରୁ ଏ ଦେଶରେ ଲୋକେ ବିଶେଷଭାବରେ ଧର୍ମଭାବରେ ପ୍ରଣୋଦିତ ହୋଇଥିବା ସ୍ୱାଭାବିକ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟ କରି ସ୍ତୁତି, ଚଉତିଶା ପ୍ରଭୃତି ଅନେକ ରଚନା ହୋଇଥିବାର ଦେଖାଯାଏ । ଧର୍ମପ୍ରାଣ ଭକ୍ତମାନଙ୍କର ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ କୀର୍ତ୍ତନ କବିତା ଯାବତ୍ତମାନ କାଳକୁ ଚଳିଆସୁଛି । ଏସବୁ ଭିତରେ ଅନେକ କବିତା ଅଛି; ମାତ୍ର ଲୋକସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ଲେଖିବା ଭାଷା ନଥିଲା । ପ୍ରାକୃତ ଓଡ଼ିଆଭାଷା ଓଡ଼ିଶାର ମାତୃଭାଷା । ଲୋକସାଧାରଣ ମଧ୍ୟରେ ସେ କବି ଥିଲେ ଏକଥା କୁହାଯାଇ ନପାରେ । ବରଂ ତାହାର ଅନେକ ଜ୍ୱଳନ୍ତ ପ୍ରମାଣ ମିଳୁଅଛି । ମଜୁମଦାର ମହାଶୟ ପ୍ରାଚୀନ କବିତାମାନଙ୍କୁ ବିଭାଗକରି ସ୍ଥିର କରିଛନ୍ତି ।

## ପ୍ରଥମ ବିଭାଗ ୧୩୫୦—୧୪୭୮ ଖ୍ରୀଷ୍ଟାବ୍ଦ

ଏ ସମୟମଧ୍ୟରେ ସେ ନିମ୍ନଲିଖିତ କବିତାମାନଙ୍କୁ ସ୍ଥାନ ଦେଇଛନ୍ତି ।

(୧) କେଶବ କୋଇଲି, (୨) ବାରମାସୀ କୋଇଲି, (୩) କାନ୍ତ କୋଇଲି, (୪) ଜ୍ଞାନ ଉଦ୍ଧବ କୋଇଲି, (୫) ଗୋପୀଭାଷା, (୬) ବଳରାମ ଦାସଙ୍କ ରାମାୟଣ,

(୭) କମଳଲୋଚନ ଚଉତିଶା, (୮) ମୁଗୁଣି ସ୍ତୁତି, (୭, ୮ ବଳରାମଦାସ), (୯) ଜଗନ୍ନାଥ-ଦାସଙ୍କ ମୁଗୁଣି ସ୍ତୁତି, (୧୦) ଅର୍ଥକୋଇଲି, (୧୧) ଶ୍ରୀମଦ୍ଭାଗବତ, (୧୨) ଗୁପ୍ତଭାଗବତ, (୧୩) ସାରଳାଦାସ ମହାଭାରତ, (୧୪) ରାଜା କୃଷ୍ଣସିଂହ—ହରିବଂଶ, (୧୫) ମହାଭାରତ ।

୧୬୭୯—୧୭୬୦ ଖ୍ରୀଷ୍ଟାବ୍ଦ

(୧) ସାଲବେଗଙ୍କ ଭଜନ, (୨) କନ୍ଦର୍ପଚରଣଦୋଷ—ଭଗୀରଥଲେଖକ, (୩) ମନବୋଧ, (୪) ମଥୁରାମଙ୍ଗଳ, (୫) ଆର୍ତ୍ତତ୍ରାଣ ଚଉତିଶା—ଗୋପୀକୃଷ୍ଣ ଦାସ, (୬) ନାବକେଳି, (୭) ଅଳଙ୍କାରବୋଲି, (୮) ରାଜଧୋଳି, (୯) ବିଶ୍ୱନାଥ ଖୁଣ୍ଟିଆ—ବିଚିତ୍ରରାମାୟଣ, (୧୦) ଉପେନ୍ଦ୍ରଭଞ୍ଜ—ବୈଦେହୀଶବିଳାସ ପ୍ରଭୃତି, (୧୧) ଶାଲବେଗ, (୧୨) ଦ୍ୱାରିକା ଦାସ—ଗୁପ୍ତଗୀତା, ଚନ୍ଦ୍ରଚୋରି, ପ୍ରେମଲହରୀ ଚଉପଦୀ, (୧୩) ଗୋପାଳକୃଷ୍ଣ ଦାସ-୨—ରହସ୍ୟବୋଧ ।

୧୭୬୧— ୧୮୦୩ ଖ୍ରୀଷ୍ଟାବ୍ଦ

(୧) ରାମଦାସ—ଦାର୍ଢ୍ୟତାଭକ୍ତି, (୨) କୃଷ୍ଣସିଂହ, (୩) ସଦାନନ୍ଦ କବିସୂର୍ଯ୍ୟ, (୪) ଅଭିମନ୍ୟୁ, (୫) ବ୍ରଜନାଥ ବଡ଼ଜେନା, (୬) ଅଭ୍ୟାଭାଷନ ଦାସ, (୭) ଚୌଲେଙ୍କା ଗୋପାଳ—ରାମାୟଣ, (୮) ରାଣୀ ଜଣେଇଗସ୍ତ, ଜଗତୀ—ପଦ୍ମାବତୀ ଅଭିଳାଷ, (୯) କାହ୍ନୁ ଦାସ—ରାମରସାମୃତ, (୧୦) ଦାଶରଥି ଦାସ,—(୧୧) କୃପାସିନ୍ଧୁ ଦାସ—ନୃସିଂହାଲି ।

୧୮୦୩—

(୧) ବଳଦେବ କବିସୂର୍ଯ୍ୟ, (୨) ଯଦୁମଣି, (୩) ଭକ୍ତବନ୍ଧୁ ଦାସ, (୪) ଶ୍ୟାମାଭଞ୍ଜ, (୫) ରାଜା ପ୍ରତାପରୁଦ୍ର ସିଂହଦେବ—ସୋନପୁର ।

ମଜୁମଦାର ମହାଶୟ ଓଡ଼ିଆ ଗଦ୍ୟ ଓ କବିତାମାନଙ୍କର ଉପଯୋଗ୍ୟ ମତେ ନାମନିର୍ଦ୍ଦେଶ କରି ଯେତେକ ସୁନ୍ଦର ଆଲୋଚନା କରିଛନ୍ତି । ଉପେନ୍ଦ୍ର ଭଞ୍ଜ ତାଙ୍କର ଦୋଷଦୃଷ୍ଟିରେ ପଡ଼ିଛନ୍ତି । ସେ କହନ୍ତି—ଉପେନ୍ଦ୍ରଭଞ୍ଜଙ୍କ ଲେଖାରେ ପ୍ରାକୃତିକ ବର୍ଣ୍ଣନା ନାହିଁ, ସଂସ୍କୃତର ଭଲ ବ୍ୟାକରଣ-ଜ୍ଞାନ ନ ଥିଲା, ଅସାଧାରଣ ଶବ୍ଦ ଅନେକ ବ୍ୟବହାର କରିଥିଲେ ଏବଂ ତାହା ସାଧାରଣ ବୁଝି ନ ପାରିବେ ବୋଲି ସେ ଗୋଟିଏ ସ୍ୱତନ୍ତ୍ର ଗୀତାଭିଧାନ କରିଥିଲେ । ତାଙ୍କ ସାହିତ୍ୟରେ ବର୍ଣ୍ଣନା-ବୈଚିତ୍ର୍ୟ ନାହିଁ, କେବଳ ଏକଦେଶଦର୍ଶୀ ବର୍ଣ୍ଣନା । ମୁଁ ପ୍ରଥମରୁ କହୁଛି ଯେ, ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଶମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା କଠିନ । ଓଡ଼ିଆ, ମଜୁମଦାରଙ୍କର ମାତୃଭାଷା ନୁହେଁ; ପୁଣି ଓଡ଼ିଆ ସାହିତ୍ୟରେ ତାଙ୍କର ଦଖଲ ବହୁ ପ୍ରକାର ଉଦ୍ଦେଶ୍ୟରେ । ସୁତରାଂ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟର ମାଧୁର୍ଯ୍ୟ ବୁଝିପାରିବା କଠିନ । ଉପେନ୍ଦ୍ରସାହିତ୍ୟ ସରଳ ସାହିତ୍ୟ ନୁହେଁ । ଉପେନ୍ଦ୍ର ନିଜେ ମଧ୍ୟ କହିଛନ୍ତି, ତାଙ୍କ କବିତା ନାରିକେଳ ସଦୃଶ । ବୁଝି ପାରିଲେ

ଲୋକଙ୍କୁ ଉତ୍ତମ ରସ ପାଇବ; ମାତ୍ର ଉପଚେଷ୍ଟାରିଆ ହେଲେ ଦାନ୍ତ ଭଙ୍ଗ ହେବ । ମୁଁ ପାଠକୁ କହୁଛି; ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖିବାକୁ ଇଚ୍ଛା କଲେ ଶବ୍ଦ-ରଚନା-କାନନରେ ପ୍ରବେଶ କର । କିପରି ଶବ୍ଦ-ଅକ୍ଷର-ଯୋଜନାଦ୍ୱାରା କେତେ ପ୍ରକାର ଶିଳ୍ପନୈପୁଣ୍ୟ ଦେଖାଇ-ପାରୁଥାଏ, ତାହା ଦେଖିବ । କୌଣସି କବିତା ଅର୍ଥଶୂନ୍ୟ ନୁହେଁ । ଅଳଙ୍କାର, ଉପମା, ଉପମେୟ, ରସ ପ୍ରଭୃତିର ଅଭାବ ନାହିଁ । ମଜୁମଦାର ମହାଶୟ କହନ୍ତି ଯେ, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ନାହିଁ । ଏହା କେତେଦୂର ସତ୍ୟ ତାହା ତାଙ୍କର ସମସ୍ତ ପୁସ୍ତକ ପାଠକଲେ ପାଠକମାନେ ଜାଣିପାରିବେ । କେତେକ ଆଧୁନିକ କବିମାନେ ଯେପରି ପ୍ରାକୃତିକ ବର୍ଣ୍ଣନା କରିଅଛନ୍ତି ସେ ସେପରି କରିନାହାନ୍ତି । ତାଙ୍କ ବର୍ଣ୍ଣନା ସ୍ୱତନ୍ତ୍ର । କବିତା ଉପଯୋଗୀ ବର୍ଣ୍ଣନା କରିବାରେ ସେ ତ୍ରୁଟି କରିନାହାନ୍ତି । ବୈଦେହୀଶବିଳାସରେ ସମୁଦ୍ରକୂଳର ବର୍ଣ୍ଣନା, ସମୁଦ୍ରପାର ରସ ବର୍ଣ୍ଣିତ ହୋଇଅଛି । ମଜୁମଦାର କହନ୍ତି, ଲବଙ୍ଗଲତାର ନାୟକ ସମୁଦ୍ରପଥରେ ସିଂହଳ ଗଲା । ସେ ସମୁଦ୍ରବର୍ଣ୍ଣନା କାହିଁ କାହିଁକି ? ସେ ନାୟକର ହୃଦୟ ଭାବ ସ୍ୱକୁ ଲବଙ୍ଗଲତା ଅଧିକାର କରିଛି ତାର ସମୁଦ୍ରପ୍ରତି ଆକୃଷ୍ଟ ହେବାପାଇଁ ଅବସର କାହିଁ ? ଉକ୍ତ ନାୟକ ନାୟିକା ଆଧୁନିକ ମୂଳର ନାୟକ ନାୟିକା ନୁହନ୍ତି । ଉକ୍ତଙ୍କ ନାୟିକା ନାୟକଠାରେ ତନ୍ମୟ । ନାୟକ ମଧ୍ୟ ନାୟିକା ସ୍ୱରୂପରେ ତନ୍ମୟ । ତଦୁପଯୋଗୀ ବର୍ଣ୍ଣନା କବିତାରେ ଦେଖାଯାଏ ଏବଂ କବି ପରିସ୍ଫୁଟ କରିବା ପାଇଁ ଯେଉଁଠି ଯେଉଁ ବର୍ଣ୍ଣନା କରିବାର ଆବଶ୍ୟକ ହୋଇଛି, ସେହିଠାରେ ସେ ବର୍ଣ୍ଣନା କରିଛନ୍ତି । ସୁତରାଂ ଆମ୍ଭେ ଉପେନ୍ଦ୍ରଙ୍କ କୌଣସି ଦୋଷ ଦେଇପାରୁନାହୁଁ । ସେକ୍ସପିଅର, କାଳିଦାସ ପ୍ରଭୃତି ପ୍ରାଚୀନ କବିଙ୍କ କବିତାକୁ ଆଧୁନିକ ଦୃଷ୍ଟିରେ ଦେଖିଲେ ଅନେକ ଦୋଷ ଦେଖାଇ ଦିଆଯାଇପାରେ ! ମାତ୍ର ସେ ତଥା ଉଚିତ କି ? ଦେଶ-କାଳ-ପାତ୍ର ବିଷୟ ଦେଖା ଅବଲମ୍ବନୀୟ ।

ମଜୁମଦାର ମହାଶୟ କହନ୍ତି, ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ବଙ୍ଗଳା ଅକ୍ଷର ଓଡ଼ିଶାରେ ବ୍ୟବହାର ହେଉଥିଲା ଏବଂ ସେ ବ୍ୟବହାର ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ଚଳୁଥିଲା । କେବଳ କପିଳେନ୍ଦ୍ରଦେବଙ୍କ ସମୟରୁ ଓଡ଼ିଆଅକ୍ଷର ସୃଷ୍ଟି ହେଲା । ପ୍ରମାଣ ସ୍ୱରୂପ ସେ ଦୁଇଟି ଲିପିରେ ବଙ୍ଗଳା ଅକ୍ଷର ଲେଖାଥିବାର କହନ୍ତି; ମାତ୍ର ସେ ଲିପି ପ୍ରକାଶ କରିନାହାନ୍ତି । ଏ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ମୁଁ ପୂର୍ବେ କହିଛି ଏବଂ ବର୍ତ୍ତମାନ ଆଉ ଥରେ କହୁଛି, ଚତୁର୍ଦ୍ଦିଗର ଉତ୍କଳର ସାରା ଦେଶ, କେତେକ ତାମ୍ରଲିପି ବଙ୍ଗଳା ଅକ୍ଷରରେ ଲେଖାଅଛି, କେତେକ ନାଗରୀ ଅକ୍ଷରରେ ଲେଖାଅଛି । ୧୦୦ କି ୨୦୦ ବର୍ଷ ପରେ କଣ ପ୍ରମାଣ ହେବ ଯେ ବିଂଶ ଶତାବ୍ଦୀରେ ଓଡ଼ିଶାରେ ବଙ୍ଗଳା ଅକ୍ଷର ବା ନାଗରୀ ଅକ୍ଷର ବ୍ୟବହୃତ ହେଉଥିଲା ? ଏ ସିଦ୍ଧାନ୍ତ ଯେତେ ସତ୍ୟ, ସେତେ ମଜୁମଦାରଙ୍କ ସିଦ୍ଧାନ୍ତ ସତ୍ୟ । ଶତ ଶତ, ସହସ୍ର ସହସ୍ର ବଙ୍ଗାଳୀ ଆଜିମାନ

(୭) କମଳଲୋଚନ ଚଉତିଶା, (୮) ମୁଗୁଣୀ ସ୍ତୁତି, (୭, ୮ ଚକ୍ରଧରଦାସ), (୯) ଜଗନ୍ନାଥ-ଦାସଙ୍କ ମୁଗୁଣୀ ସ୍ତୁତି, (୧୦) ଅର୍ଥକୋଇଲି, (୧୧) ଶ୍ରୀମଦ୍ଭାଗବତ, (୧୨) ଗୁପ୍ତଭାଗବତ, (୧୩) ସାରଳାଦାସ ମହାଭାରତ, (୧୪) ରାଜା କୃଷ୍ଣସିଂହ—ହରିବଂଶ, (୧୫) ମହାଭାରତ ।

୧୫୭୯—୧୭୫୦ ଖ୍ରୀଷ୍ଟାବ୍ଦ

(୧) ସାଳବେଗଙ୍କ ଭଜନ,(୨) ଭକ୍ତଚରଣଦାସ—କଳାକଳେବର, (୩) ମନବୋଧ, (୪) ମଥୁରାମଙ୍ଗଳ, (୫) ଆର୍ତ୍ତତ୍ରାଣ ଚଉତିଶା—ଦୀନକୃଷ୍ଣ ଦାସ, (୬) ନାବକେଳି, (୭) ଅଳଙ୍କାରବୋଲି, (୮) ରସକଲ୍ଲୋଳ, (୯) ବିଶ୍ୱନାଥ ଖୁଣ୍ଟିଆ—ବିଚିତ୍ରରାମାୟଣ, (୧୦) ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ ପ୍ରଭୃତି, (୧୧) ଗାଳଦେବ, (୧୨) ଦ୍ୱାରିକା ଦାସ—ଗୁପ୍ତଗୀତା, ପଦ୍ମଗୋଇ, ପ୍ରେମରସ ଚନ୍ଦ୍ରିକା, (୧୩) ଦୀନକୃଷ୍ଣ ଦାସ-୨—ରସବିନୋଦ ।

୧୭୫୧—୧୮୦୩ ଖ୍ରୀଷ୍ଟାବ୍ଦ

(୧) ରାମଦାସ—ଦାର୍ଢ୍ୟତାଭକ୍ତି, (୨) କୃଷ୍ଣସିଂହ, (୩) ସଦାନନ୍ଦ କବିସୂର୍ଯ୍ୟ, (୪) ଅଭିମନ୍ୟୁ, (୫) ବ୍ରଜନାଥ ବଡ଼ଜେନା, (୬) ଅଚ୍ୟୁତାନନ୍ଦ ଦାସ, (୭) ଭେଳେଙ୍ଗା ଗୋପାଳ—ରାମାୟଣ, (୮) ରାଣୀ ଜଣଙ୍କସ୍ଥ, କବଡ଼ା—ପଦ୍ମାବତୀ ଅଭିଳାଷ, (୯) କାଷ୍ଠି ଦାସ—ରସକଳାମୃତ, (୧୦) ଦାଶରଥି ଦାସ,—(୧୧) କୃପାସିନ୍ଧୁ ଦାସ—ବ୍ରଜବିହାରୀ ।

୧୮୦୩—

(୧) ବଳଦେବ କବିସୂର୍ଯ୍ୟ, (୨) ଯଦୁମଣି, (୩) ଭକ୍ତବନ୍ଧୁ ଦାସ, (୪) ଶ୍ୟାମାଭୋଇ, (୫) ରାଜା ବ୍ରଜସୁନ୍ଦର ସିଂହଦେବ—ସୋନପୁର ।

ମଜୁମଦାର ମହାଶୟ ଓଡ଼ିଆ କବି ଓ କବିତାମାନଙ୍କର ସମ୍ପର୍କରେ ମତେ ଅନୁକୂଳ କଥା କେତେକ ଉତ୍ତର ଆଲୋଚନା କରିଛନ୍ତି । ଉପେନ୍ଦ୍ର ଭଞ୍ଜ ତାଙ୍କର ଦୃଷ୍ଟିରେ ପଡ଼ିଛନ୍ତି । ସେ କହନ୍ତି—ଉପେନ୍ଦ୍ର ଭଞ୍ଜଙ୍କ ଲେଖାରେ ପ୍ରାକୃତିକ ବର୍ଣ୍ଣନା ନାହିଁ, ଉପମାର ଭଲ ବ୍ୟବହାର-ଜ୍ଞାନ ନଥିଲା, ଅଭିଧାନର ଶବ୍ଦ ଅନେକ ବ୍ୟବହାର କରୁଥିଲେ ଏବଂ ତାହା ସାଧାରଣ ବୁଝି ନପାରିବେ ବୋଲି ସେ ଗୋଟିଏ ନୂତନ ଶବ୍ଦାଭିଧାନ କରିଥିଲେ । ତତ୍ତ୍ୱ ସାହିତ୍ୟରେ ବର୍ଣ୍ଣନା-ବୈଚିତ୍ର୍ୟ ନାହିଁ, କେବଳ ଏକଦେଶଦର୍ଶୀ ବର୍ଣ୍ଣନା । ମୁଁ ପ୍ରଥମରୁ କହିଛି ଯେ, ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଷମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ହୃଦୟଙ୍ଗମ କରାଯାଇବା କଠିନ । ଓଡ଼ିଆ, ମଜୁମଦାରଙ୍କର ମାତୃଭାଷା ନୁହେଁ; ପୁଣି ଓଡ଼ିଆ ସାହିତ୍ୟରେ ତାଙ୍କର ଦଖଲ ଭଲ ପ୍ରକାର ସନ୍ଦେହସ୍ଥଳ । ସୁତରାଂ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟର ମାଧୁର୍ଯ୍ୟ ବୁଝିପାରିବା କଠିନ । ଭକ୍ତିସାହିତ୍ୟ ସରଳ ସାହିତ୍ୟ ନୁହେଁ । ଭକ୍ତେ ନିଜେ ମଗ୍ନ ହୋଇଛନ୍ତି, ତାଙ୍କ କବିତା ଆଲୋଚକ ହୃଦୟ । ଭକ୍ତି ପାଠକେ

ଭକ୍ତଙ୍କୁ ଉତ୍ତମ ରସ ପାଇବ, ମାତ୍ର ଉପରଠାଉରିଆ ହେଲେ ତଥ୍ୟ ଭିନ୍ନ ହେବ । ମୁଁ ଆପଣଙ୍କୁ କହୁଛି; ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖିବାକୁ ଇଚ୍ଛା କଲେ ଉକ୍ତ-କବିତା-କାନନରେ ପ୍ରବେଶ କର । କୃପା ଶବ୍ଦ-ଅକ୍ଷର-ଯୋଜନାଦ୍ୱାରା କେତେ ପ୍ରକାର ଶିଳ୍ପନୈପୁଣ୍ୟ ଦେଖାଇ-ପାରିଥାଏ, ତାହା ଦେଖିବ । କୌଣସି କବିତା ଅର୍ଥଶୂନ୍ୟ ନୁହେଁ । ଅଳଙ୍କାର, ଉପମା, ଉପମେୟ, ଛନ୍ଦ ପ୍ରଭୃତିର ଅଭାବ ନାହିଁ । ମଜୁମଦାର ମହାଶୟ କହନ୍ତି ଯେ, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ନାହିଁ । ଏକଥା କେତେଦୂର ସତ୍ୟ ତାହା ତାଙ୍କର ସମସ୍ତ ପୁସ୍ତକ ପାଠକଲେ ପାଠକମାନେ ଜାଣିପାରିବେ । ତେବେ ଆଧୁନିକ କବିମାନେ ଯେପରି ପ୍ରାକୃତିକ ବର୍ଣ୍ଣନା କରିଅଛନ୍ତି ସେ ପ୍ରକାର ଭଣିତାଦ୍ୱାରା । ତାଙ୍କ ବର୍ଣ୍ଣନା ସ୍ୱତନ୍ତ୍ର ! କବିତା ଉପଯୋଗୀ ବର୍ଣ୍ଣନା କରିବାରେ ସେ ତ୍ରୁଟି କରିନାହାନ୍ତି । ବୈଦେହୀଶବିଳାସରେ ଦକ୍ଷିଣପବନର ବର୍ଣ୍ଣନା, ସମୁଦ୍ରକୂଳର ରସ ବର୍ଣ୍ଣିତ ହୋଇଅଛି । ମଜୁମଦାରେ କହନ୍ତି, ଲବଣାମ୍ବୁଧିର ନାୟକ ସମୁଦ୍ରପଥରେ ସିଂହଳ ଗଲେ ! ସେ ସମୁଦ୍ରବର୍ଣ୍ଣନା ଜଲ୍ ନାହିଁ କାହିଁକି ? ସେ ନାୟକର ଚଳିଲା ଉଦ୍ଦେଶ୍ୟକୁ ଲବଣୋଦଧି ଅଧିକାର କରିଛି ତାର ସମୁଦ୍ରପଥ ଅତିକ୍ରମ ହେବାପାଇଁ ଅବସର କାହିଁ ? ଉକ୍ତଙ୍କ ନାୟକ ନାୟିକା ଆଧୁନିକ ସ୍ତରର ନାୟକ ନାୟିକା ନୁହନ୍ତି । ଉକ୍ତଙ୍କ ନାୟିକା ନାୟକଠାରେ ଉନ୍ମତ୍ତ । ନାୟକ ମଧ୍ୟ ନାୟିକା ସ୍ୱଭାବର ଉନ୍ମାଦ । ଉପଯୋଗୀ ବର୍ଣ୍ଣନା କରିବାରେ ଦେଖାଯାଏ ଏବଂ ସ୍ୱର ପରିଷ୍କୃତ କରିବା ପାଇଁ ଯେଉଁଠି ଯେଉଁ ବର୍ଣ୍ଣନା କରିବାର ଆବଶ୍ୟକ ହୋଇଛି, ଉକ୍ତେ ସେଠାରେ ସେ ବର୍ଣ୍ଣନା କରିଅଛନ୍ତି । ସୁତରାଂ ଅନ୍ୟ ଉକ୍ତକବିଙ୍କ କୌଣସି ଦୋଷ ଦେଇପାରୁନାହିଁ । ଦେବସୀଅର, ଭାଗିଦାସ ପ୍ରଭୃତି ପ୍ରାଚୀନ କବିଙ୍କ କବିତାକୁ ଆଧୁନିକ ଦୃଷ୍ଟିରେ ଦେଖିଲେ ଅନେକ ଦୋଷ ଦେଖାଇ ଦିଆଯାଇପାରେ । ମାତ୍ର ସେ କଥା ଉଚିତ କି ? ଦେଶ-କାଳ-ପାତ୍ର ଅନୁସାରେ ସର୍ବଥା ଅବଲମ୍ବନୀୟ ।

ମଜୁମଦାର ମହାଶୟ କହନ୍ତି, ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ବଙ୍ଗଳା ଅକ୍ଷର ଓଡ଼ିଶାରେ ବ୍ୟବହାର ହେଉଥିଲା ଏବଂ ସେ ବ୍ୟବହାର ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ଚଳୁଥିଲା । ସେତେବେଳେ କପିଳେନ୍ଦ୍ରଦେବଙ୍କ ସମୟରୁ ଓଡ଼ିଆଲିପି ସୃଷ୍ଟି ହେଲା । ପ୍ରମାଣ ସ୍ୱରୂପ ସେ ଦୁଇଟି ଲିପିରେ ବଙ୍ଗଳା ଅକ୍ଷର ଦେଖାଇଥିବାର କହନ୍ତି; ମାତ୍ର ସେ ଲିପି ପ୍ରକାଶ କରି ନାହାନ୍ତି । ଏ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ମୁଁ ସ୍ୱୀକାର କରୁଛି ଏବଂ ବର୍ତ୍ତମାନ ଆଉ ଥରେ କହୁଛି, ବଡ଼ଦେଉଳ ଉତ୍କଳକୁ ଯାଇ ଦେଖ, କେତେ ପ୍ରସ୍ତରଲିପି ବଙ୍ଗଳା ଅକ୍ଷରରେ ଲେଖାଅଛି, କେତେ ନାଗରୀ ଅକ୍ଷରରେ ଲେଖାଅଛି । ୧୦୦ ବା ୨୦୦ ବର୍ଷ ପରର ଲିପି ପ୍ରମାଣ ହେବ ଯେ ବିଂଶ ଶତାବ୍ଦୀରେ ଓଡ଼ିଶାରେ ବଙ୍ଗଳା ଅକ୍ଷର ବା ନାଗରୀ ଅକ୍ଷର ବ୍ୟବହୃତ ହେଉଥିଲା ? ଏ ସିଦ୍ଧାନ୍ତ ଯଦି ସତ୍ୟ, ତେବେ ମଜୁମଦାରଙ୍କ ସିଦ୍ଧାନ୍ତ ସତ୍ୟ । ଶତ ଶତ, ସହସ୍ର ସହସ୍ର ବଙ୍ଗାଳୀ ଅବସ୍ଥାନ

(୬) କମଳଲୋଚନ ଚଉତିଶା, (୮) ମୁଗୁଣୀ ସ୍ତୁତି, (୬, ୮ ବଳରାମଦାସ), (୯) ଜଗନ୍ନାଥ-ଦାସଙ୍କ ମୁଗୁଣୀ ସ୍ତୁତି, (୧୦) ଅର୍ଥକୋଇଲି, (୧୧) ଶ୍ରୀମଦ୍ଭାଗବତ, (୧୨) ଗୁପ୍ତଭାଗବତ, (୧୩) ସାରଳାଦାସ ମହାଭାରତ, (୧୪) ରାଜା କୃଷ୍ଣସିଂହ—ହରିବଂଶ, (୧୫) ମହାଭାରତ ।

୧୫୭୯—୧୭୫୦ ଖ୍ରୀଷ୍ଟାବ୍ଦ

(୧) ସାଲବେଗଙ୍କ ଭଜନ, (୨) ଭକ୍ତିରତ୍ନବୋଧ—ଶିଶୁକଳେବର, (୩) ମନବୋଧ, (୪) ମଥୁରାମଙ୍ଗଳ, (୫) ଅଷ୍ଟିମାଣ ଚଉତିଶା—ଦୀନକୃଷ୍ଣ ଦାସ, (୬) ନାବକେଳି, (୭) ଅନଙ୍ଗରସକେଳି, (୮) ରସକଲ୍ଲୋଳ, (୯) ଶିବନାଥ ସ୍ତୁତି—ଶିବାଚାର୍ଯ୍ୟମାଡ଼ୁଶ, (୧୦) ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ ପ୍ରଭୃତି, (୧୧) ବାଳିକେଳି, (୧୨) ଦ୍ୱାରକା ଦାସ—ଗୁପ୍ତଗୀତା, ବସ୍ତ୍ରପୋଟ, ପ୍ରେମରସ ଚନ୍ଦ୍ରିକା, (୧୩) ଦୀନକୃଷ୍ଣ ଦାସ-୨—ରସବିନୋଦ ।

୧୭୫୧—୧୮୦୩ ଖ୍ରୀଷ୍ଟାବ୍ଦ

(୧) ରାମଦାସ—ଦାର୍ଢ୍ୟତାଭକ୍ତି, (୨) କୃଷ୍ଣସିଂହ, (୩) ସଦାନନ୍ଦ କବିସୂର୍ଯ୍ୟ, (୪) ଅଭିମନ୍ୟୁ, (୫) ବ୍ରଜନାଥ ବଡ଼ଜେନା, (୬) ଅଚ୍ୟୁତାନନ୍ଦ ଦାସ, (୭) ଚେଲେଙ୍ଗା ଗୋପାଳ—ରାମାୟଣ, (୮) ରାଣୀ ଲକ୍ଷଙ୍କରାସୁ, କରତ୍ରା—ପଦ୍ମାବତୀ ଅଭିଳାଷ, (୯) ଧାନ୍ଦୁ ଦାସ—ରସବଚାମୃତ, (୧୦) ଦାଶରଥି ଦାସ,—(୧୧) କୃପାସିନ୍ଧୁ ଦାସ—ବ୍ରଜବିହାର ।

୧୮୦୩—

(୧) ବଳଦେବ ରଥ, (୨) ଯଦୁମଣି, (୩) କଳ୍ପତରୁ ଦାସ, (୪) ଶ୍ୟାମାଭେଇ, (୫) ରାଜା ପ୍ରତାପରୁଦ୍ର ସିଂହଦେବ—ଡୋମଙ୍କୁର ।

ମଜୁମଦାର ମହାଶୟ ଓଡ଼ିଆ କବି ଓ କବିତାମାନଙ୍କର ଉପରୋକ୍ତ ମତେ ଶ୍ରେଣୀବିଭାଗ କରି କେତେକ ଉତ୍ତମ ଆଲୋଚନା କରିଅଛନ୍ତି । ଉପେନ୍ଦ୍ର ଭଞ୍ଜ ତାଙ୍କର ଦୃଷ୍ଟିରେ ପଡ଼ିଅଛନ୍ତି । ସେ କହନ୍ତି—ଉପେନ୍ଦ୍ରଭଞ୍ଜଙ୍କ ଲେଖାରେ ପ୍ରାକୃତିକ ବର୍ଣ୍ଣନା ନାହିଁ, ଉତ୍କଳର ଭଲ ବ୍ୟାକରଣ-ଜ୍ଞାନ ନ ଥିଲା, ଅବ୍ୟାକରଣ ଶବ୍ଦ ଅନେକ ବ୍ୟବହାର କରିଥିଲେ ଏବଂ ତାହା ସାଧାରଣ ବୁଝି ନ ପାରନ୍ତି ବୋଲି ସେ ଗୋଟିଏ ନିଜେ ଗୀତାଭିଧାନ ରଚିଥିଲେ । ଭଞ୍ଜ ସାହିତ୍ୟରେ ବର୍ଣ୍ଣନା-ବୈଚିତ୍ର୍ୟ ନାହିଁ, କେବଳ ଏକଦେଶଦର୍ଶୀ ବର୍ଣ୍ଣନା । ମୁଁ ପ୍ରଥମରୁ କହୁଛି ଯେ, ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଷମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା କଠିନ । ଓଡ଼ିଆ, ମଜୁମଦାରଙ୍କର ମାତୃଭାଷା ନୁହେଁ; ପୁଣି ଓଡ଼ିଆ ସାହିତ୍ୟରେ ତାଙ୍କର ଦଖଲ ଭିନ୍ନ ପ୍ରକାର ଉଦ୍ଦେଶ୍ୟରେ । ସୁତରାଂ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟର ମାଧୁର୍ଯ୍ୟ ବୁଝିପାରିବା କଠିନ । ଭଞ୍ଜସାହିତ୍ୟ ସରଳ ସାହିତ୍ୟ ନୁହେଁ । ଭଞ୍ଜେ ନିଜେ ମଧ କହିଛନ୍ତି, ତାଙ୍କ କବିତା ନାରିକେଳ ସଦୃଶ । ଭାଙ୍ଗି ପାରିଲେ

ଭକ୍ତକୁ ଉତ୍ତମ ରସ ପାଇବ; ମାତ୍ର ଉପରଠାଉରିଆ ହେଲେ କଷ୍ଟ ଭୋଗ ହେବ । ମୁଁ ଅନେକୁ କହୁଛି; ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖିବାକୁ ଇଚ୍ଛା ଥିଲେ ରସ-କଳ୍ପନା-କାନନରେ ପ୍ରବେଶ କର । ଏଥି ଶବ୍ଦ-ଅକ୍ଷର-ଯୋଜନାଦ୍ୱାରା କେତେ ପ୍ରକାର ଶିଳ୍ପନୈପୁଣ୍ୟ ଦେଖାଇ-ପାରିଯାଏ, ତାହା ଦେଖିବ । କୌଣସି ଭଙ୍ଗୀ ଅର୍ଥଶୂନ୍ୟ ନୁହେଁ । ଅଳଙ୍କାର, ଉପମା, ଉପମେୟ, ଛନ୍ଦ ପ୍ରଭୃତିର ଅଭାବ ନାହିଁ । ମଜୁମଦାର ମହାଶୟ କହନ୍ତି ଯେ, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ନାହିଁ । ଏକଥା କେତେଦୂର ସତ୍ୟ ତାହା ଖାଲି ସମସ୍ତ ପୁସ୍ତକ ପାଠକଲେ ପାଠକମାନେ ଜାଣିପାରିବେ । ତେବେ ଆଧୁନିକ କବିମାନେ ଯେପରି ପ୍ରାକୃତିକ ବର୍ଣ୍ଣନା କରନ୍ତି ସେ ସେପରି କରିନାହାନ୍ତି । ତାଙ୍କ ବର୍ଣ୍ଣନା ସ୍ୱତନ୍ତ୍ର । ଯେତିକି ଉପଯୋଗୀ ବର୍ଣ୍ଣନା କରିବାରେ ସେ ତ୍ରୁଟି କରିନାହାନ୍ତି । ବୈଦେହୀଶବିଳାସରେ ବହୁପ୍ରକାର ବର୍ଣ୍ଣନା, ସବୁପ୍ରକାର ରସ ବର୍ଣ୍ଣିତ ହୋଇଅଛି । ମଜୁମଦାରେ କହନ୍ତି, ଲାବଣ୍ୟବତୀର ନାୟକ ସମୁଦ୍ରପଥରେ ସିଂହଳ ଗଲେ । ସେ ସମୁଦ୍ରବର୍ଣ୍ଣନା ଉଲ୍ଲେଖ ନାହିଁ କାହିଁକି ? ସେ ନାୟକର ହୃଦୟ ଲକ୍ଷ୍ୟକୁ ଲାବଣ୍ୟବତୀ ଅଧିକାର କରିଛି ତାର ସମୁଦ୍ରପ୍ରତି ଆକୃଷ୍ଟ ହେବାପାଇଁ ଅବସର କାହିଁ ? ଉପେନ୍ଦ୍ରଙ୍କ ନାୟକ ନାୟିକା ଆଧୁନିକ ଯୁଗର ନାୟକ ନାୟିକା ନୁହନ୍ତି । ଉପେନ୍ଦ୍ରଙ୍କ ନାୟିକା ନାୟକଠାରେ ତନ୍ମୟ । ନାୟକ ମଧ୍ୟ ନାୟିକା ହୃଦୟରେ ତନ୍ମୟ । ତଦୁପଯୋଗୀ ବର୍ଣ୍ଣନା କବିତାରେ ଦେଖାଯାଏ ଏବଂ କବି ସନ୍ତୁଷ୍ଟ କରିବା ପାଇଁ ଯେତିକି ଯେଉଁ ବର୍ଣ୍ଣନା କରିବାର ଆବଶ୍ୟକ ହୋଇଛି, ଉପେନ୍ଦ୍ର ସେଠାରେ ସେହି ବର୍ଣ୍ଣନା କରିଛନ୍ତି । ସୁତରାଂ ଏଥିପାଇଁ ଉପେନ୍ଦ୍ରଙ୍କର କୌଣସି ଦୋଷ ଦେଇପାରୁନାହୁଁ । ସେକ୍ସପିଅର, କାଳିଦାସ ପ୍ରଭୃତି ପ୍ରାଚୀନ କବିଙ୍କ କବିତାକୁ ଆଧୁନିକ ଦୃଷ୍ଟିରେ ଦେଖିଲେ ଅନେକ ଦୋଷ ଦେଖାଇ ଦିଆଯାଇପାରେ । ମାତ୍ର ସେ କଥା ଉଚିତ କି ? ଦେଶ-କାଳ-ପାତ୍ର ସମସ୍ତ କଥା ଅବଲମ୍ବନୀୟ ।

ମଜୁମଦାର ମହାଶୟ କହନ୍ତି, ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ବଙ୍ଗଳା ଅକ୍ଷର ଓଡ଼ିଶାରେ ବ୍ୟବହାର ହୋଇଥିଲା ଏବଂ ସେ ବ୍ୟବହାର ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲୁଥିଲା । କେବଳ କପିଳେନ୍ଦ୍ରଦେବଙ୍କ ସମୟରୁ ଓଡ଼ିଆଲିପି ସୃଷ୍ଟି ହେଲା । ପ୍ରମାଣ ସ୍ୱରୂପ ସେ ସୂର୍ଯ୍ୟବଂଶୀ ଲିପିରେ ବଙ୍ଗଳା ଅକ୍ଷର ଲେଖାଥିବାର କହୁଛନ୍ତି; ମାତ୍ର ସେ ଲିପି ପ୍ରକାଶ କରି ନାହାନ୍ତି । ଏ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ମୁଁ ପୂର୍ବେ କହିଛି ଏବଂ ବର୍ତ୍ତମାନ ଆଉ ଥରେ କହୁଛି, ବଡ଼ଦେଉଳ ଭିତରକୁ ଯାଇ ଦେଖ, କେତେ ପ୍ରସ୍ତରଲିପି ବଙ୍ଗଳା ଅକ୍ଷରରେ ଲେଖାଅଛି, କେତେ ନାଗରୀ ଅକ୍ଷରରେ ଲେଖାଅଛି । ୧୦୦ ବା ୨୦୦ ବର୍ଷ ପରେ କଣ ପ୍ରମାଣ ହେବ ଯେ ବିଂଶ ଶତାବ୍ଦୀରେ ଓଡ଼ିଶାରେ ବଙ୍ଗଳା ଅକ୍ଷର ବା ନାଗରୀ ଅକ୍ଷର ବ୍ୟବହୃତ ହେଉଥିଲା ? ଏ ସିଦ୍ଧାନ୍ତ ଯଦି ହୁଏ, ତେବେ ମଜୁମଦାରଙ୍କ ସିଦ୍ଧାନ୍ତ ହେଉ । ଶତ ଶତ, ସହସ୍ର ସହସ୍ର ବଙ୍ଗାଳୀ ଅବସ୍ଥାନ

କାଳରୁ, ଅନ୍ୟତଃ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆବିର୍ଭାବ ହେବା କାଳରୁ ଉତ୍କଳରୁ ଏହି ଆପଣା ସ୍ୱତନ୍ତ୍ରତା ସଂରକ୍ଷଣ କରୁଅଛନ୍ତି । ସେମାନେ ସୁରେଶ-ଚନ୍ଦ୍ର ବସୁ ରାଜାଙ୍କ ଅନୁମତି ନେଇ ଓଡ଼ିଆ ଭାଷାରେ ଲିପି ଲେଖାଇ ଦେଉଥିଲେ ସ୍ୱତନ୍ତ୍ର ବୋଲି ଦେଖାଉଅଛନ୍ତି । ମାଦଳା ପାଞ୍ଜିରୁ ଜଣାଯାଏ, ଅନେକ ରାଜାଙ୍କ ସମୟରେ ବଙ୍ଗାଳୀ କର୍ମସ୍ଥ ଥିଲେ । ଦାନପତ୍ର ପ୍ରଭୃତି ଲେଖାରେ ସେମାନଙ୍କର ହାତ ଥାଇପାରେ । ସେମାନେ ଓଡ଼ିଆଭାଷା ଶିକ୍ଷା କରିବାକୁ ବା ଓଡ଼ିଆ ଅକ୍ଷର ଲେଖିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଆପଣା ମାତୃଭାଷା ଭୁଲି ଯାଇ ନଥିବେ ଏବଂ ଓଡ଼ିଆ ଅକ୍ଷର ଲେଖୁ ଲେଖୁ କେଉଁଠି ବା ବଙ୍ଗ ଅକ୍ଷର ଲେଖି ହୋଇଯାଇଥିବ । ଏପରି ଅନେକାଳି ମଧ୍ୟ ପ୍ରତ୍ୟକ୍ଷରେ ଦେଖାଯାଉଥିବା ସ୍ଥଳେ ଏପରି ଅନୁମାନ କରିବା ନିତାନ୍ତ ଅନ୍ୟାୟ ବୋଲି କେହି କହିପାରିବ ନାହିଁ । ସୁତରାଂ କେଉଁ ଲିପିରେ ଯେବେ ଓଡ଼ିଆ ଅକ୍ଷର ସଙ୍ଗେ ବଙ୍ଗଳା ଅକ୍ଷର ମିଶିଥାଏ, ତେବେ ତାହା ଅବଶ୍ୟ ବୁଝିବାକୁ ହେବ ଯେ ଓଡ଼ିଆଭାଷା, ଓଡ଼ିଆ ଅକ୍ଷରର ଅସ୍ତିତ୍ୱ ନଥିଲା ? ସୁତରାଂ ଏରୂପ ଅନୁମାନ ନିତାନ୍ତ ଅମୂଳକ ।

ଆଉ ଗୋଟିଏ କଥା ଦେଖନ୍ତୁ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରି ଭାରତର ସକଳ ଭାଷାଭାଷୀ ଯାତ୍ରୀ ଏଠାକୁ ଆସନ୍ତି । ପଣ୍ଡା, ସେବକମାନେ ଓ ସେମାନଙ୍କ ଗୁମାସ୍ତାମାନେ ଅନେକ ଭାଷାଭାଷୀ ଲୋକଙ୍କ ସଙ୍ଗେ କାରବାର କରୁଥିବାରୁ ସେମାନେ ସବୁ ଭାଷାରେ କହିପାରିବାକୁ ଓ ଲେଖିପାରିବାକୁ ଶିକ୍ଷା କରିଥାନ୍ତି । ବିଶେଷତଃ ଯେ ଯେଉଁ ଦେଶର ପଣ୍ଡା, ସେ ସେ ଦେଶୀୟ ଭାଷା ଭଲରୂପେ ଶିକ୍ଷା କରିଥାଏ । ବଙ୍ଗଳା, ନାଗରୀ, ତେଲୁଗୁ, ତାମିଲ ପ୍ରଭୃତି ସବୁ ଅକ୍ଷର ସେମାନଙ୍କର ଅଭ୍ୟସ୍ତ । ସେମାନଙ୍କ ଘରେ ସବୁ ଭାଷାର ଲେଖା ମଧ୍ୟ ଥାଏ । ଖାଲିଖତ ପ୍ରଭୃତି ଅନ୍ୟାନ୍ୟ ଭାଷାରେ ଲେଖାଥାଏ । ଯେବେ କେହି ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ ଏହି କେତେ ସେମାନଙ୍କ ଘରେ ଥିବା କାଗଜପତ୍ର ଅନୁସନ୍ଧାନ କରେ, ତେବେ ସେ କଣ ସିଦ୍ଧାନ୍ତ କରିବ ଯେ ଏ ଦେଶର ଭାଷା ବଙ୍ଗଳା ବା ତେଲୁଗୁ ବା ହିନ୍ଦୀ ? ଭିନ୍ନ ଭାଷାଭାଷୀ ଦାତାମାନେ ଅପଣାର ଦାନପୁଣ୍ୟ କରିବା ଉଦ୍ଦେଶ୍ୟରେ ପଣ୍ଡା-ସେବକ ପଣ୍ଡିତ ବ୍ରାହ୍ମଣମାନଙ୍କୁ ବା ଠାକୁରଙ୍କୁ ଭୂମିଦାନ କରି ଦାନପତ୍ର ଲେଖିଦେଇଛନ୍ତି ଏବଂ ଆପଣା ଆପଣା ଭାଷାରେ ଲେଖିଦେବା ସ୍ୱାଭାବିକ । ସେଥିରୁ ଦାନପତ୍ର ଦେଖି କଣ ବୁଝିବାକୁ ହେବ ଯେ ଏ ଦେଶର ଭାଷା ସେହି ଦାନପତ୍ରର ଭାଷା ? ମୁସଲମାନମାନେ ରାଜତ୍ୱ କରୁଥିବା ସମୟରେ ପାର୍ଶୀଭାଷାରେ କାରବାର ହେଉଥିଲା । ଅନେକ ଦାନପତ୍ର ପ୍ରଭୃତି ପାର୍ଶୀଭାଷାରେ ଦେଖିବାକୁ ମିଳେ । ତେବେ କଣ ବୁଝିବାକୁ ହେବ ଯେ ଏ ଦେଶର ଭାଷା ପାର୍ଶୀ, ଉର୍ଦ୍ଦୁ ବା ଆରବୀ ? ଏ ସମସ୍ତ ବିଷୟ ପାଶପାଶି କି ଉଦାହରଣ ଦ୍ୱାରା ବିବେଚନା କଲେ ମଜୁମଦାରଙ୍କ ଅନୁମାନ ଭିତ୍ତିହୀନ କହିଲେ ଅତ୍ୟୁକ୍ତି ହେବ ନାହିଁ । ମଜୁମଦାର ମହାଶୟ ଉତ୍କଳର କେତେ ପଣ୍ଡିତମାନଙ୍କୁ ପାଇ ପ୍ରାଚୀନ କଥା ସଂଗ୍ରହ କରିଛନ୍ତି ? କେତେ ଘର ଖୋଜି ତାଳପତ୍ର ପୋଥି

ଦେଖିଛନ୍ତି ? ତାହାଙ୍କ ପାଇଁ ଅଗଣିତ ଗାଳିବା ଦୀର୍ଘରେ କେତେ ଖଣ୍ଡ ପୋଥି ଶୁଣି ତା ଉପରେ ଏକ ଇତିହାସ ଗଢ଼ିବସିଛନ୍ତି ।

ମଜୁମଦାର ମହାଶୟ ଓଡ଼ିଶାର ପ୍ରାଚୀନ ସାହିତ୍ୟ ଦେଖିବାକୁ ଯାଇ ଓଡ଼ିଶାର ପ୍ରାଚୀନ ଇତିହାସର ଅବତାରଣା କରିଛନ୍ତି । ସେ କହନ୍ତି, ମହାଭାରତ ପୁରାଣ ପ୍ରଭୃତି ବୌଦ୍ଧ ପୌରାଣିକ ଏକ ନିର୍ଦ୍ଦିଷ୍ଟ ସୀମାବଦ୍ଧ ଦେଶ ଉତ୍କଳ ନାମରେ ପରିଚୟ ପାଇଲେ ନାହିଁ । କଳିଙ୍ଗ ସଙ୍ଗେ ଏହି ନାମ ମିଶ୍ରିତ ହୋଇନାହିଁ । ମନୁସଂହିତାର ୧୦ମ ଅଧ୍ୟାୟରେ ଉତ୍କଳୀୟମାନେ ଗୋଟିଏ ଅସଭ୍ୟ ( rude ) ଜାତି ବୋଲି ବର୍ଣ୍ଣିତ ହୋଇଛନ୍ତି ଏବଂ ସେମାନଙ୍କର ଗୋଟିଏ ସୁଶାସିତ ସୁଶୃଙ୍ଖଳ ଦେଶ ଥିବାର ଉଲ୍ଲେଖ ନାହିଁ । ଏ ସମ୍ବନ୍ଧେ ପୌରାଣିକ ମତ ପ୍ରମାଣ କରିବା ପୂର୍ବରୁ ମନୁସଂହିତାର ୧୦ମ ଅଧ୍ୟାୟରୁ କେତେ ଗୋଟି ଶ୍ଳୋକ ନିମ୍ନରେ ଉଦ୍ଧାର କରିଦେଲୁଁ । ଏ ଅଧ୍ୟାୟରେ ଖ୍ରୀଷ୍ଟୀୟ ନଦୀ ଓ ଦେଶ କଥା ବର୍ଣ୍ଣିତ ହୋଇଛି ।

ଉତ୍ପନ୍ନାଶ୍ଚ ବଣିଗ୍‌ଶ୍ରେଷ୍ଠେ ମେକଲାଦ୍ରୋତ୍କଲୈଃ ସହ ।
ଯଶ୍ଚାନାଃ କୋଙ୍କୋଣେଷ୍ଟୈ ବ ନୈକୃତଶ୍ଚ ଦୁର୍ଜନ୍ୟାଃ । ୪୯ ।

ପୁନଶ୍ଚ ଅଧ୍ୟାୟ କାଣ୍ଡବର୍ଣ୍ଣନା କଲାବେଳେ —

କବ୍ରାଗା ଦଶାର୍ଣ୍ଣାଃ ସିନ୍ଧୋ ଦେବଦେହାଭ୍ରାମଳାସ୍ତ୍ରକାଃ ।
ଓଣ୍ଡ୍ରା ମ୍ଳେଚ୍ଛାଃ ରହିଦେବଧ୍ୟାଃ ପାର୍ବତ୍ୟାଶ୍ଚ ମାଗଧ । ୫୭ ।

ଶଙ୍କରାଚାର୍ଯ୍ୟଙ୍କ ମଠାମ୍ନାୟ ନାମକ ଗ୍ରନ୍ଥରେ ଦେଖାଯାଏ—

ଅଙ୍ଗ ବଙ୍ଗ କଳିଙ୍ଗାଶ୍ଚ ମଗଧୋତ୍କଳ ବର୍ବରାଃ
ଗୋବର୍ଦ୍ଧନ ମଠାଧୀନା ଦେଶାଃ ପ୍ରାଚୀ ଦିଗସ୍ଥିତାଃ ।

ଟୀକା—ଏହା ଦେଶ ଓ ଉତ୍କଳ ଅନ୍ତର୍ଗତ ପ୍ରଦେଶ ଏହି ଦେଶ ଗୋବର୍ଦ୍ଧନ-ମଠର ଅଧୀନ ଅଟେ ।

ଏଥିରୁ ବୁଝିହେଉ ନାହିଁ ଯେ ଉତ୍କଳୀୟମାନେ ବର୍ବର ଥିଲେ । ବର୍ବର ଗୋଟିଏ ସ୍ୱତନ୍ତ୍ର ଦେଶ ଏବଂ ବର୍ବରମାନେ ଗୋଟିଏ ଭିନ୍ନ ଜାତି । ଉତ୍କଳ ଶବ୍ଦ ପାଖରେ ବର୍ବର ଶବ୍ଦ ଦେଖି ବଙ୍ଗୀୟ ଲେଖକମାନେ ଉତ୍କଳୀୟଙ୍କୁ ବର୍ବର ଶ୍ରେଣୀଭୁକ୍ତ କରିବାରେ ବଡ଼ ଆନନ୍ଦ ଅନୁଭବ କରୁଅଛନ୍ତି । ଏହି ପ୍ରଦେଶରେ ଅନେକପ୍ରକାର ଜାତି ବାସକରନ୍ତି । ସେହି ସ୍ଥାନର ଆଦିବାସୀ ଯେଉଁ, ସେ ଦେଶ ବର୍ବର ଦେଶ । ବର୍ବର ଗୋଟିଏ ସ୍ୱତନ୍ତ୍ର ଜାତିବାଚକ ଓ ଦେଶବାଚକ ଶବ୍ଦ । ଉତ୍କଳ ବା ଓଡ଼୍ର ସଙ୍ଗେ ଏହାର ସମ୍ପର୍କ ନାହିଁ । ଏ ବିଷୟରେ ଆମ୍ଭେ ପୂର୍ବ ଅଧ୍ୟାୟରେ ବିଶେଷଭାବରେ ଆଲୋଚନା କରିଛୁଁ । ମଜୁମଦାର ମହାଶୟ ପୁରାଣ ପ୍ରଭୃତି ଅର୍ଥ କରିବାରେ ଭ୍ରମରେ ପଡ଼ିଛନ୍ତି । ଆମ୍ଭେ ପୂର୍ବେ ଯେଉଁ ଶ୍ଳୋକ ଉଦ୍ଧାର କରିଦେଇଛୁ ତହିଁରେ ତାଙ୍କ ଭ୍ରମ ଦୂର ହେବ । ସେ ବହୁତ ଅପ୍ରାସଙ୍ଗିକ କଳ୍ପନା କରିଛନ୍ତି । ସାହିତ୍ୟର ଯେ ଦୋଷଦର୍ଶନ କରାଯାଇଛି ତାହା କେତେଦୂର ଠିକ୍ ସମସ୍ତ ଓଡ଼ିଆ ପୋଥି ପ୍ରକାଶ ନ ହେବାଯାଏ କିଛି କୁହାଯାଇ ନପାରେ ।

ନିମ୍ନଲିଖିତ କେତେ ଖଣ୍ଡ ଓଡ଼ିଆ ପୁସ୍ତକ ଉଲ୍ଲେଖଯୋଗ୍ୟ—(୧) ପ୍ରେମଭକ୍ତି ଚନ୍ଦ୍ରୋଦୟ, (୨) ସଙ୍ଗୀତର ଚତୁରଙ୍ଗ—ଗୋଦାବରୀଶ ମିଶ୍ର, (୩) ବତିଶି ସିଂହାସନ, (୪) ବଦରୀମାଧବ, (୫) ଅଦ୍ଭୁତ ରାମାୟଣ, (୬) କପି ରାମାୟଣ, (୭) ବୈଦ୍ୟଜୀବନ ବାଲମୁକୁନ୍ଦ—ଗୀତ ଟୀକା, (୮) ବୈଦ୍ୟାଙ୍କ ଗ୍ରନ୍ଥ, (୯) ବୈଦ୍ୟଶାସ୍ତ୍ର, (୧୦) ରସଦର୍ପଣ, (୧୧) ରାଧାକୃଷ୍ଣ କେଳି (୧୨) ରାମବିଭା—ଅର୍ଜୁନ ଦାସ, (୧୩) ରାମବିନୋଦ ଗ୍ରନ୍ଥ, (୧୪) ମହାନାଟକ, (୧୫) ମୁକୁନ୍ଦମାଳା, (୧୬) ମାର୍ଗଶୀର୍ଷ ମାହାତ୍ମ୍ୟ, (୧୭) ବଳରାମଦାସଙ୍କ ଚଉତିଶା, (୧୮) ଜ୍ଞାନଚୂଡ଼ାମଣି—ବଳରାମ ଦାସ, (୧୯) ଚଉତିଶା ସଂଗ୍ରହ—କୃଷ୍ଣଦାସ, (୨୦) ଦାନଚରିତ, (୨୧) ଉତ୍କଳ ଭାଷା ଶିକ୍ଷାପଦ୍ଧତି ୧ମ ଓ ୨ୟ ଖଣ୍ଡ, (୨୨) ଜ୍ୟୋତିଷର ଟୀକା—ଗୋବିନ୍ଦପାଦସ୍ୱାମୀ । ଏ କେତେ ଖଣ୍ଡ ଓଡ଼ିଆ ଗ୍ରନ୍ଥର ଗଣ୍ଡ ଭିନ୍ନ ଭିନ୍ନ ସ୍ଥାନରେ ଅଛି । ସରକାରର ଜଣେ ପଣ୍ଡିତ ରଖି ଓଡ଼ିଆ ପୁସ୍ତକ ତାଲିକା କରାଉଥିବାବେଳେ ପ୍ରକାଶିତ ହୋଇଛି । ସେ ପଣ୍ଡିତ ଥିଲେ, ସେ ଅତି ଅଳ୍ପ ସମୟ କାର୍ଯ୍ୟ କରିଥିଲେ । ପୁଣି ତାଲିକା କରିବା କାର୍ଯ୍ୟ ପ୍ରାୟ ବନ୍ଦ କରିଅଛନ୍ତି । ଓଡ଼ିଆ ସାହିତ୍ୟର ଇତିହାସ ଲେଖିବା ପାଇଁ ପ୍ରଥମେ ଓଡ଼ିଶା ଅର୍ଥାତ୍ ପ୍ରାକୃତିକ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ପ୍ରାପ୍ତବ୍ୟ ଓଡ଼ିଆ ପୁସ୍ତକମାନଙ୍କର ତାଲିକା ସଂଗ୍ରହ ହେବା ଆବଶ୍ୟକ । ସେ ସମସ୍ତ ପୁସ୍ତକର କୋଉଁଠି ପ୍ରତିପାଦ୍ୟ, ତାହାର ପରିଚୟ ପ୍ରଭୃତି ସଂକ୍ଷିପ୍ତ ବିବରଣ ନିର୍ଣ୍ଣୟ ହେବା ଆବଶ୍ୟକ । ସେସମସ୍ତ ଦେଖି ଓଡ଼ିଆ ସାହିତ୍ୟର ଇତିହାସ ଲେଖିଲେ ଠିକ୍ ହେବ । ମଜୁମଦାର ମହାଶୟ ସେପରି ଅବସର ପାଇନାହାନ୍ତି । ସେ ଯେତିକି ପାଇଛନ୍ତି, ସେଥିରୁ ଏତିକି ରଚନା କରିବା ଉଚିତ ହୋଇନାହିଁ । ଉତ୍କଳୀୟ ଯୁବକମାନଙ୍କର ମଜୁମଦାରଙ୍କ ଭୂମିକା ପଢ଼ି ହତାଶ ହେବାର କିଛି କାରଣ ନାହିଁ । ବରଂ ମଜୁମଦାରଙ୍କ କଷ୍ଟ ସେମାନଙ୍କୁ ଅନୁସନ୍ଧାନ ପଥରେ ଅଗ୍ରସର ହେବାଲାଗି ସାହାଯ୍ୟ କରିବ । ସେମାନଙ୍କ ହାତରେ ଗୁରୁତର କାର୍ଯ୍ୟ ପଡ଼ିଛି । ସେଥିଲାଗି ଧୈର୍ଯ୍ୟ ଓ ସାହସ ଆବଶ୍ୟକ । ଆଶାକରେ ସେମାନେ ଉତ୍କଳବ୍ୟାପୀ ଅନୁସନ୍ଧାନ କାର୍ଯ୍ୟରେ ମନ ଦେଲେ ମଜୁମଦାରଙ୍କ ଉକ୍ତିର ଅସାରତା ପ୍ରମାଣ କରିବାକୁ ସକ୍ଷମ ହେବେ । ଏଥିରେ ଜୀବନବ୍ୟାପୀ କାର୍ଯ୍ୟ ଆବଶ୍ୟକ । ସୁତରାଂ ଆଶା କରୁଅଛି, ଯୁବକମାନେ ମନ-ପ୍ରାଣ ଲଗାଇ ଚେଷ୍ଟା କରିବେ ।

ବାବୁ ମନମୋହନ ଚକ୍ରବର୍ତ୍ତୀ ମଧ୍ୟ ଓଡ଼ିଆ ସାହିତ୍ୟ ସମ୍ବନ୍ଧେ କେତେ ଗୋଟି ପ୍ରବନ୍ଧ ଲେଖିଛନ୍ତି । ଏସିଆଟିକ୍ ସୋସାଇଟି ଜରନାଲ୍ ନାମକ ପତ୍ରିକାରେ ପ୍ରକାଶିତ ହୋଇଛି । ସେ ମହାଶୟ କହନ୍ତି, ଓଡ଼ିଆ ଭାଷା ବହୁତ ପ୍ରାଚୀନ । କଥିତ ଭାଷା ଓଡ଼ିଆ ବହୁକାଳରୁ ପ୍ରଚଳିତ ଥିଲା; ମାତ୍ର ପ୍ରଥମେ ସାହିତ୍ୟକ୍ଷେତ୍ରରେ ସଂସ୍କୃତର ବେଶି ଆଧିପତ୍ୟ ଥିବାରୁ ଓଡ଼ିଆ-ଭାଷାରେ ସାହିତ୍ୟ ଅଳ୍ପପରିମାଣରେ ଲେଖା ହୋଇନଥିଲା । ସଂସ୍କୃତ ସେପରି କଠିନ ଭାଷା, ତାହା କାଳକ୍ରମେ ପ୍ରାକୃତରେ ପରିଣତ ହେଲା । ସାଧାରଣ ଶିକ୍ଷିତ ଲୋକ ସଂସ୍କୃତ ସାହିତ୍ୟର କାଠିନ୍ୟ ଏବଂ ବ୍ୟାକରଣ କଷ୍ଟ ଭାର ବହନ କରିବାକୁ ଅକ୍ଷମ ହେଲେ । ତେଣୁରୁ ଦେଶ

ସଙ୍ଗେ ଓଡ଼ିଶାର ନାନା ସ୍ଥାନରେ ଶକ୍ତି-ପୀଠ ସ୍ଥାପିତ ହେଲା । ବୌଦ୍ଧଧର୍ମ ଓଡ଼ିଶାରେ ବିସ୍ତାରଲାଭ କଲା । ବୌଦ୍ଧ ଗ୍ରନ୍ଥ ମୁସଲମାନଙ୍କ ଦ୍ୱାରା ଧ୍ୱଂସ ହେଲା । ଏହି କାରଣ ମିଶି ଓଡ଼ିଆ ପ୍ରାକୃତଭାଷା କ୍ରମେ ପ୍ରକାଶିତ ହୋଇ ସାହିତ୍ୟକ୍ଷେତ୍ର ଅଧିକାର କଲା । ସଂସ୍କୃତଭାଷା ଯେ ଏକାବେଳକେ ଲୋପ ହେଲା ତାହା ନୁହେଁ । ମାତ୍ର ସେତେବେଳେ ସଂସ୍କୃତଭାଷାରେ ସାହିତ୍ୟ କ୍ଷେତ୍ର ଅଧିକାର କରିଥିଲା ସେତେ ରହିଲା ନାହିଁ; କ୍ରମେ କ୍ଷୀଣ ହୋଇପଡ଼ିଲା । ସଂସ୍କୃତ ଗ୍ରନ୍ଥମାନ ଭାଷାରେ ଅନୂଦିତ ହେଲା । ସଂସ୍କୃତରେ ବ୍ୟାକରଣ ନିୟମ, ଛନ୍ଦ, ଅଳଙ୍କାର ପ୍ରଭୃତିକୁ ଅନୁକରଣ କରି ଓଡ଼ିଆ ସାହିତ୍ୟ ରଚିତ ହେଲା । ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟ ବହୁପରିମାଣରେ ପରିପୁଷ୍ଟ କଲା; ମାତ୍ର ତାର ସ୍ୱକୀୟ ଗୁଣ ନଷ୍ଟ ହୋଇଗଲା । ପ୍ରାଚୀନ ଓଡ଼ିଆ ଲେଖା (କ) ଗୀତ କିମ୍ବା (ଖ) ସଂସ୍କୃତ ଧର୍ମପୁସ୍ତକର ଅନୁବାଦ । ଗୀତଟା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ସଭ୍ୟ ହେଉ-ବା ଅସଭ୍ୟ ହେଉ, ମନୁଷ୍ୟ ହୃଦୟ କୌଣସି କୌଣସି ବିଶିଷ୍ଟ ବସ୍ତୁପ୍ରତି ଆକୃଷ୍ଟ ହେଲେ ସେହି ଭାବ ପଦ ଦେଇ ପ୍ରକାଶିତ ହୁଏ । ଏହି ସରଳଭାବକୁ ଗୀତ ବା ସଙ୍ଗୀତର ଉତ୍ପତ୍ତି; ସୁତରାଂ ମାନବସମାଜର ସହଜାତ । କେତେକ ଗଦ୍ୟଲେଖା ଦେଖାଯାଏ, ଯଥା—ମାଦଳାପାଞ୍ଜି ବା ବଂଶାବଳୀ ବା ବଂଶଚରିତ । କ୍ଷୁଦ୍ର କ୍ଷୁଦ୍ର ଘଟଣା ବିଷୟ ନେଇ ଗୀତ ରଚିତ ହୁଏ । ସୁତରାଂ ବିଶେଷ ଚିନ୍ତାର ଆବଶ୍ୟକ ହୁଏ ନାହିଁ । ସାହିତ୍ୟକ୍ଷେତ୍ରରେ ବୃହତ୍ କାବ୍ୟ ପ୍ରଭୃତି ରଚିତ ହେବା ପୂର୍ବରୁ ପ୍ରଥମେ ଗୀତ ବା ସଙ୍ଗୀତ ରଚିତ ହୁଏ ଏବଂ ଭାଷାର ଜନ୍ମକାଳରୁ ସଙ୍ଗୀତର ଜନ୍ମ ହୋଇଥାଏ । ପ୍ରତ୍ୟେକ ଭାଷା ଓ ସାହିତ୍ୟର ଏହା ସାଧାରଣ ନିୟମ । ଓଡ଼ିଆଭାଷା ଏ ସାଧାରଣ ସାହିତ୍ୟିକ ନିୟମରୁ ବହିର୍ଭୂତ ହେବାର କିଛି ବିଶେଷ କାରଣ ନାହିଁ । ବହୁ ପ୍ରାଚୀନ କାଳରୁ ଓଡ଼ିଆ ଗୀତ ପ୍ରଚଳିତ ଥିବା ସ୍ୱାଭାବିକ । ସେ ପ୍ରାଚୀନ କବିତା ଲୋପ ହୋଇଯାଇଛି । ଶତପଥୀ ମହାଶୟ ଏ ଯେ ସୁସ୍ପଷ୍ଟ ହେଉ ଦେଖାଇଛନ୍ତି, ଏଥିରେ ମତଭେଦ ହେବାର କିଛି ବିଶେଷ କାରଣ ଦେଖୁନାହିଁ । ମାତ୍ର ସେ କହନ୍ତି, ପ୍ରାଚୀନ ଓଡ଼ିଆ ଗୀତ ଲୋପ ହୋଇଛି । ଏଥିରେ ମୁଁ ଏକମତ ନୁହେଁ । ଅବଶ୍ୟ ସେଗୁଡ଼ିକ ସେହି ସଂଗ୍ରହକର ଏକତ୍ରିତ କରି ଛପାଇ ପ୍ରକାଶ କରିନାହିଁ । ସେ ମହାଶୟ ମଧ୍ୟ କେବେ ପଲ୍ଲୀଗ୍ରାମରେ ତାହାର ଅନୁସନ୍ଧାନ କରିବାର ଅବସର ପାଇନାହାନ୍ତି; ତେଣୁ ଏପରି ଲେଖିଛନ୍ତି । ମୁଁ ପୂର୍ବେ କହିଛି ସେସବୁ ଅଛି, ମାତ୍ର କ୍ରମେ ଲୋପ ହେବା ଉପରେ ବସିଛି ।

ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିଙ୍କ କାବ୍ୟ ପ୍ରଭୃତିରେ ତାହାଙ୍କ ପୂର୍ବ ପ୍ରାଚୀନ ରାଗରାଗିଣୀର ଉଲ୍ଲେଖ ଅଛି । ସେଥିରୁ ଜଣାଯାଏ, ସେମାନଙ୍କ ଲେଖା ଆଗରୁ ଅନ୍ତତଃ ଅନେକ ଗୀତ ଚଉପଦୀ ଥିଲା ଏବଂ ସେହି ସେହି ଗୀତ ପ୍ରଭୃତି ରାଗରାଗିଣୀରେ ରଚନା କରିଥିଲେ । ତାହାଙ୍କର କେତେଗୋଟିଏ ନମୁନା ଦିଆଗଲା—

(୧) ଭୃଙ୍ଗିଣୀ ଚଉପଦୀ (ରସକଲ୍ଲୋଳ ୨୫ ଛାନ୍ଦ), (୨) ମଧୁପ ଚଉପଦୀ (ମଥୁରାମଙ୍ଗଳ ୫ମ ଛାନ୍ଦ), (୩) ବସ୍ତ୍ରସିଂହ ଚଉପଦୀ (ମଥୁରାମଙ୍ଗଳ ୨୨ ଓ ୩୦ ଛାନ୍ଦ;

(ବୈଦେହୀଶବିଳାସ ୪୫ ଛାନ୍ଦ), (୪) ଚତୁର୍ଦ୍ଦିଗ୍ ଚଉତିଶା (ବୈଦେହୀଶବିଳାସ ୪୮ ଛାନ୍ଦ), (୫) ଦ୍ବଂଦ୍ବବୃକ୍ଷ ଚଉତିଶା (ବୈ: ବି: ୪୪ ଛାନ୍ଦ), (୬) ଗୋପୀଜନବନ୍ଦନ ଚଉତିଶା (ବୈ: ବି: ୪୬ ଛାନ୍ଦ), (୭) ଲଙ୍କାପାଲି (ସପ୍ତପଞ୍ଚାଶ ୧୨ ପଟଳ), (୮) ବା ଚଉତିଶା (ଶ୍ରୀଗୀତ ରାମାୟଣ ଉତ୍ତରକାଣ୍ଡ ୧୬ ଅଧ୍ୟାୟ), (୯) ଭବାନୀଚରିତ (ଅଯୋଧ୍ୟାକାଣ୍ଡ ୧୧ ଅଧ୍ୟାୟ), (୧୦) କୃଷ୍ଣ-ଚୌରାଶି (ଅରଣ୍ୟକ ୧୬ ଅଧ୍ୟାୟ) ଏହିପରି ଅନେକ ଅଛନ୍ତି ମିଳେ । ଚକ୍ରବର୍ତ୍ତୀ ମହାଶୟ କହନ୍ତି, କେବଳ ନାମରେ ଏସବୁର ଅସ୍ତିତ୍ବ ଅଛି । ଅନେକ ପ୍ରାଚୀନ କବିଙ୍କ ଲେଖାଙ୍କର ମୂଲ୍ୟ ଅଛି; ମାତ୍ର ଶୀଘ୍ର ଏଗୁଡ଼ିକର ଉଦ୍ଧାର ନକଲେ ଲୋପ ହୋଇଯାଇପାରେ । ସେ ମହାଶୟ କହନ୍ତି; ଓଡ଼ିଆ ସଙ୍ଗୀତ ଦକ୍ଷିଣୀ ପ୍ରଣାଳୀରୁ । ଏ ଅନୁମାନ ଭ୍ରମାତ୍ମକ । ଓଡ଼ିଶୀ ରାଗରାଗିଣୀ ସ୍ବତନ୍ତ୍ର । ଏପରିକି ଓଡ଼ିଶା ରାଗରାଗିଣୀର ସ୍ବାତନ୍ତ୍ର୍ୟ ଥିଲା । ମାତ୍ର ଅଧୁନା, ଦେଖାଯାଏ, ଦକ୍ଷିଣୀ ରାଗରାଗିଣୀ ଓଡ଼ିଆ ସଙ୍ଗୀତ ଉପରେ ଆଧିପତ୍ୟ ବିସ୍ତାର କରୁଛି ।

ଚକ୍ରବର୍ତ୍ତୀ ମହାଶୟଙ୍କ ଅନୁସନ୍ଧାନରୁ ଜଣାଯାଏ, ଆଉ ଜଣେ ଅଚ୍ୟୁତାନନ୍ଦ ଦାସ ଥିଲେ । ସେ ସ୍ବରବଂଶ ଉତ୍କଳଭାଷାରେ ଲେଖିଥିଲେ । ସେ ଜାତିରେ ଶୂଦ୍ର; ମାତ୍ର ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । ଗୋପାଳମାନଙ୍କ ମଧ୍ୟରେ ସେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ ଏବଂ ମହାନ୍ତ ଥିଲେ । ତାଙ୍କ ଘର ଇଣ୍ଡେପୁରରେ ଏବଂ ଇଣ୍ଡେପୁର ରାଜା ପଦ୍ମନାଭ ଦେବେନ୍ଦ୍ରଙ୍କ ଆଶ୍ରୟରେ ଥିଲେ । ପଦ୍ମନାଭ ୧୭୭୬ ରୁ ୧୮୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜତ୍ବ କରିଥିଲେ । ତାଙ୍କ ମୃତ୍ୟୁପରେ ସେ ପୁଣି ରାଜାଙ୍କ ଦର୍ଶନ ପାଇଥିଲେ ।

"ଇଣ୍ଡେପୁର ନଗ୍ରେ ମୁଁ ଆସନ୍ତେ ପୁଣି ମୁଁ ବାସ କରିଥାଇ
ପଦ୍ମନାଭ ଦେବେନ୍ଦ୍ର, ମୋତେ ଅର୍ଦ୍ଧଦେଇ ପୋଷିଲେ
ଜାତିରେ ମୁହିଁ ସେ ଶୂଦ୍ର ଜନ୍ମ ଅଟଇ
ଦୀକ୍ଷା ପାଇ ମୁଁ ବଇଷ୍ଣବ କୁଳେ ଥାଇ
ସମସ୍ତ ଗୋପାଳଙ୍କୁ ନାମ ଶିକ୍ଷା ଦେଇ
ଶ୍ରୀକୃଷ୍ଣ ଚରଣକୁ ଆଶ୍ରେ କରିଥାଇ
ଉତ୍କଳ କୂଳରେ ମୁଁ ହୋଇଲି ମହନ୍ତ
ଦୟା କରିଛନ୍ତି ମୋତେ କମଳାର କାନ୍ତ
ଶ୍ରୀ ଗୋପୀନାଥଙ୍କ ଚରଣତଳକୁ ଆଶ
କହେ ଅଚ୍ୟୁତ ଦାସକୁ ଭକ୍ତ ପଣ୍ଡିତବାସ
ଶାନ୍ତ ଚିତ୍ତ ସ୍ବରବଂଶ ହୋଇଲି ଦଣ୍ଡି
ଅଚ୍ୟୁତ ଦାସ ସ୍ମରଇ ଗୋବିନ୍ଦ ଚରଣ ।"

'ଅନନ୍ତଯୋଗ', 'ଅଚ୍ୟୁତାନନ୍ଦ ମାଳିକା' ଏ କବିଙ୍କର ରଚନା ବୋଲି କହନ୍ତି ।

ସାରଳା ଦାସ (ମହାଭାରତ)—ଏ ଜଣେ ଶୂଦ୍ର କବି ଥିଲେ । ସେ ସାରଳା ଠାକୁରାଣୀଙ୍କ ଭକ୍ତ ଥିଲେ ।। ସେ ବୈଷ୍ଣବ ହୋଇ ସମସ୍ତ ଦେବଙ୍କୁ ଏବଂ ଜଗନ୍ନାଥଙ୍କ ସମ୍ବନ୍ଧେ ଅନେକ କହିଛନ୍ତି । କମ୍ବଦନ୍ତୀ ଅଛି ଯେ ସେ କଲନାଗ ଗ୍ରାମର ଝଙ୍କଡ଼ ପ୍ରଗନାର ବାସିନ୍ଦା ଥିଲେ । ଜାତିରେ ଚଷା ଥିଲେ । ସାରଳା ଠାକୁରାଣୀ ବର ଦେବାକୁ କଥା ଦେଲେ । ଠାକୁରାଣୀ ମହାଭାରତ ଓଡ଼ିଆରେ ଲେଖିବାକୁ ଆଦେଶ ଦେଇଥିଲେ । ଦାସେ କହିଲେ, କବିତା ମନ୍ଦ ହେବ କି ଭଲ ହେବ, ସେ ଜାଣିପାରିବେ ନାହିଁ । ଠାକୁରାଣୀ କହିଲେ, "ତୁ ତାଳପତ୍ରରେ ଯାହା ମନରେ ପଡ଼ିବ ତାହା ଲେଖିବୁ ଏବଂ ସେ ତାଳପତ୍ରଗୁଡ଼ିକ ଚନ୍ଦ୍ରଭାଗା ନଦୀରେ ଭସାଇଦେବୁ । ଯେ ପତ୍ର ଭାସିଯିବ ତୋ ପାଖେ ପହଞ୍ଚିବ ତାକୁ ଏକାଠି କରି ରଖିବୁ । ସେହି ମହାଭାରତ ହେବ ।" ଏହିପରି ସେ ମହାଭାରତ ଲେଖିଥିଲେ । ଝଙ୍କଡ଼ର ତେନ୍ତୁଳିପଦା ନିକଟରେ ଚିତ୍ରାନଦୀ ଅଛି । ସମ୍ଭବତଃ ତାହାର ନାମ ପୂର୍ବେ ଚନ୍ଦ୍ରଭାଗା ଥିଲା । ମହାଭାରତ ଲେଖିସାରି ସେ ପୁରୀକି ଆସିଲେ । ମାତ୍ର ପଣ୍ଡିତମାନେ ଦେଖି ହସିଲେ । ରାତିରେ ଜଗନ୍ନାଥ ରାଜାଙ୍କୁ ସ୍ୱପ୍ନାଦେଶ କଲେ, ମହାଭାରତ ଭଲ ହୋଇଅଛି । ପରଦିନ ରାଜାଙ୍କ ପାଖ ପଣ୍ଡିତମାନେ ପୁଣି ପରୀକ୍ଷା କରି ଦେଖିଲେ ଏବଂ ସମସ୍ତେ ପ୍ରଶଂସା କଲେ । ରାଜା ପ୍ରସନ୍ନ ହୋଇ ଝଙ୍କଡ଼ ଓ ଆଉ ୩ ଗୋଟି ଗ୍ରାମ ଜାଗିର ବକ୍ସି ଦେଲେ । ସାରଳା ଦାସଙ୍କ ବଂଶଧରମାନେ ବର୍ତ୍ତମାନ ମୁଣ୍ଡା କଳନାଗ, ତେନ୍ତୁଳିପଦା ଓ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ବାସକରନ୍ତି ଏବଂ କରଣ ବୋଲି ପରିଚିତ ।

"ଝଙ୍କଡ଼ର ପୁର ବାସେକ ଝଙ୍କଡ଼ା ଚଣ୍ଡୀ ଥାଉଥିଲେ
ସେ ମୋର ତୁଳସୀ ମାଳ ଦେଲେ ବସନ୍ତରେ ।
ଶ୍ରୀ ଚଣ୍ଡୀ ତ ସିଦ୍ଧେଶ୍ୱରଦାସଙ୍କ ଚରଣେ
ଶୂଦ୍ରମୁନି ସାରଳା ଦାସ ପଶିଲ ଶରଣେ ।।"

ଏପରି ଦେଖାଯାଏ, ତାଳପତ୍ର ପୋଥିରେ ଲେଖନୀକାର ଦୋଷରୁ ଅନେକ ଭୁଲ ଦେଖାଯାଏ । ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା ମହାଶୟ ଉତ୍କଳସାହିତ୍ୟରେ ଏ ମହାଭାରତର ବହୁତ ସମାଲୋଚନା କରିଛନ୍ତି । ତାଳପତ୍ର ପୋଥିରେ କେତେଠି କି ପ୍ରକାର ଭ୍ରମ ଅଛି, ତାହା ମଧ୍ୟ ଦେଖାଇଛନ୍ତି । ସାରଳା ମହାଭାରତ ଭାଷା କି ପ୍ରକାର ତାହା ନିମ୍ନଲିଖିତ କେତେକ ପଂକ୍ତିରୁ ଜଣାଯିବ ।

"ପର୍ବତ ତୁଟେ କି ନାଥ ଟେକାରେ ମାରିଲେ
ସମୁଦ୍ର ଘୋଡ଼େ ହୁଏ କି ଧୂଳି ପକାଇଲେ ।
ମୃଗର ବଳେ କାହିଁ ସେ ସିଂହ ଜିଣି ହୁଏ
ଛେଳା ଦ୍ୱାରା ପିଟିଲେ କି ଲଙ୍କା ଭୁଜିଯାଏ ।

ଭୁଜଙ୍ଗମ ବଳମାନ ଅପ୍ରମିତ ହେଲେ
ସେ ନ ରହି ପାରନ୍ତି ବୈନତେୟ ଆସିଲେ ।
ବସ୍ତୁ ଘରମାନେଣ ଗଜ ଏକଣ ହୋଇଲେ
ଏକା ହେଣସ୍ତକୁ ଜିଣି ପାରଇ ନ ଭଲେ ।
ବାତ୍ସ ଖାଇ ଯାହାର ତାହାର କାର୍ଯ୍ୟ ହତ
କଲ୍ଲ ଉପକାର ଦୁଦଶତେ ନ ପାସୋରି ।
ପୁତ୍ରେ ତୃପ ଦୃଶିରେ ଜନମ ହୋଇଲା
ଦନ୍ତୁ ଦାହାନ ସେ ନାମଟି ସେ ହୋଇଲା ।" ଇତ୍ୟାଦି ।

ସାରଳା ଦାସଙ୍କ ଭାଷା, ପଦଯୋଜନା ଦେଖିଲେ ମନେ ହୁଏ, ଏହା ଅତି ପ୍ରାଚୀନ କବିତା । ପ୍ରଥମ ଅନୁବାଦ ] ଅନେକ ସଂସ୍କୃତ ଶବ୍ଦ ମିଶିଥିବାରୁ ଜଣାଯାଏ, ଏ ଲେଖା ବହୁ ପ୍ରାଚୀନ । ବଡ଼ଙ୍କ ଲେଖାରୁ ସେମାନଙ୍କ ଜନ୍ମ ସମୟର ମିଳୁନାହିଁ । ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ଭାଗ୍ୟାର୍ଥୀ ଏ ବିଷୟରେ ମୁକୁରରେ ଆଲୋଚନା କରି ଏହିପ୍ରକାର ସିଦ୍ଧାନ୍ତ କରିଛନ୍ତି । ସେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ମହାଭାରତ ରଚନା କରିଥିଲେ । ତତ୍କାଳୀନ ସାମାଜିକ ଅବସ୍ଥା ଦେଖାଇ ସେ ଜେତେଗୁଡ଼ିଏ ମୂର୍ତ୍ତିପୂର୍ଣ୍ଣ ପ୍ରବାଦରେ ଉପନୀତ ହୋଇଥିବାର ତାଙ୍କ ଲେଖାରେ ଦେଖାଯାଏ ( ମୁକୁର ୫ମ ଖଣ୍ଡ ୧ ସଂଖ୍ୟା ପୃ. ୯ ) ।

"ଏହି ଦେଶେ ତୁରୁଙ୍କ ଚକ୍ରବର୍ତ୍ତୀ ରାଏ
ତାର ଭୁଜବଳେ ନକୁଳ କଟକ ବିଜୟେ ।
କଳିଙ୍ଗ ବଳଙ୍ଗ ସେ ଓଡ଼ଙ୍ଗ ବଙ୍ଗଦେଶ
ସପ୍ତଗ୍ରାମ ତ୍ରିହୁତ ଅବା ଦେଶ ସେ ବଙ୍କେଶ ।
ଅନେକ ଓଡ଼ରାଷ୍ଟ୍ର ସେ ଦେଶେ ଭେଦଗ୍ରାନ୍ତି ।" (ଆ. ପ.)
"ଏମନ୍ତେଣ କଥା ଶୁଣୋ ଶୁଣ ନୃପମଣି
ଯାତ୍ରେ ସେ ଦେଶି କପାଳବ ଅଛି ମୁକ୍ତ
ସମେଶ୍ୱର ଲିଙ୍ଗ ତହିଁ ମହୋଦଧି ତଟେ
ନୀଳ ସୁନ୍ଦର ପର୍ବତ ଶ୍ରୀ ଜଗନ୍ନାଥଟେ ।
ଏକଦେବ ରାମକୃଷ୍ଣ ସୁଭଦ୍ରା ମହା ବ୍ରହ୍ମ
ସୃଷ୍ଟିକାରୀ ବଇଶ ସହସ୍ର ମହାତମ ।
କଳିକାଳ ଧ୍ୱଂସନକୁ ହେଉ ଭୋଟି ପୂଜା
ପ୍ରଣମିତେ ଖଟଇ କପିଳେଶ୍ୱର ରାଜା ।" (ଆ. ପ.)

ଏହିସବୁ ପ୍ରମାଣରୁ ରଥେ ଶାରଳା ଦାସଙ୍କ ଆବିର୍ଭାବ ବା ଉତ୍କଳବାସୀଙ୍କ ଭକ୍ତି ତାଙ୍କର ଜନ୍ମ ୫୦୦ ବର୍ଷ ପୂର୍ବେ ହୋଇଥିବାର ସ୍ଥିର କରିଛନ୍ତି ।

ଭାଷ୍ୟଦୀପ—ରାମଚନ୍ଦ୍ରାମୃତ ଲେଖକ । ପତ୍ର ୪୨ କୋଟି । ରଘୁନାଥ ମହାପାତ୍ରଙ୍କର ପୁଥି, ବ୍ରାହ୍ମଣ, ମୁକୁନ୍ଦଦେବଙ୍କ ୨୫ ଅଙ୍କ । ନବାକ୍ଷରୀ କରଣକ-ବୃତ୍ତରେ ଲେଖା ।

ଆମ୍ଭେ ଓଡ଼ିଆ ସାହିତ୍ୟର କେତେକ ପରିଚୟ ଦେଲୁଁ । ଓଡ଼ିଆ ସାହିତ୍ୟର ଇତିହାସ ସମ୍ବନ୍ଧ ଗୋଟିଏ ପୁସ୍ତକ ହେବ । ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ତନ୍ନିଦାସ୍ୟ ସଙ୍ଗୃହୀତ ହୋଇନାହିଁ । ଏମାନଙ୍କ ସଙ୍ଗୃହୀତ ହେଲେ ଏଥିରୁ କେତେକ ପ୍ରାଚୀନ ଐତିହାସିକ ତଥ୍ୟ ମିଳିବ ଏବଂ ପ୍ରାଚୀନ ଗଦ୍ୟ ସାହିତ୍ୟର ନିଦର୍ଶନ ମିଳିବ । ଏମାନଙ୍କ କୌଣସି ଟେ.ଏରେ ନାହିଁ ତଥ୍ୟ; ମାତ୍ର ଲୋକଙ୍କ ମୁଖେ ମୁଖେ ଅଛି, କ୍ରମେ ଲୋପ ହୋଇଯାଉଛି । ଓଡ଼ିଆ ସାହିତ୍ୟ ସଙ୍ଗ୍ରହ ଲାଗି ବିଶାଳ କ୍ଷେତ୍ର ଉନ୍ମୁକ୍ତ ଅଛି । ପ୍ରକୃତ ପରିଶ୍ରମ ଆବଶ୍ୟକ । ଉତ୍କଳ-ସାହିତ୍ୟ-ସମାଜ ଏହି କାର୍ଯ୍ୟରେ ଦୃଷ୍ଟି କରିପାରିଲେ ଗୋଟିଏ ଉତ୍କଳ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ଲେଖାଯାଇ ପାରିବ । ଅଙ୍କାଳମାନଙ୍କରେ ଅନେକ ପ୍ରାଚୀନ କବି ଥିଲେ । ସେମାନଙ୍କ ସନ୍ଧାନ ଏପର୍ଯ୍ୟନ୍ତ କେହି କରିନାହିଁ । ଜଗନ୍ନାଥଙ୍କ ତ୍ରିପୁରମୋହିନୀ, ହରିଭକ୍ତ କବିଙ୍କ ଏକାଦଶୀ ମାହାତ୍ମ୍ୟ ଏପରି ଅନେକ ପୋଥି ଅଛି । ସେ ସମସ୍ତ ଏପର୍ଯ୍ୟନ୍ତ ସାଧାରଣ ଜାଣନ୍ତି ନାହିଁ । ବୈଦେଶିକ ଲେଖକମାନେ କେବଳ ସାଧାରଣ ଜଣାଥିବା କେତେଖଣ୍ଡ ପୁସ୍ତକରୁ ଓଡ଼ିଆ ସାହିତ୍ୟର ଜନ୍ମ, ଶୈଶବ ପ୍ରଭୃତି ସମସ୍ତ ସ୍ଥିର କରି ଆପଣାକୁ ଜଣେ ଜଣେ ଐତିହାସିକ ଲେଖକ ବୋଲି ପରିଚୟ ଦେଉଛନ୍ତି । ଏହା ସମୀଚୀନ ନୁହେଁ । ସାରଳାଦାସଙ୍କ ପୂର୍ବରୁ ଯେ ଅନ୍ୟ କେହି କବି ନଥିଲେ, ଏହା ଆମ୍ଭେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୋହୁଁ । ଅବଶ୍ୟ ସାରଳା ମହାଭାରତର ଭାଷା ଲକ୍ଷ କଲେ ଜଣାଯାଏ ଯେ ଏହା ପ୍ରାଥମିକ ଅନୁବାଦ । ସଂସ୍କୃତର ଧର୍ମପୁସ୍ତକମାନଙ୍କ ଅନୁବାଦ କେତେକ ପ୍ରଥମ ପ୍ରଥମ ହେଉଥିବାର ଜଣାଯାଏ । ମାତ୍ର ଓଡ଼ିଆ ସାହିତ୍ୟ ଯେ ତହିଁ ପୂର୍ବରୁ ନଥିଲା, ଏକଥା କୁହାଯାଇ ନପାରେ । ସଂସ୍କୃତର କଠିନ କଠିନ ସ୍ଥଳମାନ ଅନୁବାଦ କଲାବେଳେ କବିଙ୍କ ଲେଖାରେ ସଂସ୍କୃତ ଭାଷାର ଛାପ ଲାଗିଯାଇଛି ସତ, ମାତ୍ର ଯେଉଁ ଯେଉଁ ସରଳ ସ୍ଥଳମାନ ଓଡ଼ିଆ କରାଯାଇଛି, ସେ ସ୍ଥାନମାନ ବଡ଼ ସରଳ ମଧୁର ଓଡ଼ିଆଭାଷା ବ୍ୟବହାର କରାଯାଇଛି । ପ୍ରାକୃତିକ ସରଳ ଉପମାମାନ ବ୍ୟବହୃତ ହୋଇଥିବାର ଦେଖାଯାଏ । ନିତାନ୍ତ ଅପରିପକ୍ୱ ଭାଷା ବୋଲି ବୋଧ ହୁଏ ନାହିଁ । "ତାନ୍ତ ପଣମାନ ଭଜ ଏବେ ହୋଇଲେ । ଏହା ଦେଖିଣ୍ଟକୁ କିଣି ପାଣ୍ଡବେ ଭ ଭଲେ ।" ଏ ତ ଅପରିପକ୍ୱ ଓଡ଼ିଆଭାଷା ନୁହେଁ । ସାରଳାଦାସ ମହାଭାରତ ପରି ଏଡ଼େ ବଡ଼ ବୃହତ୍ ଗ୍ରନ୍ଥ ଅନୁବାଦ କରିବାର ପ୍ରଥମ ଚେଷ୍ଟା । ସୁତରାଂ ସଂସ୍କୃତପାଠକୁ ମୂର୍ତ୍ତିମାନ କରି ଶୁଣି ଉପଯୋଗୀ ଭାଷା ବସାଇବାକୁ ପ୍ରୟତ୍ନରୂପେ ପାରଗ ହୋଇ ପାରି ନଥିବେ । ମାତ୍ର ସେ ଯେ ଏତାବେଳକୁ ଓଡ଼ିଆଭାଷାର ଅନ୍ୟ କୌଣସି ଲିଖିତ ପୁସ୍ତକ ପାଠ କରି ନଥିଲେ ଏକଥା କୁହାଯାଇ ନପାରେ । ମହାଭାରତ ପରି ବୃହତ୍ ଗ୍ରନ୍ଥକୁ ଅନୁବାଦ କରିବାକୁ ଯେ ସାହସ କରନ୍ତି, ସେ ଯେ ନିରକ୍ଷର ବା ନିତାନ୍ତ ମୂର୍ଖ, ଅଶିକ୍ଷିତ, ଏହା ମଧ୍ୟ କୁହାଯାଇ ନପାରେ । ପ୍ରାଥମିକ ଶିକ୍ଷା ଥିବା ତାଙ୍କର ନଥିଲା, ଏହି କେବେ

ଉତ୍ସବ କରିପାରି ନପାରେ । ଅବଶ୍ୟ କୌଣସି ଲିଖିତ ଗ୍ରନ୍ଥ ପାଠକରି ତାଙ୍କର ଶାସ୍ତ୍ରଜ୍ଞାନରେ ଅଭିଜ୍ଞତା ଜନ୍ମିଥିଲା । ସୁତରାଂ ଓଡ଼ିଆ ଟୀକାକାର ସମସ୍ତ ସୂତ୍ରକୁ ସଂସ୍କୃତ ନ ବୁଝିବାଯାଏ ଶାରଳା ମହାଭାରତ ସେ ପ୍ରଥମ କବିତା ,ଏକଥା କହିପାରୁନାହିଁ । ତେବେ ଏପରି ବୃତ୍ତିରୁ ଉତ୍କଳୀୟମାନଙ୍କ ମଧ୍ୟରେ ତାଙ୍କୁ ପ୍ରଥମ ସ୍ଥାନ ଦିଆଯାଇପାରେ । ଅନ୍ୟେ ପୂର୍ବେ ବଂଶାନୁଚରିତ ବର୍ଣ୍ଣନା ଯାହା କହୁଥିଲୁ ତହିଁର ନିଦର୍ଶନ ସ୍ୱରୂପ ନିମ୍ନରେ ଗୋଟିଏ ବଂଶାନୁଚରିତ ଦିଆଗଲା ।

"ଏହାଙ୍କ (ବନମାଳୀ ଭଞ୍ଜଙ୍କ) ମାରି, ଏହାଙ୍କ ପୁଅ ଗୋପୀନାଥ ଭଞ୍ଜ ରାଜୁତି କଲେ । ୧୬୫୮ ଶକାବ୍ଦ ଦକ୍ଷିଣ ୨୨ ବର୍ଷ । ୧୬୮୧ ଶକାବ୍ଦରେ ଗୋପୀନାଥପୁର ଶାସନ କଲେ । ଏହାଙ୍କ ପୁଅ ଧନଞ୍ଜୟ ଭଞ୍ଜ (୧), ଗୋବିନ୍ଦ ଭଞ୍ଜ ପାଟଯୋଷୀ (୨) ବଳଭଦ୍ର ଛୋଟରାୟ (୩), ଏଥି ଭଞ୍ଜ ପାଟମହାଦେଈଙ୍କଠାରେ—ଏ ତିନିପୁଅ ତାଙ୍କର ହୋଇଥିଲେ । ତାଙ୍କ ଉତ୍ତାରୁ ବଡ଼ପୁଅ ଧନଞ୍ଜୟ ଭଞ୍ଜ ରାଜତ୍ୱ କଲେ । ଏ ରାଜତ୍ୱ କଲେ ଓ ରାଜତ୍ୱ କରିବାରେ ପାଞ୍ଚଏ ହଜାର ଟଙ୍କା ଲଗାଇ କପାଟ ଗୋଟିଏ ତିଆରି କରିଥିଲେ । ଏହାଙ୍କର ବିଶେଷ ମହାଦେଈ ନାଚଣୀ ଜାଣିଥିଲେ । ଏ ବଡ଼ ବେଶ । ଏ ଯାଇଟି X X X ଦୁଃଖିନ୍ତି । ରାତି ପୁଲଦଣ୍ଡ ଥାଏ । ହତ୍ତିରକୁଳୀ ଦୁଧ ଯୋଗାଣ କରନ୍ତି । ଏ ରାଜା ଧନଞ୍ଜୟପୁର ଶାସନ ୧୬୩୮ ଶକାବ୍ଦରେ କଲେ । ଏହାପର ହଣମାନଙ୍କୁ କରି ରାଜତ୍ୱ କରିବାରେ ଏ ରାଜତ୍ୱ କଲେ ୧୭୨୩ ଶକାବ୍ଦ ଦଶକି ୮୫ ବର୍ଷ ।" ଇତ୍ୟାଦି ।

# ବୀରତ୍ୱ ପ୍ରସଙ୍ଗ

ଆଧୁନିକ ଓଡ଼ିଆଜାତିର ଶୌର୍ଯ୍ୟ, ବୀର୍ଯ୍ୟ, ଦମ୍ଭ, ସାହସ ପ୍ରଭୃତି ପର୍ଯ୍ୟାଲୋଚନା କଲେ କିଏ ବିଶ୍ୱାସ କରିବ ଯେ ଏ ଜାତି ଦିନେ ବୀରଜାତି ଥିଲା। ଏ ଜାତିର ପଦନିକ୍ଷେପ-ଦ୍ୱାରା ମା' ବସୁନ୍ଧରା ଦିନେ କମ୍ପିତ ହେଉଥିଲା। ଏ ଜାତି ସମରପ୍ରାଙ୍ଗଣରେ ଦିନେ ଅବଲୀଳାକ୍ରମେ ଅସ୍ତ୍ରଶସ୍ତ୍ର ଚାଳନା କରିପାରୁଥିଲା। ଏ ଜାତି ଆପଣାର ସ୍ୱାଧୀନତା ରକ୍ଷା କରିବା ଲାଗି ମସ୍ତକୋତ୍ତୋଳନ କରିଥିଲା। ଏ ଜାତିର ବିଜୟ-ପତାକା ଦିନେ ଆକାଶମାର୍ଗରେ ଉଡ୍ଡୀୟମାନ ହେଉଥିଲା। ଆଜି ଓଡ଼ିଆଜାତି ଦୀନ, ହୀନ, ନିର୍ବୀର୍ଯ୍ୟ, ଭୀରୁ ଓ ଦମ୍ଭ-ସାହସ ବିବର୍ଜିତ। ଆଜି ଓଡ଼ିଆଜାତି ଅନ୍ୟାନ୍ୟ ଜାତି ଦ୍ୱାରା ଅପମାନିତ, ଘୃଣିତ ଓ ପଦଦଳିତ। ଦିନେ ଯେଉଁ ଓଡ଼ିଆଜାତି ଅନ୍ୟଦ୍ୱାରା ପ୍ରପୀଡ଼ିତ ଜାତିଙ୍କୁ ଆପଣା କୋଡ଼ରେ କାଙ୍କ ଚିତ୍ତରେ ଆଶ୍ରୟ ପ୍ରଦାନ କରୁଥିଲା, ଆଜି ସେହି ଜାତି ଓଡ଼ିଆ ନାମ ଶୁଣିଲେ ଘୃଣା ପ୍ରକାଶ କରେ। ଆଜି ସେହି ଜାତି ସମସ୍ତରେ ଓଡ଼ିଆଜାତି ଅନୁନ୍ନତ ବର୍ବର ଜାତି ବୋଲି ପରିଚିତ ଓ ଲାଞ୍ଛିତ। ଏହି ଅବସ୍ଥାବିପର୍ଯ୍ୟୟ ପ୍ରକୃତିର ଚିରନ୍ତନ ପ୍ରଥା! ଏ ଆମ୍ଭମାନଙ୍କର କର୍ମଦୋଷ; ଅନ୍ୟ ପ୍ରତି ଅଭିମାନ କଲେ କି ଫଳ ମିଳିବ? ଯେଉଁଦିନ ମେକ୍‌ଲେ ପ୍ରଭୃତି ସେମାନଙ୍କୁ କାପୁରୁଷ ଭୀରୁ ବୋଲି ଚିତ୍ର କରିଯାଇଥିଲେ ଆଜି ସେମାନେ ବୀରଜାତି ବୋଲି ପରିଚୟ ଦେବାକୁ ରଣାଙ୍ଗଣ ସମ୍ମୁଖରେ ଦଣ୍ଡାୟମାନ! ମାତ୍ର ଆମ୍ଭେମାନେ ସିଂହ ଥାଇ ଆଜି ଶୃଗାଳ ତୁଲ୍ୟ ହୋଇ ରହିଛୁ। ବିଧିବିଧାନ କିଏ ଲଙ୍ଘନ କରି ପାରିବ!

ବ୍ରିଟିଶରାଜ ଆଜି ଆମ୍ଭମାନଙ୍କୁ ଯୁଦ୍ଧରେ ଯୋଗଦାନ କରିବାକୁ ଆହ୍ୱାନ କରୁଛନ୍ତି। ରାଜ୍ୟ ଉପରେ ବିପଦ ଉପସ୍ଥିତ, ରାଜ୍ୟକୁ ଆପଦ-ବିପଦରୁ ରକ୍ଷା କରିବା ଲାଗି ପ୍ରଜା ଦାୟୀ! ରାଜା ରାଜ୍ୟର କର୍ଣ୍ଣଧାର; ମାତ୍ର ଧନ-ଜୀବନ ବିସର୍ଜନ ଦେଇ ବହିଃଶତ୍ରୁ ଆକ୍ରମଣରୁ ଆପଣା ରାଜ୍ୟ ରକ୍ଷା କରିବା ପ୍ରଜାମାନଙ୍କର କର୍ତ୍ତବ୍ୟ। ଆମ୍ଭେମାନେ ଚିରକାଳ ରାଜଭକ୍ତ, ଚିରକାଳ ରାଜାଙ୍କୁ ଦେବତା ସଦୃଶ ଭକ୍ତି କରୁଁ, ରାଜାଙ୍କ ଆମ୍ଭମାନଙ୍କର ଚିରକାଳ ଶ୍ରେୟାର୍ଥୀ। ମାତ୍ର ଏଥି ବିଡ଼ମ୍ବନାକୁ ଅନ୍ତ ଯେ ଅଙ୍ଗ ଶକ୍ତି ଆମ୍ଭମାନଙ୍କ ହୃଦୟସ୍ଥିତ ରଣୋନ୍ମାଦନାରେ ଜାଗରିତ ଦୂରେ ଥାଉ, ଆମ୍ଭମାନଙ୍କ ଜଡ଼ ହୃଦୟକନ୍ଦରରେ ସେ ପ୍ରବେଶ କରିବାକୁ ଅକ୍ଷମ ହେଲା। ବଙ୍ଗ, ତେଲିଙ୍ଗ, ମହାରଟ୍ଟା, ଗୁଜରାଟ, ପଞ୍ଜାବ ଆଜି ଯୁଦ୍ଧକୁ ଯାଇ ଆପଣାର ପ୍ରାଚୀନ ଗୌରବ ଜଗତକୁ ଦେଖାଇବା ଲାଗି ବ୍ୟଗ୍ରବ୍ୟସ୍ତ। ମାତ୍ର ଓଡ଼ିଶା ନୀରବ, ନିସ୍ତବ୍ଧ ଓ ନିଦ୍ରିତ। ଯେଉଁଥିରେ ଜଗତର ଚକ୍ଷୁ ପରିଲକ୍ଷିତ ହେଉନାହିଁ; ସେହି ଦେଶକୁ ପୃଥ୍ୱୀ ନିର୍ଗତ-ବୁଦ୍ଧି ଖ୍ୟାତି ପ୍ରାପ୍ତ କରି ବସିଛୁ। ସେହି ଜାତିର ପ୍ରାଚୀନ ଇତିହାସ କାହିଁ ସେ

ତାହାର ଇତିହାସ ପଢ଼ି ନେଉଛୁ, ଯାହାର ଶିଳ୍ପ ସେ ଯୁଗ କୀର୍ତ୍ତି କାହାଣୀ ସ୍ମରଣ କରି ପୁରାତନରେ ନୂତନକୁ ମିଶାଇ ଆପଣା ଉନ୍ନତି ମାର୍ଗରେ ଧାବିତ ହେଉଛୁ । ଆମ୍ଭମାନଙ୍କୁ ନୂତନ ଇତିହାସ ଗଢ଼ିବାକୁ ପଡ଼ିବ ନାହିଁ । ପୁରାତନ ଗର୍ଭରେ ଆମ୍ଭମାନଙ୍କ ଲାଗି ବସ୍ତୁତ ସାମଗ୍ରୀ ସଞ୍ଚିତ ଅଛି, ସେଗୁଡ଼ିକୁ କାଢ଼ି ପର୍ଯ୍ୟାଲୋଚନା କରି ସମୂଳ ଜାଣିବାକୁ ହେବ ଏବଂ ତହିଁରେ ନୂତନକୁ ମିଶାଇ କାର୍ଯ୍ୟ କରିବାକୁ ହେବ । ଏହି ଉଦ୍ଦେଶ୍ୟରେ ଆଜି ପ୍ରାଚୀନ ଓଡ଼ିଆର ସମର ପ୍ରସଙ୍ଗ ଆଲୋଚନା କରାଯିବ ।

ବୀରତ୍ୱ କଣ ? ଅନ୍ୟର ଅନ୍ୟାୟ ଆକ୍ରମଣରୁ ନିଜକୁ ରକ୍ଷା କରିବା ଲାଗି ମନୁଷ୍ୟ ଯେଉଁ କାର୍ଯ୍ୟ କରେ ତାହାହିଁ ବୀରତ୍ୱ । ଦୁର୍ବଳ ଉପରେ ପ୍ରବଳ ଅତ୍ୟାଚାର କଲେ ଦୁର୍ବଳକୁ ରକ୍ଷା କରିବା ଲାଗି ମନୁଷ୍ୟ ଯେଉଁ କାର୍ଯ୍ୟ କରେ, ତାହା ବୀରତ୍ୱ । ହତ୍ୟା, ଡକାଇତି କରି ବା ମନୁଷ୍ୟହତ୍ୟା କରି ଆପଣାର ସ୍ୱାର୍ଥସିଦ୍ଧି କରିବା, ଅନ୍ୟାୟ ରାଜ୍ୟ ବିସ୍ତାର ଲାଗି ଦୁର୍ବଳ ଉପରେ ଅତ୍ୟାଚାର କରିବା ଇତ୍ୟାଦି କାର୍ଯ୍ୟ ମନୁଷ୍ୟର ବୀରତ୍ୱ ନୁହେ । ଏ ସମସ୍ତ ରାକ୍ଷସୋଚିତ କାର୍ଯ୍ୟ । ଆଜି ଜର୍ମାନ ସମ୍ରାଟ ଦୁର୍ବଳ ଉପରେ ଅତ୍ୟାଚାର କରିବା ଉଦ୍ଦେଶ୍ୟରେ ଯେଉଁ ଅମାନୁଷିକ ପୈଶାଚିକୋଚିତ ଭୟାନକ ଲୋମହର୍ଷଣ କାଣ୍ଡ ଜଗତ ସମକ୍ଷରେ ପ୍ରଦର୍ଶନ କରୁଅଛନ୍ତି, ତାହାକୁ ପ୍ରକୃତ ପକ୍ଷେ ବୀରତ୍ୱ କୁହାଯିବ ନାହିଁ ।

ଆମ୍ଭମାନଙ୍କ ବ୍ରିଟିଶ ସିଂହ ପ୍ରବଳ ଜର୍ମାନ ସମ୍ରାଟ କବଳରୁ କ୍ଷୁଦ୍ର ଦୁର୍ବଳ ରାଜ୍ୟମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଯେଉଁ ନ୍ୟାଯ୍ୟ ଯୁଦ୍ଧରେ ପ୍ରବୃତ୍ତ ହୋଇଛନ୍ତି, ତାହାକୁ ପ୍ରକୃତ ବୀରତ୍ୱ କୁହାଯାଏ । ଆପଣାର ଧନ ଯାଉ, ଜୀବନ ଯାଉ, ସର୍ବସ୍ୱ ଯାଉ ପଛକେ ଦୁର୍ବଳ ରକ୍ଷା ହେଉ, ଦୁର୍ବଳ ଉପରେ ପ୍ରବଳ ଅତ୍ୟାଚାର ନ କରୁ, ଏପରି ଯାହାର ମତ ତାହାହିଁ ଶ୍ରେଷ୍ଠ ବୀରତ୍ୱ । ଏହି ମତ ହିନ୍ଦୁମାନେ ପାଳନ କରିଆସିଥିଲେ ।

ବୀରମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ; ଯଥା—ଧର୍ମବୀର ଓ କର୍ମବୀର । ଧର୍ମରାଜ୍ୟରେ ହେଉ ବା କର୍ମରାଜ୍ୟରେ ହେଉ, ଓଡ଼ିଆ ଜାତି ବୀରତ୍ୱ ଦେଖାଇଥିଲା ଏବଂ ତହିଁର ଚିହ୍ନ ଅଦ୍ୟାପି ଦେଦୀପ୍ୟମାନ ରହିଅଛି ।

ପ୍ରଥମେ ଧର୍ମବୀର ବିଷୟ ଆଲୋଚନା କରାଯାଉ । ହଣ୍ଟର ସାହେବ ତାଙ୍କ ଇତିହାସର ପ୍ରଥମ ଅଧ୍ୟାୟରେ ଓଡ଼ିଆଜାତି ସମ୍ବନ୍ଧେ ଯେଉଁ ଭୂମିକା ଲେଖିଛନ୍ତି, ତାହା ପଢ଼ିଲେ ମନରେ ଦାରୁଣ ବେଦନା ଉପସ୍ଥିତ ହୁଏ । ସେ କହନ୍ତି, 'To the World's roll call of Heroes it will add not one more' । ଏଥିର ସାରମର୍ମ ଏହି ଯେ, ପୃଥିବୀର ବୀରମାନଙ୍କ ମଧ୍ୟରେ ଓଡ଼ିଆ ନାମରେ ଗଣ୍ଡେ ପଡ଼ିବ ନାହିଁ । ସୁତରାଂ ଦେଖିବା ଆବଶ୍ୟକ ଓଡ଼ିଆଜାତି ଟେକ ପଡ଼ିବା ଭଳି କିଛି କାର୍ଯ୍ୟ କରିଛି କି ନା ।

ସୁତରାଂ ଜଗନ୍ନାଥ ଦେଉଳ ଓଡ଼ିଆଜାତିର ପ୍ରଧାନ କୀର୍ତ୍ତି । ଏ ଧର୍ମାନୁଷ୍ଠାନ ଓଡ଼ିଆମାନଙ୍କ ମର୍ମସ୍ପର୍ଶୀ । ଏଠାରେ ସାମ୍ୟମୈତ୍ରୀ ପ୍ରଚଳିତ । ଏଠାରେ ଜାତିଭେଦ ନାହିଁ, ସାନ ବଡ଼ ବିଚାର ନାହିଁ, ଧର୍ମର ନାମରେ ଦାମ୍ଭିକ ବିତଣ୍ଡାବାଦ ନାହିଁ । ସନାତନ ଧର୍ମର 'ଏକ ବ୍ରହ୍ମ ଦ୍ୱିତୀୟୋ ନାସ୍ତି' ମନ୍ତ୍ରାମୃତ ଏଠାରେ ପୂର୍ଣ୍ଣଭାବରେ ଭାସି କରୁଛି । ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ପ୍ରଭୃତି ସାବତୀୟ ଧର୍ମପନ୍ଥାବଲମ୍ବୀମାନେ ଏଠାରେ ନତମସ୍ତକ । ଦଣ୍ଡୀ, ସନ୍ନ୍ୟାସୀ, ଯୋଗୀ ଓ ଗୃହସ୍ଥ ପ୍ରଭୃତି ସକଳ ଶ୍ରେଣୀର ଲୋକ ମୁକ୍ତିଭିକ୍ଷାର୍ଥୀମାନେ ଏଠାରେ ଆଶ୍ରୟ ନେଇ ଶାନ୍ତିଲାଭ କରିଛନ୍ତି ଓ କରୁଛନ୍ତି ଏବଂ ଯାବଚ୍ଚନ୍ଦ୍ରାର୍କେ କରୁଥିବେ । ଭଗବାନ ଗୀତାରେ କହିଛନ୍ତି, "ମତେ ଯେ ଯେପରି ଭାବେ ମୁଁ ତାଙ୍କୁ ସେପରି ପ୍ରାପ୍ତ ହୁଏ ।" ଏ ମହା ଉକ୍ତିର ସାରବତ୍ତା ଏହିଠାରେ ଉପଲବ୍ଧ କରାଯାଏ । ଏପରି ସାର୍ବଜନୀନ ଧର୍ମ ମନ୍ଦିର ପୃଥିବୀରେ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାର୍ବଜନୀନ ଧର୍ମତତ୍ତ୍ୱ ଶିକ୍ଷା ଦେବାଲାଗି ଦେବଦେବ ଜଗନ୍ନାଥ ବିଶାଳ ବାହୁ ପ୍ରସାରଣ କରି ଜଗଦ୍‌ବାସୀଙ୍କି ଆହ୍ୱାନ କରୁଛନ୍ତି, "ପାପୀ, ତାପୀ, ମୂଢ଼ଭକ୍ତ, ଦୁର୍ବୃତ୍ତ, ଧର୍ମନାଶକାରୀ, ସେ ଯେଉଁଠି ଅଛ ଆସ, ଆସ ମୋ କୋଳରେ ଆଶ୍ରୟ ନିଅ, ମୁଁ ତୁମ୍ଭମାନଙ୍କୁ ଆଶ୍ରୟ ଦେବି ।" ଜଗନ୍ନାଥ-ଦେବଙ୍କର କି ଆଶ୍ଚର୍ଯ୍ୟଜନକ ଆକର୍ଷଣୀ ଶକ୍ତି ! କୁମାରିକାଠାରୁ ହିମାଳୟ ପର୍ଯ୍ୟନ୍ତ ପ୍ରଦେଶରୁ ଶତ ଶତ ନୁହେଁ ସହସ୍ର ଲକ୍ଷ ଲକ୍ଷ ଲୋକ ନାନା ବାଧାବିଘ୍ନ ଅତିକ୍ରମ କରି ବହୁ କଷ୍ଟ ସହ୍ୟକରି ଓ ଅର୍ଥବ୍ୟୟ ବ୍ୟୟକରି ଏ ପବିତ୍ର ପୁଣ୍ୟଧାମକୁ ପ୍ରତିଦିନ ପ୍ରଧାବିତ ହେଉଅଛନ୍ତି । ଜଗନ୍ନାଥଦେବଙ୍କ ପାଦପଦ୍ମ ଦର୍ଶନ କରି ଆପଣା ଜୀବନକୁ ଧନ୍ୟ ମନେ କରୁଛନ୍ତି । ଦୋଳଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରା ବେଳେ ପୁରୀ ନଗରରେ ଯେଉଁ ଲୋକ-ସମୁଦ୍ରୋଚ୍ଛ୍ୱାସ ଦେଖାଯାଏ ତାହାହିଁ ଏ ଧର୍ମାନୁଷ୍ଠାନ ମହାତ୍ମ୍ୟର ପରିଚାୟକ । ହିନ୍ଦୁମାନଙ୍କ ସନାତନ ଧର୍ମ ପୃଥିବୀରେ ଏକେ ଧର୍ମ ହେବ ବୋଲି ମହାପୁରୁଷମାନେ କହିଯାଇଛନ୍ତି । ମହାତ୍ମା ବିବେକାନନ୍ଦ ଏ ତତ୍ତ୍ୱର ଆଂଶିକ ପ୍ରମାଣ ଦେଖାଇଛନ୍ତି । ଆଜି ଆମେରିକାର ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ ସାହେବମାନେ ଏହି ସନାତନ ଧର୍ମରେ ଦୀକ୍ଷିତ । ବାବା ପ୍ରେମାନନ୍ଦ ଭାରତୀଙ୍କ ସଙ୍ଗରେ ଜେତେ ଜଣ ସାହେବ ଆସିଥିଲେ ଏବଂ ଏହି ପବିତ୍ର କ୍ଷେତ୍ରରେ କିଛି କାଳ ଅବସ୍ଥାନ କରିଥିଲେ । ବେକରେ ତୁଳସୀମାଳା, ହସ୍ତରେ ଜପମାଳା ଏବଂ ମୁଖରେ "ରାଧେ କୃଷ୍ଣ ରାଧେ କୃଷ୍ଣ"; ଅଥଚ ସାହେବି ପୋଷାକ । ଏ ମୋର ଶୁଣିବାର କଥା ନୁହେଁ, ଚକ୍ଷୁରେ ଦେଖିଛୁ । ଏ ଦୃଶ୍ୟ କଣ ହିନ୍ଦୁଧର୍ମ ପକ୍ଷେ ଗୌରବର ବିଷୟ ନୁହେଁ ? ସନାତନ ଧର୍ମ ବହୁ ଶାଖା-ପ୍ରଶାଖା-ଅନୁଶାଖାବିଶିଷ୍ଟ ସତ; ମାତ୍ର ଯେଉଁ ଆଡ଼ୁ ଦେଖ ମୂଳ ଏକ, ମୂଳରେ କୌଣସି ପ୍ରଭେଦ ନାହିଁ । ପନ୍ଥା ଅନେକ, ମାତ୍ର ଗନ୍ତବ୍ୟ ସ୍ଥାନ ଏକ । ସ୍ୱାମୀ ବିବେକାନନ୍ଦ ଉଚ୍ଚୈଃସ୍ୱରରେ କହିଯାଇଛନ୍ତି କି, ପୃଥିବୀରେ ଯଦି କୌଣସି ଏକ ଧର୍ମ "ସାର୍ବଜନୀନ ଧର୍ମ" ଅର୍ଥାତ୍ Universal religion ହେବାର ସମ୍ଭବ ହେବ, ତେବେ ତାହା ଏହି ସନାତନ ଧର୍ମ ପକ୍ଷରେ ସମ୍ଭବ ଏବଂ ଗୀତା ସାର୍ବଜନୀନ ଧର୍ମପୁସ୍ତକ

ହେବ । ଏବଂ ମୁଁ କହେଁ, "ଜଗନ୍ନାଥ ମନ୍ଦିର ହେବାର ନିତାନ୍ତ ଅସମ୍ଭବ ନୁହେଁ । ସାକାରବାଦୀ, ନିରାକାରବାଦୀ, ବୌଦ୍ଧ, ଜୈନ, ଖ୍ରୀଷ୍ଟାନ, ମୁସଲମାନ, ସ୍ଥୂଳତଃ ପୃଥିବୀର ଯେ କୌଣସି ମତବାଦ ଓ ଧର୍ମାବଲମ୍ବୀ ହୋଇଥାନ୍ତୁ, ସେମାନଙ୍କ ଆଶା ପୂରଣ ଲାଗି ଉପଯୁକ୍ତ ସାମଗ୍ରୀ ଏଠାରେ ଅଛି । କେବଳ ବାଛି ନେଇପାରିଲେ ହେଲା । ଏକଥାକୁ ଗୋଟିଏ ପ୍ରାଚୀନକାଳ ଧର୍ମ ମନ୍ଦିର ସ୍ଥାପନ କରି ଉତ୍କଳୀୟ ଧର୍ମଗୁରୁମାନେ ଯେଉଁ ବିଜୟ ବୈଜୟନ୍ତୀ ପୋତିଥିଲେ ତାହା ଅଦ୍ୟାବଧି ଶ୍ରୀ ବଡ଼ଦେଉଳର ନୀଳଚକ୍ର ଉପରେ ପତାକା ରୂପରେ ଉଡ଼ି ଦୀପ୍ତିମାନ ହୋଇ ଜଗତବାସୀଙ୍କି ଆହ୍ୱାନ କରୁଅଛି । ଜଗତବାସୀ ଅବଶ୍ୟ ଦିନେ ଏ ଡାକ ଶୁଣିବେ ଏବଂ ହଣ୍ଟର ସାହେବଙ୍କ ଭବିଷ୍ୟତୋକ୍ତି ଅଳୀକତାରେ ପରିଣତ ହେବ ।

ମହାତ୍ମା ଚୈତନ୍ୟ ଜଣେ ଅନ୍ୟତମ ଧର୍ମଗୁରୁ । ପଞ୍ଚଦଶ ଶତାବ୍ଦୀରେ ଏ ମହାତ୍ମାଙ୍କର ଆବିର୍ଭାବ ହୋଇଥିଲା । ଭଗବାନ କହିଛନ୍ତି, "ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ, ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ" । ଇତିହାସ ଦେଖିଲେ ଏ ତଥ୍ୟ ପ୍ରମାଣିତ ହୋଇଥିବାର ଭୂରି ଭୂରି ପ୍ରମାଣ ମିଳେ । ଯେତେବେଳେ ପୃଥିବୀ ପାପଭାରାକ୍ରାନ୍ତ ହୋଇଛି, ସେତେବେଳେ ଭଗବାନ ନରଦେହ ଧାରଣ କରି ସେ ଭାର ହରଣ କରିଛନ୍ତି । ଏହି କାରଣରୁ ମଧ୍ୟ ଶ୍ରୀଚୈତନ୍ୟଙ୍କର ଅବତାର ହୋଇଥିଲା । ଶାକ୍ତ ଧର୍ମର ଅପବ୍ୟବହାର ଦ୍ୱାରା ବଙ୍ଗଦେଶ ଛାରଖାର ହୋଇଥିଲା । ମହାତ୍ମା ଚୈତନ୍ୟ ସ୍ୱୀୟ ପ୍ରେମଭକ୍ତି ବଳରେ ତାହା ଦୂର କରି ସେଠାରେ ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ । ସେ ମହାତ୍ମା କିଏ, ପାଠକମାନେ ଜାଣନ୍ତି କି ? ଅନେକଙ୍କର ଧାରଣା ସେ ବଙ୍ଗାଳୀ ଥିଲେ । ମାତ୍ର ଏ ଧାରଣା ଭ୍ରମମୂଳକ । ସନ୍ନ୍ୟାସ ଧର୍ମ ଗ୍ରହଣ କରିବା ପୂର୍ବରୁ ତାଙ୍କ ନାମ ବିଶ୍ୱମ୍ଭର ମିଶ୍ର ଥିଲା । ଜଗନ୍ନାଥ ମିଶ୍ର ବିଶ୍ୱମ୍ଭରଙ୍କ ପିତା ଥିଲେ । ଜଗନ୍ନାଥ ମିଶ୍ରଙ୍କ ବଂଶ ଏହି ଉତ୍କଳ ଭୂମିର ଯାଜପୁର ଗ୍ରାମରେ ବାସ କରୁଥିଲେ ଏବଂ ସେମାନେ ବଇଦିକ ଓଡ଼ିଆ ବ୍ରାହ୍ମଣ ଥିଲେ । ଓଡ଼ିଶା ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ଏ ବଂଶର ରାଜାଙ୍କ ସହିତ ମନୋମାଳିନ୍ୟ ହେବାରୁ ଓଡ଼ିଶାରୁ ଉଠିଯାଇ ଶ୍ରୀହଟ୍ଟ ଜିଲ୍ଲାରେ ବାସ କଲେ । କପିଳେନ୍ଦ୍ର ଦେବଙ୍କର ଅପର ନାମ ଭ୍ରମରବରଦେବ ଥିଲା । କପିଳେନ୍ଦ୍ର ଦେବ ୧୪୫୨ ଖ୍ରୀଷ୍ଟାବ୍ଦରୁ ୧୪୭୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଶ୍ରୀଚୈତନ୍ୟ ୧୪୦୭ ଶକାବ୍ଦ ଅର୍ଥାତ୍ ୧୪୮୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏଥିରୁ ଜଣାଯାଏ ଯେ ଚୈତନ୍ୟ ଜନ୍ମଗ୍ରହଣ କରିବାର ପୂର୍ବ ୩୧ ବର୍ଷ ମଧ୍ୟରେ ତାହାଙ୍କ ପୂର୍ବ ବଂଶଧର ଓଡ଼ିଶାରୁ ବିତାଡ଼ିତ ହୋଇ ବଙ୍ଗାଳାକୁ ଯାଇଥିଲେ । ଶ୍ରୀଚୈତନ୍ୟ ୨୪ ବର୍ଷ ବୟସରେ ସନ୍ନ୍ୟାସୀ ହେଲେ ଏବଂ ଅବ୍ୟବହିତ ପରେ ପୁରୀଧାମକୁ ଆସି କାଶୀମିଶ୍ରଙ୍କ ଗୃହରେ ବାସ କରି ୧୮ ବର୍ଷ କାଳ ଏହି ସ୍ଥାନରେ ଲୀଳା ଖେଳା କରି ଅନ୍ତର୍ଦ୍ଧାନ ହେଲେ । ଚୈତନ୍ୟ ୧୫୦୯ ଖ୍ରୀଷ୍ଟାବ୍ଦରେ ପୁରୀରେ ଆସି ଅବସ୍ଥାନ କଲେ । ସୁତରାଂ ଚୈତନ୍ୟ ପୁରୀକୁ ଆସିବା ପୂର୍ବରୁ ସେ ଓ ତାଙ୍କ ପୂର୍ବ ବଂଶଧର କେବଳ ୨୫ ବର୍ଷ

ବଙ୍ଗଳାରେ ବାସକରୁଥିଲେ । ଏତେ ଅଳ୍ପକାଳ ମଧ୍ୟରେ ଚୈତନ୍ୟଙ୍କୁ ବଙ୍ଗାଳୀ ବୋଲି କୁହାଯିବ କାହିଁକି । ସେହି ବଙ୍ଗୀୟମାନେ ଚୈତନ୍ୟଙ୍କ ସମୟରୁ ଓଡ଼ିଶାକୁ ଆସି ଏଠାରେ ବସତି ସ୍ଥାପନ କରିଛନ୍ତି ଏବଂ ବଙ୍ଗଳାର ମାୟା-ମମତା ଭୁଲିଯାଇ ଚିରକାଳ ନିମନ୍ତେ ତ୍ୟାଗ କରି ଓଡ଼ିଶାରେ ରହୁଛନ୍ତି, ସେମାନେ ଆଜି ଆପଣାକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଇଚ୍ଛୁକ ନୁହନ୍ତି । ଜାତୀୟତାର ଏତେଦୂର ଟାଣ ଓ ମମତା ! ଚୈତନ୍ୟଙ୍କୁ ବଙ୍ଗାଳୀ କହିବାର କିଛିମାତ୍ର କାରଣ ନାହିଁ । ଚୈତନ୍ୟ ଓଡ଼ିଶାକୁ ଆସି ଜାତୀୟତାର ପୂର୍ଣ୍ଣ ପରିଚୟ ଦେଇଛନ୍ତି । ଓଡ଼ିଆ ଜଗନ୍ନାଥ ଦାସ ଓ ରାୟ ରାମାନନ୍ଦ ପ୍ରତି ପ୍ରଭୁ ଯେଉଁ ଜାତୀୟ ପ୍ରୀତି ପ୍ରଦର୍ଶନ କରିଥିଲେ ଏବଂ ଓଡ଼ିଆଙ୍କ ପ୍ରତି ତାଙ୍କର ଏପ୍ରକାର ବ୍ୟବହାର ଦ୍ୱାରା ତାଙ୍କ ସଙ୍ଗୀ ବଙ୍ଗୀୟ ବୈଷ୍ଣବମାନେ ଯେପରି କ୍ଷୁବ୍ଧ ହୋଇଥିଲେ, ତାହା ଜଗନ୍ନାଥ-ଚରିତାମୃତରେ ବିଶଦଭାବେ ବର୍ଣ୍ଣିତ ଅଛି ଏବଂ ଜୟଦେବଙ୍କ ସମ୍ପର୍କରେ ତହିଁର ପୂର୍ଣ୍ଣ ପରିଚୟ ଦିଆଯାଇଛି । ଚୈତନ୍ୟ ବଙ୍ଗରେ ଜନ୍ମଗ୍ରହଣ କରି ଓ ବଙ୍ଗୀୟ ସହପାଠୀମାନଙ୍କ ସହିତ ଅଧ୍ୟୟନ ଏବଂ ବଙ୍ଗୀୟ ଗ୍ରାମବାସୀମାନଙ୍କ ସଂସର୍ଗରେ ରହି ବଙ୍ଗଳାଭାଷାକୁ ଅଭ୍ୟାସ କରିଥିବା ବିଷୟ ଚୈତନ୍ୟ-ଭାଗବତ ପ୍ରଭୃତି ଗ୍ରନ୍ଥରୁ ପୂର୍ଣ୍ଣ ପରିଚୟ ମିଳେ । କିନ୍ତୁ ସୂକ୍ଷ୍ମାଲୋଚନା କରି ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ଚୈତନ୍ୟ ସେତେବେଳକୁ ଓଡ଼ିଆଭାଷା ଏକାବେଳକେ ଭୁଲିଯାଇ ନ ଥିଲେ । ଚୈତନ୍ୟ ଭାଗବତ ଓ ଚରିତାମୃତରେ ଜଣା ଓଡ଼ିଆ ଶବ୍ଦ ବ୍ୟବହୃତ ହୋଇଥିବାର ଦେଖାଯାଏ ଏବଂ ସେ ଶବ୍ଦଗୁଡ଼ିକ ଚୈତନ୍ୟଙ୍କ ଉକ୍ତି ମଧ୍ୟରେ ସନ୍ନିବେଶିତ ହୋଇଅଛି । ଦୃଷ୍ଟାନ୍ତ ସ୍ୱରୂପ କେତେଗୋଟି ଶବ୍ଦ ଲେଖାଗଲା—ପଣସୁଣ୍ଡା, ତୋଟା, ଓଝ, କଦଡ଼ଲ୍ଲ, ଦକୁର, ଆଣ୍ଠିଆ, ଭଣ୍ଡାର (କ୍ଷୌର), ସମ୍ଭାଳ, ଖରଡ଼ା, ଝଣ୍ଟ, ଦୃଢ଼ ଭତ୍ୟାର । ଚୈତନ୍ୟ ଓଡ଼ିଆ ଥିବାର ଏସବୁ ଐତିହାସିକ ପ୍ରମାଣ ଏବଂ "ବଙ୍ଗଭାଷା ଓ ସାହିତ୍ୟ" ପୁସ୍ତକ ଲେଖକ ୮ ଦୀନେଶଚନ୍ଦ୍ର ସେନ ମହାଶୟ ତାହାଙ୍କ ପୁସ୍ତକର ୨୨୧ ପୃଷ୍ଠାରେ ଏ ସତ୍ୟ ସ୍ୱୀକାର କରିଛନ୍ତି । ଧର୍ମବୀର ପ୍ରଭୁ ଶ୍ରୀଚୈତନ୍ୟ ଯେଉଁ ପ୍ରେମରସାମୃତ ସ୍ରୋତ ପ୍ରବାହିତ କରିଦେଇଅଛନ୍ତି, ଆଜିପର୍ଯ୍ୟନ୍ତ ଲୋକେ ସେ ସ୍ରୋତରେ ଭାସମାନ ହେଉଛନ୍ତି । ଉତ୍କଳ ପକ୍ଷେ ଏହା କମ୍ ଗୌରବର ବିଷୟ ନୁହେ ।

ଅନ୍ୟାନ୍ୟ ଉତ୍କଳୀୟ ଧର୍ମବୀରମାନେ ବିଦେଶରେ ବିଜୟ-ପତାକା ଉଡ଼ାଇ ନ ଥିଲେ ମଧ୍ୟ ସ୍ୱଦେଶରେ ଆପଣା କାର୍ଯ୍ୟଦ୍ୱାରା ଧର୍ମ ରକ୍ଷା କରିଯାଇଛନ୍ତି । ଧର୍ମବୀର ଭକ୍ତାଗ୍ରଣୀ ଶ୍ରୀ ଜଗନ୍ନାଥ ଦାସ ଭାଗବତକୁ ଓଡ଼ିଆଭାଷାରେ ଅନୁବାଦ କରି ଲୋକସାଧାରଣଙ୍କୁ ଭାଗବତରସାମୃତ ପାନ କରାଇ ଧର୍ମରକ୍ଷା କରିଯାଇଅଛନ୍ତି । ମଧ୍ୟ ବଳରାମ ଦାସ, ଅଚ୍ୟୁତ, ଅନନ୍ତ ପ୍ରଭୃତି ଧର୍ମବୀରମାନେ ସ୍ୱଦେଶରେ ଧର୍ମରକ୍ଷା କରିବା ଉଦ୍ଦେଶ୍ୟରେ ଯଥେଷ୍ଟ କାର୍ଯ୍ୟ କରିଯାଇଛନ୍ତି । ଏମାନେ ବିଦେଶରେ ସ୍ୱମତ ପ୍ରଚାର କରି ନ ଥିଲେହେଁ ଆତ୍ମରକ୍ଷା କରିବାଲାଗି ପ୍ରକୃତ ବୀରତ୍ୱ ଦେଖାଇଯାଇଛନ୍ତି । ଆଜି ଜଗନ୍ନାଥ, ବଳରାମ ଓ ଯଶୋବନ୍ତାଦିଙ୍କ ନାମ ପ୍ରତି ପଲ୍ଲୀରେ ପ୍ରତିଧ୍ୱନିତ ହେଉଅଛି । ଏମାନେ ବୀରତ୍ୱ ଦେଖାଇ ନ ଥିଲେ

ଲୋକସାଧାରଣ ଧର୍ମୋପଦେଶ ଶ୍ରବଣରୁ ବଞ୍ଚିତ ହୋଇ ପଥଭ୍ରଷ୍ଟ ହୋଉଥାନ୍ତେ । ସୁତରାଂ ଦେଖାଯାଏ ଯେ ଧର୍ମକାର୍ଯ୍ୟରେ ଓଡ଼ିଆମାନେ ବାହାଦୁରି ଦେଖାଇବାରେ ତ୍ରୁଟି କରି ନ ଥିଲେ ।

ଶିଳ୍ପକାର୍ଯ୍ୟରେ ଓଡ଼ିଆମାନେ କପରି ବାହାଦୁରି ଦେଖାଇଥିଲେ, ଦେଖାଯାଉ । ଶିଳ୍ପର ନାନା ବିଷୟ ଅଛି । ଶିଳ୍ପବିଷୟରେ ଓଡ଼ିଆମାନେ ଯେଉଁପରି ବାହାଦୁରି ଦେଖାଇଥିଲେ ତାହା ନଗରବର୍ଣ୍ଣନା ଏବଂ ଶିଳ୍ପାଧ୍ୟାୟରେ ତାହାର ପରିଚୟ ଦେଇଅଛୁଁ । କେବଳ ସ୍ଥାପତ୍ୟକାର୍ଯ୍ୟରେ ଓଡ଼ିଆମାନେ ଯେଉଁ ଶିଳ୍ପନୈପୁଣ୍ୟ ଓ କଳାକୁଶଳତା ଦେଖାଇଅଛନ୍ତି, ତାହା ଅଦ୍ୟାପି ଭୁବନେଶ୍ୱର ଏବଂ କୋଣାର୍କ ଦେଉଳରେ ଜୀବନ୍ତ ଭାବରେ ବିଦ୍ୟମାନ ଅଛି । ଆଜି ସେହି ବାହାଦୁରି-କାରି-କୀର୍ତ୍ତିସ୍ତମ୍ଭକୁ ଦେଖିବା ଲାଗି ଦେଶ-ବିଦେଶରୁ ଲୋକେ ଆସି ଦେଖି ଆପଣାର ନୟନ-ମନ ତୃପ୍ତ କରୁଅଛନ୍ତି ଓ ମୁକ୍ତକଣ୍ଠରେ ବାହାଦୁରି କାହାଣୀ କୀର୍ତ୍ତନ କରୁଅଛନ୍ତି ।

ସାହିତ୍ୟ ବିଷୟରେ ଓଡ଼ିଆ କବିମାନେ ଯେଉଁ ବାହାଦୁରି ଦେଖାଇଅଛନ୍ତି ତହିଁର ବିଶେଷ ବିବରଣୀ ସାହିତ୍ୟାଧ୍ୟାୟରେ ଦେଖାଇ ଦିଆଯାଇଛି । ଫଳତଃ ପ୍ରାଚୀନ ପ୍ରାଦେଶିକ ସାହିତ୍ୟମାନଙ୍କ ତୁଳନାରେ ଓଡ଼ିଆ ସାହିତ୍ୟ କୌଣସି ଅଂଶରେ ନିକୃଷ୍ଟ ନୁହେଁ; ବରଂ ଅନେକାଂଶରେ ଶ୍ରେଷ୍ଠ । ଓଡ଼ିଆ ସାହିତ୍ୟର ଶବ୍ଦଲେଖା ପ୍ରଣାଳୀ ସମ୍ପୂର୍ଣ୍ଣ ନୂତନ ଧରଣର । ଅନ୍ୟ କୌଣସି ପ୍ରାଦେଶିକ ସାହିତ୍ୟରେ ଏପରି ଲେଖା ଅଛି କି ନା ସନ୍ଦେହ । ସାହିତ୍ୟାକାଶର ଉପେନ୍ଦ୍ର, ଭଞ୍ଜ, ସାମନ୍ତସିଂହାର, ଦୀନକୃଷ୍ଣ ପ୍ରଭୃତି ଧ୍ରୁବ ତାର ନ ଥିଲେ ଏ ବିଷୟରେ ଓଡ଼ିଆଙ୍କ ନାମରେ ଡଙ୍କ ପଡ଼ି ନ ଥାନ୍ତା । ଏମାନଙ୍କ ରଚିତ ପୁସ୍ତକମାନ ଭାଷାନ୍ତରରେ ପ୍ରକାଶିତ ହେଲେ ଜଗତବାସୀ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠତ୍ୱ, ମହତ୍ତ୍ୱ ଓ ଗୁଣ ଉପଲବ୍ଧି କରିପାରିବେ ଏବଂ କବିମାନଙ୍କ ବାହାଦୁରି ବିଷୟ ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଯୁଦ୍ଧବିଦ୍ୟାରେ ଓଡ଼ିଆମାନେ ଖୁବ୍ ବାହାଦୁରି ଦେଖାଇ ନ ଥିଲେ । କୌଣସି ନିର୍ଦ୍ଦିଷ୍ଟ ବିଷୟ ଆଲୋଚନା କରିବାକୁ ହେଲେ ଦେଶ-କାଳ-ପାତ୍ରାନୁଯାୟୀ ବିଚାର ଆବଶ୍ୟକ । ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ପ୍ରାଚୀନ କଥାର ବିଚାର କଲେ ଚଳିବ ନାହିଁ । ବର୍ତ୍ତମାନ ଇଉରୋପୀୟ ମହାସମରର ବିଷୟ ଯେଉଁମାନେ ପାଠ କରୁଛନ୍ତି, ସେମାନେ ମନେ କରିବେ ଯେ ଓଡ଼ିଆମାନେ ଏପରି ସମରକୌଶଳ କେବେ ଦେଖାଇ ନ ଥିଲେ । ତେବେ ଯୁଦ୍ଧବିଦ୍ୟାରେ କି ଉନ୍ନତି କରିଥିଲେ । ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଓଡ଼ିଆମାନେ ଜଳରେ ବୁଡ଼ିବା, ଆକାଶରେ ଉଡ଼ିବା ପ୍ରଭୃତି ଆଶ୍ଚର୍ଯ୍ୟଜନକ ଯନ୍ତ୍ର ଆବିଷ୍କାର କରିଥିବାର ପ୍ରମାଣ ମିଳୁନାହିଁ । ମାତ୍ର ଏହା ବର୍ତ୍ତମାନ ପ୍ରଶ୍ନର ସମୀଚୀନ ଉତ୍ତର ହେବ ନାହିଁ ।

ମନୁଷ୍ୟଜାତି ଯୁଦ୍ଧରେ ପ୍ରବୃତ୍ତ ହୁଏ କାହିଁକି ? ମନୁଷ୍ୟଜାତି ପ୍ରଥମେ ଯେତେବେଳେ ବସତି କରିବାକୁ ଆରମ୍ଭ କଲା, ତେତେବେଳେ କୌଣସି ନିର୍ଦ୍ଦିଷ୍ଟ ଭୂଖଣ୍ଡ କୌଣସି ନିର୍ଦ୍ଦିଷ୍ଟ

ତାହାର ସ୍ୱତ୍ୱ ସମ୍ପତ୍ତି ହୋଇ ନିର୍ଦ୍ଧାରିତ ହୋଇ ନଥିଲା । କାଳକ୍ରମେ ମନୁଷ୍ୟଜାତି ଆପଣା ଆପଣା ସୁଯୋଗ ସୁବିଧା ଅନୁସାରେ ଖଣ୍ଡେ ଖଣ୍ଡେ ଭୂଖଣ୍ଡ ମାଡ଼ିବସିଲା ଏବଂ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ନାମରେ ସେହି ସେହି ଭୂଖଣ୍ଡର ନାମକରଣ କଲା । ଅଧିକୃତ ଭୂଖଣ୍ଡର ଲୋକମାନେ ସ୍ଥାନର ନାମାନୁସାରେ ଆପଣାକୁ ସେହି ନାମରେ ପରିଚୟ ଦେଲେ । ପ୍ରତ୍ୟେକ ଅଧିକୃତ ଭୂଖଣ୍ଡର ଲୋକମାନଙ୍କ ଭାଷା ପୃଥକ୍, ଆଚାର-ବ୍ୟବହାର ପୃଥକ୍ ଏବଂ ଜଳବାୟୁ ଉପଯୋଗୀ ଖାଦ୍ୟସାମଗ୍ରୀ ପୃଥକ୍ ହୋଇପଡ଼ିଲା । କ୍ରମେ ମାନବ ଗୋଟିଏ ଜାତିରୁ ଅନେକ ଜାତିରେ ପରିଣତ ହେଲା । ଯେ ଯେଉଁ ସ୍ଥାନରେ କିଛିକାଳ ବାସକଲା, ସେ ସ୍ଥାନ ପ୍ରତି ତାହାର ମାୟା-ମମତା, ସ୍ନେହ ଓ ଆଦର ଜାତ ହେଲା । ଏକ ସ୍ଥାନରେ ରହିବା ଲୋକମାନଙ୍କ ମନରେ ପରସ୍ପର ପ୍ରତି ମାୟା-ମମତା ସୋଦର-ସ୍ନେହ ଜାତ ହୋଇ ଏକତା ସ୍ଥାପିତ ହେଲା । କ୍ରମେ ସାମାଜିକ ନିୟମମାନ ବଦ୍ଧବଳ ହେଲା, ସମାଜରେ ଶୃଙ୍ଖଳା ସ୍ଥାପିତ ହେଲା ଏବଂ ସାମାଜିକ ନିୟମ ଓ ଶୃଙ୍ଖଳା ରକ୍ଷା କରିବା ଲାଗି ରାଜାର ସୃଷ୍ଟି ହେଲା । ରାଜାଦେଶରେ ସକଳ କାର୍ଯ୍ୟ ପରିଚାଳିତ ହେଲା । କାଳକ୍ରମେ ଲୋକମାନଙ୍କ ବୁଦ୍ଧିର ବିକାଶ ହେଲା, ଜ୍ଞାନ ପ୍ରସାରିତ ହେଲା ଏବଂ ତହିଁ ସଙ୍ଗେ ସଙ୍ଗେ ମନୁଷ୍ୟ ସୁଖାନ୍ୱେଷଣ କରିବାକୁ ଆରମ୍ଭ କଲା । ସୁଖାନ୍ୱେଷଣ ପ୍ରବୃତ୍ତି ବୃଦ୍ଧି ହେବାରୁ ମନୁଷ୍ୟର ଅଭାବ କ୍ରମେ ବୃଦ୍ଧି ହେଲା । ସୁତରାଂ ମନୁଷ୍ୟ ତାତ୍କାଳିକ ଅବସ୍ଥାରେ ସନ୍ତୁଷ୍ଟ ନ ରହି ଆପଣା ବାସନା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଦୁର୍ବଳ ଉପରେ ଅତ୍ୟାଚାର କରିବାକୁ ଆରମ୍ଭ କଲା । ଏହି ସମୟ ବଡ଼ ବିଷମ ସମୟ । ଏ ସମୟରେ ଦୁର୍ବଳର ଆତ୍ମରକ୍ଷା କରିବାର ଚେଷ୍ଟା ଏବଂ ପ୍ରବଳର ଦୁର୍ବଳକୁ ନିପୀଡ଼ିତ କରି ଆପଣା ଅଭାବ ପୂରଣ କରିବାର ଚେଷ୍ଟା, ଏହି ଉଭୟ ଚେଷ୍ଟା ମଧ୍ୟରେ ଯେଉଁ ଘାତ-ପ୍ରତିଘାତ ଲାଗିଲା ତାହାହିଁ ଯୁଦ୍ଧପ୍ରବୃତ୍ତି ଏବଂ ଏହି ପ୍ରବୃତ୍ତିକୁ କାର୍ଯ୍ୟରେ ପରିଣତ କରିବା ଲାଗି ଯେଉଁ କାର୍ଯ୍ୟ କରାଯାଏ ତାହା ଯୁଦ୍ଧକାର୍ଯ୍ୟ । ଯେଉଁ ଜାତିର ଯେତେବେଳେ ଏହି ପ୍ରବୃତ୍ତି ଯେତେ ବୃଦ୍ଧି ହୋଇଅଛି, ସେ ତାହାର ବାସନା ଚରିତାର୍ଥ କରିବା ଲାଗି ସେତେ ନୂତନ ନୂତନ ଉପାୟମାନ ଉଦ୍ଭାବନ କରିଛି ଏବଂ ଆପଣାର କୃତିତ୍ୱ ଦେଖାଇଛି ।

ବହିର୍ଜଗତର ଘଟଣା ସମ୍ବନ୍ଧରେ ଯାହା ସତ୍ୟ, ଅନ୍ତର୍ଜଗତରେ ମଧ୍ୟ ସେହି ନିୟମ କାର୍ଯ୍ୟ କରୁଛି । ପ୍ରତ୍ୟେକ ମନୁଷ୍ୟଠାରେ ଦୁଇଟି ପ୍ରକୃତି ପରିଲକ୍ଷିତ ହୁଏ—ଆଧ୍ୟାତ୍ମିକ ପ୍ରବୃତ୍ତି ଓ ପାର୍ଥିବ ପ୍ରବୃତ୍ତି । ଆଧ୍ୟାତ୍ମିକ ପ୍ରବୃତ୍ତି ପ୍ରବଳ ହେଲେ ସେ ପାର୍ଥିବ ପ୍ରବୃତ୍ତିକୁ ଦମନ କରି ଆଧ୍ୟାତ୍ମିକ ଜଗତରେ ଉନ୍ନତ ହେବାର ଇଚ୍ଛା କରେ ଏବଂ ପାର୍ଥିବ ପ୍ରବୃତ୍ତି ପ୍ରବଳ ହେଲେ ସେ ଆଧ୍ୟାତ୍ମିକ ପ୍ରବୃତ୍ତିକୁ ଦମନ କରି ପାର୍ଥିବ-ଜଗତରେ ଉନ୍ନତ କରିବାରେ ମନ ବଳାଏ । ଆଧ୍ୟାତ୍ମିକ ମାର୍ଗରେ ଗମନ କଲେ ଲୋକ ଈଶ୍ୱରଭକ୍ତି ପରାୟଣତା କରିବାରେ ପ୍ରବୃତ୍ତ ହୁଏ ଏବଂ ଈଶ୍ୱରପ୍ରାପ୍ତି ହିଁ ତାହାର ଚରମ ସୀମା । ପାର୍ଥିବ ମାର୍ଗରେ ଗମନ କଲେ ଲୋକ ଧନତୃଷ୍ଣାରେ ମଗ୍ନ ହୁଏ ଏବଂ ଛଳ-ବଳ-କୌଶଳେ ଧନାର୍ଜ୍ଜନ କରି

ଐଶ୍ୱର୍ଯ୍ୟ ଭୋଗ କରିବା ହିଁ ତାହାର ଚରମ ସୀମା । ମାନବର ଅନ୍ତର୍ଜଗତ ମଧ୍ୟରେ ଏହି ଯୁଦ୍ଧ ଚିରକାଳ ଲାଗିଛି । ଏହାହିଁ ପ୍ରକୃତରେ ଦେବାସୁର ଯୁଦ୍ଧ । ଗୁଣର ତାରତମ୍ୟ ଅନୁସାରେ ଏହି ପ୍ରବୃତ୍ତିର ତାରତମ୍ୟ ହୁଏ । ପ୍ରତ୍ୟେକ ଲୋକ ସତ୍ତ୍ୱ, ରଜ ଓ ତମ ଗୁଣାଧୀନ । ସତ୍ତ୍ୱଗୁଣାଧିକଙ୍କରେ ଅଧ୍ୟାତ୍ମିକ ପ୍ରବୃତ୍ତିର ପ୍ରବଳତା ଏବଂ ଗୁଣାଧିକ୍ୟରେ ଆସୁରିକ ବା ପାର୍ଥିବ ପ୍ରବୃତ୍ତିର ପ୍ରବଳତା ହୁଏ ।

ଏହି ନୈସର୍ଗିକ ନିୟମାନୁସାରେ ଜଗତ୍ ପରିଚାଳିତ । ଜନ୍ମବିକାଶ ଜଗତର ନିୟମ । ଯୁଦ୍ଧବିଦ୍ୟା ସମ୍ବନ୍ଧରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ । ସୁତରାଂ ପ୍ରାଚୀନ ଉତ୍କଳର ଯୁଦ୍ଧବିଦ୍ୟା ବିଷୟରେ ଆଲୋଚନା କରିବାକୁ ହେଲେ ଉତ୍କଳର ତତ୍କାଳୀନ ଅବସ୍ଥା ଓ ଯୁଦ୍ଧନିୟମ ପ୍ରତି ଦୃଷ୍ଟି ଦେବାକୁ ହେବ । ଏହି ନିୟମ ନିକଟରେ ତତ୍କାଳ ଓଡ଼ିଆମାନଙ୍କର ଯୁଦ୍ଧବୀରତ୍ୱ ଗୌରବ ପରୀକ୍ଷା କରିବାକୁ ହେବ ।

ମାଦଳାପାଞ୍ଜିରୁ ଦେଖାଯାଏ ଯେ ଶକ ଜାତି ଓଡ଼ିଶା ଆକ୍ରମଣ କରି ଜୟୀ ହୋଇ ୩୦ ବର୍ଷ କାଳ ଆଧିପତ୍ୟ ବିସ୍ତାର କରିଥିଲେ । ମାତ୍ର ଶାର ବିକ୍ରମଜିତ ରାଜାଙ୍କଦ୍ୱାରା ପରାସ୍ତ ହୋଇଥିଲେ । ସେହି ବିକ୍ରମଜିତ ଶକମାନଙ୍କୁ ମାରି ଜୟ ଏବଂ ସ୍ମାରକଚିହ୍ନ ସ୍ୱରୂପ ଶକାବ୍ଦ ବର୍ଷ ଆରମ୍ଭ କରି ପାଞ୍ଜିରେ ଲେଖିଲେ । ଶାର ବିକ୍ରମଜିତ ଓଡ଼ିଶାରେ ୪୦ ବର୍ଷ ରାଜତ୍ୱ କରିଥିଲେ । ଓଡ଼ିଆମାନଙ୍କ ସ୍ୱତନ୍ତ୍ର କାହାଣୀ ପ୍ରଥମେ ଏହି ଘଟଣାରୁ ପରିଚୟ ମିଳେ । ମାତ୍ର ହଣ୍ଟର ସାହେବଙ୍କ ଇତିହାସରୁ ଜଣାଯାଏ ଯେ ବଜ୍ରଦେବଙ୍କ ରାଜତ୍ୱ ସମୟରେ ଦଲ୍ଲୀ ଓ କାବୁଲର ଯବନମାନେ ଆସି ଓଡ଼ିଶା ଆକ୍ରମଣ କରି ଓଡ଼ିଆମାନଙ୍କଦ୍ୱାରା ପରାସ୍ତ ହୋଇଥିଲେ । ବଜ୍ରଦେବ ଖ୍ରୀଷ୍ଟପୂର୍ବ ୫୩୮ ଠାରୁ ୪୨୧ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ମାନକୃଷ୍ଣ ଦେବଙ୍କ ରାଜତ୍ୱ ସମୟରେ କାଶ୍ମୀର ଦେଶରୁ ଯବନମାନେ ଆସି ଓଡ଼ିଶା ଆକ୍ରମଣ କଲେ ଏବଂ ଓଡ଼ିଆମାନଙ୍କଦ୍ୱାରା ପରାସ୍ତ ହେଲେ । ମାନକୃଷ୍ଣଦେବ ଖ୍ରୀଷ୍ଟପୂର୍ବ ୩୦୭ ଠାରୁ ୧୮୪ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଭୋଜଦେବ ଖ୍ରୀଷ୍ଟପୂର୍ବ ୧୮୪ ଠାରୁ ୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ରାଜତ୍ୱ ସମୟରେ ଯବନମାନେ ଓଡ଼ିଶା ଆକ୍ରମଣ କରି ପରାସ୍ତ ହୋଇଥିଲେ । ଏହାଙ୍କ ପରେ ଶାର ବିକ୍ରମଜିତ ବା ଶକାଦିତ୍ୟ ଖ୍ରୀଷ୍ଟ ୫୭ ଅବ୍ଦଠାରୁ ୭୮ ଅବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମାଦଳାପାଞ୍ଜି ସହିତ ହଣ୍ଟର ସାହେବଙ୍କ ଗଣନାର ଅମେଳ ଦେଖାଯାଏ । ଉପରେ କହିଛୁ, ମାଦଳାପାଞ୍ଜି ଅନୁସାରେ ଏହାଙ୍କର ଜନ୍ମକାଳ ୪୦୪ ବର୍ଷ; ମାତ୍ର ହଣ୍ଟର ସାହେବଙ୍କ ଅନୁସାରେ ୨୧ ବର୍ଷ । ସୁତରାଂ ଖ୍ରୀଷ୍ଟପୂର୍ବ ୫୩୮ ବର୍ଷ ଅର୍ଥାତ୍ ଆଜିଠାରୁ ୨୪୦୦ ବର୍ଷ ପୂର୍ବରୁ ଓଡ଼ିଆଙ୍କ ସ୍ୱତନ୍ତ୍ର କାହାଣୀ ଇତିହାସରୁ ପ୍ରମାଣିତ ହେଉଅଛି । ମାତ୍ର ହଣ୍ଟର ସାହେବଙ୍କ ଗଣନାରେ ଭ୍ରମ ଥିବା ବିଷୟ ପରେ ଅନ୍ୟ ଅଧ୍ୟାୟରେ ଆଲୋଚନା କରାଯିବ । କିନ୍ତୁ ୨୫୦୦ ବର୍ଷ ପୂର୍ବରୁ ଓଡ଼ିଆମାନେ ସ୍ୱତନ୍ତ୍ର ଦେଖାଉଥିବାର ନିଃସନ୍ଦେହରେ ବୁଝାଯିବ ।

ଶୋଭନଦେବଙ୍କ ରାଜତ୍ୱ ସମୟରେ ରକ୍ତବାହୁ ସମୁଦ୍ରପଥରେ ଆସି ଓଡ଼ିଶା ଆକ୍ରମଣ କଲା ଏବଂ ଶୋଭନଦେବ ୩୧୯ ଖ୍ରୀଷ୍ଟାବ୍ଦରୁ ୩୨୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମାଦଳାପାଞ୍ଜିରେ ଲେଖାଅଛି ଯେ ଏହି ରାଜାଙ୍କ ୨ ଅଙ୍କରେ ଦଲ୍ଲୀରୁ ରକ୍ତବାହୁ ଆସି ଓଡ଼ିଶା ଆକ୍ରମଣ କଲା । ଏ ରାଜାଙ୍କ ଅମଳରେ ଘୋର ଯୁଦ୍ଧ ହୋଇଥିଲା । ମାଦଳାପାଞ୍ଜି କହେ, "ରକ୍ତବାହୁ ଆସିବା ବାର୍ତ୍ତା ପାଇ ପରମେଶ୍ୱରଙ୍କୁ ସୁନପୁର ଗୋପନେ ନେଇଗଲେ । ସେଠାରେ ମଣ୍ଡପ କରାଇ ରଖେ ରହାଇଲେ ୪୬ ବର୍ଷ । ଏ ଦୃଷ୍ଟିରୁ ମୋଗଲ ପ୍ରବଳ ହୋଇଗଲାରୁ ସେବକ ସେଠାରେ ପରମେଶ୍ୱରଙ୍କୁ ପାତାଳ କରି ଉପରେ ଗଛ ଲଗାଇ ରାଜ୍ୟ ଅନ୍ତର ହୋଇଗଲେ । ପାଟଣାଙ୍କ ଅନୁଗ ରକ୍ତବାହୁ ଶ୍ରୀପୁରୁଷୋତ୍ତମ ଲୁଟି ନେଲା । ରାଜ୍ୟ ଉଜାଡ଼ ହୋଇଗଲାରୁ ଉପରେ ଗଛ ଲଗାଇ ରାଜ୍ୟରୁ ଅନ୍ତର ହୋଇଗଲେ । ଏ ରାଜା ଅନେକ ଯୁଦ୍ଧ କଲେ ମାତ୍ର ରହି ନପାରି ଶିରଃଛନ୍ନ ଭିତରେ ରହିଲେ । ଶ୍ରୀଚନ୍ଦ୍ର ବଳଦେବ ୧୩ ବର୍ଷ ରାଜତ୍ୱ କଲେ । ଏ ଦୃଷ୍ଟିରୁ ଦୁଇପାଞ୍ଚ ହୋଇ ମୋଗଲ ୩୫ ବର୍ଷ ରାଜତ୍ୱ କଲେ ।"

ଏଥିରୁ ଜଣାଯାଏ ଯେ ଓଡ଼ିଆମାନଙ୍କ ଉପରେ ବିପଦ ପଡ଼ିଲାବେଳେ ସେମାନେ ଦମ୍ଭ ଓ ଆତ୍ମସମ୍ମାନ ଶତ୍ରୁମାନଙ୍କ ସହିତ ଯୁଦ୍ଧ କରୁଥିଲେ; ହତାଶ ହୋଇ ନଥିଲେ । ପ୍ରାଣପଣେ ଦେବଦେବ ଜଗନ୍ନାଥଦେବଙ୍କୁ ରକ୍ଷା କରିବାରେ ତ୍ରୁଟି କରି ନଥିଲେ । ସୁତରାଂ ରାଜ୍ୟରକ୍ଷା କରିବା ସଙ୍ଗେ ସଙ୍ଗେ ଧର୍ମ ରକ୍ଷା କରିଥିଲେ । ଧନ ସମ୍ପତ୍ତି ଉପରେ କିଏ ଅତ୍ୟାଚାର କରିବ ସେଥିଲାଗି ଓଡ଼ିଆ ସେତେ ବ୍ୟସ୍ତବ୍ୟସ୍ତ ହୋଇନାହିଁ, ଜଗନ୍ନାଥଦେବଙ୍କ ମୂର୍ତ୍ତି ଯେପରି ଶତ୍ରୁ ହସ୍ତରେ ଅପମାନିତ ନ ହୁଏ, ତହିଁପ୍ରତି ବିଶେଷ ଲକ୍ଷ୍ୟ ରଖି କାର୍ଯ୍ୟ କରନ୍ତି ।

ରାଜା ଯଯାତିକେଶରୀଙ୍କ ରାଜତ୍ୱ ସମୟରେ ଓଡ଼ିଶା ପୁଣି ସ୍ୱାଧୀନ ହେଲା । ଯଯାତିକେଶରୀ ଖ୍ରୀଷ୍ଟାବ୍ଦ ୪୭୪ ଠାରୁ ୫୨୬ ପର୍ଯ୍ୟନ୍ତ ରାଜତ୍ୱ କଲେ । ଯବନମାନଙ୍କ ସହିତ ଓଡ଼ିଆମାନଙ୍କର ଘୋରତର ଯୁଦ୍ଧ ହେଲା । ଯବନମାନେ ପରାଜିତ ହୋଇ ଓଡ଼ିଶା ତ୍ୟାଗକରି ପଳାୟନ କଲେ ।

ରାଜା ଗଙ୍ଗେଶ୍ୱରଦେବ ରାଜ୍ୟବିସ୍ତାର କରିବାରେ ମନ ବଳାଇଥିଲେ ଏବଂ ଓଡ଼ିଆ-ମାନେ ଯୁଦ୍ଧ କରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଗଙ୍ଗେଶ୍ୱର ଦେବ ୧୧୫୨—୧୧୬୬ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ କାଞ୍ଚୀଯୁଦ୍ଧ ସଂଘଟିତ ହୋଇଥିଲା । ରାଜା ପୁରୁଷୋତ୍ତମଦେବ ୧୪୭୯—୧୫୦୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଆମ୍ଭ ଦେଶରେ କଥା ଅଛି, "କମାଣି ଖେଳରୁ ମହାଭାରତ ଯୁଦ୍ଧ ଆରମ୍ଭ" । କଥାଟି ଅକ୍ଷରେ ଅକ୍ଷରେ ସତ୍ୟ । ଏହା ମହାଭାରତ ଯୁଦ୍ଧ କାହିଁକି, ପୃଥିବୀରେ ଯେତେବେଳେ ଯେଉଁ ଲୋକ-କ୍ଷୟକାରୀ ଯୁଦ୍ଧ ସଂଘଟିତ ହୋଇଅଛି, ତାହାର ମୂଳ କାରଣ ଅତି ସାମାନ୍ୟ । ପଶା ଖେଳ

ତେଣୁ ପୁଅମାନଙ୍କ ମଧ୍ୟରେ ବିବାଦ ହେଲା, ଫଳରେ ନଗ୍ନାଗ୍ରହିତ ଯୁଦ୍ଧ ହୋଇ ସବୁତ ବିପର୍ଯ୍ୟସ୍ତ ହେଲା । ମୁକୁନ୍ଦଙ୍କ ଦ୍ୱାରା ଉପଦ୍ରବଗଣ କର ସୁଦୃଢ଼ ନାଗରିକ ଧନୁ ଧନୁ ସମ୍ପୂର୍ଣ୍ଣ ନାଶ ହେଲା । ୧୯୧୪ ଖ୍ରୀଷ୍ଟାବ୍ଦରେ ଯେଉଁ ଭୀଷଣ ସଂଗ୍ରାମ ସମସ୍ତ ପୃଥିବୀକୁ ଟଳମଳ କରିଥିଲା, ତା ମୂଳରେ ଅତି ସାମାନ୍ୟ କାରଣ । ଅଷ୍ଟ୍ରିଆ ରାଜକୁମାର ନିହତ ହେଲେ, ଅପରାଧୀମାନଙ୍କର ଯେଉଁ ସ୍ଥାନରେ ବିଚାର ହେବ ଏଥିଲାଗି ବିବାଦ ହେଉଁ ହେଉଁ ଭୂମୂଳ କାଣ୍ଡ ଲାଗିଗଲା । ଏହା ପ୍ରକୃତିର ନିୟମ ।

କାଞ୍ଚୀଯୁଦ୍ଧ ମୂଳରେ ମଧ୍ୟ ଅତି ତୁଚ୍ଛ କାରଣ ଥିଲା । କାଞ୍ଚୀରାଜକନ୍ୟାମାନଙ୍କ ସହିତ ରାଜା ପୁରୁଷୋତ୍ତମଦେବଙ୍କ ପାଣିଗ୍ରହଣ ହେବାର ପ୍ରସ୍ତାବ ଚାଲିଥିଲା । ରଥଯାତ୍ରା ସମୟରେ କାଞ୍ଚୀ ରାଜା ପୁରୀକୁ ଆସିଥିଲେ ଏବଂ ପୁରୁଷୋତ୍ତମଦେବ ଅତି ସାମାନ୍ୟ ଲୋକ ପରି ଛେରାପହଁରା କାର୍ଯ୍ୟ କରୁଥିବାର ଦେଖିଲେ । କାଞ୍ଚୀରାଜାଙ୍କ ମନରେ ଘୃଣାର ଉଦ୍ରେକ ହେଲା ଏବଂ ସେ କନ୍ୟା ସମ୍ପ୍ରଦାନ ପ୍ରସ୍ତାବରେ ଅସ୍ୱୀକୃତ ହେଲେ । ଏହା ମନୋମାଳିନ୍ୟ ହେତୁ କାଞ୍ଚୀଯୁଦ୍ଧ ହେଲା । ପୁରୁଷୋତ୍ତମଦେବ ସସୈନ୍ୟରେ କାଞ୍ଚୀ ଉପରେ ଚଢ଼ାଉ କଲେ ଏବଂ କାଞ୍ଚୀରାଜାଙ୍କୁ ପରାସ୍ତ କରି ତାଙ୍କ କନ୍ୟାର ପାଣିଗ୍ରହଣ କଲେ ଏବଂ ସତ୍ୟବାଦୀ ଗୋପୀନାଥଙ୍କୁ ଦେଶ ଆଣିଲେ ।

ଏ ଘଟଣା ପରେ ତେଲିଙ୍ଗା ମୁକୁନ୍ଦଦେବଙ୍କ ରାଜତ୍ୱ ସମୟରେ ଘୋର ଯୁଦ୍ଧ ଆରମ୍ଭ ହେଲା । ମାଦଳା ପାଞ୍ଜିରେ ଲେଖାଅଛି ଯେ "ଏ ରାଜା ଅ ୧° ଙ୍କେ ଗଡ଼ା କଟକାଇ କଲେ, ଦିଲ୍ଲୀ ପାତିଶା ସଙ୍ଗେ ପୀରତି ହୋଇଲେ, ଗୌଡ଼ ପାତଶା ସଙ୍ଗେ ଅପ୍ରୀତି ହୋଇଲେ, ଗଙ୍ଗାରେ ନାବ ଖେଳାଇଲେ । ଏହା ଗୌଡ଼ ପାତଶା ବାରତା ପାଇଲେ । ବହୁତ ସୈନ୍ୟ ଘେନି ସେ ବାହୁଡ଼ି ଅଇଲେ । ତାହା ଜାଣି ରଜା କୋଟି ଶମିଗଡ଼ ଆବରି ରହିଲେ । ସେଠାରେ ରାଜାଙ୍କର ପାତଶାଙ୍କର ବହୁତ ଯୁଦ୍ଧ ହେଲା । ଅନେକ ସୈନ୍ୟ ଦୁଇଆଡ଼େ ମଲେ । କେହି କାହାକୁ ଘୁଞ୍ଚାଇ ନ ପାରିଲେ । ଏମନ୍ତେ କଳାପାହାଡ଼ ପଶ୍ଚିମ ଆଡ଼େ କାଂଶବାଂଶ ଦେଇ କଟକ ଆସି ପେଷିଲେ । କଟକେ ଥିଲା ସେ ଦୋଳଇ ପାତ୍ର ସିଂହାରେ ବହୁତ ଯୁଦ୍ଧ କଲେ । ସେ ଯୁଦ୍ଧରେ ଗଡ଼ରେ ତେତେବେଳେ ଶ୍ରୀନଗର ଜୁର କଲେ । ରାମଚନ୍ଦ୍ର ଭଞ୍ଜ ସେ ଶାରଙ୍ଗଗଡ଼ ଧରିଥିଲା ସେ ପୁଣି ଗୋଳରେ ରଜା ହୋଇଲେ । କୋଟି ଶମିଗଡ଼ରେ ମୁକୁନ୍ଦଦେବ ଥିଲେ । ଶ୍ରୀନଗରକୁ ଯିବାବେଳେ ରାମଚନ୍ଦ୍ର ରାଜା ହେବା ବାରତା ପାଇଲେ । ସେ ପାତଶାଙ୍କୁ ପଇଠ ପଶିଲେ । ରାମଚନ୍ଦ୍ର ଦେବ ସେ ଶାରଙ୍ଗଗଡ଼ରେ ଥିଲେ ମୁକୁନ୍ଦଦେବ ତହିଁ ଯୁଦ୍ଧ କଲେ । ତହୁଁ ସେ ଦୁଇ ରାଜା ଯୁଦ୍ଧ କଲେ । ମୁକୁନ୍ଦଦେବଙ୍କୁ ରାମଚନ୍ଦ୍ର ଦେବ ମାଇଲେ । ରାମଚନ୍ଦ୍ରଙ୍କୁ ପାତଶାଙ୍କ ଲୋକେ ମାଇଲେ ।" ଓଡ଼ିଶା ଅରାଜକ ହେଲା ଏବଂ କଳାପାହାଡ଼ ଲୋକଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲା । ଧର୍ମ, ଧନ ଓ ମାନ ନିରାପଦ ରହିଲା ନାହିଁ । ହିନ୍ଦୁ ଦେବଦେବୀଙ୍କ ଉପରେ ନାନାପ୍ରକାର ଅତ୍ୟାଚାର ଆରମ୍ଭ କଲା । କୌଣସି ଦେବଦେବୀ

ତାଙ୍କ ଅତ୍ୟାଚାରକୁ ରକ୍ଷା ପାଇ ନ ଥିଲେ । ପ୍ରତ୍ୟେକ ଦେବଦେବୀଙ୍କୁ ଖଣ୍ଡିଆ କରି ଦେଇଥିଲା ବୋଲି ପ୍ରବାଦ ଅଛି । ଅଦ୍ୟପର୍ଯ୍ୟନ୍ତ ଲୋକେ କଳାପାହାଡ଼ କଥା ଭୁଲି ନାହାନ୍ତି ।

ଏତେ ଦିନ ଓଡ଼ିଆମାନେ ଆପଣା ବାହୁବଳଦ୍ୱାରା ଜୟଯୁକ୍ତ ହୋଇ ଆସୁଥିଲେ ଏବଂ ଓଡ଼ିଶାର ସ୍ୱାଧୀନତା ଅକ୍ଷୁଣ୍ଣ ଥିଲା । ମାତ୍ର ଏଥର ଓଡ଼ିଆମାନେ ହାରିଲେ କାହିଁକି ? ଅନ୍ତର୍ବିବାଦ ଏଥିର ମୂଳ କାରଣ । ସ୍ୱାର୍ଥାନ୍ଧ ରାମଚନ୍ଦ୍ର ଭଞ୍ଜ ଆପଣା ସ୍ୱାର୍ଥସିଦ୍ଧି କରିବାକୁ ଯାଇ ଓଡ଼ିଶାକୁ ଶତ୍ରୁହସ୍ତରେ ଦେଲା ଏବଂ ଆପେ ମଲା । ମୁକୁନ୍ଦଦେବ ଶେଷଶେଷବେଳେ କିଂକର୍ତ୍ତବ୍ୟବିମୂଢ଼ ହେଲେ । ବହିଃଶତ୍ରୁ ସହିତ ଯୁଦ୍ଧ କରିବେ ନା ଆପଣା ସିଂହାସନ ରକ୍ଷା କରିବେ, ଏ ଉଭୟ ସଙ୍କଟରେ ପଡ଼ି ମୁକୁନ୍ଦଦେବ ଶତ୍ରୁହସ୍ତରେ ଆତ୍ମସମର୍ପଣ କଲେ । ଏଥିରେ ସୈନ୍ୟମାନଙ୍କର କିଛି ଦୋଷ ନଥିଲା କାରଣ ସେମାନେ ସମ୍ମୁଖ-ଯୁଦ୍ଧରେ ପରାସ୍ତ ହୋଇ ନଥିଲେ ।

ପ୍ରତ୍ୟେକ ଆକ୍ରମଣ ବେଳେ ମୋଗଲମାନଙ୍କ ଭୟରେ ଜଗନ୍ନାଥ ସ୍ଥାନାନ୍ତରିତ ହୋଇଥିଲେ । କଳାପାହାଡ଼ ମଧ୍ୟ ଜଗନ୍ନାଥଙ୍କ ପ୍ରତି ଯଥେଷ୍ଟ ଅତ୍ୟାଚାର କରିଥିବା କଥା ମାଦଳାପାଞ୍ଜିରୁ ଜଣାଯାଏ । ମାଦଳାପାଞ୍ଜି କହେ, "ପସ୍ତା ଦିବ୍ୟସିଂହ ପତ୍ରନାସ୍ତକ ଠାକୁରଙ୍କୁ ଘେନଗଲା । ଏ କାଳରେ ପରମେଶ୍ୱରଙ୍କୁ ଛପନ କ୍ଷୋଣୀପଡ଼ାରେ ପାତାଳି କରିଥିଲେ । ତହିଁକି ବୋଲି କଳାପାହାଡ଼ ଯାଇ ଠାବ କଲା । ମୁହାଣ ପାର ହୋଇ ଗଲା, ବେଉଁଆ କଢ଼ାଇ ଗଙ୍ଗାଜ ପାଣିରେ ନେଲା । ସେଠାରୁ ପରମେଶ୍ୱରଙ୍କୁ ହାତୀରେ ପକାଇ ଆଣିଲା । ବାଟେ କୋଟି ଭଣ୍ଡାର ସେଠାରେ ଲୁଟ କଲା । ବଡ଼ଦେଉଳ ଆଁକାସକୁ ଯାଏ ଭଙ୍ଗାଇଲା । ଯେତେ ଦେବତାମାନେ ପିତୁଳାମାନ ସବୁଙ୍କୁ ଖଣ୍ଡ ଖଣ୍ଡ କଲା । କଲୁବିଟ ଖୋଲାଇ ପକାଇଲା । ଘୋଡ଼ାକଣ୍ଠି ପୁରାଇ ନଅଁ ଲଗାଇଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଗଙ୍ଗାକୂଳ ଚଣ୍ଡାଯାଏ ନେଲା । କାଠ କୁଢ଼ାଇ ଅଗ୍ନିରେ ପକାଇଲା । ତେତେବେଳେ ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । ବାଘି ବହୁଲ, ଓଡ଼ିଶା ତଥି ଜଳାଇଲା, ଡେଗୁଳିଶ ବେଳ ଦେହ ଫାଟିଗଲା । ଏହା ଶୁଣି ତା ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲିଦେଲା । ସେ ଦାରୁ ଭାସି ଅଦକ୍ରୋଶ ଅନୁମାନ ରୋହିଏ କାଲକାଠ ବୋଲି ଧରି ତା ବାଣରେ ପକାଇଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନେଲା ବେଳେ ବିଶର ମହାନ୍ତି ଯାଇଥିଲା । ବୈଷ୍ଣବ ହୋଇ ସଙ୍ଗେ ଗୋଡ଼ାଇ ଥିଲା । ଅଠମାସ ରହି ବାଦ୍ୟସଣ କରି ତାକୁ ମାଗିଲା । ବ୍ରହ୍ମକୁ ମୃଦଙ୍ଗ ଖୋଲରେ ପୂରାଇ ଦେଇଯାଇ କୁଜଙ୍ଗ ଗଡ଼ରେ ଆଣି ପ୍ରବେଶ କଲା । କଟଣ ଖଣ୍ଡାଏତ ଘରେ ରଖାଇଲା ।"

ଏ ଭୟାବହ ଲୋମହର୍ଷଣକାରୀ ହୃଦୟବିଦାରକ ଘଟଣା ମାଦଳାପାଞ୍ଜିରେ ବିସ୍ତାରରେ ଲିଖିତ ଅଛି । ଏହାଦ୍ୱାରା ଓଡ଼ିଶାରୁ ସ୍ୱାଧୀନତା ଗଲା ଏବଂ ଓଡ଼ିଶା ରଜା ଓଡ଼ିଶା

ସିଂହାସନ ହରାଇଲେ । ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ କେହି ରାଜା ନ ଥିଲେ । ୧୫୭୮ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ଦେବ ଟୋଡ଼ରମଲ୍ଲଙ୍କ ଆନୁକୂଲ୍ୟରୁ ଖୋର୍ଦ୍ଧାର ରାଜା ହେଲେ । ଏହି ସମୟରୁ ଓଡ଼ିଶାର ରାଜାମାନେ ଖୋର୍ଦ୍ଧାରାଜା ହେଲେ ।

ମୋଗଲ, ପଠାଣ ଓ ମରହଟ୍ଟାମାନେ କ୍ରମେ ଓଡ଼ିଶା ଆକ୍ରମଣ କରି ଦେଶବାସୀମାନଙ୍କ ଧନ ଲୁଣ୍ଠନଦ୍ୱାରା ଲୋକମାନଙ୍କୁ ଲଣ୍ଡଭଣ୍ଡ କଲେ । ୧୬୦୭ ଖ୍ରୀଷ୍ଟାବ୍ଦଠାରୁ ୧୮୦୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦେଶବାସୀମାନେ ମୁହୂର୍ତ୍ତେ ସୁଦ୍ଧା ଶାନ୍ତିରେ କାଳଯାପନ କରି ପାରିଲେ ନାହିଁ । ଏମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ଲାଗି ଲୋକେ ଲୁଚିରହିଲେ, ଘର ଛାଡ଼ି ବଣରେ ଆଶ୍ରୟ ନେଲେ । ଆପଣା ବ୍ୟବସାୟ-ବାଣିଜ୍ୟରେ ମନ ଦେଇ ପାରିଲେ ନାହିଁ । କ୍ରମେ ଲୋକମାନେ ସ୍ୱଳ୍ପବୀର୍ଯ୍ୟ ହୋଇପଡ଼ିଲେ । ସାହସ ଭୁଲି ହୋଇଗଲା । ତଥାପି ମରହଟ୍ଟାମାନଙ୍କ ସହିତ ଓ ମୋଗଲଙ୍କ ସହିତ ଯୁଦ୍ଧ କରିବାରେ ତ୍ରୁଟି କରି ନ ଥିଲେ ।

ଓଡ଼ିଶା ଇଂରେଜମାନଙ୍କ ହସ୍ତଗତ ହେବା ପୂର୍ବରୁ ଛାରଖାର ହୋଇ ଅନ୍ତଃସାରଶୂନ୍ୟ ହୋଇଥିଲା । ମରହଟ୍ଟାମାନଙ୍କ କ୍ରୂର ଅତ୍ୟାଚାରଦ୍ୱାରା ପ୍ରପୀଡ଼ିତ ହୋଇ ଓଡ଼ିଶାବାସୀ ଅସ୍ଥିରରେ ଛଟାପଟାଇଥିଲେ । ଯୁଦ୍ଧ କରିବାଲାଗି ସୈନ୍ୟଙ୍କ ବଳ ଆବଶ୍ୟକ ଏବଂ ସୈନ୍ୟଙ୍କ ବଳ ବୃଦ୍ଧି ଲାଗି ପ୍ରଚୁର ଖାଦ୍ୟ ଆବଶ୍ୟକ । ମରହଟ୍ଟା କର୍ତ୍ତୃପକ୍ଷମାନେ ଲୋକମାନଙ୍କ ଉପରେ ଏପରି ଅତ୍ୟାଚାର ଆରମ୍ଭ କଲେ ଯେ ଲୋକଙ୍କ ବଞ୍ଚିବାରେ ସାରପଣ ରହିଲା ନାହିଁ । ସୁତରାଂ ସ୍ୱେଚ୍ଛାଚାରିତା ଆରମ୍ଭ ହେଲା । "ବୁଭୁକ୍ଷିତ କିଂ ନ କରୋତି ପାପଂ" ନୀତି ଅନୁସାରେ ଲୋକେ ଆପଣା ଉଦରଜ୍ୱାଳା ନିବୃତ୍ତି ଲାଗି କର୍ତ୍ତବ୍ୟାକର୍ତ୍ତବ୍ୟ ସ୍ଥିର କରିପାରିଲେ ନାହିଁ, ପାପପୁଣ୍ୟ ବିଚାର କରିପାରିଲେ ନାହିଁ । ଆପଣା ସ୍ୱାର୍ଥକୁ ଦେଶସ୍ୱାର୍ଥ ବୋଲି ମନେକଲେ । କାହାରି ମନ କାହାରି ସହିତ ମିଳିଲା ନାହିଁ । ଯେ ଯାହା ବାଟରେ ଚାଲିଲା । ମୋ ଉଦର ଭର୍ତ୍ତି ହେଉ ପଛକେ ମୋର ହାର୍ଦ୍ଦିକି ହେଲେ ହେଲା, ଏହି ନୀତି ପ୍ରତ୍ୟେକ ଅନୁସରଣ କଲା । ସମାଜରେ ବିଶୃଙ୍ଖଳା ଉପସ୍ଥିତ ହେଲା । ସୈନିକ ପୁରୁଷମାନେ ଖାଦ୍ୟାଭାବରୁ ଆପଣା ଆପଣା ଅସ୍ତ୍ରଶସ୍ତ୍ର ବିକିଲେ, ଚୁଲିଜାଳି କଲେ, ପଖାଳଭାତ ପର୍ଯ୍ୟନ୍ତ ଖାଇବାକୁ ପାଇଲେ ନାହିଁ । ଏହି ଦୁରବସ୍ଥାର ଚରମ ସୀମାରେ ଉପସ୍ଥିତ ହୋଇ "ରକ୍ଷାକର, ରକ୍ଷାକର" ବୋଲି ଭଗବାନଙ୍କୁ ପ୍ରାର୍ଥନା କଲେ ।

ଏହି ଅଥଳ ଅକୂଳ ଅତ୍ୟାଚାର-ମହାର୍ଣ୍ଣବରେ ଭାସମାନ ହେଉଥିବା ବେଳେ ଓଡ଼ିଶାରେ ଇଂରେଜମାନଙ୍କର ଆବିର୍ଭାବ । ବୁଡ଼ିଯାଉଥିବା ଲୋକ ସମୁଦ୍ର ମଧ୍ୟରେ ଖଣ୍ଡେ କାଠର ଆଶ୍ରୟ ପାଇଲେ ଯେପରି ଆନନ୍ଦରେ ତାକୁ କୁଣ୍ଢାଇ ଧରି ପରିତ୍ରାଣ ପାଏ; ଓଡ଼ିଶାବାସୀମାନେ ସେତେବେଳେ ଇଂରେଜମାନଙ୍କୁ ଶାସନକର୍ତ୍ତା ପଦରେ ବରଣ କରିନେଲେ ଏବଂ ଆପଣାର ଧନ, ମାନ, ଧର୍ମ ସମସ୍ତ ଭାର ସେମାନଙ୍କ ହସ୍ତରେ ଅର୍ପଣ

କରିଦେଲେ । ଓଡ଼ିଶାବାସୀର ପ୍ରାଣସର୍ବସ୍ୱ ସେହି ଜଗନ୍ନାଥ ମନ୍ଦିରକୁ ସେମାନେ ସାହ୍ଲାଦରେ ଇଂରେଜମାନଙ୍କ ହସ୍ତରେ ସମର୍ପଣ କରିଦେଲେ । ଇଂରେଜମାନଙ୍କୁ ପାଇ ଲୋକେ ସେମାନଙ୍କୁ ଜଗନ୍ନାଥପ୍ରେରିତ ରକ୍ଷକ ବୋଲି ଭକ୍ତି ଓ ବିଶ୍ୱାସ କରିଥିଲେ ଏବଂ ଓଡ଼ିଆମାନେ ଏହି ଭକ୍ତି ଓ ବିଶ୍ୱାସକୁ ଆଜିପର୍ଯ୍ୟନ୍ତ ଅକ୍ଷୁଣ୍ଣ ଭାବରେ ରକ୍ଷା କରି ଆସିଅଛନ୍ତି ।

ଓଡ଼ିଆମାନେ ଯେ ଯୁଦ୍ଧ କରୁଥିଲେ ଏବଂ ବୀରଜାତି ଥିଲେ, ତାହାର ପ୍ରମାଣ କ୍ଷୀଣ ଭାବରେ ଅଦ୍ୟାପି ବିଦ୍ୟମାନ ଅଛି । ପାଇକ, ଖଣ୍ଡ, ମହାଲିଏକ ଓ ଛତିସିଆମାନେ ସୈନିକଜାତି ଥିଲେ । ଏମାନେ ଯୁଦ୍ଧବ୍ୟବସାୟରେ ପଣ୍ଡିତ ଥିଲେ । ବର୍ତ୍ତମାନ ଏହି ଶ୍ରେଣୀସ୍ଥ ଲୋକମାନଙ୍କର ଯେଉଁ ସଂଜ୍ଞା ଦେଖାଯାଏ ଏବଂ ତାହାକୁ ଏମାନେ ବଂଶାନୁକ୍ରମେ ବ୍ୟବହାର କରିଆସୁଅଛନ୍ତି ଏବଂ ବ୍ୟବହାର କରିବାକୁ ଗୌରବ ଓ ଗର୍ବ ମନେକରନ୍ତି, ସେଗୁଡ଼ିକ ପ୍ରାଚୀନ କାଳରେ ସେମାନଙ୍କ ପୂର୍ବ-ବଂଶଧରମାନଙ୍କ କାର୍ଯ୍ୟର ପରିଚାୟକ । କର୍ମ୍ମର ଯୋଗ ଜଣା ଥିବା ସ୍ୱଭାବରେ ପତ୍ତୁ ଲକ୍ଷଣୀ; ଅଛି କେବଳ ସଂଜ୍ଞା । ଏ ଉପାଧିଗୁଡ଼ିକ ରାଜଦତ୍ତ ଉପାଧି । ଆପଣା ଗୁଣ ଓ କର୍ମ ଅନୁସାରେ ତାତ୍କାଳିକ ରାଜାମାନେ ଉକ୍ତ ଉପାଧିମାନ ପ୍ରଦାନ କରିଥିଲେ । ଉପାଧି ଦେଖିଲେ ସହଜରେ ଅନୁମାନ କରାଯାଇପାରିବ ଯେ ସେମାନଙ୍କ ବଂଶଧରମାନେ କିପରି ବଳବାନ୍ ଥିଲେ କିମ୍ବା ଯୁଦ୍ଧକ୍ଷେତ୍ରରେ କି କି କାର୍ଯ୍ୟ କରୁଥିଲେ । ଉଦାହରଣ ସ୍ୱରୂପ ନିମ୍ନରେ କେତେକ ଗୋଟି ଉପାଧିର ପରିଚୟ ଦିଆଗଲା— ରାଉତ, ସାମନ୍ତରାୟ, ମାହାନ୍ତି, ସିଂହ, ଦାସ, ବଳିଆରସିଂହ, ରୂପସିଂହ, ଯୋଦ୍ଧା ସିଂହ, ବାହୁବଳେନ୍ଦ୍ର, ପାଇକରାୟ, ଭୁଜବଳ, ରଣସିଂହ, ପାହାଡ଼ସିଂହ, ଦକ୍ଷିଣକବାଟ, ମହାରଥି, ପଶ୍ଚିମକବାଟ, ସେନାପତି, ବାହିନୀପତି, ନାୟକ, ପଟ୍ଟନାୟକ, ଚମ୍ପତିସିଂହ, ଖଡ଼ନାୟକ, ମାନସିଂହ, ଶତ୍ରୁଶଲ, ଜଙ୍ଗଲସିଂହ, ରାୟସିଂହ, ମାନଧାତା, ପାଲଟାସିଂହ, ନରବର, ଘଟସିଂହ ଇତ୍ୟାଦି । ଏ ଉପାଧିଗୁଡ଼ିକ ଆଜିକାଲିର ନୁହେଁ; ଏଗୁଡ଼ିକ ଅତି ପ୍ରାଚୀନ ଏବଂ ଏଗୁଡ଼ିକ ନିରର୍ଥକ ନୁହେଁ । ଲୋକର କାର୍ଯ୍ୟ ଓ ଗୁଣ ପରୀକ୍ଷା କରି ରାଜାମାନେ ପଦ ଦେଉଥିଲେ । ଦଳବେହେରା, ବଣୋଇ, ପାଇକରାଏ ଇତ୍ୟାଦି ମଧ୍ୟ ଏହିପରି ଉପାଧି । ମଲ୍ଲ, ଛତ୍ରିଏତ ପ୍ରଭୃତିର ମଧ୍ୟ ଅର୍ଥ ଅଛି ।

ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ "ଖଣ୍ଡା"କୁ ଆପଣା ସନ୍ତକ ସ୍ୱରୂପ ବ୍ୟବହାର କରନ୍ତି । ଯେ ନାମ ଦସ୍ତଖତ କରି ନ ଜାଣେ, ତାର ସନ୍ତକ ଲେଖାଯାଏ । ମାତ୍ର ଏ ଶ୍ରେଣୀସ୍ଥ ଲୋକମାନେ ସେମାନଙ୍କ ସନ୍ତକ ଖଣ୍ଡା, କଟାରି ଇତ୍ୟାଦି ଯୁଦ୍ଧାସ୍ତ୍ରମାନ ବୋଲି କହିଥାନ୍ତି ଏବଂ ଦଲିଲ ଦସ୍ତାବିଜ ପ୍ରଭୃତିରେ ତାହା ବ୍ୟବହୃତ ହୁଏ ।

ବିଜୟା ଦଶମୀ ବା ଦଶହରା ଦିନ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କଲେ ଶୁଭ ଫଳପ୍ରଦ ହୁଏ ବୋଲି ଲୋକଙ୍କର ବିଶ୍ୱାସ । ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ ଆପଣା ନିଜ ଅସ୍ତ୍ରଶସ୍ତ୍ରମାନ ପୂଜା କରନ୍ତି ଏବଂ ଆମୋଦପ୍ରମୋଦରେ ଖେଳ କରନ୍ତି । ପାଇକମାନେ

ସିଂହାସନ ହରାଇଲେ । ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ କେହି ରାଜା ନ ଥିଲେ । ୧୫୭୮ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ଦେବ ତୋଡ଼ରମଲ୍ଲଙ୍କ ଅନୁକୂଳରୁ ଖୋର୍ଦ୍ଧାର ରାଜା ହେଲେ । ଏହି ସମୟରୁ ଓଡ଼ିଶାର ରାଜାମାନେ ଖୋର୍ଦ୍ଧାରାଜା ହେଲେ ।

ମୋଗଲ, ପଠାଣ ଓ ମରହଟ୍ଟାମାନେ କ୍ରମେ ଓଡ଼ିଶା ଆକ୍ରମଣ କରି ଦେଶବାସୀମାନଙ୍କ ଧନ ଲୁଣ୍ଠନଦ୍ୱାରା ଲୋକମାନଙ୍କୁ ଲଣ୍ଡଭଣ୍ଡ କଲେ । ୧୫୬୭ ଖ୍ରୀଷ୍ଟାବ୍ଦଠାରୁ ୧୮୦୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦେଶବାସୀମାନେ ମୁହୂର୍ତ୍ତେ ସୁଦ୍ଧା ଶାନ୍ତିରେ କାଳଯାପନ କରି ପାରିଲେ ନାହିଁ । ଏମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ଲାଗି ଲୋକେ ଲୁଚିରହିଲେ, ଘର ଛାଡ଼ି ବଣରେ ଆଶ୍ରୟ ନେଲେ । ଆପଣା ବ୍ୟବସାୟ-ବାଣିଜ୍ୟରେ ମନ ଦେଇ ପାରିଲେ ନାହିଁ । କ୍ରମେ ଲୋକମାନେ ଅକର୍ମଣ୍ୟ ହୋଇପଡ଼ିଲେ । ସାହସ ଉଣା ହୋଇଗଲା । ତଥାପି ମରହଟ୍ଟାମାନଙ୍କ ସହିତ ଓ ମୋଗଲଙ୍କ ସହିତ ଯୁଦ୍ଧ କରିବାରେ ତ୍ରୁଟି କରି ନ ଥିଲେ ।

ଓଡ଼ିଶା ଇଂରେଜମାନଙ୍କ ହସ୍ତଗତ ହେବା ପୂର୍ବରୁ ଓଡ଼ିଶାର ହାଲ ଅନ୍ତଃସାରଶୂନ୍ୟ ହୋଇଥିଲା । ମରହଟ୍ଟାମାନଙ୍କ କ୍ରୂର ଅତ୍ୟାଚାରଦ୍ୱାରା ପ୍ରପୀଡ଼ିତ ହୋଇ ଓଡ଼ିଶାବାସୀ ଅସ୍ଥିରରେ ଦିନ କଟାଉଥିଲେ । ଯୁଦ୍ଧ କରିବା ଲାଗି ସୈନ୍ୟ ବଳ ଆବଶ୍ୟକ ଏବଂ ସୈନ୍ୟବଳ ବୃଦ୍ଧି ଲାଗି ପ୍ରଚୁର ଖାଦ୍ୟ ଆବଶ୍ୟକ । ମରହଟ୍ଟା ଦଳପତିମାନେ ଲୋକମାନଙ୍କ ଉପରେ ଏପରି ଅତ୍ୟାଚାର ଆରମ୍ଭ କଲେ ଯେ ଲୋକଙ୍କ ବାଞ୍ଚିବାରେ ଶାନ୍ତିପଥ ରହିଲା ନାହିଁ । ସୁତରାଂ ସ୍ୱେଚ୍ଛାଚାରିତା ଆରମ୍ଭ ହେଲା । "ବୁଭୁକ୍ଷିତ କିଂ ନ କରୋତି ପାପଂ" ନୀତି ଅନୁସାରେ ଲୋକେ ଆପଣା ଉଦରଜ୍ୱାଳା ନିବୃତ୍ତି ଲାଗି କର୍ତ୍ତବ୍ୟାକର୍ତ୍ତବ୍ୟ ସ୍ଥିର କରିପାରିଲେ ନାହିଁ, ପାପପୁଣ୍ୟ ବିଚାର କରିପାରିଲେ ନାହିଁ । ଆପଣା ସ୍ୱାର୍ଥକୁ ଦେଶସ୍ୱାର୍ଥ ବୋଲି ମନେକଲେ । କାହାରି ମନ କାହାରି ସହିତ ମିଳିଲା ନାହିଁ । ଯେ ଯାହା ବାଟରେ ସେ ରହିଲା । ମୋ ଘରର ଅନ୍ତ ହେଉ ପଛକେ ମୋର ସ୍ୱାର୍ଥସିଦ୍ଧି ହେଲେ ହେଲା, ଏହି ନୀତି ପ୍ରତ୍ୟେକ ଅନୁସରଣ କଲା । ସମାଜରେ ବିଶୃଙ୍ଖଳା ଉପସ୍ଥିତ ହେଲା । ସୈନିକ ପୁରୁଷମାନେ ଖାଦ୍ୟାଭାବରୁ ଆପଣା ଆପଣା ଅସ୍ତ୍ରଶସ୍ତ୍ର ବିକିଲେ, ଚୁଲିଜାଳ କଲେ, ଯଥାଳବ୍ଧ ପର୍ଯ୍ୟନ୍ତ ଖାଇବାକୁ ପାଇଲେ ନାହିଁ । ଏହି ଦୁରବସ୍ଥାର ଚରମ ସୀମାରେ ଉପସ୍ଥିତ ହୋଇ "ରକ୍ଷାକର, ରକ୍ଷାକର" ବୋଲି ଭଗବାନଙ୍କୁ ପ୍ରାର୍ଥନା କଲେ ।

ଏହି ଅତଳ ଅକୂଳ ଅତ୍ୟାଚାର-ମହାର୍ଣ୍ଣବରେ ଭାସମାନ ହେଉଥିବା ବେଳେ ଓଡ଼ିଶାରେ ଇଂରେଜମାନଙ୍କର ଆବିର୍ଭାବ । ବୁଡ଼ିଯାଉଥିବା ଲୋକ ସମୁଦ୍ର ମଧ୍ୟରେ ଖଣ୍ଡେ କାଠର ଆଶ୍ରୟ ପାଇଲେ ଯେପରି ଆନନ୍ଦରେ ତାକୁ କୁଣ୍ଢାଇ ଧରି ପରିତ୍ରାଣ ପାଏ; ଓଡ଼ିଶାବାସୀମାନେ ତେତେବେଳେ ଇଂରେଜମାନଙ୍କୁ ଶାସନକର୍ତ୍ତା ପଦରେ ବରଣ କରିନେଲେ ଏବଂ ଆପଣାର ଧନ, ମାନ, ଧର୍ମ ସମସ୍ତ ଭାର ସେମାନଙ୍କ ହସ୍ତରେ ଅର୍ପଣ

କରିଦେଲେ । ଓଡ଼ିଶାବାସୀଙ୍କ ପ୍ରାଣସ୍ୱରୂପ ଶ୍ରୀ ଜଗନ୍ନାଥ ମନ୍ଦିରକୁ ସେମାନେ ଶାନ୍ତଭାବରେ ଇଂରେଜମାନଙ୍କ ହସ୍ତରେ ସମର୍ପଣ କରିଦେଲେ । ଇଂରେଜମାନଙ୍କୁ ପାଇ ଲୋକେ ସେମାନଙ୍କୁ ଜଗନ୍ନାଥପ୍ରେରିତ ରକ୍ଷକ ବୋଲି ଭକ୍ତି ଓ ବିଶ୍ୱାସ କରୁଥିଲେ ଏବଂ ଓଡ଼ିଆମାନେ ଏହି ଭକ୍ତି ଓ ବିଶ୍ୱାସକୁ ଆଜପର୍ଯ୍ୟନ୍ତ ଅକ୍ଷୁଣ୍ଣ ଭାବରେ ରକ୍ଷା କରି ଆସିଛନ୍ତି ।

ଓଡ଼ିଆମାନେ ଯେ ଯୁଦ୍ଧ କରୁଥିଲେ ଏବଂ ବୀରଜାତି ଥିଲେ, ତାହାର ପ୍ରମାଣ କ୍ଷୀଣ ଭାବରେ ଅଦ୍ୟାପି ବିଦ୍ୟମାନ ଅଛି । ପାଇକ, ଖଣ୍ଡାୟତ, ମହାଲିଏକ ଓ ଛତିଶମାନେ ସୈନିକଜାତି ଥିଲେ । ଏମାନେ ଯୁଦ୍ଧବିଦ୍ୟାରେ ପଣ୍ଡିତ ଥିଲେ । ବର୍ତ୍ତମାନ ଏହି ଶ୍ରେଣୀର ଲୋକମାନଙ୍କର ଘରେ ଖଣ୍ଡା ଦେଖାଯାଏ ଏବଂ ଯାହାକୁ ଏମାନେ ବଂଶାନୁକ୍ରମେ ବ୍ୟବହାର କରିଆସୁଛନ୍ତି ଏବଂ ବ୍ୟବହାର କରିବାକୁ ଗୌରବ ଓ ଗର୍ବ ମନେକରନ୍ତି, ସେଗୁଡ଼ିକ ପ୍ରାଚୀନ କାଳରେ ସେମାନଙ୍କ ପୂର୍ବ-ବଂଶଧରମାନଙ୍କ କାର୍ଯ୍ୟର ପରିଚାୟକ । କର୍ପୂର ଯାଇ କନା ଥିବା ନ୍ୟାୟରେ ସବୁ ଚାଲିଗଲା; ଅଛି କେବଳ ଖଣ୍ଡା ! ଏ ଉପାଧିଗୁଡ଼ିକ ରାଜଦତ୍ତ ଉପାଧି । ଆପଣା ଗୁଣ ଓ କର୍ମ ଅନୁସାରେ ତାତ୍କାଳିକ ରାଜାମାନେ ନିମ୍ନଲିଖିତ ଉପାଧିମାନ ପ୍ରଦାନ କରୁଥିଲେ । ଉପାଧି ଦେଖିଲେ ସହଜରେ ଅନୁମାନ କରାଯାଇପାରିବ ଯେ ସେମାନଙ୍କ ବଂଶଧରମାନେ କିପରି ବଳବାନ୍ ଥିଲେ କିମ୍ବା ଯୁଦ୍ଧକ୍ଷେତ୍ରରେ କି କି କାର୍ଯ୍ୟ କରୁଥିଲେ । ଉଦାହରଣ ସ୍ୱରୂପ ନିମ୍ନରେ କେତେ ଗୋଟି ଉପାଧିର ପରିଚୟ ଦିଆଗଲା—ରାଉତ, ଛୋଟରାୟ, ମାହୁନ୍ତ, ସିଂହ, ବାଘ, ବଳିଆରସିଂହ, ଦ୍ୱିପଟସିଂହ, ଯୋଦ୍ଧା ସିଂହ, ବାହୁବଳେନ୍ଦ୍ର, ପାଇକରାୟ, ଭୁଜବଳ, ରଣସିଂହ, ପାହାଡ଼ସିଂହ, ଦକ୍ଷିଣକବାଟ, ମହାରଥି, ପଶ୍ଚିମକବାଟ, ସେନାପତି, ବାହିନୀପତି, ନାୟକ, ପଟ୍ଟନାୟକ, ଚମ୍ପତିସିଂହ ଖଡ୍ଗନାୟକ, ମାନସିଂହ, ଶର୍ଦ୍ଦୁଳ, ମଙ୍ଗଳସିଂହ, ସୁରସିଂହ, ମାନଧାତା, ପାଲଟାସିଂହ, ଦଳବର, ଘଟସିଂହ ଇତ୍ୟାଦି । ଏ ଉପାଧିଗୁଡ଼ିକ ଆଜିକାଲିର ନୁହେଁ; ଏଗୁଡ଼ିକ ଅତି ପ୍ରାଚୀନ ଏବଂ ଏଗୁଡ଼ିକ ନିରର୍ଥକ ନୁହେଁ । ଲୋକର କାର୍ଯ୍ୟ ଓ ଗୁଣ ପରୀକ୍ଷା କରି ରାଜାମାନେ ପଦ ଦେଉଥିଲେ । ଦଳବେହେରା, ଦଳେଇ, ପାଇକରାଏ ଇତ୍ୟାଦି ମଧ୍ୟ ଏଥିସଙ୍ଗେ ସମ୍ପର୍କୀ । ମଲ୍ଲ, ଖଣ୍ଡାଏତ ପ୍ରଭୃତିର ମଧ୍ୟ ଅର୍ଥ ଅଛି ।

ପାଇକ ପ୍ରଭୃତି ସୈନିକଶ୍ରେଣୀର ଲୋକମାନେ "ଖଣ୍ଡା"କୁ ଆପଣା ଦେବୀଙ୍କ ସ୍ୱରୂପ ବ୍ୟବହାର କରନ୍ତି । ଯେ ନାମ ଦସ୍ତଖତ କରି ନ ଜାଣେ, ତାର ସନ୍ତକ ଲେଖାଯାଏ । ମାତ୍ର ଏ ଶ୍ରେଣୀର ଲୋକମାନେ ସେମାନଙ୍କ ସନ୍ତକ ଖଣ୍ଡା, କଟାର ଇତ୍ୟାଦି ଯୁଦ୍ଧାସ୍ତ୍ରମାନ ବୋଲି କହିଥାନ୍ତି ଏବଂ ଦଲିଲ ଦସ୍ତାବିଜ ପ୍ରଭୃତିରେ ତାହା ବ୍ୟବହୃତ ହୁଏ ।

ବିଜୟା ଦଶମୀ ବା ଦଶହରା ଦିନ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କଲେ ଆଶୁ ଫଳପ୍ରଦ ହୁଏ ବୋଲି ଲୋକଙ୍କର ବିଶ୍ୱାସ । ପାଇକ ପ୍ରଭୃତି ସୈନିକଶ୍ରେଣୀର ଲୋକମାନେ ଆପଣା [illegible] ଅସ୍ତ୍ରଶସ୍ତ୍ରମାନ ପୂଜା କରନ୍ତି ଏବଂ ଆମୋଦପ୍ରମୋଦରେ କାଳ କଟାନ୍ତି । ପାଇକମାନେ

ଫଟାଖେଳ, କାଠଖେଳ, ଢୁଡଘର ବୁଲଚଢା ଆଦି ନାନାପ୍ରକାର ଖେଳ କରନ୍ତି ଏବଂ ଗ୍ରାମସ୍ଥ ବଡ଼ଲୋକମାନଙ୍କ ପାଖକୁ ଯାଇ ଖେଳ ଦେଖାନ୍ତି ।

ପାଇକ ପ୍ରଭୃତି ଲୋକମାନଙ୍କର ବର୍ତ୍ତମାନ ଅତି ଶୋଚନୀୟ ଅବସ୍ଥା । ପେଟକୁ ଦାନା ନାହିଁ, ପିନ୍ଧିବାକୁ ଲୁଗା ନାହିଁ । ଏମାନେ ବର୍ତ୍ତମାନ ପୁରୁଷପ୍ରାପ୍ତ ଜାଗିର ବୃତ୍ତି ଉପରେ ନିର୍ଭର କରି ଚଳନ୍ତି । କାଳକ୍ରମେ କେତେ ଲୋକ ଜମି ବିକ୍ରି କରି ସାରିଲେଣି ଏବଂ ଅବଶିଷ୍ଟ ଜାଗିର ଜମିମାନଙ୍କ ଉପରେ କର ଧାର୍ଯ୍ୟ ହେଲାଣି । ଏତେ ଦୁରବସ୍ଥା ସତ୍ତ୍ୱେ ଏମାନଙ୍କଠାରେ ଯେ ବଂଶଗତ ଗର୍ବ ଦେଖାଯାଏ । ଅପମାନସୂଚକ କଥା ଶୁଣିଲେ ହଠାତ୍ ଭଙ୍ଗ ଫଣ ଫଁ ଫଁ ହୋଇ ଉଠନ୍ତି । ଆମେ ବୋଲି କଣ ମୋଡ଼ିଦେବା ଅଭ୍ୟାସ ଛାଡ଼ିନାହାନ୍ତି । ଦେଶାନ୍ତରୀ ଢୋଲ ବାଜା ଶୁଣିଲେ ଏମାନଙ୍କ ଗୋଡ଼ ଉଠେ, ଯେମ ଟାଙ୍ଗରେ । ହାତରେ କଡ଼ାକର ଶାଗ ସିଝିବ ନାହିଁ; ମାତ୍ର ଆଗନ୍ତୁ ଉପକାନଦ । ମୂଳତଃ ଏକଥା ବୁଝାଯାଇ ପାରିବ ଯେ ଏମାନଙ୍କ ଶରୀରରେ ଯେ ରକ୍ତ ପ୍ରବାହିତ ହେଉଛି । ଚେଷ୍ଟା କଲେ ଏମାନେ ପୁଣି ବୀରବେଶ ଧାରଣ କରି ସମରକ୍ଷେତ୍ର ଲାଗି ପ୍ରସ୍ତୁତ ହୋଇ ପାରିବେ ।

ଯେଉଁମାନେ ଯୁଦ୍ଧ କରୁଥିଲେ ଅର୍ଥାତ୍ ସୈନିକଶ୍ରେଣୀସ୍ଥ ଥିଲେ, ସେମାନଙ୍କର କଷ୍ଟ ଚିନ୍ତା ନ ଥିଲା । ଏମାନେ ରାଜଦତ୍ତ ବୃତ୍ତିଭୋଗୀ ଥିଲେ । ସେଥିପାଇଁ ସେମାନଙ୍କୁ କାଳବଳ କରୁ ନ ଥିଲା । ଖାଇପିଇ ସନ୍ତୁଷ୍ଟ ଅନନ୍ୟ ମନ ବୁଲୁଥିଲେ, କୁସ୍ତି ମାଲଯୁଦ୍ଧ ପ୍ରଭୃତି କରି ଶାରୀରିକ ବଳ ଅର୍ଜନ କରୁଥିଲେ ଏବଂ ଯୁଦ୍ଧବିଦ୍ୟା ଶିକ୍ଷା କରୁଥିଲେ ।

ପ୍ରାଚୀନକାଳରେ ସୈନ୍ୟ ଦୁଇ ଶ୍ରେଣୀର ଥିଲେ; ପଦାତିକ ଓ ଅଶ୍ୱାରୋହୀ । ଢାଲ, ତରବାରି, ବର୍ଚ୍ଛା, ଖଣ୍ଡା, କଟାରି, ଶର, ଧନୁ, ବାଟୁଳି ପ୍ରଭୃତି ଅସ୍ତ୍ର ଯୁଦ୍ଧରେ ବ୍ୟବହୃତ ହେଉଥିଲା । ଗୋଡ଼ରେ ଯୋତା ପିନ୍ଧୁଥିଲେ । ଏଥିର ପ୍ରମାଣ ଖୋଦିତ ପ୍ରସ୍ତରମୂର୍ତ୍ତିରୁ ମିଳୁଅଛି । ଭୁବନେଶ୍ୱର ମନ୍ଦିରରେ ବୀର ପ୍ରସ୍ତରମୂର୍ତ୍ତି ଖୋଦିତ ଅଛି ଏବଂ ଗୋଡ଼ରେ ବୁଟ୍ ଯୋତା ପିନ୍ଧିବାର ଦେଖାଯାଏ । ଦାଢ଼ି ଏବଂ କେଶ ରଖିବା ସୈନିକପୁରୁଷମାନଙ୍କର ଧର୍ମ ଥିଲା । ଖୋଦିତ ପ୍ରସ୍ତରମୂର୍ତ୍ତିରେ ଦାଢ଼ି-କେଶର ପରିଚୟ ମିଳେ । ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ ଅଦ୍ୟାପି କେଶ ରଖୁଥିବାର ଦେଖାଯାଏ । "ଜ୍ୟା" କହି କାନରେ ହାତ ପକାଇବା ବୀରତ୍ୱ-ପରିଚୟସୂଚକ ଏବଂ ଲୋକେ କାର୍ଯ୍ୟତଃ ସାମାନ୍ୟ କଥାରେ ଏ ପ୍ରବୃତ୍ତିର ପରିଚୟ ଦେଇଥାନ୍ତି ।

ଓଡ଼ିଆମାନେ ଯେ ବୀରଜାତି ଥିଲେ ତହିଁର ଅନ୍ୟ ଗୋଟିଏ ନିଦର୍ଶନ ଦେଖାଯାଏ । ଓଡ଼ିଶା ରାଜାଙ୍କ ପଦ ପ୍ରାରମ୍ଭରୁ "ବୀର" ଶବ୍ଦ ବ୍ୟବହୃତ ଓ ଅଦ୍ୟାବଧି ଓଡ଼ିଶା ରାଜା ଏ ଉପାଧି ବ୍ୟବହାର କରୁଅଛନ୍ତି ଏବଂ ଗ୍ରାମସ୍ଥ ପଞ୍ଜିକା ଓ ଜନ୍ମପତ୍ରିକାମାନଙ୍କରେ "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ-କର୍ଣ୍ଣାଟ-କଲବର୍ଗେଶ୍ୱର" ବ୍ୟବହୃତ ହେଉଅଛି ।

ପ୍ରସ୍ତରଖୋଦିତ ଲିପିମାନଙ୍କରେ ମଧ୍ୟ ରାଜାମାନଙ୍କ ନାମ ପୂର୍ବରେ "ବୀର ଶ୍ରୀ" ଇତ୍ୟାଦି ଶୋଭିତ ରହିଅଛି । ରାଜା ଅନଙ୍ଗଭୀମଦେବ ଏ ଉପାଧି ସୃଷ୍ଟି କରିଥିଲେ । ମାଦଳାପାଞ୍ଜିରୁ ଦେଖାଯାଏ "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବରଗେଶ୍ୱର ଅଷ୍ଟସାଏ ଭୂତଭୈରବ ଦୁଷ୍ଟଙ୍କ ଦୁଃଶାସନ ଅନନ୍ୟକରଣେ ରାହୁତରାୟ ଅତୁଳ ବଳ ପରାକ୍ରମ ସଂଗ୍ରାମ ସହସ୍ରବାହୁ ଧୂମକେତୁ" ପୂର୍ଣ୍ଣ ଉପାଧି । ଏଥିଦ୍ୱାରା ସ୍ୱୟଂ ବୀର ଥିବାର ପରିଚୟ ଦେଇଅଛନ୍ତି ଏବଂ ବୀରୋଚିତ ବଳବୀର୍ଯ୍ୟ ଓ ପରାକ୍ରମଶାଳୀ ଥିବାର ମଧ୍ୟ ପରିଚୟ ଦିଆଯାଇଛି । ବୀରୋଚିତ କାର୍ଯ୍ୟ କରିଥିବାରୁ ଏଥିରୁ ସୂଚନା ମିଳେ । ଏ ଉପାଧିର ପ୍ରତ୍ୟେକ ଶବ୍ଦ ବୀରୋଚିତ କାର୍ଯ୍ୟର ପରିଚାୟକ । ବୀରତ୍ୱ ଦ୍ୱାରା ଯେଉଁ ଯେଉଁ ରାଜ୍ୟ ଜୟ କରିଥିଲେ, ଅର୍ଥାତ୍ ଗୌଡ଼, କର୍ଣ୍ଣାଟ, କଳବର୍ଗା ଇତ୍ୟାଦିର ନାମୋଲ୍ଲେଖ ଅଛି । ରାଜାଙ୍କ ଉପାଧିରୁ ପ୍ରଜାମାନଙ୍କ ବୀରତ୍ୱ କଳନା କରାଯାଇପାରେ । ରାଜା ଏକାକୀ ଯୁଦ୍ଧ କରୁ ନ ଥିଲେ । ରାଜା କର୍ଣ୍ଣଧାର, ପ୍ରଜାମାନେ ପ୍ରକୃତ ପକ୍ଷେ ଆପଣା ବଳଦ୍ୱାରା ଯୁଦ୍ଧରେ ଜୟୀ ହୋଇଥିଲେ । "ମାରେ ସିପାହି · ନାମ ସର୍ଦ୍ଦାର"ର ବୋଲି ପ୍ରବାଦ ଅଛି । ସୈନ୍ୟମାନେ ଜିତନ୍ତି, ନାମ ହୁଏ ରାଜାର । ରାଜାର ନାମ ହେଲେ ତହିଁରୁ ପ୍ରଜାମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ ଜଣାପଡ଼େ । ଏହି ନିୟମ କଷଟିରେ ଯଚାଇ ଦେଖିଲେ ଓଡ଼ିଆମାନଙ୍କର ତତ୍କାଳୀନ ବୀରତ୍ୱର ପୂର୍ଣ୍ଣ ପରିଚୟ ମିଳେ । ରାଜା ମଧ୍ୟ ସୈନିକମାନଙ୍କୁ ଉପାଧି ଦେଇ ସେମାନଙ୍କ କାର୍ଯ୍ୟକୁ ଆଦରେ ଗ୍ରହଣ କରିଥିବାର ପ୍ରମାଣିତ ହୁଏ । ଉପରେ ଯେଉଁ ସମସ୍ତ ଉପାଧିର ପରିଚୟ ଦେଇଅଛୁଁ, ତହିଁରୁ ସ୍ପଷ୍ଟ ଜଣାଯାଏ ସେ ଉପାଧି ପ୍ରଦାନ କରି ରାଜା ବୀରପୁରୁଷମାନଙ୍କୁ ସମ୍ମାନିତ କରିଥିଲେ ।

ଅନେକ ଗ୍ରାମ ନାମ ପ୍ରାରମ୍ଭରେ 'ବୀର' ଶବ୍ଦ ବ୍ୟବହୃତ ହୋଇଅଛି । ପ୍ରସିଦ୍ଧ ଇତିହାସ-ଲେଖକ ବଙ୍ଗର ପ୍ରାଚୀନ ଗୌରବ ଗରିମା ପ୍ରଦର୍ଶନ କରିବାକୁ ଯାଇ ଲେଖିଛନ୍ତି ଯେ ବଙ୍ଗଳା ପ୍ରଦେଶର 'ବୀରଭୂମି' ଜିଲ୍ଲା ବଙ୍ଗାଳୀଙ୍କ ବୀରତ୍ୱର ପରିଚାୟକ । ଅନ୍ୟାନ୍ୟ ପ୍ରମାଣ ସଙ୍ଗେ ପ୍ରସିଦ୍ଧ ଇତିହାସ ଲେଖକ ଜିଲ୍ଲା ନାମକୁ ଅନ୍ୟତମ ପ୍ରମାଣ ବୋଲି ଗ୍ରହଣ କରନ୍ତି । ଓଡ଼ିଶାରେ 'ବୀର' ଶବ୍ଦ ଥାଇ ଅନେକ ଗ୍ରାମ ନାମ ଦେଖାଯାଏ । ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ କେତେଗୋଟି ନାମ ଦେଲୁଁ; ଯଥା—ବୀରହରେକୃଷ୍ଣପୁର, ବୀରକେଶରୀପୁର, ବୀରପ୍ରତାପପୁର, ବୀରଗୋବିନ୍ଦପୁର, ବୀରରାମଚନ୍ଦ୍ରପୁର, ବୀରନରସିଂହପୁର, ବୀରଭୂଇଁ ଇତ୍ୟାଦି । ଏ ନାମଗୁଡ଼ିକ ବୀରତ୍ୱ ପରିଚାୟକ ।

ଦେଶର ନାନା ସ୍ଥାନରେ ଗଡ଼ ଥିଲା ଏବଂ ସେଠାରେ ସୈନିକମାନେ ବାସ କରୁଥିଲେ । ଗଡ଼ମାନ ଭାଙ୍ଗି ଯାଇଛି । ତେବେ କୌଣସି ଚିହ୍ନ ନାହିଁ ସତ, ମାତ୍ର ନାମଟି ଅଦ୍ୟାବଧି ଗ୍ରାମ ନାମ ସହିତ ଯୋଗ ହୋଇ ବ୍ୟବହୃତ ହେଉଅଛି । ସାଧାରଣତଃ ଦେଖାଯାଏ, ଗଡ଼ ନାମଧେୟ ଗ୍ରାମମାନଙ୍କରେ ପାଇକ, ଖଣ୍ଡାଏତ, ମହାନାଏକ, [illegible] ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନଙ୍କ ବସତି ଅଛି । ଏମାନଙ୍କ ବଂଶଧରମାନେ ଅଦ୍ୟାପି

ଜାଗିର ବୃତ୍ତି ଭୋଗକରୁଥିଲେ; କିନ୍ତୁ ଜରୁର ସମୟରେ ଯୁଦ୍ଧ, ସେନା ଦେଉଥିଲେ । ଏ ସମସ୍ତ ବିଷୟ ପରିଷ୍କାର । ଦୃଷ୍ଟାନ୍ତ ସ୍ୱରୂପ କେତେଗୋଟି ଗଡ଼ର ନାମ ଉଲ୍ଲେଖ କରାଗଲା:—ଗଡ଼ ରଙ୍ଗପୁ, ଗଡ଼ ଶ୍ରୀରାମପୁର, ଗଡ଼ ଭିଁଅରା, ଗଡ଼ ନଅଁ ଗୋଲଣ୍ଡା, ଗଡ଼ ଅଲାସ୍ତ, ଖଣ୍ଡା ପାଲଗଡ଼, ଗଡ଼ ଅଲାସ୍ତ, ଖଣ୍ଡା ପାଲିଗଡ଼, ଗଡ଼ ଅଳ, ଲୁଜଙ୍ଗ ଗଡ଼, ଗଡ଼ ଗୋରଣ୍ଡି, ଗଡ଼ କରମଳା, ଗଡ଼ ବାଲିଚୁଙ୍ଗି, ଗଡ଼ ଘଣ୍ଟି ଏ, ବାଘଶେଠୀ, ମଲପଡ଼ା ଗଡ଼, ଖଳକଣ୍ଟା ଗଡ଼, ମୁରିଶିଙ୍ଗ ଗଡ଼, ଗଡ଼ ଅନୁଅର, ଗଡ଼ ଆମଣାକୁଦ, ଗଡ଼ ଅସ୍ତ୍ରି, ଗଡ଼ ବାଲିଅନ୍ତା, ଶାରଙ୍ଗ ଗଡ଼, ଗଡ଼ ଖାରଦ, ଗଡ଼ କୃଷ୍ଣପ୍ରସାଦ, ଗଡ଼ ମାଟିଆପଡ଼ା, ଗଡ଼ସାହି, ଗଡ଼ କାନପୁର, ଗଡ଼ ବରପଦା, ଗଡ଼ ବରମୁଣ୍ଡ, ଗଡ଼ ଘଣ୍ଟା, ଗଡ଼ ଦୌଡ଼ାର, ଗଡ଼ ଛଡଅ, ଗଡ଼ ପଦମପୁର, ଗଡ଼ ରୂପାସ, ଗଡ଼ ପିଠା, ଗଡ଼ ବେଗୁନିଆପଡ଼ା, ଗଡ଼ ସୁଜନପୁର, ଗଡ଼ ମୋଚି, ଗଡ଼ ଅମରପ୍ରସାଦ, କଟକପୋଖରୀ, ଗଡ଼ ମାଣଜୀ, ବରପଦା ଗଡ଼, ରଣିପୁର କଟକ, ଗଡ଼ କୁହିଁ ଏ, ଗଡ଼ ପଦା, ଗଡ଼ ବେଲଡାଲ୍, ଗଡ଼ ସାରଙ୍ଗଦାର, ଗଡ଼ ଧର୍ମଶାଳର, ଗଡ଼ ସରେଇପଡ଼ା, ଗୋପାଳ ଗଡ଼, ଖୋର୍ଦ୍ଧା କଟକ, ଧଉଳି ଗଡ଼, ମନପୁର ଦୁର୍ଗ, କଟକ, ନୂଆଗଡ଼, ଖୋଲ ଗଡ଼, ଦୋଲଗଡ଼, ଅଠଗଡ଼, ଗଡ଼ ନରସିଂହପୁର, ସାନ୍ଟିଗଡ଼, ଅଳାବୁଣି ଗଡ଼, ବାରବାଟୀ କଟକ, ଯାଜପୁର କଟକ, ଗୋଲରା ଗଡ଼, ଭଣ୍ଡିଣୀ ଗଡ଼ ( କୁଣ୍ଡିନୀ ) ଇତ୍ୟାଦି ନାମର ନମୁନାଗୁଡ଼ାକୁ ପ୍ରାଚୀନ ଓଡ଼ିଆଜାତିର ବୀରତ୍ୱର ପରିଚୟ ମିଳେ । ଏ ସମସ୍ତ ସ୍ଥାନର ଭଗ୍ନାବଶେଷ ଅଛି ଏବଂ ଏଗୁଡ଼ିକ ବୀରତ୍ୱର ପ୍ରତ୍ୟକ୍ଷ ପ୍ରମାଣ । ଏ ଗଡ଼ମାନଙ୍କରେ ଜଣେ ଜଣେ ସାମନ୍ତ ଥିଲେ ଏବଂ ତାଙ୍କ ଅଧୀନରେ ପଦାତିକ ସୈନ୍ୟ ଥିଲେ ଏବଂ ଆବଶ୍ୟକ ହେଲେ ଏମାନେ ସୈନ୍ୟ ପ୍ରେରଣ କରୁଥିଲେ ।

ଗଡ଼ କଟକ ଶବ୍ଦ ଏକାର୍ଥବାଚକ ଏବଂ ଉଭୟ ନାମ ଯୁକ୍ତ ସମ୍ପୃକ୍ତ ସମାର୍ଥ ଥିବାର ଜଣାଯାଏ । କଟକ ଅର୍ଥ ହେଲା ସନ୍ନିବେଶ ସ୍ଥାନ ବା ଶିବିର ଏବଂ ଗଡ଼ ଶବ୍ଦ ଅପର ଅର୍ଥ ପରିଖାବେଷ୍ଟିତ ସ୍ଥାନ ବା ଦୁର୍ଗ । ଏହି ଅର୍ଥରେ ଏ ଶବ୍ଦମାନଙ୍କର ପ୍ରାଚୀନ ବ୍ୟବହାର ହୋଇଥିବାର ଦେଖାଯାଏ ।

(୧) ଅଣା ଗୁଡ଼ି ଭୂଜ କର ଗଡ଼ଦ୍ୱାର ।
(୨) ଉତ୍କଳେ ଗଡ଼ରୁ ଗଡ଼ବାସୀ ଜନେ ।
(୩) ସେହି କଟକରେ ଛଟକେ ବସ୍ତକେ ମୁକର; ଇତ୍ୟାଦି ।

କଟକ ବର୍ତ୍ତମାନ ଓଡ଼ିଶାର ରାଜଧାନୀ । ମାତ୍ର ଏ ସ୍ଥାନର ପ୍ରକୃତ ନାମ ବାରବାଟୀ କଟକ ଥିଲା ବୋଲି ମାଦଳାପାଞ୍ଜିରୁ ଦେଖାଯାଏ । ମାଦଳାପାଞ୍ଜିରେ ଲେଖାଅଛି "× × ଏ ରାଜା (ଭୀମ ପଣ୍ଡିତ ବା ଦ୍ୱିତୀୟ ଅନଙ୍ଗ ଭୀମଦେବ) କଟକ ଚଉଦ୍ୱାର କଟକେ ବସେ ଭଣାଅଛି । ଏପରି ଏକଦିନକରେ ରାଜା ବନକର ଆସି ମହାନଦୀ ପାର ହୋଇ ଏ ନଦୀକୁ ଦକ୍ଷିଣ କୂଳରେ ଦେଖିଲେ ଯୋଦାଣ୍ଡ ଦଣ୍ଡପାଟର ବାରବାଟୀ ଗ୍ରାମରେ

କମେଶ୍ୱର ଦେବଙ୍କ ସନ୍ନିଧେ ଶ୍ୟାମଳ ପର୍ଣ୍ଣିକ ବନ ମାତ୍ର ବସିଛୁ । ଏହା ଦେଖି ରାଜା ବଡ଼ ଆଶ୍ଚର୍ଯ୍ୟ ପାଇ ଶୁଭଯୋଗ ଦିନରେ ବାରବାଟୀ ଗ୍ରାମରେ ଶୁଭ ଦେଇ ନଗର ତୋଳାଇଲେ । ଏ କଟକର ନାମ ବାରବାଟୀ କଟକ ନାମ ଦେଇ ନଗର କଟକ ଚଉଦ୍ୱାର ଛାଡ଼ି ଆସିଲେ ଏବଂ ଏ କଟକରେ ରହିଲେ ।" କବି ରାଧାନାଥ କହିଛନ୍ତି—

ଯୌବନଦୀପିକ ଏ ଦୁର୍ଗ ଏ ବାରବାଟୀ । ଯାର ରକ୍ତ ପିଣ୍ଡେ ଜଡ଼ା ତା'ର ମାଟି ।।

ବାରବାଟୀ ଦୁର୍ଗ କେବେ ନିର୍ମିତ ହୋଇଥିଲା ଦେଖାଯାଉ । ପ୍ରଥମ ପରିଚ୍ଛେଦ ବା ଦ୍ୱିତୀୟ ଅନଙ୍ଗ ଭୀମଦେବଙ୍କ ରାଜତ୍ୱକାଳ ସ୍ଥିର କଲେ ବାରବାଟୀର ନିର୍ମାଣ ସମୟ ସ୍ଥିର ହେବ ।

ହଣ୍ଟର ସାହେବ ହୁଅନ୍ତୁ ବା ଷ୍ଟର୍ଲିଂ ସାହେବ ହୁଅନ୍ତୁ, ମାଦଳାପାଞ୍ଜି ଅପେକ୍ଷା ଅନ୍ୟ କୌଣସି ବିଶ୍ୱାସଜନକ ଲିଖିତ ପ୍ରମାଣରୁ ତାଙ୍କ ଲିଖିତ ଇତିହାସ ବିଷୟ ସଂଗ୍ରହ କରି ନ ଥିବେ । ଓଡ଼ିଶାର ରାଜବଂଶ ସମ୍ବନ୍ଧୀୟ ଇତିହାସ ମାଦଳାପାଞ୍ଜି ବ୍ୟତୀତ ଅନ୍ୟ କୌଣସିଠାରେ ଲେଖା ନାହିଁ । ମାଦଳାପାଞ୍ଜିକି ଅବା ଅବିଶ୍ୱାସ କରିବା କାହିଁକି ? ହଣ୍ଟର ସାହେବ କହନ୍ତି, ମାଦଳାପାଞ୍ଜିରେ ଯେ ସବୁ କଥା ଲେଖାଅଛି ଅର୍ଥାତ୍ ରାଜାମାନଙ୍କ ରାଜତ୍ୱକାଳ ସମ୍ବନ୍ଧୀୟ ବିଶ୍ୱାସ ଯୋଗ୍ୟ ବିଷୟମାନ ନୁହେଁ । ଦ୍ୱିତୀୟ କାରଣ, ଦେଉଳ ଅନେକ ଥର ଲୁଟପାଟ ହୋଇଥିଲା । ତେବେ ଏ ପାଞ୍ଜି ଅକ୍ଷୁଣ୍ଣ ରହିଲା କିପରି ? ଏ କଥାରେ ବିଶେଷ କୌଣସି ଯୁକ୍ତି ଥିଲାପରି ବୋଧ ହେଉନାହିଁ । ବିଶେଷତଃ ହଣ୍ଟର ସାହେବ ରାଜାମାନଙ୍କ ରାଜତ୍ୱକାଳ ଯାହା ନିର୍ଣ୍ଣୟ କରି ଲେଖିଛନ୍ତି ତା' ସହିତ ମାଦଳାପାଞ୍ଜି-ଲିଖିତ ସମୟର ବିଶେଷ କିଛି ଅମେଳ ଥିବାର ଦେଖାଯାଏ ନାହିଁ । ବରଂ ଜଣାଯାଏ, ହଣ୍ଟର ସାହେବ ଓଡ଼ିଆଭାଷା ଜାଣି ନ ଥିବାରୁ ମାଦଳାପାଞ୍ଜି ସ୍ୱୟଂ ପଢ଼ି ପାରି ନ ଥିବେ ଏବଂ ଯେ ତାଙ୍କୁ ବିଷୟ କହିଦେଇଥିବ ତାଙ୍କ କଥା ବୁଝି ନ ପାରି କେତେକ ଭ୍ରମ ରହିଥିବାର ସମ୍ଭାବନା । ସୁତରାଂ ମାଦଳାପାଞ୍ଜିରେ ଲିଖିତ ବିଷୟକୁ ଏକାବେଳକେ ଅଗ୍ରାହ୍ୟ କରାଯାଇ ନ ପାରେ ।

ମାଦଳାପାଞ୍ଜିରୁ ଜଣାଯାଏ ଯେ ଦୁଇଜଣ ରାଜା ଅନଙ୍ଗଭୀମଦେବ ନାମରେ ପରିଚିତ ଥିଲେ । ଗଙ୍ଗବଂଶରେ ଅଠଜଣ ରାଜା ରାଜତ୍ୱ କରିଥିଲେ ଏବଂ ଏମାନେ ମୋଟରେ ବ ୧୭୮ । ୮ । ୧୭ ଦିନ ରାଜତ୍ୱ କରିଥିଲେ । ଚୋଡ଼ଗଙ୍ଗଦେବ ବ ୭୨ । ୨ । ୧୦ ଦିନ, ଗଙ୍ଗେଶ୍ୱର ଦେବ ୯ ବର୍ଷ, ଏକଜଟା କାମଦେବ ୭ ବର୍ଷ, ମଦନମୋହନ ଦେବ ୧୫ ବର୍ଷ, ଅନଙ୍ଗଭୀମଦେବ ବ ୨୭ । ୧ । ୧ ଦିନ, ପୁରୁଷୋତ୍ତମ ଦେବ ବ ୨୭ । ୧ । ୭ ଦିନ, ଅନଙ୍ଗଭୀମଦେବଙ୍କ ଭଳି ଭୀମ ପରନ୍ତୁ ସେ କ ୨ୟ ଅନଙ୍ଗଭୀମ ନାମରେ ପରିଚିତ, ସେ ୨୭ ବର୍ଷ ଏବଂ ରାଜରାଜେଶ୍ୱର ଦେବ ୧ ବର୍ଷ ରାଜତ୍ୱ କରିଥିଲେ । ହଣ୍ଟର ସାହେବ

ଗଙ୍ଗବଂଶର କେବଳ ୨୪ ଜଣ ରାଜାଙ୍କ ନାମ ଉଲ୍ଲେଖ କରିଅଛନ୍ତି । ମାତ୍ର ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱକାଳ ବ ୨୬ । ୨ । ୧୦ ଦିନ ଥିବା ସ୍ଥଳେ ୧୧୩୨ ଖ୍ରୀଷ୍ଟାବ୍ଦଠାରୁ ୧୧୫୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କେବଳ ୨୦ ବର୍ଷ ଉଲ୍ଲେଖ କରିଅଛନ୍ତି । ହଣ୍ଟର ସାହେବଙ୍କ ହିସାବରେ ଗଙ୍ଗବଂଶ ରାଜତ୍ୱ ସମୟ ୧୦୫ ବର୍ଷ । ହଣ୍ଟର ସାହେବ ଏ ସିଦ୍ଧାନ୍ତରେ ଉପନୀତ ହେବାଲାଗି କୌଣସି ପ୍ରମାଣ ଦେଖାଇ ନାହାନ୍ତି । ସୁତରାଂ ମାଦଳାପାଞ୍ଜିରେ ଯେଉଁ ହିସାବ ଅଛି ତାହା ଗ୍ରାହ୍ୟ । ଅତଏବ ମାଦଳାପାଞ୍ଜି ସଙ୍ଗେ ବର୍ତ୍ତମାନ ରାଜାଙ୍କଠାରୁ ଉପର ବଂଶଧରମାନଙ୍କ ରାଜତ୍ୱକାଳ ହିସାବ କରି ଦେଖାଯାଏ ଯେ, ଗଙ୍ଗବଂଶୀୟ ରାଜାମାନେ ୧୦୩୨ ଖ୍ରୀଷ୍ଟାବ୍ଦଠାରୁ ୧୨୨୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏବଂ ୨ୟ ଅନଙ୍ଗଭୀମଦେବ ୧୧୮୩ ଖ୍ରୀଷ୍ଟାବ୍ଦ ଠାରୁ ୧୨୧୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ରାଜାଙ୍କ ରାଜତ୍ୱରେ ୧୫ ଅଙ୍କ ପୂର୍ବରୁ ବାରବାଟୀ କଟକ ନିର୍ମିତ ହୋଇଥିବା କଥା ମାଦଳାପାଞ୍ଜିରୁ ଜଣାଯାଏ; ଅର୍ଥାତ୍ ୧୧୬୦ ଖ୍ରୀଷ୍ଟାବ୍ଦର କିଛି ଦିନ ପୂର୍ବେ ବାରବାଟୀ ନିର୍ମିତ ହୋଇଥିଲା ।

ଷ୍ଟର୍ଲିଂ ସାହେବ ଓ ବେଶ୍ୱୋଣ୍ଡ ଲେଖକମାନେ ବାରବାଟୀ ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ ହୋଇଥିବାର ଯାହା ସିଦ୍ଧାନ୍ତ କରିଅଛନ୍ତି ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

'କଟକ' ଶବ୍ଦ କୌଣସି ନିର୍ଦ୍ଦିଷ୍ଟ ନଗରର ନାମ ନଥିଲା । ମାତ୍ର 'କଟକ' ବର୍ତ୍ତମାନ ଯୋଗ ରୂଢ଼ପଦ ହୋଇ ବାରବାଟୀ କଟକ କେବଳ କଟକ ନାମରେ ଅଭିହିତ ହେଉଅଛି । ପୁରୁଷୋତ୍ତମ ଆଗେ କଟକ ନାମରେ ଅଭିହିତ ହେଉଥିଲା । ମାଦଳାପାଞ୍ଜିରେ ଲେଖାଅଛି, "ଶ୍ରୀପୁରୁଷୋତ୍ତମ କଟକେ ଶ୍ରୀମନ୍ଦିରେ" ଇତ୍ୟାଦି । ବାରବାଟୀ କଟକ ନିର୍ମାଣ ହେବାର ବହୁକାଳ ପୂର୍ବରୁ କଟକ ଶବ୍ଦର ବ୍ୟବହାର ଦେଖାଯାଏ । ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟରେ କଟକ ଶବ୍ଦ ବ୍ୟବହୃତ ହୋଇଛି । ମାଦଳାପାଞ୍ଜିରେ ଲେଖାଅଛି, "ଏ ଚୋଡ଼ଗଙ୍ଗଦେବ × × ରାଜ୍ୟ କଲେ ୧୩ ଦିନ । କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର ଦିନ ନାଟ ବେଶରେ ଅଧି କଟକ ମାତ୍ରବର୍ତ୍ତୀ ରାଜା ହୋଇଲେ × × ଯାଜପୁର କଟକେ ପ୍ରବେଶ ହୋଇ ପ୍ରଥମେ ରହିଲେ । ପଞ୍ଚମ କଟକ ବାରୁଣସୀ ପ୍ରବେଶ କରି ଭୋଗ କଲେ ବ ୭୨ । ୨୦୧୦ ଦିନ, ମଦନ ମହାଦେବ ସିଂହଳ ଦଣ୍ଡପାଟ ସହଜପାଣ ଗ୍ରାମ କଟକ କରିଥିଲେ ।[illegible]" ପୂର୍ବୋକ୍ତ ବାରୁଣସୀ ବର୍ତ୍ତମାନ ବିଡ଼ାନସୀ ନାମରେ ଅଭିହିତ । ଏଥିରୁ ଜଣାଯାଏ, ବିଡ଼ାନସୀ ଓ ଯାଜପୁର କଟକମାନ ବାରବାଟୀ କଟକ ଅପେକ୍ଷା ପ୍ରାଚୀନ । ଚଉଦ୍ୱାର ଦୁର୍ଗ ମଧ୍ୟ ପ୍ରାଚୀନ ଦୁର୍ଗ । ରାଧାନାଥ କହିଛନ୍ତି—

ଚତୁର୍ଦ୍ୱାରଶୋଭ୍ୟ ପୁର ଚଉଦ୍ୱାର
ଉତ୍ତର କୋଶଳା ମୌଳି ଅଲଙ୍କାର ।

ମହାନଦୀର ଉତ୍ତରାଞ୍ଚଳକୁ 'କୋଶଳ' ବୋଲି ପୂର୍ବେ କହୁଥିଲେ । କୋଶଳକେଶରୀ ନାମରେ ଜଣେ ରାଜା ଓଡ଼ିଶାରେ ରାଜତ୍ୱ କରିଥିଲେ । ଏ କେଶରୀବଂଶୀୟ ରାଜା

ଭରତକେଶରୀଙ୍କ ପରବର୍ତ୍ତୀ ରାଜା ଥିଲେ । ସମ୍ଭବତଃ ଏହାଙ୍କ ନାମାନୁସାରେ ମଣ୍ଡାନପୁର ଦକ୍ଷିଣାଞ୍ଚଳ କୋଶଳ ନାମରେ ଅଭିହିତ ହୋଇଥିଲା ।

ଅନ୍ୟାନ୍ୟ ଦୁର୍ଗ ସମ୍ବନ୍ଧ ମାଦଳାପାଞ୍ଜିରେ ଯାହା ଉଲ୍ଲେଖ ଅଛି ତାହା ନିମ୍ନରେ ଦିଆଗଲା ଏବଂ ଓଡ଼ିଶାରେ ଯେଉଁ ଯୁଦ୍ଧ ମାନ ହୋଇଥିଲା ତାହାର କିଛି ଅଂଶ ଦିଆଗଲା । ମାଦଳାପାଞ୍ଜିରେ ଯେପରି ଭାଷାରେ ଲେଖାଅଛି, ଅବିକଳ ସେହି ଭାଷାରେ ଲେଖାଗଲା ।

୧ । ରାଜା ଭଜଚନ୍ଦ୍ର ପୁନପୁର ଭୂୟାଁ ସଙ୍ଗେ ଯୁଦ୍ଧ କରି ତା ମୁଣ୍ଡ କାଟି ପକାଇଲେ ।

୨ । ରାଜା କପିଳେଶ୍ୱର ଦେବ ୮ ଅଙ୍କେ ରାୟବାଡ଼ କଟକାଇ କଲେ, ୯ ଅଙ୍କେ ପଶ୍ଚିମେ କଟକାଇ କଲେ, ୧୦ ଅଙ୍କେ ଶିମୁଣ୍ଡି ମାଇଲେ ।

୩ । ରାଜା କପିଳେନ୍ଦ୍ର ଦେବ ୩୪ ଅଙ୍କ ସରିକି ସେତୁବନ୍ଧ ଯାଏ ଆକ୍ରମଣ କଲେ, ୩୭ ଅଙ୍କ ବୃଷମାସ କୃଷ୍ଣ ତ୍ରୟୋଦଶୀ ଦିନ ମଙ୍ଗଳବାର କୃଷ୍ଣବେଣୀ ନଦୀ କୂଳେ ଅବାହନ ହୋଇଗଲେ ।

( ଅବାହନ — ଆହ୍ୱାନ — ନିମନ୍ତ୍ରଣ ବା ସ୍ଥାପନ ବା ଅଭିଷେକ )
( ମାତ୍ର ମାଦଳାପାଞ୍ଜିରେ ମୃତ୍ୟୁ ଅର୍ଥରେ ବ୍ୟବହାର )

୪ । ପୁରୁଷୋତ୍ତମଦେବ ୮ ଅଙ୍କରେ ସେତୁବନ୍ଧ କଟକାଇ କଲେ, ବିଦ୍ୟାନଗର ଗଡ଼ ଭାଙ୍ଗି ପକାଇ ଦେଲେ, ଏକଛତ୍ର କରି ରାଜ୍ୟ ସାଧିଲେ । ଏ ରାଜାଙ୍କ ୧୭ ଅଙ୍କରେ ଗଉଡ଼ ନଗରୁ ମୁଗଲ ବାହୁଡ଼ିଲେ, କଟକ ନିକଟେ ଦେଡାର ପକାଇଲେ, କଟକ ରକ୍ଷା ହୋଇଥିଲା । ଏହି ବିଦ୍ୟାଧର ଯାଇଁ ଧଇଲେ ସାରଙ୍ଗଗଡ଼ । ଶ୍ରୀପୁରୁଷୋତ୍ତମେ ଆସି ସୁଲତାନ ରହିଲେ । ଶ୍ରୀପୁରୁଷୋତ୍ତମ ଆସି ଭଗ୍ନ ପାତଶା ଅନେକ ମୁଲତାନ ପ୍ରବେଶ ହୋଇଲେ । ବଡଦେଉଳେ ଯେତେ ଠାକୁରମାନ ଥିଲେ ସମସ୍ତଙ୍କୁ ଚୂର୍ଣ୍ଣ କଲେ । ଦକ୍ଷିଣ କଟକାଇରେ ଯେ ରାଜା ଯାଇଥିଲେ ସେ ବାରତା ପାଇଲେ ଏବଂ ଆସିଲେ । ସୁଲତାନ ଶ୍ରୀପୁରୁଷୋତ୍ତମ ଛାଡ଼ିଲେ । ରାଜା ତାହାଙ୍କ ପଛେ ଲାଗି କଟକେ ମରିହ ଗଙ୍ଗା ପରିଯନ୍ତେ ଅଳପଣ୍ଡ ସୁଲତାନକୁ ଗୋଡ଼ାଇଲେ । ସେ ଏହିଠାରେ ବଡ଼ତ ଯୁଦ୍ଧ କଲେ । ଏଠାରୁ ଭାଙ୍ଗି ସୁଲତାନ ମନ୍ଦାରୁଣୀ ଯାଇଲେ । ମନ୍ଦାରୁଣୀ ଛଡ଼ାଇ ରାଜାଏ ଆହୋଣ୍ଡି ରହିଲେ । ଗୋବିନ୍ଦ ବିଦ୍ୟାଧର ଯାଇ ସୁଲତାନଙ୍କୁ ଦେଖିଲେ । ରାଜାଙ୍କୁ ସେ ଦୋରେହା ହୋଇଲେ । ସୁଲତାନକୁ ଘେନି ବାହୁଡ଼ି ଆଇଲେ । ମନ୍ଦାରୁଣୀ ଗଡ଼ଠାରେ ଭାରି ବଡ଼ତ ଯୁଦ୍ଧ କଲେ । ରାଜା ତାକୁ ଲଗିହୋଇ ଯାଗଦଣ୍ଡ ଘେନି ବଡ଼ତ ତୋଳମୁଖ କଲେ । ଗୋବିନ୍ଦ ଯେଇ ବିଦ୍ୟାଧର ମୁଖରେ ରାଜାଙ୍କୁ ଭଙ୍ଗାଇଲେ । ସେହିଠାରେ ସୁଲତାନ ତାଙ୍କ ରାଜ୍ୟରେ ରହିଲେ । ୩୧ ଅଙ୍କେ ରାଜା ଝେମୁଣ୍ଡି ମାଇଲେ । ୩୨ ଅଙ୍କ ପୁଣି ରାଜା ମହେନ୍ଦ୍ର କଟାଇଲେ । ମାଲକା ପାତଶାଙ୍କ

ସଙ୍ଗେ ବନ୍ଧୁକ ଯୁଦ୍ଧ କଲେ । ବହୁତ ଲୋକେ ସେ ଯୁଦ୍ଧରେ ପଡ଼ିଲେ । ପୁଣି ରାଜା ପାତିଶାର ଜୀଇତ ହୋଇଲା ।

( ପାତିଶା — ବାଦଶାହ, ହେତାସ୍ତ — ଜମ୍ବୁ ) ।

୫ । ରାଜା ଗୋବିନ୍ଦ ବିଦ୍ୟାଧର ପ୍ରତାପରୁଦ୍ରଙ୍କ ୩୨ ପୁଅଙ୍କୁ ମାରିଇ ଦେଲେ । × × × ରଘୁବଂଶ ଚୈତନ୍ୟସ୍ୱ କାରଣ ପାଇ ଅବଦୁଲ୍ଲା ଶାହୁ ସେନା ମହାନଦୀ ପାର ହୋଇ ମୁହାଁଣି ରହିଲେ । ସଙ୍ଗତେ ୬୦୦୦ ସହସ୍ର ଲୋକ ସେନା ଚଉଦ୍ୱାରଠାରେ ପହଞ୍ଚି ଯୁଦ୍ଧ କଲେ । କେହି ରହି ନ ପାରି ପଳାଇଲେ । ଦୁଇଘଡ଼ି ଦୈନ୍ୟ ପ୍ରହାର ପଡ଼ିଲେ । ସେଠାରୁ ଲୋକ ଭାଙ୍ଗିଲେ । ଗଙ୍ଗାକୂଳ ଯାଏ ଗୋଡ଼ାଇଲେ ।

୬ । ରାଜା ରଘୁରାମ ସେନା ନୃପତି ହୁଅନ୍ତେ ଦକ୍ଷିଣୁ ଦନାଇ ବିଦ୍ୟାଧର ଆଇଲେ । ମଙ୍ଗଳାଯୋଡ଼ିଠାରେ ସେ ରହିଲେ । ସେଠାରେ 'ମୁକୁନ୍ଦ ହରିଚନ୍ଦନଙ୍କୁ ଡକାଇଲେ । ଦନାଇଙ୍କ ଘେରିଦେଲେ । କଟକେ ନେଇ ଶାଙ୍କୁଳ ଦେଲେ । ରଘୁଭଞ୍ଜ ଛୋଟରାଏ ଯେ ଭିତରେ ଥିଲେ ସେ ତହୁଁ ଫଉଜ ସେନା ଓଡ଼ିଶାକୁ ଆଇଲେ । ମୁକୁନ୍ଦ ହରିଚନ୍ଦନ ତାଙ୍କ ସଙ୍ଗତ ଯୁଦ୍ଧ କଲେ । ବନ୍ଧୁକ ନେଇ ମାରିଲେ । ରଘୁଭଞ୍ଜ ଛୋଟରାଏଙ୍କୁ ବନ୍ଦିକଲେ ଏବଂ କେଶରେ ମାରି ପକାଇଲେ ।

୭ । ରାମଚନ୍ଦ୍ର ଦେବଙ୍କ ୨୧ ଅଙ୍କରେ ମକରମ ଖାଁ ଆଇଲେ । ଧନୁ ୨୬ ଦିନ ଯୋର୍ଦ୍ଦ । ସେଇକଲେ । ରାଜା ଯାଇ କୁଜଙ୍ଗ ସେନା ରଣପୁର ସୀମାରେ ମାଣତାଇ ଗ୍ରାମରେ କଟକ କଲେ ।

୮ । ରାଜା ଦିବ୍ୟସିଂହଦେବଙ୍କ ଅମଳରେ ଅହ୍ମଦ ବେଗ୍ ହୋଇଲା ଖୁର୍ଦ୍ଧା ରାଜାଙ୍କର କଟକ ନଥ । ଏଥକୁ ରାଜା ଝୋଳ ମଦ୍ଧମଠାରୁ ଭାଙ୍ଗି ମାଣଜୀ କଟକକୁ ବିଜେ କରି ରହିଲେ ।

୯ । ମୁକୁନ୍ଦଦେବ ମହାରାଜାଙ୍କ ଅମଳରେ ନବାବ ଅବଦାକ ଖାଁ ପିଟୋଲି ଯାଏ ଆଇଲା । ରାଜା କୁଜଙ୍ଗ ସେନା ବାଣମୁକୁନ୍ଦପୁର ନଅରଠାରେ ବିଜେକଲେ । ରାଜାଙ୍କ ଉତ୍ତର ପ୍ରୀତଦଶ ବାହୁଡ଼ା କଲା ।

୧୦ । ⁂ ⁂ ଦିବ୍ୟସିଂହ ରାଜା ଖୋର୍ଦ୍ଧା ବରପଦା ଗଡ଼ରୁ ଆସି ରଥିପୁର କଟକ ବିଜେ କରାଇ ରାଜ ୫ ଖଣ୍ଡଠାରେ ଅଭିଷେକ କରାଇ ଦେବାର୍ଚ୍ଚନ କଲେ । କଟକ ଛାଡ଼ି ଶ୍ରୀନଅରରେ ବିଜେକଲେ ⁂ ⁂ ଦକ୍ଷିଣ ପଟୁ ଦେବତାମାନେ ଖୋଦଲ ଗଡ଼କୁ ବିଜେ କଲେ ।

୧୧ । ⁂ ⁂ ⁂ ମେଷ ୨୮ ଦିନେ ଯୋର୍ଦ୍ଦ । କଟକେ ଅଭିଷେକ ହୋଇଲେ । ରାମଚନ୍ଦ୍ର ଦେବଙ୍କ ୮ ଅଙ୍କ ଧନୁ ୨୨ ଦିନେ କଟକ ଦୁବା ପୁଜାଙ୍କ ପୁଣ ଢଙ୍କଣା ନୟର

ସେହି ଶିଶୁପାଳଗଡ଼ ସେନା ଖେଦାଇଦେଲେ, ଅନ୍ଧାରୀଗଡ଼ ସେନା ରଥୀପୁର ଘେରିଲେ । × × ନବାବ ରଥୀପୁର ରକ୍ଷା ଖୁର୍ଦ୍ଦା ରଙ୍ଗପଡ଼ାଠାରେ ଲଢ଼ାଇ କଲେ । ରାମଚନ୍ଦ୍ର ଦେବଙ୍କ ୮ ପୁଅ (କୃଷ୍ଣରାଏ ସେନା, ଏହାଙ୍କ ବଡ଼ପୁଅ ମୁକୁନ୍ଦ କୁମାର, ଏହାଙ୍କ ବଡ଼ପୁଅ ମଧୁସୂଦନ କୁମାର, ଏହାଙ୍କ ପୁଅ ସୁଶାଂଗଡ଼ କୁମାର ଇତ୍ୟାଦି) ନରସିଂହପଡ଼ରେ ରହିଲେ, ଖୋର୍ଦ୍ଧା ଲୁଣ୍ଠିତ ହେଲା । ନବାବ ବାଣପୁର ଘେରିଲେ । କୁମାରଙ୍କ ସହିତ ଖୁର୍ଦ୍ଦା ରଙ୍ଗପଡ଼ାଠାରେ ଯୁଦ୍ଧ ହେଲା । କୁମାରେ ପଳାଇ ଦାଶପଲ୍ଲା ରହିଲେ । ୧୦ ଅଙ୍କ ଜୁନ୍ ୧୬ ଦିନ ନବାବ ମହମ୍ମଦଶାହି ଗଡ଼ । ସେମାନଙ୍କୁ କୁଅଁରଗଡ଼ ବିଜେକଲେ । ଏଠାରୁ ବିଜେକାଳ ବଣ୍ଡି ଅଣପଡ଼ା ବୋଲଗଡ଼ ବିଜେକଲେ । × × ପରମେଶ୍ୱରଙ୍କୁ ଆଠଗଡ଼ ସୀମାରେ ମେରଦା ବିଜେକଲେ । × × ଡଙ୍କନରସିଂହପୁରଠାରେ ରାଜା ଅଦର୍ଶନ ହେଲେ ।

୧୨ । ରାଜା ବୀରକିଶୋର ଦେବ ରାଜଗାଦିରେ ଅଭିଷେକ ହେବା ସମୟରେ ଖେମୁଣ୍ଡି ରାଜା ଓଡ଼ିଶାର ଉତ୍ତରାଧିକାରୀ ବୋଲି ବୀରକେଶରୀ ଦେବଙ୍କ ସଙ୍ଗେ ମିଳି ଓଡ଼ିଶାକୁ ଉଜାଡ଼ିଦେଲେ । ବୀରକିଶୋର ଦେବ ମରହଟ୍ଟାଙ୍କୁ ଆହ୍ୱାନ କରିବାରୁ ମରହଟ୍ଟା ଖେମୁଣ୍ଡି ରାଜାଙ୍କୁ ପରାଜୟ କଲେ ଓ ଖୋର୍ଦ୍ଧାକୁ ଉଦ୍ଧାରିଦେଲେ । ବୀରକିଶୋର ମରହଟ୍ଟାଙ୍କୁ ଏକ ଲକ୍ଷ ଟଙ୍କା ଦେବାକୁ ସ୍ୱୀକାର କରି ନ ଦେବାରୁ ଲେମ୍ବାଇ, ରହଙ୍ଗ, ପୁରୁଷୋତ୍ତମ ଓ ଚଉବିଶ ଗଡ଼ଜାତମାନଙ୍କ ସ୍ୱତ୍ୱ ମରହଟ୍ଟାଙ୍କୁ ଦାନକଲେ ।

୧୩ । ଦିବ୍ୟସିଂହ ଦେବ ଖୋର୍ଦ୍ଧା ପଥରଗଡ଼ ଛାଡ଼ି ବରୁଣାଇ ପର୍ବତ କୋଳରେ ଘାଟି ନାମକ ଗଡ଼ କରି ରହିଲେ ।

୧୪ । × × କଟକ ବାରବାଟୀରେ ମୁକୁନ୍ଦଦେବ ବନ୍ଦୀ ହେଲେ ଏବଂ ଓଡ଼ିଶାର ପ୍ରାଚୀନ ଗୌରବ-ରବି ଅସ୍ତ ହେଲା ।

ସୁତରାଂ ଆମ୍ଭେ ଦେଖୁ, ଓଡ଼ିଶାର ବିଶାଳ ବକ୍ଷ ସେହି ଗଡ଼ ଓ କଟକମାନଙ୍କୁ ଅଦ୍ୟାବଧି ଧାରଣ କରିଛି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ସ୍ଥାନରେ ଓଡ଼ିଶାର ପ୍ରାଚୀନ ଇତିହାସ ନିହିତ ଅଛି ଏବଂ ସେଗୁଡ଼ିକ ପ୍ରାଚୀନ ଉତ୍କଳୀୟଙ୍କ ବୀରତ୍ୱ ସମ୍ବନ୍ଧେ ମୂକସାକ୍ଷୀ ସ୍ୱରୂପ ଦଣ୍ଡାୟମାନ ହୋଇ ରହିଛନ୍ତି । ବାରବାଟୀ ଦୁର୍ଗର କେବଳ ଚିହ୍ନ ମାତ୍ର ଅଛି । ତାହାର ବିଭବମାନ ଲୋପ ପାଇଛି; ତଥାପି ବାରବାଟୀ ନାମ ଶୁଣିଲେ ମନରେ ପ୍ରାଚୀନ କାହାଣୀ ଜାଗିଉଠେ । ବାରବାଟୀ ଉତ୍କଳର ଗୌରବ-ରବିଙ୍କ ମଧ୍ୟାହ୍ନ, ମେଘ ଓ ଅସ୍ତ ସମୟ ଉଭୟର ସାକ୍ଷୀ । ବାରବାଟୀ ଭାରତ-ଚିତ୍ତରେ ଗଢ଼ା; ସୁତରାଂ ବାରବାଟୀର ଆଜି ପର୍ଯ୍ୟନ୍ତ ପବିତ୍ର ।

ଓଡ଼ିଶା ଗଡ଼ରେ ଗଞ୍ଜାମଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ବୁଲିବାକୁ ହେବ । ଏହି ବିଶାଳ ଭୂଖଣ୍ଡ ସୁନ୍ଦର ଓ ସୁଦୃଢ଼ ଦୁର୍ଗମାଳାରେ ପରିଶୋଭିତ ହୋଇ ଦିନେ ଜାଜ୍ଜ୍ୱଲ୍ୟମାନ ଥିଲା । ଓଡ଼ିଶାର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଦିନେ ସୈନ୍ୟମାନଙ୍କ କୋଳାହଳ ଧ୍ୱନି ଓ

ଉଦ୍ଧାର କରିଛନ୍ତି । ମାତ୍ର ଅନେକ ସ୍ଥଳରେ ସେ ଯେତେଗୋଟି ଗଡ଼ ନାମ ଦେଇଛନ୍ତି, ତାହାର ନାମ ଅବୁଲ ଫଜଲଙ୍କ ସୁଧାବରେ ନାହିଁ । ସେ ଭିନ୍ନ ଭିନ୍ନ ସ୍ଥାନରେ ୨୨ ଗୋଟି ଦୁର୍ଗର ନାମୋଲ୍ଲେଖ କରିଛନ୍ତି । ଅବୁଲ ଫଜଲ ୧୬୦୦ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାକୁ ଆସିଥିଲେ ଏବଂ ସେ ଦେଖିଥିଲେ ଯେ ଓଡ଼ିଶା ଦୁର୍ଗ-ଜାଲ-ଜଡ଼ିତ ପ୍ରଦେଶ ଥିଲା । ସେ ଲେଖିଥିବା ତାଲିକାରୁ ନିମ୍ନଲିଖିତ ସ୍ଥାନମାନଙ୍କରେ ଦୁର୍ଗମାନ ଥିବାର ଜଣାଯାଏ ।

୧ । ଜଳେଶ୍ୱର ସରକାର—ବାଜହର (୫), ନାରାଣଧଣି (୩), ପଟଦା (୩), ଖେଡ଼ବାଇ (୧), କସବା (୧), ଜଳେଶ୍ୱର (୧), ତମ୍ଲୁକ (୧), ଭାଇଡୋଲ (୧), ରାମଣା (୫), ରାଇଜ (୩), ରଘୁପୁର (୧), ସବଙ୍ଗ (୧), ଜାଲୁଥାପୁର (୧), ବେଦାରକଣ୍ଡ (୩), ମେଦନୀପୁର (୨), କୁତବପୁର (୧), ନାରାୟଣପୁର (୧) ।

୨ । ଭଦ୍ରକ ସରକାର—ବରଓଁ (୨), ଭଦ୍ରକ (୧), ସହେନଗ (୨), ଜାଲମାନ (୧) ।

୩ । କଟକ ସରକାର—ଅଠଗଡ଼ (୧), ସୁବଦର (୪), ବକସ୍ଥଳଗର (୧), ବାରଙ୍ଗ (୯), ତବଶଳୁଚ (୪), ସ୍ୱାଲପୁର (୧), ଦଣ୍ଡିଦେଶ (୪), ଜୋଡ଼ଦେଶ (୩), କଟକ ବନାରସ (୧), କୋଟସଗ (୧) ।

କଳିଙ୍ଗ ଦଣ୍ଡପାଟ ଓ ରାଜମହେନ୍ଦ୍ରୀ ସରକାରମାନଙ୍କ ମଧ୍ୟରେ କେ କେ ଦୁର୍ଗ ଥିଲା, ସେହିଆ ଉଲ୍ଲେଖ ନାହିଁ । ଉପରୋକ୍ତ ସ୍ଥାନମାନଙ୍କରେ ଯେ ସମସ୍ତ ଦୁର୍ଗ ଥିଲା, ସେଗୁଡ଼ିକ ସୁଦୃଢ଼ ଓ ଅଭେଦ୍ୟ । ଏଗୁଡ଼ିକର ବର୍ତ୍ତମାନ ନାମ କେଉଁଠି, କ'ଣ ପରିବର୍ତ୍ତିତ ହୋଇଅଛି, ତାହା ସ୍ଥିର କରିବା କଠିନ । କୋଟସଗ ସମ୍ଭବତଃ କୋଟସାହାଙ୍ଗ । ପୁରୀ ଜଲାର ଗୋଟିଏ ପ୍ରଗଣାର ନାମ ମଧ୍ୟ କୋଟସାହାଙ୍ଗ ଏବଂ ଗୋଟିଏ ଗ୍ରାମର ନାମ ମଧ୍ୟ କୋଟସାହାଙ୍ଗ । କଟକ ବନାରସ ସମ୍ଭବତଃ ବାରାଣସୀ । ତମ୍ଲୁକ ସମ୍ଭବତଃ ତମଲୁକ । ନାରାୟଣପୁର ସମ୍ଭବତଃ ନରେଗଡ଼ । ଅନ୍ୟମାନଙ୍କ ସମ୍ବନ୍ଧେ ପରେ ଅନୁସନ୍ଧାନ କରି ଲେଖାଯିବ । ସାରଙ୍ଗଗଡ଼ ବାରଙ୍ଗ ନିକଟରେ । ସେଠାରେ ବର୍ତ୍ତମାନ ଦୁର୍ଗର ଧ୍ୱଂସାବଶେଷ ଦେଖାଯାଏ । ଶିଶୁପାଳଗଡ଼ ଭୁବନେଶ୍ୱର ନିକଟରେ । ସେଠାରେ ମଧ୍ୟ ଦୁର୍ଗର ଚିହ୍ନ ଦେଖାଯାଏ ।

କାଳ-ବାତ୍ୟା-ତାଡ଼ିତ ହୋଇ ଅଧିକାଂଶ ଗଡ଼ ଧୂଳିସାତ୍ ହୋଇଗଲାଣି । କେତେକ ସ୍ଥଳରେ କେବଳ ସ୍ଥାନ ନିର୍ଦ୍ଦେଶ କରିଯାଇପାରେ; ମାତ୍ର ଦୁର୍ଗୋଚିତ କୌଣସି ଲକ୍ଷଣ ଉପକରଣମାନ ନାହିଁ । ଦୁର୍ଗମାଳାର ଶ୍ରେଷ୍ଠ ଅମୂଲ୍ୟ ପଦକସ୍ୱରୂପ ବାରବାଟୀ ଦୁର୍ଗ ଯେଉଁ ମାଟିରୁ ଗଢ଼ାହୋଇଥିଲା, ସେହି ମାଟିରେ ମିଶିଗଲାଣି । କ୍ରମେ ଓଡ଼ିଶାର ପ୍ରାଚୀନତ୍ୱ ଲୋପ ହୋଇଯାଉଛି; କିନ୍ତୁ କାହାର ଭ୍ରୂକ୍ଷେପ ନାହିଁ ! ଏବେ ଏଥିଲାଗି ଆମ୍ଭମାନଙ୍କୁ ପଶ୍ଚାତ୍ତାପ କରିବାକୁ ହେବ ! ବାରବାଟୀ ଦୁର୍ଗ ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା । ଅବୁଲ

ଟକଲ୍ ୧୮୭୦ ଖ୍ରୀଷ୍ଟାବ୍ଦରେ ଏବଂ ଏମ୍. ଗଡ଼ମେଣ୍ଟ ୧୭୬୭ ଖ୍ରୀଷ୍ଟାବ୍ଦରେ ବାରବାଟୀର ପୂର୍ଣ୍ଣ ଯୌବନାବସ୍ଥା ଦେଖିପାରିଥିଲେ । ସେହି ବାରବାଟୀ ଦୁର୍ଗରୁ ସୈନ୍ୟ କୋଳାହଳ ଉତ୍ଥିତ ହୋଇ ଆକାଶ ସ୍ପର୍ଶ କରୁଥିଲା ଓ ଶତ୍ରୁ ହୃଦରେ ତମକ ଉପସ୍ଥିତ କରୁଥିଲା, ଆଜ ତାହା ଶ୍ୱାନ-ଶୃଗାଳମାନଙ୍କ ବିକଟ ଧ୍ୱନିରେ ମୁଖରିତ । ଯେଉଁ ସେହି ବାରବାଟୀ ଦୁର୍ଗ ଉତ୍କଳପତି-ମାନଙ୍କର ଲୀଳାକେଳି ଓ ବିହାରଭୂମି ଥିଲା, ଆଜ ତାହା ଶ୍ମଶାନରେ ପରିଣତ ହେଲାଣି । ସେହି ବାରବାଟୀ ଆଜ ଓଡ଼ିଆଜାତିର ନମସ୍ୟ, ପୂଜ୍ୟ ଓ ପବିତ୍ର ସ୍ଥାନ ହୋଇଥାନ୍ତା ଏବଂ ତାହାର ଧୂଳିକଣା ଶରୀରରେ ବୋଳିହୋଇ ଆପଣାକୁ ପବିତ୍ର ମନେ କରୁଥାନ୍ତୁ, ଆଜ ସେହି ପ୍ରାତଃସ୍ମରଣୀୟ ବାରବାଟୀ କଳି ମନୁଷ୍ୟ ପଶୁମାନଙ୍କ ବନ୍ୟଭୂମିରେ ପରିଣତ ହୋଇଛି ।

କୃପାସିନ୍ଧୁ ବାବୁ ବାରବାଟୀର ଦୁରବସ୍ଥା ଦେଖି ବହୁତ ଅକ୍ଷେପ ପ୍ରକାଶ କରିଛନ୍ତି ଏବଂ ପବ୍ଲିକ୍ ଓ୍ୱାର୍କ୍ସ ଡିପାର୍ଟମେଣ୍ଟମାନଙ୍କ ଉପରେ ଦୋଷାରୋପ କରିଅଛନ୍ତି । କୃପାସିନ୍ଧୁ ବାବୁ ପ୍ରଶ୍ନର ଯେଉଁ ସମାଧାନ କରିଛନ୍ତି ତାହା ଠିକ୍; ମାତ୍ର ମୁଁ ପଚାରେଁ, ବାରବାଟୀ ଦୁର୍ଗ ରକ୍ଷା କରିବା ଲାଗି ଦାୟିତ୍ୱ କାହା ଉପରେ ଥିଲା ? ଆପଣା ଘର ଆପେ ରକ୍ଷା କରି ନପାରିବା ଦୋଷରୁ ନଷ୍ଟ ହେଲେ ଦୋଷ କାହାର ? ଆମ୍ଭେ ତ ଏପର୍ଯ୍ୟନ୍ତ ଆମ୍ଭମାନଙ୍କ ପ୍ରାଚୀନ କୀର୍ତ୍ତିମାନଙ୍କର ମୂଲ୍ୟ ବୁଝିପାରିବେ ନାହିଁ, ଅନ୍ୟକୁ ଦୋଷ ଦେଲେ କଣ ହେବ । ବାରବାଟୀ ଦୁର୍ଗ ଓଡ଼ିଆ ଜାତୀୟତାର ସାକ୍ଷାତ୍ ଜୀବନ୍ତ ପ୍ରତିମୂର୍ତ୍ତି ହୋଇ ସବୁ ବକ୍ଷରେ ଥାନ୍ତା, ତାʼଉପରେ କୁଠାରାଘାତ ହେଲାବେଳେ ପ୍ରତ୍ୟେକ ଓଡ଼ିଆ ଶରୀରରେ ଆଘାତ ଲାଗିଥାନ୍ତା ଏବଂ ତାହା ସୁରକ୍ଷିତ ନ ହେବା ପର୍ଯ୍ୟନ୍ତ ଓଡ଼ିଆଜାତି ଶାନ୍ତି ହୋଇ ଶୋଇପାରି ନ ଥାନ୍ତା । ଆମ୍ଭମାନଙ୍କର ଜାତୀୟଜୀବନ ନାହିଁ କହିଲେ ଚଳେ ! ପ୍ରତ୍ୟେକ ଓଡ଼ିଆ ଆପଣାକୁ ପ୍ରଶ୍ନ କରନ୍ତୁ, ନିଶ୍ଚୟ ତାର ବିବେକ ଉତ୍ତର ଦେବ ଯେ ବାରବାଟୀ ରକ୍ଷା କରି ନ ପାରିବା ଦୋଷ ଆମ୍ଭମାନଙ୍କ ଉପରେ !

ପୁରୀରେ ଚୈତ୍ର ମାସରେ ରାମନବମୀ ଯାତ୍ରା ହୁଏ । ଏ ସମୟରେ ଯାଉଯାତ୍ରା ବାହାରେ । ଏ ଯାଉଯାତ୍ରା ମଧ୍ୟରେ ଅନେକ ଯୁବକ ଅନେକ ପ୍ରକାରେ ବେଶ ବାନ୍ଧି ସୁନ୍ଦର ଦେଖାଇ ନୃତ୍ୟ ଗୀତ କରି ଆମୋଦପ୍ରମୋଦ କରିଥାନ୍ତି । ନାଗା ଗୋଟିଏ ପ୍ରଧାନ ବେଶ । ନାଗାମୂର୍ତ୍ତି ଦେଖିଲେ ମନରେ କୌତୂହଳ ଜାତ ହେବା ସଙ୍ଗେ ସଙ୍ଗେ ଗୋଟିଏ ଗମ୍ଭୀର ଚିନ୍ତା ଉପସ୍ଥିତ ହୁଏ । ମନେ ହୁଏ, ଏ ମୂର୍ତ୍ତିର ମୂଳ କେଉଁଠି ? ମୋର ମନେହୁଏ ଏବଂ ପ୍ରକୃତପକ୍ଷେ ଏକଥା ନିଶ୍ଚୟ ଯେ ଏ ମୂର୍ତ୍ତି ପ୍ରାଚୀନ ଧର୍ମମୂର୍ତ୍ତିର ପ୍ରତିକୃତି ମାତ୍ର । ଅରନ୍ଧୁବନ୍ତି ନିର୍ବାପିତ ହୋଇ ବୋଧହୁଏ ଏହି ଜାତୀୟ ନୃତ୍ୟରେ ପରିଣତ ହୋଇଅଛି । ନାଗାବେଶରୁ ବୀର-ବେଶର ଆଭାସ ମିଳେ । ନାଗାବେଶ ବାନ୍ଧି ପାଦୁକ ପକାଇ ଗୁଳିବା ଓ ମୁଗ୍ଧି ଖୁଣ୍ଟି ବନ୍ଧୁକ ଫୁଟାଇବା ଠାଣି ଓ ସିଂହାର ଦେଖିଲେ ମନେ ହୁଏ, ଏ ଜାତିରେ ଥରେ ବୀରତ୍ୱ ଥିଲା ଏବଂ ସେହି ଜାତୀୟ ପ୍ରକୃତି ଓ ପ୍ରବୃତ୍ତି ଉପଯୁକ୍ତ କାର୍ଯ୍ୟକ୍ଷେତ୍ର ନ ପାଇ ଆମୋଦପ୍ରମୋଦବେଳେ ବ୍ୟାଜରେ ବାହାନା ଚରିତାର୍ଥ କରୁଅଛି । ନାଗାବେଶର ଉପକରଣ ମଧ୍ୟରେ ଢାଲ,

ହାର, କୁଣ୍ଡଳ, ବଳଭୁଜ, କାଞ୍ଚଣୀ, ପଞ୍ଚୁଲି, ବାହୁଟି ପ୍ରଭୃତି ପ୍ରାଚୀନ ଓଡ଼ିଆମାନଙ୍କର ପ୍ରଧାନ ଭୂଷଣ ଥିଲା । ଆଜି ମଧ୍ୟ ଲୋକେ ନାନା ଗହଣାକୁ ଗୌରବ ମନେ କରନ୍ତି ଏବଂ ଯେ ନାନା ଗହଣା ପିନ୍ଧେ ସେ ବଳିଷ୍ଠ ଲୋକ ବୋଲି ମନରେ ଗର୍ବ କରେ ଏବଂ ଲୋକେ ମଧ୍ୟ ତାର ଶାରୀରିକ ବଳକୁ ପ୍ରଶଂସା କରିଥାନ୍ତି । ଗ୍ରାମ୍ୟ ଯାତ୍ରାଯାତ୍ରାରେ ଯେ ନାନା ସାଜେ ସେମାନଙ୍କ ଦଳ ମଧ୍ୟରେ ତାର ବିଶେଷ ଖାତିର । ନାଗମୂର୍ତ୍ତି ଓ ଅଶ୍ୱାରୋହୀ ସୈନ୍ୟମୂର୍ତ୍ତି ଅନେକ ଦେଉଳରେ ଖୋଦିତ ହୋଇ ରହିଛି । ଜଗନ୍ନାଥ ଦେଉଳରେ ଖୋଦିତ ମୂର୍ତ୍ତି ଅଛି । ଏ ସମସ୍ତ ଓଡ଼ିଆଜାତିର ପ୍ରାଚୀନ ବୀରତ୍ୱର ପ୍ରମାଣ ।

ଶାରୀରିକ ବଳ ବୃଦ୍ଧି କରିବାପାଇଁ କୁସ୍ତି କରିବାର ପ୍ରଥା ଥିଲା । ଅଧିକାଂଶ ସ୍ଥାନରେ ବିଶେଷତଃ ଗଡ଼ମାନଙ୍କରେ ଆଖଡ଼ାଘର ଥିଲା । ଯୁବକମାନେ ସନ୍ଧ୍ୟାବେଳେ ଏ ଆଖଡ଼ା-ମାନଙ୍କରେ ମାଲକୁସ୍ତି, ପଟ୍ଟାଖେଳ, ଫରିଖେଳ, ତରବାରି ଖେଳ ଆଦି ଶିକ୍ଷା କରୁଥିଲେ । ମାଲଖମ୍ବ, ମୁଦ୍‌ଗର, ଧନୁର୍ବାଣ ପ୍ରଭୃତି ଦ୍ୱାରା ବ୍ୟାୟାମ କରୁଥିଲେ । ଭୂମିଦଣ୍ଡ ପକାଇବାର ପ୍ରଥା ଥିଲା । ଏସମସ୍ତ ଦ୍ୱାରା ଶରୀର ସବଳ ହେଉଥିଲା, ବାହୁଯୁଗଳ ସୁଗୋଲ ହେଉଥିଲା, ବକ୍ଷଦେଶ ପ୍ରଶସ୍ତ ହେଉଥିଲା । ଆଖଡ଼ାଘରର ଇଷ୍ଟଦେବତା ବୀର ହନୁମାନ ଏବଂ ଯୁବକମାନେ ହନୁମାନଙ୍କ ପ୍ରସ୍ତରମୂର୍ତ୍ତି ଆଖଡ଼ାଘରେ ରଖି ପ୍ରତି ମଙ୍ଗଳବାର ଧୂପ ଦୀପ, ସିନ୍ଦୂର ଓ ନୈବେଦ୍ୟ ଦେଇ ପୂଜା କରୁଥିଲେ । ଆଦର୍ଶ ଦେବତାଙ୍କଠାରେ ବିଶ୍ୱାସ ରଖି ଯୁବକମାନେ ବୀର ହନୁମାନଙ୍କ ପରି ବଳବାନ୍ ହେବାକୁ ଉଦ୍‌ଯୋଗୀ ଥିଲେ । "ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।" ବହୁକାଳ ପୁରୁଷାନୁକ୍ରମେ ଯେଉଁ ପ୍ରବୃତ୍ତି ପରିପୋଷିତ, ପରିବର୍ଦ୍ଧିତ ଓ ସଂପ୍ରସାରିତ ହୋଇଥାଏ, ସହଜେ ତାର ବିନାଶ ହୁଏ ନାହିଁ । ଏହି ନୈସର୍ଗିକ ନିୟମାନୁସାରେ ଓଡ଼ିଆଜାତିରୁ ଏ ପ୍ରବୃତ୍ତି ଏକାବେଳକେ ଲୋପ ପାଇ ନାହିଁ । ଆଜି ମଧ୍ୟ କେତେକ ସ୍ଥାନରେ ଏ ଅନୁଷ୍ଠାନଗୁଡ଼ିକ ଧ୍ୱସ୍ତ ଅବସ୍ଥାରେ ଅଛି । ପୁରୀ ସହରରେ ପ୍ରତ୍ୟେକ ସାହିରେ ଦୁଇ ତିନୋଟି ଆଖଡ଼ାଘର ଅଛି; ମାତ୍ର କ୍ରମେ ଏହାର ମୂଳ ଉଦ୍ଦେଶ୍ୟ ଲୋପ ହୋଇ ଆସୁଛି । ଆଖଡ଼ାଘରମାନଙ୍କରେ କେବଳ ଗଞ୍ଜେଇ ଖାଇବା ପ୍ରବୃତ୍ତି ଉନ୍ନତ ଅବସ୍ଥାକୁ ଆସୁଥିବାର ଦେଖାଯାଏ । ଏହାଠାରୁ ବଳି ଆକ୍ଷେପର ବିଷୟ ଆଉ କଣ ଅଛି ।

ଓଡ଼ିଆମାନଙ୍କ ବୀରତ୍ୱ ଅବିସମ୍ବାଦିତ । ମାତ୍ର ଓଡ଼ିଆମାନଙ୍କ ବୀରତ୍ୱରେ କିଛି ବିଶେଷତ୍ୱ ଥିଲା । ଓଡ଼ିଆମାନେ ବୀରତ୍ୱ ଦେଖାଇବାକୁ ଯାଇ ଅନ୍ୟ କୌଣସି ଜାତି ଉପରେ ପାଶବିକ ଅତ୍ୟାଚାର କରି ନ ଥିଲେ କିମ୍ବା ଧର୍ମୋନ୍ମତ୍ତ ନିଷ୍ଠୁରତାବଳୀ ଜାହିର କରି ବିପକ୍ଷ ପକ୍ଷର ଲୋକମାନଙ୍କୁ ହତ୍ୟା କରି ନ ଥିଲେ । କୌଣସି ରାଜ୍ୟର ପ୍ରାଚୀନ କୀର୍ତ୍ତିକଳାପର ଧ୍ୱଂସ କରି ନ ଥିଲେ କିମ୍ବା କୌଣସି ରାଜ୍ୟର ଜନସାଧାରଣ ସ୍ତ୍ରୀ-ବାଳକ-ନିର୍ବିଶେଷରେ ମାନବମାନଙ୍କୁ ହତ୍ୟା କରି ନ ଥିଲେ । ଆଜି ଜର୍ମାନମାନେ ମାନବଜାତି ଉପରେ ମାରାତ୍ମକ ବିଷାକ୍ତବାଷ୍ପରେ ଯେଉଁ ଭୟାବହ ଲୋମହର୍ଷଣକାରୀ ପାଶବିକ ଅତ୍ୟାଚାର କରୁଅଛନ୍ତି, ଓଡ଼ିଆ

ସେମାନଙ୍କୁ ସେପରି ଦୋଷରେ କେହି କେବେ ଅଭିଯୁକ୍ତ କରି ପାରି ନାହିଁ ବା ପାରିବ ନାହିଁ । ଓଡ଼ିଶାରେ ମୋଗଲ ମରହଟ୍ଟାମାନେ ଯେପରି ଅବଲୀଳାକ୍ରମେ ନୃଶଂସ ଅତ୍ୟାଚାର କରିଥିଲେ, ଓଡ଼ିଆମାନେ ସେପରି ଅତ୍ୟାଚାର କୌଣସି ରାଜ୍ୟରେ କରି ନାହାନ୍ତି । ଓଡ଼ିଆ ସାହସୀ ଥିଲେ । ପୁଣି ସହିଷ୍ଣୁତା ଗୁଣରେ ଭୂଷିତ ହୋଇ ମହତ୍ତ୍ୱ ପ୍ରଦର୍ଶନ କରିଥିଲେ । ଓଡ଼ିଆମାନଙ୍କର ସାହସିକତା ପ୍ରସିଦ୍ଧ । ଅନେକ କାଳ ପୂର୍ବେ ସାହିତ୍ୟଦର୍ପଣକାର ଲେଖିଯାଇଛନ୍ତି "କଳିଙ୍ଗଃ ସାହସିକଃ ।" ଓଡ଼ିଆମାନେ ସାହସୀ ଥିଲେହେଁ ଆଶ୍ରିତ ଶତ୍ରୁକୁ ମଧ୍ୟ ଆଶ୍ରୟ ଦେବାଲାଗି କୁଣ୍ଠିତ ହୋଇ ନ ଥିଲେ । ଏଥିର ପରିଚୟ ପୂର୍ବେ ଦେଇଅଛୁଁ । ଆଶ୍ରିତ-ବତ୍ସଳତା ଏବଂ ଉଦାରତା ଓଡ଼ିଆ ଭାଇମାନଙ୍କର ପ୍ରଧାନ ଗୁଣ ଥିଲା । ଜାତି ଓ ଧର୍ମ ନିର୍ବିଶେଷରେ ଓଡ଼ିଆମାନେ ଆପଣା ବାହୁଚ୍ଛାୟାତଳେ ଅପରକୁ ଆଶ୍ରୟ ଦେଇ ଆପଣାର ଉଦାରତା ଦେଖାଇଛନ୍ତି । ଇତିହାସ ଏହାର ସାକ୍ଷୀ । ଓଡ଼ିଆଜାତି କେବେ କାହାର ଦ୍ୱାରସ୍ଥ ହୋଇ ଆଶ୍ରୟ ଭିକ୍ଷା କରି ନ ଥିଲା କିମ୍ବା ଓଡ଼ିଆଜାତି ସେପରି ଧାତୁରେ ଗଠିତ ହୋଇ ନ ଥିଲା ।

ଆମ୍ଭେ ପୂର୍ବେ ଯେଉଁ ଉପାଧିମାନଙ୍କ ନିଦର୍ଶନ ଦେଇଅଛୁଁ, ସେଥିମଧ୍ୟରେ ସେନାପତି ଗୋଟିଏ ଉପାଧି । ସେନାପତି ଉପାଧି ବିଭିନ୍ନ ଶ୍ରେଣୀସ୍ଥ ଲୋକମାନଙ୍କର ଥିବାର ଦେଖାଯାଏ । ଯଥା ବ୍ରାହ୍ମଣ, ତନ୍ତି, କ୍ଷତ୍ରିୟ, ପାଇକ ଇତ୍ୟାଦି ବିଭିନ୍ନ ଶ୍ରେଣୀସ୍ଥ ଲୋକଙ୍କ ମଧ୍ୟରେ ଏ ଉପାଧି ଦେଖାଯାଏ । ଶ୍ରୋତ୍ରିୟ ଶାସନୀ ବ୍ରାହ୍ମଣମାନଙ୍କର ବାହିନୀପତି ଉପାଧି ଅଛି । ନାୟକ ଉପାଧି ବିଭିନ୍ନ ଶ୍ରେଣୀସ୍ଥ ଲୋକଙ୍କଠାରେ ଦେଖାଯାଏ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ବ୍ରାହ୍ମଣମାନେ ମଧ୍ୟ ଆବଶ୍ୟକବେଳେ ସୈନ୍ୟଶ୍ରେଣୀଭୁକ୍ତ ହୋଇ କାର୍ଯ୍ୟ କରୁଥିଲେ । ବ୍ରାହ୍ମଣମାନେ କେବଳ ମନ୍ତ୍ରଣାଦାତା ନ ଥିଲେ । ସେମାନେ ସୈନ୍ୟ-ବିଭାଗରେ ନାୟକତ୍ୱ କରୁଥିଲେ । ମହାସେନାପତି ବୋଲି ଅନ୍ୟ ଗୋଟିଏ ଉପାଧି ମାଦଳା-ପାଞ୍ଜିରୁ ମିଳେ : "ପୃଥ୍ୱୀଧର ନାୟକ ମାର୍କଣ୍ଡ ମହାସେନାପତି ।" ଏଥିରୁ ଜଣାଯାଏ ଆପଦ-ବିପଦବେଳେ ଆବଶ୍ୟକ ହେଲେ ସବୁ ଶ୍ରେଣୀସ୍ଥ ଲୋକମାନେ ସୈନ୍ୟଶ୍ରେଣୀଭୁକ୍ତ ହେଉଥିଲେ । ସୈନ୍ୟସଂଖ୍ୟାର ପରିଚୟ ଏଥିରୁ ଜଣାଯାଏ ।

ଅନଙ୍ଗଭୀମ ଦେବଙ୍କ ରାଜତ୍ୱକାଳରେ କେତେ ସୈନ୍ୟ-ସାମନ୍ତ ଥିଲେ, ମାଦଳାପାଞ୍ଜିରୁ ତାର ପରିଚୟ ମିଳେ । ମାଦଳାପାଞ୍ଜିରେ ଏହିପରି ଲେଖା ଅଛି : "× × ଏଥକୁ ମହାରାଜାଙ୍କୁ ପାଇକ ଙ୍କେନ୍ତ, ଦନ୍ତମସ୍ତୀ ମାଳୁନୀ ହାତୀ ମଧ୍ୟ ୨୫୦୦ ଘର, ଚଢ଼ିବା ପ୍ରତିରେ ରାହୁତ ଘୋଡ଼ା ବାରେ ୨୦୦୦୦ ହଜାର, ବାଣୁଆ ବାଣୁଆ ଧନୁକ ଫରିକାର ଇଟିକାର ମଧ୍ୟ ପାଇକ ୩୦୦୦୦ ହଜାର ଜଣ ।"

'ପାଇକ' ଶବ୍ଦର ଅର୍ଥ ପଦାତିକ । କ୍ଷତ୍ରିୟମାନେ ଆପଣାକୁ ଶ୍ରେଷ୍ଠ ଜାତି ବୋଲି ଦାବି କରନ୍ତି । କ୍ଷତ୍ରିୟର ଅର୍ଥ କ୍ଷତତ୍ରାଣକାରୀ ବୋଲି କହନ୍ତି । ମାଡକ୍ସ ସାହେବ

ଏଥିର ଦୁଇପ୍ରକାର ଅର୍ଥ କରନ୍ତି । କେତେକ ଖଡ଼କାତର ଅଧ୍ୟାପକମାନେ ଅପରଙ୍କୁ ଖଣ୍ଡାୟତ ବୋଲି କହନ୍ତି । ଏମାନଙ୍କ ମତରେ ଖଣ୍ଡ ଅର୍ଥ "ଭୂମିଖଣ୍ଡ ବା ଜାଗିରୀ ଭୂମି", ଯାହା ଉପରେ ସେମାନଙ୍କର ଅଧିକାର ଥିଲା । ସାଧାରଣତଃ ଖଣ୍ଡା ଅର୍ଥ ଅସ୍ତ୍ରବିଶେଷ ଏବଂ ଏହି ଅର୍ଥ ସାମନ୍ତ ଜମିଦାର ଓ ସମ୍ଭ୍ରାନ୍ତକୁଳର କଳ୍ପିତ ସେନାମାନଙ୍କ ପକ୍ଷେ ପ୍ରଯୁଜ୍ୟ । ଜମିଦାରମାନଙ୍କ ଅଧୀନରେ ଯେଉଁ କୃଷିଜୀବୀ ଶ୍ରେଣୀର ଲୋକମାନେ ପହରା ଦେଉଥିଲେ, ସେମାନେ ମଧ୍ୟ ଖଣ୍ଡାୟତ ବୋଲି କଥିତ ହେଉଥିଲେ । ଯାଉତ ଦରବାରମାନଙ୍କୁ ଖଣ୍ଡାୟତ ବୋଲି କୁହାଯାଏ । ଏହି ଅର୍ଥରେ ପ୍ରାଚୀନ ବ୍ୟବହାର ଦେଖାଯାଏ ।

(୧) ଶତ୍ରୁ ଖଣ୍ଡାଘାତେ ଗଡ଼ାଇଲେ ମୁଣ୍ଡ । ( ଜ: କେ: )

(୨) ଖଣ୍ଡାକୁ ଖଣ୍ଡାୟତ ହେଲେ । ଅନେକ ପ୍ରକାର ବଢ଼ିଲେ । ( ଜ: ପୁ: )

ପାଇକମାନେ ଖଣ୍ଡାୟତମାନଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ଓଡ଼ିଶାରେ ଖଣ୍ଡାୟତ ଓ ପାଇକମାନଙ୍କ ବହୁଳତା ଦେଖି ଜଣାଯାଏ ଯେ ଦେଶର ସୁରକ୍ଷାର୍ଥେ ସୈନିକମାନେ ସନ୍ନଦ୍ଧ ହୋଇ ରହୁଥିଲେ ଏବଂ ଜାଗିର ଜମି ଭୋଗ କରୁଥିଲେ । ଶାନ୍ତି ସମୟରେ ଜମି ଚାଷବାସ କରୁଥିଲେ ଏବଂ ଯୁଦ୍ଧ ସମୟରେ ସେମାନଙ୍କ ନାୟକ ଡାକିଲେ ଏକତ୍ରିତ ହେବାକୁ ବାଧ୍ୟ ଥିଲେ । ଷୋଡ଼ଶ ଶତାବ୍ଦୀରେ ଆବୁଲ ଫଜଲ ଓଡ଼ିଶାର ପାଇକ ସଂଖ୍ୟା ୧୦୦୦୦୦ ଥିବାର ଅନୁମାନ କରିଥିଲେ ଏବଂ ସେ କହିଥିଲେ ଯେ ଦେଶୀୟ ସୈନ୍ୟ ମୁସଲମାନମାନଙ୍କୁ ଏକାଧିକ ଥର ପରାସ୍ତ କରିବାକୁ ସକ୍ଷମ ହୋଇଥିଲେ । କାଳକ୍ରମେ ମୋଗଲବନ୍ଦୀର ଖଣ୍ଡାୟତ ପାଇକମାନେ କୃଷିଜୀବୀ ହୋଇ ରହିଲେ । ମାତ୍ର ପ୍ରାଚୀନ ପ୍ରଥା ବର୍ତ୍ତମାନ ସୁଦ୍ଧା ଖଣ୍ଡାୟତ, ଜମିଦାର ଓ ସାମନ୍ତ ରାଜାମାନଙ୍କ ଅଧୀନରେ କାଏମ ରହିଛି ।

ମୋଗଲ ଏବଂ ମରହଟ୍ଟାମାନଙ୍କ ଶାସନ ସମୟରେ ଉପରୋକ୍ତ ଖଣ୍ଡାୟତମାନେ ସେମାନଙ୍କ ଇଲାକାର ଆଭ୍ୟନ୍ତରୀଣ ଶାସନ କାର୍ଯ୍ୟରେ ଦାୟୀ ଥିଲେ । ମାତ୍ର ମୋଗଲବନ୍ଦୀ ପାଇକ ଓ ଖଣ୍ଡାୟତମାନେ ଥାନା ଗାମିଲରେ ସରଦାର ଓ ଖଣ୍ଡାୟତମାନଙ୍କ ଅଧୀନରେ ରହୁଥିଲେ । ଜମିଦାର ଓ ତାଲୁକଦାରମାନେ ପ୍ରଥମେ ସେମାନଙ୍କ ଇଲାକାରେ ଶାନ୍ତିରକ୍ଷା ନିମିତ୍ତ ଦାୟୀ ଥିଲେ; କିନ୍ତୁ ମରହଟ୍ଟାମାନେ ତାଲୁକଦାରମାନଙ୍କୁ ଅବମାନନା କରି ଅମିଲ ହାତରେ ପୁଲିସ ଶାସନଭାର ଅର୍ପଣ କଲେ ଏବଂ ଅମିଲମାନେ ଦଳବେହେରା ସାହାଯ୍ୟରେ ଏ କାର୍ଯ୍ୟ ଚଳାଇଲେ । ଇତିମଧ୍ୟରେ ଜାଗିରଦାରମାନେ କେତେକ ପାଇକଙ୍କୁ ବେଦଖଲ କରି ସେମାନଙ୍କ ଜାଗିର ଜମିମାନ ଦଖଲରେ ନେଲେ ଏବଂ ଯେ କେତେକ ଜଣଙ୍କର ଜାଗିର ରହିଥିଲା, ସେମାନେ ଜାଗିରଦାରଙ୍କ ଅଧୀନସ୍ଥ ଚାକର ସ୍ୱରୂପ ଥିଲେ । ଗତ ପ୍ରାଦେଶିକ ବନ୍ଦୋବସ୍ତ ସମୟରେ ସେମାନଙ୍କ ଜାଗିର ଭୂମି ଉପରେ କରଧାର୍ଯ୍ୟ କରାଗଲା । ଏମାନଙ୍କ

ଜାଗିର ଜମି ଥିବା ଜମାରେ ବନ୍ଦୋବସ୍ତ କରାଗଲା । କଟକ, ପୁରୀ, ବାଲେଶ୍ୱର ଜିଲ୍ଲାମାନଙ୍କର ଜାଗିର ଜମିର ପରିମାଣ ୬୧୧୦ ଏକର । ଏଥିମଧ୍ୟରୁ ୫୩୯୦ ଏକର ଉପରେ ଅଧା ଜମା ଧାର୍ଯ୍ୟ ହୋଇଅଛି । ଦୁଆରବାଲି ଜାଗିର ଓ ସେଣ୍ଡା ଜାଗିର ଏଥିରେ ଧରି ନାହିଁ । ପାଇକମାନେ ଦୁଇ ଶ୍ରେଣୀରେ ବିଭକ୍ତ—ଚଉଦାର ପାଇକ ଓ ବସୁଆର ପାଇକ ।

ବର୍ତ୍ତମାନ ଖଣ୍ଡାୟତ ଓ ପାଇକ ସମାଜର ଅବସ୍ଥିତି ଦେଖି ମନେ ହୁଏ ଯେ ସମଗ୍ର ଦେଶଟି ପ୍ରାଚୀନ ଯୁଦ୍ଧ-ଯୋଗ ବୃତ୍ତିରେ ବିଭକ୍ତ ହୋଇଥିଲା । ଷ୍ଟର୍ଲିଙ୍ଗ ସାହେବ ମଧ୍ୟ ଏହି ମତ ପୋଷଣ କରିଥିଲେ । ସେ କହିଛନ୍ତି—ଅର୍ଥାତ୍ ଜିଲ୍ଲାମାନଙ୍କରେ ଯେଉଁ ଅସଂଖ୍ୟ ଖଣ୍ଡାୟତ ଜାତି ଅଛନ୍ତି ସେମାନେ ପ୍ରାଚୀନ ରାଜାମାନଙ୍କର ବଂଶଧର । ପ୍ରାଚୀନ ରାଜାମାନେ ବହୁତ ସୈନ୍ୟ ରଖିଥିଲେ ଏବଂ ଦେଶକୁ ସାମରିକ ସୁବିଧା ଅନୁସାରେ ବିଭକ୍ତ କରିଥିଲେ । ଷ୍ଟର୍ଲିଙ୍ଗ ସାହେବଙ୍କ ମତେ ଅନୁସାରେ ୧୮୨୪୮ ଖଣ୍ଡାୟତ ଥିଲେ ।

ଓଡ଼ିଶାରେ ଭୂୟାଁ ପଦର ପ୍ରଚଳନ ଅଛି । କଟା, ଓଡ଼ ହେଉଁଦ୍ଧ ସେମାନଙ୍କ ଏପରି ଦେଖି ଅଛି; ଏମାନେ ସମୟରେ ସୈନିକବୃତ୍ତିଗ୍ରହଣ ହୋଇ ଯୁଦ୍ଧ କରୁଥିଲେ । ବାଲେଶ୍ୱର ଅଞ୍ଚଳରେ ଭୂୟାଁ ପଦଧାରୀ ଲୋକଙ୍କ ସଂଖ୍ୟା ଢେର । ଶାହଜାହାନ ଓ ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ସେଇ ଐତିହାସିକ ଗ୍ରନ୍ଥ ବିହାର-ଓଡ଼ିଶା ରିସର୍ଚ୍ଚ ସୋସାଇଟି ପତ୍ରିକାର ୨ୟ ଖଣ୍ଡରେ ପ୍ରକାଶିତ ହୋଇଥିବା ତହିଁରୁ ଜଣାଯାଏ ସେ ଭୂୟାଁମାନେ ମୁଗଲ-ପାଠାନମାନଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କରିଥିଲେ । ଖାନ ଦୁରାନ ୧୬୬୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ମୋଗଲ ସୁବେଦାର ହୋଇଥିଲେ । ସେ ଲେଖିଛନ୍ତି, "୯ । ୨ । ୬୧ରେ ସେ କଟକରେ ପ୍ରବେଶ କଲେ । ତାଙ୍କ ଆସିବା ଖୋର୍ଦ୍ଧା ରାଜା ଶରଣାଗତ ହେଲେ । ଅନ୍ୟାନ୍ୟ ଜମିଦାର ଖଣ୍ଡାୟତମାନେ ତାଙ୍କ ହସ୍ତଗତରେ ରହିଥିଲେ । ରାଜା ମୁକୁନ୍ଦଦେବ ଗୋଳମାଳ କଲେ । ମୋଗଲ ସୈନ୍ୟମାନେ ବିଦ୍ରୋହ ଦମନ କରି ଅନେକ ଦୁର୍ଗ ନେଲେ । ମୁଁ ବେଗମ ଥିଲା, ମାତ୍ର ଅଗ୍ରଗାମୀ ସୈନ୍ୟ ଦଳ ବାଲୁଗାଁ, ବେମାଳି, କର୍ଣ୍ଣାଡ଼, ଖଇରୁଆ ଏବଂ ଅନ୍ୟ ଛୋଟ ଦୁର୍ଗ ନିକଟରେ ପ୍ରବେଶ କଲି । ଏ ଦୁର୍ଗମାନ ପାହାଡ଼ ସନ୍ନିକଟରେ ଅବସ୍ଥିତ । ଆଉ ସୈନ୍ୟମାନେ ଏହି ପ୍ରବେଶ କଲେ । ଶତ୍ରୁପକ୍ଷ ପ୍ରସ୍ତୁତ ଅସଂଖ୍ୟ ସୈନ୍ୟ ସଂଗ୍ରହ କରି ଏବଂ ଜାତି ଉପସ୍ଥିତ ଏବଂ ଅନ୍ୟାନ୍ୟ ଭୂୟାଁମାନେ ଓ ଖଣ୍ଡାୟତମାନେ ଯୁଦ୍ଧ କଲେ । ଶତ୍ରୁମାନେ ଯୁଦ୍ଧ କଲେ । ହରିହରପୁର ମଲ୍ଲୁ, ଘାଟ, ଖଣ୍ଡା, ଜୟପୁର, କୁଞ୍ଜଗଡ଼, ଧଳଭ, ଏବଂ ହରିହର ଅନ୍ୟ ଦେଶ ଏମାନେ ଯୁଦ୍ଧ କଲେ ।" ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଭୂୟାଁମାନେ ସେତେବେଳେ ଖଣ୍ଡାୟତ ଓ ପାଇକଙ୍କ ପରି ଯୁଦ୍ଧ କରୁଥିଲେ ଏବଂ ସେ ସମ ଅନ୍ତରକୁ ବାହୁବଳ ଦେଖାଇଥିଲେ ତାର ମଧ୍ୟ ପରିଚୟ ମିଳେ ।

ଏଠାରେ ମଧ୍ୟ ପ୍ରକାଶିତ ହୁଏ ଯେ ଷ୍ଟର୍ଲିଙ୍ଗ ସାହେବ ଓଡ଼ିଶା ରାଜାମାନଙ୍କ ରାଜତ୍ୱକାଳ ସମ୍ବନ୍ଧରେ ଯାହା କହିଛନ୍ତି, ତାହା ଭ୍ରମପୂର୍ଣ୍ଣ । ଷ୍ଟର୍ଲିଙ୍ଗ ସାହେବଙ୍କ ମତରେ

ମୁକୁନ୍ଦଦେବ ୧୬୬୨—୧୬୯୦ ଖ୍ରୀଷ୍ଟାବ୍ଦଠାରୁ ରାଜତ୍ୱ କରୁଥିଲେ । ମାଦଳ ପାଞ୍ଜିର ଗଣନାରୁ ଜଣାଯାଏ, ମୁକୁନ୍ଦଦେବ ୧୬୬୯ ଖ୍ରୀଷ୍ଟାବ୍ଦରେ ମୋଗଲମାନଙ୍କ ହସ୍ତରେ ହତ ହୋଇଥିଲେ । କିନ୍ତୁ ଏ ହିସାବ ମାଦଳାପାଞ୍ଜି ଗଣନା ସହିତ ଠିକ୍ ମିଳୁଅଛି ।

ଓଡ଼ିଶାର ବୀରତ୍ୱ ପ୍ରମାଣ ସ୍ୱରୂପରେ ନରସିଂହ ତାମ୍ରଶାସନ ଗୋଟିଏ ଅନ୍ୟତମ ସାକ୍ଷୀ । ସେଥିରେ ଯାହା ବର୍ଣ୍ଣିତ ହୋଇଛି, ତାହା ପାଠକଲେ ଆଧୁନିକ କୌଣସି ଓଡ଼ିଆ ବିଶ୍ୱାସ କରିବ ନାହିଁ ଯେ ଅମ୍ଭମାନଙ୍କର ଏପରି ଶୌର୍ଯ୍ୟ ବୀର୍ଯ୍ୟ ଥିଲା । କ୍ଷୁଦ୍ର ହୃଦୟ ଧାରଣା କରିପାରିବା ଉଚ୍ଚ ଭାବ ଲୋପ ହେବାକୁ ବସିଲାଣି । କ୍ଷୁଦ୍ରବୁଦ୍ଧି ମନୁଷ୍ୟ ବୃହତ୍ତ ବସ୍ତୁର ଧାରଣା କରି ନ ପାରେ । ଏହା ନୈସର୍ଗିକ ନିୟମ । ତାମ୍ରଶାସନ କେତେକ ଶ୍ଳୋକ ଉଦ୍ଧୃତ କରି କହୁଅଛନ୍ତି—

ଯସ୍ୟାପି ଗର୍ଜିତ ଭୈରବ ଘଟାନ୍ତ୍ରୁ-
ଗର୍ଭ ତ୍ରୁ ମୌକ୍ତିକଫଳାନ୍ୟ ସୁଭୁକ୍ତିଭାନି
ଆସାଦ୍ୟ ବିଦ୍ୟା ଶତ୍ରୁ ଯୋଷିତ ହେତ୍ୟବାଲେ
ଯସ୍ୟା ପ୍ରଭୃତି ଭରଣ ଉପ ମ୍ଳାନି ପ୍ରଭୃତି ।

ବେଦଂ ଭେଦ ମରାଳ ତୁରଙ୍ଗ ଘଟା ଶୌର୍ଯ୍ୟ ସଂଘଟ୍ଟନେ
ଯାସ୍ୟଂ ଯାସ୍ୟମସୃକ୍ ପଯ୍ୟୁଂଶୀ ବସୁଧା ଶ୍ରୀଯଦବାଦିଃ ହନାତ୍ ।
ଯୁଦ୍ଧଂ ଶ୍ରୁ ଭୂମିବୋଧବଶ୍ୟନ ବାଜଯୁତେ ଜାର୍ତ୍ତି ପ୍ରଭାବଂ ପରମ୍
ଭତ୍ରଂ ଭଦ୍ରଯସ୍ୟା ସ୍ମୃତିର୍ବିଜୟା ଯଶୋଦ୍ୟ ମାନାକୃତଃ ।

କୁର୍ବେଶ୍ୱ ଦାବ ଦର୍ପଣଂ ଖଡ୍ଗର୍କତ ପୂର୍ବଜ
ମାଧ୍ୟନ୍ଦିନ ସନ୍ଧ୍ୟା ବୃଥା ସିଂହ ଏଷଃ ।
ସ୍ୱଦେଶ ଭୂମିପଚୟୋ ନାଦସ୍ୟ ଯତ୍ର
ଶ୍ରୀଯବନିଦ୍ରପଶବର୍ତ୍ତିତ ପ୍ରସ୍ୱନଃ ।

ଶ୍ରୀଭବଧେୟନୃପାତ୍ ଦ୍ୱିସ୍ମୃତକୂଳ ଯ୍ୟାଯାର୍ ବଙ୍ଗୋଦ୍ଭବ୍
ତମ୍ବୁ ସ୍ୟାର୍ତ୍ତିମଭ୍ରୁଅବସ୍ୟେକ ଯା ସଂଶାଦସେବଂ ସଳ ।
ତାସଦ୍ କାଳ୍ପଚେଲନ ଯାତବହ୍ନିବ ତ୍ରୁନ୍ତୁ କ୍ଷତ୍ରଗଧାରାଜଳା
ଜ୍ଞାତ ସୁସ୍ୱୟମଭିଶ୍ରବାତ୍ ଦୁଷ୍ଟଗଣକ୍ଷତ୍ରସ୍ ସମାଜଗାତ ।

ଏଥିରୁ ତତ୍କାଳୀନ ନୌବାଣିଜ୍ୟକଳା, ବାଣିଜ୍ୟ, ଧର୍ମପ୍ରୟାସୀ ଜାତି, ମୂର୍ତ୍ତିତତ୍ତ୍ୱ ଆଦି ସମସ୍ତ ସହିତ ସ୍ଥାପତ୍ୟ ଦ୍ୱାରା ଦେଶାଚାରର ପ୍ରକୃତିର ପୂର୍ଣ୍ଣ ପରିଚୟ ମିଳେ । ଅନ୍ୟ ସ୍ଥାନରେ ଏହି ଲେଖିଅଛନ୍ତି—

ଉଦ୍ଦୀର୍ଣ୍ଣ ଧୂଳିନିକରସ୍ତୁ ପ୍ରସ୍ଥାଣଭୂମିକେ ଯଦଶ୍ୱ ଶତ୍ରୁକମ୍
ସଦ୍ଧୃତ୍ୟ ଶିଠ ଜଳଯାଂଶୁ ପଟଳ ପ୍ରାନ୍ତର ତଦାଂଶୁରେ ।
ଭୂଗର୍ତ୍ତଶଙ୍କଶାଦିକମଦୈବୁଚ୍ଚୈଃ ଫୁଲ୍ଲଂ ସତ୍ତ୍ୱଭିଃ
ଦୃଷ୍ଟ୍ୱାପ୍ତଂ ପୃଥ୍ୱୀକ୍ଷୁ ତରଣ ଧାରଣୀ ପଦ୍ମେକ୍ଷରଦୋଦ୍ଧଯାଦନମ୍ ।

ଅର୍ଥାତ୍ ରାଜା ନରସିଂହଦେବଙ୍କୁ ତାଡ଼ିବାବେଳେ ସେମାନଙ୍କ ପଦକମ୍ପରୁ ଧୂଳିରେ ଆକାଶ ଏପରି ସମ୍ପୂର୍ଣ୍ଣରୂପରେ ଆଚ୍ଛନ୍ନ ହେଲା ଯେ ଦିଗ୍ଗଜମାନେ ସେହି ଧୂଳିରାଶିକୁ ପୃଥିବୀ ବୋଲି ଜାଣି ସ୍ପୃହାପୂର୍ବକ ତାହାର ଉପରକୁ ଉଠିଗଲେ ଏବଂ ନାଗରାଜମାନେ ପୃଥିବୀ ଭ୍ରମରେ ସେଥିରେ ଦନ୍ତାଘାତ କରୁଥିଲେ ।

ଅବଶ୍ୟ କେହି କହିପାରନ୍ତି ଯେ, ଏ କେବଳ କବି-କଳ୍ପନା; ମାତ୍ର ତାହା ହୋଇ ନ ପାରେ । କବି ଅବଶ୍ୟ କିଛିଏ କଥାକୁ ଅତିରଞ୍ଜିତ କରି ବର୍ଣ୍ଣନା କରି ପାରନ୍ତି । ମାତ୍ର କୌଣସି ବସ୍ତୁର ଅନୁପସ୍ଥିତିରେ କବି ଏପରି ବର୍ଣ୍ଣନା କରି ନ ପାରେ । ଗଙ୍ଗବଂଶର ପ୍ରତାପ ଅନ୍ୟାନ୍ୟ ପ୍ରମାଣ ଦ୍ୱାରା ପ୍ରମାଣିତ ହେଉଥିବା ସ୍ଥଳେ ଏ ଉକ୍ତିମାନଙ୍କୁ କେବଳ କପୋଳକଳ୍ପିତ ବର୍ଣ୍ଣନା ବୋଲି ଉଡ଼ାଇ ଦେଇ ନ ପାରେ; ବରଂ ଏଗୁଡ଼ିକ ପୋଷକ ପ୍ରମାଣ । ଏ ଲେଖା ଅନ୍ୟକାଳିକ ନୁହେଁ । ଶ୍ରୀ ନୃସିଂହଦେବଙ୍କ ରାଜତ୍ୱ ସମୟରେ ଅର୍ଥାତ୍ ୧୨୧୭ ଶକାବ୍ଦରେ ଲିଖିତ ହୋଇଥିଲା । ସେତେବେଳେ ସମରକ୍ଷେତ୍ରରେ ଓଡ଼ିଆମାନେ ଯେପରି ପାରଦର୍ଶିତା ଲାଭ କରିଥିଲେ, ସାହିତ୍ୟକ୍ଷେତ୍ରରେ ମଧ୍ୟ ସେହିପରି କୃତିତ୍ୱ ଦେଖାଉଥିଲେ । ପ୍ରକୃତ ନରସିଂହ ତାମ୍ରଶାସନ ଓଡ଼ିଆମାନଙ୍କର ସାମରିକ ଓ ସାହିତ୍ୟିକ କୃତିତ୍ୱ ପରିଚାୟକ । ସଂସ୍କୃତ ସାହିତ୍ୟରେ ସେତେବେଳେ କିପରି ଉନ୍ନତ ହୋଇଥିଲା, ତାର ନିଦର୍ଶନ ଏଥିରୁ ପୂର୍ଣ୍ଣମାତ୍ରାରେ ପ୍ରାପ୍ତ ହୁଏ । ସଂସ୍କୃତ ସାହିତ୍ୟାଧ୍ୟୟନରେ ଏ ବିଷୟର ଅବଲୋକନ କରାଯାଇଛି । ତାମ୍ରଶାସନର ଏହି ଶେଷଟିଏ ଶ୍ଳୋକରୁ ଜଣାଯାଏ ଯେ ଗଙ୍ଗବଂଶୀୟ ରାଜାମାନେ ସଙ୍ଗୀତ ମଧ୍ୟରୁ ନୃତ୍ୟ ଓ ବାଦ୍ୟରେ, ବାମନ ତୁଲ୍ୟ ରାଜ୍ୟ ଜୟ କରି ଗୌଡ଼େଶ୍ୱର ଉପାଧି ପାଇଥିଲେ ।

ଦୃଷ୍ଟ୍ୱା ବଙ୍ଗେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ
ପୂରେଣ ଦୂର ବିନିବେଶିତ କାଳିମଶ୍ରୀ
ଉଦ୍‌ବେଳିତା କଳୁଷୀକୃତ ସ୍ୱତରଙ୍ଗା
ଗଙ୍ଗାପି ନୂନମଧୁନା ଯମୁନାଙ୍ଗନାଭୂତ୍ ।

( ନରସିଂହଦେବ )

ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ଓଡ଼ିଆମାନେ ବୀରତ୍ୱ ଦେଖାଇବାକୁ ଯାଇ କାହାରି ଉପରେ ଅନ୍ୟାୟ ଅତ୍ୟାଚାର କରି ନ ଥିଲେ । ତାହାର ନିଦର୍ଶନ ସ୍ୱରୂପ ତାମ୍ରଶାସନରୁ ନିମ୍ନଲିଖିତ ଶ୍ଳୋକଟି ଉଦ୍ଧାର କରାଗଲା ।

ବଜ୍ରମୁଷ୍ଟି ରପି ଖର୍ବଗଦାଭା
ଦେବଦେବୋଽପି ସମରୈକଧୁରୀଣଃ
ଲଗ୍ନମୂର୍ତ୍ତିରପି କୁଣ୍ଠ-ଦେହଶ୍ରେ
ଉତ୍କଳେଷ୍ୱ (ଦ)ଳିତଃ କରବାଳୈଃ ।

( ବରୁଧଂକ୍ଷ )

ଅର୍ଥାତ୍ ତାଙ୍କ ହସ୍ତରେ ତରବାରି ମୁଷ୍ଟି ବଜ୍ର ଅପେକ୍ଷା ମଧ୍ୟ ଖର୍ବଗଦାଭା । ଯଦ୍ୟପି ସେ । କର୍ଣ୍ଣମାନ, ତଥାପି ସମରକ୍ଷେତ୍ର ଏବଂ ଶୌଣ୍ଡାଗାର ଶ୍ରୋତ୍ରେଷ୍ଟ କୃଷ୍ଣ ଶରୀର ଅର୍ଥାତ୍ କୃଷ୍ଣଙ୍କ ପରି ମୋହନ ରୂପ ଅଛି । ଗଙ୍ଗବଂଶୀୟ ରାଜାମାନଙ୍କ ଧର୍ମନିଷ୍ଠତା, ଦାନଶୀଳତା ଏବଂ ଦୁର୍ଦ୍ଦାନ୍ତ ପ୍ରତାପ ବିଷୟ ତାମ୍ରଶାସନରେ ବିଶଦଭାବରେ ବର୍ଣ୍ଣିତ ଅଛି । ଦେଖିବା ଇଚ୍ଛାକଲେ 'ମୁକୁର' ୪ର୍ଥ ଭାଗର ୧ମ ଓ ୨ୟଠାରୁ ପଞ୍ଚମ ଓ ଷଷ୍ଠ ସଂଖ୍ୟା ପାଠକଲେ ବୁଝି ପାରିବେ ।

ତାମ୍ରଶାସନରେ କୋଣାର୍କ ମନ୍ଦିର ନିର୍ମାଣ ବିଷୟ ଉଲ୍ଲେଖ ଅଛି—

ଶ୍ରୀବନ୍ ପ୍ରଭାଃସେସଣଂ ଦ୍ୱିଜଶାଗକୃତ୍ୟୋ
ଦେବସ୍ତୁଂ ଭୂଜା ସ୍ୱଦ୍ଭୁଧାଶ୍ୟ ମନ୍ଦାର୍ଥଦାନୈଃ
ପ୍ରାସ୍ତୁଂ ପ୍ରବୈଃ ସ୍ୱ ମଣ୍ଡଳାନ୍ଧ୍ରକ କୋଣା-
କୋଣେ କୁଟୀରକ ମହୀଭୂଜ ଦୃଷ୍ଟିରଙ୍ଗେଃ ।

ଏଥିରୁ ତାଙ୍କ ଧନବଳର ପରିଚୟ ମିଳୁଅଛି ।

(କୋଣ-କୋଣ = କୋଣାର୍କ) ।

ଭୁବନେଶ୍ୱର ଶିଳାଲିପିରେ ରାଜରାଜେଶ୍ୱର ଦେବଙ୍କ ଧର୍ମନିଷ୍ଠତା ବିଷୟ ବର୍ଣ୍ଣିତ ଅଛି । ରାଜରାଜେଶ୍ୱର ରାଜା ଅନଙ୍ଗଭୀମଦେବଙ୍କ ପୁତ୍ର ଥିଲେ । ତହିଁରୁ ନିମ୍ନଲିଖିତ ଶ୍ଳୋକଟି ଦୃଷ୍ଟାନ୍ତ ସ୍ୱରୂପ ଦିଆଗଲା—

ହସ୍ତ୍ୟାପଜାତା ମୃଗଲି ଭୂଷଣୁଃ ଦେନଲସ୍ତ ଶ ବନ୍ଧୁଲକାଃ
ଦେହେଷଧାତ୍ରୋ ପଞ୍ଚ ସୁଖୋଷକ ଶତଲୀର୍ଦ୍ଧିକନଭମାଜନ୍ୟତ
ସମ୍ଭ୍ରାପଃ କଟତେଣ୍ଟ୍ ମୌଳିସ୍ ପଦକ୍ଷ୍ୟାପଃ କୁଳସ୍ତୁମ୍ଭୁତାମ୍
ଦସ୍ତୁ । ସକ୍ତ ନ ଦାତବୃନ୍ଦ୍ରାଲସଚୋଃ ଶାମ୍ରାଜ୍ୟଲକ୍ଷ୍ମୀଂ ଭୁଜଃ ।

ବିଶେଷ ବିବରଣ ଲାଗି ମୁକୁର ୪ର୍ଥ ଭାଗ ୭ମ ଓ ୮ମ ସଂଖ୍ୟା ଦେଖ । ଏଥିରେ ନୃସିଂହଙ୍କ ଭାନୁଦେବଙ୍କ କୀର୍ତ୍ତିକଳାପ ଲିଖିତ ଅଛି, ମାତ୍ର ସମସ୍ତର ଉଦ୍ଧାର ନାହିଁ ।

ଦେବାଦ୍ୟଂଶ ବଶିଦ ସଣ୍ଡ ଦାଶ୍ୱୋତ୍ତରକା ଶିଖାନ୍
ବ୍ୟାନବାସ୍ତୁଂ ନରସିଂହଚନୋର୍କ୍କ୍ୟାଣ୍ଡଗ୍ରାଜଗଭୂନ ।

ଦକ୍ଷୋଦ୍ଧାମସ୍ଥିତ ମହେଶ ପାର୍ଶ୍ୱ ଦେ୍ୟାଷିତେନ ଯତ୍ର
ଶକ୍ତିଂହେଳ ଧୃତ ଦ୍ୱାଦଶଃ ପ୍ରାର୍ଥିତା ମୋକ୍ଷ ଲକ୍ଷ୍ମୀମ୍ ।

ଅର୍ଥାତ୍ ସେହି ଭଞ୍ଜ ଲଗଣା ରାଜାମାନଙ୍କ ବଂଶରେ ରାଜା ଶତ୍ରୁଭଞ୍ଜ ଖାଣ୍ଡକୁ ବିଷ୍ଣୁଙ୍କର ଦେଉଳ ସ୍ୱରୂପ ଅର୍ପଣ କରିଥିଲେ । ତାଙ୍କ ପରବର୍ତ୍ତୀ ସମସ୍ତ ରାଜାମାନେ ଯୁଦ୍ଧରେ ବିଜୟ କରାଇବା ପାଇଁ ମହେଶଙ୍କ ପାର୍ଶ୍ୱରେ ସନ୍ନ୍ୟାସୀ ହୋଇ ମୋକ୍ଷଲାଭ କରୁଥିଲେ; ଅର୍ଥାତ୍ ଯୁଦ୍ଧଭୂମିରେ ପ୍ରାଣତ୍ୟାଗ କରୁଥିଲେ ।

'ଗଙ୍ଗବଂଶାନୁଚରିତ' ନାମକ ପୁସ୍ତକରେ ଗଙ୍ଗବଂଶର ସାରାଂଶ ସଙ୍କଳିତ ହୋଇଅଛି । ଏ ପୁସ୍ତକ ଖଣ୍ଡି ପ୍ରାୟ ୪୫୦ ବର୍ଷ ପୂର୍ବେ ଲେଖା ହୋଇଥିଲା । ଏହାଟି ସଂସ୍କୃତ ଭାଷାରେ ଲିଖିତ ଏବଂ ଚମ୍ପୂ କାବ୍ୟ ନାମରେ ଅଭିହିତ ।

ଏ ପ୍ରସଙ୍ଗରେ ତମଲୁକ୍ ବିଷୟ କୁହାଯାଇପାରେ । ଇଂରେଜମାନଙ୍କ ଆଗମନ ପୂର୍ବେ ତମଲୁକରେ ଶଙ୍ଖ-ଦ୍ରବ୍ୟ ଯୋଗାଯୋଗ ହେଉଥିଲା । ତମଲୁକ ଉତ୍କଳ ରାଜାଙ୍କ ଅଧୀନ ଥିଲା । ତମଲୁକ ଏକସମୟରେ ଉତ୍କଳର ଏକାଂଶ ଥିବା ବିଷୟରେ ସେଠାରେ ବହୁତ ପ୍ରମାଣ ରହିଅଛି । ତମଲୁକ ନାମକ ପୁସ୍ତକ ଅଧ୍ୟାୟରେ ଉକ୍ତ ହେଉଛି ସମ୍ବନ୍ଧ ପ୍ରଦର୍ଶିତ । ଜିଲ୍ଲାରେ କୁହାଯାଉଅଛି ସେ ଏଠାରେ ଅଦ୍ୟାବଧି ପାଞ୍ଚଗୋଟି ଗଡ଼ ବର୍ତ୍ତମାନ ଅଛି; ଯଥା—ମୟନାଗଡ଼, ତୁର୍କାଗଡ଼, କାଶୀଯୋଡ଼ା ଗଡ଼, ମହିଷାଦଳ ଅନ୍ତର୍ଗତ ସୁଜାମୁଠାଗଡ଼, ବାହାଦୁରଗଡ଼ । ଏ ଗଡ଼ମାନଙ୍କରେ ସାମନ୍ତ ରାଜାମାନେ ବସତି କରୁଥିଲେ । ତୁର୍କାଗଡ଼ ନିକଟରେ କଣ୍ଟାଇ ନାମକ ଏକ ଗଡ଼ ଅଛି । ତୁର୍କାଗଡ଼ର ସାମନ୍ତ ରାଜାଙ୍କ ଉପାଧି ଷଡ଼ଙ୍ଗୀ ମହାପାତ୍ର । ଏମାନଙ୍କର ଜାତି-କୁଟୁମ୍ବମାନେ ଅଦ୍ୟାପି ପୁରୀ ଜିଲ୍ଲାରେ ବାସ କରନ୍ତି । ଏମାନେ ଉପବୀତ ଧାରଣ କରି ଶୂଦ୍ର ଜାତି ମଧ୍ୟରେ ପରିଚିତ । ଏମାନେ ଗଜପତିବଂଶ ବୋଲି ପରିଚୟ ଦିଅନ୍ତି ।

ମୟନାଗଡ଼ର ରାଜା ଜଗନ୍ନାଥ-ସ୍ୱାମୀ ହୋଇ ପଣ୍ଡିତ ଥିଲେ । ତାଙ୍କ ପ୍ରଥମ ରାଜଧାନୀ ବାଳିସୀତାଗଡ଼ରେ ଥିଲା । ଏ ଗଡ଼ ଅତି ପ୍ରାଚୀନ ଗଡ଼ । ୧୨୦୦ ଶତାବ୍ଦୀରେ ଚୋଡ଼ଗଙ୍ଗଦେବ ଗଙ୍ଗବଂଶୀୟ ଚୋଡ଼ଗଙ୍ଗଦେବ ଉତ୍କଳରେ ସାମ୍ରାଜ୍ୟ ବିସ୍ତାର କଲେ, ସେ ସମୟରେ ରାଜା କାଳିନ୍ଦୀ ସାମନ୍ତ ତାଙ୍କର ଜଣେ ପ୍ରଧାନ ସେନାପତି ଥିଲେ । ସେ ବର୍ତ୍ତମାନ ରାଜବଂଶର ଆଦି ପୁରୁଷଙ୍କ ପ୍ରାଚୀନ ରାଜା ଓ ବଳଶାଳୀ ବୀର ଥିଲେ । ସେ ବାଳିସୀତାଗଡ଼ରେ ଥାଇ ରାଜ୍ୟଶାସନ କରୁଥିଲେ ଏବଂ ସେ ଏ ଅଞ୍ଚଳର ଉତ୍କଳର ସେନାପତି ଥିଲେ । ୧୬୦୦ ଶତାବ୍ଦୀର ଶେଷଭାଗରେ ବାହୁବଳୀନ୍ଦ୍ର ନାମକ ଜଣେ ବଙ୍ଗୀୟ ଭୂପାଳ ଏ ରାଜବଂଶରେ ଜନ୍ମଗ୍ରହଣ କଲେ । ସେହିଦିନୁ ଏ ରାଜବଂଶରେ ଏ ଉପାଧି ପ୍ରଚଳିତ । ତାଙ୍କ ରାଜତ୍ୱ ସମୟରେ ଦିଲ୍ଲୀର ସମ୍ରାଟ୍ ଦେବରାଜ ତାମ୍ରଲିପ୍ତ ରାଜାଙ୍କ ସମଭାଗ୍ୟ ଦେଖି

ତାହାଠାରୁ କର ଗ୍ରହଣ କଲେ; ମାତ୍ର ସେ ଅସ୍ୱୀକୃତ ହେଲେ । ଉତ୍କଳ ସମ୍ରାଟଙ୍କ ସୈନ୍ୟମାନେ ଦୁର୍ଗାବରୋଧ କରି ରାଜା ଗୋବର୍ଦ୍ଧନଙ୍କୁ ଧରି ଉତ୍କଳେଶ୍ୱରଙ୍କ ନିକଟକୁ ନେଇଗଲେ । ସୈନ୍ୟମାନେ ରାଜାଙ୍କ ସମ୍ମୁଖରେ ଗୋବର୍ଦ୍ଧନଙ୍କ ଶୌର୍ଯ୍ୟ-ବୀର୍ଯ୍ୟ କାହାଣୀ ବର୍ଣ୍ଣନା କଲେ । ଗୋବର୍ଦ୍ଧନଙ୍କ ସଙ୍ଗୀତବିଦ୍ୟା ଓ ଲଳିତନିପୁଣତା ଦେଖି ଉତ୍କଳ ସମ୍ରାଟ ବିଶେଷ ଆନନ୍ଦିତ ହେଲେ ଏବଂ ରାଜସିଂହାସନ, ଛତ୍ର, ଛତ୍ରଦଣ୍ଡ, ବାଦ୍ୟ, ଡମ୍ବରୁ, ନଗାରା ପ୍ରଭୃତି ସମସ୍ତ ରାଜଚିହ୍ନ ଓ ବାହୁବଳୀନ୍ଦ୍ର ଉପାଧି ପୁରସ୍କାର ସ୍ୱରୂପ ପ୍ରଦାନ କଲେ । ବାହୁବଳୀନ୍ଦ୍ର ଉପାଧିଧାରୀ ଅନେକ ଲୋକ ଗୋଣ୍ଡ ଅଞ୍ଚଳରେ ବାସକରନ୍ତି ।

ମହାକାନ୍ତାରର ଅନ୍ୟ ନାମ ଲାଞ୍ଜିଗୋଡ଼ଗଡ଼ ଥିଲା । ଗୋବର୍ଦ୍ଧନ ଲାଞ୍ଜିଗଡ଼ର ଗଡ଼ାଧିକାରୀ ହୋଇରହି ସସମ୍ମାନ କରି ଗଡ଼ ଅଧିକାର କଲେ ଏବଂ ଗଡ଼କୁ ସୁଦୃଢ଼ଭାବେ ପ୍ରସ୍ତୁତ କଲେ । ଏ ଗଡ଼ର ପରିଧି ୫୨୨୫୦୦୦ ବର୍ଗଫୁଟ । ଦୁର୍ଗାଭ୍ୟନ୍ତର ଦେଶରେ ଗ୍ରାମ୍ୟାଞ୍ଚଳରେ ୨୦ ଫୁଟ ଚଉଡ଼ା ଥାଏ । ପଞ୍ଚକୋଟି ଦୁର୍ଗର ଓ ଗଡ଼ର ମଧ୍ୟରେ ପରିଖା । ଶତ୍ରୁରୋଧ କରି ଦୁର୍ଗ ଅବରୋଧ କରିବା ଅସମ୍ଭବ । ପୂର୍ବ ରାଜାଙ୍କ ଧନ ଏ ରାଜାଙ୍କର ପୂଜ୍ୟାଭିଷେକ ହୁଏ । ଗୋବର୍ଦ୍ଧନ ଜଲନ୍ଧରଦେବ ଗଡ଼ ନାମକ ଗଡ଼ ଘୋଷିଏ ଗଡ଼ ନିର୍ମାଣ କରାଇଥିଲେ । ଏଠାରେ ଅନେକ ପ୍ରାଚୀନ ଦେବଦେବୀଙ୍କ ମନ୍ଦିର ଅଛି । (ପଣ୍ଡିତ ଭଗବାନଚନ୍ଦ୍ର ପ୍ରଧାନ-କୃତ 'ମହାକାନ୍ତାର ରାଜବଂଶ' ନାମକ ପୁସ୍ତକ ଓ 'କଳାହାଣ୍ଡି ଇତିହାସ' ପୁସ୍ତକ ଦ୍ରଷ୍ଟବ୍ୟ ।)

ରାଜନୈତିକ ଉତ୍କଳରେ ବାରଭୂଇଁଆଙ୍କ ଉପାଧିମାନ ଯେପରି ପଲ୍ଲିବ ଗଡ଼ମାନଙ୍କରେ ଦେଖାଯାଏ, ଜମିଦାରଙ୍କର ସେହି ଉପାଧିମାନ ଅଛି ଏବଂ ଏଥିରୁ ସ୍ପଷ୍ଟ ଜଣାଯିବ ଯେ ଉତ୍କଳର ଅଧିବାସୀମାନେ ଓଡ଼ିଆ ଏବଂ ଜମିଦାରରେ ସେମାନେ ଓଡ଼ିଆମାନେ ପରସ୍ପର-ବିବାହସୂତ୍ର ସ୍ଥାପନ କରିଥିଲେ ।

ଉତ୍କଳୀୟମାନେ ସମସ୍ତ ଉତ୍କଳୀୟ ଜନ୍ମକମାନ ଲିପିକର ଭଳି ପୁସ୍ତକ ରଚନା କରିଥିବାର ପ୍ରମାଣ ମିଳେ । ଯୋଗେଶ ସାମନ୍ତରାୟ 'ସାରସଂଗ୍ରହ' ପୁସ୍ତକ ପଞ୍ଚ ଖଣ୍ଡରେ ରଚନା କରିଥିଲେ । ସେଥିରେ ପ୍ରତ୍ୟେକ ପ୍ରାଚୀନ ଉତ୍କଳ ଗ୍ରନ୍ଥୀୟ ଶାସ୍ତ୍ରାନୁସନ୍ଧାନ କରୁଥିବା-ଲୋକେ ମଧ୍ୟ ସେ ଏ ପୁସ୍ତକର ସହାୟତା ପାଉଥିଲେ । ଏ ପୁସ୍ତକ ୩୦୦ ବର୍ଷ ପୂର୍ବେ ଲିଖିତ ହୋଇଥିବାର ସେ ସ୍ୱୀକାର କରିଥିଲେ । ଚତୁର୍ଦଶ ଖଣ୍ଡ ବ୍ରହ୍ମରଚନା, ଅଙ୍କଶାସ୍ତ୍ର ବ୍ୟବହାରିକ ବ୍ୟାଖ୍ୟାନ ବିଶଦଭାବେ ବର୍ଣ୍ଣିତ ହୋଇଅଛି । ଏ ପର୍ଯ୍ୟନ୍ତ ସମସ୍ତ ଓଡ଼ିଆ ପୁସ୍ତକ ତାଲିକା ଖୋଲନାହିଁ । ପୁସ୍ତକମାନ ସଂଗୃହୀତ ହେଲେ ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରାଯିବ ।

ଏହି ଜଣ୍ଡିଏ ମୂଳ ଜ୍ୟୋତିଷ ପୁସ୍ତକ । ଭୋଳାନାଥ ମିଶ୍ର ନାମକ ଜଣେ ପଣ୍ଡିତ ପ୍ରତାପରୁଦ୍ରଦେବ ରାଜାଙ୍କ ସମୟରେ "ଖଣ୍ଡଗ୍ର ଚନ୍ଦ୍ରିକା" ନାମକ ପୁସ୍ତକ ରଚନା କରିଥିଲେ । ଏଥିରେ ଅଙ୍କଶାସ୍ତ୍ର ଓ ଜ୍ୟୋତିଷ ଅଛି, ଗ୍ରହମାନଙ୍କ ବିଷୟ ଅଛି ଏବଂ ଧନୁର୍ବେଦ ବିଷୟ ଅଛି । ଏ ପୁସ୍ତକର ସମ୍ପୂର୍ଣ୍ଣ ଆଲୋଚନା ପରେ କରାଯିବ ।

# ରାଜବଂଶାନୁଚରିତ

ଏ ପ୍ରବନ୍ଧଟି ଉଚ୍ଚ ଜଟିଳ । ଉତ୍କଳ ରାଜସିଂହାସନରେ ଅନେକ ଲୋକ ରାଜତ୍ୱ କରି ଚାଲିଯାଇଛନ୍ତି । ଉତ୍କଳଜନନୀ ସେହିଲେ ରାଜାଙ୍କର ଲୀଳାଖେଳା, ତ୍ରୁଟି ଓ ଗୌରବ ସନ୍ଦର୍ଶନ କରିଛି । ଆଜି ଉତ୍କଳର ସେ ବିଭବ ନାହିଁ । ଉତ୍କଳରେ ଯେଉଁ ନରପତିମାନେ ରାଜତ୍ୱ କରିଯାଇଥିଲେ ସେମାନଙ୍କ ରାଜତ୍ୱକାଳ ସମ୍ବନ୍ଧରେ ନାନା ମୁନିଙ୍କର ନାନା ମତ । ଏ ସମସ୍ତ ଆଲୋଚନା କରି ଗୋଟିଏ ସନ୍ତୋଷଜନକ ତାଲିକା ଦେବା ନିତାନ୍ତ ଆବଶ୍ୟକ । ମାତ୍ର ଏ ମୋ ଦ୍ୱାରା ସେହିକାର୍ଯ୍ୟର ସମ୍ପାଦନ ହେଉ ନାହିଁ । ତଥାପି ନାମକ ତାଲି ଧରିବା ଉଦ୍ଦେଶ୍ୟରେ ମୁଁ ଚେଷ୍ଟା କରୁଛି । ପାଠକମାନେ ଏ ସମସ୍ତ ଦେଖି ଅନୁଗ୍ରହ ପୂର୍ବକ ଉଦ୍ଦେଶ୍ୟଗ୍ରନ୍ଥର ଅନ୍ୟ କଥା ବାହାର କରିପାରିଲେ ମୋର ପରିଶ୍ରମ ସାର୍ଥକ ହେବ ।

ଉତ୍କଳ ରାଜବଂଶ ବିଷୟ ମାଦଳାପାଞ୍ଜିରେ ଲେଖାଅଛି । ମାଦଳାପାଞ୍ଜିରେ ଯେଉଁ କ୍ରମ ଅଛି ତା ନାହିଁ, ମୁଁ ଏହା କହୁନାହିଁ । ମାଦଳାପାଞ୍ଜି ଅପେକ୍ଷା ଅନ୍ୟ ଅକାଟ୍ୟ ପ୍ରମାଣ ପାଇଲେ ମାଦଳାପାଞ୍ଜିଲିଖିତ ବିଷୟକୁ ସେ ସ୍ଥାନ ଦେବାକୁ ହେବ ନାହିଁ, ଏ କଥା ମୁଁ କହୁନାହିଁ—କିନ୍ତୁ ଅନ୍ୟ କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ନ ଥିଲେ ମାଦଳାପାଞ୍ଜିକୁ ଅବିଶ୍ୱାସ କରିବାର କିଛି କାରଣ ନାହିଁ ।

ମାଦଳାପାଞ୍ଜିରେ ବହୁତ ସାମଗ୍ରୀ ଅଛି । ମନ୍ଦିରର ଅବସ୍ଥା, ଉତ୍ସବ, ରାଜବଂଶ ଇତିହାସ ପ୍ରଭୃତି ନାନା କଥା ଏଥିରେ ଅଛି । ହଣ୍ଟର ପ୍ରମୁଖ ପଣ୍ଡିତ ମାଦଳାପାଞ୍ଜିକୁ ମୂଳ ଇତିହାସ ସ୍ୱରୂପ ଗ୍ରହଣ କରିଛନ୍ତି । ମାତ୍ର ଅନେକ ସ୍ଥଳରେ ଅପଣ୍ଡିତ ମୂର୍ଖ ଏହାର କେତେକ ଅଂଶ ପରିବର୍ତ୍ତିତ, ପରିବର୍ଦ୍ଧିତ କରିଅଛନ୍ତି; କିନ୍ତୁ ଅନ୍ୟ କୌଣସି ପ୍ରମାଣ ଦେଖାଇ ପାରିନାହାନ୍ତି ।

କେହି କେହି କହନ୍ତି, ମାଦଳାପାଞ୍ଜି କଳାପାହାଡ଼ ସମୟରେ ନଷ୍ଟ ହୋଇଥିଲା । ପୁନଶ୍ଚ ମୁସଲମାନ ରାଜତ୍ୱକାଳରେ ମନ୍ଦିରର ବହୁତ ବିଷୟ ଲୋପ ହୋଇ ଗୋଳମାଳ ହୋଇଛି । କଳାପାହାଡ଼ ଦେଉଳ ଭିତରେ ପ୍ରବେଶ କରିଥିଲେ ସତ୍ୟ; ମାତ୍ର ମାଦଳାପାଞ୍ଜି ନଷ୍ଟ କରିଥିବା ବିଷୟର କୌଣସି ଉଲ୍ଲେଖ ନାହିଁ । ମାଦଳାପାଞ୍ଜି ଦେଉଳକରଣ ଓ ପଟ୍ଟଯୋଶିମାନଙ୍କ ଜିମା ଥାଏ । ସେମାନଙ୍କର ପାଞ୍ଜି ଲେଖିବା ଗୋଟିଏ ସେବା । ଦେଉଳକରଣରେ ଯାବତୀୟ ମନ୍ଦିରର ଅବସ୍ଥା ଲେଖା ଏବଂ ଉଡ଼ିଆ ରାଜବଂଶର ଇତିହାସ ଲେଖନ୍ତି । ଏମାନଙ୍କ ଏହି ପାଞ୍ଜି ନଷ୍ଟ ହୋଇଥିବା ବିଷୟରେ କିଛି ପ୍ରମାଣ ନାହିଁ । ବିଶେଷତଃ କଳାପାହାଡ଼ର ଭୟରେ ସେମାନେ ନିଜର ପାଞ୍ଜି ରଖିନଥିଲେ ?

ପ୍ରକୃତ ମାଦଳାପାଞ୍ଜି ବୁଝିବା ଅଧିକ ଦୁରୂହ ବ୍ୟାପାର । ମାଦଳାପାଞ୍ଜିରୁ ପ୍ରକୃତ କଥା ଅନ୍ୟମାନେ ଜାଣିଗଲେ ସେମାନଙ୍କର ସ୍ୱତନ୍ତ୍ର ରହିବ କେଉଁଠି ? ଏଣୁ ଆଜି ଯାଏଁ ଗୋପ୍ୟ ଭାବେ ପାଞ୍ଜିଧାରମାନେ ପ୍ରକୃତ ସମ୍ବାଦ ଦିଅନ୍ତି ନାହିଁ । ଅନୁସନ୍ଧାନ-ପ୍ରୟାସରେ ଦେଇକି ମଧ୍ୟ କଳ୍ପିତ ସମ୍ବାଦ ଦିଅନ୍ତି । ଏଣୁ ସେଥିରୁ ପ୍ରକୃତ ତଥ୍ୟ ମିଳେ ନାହିଁ । ମୂଳ ପାଞ୍ଜି ଦେଖାଇବାକୁ ଏମାନେ ମନା କରନ୍ତି । ଆଜି ଏ ଦେଶ ଜଗତର ହୋଇ । କାଳକ୍ରମେ ଉତ୍କଳୀୟ ବର୍ଷ ଅବ୍ଦମାନ ଏକାଧିକ ହୋଇଅଛନ୍ତି । ପ୍ରତ୍ୟେକ ଜ୍ୟୋତିଷ ଲେଖାଏଁ ଅଳଗା ରଖିଛନ୍ତି । ସେ ସବୁର ପ୍ରାଧାନ୍ୟ ରହିବା ଉତ୍କଳୀୟରେ ମଧ୍ୟ ଭିନ୍ନ ଭିନ୍ନ କଳ୍ପନା ହେବା ଅସମ୍ଭବ ନୁହେଁ । କିନ୍ତୁ ମୂଳ ପାଞ୍ଜି ହାତରେ ନ ପଡ଼ିଲେ ନକଲ ଅଙ୍କର ଉପରେ ନିର୍ଭର କରିବା ଉଚିତ ନୁହେଁ । ତେବେ ଯାହା ମିଳୁଛି, ତାର ଯେତେ ଦୂର ଉପଯୋଗ ହୋଇପାରିବ ତାର ଚେଷ୍ଟା କରିବା ଆବଶ୍ୟକ ।

ମାଦଳାପାଞ୍ଜିର ଅନେକ ସ୍ଥଳରେ ଶକାଦି ବ୍ୟବହୃତ ହୋଇଅଛି । ଏ ଶକାଦିର ମୂଳ କେଉଁଠି ତାହାର ଆଲୋଚନା ଆବଶ୍ୟକ । ପାଞ୍ଜିରେ ଅର୍ଥାତ୍ ପ୍ରଚଳିତ ଉତ୍କଳ ପଞ୍ଜିକାରେ ନିମ୍ନଲିଖିତ ଅବ୍ଦମାନଙ୍କର ପରିଚୟ ମିଳେ ।

| | |
|---|---|
| ଶକମାନାଙ୍କ | ୧୯୭୪ |
| ଶାଲିବାହନ ଶକାବ୍ଦ | ୧୮୭୪ |
| ଖ୍ରୀଷ୍ଟାବ୍ଦ | ୪୮୨ |
| କଳ୍ୟବ୍ଦ | ୫୦୧୮ |

ମହାଭାରତ ଯୁଦ୍ଧ ଦ୍ୱାପର ଶେଷ ଓ କଳିର ଆଦ୍ୟ ଅର୍ଥାତ୍ ସନ୍ଧି ସମୟରେ ସଂଘଟିତ ହୋଇଥିଲା । ଯୁଧିଷ୍ଠିର ଅଠ ଅବ୍ଦ କାଳ ରାଜତ୍ୱ କରିବାପରେ ଏକ ଅବ୍ଦ ପ୍ରଚଳନ ଦେଶ ଦେଶରେ ମହାଯାତ୍ରା କରିଥିଲେ ବୋଲି ପୁରାଣରୁ ଜଣାଯାଏ । ମହାଭାରତ ଯୁଦ୍ଧ କେବେ ହୋଇଥିଲା କାଳିଦାସଙ୍କ 'ଜ୍ୟୋତିର୍ବିଦାଭରଣ' ଗ୍ରନ୍ଥରେ ପ୍ରମାଣିତ ହୋଇଛି ;

"ବର୍ଷେ ସିନ୍ଧୁର ଦର୍ଶନାମ୍ବର ଗୁଣୈର୍ଯାତେ କଲୌ ସମ୍ମିତେ ମାସେ ମାଧବ ସଂଜ୍ଞିତେ ଚ ବିହିତୋ ଗ୍ରନ୍ଥ କ୍ରିୟୋପକ୍ରମଃ ।" ଅର୍ଥାତ୍ ତାହାଙ୍କୁ ବାମଦାତ୍ରଙ୍କୁ ଜଣାଯାଏ । ୩୦୬୮ ବର୍ଷ କଳି ଗତ ହେବା ପରେ ଗ୍ରନ୍ଥ ଲେଖା ହୋଇଛି ।

ଯୁଧିଷ୍ଠିର ବିକ୍ରମ-ଶାଳିବାହନୌ ନରାଧିନାଥୌ ବିଜୟାଭିନନ୍ଦନଃ
ଇମେଽନୁନାଗାର୍ଜୁନ ମେଦିନୀ ବଲ୍ଲଭଃ କ୍ରମାଦ୍ଭବିଷ୍ୟନ୍ତି ଷଡ଼ତ୍ର ଶାକକୃତଃ ।

ଯୁଧିଷ୍ଠିରସ୍ୟ ଶାକେ ୩୦୪୪ ଭକ୍ତମଙ୍କସ୍ୟ ୧୩୫ ଶାଳିବାହନସ୍ୟ ୧୮୦୦୦ ବିଜୟାଭିନନ୍ଦନସ୍ୟ ୧୦୦୦୦ ନାଗାର୍ଜୁନସ୍ୟ ୪୦୦୦୦୦ ବଳେଃ ଖର୍ବଂ ସହସ୍ରାଣି ୮୨୧ ଶକ ରାଜ କଥିତାଃ ।

( ଜ୍ୟୋ: ବି:-୧୦ ଅଧ୍ୟାୟ )

ଅତଏବ ୩୦୪୪+୧୩୫+ଶାଳିବାହନ ଶକାବ୍ଦ ୧୮୩୯=କଳି ଗତ ଶାଳିବାହନଙ୍କ ଶକାବ୍ଦ ସମ୍ବନ୍ଧେ ଜ୍ୟୋତିର୍ବିଦ୍‌ମାନେ କହନ୍ତି—

ନଖାଦ୍ରିବହ୍ନି ଗୁଣାସ୍ତଥା ଶକନୃପସ୍ୟାନ୍ତେ କଲେର୍ବତ୍ସରାଃ । ( ଜ୍ୟୋତିର୍ବିଦାଭରଣ )

ଶାକେ ନବାଦ୍ରିଖ କୃଶାନୁଯୁକ୍ତ କଲେର୍ଗତବତ୍ସର ଭବେତ୍ ପୂର୍ଣ୍ଣା । (ମକରନ୍ଦ କର)

ଅର୍ଥାତ୍ କଳିର ୩୧୭୯ ବର୍ଷ ଗତେ ଶକାବ୍ଦ ଆରମ୍ଭ । "ରାଜାବଳୀ" ଗ୍ରନ୍ଥରୁ ଜଣାଯାଏ ଯେ, କଳି ଆରମ୍ଭରୁ ୪୨୭୭ ବର୍ଷ ପର୍ଯ୍ୟନ୍ତ ୧୧୯ ଜଣ ରାଜା ରାଜତ୍ୱ କରିଥିଲେ ।

୧ । ଯୁଧିଷ୍ଠିରଙ୍କଠାରୁ କ୍ଷେମକ ପର୍ଯ୍ୟନ୍ତ ୨୮ ଜଣ ୧୯୧୨ ବର୍ଷ । ଏଠାରୁ କ୍ଷତ୍ରିୟ ଲୋପ ହେଲେ ।

୨ । ବିଶାରଦଙ୍କଠାରୁ ବୋଧମଲ୍ଲ ପର୍ଯ୍ୟନ୍ତ ୧୪ ଜଣ ୫୦୦ ବର୍ଷ । ଏମାନେ-ନନ୍ଦବଂଶୀୟ ରାଜପୁତ୍ର ମହାନନ୍ଦ ଋଷିଙ୍କ ଔରସରୁ ଶୂଦ୍ରା ଗର୍ଭରେ ଜାତ ।

୩ । ଧରବାହୁଙ୍କଠାରୁ ଆଦିତ୍ୟ ପର୍ଯ୍ୟନ୍ତ ୧୬ ଜଣ ୪୦୦ ବର୍ଷ । ଏମାନେ ଗୌତମ-ବଂଶଜ, ନାସ୍ତିକ ।

୪ । ଧୂରନ୍ଧରଙ୍କଠାରୁ ରାଜପାଳ ପର୍ଯ୍ୟନ୍ତ ୯ ଜଣ ୩୧୮ ବର୍ଷ । ମୟୂରବଂଶୀୟ ।

୫ । ଶକାଦିତ୍ୟ ୧ ଜଣ ୧୪ ବର୍ଷ । ପାର୍ବତୀୟ ରାଜା ।

ଅର୍ଥାତ୍ ୩୦୪୪ ବର୍ଷରେ ଯୁଧିଷ୍ଠିର ଶକାବ୍ଦ ଶେଷ ହେଲା । ଅତଃପର ବିକ୍ରମ ଶକାବ୍ଦ ଆରମ୍ଭ ହେଲା ।

ଶିଳାଲିପିରୁ ଜଣାଯାଏ ଯେ ଜୈନ ରବିକୀର୍ତ୍ତି ରାଜା ପୁଲକେଶୀଙ୍କ ଆଦେଶ ଦ୍ୱାରା ମହାଭାରତ ଯୁଦ୍ଧର ସମୟ ନିର୍ଦ୍ଧାରଣ କରିଥିଲେ । ଚାଲୁକ୍ୟ ରାଜା ୨ୟ ପୁଲକେଶୀ ୬୧୦ ଖ୍ରୀଷ୍ଟାବ୍ଦ ( ୫୩୧—୫୫୬ ଶକାବ୍ଦ ) ରେ ରାଜତ୍ୱ କରୁଥିଲେ । ତେତେବେଳକୁ ୩୭୩୦ ବର୍ଷ ମହାଭାରତ ଯୁଦ୍ଧଠାରୁ ଗତ ହୋଇଥିବାର ସିଦ୍ଧାନ୍ତ ହୋଇଥିଲା । ଏହି ଶିଳାଫଳକ ୧୨୮୨ ବର୍ଷ ପୂର୍ବେ ଉତ୍କୀର୍ଣ୍ଣ ହୋଇ ଶିଳାଫଳକର ସମୟ ୫୫୬ ଶକାବ୍ଦ ବା ୬୩୪ ଖ୍ରୀଷ୍ଟାବ୍ଦ । ସୁତରାଂ ତେତେବେଳକୁ ୩୭୩୫ ବର୍ଷ ପୂର୍ବେ କୁରୁପାଣ୍ଡବ ଯୁଦ୍ଧ ହୋଇଥିବାର ସେ ସିଦ୍ଧାନ୍ତ କରିଥିଲେ ।

ବିକ୍ରମାଦିତ୍ୟଙ୍କ ଶକାବ୍ଦ ସାଧାରଣତଃ ସମ୍ବତ୍ ନାମରେ ପରିଚିତ । ଏହା ୫୭ ଖ୍ରୀଷ୍ଟାବ୍ଦ ପୂର୍ବରୁ ଆରମ୍ଭ ହୋଇଛି । ଶାଳିବାହନଙ୍କ ସମୟ ଶକାବ୍ଦ ନାମରେ ପରିଚିତ ଏବଂ ଏହା ୭୮ ଖ୍ରୀଷ୍ଟାବ୍ଦରୁ ଆରମ୍ଭ । କନିଷ୍କ ୭୮ ଖ୍ରୀଷ୍ଟାବ୍ଦରେ ପେଶୋୱାର ବା ପୁରୁଷପୁରରେ ରାଜତ୍ୱ ଆରମ୍ଭ କଲେ । ସେହି ଦିନଠାରୁ ଶକାବ୍ଦ ଆରମ୍ଭ ହୋଇଅଛି ।

ମହାଭାରତ ଯୁଦ୍ଧର ସମୟ ନେଇ ନାନା ଲୋକ ନାନା ମତ ପ୍ରକାଶ କରନ୍ତି । ମାତ୍ର ଏ ସିଦ୍ଧାନ୍ତ ସମୀଚୀନ ବୋଲି ବୋଧହୁଏ ନାହିଁ ( ପୃଥିବୀ ଇତିହାସ ପ୍ରଥମ ଖଣ୍ଡ

୨୭୯ ପୃଷ୍ଠା )। ସୁତରାଂ ଯୁଧିଷ୍ଠିରଙ୍କ ରାଜତ୍ୱ ସମୟ ଖ୍ରୀଷ୍ଟପୂର୍ବ ୩୧୦୩ ବର୍ଷ । ଏ ସମସ୍ତ ପ୍ରମାଣରୁ ଜଣାଯାଏ ଯେ ଶକାବ୍ଦ କହିଲେ ଶାଳିବାହନ ଶକାବ୍ଦ ହିଁ ଭାରତବର୍ଷରେ ପ୍ରଚଳିତ ।

ଉତ୍କଳରେ ଶକାବ୍ଦ ପ୍ରଚଳିତ ଅଛି । ମାଦଳାପାଞ୍ଜି, ଦାନପତ୍ର, ଅନୁଶାସନପତ୍ର ଓ ଅନେକ ପ୍ରସ୍ତରରେ ଶକାବ୍ଦ ବ୍ୟବହୃତ ହୋଇଅଛି । ଶକମାନେ ଭାରତବର୍ଷରେ ଏକସମୟରେ ଆଧିପତ୍ୟ ବିସ୍ତାର କରିଥିଲେ । ରାଜା ବାହନ ଶକଜାତୀୟ ଏବଂ ତାଙ୍କ ରାଜତ୍ୱ ୭୮ ଖ୍ରୀଷ୍ଟାବ୍ଦରୁ ଶକାବ୍ଦ ଚଳୁଥିବା କଥା ପୂର୍ବେ କହିଅଛୁଁ । ବଂଶଲତା ଆଲୋଚନା କଲେ ଜଣାଯାଏ ଯେ ଶକମାନେ ସୂର୍ଯ୍ୟବଂଶୀୟ । ସଗର ମହାରାଜାଙ୍କ ଦ୍ୱାରା ସେହିମାନେ ରାଜ୍ୟଭ୍ରଷ୍ଟ ହୋଇଥିଲେ, ସେମାନେ ଦେଶତ୍ୟାଗୀ ହେବାରୁ ଶକ ନାମରେ ପରିଚିତ ହେଲେ । ମାଦଳାପାଞ୍ଜିରୁ ଜଣାଯାଏ ଯେ ଶକମାନେ ଉତ୍କଳରେ ୩୦ ବର୍ଷ ରାଜତ୍ୱ କରିଥିଲେ । ସୁତରାଂ ଉତ୍କଳରେ ସେହିଦିନୁ ଶକାବ୍ଦ ପ୍ରଚଳିତ ହୋଇଥିବାର ଅନୁମାନ କରାଯାଏ । ଅଧିକନ୍ତୁ ମଧ୍ୟ ମାଦଳା-ପାଞ୍ଜିରେ ଉଲ୍ଲେଖ ଅଛି ଯେ ଭର୍ତ୍ତ କେତୁ ଦେବଙ୍କ ଅମଳରୁ ଶକାବ୍ଦ ଚଳାଇ ଏବଂ ସେ ଶକମାନଙ୍କୁ ବିତାଡ଼ିତ କରି ସିଂହାସନାରୋହଣ କଲେ ଏବଂ ପାଞ୍ଜିରେ ଶକାବ୍ଦ ଲେଖାଗଲା । ଭର୍ତ୍ତ କେତୁ ବିକ୍ରମାଦିତ୍ୟଙ୍କ ପରେ ରାଜା ହୋଇଥିବା ଉଲ୍ଲେଖ ଥିବାର ଦେଖିଲୁଁ । ସୁତରାଂ ସମ୍ଭବତଃ ବିକ୍ରମାଦିତ୍ୟଙ୍କ ପରେ ଉତ୍କଳରେ ଶକାବ୍ଦ ଚଳୁଛି ଏବଂ ତାହା ୭୮ ଖ୍ରୀଷ୍ଟାବ୍ଦଠାରୁ ଚଳୁଥିବାର ଅନୁମିତ ହୁଏ । ସୁତରାଂ ଶାଳିବାହନ ଶକାବ୍ଦ ହିଁ ଗ୍ରାହ୍ୟ ।

ଉତ୍କଳର ରାଜବଂଶରେ ଅଙ୍କ ପ୍ରଚଳିତ ଅଛି । ଅଙ୍କ ପ୍ରଚଳନ ଅତିକାଳରୁ ପ୍ରଥା ନୁହେଁ । ଅଧିକନ୍ତୁ ଉପରୋକ୍ତ ଭର୍ତ୍ତ କେତୁ ଦେବଙ୍କ ଅମଳରୁ ପ୍ରଚଳିତ ଥିବାର ମାଦଳାପାଞ୍ଜିରୁ ଦେଖାଯାଏ । ସୁନିଆଁ ଦିନ ଅଙ୍କ ପରିବର୍ତ୍ତିତ ହୁଏ । ଏ ଦିନ ରାଜପ୍ରାସାଦରେ ଉତ୍ସବାଦି ହୁଏ । ସୁନା ମୋହର ଉପରେ ଅଙ୍କ କଟାଯାଏ । ଏଥିପାଇଁ ବୋଧହୁଏ ଏ ଦିନର ନାମ ସୁନିଆଁ ହୋଇଛି । ଏ ଦିନ ପ୍ରଭୁଙ୍କର ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା ହୁଏ । ସୁତରାଂ ଜଳନ୍ତ୍ର ବସ୍ତୁଗର ( ପୁରୀ ରାଜାମାନେ ଏହିପରି ନ୍ୟାୟିତ ) ଅଙ୍କ ପରିବର୍ତ୍ତନ ଏହି ଦିନ ହୁଏ । ଅଙ୍କ ଗଣିବାର କୌଶଳ ନିଷେଧ ବିଧି ଅଛି । ୧୦ ବ୍ୟତୀତ ଯେଉଁ ଅଙ୍କ ତାହାରେ ୦ ବା ୬ ଥିବ ତାହା ତ୍ୟାଗ କରିବାକୁ ହେବ । ଏହି ବୈଷୟିକ ସାମଗ୍ରୀ ନେଇ ଉତ୍କଳର ରାଜବଂଶମାନଙ୍କ ଇତିହାସ ଆଲୋଚନା କରିବାକୁ ହେବ । ଉତ୍କଳ ରାଜସିଂହାସନରେ ନିମ୍ନଲିଖିତ ବଂଶୀୟ ରାଜାମାନେ ରାଜତ୍ୱ କରିଥିବାର ମାଦଳାପାଞ୍ଜିରୁ ଜଣାଯାଏ ।

୧ । ସୋମବଂଶ—ଯୁଧିଷ୍ଠିରଙ୍କଠାରୁ ଚନ୍ଦ୍ରଦେବଙ୍କ ପର୍ଯ୍ୟନ୍ତ । ଖ୍ରୀ: ପୂ: ୩୧୦୧—୪୭୬ ଖ୍ରୀଷ୍ଟାବ୍ଦ ।

୨ । କେଶରୀବଂଶ ବା ଚନ୍ଦ୍ରବଂଶ—ଯଯାତିକେଶରୀଙ୍କଠାରୁ ସୁବର୍ଣ୍ଣ ବା ସିଂହକେଶରୀଙ୍କ ପର୍ଯ୍ୟନ୍ତ । ଖ୍ରୀଷ୍ଟାବ୍ଦ ୪୭୬—୧୧୩୨ ।

୩। ଗଙ୍ଗବଂଶ ବା ଚନ୍ଦ୍ରବଂଶ—ଚୂଡ଼ଙ୍ଗଦେବଙ୍କଠାରୁ ନେତ୍ରଭାନୁଦେବଙ୍କ ପର୍ଯ୍ୟନ୍ତ। ଖ୍ରୀଷ୍ଟାବ୍ଦ ୧୧୦୩—୧୪୩୫।

୪। ସୂର୍ଯ୍ୟବଂଶ—କପିଳେନ୍ଦ୍ରଦେବଙ୍କଠାରୁ କଖାରୁଆ ପ୍ରତାପ ପର୍ଯ୍ୟନ୍ତ। ଖ୍ରୀଷ୍ଟାବ୍ଦ ୧୪୩୫—୧୫୩୩।

୫। ଭୋଇବଂଶ—ଗୋବିନ୍ଦବିଦ୍ୟାଧରଙ୍କଠାରୁ ରଘୁରାମ ଜେନାଙ୍କ ପର୍ଯ୍ୟନ୍ତ। ଖ୍ରୀଷ୍ଟାବ୍ଦ ୧୫୩୩—୧୫୫୯।

୬। ଚାଲୁକ୍ୟବଂଶ—ମୁକୁନ୍ଦହରିଚନ୍ଦନଙ୍କଠାରୁ ରଘୁଭଞ୍ଜ ଛୋଟରାୟଙ୍କ ପର୍ଯ୍ୟନ୍ତ। ଖ୍ରୀଷ୍ଟାବ୍ଦ ୧୫୫୯—୧୫୬୮।

୭। ଭୋଇବଂଶ—ରାମଚନ୍ଦ୍ରଦେବଙ୍କଠାରୁ ବର୍ତ୍ତମାନ ମୁକୁନ୍ଦ ଦେବ। ଖ୍ରୀଷ୍ଟାବ୍ଦ ୧୫୬୮—୧୯୨୭।

ଏହି ବଂଶୀୟ ରାଜାମାନେ କିଏ କେତେ ବର୍ଷ ରାଜତ୍ୱ କରିଥିଲେ ତାହା ସ୍ଥିର କରିବା ଆବଶ୍ୟକ। କପିଳେନ୍ଦ୍ରଦେବଙ୍କଠାରୁ ଏଣିକି ସମୟ ସ୍ଥିର କରିବାରେ କିଛି କଷ୍ଟ ନାହିଁ; କାରଣ ତାଙ୍କ ଅମଳରୁ ଗୋଟିଏ ସ୍ୱତନ୍ତ୍ର ଅଙ୍କ ଉତ୍କଳରେ ପ୍ରଚଳିତ। ବର୍ତ୍ତମାନ କପିଳେନ୍ଦ୍ରଦେବାବ୍ଦ ୪୯୨। ସୁତରାଂ ୧୪୩୫ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜତ୍ୱ ଆରମ୍ଭ ହୋଇଥିବା ସୁନିଶ୍ଚିତ।

ଯୁଧିଷ୍ଠିରଙ୍କଠାରୁ କପିଳେନ୍ଦ୍ରଦେବଙ୍କ ସମୟ ମଧ୍ୟରେ ଯେତେ ଗୋଳମାଳ। ହଣ୍ଟର ସାହେବ ଯେଉଁ ସମୟ ସ୍ଥିର କରିଛନ୍ତି ତାହା ମଧ୍ୟ ଭ୍ରମପୂର୍ଣ୍ଣ ଥିବାର ଦେଖାଯାଏ। ହଣ୍ଟର ସାହେବ ମାଦଳାପାଞ୍ଜି ଅପେକ୍ଷା ଅନ୍ୟ କିଛି ଉତ୍କୃଷ୍ଟ ପ୍ରମାଣ ପାଇ ନଥିଲେ ହେଁ ସେ ମାଦଳାପାଞ୍ଜିକୁ ଅବହେଳା ଅନେକ ସ୍ଥଳରେ ଅନୁସରଣ କରିଛନ୍ତି ଏବଂ ଅନେକ ସ୍ଥଳରେ ମନୋଜ୍ଞମତେ ଲେଖିଛନ୍ତି।

କେତେ କେତେ ରାଜାଙ୍କର ଶତାଧିକ ବର୍ଷ ରାଜତ୍ୱ ସମସ୍ତ ମାଦଳାପାଞ୍ଜିରେ ଦେଖି ହଣ୍ଟର ସାହେବ ପ୍ରକୃତ ପାଞ୍ଜିକୁ ଅବିଶ୍ୱାସ କରନ୍ତି। ଶତନ୍ୟୂନ ଓ ପଞ୍ଚାଶାଧିକ ବର୍ଷ ରାଜତ୍ୱ ବିଷୟରେ ସନ୍ଦେହ କରିବାର କିଛି କାରଣ ନାହିଁ। ପୁରାକାଳରେ ଆମ୍ଭ ପୂର୍ବପୁରୁଷ-ମାନେ ଆମ୍ଭମାନଙ୍କ ଅପେକ୍ଷା ଯେ ଦୀର୍ଘାୟୁ ଥିଲେ, ସେଥିରେ କିଛି ସନ୍ଦେହ ନାହିଁ। ଦାଦାଭାଇ ନଉରୋଜି ତ ସେଦିନ ୯୨ ବର୍ଷ ବୟସରେ ମଲେ। ସ୍କଟ୍‌ଲେଣ୍ଡର ଲୋକମାନେ ୧୫୦ ବର୍ଷ ବଞ୍ଚୁଥିବାର ଶୁଣାଯାଏ। ଆମ୍ଭର ଦେଶରେ ଅନେକ ପ୍ରାଚୀନ ବୃଦ୍ଧ ୮୦, ୯୦, ୯୫ ବର୍ଷ ବୟସର ବର୍ତ୍ତମାନ କୌଣସି କୌଣସି ସ୍ଥାନରେ ଥିବାର ଦେଖାଯାଏ। କେତେକ ଶତବର୍ଷ ଜୀବନଧାରଣ କରିବାଟା ପୂର୍ବକାଳରେ ବଡ଼ ଆଶ୍ଚର୍ଯ୍ୟ ବିଷୟ ନ ଥିଲା। "ଶତାୟୁର୍ବୈ ପୁରୁଷ" ବୋଲି ଶାସ୍ତ୍ରରେ ଦେଖାଯାଏ। ବ୍ରାହ୍ମଣମାନେ ଆଜି ମଧ୍ୟ "ମାର୍କଣ୍ଡେୟ ଚିର

ନିର୍ବାଣାପ୍ତ”, “ଅସ୍ଥୋଷ୍ଟିଦ୍ରଶଣତ ସମ୍ମୁଖର ପରମାସ୍ମୁ ବୃତ୍ତି ଇଷ୍ଟ” ବୋଲି ଲେଖାଣ ଦିଆଯାଇଛି । ସୁତରାଂ ପାର୍ଶ୍ୱବନ କଥା ଅନ୍ୟ ଦେଶରେ ଏକାବେଳକେ ଅଜଣା ନ ଥିଲା । ଅତ ପ୍ରାଚୀନ କାଳରେ ଯେ ଅନେକ ବେଶୀ ପାର୍ଶ୍ୱରୀ ନ ଥିଲେ, ଏକଥା କୁହାଯାଇ ନ ପାରେ । ଯୋଗ-ସାଧନ ଦ୍ୱାରା ଲୋକେ ଇଚ୍ଛାମୃତ୍ୟୁ, ପରକାୟପ୍ରବେଶ ପ୍ରଭୃତି କରି ବହୁକାଳ ବଞ୍ଚୁଥିବା କଥା ଶାସ୍ତ୍ରରୁ ଦେଖାଯାଏ । ଆୟୁଃପ୍ରବୃଦ୍ଧି କରିବାର ନାନା ଉପାୟ ଥିବା ବୈଦ୍ୟଶାସ୍ତ୍ର ପ୍ରଭୃତିରୁ ଦେଖାଯାଏ । କଳିଯୁଗ ଯେତେ ଅଗ୍ରସର ହେଉଛି, ଲୋକେ ସେତେ କ୍ଷୀଣାୟୁ ହୋଇଆସୁଥିବାର ଦେଖାଯାଏ । ଏଥିର ନାନା କାରଣ ଥାଇପାରେ । ମାତ୍ର 'କଳିଥିଠା ଛାଡ଼ିଏ' ହେଲେ ଲୋକ ବେଶୀ ଦିନ ବଞ୍ଚିଲା ବୋଲି କୁହାଯାଏ । ସୁତରାଂ ପ୍ରାଚୀନ ରାଜାମାନଙ୍କ ଦୀର୍ଘଜୀବନ ଦେଖି କେବଳ ସେହି କାରଣରୁ ମାଦଳାପାଞ୍ଜିକୁ ଅବିଶ୍ୱାସ କରାଯାଇ ନ ପାରେ ।

ଆମ୍ଭେମାନେ ଶୀଘ୍ରାୟୁ, ସ୍ୱଳ୍ପଧୀ; ସୁତରାଂ ବଡ଼କଥା ଧାରଣ କରିପାରିବା ଶକ୍ତି ନାହିଁ । ମାତ୍ର ଭୁଲ ବୋଲି କହିଦେଇ ସବୁକଥା ଉଡ଼ାଇଦେଲେ ଚଳିବ ନାହିଁ ।

ଆଉରି ଗୋଟିଏ କଥା ଦେଖିବାକୁ ହେବ । ସମ୍ଭବତଃ ଅନେକ ସ୍ଥଳରେ ବଂଶର ପ୍ରଥମ ରାଜାଙ୍କ ନାମ ଦେଇ ସେହି ବଂଶର ସମସ୍ତ ରାଜତ୍ୱକାଳକୁ ଏକାଠି ଗଣନା କଲେ ଚଳାଇଦେଇଥିବା ପରି ଅନେକ ସ୍ଥଳରେ ବୋଧହୁଏ । କାରଣ ସେହି ରାଜାମାନଙ୍କ ରାଜତ୍ୱକାଳ ଲେଖା ଅଛି, ତଦ୍‌ବ୍ୟତୀତ ଆଉ ଅନେକଙ୍କ ନାମ ଅଛି; ମାତ୍ର ସମୟ ଲେଖା ନାହିଁ ।

ଉତ୍କଳ ଅନେକ କାଳ ଦିଲ୍ଲୀ ସମ୍ରାଟମାନଙ୍କ ଖାସ୍ ଶାସନାଧୀନରେ ଥିଲା । ଦିଲ୍ଲୀ ସମ୍ରାଟ ହିଁ ଉତ୍କଳର ରାଜା ଥିଲେ । ମାତ୍ର ଯଯାତିକେଶରୀଙ୍କ ସମୟରୁ ସ୍ୱତନ୍ତ୍ର ଶାସନାଧୀନ ହେଲାପରି ବୋଧହୁଏ ।

ଏତେ ଅସାମଞ୍ଜସ୍ୟ ମଧ୍ୟରେ ଉତ୍କଳ ଇତିହାସର କେତେଗୋଟି ଶଙ୍କୁ ଅଛି । ଏହି ଶଙ୍କୁ ପ୍ରତି ଦୃଷ୍ଟି ଦେଇ ଆମ୍ଭମାନଙ୍କୁ ବିଚାର କରିବାକୁ ହେବ । ପୁରୀର ଜଗନ୍ନାଥ ଦେଉଳ, ଭୁବନେଶ୍ୱର ଦେଉଳ ଓ କୋଣାର୍କ ଦେଉଳ ପ୍ରଭୃତି ଆମ୍ଭମାନଙ୍କର ପ୍ରଧାନ ଶଙ୍କୁ । ଏଥିରେ ଖୋଦିତ ଲିପିଅଛି । ଏ ଲିପିମାନଙ୍କୁ ବିଶ୍ୱାସ ନ କରିବାର କିଛିମାତ୍ର କାରଣ ନାହିଁ । ଏଗୁଡ଼ିକ ଦେଉଳ ନିର୍ମାଣ ସମୟର ସମସାମୟିକ । ଏବେ ନରସିଂହ ତାମ୍ରଶାସନ ପ୍ରକାଶିତ ହୋଇଅଛି । ସେ ବହୁ ପ୍ରାଚୀନ କାଳର ଲେଖା । ସେ ମଧ୍ୟ ଆମ୍ଭମାନଙ୍କର ଗୋଟିଏ ଶଙ୍କୁ । ଏ ସମସ୍ତ ପ୍ରତି ଦୃଷ୍ଟି ଦେଇ ଆମ୍ଭମାନଙ୍କୁ ସମୟ ନିର୍ଦ୍ଧାରଣ କରିବାକୁ ହେବ । ଯେଉଁ ସମୟ ଏ ସମସ୍ତ ଶଙ୍କୁ ସହିତ ମେଳ ହେବ, ତାହାକୁ ଆପାତତଃ ଠିକ୍ ବୋଲି ଗ୍ରହଣ କରିବାକୁ ହେବ । ପୁରୀର ରାଜାଙ୍କ ନିର୍ଦ୍ଧାରିତ ସମୟ ଏ ଶଙ୍କୁମାନଙ୍କ ସହିତ ମେଳ ହେଉନାହିଁ

ବୋଲି ଅନେକ ସ୍ଥଳରେ ଦେଖାଯାଏ । ମାଦଳାପାଞ୍ଜି ସହିତ ଏ ସଙ୍ଖ୍ୟାମାନ ମେଳ ହେଲେ ତାହା ଅବଶ୍ୟ ଗ୍ରାହ୍ୟ ।

ଆମ୍ଭେ ପୂର୍ବେ ଦେଖାଇଅଛୁଁ ଯେ ଯୁଧିଷ୍ଠିରଙ୍କଠାରୁ ବିକ୍ରମାଦିତ୍ୟଙ୍କ ପର୍ଯ୍ୟନ୍ତ ୧୧୯ ଜଣ ରାଜା ୩୦୪୪ ବର୍ଷ ରାଜତ୍ୱ କରିଥିଲେ । ମାଦଳାପାଞ୍ଜିରେ ୧୦ ବା ୧୨ ଜଣ ରାଜାଙ୍କ ରାଜତ୍ୱ ସମୟ ଉଲ୍ଲେଖ ଅଛି । ମାତ୍ର "ଦାରୁବ୍ରହ୍ମ" ଅବତାର ଅଧ୍ୟାୟରେ ଅନେକ ରାଜାଙ୍କର କେବଳ ନାମୋଲ୍ଲେଖ ଆଉ ଇତ୍ୟାଦି ଶବ୍ଦ ବ୍ୟବହୃତ ହୋଇଅଛି । ସୁତରାଂ ଆମ୍ଭେ ପୂର୍ବେ କହିଥିଲୁ ଯେ ଜଣକ ତଳେ ଅନେକ ରାଜାଙ୍କ ସମୟ ସାମିଲ ହୋଇଅଛି । ଖ୍ରୀଷ୍ଟପୂର୍ବ ୩୧୦୧ ଠାରୁ ଖ୍ରୀଷ୍ଟପୂର୍ବ ୫୭ ପର୍ଯ୍ୟନ୍ତ ଏମାନେ ରାଜତ୍ୱ କରିଥିଲେ ।

| | | | | |
|---|---|---|---|---|
| ୧ | ଯୁଧିଷ୍ଠିର | ୧୨ ବର୍ଷ | ଖ୍ରୀ: ପୂ: | ୩୧୦୧—୩୦୮୯ |
| ୨ | ପରୀକ୍ଷିତ | ୭୫୭ ବର୍ଷ | ଖ୍ରୀ: ପୂ: | ୩୦୮୯—୨୩୩୨ |
| ୩ | ଜନ୍ମେଜୟ | ୫୧୨ ବର୍ଷ | ଖ୍ରୀ: ପୂ: | ୨୩୩୨—୧୮୨୦ |
| ୪ | ଶଙ୍କରଦେବ | ୪୧୦ ବର୍ଷ | ,, | ୧୮୨୦—୧୪୧୦ |
| ୫ | ଗୌତମଦେବ | ୩୯୦ ବର୍ଷ | ,, | ୧୪୧୦—୧୦୨୦ |
| ୬ | ମହେନ୍ଦ୍ରଦେବ | ୩୧୩ ବର୍ଷ | ,, | ୧୦୨୦— ୭୦୫ |
| ୭ | ଅଶୋକ ବା ଶୋଭଶାକ ବା ସେବକଦେବ | ୧୫୦ ବର୍ଷ | ,, | ୭୦୫—୫୫୫ |
| ୮ | ଶରଣଙ୍କ ବା ନରସିଂହ | ୧୫୨ ବର୍ଷ | ,, | ୫୫୫—୪୩୯ |
| ୯ | ବଳଭଦ୍ରଦେବ | ୧୧୬ ବର୍ଷ | ,, | ୪୩୯—୩୨୩ |
| ୧୦ | ବିଷ୍ଣୁଦେବ | ୧୨୪ ବର୍ଷ | ,, | ୩୨୩—୧୯୯ |
| ୧୧ | ଅଧିଶ ବା ମାନକୃଷ୍ଣ | ୫ ବର୍ଷ | ,, | ୧୯୯—୧୯୪ |
| ୧୨ | ଦେଶଳଦେବ | ୧୩୭ ବର୍ଷ | ,, | ୧୯୪— ୫୭ |
| ୧୩ | ବିକ୍ରମାଦିତ୍ୟ | ୧୫୦ ବର୍ଷ | ,, | ୫୭— ୪୮ ଖ୍ରୀ: |
| ୧୪ | ଶକମାନେ | ୩୦ ବର୍ଷ | ଖ୍ରୀଷ୍ଟାବ୍ଦ | ୪୮— ୭୮ ,, |
| ୧୫ | ଧର୍ମ୍ମହିତ | ୧୧୫ ବର୍ଷ | ,, | ୭୮—୧୯୩ ,, |
| ୧୬ | ବଟକେଶ୍ୱର ବା ଷଟକେଶ୍ୱର | ୫୧ ବର୍ଷ | ,, | ୧୯୩—୨୪୪ ,, |
| ୧୭ | ତ୍ରିଭୁବନଦେବ | ୬୩ ବର୍ଷ | ,, | ୨୪୪—୩୦୭ ,, |
| ୧୮ | ନିର୍ମ୍ମଳଦେବ | ୫୭ ବର୍ଷ | ,, | ୩୦୭— ୩୬୪ ,, |
| ୧୯ | ଭୀମଦେବ | ୩୭ ବର୍ଷ | ,, | ୩୬୪—୪୦୧ ,, |
| ୨୦ | ଶୋଭନଦେବ | ୪ ବର୍ଷ | ,, | ୪୦୧—୪୦୫ ,, |
| ୨୧ | ଚନ୍ଦ୍ରଦେବ ବା ଇନ୍ଦ୍ରଦେବ | ୫ ବର୍ଷ | ,, | ୪୦୫—୪୧୦ ,, |
| ୨୨ | ରକ୍ତବାହୁବଂଶୀୟ | ୧୪୬ ବର୍ଷ | ,, | ୪୧୦—୫୫୬ ,, |

ଉପରୋକ୍ତ ରାଜାମାନଙ୍କ ରାଜତ୍ୱ ସମ୍ବନ୍ଧରେ ଯେ ତାଲିକା ଦିଆଗଲା ସେଥିରେ ୧, ୭, ୮, ୯, ୧୨, ୧୬, ୧୯, ୨୦, ୨୧ ନମ୍ବର ବ୍ୟକ୍ତି ସମସ୍ତ ଷ୍ଟର୍ଲିଂ ସାହେବଙ୍କ ତାଲିକା ସହିତ ମାଦଳାପାଞ୍ଜିର ମେଳ ଅଛି । ଅନ୍ୟ ନମ୍ବରମାନଙ୍କରେ ଅମେଳ ଦେଖାଯାଏ । କପିଳେନ୍ଦ୍ରଙ୍କ ରାଜତ୍ୱ ୧୪୫୧ ଠାରୁ ଷ୍ଟର୍ଲିଂ ସାହେବ ଦେଉଛନ୍ତି ଆଣିଲେ, ତାହା ଜଣା-ଯାଉନାହିଁ । ଏହିପରି ଅନ୍ୟାନ୍ୟ ସ୍ଥଳରେ ବୁଝାଯାଇପାରେ ।

ବର୍ତ୍ତମାନ ଏ ରାଜାମାନଙ୍କ ଅମଳରେ କି କି ପ୍ରଧାନ ଘଟଣା ଘଟିଥିଲା ତାହା ନିମ୍ନରେ ଲେଖାଯାଉଛି ।

ମହେନ୍ଦ୍ରଦେବ—ମହେନ୍ଦ୍ର, ଗର୍ଜି ଗୋଦାବରୀ ଯାଏ ରାଜ୍ୟଶାସନ କଲେ । ମହେନ୍ଦ୍ର ପର୍ବତ ବନ୍ଧାଇଲେ ।

ଅଶୋକଦେବ—ଏ ବଡ଼ ଦୟାଦାକ୍ଷିଣ୍ୟ ବିଷ୍ଣୁଭକ୍ତ ଥିଲେ । ବଡ଼ଦେଉଳ ଭଗ୍ନ ମାଡ଼ିଯାଇଥିଲା, ପରିଷ୍କାର କରାଇଲେ; ମହାପ୍ରଭୁଙ୍କୁ କନକ ଅଳଙ୍କାର ଦେଲେ ।

ବଜ୍ରନାଥଦେବ—ଏହାଙ୍କ ଅମଳରେ କାବୁଲଦେଶ ସମ୍ଭବତଃ କାବୁଲ ଦେଶରୁ ମୋଗଲମାନେ ଆସି ଓଡ଼ିଶା ଆକ୍ରମଣ କରି ହାରିଲେ । ତତ୍ପୂର୍ବରୁ ମୁସଲମାନ ଯବନ ମଧ୍ୟ ଓଡ଼ିଶା ଆକ୍ରମଣ କରି ପରାସ୍ତ ହୋଇଥିଲେ ।

ନରସିଂହ ବା ଶରଣଙ୍କଦେବ—ଏ ଶରଣଙ୍କ ପୁଷ୍କରିଣୀ ଖୋଳାଇଥିଲେ । ଚାମ୍ପକ ପୋଖରୀ ଖୋଳାଇଥିଲେ । ଅନଙ୍ଗଦେବଙ୍କ ଅମଳରେ କାଶ୍ମୀର ଦେଶରୁ ଯବନମାନେ ଆସି ଓଡ଼ିଶା ଆକ୍ରମଣ କଲେ; ମାତ୍ର ପରାସ୍ତ ହେଲେ ।

ଭୋଜରାଜ—ଏ ଚକ୍ରବର୍ତ୍ତୀ ହୋଇଥିଲେ । ମହାଦାନ୍ତେନ ଶ୍ରାଦ୍ଧ କରାଇଲେ; କାଳିଦାସ ପ୍ରମୁଖ କବିଙ୍କୁ ନେଇ ସଭା କରାଇଲେ । ଚୀନ ଦେଶରୁ ଯବନମାନେ ଆସି ଆକ୍ରମଣ କଲେ; ମାତ୍ର ପରାସ୍ତ ହେଲେ । ଗଙ୍ଗା କଟାଇ ନୌକା ନିର୍ମାଣ କରାଇଲେ ।

ବିକ୍ରମାଦିତ୍ୟ—ଏ ଅଷ୍ଟବେତାଳ ସାଧିଥିଲେ । ଅଗ୍ନିସ୍ତମ୍ଭନ, ପାଦୁକାସିଦ୍ଧି ପ୍ରଭୃତି ଅନେକ ବିଦ୍ୟା ଜାଣିଥିଲେ ।

ତ୍ରିଭୁବନଦେବ—କଣ୍ଢି ଷ୍ଟିଥର ସନ୍ଧ୍ୟା, ବୋଝି, ଜାହ୍ନାଣ ଭୂଷଣ ଥିଲେ ।

ନିର୍ମଳଦେବ—ଏହାଙ୍କ ଅମଳରେ ଯବନ ମୁକ୍ତି ଓ ଯବନମାନେ ପରାସ୍ତ ।

ଶୋଭନଦେବ—ଏହାଙ୍କ ୨ ଅଙ୍କରେ ରକ୍ତବାହୁ ଜାହାଜରେ ସମୁଦ୍ରପଥରେ ଆସି ଚନ୍ଦ୍ରଭାଗାରେ ଦୋଇଲଜୁ ଓଲ୍ଟାଇ ପୁରୁଷୋତ୍ତମରେ ପ୍ରବେଶ ହେଲା । ଇତିମଧ୍ୟରେ ସେବକମାନେ ଏହାଙ୍କ ଆଗମନ ବାର୍ତ୍ତା ଶୁଣି ମହାପ୍ରଭୁଙ୍କୁ ନେଇ ଗୋପଲି ଗ୍ରାମରେ (ସୁବର୍ଣ୍ଣପୁର ମଧ୍ୟରେ—ବୌଦ୍ଧ ସୀମାରେ) ପାତାଳୀ କରି ରଖାଇଲେ । ରକ୍ତବାହୁ

ଯୁଦ୍ଧରେ ଠାକୁରଙ୍କୁ ନ ଦେଖି ଦେଉଳର ମଧ୍ୟରେ ଅତ୍ୟାଚାର କଲା, ପଣ୍ଡାମାନଙ୍କୁ ମାଡ଼ ମାରିଲା । ଏହି ସମୟରେ ବାଙ୍କିମୁହାଣ ଭାଙ୍ଗି ପାଣି ସହରରେ ପ୍ରବେଶକଲା; ତେଣେ ବଡ଼ମୂଳ ଘାଟି ଖଣ୍ଡିକ ସମୁଦ୍ର ମାଡ଼ିଯାଇଥିଲା । ଏହି ସମୟରୁ ଚିଲିକା ହେଲା । * ଅନ୍ତରେ ରାଜା ପଳାୟନ କରି ଝାଡ଼ଖଣ୍ଡ ଭିତରେ ସ୍ୱର୍ଗପ୍ରାପ୍ତି ହେଲେ ।

ଚନ୍ଦ୍ରଦେବ—ଏ ରାଜାଙ୍କୁ ମୋଗଲମାନେ ବିଶ୍ୱାସରେ ଡକାଇ ଆଣି ମାରି ପକାଇଲେ । ସେହିମାନେ ଶାସନକଲେ ୧୭ ବର୍ଷ ।

ଚନ୍ଦ୍ରଦେବଙ୍କ ପରେ ଓଡ଼ିଶା ରାଜତ୍ୱର କୃଷ୍ଣପକ୍ଷ ହେଲା କହିଲେ ଚଳେ । ଏ ୧୭ ବର୍ଷର ରାଜତ୍ୱ ଅନ୍ଧକାରାବୃତ । ରକ୍ତବାହୁକୁ ମାଦଳାପାଞ୍ଜି ମୋଗଲ ଆଖ୍ୟା ଦେଇଛି । ହଣ୍ଟର ସାହେବଙ୍କ ମତରେ ଏମାନେ ବୌଦ୍ଧ ଥିଲେ । ମାଦଳାପାଞ୍ଜି ଯବନ ଏବଂ ମୋଗଲମାନଙ୍କୁ ଏକ ଅର୍ଥରେ ବ୍ୟବହାର କରିଛି ।

ଆଲେକ୍‌ଜାଣ୍ଡରଙ୍କ ଭାରତ ଆଗମନ ପୂର୍ବରୁ ରାମାୟଣ, ମହାଭାରତ ପ୍ରଭୃତି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଯବନମାନଙ୍କ କଥା ଉଲ୍ଲେଖ ଅଛି । କେତେବେଳେ ଶକ, ସିନ୍ଧୁଥାନ, ପହ୍ଲବ ପ୍ରଭୃତି ଅନାର୍ଯ୍ୟମାନେ ଯବନ ନାମରେ ପରିଚିତ ଥିଲେ । ଖ୍ରୀଷ୍ଟପୂର୍ବରୁ ଜଣାଯାଏ ଯେ ଭାରତର ପଶ୍ଚିମ ସୀମାନ୍ତବାସୀମାନେ ଯବନ ନାମରେ ଆଖ୍ୟାତ ହେଉଥିଲେ । ଆଲେକ୍‌ଜାଣ୍ଡରଙ୍କ ପରେ ଗ୍ରୀକ୍‌ମାନେ ଯବନ ପଦବାଚ୍ୟ ହେଲେ । କାବୁଲ, ଇରାନ, କାଶ୍ମୀର, ସିନ୍ଧୁଦେଶ ଓ ବଲ୍‌ଖରୁ ଆସିଥିବା ଆକ୍ରମଣକାରୀମାନଙ୍କୁ ମାଦଳାପାଞ୍ଜି ଯବନ ଆଖ୍ୟା ଦେଇଛି । ବୌଦ୍ଧମାନେ ଆକ୍ରମଣକାରୀ ହେଲାରୁ ସେମାନେ ଯବନ ନାମରେ ପରିଚିତ ହେଲେ । ସୁତରାଂ ରକ୍ତବାହୁ ବୌଦ୍ଧଧର୍ମାବଲମ୍ବୀ ଥିଲା ।

ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର ମହାଶୟ ପ୍ରତିବାଦ କରି ତାଙ୍କ କୃତ 'ଜଗନ୍ନାଥ ମନ୍ଦିର' ନାମକ ପୁସ୍ତକରେ ଲେଖିଛନ୍ତି ଯେ, ରକ୍ତବାହୁ କୌଣସି ମ୍ଲେଚ୍ଛ ଜାତୀୟ ରାଜା ଥିଲା । ବୌଦ୍ଧମାନେ ମ୍ଲେଚ୍ଛ ନଥିଲେ । ସେମାନେ ଆର୍ଯ୍ୟ ହିନ୍ଦୁସମ୍ପ୍ରଦାୟର ଏକ ଶାଖାଭୁକ୍ତ । ବୁଦ୍ଧଙ୍କୁ ଅବତାର ମଧ୍ୟରେ ଗଣାଯାଇଥିଲା । ରକ୍ତବାହୁ ପୂର୍ବରୁ ଓଡ଼ିଶାରେ ବୌଦ୍ଧମାନେ ଅପରିଚିତ ନଥିଲେ; ମାଦଳାପାଞ୍ଜିରେ ପୂର୍ବରୁ ସେମାନଙ୍କ ନାମୋଲ୍ଲେଖ ଥିଲା । ସୁତରାଂ ରକ୍ତବାହୁ ବୌଦ୍ଧ ନଥିଲା ।

ଏପରି ମତଭେଦ ଦେଖି ମନେହୁଏ ଯେ, ରକ୍ତବାହୁ ଯେତେବେଳେ ଓଡ଼ିଶାକୁ ଆସିଥିଲା ତେତେବେଳେ ହିନ୍ଦୁମାନେ ତାକୁ ବିଧର୍ମୀ ବୋଲି ବିଶ୍ୱାସ କରୁଥିଲେ । ନଚେତ୍ ସେମାନେ ଜଗନ୍ନାଥଙ୍କୁ ସ୍ଥାନାନ୍ତରିତ କରିଥାନ୍ତେ କାହିଁକି ? ବିଧର୍ମୀ ଆକ୍ରମଣକାରୀମାନଙ୍କୁ ବରାବର ଯବନ ଆଖ୍ୟା ଦିଆଯାଇଛି । 'ବାହୁ' ପଦଟି ମୁସଲମାନମାନଙ୍କର ଥିଲାପରି ଜଣାଯାଉନାହିଁ । ବୌଦ୍ଧମାନଙ୍କ 'ମହାବଂଶ' ନାମକ ଗ୍ରନ୍ଥରୁ ପ୍ରକାଶ ହୁଏ ଯେ, 'ରାଜା ସିଂହବାହୁ'

ଦ୍ୱାରା ସିଂହପୁର ପ୍ରତିଷ୍ଠିତ ହୋଇଥିଲା । ଏହାଙ୍କ ପୁତ୍ର ବିଜୟବାହୁ ଲଙ୍କାଦ୍ୱୀପ ଜୟ କରିଥିଲେ । କେହି କେହି କହନ୍ତି, ସିଂହବାହୁ ଲଙ୍କା ଜୟ କରି ଆପଣା ପିତୃନାମାନୁସାରେ ତାକୁ 'ସିଂହଳ' ନାମ ଦେଇଥିଲେ । ଉତ୍ତାମ ପଶ୍ଚିମରେ ପ୍ରାୟ ୧୧½ ମାଇଲ ଦୂରରେ ଲୁଗଲ ନଦୀକୂଳରେ 'ସିଂହପୁର' ବୋଲି ଗୋଟିଏ ପ୍ରାଚୀନ ଜନପଦ ଦେଖାଯାଏ । ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହାକୁ ସିଂହପୁର ବୋଲି କହନ୍ତି (ପୁ: ଇ: ୨ୟ, ୨୬୩)। ଏ ଅଧ୍ୟାୟିକା ଦେଖି ମନେହୁଏ, ଭଦ୍ରବାହୁ ଏହି ବଂଶୀୟ କେହି ଥିଲେ କି ? ହୋଇପାରେ, ଅସମ୍ଭବ ନୁହେଁ । ସୁତରାଂ ମନେହୁଏ, ଭଦ୍ରବାହୁ ବୌଦ୍ଧବଂଶୀୟ ହୋଇପାରେ !

ସେ ଯେ ହୁଅନ୍ତୁ, ଏହାଙ୍କ ପରେ କେଶରୀବଂଶର ରାଜତ୍ୱ ଆରମ୍ଭ ହେବ । ଏ ଗଣନାନୁସାରେ ଯଯାତି ୬ଷ୍ଠ ଶତାବ୍ଦୀର ଲୋକ ହେବାର କଥା । ମାତ୍ର ମନମୋହନ ଚାକ୍ରି ମହାଶୟ ତାଙ୍କୁ ନବମ ଶତାବ୍ଦୀର ଲୋକ ବୋଲି କହନ୍ତି । କେହି ନିମ୍ନଲିଖିତ ମତ ବ୍ୟକ୍ତ କରିଛନ୍ତି ।

ଚାକ୍ରି ମହାଶୟଙ୍କ ମତର ସଂକ୍ଷିପ୍ତ ବିବରଣ—

୧ । ମାଦଳାପାଞ୍ଜି କପୋଳକଳ୍ପିତ ବିଷୟପୂର୍ଣ୍ଣ । କଳାପାହାଡ଼ର ଆକ୍ରମଣବେଳେ ସବୁ ପୋଡ଼ିଯାଇଥିଲା, ନଷ୍ଟ ହୋଇଥିଲା । ତାମ୍ରପତ୍ର ତୁଳନାରେ ଏହା ବିଶ୍ୱାସଯୋଗ୍ୟ ନୁହେଁ ।

୨ । ଡାକ୍ତର ଫ୍ଲିଟ୍ "ଏପିଗ୍ରାଫିଆ ଇଣ୍ଡିକା ୩ୟ, ୩୨୩-୫୯"ରେ କଟକ ସୋମବଂଶୀୟ ରାଜାମାନଙ୍କ ସମ୍ବନ୍ଧେ ଯାହା ଲେଖିଛନ୍ତି, ତଦ୍ଦୃଷ୍ଟିରେ ଡାକ୍ତର ରାଜେନ୍ଦ୍ର ମିତ୍ର ଓ ଷ୍ଟର୍ଲିଂଙ୍କ ମତ ଅଗ୍ରାହ୍ୟ ।

୩ । ଯଯାତିକେଶରୀଙ୍କ ରାଜତ୍ୱ ସମୟ ୮ମ ଶତାବ୍ଦୀର ମଧ୍ୟଭାଗ କିମ୍ବା ୯ମ ଶତାବ୍ଦୀର ପ୍ରାରମ୍ଭ ହୋଇପାରେ । ୪୭୬ ଖ୍ରୀଷ୍ଟାବ୍ଦ ଭୁଲ । ବିକ୍ରମାଦିତ୍ୟଙ୍କ ପରେ ୬ ଜଣ ରାଜା ରାଜତ୍ୱ କରିଥିବାର ଉଲ୍ଲେଖ ଅଛି । ହର୍ଷବିକ୍ରମାଦିତ୍ୟ ୭ମ ଶତାବ୍ଦୀର ମଧ୍ୟଭାଗରେ ରାଜତ୍ୱ କରିଥିବାର ସ୍ଥିର ଅଟେ । ଏ ଛ'ଜଣଙ୍କ ରାଜତ୍ୱ ପ୍ରତ୍ୟେକଙ୍କୁ ୩୦ ବର୍ଷ ଧରି ନେଲେ ୧୮୦; ସୁତରାଂ ୯ମ ଶତାବ୍ଦୀ ହେଲା । ଯଦି ରାଜତ୍ୱ ୧୪୬ ବର୍ଷ ହେଲେ ଯଯାତିଙ୍କ ରାଜତ୍ୱ ସମୟ ୯ମ ଶତାବ୍ଦୀର ଶେଷଭାଗ (ମାଦଳାପାଞ୍ଜି ଅନୁସାରେ)।

୪ । ଡାକ୍ତର ଫ୍ଲିଟ୍ ପ୍ରଫେସର କିଲହର୍ଣ୍ଣଙ୍କ ସହିତ ଏକମତ ହୋଇ କହନ୍ତି ଯେ, ଇନ୍ଦ୍ରବଳ ଏବଂ ତାଙ୍କର ନାତି ତୀବରଦେବଙ୍କ ଦାନପତ୍ରର ତାରିଖ ୮ମ ଶତାବ୍ଦୀର ମଧ୍ୟଭାଗ । ତୀବରଦେବ କୋଶଳର ଜଣେ ରାଜା । ତାଙ୍କର ଅପର ନାମ ଚନ୍ଦ୍ରଗୁପ୍ତ । ହର୍ଷଗୁପ୍ତ, ଭବଗୁପ୍ତ ଏବଂ ଶିବଗୁପ୍ତମାନେ କ୍ରମାନ୍ୱୟେ ଚନ୍ଦ୍ରଗୁପ୍ତଙ୍କ ପରେ ଉତ୍ତରାଧିକାରୀ ସୂତ୍ରେ ରାଜତ୍ୱ କରିଥିଲେ । ଶେଷୋକ୍ତ ଶିବଗୁପ୍ତ = ମହାଶିବଗୁପ୍ତ । ପଟଣାର ତାମ୍ରପତ୍ରରେ ଉଲ୍ଲେଖ ଥିବା-

ମହାଶିବଗୁପ୍ତ ଏବଂ ଏ ମହାଶିବଗୁପ୍ତ ଏକ ବ୍ୟକ୍ତି । ଦାନପତ୍ର ତାଙ୍କ ରାଜତ୍ୱର ନବମ ବର୍ଷରେ । ଏ ମହାଶିବଗୁପ୍ତ ଯଯାତି ବ୍ୟତୀତ ଅନ୍ୟ କେହି ନୁହେଁ । ସୁତରାଂ ଓବରଦେବଙ୍କ ଅନୁମାନିକ ସମୟ ୭୨୦ ଖ୍ରୀଷ୍ଟାବ୍ଦ ହେଲେ ମହାଶିବଗୁପ୍ତ ବା ଯଯାତିଙ୍କ ସମୟ ୭୨୦+୩୦×୩=୮୧୦ ଖ୍ରୀଷ୍ଟାବ୍ଦ କିମ୍ବା ୮୦୦ ଖ୍ରୀଷ୍ଟାବ୍ଦ ।

୫ । ଯଯାତି କିମ୍ବା ମହାଭବଗୁପ୍ତଙ୍କ ପିତା ଜନ୍ମେଜୟ ବା ୧ମ ମହାଭବଗୁପ୍ତ । ସୁତରାଂ ଜନ୍ମେଜୟ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗ କିମ୍ବା ୯ମ ଶତାବ୍ଦୀର ପ୍ରାରମ୍ଭର ଲୋକ ।

୬ । କେଶରୀବଂଶୀୟ ୧୩ଶ ରାଜା ଜନ୍ମେଜୟ । ହଣ୍ଟରଙ୍କ ମତରେ ତାଙ୍କ ରାଜତ୍ୱ ସମୟ ୭୫୪ ଖ୍ରୀଷ୍ଟାବ୍ଦ । ଏ କାରଣ ପ୍ରଥମ ଜନ୍ମେଜୟ ମହାଭବଗୁପ୍ତଙ୍କ ସମୟ ସହିତ ମେଳ ହେବା ଆଦୌ ଅସମ୍ଭବ । ଏ ଜନ୍ମେଜୟ ଯଯାତିଙ୍କ ପିତା; ମାତ୍ର ମାଦଳାର ଜନ୍ମେଜୟ ଓଡ଼ିଶାର ରାଜା । ସମ୍ଭବତଃ ଲେଖାଦୋଷରୁ ଓଲଟପାଲଟ ହୋଇଥିବ ।

୭ । କେହି କେହି କହନ୍ତି, ଯଯାତି ଓ ଜନ୍ମେଜୟ ବ୍ୟତୀତ କେଶରୀବଂଶର ଅନ୍ୟ ସମସ୍ତ କାଳ୍ପନିକ । ଏକଥା ସେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି ।

୮ । ୧୧୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ଅନ୍ଧକାରାଚ୍ଛନ୍ନ । ଚୋଡ଼ଗଙ୍ଗ ଚନ୍ଦ୍ରବଂଶୀୟ ରାଜା । ତେତେବେଳେ ସିଂହାସନାରୋହଣ କରିଥିଲେ । ଚୋଡ଼ଗଙ୍ଗଙ୍କ ମାତା ରାଜସୁନ୍ଦରୀ । ସେ ରାଜେନ୍ଦ୍ର ଚୋଳଙ୍କ ଦୁହିତା ଥିଲେ । ପିଟେରିଙ୍କ ମତରେ ୯୯୯ ଶକ ସମ୍ବତ୍ସରେ ଚୋଡ଼ଗଙ୍ଗ ଅଭିଷିକ୍ତ ହୋଇଥିଲେ; ଅର୍ଥାତ୍ ୧୦୭୮ ଖ୍ରୀଷ୍ଟାବ୍ଦ । ଡାକ୍ତର ହୁଲ୍‌ଜ୍ ମତରେ ୧୦୭୬—୭୭ ଖ୍ରୀଷ୍ଟାବ୍ଦ । ପୂର୍ବ ମତ ଗ୍ରାହ୍ୟ; କାରଣ ଏହା ଜ୍ୟୋତିଃଶାସ୍ତ୍ରରୁ ପ୍ରାପ୍ତ ଅନନ୍ତ ବର୍ମାଙ୍କ ଦାନପତ୍ରର ଭାଷାସହିତ ମିଳୁଅଛି । ଏ ଦାନପତ୍ର ସିଦ୍ଧାନ୍ତପୁରରେ ଲେଖାଯାଇଥିଲା । ଚୋଡ଼ଗଙ୍ଗଦେବ ଯେ ଅନନ୍ତ ବର୍ମା, ଏକଥା କହିବା ବିଶେଷ ଆବଶ୍ୟକ ନାହିଁ ।

୯ । ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ପ୍ରକାଶିତ ୪ର୍ଥ ନୃସିଂହଦେବଙ୍କ ତାମ୍ରଶାସନ ତୁଳନାରେ ପଢ଼ନ୍ତି ଭୁଲ । ଏ ବିଷୟର ଆଲୋଚନା ଯଥାସ୍ଥାନରେ କରାଯାଇ ଭ୍ରମ ଦେଖାଇ ଦିଆଯିବ । ମାଦଳାପାଞ୍ଜି ସମ୍ବନ୍ଧେ ପୂର୍ବେ ଯଥେଷ୍ଟ କୁହାଯାଇଛି ।

ଅନେକ ପୂର୍ବେ କହିଥିଲୁଁ, ବଂଶର ଏକ ରାଜା ନାମରେ ବୋଧହୁଏ ଅନେକ ରାଜାଙ୍କ ନାମ ଦାଖିଲ ଥିବ । ଏହାର ନିଦର୍ଶନ ସ୍ୱରୂପ କ୍ରମରେ ମାଦଳାପାଞ୍ଜିରେ ଲେଖାଥିବା କେତେଗୋଟି ନାମ ଦେଲୁଁ ।

ମଧୁମାଳଣ୍ଡଦେବ, ଯାଟକଦେବ, ବଜ୍ରକଦେବ, ତ୍ରିଭୁବନଦେବ, ଲୋକନାଥଦେବ, ଚଣ୍ଡୀହରଦେବ, ନରୁମତଦେବ, ଲଳାଟେନ୍ଦୁଦେବ, ଜନ୍ମେଶ୍ୱରଦେବ, ଦାନ୍ତକମାଧବଦେବ, ଧନୁର୍ଦ୍ଧରଦେବ, ଦୂର୍ଯ୍ୟଦେବ ଇତ୍ୟାଦି ରାଜାମାନେ ଅନେକ ଦିନ ରାଜତ୍ୱକଲେ; ମାତ୍ର ଏମାନଙ୍କ ରାଜତ୍ୱର ସମୟ ଉଲ୍ଲେଖ ନାହିଁ । ଏଥିରୁ ଜଣାଯାଏ ଅନ୍ୟମାନଙ୍କ ରାଜତ୍ୱ ସମୟ ମଧ୍ୟରେ ମିଶ୍ରିତ ଅଛି ।

ଗାଙ୍ଗୁଲି ମହାଶୟଙ୍କ ମତ ସମ୍ବନ୍ଧେ ଅନେକ ଏଠାରେ କହିବାପାଇଁ ଯେ ତାହାର ପ୍ରତିବାଦ କରିବା ପୂର୍ବରୁ ଏଠାରେ ଦେଖାଯାଉ, ଯଯାତିଙ୍କ ନାମ ଶିବଗୁପ୍ତ ଓ ଜନମେଜୟଙ୍କ ନାମ ମହାଭବଗୁପ୍ତ ବୋଲି ସେ କପରି ସ୍ଥିର କଲେ; ଏବଂ କି ପ୍ରମାଣରୁ ପାଇଲେ ତାର ଅନୁମାନ ନିଦର୍ଶନ ଦେଉନାହାନ୍ତି । ଅଥବା ଅପର ନାମ କହିବା ବଡ଼ ସହଜ; ମାତ୍ର ଯୁକ୍ତିଯୁକ୍ତ ବୋଧ ହେଉନାହିଁ । ଏହାର ବିଶେଷ ପ୍ରତିବାଦ ଯଯାତିଙ୍କ ସମ୍ପର୍କରେ ଲେଖାଯିବ ।

ମୁକୁରର ୮ମ ଭାଗ ୪ର୍ଥ ଓ ୫ମ ସଂଖ୍ୟାରେ ଅନେକ ସେହି ଖୋଦିତ ଲିପିମାନ ପ୍ରକାଶ କରି ଦେଇଥିଲୁଁ, ହାତୀଗୁମ୍ଫା-ଲିପି ତହିଁ ମଧ୍ୟରୁ ଅନ୍ୟତମ ଲିପି । 'କେଶରୀବଂଶାନୁ-ଚରିତ' ଲେଖାହେବା ପୂର୍ବରୁ ଓଡ଼ିଶାର ତତ୍କାଳୀନ ଅନ୍ୟ କେଉଁ ରାଜା କେଶରୀବଂଶ ରାଜାମାନଙ୍କ ପୂର୍ବେ ରାଜତ୍ୱ କରୁଥିଲେ ସେ ସମ୍ବନ୍ଧେ ମାଦଳାପାଞ୍ଜି ନୀରବ । ମୁକୁରର ୮ମ ଭାଗ ଅଷ୍ଟମ ସଂଖ୍ୟାରେ ସେହି ଚେଦିବଂଶମାନଙ୍କ କଥା ଲେଖାଅଛି, ସେମାନେ ରାଜଚକ୍ରବର୍ତ୍ତୀ ଅର୍ଥାତ୍ ବଲ୍ଲୀ ସମ୍ରାଟ ଥିବାର ଅନୁମିତ ହୁଏ । ହାତୀଗୁମ୍ଫା ଲିପିରେ ଯେଉଁ ଖାରବେଳ ଐର ନାମକ ନାମୋଲ୍ଲେଖ ଅଛି, ତାଙ୍କ ସମ୍ବନ୍ଧେ କିଛି ଆଲୋଚନା ଆବଶ୍ୟକ । ତହିଁର କେତେକ ସୂଚନା ଖୋଦିତ ଲିପି ସଙ୍ଗେ ଦେଇଥିଲୁଁ । ଏ ଲିପି ସମ୍ବନ୍ଧେ ରାଜେନ୍ଦ୍ର ମିତ୍ର ପ୍ରମୁଖ ପ୍ରତ୍ନତତ୍ତ୍ୱଜ୍ଞମାନେ ଆଲୋଚନା କରିଥିଲେ । ସମ୍ପ୍ରତି 'ବିହାର-ଓଡ଼ିଶା ରିସର୍ଚ୍ଚ' ନାମକ ପତ୍ରିକାରେ କେ. ପି. ଜୟସ୍ୱାଲ, ଏମ. ଏ. ମହାଶୟ ତହିଁର ବିସ୍ତୃତ ଆଲୋଚନା କରିଛନ୍ତି । ଏ ସମସ୍ତ ଆଲୋଚନା କରି ଜଣାଯାଏ, ଓଡ଼ିଶାରେ ଖାରବେଳ ଐର ନାମକ ରାଜା ଥିଲେ । ଜୟସ୍ୱାଲ ମହାଶୟ ଖୋଦିତ ଲିପିର ନିମ୍ନଲିଖିତ ଅନୁବାଦ କରିଛନ୍ତି ।

୧ମ ଧାଡ଼ି—( ବର୍ଦ୍ଧମାନ ଓ ସ୍ୱସ୍ତିକ ଚିହ୍ନ ) ଅର୍ହନ୍ତମାନଙ୍କୁ ନମସ୍କାର । ସର୍ବସିଦ୍ଧମାନଙ୍କୁ ନମସ୍କାର । କଳିଙ୍ଗାଧିପତି ଶ୍ରୀ ଖାରବେଳ ଐର ମହାମେଘବାହନ ମହାରାଜା ଚେତ ରାଜବଂଶର ମଙ୍ଗଳ ନିଦାନ ସ୍ୱରୂପ । ସେ ସମସ୍ତ ଦେଶର ନେତୃତ୍ୱ ସ୍ୱରୂପ, ସେ ମହାନ୍, ସେ ଚତୁର, ଯାହାଙ୍କର ପ୍ରଶସ୍ତ ଶୁଭ ଲକ୍ଷଣମାନ ଥିଲା, ପନର ବର୍ଷ ବୟସ ପର୍ଯ୍ୟନ୍ତ ସେ ନାନା ଖେଳରେ କାଳ କଟାଉଥିଲେ ଏବଂ ଯାହାଙ୍କ ଶରୀର ସୁନ୍ଦର ଥିଲା । ରାଜକାର୍ଯ୍ୟମାନ ପ୍ରଥମରୂପେ ଅବଗତ ହୋଇ, ଅଙ୍କ-ବ୍ୟୟ ହିସାବ, ଆଇନକାନୁନ ଓ ଧର୍ମ-ଶାସ୍ତ୍ରମାନ ପ୍ରଥମରୂପେ ପାଠ କରି ଏବଂ ସକଳ ବିଦ୍ୟାରେ ନିପୁଣ ହେବାପରେ ଯୁବରାଜ ଭାବେ ୯ ବର୍ଷ ଶାସନକାର୍ଯ୍ୟ ଚଳାଇଲେ । ୨୪ ବର୍ଷ ବୟସ ଶେଷ ପରେ ମହାରାଜ୍ୟାଭିଷିକ୍ତ ହେଲେ ଏବଂ ଅବଶିଷ୍ଟ ସମସ୍ତ ରାଜ୍ୟବଂଶ ଭାର୍ଯ୍ୟାରେ ନିଯୁକ୍ତ ଥିଲେ ଏବଂ ଅନେକ ଧନରତ୍ନ ପାଇଥିଲେ ଏବଂ ଧର୍ମକାର୍ଯ୍ୟ କରିଥିଲେ ଏବଂ ସେ କଳିଙ୍ଗର ତୃତୀୟ ରାଜପୁରୁଷ ଥିଲେ । ତାଙ୍କ ରାଜତ୍ୱର ପ୍ରଥମ ବର୍ଷ ସେ କଳିଙ୍ଗ ରାଜଧାନୀର ଜୀର୍ଣ୍ଣସଂସ୍କାର କରିଥିଲେ ଏବଂ ତୋଫାନ ଦ୍ୱାରା ନଷ୍ଟ ହୋଇଥିବା ଗୋପୁର, ପ୍ରାଚୀର ଏବଂ କୋଠାମାନଙ୍କୁ ମରାମତ କରାଇଥିଲେ ।

ସେ ଦ୍ୱାର ଓ ତୋରଣ ସ୍ତମ୍ଭପାଶ ବନ୍ଧମାନ ପୁନଃନିର୍ମିତ କରାଇଥିଲେ ଏବଂ ଉପବନମାନ ପ୍ରସ୍ତୁତ କରାଇଥିଲେ । ୩୫୦୦୦୦୦ ପ୍ରଜାଙ୍କ ମନୋରଞ୍ଜନ କରିଥିଲେ । ରାଜତ୍ୱର ଦ୍ୱିତୀୟ ବର୍ଷରେ ସେ ସାତକର୍ଣ୍ଣୀ ରାଜାଙ୍କୁ ଅବମାନନା କରି ହସ୍ତୀ, ଘୋଡ଼ା, ପଦାତି ଓ ରଥୀ ସମାଯୁକ୍ତ ବୃହତ୍ ସୈନ୍ୟଦଳ ପଶ୍ଚିମ ଦିଗକୁ ପ୍ରେରଣ କଲେ ଏବଂ କାଶ୍ୟପ କ୍ଷତ୍ରିୟମାନଙ୍କ ସାହାଯ୍ୟ ନେଇ ମୂଷିକ ରାଜଧାନୀର ବିନାଶସାଧନ କଲେ ।

ରାଜତ୍ୱର ତୃତୀୟ ବର୍ଷରେ ଗନ୍ଧର୍ବବେଦରେ ପାରଦର୍ଶିତା ଲାଭ କରି ରାଜଧାନୀରେ ବହୁତ ନୃତ୍ୟଗୀତ ଓ ବାଦ୍ୟ, ଭୋଜ ଓ ତମାସା କରାଇଥିଲେ ।

ରାଜତ୍ୱର ଚତୁର୍ଥ ବର୍ଷରେ ସେହି ବିଦ୍ୟାଧର ବସତି ପୂର୍ବେ ନଷ୍ଟ ହୋଇ ନ ଥିଲା ଏବଂ ଯାହାକୁ ପୂର୍ବେ କଳିଙ୍ଗ ରାଜାମାନେ ବଡ଼ ପବିତ୍ର ମନେ କରୁଥିଲେ···

ସେମାନଙ୍କ ମକୁଟ ଅର୍ଥାତ୍ ମୁକୁଟ ଯାହାର ଚେକ ନ ଥିଲା, ଛତ୍ର ଓ ଭୃଙ୍ଗାର ଯାହା ଭାଙ୍ଗି ଯାଇ ତଳେ ପଡ଼ିଯାଇଥିଲା, ଏପରି ସେହି ରାଷ୍ଟ୍ରିକ ଓ ଭୋଜକମାନେ, ସେମାନଙ୍କର ରତ୍ନ କାଢ଼ିନେଇ ସେମାନଙ୍କୁ ପଦାନତ କରାଇଥିଲେ ।

ରାଜତ୍ୱର ପଞ୍ଚମ ବର୍ଷରେ ତନସୁଲି ରାସ୍ତାଠାରୁ ୩୦୦ ବର୍ଷ ପୂର୍ବେ ନନ୍ଦରାଜା ଖୋଳାଇଥିବା କେନାଲକୁ ଆପଣା ରାଜଧାନୀ ପର୍ଯ୍ୟନ୍ତ ଖୋଳାଇ ଆଣିଥିଲେ ।

ରାଜତ୍ୱର ଷଷ୍ଠ ବର୍ଷରେ ଅଭାବଗ୍ରସ୍ତ ଲୋକମାନଙ୍କ ଦୁଃଖମୋଚନ କରିବା ଉଦ୍ଦେଶ୍ୟରେ ପୌର ଓ ଜାନପଦବାସୀମାନଙ୍କୁ ଶତ ଶତ ସହସ୍ର ସହସ୍ର ସୁବିଧା ସୁଯୋଗ ପ୍ରଦାନ କରିଥିଲେ ।

ସପ୍ତମ ବର୍ଷରେ ···ବାଜିରୀ ସ୍ତ୍ରୀ ଲାଭ କରିବାରୁ···

ଅଷ୍ଟମ ବର୍ଷରେ ମନ୍ତ୍ରିମାନେ···ଗୋରଥଗିରିଠାରେ···ମୃତ ହେବାରୁ ରାଜଗୃହ ରାଜାଙ୍କ ଉପରେ ଅତ୍ୟାଚାର କରାଇଥିଲେ ଏବଂ ସେ ଯବନରାଜଙ୍କ ଆଗମନ ବାର୍ତ୍ତା ପାଇ ତାଙ୍କ ସୈନ୍ୟ ଓ ରଥ ଛାଡ଼ି ମଥୁରାକୁ ପ୍ରତ୍ୟାବର୍ତ୍ତନ କଲେ ।

ନବମ ବର୍ଷରେ···ସେ ସପତ୍ର କଳ୍ପବୃକ୍ଷ, ଘୋଡ଼ା, ହସ୍ତୀ, ସବୁଲକରଥମାନ ଦାନ କଲେ । ସମସ୍ତଙ୍କ···ଗୃହ ଓ ଧର୍ମଶାଳା···ଏ ଦାନ ଗ୍ରହଣ କରିବା ଲାଗି ବିସ୍ତର ବ୍ରାହ୍ମଣ-ଭୋଜନ କରାଇଥିଲେ । ଅର୍ଥାତ୍······୩୮୦୦୦୦୦ ଟଙ୍କା ବ୍ୟୟ କରି ପ୍ରାଚୀର ଉଭୟ ପାର୍ଶ୍ୱରେ ରାଜଭବନ ( ବିଜୟଭବନ ) ପ୍ରସ୍ତୁତ କରାଇଥିଲେ ।

ଦଶମ ବର୍ଷରେ ସୈନ୍ୟ ପ୍ରେରଣ କଲେ···ଭାରତବର୍ଷକୁ ( ଉତ୍ତର ଭାରତ )··· ଯୁଦ୍ଧ କରେ ଯାପଣା ଅଭୀଷ୍ଟ ସିଦ୍ଧି ଲଭି ।

ଏକାଦଶ ବର୍ଷରେ "ଅମର ଦେବ ସଭାର" ଜମ୍ବୁଦ୍ୱୀପ ପ୍ରସ୍ତୁତ ହେବାରୁ ସେ ବ ୧୩୦୦ ବର୍ଷ ପୂର୍ବେ ବିଦ୍ୟମାନ ଥିଲେ······ସେ ପ୍ରାଚୀନ କଳିଙ୍ଗ ରାଜାମାନଙ୍କ ଦ୍ୱାରା

ପୃଥୁଦକଦର୍ଭ ନଗରରେ ପ୍ରତିଷ୍ଠିତ ହୋଇଥିଲେ ଏବଂ ଯେ ଦେଶବାସିମାନଙ୍କୁ ଅଭୟ ପ୍ରଦାନ କରୁଥିଲେ, ସେଠାକୁ ସମାବେଶରେ ଯାତ୍ରା କଲେ ।

ଦ୍ୱାଦଶ ବର୍ଷରେ ଉତ୍ତରାପଥ ରାଜାମାନଙ୍କୁ ଭୟ ଦେଖାଇ···ଏବଂ ମଗଧ ଲୋକମାନଙ୍କ ମନରେ ଶଙ୍କା ଜାତ କରି ହସ୍ତୀମାନ ଗାଙ୍ଗେୟ ଦୁର୍ଗରେ ପ୍ରବେଶ କରାଇଲେ ଏବଂ ମଗଧ ଓ ବୃହସ୍ପତିମିତ୍ର ରାଜାମାନଙ୍କୁ ପଦାନତ କରାଇଲେ ବା କରାଇଥିଲେ···ଘରକୁ ଆଣିଲେ······ପ୍ରଥମ ଜିନାର···ଯାହା ନନ୍ଦରାଜା ନେଇଯାଇଥିଲେ···ଏବଂ ଗୃହରତ୍ନମାନ ନେଇ ଆସିଥିଲେ, ବହୁମୂଲ୍ୟ ପଦାର୍ଥମାନ ଅଙ୍ଗ ଓ ମଗଧର ।

ଦୁର୍ଗମାନ ସ୍ଥାପନ କଲେ······ଭିତର ସବୁ ଖୋଦିତ ହୋଇଥିଲା ଶତ ଶତ ଅନେକ ବହୁମୂଲ୍ୟ ଧନରତ୍ନ ଲଗି । ହସ୍ତୀ ଜାହାଜ, ଅଶ୍ୱ, ହସ୍ତୀମାନ ଆଣିଥିଲେ······ପାଣ୍ଡ୍ୟ ରାଜାମାନଙ୍କର । ଶତ ଶତ ରତ୍ନ ଓ ମଣିମାଣିକ୍ୟ ଆଣିଥିଲେ । ······ଦାସମାନଙ୍କ ଉତ୍ସବରଙ୍କୁ ବଶ କରିଥିଲେ ।

ତ୍ରୟୋଦଶ ବର୍ଷରେ ଯେ ପୁଣ୍ୟମାନଙ୍କରେ ରାଜ୍ୟ ଜୟକରି ସାମ୍ରାଜ୍ୟ ବିସ୍ତାର କରିଥିଲେ···ଜିନବିଦ୍ୟା ରାଜ୍ୟଭୁକ୍ତି କୁମାରୀ ପର୍ବତ ସୁପରିଷ୍ଠିତ ( ଉଦୟଗିରି ) ଅର୍ହତମାନଙ୍କ ବାସସ୍ଥାନ ମଧ୍ୟରେ, ୧୦୦ ପଦନ୍ଦ ବନ୍ଦ ଯାହାକୁ ଭକ୍ତମାନେ ଦେଖିଥିଲେ ଏବଂ ସେମାନେ ରାଜାଙ୍କଦ୍ୱାରା ପ୍ରତିପାଳିତ ହେଉଥିଲେ···ଜିନଦେବଙ୍କ ସମୟରେ ରକ୍ଷିତ ହୋଇଥିଲେ······

ଅର୍ହତନିଷିଦ୍ୟା ନିକଟ ପାହାଡ ଉପରେ ଧାର୍ମିକ ଶ୍ରମଣମାନଙ୍କ ସୁବିଧା ଲାଗି ······ଏବଂ ନାନା ଦେଶରୁ ଆସିଥିବା ସନ୍ନ୍ୟାସିମାନଙ୍କ ଏକତ୍ର କରିବା ଲାଗି ଉତ୍ତମ କାରିଗର-ମାନଙ୍କଦ୍ୱାରା ଏବଂ ନାନା ଉପାୟଦ୍ୱାରା······ପ୍ରସ୍ତର ଦ୍ୱାରା ····ସ୍ୱର୍ଣ୍ଣରଞ୍ଜିତ ସ୍ତମ୍ଭ ନିର୍ମାଣ କରାଇଥିଲେ । ରାଜା ମୌର୍ଯ୍ୟଙ୍କ ୧୬୫ ବର୍ଷରେ ସେ ଅର୍କାଶକ ନାମକ ସଜ୍ନୁମ୍ଭା ନିର୍ମାଣ କରାଇଥିଲେ ।

ସେ ( ଖାରବେଳ ) ରାଜାଙ୍କ ଅମଳରେ ଦଣ୍ଡ ଉଲ୍ଲଙ୍ଘ ସାର୍ଥକ ହୋଇଥିଲା, ସେ ସାମ୍ରାଜ୍ୟ ବିସ୍ତାର କରିଥିଲେ, ସେ ଭିକ୍ଷୁମାନଙ୍କ ରାଜା ଥିଲେ ( ଜନ୍ମ ରାଜା ହୋଇ ଭିକ୍ଷୁ ଥିଲେ ), ସେ ଧାର୍ମିକ ରାଜା ଥିଲେ । ସେ ଦେଖୁଥିଲେ, ଶୁଣୁଥିଲେ ଏବଂ ମଙ୍ଗଳ ପ୍ରଦାନ କରୁଥିଲେ ······ । ରାଜା ଖାରବେଳ ଶ୍ରୀ କ୍ଷେମବନସ୍ପତି ରାଜର୍ଷି ବଂଶପ୍ରସୂତ । ସେ ସାମ୍ରାଜ୍ୟ ଧ୍ୱଂସ କରି ସାମ୍ରାଜ୍ୟ ସ୍ଥାପନ କରିଥିଲେ, ଯାହାଙ୍କ ସାମ୍ରାଜ୍ୟ ସୁରକ୍ଷିତ ଥିଲା, ଯାହାଙ୍କ ରଥ, ପତାକା ଓ ସୈନ୍ୟମାନଙ୍କୁ କେହି ବାଧା ଦେଇ ପାରୁ ନ ଥିଲା, ସଂହାରକ ଥିଲେ, ସକଳ ଶ୍ରେଣୀସ୍ଥ ଲୋକମାନଙ୍କୁ ସେ ମାନ୍ୟ କରୁଥିଲେ, ବିଶେଷ ଗୁଣଦ୍ୱାରା ସେ ବିଶିଷ୍ଟ ଗୁଣବାନ ଥିଲେ······ ।

ଜୟସବାଲ ମହାଶୟ ଖୋଦିତ ଲିପିରେ ଥିବା ସମୟ ସମ୍ବନ୍ଧେ ନିମ୍ନଲିଖିତ ସୂଚୀ ଦେଇଛନ୍ତି—

ଖ୍ରୀଷ୍ଟପୂର୍ବ ୫୬୦—ଦେଉଭଦ୍ର ।

,, ୪୬୦—କଳିଙ୍ଗରେ ନନ୍ଦଙ୍କ ଶାସନ ।

,, ୨୩୨—ଅଶୋକଙ୍କ ମୃତ୍ୟୁ ।

,, ୨୨୦—କଳିଙ୍ଗର ଚେତ ରାଜବଂଶ ସ୍ଥାପନ ।

,, ୨୦୩—ଶାତବାହନ ରାଜବଂଶ ସ୍ଥାପନ ।

,, ୧୯୭—ଖାରବେଳଙ୍କ ଜନ୍ମ ।

,, ୧୮୮—ମୌର୍ଯ୍ୟ ରାଜ୍ୟର ପତନ, ପୁଷ୍ୟମିତ୍ର ।

,, ୧୮୨—ଖାରବେଳ ଯୁବରାଜ ।

,, ୧୮୦—ଶାତକର୍ଣ୍ଣି ।

,, ୧୭୩—ଖାରବେଳଙ୍କ ଅଭିଷେକ ।

,, ୧୬୫—ମଗଧ ଆକ୍ରମଣ, ଗୋରଥଗିରି ଯୁଦ୍ଧ ।

,, ୧୬୧—ମଗଧ ୨ୟ ଆକ୍ରମଣ ।

,, ୧୬୦—ଖୋଦିତ ଲିପି ଏବଂ ଗୁମ୍ଫାର ସମୟ ।

ଜୟସବାଲ ମହାଶୟ ଏ ବିଷୟରେ ଅନେକଗୁଡ଼ିଏ ତଥ୍ୟାନୁସନ୍ଧାନ କରି ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି । ଦେଶୀୟ ଇତିହାସ ବା ସାହିତ୍ୟରେ ଖାରବେଳଙ୍କ ବିଷୟର ଉଲ୍ଲେଖ ନ ଥିବା ବଡ଼ ଦୁଃଖର ବିଷୟ । ଖୋଦିତ ଲିପି କେବଳ ଏହାଙ୍କ ବିଷୟର ମୂକସାକ୍ଷୀ ସ୍ୱରୂପ ବର୍ତ୍ତମାନ ।

ଖାରବେଳ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଖେଳା କରୁଥିଲେ ବୋଲି ଖୋଦିତ ଲିପିରେ ଉଲ୍ଲେଖ ଅଛି । ଏହି ପ୍ରମାଣରୁ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ମଧ୍ୟରୁ କେହି ବୟସ୍କ ଲୋକ ଏବଂ ଯେ ଖାରବେଳଙ୍କ ଚିତ୍ରିତ ଖେଳ ଦେଖିଥିବ ତାଙ୍କ ଦ୍ୱାରା ଏ ଲିପି ଲିଖିତ ହୋଇଥିବ ବୋଲି ଜୟସବାଲ ମହାଶୟ ସ୍ଥିର କରିଛନ୍ତି । ପ୍ରଶସ୍ତି ଲେଖକମାନେ କେତେବେଳେ ନ ଦେଖି ଶୁଣି ଅନ୍ୟଠାରୁ ବିଷୟ ସଂଗ୍ରହ କରି ମଧ୍ୟ ଲେଖିଥାନ୍ତି । ସୁତରାଂ ଦେଖିଥିବା ଲୋକ ଯେ ନିଶ୍ଚୟ ଲେଖିଥିବ ଏ କଥା କୁହାଯାଇ ନ ପାରେ ।

ଲିପିରେ ଥିବା ଭାଷା ସମ୍ବନ୍ଧେ ଏକ ପ୍ରଶ୍ନ ଉଠିପାରେ ଯେ ଖାରବେଳ ଜଣେ ସ୍ୱାଧୀନ ରାଜା ଥିଲେ ଏବଂ କେତେକେତେ ବେଳୁ ମୌର୍ଯ୍ୟବଂଶ ଲୋପ ହୋଇଥିଲା । ତଥାପି ଭାଷା ମୌର୍ଯ୍ୟଙ୍କ

ସମସ୍ତ ଉଲ୍ଲେଖ ହେଲା କାହିଁକି ? ଅଶୋକ ଓଡ଼ିଶା ଜୟ କରିଥିଲେ ଏବଂ ଓଡ଼ିଶାରେ ରାଜଧାନୀ ସ୍ଥାପନ କରିଥିଲେ । ତାଙ୍କ ସମସ୍ତ ଉଲ୍ଲେଖ ନ ହେଲା କାହିଁକି ? ଚନ୍ଦ୍ରଗୁପ୍ତଙ୍କ ମାତାଙ୍କ ନାମ ମୁରା ଥିଲା ଏବଂ ସେ ରାଜା ମୌର୍ଯ୍ୟ ବୋଲି ପରିଚୟ ଦେଇ ମାତାଙ୍କ ଅପମାନ ଦୂରୀକରଣାର୍ଥେ ମୌର୍ଯ୍ୟ ରାଜଧାନୀ ସ୍ଥାପନ କରିଥିଲେ । ସୁତରାଂ ରାଜା ମୌର୍ଯ୍ୟ କହିଲେ ଚନ୍ଦ୍ରଗୁପ୍ତଙ୍କୁ ବୁଝାଏ । ଚନ୍ଦ୍ରଗୁପ୍ତଙ୍କ ନାମ ବା ତାଙ୍କ ପଦ ଉତ୍କଳରେ ସ୍ମରଣ ରହିବାର କି କାରଣ ହୋଇପାରେ । ରାଜନୈତିକ କାରଣ କିଛି ଥିଲା କି ଜଣାପଡ଼ୁ ନଥିବା ବେଳେ କଳଦେବାଳ ପାଦ ଶେଷ ଉଲ୍ଲେଖ କରି ଧର୍ମଗତ କାରଣକୁ ସମସ୍ତେ ଆଲୋଚନା କରନ୍ତି । ଚନ୍ଦ୍ରଗୁପ୍ତ ଶେଷ ବୟସରେ ଜୈନଧର୍ମାବଲମ୍ବନ କରି ରାଜସିଂହାସନ ତ୍ୟାଗକରି ଜୈନଧର୍ମ ଗ୍ରହଣ କରି ପରେ ଉପବାସରେ ପ୍ରାଣତ୍ୟାଗ କରିଥିଲେ । ଶିଳାଲିପି ପାଠକ ଏବଂ ସ୍ତୁପ ପ୍ରମାଣରେ ଏହାହିଁ ସିଦ୍ଧାନ୍ତ କରନ୍ତି ବୋଲି ସେ ମତାଧୀନ ଜନ ଅପଣା ମତ ପ୍ରଦର୍ଶନ କରନ୍ତି ।

ଖାରବେଳ ଜୈନଧର୍ମାବଲମ୍ବୀ ଥିଲେ ? ହାତୀଗୁମ୍ଫା ଶିଳାଲେଖରେ ଯେଉଁ ଚିହ୍ନ ଅଙ୍କିତ ଅଛି ତାହା ଜୈନମାନଙ୍କ ଚିହ୍ନ । ଜୈନମାନଙ୍କର ଅଷ୍ଟମଙ୍ଗଳ ଚିହ୍ନ; ଯଥା (୧) ସ୍ୱସ୍ତିକ, (୨) ଦର୍ପଣ, (୩) କଳସ, (୪) ଭଦ୍ରାସନ, (୫) ମୀନ, (୬) ପୁଷ୍ପମାଳ, (୭) ଶ୍ରୀବାତ୍ସ ଚିହ୍ନ, (୮) ବଦ୍ଧମଙ୍ଗଳ । ଶିଳାଲିପି ସ୍ଥାନରେ ଏ ସମସ୍ତ ଖୋଦିତ ଅଛି । “ନମୋ ଅର୍ହନ୍ତ ନମୋ ସର୍ବ ସିଦ୍ଧାନଂ” ଏ ପଦ ଜୈନମାନଙ୍କର । ଅଥଚ ଜୈନଧର୍ମ ଓଡ଼ିଶାରେ ଖେତେଇବଂଶ ପୂର୍ବପୁରୁଷରେ ପ୍ରଚଳିତ ଥିବାର ଜଣାଯାଉନାହିଁ କାରଣ ଖାରବେଳ ପୂର୍ବପୁରୁଷରେ ଜୈନଧର୍ମରେ ଦୀକ୍ଷିତ ହୋଇଥିବାର ଜଣାଯାଉନାହିଁ । ଖାରବେଳ ବୈଦିକ ଧର୍ମାନୁଷ୍ଠାନରେ ଅଶ୍ୱମେଧ ହୋଇଥିଲେ ଏବଂ ଯାଗ ପୂର୍ବ ବ୍ରାହ୍ମଣଭୋଜନାଦି କରାଇଥିଲେ । କଳ୍ପବୃକ୍ଷ ଦାନ ଏବଂ ହସ୍ତୀ ରଥ ଅଶ୍ୱ ପ୍ରଭୃତି ଦାନକୁ ଜୈନମାନେ ମହାଦାନ ବା ହେମାଦ୍ରିଦାନ କହୁଥାନ୍ତି । ଏ ସମସ୍ତ ଦ୍ୱାରା ଖାରବେଳ ଅପରୋକ୍ଷ ଭାବରେ ପରିଚୟ ଦେଉଛନ୍ତି । ତେତେବେଳେ ମଧ୍ୟ ଜୈନ ବୈଦିକ ଦାନ ଗ୍ରହଣ ପ୍ରଥା ନ ଥିଲା ଏବଂ ବ୍ରାହ୍ମଣମାନଙ୍କୁ ଖାଇବା ପିଇବାରେ ଖାରବେଳ ବହୁ ସମାରୋହରେ ବ୍ରାହ୍ମଣଭୋଜନ କରାଇଥିଲେ । ଏଥିରୁ ଜଣାଯାଏ ଯେ ବ୍ରାହ୍ମଣମାନେ ଖାରବେଳଙ୍କ ପୂର୍ବରୁ ଓଡ଼ିଶାରେ ଥିଲେ । ଖାରବେଳଙ୍କ ପୂର୍ବରୁ ଜୈନଧର୍ମ ଓଡ଼ିଶାରେ ପଦାର୍ପଣ କରିଥିଲା ଏବଂ ତାଙ୍କ ପୂର୍ବରୁ ଶିଶୁନାଗବଂଶୀୟ ନନ୍ଦବର୍ଦ୍ଧନ ଆମକୁ ଜୈନ ମନ୍ଦିର କୁମାରୀ ପାହାଡ଼ ଉପରେ ନିର୍ମିତ ହୋଇଥିଲା ବୋଲି ସେ ଯେଉଁ ଶିଳାଲିପିରୁ ଜଣାଯାଏ । ବୋଧହୁଏ ଜୈନଧର୍ମ ଓଡ଼ିଶାରେ ଅନେକ କାଳ ପ୍ରଚଳିତ ଥିଲା ।

‘ଖାରବେଳ’ ଅର୍ଥ ସମୁଦ୍ର, ଅର୍ଥାତ୍ ଯାହାର ଜଳରାଶି ଲବଣାକ୍ତ ବା ଖାର । ରାଜାଙ୍କ ନାମ ଖାରବେଳ ଥିଲା । ପ୍ରଥମ ଧାଡ଼ିରେ “ସିରି ଖାରବେଳେନ” ଏବଂ ଶେଷ ଧାଡ଼ିରେ

"ଖାରବେଳ ଶିରି" ଏବଂ ରାଣୀଗୁମ୍ଫା ଲିପିରେ "କଳିଙ୍ଗ ଚକ୍ରବର୍ତ୍ତୀ ଖାରବେଳ" ବୋଲି ଉଲ୍ଲେଖ ଅଛି ।

ଜୟସ୍ୱାଲ ମହାଶୟ "ଐର" ଶବ୍ଦର ଅର୍ଥ ଆର୍ଯ୍ୟ ସୂଚକ ବୋଲି କହିଛନ୍ତି । ସେ କହନ୍ତି, ସମ୍ଭବତଃ ଖାରବେଳ ଆପଣାକୁ ତାଙ୍କ ପ୍ରଜାମାନଙ୍କଠାରୁ ପୃଥକ୍ ଦେଖାଇବାଲାଗି ଏ ଶବ୍ଦ ବ୍ୟବହାର କରିଛନ୍ତି । ପ୍ରଜାମାନେ ସମ୍ଭବତଃ ଅନାର୍ଯ୍ୟ ବା ଆର୍ଯ୍ୟ ମିଶ୍ରିତ ଥିଲେ । କାରଣ ନାଟ୍ୟଶାସ୍ତ୍ରରେ ଉଲ୍ଲେଖ ଅଛି ଯେ କଳିଙ୍ଗ ରାଜ୍ୟରେ ଲୋକମାନଙ୍କ ବର୍ଣ୍ଣ ଶ୍ୟାମଳ ଥିଲା । ଖାରବେଳ ବିଶୁଦ୍ଧ ଆର୍ଯ୍ୟ ଥିବାରୁ ରାଜବଂଶରେ ଏପରି ପଦ ବ୍ୟବହୃତ ହୋଇଛି । ଖାରବେଳଙ୍କ ବଂଶର ଅନ୍ୟ ଜଣେ ରାଜା ତାଙ୍କ ଖୋଦିତ ଲିପି ପ୍ରାରମ୍ଭରେ "ଐର" ବୋଲି ଲେଖିଛନ୍ତି । ମହାମେଘବାହନ ଅର୍ଥ ଇନ୍ଦ୍ର । ଏହା ମହାରାଜୋପାଧି ।

ଲିପିରୁ ଜଣାଯାଏ ଏ "ଖାରବେଳ" ଚେତବଂଶଜ ଥିଲେ । ଚେତ କିଏ ? ଲେଖକ ମହାଶୟ କହନ୍ତି, ଚେତ ଚୈତ୍ର ହୋଇପାରେ । ପୁନଶ୍ଚ ଜଣାଯାଏ ରାଜର୍ଷିବଂଶସମ୍ଭୂତ ଥିଲେ । ସୁତରାଂ ସେ "ଐର" ଐଳ ବୋଲି ବିଶ୍ୱାସ କରନ୍ତି ।

"ଇଳା" ଚନ୍ଦ୍ରବଂଶର ଆଦିପୁରୁଷ ଥିବାର ମହାଭାରତରୁ ଜଣାଯାଏ । ସୁତରାଂ ଚନ୍ଦ୍ରବଂଶୀୟ ରାଜାମାନେ ଐଳ ବା ଐର ପଦବୀ ବ୍ୟବହାର କରିବା ଅସଙ୍ଗତ ବୋଧ ହେଉନାହିଁ । ପରୀକ୍ଷିତ ଓ ଜନ୍ମେଜୟ ପ୍ରଭୃତି ଏହି ବଂଶଜ ଏବଂ ଏମାନେ ରାଜର୍ଷି ଥିଲେ । ସୁତରାଂ ଏ ବଂଶର ଅଧସ୍ତନ ପୁରୁଷମାନେ ଆପଣାକୁ ରାଜର୍ଷିବଂଶଜ ବୋଲି ପରିଚୟ ଦେବା ଅସଙ୍ଗତ ବୋଧ ହେଉ ନାହିଁ ।

ମହାଭାରତରେ ଥିବା ବଂଶଲତାରୁ ଜଣାଯାଏ ଯେ କୁରୁ ରାଜାଙ୍କର ଚୈତ୍ରରଥ ନାମରେ ଜଣେ ପୁତ୍ର ଥିଲେ । ଧୃତରାଷ୍ଟ୍ରଙ୍କର ଚିତ୍ରସେନ ନାମରେ ଜଣେ ପୁତ୍ର ଥିଲେ । ପରୀକ୍ଷିତଙ୍କର ଭୀମସେନ ନାମରେ ଜଣେ ପୁତ୍ର ଥିଲେ । ଯଦୁବଂଶରେ ଥିବା ବଂଶଲତାରୁ ଜଣାଯାଏ, ଯଯାତିଙ୍କର ସୁଚେତା ନାମକ ପୁତ୍ର ଥିଲେ, ଏବଂ ତାଙ୍କ ପିତାଙ୍କ ନାମ ପ୍ରଚେତା ଥିଲା । ଋଶଦଶ୍ୱଙ୍କ ପୁତ୍ର ଚିତ୍ରରଥ ଥିଲେ । ବସୁଦେବଙ୍କ ଦୁହିତା ଚିତ୍ରା ଥିଲେ ଏବଂ ତାହାର ଅପର ନାମ ସୁଭଦ୍ରା ଥିଲା । ସେ ଅର୍ଜୁନଙ୍କ ପାଣିଗ୍ରହଣ କରିଥିଲେ । ସୁତରାଂ ତାଙ୍କ ବଂଶଧରମାନେ ଚୈତ୍ର ନାମରେ ପରିଚିତ ହୋଇପାରନ୍ତି । ବିଷ୍ଣୁପୁରାଣ ଲିଖିତ ବଂଶଲତାରୁ ଜଣାଯାଏ ଯେ ଯଦୁବଂଶୀୟ ବିଦର୍ଭ ରାଜାଙ୍କ ପୁତ୍ର କୌଶିକଙ୍କ ପୁତ୍ର ଚେଦି ଏବଂ ତାଙ୍କ ପୁତ୍ର ଚୈଦ୍ୟଗଣ ଥିଲେ । ସୁତରାଂ ଖାରବେଳ କେଉଁ ଚେତବଂଶଜ, ତାହା ସ୍ଥିର କରିବା କଠିନ । ଲେଖକ ମହାଶୟ କହନ୍ତି, ଚେତ ରାଜା ଅଶୋକଙ୍କ ମୃତ୍ୟୁ ଓ ଖାରବେଳଙ୍କ ଯୁବରାଜତ୍ୱ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୧୮୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅବଶ୍ୟ ରାଜତ୍ୱ କରିଥିବେ ।

ଖୋଦିତ ଲିପିରୁ ଜଣାଯାଏ ଯେ କଳିଙ୍ଗର ତୃତୀୟ ରାଜବଂଶରେ ଖାରବେଳ ଅଭିଷିକ୍ତ ହେଲେ । ପୁରାଣମାନଙ୍କରୁ ଜଣାଯାଏ ଯେ କଳିଙ୍ଗବଂଶ ଅନ୍ୟାନ୍ୟ ବଂଶମୂଳ୍ୟ

ପ୍ରାଚୀନ ଏବଂ ମହାଭାରତର ଯୁଦ୍ଧଠାରୁ ବା ତତ୍ପୂର୍ବରୁ ସେମାନଙ୍କର ଚିହ୍ନ ମିଳେ । ପୁରାଣରୁ ଜଣାଯାଏ ଯେ କଳିଙ୍ଗବଂଶ ମହାପଦ୍ମଙ୍କ ସମୟ ବା ତାହାର ପୂର୍ବରୁ ଧ୍ୱଂସପ୍ରାପ୍ତ ହେଲା । କଳିଙ୍ଗ ନନ୍ଦବଂଶଙ୍କ ଦ୍ୱାରା ପରାସ୍ତ ହେଲେ, ଏଥି ସଙ୍ଗେ କଳିଙ୍ଗର ପ୍ରଥମ ରାଜବଂଶଠାରୁ ରାଜ୍ୟ ପରାଧୀନ ହେଲା । ମୌର୍ଯ୍ୟମାନଙ୍କ ପୂର୍ବରୁ କଳିଙ୍ଗ ପୁନର୍ବାର ସ୍ୱାଧୀନ ହେଲେ; କାରଣ ଅଶୋକ ସେମାନଙ୍କୁ ଆପଣ ମୃତ୍ୟୁ ପରେ ପରାସ୍ତ କରିଥିଲେ ଏବଂ ଅଶୋକ କହିଲେ ଯେ ସ୍ୱାଧୀନ ଥିଲେ । ଅଶୋକ ସେହି ରାଜାଙ୍କୁ ପରାସ୍ତ କରିଥିଲେ ଯେ ଅବଶ୍ୟ ୨ୟ ରାଜା ହୋଇଥିବେ । ପୁନଶ୍ଚ ଚେତ ରାଜାଙ୍କ ଅମଳରେ କଳିଙ୍ଗବଂଶ ଆପଣା ସ୍ୱାଧୀନତା ଲାଭ କଲେ ଏବଂ ଚେତଚେତନେଳ ମୌର୍ଯ୍ୟବଂଶୀୟମାନଙ୍କ ଶେଷ ଶାସନ ସମୟ । ସୁତରାଂ ଖାରବେଳଙ୍କ ପୂର୍ବ ରାଜା କଳିଙ୍ଗବଂଶର ତୃତୀୟ ପୁରୁଷ ହୋଇଥିବେ । ପୁରାଣମାନେ କହନ୍ତି ଯେ କଳିଙ୍ଗର ଆର୍ଯ୍ୟ-ଶାସନ ୧୩୦୦ ବର୍ଷ କାଳ ଥିଲା ଏବଂ ଏହା ଲିପିଦ୍ୱାରା ଗୌଣ ଭାବରେ ପ୍ରମାଣିତ ହେଉଅଛି ।

ମହାଭାରତରେ କଳିଙ୍ଗ ନାମ ପୌରବ ଅର୍ଥାତ୍ ପୁରୁବଂଶୀୟ । ପୁରୁ ନିଷାଦ ରାଜା ଥିଲେ ବୋଲି ମଧ୍ୟ କଥିତ ହୁଏ । ( ନିଷାଦ = ଅନାର୍ଯ୍ୟ )

ଲିପିର ୧୧ଶ ଧାଡ଼ିରେ କେତୁଭଦ୍ର ୧୩୦୦ ବର୍ଷ ପୂର୍ବେ ଥିବାର ଉଲ୍ଲେଖ ଅଛି । କେତୁଭଦ୍ର ପ୍ରଥମ ବା ଦ୍ୱିତୀୟ ରାଜବଂଶର ପୂର୍ବପୁରୁଷ ଥିବାର ଜଣାଯାଏ । ଭାସଙ୍କ ରଚିତ 'ପ୍ରତିମା' ନାମକ ନାଟକରୁ ଜଣାଯାଏ ଯେ ପ୍ରାଚୀନ କାଳରେ ରାଜବଂଶମାନେ ପୂର୍ବପୁରୁଷମାନଙ୍କ ପ୍ରତିମା ପୂଜା କରୁଥିଲେ । ଖାରବେଳ ଯେ କେତୁଭଦ୍ରଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ ଏବଂ ଆପଣା ବଂଶ-ପଦବୀ "ଐର"ର ବାରମ୍ବାର ଉଲ୍ଲେଖ କରୁଥିଲେ ତହିଁରୁ ଜଣାଯାଏ ଯେ, ସେ ପୂର୍ବପୁରୁଷମାନଙ୍କ ପ୍ରତି ବହୁତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଏହି ଖୋଦିତ ଲିପିରୁ ପୂର୍ବ ୧୩୦୦ ବର୍ଷର ଇତିହାସ ଜଣାପଡ଼େ ।

ଲିପିରୁ ଜଣାଯାଏ ଯେ ଓଡ଼ିଶାର ପ୍ରାଚୀନ ରାଜାମାନେ ପୃଥୁଦକଦର୍ଭି ନଗରରେ କେତୁଙ୍କ ପ୍ରତିମା ସ୍ଥାପନ କରିଥିଲେ । ( ଦର୍ଭି = ଏକପ୍ରକାର ଘାସ; ଉଦକ = ଜଳ ) । କେତୁଙ୍କ ଶରୀର ଅମର ଥିଲା । ଷଠିର ଧର୍ମାନୁସାରେ ମୁକ୍ତକ୍ଷେତ୍ରରେ ମଲେ ଲୋକ ଅମର ହୁଏ । ସମ୍ଭବତଃ କେତୁଭଦ୍ର ମୁକ୍ତକ୍ଷେତ୍ରରେ ପ୍ରାଣତ୍ୟାଗ କରିଥିଲେ । ଭଦ୍ର ଶବ୍ଦ ବହୁ ସମ୍ମାନସୂଚକ । କେତୁଭଦ୍ର ବଡ଼ ବିଖ୍ୟାତ ଲୋକ ଥିବାପରି ଜଣାଯାଏ । କାରଣ ସେ ବଡ଼ ଲୋକପ୍ରିୟ ଥିବାର ଲିପିରୁ ଜଣାଯାଏ । କେତୁଭଦ୍ର ୧୩୦୦ ବର୍ଷ ପୂର୍ବେ ଥିବା କଥା ଲିପିରୁ ଜଣାଯାଏ । ସୁତରାଂ ଖାରବେଳଙ୍କ ପୂର୍ବେ ୧୪୭୦ ଖ୍ରୀଷ୍ଟପୂର୍ବ ଅର୍ଥାତ୍ ବର୍ତ୍ତମାନ ସମୟରୁ ୩୩୭୭ ବର୍ଷ ପୂର୍ବେ ବଞ୍ଚିଥିଲେ ।

ଲେଖକ ମହାଶୟ କହନ୍ତି, ଏ ସମୟ ପ୍ରାୟ ମହାଭାରତ ଯୁଦ୍ଧର ସମକାଳୀନ । ମହାଭାରତ ଯୁଦ୍ଧର ସମୟ ୧୪୨୪ ଖ୍ରୀଷ୍ଟପୂର୍ବ । ଏଥିରୁ ସେ ଅନୁମାନ କରନ୍ତି ଯେ,

ମହାଭାରତ ଯୁଦ୍ଧରେ ଯେଉଁ କଳିଙ୍ଗ ରାଜା ଯୋଗଦେଇଥିଲେ ସେ ସମ୍ଭବତଃ ଏହି କେତୁ । ମହାଭାରତ ଦେଖି ସେ କହୁଛନ୍ତି ଯେ କଳିଙ୍ଗ ଦେଶୀୟଙ୍କ ଅଧିନାୟକ କେତୁମାନ ଥିଲେ ଏବଂ ସେ ରାଜାଙ୍କ ନେତୃତ୍ୱରେ ଥିଲେ । ସେ ଭୀମଙ୍କ ସହିତ ଭୟଙ୍କର ଯୁଦ୍ଧ କରିଥିଲେ ଏବଂ ଯୁଦ୍ଧରେ ଜୀବନ ହରାଇଥିଲେ ।

( ସ୍ତମ୍ଭ ୧୭ ଓ ୧୪ )

କେତୁ ଯୁଦ୍ଧ ଦଳରେ ପୃଥକ ଉଦାହରଣରେ ଯେଉଁ ସିଦ୍ଧାନ୍ତ ହୋଇଛି, ତାହା ଠିକ୍ ବୋଲି ମନେ ହୁଏ । ଆପଣଙ୍କ ସିଦ୍ଧାନ୍ତ ଭ୍ରମମୂଳକ ହେବାର ବୋଧ ହୁଏ । ସୁତରାଂ ଏ କେତୁ ସେ କେତୁମାନ ନ ଥିବାର ଜଣାଯାଏ । ଲେଖକଙ୍କ ଏ ଯୁକ୍ତିରେ ମନ ମାନୁନାହିଁ । ବିଭିନ୍ନ ପୁରାଣୋକ୍ତ ବଂଶଲତା ଆଲୋଚନା କଲେ ଜଣାଯାଏ ଯେ ଏକ ନାମରେ ଅନେକ ଲୋକ ଭିନ୍ନ ସମୟରେ ବିଦ୍ୟମାନ ଥିଲେ । ସୁତରାଂ ଏ କେତୁଭଦ୍ର ସେ ମହାଭାରତ-ଲିଖିତ କେତୁମାନ, ଏହା ଜୋରକରି କୁହାଯାଇ ନ ପାରେ । ବସ୍ତୁତଃ ମହାଭାରତ ଯୁଦ୍ଧର ସମୟ ଓ କେତୁଭଦ୍ରଙ୍କ ସମୟ ଆଲୋଚନା କଲେ ଲେଖକଙ୍କ ଅନୁମାନ ଠିକ୍ ଥିଲା ସତ କହିହେଉନାହିଁ । ମହାଭାରତ ଯୁଦ୍ଧର ସମୟ ୫୦୦୦ ବର୍ଷ ପୂର୍ବେ ଏବଂ କେତୁଭଦ୍ରଙ୍କ ସମୟ ୩୦୦୦ ବର୍ଷ ପୂର୍ବେ । ସୁତରାଂ ଏ ଯୁକ୍ତି ଠିକ୍ ବୋଲି ଜଣାଯାଉନାହିଁ । ପୁରାଣ-ଲିଖିତ ବଂଶଲତାରୁ ଜଣାଯାଏ ଧନୁର୍ଦ୍ଧରଙ୍କ ପୁତ୍ର କେତୁମାନ, ସେହି ବଂଶର ସେମାନଙ୍କ ପୁତ୍ର କେତୁମାନ, ସୂର୍ଯ୍ୟବଂଶୀୟ ଧନୁର୍ଦ୍ଧରଙ୍କ ପୁତ୍ର କେତୁମାନ । ସୁତପାଙ୍କ ପୁତ୍ର ବଳୀଙ୍କ ପୁତ୍ର ଜଳଙ୍ଗ । କଳିଙ୍ଗର କେତୁଭଦ୍ର ଥାଇପାରନ୍ତି, ମାତ୍ର ମହାଭାରତ ଯୁଦ୍ଧ ସମୟର କେତୁମାନ ନୁହନ୍ତି । କେତୁଭଦ୍ରଙ୍କ ପ୍ରତିମା ତ୍ରିକାଣ୍ଡ (ନିମ୍ବ) ରେ ନିର୍ମିତ ହୋଇଥିବା ବିଷୟ ଲିଖିତରୁ ଜଣାଯାଏ । ( ତେରଶ—ବର୍ଷ – ୮୦ = ୧୩୦୦ ବର୍ଷ ; ଉପରୋକ୍ତ — ୩୦୦ ) ।

ଖାରବେଳଙ୍କ ସମୟରେ ୨୪ ବର୍ଷ ବୟସ ପୂର୍ଣ୍ଣ ନ ହେଲେ ରାଜା ଅଭିଷେକ ହୋଇପାରୁ ନ ଥିଲେ । ୧୬ ବର୍ଷ ବୟସରେ ଯୁବରାଜ ଥାଇ ସେ ଶାସନକାର୍ଯ୍ୟ ଚଳାଉ-ଥିଲେ । ଏଥିରୁ ଜଣାଯାଏ, ଖାରବେଳ ଯୁବରାଜ ଥିବାବେଳେ ସିଂହାସନ ଶୂନ୍ୟ ଥିଲା । ବୈଦିକ ପ୍ରଥାନୁସାରେ ମହାରାଜ୍ୟାଭିଷେକ ହୋଇଥିଲା । ଏଥିରୁ ଜଣାଯାଏ ସେ ଜୈନଧର୍ମ କାରଣରୁ ବୈଦିକ କର୍ମକାଣ୍ଡ ପ୍ରତି ବିଦ୍ରୋହୀ ନ ଥିଲେ ।

ସମ୍ଭବତଃ ମଙ୍ଗଳରେ ଅଭିଷେକ ହୋଇଥିଲା । ସୁତରାଂ ଅଭିଷେକ ପ୍ରଥା ପୁରାତନରୁ ଥିବାର ଜଣାଯାଏ । ଏକ ପ୍ରକାର ଅର୍ଥାତ୍ ରାଜାଙ୍କର ଅଭିଷେକ ହେବ ତାହାଙ୍କ ରାଜକାଳ ଯାଏ କିମ୍ବା ତ୍ରିପୁରୁଷ ବା ସୌରଭି ।

ପ୍ରକୃତ ଅର୍ଥ ଯାହାକୁ ଆମ୍ଭେମାନେ ବର୍ତ୍ତମାନ ଜାତି ବା ଲୋକସଂଖ୍ୟା ବୋଲି କହୁଥାଉଁ । ସୁତରାଂ ଖାରବେଳଙ୍କ ସମୟରେ ୩୫୦୦୦୦୦ ଲୋକସଂଖ୍ୟା ଥିଲା । ଏଥିରୁ ଜଣାଯାଏ ଯେ ବେତନଭୋଗୀ ଲୋକସଂଖ୍ୟା ବେଶି ଥିଲା । ଅର୍ଥଶାସ୍ତ୍ରରୁ ଜଣାଯାଏ, ଯେଉଁ

ଜନସ୍ଥ ପୂର୍ବେ ଲୋକସଂଖ୍ୟା କେତେଥିଲା । ଏହି ଲିପିରୁ ଜଣାଯାଏ ଯେ ସମସ୍ତ ରାଜ୍ୟର ଲୋକସଂଖ୍ୟା କମିଯାଇଥିଲା ।

ଲେଖକ ମହାଶୟ କଳିଙ୍ଗର ଲୋକସଂଖ୍ୟା ସମ୍ବନ୍ଧରେ କେତେଗୁଡ଼ିଏ ଆଲୋଚନା କରି ସ୍ଥିର କରିଛନ୍ତି ଯେ ରାଜା ଅଶୋକଙ୍କ ଯୁଦ୍ଧରେ ମୃତସଂଖ୍ୟା ୧୦୦୦୦୦ ସୈନ୍ୟ ମରାଯାଇଥିଲେ, ୧୫୦୦୦୦ ସୈନ୍ୟ ସ୍ଥାନାନ୍ତର ହୋଇଥିଲେ ଓ ମରିଥିଲେ । ୨୫ ଲକ୍ଷ ଲୋକ ନଷ୍ଟ ହେଲେ, ଯଦି ଧରାଯାଏ ସମସ୍ତ ସୈନ୍ୟସଂଖ୍ୟା କେତେକ ଥିଲେ । ସୁତରାଂ ଅନୁମାନ କରାଯାଏ ଯେ ପ୍ରତି ୧୫ ଜଣରେ ଜଣେ ସୈନ୍ୟ ହେଲେ, ମୋଟ ଲୋକସଂଖ୍ୟା ୭୫୦୦୦୦୦ ହୋଇପାରେ । ଖାରବେଳଙ୍କ ୧୦୦ ବର୍ଷ ପୂର୍ବେ ଏତେ ଲୋକସଂଖ୍ୟା ଥିଲା । ସୁତରାଂ ଏଥିରୁ ଅନୁମିତ ହୁଏ ଯେ ଖାରବେଳ ସମୟରେ ରାଜ୍ୟ ଅଧିକାର ଓ ଶାସନରେ [illegible] ସାଢ଼େ ତିନିକୋଟି ଲୋକ ଥିଲେ । ବର୍ତ୍ତମାନ ଓଡ଼ିଶାର ଲୋକସଂଖ୍ୟା ପ୍ରାୟ ୫ କୋଟି ।

ଖାରବେଳଙ୍କର ରାଜଧାନୀ "କଳିଙ୍ଗର ରାଜଧାନୀ" ବା ରାଜଧାନୀ ବୋଲି ଲିପିରେ ଉଲ୍ଲେଖ ଅଛି । ଅନ୍ୟ କୌଣସି ସ୍ଥାନରେ ନାମୋଲ୍ଲେଖ ନାହିଁ । ଅଶୋକ ଲିପିରେ ଯେପରି ବର୍ଣ୍ଣନା ଅଛି, ସେଥିରୁ ଜଣାଯାଏ ଯେ ଲିପି ଯେଉଁ ସ୍ଥାନରେ ଖୋଦିତ ହୋଇଥିଲା, ସେହି ନିକଟରେ ରାଜଧାନୀ ଥିଲା । ତୋଶାଳୀ ନଗରୀରେ ଦୁର୍ଗ ନିର୍ମିତ ହୋଇଥିଲା । ତୋଶାଳୀ ନଗର ଭୁବନେଶ୍ୱର, ଧଉଳି ଓ ଖଣ୍ଡଗିରି ନିକଟରେ ଅବସ୍ଥିତ । ଖାରବେଳ ରାଜ୍ୟଜୟ କରି ଏଠାକୁ ଧନରତ୍ନ ଆଣିଥିଲେ । ଅଶୋକଙ୍କ ତୋଶାଳୀ ଖୋଦିତ ଲିପି ଯେଉଁ ଧଉଳି ପାହାଡ଼ ନିକଟରେ ଅଛି ତାହା ଅତି ନିକଟରେ । ହରପ୍ରସାଦ ଶାସ୍ତ୍ରୀ ମହାଶୟଙ୍କ ମତରେ ତୋଶାଳୀର ନାମ ଧଉଳି । ତୋଶାଳୀ ଅଶୋକଙ୍କ ସମୟରେ ପ୍ରାଦେଶିକ ରାଜଧାନୀ ଥିଲା । ସୁତରାଂ ଏହି ଧଉଳି ଖାରବେଳଙ୍କ ରାଜଧାନୀ ଥିଲା ଏବଂ ଏହା ପ୍ରାଚୀନ ରାଜଧାନୀ । ଖାରବେଳ ନୂତନ ରାଜଧାନୀ କରି ନଥିଲେ । ପୂର୍ବ ରାଜାମାନଙ୍କ ରାଜଧାନୀ ଓ ପ୍ରାସାଦ କଥା ଉଲ୍ଲେଖ କରାଯାଇଛି ।

ସାତକର୍ଣ୍ଣୀ ଖାରବେଳଙ୍କ ସମସାମୟିକ । ସାତକର୍ଣ୍ଣୀ ଆନ୍ଧ୍ରବଂଶୀୟ ରାଜା । ବିଷ୍ଣୁପୁରାଣୋକ୍ତ ଭବିଷ୍ୟ ରାଜାଗଣଙ୍କ ମଧ୍ୟରେ କଣ୍ୱବଂଶ ପରେ ଆନ୍ଧ୍ରବଂଶୀୟମାନେ ରାଜତ୍ୱ କରିବା ବିଷୟ ଉଲ୍ଲେଖ ଅଛି । ସିମୁକ ବଂଶର କୃଷ୍ଣ ପ୍ରଭୃତି "ଶ୍ରୀଶାତକର୍ଣ୍ଣୀ" ଏବଂ ପଞ୍ଚମ ପୁରୁଷ "ଶାତକର୍ଣ୍ଣୀ" ଓ ଊନବିଂଶ ପୁରୁଷ "ଶାତକର୍ଣ୍ଣୀ ଶିବ ଶ୍ରୀ" । ମୌର୍ଯ୍ୟବଂଶ ପରେ ଶୁଙ୍ଗବଂଶ, ଶୁଙ୍ଗବଂଶ ପରେ କଣ୍ୱବଂଶ ଏବଂ କଣ୍ୱବଂଶ ପରେ ଆନ୍ଧ୍ରବଂଶ ରାଜତ୍ୱ କରିଥିଲେ ।

ଖାରବେଳ ତାଙ୍କର ରାଜତ୍ୱର ୨ୟ ବର୍ଷରେ ସାତକର୍ଣ୍ଣୀଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିଥିଲେ । ଏ ବଂଶର ଖୋଦିତ ଲିପିରୁ ଜଣାଯାଏ ଯେ ଏ ଶାତବାହନବଂଶୀୟ ଥିଲେ,

ମାଗ ପୂର୍ବରୁ ଅନ୍ଧ୍ର ବଂଶୀୟ ଅବାର ଜଣାଯାଏ । ସାତକର୍ଣ୍ଣୀଙ୍କ ବଂଶ ବ୍ରାହ୍ମଣବଂଶ ଥିଲେ । ସେମାନେ ପ୍ରତିଷ୍ଠାନ ନଗରରେ ରାଜଧାନୀ ସ୍ଥାପନ କରିଥିଲେ । ସମୟ ୨୧୦ ବା ୨୧୩ ଖ୍ରୀଷ୍ଟପୂର୍ବ । ଏହି ବଂଶୀୟ ରାଜାଙ୍କ ଆରମ୍ଭର ୬୦ ବର୍ଷ ମଧ୍ୟରେ ୩ୟ ସାତକର୍ଣ୍ଣୀ ରାଜତ୍ୱ କରିଥିଲେ ଏବଂ ସେ ଜଣେ ଶକ୍ତିଶାଳୀ ରାଜା ଥିଲେ । ନାନାଘାଟରେ ସାତକର୍ଣ୍ଣୀଙ୍କ ପ୍ରତିମୂର୍ତ୍ତି ଅଛି ଏବଂ ସେଠାରେ ସେହି ଖୋଦିତ ଲିପି ଅଛି, ତାହାର ବର୍ଣ୍ଣମାଳା ଖାରବେଳଙ୍କ ସମୟର ବର୍ଣ୍ଣମାଳା ସହିତ ସମାନ । ୪୭ ବର୍ଷ ପରେ ୨ୟ ସାତକର୍ଣ୍ଣୀଙ୍କ ରାଜତ୍ୱ । ଖାରବେଳ ୧୭୧ ଖ୍ରୀଷ୍ଟପୂର୍ବରେ ସାତକର୍ଣ୍ଣୀଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ସୁତରାଂ ସେ ନିଶ୍ଚୟ ୨ୟ ସାତକର୍ଣ୍ଣୀ । ଏଥିରୁ ଜଣାଯାଏ ଯେ ଶାତବାହନମାନେ କେତେବେଳକୁ ଦାକ୍ଷିଣାତ୍ୟ ପ୍ରଦେଶରେ ଆଧିପତ୍ୟ ବିସ୍ତାର କରି ରାଜ୍ୟସୀମା ଓଡ଼ିଶାର ପଶ୍ଚିମ ସୀମା ପର୍ଯ୍ୟନ୍ତ ବିସ୍ତାର କରିଥିଲେ ।

ପଶ୍ଚିମ ଦିଗକୁ ମୁକାବିଲା କରିବା ଫଳରେ ଖାରବେଳ ମୂଷିକ ରାଜଧାନୀ ଅଧିକୃତ କଲେ; ବିଦେଶୀ କାଶ୍ୟପ କ୍ଷତ୍ରିୟମାନଙ୍କୁ ସାହାଯ୍ୟ କରିବା । ମୂଷିକମାନେ ସମ୍ଭବତଃ ସାତକର୍ଣ୍ଣୀଙ୍କ ମିତ୍ର ଥିଲେ ଏବଂ ଅଧୀନ ଥିଲେ । ଏମାନେ ଦାକ୍ଷିଣାତ୍ୟ ଲୋକ । ମହାଭାରତ ଟୀକାକାରମାନଙ୍କ ସମ୍ବନ୍ଧରେ ସେମାନଙ୍କୁ ଉଲ୍ଲେଖ କରନ୍ତି । ସେମାନଙ୍କ ରାଜ୍ୟ କଳିଙ୍ଗ-ରାଜ୍ୟଠାରୁ ବହୁତ ଦୂରରେ ନ ଥିଲା । ନାଟ୍ୟଶାସ୍ତ୍ର ତୋଷାଳ, କୋଶଳ ଓ ମୋଷାଳମାନଙ୍କୁ କଳିଙ୍ଗ ଲୋକ ବୋଲି ଉଲ୍ଲେଖ କରନ୍ତି । ଏହି ମୋଷାଳମାନେ ସମ୍ଭବତଃ ମୂଷିକ । ସୁତରାଂ ନାଟ୍ୟଶାସ୍ତ୍ର ସମୟରେ (ଖ୍ରୀଷ୍ଟପୂର୍ବ ୧୦୦—ଖ୍ରୀଷ୍ଟାବ୍ଦ ୧୦୦) ମୂଷିକମାନେ କଳିଙ୍ଗ ଅନ୍ତର୍ଗତ ଥିଲେ । ଏ ବର୍ଣ୍ଣନା ଅବଶ୍ୟ ଖାରବେଳଙ୍କ ପରବର୍ତ୍ତୀ କାଳର । ବୃହତ୍ ସଂହିତାରେ ସ୍ତ୍ରୀରାଜ୍ୟ ଓ ମୂଷିକ ଏକ ରାଜ୍ୟ ଅନ୍ତର୍ଗତ ଥିବାର ଉଲ୍ଲେଖ ଅଛି । କାମଶାସ୍ତ୍ରଟୀକାରେ ସ୍ତ୍ରୀରାଜ୍ୟ ପଶ୍ଚିମ ଦିଗକୁ ବିନ୍ଧ୍ୟ ନିକଟରେ । ସୁତରାଂ ମୂଷିକ ରାଜ୍ୟ ପଏଠାନ ଓ ବସ୍ତ୍ରାବାନ ପ୍ରଦେଶ ମଧ୍ୟରେ ଅବସ୍ଥିତ । ମୂଷିକ ରାଜ୍ୟ କୋଶଳ ରାଜ୍ୟର ନିକଟବର୍ତ୍ତୀ । କାଶ୍ୟପ କ୍ଷତ୍ରିୟମାନଙ୍କ ନିବାସ ସମ୍ଭବତଃ ମୂଷିକ ଓ ଓଡ଼ିଶା ମଧ୍ୟରେ ଥିଲା ।

ଏ ଆକ୍ରମଣ ପରେ ଖାରବେଳ ପଶ୍ଚିମଭାରତ ଆଡ଼କୁ ଅଗ୍ରସର ହେଲେ । ସାତକର୍ଣ୍ଣୀଙ୍କ ପ୍ରତିବେଶୀ ରାଷ୍ଟ୍ରିକ ଓ ଭୋଜକମାନେ ଯୁଦ୍ଧ ହାରିଲେ ଏବଂ ଖାରବେଳଙ୍କୁ ସମ୍ମାନ ପ୍ରଦର୍ଶନ କଲେ । ସେମାନେ ମହାରାଷ୍ଟ୍ର ଓ ବେରାର ରାଜ୍ୟରେ ବାସ କରୁଥିଲେ । ଅଶୋକଙ୍କ ଖୋଦିତ ଲିପିରେ ସେମାନଙ୍କ ନାମୋଲ୍ଲେଖ ଅଛି । ଭୋଜକମାନଙ୍କର ରାଜତନ୍ତ୍ର ପ୍ରଣାଳୀ ନଥିଲା । ସେମାନଙ୍କ ଶାସନ ପ୍ରଣାଳୀ ଭିନ୍ନ ଥିଲା । ଖାରବେଳ "ରାଷ୍ଟ୍ରିକ ଓ ଭୋଜକ" ମାନଙ୍କ ନେତା ବୋଲି କହୁଛନ୍ତି । ଏହି ନେତାମାନଙ୍କର ରାଜୋଚିତ ଛତ୍ର ଭୃଙ୍ଗାର ଥିଲା, ଯାହାକୁ ଖାରବେଳ ଭଗ୍ନ କରିଥିଲେ । କାତ୍ୟାୟନଙ୍କଠାରେ ଶାସକ କଟମଦ୍ଦର ପ୍ରଦେଶ ଖେଳୁଥିବାର ଛତ୍ର ଓ ଭୃଙ୍ଗାର ବହୁତ ପ୍ରଦେଶ ହେଲେ ।

ଖାରବେଳ ତାହାଙ୍କ ରାଜତ୍ୱର ଅଷ୍ଟମ ବର୍ଷଠାରୁ ୧୨ଶ ବର୍ଷ ପର୍ଯ୍ୟନ୍ତ ଉତ୍ତର-ଭାରତରେ ବିଜୟ କାର୍ଯ୍ୟରେ ନିଯୁକ୍ତ ଥିଲେ । ଦଶମ ବର୍ଷର କାର୍ଯ୍ୟ ଦେଖିବାକୁ ଲିପି ନଷ୍ଟ ହୋଇଯାଇଛି । କିନ୍ତୁ ଜଣାଯାଏ, ଭାରତବର୍ଷ ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରି ତାଙ୍କ ଉଦ୍ଦେଶ୍ୟ ସିଦ୍ଧି କରିଥିଲେ । ଅଷ୍ଟମ ଓ ଦ୍ୱାଦଶ ବର୍ଷରେ ମଗଧ ବିରୁଦ୍ଧରେ ଦୁଇଥର ଯୁଦ୍ଧଯାତ୍ରା କରିଥିଲେ । ଖାରବେଳଙ୍କ ସମୟରେ ପୁଷ୍ୟମିତ୍ର ମଗଧ ସିଂହାସନରେ ରାଜତ୍ୱ କରୁଥିଲେ । ସେ ମୌର୍ଯ୍ୟମାନଙ୍କୁ ପରାସ୍ତ କରି ନିଜର ରାଜତ୍ୱ ସ୍ଥାପନ କରିଥିଲେ । ସେ ଶତବାହନଙ୍କ ପରି ବ୍ରାହ୍ମଣ ଥିଲେ । ସେ ସିଂହାସନେ ଆରୋହଣ କରି ଅଶ୍ୱମେଧ ଯଜ୍ଞ କରିଥିଲେ । ପୁଷ୍ୟମିତ୍ର ଯେ କେବଳ ଡେମେଟ୍ରିଅସ ଓ ମିନେଣ୍ଡରଙ୍କୁ ପରାସ୍ତ କରିଥିଲେ ତାହା ନୁହେଁ, ସେ ଗ୍ରୀକ୍ମାନଙ୍କୁ ଆର୍ଯ୍ୟାବର୍ତ୍ତର ସୀମାରୁ ଦୂରଦେଶକୁ ବିତାଡ଼ିତ କରିଥିଲେ । ସୁତରାଂ ପୁଷ୍ୟମିତ୍ର ବିରୁଦ୍ଧରେ ଅଭିଯାନ କରିବା ସହଜ ବ୍ୟାପାର ନ ଥିଲା । ଅଷ୍ଟମ ବର୍ଷ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୧୬୫ରେ ଖାରବେଳ ପୁଷ୍ୟମିତ୍ରଙ୍କ ବିରୁଦ୍ଧରେ ପ୍ରଥମ ଯୁଦ୍ଧଯାତ୍ରା କଲେ; କିନ୍ତୁ ଗୟାଠାରୁ ଫେରିଆସିଲେ । ପୁଷ୍ୟମିତ୍ର ମଥୁରାକୁ ଗଲେ; କିନ୍ତୁ ସେ ସ୍ଥାନ ପଳାଇ ନ ଥିଲେ । ଖାରବେଳ ମଧ୍ୟ ପାଟଳୀପୁତ୍ରର ଅଳ୍ପ ଦୂରରେ ଅଛି ବେଶି ଦୂର ଅଗ୍ରସର ହୋଇ ନ ଥିଲେ । ସେ କେବଳ ବାରବର ପାହାଡ଼ ପର୍ଯ୍ୟନ୍ତ ଯାଇଥିଲେ । ଶୁଙ୍ଗବଂଶର କର୍ମକର୍ତ୍ତା ହୋଇ ଏମାନେ ଏପରି କରିଥିଲେ । ଦ୍ୱାଦଶ ବର୍ଷରେ ଖାରବେଳ ଉତ୍ତର ପଥରେ ଥିଲେ ଏବଂ ତାଙ୍କ ସହିତ ଯୁଦ୍ଧ କରିବାକୁ କେହି ସମକକ୍ଷ ନ ଥିଲେ । ସେ ଅବଶ୍ୟ ପଶ୍ଚିମ ପଥ ଦେଇ ଯାଇଥିବେ; କାରଣ ସେ ଗଙ୍ଗା ପାର ହୋଇ ନ ଥିଲେ କିମ୍ବା ପୁଷ୍ୟମିତ୍ରଙ୍କ ସହିତ ଯୁଦ୍ଧ କରି ନ ଥିଲେ । ଉକ୍ତ ଉତ୍ତରପଥରୁ ସେ ମଗଧ ଆକ୍ରମଣ କଲେ । ହିମାଳୟ ତଳଦେଇ ଆସିବାକୁ ତାଙ୍କୁ ବୃହତ୍ ନଦୀ ପାରହେବାକୁ ପଡ଼ି ନ ଥିଲା ଏବଂ ସେ ଗଙ୍ଗାନଦୀର ଅପର ପାର୍ଶ୍ୱ ସ୍ଥିତ ମଗଧ ରାଜଧାନୀର ନିକଟ ଦେଇ ପ୍ରବେଶ କଲେ । ପାଟଳୀପୁତ୍ରର ଚାରି ଦିଗରେ ଯେଉଁ ସୁରକ୍ଷିତ ଦୁର୍ଗମାନ ଓ ବନ୍ୟାପ୍ରବାହିତ ଜଳଯୁକ୍ତ ଭୂମିମାନ ଥିଲା, ସେ ସମସ୍ତ ମଧ୍ୟଦେଇ ତାଙ୍କୁ ଯୁଦ୍ଧ କରିବାକୁ ପଡ଼ି ନ ଥିଲା । ଗଙ୍ଗା ପାରହୋଇ ସେ ପାଟଳୀପୁତ୍ରରେ ପ୍ରବେଶ ଲାଭ କରି ପାରିବେ । ହାତୀ ଘୋଡ଼ାମାନେ ଗଙ୍ଗା ପାର ହୋଇଥିଲେ । ଏ ସୁବିଧା ଅନ୍ୟ ଦିଗରୁ ଆସିଥିଲେ ହୋଇ ନ ଥାନ୍ତା । ମଗଧ ରାଜା ଚେତଚେତବେଳଙ୍କୁ ଭୟ ହୋଇଥିବ, କାରଣ ଚେତଚେତବେଳଙ୍କୁ ତାଙ୍କର ଏକ ଜାତି ଶତ୍ରୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ଏବେ ଖାରବେଳଙ୍କ ବୟସ ସେତେବେଳେ ୩୬ ବର୍ଷ ଏବଂ ସେ ୧୨ ବର୍ଷ ଯୁଦ୍ଧ କରିଥିଲେ । ଯାହାହେଉ ସ୍ଥୂଳତଃ ଖ୍ରୀଷ୍ଟପୂର୍ବ ୧୬୧ରେ ସାମ୍ରାଜ୍ୟ ସମ୍ମାନ ମଗଧରୁ କଳିଙ୍ଗକୁ ସ୍ଥାନାନ୍ତରିତ ହେଲା ଏବଂ ଖାରବେଳଙ୍କ ମନୋରଥ ସିଦ୍ଧ ହେଲା । ଏହା ପରେ ସେ ଆଉ ଯୁଦ୍ଧଯାତ୍ରା କରି ନ ଥିଲେ ।

ଖାରବେଳଙ୍କ ପ୍ରଥମ ମଗଧାକ୍ରମଣ ଟ୍ରେଟେନାଙ୍ଗପୁର ପଥଦେଇ ହୋଇଥିବ; କାରଣ ସେ ଗୋରଥଗିରିଠାରୁ ଫେରିବା ଯାତ୍ରା କରିଥିଲେ । ଗୋରଥଗିରି, ରାଜଗୃହଠାରୁ ପାଟଳୀ-

ପୂର୍ବକୁ ଯିବା ବାଟରେ ଅବସ୍ଥିତ । ଏ ଦେଶରୁ ସୁଦ୍ଧ ବର୍ଷ ପରେ ତାଙ୍କ ବୃତ୍ତିମାନେ ଫେରି ଯାଇ ବୋଲାଉଥିଲେ ।

ପୁଷ୍ୟମିତ୍ରଙ୍କ ପରାଜୟ ପରେ ଖାରବେଳ ଓ ଓ ମଗଧର ଧନରତ୍ନମାନ ନେଇ ଆସିଥିଲେ । ପୁଷ୍ୟମିତ୍ର ଯବନ ଓ ପଞ୍ଜାବ ଦେଶମାନଙ୍କୁ ଦୀର୍ଘ ବର୍ଷ କାଳ ଜୟ କରିଥିବା କଥା ଜଣାଯାଏ ନାହିଁ । ସକଳ ମିନେଣ୍ଡରଙ୍କ ରାଜଧାନୀ ଥିଲା । ସୁତରାଂ ସେକାଳ ମଗଧର ଅନ୍ତର୍ଗତ ଥିଲା । ଉତ୍ତର ପଶ୍ଚିମରେ କ୍ଷୁଦ୍ର ରାଜ୍ୟମାନ ଥିଲା; ଖାରବେଳଙ୍କ ଅଧିକ ଦେଶ ମୁକ୍ତ କରି ଦେଇଥିଲେ । ଅତଏବ ପଞ୍ଜାବର ପୂର୍ବର କୁରୁରାଜ୍ୟର ବ୍ୟାପକ ଅନ୍ୟାନ୍ୟ ସ୍ଥାନଠାରୁ ଅନେକ ପରିମାଣ ଶୁଦ୍ଧରାଜ୍ୟ ଦେଖୁଥିଲା ।

ଖାରବେଳ ୨ୟ ଅନେକ ପାହାଡ଼ରୁ ତାଙ୍କ ଗଡ଼ର ଦୁଇତି ଦଶଟି ଭଳି । ଦଶମ ବର୍ଷରେ ଭାରତବର୍ଷ ବାହୁବଳରେ ସୈନ୍ୟ ଦ୍ୱାରା ଜୟ କଲେ ଏବଂ ତାଙ୍କ ଉତ୍କଳ ନଦୀ । ଏକାଦଶ ବର୍ଷରେ ଏପରି ଥିଲେ । ଦ୍ୱାଦଶ ବର୍ଷରେ ଉତ୍ତରାପଥର ରାଜାମାନଙ୍କୁ ଭୟ ଦେଖାଇ ମଗଧକୁ ଯାଇ ଜୟ ପାଟଳୀପୁତ୍ରକୁ ଆସିଲେ । ଓଡ଼ିଶାରୁ ଉତ୍ତରାପଥ ଏବଂ ମଗଧ ଯାଇ ସେଠାରୁ ପୁଣି ଓଡ଼ିଶାକୁ ଆସିବା ଏକ ବର୍ଷ ମଧ୍ୟରେ ଖାରବେଳ କିପରି ଶେଷରେ ଯାତାୟାତ କରୁଥିଲେ, ତାହା ସହଜରେ ଜଣାପଡ଼େ । ମୌର୍ଯ୍ୟମାନଙ୍କ ଦ୍ୱାରା ରାଜପଥର ସୁବିଧା ଥାଉଥିଲେ ହେଁ, ମାତ୍ର ସମସ୍ତ ରାସ୍ତା କୋଣ ପଥ ଅତିକ୍ରମ କରି ଏବଂ ପ୍ରକାଣ୍ଡ ସୈନ୍ୟଦଳଙ୍କୁ ନେବା ଆସିବା ଯେପରି ସହଜ କଥା ନୁହେଁ ।

ତେର ବର୍ଷ ପାଣ୍ଡ୍ୟ ରାଜାମାନେ ବହୁତ ଧନରତ୍ନ ଉପହାର ଦେଇଥିଲେ । ଦକ୍ଷିଣ ଦେଶରୁ ଅନେକ ଧନାଗମ ହେଲା ।

ଜୟସ୍ୱାଲ ମହାଶୟ ହାତୀଗୁମ୍ଫା ଲିପିମାନଙ୍କ ଯେପରି ପାଠ କରିଛନ୍ତି, ତାହା ଅତି ସନ୍ତୋଷ ବୋଲି ଜଣାପଡ଼େ । ଆଗେ ପୂର୍ବ ଯାହା ଉଦ୍ଧାର କରି ଦେଇଥିଲୁ, ତାହା ଠିକ ସତ୍ୟ ନୁହେଁ । ସୁତରାଂ ତାହା ଏଠାରେ ଉଦ୍ଧାର କରି ଦେଲୁ ।

(୧) ନମୋ ଅରହନ୍ତାନଂ, ନମୋ ସବସିଧାନଂ ଏରେନ ମହାରାଜେନ । ମହାମେଘବାହନେନ, ଚେତରାଜବସ ବଧନେନ, ପସଥସୁଭଲଖନେନ, ଚତୁରନ୍ତଲୁଠନ ଗୁଣଉପଗତେନ, କଲିଂଗ ଅଧିପତିନା ସିରି ଖାରବେଳେନ (ପନରସ) । (୨) ବସାନି ସିରି-କଡାର ସରୀରବତା କୀଡ଼ିତା କୁମାର କୀଡ଼ିକା ତତୋ ଲେଖରୂପ ଗଣନା ବବହାର-ବିଧି-ବିସାରଦେନ ସବବିଜା ଅବଦାତେନ ନବବସାନି ଯୋବରଜଂ ପସାସିତଂ ସଂପୁଣ ଚତୁବୀସତି ବସୋ ଦାନ ବ ଧମେନ ସେସଯୋବନ ଅଭିବିଜୟୋ ତତିଯେ । (୩) କଲିଂଗ ରାଜବଂସ ପୁରିସ ଯୁଗେ ମହାରାଜାଭିସେଚନଂ ପାପୁନାତି ଅଭିସିତ ମତୋ, ଚ ପଧମେ ବସେ, ବାତାବିହତ ଗୋପୁର-ପ୍ରାକାର ନିବେସନଂ ପଟିସଂଖାରୟତି କଲିଂଗ ନଗରୀ ଖିବୀର ସିତଲ ତଡ଼ାଗପାଡ଼ିୟୋ ଚ ବଂଧାପୟତି ସବୁୟାନ ପଟି ସଂଠାପନଂ ଚ । (୪) କାରୟତି । ପନତି

ଶାଳୀ ଯାତ ଯେ ଦେହ ଚକାଶ୍ରେଷ୍ଠୋ ନ ଭୁଂଜନ୍ତ ଧନସ୍ୟ ଚ ଧନେ ଏତଂ ଭକ୍ତିକ ଦାଶକାଂଶି ଚତୁଃଶ୍ରେଣୀ ଧର୍ମ-ଚକ-ନଦୀ-ଗୃହ ବ୍ରହ୍ମାଂଶ୍ଚ-ପ୍ରଥାପନ୍ନ କାଶନାନାଂ ଓଡ୍ରଦ୍ବ ଚ ଶସ୍ୟାସ୍ୟେ କଟ୍ଟୋପଟ୍ଟଂ ମୁକ୍ତିକ ନଗରଂ ତଦ୍ଦେଶେ ଭୂଷ ବଦେ । (୫) ଗାଲବ ଦେବ ଗୃହେ ଦର୍ଶ-ନାଶ-ଦ୍ବିଜ-ନାତକ-ଦଂଶନାନ୍ତ, ଗ୍ରଦ୍ରବ-ଦ୍ରମାଜ ଦାଗ୍ରାନାସ୍ଥ ଚ କଡ୍ଦାପଶ୍ଚ ନବଙ୍ଗ । ଇଥ ଭକ୍ତାଏ ବଦେ ଦେଖଧର ଅଧ୍ୟାତ୍ମ ଅଧ୍ରୁତପୂର୍ବ ଗଲିଙ୍ଗ ଦୃଢ଼ଗୃହନ (ମାନବିଂ) ଚଟେ ମୂଷ୍ଟେ ଦନ୍ତ ଦାଚେତ ଚ ନଖିଭିଷ ଛତ । (୬) ଭୁଂକାଦେଖ ଧୂତରତ୍ନଦନ୍ଧ ପାଦେଷ୍ଟ ଗଜ ଦ୍ୱିଧ ନେକପଟେ ବଂଦାପତ୍ସୂଚ । ଘଂଟବେମ ଚ ଧାନ୍ୟ ବସ୍ତ୍ର ନଂଦଗଜା ତଦ୍ଦ ଘଂତ ଓଗାଶ୍ରତଂ ଛନମୂଲ୍ୟବତା ପନାଶଂ କାରଣଂ ପଦବ୍ୟପଦ ଡଷ୍ଟିତୋ ଚ (ସ୍ୱନବ୍ରସ୍ୟଦଂ) ଦନତ ସ୍ୱଦ ଭୂଷଲାନାଂ । (୭) ଅଲ୍ପଶ୍ରେଷ୍ଠ ଅଟନବାଶ ଦ୍ୱତ ଶାଖ୍ରାଶ ନଟହନ ଦେଶେ ଜନପଦଂ ଗୁଣମାନେତ ବଂ ପଦବ୍ରଶ ଚ (ପଞ୍ଚଦଶକ ?) ଘାଶନ୍ ଧନ୍ୱ ଭୂପାଦଂ ଦ—ଏଚେ ଚ ବଦେ ମନାଭିନେ (ଧନବ ?) ତନାଳଥ ଭିଷ । (୮) ବଶାପଦ୍ୱିତ ଗୃହଶସ୍ୟନାଂ ଶିଧାପତ୍ସ ଏତନଂ ଚ ଦଂ ଛୁପାଧାନ ପନାଟେଦନ ଦଦତ ବେଧାବାତେନ ବ୍ରହ୍ମମୁନତଜଂ ନସ୍ତ୍ର ଅତ୍ୟନ୍ତେ । ଗଦମେ ଶ ବଶ୍ୟ (ବନାକ୍ଷତା)—ଗ୍ରନ୍ଥାଶକେଶା । (୯) ଭାଗସୂତେ ଧୃତଳଗ୍ରହଶ୍ରାବନ୍ତି ଦଦଗ ଦଶଧାତଂ ଦନ ଦ୍ୱ ଦଷଗୃହଂ ଚ ଭାଗସୂତ୍ରଂ ବାମାନଦଂ ଷଠଗଂଭ ପଗ୍ରଂ ଦଘାର ଅଲ୍ପକ ଚ ନ ଚିତ୍ର । (୧୦) ଭୂଦଦ୍ୱ ଦାଶୀତେନ, ଧନିନାନାଂ ନଷ୍ଟାନିତସ୍ୟ ସ୍ୱାଧାଦଂ, ଭାଗସୂତ ଅଧର୍ଶଣେକ ଶାସ୍ତ୍ରାବେଷ୍ଟ, ଧଶନେ ଚ ବତେ ଦଂ ଦଗ ନ ଦଗ୍ଧ ଗୃହଧ୍ୱଜ ପଥାନ କତ୍ୟପନ୍ତ ଦ୍ୱାଗ ଚ ମନୋଗ୍ରଥାନ ଭୂପଲଭତ । (୧୧) ଭ ଦ୍ରବଗୃହ-ଶିଷ୍ଟପଥିଂ ଶ୍ରୀଥ-ଗୃହଗ-ଦଭି ଭାଗଲ ନେକବନ୍ତ ଯାନପଧ ଲକ୍ଷଣ ଚ ତେଗ୍ରଦ-ବହ-ଦଭ ଦେନ୍ତୁ ଭଦରଭ ଅମଗ୍ରଦେଶ ଯଧାନଂ ଦରଗମେ ଶ ଚ (ଟଟ) ଦଗ୍ଧ ଦ୍ୱିତଗଂ ଚେତ ଦ୍ୱିଥିଲ ପଥ ଦ୍ୱିନାନା । (୧୨) ନଗଧାନାଂ ନ ବସ୍ତ୍ରଂ ସ୍ୱର୍ଣ୍ଣଂ ଜନ୍ମନତା ସ୍ୱଥଶ ଗାଂଗେୟ ଧ୍ୱାତ ମଗଧ ଚ ଗୃହାନ ବାସ୍ତାଶତ୍ରୈଂ ଚତେ ଦଦାପତ୍ସ, ନଂଦଗୃହନବାନ ଏତା ଶ୍ରୀନଦ...ନାଗା...ଶକ୍ଷଗଳ ଦପଦଷ୍ଟାଦେଶ ଅଂଗ ମଗଧ ଦଗୃହ ଅଟ୍ଟଗ । (୧୩)-- ଚ ଘାଥାଗ ନେତ୍ରିକାବ ବଦଶ ଶିକ୍ଷଗଣ ନିଦେଦସ୍ତ ଶଲବନ୍ତୁ ଧାନ ପଣ୍ଡାଶତେ ଅଷ୍ଟଂ ଚ ଆଦସ୍ୟଂ ଚ ଦାଧୂଦନାନ ଧନପାଞ୍ଚଂ ଦତନ ଦସ୍ତ୍ର ସ୍ୱାର୍ଥ ଗୃହନ ଦଂଘାଗ ଚ ..ଦାନ ଭଗ୍ନାନ ଏଷଶତ୍ରୁ ଭୟାଦତ .. । (୧୪) କଂସଦନା ଦର୍ଶିଦଗ୍ରଧ କେଗଦନେଦ ଦଶ ବ୍ୟୁଷବଭ ଦନସ୍ତ୍ର ଦନଶା ଦ୍ୱାଣୀ ଧପଦଶ ଏକାଦ୍ରଶତା ପଞ୍ଚ ନଗାଦ୍ୟ ତାସ୍ତ୍ର ଦାସ୍ତ୍ର ଦଶୀଦ୍ୟ ଶ ସ୍ୱ ଘାଦଦାସ୍ୟ ଦନା ଭତାନ ଚ ଦଦଧାଗ ଦ୍ୱାଗଧାଭାନ ଦ୍ୱନାଶ ଗଦଦେଦ ବାଦେଲ ଦଶିତ । (୧୫) ଦ୍ୱୁଦତ ଧନାଗ ଗୁଦ୍ଧଗ୍ରାମଂ ଚ ଶତଷଣୀନଂ ଷଡସ୍ୟଂ ଜଧଗାଦ୍ରନଂ...ଅଗ୍ରଦ୍ରତ ଶଥିଦ୍ୟ ଗୃହଦେପ ଧନ୍ୟଗ ବାଶ୍ଚବାଗ ଗୃହାର୍ଥତିଶ୍ୱ ଏକନାଦ ନୋଦନସ୍ତ ..ଶ୍ରୀନ୍ଦ ଗଦଦଥ । (୧୬) ଦଶନ୍ଦନା ଚନ୍ଦ୍ରଗ ଚ ଦେବୃକ୍ଷସ୍ୟ—କାଂଶ ଏତେ ପଣ୍ଡଥାପସ୍ତ, ପାନାଂ ମୃଗସ୍ୟ—ଷାସ୍ତ୍ରବନ ଦଦତ ଦଂଜ ଦ୍ରବ୍ୟ ଭାଦେଲ ଦଷ୍ଟଦନ ଚ ଦେଷ୍ୟଶ ଅଲ୍ପବାସିନୀନାଂ ଶାଦ୍ୱଂ ଭୂପଶ୍ଚତେ,

କ୍ଷେମରାଜ ସ ବଢ ରଜ ସ ଭିକୁରାଜ ଧମରାଜ ପସମତୋ ସୁନାତୋ ଅନୁଭବତୋ କଲାନାନି... । (୧୭) ଗୁଣ ବିସେସ କୁଶଲ ସବପାସଣ୍ଡ ପୂଜକୋ · ସବ ଦେବାୟ-ତନ ସଂକାର କାରକ ଅପତିହତ—ଚକି ବାହାନ-ବଲୋ ଚକଧର ଗୁତଚକୋ ପି ବତଚକୋ ରାଜସି—ବସୁକୁଲ ବିନିତୋ ମହାବିଜୟୋ ରାଜା ଖାରବେଳ ସିରି ।

ଏ ଲିପି ଯେଉଁଠି ସ୍ଥାନ ଅଧିକାର କରିଛି ତାର ପରିମାଣ ୧୫—୧×୫୪ ଇଞ୍ଚ ଅର୍ଥାତ୍ ପ୍ରାୟ ୮୪ ବର୍ଗଫୁଟ । ୧୭ ଧାଡ଼ି ଏବଂ ପ୍ରତି ଧାଡ଼ିରେ ୯୦ ଠାରୁ ୧୦୦ ଅକ୍ଷର । ପ୍ରାଚୀନ ଅକ୍ଷରର ଉଚ୍ଚତା ୪ ଇଞ୍ଚଠାରୁ ୫ ଇଞ୍ଚ । ଏହାର ଭାଷା ଅପଭ୍ରଂଶ ପ୍ରାକୃତ ଅର୍ଦ୍ଧମାଗଧୀ ଓ ଜୈନ ପ୍ରାକୃତ ମିଶା । ପାଲି ସହିତ ଏ ଭାଷାର ସାଦୃଶ୍ୟ ଅଛି ।

ଜୟସବାଲ ମହାଶୟ ବୃହସ୍ପତି ମିତ୍ରଙ୍କ ସମ୍ବନ୍ଧରେ ନାନା ଅଲୋଚନା କରି ନିମ୍ନଲିଖିତ ମତ ଦେଇଅଛନ୍ତି । ବୃହସ୍ପତି ମିତ୍ର କିଏ ? ବାୟୁପୁରାଣରେ କଣ୍ଡୁ ରାଜାଙ୍କ ନାମ ମଧ୍ୟରୁ ଶୁଙ୍ଗବଂଶୀୟ ରାଜାମାନଙ୍କ ନାମ କ୍ରମରେ ଦେଲୁ—ପୁଷ୍ୟମିତ୍ର, ଅଗ୍ନିମିତ୍ର, ସୁଜ୍ୟେଷ୍ଠ, ବସୁମିତ୍ର, ଆନ୍ଧ୍ରକ, ପୁଲିନ୍ଦକ, ଘୋଷବସୁ, ବଜ୍ରମିତ୍ର, ଭାଗବତ, ଦେବଭୂତି । ଏମାନେ ୧୧୨ ବା ୧୧୩ ବର୍ଷ ରାଜତ୍ୱ କରିଥିଲେ । ସେଥିମଧ୍ୟରୁ ପୁଷ୍ୟମିତ୍ରଙ୍କ ଅମଳ ଚାଲିଲା ୩୬ ବର୍ଷ । ଯେହେତୁ ଖାରବେଳ ଲିପି ଅନୁସାରେ ଲେଖକ ମହାଶୟ ଅନୁମାନ କରନ୍ତି ଯେ ଅନ୍ତତଃ ୧୮୦ ଖ୍ରୀ.ପୂ.ରେ ରାଜତ୍ୱ କରିଥିଲେ । କାରଣ ଏହି ଲିପି ତାଙ୍କ ରାଜତ୍ୱର ୧୨ଶ ବର୍ଷ ପରେ ଖୋଦିତ ହୋଇଥିଲା । ଜୈନ ପୁସ୍ତକମାନଙ୍କରୁ ଜଣାଯାଏ ଶୁଙ୍ଗବଂଶୀୟ ରାଜାମାନଙ୍କର ଏହାହିଁ ନାମ ଥିଲା । ସୁତରାଂ ବୃହସ୍ପତି ମିତ୍ର ପ୍ରଥମ ଶୁଙ୍ଗଙ୍କ ମଧ୍ୟରୁ ଜଣେ ହୋଇଥିବେ । ମୁଦ୍ରା ପରୀକ୍ଷା କରି ଲେଖକ ମହାଶୟ ପୁଷ୍ୟମିତ୍ର ଓ ବୃହସ୍ପତି ମିତ୍ର ଏକ ଲୋକ ଥିବାର ସ୍ଥିର କରିଛନ୍ତି ।

ପ୍ରାଚୀନ ଉତ୍କଳାବଳୀରେ ଲେଖା ଅଛି ଏ ଯୋଧ ଖାରବେଳ ମିତ୍ରଙ୍କ ସମୟରେ ଉଲ୍ଲେଖ ଅଛି । ସେଥିରୁ ନିମ୍ନଲିଖିତ ବିଷୟ ଜଣାଯାଏ ।

"ମଗଧରାଜାମାନଙ୍କଦ୍ୱାରା କଳିଙ୍ଗ ଅଧିକୃତ ହୋଇଥିଲା; ମାତ୍ର ଜଣେ ଐର ରାଜା କଳିଙ୍ଗକୁ ସ୍ୱାଧୀନ କଲେ ଏବଂ ମଗଧର ନନ୍ଦ ରାଜାଙ୍କୁ ପରାସ୍ତ କଲେ । କଳିଙ୍ଗମାନେ ସେକାଳେ ଜୈନ-ଧର୍ମାବଲମ୍ବୀ ଥିଲେ । ଐର ଅଶୋକଙ୍କର ପ୍ରଧାନ ଶତ୍ରୁ ଥିଲେ । ଐରଙ୍କ ପୂର୍ବ ରାଜଧାନୀ ତୋଷଳୀରେ ଥିଲା; ମାତ୍ର ଐର ଏକ ସ୍ୱତନ୍ତ୍ର ସ୍ଥାନ ଖଣ୍ଡଗିରିକୁ ରାଜଧାନୀ ରୂପରେ ଗଣିଥିଲେ ।"

ଏଥିରୁ ଜଣାଯାଏ ଯେଉଁ ଐର ନନ୍ଦଙ୍କ ସମୟଠାରୁ ଅଶୋକଙ୍କ ପର୍ଯ୍ୟନ୍ତ ବିଦ୍ୟମାନ ଥିଲେ ସେ ଏବଂ ଖାରବେଳ ଏକ ବ୍ୟକ୍ତି ନୁହନ୍ତି । ସୁତରାଂ ସମ୍ଭବତଃ ଐର ପଦଧାରୀ ଅନେକ ରାଜା ଥିଲେ । ଐର ରାଜା ଶେଷ ନନ୍ଦଙ୍କୁ ପରାସ୍ତ କରିଥିଲେ ଏବଂ ଅଶୋକଙ୍କଠାରୁ

ଗଙ୍ଗୀମାନେ ସେ ବଂଶକୁ ପ୍ରାଚୀ ଓ କଳାକ୍ଷେତ୍ର ଅର୍ଥାତ୍ କଳିଙ୍ଗର ରାଜା ବୋଲି କହୁଥିଲେ । ନନ୍ଦ ନନ୍ଦଙ୍କ ଶେଷ ଦିନରେ ସମ୍ଭବତଃ ୨ୟ କଳିଙ୍ଗ ରାଜବଂଶର ପତନ ଥିଲା ଏବଂ ଖାରବେଳ ସେହି ବଂଶର ଥିବା ସମ୍ଭବ ।

ଚୈତ୍ରମାନଙ୍କ ରାଜଧାନୀ କୋଶଳରେ ଥିଲା ଏବଂ ସେ ଗଣ କଳିଙ୍ଗର ଅଧିବର୍ତ୍ତୀ । ମୂଷିକନ୍ଦଙ୍କ ସେ ବର୍ଣ୍ଣନା କରିଛନ୍ତି ସେଥିରୁ ଜଣାଯାଏ କୋଶଳ ଆନ୍ଧ୍ରଦେଶ ଉପରେ କଳିଙ୍ଗର ଉତ୍ତର-ପଶ୍ଚିମ ସୀମାକୁ ଲାଗିଛି । ମୂଷିକଙ୍କ ୭୦୦ ଖ୍ରୀଷ୍ଟାବ୍ଦରେ କଳିଙ୍ଗକୁ ଆସିଥିଲେ ଏବଂ ତାହା ରାଜମହେନ୍ଦ୍ରୀ ନିକଟରେ । ସେ ଓଡ଼ିଶାରୁ ୧୭୦୦ ଲି ଯାଇ ପୂର୍ବ ଉତ୍ତର କୋଶଳ ରାଜଧାନୀରେ ପ୍ରବେଶ କରିଥିଲେ । ସମ୍ଭବତଃ ସେ ଜଣାଇଥିବା ରାଜବର୍ତ୍ତୀ କୌଣସି ସ୍ଥାନକୁ ଯାଇଥିବେ । ବର୍ତ୍ତମାନ ଅନୁସାରେ କୋଶଳ ଓଡ୍ରଦେଶ ବା ଓଡ଼ିଶାକୁ ଲାଗିଛି; ସୁତରାଂ କୁଆଁରୀ ଓ ସୋନପୁର ଅନ୍ତର୍ଗତ ଥିବାର ସମ୍ଭବ । କୋଶଳର ଚୈତ୍ରମାନେ ଉତ୍କଳକୁ ଆସି ଖଣ୍ଡଗିରିରେ ରାଜଧାନୀ ସ୍ଥାପନ କଲେ । ଏ ସମ୍ବନ୍ଧରେ ଚୈତ୍ରଙ୍କ ପ୍ରଧାନ ବନ୍ଧୁ ଅଶୋକ ଓ ନନ୍ଦଙ୍କ ପୂର୍ବରୁ ହୋଇଥିବ । ସୁତରାଂ ଖଣ୍ଡଗିରି ବା ତୋଶାଳି ରାଜଧାନୀ ଥିବା ସମ୍ଭବପର ।

କୋଶଳ ଚୈତ୍ର ଖାରବେଳଙ୍କ ବଂଶ ସମ୍ବନ୍ଧରେ ପ୍ରଶ୍ନରେ ସନ୍ଦେହ ମିଳେ । ଏହି ବଂଶ ପରେ କୋଶଳବଂଶ ପ୍ରକୃତ ଏବଂ ସେମାନେ 'ମେଘ' ବୋଲି ପରିଚିତ ଥିଲେ । ସେମାନେ ଅତି କ୍ଷମତାଶାଳୀ ଏବଂ ଜ୍ଞାନୀ ଥିଲେ । ୯ ଜଣ ରାଜା ସେହି ବଂଶରେ ରାଜତ୍ୱ କରିଥିଲେ । ମେଘବାହନ ନାମରୁ ମେଘ ଥିବାର ପ୍ରମାଣ ମିଳେ ।

ଓଡ଼ିଆ ଗୋଷ୍ଠ-ଲିଖିତ କୋଶଳ ଚୈତ୍ର ବଂଶର ପୁରାଣାନ୍ତର୍ଗତ କୋଶଳର ମେଘ ମେଳ ହେଉଥିବାରୁ ପୋଥିର ପ୍ରାଚୀନତ୍ୱ ଏବଂ ମୌଳିକତ୍ୱ ଜଣାପଡ଼ୁଛି । ପୋଥିରୁ କଳିଙ୍ଗ ଇତିହାସର ନାନାଦିଗ ବିଷୟ ଜଣାପଡ଼ୁଥିବାରୁ ଏବଂ ମଗଧ ନନ୍ଦଙ୍କ ସହିତ କଳିଙ୍ଗ ନନ୍ଦଙ୍କ ସାମଞ୍ଜସ୍ୟ ଜଣାପଡ଼ୁଥିବାରୁ ପୋଥିଟି ବଡ଼ ମୂଲ୍ୟବାନ୍ । ଶିଳାଲେଖର 'ଚୈତ୍ର' ଶବ୍ଦ ଠିକ୍ ଥିବାର ମଧ୍ୟ ପୋଥିରୁ ଜଣାପଡ଼େ । ଉତ୍କଳରେ ମୌର୍ଯ୍ୟଶାସନ ସମ୍ବନ୍ଧରେ କୋଶଳ ସହିତ ଖାରବେଳ ଏବଂ ତାଙ୍କର ପୂର୍ବ-ବଂଶଧରମାନଙ୍କ ସମ୍ପର୍କ ସ୍ପଷ୍ଟ ହେଉଛି । ଅଶୋକଙ୍କ କଳିଙ୍ଗ ଧଉଳୀ ଖଣ୍ଡଗିରି ଓ ଜଉଗଡ଼ ବା ତୋଶାଳି ଅଞ୍ଚଳମାନଙ୍କ ମଧ୍ୟରେ । ଏହି ଅଞ୍ଚଳମାନ ଅନ୍ତର୍ଗତ ଜନଗଣଙ୍କ ଅର୍ଥାତ୍ ସ୍ୱାଧୀନ ପ୍ରଜାଦେଶୀମାନଙ୍କ ଅନୁଶାସନରେ ବିଶ୍ୱାସ କରିବାକୁ ଆହ୍ୱାନ କରୁଛି, ଏବଂ ଅଶୋକ ସେମାନଙ୍କ ପ୍ରତି ସଦ୍ବ୍ୟବହାର କରିବାକୁ ପ୍ରତିଜ୍ଞା କରୁଛନ୍ତି ଏବଂ ବୌଦ୍ଧଧର୍ମ ଗ୍ରହଣ କରିବାକୁ ସେମାନଙ୍କୁ ପରାମର୍ଶ ଦେଉଛନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ ଏକ ଭାଗରେ ଆନ୍ଧ୍ର ଏବଂ ଅନ୍ୟ ଭାଗରେ କୋଶଳମାନେ 'ଅଜିତ' ଥିଲେ ଅର୍ଥାତ୍ ଅଶୋକ ଦ୍ୱାରା ଜିତ ନ ଥିଲେ । ସୁତରାଂ କଳିଙ୍ଗର ପ୍ରକୃତ ଶାସନକର୍ତ୍ତାମାନେ

କୋଶଳରେ ଅନ୍ତର୍ଭୁକ୍ତ ହେବା ପ୍ରତୀତ । ମୌର୍ଯ୍ୟ ଏବଂ ଶୁଙ୍ଗମାନେ ଦୁର୍ବଳ ହେବା ପରେ ମେଘବାହନ ଚେଦିମାନେ ପୁନର୍ବାର ଓଡ଼ିଶାକୁ ସ୍ୱାଧୀନ କଲେ ।

ପୂର୍ବେ କୁହାଯାଇଅଛି ଯେ ମୂଷିକ ରାଜ୍ୟ କଳିଙ୍ଗର ପଶ୍ଚିମ ଦିଗରେ । ମୂଷିକରାଜ୍ୟ ଓ କଳିଙ୍ଗରାଜ୍ୟ ମଧ୍ୟରେ କୋଶଳ ଅବସ୍ଥିତ ଥିଲା । ଏ ସମସ୍ତ ବର୍ଣ୍ଣନା ଦ୍ୱାରା ଜଣାଯାଏ ଯେ ଦାଶାର୍ଣ୍ଣମାନେ କୋଶଳ ରାଜ୍ୟ ନିକଟ ସ୍ଥାନର ଅଧିବାସୀ ଥିବେ । ଉତ୍କଳ କୋଶଳଠାରୁ ପଶ୍ଚିମ ଅଞ୍ଚଳକୁ ଯିବା ପଥ ମଧ୍ୟରେ ସେମାନେ ନିଶ୍ଚୟ ବାସ କରୁଥିବେ । ଆଧୁନିକ ଗଡ଼ଜାତ ରାଜାମାନଙ୍କ ମଧ୍ୟରୁ ଅନେକାଂଶ ଭଞ୍ଜ । ଏହି ଗଡ଼ଜାତମାନ ପ୍ରାଚୀନ କୋଶଳ । ଭଞ୍ଜମାନେ ଷଡ଼ିଷ୍ଣୁ ବୋଲି ପରିଚିତ ଏବଂ ସେମାନଙ୍କର ପ୍ରାଚୀନ ତାମ୍ରପଟ୍ଟରେ ସେମାନେ ସୂର୍ଯ୍ୟବଂଶୀ କାଶ୍ୟପ ବୋଲି ବର୍ଣ୍ଣିତ ହୋଇଛନ୍ତି । ସେମାନେ ବର୍ତ୍ତମାନ ଓଡ଼ିଶା ନିକଟବର୍ତ୍ତୀ କୋଶଳ ରାଜ୍ୟରେ ବାସ କରୁଛନ୍ତି । କୋଶଳ ନିକଟବର୍ତ୍ତୀ କୋଉଠାରେ ସେମାନେ ପୂର୍ବେ ଥିଲେ ।

ଅନେକ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦୃଷ୍ଟି ହାତୀଗୁମ୍ଫା ଲିପି ପ୍ରତି ଆକୃଷ୍ଟ ହେଲାଣି । ନିମ୍ନଲିଖିତ ପଣ୍ଡିତମାନେ ଏ ସମ୍ବନ୍ଧେ ଆଲୋଚନା କରିଛନ୍ତି ।

୧ । ପ୍ରଥମେ ଷ୍ଟର୍ଲିଂ ସାହେବ, ୧୮୩୭ ଖ୍ରୀଷ୍ଟାବ୍ଦ ।
୨ । ଜେମ୍ସ୍ ପ୍ରିନସେପ୍ ଓକେଲୋ, ୧୮୩୭ ଖ୍ରୀଷ୍ଟାବ୍ଦ ।
୩ । ସାର୍ ଆଲେକଜାଣ୍ଡର କନିଂହାମ୍, ୧୮୩୭ ଖ୍ରୀଷ୍ଟାବ୍ଦ ।
୪ । ରାଜା ରାଜେନ୍ଦ୍ରଲାଲ ମିତ୍ର, ୧୮୮୦ ଖ୍ରୀଷ୍ଟାବ୍ଦ ।
୫ । ଡାକ୍ତର ଭଗବାନଲାଲ ଇନ୍ଦ୍ରଜି, ୧୮୮୫ ଖ୍ରୀଷ୍ଟାବ୍ଦ ।
୬ । ଡାକ୍ତର ଜର୍ଜ ବୁଲର, ୧୮୯୫ ଓ ୧୮୯୮ ଖ୍ରୀଷ୍ଟାବ୍ଦ ।
୭ । ପ୍ରଫେସର୍ ଲୁଡର, ୧୯୧୦ ଖ୍ରୀଷ୍ଟାବ୍ଦ ।
୮ । ଡାକ୍ତର ଫ୍ଲିଟ୍, ୧୯୧୦ ଖ୍ରୀଷ୍ଟାବ୍ଦ ।
୯ । ଆର୍. ଡି. ବାନାର୍ଜୀ, ଏମ୍. ଏ., ୧୯୧୩ ଖ୍ରୀଷ୍ଟାବ୍ଦ ।
୧୦ । ଭି. ଏ. ସ୍ମିଥ୍, ୧୯୧୭ ଖ୍ରୀଷ୍ଟାବ୍ଦ ।
୧୧ । କେ. ପି. ଜୟସୱାଲ, ୧୯୧୮ ଖ୍ରୀଷ୍ଟାବ୍ଦ ।

୧ । ବାନାର୍ଜୀ ମହାଶୟଙ୍କ ମତରେ ଖାରବେଳ ଖ୍ରୀ. ପୂ. ୧୦୩ ଅବ୍ଦରେ ସିଂହାସନାରୋହଣ କରିଥିଲେ ଏବଂ ଖ୍ରୀ. ପୂ. ୯୩ରେ ଲିପି ଖୋଦିତ ହୋଇଥିଲା ।

୨ । ଡାକ୍ତର ଫ୍ଲିଟ୍‌ଙ୍କ ମତରେ ଲିପିରେ ସମ୍ବତ୍‌ର ଉଲ୍ଲେଖ ନାହିଁ । ପ୍ରଫେସର୍ ଲୁଡର୍‌ଙ୍କର ମଧ୍ୟ ଏହି ମତ । ମାତ୍ର ଏମାନେ ଲିପିର ଅନ୍ୟାନ୍ୟ ବିଷୟ ଆଲୋଚନା କରି ଖ୍ରୀ. ପୂ. ୧୦୩ ସ୍ଥିର କରିଛନ୍ତି ।

୩ । ସ୍ମିଥ୍‌ଙ୍କ ମତରେ ଖାରବେଳ ଖ୍ରୀ. ପୂ. ୨୦୩ରେ ସିଂହାସନାରୋହଣ କରିଥିଲେ ।

ନାନା ତର୍କ ପରେ ବାନାର୍ଜୀ ମହାଶୟ ଏ ସମସ୍ତ ମତ ଖଣ୍ଡନ କରି ୧୭୦ ବା ୧୭୪ ଖ୍ରୀ. ପୂ. ସ୍ଥିର କରନ୍ତି । ମାତ୍ର ଜାୟସ୍ୱାଲଙ୍କ ମତ ଏହାଠାରୁ ଭିନ୍ନ ଏବଂ ତାହା ଉପରେ ଲେଖାଯାଉଛି । ବାନାର୍ଜୀ ମହାଶୟ ନିମ୍ନଲିଖିତ ମତେ ସମୟ ନିର୍ଦ୍ଦେଶ କରିଛନ୍ତି :—

ଖ୍ରୀଷ୍ଟପୂର୍ବ ୨୩୬ ଅଶୋକଙ୍କ ମୃତ୍ୟୁ ଓ କୁଣାଳ ରାଜା ହେଲେ ।
,, ୨୨୮ ଦଶରଥଙ୍କ ସିଂହାସନାରୋହଣ ।
,, ୨୨୦ ସମ୍ପ୍ରତି ରାଜା ହେଲେ ।
,, ୨୧୧ ଶାଲିଶୁକ ।
,, ୨୧୦ ଉଦ୍ଦାମଧର୍ମିକ କଳିଙ୍ଗରେ ଚେତ ରାଜବଂଶ ପ୍ରତିଷ୍ଠିତ ।
,, ୧୯୮ ଖାରବେଳଙ୍କ ଜନ୍ମ ।
,, ୧୯୫ ବୃହଦ୍ରଥ ।
,, ୧୮୮ ବୃହଦ୍ରଥ ମଲେ, ପୁଷ୍ୟମିତ୍ର ଶୁଙ୍ଗ ସିଂହାସନାରୋହଣ କଲେ ।
,, ୧୮୩ ଖାରବେଳ ଯୁବରାଜ ।
,, ୧୭୪ ଖାରବେଳଙ୍କ ରାଜ୍ୟାଭିଷେକ ।
,, ୧୭୩ ତୋଫାନଦ୍ୱାରା କଳିଙ୍ଗ ଧ୍ୱଂସ, ଖାରବେଳ ଜୀର୍ଣ୍ଣୋଦ୍ଧାର କଲେ ।
,, ୧୭୨ ଶାତକର୍ଣ୍ଣୀଙ୍କ ବିରୁଦ୍ଧେ ଯୁଦ୍ଧଯାତ୍ରା, ମୂଷିକ ଅଧିକାର ।
,, ୧୭୧ କଳିଙ୍ଗରେ ଉତ୍ସବ ।
,, ୧୭୧ ଖାରବେଳ ରୌତିମାନଙ୍କଠାରୁ ଅନୁମତ ପାଇଲେ, ରାଷ୍ଟ୍ରିକ ଓ ଭୋଜକ ।
,, ୧୬୯ କଳିଙ୍ଗ ପର୍ଯ୍ୟନ୍ତ ନାଳ ଖୋଳାଇଥିଲେ ।
,, ୧୬୬ ଉତ୍ତରଭାରତାକ୍ରମଣ, ବାରବର ବା ଗୋରଥଗିରି ଯୁଦ୍ଧ ।
,, ୧୬୫ ମହାବିଜୟ ମନ୍ଦର ନିର୍ମାଣ ।
,, ୧୬୪ ଭରତାକ୍ରମଣ, ଜୈନ ପୂଜା ।
,, ୧୬୩ ମିନେଣ୍ଡରଙ୍କ ଭାରତାକ୍ରମଣ ।
,, ୧୬୨ ଚତୁର୍ଥ ଭାରତାକ୍ରମଣ, ମଗଧ ଅଧିକାର ।
,, ୧୬୧ ମୌର୍ଯ୍ୟକାଳର ୧୬୪ ବର୍ଷ ଗତ ଏବଂ ୧୬୫ ଚଳିତ କୁମାରୀ ପର୍ବତ ବା ଉଦୟଗିରି ଉପରେ ସ୍ତମ୍ଭ ନିର୍ମାଣ ।
,, ୧୫୮ ପୁଷ୍ୟମିତ୍ରଙ୍କ ମୃତ୍ୟୁ ।

ଗୟା ଜିଲ୍ଲାର ଉତ୍ତରାଂଶରେ "ଗୋରଥଗିରି" । ପୁରାଣ ଅନୁସାରେ ପୁଷ୍ୟମିତ୍ର ୩୬ ବର୍ଷ ରାଜତ୍ୱ କରିଥିଲେ; କିନ୍ତୁ ସ୍ମିଥଙ୍କ ମତରେ ପୁଷ୍ୟମିତ୍ର ୧୮୫ ଖ୍ରୀ. ପୂ. ଅବ୍ଦରେ

ଶେଷ ମୌର୍ଯ୍ୟ ରାଜା ବୃହଦ୍ରଥଙ୍କୁ ସିଂହାସନରୁ ବିତାଡ଼ିତ କରିଥିଲେ । ସୁତରାଂ ପୁଷ୍ୟମିତ୍ର ୧୮୫ ଠାରୁ ୧୪୯ ଖ୍ରୀ. ପୂ. ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ କିମ୍ବା ୧୮୮ ଠାରୁ ୧୫୨ ପର୍ଯ୍ୟନ୍ତ । ନୈକୃଷ୍ଣ ମୁଦ୍ରାରେ "କଳିଙ୍ଗାଧିପ...ଜାଦେବ ଶ୍ରୀ" ଓ "କୁମାର ବଟୁକ" ନାମ ମିଳେ ।

ଉତ୍କଳର ଯେଉଁଠି କ ମହାମୂଲ୍ୟବାନ୍ ଇତିହାସ ଲୁକ୍କିତ ଅଛି ତାହା ଜାଣିବା ଦୁଷ୍କର । ଅବଶ୍ୟ ଉତ୍କଳୀୟ ଲୋକମାନେ ଆପଣା ଘର ଖୋଜିବାକୁ ନାହିଁ, ମାତ୍ର ଅନୁସନ୍ଧିତ୍ସୁ ଦୂରଦେଶାଗତ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ବହୁ ଶ୍ରମସ୍ୱୀକାରପୂର୍ବକ ଇତିହାସ ଖୋଜୁଛନ୍ତି । ଖାରବେଳଙ୍କ ଇତିହାସ ପାଇଲେ ଉତ୍କଳ ଇତିହାସର ଗୋଟିଏ ପ୍ରଧାନ ଅଧ୍ୟାୟର ଅନ୍ଧକାର ମୋଚନ ହେବ । କେବଳ ଓଡ଼ିଶା ଇତିହାସ ନାହିଁକି, ଭାରତ ଇତିହାସର ଅନେକଗୁଡ଼ିଏ କଥା ଉଦ୍‌ଘାଟିତ ହେବ ।

ଯେଉଁମାନେ ଉତ୍କଳର ପ୍ରତ୍ନତତ୍ତ୍ୱ ଅନୁସନ୍ଧାନ କରି ଓଡ଼ିଶାର ପ୍ରାଚୀନ ଗୌରବ କୀର୍ତ୍ତି-କାହାଣୀ ସର୍ବସାଧାରଣରେ ପ୍ରକାଶ କରୁଅଛନ୍ତି, ସେମାନଙ୍କଠାରେ ଉତ୍କଳସନ୍ତାନମାନେ ଚିରଋଣୀ । ଜୟସବାଲ୍ ମହାଶୟ ଉତ୍କଳ ଇତିହାସର ଏ ଅଧ୍ୟାୟଟି ପ୍ରକାଶିତ କରି ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି ।

ହାତୀଗୁମ୍ଫା ଲିପିରୁ ଜଣାଯାଏ ଯେ ଉତ୍କଳ ରାଜବଂଶ ଥରେ ଭାରତବ୍ୟାପୀ କୀର୍ତ୍ତିଲାଭ କରିଥିଲେ । ଏ ଲିପିରୁ ଉତ୍କଳର ବୈଭବ, କ୍ଷମତା, ପ୍ରତାପ, ଐଶ୍ୱର୍ଯ୍ୟ, ସୀମା, ଗୌରବ, ସୈନ୍ୟବଳ, ରଣକୁଶଳତା, କଳାକୁଶଳତା ଏକାଧାରରେ ଜଣାପଡ଼େ ଓ ରାଜନୀତି, ଅର୍ଥନୀତି, ବଦାନ୍ୟତା, ଉଦାରତା, ଦୁଷ୍ଟଦମନ ଓ ଶିଷ୍ଟପାଳନ ପ୍ରଭୃତି ସଦ୍‌ଗୁଣାବଳୀ ପ୍ରକାଶିତ ହୁଏ ।

ବର୍ତ୍ତମାନ ଦେଖାଯାଉ, ଉତ୍କଳ ରାଜବଂଶର ଏହି "ଖାରବେଳ"ଙ୍କ ରାଜତ୍ୱ ପୂର୍ବେ ଓ ପରେ କେଉଁମାନେ ରାଜତ୍ୱ କରୁଥିଲେ ।

କୁରୁକ୍ଷେତ୍ର ମହାସମର ପରେ ଯୁଧିଷ୍ଠିର ରାଜାଙ୍କ ମହାଯାତ୍ରା ହେଲା । ମହାଯାତ୍ରା ପରେ ଭାରତବର୍ଷର କେନ୍ଦ୍ରୀଭୂତ ରାଜଶକ୍ତି ବିଚ୍ଛିନ୍ନ ହୋଇପଡ଼ିଲା । ପରୀକ୍ଷିତଙ୍କ ପୁତ୍ର ଜନମେଜୟ ଇନ୍ଦ୍ରପ୍ରସ୍ଥରେ ବହୁକାଳ ରାଜତ୍ୱ କରିଥିଲେ ସତ, ମାତ୍ର ସେମାନଙ୍କ ପୂର୍ବର ପ୍ରତିପତ୍ତି ସେପରି ବହୁତ ଦୂର ଲାଭ କରି ନଥିଲା । କ୍ରମେ କ୍ଷୁଦ୍ର କ୍ଷୁଦ୍ର ଜନପଦରେ ଅଳ୍ପଶକ୍ତିସମ୍ପନ୍ନ ରାଜାମାନେ ଶାସନଦଣ୍ଡ ପରିଚାଳନା କଲେ । ସୁତରାଂ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ଅଭ୍ୟୁଦୟ ହେଲା । ମଗଧ, କଳିଙ୍ଗ ପ୍ରଭୃତି ରାଜ୍ୟମାନଙ୍କରେ ସ୍ୱାଧୀନ ରାଜାମାନେ ରାଜତ୍ୱ କଲେ । ମଗଧ କ୍ରମେ କ୍ଷମତାଶାଳୀ ହୋଇଉଠିଲା । ମହାପଦ୍ମ ନନ୍ଦ ମଗଧର ଅଧୀଶ୍ୱର ହେଲେ । କୁରୁକ୍ଷେତ୍ର ଯୁଦ୍ଧର ୨୬୫୦ ବର୍ଷ ପରେ ମହାପଦ୍ମ ନନ୍ଦ ବର୍ତ୍ତମାନ ବିହାର ପ୍ରତିପନ୍ନ ହୁଏ । ନନ୍ଦବଂଶର ଉଚ୍ଛେଦ ସାଧନ ପରେ ଚନ୍ଦ୍ରଗୁପ୍ତ ମଗଧ ସିଂହାସନ ଅଧିକାର କଲେ । ଚନ୍ଦ୍ରଗୁପ୍ତଙ୍କଠାରୁ ମୌର୍ଯ୍ୟବଂଶ

ପ୍ରତିଷ୍ଠିତ ହେଲା । ଚନ୍ଦ୍ରଗୁପ୍ତଙ୍କ ମାତାଙ୍କ ନାମ ମୁରା ଥିଲା । ନନ୍ଦ ମୁରାଙ୍କୁ ବହୁତ ଅପମାନ ଦେଇଥିଲେ । ସେହି ପ୍ରତିହିଂସା ନେବାପାଇଁ ଚନ୍ଦ୍ରଗୁପ୍ତ ନନ୍ଦବଂଶର ଉଚ୍ଛେଦ ସାଧନ କରି ମୌର୍ଯ୍ୟବଂଶ ପ୍ରତିଷ୍ଠିତ କରିଥିଲେ ।

ମଗଧରେ ପ୍ରଥମେ ଜରାସନ୍ଧବଂଶୀୟ ରାଜାମାନଙ୍କ ମଧ୍ୟରେ ଜରାସନ୍ଧବଂଶୀୟ ନୃପତି-ମାନେ ପ୍ରଥମେ ରାଜତ୍ୱ କରୁଥିଲେ । ଏ ବଂଶର ୧୮ ଜଣ ରାଜାଙ୍କ ରାଜତ୍ୱ ପରେ ଶିଶୁନାଗ ବା ଶିଶୁନାଗବଂଶର ୧୦ ଜଣ ରାଜା ରାଜତ୍ୱ କରିଥିଲେ । ଶିଶୁନାଗବଂଶର ଶେଷ ରାଜାଙ୍କ ପରେ ନନ୍ଦବଂଶୀୟମାନେ ରାଜତ୍ୱ କଲେ । ବିଷ୍ଣୁପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ ଓ ଶ୍ରୀମଦ୍ଭାଗବତରେ ରାଜାମାନଙ୍କ ନାମ ଓ ଶାସନକାଳର ପରିମାଣ ଲେଖାଅଛି । ସେ ସମସ୍ତ ସଙ୍କଳନା କଲେ ସହଦେବପୁତ୍ର ସୋମାପିଙ୍କ ରାଜ୍ୟପ୍ରାପ୍ତିର ୩୭୪୨ ବର୍ଷ ପରେ ଚନ୍ଦ୍ରଗୁପ୍ତ ରାଜା ହେଲେ । ପାଶ୍ଚାତ୍ୟ ପଣ୍ଡିତମାନେ ତାଙ୍କର ରାଜତ୍ୱକାଳ ଖ୍ରୀ. ପୂ. ୩୨୦ ବର୍ଷ ବୋଲି ସ୍ଥିର କରନ୍ତି । ଆଲେକଜାଣ୍ଡର ଚନ୍ଦ୍ରଗୁପ୍ତଙ୍କ ସମୟରେ ଭାରତ ଆକ୍ରମଣ କରିଥିବାର ସୁନିଶ୍ଚିତ ଏବଂ ତାଙ୍କ ଆଗମନ ସମୟ ଅନେକ ପୁସ୍ତକରେ ଲେଖାଅଛି । ସୁତରାଂ ଚନ୍ଦ୍ରଗୁପ୍ତଙ୍କ ରାଜ୍ୟପ୍ରାପ୍ତି ସମୟ ଖ୍ରୀ: ପୂ: ୩୨୦ ଏବଂ ସୋମାପିଙ୍କ ରାଜ୍ୟପ୍ରାପ୍ତି ସମୟ ଖ୍ରୀ. ପୂ. ୪୦୬୨ ବର୍ଷ । ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ବିନ୍ଦୁସାର ରାଜତ୍ୱ କଲେ ଏବଂ ତାଙ୍କ ପରେ ଅଶୋକ ବା ଧର୍ମାଶୋକ ଖ୍ରୀ. ପୂ. ୨୬୯ ଠାରୁ ୨୨୨ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଅଶୋକ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଭାରତରେ ବୌଦ୍ଧ ଧର୍ମ ପ୍ରଚାର କରିଥିଲେ । ବୁଦ୍ଧଦେବ ବିନ୍ଦୁସାରଙ୍କ ରାଜତ୍ୱ ସମୟରେ ଜନ୍ମଗ୍ରହଣ କରିଥିଲେ ।

ଅଶୋକ ଭାରତରେ ବୌଦ୍ଧଧର୍ମ ପ୍ରଚାର କରି ବୈଦିକ ଧର୍ମର ଉଚ୍ଛେଦ ସାଧନ କରିଥିଲେ । ସେ କପଟ ଯଜ୍ଞ କରାଇ ବୈଦିକ ଶାସ୍ତ୍ରମାନ ହୋମକୁଣ୍ଡରେ ପକାଇଦେଉଥିବାର ପ୍ରବାଦ ଅଛି । ଉତ୍କଳ ଅଶୋକଙ୍କ ଧର୍ମପ୍ରଚାର ପ୍ରଭାବରୁ ରକ୍ଷା ପାଇ ନଥିଲା । ଅଶୋକଙ୍କର ଅନ୍ୟ ନାମ ପ୍ରିୟଦର୍ଶୀ ଥିଲା । ଧଉଳିଗିରି ବା ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ଦଣ୍ଡାଜ୍ଞା ଏବଂ ଖଣ୍ଡଗିରିରେ ଥିବା ଖୋଦିତ ଲିପିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଅଶୋକ ଉତ୍କଳରେ ଧର୍ମ ପ୍ରଚାର କରାଇଥିଲେ ଏବଂ ଉତ୍କଳରେ ତାହାଙ୍କର ଆଧିପତ୍ୟ ଥିଲା ।

ଧଉଳିଗିରିର ଦଣ୍ଡାଜ୍ଞା ଦେଖି ମନେ ହୁଏ, ଏ ସ୍ଥାନ ସେତେବେଳେ ପ୍ରଧାନ ସ୍ଥାନ ଥିଲା । ଲୋକମାନେ ସେତେବେଳେ ସମ୍ଭବତଃ ପାଲିଭାଷା ଜାଣୁଥିଲେ । ନଚେତ୍ ସର୍ବସାଧାରଣ ଜ୍ଞାନାର୍ଥେ ଯେଉଁ ଆଜ୍ଞାମାନ ଖୋଦିତ ହୋଇଥିଲା ତାହା ଅବୋଧ ଭାଷାରେ ବା ଦୁର୍ଗମସ୍ଥାନରେ ଖୋଦିତ ହୋଇ ନ ଥିବ । ଅତଏବ ଅନୁମିତ ହୁଏ ଯେ ସେତେବେଳେ ଧଉଳି ରାଜଧାନୀର ଏକ ଅଂଶ ଥିଲା । ରାଜଧାନୀର ସୀମା ସମ୍ଭବତଃ ପୂର୍ବ-ପଶ୍ଚିମରେ ଖଣ୍ଡଗଡ଼ଠାରୁ ଧଉଳିଗିରି ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ପୂର୍ବ ଓ ଦକ୍ଷିଣ କୋଶଳ ସମ୍ବନ୍ଧେ କିଛିଏ ଆଲୋଚନା ଆବଶ୍ୟକ । ଅଯୋଧ୍ୟା ପୂର୍ବେ ଇକ୍ଷ୍ୱାକୁବଂଶୀୟ ରାଜାମାନଙ୍କ ରାଜଧାନୀ ଥିଲା । ଶ୍ରୀରାମଚନ୍ଦ୍ର ଏହି ରାଜସିଂହାସନ ଅଳଂକୃତ କରିଥିଲେ । ଶ୍ରୀରାମଚନ୍ଦ୍ରଙ୍କର ଲବ ଓ କୁଶ ନାମକ ଦୁଇଟି ପୁତ୍ର ଥିଲେ । ଶ୍ରୀରାମଚନ୍ଦ୍ରଙ୍କ ପରେ ରାଜ୍ୟ ଦୁଇ ଭାଗରେ ବିଭକ୍ତ ହେଲା । କୁଶଙ୍କ ଭାଗରେ ପଡ଼ିଥିବା ଅଂଶର ରାଜ୍ୟର ନାମ କୋଶଳ ଏବଂ ଲବଙ୍କ ଭାଗରେ ପଡ଼ିଥିବା ଅଂଶର ରାଜ୍ୟର ନାମ 'ଉତ୍ତର କୋଶଳ' । ରାମାୟଣରୁ ଅବଗତ ହେଲେ ଯେ କୁଶ କୁଶାବତୀ ନଗରରେ ରାଜଧାନୀ ସ୍ଥାପନକରି ଦକ୍ଷିଣକୋଶଳ ରାଜ୍ୟ ଅଧିକାର କଲେ । ରାମାୟଣରେ ଅନେକସ୍ଥଳରେ 'ଦକ୍ଷିଣକୋଶଳ' ନାମ ଉଲ୍ଲେଖ ନାହିଁ 'ସତ; ମାତ୍ର ମହାଭାରତରେ ଉତ୍ତର-କୋଶଳ ନାମୋଲ୍ଲେଖ ଅଛି । ଦକ୍ଷିଣକୋଶଳ ନ ଥିଲେ ଉତ୍ତରକୋଶଳ ନାମ ସୃଷ୍ଟି ହେବ କାହିଁକି ? ସୁତରାଂ ସେତେବେଳେ ଦକ୍ଷିଣ କୋଶଳ ରାଜ୍ୟ ବିଦ୍ୟମାନ ଥିବା ପ୍ରକଟିତ । ରଘୁବଂଶରେ କାଳିଦାସ ମହାକବି "ଉତ୍ତରକୋଶଳେନ୍ଦ୍ରଃ" ବୋଲି ଲେଖିଅଛନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ ଦକ୍ଷିଣକୋଶଳ ଥିଲା । ବିଷ୍ଣୁପୁରାଣ ଓ ବାୟୁପୁରାଣରୁ ଜଣାଯାଏ ଯେ ଗୁପ୍ତବଂଶୀୟମାନେ ଉତ୍ତରକୋଶଳରେ ଏବଂ ଗୁହକବଂଶ ଦକ୍ଷିଣକୋଶଳରେ ରାଜତ୍ୱ କରୁଥିଲେ । ହୁଏନ୍‌ସାଂଙ୍କ ଭ୍ରମଣବୃତ୍ତାନ୍ତରୁ ଜଣାଯାଏ ଯେ କୋଶଳ ରାଜ୍ୟର ଉତ୍ତରରେ ଉଜ୍ଜୟିନୀ । ଦକ୍ଷିଣରେ ଅନ୍ଧ୍ର ଓ କଳିଙ୍ଗ, ପୂର୍ବରେ ଓଡ୍ରଦେଶ ଏବଂ ପଶ୍ଚିମରେ ମହାରାଷ୍ଟ୍ର ଦେଶ । ସୁତରାଂ ଦକ୍ଷିଣକୋଶଳ ଯେ ଉତ୍କଳ ସୀମାର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ, ଏହା ସୁନିଶ୍ଚିତ । "ମହାନଦୀର ସଦା ପବିତ୍ର ପ୍ରଦେଶ କୋଶଳସ୍ୟ ମଣ୍ଡନେ ।" କାଳକ୍ରମେ ଦକ୍ଷିଣକୋଶଳର ଦକ୍ଷିଣ ସୀମାସ୍ଥ ଦେଶ ଉତ୍କଳର ଅନ୍ତର୍ଗତ ହୋଇପଡ଼ିଥିବାର ଜଣାଯାଏ । ପ୍ରଥିତ ଇତିହାସ ଲେଖକ କହନ୍ତି,' ଗୁପ୍ତରାଜାମାନଙ୍କ ଶାସନ ସମୟରେ ଦକ୍ଷିଣ କୋଶଳ ମହାକୋଶଳ ନାମରେ ଅଭିହିତ ହେଉଥିଲା ଏବଂ ଭବଗୁପ୍ତଙ୍କ ରାଜତ୍ୱ ସମୟରେ ମହାକୋଶଳ ଉତ୍କଳ ଦେଶର ଅନ୍ତର୍ଗତ ଥିଲା ।

ଉତ୍ତର-କଳିଙ୍ଗ ଯେ ଉତ୍କଳ ଏଥିରେ କିଛି ସନ୍ଦେହ ନାହିଁ । ଏଥର ଆଲୋଚନା ପୂର୍ବକ କରାଯାଉଛି ।

ବିଷ୍ଣୁପୁରାଣର ଚତୁର୍ଥାଂଶ ଚତୁର୍ବିଂଶ ଅଧ୍ୟାୟରେ ଅନ୍ଧ୍ରବଂଶୀୟ ରାଜାମାନଙ୍କ ପରେ ଅନେକଗୁଡ଼ିଏ ଭିନ୍ନ ରାଜବଂଶର ପରିଚୟ ମିଳେ । ଆଭୀରବଂଶର ୭ ଜଣ ରାଜା, ଗର୍ଦ୍ଦଭିଲବଂଶର ୧୦ ଜଣ ରାଜା, ୧୬ ଜଣ ରାଜା ଶକବଂଶୀୟ, ୮ ଜଣ ଯବନବଂଶୀୟ, ୧୪ ତୁଷାର, ୧୩ ମୁଣ୍ଡ, ୧୧ ମୌନ ଯଥାକ୍ରମେ ୧୩୯୯ ବର୍ଷ ରାଜତ୍ୱ କରିବେ, ଅନନ୍ତର ପୌରବଂଶୀୟ ୧୧ ଜଣ ୩୦୦ ବର୍ଷ ରାଜତ୍ୱ କରିବେ । ମେକଳ ଦେଶରେ ୭ ଜଣ ଓ ୯ ଜଣ କୋଶଳରେ ଯଥାକ୍ରମେ ରାଜତ୍ୱ କରିବେ । ଏହିପରି ଅନେକ ରାଜବଂଶର ନାମୋଲ୍ଲେଖ ଅଛି ।

ଖାରବେଳ କେତେ ବର୍ଷ ରାଜତ୍ୱ କରିଥିଲେ ସେକଥା ଲିପିରୁ ଜଣାଯାଇ ନାହିଁ । ଅନନ୍ତ ଭୁବନେଶ୍ୱରରେ ମଣ୍ଡି ଏ ପୋଥିରୁ କେତେକ ବିଷୟ ପାଇଥିଲି । ସେଥିରୁ ଜଣାଯାଏ ଯେ ଜନ୍ମେଜୟ ଚୈତ୍ରବଂଶର ଶେଷ ରାଜାଙ୍କ ପରେ ମଗଧର ରାଜା ହେଲେ । ସେ ଖ୍ରୀଷ୍ଟପୂର୍ବ ୩୦୦ ଅବ୍ଦରେ ରାଜା ହୋଇଥିଲେ । ଖ୍ରୀଷ୍ଟପୂର୍ବ ୩୦୦ ଅବ୍ଦ ହେଲେ ଖ୍ରୀଷ୍ଟପୂର୍ବ ୮୯ରେ ଜନ୍ମେଜୟ ରାଜା ହୋଇଥିବାର ଜଣାଯାଏ ।

ଭୁବନେଶ୍ୱର ଦେଉଳରେ ଯେଉଁ ଖୋଦିତ ଲିପି ଅଛି ତାହା ପୂର୍ବେ 'ମୁକୁର'ରେ ପ୍ରକାଶିତ ହୋଇଥିଲା । ସେଥିରୁ ଜଣାଯାଏ ଯେ ଜନ୍ମେଜୟ ଚନ୍ଦ୍ରବଂଶୀୟ ରାଜା ଥିଲେ । ଉକ୍ତ ଲିପିରୁ ନିମ୍ନଲିଖିତ ବଂଶାବଳୀର ପରିଚୟ ମିଳେ ।

ଜନ୍ମେଜୟ
|
ଦୀର୍ଘକାର
|
ଅପବାର ( ଏ ନିର୍ବଂଶ ହେଲେ )

ଅପବାର ନିର୍ବଂଶ ହେବାରୁ ଜନ୍ମେଜୟଙ୍କ ଅଂଶ ଏକ ପୁତ୍ର ଚଣ୍ଡୀହର ରାଜା ହେଲେ । ଚଣ୍ଡୀହରଙ୍କ ସ୍ତ୍ରୀ କୋଳାବତୀ ରାଣୀ ଏବଂ ପୁତ୍ର ଉଦ୍ୟୋତକେଶରୀ । କୋଳାବତୀ ରାଣୀ ଭୁବନେଶ୍ୱରଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ଏ ଲିପିର ସମୟ ୧୮ ସମ୍ବତ୍ ଅର୍ଥାତ୍ ୩୯ ଖ୍ରୀ: ପୂ: । ଏ ହିସାବ ଦେଖି ମନେ ହୁଏ ଜନ୍ମେଜୟ ୮୯ ଖ୍ରୀ: ପୂ: ରେ ସିଂହାସନାରୋହଣ କରିଥିବା ଅସମ୍ଭବ ନୁହେଁ । ସୁତରାଂ କେଶରୀବଂଶ ରାଜତ୍ୱ ୮୯ ଖ୍ରୀ:ପୂ:ରୁ ଧରିବାକୁ ହେବ ।

ଖାରବେଳଙ୍କ ସିଂହାସନାରୋହଣ ସମୟ ୧୭୪ ଖ୍ରୀ: ପୂ: ଏବଂ ଜନ୍ମ ୧୯୮ ଖ୍ରୀ: ପୂ: । ସୁତରାଂ ଖାରବେଳଙ୍କ ବଂଶଧରମାନେ ୮୯ ଖ୍ରୀ: ପୂ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଅର୍ଥାତ୍ ୧୦୦ ବର୍ଷ ।

ଚୈତ୍ରବଂଶର ୯ ଜଣ ରାଜା ରାଜତ୍ୱ କରିଥିଲେ । ଶେଷ ରାଜା କରଣଙ୍କ ଶିଶୁ ପୁତ୍ର ଅଳ୍ପବୟସ୍କ ଥିଲେ । ଜନ୍ମେଜୟ ଏହାଙ୍କୁ ପରାଜିତ କରିଥିଲେ ।

ଚୈତ୍ରମାନଙ୍କ ପୂର୍ବେ ଅନ୍ଧ୍ରବଂଶୀୟ ରାଜାମାନେ ରାଜତ୍ୱ କରୁଥିବାର କଥିତ ହୁଏ । ମଗଧ, ଅଙ୍ଗ ଏବଂ କଳିଙ୍ଗ ଆନ୍ଧ୍ରରାଜା, ଏବଂ ସେ ଉତ୍କଳରେ ୩୨ ବର୍ଷ ରାଜତ୍ୱ କରୁଥିଲେ । ଅନ୍ଧ୍ରବଂଶ ୫୦୦ ବର୍ଷ ରାଜତ୍ୱ କରିଥିବାର କଥିତ ହୁଏ ।

ଅନ୍ଧ୍ରବଂଶ ପରେ କୁଶଦ୍ଭବବଂଶୀୟମାନେ ରାଜତ୍ୱ କରିଥିବାର କଥିତ ହୁଏ । ସେନେଟକ ଏ ବଂଶର ଏକ ଜଣ ରାଜା । ସେ ରାଜମହଲ ପର୍ଯ୍ୟନ୍ତ ଜୟ କରିଥିବାର କଥିତ ହୁଏ ।

ଦୀର୍ଘ ଦିନ ରାଜତ୍ୱ କରୁଥିବା ବେଳେ ଶାଳମାଧବ ମଲ୍ଲିକଙ୍କୁ ଆଗମନ କରିଥିଲେ ଏବଂ ମହାଭଦ୍ରଙ୍କ ଅମଳରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ପୁରୁଷୋତ୍ତମକୁ ଆସିଥିଲେ ବୋଲି କୁହାଯାଏ । ଧ୍ରୁବବଂଶୀୟମାନେ ଖ୍ରୀଷ୍ଟପୂର୍ବ ୨୦୦୦ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୯୦୯ ଖ୍ରୀ: ପୂ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ଖାରବେଳଙ୍କ ଅମଳରେ ଜୈନଧର୍ମ ଉତ୍କଳରେ ପ୍ରଚଳିତ ଥିବାର ହାତୀଗୁମ୍ଫା ଲିପିରୁ ଜଣାଯାଏ । ଜୈନଧର୍ମ କ୍ରମ ଚନ୍ଦ୍ରବଂଶ ବୃଦ୍ଧିପ୍ରାପ୍ତ ହେବାରୁ ଓଡ଼ିଶାରେ ବୌଦ୍ଧଧର୍ମ ଖର୍ବତାପ୍ରାପ୍ତ ହୋଇଥିଲା । ଯବନଗଣ ବୌଦ୍ଧଧର୍ମ-ବିଦ୍ୱେଷୀ କେଶରୀବଂଶୀୟମାନଙ୍କୁ ପରାସ୍ତ କରି ବୌଦ୍ଧଧର୍ମର ଉନ୍ନତିକାଳରେ ମାରୀଚୀ ଦୁର୍ଗାମୂର୍ତ୍ତି ଖଣ୍ଡଗିରି ପାହାଡ ଉପରେ ସ୍ଥାପିତ କରିଥିଲେ । ଏ ମୂର୍ତ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ଏ ସ୍ଥାନରେ ବିରାଜିତ ଅଛନ୍ତି । କିମ୍ବଦନ୍ତୀ ଅଛି ଯେ—ଯବନଗଣ ବୌଦ୍ଧଧର୍ମ ପୁନଃ ପ୍ରଚଳିତ କରାଇବା ପରେ ଦେବତାମାନେ ତନ୍ତ୍ରସ୍ଥ ହୋଇ ଖଣ୍ଡଗିରିଠାରେ ଏକ ଦଳ କରିଥିଲେ ଏବଂ ଖଣ୍ଡଗିରିରେ ବର୍ତ୍ତମାନ ପର୍ଯ୍ୟନ୍ତ ଦେବସଭା ନାମକ ସ୍ଥାନ ବିରାଜିତ ଅଛି । ଦେବସଭା ନିକଟରେ ଗୁପ୍ତଗଙ୍ଗାର ଆବିର୍ଭାବ ହୋଇଥିବା କିମ୍ବଦନ୍ତୀ ଅଛି । ଗୁପ୍ତଗଙ୍ଗା ନାମକ ସ୍ଥାନ ଖଣ୍ଡଗିରିରେ ଅଛି । ମକର ସଂକ୍ରାନ୍ତି ଦିନଠାରୁ ୭ ଦିନ ଏଠାରେ ଯାତ୍ରୀଙ୍କର ମେଳା ହୁଏ । ଦେବସଭା ବେଳେ ଏଠାରେ ସାତ ଦିନ ପର୍ଯ୍ୟନ୍ତ ଯଜ୍ଞ ହୋଇଥିଲା । ଏହି ଉଦ୍ଦେଶ୍ୟରେ ଏଠାରେ ସାତଦିନ ପର୍ଯ୍ୟନ୍ତ ଆଜି ମଧ୍ୟ ମେଳା ହେଉଛି ।

ଲଲାଟେନ୍ଦୁକେଶରୀଙ୍କ ପରେ ୨୪ ରାଜା ହେଲେ ଏ କଥା ସ୍ପଷ୍ଟ ବୁଝାଯାଇ ନ ପାରେ । ମାଦଳାପାଞ୍ଜିରୁ ଜଣାଯାଏ ଯେ ଯଯାତିକେଶରୀ ମହେଶ ଅବତାର ଥିଲେ ଏବଂ ତାଙ୍କ ରାଣୀ କୋଳାବତୀ ପାଟମହାଦେଈ ଏକାମ୍ରବନ .ରୁ ଯେଉଁଠାରେ କୃତ୍ତିବାସ ଭୁବନେଶ୍ୱରଙ୍କ ଦେଉଳ ନିର୍ମାଣ ହୋଇପାରିଥିବାରୁ ସେହି ଦେଉଳ ସ୍ୱର୍ଣ୍ଣ ଶିଳ୍ପଶାସ୍ତ୍ର ଅନୁସାରେ କୈଳାସ ତୁଲ୍ୟ ଦେଉଳ ତୋଳାଇଥିଲେ । ଏ ୬୬୭ । ୬ । ୧୯ ରାଜତ୍ୱ କରିଥିବାର ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ମାଦଳାପାଞ୍ଜିରେ ଦେଉଳର ଯେପରି ବର୍ଣ୍ଣନା ଲେଖାଅଛି ଭୁବନେଶ୍ୱର ଲିପି ସହିତ ତାହା ମେଳ ହେଉଛି କି ନା ଦେଖନ୍ତୁ ।

ଶ୍ରୀମତ୍ ତ୍ରିଭୁବନେଶ୍ୱରସ୍ୟ ପ୍ରଥିତ ନଳନ୍ଦୁଙ୍ଗଃ ସ୍ୱର୍ଣ୍ଣତୋ ମୂର୍ତ୍ତି ଯସ୍ୟ-
ପ୍ରାସାଦାଂଶୁକ୍ଷଣତାଶ୍ରପୂରିତ ଅତଃ ବ୍ୟାଘ୍ନତ ସ୍ଥାଣୁକଃ ।
ଏକାମ୍ରେ ସିତଗର୍ଭେ ଭଲ୍ଲୂର ମଣ୍ଡଳୀ ସୃନ୍ଦୂଶାଳା ସମେତଃ
କୋଳାବତ୍ୟା କଟେଶ୍ୱଃ ସିତ ମୁକ୍ତ ପ୍ରାପ୍ତଃ କାରିତଃ କୀର୍ତ୍ତିସ୍ଥଳଃ ।

ଯବନଗଣ କେଶରୀବଂଶୀୟମାନଙ୍କୁ ପରାସ୍ତ କରିଥିବା ବିଷୟ ଏ ଲିପି ମଧ୍ୟରୁ ଅବଗତ ମିଳେ । କେଶରୀବଂଶୀୟମାନେ ବୌଦ୍ଧଧର୍ମର ବିପକ୍ଷ ଥିଲେ । ସୁତରାଂ ବୌଦ୍ଧମାନେ ସେମାନଙ୍କୁ ଶତ୍ରୁ ବୋଲି ମନେ କରୁଥିଲେ । ଭୁବନେଶ୍ୱର ଲିପିରୁ ଯବନଗଣ "ସ୍ୱେଚ୍ଛା" ଥିବାର

ଜଣାଯାଏ । ସୁତରାଂ ବୋଧ ହୁଏ ସେ ଜୈନମାନଙ୍କୁ ଓଡ଼ିଶାରୁ ତଡ଼ିଦେଇଥିଲେ । ଜନ୍ମେଜୟ ଚନ୍ଦ୍ରବଂଶୀୟ ରାଜା ଥିଲେ । ତାଙ୍କର ଅତୁଳ ଶୁଭ କୀର୍ତ୍ତି ଥିଲା ।

ସେ ବିଷ୍ଣୁଭକ୍ତିଶୀଳ ଥିଲେ, ସେ ଶାସ୍ତ୍ରଜ୍ଞ ଥିଲେ, ତାଙ୍କର ଐଶ୍ୱର୍ଯ୍ୟ ଲଙ୍କାଧିପଙ୍କ ତୁଲ୍ୟ ଥିଲା, ସେ ଅଦ୍ଭୁତ ପ୍ରକାର ଯୁଦ୍ଧ କରି ଅଙ୍ଗଦେଶ ରାଜଲକ୍ଷ୍ମୀଙ୍କି ଆପଣା କରଗତ କରିଥିଲେ । ସେ ତ୍ୟାଗୀ ଓ ମହାଧାର୍ମିକ ଥିଲେ । ସେ ଅନଙ୍ଗ ପରି ସୌନ୍ଦର୍ଯ୍ୟମଣ୍ଡନ ଥିଲେ ।

ଅଙ୍ଗଦେଶ କେଉଁଠି ? ମହାଭାରତରୁ ଜଣାଯାଏ ଅଙ୍ଗଦେଶ ଏକସମୟରେ ସୂର୍ଯ୍ୟପୁତ୍ର କର୍ଣ୍ଣଙ୍କ ରାଜ୍ୟ ଥିଲା । ବିଷ୍ଣୁପୁରାଣରୁ ଜଣାଯାଏ ସ୍ୱାୟମ୍ଭୁବ ମନୁଙ୍କ ପୁତ୍ର ଉତ୍ତାନ-ପାଦଙ୍କ ଅଧସ୍ତନ ଦଶମପୁରୁଷରେ ଅଙ୍ଗ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ନାମାନୁସାରେ ତାଙ୍କ ଅଧିକୃତ ଦେଶ ନାମିତ ହୋଇଥିଲା । ପୁଣି ପ୍ରମାଣ ମିଳେ ସେ ବଳିଙ୍କ ପୁତ୍ର ଅଙ୍ଗ ଥିଲେ । ରାମାୟଣରୁ ଜଣାଯାଏ ଦଶରଥଙ୍କ ମିତ୍ର ଲୋମପାଦ ବା ରୋମପାଦ ଅଙ୍ଗଦେଶରେ ରାଜତ୍ୱ କରୁଥିଲେ । 'ଶକ୍ତିସଙ୍ଗମ-ତନ୍ତ୍ର' ନାମକ ପୁସ୍ତକରେ ଅଙ୍ଗଦେଶର ସୀମା ନିର୍ଦ୍ଦିଷ୍ଟ ଥିବାର ଦେଖାଯାଏ ।

ବୈଦ୍ୟନାଥଂ ସମାରଭ୍ୟ ଭୁବନେଶାନ୍ତଗଂ ଶିବେ ।
ତାବଦଙ୍ଗାଭିଧୋ ଦେଶୋ ଯାତ୍ରାୟାଂ ନହି ଦୁଷ୍ୟତେ ।

ଅର୍ଥାତ୍ ବୈଦ୍ୟନାଥଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅଙ୍ଗଦେଶ ବିସ୍ତୃତ ଥିଲା । ଏହି ଦେଶର ରାଜଲକ୍ଷ୍ମୀଙ୍କି ଜନ୍ମେଜୟ ଆତ୍ମସାତ୍ କରିଥିଲେ । ଜନ୍ମେଜୟଙ୍କର ଏହି ପରିଚୟ ପାଇବା ପରେ ଅନ୍ୟମାନଙ୍କୁ ଆଲୋଚନା କରିବାକୁ ହେବ ସେ ବାଜୁକଲ୍ଲ କେଶରୀ ଓ ଉଦ୍ୟୋତକେଶରୀ ଏକ ଲୋକ ବା ଭିନ୍ନ ଲୋକ । ମାଦଳାପାଞ୍ଜିର ବର୍ଣ୍ଣିତ ବିଷୟ ଓ ଶୋଧିତ ଲିପିରୁ ବର୍ଣ୍ଣିତ ବିଷୟ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଏମାନେ ଏକ ବ୍ୟକ୍ତି; ମାତ୍ର ନାମ ଭିନ୍ନ ଥିଲା । ଦୁଃଖର ବିଷୟ ତାଙ୍କ ତାଲିକାରେ ବହୁ ରାଜାଙ୍କ ନାମ ଦେଖିବାକୁ । ମାଦଳାପାଞ୍ଜିରେ ଥିବା କେଶରୀବଂଶର ଅତୁଳ ଅନେକଗୁଡ଼ିଏ ରାଜାଙ୍କ ନାମ ଶିଳାଲେଖ ତାଲିକାରେ ସ୍ଥାନ ପାଇ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ଦେଖନ୍ତୁ—ଈଶ୍ୱର, ଇନ୍ଦ୍ରରଥ, ପ୍ରତାପ, କପିଳ, ପୁରନ୍ଦର, ବର୍ଣ୍ଣକ, ଶ୍ରୀକଣ୍ଠ, ଚନ୍ଦ୍ରକେଶରୀ, ଶରଣଙ୍କ, କାଶୀ, ଶିଶୁପାଳ, ମିତ୍ରକେଶରୀ । ମାଦଳାପାଞ୍ଜିରେ କେବଳ ଏମାନଙ୍କ ନାମ ନାହିଁ, ସେମାନଙ୍କ ଅନେକର ପ୍ରଧାନ କୀର୍ତ୍ତି ବିଷୟ ମଧ୍ୟ ଉଲ୍ଲେଖ ଅଛି । ଇନ୍ଦ୍ରରଥ କେଶରୀ ଚନ୍ଦ୍ରମଧ୍ୟରୁ ଗଡ ବା କଟକ କରାଇଥିଲେ ଏବଂ ସେହି କଟକ ପରଙ୍ଗ ଦଣ୍ଡପାଟ ମଧ୍ୟରେ ଥିଲା । ପୁରନ୍ଦର କେଶରୀ କୋଣାର୍କ ବା ଅର୍କକ୍ଷେତ୍ର-ଠାରେ କୋଣାର୍କ ଦେବଙ୍କ ମନ୍ଦିର ଦେଉଳ ନିର୍ମାଣ କରାଇ ଅଠ ଶାସନ ବସାଇଥିଲେ ।

ଶରଣଙ୍କ କେଶରୀ ଶରଣଙ୍କ ପୁଷ୍କରିଣୀ ତୋଳାଇଥିଲେ । କାଶୀ କେଶରୀ ଏହି ନାମରେ ପୁଷ୍କରିଣୀ ତୋଳାଇଥିଲେ । ଶିଶୁପାଳ କେଶରୀ ପରଙ୍ଗ ଦଣ୍ଡପାଟରେ ଶିଶୁପାଳ ନାମକ ଗଡ଼ ବାନ୍ଧି କଟକ କରିଥିଲେ ।

କେଶରୀବଂଶୀୟ ରାଜାମାନେ ମହେଶ୍ୱରଭକ୍ତ ଥିଲେ ଏବଂ ସେମାନଙ୍କ ଅମଳରେ ଭୁବନେଶ୍ୱର ରାଜଧାନୀ ଥିଲା । ଶିଶୁପାଳ ଓ ଜନ୍ମୁରଥ ଗ୍ରାମ ଓ ଲକ୍ଷ୍ମୀସାଗର ପ୍ରଭୃତି ଭୁବନେଶ୍ୱରଠାରୁ ଅତି ନିକଟରେ । ଶିଶୁପାଳଗଡ଼ ଥିବାର ବର୍ତ୍ତମାନ ହିଁ ପ୍ରମାଣିତ ହେଉଛି ଏବଂ ଗଡ଼ର ଚିହ୍ନ ଓ ଭଗ୍ନାବଶେଷ ବର୍ତ୍ତମାନ ଦେଖାଯାଏ । ଲକ୍ଷ୍ମୀସାଗର ପୁଷ୍କରିଣୀ ଭୁବନେଶ୍ୱରଠାରୁ ଅତି ନିକଟ । ଏ ସମସ୍ତ ପ୍ରମାଣ ସତ୍ତ୍ୱେ କିପରି କହିବା ଯେ ଉପରୋକ୍ତ ନାମଧେୟ ରାଜାମାନେ କେଶରୀବଂଶୀୟ ନଥିଲେ ?

ସୋମବଂଶୀୟ ରାଜାମାନଙ୍କ ନାମ ଯେଉଁଠାରେ ମାଦଳାପାଞ୍ଜିରେ ଅଛି ସେଠାରେ ଆଉ ଅନେକଗୁଡ଼ିଏ ନାମ ଅଛି, ଯାହାକି ହଣ୍ଟରଙ୍କ ତାଲିକାରେ ନାହିଁ । ଯଥା—ମଧୁମାଳଣ ଦେବ, ଗାଙ୍ଗେୟ ଦେବ, ଗନ୍ଧୁଡ଼ି ଦେବ, ଲୋକନାଥ ଦେବ, ଚଣ୍ଡୀହର ଦେବ, ମନ୍ମଥ ଦେବ, ନୃସିଂହଦେବ, ଧନୁର୍ଦ୍ଧର ଦେବ, ଲକ୍ଷ୍ମେଶ୍ୱର ଦେବ, ବାଲୁକ ମାଧବ ଦେବ ଓ ଲଲାଟେନ୍ଦୁ ଦେବ ।

ଏହି ଯେ ଚଣ୍ଡୀହର ଦେବଙ୍କ ନାମ ଏଠାରେ ଦେଖାଯାଏ, ଏ କେହି ଭୁବନେଶ୍ୱର ଲିପିରେ ଥିବା ଚଣ୍ଡୀହର ନୁହନ୍ତି କି ? ଉଦ୍ୟୋତକେଶରୀଙ୍କ ସମୟରୁ କେଶରୀ ଉପାଧି ସୃଷ୍ଟି ହୋଇଥିବାର ଜଣାଯାଏ ।

ସୂର୍ଯ୍ୟଚନ୍ଦ୍ରସ୍ତନୋଃ ଶର୍ମୀନିନିକ ରୈତ୍ନୁର୍ଦ୍ଧିପଦ୍ମନ୍ ଦେବଶ୍ରୀ ଦ୍ୟୁଳୈଃ ସ୍ୱବତେଜ ସନ୍ନୁତିଜ ଉଦ୍ୟୋତନଃ କେଶରୀ ।

କାଳର୍ତ୍ତୀଡ଼ଭରକ ପ୍ରଭବଙ୍କ ମହିଲଂ ସଂହ୍ମକଷ୍ଟୀଡ଼ ଗୌରିଡ଼ୀ ଗୃହେଷୁ ସାଧବଭସ୍ୱୋ-ଧବ୍ଭବଦ୍ଧବଳଘଃ ଦଂଶଂ ସୋ ରଞ୍ଜତ୍ୟ । ( ଭୁବନେଶ୍ୱର ଲିପି )

ଏଥିରେ ପୂର୍ବ ରାଜାଙ୍କ ନାମ ବର୍ତ୍ତନା ସ୍ଥଳେ 'କେଶରୀ' ବୋଲି ଲେଖା ନାହିଁ । ସୁତରାଂ ଅନୁମିତ ହୁଏ 'ଉଦ୍ୟୋତକ'ଙ୍କ ଅମଳରୁ କେଶରୀ ଉପାଧି ସୃଷ୍ଟି ହେଲା । ଉପରେ ଯେଉଁ 'ଚଣ୍ଡୀହର'ଙ୍କ ନାମ ଉଲ୍ଲେଖ ଅଛି, ସେ ଚୋଡ଼ଗଙ୍ଗ ଲିପିର ଚଣ୍ଡୀହର କି ନୁହନ୍ତି କାହିଁକି ? ମହେଶ୍ୱର ଦେବଙ୍କ ନାମ ସୋମବଂଶୀୟ ରାଜାଙ୍କ ନାମ ମଧ୍ୟରେ ଦେଖାଯାଏ । ସେ ଉଦ୍ୟୋତଙ୍କର ମହେଶ୍ୱ ଭାଇ ମଧ୍ୟ ହୋଇପାରନ୍ତି ।

ଏହିରୁ ଜଣାଯାଏ ସୋମବଂଶ ଓ କେଶରୀବଂଶୀୟ ରାଜାମାନଙ୍କର ସେମାନେ ଠିକ୍ କ୍ରମ ନିର୍ଦ୍ଧାରିତ ହୋଇନାହିଁ କିମ୍ବା ଯାହା ପରେ ଯାହା ନାମ ଉଲ୍ଲେଖ ଅଛି ତାହା ଠିକ୍‌ମତେ ହୋଇନାହିଁ । ଏ ସମସ୍ତ ଆଲୋଚନା ଦ୍ୱାରା ମନେହୁଏ କେଶରୀବଂଶର ୪୪ ଅପେକ୍ଷା ଆହୁରି ଅଧିକ ରାଜା ଥିଲେ ଏବଂ ସେ ବଂଶ ଅଧିକ କାଳ ରାଜତ୍ୱ କରିଥିଲେ । ସମ୍ଭବତଃ କେଶରୀ-ବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ରକ୍ତବାହୁ ଆସିଥିଲା ଏବଂ କେତେ କାଳ ଏମାନଙ୍କ ରାଜତ୍ୱ ପରେ ପୁନର୍ବାର କେଶରୀବଂଶୀୟମାନେ ରାଜତ୍ୱ କଲେ । ଭୁବନେଶ୍ୱର ଲିପି ଦେଖି ଅନ୍ତର ଏପରି ମନେ ହୁଏ ।

ହଣ୍ଟର ସାହେବ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱକାଳ ଖ୍ରୀଷ୍ଟାବ୍ଦ ୪୭୪—୧୧୩୨ ପର୍ଯ୍ୟନ୍ତ ଅର୍ଥାତ୍ ୬୫୮ ବର୍ଷ ବୋଲି ସ୍ଥିର କରି ଯାଇଛନ୍ତି । ମାତ୍ର ମାଦଳାପାଞ୍ଜିରେ ଦେଖାଯାଏ ଯେ ୧୦୨୩ ବର୍ଷ ରାଜତ୍ୱ କରିଥିଲେ ।

ଆମ୍ଭେ ପୂର୍ବେ କହିଥିଲୁଁ ଯେ ଖ୍ରୀଷ୍ଟପୂର୍ବ ୮୯ରେ ଯବନମାନଙ୍କ ରାଜତ୍ୱ ଆରମ୍ଭ ହୋଇଥିଲା । ଏଣେ ଗଙ୍ଗବଂଶର ରାଜତ୍ୱ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଚୁଡ଼ଗଙ୍ଗଦେବଙ୍କ ରାଜତ୍ୱ ଯେତେ ବେଶି ହେଲେ ମଧ୍ୟ ୯୯୨ ଶକାବ୍ଦ ବା ୧୦୭୦ ଖ୍ରୀଷ୍ଟାବ୍ଦରୁ ଅଧିକ ପଛକୁ ଯିବ ନାହିଁ । ସୁତରାଂ ୮୯ ଖ୍ରୀଷ୍ଟପୂର୍ବଠାରୁ ୧୦୭୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୧୫୯ ବର୍ଷ ମଧ୍ୟରୁ ଯବନବଂଶୀୟମାନଙ୍କ ରାଜତ୍ୱକାଳ ୧୪୬ ବର୍ଷ ବାଦ୍ ଦେଲେ କେଶରୀବଂଶୀୟମାନଙ୍କ ରାଜତ୍ୱକାଳ ୧୦୧୩ ବର୍ଷ ହେଉଛି । ସମ୍ଭବତଃ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱକାଳ ମଧ୍ୟରେ ଯବନାକ୍ରମଣ ଘଟିଥିଲା ।

ସୋମବଂଶୀୟ ରାଜାମାନଙ୍କ ତାଲିକାରେ ଯେଉଁମାନଙ୍କ ନାମ ଉଲ୍ଲେଖ ଅଛି, ସେଥିମଧ୍ୟରୁ ଅଧିକାଂଶ କେଶରୀବଂଶୀୟ ଥିବାର ବୋଧ ହୁଏ । ସୋମବଂଶ ଓ ଚନ୍ଦ୍ରବଂଶ ଏକକଥା ।

ହଣ୍ଟର ସାହେବ ଓ ମାଦଳାପାଞ୍ଜି ଲେଖକମାନେ ନୃପକେଶରୀ ନାମକ ରାଜାଙ୍କ ନାମ ସୋମବଂଶ ତାଲିକାରେ ଉଲ୍ଲେଖ କରିଛନ୍ତି । ପୁନଶ୍ଚ କେଶରୀବଂଶ ତାଲିକାରେ ନୃପକେଶରୀ ନାମ ଅଛି । ଶରଣଙ୍କ କେଶରୀଙ୍କ ନାମ ( ଶଙ୍କର କେଶରୀ ) କେଶରୀବଂଶ ମଧ୍ୟରେ ଦେଖାଯାଏ, ଏଠି ସୋମବଂଶ ତାଲିକାରେ ଦେଖାଯାଏ । ମାତ୍ର ହଣ୍ଟର ସାହେବ ଏହାଙ୍କ ନାମ କେଶରୀବଂଶ ମଧ୍ୟରେ ଦେଇ ନାହାନ୍ତି । ଏହିପରି ମେଳ କରି ଦେଖିଲେ ଜଣାଯାଏ ଯେ କେଶରୀବଂଶର ଅନେକ ରାଜା ସୋମବଂଶ ତାଲିକାଭୁକ୍ତ ହୋଇଛନ୍ତି । ବହୁକାଳର କଥା କାଳକ୍ରମେ ବିପର୍ଯ୍ୟୟ ଘଟିବା ଅସମ୍ଭବ ନୁହେଁ । ସୁତରାଂ କେଶରୀବଂଶୀୟ-ମାନଙ୍କ ରାଜତ୍ୱ ଯେ ୧୦୦୦ ବର୍ଷରୁ ଊର୍ଦ୍ଧ୍ୱ ଥିଲା, ଏହା ଅସମ୍ଭବ ନୁହେଁ । ଯଯାତିକେଶରୀ ସମ୍ଭବତଃ ଆପଣା ପିତୃପିତାମହଙ୍କ ହରାଇଥିବା ରାଜସିଂହାସନ ପୁନରୁଦ୍ଧାର କରିଥିଲେ ।

କେଉଁ ରାଜା କେଉଁ ସମୟଠାରୁ କେଉଁ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏ କଥା ସ୍ଥିର କରିବା ବର୍ତ୍ତମାନ ଜଟିଳ ବ୍ୟାପାର । ଅନ୍ୟ କୌଣସି ଲିପି ପ୍ରଭୃତିରୁ କେଉଁ ରାଜାଙ୍କ ଅମଳର କାର୍ଯ୍ୟ କେଉଁ ସମୟର, ଏକଥା ସ୍ଥିରରୂପେ ଜଣାପଡ଼ିଲେ ସେ ରାଜାଙ୍କ ସମୟ ନିଶ୍ଚୟ କରି କୁହାଯାଇପାରେ । ଅନ୍ୟ ରାଜାମାନଙ୍କ ରାଜତ୍ୱ ସମୟରେ ଯେଉଁ କାର୍ଯ୍ୟମାନ ହୋଇଥିଲା ତହିଁର ନିର୍ଦ୍ଦିଷ୍ଟ ତାଲିକା ମିଳନାହିଁ ।

ଲଲାଟେନ୍ଦୁକେଶରୀଙ୍କ ରାଜତ୍ୱ ସମୟ ନିଃସନ୍ଦେହରୂପେ କୁହାଯାଇପାରେ । ଭୁବନେଶ୍ୱର ମନ୍ଦିରର ତୋରଣ ଲିପି ଦେଉଳ ନିର୍ମାଣ ସମୟର ଲିପି । ସେଥିରୁ ଜଣାଯାଏ—

ଗଜାଷ୍ଟ ଶ୍ରୁମିତେ ଜାତେ ଶକାବ୍ଦେ କୃତ୍ତିବାସସଃ
ପ୍ରାସାଦ ମକରୋତ୍ ରାଜା ଲଲାଟେନ୍ଦୁ କେଶରୀ ।

ଏଥିରୁ ଜଣାଯାଏ କୋଡ ୫୮୮ ରେ ଲଲାଟେନ୍ଦୁ କେଶରୀ ଦେଉଳ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ । ମାଦଳାପାଞ୍ଜିରୁ ଜଣାଯାଏ ଲଲାଟେନ୍ଦୁକେଶରୀଙ୍କ ୪୩ ଅଙ୍କରେ ଭୁବନେଶ୍ୱର ଦେଉଳ ପ୍ରତିଷ୍ଠା ହେଲା । ସେ ୫୪ ଅଙ୍କରେ ୪୪ ବର୍ଷ ରାଜତ୍ୱ କରିଥିବା କଥିତ ମାଦଳାରେ ଲେଖାଅଛି । ଅର୍ଥାତ୍ ତାଙ୍କର ୩୫ ବର୍ଷ ରାଜତ୍ୱ ବେଳେ ଦେଉଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଅତଏବ ୫୫୩ କୋଡ ବା ୬୩୮ ଖ୍ରୀଷ୍ଟାବ୍ଦରେ ଲଲାଟେନ୍ଦୁକେଶରୀ ରାଜସିଂହାସନାରୋହଣ କରିଥିଲେ ।

ଏହାଙ୍କ ପୂର୍ବବର୍ତ୍ତୀ ରାଜା କିଏ ? ଏ ସମ୍ବନ୍ଧରେ ମାଦଳାରୁ ଯାହା କିଛି ମିଳେ, ତାହା କେବଳ ଏହି ଯେ ଲଲାଟଙ୍କ ପୂର୍ବ ଦୁଇ ତିନି ରାଜାଙ୍କ ଅମଳରୁ ଦେଉଳ ନିର୍ମାଣ କାର୍ଯ୍ୟ ଚାଲିଥିଲା । ଅନନ୍ତକେଶରୀ, ସୂର୍ଯ୍ୟକେଶରୀ ଓ ଯଯାତିକେଶରୀମାନଙ୍କ ଅମଳରୁ ଦେଉଳ ନିର୍ମାଣ କାର୍ଯ୍ୟ ଲାଗିବାର ସୂଚନା ମିଳେ । ଯଯାତିକେଶରୀ ଭୁବନେଶ୍ୱର ଦେଉଳ କେବଳ ଶୁଦ୍ଧ କରିବା କଥା ଲିଖିତ ଅଛି । ଏମାନଙ୍କ ରାଜତ୍ୱକାଳ ସମ୍ବନ୍ଧେ ସ୍ଥର୍ଲିଙ୍ଗ ସାହେବ ଲେଖନ୍ତି, ଯଯାତି-କେଶରୀ ୫୨ ବର୍ଷ, ଅନନ୍ତକେଶରୀ ୪୦ ବର୍ଷ, ସୂର୍ଯ୍ୟକେଶରୀ ୫୭ ବର୍ଷ ରାଜତ୍ୱ କରିଥିଲେ । ଏ ହିସାବ ପାଞ୍ଜି ସହିତ ସମ୍ପୂର୍ଣ୍ଣ ଅମେଳ । ମାଦଳାପାଞ୍ଜିରୁ ଜଣାଯାଏ ଯଯାତିକେଶରୀ ୫୬ ଅଙ୍କରେ ୪୬ ବର୍ଷ, ସୂର୍ଯ୍ୟକେଶରୀ ୨୩ ଅଙ୍କରେ ୧୯ ବର୍ଷ, ଅନନ୍ତକେଶରୀ ୧୪ ଅଙ୍କରେ ୧୨ ବର୍ଷ । ସ୍ଥର୍ଲିଙ୍ଗ ସାହେବ ୫୭ ଅଙ୍କକୁ ୫୨ ବର୍ଷ ଧରିଅଛନ୍ତି; ମାତ୍ର ଏପରି ଅମେଳ ହେବା କାହିଁକି ବୁଝିପାରୁନାହୁଁ । ଏ ହିସାବରେ ଦେଖିଲେ ଯଯାତି ୫୫୨ ଖ୍ରୀଷ୍ଟାବ୍ଦ ବା ୪୭୪ ଶକାବ୍ଦ । ଲଲାଟେନ୍ଦୁକେଶରୀଙ୍କ ସମ୍ବନ୍ଧେ ସ୍ଥର୍ଲିଙ୍ଗ ସାହେବ ଦେହେ ପ୍ରମାଦ ଘଟାଇଛନ୍ତି । ୫୪ ଅଙ୍କ ସ୍ଥଳେ ୬୪ ବର୍ଷ ଲେଖିଛନ୍ତି । ସୁତରାଂ ଏପରି ଲେଖି ଅଧିକ ଅମେଳ ହୋଇଅଛି । ସଂଶୋଧିତ ତାଲିକା ନିମ୍ନଲିଖିତ ମତେ ହୋଇପାରେ ।

| | | | | |
|---|---|---|---|---|
| ଯଯାତି | ଖ୍ରୀ. | ୫୫୨—୫୯୮ | ଶକାବ୍ଦ | ୪୭୪—୫୨୦ |
| ସୂର୍ଯ୍ୟ | ,, | ୫୯୮—୬୧୭ | ,, | ୫୨୦—୫୩୯ |
| ଅନନ୍ତ | ,, | ୬୧୭—୬୩୮ | ,, | ୫୩୯—୫୬୦ |
| ଲଲାଟ | ,, | ୬୩୮—୬୭୫ | ,, | ୫୬୦—୫୯୭ |

ଯଯାତିକେଶରୀ କେଉଁ ଶତାବ୍ଦୀର ଲୋକ ଏ ସମ୍ବନ୍ଧେ ନାନା ମତଭେଦ ଦେଖାଯାଏ ।

ମନମୋହନ ଗାଙ୍ଗୁଲି ପ୍ରମୁଖ ପ୍ରତ୍ନତତ୍ତ୍ୱବିତ୍ ମହାଶୟମାନଙ୍କ ମତରେ ଯଯାତି ୯ମ ଶତାବ୍ଦୀର ଲୋକ ଥିଲେ । ସେମାନଙ୍କ ସିଦ୍ଧାନ୍ତ ନିମ୍ନଲିଖିତ ପରି ମନେହୁଏ । ଯଯାତିଙ୍କ ଅନ୍ୟ ନାମ ମହାଶିବଗୁପ୍ତ ଓ ଜନମେଜୟଙ୍କ ଅନ୍ୟ ନାମ ମହାଭବଗୁପ୍ତ ବୋଲି ସେ ମହାଶୟ ସ୍ଥିର କରନ୍ତି । ଯଯାତି ଓ ଜନମେଜୟ ଚନ୍ଦ୍ରବଂଶୀୟ ଶୈବ ଥିବା ତାମ୍ର ଫଳକ ଲିପିରୁ ପ୍ରମାଣିତ ହୁଏ । ତାମ୍ରପତ୍ରରୁ ଜଣାଯାଏ, ଯଯାତି ଓଡ଼ିଶାର କଟକ ସାମନ୍ତ ରାଜାଙ୍କ ପୁତ୍ର ଥିଲେ । ସେହି ସାମନ୍ତ ରାଜାଙ୍କ ନାମ ଜନମେଜୟ ଥିଲା । ଏ ପ୍ରମାଣ ଦୃଷ୍ଟିରୁ ଯଯାତି ସୂର୍ଯ୍ୟବଂଶୀୟ ହେବେ କିପରି ?

ବିଶ୍ୱକୋଷ ୪୦୮ ପୃଷ୍ଠାରେ ଲିଖିତ ଅଛି ଯେ ଗୁପ୍ତବଂଶୀୟମାନଙ୍କ ମଧ୍ୟରୁ ଏକ ଦଶ ରାଜଚକ୍ରବର୍ତ୍ତୀ ଥିଲେ । ସେମାନେ ୪ର୍ଥ ଶତାବ୍ଦୀରୁ ୫୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେମାନଙ୍କ ନାମ, ଯଥା—୧ମ ଚନ୍ଦ୍ରଗୁପ୍ତ, ସମୁଦ୍ରଗୁପ୍ତ, ୨ୟ ଚନ୍ଦ୍ରଗୁପ୍ତ, ୧ମ କୁମାରଗୁପ୍ତ, ସ୍କନ୍ଦଗୁପ୍ତ, ପୁରଗୁପ୍ତ, ନରସିଂହଗୁପ୍ତ, ୨ୟ କୁମାରଗୁପ୍ତ । ଯଶୋଧର୍ମ ୨ୟ କୁମାରଗୁପ୍ତଙ୍କୁ ପରାସ୍ତ କଲେ । ସୁତରାଂ ୨ୟ କୁମାରଗୁପ୍ତ ଏ ବଂଶର ଶେଷ ନରପତି ।

ଯଯାତି ୬୮୨ ଖ୍ରୀଷ୍ଟାବ୍ଦରୁ ରାଜତ୍ୱ କରୁଥିବାର ଉପରେ ଲେଖିଅଛୁଁ । ସୁତରାଂ ତେତେବେଳକୁ ୧ମ ଗୁପ୍ତବଂଶୀୟମାନଙ୍କ ରାଜତ୍ୱ ଶେଷ ହୋଇଥିଲା । ବିଶ୍ୱକୋଷରୁ ଜଣାଯାଏ ଗୁପ୍ତରାଜାମାନଙ୍କ ପରେ ଦକ୍ଷିଣ-କୋଶଳରେ ଶିବଗୁପ୍ତ, ମହାଭବଗୁପ୍ତ ପ୍ରଭୃତି କେତେ ଜଣ ରାଜା ରାଜତ୍ୱ କରୁଥିଲେ । ସମ୍ବଲପୁର, କଟକ ଓ ଶୋଣପୁରରୁ ଏମାନଙ୍କ ତାମ୍ରପଟ୍ଟ ମିଳିଅଛି । ଏମାନଙ୍କ ସମୟରେ ଓଡ଼ିଶାରେ କେଶରୀବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଶ୍ରୀପୁର ଶିଳାଲିପି ପାଠକଲେ ଜଣାଯାଏ ଗୁପ୍ତମାନେ ଶବରବଂଶୀୟ ଥିଲେ । ଶବର ଅର୍ଥ, ମୟୂରପୁଚ୍ଛ ପରିଧାନୋ ମ୍ଲେଚ୍ଛଃ କିରାତଃ ପତ୍ର ପରିଧାନୋ ଶବରଃ ( ବିଶ୍ୱକୋଷ ୨୫୦ ପୃଷ୍ଠା ) । ବ୍ରହ୍ମାଣ୍ଡପୁରାଣରୁ ଜଣାଯାଏ ଗୁପ୍ତବଂଶୀୟମାନେ ନିମ୍ନଲିଖିତ ଜନପଦମାନଙ୍କରେ ରାଜତ୍ୱ କରିଥିବେ ।

ମଥୁରାଞ୍ଚ ପୁରୀଂ ରମ୍ୟାଂ ନାଗାଭୋକ୍ଷ୍ୟନ୍ତି ସପ୍ତବୈ
ଅନୁଗଙ୍ଗା ପ୍ରୟାଗଞ୍ଚ ସାକେତଂ ମଗଧାଂ ସ୍ତଥା
ଏତାନ୍ ଜନପଦାନ୍ ସର୍ବାନ୍ ଭୋକ୍ଷ୍ୟନ୍ତେ ଗୁପ୍ତବଂଶଜାଃ ।

( ବ୍ରଃ ପୁଃ ଉପସଂହାର )

ପୂର୍ବେ କୋଶଳ ବିଷୟ ଉଲ୍ଲେଖ କରାଯାଇଅଛି । ପୃଥ୍ୱୀ ଇତିହାସ ଲେଖକ କହନ୍ତି, ଗୁପ୍ତ-ରାଜାମାନଙ୍କ ଶାସନ ସମୟରେ ଦକ୍ଷିଣ-କୋଶଳ ମହାକୋଶଳ ନାମରେ ଅଭିହିତ ହେଉଥିଲା ଏବଂ ଭବଗୁପ୍ତଙ୍କ ରାଜତ୍ୱ ସମୟରେ ଉତ୍କଳ ପ୍ରଦେଶ ମହାକୋଶଳ ଅନ୍ତର୍ଗତ ଥିଲା । ଏଥିକି ଲକ୍ଷ୍ୟକରି ଶ୍ରୀ ମନମୋହନ ବାବୁ ଅନେକଗୁଡ଼ିଏ ଅନୁମାନ କରନ୍ତି ।

୧ । ତିବରଦେବଙ୍କ ନାମ ଚନ୍ଦ୍ରଗୁପ୍ତ ହେବ ।
୨ । ଶିବଗୁପ୍ତ ମହାଶିବଗୁପ୍ତ ହେବ ।
୩ । ମହାଶିବଗୁପ୍ତ ଯଯାତି ହେବ ।
୪ । ତିବରଦେବଙ୍କ ଆନୁମାନିକ ସମୟ ୭୨୦ ଖ୍ରୀଷ୍ଟାବ୍ଦ ହେବ ।
୫ । ଜନ୍ମେଜୟ ମହାଭବଗୁପ୍ତ ହେବ ।
୬ । ବିକ୍ରମାଦିତ୍ୟ ହର୍ଷ-ବିକ୍ରମାଦିତ୍ୟ ହୋଇ ୭ମ ଶତାବ୍ଦୀର ମଧ୍ୟଭାଗରେ ରାଜତ୍ୱ କରୁଥିବେ ।

୬ । ବିକ୍ରମାଦିତ୍ୟଙ୍କ ରାଜତ୍ୱ ପରେ ଅନ୍ୟ ୬ ଜଣ ରାଜା ପ୍ରତ୍ୟେକ ୩୦ ବର୍ଷ ଲେଖାଏଁ ଅନ୍ୟୂନତଃ ୧୮୦ ବର୍ଷ ରାଜତ୍ୱ କରିଥିବେ ।

ଏତଦନୁରୂପ ଅନୁମାନ ପ୍ରକୃତ ଥିବାର ସ୍ୱୀକାର କଲେ ଯଯାତି ୯ମ ଶତାବ୍ଦୀର ଲୋକ ହେବେ ।

ଗାଙ୍ଗୁଲି ମହାଶୟଙ୍କ ପ୍ରଧାନ ପ୍ରମାଣ କଟକରୁ ପ୍ରାପ୍ତ ତାମ୍ରପଟ୍ଟ । ଏଥିରେ ମହାଶିବ-ଗୁପ୍ତଙ୍କ ନାମ ଅଛି । ଏଥିରୁ ସେ ଅନୁମାନ କରନ୍ତି ଯେ, ସେ ଯଯାତି ବ୍ୟତୀତ ଅନ୍ୟ କେହି ନୁହନ୍ତି । ଏ ତାମ୍ରପଟ୍ଟ ଗୋଟିଏ ଦାନପତ୍ର । ଏ ଦାନପତ୍ରର ସମୟ ମହାଶିବଗୁପ୍ତଙ୍କ ୯ମ ବର୍ଷ । ସୁତରାଂ ଗାଙ୍ଗୁଲି ମହାଶୟଙ୍କ ମତାନୁସାରେ ଯଯାତି ୯ମ ଶତାବ୍ଦୀର ଲୋକ ।

ପ୍ରତ୍ୟେକ ପ୍ରମାଣଗୁଡ଼ିକ ଅନୁମାନ ଗ୍ରାହ୍ୟ । ଏକାମ୍ର ପୁରାଣରେ ଲିଖିତ ଅଛି ଯେ ଲଲାଟେନ୍ଦୁକେଶରୀ ଭୁବନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ ଏବଂ ଦେଉଳ ଲିପିଦ୍ୱାରା ଏ ଜନଶ୍ରୁତି ବାର୍ତ୍ତା ପ୍ରମାଣିତ । ମାଦଳାପାଞ୍ଜି ଏ ବିଷୟର ମୁଖ୍ୟ ପ୍ରମାଣ । ଏ ସମସ୍ତ ଛାଡ଼ିଦେଇ ଯଯାତିଙ୍କୁ ନବମ ଶତାବ୍ଦୀର ଲୋକ ବୋଲି କହିବା କେବଳ ସ୍ୱମତ ପ୍ରାଧାନ୍ୟ ଦେଖାଇବା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଅଧୁନାତନ ଐତିହାସିକ ବଙ୍ଗୀୟ ଲେଖକମାନଙ୍କ ମତରେ କେଶରୀବଂଶୀୟମାନେ ଗୁପ୍ତବଂଶୀୟ ବଙ୍ଗାଳୀ, ଆଉ ସେମାନଙ୍କ ମତରେ ଗଙ୍ଗବଂଶୀୟମାନେ ବଙ୍ଗୀୟ ମାହିଷ୍ୟ ଜାତିୟ । ଏ ଦୁଇଟି କଥା ସୁପ୍ରମାଣିତ ହେଲେ ଓଡ଼ିଆଙ୍କର ଆଉ ରହିଲା କ'ଣ ? ପୁସ୍ତକ ରଚୟିତାଙ୍କର "ବଙ୍ଗର ପ୍ରାଚୀନ ଗୌରବ" ଅଧ୍ୟାୟଟି କେବଳ ଅନୁମାନ ଓ ତର୍କପୂର୍ଣ୍ଣ । ନାଳନ୍ଦା ବିଦ୍ୟାଳୟ ବଙ୍ଗୀୟମାନଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା, ବଙ୍ଗୀୟମାନେ ସିଂହଳ ବିଜୟ କରିଥିଲେ, ବୌଦ୍ଧଧର୍ମ-ପ୍ରଚାରକମାନେ ବଙ୍ଗାଳୀ ଥିଲେ ଇତ୍ୟାଦି ସ୍ୱମତର ସାହାଯ୍ୟ ପ୍ରାଚୀନ କୀର୍ତ୍ତିଗୁଡ଼ିକ ବଙ୍ଗୀୟମାନଙ୍କର ବୋଲି ଶେଷ ସିଦ୍ଧାନ୍ତ କରାଯାଇଛି । କୋଣାର୍କ ଦେଉଳ ପ୍ରଭୃତି ଉତ୍କଳର ପ୍ରାଚୀନ କୀର୍ତ୍ତିଗୁଡ଼ିକ ବଙ୍ଗୀୟମାନଙ୍କର ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିବା ଆଶ୍ଚର୍ଯ୍ୟ କ'ଣ ? ଅବଶ୍ୟ ଏପରି ଚେଷ୍ଟା ସ୍ୱଦେଶପ୍ରେମିକତାର ପୁଷ୍ଟି ପରିଚୟ ହୋଇପାରେ; ମାତ୍ର ଏହା ଏକପ୍ରକାର ସାହିତ୍ୟିକ କପଟତା ନୁହେଁ କି ? ସତ୍ୟାନୁସନ୍ଧାନ ହେଉ, ସ୍ଥାନୀୟ ଗୌରବ ନଷ୍ଟ ନ ହେଉ, ଏହାହିଁ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କର ଚେଷ୍ଟା ଓ ମୁଖ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ । ଯଦି, ଅନ୍ୟଥା, ସମ୍ଭବତଃ, କିମ୍ବା ପ୍ରଭୃତି ଶବ୍ଦ ପ୍ରୟୋଗ କରି ଯେ ସେ କଥାର ନାନାପ୍ରକାର ଯୁକ୍ତି କରାଯାଇପାରେ । ସୁତରାଂ ପ୍ରମାଣ ଅଭାବ ସ୍ଥଳେ ଏ ସମସ୍ତ ପରିତ୍ୟାଜ୍ୟ । ଅତଏବ ଉପରେ ଯେ ସମସ୍ତ ପ୍ରମାଣ ଦେଖାଇଛୁଁ ତଦ୍‌ଦୃଷ୍ଟେ ଯଯାତି ୯ମ ଶତାବ୍ଦୀର ଲୋକ ବୋଲି କପରି କୁହାଯିବ ?

କୋଶଳରେ ଯେ ଗୁପ୍ତବଂଶୀୟ ରାଜାମାନେ ରାଜତ୍ୱ କରିଥିଲେ ଏ କଥା ପୂର୍ବେ ଦେଖାଇଅଛୁଁ । ଗୁପ୍ତବଂଶୀୟମାନେ ମଗଧରେ ରାଜତ୍ୱ କରୁଥିଲେ । ମଗଧରାଜ ନାମକ

ବର୍ଣ୍ଣନାରେ ଉତ୍କଳଙ୍କ ନାମ ଦେଖାଯାଏ । କୋଶଳ ରାଜ୍ୟ ଉତ୍କଳଠାରୁ ବହୁ ଦୂରରେ ଅବସ୍ଥିତ । ଚୀନ ପରିବ୍ରାଜକ ହୁଏନ୍‌ସାଂ ଉତ୍କଳକୁ ଆସିଥିଲେ, ସେ ଯାହା ବର୍ଣ୍ଣନା କରି ଯାଇଛନ୍ତି ତହିଁରୁ ଦକ୍ଷିଣକୋଶଳ ରାଜ୍ୟର ଅବସ୍ଥା ମିଳେ । ପ୍ରତ୍ନତତ୍ତ୍ୱବିତ୍ କାନିଂହାମ ସାହେବ ପରିବ୍ରାଜକଙ୍କ ଭ୍ରମଣବୃତ୍ତାନ୍ତ ଆଲୋଚନା କରି ଲେଖିଛନ୍ତି ଯେ କଳିଙ୍ଗଠାରୁ ଉତ୍ତର-ପଶ୍ଚିମାଭିମୁଖେ ୧୮୦୦ ବା ୧୯୦୦ ଲି ଅର୍ଥାତ୍ ୩୦୦ ଠାରୁ ୩୧୭ ମାଇଲ ପଥ ଅନ୍ତରେ ହେଲେ କିଆଓ-ସା-ଲୋ ରାଜ୍ୟରେ ପ୍ରବେଶ ହେବ । ଏହି କିଆଓ-ସା-ଲୋ କୋଶଳର ନାମ ବ୍ୟତୀତ ଅନ୍ୟ କିଛି ନୁହେଁ । ଏ ହିସାବରେ ଦେଖିଲେ ଆଧୁନିକ ବେରାର ବା ଗଣ୍ଡୋୟାନ ପ୍ରଦେଶ ହୋଇଯାଉଛି । ହୁଏନ୍‌ସାଂଙ୍କ ମତରେ କୋଶଳର ପରିଧି ୬ହଜାର ଲି ବା ପ୍ରାୟ ୧୦୦୦ ମାଇଲ । କାନିଂହାମ ସାହେବ ଏହି ଦକ୍ଷିଣକୋଶଳର ରାଜଧାନୀ ଭଣ୍ଡାନକରେ ଥିବାର ଠିକ୍ କରିଥିଲେ । ପରିବ୍ରାଜକଙ୍କ ସ୍ୱରାଜ୍ୟଗମନ ବେଳେ କୋଶଳରେ ଶତବାହନ ନାମକ ଜଣେ ବୌଦ୍ଧ ରାଜତ୍ୱ କରୁଥିବାର ସେ ଦେଖିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଉତ୍କଳ କୋଶଳର ଅନ୍ତର୍ଗତ ନଥିଲା ।

ମହାଭାରତରେ "ପୂର୍ବକୋଶଳ" ନାମ ଦେଖାଯାଏ ( ସଭାପର୍ବ ୩୦ ଅଧ୍ୟାୟ ) । ପ୍ରଥିତ ଐତିହାସିକ ଲେଖକ କହନ୍ତି, ଏ ସେହି ଉଲ୍ଲିଖିତ କୋଶଳ ପାଣ୍ଡବମାନଙ୍କ ରାଜଧାନୀ ହସ୍ତିନାପୁରର ପୂର୍ବ-ଦକ୍ଷିଣାଂଶରେ । ସେ କୋଶଳ ଅବସ୍ଥିତ ଥିଲେ ମଧ୍ୟ ତାହା ଯେ ଉତ୍ତରକୋଶଳର ଦକ୍ଷିଣରେ ବିଦ୍ୟମାନ ଥିଲା, ଏଥିରେ ଅନୁମାତ୍ର ସନ୍ଦେହ ନାହିଁ । ଉତ୍ତରକୋଶଳ ଯେପରି ନାନା ଖଣ୍ଡରେ ବିଭକ୍ତ ହୋଇଥିଲା, ଦକ୍ଷିଣକୋଶଳ ମଧ୍ୟ ସେହିପରି ନାନା ଖଣ୍ଡରେ ବିଭକ୍ତ ହୋଇଥିଲା । ଉତ୍ତରକୋଶଳ, ଦକ୍ଷିଣକୋଶଳ, ପୂର୍ବକୋଶଳ ପ୍ରଭୃତି ନାମ ଏ ବିଷୟର ପରିଚାୟକ । ଏଥିରୁ ଆହୁରି ପ୍ରମାଣିତ ହେଉଛି ଯେ ଉତ୍କଳ କୋଶଳର ଅନ୍ତର୍ଗତ ନ ଥିଲା । ଗୁପ୍ତବଂଶୀୟ ରାଜାମାନେ କୋଶଳରେ ରାଜତ୍ୱ କରିଥିଲେ; ଉତ୍କଳରେ ସେମାନେ କେବେ ରାଜତ୍ୱ କରି ନ ଥିଲେ ।

ମାଦଳାପାଞ୍ଜିରେ ଗୁପ୍ତବଂଶୀୟ ରାଜାମାନଙ୍କ କଥା ଆଦୌ ଉଲ୍ଲେଖ ନାହିଁ । ଅନ୍ୟାନ୍ୟ ବୈଦେଶିକ ରାଜତ୍ୱ ବିଷୟ ଉଲ୍ଲେଖ ଥିବା ସ୍ଥଳେ ଏ କଥା ସୁପ୍ରମାଣିତ ହେଉଛି ଯେ ଉତ୍କଳ ସିଂହାସନ ଗୁପ୍ତବଂଶୀୟ ରାଜାମାନଙ୍କ ଦ୍ୱାରା ଅଳଂକୃତ ହୋଇ ନ ଥିଲା ।

ଯଦୁବାବୁ ମଧ୍ୟ ନେଡେଲୁଛି ଆଧାର ମୂଳ ଦେଇ ଲେଖିଛନ୍ତି ଯେ ଜନ୍ମେଜୟ କୋଶଳର ରାଜା ବୋଲି କେତେକ ତାମ୍ରଫଳକରୁ ଜଣାଯାଏ । ମହାନଦୀ ତୀରବର୍ତ୍ତୀ ପ୍ରଦେଶ ପୂର୍ବେ ପ୍ରାଚ୍ୟ କୋଶଳ ବୋଲି ଉଲ୍ଲିଖିତ ହେଉଥିଲା । ଅନ୍ୟ ଏକ ତାମ୍ରଫଳକରୁ ଜଣାଯାଏ ଯେ ଯଯାତି ଜନ୍ମେଜୟଙ୍କ ପୁତ୍ର । ସେହି ଜନ୍ମେଜୟଙ୍କର ପ୍ରାଚ୍ୟ କୋଶଳ ପ୍ରଦେଶାନ୍ତର୍ଗତ 'ସୁଭାର' ନାମକ ନଗର ରାଜଧାନୀ ଥିଲା । ପରେ ଯଯାତି ପାଟଣା ( ବର୍ତ୍ତମାନ ସମ୍ବଲପୁର ) ସମୀପେ ରାଜଧାନୀ ସ୍ଥାପନ କଲେ । ସେହି ବାବୁଙ୍କ ଇତିହାସରୁ

ଦେଖାଯାଏ ଯେ ୪ର୍ଥ ଶତାବ୍ଦୀରେ ଗୁପ୍ତବଂଶୀୟ ରାଜାମାନେ ଦୋଆବ ପ୍ରଦେଶରେ ପ୍ରାଦୁର୍ଭୂତ ହୋଇଥିଲେ । କ୍ରମଶଃ ସେମାନେ ମହାପ୍ରତାପ ପ୍ରଭୃତି ଭାରତବର୍ଷର ଭିନ୍ନ ଭିନ୍ନ ଅନେକ ପ୍ରଦେଶରେ ଅଧିକାର ବିସ୍ତାର କରିଥିଲେ । ଅବଶେଷରେ ମଗଧ ଦେଶର ଆନ୍ଧ୍ରବଂଶୀୟ ରାଜାମାନେ ହୀନବଳ ହୋଇପଡ଼ିବାରୁ ଏତଦନ୍ତେ କୌଣସି ଗୁପ୍ତବଂଶୀୟ ରାଜା ମଗଧ ସିଂହାସନରେ ଅଧିଷ୍ଠିତ ହୋଇଥିଲେ । ମଗଧରେ ଗୁପ୍ତବଂଶୀୟ ରାଜାମାନେ ଅତ୍ୟନ୍ତ ପରାକ୍ରାନ୍ତ ଥିଲେ ବୋଲି ବିଦିତ ଅଛି । ସେମାନେ ଦୂରଦେଶ ଜୟ କରିବାକୁ ସୈନ୍ୟ ପ୍ରେରଣ କରିଥିଲେ । ଓଡ଼ିଶା ସେମାନଙ୍କ ଆକ୍ରମଣରୁ ମୁକ୍ତ ପାଇ ନ ଥିଲା । ଯତ୍ର ଗୁପ୍ତବଂଶୀୟ ମହାରାଜ ମହାଭବ ଗୁପ୍ତଙ୍କ ସୈନ୍ୟମାନେ କଳିଙ୍ଗଦେଶ ଜୟ କରିବା ଉଦ୍ଦେଶ୍ୟରେ ଆସିଲାରୁ କୋଶଳରାଜ ଜନ୍ମେଜୟଦେବ ତାଙ୍କ ଅଧୀନତା ସ୍ୱୀକାର କରିଥିଲେ । ଏହି ମହାଭବ ଗୁପ୍ତ ଓ ଅନ୍ୟାନ୍ୟ ଗୁପ୍ତ ରାଜାମାନେ ଆପଣାକୁ ତ୍ରିକଳିଙ୍ଗାଧିପତି ବୋଲି ଘୋଷଣା କରିଥିଲେ । ଅନ୍ୟ କେତେକ ତାମ୍ରଫଳକରୁ ଜଣାଯାଏ, ସେମାନେ ଶୈବ ଥିଲେ । ବ୍ରାହ୍ମଣମାନଙ୍କୁ ବହୁତ ନଗର ଓ ପ୍ରଚୁର ଭୂମି ଦାନ ଦେଇଥିଲେ ।

ପୁନଶ୍ଚ ଆର୍ଯ୍ୟ ମହାଶୟ କହନ୍ତି ଯେ, ମହାଭବଗୁପ୍ତ ଏ ଦେଶ ଅଧିକାର କରିବା ପରେ ତାଙ୍କ ଉତ୍ତରାଧିକାରୀ ଶିବଗୁପ୍ତ ପ୍ରଭୃତି ଏ ଦେଶରେ ଶାସନ କରୁଥିଲେ । ଏପରି ଅନୁମାନ କରିବାର କାରଣ ଏହି ଯେ ଜନ୍ମେଜୟ ଓ ଯଯାତି ଓଡ଼ିଶା ଶାସନ କରୁଥିଲେ ସତ; କିନ୍ତୁ ଗୁପ୍ତବଂଶୀୟ ରାଜାମାନଙ୍କ ଅଧୀନରେ । ଦାନପତ୍ରମାନ କେବଳ ଗୁପ୍ତରାଜାମାନଙ୍କ ନାମରେ ହୋଇଥିଲା । ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ କାବ୍ୟକଣ୍ଠ ତାଙ୍କ "ଜଗନ୍ନାଥ ମନ୍ଦିର" ନାମକ ପୁସ୍ତକରେ ଏ ବିଷୟରେ ପ୍ରତିବାଦ କରି ସିଦ୍ଧାନ୍ତ କରିଛନ୍ତି ଯେ ମହାଭବ-ଗୁପ୍ତ ମାଣ୍ଡଳୀୟ ରାଜାମାନଙ୍କର ଅନ୍ତର୍ଗତ ଥିଲେ । ତାଙ୍କର ପ୍ରମାଣ ସ୍ୱରୂପ ସେ ମହାଶୟ କହନ୍ତି ଯେ, ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ମଗଧ ବ୍ୟତୀତ ଏ ଦେଶର ଅନ୍ତର୍ବର୍ତ୍ତୀ କୌଣସି ସ୍ଥାନରେ ଗୁପ୍ତବଂଶୀୟ ରାଜାମାନେ ପରାକ୍ରମୀ ନ ଥିଲେ । ବୌଦ୍ଧଧର୍ମ ପ୍ରାଦୁର୍ଭୂତ ହେବା ସମୟରୁ କଳିଙ୍ଗକୁ ଆସିବାର ପଥ ଦୁର୍ଗମ ଥିଲା । ଗୁପ୍ତରାଜାମାନେ ଶୈବ ଥିଲେ । ପଣ୍ଡିତ ମହାଶୟଙ୍କ ମତରେ ଉତ୍କଳୀୟ ଯଯାତି ଉପରୋକ୍ତ ଲେଖକମାନଙ୍କ ଯଯାତି ଓ ଜନ୍ମେଜୟ ନୁହନ୍ତି ।

କଟିଙ୍ଗାରେ ପ୍ରାଚୀନ କାଳରେ ଜନ୍ମେଜୟ ନାମକ ପ୍ରାଚୀନ ରାଜା ଥାଇପାରନ୍ତି । ସେ ଗୁପ୍ତାଧିପଙ୍କ ହୋଇପାରିଥାନ୍ତି, ସେ ତ୍ରିକଳିଙ୍ଗ ବିଜୟୀ ହୋଇପାରିଥାନ୍ତି । କୋଶଳ ଓ ଉତ୍କଳ ଜୟ କଲେ ସେ ତ୍ରିକଳିଙ୍ଗାଧିପ ହେବ, ତାହା ନୁହେଁ । ଓଡ଼ିଶା ଭାରତର ଅନ୍ୟାନ୍ୟ ଅଧିକାଂଶ ପ୍ରଦେଶାପେକ୍ଷା ପ୍ରାଚୀନ ବୋଲି ପାଶ୍ଚାତ୍ୟ ସ୍ୱୀକାର କରନ୍ତି । ସୁତରାଂ ଯଯାତି ବା ଜନ୍ମେଜୟ ଲେଖକମାନଙ୍କ ଯଯାତି ଓ ଜନ୍ମେଜୟ ନୁହନ୍ତି । ସେ ଅଞ୍ଚଳର ଜଣେ ସାମନ୍ତ ରାଜା ଥିଲେ । ସେ ନବମ ଶତାବ୍ଦୀର ଲୋକ ନୁହନ୍ତି । ମାଦଳାପାଞ୍ଜିରୁ ଜଣାଯାଏ ଯେ

ଓଡ଼ିଶାକୁ ସ୍ୱାଧୀନ କରି ରାଜଚକ୍ରବର୍ତ୍ତୀ ହୋଇଥିଲେ । ତାମ୍ରପଟ୍ଟରେ ଜନ୍ମେଜୟ ଆପଣାକୁ କଣ୍ଢିମା ରାଜା ବୋଲି ହିନ୍ଦୁ ପଣ୍ଡିତମାନେ ଦେଇଛନ୍ତି ଏବଂ ତାଙ୍କ ରାଜତ୍ୱ ସମୟ ଯୁଧିଷ୍ଠିରଙ୍କ ଶକାବ୍ଦର ୭୮୮ ଅବ୍ଦ ବୋଲି ଉଲ୍ଲେଖ ଅଛି । କିନ୍ତୁ ଆଧୁନିକ ପଣ୍ଡିତମାନେ ଆପଣା କଳ୍ପିତ ମୁଦ୍ରାଙ୍କ ଯେ ସମସ୍ତ ଭ୍ରମ ଆଧାର ସ୍ଥିର କରି କହନ୍ତି ଯେ, ତାହା ଦାକ୍ଷିଣାତ୍ୟ ପ୍ରଚଳିତ ଶକାବ୍ଦ, ଏବଂ ଯଯାତି ୯ମ ଶତାବ୍ଦୀର ଲୋକ ।

କଣ୍ଢିମାର ଅର୍ଥ କଅଣ ଜଣାଯାଉଛି, ସେଥିକୁ ! ଚୌଦ୍ୱାରର ଅରଣ୍ୟପଥରେ ପ୍ରଦେଶ ସୀମାନ୍ତବର୍ତ୍ତୀ କଣ୍ଢିମା; ତା ନ ହେଲେ ତାମ୍ରପଟ୍ଟ ଲିଖିତ ଜନ୍ମେଜୟ ଓଡ଼ିଶାର କଣ୍ଢିମଜୟ ହେବେ କପରି ?

ଏଥିରୁ ଦେଖାଯାଏ ଯେ ଚଂଶୁବାବୁଙ୍କ ମତରେ ଯଯାତି ଗୁପ୍ତବଂଶୀୟ ରାଜାମାନଙ୍କ ଅଧୀନତା ସ୍ୱୀକାର କରିଥିଲେ । ମନମୋହନବାବୁଙ୍କ ମତରେ ଯଯାତି ଓ ଜନ୍ମେଜୟମାନଙ୍କ ନାମ ମୁଦ୍ରାମାନଙ୍କର ଅପର ନାମ ମାତ୍ର । ଏହିପରି ମତଭେଦସ୍ଥଳେ ଯଯାତିଙ୍କୁ ୯ମ ଶତାବ୍ଦୀର ଲୋକ ବୋଲି କୁହାଯାଇ ନପାରେ ।

ସେମାନ ସ୍ଥିର କରିବା ପୂର୍ବେ ମାଦଳାପାଞ୍ଜି ଲିଖିତ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟର ପ୍ରଧାନ ଘଟଣାବଳୀ ନିମ୍ନରେ ଉଦ୍ଧାର କରି ଦେଲୁଁ ।

ଯଯାତିକେଶରୀ—ପ୍ରଥମେ ଯାଜପୁରଠାରେ କଟକ ସ୍ଥାପନ କରି ବାସ କରୁଥିଲେ । ଏହାଙ୍କ ରାଜତ୍ୱର ୨ ଅଙ୍କରେ ମୋଗଲମାନେ ଓଡ଼ିଶାରୁ ପଳାଇନ କଲେ । ୧୧ ଅଙ୍କ ଶୁକ୍ଳ-ଦ୍ୱାଦଶୀ ଦିନ ପୁରୁଷୋତ୍ତମକ୍ଷେତ୍ରରେ ପ୍ରବେଶ ହେଲେ, ପୁରୁଷୋତ୍ତମକ୍ଷେତ୍ର ଲୋକମାନଙ୍କୁ ପରମେଶ୍ୱରଙ୍କ କଥା ପ୍ରଶ୍ନ କଲେ । ତେଣୁ ଅନୁସନ୍ଧାନ ପରେ ଜାଣିଲେ ଯେ ଠାକୁରମାନେ ସମ୍ବଲପୁରଠାରେ ପାତାଳୀ ହୋଇଛନ୍ତି । ପରେ ରାଜା ସମ୍ବଲପୁରକୁ ଗଲେ । ଅନୁସନ୍ଧାନରେ ଜାଣିଲେ ଯେ ୧୪୪ ବର୍ଷ ହେଲା ଠାକୁର ପାତାଳୀ ହୋଇଛନ୍ତି । ଉକ୍ତ ଶଙ୍ଖମୂଳ ଖୋଳା-ହେବାରୁ ଠାକୁରେ ବାହାରିଲେ । ମହାସମାରୋହରେ ଠାକୁରମାନେ ପୁରୁଷୋତ୍ତମ ଆଇଲେ । ବଡ଼ଦେଉଳ ନିର୍ମିତ ହେଲା । ଠାକୁର ସିଂହାସନରେ ବସିଲେ । ମହାପ୍ରସାଦ ହେଲା । ଦେଉଳର ଉଚ୍ଚତା ୩୮ ହାତ । ୧୩ ଅଙ୍କ ଭାଦ୍ରବ ଦ ୨୫ ଦିନ ଠାକୁରମାନେ ଦେଉଳରେ ବସେ କଲେ । ଭିମଲାଙ୍କ ଦେଉଳ ୫୮ ହାତ ଉଚ୍ଚରେ ନିର୍ମିତ ହେଲା । ଏ ରାଜା ଭୁବନେଶ୍ୱର ଦେଉଳ ମୂଳ ଦେଲେ । ଯାଜପୁର ଏହାଙ୍କ ରାଜଧାନୀ ଥିଲା ।

ସୂର୍ଯ୍ୟକେଶରୀ—ଭୁବନେଶ୍ୱର ଦେଉଳ ତୋଳାଇଲେ ।

ଅନନ୍ତକେଶରୀ—ଭୁବନେଶ୍ୱର ଦେଉଳ ତୋଳାଇଲେ ।

ଲଲାଟକେଶରୀ—ଏହାଙ୍କ ୪୩ ଅଙ୍କରେ ଭୁବନେଶ୍ୱର ଦେଉଳ ଶେଷ କାର୍ଯ୍ୟ ସମାପ୍ତ ହେଲା । ଏ ଭୁବନେଶ୍ୱରରେ ୨ ଲକ୍ଷ ୪୨ ଘର ବସାଇଲେ । ଯାତ୍ରା ଦର୍ଶନ ଆରମ୍ଭ କଲେ । ୫ ଅଙ୍କରେ ପୁରୀର ଦେଉଳ ଆରମ୍ଭ କଲେ ।

ବୁଦ୍ଧକେଶରୀ—ପୁଣି ବଡ଼ଦେଉଳର ଜୀର୍ଣ୍ଣସଂସ୍କାର କରାଇଲେ ।

ଗନ୍ଧକେଶରୀ—ଏ ରାଜା ଭୂମି ବାଟିବା ଦର * ବ୍ରାହ୍ମଣ କରଣଙ୍କ ଧାର୍ଯ୍ୟ କଲେ ।

* ଏଙ୍କ ଭୁଲ ଏ ୨୮ ନ ଜଗନ୍ନାଥଙ୍କ ବାଲ୍ୟରୂପ ସ୍ଥାପନ କଲେ ।

କୋଶଳକେଶରୀ—ପୁଣି ମାର୍କଣ୍ଡେଶ୍ୱରଙ୍କ ଦେଉଳ ତୋଳାଇଥିଲେ ଏବଂ ମାର୍କଣ୍ଡ ପୁଷ୍କରିଣୀ ବନ୍ଧାଇଣ ପଥର ପାବଚ୍ଛ କରାଇଥିଲେ ।

ନୃପକେଶରୀ—କଟକ ମୂଳ କରିଥିଲେ । ମହାନଦୀ ଧାରରେ କଟକ ବସାଇଥିଲେ ଏବଂ ବାରବାଟୀ ତୋଳାଇଥିଲେ ।

ମକରକେଶରୀ—ଏ ରାଜା ବଡ଼ ପୁଣ୍ୟ ଥିଲେ । କାଠଯୋଡ଼ି ବନ୍ଧ ପ୍ରସ୍ତୁତ କରାଇଥିଲେ ।

ନରସିଂହକେଶରୀ—ବାଲିଅନ୍ତାଠାରେ ପଥରକୋଠ କରାଇଥିଲେ ।

ମତ୍ସ୍ୟକେଶରୀ—ବରୁଣନାଥ ଦେଉଳ ତୋଳାଇଥିଲେ । ବନ୍ଧ ଗୁହ୍ୟ ତୋଳାଇ ଥିଲେ । ଅଠରନଳା ନିର୍ମାଣ କରାଇଥିଲେ ।

ମାଧବକେଶରୀ—ଶ୍ୱେତଗଙ୍ଗା ମଧ୍ୟରେ ମଣିମାଧବ ଦେଉଳ ତୋଳାଇଲେ ଓ ସ.ରଣୀତଟ ବସାଇଲେ ।

ବ୍ରହ୍ମକେଶରୀ—ଜମି ମାପିବାକୁ ଏକ ବାହାଁ ଲମ୍ବର ନଳ ବସାଇଲେ ।

ସୁରଜନ(ସୁରଞ୍ଜନ)କେଶରୀ—ଅର୍କକ୍ଷେତ୍ରରେ କୋଣାର୍କ ଦେବଙ୍କ ଦେଉଳ ତୋଳାଇଲେ ଏବଂ ୮ ଶାସନ ବସାଇଲେ ।

ଚନ୍ଦ୍ରକଳାକେଶରୀ—ଏ ମହେଶ୍ୱର ଅବତାର ଥିଲେ । ଏହାଙ୍କ ରାଣୀ କୋଳାବତୀ ପାଟମହାଦେଈ କୃତ୍ତିବାସ ଭୁବନେଶ୍ୱରଙ୍କ ଦେଉଳ ତୋଳାଇଥିଲେ ଏବଂ ବ୍ରହ୍ମେଶ୍ୱରଙ୍କ ଦେଉଳ ତୋଳାଇଥିଲେ ।

କର୍ଣ୍ଣକେଶରୀ—ଏ କର୍ଣ୍ଣଦ୍ୱାରର ପୋଖରୀ ଖୋଳାଇଥିଲେ ।

ଶରଣାକେଶରୀ—ଏ ଶରଣା ପୋଖରୀ ଖୋଳାଇଥିଲେ ।

ଶିଶୁପାଳକେଶରୀ—ଏ ଶିଶୁପାଳଗଡ଼ ଚାରି କଟକ କରି ରହିଲେ ।

ଧର୍ମକେଶରୀ—ଏହାଙ୍କ ଅମଳରେ ରାଣୀକୋଳାବତୀ ପୁଷ୍କରିଣୀ ଖୋଳା-ଇଥିଲେ । ଏ ପୁଷ୍କରିଣୀ ଚାରିପାଖରେ ଶହ ସାତ ବସାଇ ମଧ୍ୟରେ ବାରବାଟୀ ପାଠଶାଳା କରାଇଥିଲେ ।

ସିଂହେଶ୍ୱରଦେବଙ୍କ—ଏ ବହୁ ଅଧର୍ମାଚରଣ କଲେ । ବ୍ରାହ୍ମଣ ବାସୁଦେବ ରଥଙ୍କଠାରୁ ତାଙ୍କ ଗ୍ରହଣ କଲାପରେ ସେଥିରୁ ଭୂମିକୁ ଅନ୍ୟ ଜଣେ ପଠାଣକୁ ଲେଖିଦେଲେ । ବ୍ରାହ୍ମଣ ଏ କଥା ଜାଣିପାରି ରାଜାଙ୍କ ଛାମୁରେ ଗୁହାରି କରନ୍ତେ ସେ କଣ୍ଠ ଚିହ୍ନ ନ କରି ଆଜ୍ଞା ଦେଲେ "ତୁ ଜାଣୁ, ପଠାଣ ଜାଣେ" । ବ୍ରାହ୍ମଣ ଏ କଥା ଶୁଣି ପ୍ରଚଣ୍ଡ ରାଗ ହୋଇ ଘରକୁ ଗଲା ଏବଂ ଭୁବନେଶ୍ୱରଙ୍କଠାରେ ଲୁହାଣ୍ଡିଆ ପଡ଼ି କେତେକ ଦିନ ଉପରେ ବର ପାଇଲା । ମହାପ୍ରଭୁ ସ୍ୱପ୍ନାଦେଶ ଦେଲେ "କେଶରୀବଂଶର ରାଜତ୍ୱ ଏଥିଠାରୁ ଶେଷ ହେବ ଏବଂ ନୂତନ ରାଜା ହେବ । ତୁ ଯାଇ ତାଙ୍କୁ ଆଣି ଗାଦିରେ ବସାଇବୁ ।"

ଏ ସମସ୍ତ ଆଲୋଚନା ପରେ ଦେଖାଯାଏ ଯେ ଯଯାତି ୭ମ ଶତାବ୍ଦୀର ଲୋକ ଥିଲେ । ସିଂହକେଶରୀ ଯଯାତିବଂଶର ଶେଷ ରାଜା ଥିଲେ । ସିଂହକେଶରୀଙ୍କ ପ୍ରକୃତ ନାମ ଶୂନ୍ୟଦେବଶର୍ମା ବା ସୁବର୍ଣ୍ଣଦେବଶର୍ମା ଥିଲା । ଏ କୁଣ୍ଡିବାଦଙ୍କ କର୍ଣ୍ଣରେ ଉପାଧ୍ୟା କରି 'ହରେଶ୍ୱର' ବୋଲି ପରିଚିତ ହେଲେ । ଏ ସିଂହେଶ୍ୱରଙ୍କୁ ଚୋଡ଼ଗଙ୍ଗଦେବ ପରାସ୍ତ କରି ଓଡ଼ିଶାର ସିଂହାସନ ଅଧିକାର କଲେ । ମାଦଳାପାଞ୍ଜିରେ ଲେଖାଅଛି ଯେ ଚୋଡ଼ଗଙ୍ଗଦେବଙ୍କ ଘର ଦକ୍ଷିଣ ରାଜ୍ୟରେ ଥିଲା ଏବଂ ତାଙ୍କ ମାତା ଗୋକର୍ଣ୍ଣେଶ୍ୱରଙ୍କ ବର ପ୍ରସାଦରୁ ତାଙ୍କୁ ଲାଭ କରିଥିଲେ । ବ୍ରାହ୍ମଣ ବାସୁଦେବ ରଥ ଦକ୍ଷିଣକୁ ଯାଇ ଦେଖିଲେ, ଚୋଡ଼ଗଙ୍ଗ ଛୋଟଛୋଟ ବାଳକମାନଙ୍କ ସହିତ ଖେଳୁଛି; ଖେଳରେ ରାଜା ହୋଇଛି । ତାହା ପାଖକୁ ଅନ୍ୟ ବାଳକଙ୍କ ଯିବାର ନିଷେଧ । ବ୍ରାହ୍ମଣ ପିଲାମାନଙ୍କୁ କହିଲେ ଯେ, ଓଡ଼ିଶାରୁ ଜଣେ ବ୍ରାହ୍ମଣ ଆସିଛନ୍ତି, ସେ ତୁମମାନଙ୍କ ରାଜାଙ୍କ ସହିତ ଦେଖା କରିବେ । ଜଣେ ବାଳକ ଚୋଡ଼ଗଙ୍ଗଙ୍କୁ ଏ ସମ୍ବାଦ ଦେଲା । ଏ ସମ୍ବାଦ ପାଇଲାରୁ ଚୋଡ଼ଗଙ୍ଗ ଉପରୁ ବସ୍ତ୍ରଖଣ୍ଡରେ ଅନ୍ୟ ଖଣ୍ଡେ ଉପରୁ ଦ୍ୱାରା ଲେଖିଦେଲା, "ଅବକାଶ ନାହିଁ, ଏବେ ଖେଳ ଲାଗିଛି ।" ଏହିପରି ୧୫ ଦିନ ଗତ ହେଲା ପରେ ସାକ୍ଷାତ ହେଲା । ବ୍ରାହ୍ମଣ ଭୁବନେଶ୍ୱରଙ୍କ ଆଜ୍ଞା ଜଣାଇଲା । ଚୋଡ଼ଗଙ୍ଗ ଏ ପ୍ରସ୍ତାବ ଶୁଣି ସମ୍ମତି ପ୍ରକାଶ କଲା । ମା' କହିଲା, "ଯିବାବେଳେ ତା ଗାଁର କଟେଇ ଧୋବଣୀ ସହିତ ସାକ୍ଷାତ କରି ଯିବୁ ।" ଚୋଡ଼ଗଙ୍ଗ କଟେଇ ଧୋବଣୀ ପାଖକୁ ଗଲେ । ଦେଖିଲେ, ସେ ଲୁଗା ସବୁ ସିଝାଇ ଗୋଟିଏ ଗୋଡ଼ ଚୁଲିରେ ଜାଳୁଛି ! ଚୋଡ଼ଗଙ୍ଗ ଡାକିଲାରୁ ଗୋଡ଼ଟିକୁ ଚୁଲିରେ ଦେଇ ଧାଇଁଆସିଲା । କହିଲା, ମା କହିଛି ମାଉସୀ ସହିତ ଦେଖା କରି ଯିବାକୁ । କଟେଇ ଧୋବଣୀ ପ୍ରଶ୍ନ କଲା, "ଖାଇଛୁ ?" ମାତ୍ର ଚୋଡ଼ଗଙ୍ଗ ନାହିଁ କଲେ । ଧୋବଣୀ କହିଲା, "ବାଡ଼ିରେ ଯେଉଁ କଦଳୀ ଅଛି ଖା ।" କଦଳୀ ଖାଇଥିବା ବେଳେ ଧୋବଣୀ ଆସି ପଚାରିଲା, "କେତେଟା ଖାଇଲୁ ?" ଚୋଡ଼ଗଙ୍ଗ ଉତ୍ତର କଲା, ୫୮ ଟି । ଧୋବଣୀ କହିଲା, "ଆଚ୍ଛା କେତେକ ହେଉ, ତୋର ମଣ୍ଡ ସିଦ୍ଧ ହେଲା, ଯା ।" ଚୋଡ଼ଗଙ୍ଗ ବାଟରେ ଆସିବା ବେଳେ ଜଣେ ଶିଅଳ ଶତ୍ରୁ ଦେଖା ହେଲା । ଶିଅଳ ତାଙ୍କୁ ଅଟକିଲାରୁ ସେ ଶିଅଳକୁ ମାରିପକାଇ ଓଡ଼ିଶାକୁ ଆସିଲେ । କନ୍ୟା ୧ମ ଦିନ କୃଷ୍ଣ ଏକାଦଶୀ ବୁଧବାର ଦିନ କଟକ ମାଡ଼ିବସିଲେ ଏବଂ ସିଂହକେଶରୀଙ୍କୁ ପରାସ୍ତ କରି ରାଜା ହେଲେ ।

ଏଣୁ କେଶରୀବଂଶ ଲୋପ ହେଲା କେବେ ? ଚୋଡ଼ଗଙ୍ଗଦେବ ରାଜତ୍ୱ କଲେ କେବେ ! ଖ୍ରୀଷ୍ଟୀୟ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟର ପ୍ରାରମ୍ଭ ସମସ୍ତ ସ୍ୱୀକୃତ ହେଲେ ଏ କଥା ଜଣା-ପଡ଼ିବ । ଏ ବିଷୟର ବିଶେଷ ଆଲୋଚନା ଗଙ୍ଗବଂଶାନୁଚରିତରେ ଲେଖାଯିବ ।

ଲଲାଟେନ୍ଦୁକେଶରୀଙ୍କ ପରେ କେଉଁ ରାଜା ପରେ କିଏ ରାଜତ୍ୱ କରିଥିଲେ ଏ କଥା ନିଶ୍ଚିତରୂପେ କୁହାଯାଇ ପାରିବ ନାହିଁ । ଯଯାତିଙ୍କ ପରେ ଯେଉଁ ରାଜାମାନେ ରାଜତ୍ୱ କରିଥିବାର ଦେଖାଯାଏ, ତନ୍ମଧ୍ୟରୁ ନିମ୍ନଲିଖିତ ରାଜାମାନେ ରାଜଶ୍ରେଣୀ ଅନ୍ତର୍ଭୁକ୍ତ ଥିବାର ଜଣାଯାଏ ।

| | |
|---|---|
| ୧ । ନୃପକେଶରୀ — ନଟ ବା ନୃପକେଶରୀ | ୧୩ ବର୍ଷ |
| ୨ । ଚଣ୍ଡ ବା ଚନ୍ଦ୍ରକେଶରୀ = ଚନ୍ଦ୍ରଦେବ | ୪୧ ବର୍ଷ |
| ୩ । ଧର୍ମକେଶରୀ — ଅର୍କଦେବ | ୧୦ ବର୍ଷ |
| ୪ । ତ୍ରିପୁରକେଶରୀ — ତ୍ରିଭୁବନଦେବ | ୧୦ ବର୍ଷ |
| ୫ । ନରସିଂହକେଶରୀ = ନରସିଂହ ବା ଶରଣାଙ୍କଦେବ | ୧୭ ବର୍ଷ |
| | ୯୧ ବର୍ଷ |

ମାଦଳାପାଞ୍ଜିରେ କେଶରୀବଂଶର ରାଜାମାନଙ୍କ ତାଲିକାରୁ ଉପରୋକ୍ତ ସମସ୍ତ ବାଦ୍ ଦେଲେ ଅନ୍ୟ ଏଗାର ଜଣ ଅଳ୍ପକାଳ ଶାସକ ହୁଏ । ନିମ୍ନରେ ତାହାର ନିଦର୍ଶନ ଦେଲୁଁ ।

| | ଅଙ୍କ | ବର୍ଷ | ଶକାବ୍ଦ |
|---|---|---|---|
| ୧ । ଯଯାତି କେଶରୀ | ୫୨ | ୪୭ | ୪୭୪–୫୨୦ |
| ୨ । ସୂର୍ଯ୍ୟ କେଶରୀ | ୨୩ | ୧୯ | ୫୨୦–୫୩୯ |
| ୩ । ଅନନ୍ତ କେଶରୀ | ୧୬ | ୧୪ | ୫୩୯–୫୫୩ |
| ୪ । ଲଲାଟ କେଶରୀ | ୬୩ | ୪୪ | ୫୫୩–୫୯୭ |
| ୫ । କନକ କେଶରୀ | ୨୯ | ୨୪ | ୫୯୭–୬୨୧ |
| ୬ । ବୀର କେଶରୀ | ୧୫ | ୧୩ | ୬୨୧–୬୩୪ |
| ୭ । ପଦ୍ମ କେଶରୀ | ୧୨ | ୧୦ | ୬୩୪–୬୪୪ |
| ୮ । ବ୍ରହ୍ମ କେଶରୀ | ୧୮ | ୧୫ | ୬୪୪–୬୫୯ |
| ୯ । ଗଜ ବା ରାଜକେଶରୀ | ୧୪ | ୧୨ | ୬୫୯–୬୭୧ |
| ୧୦ । ବସନ୍ତ କେଶରୀ | ୩ | ୨ | ୬୭୧–୬୭୩ |
| ୧୧ । କେଶବ ବା ବର୍ଦ୍ଧିତ କେଶରୀ | ୨୧ | ୧୭ | ୬୭୩–୬୯୦ |

| | | | |
|---|---|---|---|
| ୧୨ । ସରଜ କେଶରୀ | ୩୧ | ୨୫ | ୬୯୦–୭୧୫ |
| ୧୩ । ଭବ କେଶରୀ | ୨୪ | ୨୦ | ୭୧୫–୭୩୫ |
| ୧୪ । ଦାମ କେଶରୀ | ୩୨ | ୨୬ | ୭୩୫ ୭୬୧ |
| ୧୫ । କୋଶଳ କେଶରୀ | ୨୯ | ୨୪ | ୭୬୧–୭୮୫ |
| ୧୬ । ଧୃତ କେଶରୀ | ୧୨ | ୧୦ | ୭୮୫–୭୯୫ |
| ୧୭ । ବଜ୍ର କେଶରୀ | ୧୮ | ୧୫ | ୭୯୫–୮୦୦ |
| ୧୮ । ଚଣ୍ଡାଲ କେଶରୀ | ୧୭ | ୧୫ | ୮୦୦–୮୧୫ |
| ୧୯ । ମଧୁସୂଦନ କେଶରୀ | ୧୯ | ୧୬ | ୮୧୫–୮୩୧ |
| ୨୦ । ଜନ୍ମ କେଶରୀ | ୧୩ | ୧୧ | ୮୩୧–୮୪୨ |
| ୨୧ । ନୃପ କେଶରୀ | ୧୮ | ୧୫ | ୮୪୨–୮୫୭ |
| ୨୨ । ମରକତ କେଶରୀ | ୧୬ | ୨୪ | ୮୫୭–୮୭୧ |
| ୨୩ । ନୃତ୍ୟ କେଶରୀ | ୧୯ | ୧୬ | ୮୭୧–୮୮୭ |
| ୨୪ । ଭୂପାଳ କେଶରୀ | ୧୨ | ୧୦ | ୮୮୭–୮୯୭ |
| ୨୫ । ମତ୍ସ୍ୟ କେଶରୀ | ୨୦ | ୨୦ | ୮୯୭–୯୧୭ |
| ୨୬ । ମାଧବ କେଶରୀ | ୧୨ | ୧୦ | ୯୧୭–୯୨୭ |
| ୨୭ । ଗୋବିନ୍ଦ କେଶରୀ | ୧୨ | ୧୦ | ୯୨୭–୯୩୭ |
| ୨୮ । ସୁରଜ କେଶରୀ | ୧୫ | ୧୩ | ୯୩୭–୯୫୦ |
| ୨୯ । ବତ୍ସ କେଶରୀ | ୧୦ | ୯ | ୯୫୦–୯୫୯ |
| ୩୦ । ପିଙ୍ଗ କେଶରୀ | ୩ | ୨ | ୯୫୯–୯୬୧ |

ଯଯାତି କେଶରୀଙ୍କ ପୂର୍ବେ ଓଡ଼ିଶା ରକ୍ତବାହୁବଂଶୀୟମାନଙ୍କ ଅଧୀନରେ ଥିବାର ଉଲ୍ଲେଖ ଅଛି । ମାଦଳାପାଞ୍ଜିରୁ ଜଣାଯାଏ ଯେ ଚନ୍ଦ୍ରଦେବଙ୍କ ମୋଗଲମାନେ ବଧାପରେ ମାଶପଧାଣ ରାଜ୍ୟ ଭୋଗ କଲେ । ମନେ ହୁଏ ଏହି ଚନ୍ଦ୍ରଦେବ ଓ ଚଣ୍ଡକେଶରୀ ଏକ ବ୍ୟକ୍ତି । ଚନ୍ଦ୍ରଦେବ ବା ଚଣ୍ଡକେଶରୀ ୧୩ ବର୍ଷ ରାଜତ୍ୱ କରିଥିବାର ମାଦଳାପାଞ୍ଜିରେ ଲେଖାଅଛି । ଶୁଭନଦେବ ବା ଶୋଭନଦେବ ବା ସୁବର୍ଣ୍ଣକେଶରୀଙ୍କ ରାଜତ୍ୱ ୯୭ ବର୍ଷ ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । କଥିତ ଏହାଙ୍କ ୨ ଅଙ୍କରେ ରକ୍ତବାହୁ ଆସିଲେ ଏବଂ ସେ ୫ ଅଙ୍କରେ ଶ୍ରୀକ୍ଷେତ୍ର ମଣ୍ଡଳୁ ପଳାଇଯାଇଥିଲେ । ଏହାଙ୍କ ପଳାୟନ ପରେ ଚଣ୍ଡକେଶରୀ ୧୩ ବର୍ଷ ରାଜତ୍ୱ କରିଥିଲେ । ଚନ୍ଦ୍ରକେଶରୀଙ୍କ ପରେ ୧୪୬ ବର୍ଷ ଓଡ଼ିଶା ମୋଗଲ ଶାସନାଧୀନ ଥିବାର ଉଲ୍ଲେଖ ଅଛି । ସମ୍ଭବତଃ ସେହିଠାରୁ ଓଡ଼ିଶା ରାଜା ଅଧୀନ ରାଜା ହେଲେ; ସେମାନଙ୍କ ସ୍ୱାଧୀନତା ଲୋପ ହେଲା । ଓଡ଼ିଶା ରାଜାମାନେ କେବଳ ସାମନ୍ତ ରାଜା ହୋଇ ବାସ କଲେ । ପ୍ରକୃତ କେଶରୀବଂଶୀୟ ଅନ୍ୟାନ୍ୟ ରାଜାମାନେ ସ୍ୱାଧୀନତା ହରାଇ

ବାହେକଲେ । ଯଯାତି କେଶରୀ ପୁନର୍ବାର ଉତ୍କଳକୁ ସ୍ୱାଧୀନ କଲେ । ସୁତରାଂ ତାଙ୍କ ନାମ ବିଶେଷ ଖ୍ୟାତ ହେଲା । ସେ ସ୍ୱାଧୀନ ରାଜା ରୂପେ ପରିଚିତ ହେଲେ ।

ଯଯାତି ଜନମେଜୟଙ୍କ ପୁଅ ଥିବାର କଥିତ ହୁଏ ଏବଂ ସେ ସାମନ୍ତ ରାଜା ଥିବାର କଥିତ ହୁଏ । ମହାମହୋପାଧ୍ୟାୟ ସଦାଶିବ ଭାର୍ଗଣ୍ଡ ମହାଶୟ ତାଙ୍କ "ଜଗନ୍ନାଥ ମନ୍ଦିର" ନାମକ ପୁସ୍ତକରେ ଲେଖିଛନ୍ତି ଯେ ଯଯାତି ଜନମେଜୟଙ୍କ ପୁତ୍ର ଥିଲେ ଏବଂ ସେ କୋଶଳର ଜଣେ ସାମନ୍ତ ରାଜା ଥିଲେ । ଭଦ୍ରବାହୁ ପରେ ଉତ୍କଳରେ ରାଜଶକ୍ତି ବହିର୍ଭୂତ ହୋଇ ପଡ଼ିଥିଲା ଏବଂ ତାମ୍ରପଟଳକରୁ ଜଣାଯାଏ ଯେ ଯଯାତି ଉତ୍କଳର ଏକାଂଶର ରାଜା ଜନମେଜୟଙ୍କ ପୁତ୍ର ( 'ଜଗନ୍ନାଥ ମନ୍ଦିର' ୩୯ ପୃଷ୍ଠା ) । ଏ ହେତୁ ଦେଖି ମନେହୁଏ ଜନମେଜୟ କେଶରୀ ଯଯାତିଙ୍କ ପିତା ଥିଲେ । ସେ ଯଯାତିଙ୍କ ପରବର୍ତ୍ତୀ ରାଜା ବୋଲି ଯାହା ଉଲ୍ଲେଖ ଅଛି ଏବଂ ହଣ୍ଟର ସାହେବ ଯାହା ଗ୍ରହଣ କରନ୍ତି, ତାହା ଭ୍ରମମୂଳକ ବୋଲି ବୋଧହୁଏ ।

ଜନମେଜୟ କେଶରୀ ବ ୨୯ । ୩ । ୪ ରାଜତ୍ୱ କରିଥିବାର ଉଲ୍ଲେଖ ଅଛି । ମାର୍ଶ ହଣ୍ଟର ସାହେବ ତାଙ୍କ ରାଜତ୍ୱ ସମୟ ୬୫୩—୬୭୫ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୨୨ ବର୍ଷ ବୋଲି ଲେଖିଛନ୍ତି । ଅଙ୍କ ହିସାବରେ ଦେଖିଲେ ୨୨ ଅଙ୍କରେ ୨୮ ବର୍ଷ ହୋଇପାରେ । ସୁତରାଂ ଜନମେଜୟଙ୍କ ରାଜତ୍ୱ ସମୟ ଶକାବ୍ଦ ୪୫୨—୪୭୪ ଅର୍ଥାତ୍ ୫୩୦—୫୫୨ ଖ୍ରୀଷ୍ଟାବ୍ଦ । ଏ ଜନମେଜୟ ବୃହଦ୍ଭୂଷଣ ଲିପି ଲିଖିତ ଜନମେଜୟ ନୁହନ୍ତି । ବହିର୍ଭାଗମାନଙ୍କରେ ଏକ ନାମ ଭିନ୍ନ ଭିନ୍ନ ରାଜାଙ୍କର ଥାଏ । ପୁରାଣ ଅନୁଶୀଳନ କଲେ ଜଣାଯାଏ ଜନମେଜୟଙ୍କ ପୂର୍ବ ରାଜା କିଏ ଥିଲା, ଏ କଥା ଠିକଣା କରିବା ସହଜ ନୁହେଁ ।

ଯଯାତି କେଶରୀଙ୍କ ରାଜତ୍ୱ ସମୟ ୪୭୪ ଶକାବ୍ଦ ହେଲେ ଭଦ୍ରବାହୁ ବଂଶୀୟମାନେ ୩୨୮ ଶକାବ୍ଦରୁ ୪୭୪ ଶକାବ୍ଦ ପର୍ଯ୍ୟନ୍ତ ଉତ୍କଳରେ ଆଧିପତ୍ୟ କରିଥିବାର ଜଣାଯାଏ ଅର୍ଥାତ୍ ୪୦୬—୫୫୨ ଖ୍ରୀଷ୍ଟାବ୍ଦ ।

ଚଣ୍ଡ କେଶରୀ ବା ଚନ୍ଦ୍ର କେଶରୀ ଶକାବ୍ଦ ୩୧୫—୩୨୮ ପର୍ଯ୍ୟନ୍ତ ଓ ସୁବର୍ଣ୍ଣ କେଶରୀ ୩୧୧—୩୧୫ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ହିସାବରେ ଦେଖିଲେ ଆମ୍ଭ ପୂର୍ବ ୧ମ ଜନମେଜୟଙ୍କ ରାଜତ୍ୱ ସମୟରୁ ଯାହା ବର୍ଷ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୮୯ ଅବଧରୁ ୪୭୪ ଶକାବ୍ଦ ପର୍ଯ୍ୟନ୍ତ କେଶରୀବଂଶୀୟମାନେ କେତେବେଳେ ସ୍ୱାଧୀନ ରାଜା ଥିଲେ, କେତେବେଳେ ବା ପରାଧୀନ ହୋଇ ସାମନ୍ତ ରାଜା ରୂପେ ଥିଲେ; ଉତ୍କଳ କେତେବେଳେ ବାହ୍ୟ ଶତ୍ରୁଙ୍କ ଅଧୀନରେ ଥିଲା, କେତେବେଳେ ବା ସ୍ୱାଧୀନ ହୋଇଥାଏ ।

କେଶରୀବଂଶର ଯେ କେବଳ ୨୪ ଜଣ ରାଜା ଥିଲେ ତାହା ନୁହେଁ । ଉପରେ ଯେ ନାମଗୁଡ଼ିକ ଦିଆଯାଇଛି ସେଥିରୁ ଜଣାଯାଏ ଅନ୍ୟୁନ ଅନେକ ରାଜା କେଶରୀବଂଶୀୟ ଥିଲେ ।

| | | | |
|---|---|---|---|
| ୧୨ । ଭରତ କେଶରୀ | ୩୮ | ୨୫ | ୬୯୦–୭୧୫ |
| ୧୩ । ଶିବ କେଶରୀ | ୨୪ | ୨୦ | ୭୧୫–୭୩୫ |
| ୧୪ । କାମ କେଶରୀ | ୩୨ | ୨୬ | ୭୩୫ ୭୬୧ |
| ୧୫ । କୋଳେନ କେଶରୀ | ୨୯ | ୨୪ | ୭୬୧–୭୮୫ |
| ୧୬ । ଗୁଣ କେଶରୀ | ୧୨ | ୧୦ | ୭୮୫–୭୯୫ |
| ୧୭ । ବିଜୟ କେଶରୀ | ୧୮ | ୧୫ | ୭୯୫–୮୦୦ |
| ୧୮ । ଚଣ୍ଡାଳ କେଶରୀ | ୧୬ | ୧୫ | ୮୦୦–୮୧୫ |
| ୧୯ । ମଧୁସୂଦନ କେଶରୀ | ୧୯ | ୧୬ | ୮୧୫–୮୩୧ |
| ୨୦ । ଜପୁ କେଶରୀ | ୧୩ | ୧୧ | ୮୩୧–୮୪୨ |
| ୨୧ । ନୃପ କେଶରୀ | ୧୮ | ୧୫ | ୮୪୨–୮୫୭ |
| ୨୨ । ମରକତ କେଶରୀ | ୧୬ | ୨୪ | ୮୫୭–୮୭୧ |
| ୨୩ । ନୃତ୍ୟ କେଶରୀ | ୧୯ | ୧୬ | ୮୭୧–୮୮୭ |
| ୨୪ । ଭୂପାଳ କେଶରୀ | ୧୨ | ୧୦ | ୮୮୭–୮୯୭ |
| ୨୫ । ମତ୍ସ୍ୟ କେଶରୀ | ୨୦ | ୨୦ | ୮୯୭–୯୧୭ |
| ୨୬ । ମାଧବ କେଶରୀ | ୧୨ | ୧୦ | ୯୧୭–୯୨୭ |
| ୨୭ । ଗୋବିନ୍ଦ କେଶରୀ | ୧୨ | ୧୦ | ୯୨୭–୯୩୭ |
| ୨୮ । ସୁରଜ କେଶରୀ | ୧୫ | ୧୩ | ୯୩୭–୯୫୦ |
| ୨୯ । ବଦ୍ରୀ କେଶରୀ | ୧୦ | ୯ | ୯୫୦–୯୫୯ |
| ୩୦ । ସିଦ୍ଧ କେଶରୀ | ୩ | ୨ | ୯୫୯–୯୬୧ |

ଯଯାତି କେଶରୀଙ୍କ ପୂର୍ବେ ଓଡ଼ିଶା ରକ୍ତବାହୁବଂଶୀୟମାନଙ୍କ ଅଧୀନରେ ଥିବାର ଉଲ୍ଲେଖ ଅଛି । ମାଦଳାପାଞ୍ଜିରୁ ଜଣାଯାଏ ଯେ ଚନ୍ଦ୍ରଦେବଙ୍କୁ ମୋଗଲମାନେ ଯଜ୍ଞପୁରରେ ମାରିପକାଇ ରାଜ୍ୟ ଗ୍ରହଣ କଲେ । ମନେ ହୁଏ ଏହି ଚନ୍ଦ୍ରଦେବ ଓ ଚଣ୍ଡକେଶରୀ ଏକ ବ୍ୟକ୍ତି । ଚନ୍ଦ୍ରଦେବ ବା ଚଣ୍ଡକେଶରୀ ୧୩ ବର୍ଷ ରାଜତ୍ୱ କରିଥିବାର ମାଦଳାପାଞ୍ଜିରେ ଲେଖାଅଛି । ଶୁଭଙ୍କରଦେବ ବା ଶୋଭନଦେବ ବା ସୂର୍ଯ୍ୟକେଶରୀଙ୍କ ରାଜତ୍ୱ ୯୬ ବର୍ଷ ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । କିନ୍ତୁ ଏହାଙ୍କ ୨ ଅଙ୍କରେ ରକ୍ତବାହୁ ଆସିଲେ ଏବଂ ସେ ୫ ଅଙ୍କରେ ସ୍ୱାଡ଼ପଣ୍ଡ ମଧ୍ୟକୁ ପଳାଇଯାଇଥିଲେ । ଏହାଙ୍କ ପଳାୟନ ପରେ ଚଣ୍ଡକେଶରୀ ୧୩ ବର୍ଷ ରାଜତ୍ୱ କରିଥିଲେ । ଚନ୍ଦ୍ରକେଶରୀଙ୍କ ପରେ ୧୪୬ ବର୍ଷ ଓଡ଼ିଶା ମୋଗଲ ଶାସନାଧୀନ ଥିବାର ଉଲ୍ଲେଖ ଅଛି । ବାସ୍ତବତଃ ସେହିଠାରୁ ଓଡ଼ିଶା ରାଜା ଅଧୀନ ରାଜା ହେଲେ; ସେମାନଙ୍କ ସ୍ୱାଧୀନତା ଲୋପ ହେଲା । ଓଡ଼ିଶା ରାଜାମାନେ କେବଳ ସାମନ୍ତ ରାଜା ହୋଇ ବାସ କଲେ । ସୁତରାଂ କେଶରୀବଂଶୀୟ ଅନ୍ୟାନ୍ୟ ରାଜାମାନେ ସ୍ୱାଧୀନତା ହରାଇ

ଆସିଥିଲେ । ଯଯାତି କେଶରୀ ପୁନର୍ବାର ଓଡ଼ିଶାକୁ ସ୍ୱାଧୀନ କଲେ । ସୁତରାଂ ତାଙ୍କ ନାମ ବଂଶରେ ଖ୍ୟାତ ହେଲା । ସେ ସ୍ୱାଧୀନ ରାଜା ରୂପେ ଅଭିଷିକ୍ତ ହେଲେ ।

ଯଯାତି ଜନ୍ମେଜୟଙ୍କ ପୁତ୍ର ଥିବାର କଥିତ ହୁଏ ଏବଂ ସେ ସାମନ୍ତ ରାଜା ଥିବାର କଥିତ ହୁଏ । ମହାମହୋପାଧ୍ୟାୟ ସଦାଶିବ ଭାବ୍ୟାଙ୍ଗ୍ୟ ମହାଶୟ ତାଙ୍କ "ଜଗନ୍ନାଥ ମନ୍ଦିର" ନାମକ ପୁସ୍ତକରେ ଲେଖିଛନ୍ତି ସେ ଯଯାତି ଜନ୍ମେଜୟଙ୍କ ପୁତ୍ର ଥିଲେ ଏବଂ ସେ କୋଶଳର ଜଣେ ସାମନ୍ତ ରାଜା ଥିଲେ । ରକ୍ତବାହୁ ପରେ ଉତ୍କଳରେ ରାଜଶକ୍ତି କ୍ଷୀଣ ହୋଇ ପଡ଼ିଥିଲା ଏବଂ ତାମ୍ରଫଳକରୁ ଜଣାଯାଏ ସେ ଯଯାତି ଓଡ଼ିଶାର ଏକାଂଶର ରାଜା ଜନ୍ମେଜୟଙ୍କ ପୁତ୍ର ( 'ଜଗନ୍ନାଥ ମନ୍ଦିର' ୩୯ ପୃଷ୍ଠା ) । ଏ ସମସ୍ତ ଦେଖି ମନେହୁଏ ଜନ୍ମେଜୟ କେଶରୀ ଯଯାତିଙ୍କ ପିତା ଥିଲେ । ସେ ଯଯାତିଙ୍କ ପରବର୍ତ୍ତୀ ରାଜା ବୋଲି ଯାହା ଉଲ୍ଲେଖ ଅଛି ଏବଂ ହଣ୍ଟର ସାହେବ ଯାହା ଉଦ୍ଧୃତ କରନ୍ତି, ତାହା ଭ୍ରମମୂଳକ ବୋଲି ବୋଧହୁଏ ।

ଜନ୍ମେଜୟ କେଶରୀ ବ ୨୧ । ୩ । ୪ ରାଜତ୍ୱ କରିଥିବାର ଉଲ୍ଲେଖ ଅଛି । ମାତ୍ର ହଣ୍ଟର ସାହେବ ତାଙ୍କ ରାଜତ୍ୱ ସମୟ ୭୬୩—୭୬୪ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୧୧ ବର୍ଷ ବୋଲି ଲେଖିଛନ୍ତି । ଅଙ୍କ ହିସାବରେ ଦେଖିଲେ ୨୨ ଅଙ୍କରେ ୧୮ ବର୍ଷ ହୋଇପାରେ । ସୁତରାଂ ଜନ୍ମେଜୟଙ୍କ ରାଜତ୍ୱ ସମୟ ଶକାବ୍ଦ ୪୬୧—୪୬୪ ଅର୍ଥାତ୍ ୫୩୦—୫୪୨ ଖ୍ରୀଷ୍ଟାବ୍ଦ । ଏ ଜନ୍ମେଜୟ ଭୁବନେଶ୍ୱର କୀର୍ତ୍ତି ଲିଖିତ ଜନ୍ମେଜୟ ନୁହନ୍ତି । ତାମ୍ରଶାସନମାନଙ୍କରେ ଏହି ନାମ ଭିନ୍ନ ଭିନ୍ନ ରାଜାଙ୍କର ଥାଏ । ସୁତରାଂ ଆଲୋଚନା କଲେ ଜଣାଯାଏ ଜନ୍ମେଜୟଙ୍କ ପୂର୍ବ ରାଜା କିଏ ଥିଲା, ଏ କଥା ଠିକଣା କରିବା ସହଜ ନୁହେଁ ।

ଯଯାତି କେଶରୀଙ୍କ ରାଜତ୍ୱ ସମୟ ୪୬୪ ଶକାବ୍ଦ ହେଲେ ରକ୍ତବାହୁ ବଂଶୀୟମାନେ ୩୨୮ ଶକାବ୍ଦରୁ ୪୬୪ ଶକାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ ଆଧିପତ୍ୟ କରିଥିବାର ଜଣାଯାଏ ଅର୍ଥାତ୍ ୪୦୬—୫୪୨ ଖ୍ରୀଷ୍ଟାବ୍ଦ ।

ଚନ୍ଦ୍ର କେଶରୀ ବା ଚନ୍ଦ୍ର କେଶରୀ ଶକାବ୍ଦ ୬୯୫—୭୨୮ ପର୍ଯ୍ୟନ୍ତ ଓ ସୁବର୍ଣ୍ଣ କେଶରୀ ୭୧୧—୭୨୫ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ହିସାବରେ ଦେଖିଲେ ଯଯାତି ପୂର୍ବେ ୧ମ ଜନ୍ମେଜୟଙ୍କ ରାଜତ୍ୱ ସମୟରେ ଯାହା ଦେଖୁଁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୮୯ ଅବଦରୁ ୬୭୪ ଶକାବ୍ଦ ପର୍ଯ୍ୟନ୍ତ କେଶରୀବଂଶୀୟମାନେ କେତେବେଳେ ସ୍ୱାଧୀନ ରାଜା ଥିଲେ, କେତେବେଳେ ବା ପରାଧୀନ ହୋଇ ସାମନ୍ତ ରାଜା ରୂପେ ଥିଲେ; ଉତ୍କଳ କେତେବେଳେ ଦକ୍ଷିଣ ସମ୍ରାଟଙ୍କ ଅଧୀନରେ ଥିଲା, କେତେବେଳେ ବା ସ୍ୱାଧୀନ ହୋଇଥାଏ ।

କେଶରୀବଂଶର ଯେ କେବଳ ୪୪ ଜଣ ରାଜା ଥିଲେ ତାହା ନୁହେଁ । ଉପରେ ଯେ ନାମସବୁ ଦିଆଯାଇଛି ସେଥିରୁ ଜଣାଯାଏ ଅଧିକ ଅନେକ ରାଜା କେଶରୀବଂଶୀୟ ଥିଲେ ।

ମାତ୍ର ସେମାନଙ୍କ ସମ୍ବନ୍ଧେ ମାଦଳାପାଞ୍ଜିରେ କୌଣସି ବିଷୟ ସ୍ୱତନ୍ତ୍ରଭାବରେ ଉଲ୍ଲେଖ ନାହିଁ । ବଙ୍ଗୁଳୀୟ ତଥା ରାଜାମାନଙ୍କ ନାମଟାଏ ସୁଦ୍ଧା ନାହିଁ ।

ଉପରୋକ୍ତ ୬ ଜଣ ରାଜାଙ୍କ ୯୯ ବର୍ଷ ଯୋଗ କଲେ ଚନ୍ଦ୍ରବଂଶର ରାଜତ୍ୱ ୯୭୧+୯୯=୧୦୭୦ ଶକାବ୍ଦ ପର୍ଯ୍ୟନ୍ତ ଥିଲା । ୧୦୭୦ ଶକାବ୍ଦ ପରେ ଗଙ୍ଗବଂଶର ରାଜତ୍ୱ ଆରମ୍ଭ ହେବା ସମ୍ଭବ ।

## ଗଙ୍ଗବଂଶ

ଗଙ୍ଗବଂଶର ଉତ୍ପତ୍ତି ସମ୍ବନ୍ଧରେ ନାନା ମତ ଦେଖାଯାଏ । ମାଦଳାପାଞ୍ଜିରେ ଏ ବଂଶର ଉତ୍ପତ୍ତି ସମ୍ବନ୍ଧରେ ଯାହା ଲେଖା ଅଛି ତାହା ପୂର୍ବ ଅଧ୍ୟାୟର ଶେଷରେ ଉଦ୍ଧୃତ ହୋଇଅଛି । ସ୍ୱର୍ଗତ ତାମ୍ରଲିପ୍ତ ଇତିହାସ ଲେଖକ ତ୍ରୈଲୋକ୍ୟ ସେବାଦାସ ରକ୍ଷିତ ତାଙ୍କ କୃତ 'ତାମ୍ରଲିପ୍ତ ଇତିହାସ' ନାମକ ପୁସ୍ତକର ୭୯ ପୃଷ୍ଠାରେ ଲେଖିଛନ୍ତି ଯେ "ଉଡ଼ିଶାର ଗଜପତି ସମ୍ରାଟମାନେ ବଙ୍ଗାଳୀ ମାହିଷ୍ୟ ଜାତି । ଏମାନଙ୍କର ଆଦି ବାସସ୍ଥାନ ତାମ୍ରଲିପ୍ତ ବା ତମଲୁକରେ ଥିଲା ।" ପୁରୀର ଇତିହାସ ଲେଖକ ମଧ୍ୟ ଏହି ମତ ପୋଷଣ କରନ୍ତି । ପଣ୍ଡିତ ଭାଗବତୀ ଉଦାସୀନ୍ ପାଣ୍ଡେ କହନ୍ତି "ଗଙ୍ଗାନ୍ ସେଠି ଅନୁଗ୍ରହଣପତି ପାଉଛନ୍ତି ଦେଖିଲୁ ଜଣାଯାଏ ଯେ, ଯେ ବଂଶରେ ପ୍ରଥମ ଅଭିଷିକ୍ତ ହୋଇଥିଲେ, ତାଙ୍କ ନାମ ଅନନ୍ତ ବର୍ମା ବା ଚୋଡ଼ଗଙ୍ଗ । ସେ ରାଜା କାର୍ଣ୍ଣାଟୀୟ ଅର୍ଥାତ୍ କର୍ଣ୍ଣାଟଦେଶୀୟ ତମଲୁକ ଓ ମେଦିନୀପୁରର ଅଧିପତି ଥିଲେ । ହଣ୍ଟର ସାହେବ, ରାଜକୃଷ୍ଣ ମୁଖୋପାଧ୍ୟାୟ, ବଙ୍କିମବାବୁ, ଉମାକାନ୍ତ ଗୁପ୍ତ ମାନେ କହନ୍ତି, ସେମାନେ ଗଙ୍ଗା ରାଢ଼ୀ । ପଣ୍ଡିତ ଲାଲମୋହନ ବିଦ୍ୟାନିଧି "ସମ୍ବନ୍ଧ ନିର୍ଣ୍ଣୟ" ଗ୍ରନ୍ଥରେ ଏବଂ ମହାମହୋପାଧ୍ୟାୟ ହରପ୍ରସାଦ "ଗୌଡ଼ ବ୍ରାହ୍ମଣ" ଗ୍ରନ୍ଥରେ ଲେଖିଛନ୍ତି, ବଙ୍ଗାଳୀ ମନୁଷ୍ୟଜାତି ପର୍ଯ୍ୟନ୍ତ ଯୋଗ ଅଶ୍ୱପତି, ଗଜପତି, ନରପତି ଓ ଛତ୍ରପତି ରୂପ ଚାରି ଶାଖାରେ ବିଭକ୍ତ ହୋଇଲେ । ଗଜପତିମାନେ ଉଡ଼ିଶାରେ ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ । ଗୁର୍ଜିଅର ଗଙ୍ଗେୟ, ମହାପାତ୍ର ବଂଶ ଏବଂ ଓଡ଼ିଶା ସମୁଦ୍ର ରାଜବଂଶ ବଂଶମାନେ ଏକ ବଂଶ, ମାତ୍ର ବଙ୍ଗୀୟ ଶାଖା !

ପାଠକ ଦେଖନ୍ତୁ, ପ୍ରଥମ କେଉଁ କେଉଁ ପୁସ୍ତକମାନଙ୍କ ବଙ୍ଗାଳୀ ଥିବାର ସାନ୍ୟାଲ ମହାଶୟ ଲେଖିଥିଲେ । ବର୍ତ୍ତମାନ ଅନ୍ୟ କେତେକ ବଙ୍ଗୀୟ ସାହିତ୍ୟିକଙ୍କ ମତରେ ଗଙ୍ଗବଂଶ ମଧ୍ୟ ବଙ୍ଗାଳୀ । କେଶରୀବଂଶ ଓ ଗଙ୍ଗବଂଶ ବଙ୍ଗାଳୀ ହେଲେ ଓଡ଼ିଆମାନେ ଅଛନ୍ତି କିଏ ଏବଂ କାହାର ? ସୁତରାଂ ଏଥିର ସତ୍ୟତା ସମାଲୋଚନା ଆବଶ୍ୟକ ।

ମାଦଳା କାହାକୁ କହନ୍ତି ? ମହର୍ଷି ଯାଜ୍ଞବଲ୍କ୍ୟ, ଗୌତମ, ବୃଦ୍ଧ ହାରୀତ, ପରାଶର ଓ ପରଶୁରାମ ପ୍ରଭୃତିଙ୍କ ମତରେ କ୍ଷତ୍ରିୟ ଔରସରୁ ବୈଶ୍ୟା ଗର୍ଭଜାତ ସନ୍ତାନମାନେ ମାହିଷ୍ୟ ନାମରେ ପରିଚିତ। ପଦ୍ମପୁରାଣ, ବ୍ରହ୍ମବୈବର୍ତ୍ତପୁରାଣ, ଉଶନ ସଂହିତା, ବ୍ୟାସଦେବ ଚଣ୍ଡି କୌଟିଲ୍ୟ ଓ କୁଲ୍ଲୁକଭଟ୍ଟ ପ୍ରଭୃତି ଶାସ୍ତ୍ରାନୁସାରେ ଉପରୋକ୍ତ ସନ୍ତାନମାନେ କୈବର୍ତ୍ତ ବା କେଉଟ ନାମରେ ପରିଚିତ। ଓଡ଼ିଶାରେ କେଉଟମାନେ ଅତି ନୀଚ ଜାତି। ଏମାନେ ଜଳ ଅସ୍ପୃଶ୍ୟ। ଏମାନେ ନାଆ ବୁହାନ୍ତି ଓ ମାଛ ବ୍ୟବସାୟ କରନ୍ତି। ସୁତରାଂ ଗଙ୍ଗବଂଶ ଯେଉଁ ଏମାନଙ୍କର ସନ୍ତାନ ଥିବା ଅତି ହାସ୍ୟାସ୍ପଦ କଥା।

ଗଙ୍ଗବଂଶ ସମ୍ବନ୍ଧରେ ନରସିଂହଙ୍କ ତାମ୍ରଶାସନରୁ ଅନେକ ତଥ୍ୟ ମିଳିଥାଏ। ତାମ୍ରଶାସନ ଅନେକ କାଳ ପୂର୍ବେ ଲିଖିତ ହୋଇଥିଲା। ଏଥିର ସମୟ ୧୨୧୭ ଶକାବ୍ଦ; ଅର୍ଥାତ୍ ୧୧୬୦ ଖ୍ରୀଷ୍ଟାବ୍ଦ। ମାତ୍ର ନଗେନ୍ଦ୍ରନାଥ ବସୁ ମହାଶୟ ଶାଳିବାହନ ଶକାବ୍ଦ ଧରି ୧୨୯୫ ଖ୍ରୀଷ୍ଟାବ୍ଦ ବୋଲି ସ୍ଥିର କରିଅଛନ୍ତି। ତାମ୍ରଶାସନରେ ଗଙ୍ଗବଂଶର ବଂଶାବଳୀ ଲିଖିତ ଅଛି। ଏଥିରୁ ଜଣାଯାଏ ଯେ ଗଙ୍ଗବଂଶୀୟମାନେ ଚନ୍ଦ୍ରବଂଶ ସମ୍ଭୂତ ତୁର୍ବସୁଙ୍କ ବା ଭଟ୍ଟାରଦେବଙ୍କ ମାତାଙ୍କ ନାମ ଗଙ୍ଗା ଥିବାରୁ ତାହାଙ୍କ ନାମାନୁସାରେ ବଂଶଟି ଗଙ୍ଗବଂଶ ନାମରେ ପରିଚିତ। ଗଙ୍ଗବଂଶାନୁଚରିତ ନାମକ ଏକ ଗ୍ରନ୍ଥରୁ ଏ କଥା ପ୍ରମାଣିତ ହେଉଛି।

ଅନନ୍ତ ବର୍ମ୍ମ ମଧ୍ୟ ଏହି ଚନ୍ଦ୍ରବଂଶୀୟ ଥିବାର ତାମ୍ରଶାସନରୁ ଜଣାଯାଏ। ତାହାଙ୍କର ଅପର ନାମ "କୋଲାହଳ" ଥିଲା। ସେଥିରେ ଯେଉଁ ବଂଶାବଳୀ ଅଛି, ତାହା କ୍ରମରେ ଦିଆଗଲା : (୧) ଚନ୍ଦ୍ର, (୨) ବୁଧ, (୩) ଅନଳ, (୪) ପୁରୂରବା, (୫) ଆୟୁ, (୬) ନହୁଷ, (୭) ଯଯାତି, (୮) ତୁର୍ବସୁ, (୯) ଗାଙ୍ଗେୟ, (୧୦) [illegible], (୧୧) ସତ୍ୟୋଦ୍ୟ, (୧୨) ଭୁଷଳ, (୧୩) ଦତ୍ତସେନ, (୧୪) ସୌମ୍ୟ, (୧୫) ଅଶ୍ୱଦତ୍ତ, (୧୬) ଶୌରଣୀ, (୧୭) ଚିତ୍ରାଙ୍ଗଦ, (୧୮) ଗିରିଧ୍ୱଜ, (୧୯) ଧର୍ମ୍ମନେତ୍ରୀ, (୨୦) ପଦ୍ମନାଭ, (୨୧) ଜୟସେନ, (୨୨) ବଜ୍ରସେନ, (୨୩) ବୃଷଧ୍ୱଜ, (୨୪) ପ୍ରବଳଭ, (୨୫) ଶତ୍ରୁ, (୨୬) ଅନନ୍ତ ବର୍ମ୍ମା ବା କୋଲାହଳ। ଅନନ୍ତ ବର୍ମ୍ମଙ୍କ ରାଜଧାନୀ ଓ ବଂଶ-ପରିଚୟ ସମ୍ବନ୍ଧେ ତାମ୍ରଶାସନରେ ଲେଖାଅଛି ଯେ—

ଧନଜନ ସମୃଦ୍ଧୋ ଗଙ୍ଗବାଡ଼ିଃ ପ୍ରସିଦ୍ଧଃ
ସକଳ ବସୁଯୁକ୍ତଃ ସର୍ବ୍ବବର୍ଣ୍ଣୋପଭୋଗ୍ୟ
ତଦବ୍ୟୁପଲରଥାଦ୍ୟୋ ନାମକୋଲାହଳାଖ୍ୟୋ ନୃପେନ୍ଦ୍ରଃ
ଦମ ଭବଦତ୍ତ ବୃଷଭଙ୍କ ନାମ୍ନା ତଦାଦ୍ୟାଃ।

ଏଥିରୁ ଜଣାଯାଏ ଯେ ଗଙ୍ଗବାଡ଼ି ତାଙ୍କର ରାଜଧାନୀ ଥିଲା ଏବଂ ତାଙ୍କ ବଂଶ 'ବୃଷଭଙ୍କ' ବୋଲି ଆଖ୍ୟାତ ହେଉଥିଲା। ଅନନ୍ତ ବର୍ମ୍ମଙ୍କ ଜ୍ୟେଷ୍ଠପୁତ୍ର ନରସିଂହ। ଏହି ରାଜା କାମାର୍ଣ୍ଣବ ଏ ବଂଶର ଜଣେ ଅଦ୍ୱିତୀୟ ଥିଲେ। ସେ କେବଳ କଳିଙ୍ଗ ନୁହେଁ, ଉତ୍କଳ ବା

ଓଡ଼ିଶା ଆକ୍ରମଣ କରିଥିଲେ । ଗଙ୍ଗବଂଶୀୟ ରାଜାମାନଙ୍କ ମୂଳ ବିଷୟ ପ୍ରକୃତ କିଏ କହିପାରିବ ? ଗୋକର୍ଣ୍ଣେଶ୍ୱର ମହାଦେବ ତ୍ରିକଳିଙ୍ଗ ଏ ବାପଙ୍କର ସାକ୍ଷୀ । ତେଣୁ କାମାର୍ଣ୍ଣବଙ୍କୁ ପୂର୍ବପୁରୁଷମାନେ ବଡ଼ମଣ୍ଡଳୀ ରାଜା ଥିଲେ ।

କାମାର୍ଣ୍ଣବ

|

ବଜ୍ରହସ୍ତ

|

ବୀର ରାଜରାଜ (ମାତାଙ୍କ ନାମ ବିନୟମା)

|

ଚୋଡ଼ଗଙ୍ଗ (ମାତାଙ୍କ ନାମ ରାଜସୁନ୍ଦରୀ)

|

(୧) ମହିଷୀ କସ୍ତୁରୀ କାମୋଦିନୀ ଗର୍ଭଜାତ କାମାର୍ଣ୍ଣବ

(୨) ଚୋଳବଂଶୀୟ ମହିଷୀ ଇନ୍ଦିରା ଗର୍ଭଜାତ ଚୋଳରାଜ ଶ୍ରୀରାଘବ

(୩) କଳଚୁରି ବୋଧୀୟ ଚନ୍ଦ୍ରଲେଖା ଗର୍ଭଜାତ, (୪) ରାଜରାଜ ଓ (୫) ଅନିୟଙ୍କଭୀମ

|

(୬) ଅନଙ୍ଗଙ୍କ ପୁତ୍ର ରାଜରାଜ

|

ଚାଳୁକ୍ୟବଂଶୀୟା ମହିଷୀ ମନ୍ଦାକିନୀ ଦେବୀ ଗର୍ଭଜାତ

(୭) ଅନଙ୍ଗଭୀମ

|

ରାଣୀ କସ୍ତୁରୀ ଦେବୀ ଗର୍ଭଜାତ

(୮) ଶ୍ରୀ ନରସିଂହ ଦେବ ( କୋଣାର୍କ ମନ୍ଦିର ନିର୍ମାଣ କରାଇଥିଲେ )

|

ମାଳବ ରାଜକନ୍ୟା ସୀତାଦେବୀ ଗର୍ଭଜାତ

(୯) ଭାନୁଦେବ ( ୧୦୮ ଶାସନ ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ )

|

ଚାଳୁକ୍ୟ ରାଜକନ୍ୟା ଜାକଲ୍ଲା ଦେବୀ ଗର୍ଭଜାତ

(୧୦) ବୀର ନୃସିଂହଦେବ ( ୧୦୦ ଶାସନ ଦାନ କରିଥିଲେ )

ତାମ୍ରଶାସନରେ ପ୍ରତ୍ୟେକ ରାଜାଙ୍କର ରାଜତ୍ୱକାଳ ଯେପରି ନିର୍ଦ୍ଦିଷ୍ଟ ଅଛି, ତାହା ନିମ୍ନରେ ଦିଆଗଲା—

| | |
|---|---|
| (୧) ଚୋଡ଼ଗଙ୍ଗଦେବ | ୭୦ ବର୍ଷ |
| (୨) କାମାର୍ଣ୍ଣବ | ୧୦ ବର୍ଷ |
| (୩) ରାଘବଦେବ | ୧୫ ବର୍ଷ |
| (୪) ରାଜରାଜ | ୨୫ ବର୍ଷ |
| (୫) ଅନଙ୍ଗଭୀମ | ୧୦ ବର୍ଷ |
| (୬) ରାଜରାଜ | ୧୭ ବର୍ଷ |
| (୭) ଅନଙ୍ଗଭୀମ | ୩୪ ବର୍ଷ |
| (୮) ନରସିଂହଦେବ | ୩୩ ବର୍ଷ |
| (୯) ଭାନୁଦେବ | ୧୮ ବର୍ଷ |
| (୧୦) ନୃସିଂହଦେବ | |

ଏମାନଙ୍କ ରାଜତ୍ୱ କେବେ ଆରମ୍ଭ ହୋଇଥିଲା ତାହାର ନିଦର୍ଶନ ମଧ୍ୟରେ କେବଳ ଏତିକି ମିଳୁଛି ଯେ କାମାର୍ଣ୍ଣବ ୧୦୬୪ ଶକାବ୍ଦରେ ରାଜସିଂହାସନରେ ଅଭିଷିକ୍ତ ହୋଇଥିଲେ ।

ବେଦର୍ତ୍ତୁ ବ୍ୟୋମଚନ୍ଦ୍ର ପ୍ରମିତ ଶକସମା ପ୍ରାପ୍ତକାଳେ ଦିନେଶେ
ଚାପଦ୍ରୋଣ୍ୟ ଗତେଽପି କଳଶତନୟସ୍ୟ ପ୍ରସ୍ଥଂ ପ୍ରାପ୍ତବତ୍ସୁ ।

ଅର୍ଥାତ୍ ସୂର୍ଯ୍ୟ ଧନୁରାଶିସ୍ଥ ଏବଂ ଅନ୍ୟାନ୍ୟ ଗ୍ରହମାନେ ବଳବାନ୍ ଥାଇ ୧୦୬୪ (ବେଦ—୪, ଋତୁ—୬, ବ୍ୟୋମ—୦, ଚନ୍ଦ୍ର—୧) ଶକାବ୍ଦରେ । ଅନ୍ୟାନ୍ୟ ବିଷୟ କେବଳ ଏହି ଗଙ୍ଗବଂଶର ପ୍ରତାପବର୍ତ୍ତିକା । ଏମାନେ ପ୍ରତାପୀ, ଧନ, ମାନ, ଶିଳ୍ପ, ଧାର ଇତ୍ୟାଦି ସମସ୍ତ ବିଷୟରେ ଭୂଷିତ ହୋଇଥିଲେ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଚୋଡ଼ଗଙ୍ଗଙ୍କୁ ଗଙ୍ଗେଶ ବା ଶିବ ବୋଲି ବର୍ଣ୍ଣନା କରାଯାଇଛି । ଚୋଡ଼ଗଙ୍ଗ ଜଗନ୍ନାଥଙ୍କ ଦେଉଳ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାର ଉଲ୍ଲେଖ ଅଛି ।

ପାଦୌ ଯସ୍ୟ ଅବନ୍ତ୍ୟନୃପମଣିଲିଙ୍ଗଂ ନାକୃଷ୍ଟ ଯଶା ଭୂଷଃ
ଲୋକେ କେନାପ୍ୟସଂ ଭବନ୍ ମୃଗାଙ୍କ ମୂର୍ଦ୍ଧାପି ଚ କେଽପିଦେବୋ
ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତିଃ କୋ ନାମ କର୍ତ୍ତୁଂ କ୍ଷମଃ
ତସ୍ୟାତ୍ୟାଦ୍ୟ ନୃପୈରୁପେକ୍ଷିତମୟଂ ଚକ୍ରେଽଥ ଗଙ୍ଗେଶ୍ୱରଃ ।

ଏହି ଚୋଡ଼ଗଙ୍ଗ ବା ଗଙ୍ଗେଶ୍ୱର ପୁରୁଷୋତ୍ତମଙ୍କ ପ୍ରାସାଦ କାର୍ଯ୍ୟ ଆରମ୍ଭ କଲେ । 'ଗଙ୍ଗବଂଶାନୁଚରିତ' ନାମକ ପୁସ୍ତକରୁ ଗଙ୍ଗବଂଶର ଯେ ପରିଚୟ ମିଳୁଅଛି ଦେଉଛୁ ।

"ତ୍ରିଦେଶ କଣ୍ଟକ ରାଜଧାନୀ ମଧ୍ୟେ ଯଶ ବୃନ୍ଦସ୍ତୁ ପ୍ରଥମତୋଽନନ୍ତଦେବ ଶତ୍ରୁଂ ଦକ୍ଷିଣରେ ତଲ୍ଲନ୍ତଦନ୍ତ ଶତ୍ରୁଭିନ୍ନଭୋନୃସିଂହଃ ଦେବେନ୍ଦ୍ର ତ ବୀର ଭଜ ପ୍ରଥମଂ ତତ୍ପଙ୍କ ସଂ ଗୌଡ଼ଙ୍କ ରଣ ଯେନ ନୃସିଂହ । ଧୀମ ନଦୀ ହସ୍ତକ କୁଟି କଲୋଳ ସଂହାରେନ ରାଜପତେଃ ପ୍ରସୂନଧ୍ୟାନ ସଦୀ ଗୌଡ଼ଙ୍ଗାଂ ବଙ୍ଗ ରାଙ୍ଗା ବଙ୍ଗ ରାଜ ଖିଳଗୀ ଶାଠ ମାତ୍ରେ । ପଦର ଶ୍ରୀଧାମ ଶାଙ୍କାରେଷୁ ସମ୍ଭାବିତ୍ ପ୍ରାଣ୍ଡ଼ଣୟ ମହାଦେବ ବର ପ୍ରସାଦାତ୍ ତଃ ପୁତ୍ରୋଽଭୂଦଙ୍ଗଶେ ତଙ୍ଗନ ଭାତଦେବ ତଙ୍ଗବଂଶ, ପ୍ରତାପ୍ତ ଅର୍ଥାନ୍ ପ୍ରତ୍ୟାସ୍ତର ତଲ୍ଲୁଃହସ୍ତଭାଜ ସମନ୍ତର ତତ୍ତ୍ୱଙ୍କା ନରପତେଃ ତତ୍ତ୍ୱଙ୍କଦେବାସୁଟକା ରାଜରାଜେଶ୍ୱରୀ ନରବର୍ମାଣି ଦେଶଲଂ ବଶୀ ।" ରାଜରାଜେଶ୍ୱରଙ୍କ ପୁତ୍ର ଅନଙ୍ଗଭୀମଦେବ "ଏକାଦଶ ବତ୍ସର" ଅର୍ଥାତ୍ ୭୧ ବର୍ଷ ରାଜତ୍ୱ କଲେ । ତାହାଙ୍କ ପୁତ୍ର ଏକଜଟା କାମଦେବ ଶାସନ କଲେ । ସେ ଜଗନ୍ନାଥଙ୍କ ପ୍ରାସାଦ ନିର୍ମାଣ ଆରମ୍ଭ କଲେ । ଏହାଙ୍କ ପୁତ୍ର ମଦନ କାମଦେବ ରାଜତ୍ୱ କଲେ । ସେ ମଧ୍ୟ ପ୍ରାସାଦ ନିର୍ମାଣ କାର୍ଯ୍ୟ କଲେ । ତାଙ୍କ ପୁତ୍ର ଅନଙ୍ଗଭୀମଦେବ ରାଜତ୍ୱ କରି ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କଲେ ।

ଅଙ୍ଗ ଶୌର୍ଣ୍ଣୀ ଶଶାଙ୍କେନ୍ଦୁ ଗଣିତେ ଶାକ ବତ୍ସରେ
ଅନଙ୍ଗଭୀମଦେବେନ ପ୍ରାସାଦ ଶ୍ରୀପତେଃ କୃତଃ ।

ଅନଙ୍ଗଭୀମଦେବଙ୍କ ପରେ (୧) ଲାଙ୍ଗୁଳା ନରସିଂହଦେବ ରାଜତ୍ୱ କଲେ । ଏ କୋଣାର୍କ ମନ୍ଦିର ନିର୍ମାଣ କରାଇଥିଲେ । ଏହାଙ୍କ ପୁତ୍ର (୨) ଭାନୁନୃସିଂହ, ନୃସିଂହଙ୍କ ପୁତ୍ର (୩) ପ୍ରତାପୋଦ୍ଧୃତ ନୃସିଂହ ଦଶବର୍ଷ ରାଜତ୍ୱ କରିଥିଲେ । ତାଙ୍କ ପୁତ୍ର (୪) କବି ନୃସିଂହ ୧୫ ବର୍ଷ ରାଜତ୍ୱ କରିଥିଲେ । (୫) ଅକଟା ଅବଟା ନୃସିଂହ ତାଙ୍କ ପରେ ରାଜତ୍ୱ କଲେ । (୬) ପ୍ରତାପ ନୃସିଂହ ନୃସିଂହମାନଙ୍କର ଶେଷ ରାଜା ।

ନୃସିଂହମାନଙ୍କ ପରେ ୬ ଭାନୁ ରାଜତ୍ୱ କଲେ : (୧) ବିଶିର ଭାନୁ "ଚାରୁଟି ବର୍ଷ-ଶଙ୍କା" ବର୍ଷ ରାଜତ୍ୱ କଲେ, (୨) ବାଲୁକ ଭାନୁ, (୩) ବୀରଭାନୁ ବା କୁଟିଳଭାନୁ ୬ ମାସ ରାଜତ୍ୱ କଲେ, (୪) ମଧୁପଭାନୁ "ରାମ ରାମ ମିତାନନ୍ଦାଦ ସମ ମାସାନ୍ୟାନେତି ରାଜତ୍ୱ କଲେ, (୫) ଭକୁଲାଭାନୁ, (୬) ସ୍ୱର୍ଣ୍ଣଭାନୁ ।

"ଗଙ୍ଗବଂଶାନୁଚରିତ" ଗୋଟିଏ ଚମ୍ପୂକାବ୍ୟ । ରେକଲୀକୁ ବାସୁଦେବ ରଥଙ୍କ ଦ୍ୱାରା ରଚିତ । ଭାଷା ସଂସ୍କୃତ । ପ୍ରାୟ ବୃନ୍ଦାବନ ଜନ୍ମ ଯାହାଙ୍କର ବର୍ଷକ ଲେଖାପଡ଼ି ହୋଇଥିବ ।

ବର୍ତ୍ତମାନ ମାଦଳାରେ ଗଙ୍ଗବଂଶର ଉତ୍ପତ୍ତି ସମ୍ବନ୍ଧେ ଲେଖା ଅଛି ଯେ ଦକ୍ଷିଣରେ ତାଙ୍କର ଜନ୍ମଭୂମି ଥିଲା । ତାଙ୍କ ବାସସ୍ଥାନରେ "ଗୋକର୍ଣ୍ଣେଶ୍ୱର" ମହାଦେବ ଥିଲେ । ତାମ୍ରଶାସନରୁ ଏହାର ପ୍ରମାଣ ମିଳେ । ଏହାରେ ମଧ୍ୟ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ

ଜାଣିହୋଇଅଛି । ସମସ୍ତ ବିଷୟ ବିଚାର କଲେ ଜଣାଯାଏ ଯେ ଚୋଡ଼ଗଙ୍ଗଦେବଙ୍କ ମାତା ଗଙ୍ଗାଦେବୀ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ବର ପ୍ରସାଦରୁ ପୁତ୍ରଲାଭ କରିଥିଲେ ଏବଂ ସେ ଗର୍ଭ ଧାରଣକରିବା ଅବସ୍ଥାରେ ସ୍ୱାମୀଙ୍କର ପରଲୋକ ହେଲା ଏବଂ ବିଧବା ଅବସ୍ଥାରେ ଉଲ୍ଲେଖ ଅଛି ଯେ, ସେମାନଙ୍କ ସହ ଚୋଡ଼ଗଙ୍ଗଦେବ କଳିଙ୍ଗରୁ ଆସି ଉତ୍କଳ ମାଡ଼ିବସିଲେ । "ଗଙ୍ଗବାଡ଼ି" ନାମ ଦେଖି କେତେକ ଲୋକ ଅନୁମାନ କରନ୍ତି ଯେ, ଏ ଦେଶ ପ୍ରକୃତରେ "ଗଙ୍ଗାରାଢ଼ୀ" ଏବଂ ଏହା ଗଙ୍ଗାକୂଳରେ ଅବସ୍ଥିତ ଏବଂ ସେ ସ୍ଥାନ ଅବଶ୍ୟ ତମଲୁକ ଓ ମେଦିନୀପୁର ହେବ । ସୁତରାଂ ଗଙ୍ଗବଂଶୀୟମାନେ ଗଙ୍ଗାରାଢ଼ୀୟ ଥିଲେ ।

ପ୍ରଥମ ଉଦ୍ଧୃତାଂଶ ଲେଖକ କହନ୍ତି, "ଜନପ୍ରବାଦରୁ ଜଣାଯାଏ ଯେ ଚୋଡ଼ଗଙ୍ଗ ବଙ୍ଗଦେଶରୁ ଓଡ଼ିଶାକୁ ଯାଇଥିଲେ । ଅନେକ ଲୋକ ଅନୁମାନ କରନ୍ତି, ଗଙ୍ଗବଂଶୀୟମାନଙ୍କ ଆଦିମ ବାସସ୍ଥାନ ତମଲୁକ ଥିଲା ।" କିନ୍ତୁ ସ୍ୱର୍ଗୀୟ ମହାଶୟଙ୍କ ଲେଖା ଦେଖିଲେ କିଛିଏ ବିରକ୍ତି ବୋଧ ହୁଏ । ସେ କଥାର ସ୍ଥିରତା ନ ଦେଖି ମଧ୍ୟ କହନ୍ତି ଯେ, "ଗଙ୍ଗା ନଦୀର ପ୍ରବାହ ଗୋଦାବରୀ ତଟ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ଏବଂ ତ୍ରିବେଣୀ ପର୍ଯ୍ୟନ୍ତ ଗଙ୍ଗା-ସାଗର-ସଙ୍ଗମିତ ବଙ୍ଗାଳ ଜନପଦ ଭୂମିରେ ଭିତ୍ତିଭୂମି ପାଠକ ଦେଖିବେ ଉତ୍କଳୀୟ ସାମ୍ରାଜ୍ୟ ଗୌରବ ରକ୍ଷା କରିବାରେ ସମର୍ଥ ହୋଇଥିଲା ବାଙ୍ଗାଳୀ ।" ଏହା ସ୍ୱାର୍ଥପରତାର ପ୍ରମାଣ । ସେ ଯେଉଁଠି ଥାଉ, ସେ ଯେଉଁ ଜାତି ହେଉ, ତା'ର ଯଦି ପ୍ରାଚୀନ ଗୌରବ ଥାଏ, ତେବେ ସେ ବଙ୍ଗାଳୀ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ଏପରିକି ଆଜିକାଲି ଏକ-ଦେଶୀୟ କତିପୟ ଲୋକମାନଙ୍କର ଧାରଣା ଏବଂ ଏହା କୌଣସି ପ୍ରକାରେ ପ୍ରମାଣ କରି ପାରିଲେ ସେମାନେ ଆପଣାକୁ ଗୌରବାନ୍ୱିତ ମନେ କରନ୍ତି । ଏ ସମ୍ବନ୍ଧରେ ବିଶେଷ କହିବା ନ ଲୋଡ଼ି ଆମ୍ଭେ ପ୍ରାଚୀନ ଉତ୍କଳର ଭୂମିକା ପାଠ କରିବା ଲାଗି ଅନୁରୋଧ କରୁଅଛୁଁ ।

ବର୍ତ୍ତମାନ ଦେଖାଯାଉ ଗଙ୍ଗବାଡ଼ି ଦେଶ ଗଙ୍ଗା ସନ୍ନିକଟବର୍ତ୍ତୀ ସ୍ଥାନବୋଧକ କି ନା ? ଗଙ୍ଗାକୂଳରେ ନ ଥିଲେ କୌଣସି ସ୍ଥାନର ନାମ ଗଙ୍ଗା ଶବ୍ଦଯୁକ୍ତ ହୋଇ ନ ପାରେ, ଏହା ନୁହେଁ । ପୁରୀ ଜିଲ୍ଲା ଗଙ୍ଗାରୁ ବହୁ ଦକ୍ଷିଣ ଦୂରରେ ଅବସ୍ଥିତ; ମାତ୍ର ପୁରୀ ଜିଲ୍ଲାରେ "ଗଙ୍ଗାନାରାୟଣପୁର" ଗ୍ରାମ ଅଛି । କଟକରେ "ଗଙ୍ଗାମଣ୍ଡପ" ବୋଲି ଏକ ସ୍ଥାନ ଅଛି । ପୁରୀ ଜିଲ୍ଲାରେ "ଗଙ୍ଗପଡ଼ା", "ଗଙ୍ଗାଦେବୀଙ୍କପୁର" ଇତ୍ୟାଦି ଗ୍ରାମ ଅଛି । ସୁତରାଂ କ'ଣ କହିବାକୁ ହେବ ଯେ ଏମାନେ ଗଙ୍ଗା କୂଳରେ ଅବସ୍ଥିତ ? ଏପରି ଅନୁମାନ ତ କୌଣସି ଯୁକ୍ତିସଙ୍ଗତ ଦେଖାଯାଉନାହିଁ !

ତମଲୁକ ଇତିହାସରେ ଅନେକ ଦେବଦେବୀଙ୍କ ନାମ ଅଛି; ମାତ୍ର "ଗୋକର୍ଣ୍ଣେଶ୍ୱର"ଙ୍କ ନାମ ପାଇଲୁ ନାହିଁ ।

ଦକ୍ଷିଣରେ ଯେ ଗଙ୍ଗା ଶବ୍ଦ ବର୍ଣ୍ଣିତ ସ୍ଥାନ ନାହିଁ, ଏକଥା କୁହାଯାଇ ନପାରେ । ଦୃଷ୍ଟାନ୍ତ ସ୍ୱରୂପ ଘୋଡ଼ାବନ୍ଧ ନିକଟସ୍ଥ ଗଙ୍ଗାଳକୁଳ, ଛତ୍ରପୁର ନିକଟସ୍ଥ ଗଙ୍ଗା ଓ ଋଷିକୁଲ୍ୟା ନିକଟସ୍ଥ ଗଙ୍ଗାପୁରମ୍ ଇତ୍ୟାଦି । ସୁତରାଂ "ଗଙ୍ଗାବାଡ଼ି"ର ପ୍ରାଚୀନ ସ୍ଥାନ ଯେ ଦକ୍ଷିଣରେ ନ ଥିଲା, ଏକଥା କୁହାଯାଇ ନପାରେ ।

ଚୋଡ଼ଗଙ୍ଗଦେବ ଗୌଡ଼ଦେଶ ଜୟ କରିଥିଲେ ବୋଲି ତାଙ୍କ ନାମ "ଗୌଡ଼ଗଙ୍ଗ" ଥିଲା । ଅର୍ଥାତ୍ ଗୌଡ଼ଦେଶକୁ ଗଙ୍ଗା ସ୍ୱରୂପ ହସ୍ତରେ ଧାରଣ କରିଥିଲେ ଅର୍ଥାତ୍ ଶାସନଦଣ୍ଡ ପରିଚାଳିତ କରିଥିଲେ । ଗଙ୍ଗବଂଶୀୟ ନୃପତିମାନଙ୍କ ଅମଳରେ ସେମାନେ ତମଲୁକ ପର୍ଯ୍ୟନ୍ତ ରାଜତ୍ୱ କରିଥିବାର ପ୍ରମାଣ ମିଳେ । ତମଲୁକ ଯେ ଗୋଟିଏ ଓଡ଼ିଆ ଦେଶ ଏବଂ ସେ ସମୟରେ ଓଡ଼ିଶାର ଏକ ଅଂଶ ଥିଲା, ଏହାର ଭୂରିଭୂରି ପ୍ରମାଣ ମିଳୁଅଛି । ସୁତରାଂ ଗଙ୍ଗବଂଶୀୟମାନେ ଦକ୍ଷିଣ ଅର୍ଥାତ୍ ସେମାନଙ୍କ ଆଦିମ ବାସସ୍ଥାନରୁ ଆସି ଉତ୍କଳ ସିଂହାସନରେ ଅଭିଷିକ୍ତ ହେବାପରେ ତମଲୁକ ପର୍ଯ୍ୟନ୍ତ ତାକୁ ଓଡ଼ିଶା ସାମିଲ କରିଥିଲେ ବୋଲି କହିଲେ ତ କିଛି ଅସାମଞ୍ଜସ୍ୟ ହେଉନାହିଁ; ବରଂ ମାଦଳାପାଞ୍ଜିରେ ଲିଖିତ ବିଷୟ ସହିତ ମେଳ ହେଉଅଛି ।

ଗୋଟିଏ ଲିଖିତ ପ୍ରାଚୀନ ପ୍ରମାଣକୁ ଏକାବେଳକେ ଅନୁମାନ ଉପରେ ଖଣ୍ଡନ କରିବା ଲାଗି ମୁଁ ପ୍ରସ୍ତୁତ ନୁହେଁ । ଅବଶ୍ୟ ଅନ୍ୟ ଅକାଟ୍ୟ ପ୍ରମାଣ ପାଇଲେ ମାଦଳାପାଞ୍ଜିକୁ ଅନୁସରଣ କରିବାକୁ ପରାମର୍ଶ ଦେଉନାହିଁ । ମାତ୍ର ଜନପ୍ରବାଦ ଯଦି ବିଶ୍ୱାସ କରାଯାଏ, ତେବେ ମାଦଳାପାଞ୍ଜିକି ଅବିଶ୍ୱାସ କରିବାର କିଛି କାରଣ ଦେଖୁନାହିଁ ।

ସୁତରାଂ କୁହାଯାଇପାରେ ଯେ ଗଙ୍ଗବଂଶୀୟମାନେ "ମାନ୍ଦ୍ରାଜୀ" ନ ଥିଲେ କି ବଙ୍ଗାଳୀ ନ ଥିଲେ । ସେମାନେ ଚନ୍ଦ୍ରବଂଶୀୟ କ୍ଷତ୍ରିୟ ଓ ଓଡ଼ିଆ ଥିଲେ । ସେମାନେ ବଙ୍ଗାଳୀ ଥିଲେ ଅବଶ୍ୟ ତା'ର କିଛି ଚିହ୍ନ ରହିଯାଇଥାନ୍ତା । ମାତ୍ର ଗଙ୍ଗବଂଶ ବହୁ ଦୀର୍ଘ ରାଜତ୍ୱ କରିଥିଲେ ମଧ୍ୟ ସେମାନେ ବଙ୍ଗାଳୀ ଥିବାର କୌଣସି ପରିଚୟ ଦେଇନାହାନ୍ତି କିମ୍ବା କୌଣସି ଚିହ୍ନ ନାହିଁ । ସେମାନଙ୍କ ହାତରେ ଶାସନଦଣ୍ଡ ଥିଲା, ସେମାନଙ୍କ ପ୍ରତାପରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ କମ୍ପିତ ହେଉଥିଲା, ସେମାନେ ଯାହା ଇଚ୍ଛା କରୁଥିଲେ ତାହା କରିପାରୁଥିଲେ । କିନ୍ତୁ ସେମାନେ ଯେବେ ପ୍ରକୃତରେ ବଙ୍ଗାଳୀ ଥାନ୍ତେ ତେବେ ସେମାନଙ୍କ ଅମଳରେ ବଙ୍ଗଭାଷା ଅବଶ୍ୟ ଓଡ଼ିଶାରେ ପ୍ରଚଳିତ ହୋଇଥାନ୍ତା, ବଙ୍ଗଭାଷାରେ ପୁସ୍ତକାଦି ରଚିତ ହୋଇଥାନ୍ତା । ଯେଉଁ ଜାତି ଯେତେବେଳେ ରାଜତ୍ୱ କରେ, ତାର ଭାଷା ଓ ଲିପି ଚଳେ, ଏହା ଧ୍ରୁବସତ୍ୟ । ମୁସଲମାନମାନେ ଓଡ଼ିଶାରେ ରାଜତ୍ୱ କରିଥିଲେ ବୋଲି ତାର ପ୍ରମାଣ ସ୍ୱରୂପ ଅନେକ ଦଲିଲ, ସନନ୍ଦ ପ୍ରଭୃତି ପାର୍ସିଭାଷାରେ ଲିଖିତ ହୋଇଥିବାର ଦେଖାଯାଏ । ବର୍ତ୍ତମାନ ମଧ୍ୟ ଇଂରେଜ ଶାସନରେ

ହେବାର ପ୍ରମାଣ ଦେଖାଯାଉଛି । ମାତ୍ର ସୋମବଂଶ ପରେ ଗଙ୍ଗବଂଶୀୟ ରାଜାମାନେ ଯଦି ବଙ୍ଗାଳୀ ହୋଇଥାନ୍ତେ, ତେବେ ବଙ୍ଗଭାଷାର ଏ ଦେଶରେ କିଛି ମାତ୍ର ନିଦର୍ଶନ ରହିଥାନ୍ତା । ଲୋକମାନଙ୍କ ଅନୁମାନ ବିପକ୍ଷରେ ବଡ଼ ଶକ୍ତ ଅକାଟ୍ୟ ପ୍ରମାଣ । ବରଂ ଦେଖାଯାଏ, ଗଙ୍ଗବଂଶ ଅମଳରୁ ଓଡ଼ିଆଅକ୍ଷର ବିଶେଷ ପ୍ରଚଳନ ହେଲା । ଏହାହିଁ ସେମାନେ ବଙ୍ଗାଳୀ ନ ଥିବାର ସ୍ପଷ୍ଟ ପ୍ରମାଣ ।

ବର୍ତ୍ତମାନ ମଧ୍ୟ ଗଙ୍ଗବଂଶାବତଂଶ ନରପତିମାନେ ଦକ୍ଷିଣ ଗଞ୍ଜାମ ଜିଲ୍ଲାରେ ବାସ କରୁଛନ୍ତି । ବଡ଼ଖେମଣ୍ଡି, ସାନଖେମଣ୍ଡି ଓ ପାରଳା ରାଜାମାନେ ଗଜପତି ବା ଗଙ୍ଗବଂଶୀୟ ରାଜା । ଏମାନେ ଖାଣ୍ଟି ଓଡ଼ିଆ । ଓଡ଼ିଆ ଏମାନଙ୍କର ମାତୃଭାଷା । ଓଡ଼ିଆଅକ୍ଷରର ସମୃଦ୍ଧି ଏମାନଙ୍କ ରାଜ୍ୟରେ ବେଶି । ଏହି ଅଞ୍ଚଳର କବିମାନେ ଓଡ଼ିଆ ସାହିତ୍ୟର ବିଶେଷ ଉନ୍ନତି କରିଯାଇଛନ୍ତି । ଏ ସମସ୍ତ ଯଦି ଗଙ୍ଗବଂଶୀୟମାନେ ବଙ୍ଗାଳୀ ଥିବାର ପ୍ରମାଣ ବୋଲି କୁହାଯାଏ, ତହିଁକି ଆମ୍ଭେ ନାଚାର ।

ଗଙ୍ଗବାଡ଼ି ଗ୍ରାମ ପାରଳାଖେମଣ୍ଡି ରାଜଧାନୀ ଅନ୍ତର୍ଗତ । ଏହା ଗୋଟିଏ ପ୍ରାଚୀନ ଗ୍ରାମ । ପୂର୍ବେ ଏ ଗ୍ରାମ ବଡ଼ ସମୃଦ୍ଧିଶାଳୀ ଥିଲା । ପାରଳା ରେଳଲାଇନ ମଧ୍ୟରେ ଅବସ୍ଥିତ । ଏଠାରେ ଗୋଟିଏ ରେଳଷ୍ଟେସନ ଅଛି । ଏହାକୁ ରେଳ କମ୍ପାନୀ 'ଗଙ୍ଗାବାଡ଼ି' ନାମକରଣ କରିଅଛନ୍ତି । ନଉପଡ଼ା ଷ୍ଟେସନଠାରୁ ୧୬ ମାଇଲ ଦୂର । ସ୍ଥାନୀୟ ଲୋକେ ଗ୍ରାମ ନାମ 'ଗଙ୍ଗବାଡ଼ି' ବୋଲି ଜାଣନ୍ତି । ବଡ଼ଖେମଣ୍ଡିର ୨ କିମ୍ବା ୩ ମାଇଲ ପୂର୍ବରେ ଗୋକର୍ଣ୍ଣପୁର । ଏଠାରେ ଗୋକର୍ଣ୍ଣେଶ୍ୱର ମହାଦେବ ଅଛନ୍ତି । ଜଣାଯାଏ ବଡ଼ଖେମଣ୍ଡି, ସାନଖେମଣ୍ଡି ଓ ପାରଳା ପ୍ରଭୃତି ଦୂର ଅତୀତକାଳରେ ଏକ ରାଜ୍ୟ ଅନ୍ତର୍ଗତ ଥିଲା ଏବଂ ଗୋକର୍ଣ୍ଣେଶ୍ୱର ମହାଦେବ ଏ ରାଜ୍ୟର ପ୍ରଧାନ ଇଷ୍ଟଦେବତା ଥିଲେ । ଅନନ୍ତବର୍ମ୍ମା ଏହି ଗଙ୍ଗବାଡ଼ିକୁ ରାଜଧାନୀ କରିଥିଲେ । ପାରଳା ରାଜ୍ୟର ପ୍ରାକୃତିକ ଦୃଶ୍ୟ ଅତୀବ ମନୋହର ଏବଂ ସ୍ୱର୍ଗରାଜ୍ୟ ବୋଲି ଯାହା ବର୍ଣ୍ଣିତ ହୋଇଅଛି ତାହା ପ୍ରକୃତ ଅଟେ । ଏପରି ଜ୍ୱଳନ୍ତ ପ୍ରମାଣ ବର୍ତ୍ତମାନ ଥିବା ସ୍ଥଳେ ତମଲୁକକୁ ଗଙ୍ଗବାଡ଼ି ଆଖ୍ୟା ଦେଇ ଗଙ୍ଗବଂଶୀୟମାନଙ୍କୁ ମାହାତ୍ମ୍ୟ ରହିତ ଓ ବଙ୍ଗାଳୀ କହିବା କେବଳ ଧୃଷ୍ଟତାର କଥା । ମହେନ୍ଦ୍ର ପର୍ବତ ନିକଟରେ ଗୋକର୍ଣ୍ଣେଶ୍ୱର ଅଛନ୍ତି ।

ବର୍ତ୍ତମାନ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱକାଳ ସ୍ଥିର କରିବାର କଥା । ଆମ୍ଭେ ପୂର୍ବେ ଦେଖାଇଅଛୁଁ ଯେ କେଶରୀବଂଶର ରାଜତ୍ୱ ୧୦୭୮ ଖ୍ରୀଷ୍ଟାବ୍ଦରେ ଶେଷ ହେଲା । ବର୍ତ୍ତମାନ ଗଙ୍ଗବଂଶର ରାଜତ୍ୱକାଳ ଖ୍ରୀ: ୧୦୭୮—୧୬୩୪ ଖ୍ରୀଷ୍ଟାବ୍ଦ ଅଥବା ଶକାବ୍ଦ ୧୦୧୦—୧୫୫୬ ପର୍ଯ୍ୟନ୍ତ ?

ଗଙ୍ଗବଂଶାନୁଚରିତ ଅନୁସାରେ ୬ ଦେବ, ୭ ନୃସିଂହ ଓ ୭ ଭାନୁ ଏପରି ୧୮ ଜଣ ରାଜତ୍ୱ କରିଥିଲେ । ମାଦଳାପାଞ୍ଜି ଅନୁସାରେ ଅଠ ଦେବ । ଅନ୍ୟସ୍ଥାନରେ ୬ ଦେବ,

୨ ନୃସିଂହ ଓ ୨ ଭାନୁ । ତାମ୍ରଶାସନ ଅନୁସାରେ ୭ ଦେବ । ଏଥିପାଇଁ ଅସଙ୍ଗତି ଦେଖାଯାଏ ।

ଗଙ୍ଗବଂଶ ରାଜତ୍ୱ ସମୟରେ ପୁରୀରେ ଦୁଇଟି ପ୍ରଧାନ କୀର୍ତ୍ତି ବର୍ତ୍ତମାନ ଅଛି । ଯଥା – ଜଗନ୍ନାଥଙ୍କ ବଡ଼ଦେଉଳ ଓ କୋଣାର୍କ ମନ୍ଦିର ।

ଜଗନ୍ନାଥ ଦେଉଳର ଯେଉଁ କୋଣଗୁଡ଼ିକ ନିର୍ମିତ ଅଛି, ତହିଁରେ ଦେଉଳ ନିର୍ମାଣ ସମ୍ବନ୍ଧରେ ଯାହା ଲିଖିତ ଅଛି ।

(୧) ଶକାବ୍ଦେ ରନ୍ଧ୍ର ଶୁଭ୍ରାଂଶୁ ରୂପ ନକ୍ଷତ୍ର ନାୟକେ
ପ୍ରାସାଦଂ କାରୟାମାସାନଙ୍ଗଭୀମେନ ଧୀମତା ।

ଗଙ୍ଗବଂଶାନୁଚରିତରେ ଲେଖା ଅଛି—

(୨) ଅବ୍ଦଶୌଣୀ ଶଶାଙ୍କେନ୍ଦୁ ଅଙ୍କିତେ ଶାକବତ୍ସରେ
ଅନଙ୍ଗଭୀମଦେବେନ ପ୍ରାସାଦ ଶ୍ରୀପତେ କୃତଃ ।

(୩) ରନ୍ଧ୍ର — ୮, ଶୁଭ୍ରାଂଶୁ — ୧, ରୂପ — ୧, ନକ୍ଷତ୍ର ନାୟକ — ୧; ଅର୍ଥାତ୍ ୧୧୧୮ ଶକାବ୍ଦ — ୧୦୭୨ ଖ୍ରୀଷ୍ଟାବ୍ଦ ।

ତାମ୍ରଶାସନରେ ଲେଖାଅଛି ନରସିଂହଦେବ ୧୨୧୭ ଶକାବ୍ଦରେ ଅର୍ଥାତ୍ ତାଙ୍କ ରାଜତ୍ୱର ୧୮ ଅଙ୍କରେ ଭୂମିଦାନ କରିଥିଲେ । ଦେଖାଯାଉ, ଏ ସମୟ ଠିକ୍ କି ନା ? ୧୦୬୪ ଶକାବ୍ଦରେ କାମାର୍ଣ୍ଣବ ରାଜସିଂହାସନରେ ଅଭିଷିକ୍ତ ହୋଇଲେ ବୋଲି ଉଲ୍ଲେଖ ଅଛି । ସୁତରାଂ ଏ ହିସାବରେ ଅନିୟଙ୍କଭୀମଦେବଙ୍କ ରାଜତ୍ୱର ପ୍ରାରମ୍ଭ ୯୯୪ ଶକାବ୍ଦ । ଅତଏବ ନରସିଂହଦେବଙ୍କ ରାଜତ୍ୱର ପ୍ରାରମ୍ଭ ୧୧୭୬ ଶକାବ୍ଦ ହେବାର କଥା । ତାଙ୍କ ୨୧ ଅଙ୍କ — ୧୧୯୩ ଶକାବ୍ଦ ହେବ । ସୁତରାଂ ତାଙ୍କ ରାଜତ୍ୱ ୧୨୦୩ ଶକାବ୍ଦରେ ଶେଷ ହେଲା । ୧୨୧୭ ଶକାବ୍ଦରେ ସେ ଦାନ ଦେଲେ କିପରି ? ସୁତରାଂ ଏ ସମୟ ଭ୍ରମମୂଳକ ବୋଧ ହେଉଅଛି । ଏ ଗଣନା ଅନୁସାରେ ଅନଙ୍ଗଭୀମଦେବଙ୍କ ରାଜତ୍ୱ ସମୟ ୧୧୪୧ ଶକାବ୍ଦରେ ଆରମ୍ଭ ହେଲା । ସୁତରାଂ ବଡ଼ଦେଉଳର ଯୋଡ଼ଶ ଲିପି ହେତୁ ଏଥି ଅନେକ ଅଛି ।

ପୁରୁଷୋତ୍ତମ ଚନ୍ଦ୍ରିକାରେ ଲିଖିତ ଅଛି ଯେ, ରାଜା ନରସିଂହଦେବଙ୍କ ରାଜତ୍ୱକାଳ ୧୧୭୯ ଶକାବ୍ଦରୁ ୧୨୦୪ ଶକାବ୍ଦ ପର୍ଯ୍ୟନ୍ତ । ଏଥିରୁ ପ୍ରମାଣିତ ହେଉଛି ଯେ ନରସିଂହଙ୍କ ରାଜତ୍ୱକାଳ ତାମ୍ରାନୁଶାସନରେ ଯେପରି ଉଲ୍ଲେଖ ଅଛି ତାହା ଭ୍ରମମୂଳକ ।

କୋଣାର୍କ ମନ୍ଦିର ସମ୍ବନ୍ଧରେ ନାନାପ୍ରକାର ମତଭେଦ ଦେଖାଯାଏ । ତାମ୍ରାନୁଶାସନରେ ଉଲ୍ଲେଖ ଅଛି ଯେ ନରସିଂହଙ୍କ ସମୟରେ କୋଣାର୍କ ମନ୍ଦିର ନିର୍ମିତ ହୋଇଥିଲା । ଗଙ୍ଗବଂଶାନୁଚରିତ ଓ ମାଦଳାପାଞ୍ଜି ଅନୁସାରେ ଲାଙ୍ଗୁଳା ନରସିଂହ କୋଣାର୍କ ମନ୍ଦିର କରାଇଥିଲେ । ବୀର ନରସିଂହ ଓ ଲାଙ୍ଗୁଳା ନରସିଂହ ଏକ ବ୍ୟକ୍ତି ।

ଶ୍ରୀ ଚକ୍ରମଣି ପଣ୍ଡିତଙ୍କ ଓରଫ୍ ଚକ୍ରମଣି ମହାନ୍ତି "ପାଦଳା" ନାମକ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ୧୮୯୫ ମସିହାରେ ପ୍ରକାଶ କରିଥିଲେ । ଏଥିରେ ରାଜାମାନଙ୍କର ରାଜତ୍ୱ ସମୟ ସମ୍ବନ୍ଧେ ଯାହା ଉଲ୍ଲିଖିତ ଅଛି, ତାହା ହଣ୍ଟର ସାହେବଙ୍କ ଇତିହାସ ଅନୁସାରେ ଲେଖା ଥିବାର ଜଣାଯାଏ । ସୁତରାଂ ତଦ୍ଦ୍ୱାରା କୌଣସି ତଥ୍ୟ ମିଳି ନପାରେ ।

ପାରଳା ସ୍କୁଲ୍ ତ୍ରିଶାଟନ ଜଦାନୀ ପଦ୍ମନାଭ ମିଶ୍ର ଶର୍ମା । ୧୯୦୦ ମସିହାରେ ଖଣ୍ଡିଏ "ଶ୍ରୀ ଗଜେନ୍ଦ୍ର ବଂଶାବଳୀ" ନାମକ ପୁସ୍ତକ ରଚନା କରିଅଛନ୍ତି । ଏଥିରେ ସେ ଲେଖିଅଛନ୍ତି ଯେ ଚୂଡ଼ଙ୍ଗଦେବ ଶାଳିବାହନଙ୍କ ଶକାବ୍ଦ ୩୦୨ରେ ରାଜତ୍ୱ ଆରମ୍ଭ କରି ୩୭୬ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଗଙ୍ଗବଂଶର କୌଣସି ବଂଶାବଳୀ ଦେଇଛନ୍ତି ଏବଂ ପ୍ରତ୍ୟେକ ରାଜା କେତେ ବର୍ଷ ରାଜତ୍ୱ କରିଥିଲେ, ତାହା ମଧ୍ୟ ଲେଖିଅଛନ୍ତି । ନିମ୍ନରେ ତାହା ଦେଲୁଁ—(୧) ଚୂଡ଼ଙ୍ଗ ଦେବ ୭୪ ବର୍ଷ, (୨) ଗଙ୍ଗେଶ୍ୱର ଦେବ ୭୮ ବର୍ଷ, (୩) ଭଦ୍ରେଶ୍ୱର ଦେବ ୧୯ ବର୍ଷ, (୪) ଏକଜଟା କାମନ୍ଦ୍ର ଦେବ ୪୫ ବର୍ଷ, (୫) ରାଜରାଜେଶ୍ୱର ଦେବ ୫ ବର୍ଷ, (୬) ମଦନ ଦେବ ୪୦ ବର୍ଷ, (୭) ଅନଙ୍ଗ ଦେବ ୨୮ ବର୍ଷ, (୮) ଅନିୟଙ୍କ ଦେବ ୭୪ ବର୍ଷ, (୯) ପ୍ରତାପଭୀମ ଦେବ ୨୫ ବର୍ଷ — ଏ କୋଣାର୍କ ଦେଉଳ ତୋଳାଇଥିଲେ, (୧୦) ଲାଙ୍ଗୁଳା ନରସିଂହ ୩୬ ବର୍ଷ, (୧୧) ମହୀଚନ୍ଦ୍ର ନରସିଂହ ୨୫ ବର୍ଷ, (୧୨) କବି ନରସିଂହ ୩୩ ବର୍ଷ, (୧୩) ବଳଭାନୁ ୨୪ ବର୍ଷ, (୧୪) ଭଦ୍ର ନୃସିଂହ-୨ୟ ୩୧ ବର୍ଷ (୧୫) ଶଙ୍କର ଭାନୁ ୨୪ ବର୍ଷ, (୧୬) ଜଗନ୍ନାଥ ନାରାୟଣ ୧୪ ବର୍ଷ, (୧୭) କପିଳେନ୍ଦ୍ର ଦେବ ୩୨ ବର୍ଷ, (୧୮) ପୁରୁଷୋତ୍ତମ ଦେବ ।

କପିଳେନ୍ଦ୍ର ଦେବଙ୍କର ସପତ୍ନୀ ଗର୍ଭଜାତ ୧୮ ପୁତ୍ର ଥିଲେ । ସେମାନେ ରାଜା ହୋଇ ନ ପାରିବାରୁ କୋପପ୍ରବୃତ୍ତି କଳିଙ୍ଗର ଦକ୍ଷିଣ ଯାଇ ପାରଳାରେ ବସତି କଲେ ଏବଂ ଜଣେ ପୁତ୍ର ମୁକୁନ୍ଦ ବାମଣ୍ଡାରେ ବସତି କଲେ । ଏଥିରେ ପାରଳା ରାଜବଂଶର ବଂଶାବଳୀ ଲେଖା-ଅଛି । ଏ ସ୍ଥାନରେ ତାହାର ପୂର୍ଣ୍ଣ ବିବରଣ ଦେବାର ଆବଶ୍ୟକ ନାହିଁ । ଯୁକ୍ତତଃ ମିଶ୍ର ମହାଶୟଙ୍କ ରଚନାରୁ ଜଣାଯାଏ ଯେ ହମ୍ବୀରଙ୍କ ପୁତ୍ରଙ୍କର ଦୁଇ ପୁତ୍ର ଥିଲେ—ଶିବଲିଙ୍ଗ ଭାନୁ ଓ ଭୀମକେଶରୀ । ଶେଷୋକ୍ତ ଭୀମକେଶରୀ ପାଞ୍ଚକେମଣ୍ଡି ଓ ବଡ଼କେମଣ୍ଡିରେ ରାଜତ୍ୱ କଲେ । ଟେକ୍କାଲିରେ ମଧ୍ୟ ଏହି ବଂଶୀୟ ପଦ୍ମନାଭ ରାଜତ୍ୱ କଲେ ।

ଶାଳିବାହନ ୩୦୨ ଶକାବ୍ଦ—୩୮୦ ଖ୍ରୀଷ୍ଟାବ୍ଦ ଚୂଡ଼ଙ୍ଗଦେବଙ୍କ ରାଜତ୍ୱ ସମୟଠାରୁ ଆରମ୍ଭ କରି ଅନ୍ୟାନ୍ୟମାନଙ୍କ ରାଜତ୍ୱ ମିଶାଇଲେ ଜଣାଯାଏ ଯେ ଅନଙ୍ଗଭୀମଦେବଙ୍କ ପର୍ଯ୍ୟନ୍ତ ୨୫୧ ବର୍ଷ; ଅର୍ଥାତ୍ ଅନଙ୍ଗଭୀମଙ୍କ ରାଜତ୍ୱ ୫୫୩ ଶକାବ୍ଦରେ ଆରମ୍ଭ ହେଲା । ସୁତରାଂ ଏହା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ । ୫୮୮ ଶକାବ୍ଦରେ ଲଲାଟେନ୍ଦୁକେଶରୀ ଭୁବନେଶ୍ୱର ଦେଉଳ ତୋଳାଇଥିବା ଏବଂ ୧୧୧୮ ଶକାବ୍ଦରେ ଅନଙ୍ଗଭୀମ ଦେବ ବଡ଼ଦେଉଳ ନିର୍ମାଣ ଯାହା

ଦେଖି କରିଥିବାର ଯୁକ୍ତି ପ୍ରମାଣ ଥିବା ସ୍ଥଳେ ଏ ପ୍ରବାଦ କେବଳ କାଳ୍ପନିକ ବୋଲି ପ୍ରମାଣିତ । ଏହା ଐତିହାସିକମାନଙ୍କ ଗ୍ରହଣୀୟ ନୁହେ । ଏ ଗଙ୍ଗ ତାମ୍ରଶାସନ ବା ଗଙ୍ଗବଂଶାନୁଚରିତ କିମ୍ବା ମାଦଳାପାଞ୍ଜି କାହାରେ ସଙ୍ଗତ ମିଳୁନାହିଁ ।

ବାବୁ ମଧୁସୂଦନ ରାଓ ତାଙ୍କ ଉତ୍କଳସାହିତ୍ୟର ସମାଲୋଚନା ପ୍ରବନ୍ଧରେ (ଉ: ସା: ୧ମ ଖଣ୍ଡ ୯ମ ସଂଖ୍ୟାରେ) ଲେଖିଅଛନ୍ତି ଯେ ଚୋଡ଼ଗଙ୍ଗଦେବ ୯୯୯ ଶକାବ୍ଦ ବା ୧୦୭୮ ଖ୍ରୀଷ୍ଟାବ୍ଦରେ ଅଭିଷିକ୍ତ ହୋଇଥିଲେ । ମାତ୍ର ଏ ସିଦ୍ଧାନ୍ତରେ ଭ୍ରମ ଥିବାର ବୋଧ ହୁଏ । କାରଣ ତାମ୍ରାନୁଶାସନରେ ଲେଖିଛି ଅଛି ଯେ ଚୋଡ଼ଗଙ୍ଗଙ୍କ ପରେ କାମାର୍ଣ୍ଣବ ୧୦୬୪ ଶକାବ୍ଦରେ ଅଭିଷିକ୍ତ ହୋଇଥିଲେ ଏବଂ ତତ୍ପୂର୍ବରୁ ଚୋଡ଼ଗଙ୍ଗଦେବ ୭୦ ବର୍ଷ ରାଜତ୍ୱ କରିଥିଲେ । ଯଦି ଏହି ସମସ୍ତକୁ ବିଶ୍ୱାସ କରାଯାଏ, ତେବେ ଚୋଡ଼ଗଙ୍ଗଙ୍କ ରାଜତ୍ୱ ସମୟ ୯୯୪ ଶକାବ୍ଦ ହେବ, ଯାହା କି ବିକ୍ରମ ଶକାବ୍ଦ ଅନୁସାରେ ୯୩୮ ଖ୍ରୀଷ୍ଟାବ୍ଦ ଏବଂ ଶାଲିବାହନ ଶକାବ୍ଦ ଅନୁସାରେ ୧୦୭୨ ଖ୍ରୀଷ୍ଟାବ୍ଦ ହେବ । ମାତ୍ର ଯେମନ୍ତେ ପୂର୍ବେ ଦେଖାଇଅଛୁଁ ତାମ୍ରଶାସନରେ ଯେଉଁ ସମୟ ଉଲ୍ଲେଖ ଅଛି, ତାହା ସଙ୍ଗରେ ସଙ୍ଗତ ଅମେଳ ।

ଷ୍ଟର୍ଲିଂ ଓ ହଣ୍ଟର୍ ସାହେବମାନେ ମାଦଳାପାଞ୍ଜିରୁ ମାନମନ୍ଦିର ନେଇ ଅନେକ ସ୍ଥାନରେ ଆପଣା ମତାନୁସାରେ ଅନଙ୍ଗଭୀମଙ୍କ ରାଜତ୍ୱ ସମୟ ୧୧୭୫—୧୨୦୨ ଖ୍ରୀଷ୍ଟାବ୍ଦ ସ୍ଥିର କରିଅଛନ୍ତି । ମାତ୍ର ବଡ଼ଦେଉଳ ଲିପି ସହିତ ଏହା ଅମେଳ; କାରଣ ମନ୍ଦିର-ଲିପିର ସମୟ ବିକ୍ରମ ଶକାବ୍ଦ ଅନୁସାରେ ୧୦୭୧ ଖ୍ରୀଷ୍ଟାବ୍ଦ ଓ ଶାଲିବାହନ ଶକାବ୍ଦ ଅନୁସାରେ ୧୧୯୬ ଖ୍ରୀଷ୍ଟାବ୍ଦ । ମାଦଳାରେ ଲେଖାଅଛି ଯେ ଏହାଙ୍କ ରାଜତ୍ୱର ୨ ଅଙ୍କରେ ଦେଉଳ କାର୍ଯ୍ୟ ହେଲା । ସୁତରାଂ ଏ ସମସ୍ତ ଯୁକ୍ତିରେ ଏଥିରେ ଅମେଳ ଦେଖାଯାଏ । କାରଣ ଶାଲିବାହନ ଶକାବ୍ଦ ଅନୁସାରେ ଅନଙ୍ଗଭୀମଙ୍କ ରାଜତ୍ୱ ଆରମ୍ଭ ୧୨୫୩ ଶକାବ୍ଦ ହେବ ।

ଏ ସମସ୍ତ ଆଲୋଚନା କଲେ ଏକ ବିଷମ ସମସ୍ୟାରେ ପଡ଼ିବାକୁ ହୁଏ । ଏତେ ଅମେଳ ଥିବା ସ୍ଥଳେ ଏହାର ସାମଞ୍ଜସ୍ୟ କରିବା ବଡ଼ କଠିନ ବ୍ୟାପାର । ଏଥିରେ ମୋ ପରି ଲୋକ ହାତ ଦେବା କେବଳ ହାସ୍ୟାସ୍ପଦ ହେବାର କଥା ! ତଥାପି ଅଜ୍ଞତାର ହୋଇ ପ୍ରସ୍ତୁତ ନ ହେବା ସତ୍ତ୍ୱେ ଆପଣା ମତ ବ୍ୟକ୍ତ କରିବା ଉଚିତ । ଅନ୍ୟମାନେ ବିଶେଷ ଅନୁସନ୍ଧାନ କରି ତଥ୍ୟାନୁସନ୍ଧାନ କରିପାରିଲେ ଅତ୍ୟନ୍ତ ଆଶାଜନକ ।

ଏଠାରେ ଆଉ ଗୋଟିଏ ବିଷୟ ଉଲ୍ଲେଖଯୋଗ୍ୟ । ଭୁବନେଶ୍ୱରର ଶିଳାଲିପି 'ମୁକୁର' ୪ର୍ଥ ଖଣ୍ଡ ୭ମ ଓ ୮ମ ସଂଖ୍ୟାରେ ପ୍ରକାଶିତ ହୋଇଛି । ଏଥିରେ ଲେଖାଅଛି, ରାଜା ଚୋଡ଼ଗଙ୍ଗ ଚନ୍ଦ୍ରବଂଶୀୟ ରାଜା । ଚୋଡ଼ଗଙ୍ଗଦେବଙ୍କ ପୁଣ୍ୟବଳୀ କୋର୍ଣ୍ଣି ତାମ୍ରପତ୍ରରେ ୭ମ ଶ୍ଳୋକରେ ଲେଖାଅଛି—

ଆସୀନ୍ନୃପୁରବଂଶସମ୍ଭବନୃପଃ ପୂର୍ବୋତ୍ତରାର୍ଦ୍ଧଂ ତତଃ । ଇତ୍ୟାଦି ।

ବସ୍ତୁ ସାମନ୍ତ ଗୋବର୍ଦ୍ଧନ ତାଙ୍କର ପ୍ରଧାନ ମନ୍ତ୍ରଣାଦାତା ଥିଲେ । ପୂର୍ବୋକ୍ତ ଦାନପତ୍ର ଶ୍ଳୋକରେ ଲେଖାଅଛି ଯେ—

ଶୈଶବାନ ନନ୍ଦିଶିଖରେ ନରସିଂହପାଃ
ଯସ୍ମାଦ-ତଙ୍କଜ ଚନ୍ଦ୍ରାତ୍ରିମିଶଃ ସ୍ୱପନ୍ତ
ସୁରେନ୍ଦ୍ର ଉତ୍ୟାନନିକେତନ ଭତଃ ଶିଙ୍ଗ୍ର
ନଶ୍ଚେଃପୌତ୍ରମନନଙ୍ଗଭୀମ ନୃପତିଂ ସଦ୍ୟ ପ୍ରତାପାନଳାଃ ।

ଅର୍ଥାତ୍ ଉକ୍ତ ରାଜସ୍ୱଜ ସେହି ବଂଶରେ ଜନ୍ମଗ୍ରହଣ କରିଥିଲେ । ଅନଙ୍ଗଭୀମ ତାଙ୍କଠାରୁ ଜାତ । ଅନେକ ଶ୍ଳୋକାବଳୀ ବର୍ଣ୍ଣିତ ହେବା ପରେ ଲେଖାଅଛି ଯେ ସେହି ରାଜା ଅନଙ୍ଗଭୀମ ଏହି ଭାମରସ୍ତୁ ଶିବ ମନ୍ଦିର ନିର୍ମାଣ କରିଥିଲେ । ଈଶ୍ୱର ନାମକ ପଣ୍ଡିତ ଏହାର କବି । ଏହାର ସମୟର କୌଣସି ନିଦର୍ଶନ ନାହିଁ । ସୁତରାଂ ଏଥିରୁ ବିଶେଷ କିଛି ସାହାଯ୍ୟ ମିଳିବାର ଆଶା ନାହିଁ ।

ଉପରେ ସେହି ନରସିଂହଙ୍କ ତାମ୍ରଶାସନ କଥା କହିଲୁଁ ତା ସମ୍ବନ୍ଧରେ ଆଉ କିଛି ଏ ବକ୍ତବ୍ୟ କହିବାର ଅଛି । ଏ ତାମ୍ରଶାସନରେ ଦୁଇଟି ଦାନ ଦେଖା ଅଛି । ପ୍ରଥମଟିରେ ଲେଖାଅଛି ଯେ—

"ସ୍ୱସ୍ତି ସପ୍ତୋବିଂଶୋତ୍ତର ଦ୍ୱାଦଶଶତ ଶକ ବର୍ଷରେ × × ଶ୍ରୀ ବୀର ନରସିଂହ ଦେବ ମହୀପତେଃ ପ୍ରବର୍ଦ୍ଧମାନବିଜୟାଂଶତ୍ୟାଂଶେ ଉଲ୍ଲେଖ୍ୟମାନେ ସିଂହ ଶୁକ୍ଳ ତ୍ରୟୋଦଶ୍ୟାଂ ସୋମବାରେ ସେମୁଣ୍ଡା କଟକେ" ଇତ୍ୟାଦ । ଅନ୍ୟ ଦାନଟିର ସମୟ "ତ୍ରୟୋତ୍ରିଂଶତ୍ୟଙ୍କେ ସପ୍ତଦଶାଧିକ ଦ୍ୱାଦଶ ଶତମିତେ ଗତବର୍ଷ ଶକବର୍ଷରେ" । ଅନ୍ୟ ଦାନଟିରେ ସମୟ "ସ୍ୱସ୍ତି ଶକନୃପତେଃ ଅତୀତେଽଷ୍ଟାଦଶୋତ୍ତର ଦ୍ୱାଦଶଶତ ବର୍ଷର" ଇତ୍ୟାଦ । ଏ ଶାସନରେ ଅନ୍ୟମାନଙ୍କ ସମ୍ବନ୍ଧେ ଯେଉଁ ସମୟ ଉଲ୍ଲେଖ ଅଛି ତାହା ଉପେକ୍ଷା କରାଯାଇପାରେ । ମାତ୍ର ଦାନର ଯେଉଁ ସମୟ ନିର୍ଦ୍ଦିଷ୍ଟ ଅଛି, ତାହା ଉପେକ୍ଷା କରିବା ବଡ଼ ସହଜ ନୁହେଁ । କାରଣ ସେ ସେତେବେଳେ ଯାହା ଲେଖି ଦେଲ ତାହାରୁ ଏ ସେ ଅବଶ୍ୟ ପ୍ରଚଳିତ ଶକ ଭାବରେ ଦେଉଥାଏ ।

୧୨୧୭ ଶକାବ୍ଦରେ ବୀର ନରସିଂହଙ୍କ ୨୧ ଅଙ୍କ ବୋଲି ଉଲ୍ଲେଖ ଅଛି ଏବଂ ବଂଶାବଳୀରୁ ଜଣାଯାଏ ଯେ ଭାନୁଦେବଙ୍କ ପୁତ୍ର ବୀର ଶ୍ରୀ ନୃସିଂହ । ଦାନ ଦେବାବେଳକୁ ତାଙ୍କ ରାଜତ୍ୱ ୧୭ ବର୍ଷ ଶେଷ ହୋଇଥିଲା । ସୁତରାଂ ତାଙ୍କ ରାଜତ୍ୱର ପ୍ରାରମ୍ଭ କାଳ ୧୨୦୦ ଶକାବ୍ଦ ।

ତାମ୍ରଶାସନରେ ଅନ୍ୟ ରାଜାମାନଙ୍କର ଯେଉଁ ସମୟ ଉଲ୍ଲେଖ ଅଛି ତାହା ସହିତ ଏ ସମୟ ଗଣନା କରି ଦେଖିଲେ କି ଫଳ ହେବ ଦେଖନ୍ତୁ—

| | | | |
|---|---|---|---|
| ୧ । ଚୋଡ଼ଗଙ୍ଗ | ଦେବ | ଶକାବ୍ଦ | ୯୯୮—୧୦୬୮ |
| ୨ । କାମାର୍ଣ୍ଣବ | — | ,, | ୧୦୬୮—୧୦୭୮ |

| | | | | |
|---|---|---|---|---|
| ୩। | ଶ୍ରୀଧର | ଦେବ | ଶକାବ୍ଦ | ୧୦୪୮—୧୦୬୩ |
| ୪। | ରାଜରାଜ | - - | ,, | ୧୦୬୩—୧୦୮୮ |
| ୫। | ଅସ୍ତୁକ | — | ,, | ୧୦୮୮—୧୦୯୮ |
| ୬। | ଗୁଣଧର | — | ,, | ୧୦୯୮—୧୧୧୫ |
| ୭। | ଅନଙ୍ଗ | — | ,, | ୧୧୧୫—୧୧୪୯ |
| ୮। | ଶ୍ରୀନରସିଂହ | — | ,, | ୧୧୪୯—୧୧୮୨ |
| ୯। | ଭାନୁ | — | ,, | ୧୧୮୨—୧୨୦୦ |
| ୧୦। | ବଡ ନୃସିଂହ | — | ,, | ୧୨୦୦ |

ଏ ହିସାବରେ ଦେଖିଲେ କାମାର୍ଣ୍ଣବଙ୍କ ରାଜତ୍ୱ ସମୟର ପ୍ରାରମ୍ଭ ୧୦୬୪ ଶକାବ୍ଦ ଲିଖିତ ଅଛି। ତାହା ଠିକ୍ କେଉଁଠି ?

କାମାର୍ଣ୍ଣବଙ୍କ ସମୟ ୧୦୬୪ ଶକାବ୍ଦରୁ ଆରମ୍ଭ ହୋଇଥିବାର ଧରି ନେଲେ ବଡ ନୃସିଂହଙ୍କ ରାଜତ୍ୱର ପ୍ରାରମ୍ଭ ୧୨୨୬ ଶକାବ୍ଦ ହେବ ଏବଂ ଚୋଡଗଙ୍ଗଦେବଙ୍କ ରାଜତ୍ୱର ପ୍ରାରମ୍ଭ କାଳ ୯୯୪ ଶକାବ୍ଦ ହେବ। ସୁତରାଂ ତାମ୍ରଶାସନରେ ଲେଖାଥିବା ୧୦୬୪ ଶକାବ୍ଦ ଯେ ଠିକ୍ ନୁହେଁ, ଏହା ସ୍ପଷ୍ଟ ପ୍ରମାଣିତ ହେଉଛି। ତାମ୍ରଶାସନଗୁଡ଼ିକ ଦାନପତ୍ର। ପ୍ରଶସ୍ତି ଲେଖକମାନେ ଅବଶ୍ୟ ତୋଷାମୋଦ ପ୍ରିୟ ହୋଇଥିବେ। ବର୍ଣ୍ଣନାରେ ଅତିରଞ୍ଜିତ କଥା ଲେଖିବା ଅସମ୍ଭବ ନୁହେଁ। ଚୋଡଗଙ୍ଗଦେବ ଯେ ସୁଦୀର୍ଘକାଳ ରାଜତ୍ୱ କରିଥିଲେ, ଏଥିରେ ସନ୍ଦେହ ନାହିଁ। ମାଦଳାପାଞ୍ଜିରେ ଏହି ରାଜାଙ୍କ ୭୨ ବର୍ଷ ରାଜତ୍ୱ ଉଲ୍ଲେଖ ଅଛି। ସୁତରାଂ ତାମ୍ରଶାସନ କିମ୍ବା ୭୦ ବର୍ଷ ଲେଖିବା ଅସମ୍ଭବ କାହିଁକି ? ଏପରି ଅନେକ ସ୍ଥଳରେ ଘଟିଥିବ। ଦାନପତ୍ରୀଙ୍କ ସମୟ ଠିକ୍ ଥିବା ପ୍ରମାଣିତ ହୋଇଅଛି। କାରଣ ଏ ପ୍ରଶସ୍ତି ସବୁ ଦାନର ସଙ୍ଗେ ସଙ୍ଗେ ଲେଖା ହୋଇଥିବ ତାହାହେଲେ ସେହି ବର୍ଷ ମାସ ସମ୍ବନ୍ଧେ ଭ୍ରମ ହୋଇ ନପାରେ।

ଅଚ୍ଛା, ମାଦଳାପାଞ୍ଜିରେ ଯାହା ଉଲ୍ଲେଖ ଅଛି ତାହା ଆଲୋଚନା କରିବା ଆବଶ୍ୟକ। ମାଦଳାପାଞ୍ଜିର ତିନଗୋଟି ଅଂଶ ଆମ୍ଭର ହସ୍ତଗତ ହୋଇଅଛି। ଆମ୍ଭେ ପ୍ରତ୍ୟେକ ଅଂଶରେ ଉଲ୍ଲେଖ ଥିବା ସମୟ ସମ୍ବନ୍ଧେ ଆଲୋଚନା କରିବୁଁ ଏବଂ ତିନିମଧ୍ୟରୁ କେଉଁ ଅଂଶ ଲିଖିତ ସମୟ ଗ୍ରାହ୍ୟ, ତାହା ବିବେଚନା କରିବୁଁ।

ପ୍ରଥମ ଅଂଶରେ ଯାହା ଉଲ୍ଲେଖ ଅଛି, ତାହା କ୍ରମରେ ଦିଆଗଲା—

( ୧ )

| | | | | | | |
|---|---|---|---|---|---|---|
| ୧। | ଚୋଡଗଙ୍ଗଦେବ | ୭୨ | ଅଙ୍କରେ | ୫୪ | ବର୍ଷ ଶକାବ୍ଦ | ୧୦୦୯–୧୦୬୨ |
| ୨। | ଗଙ୍ଗେଶ୍ୱର ଦେବ | ୩୧ | ,, | ୨୫ | ,, | ୧୦୬୨–୧୦୮୭ |
| ୩। | ଏକଜଟା କାମଦେବ | ୯ | ,, | ୭ | ,, | ୧୦୮୭–୧୦୯୫ |

| | | | | | | |
|---|---|---|---|---|---|---|
| ୪ । | ମଦନ ମହାଦେବ | ୭ | ଅଙ୍କରେ | ୫ | ବର୍ଷ ଶକାବ୍ଦ | ୧୦୯୫-୧୧୦୦ |
| ୫ । | ଅନଙ୍ଗଭୀମ ଦେବ | ୩୩ | ,, | ୨୭ | ,, | ୧୧୦୦-୧୧୨୭ |
| ୬ । | ରାଜରାଜେଶ୍ୱର | ୭ | ,, | ୫ | ,, | ୧୧୨୭-୧୧୩୨ |
| ୭ । | ଲାଙ୍ଗୁଳା ନରସିଂହ | ୨୨ | ,, | ୧୮ | ,, | ୧୨୩୨-୧୧୫୦ |
| ୮ । | କବି ନରସିଂହ | ୩୧ | ,, | ୨୫ | ,, | ୧୧୫୦-୧୧୭୫ |
| ୯ । | ପ୍ରତାପ ନରସିଂହ | ୨୪ | ,, | ୨୦ | ,, | ୧୧୭୫-୧୧୯୫ |
| ୧୦ । | ଖଞ୍ଜନାଙ୍କୁଶ ନରସିଂହ | ୩ | ,, | ୨ | ,, | ୧୧୯୫-୧୧୯୭ |
| ୧୧ । | ନିଃଶଙ୍କ ନରସିଂହ | ୨ | ,, | ୧ | ,, | ୧୧୯୭-୧୧୯୮ |
| ୧୨ । | ବୀରଭାନୁ | ୯ | ,, | ୭ | ,, | ୧୧୯୮-୧୨୦୫ |
| ୧୩ । | ଖଞ୍ଜରଭାନୁ | ୩୧ | ,, | ୨୪ | ,, | ୧୨୦୫-୧୨୨୯ |
| ୧୪ । | ନେତ୍ରଭାନୁ | ୨୫ | ,, | ୨୧ | ,, | ୧୨୨୯-୧୨୫୦ |
| ୧୫ । | ଗୀରଭାନୁ | ୨୪ | ,, | ୧୯ | ,, | ୧୨୫୦-୧୨୬୯ |
| ୧୬ । | ଜଳିଭାନୁ | ୧୫ | ,, | ୨୧ | ,, | ୧୨୬୯-୧୨୮୨ |
| ୧୭ । | ନିତଭାନୁ | ୨୮ | ,, | ୧୩ | ,, | ୧୨୮୨-୧୩୦୫ |
| ୧୮ । | ଅକଟାଅବଟା ଭାନୁ | ୧୫ | ,, | ୧୮ | ,, | ୧୩୦୫-୧୩୨୩ |

ଉପରୋକ୍ତ ତାଲିକାରେ ଅଙ୍କ ସହିତ ବର୍ଷ ମେଳ କରି ଦେଖିବାରୁ ଦୁଇ ସ୍ଥାନରେ ସାମାନ୍ୟ ଭ୍ରମ ଦେଖାଯାଏ, ଯଥା -- ୧୩ ସଂଖ୍ୟାର ୩୧ ଅଙ୍କରେ ୨୪ ସ୍ଥଳେ ୨୫ ହେବ ଏବଂ ୧୫ ସଂଖ୍ୟାର ୨୪ ଅଙ୍କରେ ୧୯ ସ୍ଥଳେ ୨୦ ହେବ । ଏ ଅନୁସାରେ ସଂଶୋଧନ ହେଲେ ୧୩୨୫ ଶକାବ୍ଦ ପର୍ଯ୍ୟନ୍ତ ହେଲା । ତାହାର ହିସାବ ଆମ୍ଭେ ଦେଉଅଛୁ; ମାଦଳାପାଞ୍ଜିରେ ନ ଥିଲା ।

( ୨ )

ଅନ୍ୟ ଏକ ଅଂଶରେ ଯେଉଁ ରାଜାଙ୍କର ଉଲ୍ଲେଖ ଅଛି, ତାହା ନିମ୍ନରେ ଦେଲୁଁ —

| | | | | |
|---|---|---|---|---|
| ୧ । | ଚୋଡ଼ଗଙ୍ଗଦେବ | ବ ୭୭।୬।୧୦ | ଶକାବ୍ଦ | ୯୯୮-୧୦୭୫ |
| ୨ । | ଗଙ୍ଗେଶ୍ୱର | ବ ୯ | ,, | ୧୦୭୫-୧୦୮୪ |
| ୩ । | ଏକଜଟା କାମଦେବ | ବ ୭ | ,, | ୧୦୮୪ ୧୦୯୧ |
| ୪ । | ମଦନ ମହାଦେବ | ବ ୫ | ,, | ୧୦୯୧-୧୦୯୬ |
| ୫ । | ଅନଙ୍ଗଭୀମ ଦେବ | ବ ୨୬ | ,, | ୧୦୫୭-୧୦୮୩ |
| ୬ । | ପୁରୁଷୋତ୍ତମ ଦେବ | ବ ୨୨ | ,, | ୧୦୮୩-୧୧୦୫ |
| ୭ । | ଅନଙ୍ଗଭୀମ ଦେବ | ବ ୨୭ | ,, | ୧୧୦୫-୧୧୩୨ |
| ୮ । | ରାଜରାଜେଶ୍ୱର ଦେବ | ବ ୧ | ,, | ୧୧୩୧-୧୧୩୨ |

| | | | |
|---|---|---|---|
| ୩ । ଶ୍ରୀଧବ | ଦେବ | ଶକାବ୍ଦ | ୧୦୪୮—୧୦୬୩ |
| ୪ । ରାଜରାଜ | - - | ,, | ୧୦୬୩—୧୦୮୮ |
| ୫ । ଅନଙ୍ଗ | — | ,, | ୧୦୮୮—୧୦୯୮ |
| ୬ । ରାଜରାଜ | — | ,, | ୧୦୯୮—୧୧୧୫ |
| ୭ । ଅନଙ୍ଗ | — | ,, | ୧୧୧୫—୧୧୪୯ |
| ୮ । ଶ୍ରୀନରସିଂହ | — | ,, | ୧୧୪୯—୧୧୮୨ |
| ୯ । ଭାନୁ | — | ,, | ୧୧୮୨—୧୨୦୦ |
| ୧୦ । ନର ନୃସିଂହ | — | ,, | ୧୨୦୦ |

ଏ ହିସାବରେ ଦେଖିଲେ କାମାର୍ଣ୍ଣବଙ୍କ ରାଜତ୍ୱ ଶେଷରୁ ପ୍ରାରମ୍ଭ ୧୦୬୪ ଶକାବ୍ଦ ହେଉଅଛି । ତାହା ମିଳିଲା କେଉଁଠି ?

କାମାର୍ଣ୍ଣବଙ୍କ ଶେଷ ୧୦୬୪ ଶକାବ୍ଦରୁ ଆରମ୍ଭ ହୋଇଥିବାର ଧରାଗଲେ ନର ନୃସିଂହଙ୍କ ରାଜତ୍ୱର ପ୍ରାରମ୍ଭ ୧୨୨୬ ଶକାବ୍ଦ ହେବ ଏବଂ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱର ପ୍ରାରମ୍ଭ କାଳ ୯୯୪ ଶକାବ୍ଦ ହେବ । ସୁତରାଂ ତାମ୍ରଶାସନରେ ଲେଖାଥିବା ୧୦୬୪ ଶକାବ୍ଦ ସେ ଠିକ୍ ନୁହେଁ, ଏହା ସ୍ପଷ୍ଟ ପ୍ରମାଣିତ ହେଉଛି । ତାମ୍ରାନୁଶାସନଗୁଡ଼ିକ ଜାଲପତ୍ର । ତେଣୁ ଲୋକମାନେ ଅବଶ୍ୟ ତାମ୍ରଶାସନ ବାଜେ ବୋଲି କହୁଅଛନ୍ତି । ବର୍ତ୍ତମାନରେ ଅତିରିକ୍ତ କଥା ଲେଖିବା ଅନୁଚିତ ନୁହେଁ । ଚୋଡ଼ଗଙ୍ଗଦେବ ଯେ ସର୍ବକାଳ ରାଜତ୍ୱ କରିଥିଲେ, ଏଥିରେ ସନ୍ଦେହ ନାହିଁ । ମାଦଳାପାଞ୍ଜିରେ ଏହି ସ୍ଥଳେ ୭୨ ବର୍ଷ ବୋଲି ଉଲ୍ଲେଖ ଅଛି । ସୁତରାଂ ତାମ୍ରଶାସନ ଶକ ୭୦ ବର୍ଷ ଲେଖିବା ଅସମ୍ଭବ ନାହିଁକି ? ଏହିପରି ଅନେକ ସ୍ଥଳରେ ଘଟିଥିବ । ତାତ୍କାଳୀନ ଶକସ୍ତ ଠିକ୍ କଥା ସ୍ୱୀକାର କରାଯାଉଅଛି । କାରଣ ଏ ପ୍ରବନ୍ଧ ଲିଖିତ ପାଞ୍ଜିର ଅବଲମ୍ବିତ ପୁଣି ଲେଖା ହୋଇଥିବ ତାହାହେଲେ କେତେ ବର୍ଷ ମାତ୍ର ସମ୍ଭବେ ଭ୍ରମ ହୋଇ ନପାରେ ।

ଅଛା, ମାଦଳାପାଞ୍ଜିରେ ଯାହା ଉଲ୍ଲେଖ ଅଛି ତାହା ଅନୁସନ୍ଧାନ କରିବା ଆବଶ୍ୟକ । ମାଦଳାପାଞ୍ଜିର କେତେକାଂଶ ଅଂଶ ଅତ୍ୟନ୍ତ ମୁଦ୍ରିତ ହୋଇଛି । ଆମ୍ଭେ ସେଥିର ଅଂଶରେ ଉଲ୍ଲେଖ ଥିବା ସମସ୍ତ ଲୋକଙ୍କ ଆଲୋଚନା କରିବୁଁ ଏବଂ ତହିଁମଧ୍ୟରୁ କେଉଁ ଅଂଶ ଲିଖିତ ରହିଛି ତାହା, ତାହା ସମାଲୋଚନା କରିବୁଁ ।

ପ୍ରଥମ ଅଂଶରେ ଯାହା ଉଲ୍ଲେଖ ଅଛି, ତାହା ନିମ୍ନରେ ଦିଆଗଲା—

( ୧ )

| | | | | | |
|---|---|---|---|---|---|
| ୧ । ଚୋଡ଼ଗଙ୍ଗଦେବ | ୭୨ ଅଙ୍କରେ | ୫୪ ବର୍ଷ | ଶକାବ୍ଦ | ୧୦୦୯-୧୦୬୨ |
| ୨ । ଗଙ୍ଗେଶ୍ୱର ଦେବ | ୩୧ ,, | ୨୫ | ,, | ୧୦୬୨-୧୦୮୮ |
| ୩ । ଏକଜଟା କାମଦେବ | ୯ ,, | ୭ | ,, | ୧୦୮୮-୧୦୯୫ |

| | | | | | | |
|---|---|---|---|---|---|---|
| ୪ । | ମଦନ ମହାଦେବ | ୭ | ଅଙ୍କରେ | ୫ | ବର୍ଷ ରାଜତ୍ୱ | ୧୦୯୫-୧୧୦୦ |
| ୫ । | ଅନଙ୍ଗଭୀମ ଦେବ | ୩୬ | ,, | ୨୭ | ,, | ୧୧୦୦-୧୧୨୭ |
| ୬ । | ରାଜରାଜେଶ୍ୱର | ୭ | ,, | ୫ | ,, | ୧୧୨୭-୧୧୩୨ |
| ୭ । | ଲାଙ୍ଗୁଳା ନରସିଂହ | ୨୨ | ,, | ୧୮ | ,, | ୧୧୩୨-୧୧୫୦ |
| ୮ । | ଭଗ୍ନ ନରସିଂହ | ୩୧ | ,, | ୨୫ | ,, | ୧୧୫୦-୧୧୭୫ |
| ୯ । | ପ୍ରତାପ ନରସିଂହ | ୨୪ | ,, | ୨୦ | ,, | ୧୧୭୫-୧୧୯୫ |
| ୧୦ । | ଜନଦାନ୍ତ ନରସିଂହ | ୩ | ,, | ୨ | ,, | ୧୧୯୫-୧୧୯୭ |
| ୧୧ । | କପିଳ ନରସିଂହ | ୨ | ,, | ୧ | ,, | ୧୧୯୭-୧୧୯୮ |
| ୧୨ । | ଶଙ୍ଖଭାନୁ | ୯ | ,, | ୭ | ,, | ୧୧୯୮-୧୨୦୫ |
| ୧୩ । | ଅର୍କଭାନୁ | ୩୧ | ,, | ୨୪ | ,, | ୧୨୦୫-୧୨୨୯ |
| ୧୪ । | ଦଶଭାନୁ | ୨୫ | ,, | ୨୧ | ,, | ୧୨୨୯-୧୨୫୦ |
| ୧୫ । | ବୀରଭାନୁ | ୨୪ | ,, | ୧୯ | ,, | ୧୨୫୦-୧୨୬୯ |
| ୧୬ । | ଜଳଭାନୁ | ୨୫ | ,, | ୨୧ | ,, | ୧୨୬୯-୧୨୯୨ |
| ୧୭ । | ନେତ୍ରଭାନୁ | ୨୮ | ,, | ୧୩ | ,, | ୧୨୯୨-୧୩୦୫ |
| ୧୮ । | ଅକ୍ଷୟାଦୋଷା ଭାନୁ | ୧୫ | ,, | ୧୮ | ,, | ୧୩୦୫-୧୩୨୩ |

ଉପରୋକ୍ତ ତାଲିକାରେ ଅଙ୍କ ହେତୁ ବର୍ଷ ମେଳ କରି ଦେଖିବାରେ ଦୁଇ ସ୍ଥାନରେ ସାମାନ୍ୟ ଭ୍ରମ ଦେଖାଯାଏ, ଯଥା—୧୩ ରାଜାଙ୍କର ୩୧ ଅଙ୍କରେ ୨୪ ସ୍ଥଳେ ୨୫ ହେବ ଏବଂ ୧୫ ରାଜାଙ୍କର ୨୪ ଅଙ୍କରେ ୧୯ ସ୍ଥଳେ ୨୦ ହେବ । ଏ ଅନୁସାରେ ସଂଶୋଧନ କଲେ ୧୩୨୫ ଶକାବ୍ଦ ପର୍ଯ୍ୟନ୍ତ ହେବ । ଶାସନ ଦୁଇଟି ଆଉ ଦେଖିଛୁ; ମାଦଳାପାଞ୍ଜିରେ ନ ଥିଲା ।

( ୨ )

ଅନ୍ୟ ଏକ ଶାସନରେ ଯେଉଁ ସମୟର ଉଲ୍ଲେଖ ଅଛି, ତାହା ଅନୁସାରେ ଦେଲୁଁ—

| | | | | |
|---|---|---|---|---|
| ୧ । | ଚୋଡ଼ଗଙ୍ଗଦେବ | ବା ୬୭/୭୧୦ | ରାଜତ୍ୱ | ୯୯୮-୧୦୭୫ |
| ୨ । | ଗଙ୍ଗେଶ୍ୱର | ବା ୯ | ,, | ୧୦୭୫-୧୦୮୪ |
| ୩ । | ଏକଜଟା କାମଦେବ | ବା ୭ | ,, | ୧୦୮୪ ୧୦୯୧ |
| ୪ । | ମଦନ ମହାଦେବ | ବା ୧୫ | ,, | ୧୦୯୧-୧୦୯୬ |
| ୫ । | ଅନଙ୍ଗଭୀମ ଦେବ | ବା ୨୭ | ,, | ୧୦୯୬-୧୦୮୩ |
| ୬ । | ବୃଦ୍ଧଶୋଣ୍ଡୀ ଦେବ | ବା ୨୨ | ,, | ୧୦୮୩-୧୧୦୫ |
| ୭ । | ଅନଙ୍ଗଭୀମ ଦେବ | ବା ୨୭ | ,, | ୧୧୦୫-୧୧୩୧ |
| ୮ । | ରାଜରାଜେଶ୍ୱର ଦେବ | ବା ୧ | ,, | ୧୧୩୧-୧୧୩୨ |

| | | | |
|---|---|---|---|
| ୯ । ଲାଙ୍ଗୁଳା ନରସିଂହ | ବ ୨୮ | ଶକାବ୍ଦ | ୧୧୩୨-୧୧୫୮ |
| ୧୦ । କବି ନରସିଂହ | ବ ୨୫ | ,, | ୧୧୫୮-୧୧୮୩ |
| ୧୧ । ପ୍ରତାପ ନରସିଂହ | ବ ୩୩ | ,, | ୧୧୮୩-୧୨୧୬ |
| ୧୨ । ବାଣ୍ଡବରକାଳ | ବ ୧ | ,, | ୧୨୧୬-୧୨୧୮ |
| ୧୩ । ଗଜଳା | ବ ୦।୧।୩ | ,, | ୧୨୧୮-୧୨୧୮ |
| ୧୪ । ଶଙ୍ଖଭାନୁ | ବ ୨୭ | ,, | ୧୨୧୮-୧୨୪୫ |
| ୧୫ । ଭଜଦଭାନୁ ଦେବ | ବ ୨୪ | ,, | ୧୨୪୫-୧୨୬୯ |
| ୧୬ । ବଳଭାନୁ | ବ ୨୬ | ,, | ୧୨୬୯-୧୨୯୫ |
| ୧୭ । ବୀରଭାନୁ | ବ ୨୪ | ,, | ୧୨୯୫-୧୩୧୯ |
| ୧୮ । ବଳିଭାନୁ | ବ ୧୪ | ,, | ୧୩୧୯-୧୩୩୩ |
| ୧୯ । ଜଡ଼ିଭାନୁ | ବ ୨୩।୬ | ,, | ୧୩୩୩-୧୩୫୬ |
| ୨୦ । ଅକଟାଅବଟା ଭାନୁ | ବ ୫ | ,, | ୧୩୫୬-୧୩୬୨ |

( ଖ )

ମାଦଳାପାଞ୍ଜିର ଅନ୍ୟ ଏକ ଅଂଶରେ ଉଲ୍ଲେଖ ଅଛି, ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱଠାରୁ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ପର୍ଯ୍ୟନ୍ତ ଶକାବ୍ଦ ୧୦୫୪—୧୩୫୭ ବା ଖ୍ରୀଷ୍ଟାବ୍ଦ ୧୧୩୨—୧୪୩୫ । ଏ ତାଲିକା ଉପରର ରାଜେନ୍ଦ୍ରଙ୍କ ତାଲିକା ସହିତ ଅନେକ ମେଳ ହେଉଅଛି । ଏଥିରେ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ୨୦ ବର୍ଷ ଏବଂ ନିମ୍ନଲିଖିତ ଶ୍ଳୋକ ମଧ୍ୟ ଅଛି ।

ଶ୍ରୀଲାଙ୍ଗୁଳନରସିଂହେନ ଶ୍ରେଷ୍ଠରେଷାଂ ଶୁଭାକରଃ
ପ୍ରାସାଦଃ କାର୍କଭାର୍କସ୍ୟ ଶକେବ୍ଦାବର୍ଣ୍ଣେ ଶତେ ।

ଉପରୋକ୍ତ ଶ୍ଳୋକଟି କୋଣାର୍କ ମନ୍ଦିରର ନିର୍ମାଣ ସମୟ ଅର୍ଥାତ୍ ଲାଙ୍ଗୁଳା ନରସିଂହ ୧୨୦୦ ଶକାବ୍ଦରେ ସୂର୍ଯ୍ୟମନ୍ଦିର ନିର୍ମାଣ କରାଇଥିଲେ ।

ମାଦଳାପାଞ୍ଜିର ଅନ୍ୟ ଏକ ଅଂଶରେ ଏ ସମ୍ବନ୍ଧେ ଲେଖାଯାଏ ଯେ ଲାଙ୍ଗୁଳା ନରସିଂହଙ୍କ ୪ ଅଙ୍କରେ କୋଣାର୍କ ଦେଉଳ ଶୁଭ ହୋଇଥିଲା । ସେ ୧୧୩୬ ଶକାବ୍ଦରେ ଦେଉଳ ନିର୍ମାଣର ଦିବାଣ ସାମନ୍ତରାୟଙ୍କ ମୂଳକ ଦେଇ ୧୨ ବର୍ଷ ପ୍ରସିଦ୍ଧରେ ରହିଲେ ଏବଂ ତାହାଙ୍କ ୨୧ ଅଙ୍କରେ ଦେଉଳ ପ୍ରତିଷ୍ଠା କରାଇଥିଲେ । ଏଥିରୁ ଜଣାଯାଏ ଯେ ଦେଉଳ ନିର୍ମାଣ କାର୍ଯ୍ୟ ୧୬ ବର୍ଷ ଲାଗିଥିଲା ଏବଂ ଲାଙ୍ଗୁଳା ନରସିଂହ ଦେବ ୧୧୩୨—୧୧୫୮ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏବଂ ଦେଉଳ ନିର୍ମାଣ କାର୍ଯ୍ୟ ୧୧୪୯ ଶକାବ୍ଦରେ ଶେଷ ହୋଇଥିଲା । ସୁତରାଂ ଉପରୋକ୍ତ ଶ୍ଳୋକ ସହିତ ମେଳ ହେଉନାହିଁ । ଉପରୋକ୍ତ ତାମ୍ରଶାସନ ସହିତ ମଧ୍ୟ ଅମେଳ ଥିବାରୁ ଉପରୋକ୍ତ ତାଲିକାରୁ ଜଣାଯାଏ ।

ବର୍ତ୍ତମାନ ଦେଖିବାକୁ ହେବ କେଉଁ ତାଲିକା-ଲିଖିତ ସମୟ ଠିକ୍ ? ଆମ୍ଭ ତାଲିକାରେ ଦେଉଁ ସମୟ ଉଲ୍ଲେଖ ଅଛି ସେ ସମ୍ବନ୍ଧେ ଆଲୋଚନା କରୁଅଛୁ । କପିଳେନ୍ଦ୍ର ଦେବଙ୍କର କୋଡ଼ିଏ ପ୍ରକାର ଶକାବ୍ଦ ଚଳୁଅଛି । ତାହା ବର୍ତ୍ତମାନ ୪୯୨ । ସୁତରାଂ କପିଳେନ୍ଦ୍ର ଦେବ ୧୪୩୫ ଖ୍ରୀଷ୍ଟାବ୍ଦ ବା ୧୩୫୭ ଶକାବ୍ଦରେ ରାଜତ୍ୱ କରିଥିବା ସୁନିଶ୍ଚିତ । ମାତ୍ର ଉପରୋକ୍ତ ଆମ୍ଭ ତାଲିକାରୁ ଜଣାଯାଏ ଯେ କପିଳେନ୍ଦ୍ର ଦେବ ୧୪୪୨ ଖ୍ରୀଷ୍ଟାବ୍ଦ ବା ୧୩୬୪ ଶକାବ୍ଦରେ ରାଜତ୍ୱ କରିଥିଲେ । ସୁତରାଂ ଆମ୍ଭେ କହିପାରୁଁ ଯେ ମାଦଳାପାଞ୍ଜିର ଏ ଅଂଶ ସ୍ୱର୍ଣ୍ଣଙ୍କ ହିସାବ ପରେ ତଦନୁଯାୟୀ ସଂଶୋଧିତ ହୋଇଥିବ । ନଚେତ୍ କପରି ଉକ୍ତ ଏ ହିସାବ ଅବିକଳ ମିଳିବ କପରି ? ସୁତରାଂ ଏ ତାଲିକା ବିଶ୍ୱାସଯୋଗ୍ୟ ବୋଧ ହେଉନାହିଁ । ଆମ୍ଭେ ସେ ତାଲିକା ଦେଖି ଅନ୍ୟ ମତରେ ଏରୂପଣ ଧାରଣା ହୋଇଛି । ଲାଙ୍ଗୁଲା ନରସିଂହ ୪୫ ବର୍ଷ ରାଜତ୍ୱ କରିଥିବା ବିଷୟ ମାଦଳାପାଞ୍ଜିରେ ନାହିଁ । ସୁତରାଂ ଏ ସମସ୍ତ ଭ୍ରମପୂର୍ଣ୍ଣ ଦେଖି ଆମ୍ଭେ ସେ ହିସାବ ଉପରେ ବହୁ ମାତ୍ର ଆସ୍ଥା ସ୍ଥାପନ କରିପାରୁନାହୁଁ ।

ତାମ୍ରଶାସନ ସମ୍ବନ୍ଧେ ପୂର୍ବେ କହୁଛୁଁ । (୧ ଓ ୨) ତାଲିକାର ଯଥାର୍ଥତା ଦେଖିବା ଆବଶ୍ୟକ । ୧ ତାଲିକାରେ ଅଙ୍କ ସହିତ ଶକାବ୍ଦ ମେଳ ହୋଇଅଛି । ତାହା ଅଟେଳ ଲେଖା ଲୁଚିଛି ବୋଲି ଜଣାଯାଏ ।

ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟ ୭୦ ବର୍ଷ ବୋଲି ତାମ୍ରଶାସନ ଓ ଗଙ୍ଗବଂଶାନୁଚରିତ ସାକ୍ଷ୍ୟ ଦେଉଅଛି । ମାଦଳାପାଞ୍ଜିର ଦ୍ୱିତୀୟ ତାଲିକାରୁ ଜଣାଯାଏ ପ୍ରାୟ ୭୨ ବର୍ଷ । ସୁତରାଂ ଏହା ଅବିଶ୍ୱାସ କରାଯାଇ ନପାରେ । ମାତ୍ର ପ୍ରଥମ ତାଲିକାରେ ୭୨ ଅଙ୍କରେ ୫୪ ବର୍ଷ ଯାହା ଉଲ୍ଲେଖ ଅଛି ତାହା ପ୍ରକୃତ ବୋଲି ଜଣାଯାଏ । ରାଜବଂଶରେ 'ଅଙ୍କ ପ୍ରଚଳିତ ଥିଲା ଓ ଅଛି ଏବଂ ଅଙ୍କ ହିସାବ ରହିବା ସ୍ୱାଭାବିକ । ସୁତରାଂ ଚୋଡ଼ଗଙ୍ଗଙ୍କ ରାଜତ୍ୱ ୫୪ ବର୍ଷ ବୋଲି ଧରିବାକୁ ହେବ । ଚୋଡ଼ଗଙ୍ଗଦେବଙ୍କ ପରେ କେତେ ଜଣ ରଜା ରାଜତ୍ୱ କରିଥିଲେ ଏ ବିଷୟରେ ମତଭେଦ ଦେଖାଯାଏ । ୬ ଦେବ, ୬ ନରସିଂହ ଓ ୬ ଭାନୁ ଏପରି ୧୮ ଜଣ ରାଜତ୍ୱ କରିଥିବାର ଦେଖାଯାଏ । ପୂର୍ବରୁ ଦେଖାଯାଏ ଯେ ୬ ଦେବ ନହୋଇ ୮ ଦେବ ରାଜତ୍ୱ କରିଥିଲେ, ସୁତରାଂ ୨୦ ଜଣ । କିନ୍ତୁ ୬ ଜଣଙ୍କ ନାମ ଦେଇଅଛନ୍ତି । ତାମ୍ରଶାସନରୁ ୭ ଜଣ ଦେବ ରାଜତ୍ୱ କରିଥିବାର ଦେଖାଯାଏ । ମାତ୍ର ମାଦଳାରେ ୨ୟ ସ୍ଥଳରେ ୮ ଦେବଙ୍କ ନାମ ମିଳେ । ଉପରୋକ୍ତ (୧ ଓ ୨) ତାଲିକା-ଲିଖିତ ହିସାବ ମଧ୍ୟରେ ଅଙ୍କ ଓ ତଦନୁଯାୟୀ ବର୍ଷସଂଖ୍ୟା ମଧ୍ୟରେ ଗୋଳମାଳ ଥିବାର ଦେଖାଯାଏ । ଅନେକ ସ୍ଥଳରେ ମେଳ ଅଛି ସତ; ମାତ୍ର ଅନେକ ସ୍ଥଳରେ ଅମେଳ ଅଛି । ଲାଙ୍ଗୁଲା ନରସିଂହଙ୍କ ରାଜତ୍ୱ ଯେ ୨୬ ବର୍ଷ ଲେଖା ଅଛି ତାହା ୩୬ ବର୍ଷ ହେବାର କଥା । ଲେଖା-ଦୋଷରୁ ଭ୍ରମ ଥିବାପରି ଜଣାଯାଏ । ଆମ୍ଭେ ପ୍ରାପ୍ତବ୍ୟ ସମସ୍ତ ବିଷୟ ଆଲୋଚନା କରି ଏବଂ ସମସ୍ତ ବିଷୟ ପ୍ରତି ଲକ୍ଷ୍ୟ ରଖି ଗଙ୍ଗବଂଶର ନିମ୍ନଲିଖିତ ସଂଶୋଧିତ ତାଲିକାଟି ସ୍ଥିର କରୁଛୁ ।

( ୪ )

| | ଅଙ୍କ | ବର୍ଷ | ଶକାବ୍ଦ |
|---|---|---|---|
| ୧ । ଚୋଡ଼ଗଙ୍ଗ ଦେବ | ୬୭ | ୫୪ | ୯୬୧–୧୦୧୫ |
| ୨ । ଗଙ୍ଗେଶ୍ୱର ଦେବ | ୩୧ | ୨୫ | ୧୦୧୫–୧୦୪୦ |
| ୩ । ଏକଜଟା ଦେବ | ୯ | ୭ | ୧୦୪୦–୧୦୪୭ |
| ୪ । ମଦନ ମହାଦେବ | ୬ | ୫ | ୧୦୪୭–୧୦୫୨ |
| ୫ । ଅନିୟଙ୍କ | ୩୩ | ୨୭ | ୧୦୫୨–୧୦୭୯ |
| ୬ । ସ୍ୱପ୍ନେଶ୍ୱର ଦେବ | ୨୬ | ୨୨ | ୧୦୭୯–୧୧୦୧ |
| ୭ । ଅନଙ୍ଗଭୀମ ଦେବ | ୩୩ | ୨୭ | ୧୧୦୧–୧୧୨୮ |
| ୮ । ରାଜରାଜେଶ୍ୱର | ୭ | ୫ | ୧୧୨୮–୧୧୩୩ |
| ୯ । ଲଙ୍ଗୁଳା ନରସିଂହ | ୪୫ | ୩୬ | ୧୧୩୩–୧୧୬୯ |
| ୧୦ । ଭଣ୍ଡ ନରସିଂହ | ୩୧ | ୨୫ | ୧୧୬୯–୧୧୯୪ |
| ୧୧ । ପ୍ରତାପ ନରସିଂହ | ୩୩ | ୨୭ | ୧୧୯୪–୧୨୨୧ |
| ୧୨ । ଘର ଶଗଡ଼ିଆ ନରସିଂହ | ୩ | ୨ | ୧୨୨୧–୧୨୨୩ |
| ୧୩ । କପିଳା ନରସିଂହ | ୨ | ୧ | ୧୨୨୩–୧୨୨୪ |
| ୧୪ । ଶଙ୍ଖଭଡ଼ୁ ନରସିଂହ | ୩୩ | ୨୭ | ୧୨୨୪–୧୨୫୧ |
| ୧୫ । ଗଜଦଳୁ | ୩୧ | ୨୪ | ୧୨୫୧–୧୨୭୫ |
| ୧୬ । ବଳାଙ୍ଗୁ | ୨୭ | ୨୧ | ୧୨୭୫–୧୨୯୬ |
| ୧୭ । ଦେବଳୁ | ୨୪ | ୧୯ | ୧୨୯୬–୧୩୧୫ |
| ୧୮ । କଳିଭଳୁ | ୧୪ | ୧୩ | ୧୩୧୫–୧୩୨୮ |
| ୧୯ । ମଲ୍ଲବଳୁ | ୨୮ | ୨୪ | ୧୩୨୮–୧୩୫୨ |
| ୨୦ । ଝଳଟାଗୁଡ଼ୁ | ୭ | ୫ | ୧୩୫୨–୧୩୫୭ |

ଉପରୋକ୍ତ ନିର୍ଣ୍ଣୟ ଗଣନା, ମାଦଳାପାଞ୍ଜିରେ ଥିବା ଶୋଭର୍ଧ ମଠର ନିର୍ମାଣ ସମୟ, ତାମ୍ରଶାସନ-ଲିଖିତ ରାଜାଙ୍କ ସମୟ ଠିକ୍ ମେଳ ଖାଉଛି । କେବଳ "ବୀରଶ୍ରୀ ନରସିଂହଦେବ ଶକାବ୍ଦ" ଶ୍ଳୋକ ଠିକ୍ ମେଳ ଖାଉନାହିଁ । ତାମ୍ରଶାସନର ଅଙ୍କାଙ୍କ ସମସ୍ତ ବିଶ୍ୱାସ କରିପାରିବା ନାହିଁ; ମାତ୍ର ପାଞ୍ଜି ସମସ୍ତଙ୍କୁ ସର୍ବୋପରିଭାବେ ଅବିଶ୍ୱାସ କରିବାର କାରଣ ନାହିଁ । ଏପରି ପ୍ରକୃତ ହେଲେ, ଶ୍ଳୋକଲିଖିତ ସମୟ ଭାଗ୍ୟବଶତଃ ହୋଇଥିବ ମନେ ହୁଏ । ବସ୍ତୁତଃ ଏ ଶ୍ଳୋକ ମାଦଳାପାଞ୍ଜିର ଅନ୍ୟ ସ୍ଥାନରେ ଉଲ୍ଲେଖ ଥିବା ଶୋଭର୍ଧ ମଠର ନିର୍ମାଣ ସମୟ ସହିତ ମୁଦ୍ରିତ ଦେଖାଇଥିବାରୁ ଏ ଶ୍ଳୋକ ମଠର ନିର୍ମାଣ ସମ୍ବନ୍ଧରେ ଲେଖା ହୋଇଥିବାର ବିଶ୍ୱାସ ହେଉ ନାହିଁ । ଏ ଶ୍ଳୋକ ପରେ କେହି ଯୋଡ଼ି ଦେଇଥିବାର ଅନୁମିତ ହୁଏ ।

ଗୁରୁଚନ୍ଦ୍ର ଗଲ ମିଶ୍ର ମହାଶୟ ଏହି ଶ୍ଳୋକ ବଳରେ ଅର୍ଜୁନ ଏବଂ ଲଙ୍ଗୁଳା ନରସିଂହଙ୍କ ରାଜତ୍ୱ ସମୟ ୧୧୫୯—୧୨୦୪ ଶକାବ୍ଦ ବୋଲି ଲେଖିଛନ୍ତି ( ଆର୍କିଓଲୋଜି ୨ୟ ଭାଗ ୧୫୭ ପୃଷ୍ଠା ) । ମୃତ୍ୟୁଞ୍ଜୟ ରଥ ମହାଶୟ ଏହି ଶ୍ଳୋକକୁ ଅନୁସରଣ କରିଛନ୍ତି । କିନ୍ତୁ ସାହେବ ମାନେ ଏହି ପଥରେ ଯାଇଛନ୍ତି । ଅଧ୍ୟାପକ ... ବୋଧାଏ ଦେଉଳ ୭୩୦ ବର୍ଷ ପୂର୍ବେ ନିର୍ମିତ ହୋଇଥିବା ହେତୁ ୧୬ ଷୋଡଶ ଶତାବ୍ଦୀରେ ଅନୁମାନ କରିଥିଲେ । ହିସାବ ... ନଗରରେ ଦେଉଳ ୧୩ଶ ଶତାବ୍ଦୀର ଶେଷ ଭାଗରେ ନିର୍ମିତ ହୋଇଥିଲା । ଫର୍ଗୁସନ ସାହେବଙ୍କ ମତରେ ୧୩ଶ ଶତାବ୍ଦୀର ଶେଷ ଭାଗରେ ନିର୍ମିତ ହୋଇଥିଲା । ... ଲେଖିଛନ୍ତି, ଓଡ଼ିଶାର ୧୨ ବର୍ଷର ... ଏ ଦେଉଳ କାର୍ଯ୍ୟ ... ଶେଷ ହୋଇଥିଲା ।

ଏ ତାଲିକା ଲିଖିତ ହେଲେହେଁ ଅନେକଙ୍କ ... ଭଲେ ଅନେକ ଭ୍ରମ ଦେବାର ସୁବିଧା ହେବ ।

ଶକାବ୍ଦ

୧ । ଚୋଡଗଙ୍ଗ ଦେବ — ୧୦୫୪–୧୦୬୪
୨ । ଗଙ୍ଗେଶ୍ୱର ଦେବ — ୧୦୬୪–୧୦୮୮
୩ । ଏକଜଟା କାମଦେବ — ୧୦୮୮–୧୦୯୩
୪ । ମଦନ ମହାଦେବ — ୧୦୯୩–୧୦୯୬
୫ । ଅନଙ୍ଗଭୀମ ଦେବ — ୧୦୯୬–୧୧୨୪
୬ । ରାଜରାଜେଶ୍ୱର — ୧୧୨୪–୧୧୫୯
୭ । ଲଙ୍ଗୁଳା ନରସିଂହ — ୧୧୫୯–୧୨୦୪
୮ । କବି ନରସିଂହ — ୧୨୦୪–୧୨୨୯
୯ । ପ୍ରତାପ ନରସିଂହ — ୧୨୨୯–୧୨୪୯
୧୦ । ଶଙ୍ଖବାସୁ ନରସିଂହ — ୧୨୪୯–୧୨୫୧
୧୧ । କପିଳ ନରସିଂହ — ୧୨୫୧–୧୨୬୨
୧୨ । ଶଙ୍ଖଭାନୁ ନରସିଂହ — ୧୨୬୨–୧୨୬୯
୧୩ । ନିଶଙ୍କଭାନୁ — ୧୨୬୯–୧୨୮୩
୧୪ । ବୀରଭାନୁ — ୧୨୮୩–୧୩୦୪
୧୫ । ନେତ୍ରଭାନୁ — ୧୩୦୪–୧୩୨୩
୧୬ । କପିଳଭାନୁ — ୧୩୨୩–୧୩୩୭
୧୭ । ଅକଟା ଅବଟା ଭାନୁ — ୧୩୩୭–୧୩୫୧
୧୮ । ମତ୍ତଭାନୁ — ୧୩୫୧–୧୩୬୪

ଅର୍ଥାତ୍ ୧୦୬୪—୧୩୭୪ ଶକାବ୍ଦ ବା ୧୧୪୨—୧୪୫୨ ଖ୍ରୀଷ୍ଟାବ୍ଦ । ଏଥିରେ ଚୋଡ଼ଗଙ୍ଗ ଦେବଙ୍କର ରାଜତ୍ୱ ୨୦ ବର୍ଷ କିପରି ହେଲା ବୁଝିପାରୁନାହୁଁ । ହୁଏତ ୭୦ ଅଙ୍କ ୨୦ ବୋଲି ଭ୍ରମରେ ଦିଆଯାଇ ଥାଇପାରେ । ଗଙ୍ଗେଶ୍ୱର ଦେବଙ୍କ ରାଜତ୍ୱ ୧୮ ବର୍ଷ କିପରି ହେଲା ଜଣାପଡ଼ୁନାହିଁ । ପ୍ରକୃତରେ ୨୪ ବର୍ଷ ହେବ । ଏକଜଟା କାମଦେବଙ୍କ ରାଜତ୍ୱ ୭ ବର୍ଷ ସ୍ଥଳେ ୬ ବର୍ଷ ଦିଆଯାଇଛି । ମଦନ ମହାଦେବଙ୍କ ୬ ବର୍ଷ ସ୍ଥଳେ ୪ ବର୍ଷ ହୋଇଛି । ପ୍ରଥମ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ ସମୟ ଏଥିରେ ଉଲ୍ଲେଖ ନାହିଁ । ରାଜରାଜେଶ୍ୱରଙ୍କ ସମୟ ୬ ବର୍ଷ ସ୍ଥଳେ ୩୬ ବର୍ଷ ଉଲ୍ଲେଖ ଅଛି । ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟ ଏଥିରେ ଉଲ୍ଲେଖ ନାହିଁ । ଲଙ୍ଗୁଳା ନରସିଂହ ୪୬ ଅଙ୍କରେ ୩୨ ବର୍ଷ ସ୍ଥଳେ ୧୬ ବର୍ଷ ଗଣନା କରାଯାଇଛି । ସୁତରାଂ ଏ ସମସ୍ତ ହିସାବ ଧରିଲେ ଆମ୍ଭେ ୪ର୍ଥ ତାଲିକାରେ ଯେଉଁ ହିସାବ ଦେଇଛୁ, ତାହାହିଁ ଠିକ୍ ମନେହୁଏ । ଏହା ତାଲିକା-ଲିଖିତ ସମୟ "ସପ୍ତଛ ନରସିଂହ ଇତ୍ୟାଦି" ଶ୍ଳୋକଲିଖିତ ସମୟ ସହିତ ମିଳିଯାଉଛି; ମାତ୍ର ମାଦଳାପାଞ୍ଜିର ଅଧ୍ୟାୟ ବିବରଣ ଏବଂ ତାମ୍ରଶାସନ-ଲିଖିତ ତାହାର ସମୟ ଅମେଳ ହେଉଥିବାରୁ ଆମ୍ଭେ ଏଥିରେ ନିର୍ଭର କରି ପାରୁନାହୁଁ । ଉକ୍ତ ଶ୍ଳୋକଟି ପ୍ରକ୍ଷିପ୍ତ ପରି ଜଣାଯାଏ । ସୁତରାଂ ୪ ଲିଖିତ ସମୟ ପ୍ରକୃତ ପରି ଜଣାଯାଏ ଏବଂ କୋଣାର୍କ ମନ୍ଦିର ନିର୍ମାଣ ସମୟ ୧୧୬୦ ଶକାବ୍ଦ ବା ୧୨୩୮ ଖ୍ରୀଷ୍ଟାବ୍ଦ । ଏ ଦେଉଳ ନିର୍ମାଣ ହେବା ପୂର୍ବେ ପ୍ରାୟ ୯ମ ଶତାବ୍ଦୀରେ କେଶରୀବଂଶୀୟ ରାଜା ପୁରନ୍ଦରକେଶରୀଙ୍କ ଅଧିକାରରେ ଗୋଟିଏ ମନ୍ଦିର ନିର୍ମାଣ କରାଇଥିବା ବିଷୟ ମାଦଳାପାଞ୍ଜିରୁ ଜଣାଯାଏ । ଆବୁଲଫଜଲ ସମ୍ଭବତଃ ସେହି କଥା ନେଇ ବର୍ତ୍ତମାନ ଦେଉଳକୁ ୯ମ ଶତାବ୍ଦୀର ବୋଲି ଅନୁମାନ କରିଛନ୍ତି । ଫର୍ଗୁସନ ସାହେବ କୋଣାର୍କ ଓ ଜଗନ୍ନାଥ ମନ୍ଦିରର ଶିଳ୍ପକୃତିର ତୁଳନା କରି ଜଗନ୍ନାଥ ଦେଉଳର ଶିଳ୍ପକାର୍ଯ୍ୟର ନିକୃଷ୍ଟତା ଦୃଷ୍ଟିରେ ସେ ଦେଉଳ କୋଣାର୍କ ଦେଉଳ ପରେ ନିର୍ମିତ ହୋଇଥିବାର ସ୍ଥିର କରିଛନ୍ତି । ତାହାଙ୍କ ଯୁକ୍ତି ଏହି ଯେ, ଜଗନ୍ନାଥ ମନ୍ଦିର ନିର୍ମାଣ ବେଳକୁ କେତେ ଶିଳ୍ପକାର୍ଯ୍ୟ ହ୍ରାସ ହୋଇ ଯାଇଥିଲେ ନତୁବା ଜଗନ୍ନାଥ ଦେଉଳର ଶିଳ୍ପକାର୍ଯ୍ୟ ଅଧିକ ଉତ୍କୃଷ୍ଟତର ହୋଇଥାନ୍ତା । ମାତ୍ର ଏଠାରେ ଆଉ ଗୋଟିଏ କଥା ବିଚାର କରିବାର ଅଛି । ଉତ୍କୃଷ୍ଟ ଶିଳ୍ପକାର୍ଯ୍ୟ ବ୍ୟୟସାପେକ୍ଷ; ଯେତେ ଅର୍ଥ ବ୍ୟୟ କରିବ କାର୍ଯ୍ୟ ତେତେ ସୁନ୍ଦର ହେବା ସ୍ୱାଭାବିକ ନିୟମପରି ବୋଧହୁଏ । ସମ୍ଭବତଃ କୋଣାର୍କ ଦେଉଳ ନିର୍ମାଣ କାର୍ଯ୍ୟରେ ଯେତେ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା ଜଗନ୍ନାଥ ଦେଉଳରେ ସେତେ ହୋଇନାହିଁ ।

ଉପରେ ଗଙ୍ଗବଂଶୀୟ ରାଜାମାନଙ୍କର ସକଳ ତାଲିକା ଦିଆଯାଇଛି । ସେଥିରେ କେତେକ ନାମର ତ୍ରୁଟି ଦେଖାଯାଏ । ମାତ୍ର ସେଥିରେ ବିଶେଷ କିଛି ଅମେଳ ଦେଖାଯାଏ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ଲେଖାଗଲା । ଚୋଡ଼ଗଙ୍ଗଙ୍କ କୋର୍ନି ତାମ୍ରଶାସନ, ବଜ୍ରହସ୍ତଙ୍କ ତାମ୍ରଶାସନ ଓ ଇନ୍ଦ୍ରବର୍ମାଙ୍କ ତାମ୍ରଶାସନ ବିଷୟ ଷୋଡ଼ଶ ଅଧ୍ୟାୟରେ ବିବୃତ କରାଯିବ ।

୧ । ଗଙ୍ଗେଶ୍ୱର — କାମାର୍ଣ୍ଣବ (ତାମ୍ରଶାସନ)
୨ । ଏକଜଟା — ଶ୍ରୀଧବ ,,
୩ । ମଦନ ମହାଦେବ — ରାଜରାଜ ,,
୪ । ଅନିୟଙ୍କଭୀମ — ୧ମ ଅନଙ୍ଗ ,,
୫ । ଲାଙ୍ଗୁଳା ନରସିଂହ — ଶ୍ରୀନରସିଂହ ,,
୬ । କବି ନରସିଂହ — ଭାନୁ ନରସିଂହ ,,
୭ । ପ୍ରତାପ ନରସିଂହ — ବୀର ନରସିଂହ ,,
୮ । ବୀର ଖଣ୍ଡାଳ ନରସିଂହ = ଅଭିକାନ୍ତ ନରସିଂହ ,,
୯ । ଧବଳା ନରସିଂହ — କପିଳ ନରସିଂହ ,,
୧୦ । ନିଶଙ୍କଭାନୁ = ଶଙ୍ଖଭାନୁ ,, ( ଇତ୍ୟାଦି )

ବର୍ତ୍ତମାନ ଗଙ୍ଗବଂଶୀୟ ରାଜାମାନଙ୍କ ଉଲ୍ଲିଖିତ ସମ୍ବନ୍ଧେ ମାଦଳାପାଞ୍ଜିରେ ଯାହା ଲିଖିତ ଅଛି ତାହା ନିମ୍ନରେ ଲେଖାଯାଉଛି ।

ଚୋଡ଼ଗଙ୍ଗ ଦେବ—ଏହାଙ୍କ ଉତ୍ପତ୍ତି ଅଲୌକିକ ସମ୍ବନ୍ଧୀୟ କିମ୍ବଦନ୍ତୀ ଅଧ୍ୟାୟ ପୂର୍ବେ ଦେଇଅଛୁଁ । ଏ ଶୈଶବରୁ ବିଦ୍ୟାନୁରକ୍ତ ଥିଲେ । ଏ ବେତାଳ ସାଧନ କରିଥିଲେ । ବ୍ୟାଘ୍ରକେମ୍ନୀ କଟକର ଯୋଗିନୀଠାରୁ କୁହୁକବିଦ୍ୟା ଶିକ୍ଷା କରିଥିଲେ । ସେ ଜନ୍ମ ୧୩ ଦିନ କୃଷ୍ଣ-ତ୍ରୟୋଦଶୀ ବୁଧବାର ଦିନ ବାହାରରେ ରାଜତ୍ୱ ଆରମ୍ଭ କଲେ; ମାଘ ଜନ୍ମ ୧୫ ଦିନ ତାହାର ଅଭିଷେକ ହେଲା । ଏହାଙ୍କ ପ୍ରତାପ ଶୁଣି କେଶରୀବଂଶର ଶେଷ ରାଜା ରାଜ୍ୟ ଛାଡ଼ି ପଳାଇଗଲେ । ପୂର୍ବ ରାଜାମାନେ ଶ୍ରୀଜଗନ୍ନାଥ ଦେବଙ୍କୁ ଯେଉଁ ଭୂମିମାନ ଦାନ କରିଥିଲେ ତହିଁରେ ସେ ହସ୍ତକ୍ଷେପ କରି ନଥିଲେ । ଦକ୍ଷିଣ ଦିଗ ଦଣ୍ଡପାଟ ରାହାଙ୍ଗ ଭିତରେ ଅଧିକାର ଗ୍ରାମକୁ ଅଖଣ୍ଡରୁ ଏକ ବାଟି ଭୂମି ଦେଲେ ଏବଂ ସିଂହାସନରେ ରାଜ୍ୟଭୋଗ କଲେ । ଏହାଙ୍କ ସମୟରେ ଜଗନ୍ନାଥ ଦେଉଳ ଭାଙ୍ଗି ଆରମ୍ଭ ହୋଇଥିଲା । ଏ ପ୍ରଥମେ ଯାଜପୁର କଟକରେ ଥିଲେ । ବାରାଣସୀ (ଚଉଦ୍ୱାର) ନିର୍ମାଣ କରାଇ ପଞ୍ଚମ କଟକ କରାଇଥିଲେ । ସେଠାରୁ କୋଣାର୍କ ଯାଏ ରାଜ୍ୟଭୋଗ କଲେ । ପୁରୀରେ ରାଜ୍ୟସାହି ବସାଇଥିଲେ ।

କାମାର୍ଣ୍ଣବ ବା ଗଙ୍ଗେଶ୍ୱର—ଏ କୌଶଲ୍ୟାଗଙ୍ଗ ପୁଷ୍କରିଣୀ ଖୋଳାଇଥିଲେ । ଏ ପୁଷ୍କରିଣୀ ପିପିଲି ନିକଟରେ । ସର୍ବମାନେ ଏହାଙ୍କ ମୁଣ୍ଡ ଛେଦ ମାରିପକାଇଥିଲେ ।

ଏକଜଟା କାମଦେବ—ଏ ଭୁବନେଶ୍ୱରଠାରେ ମଧୁପୁର ନାମକ ପାଟଣା ବସାଇଥିଲେ ।

ମଦନ ମହାଦେବ—ଏ ପିପିଲି ଦଣ୍ଡପାଟ ଚନ୍ଦନପୁର ଗ୍ରାମରେ କଟକ କରିଥିଲେ । କୌଳମାନେ କାନ୍ତିପତ୍ରା, ଶତନିଳୟୀ ପାହାଡ଼, ବନ୍ଧୁପ୍ରାର୍ଥୀ ଲଙ୍କା ପଶ୍ଚିମ ଶାଳବନ ପର୍ବତ, ଚିଅସ୍ଥ ପର୍ବତ, ବାଣୀବଟେଶ୍ୱର ପର୍ବତ, ଯମୁନା ହୋଡ଼ପଡ଼ା ପର୍ବତ, ପଦ୍ମାଦଣ୍ଡପାଟ

ଅଗ୍ରଗଡ଼ ପର୍ବତ ପ୍ରଭୃତି ପର୍ବତକନ୍ଦରମାନଙ୍କରେ ୮୪ ଗୁମ୍ଫା କରି ବାସକରୁଥିଲେ । ବୌଦ୍ଧମାନେ ସବଳ ଥିଲେ । ରାଜା ଓ ରାଣୀଙ୍କ ମଧ୍ୟରେ ତର୍କ ହେଲା ବ୍ରାହ୍ମଣ ବଡ଼ ନା ବୌଦ୍ଧ ବଡ଼ । ରାଣୀ ବୌଦ୍ଧଙ୍କ ପକ୍ଷ ସମର୍ଥନ କଲେ ଏବଂ ରାଜା ବ୍ରାହ୍ମଣଙ୍କ ପକ୍ଷ ସମର୍ଥନ କଲେ । ପରୀକ୍ଷା ହେବାର କଥା ହେଲା ।

ଉଭୟ ପକ୍ଷଙ୍କ ଅଜ୍ଞାତରେ ଗୋଟିଏ ମାଠିଆରେ ଗୋଟିଏ ସର୍ପ ଲୁଚାଇ ମୁହଁ ବନ୍ଦ କରାଗଲା ପରେ ମାଠିଆରେ କ'ଣ ଅଛି ବୋଲି ଉଭୟ ବ୍ରାହ୍ମଣ ଓ ବୌଦ୍ଧଙ୍କୁ ପ୍ରଶ୍ନ କରାଗଲା । ବୌଦ୍ଧମାନେ କହିଲେ ସର୍ପ ଅଛି; ମାତ୍ର ବ୍ରାହ୍ମଣମାନେ କହିଲେ ଭସ୍ମ ଅଛି । ମାଠିଆ ଖୋଲିଲାବେଳେ ଦେଖାଗଲା ଏଥିରୁ ଭସ୍ମ ଉଡୁ ! ବୌଦ୍ଧମାନେ ପରାସ୍ତ ହେଲେ । ରାଜାଙ୍କ ଆଜ୍ଞା ହେଲା ଯେ, ବୌଦ୍ଧମାନଙ୍କ ମୁଣ୍ଡ କଟାହେବ । ମାତ୍ର ବୌଦ୍ଧମାନେ ରାଜାଙ୍କ ରାଣୀ ରାଜାଙ୍କୁ ଅଭିଶାପ ଦେଇ ଓଡ଼ିଶା ଛାଡ଼ି ପଳାୟନ କଲେ । ଏହିଠାରୁ ଓଡ଼ିଶାରୁ ବୌଦ୍ଧମାନଙ୍କ ନାମ ଲୋପ ହେଲା । ସେହି ବ୍ରାହ୍ମଣଙ୍କ ବଂଶାବଳୀରେ ସର୍ପମୂର୍ତ୍ତି ମାଠିଆ ଭସ୍ମା ମାଠିଆ ହେଲା, ସେ "ଭସ୍ମାମାଠିଆ ମିଶ୍ର" ପଦ ପାଇଲେ । ଏ ରାଜାଙ୍କ ୨ ଅଙ୍କରେ ଅନନ୍ତନାଥଙ୍କ ଦେଉଳ ତୋଳା ହୋଇଥିଲା । ଏହାଙ୍କ ଅମଳରେ ଘଣ୍ଟିକେଶ୍ୱର ମହାଦେବ ଆବିଷ୍କୃତ ହୋଇଥିଲେ । ରାଜା ଯାଉଥିବାବେଳେ ଘଣ୍ଟି ଉଡ଼ାଇ ବସ ଭାଙ୍ଗି କରି "ମଣିମା" ଡାକ ଦେଲା । ରାଜା ସେଠାରେ କଣ ଅଛି ବୋଲି ଅନୁସନ୍ଧାନ କରନ୍ତେ, ବଣ ମଧ୍ୟରେ ସ୍ୱୟମ୍ଭୂ ଲିଙ୍ଗ ଦେଖାଗଲେ । ଏହାଙ୍କ ପ୍ରାଚୀନ ନାମ ଶ୍ରୀମତେଶ୍ୱର ଥିଲା । ମାତ୍ର ସେହିଦିନଠାରୁ ଏହାଙ୍କ ନାମ ଘଣ୍ଟିକେଶ୍ୱର ଦେଲେ । ବୌଦ୍ଧମାନଙ୍କ ଉଚ୍ଛେଦପ୍ରସ୍ତ ହୋଇ ଭୂମିରୁ ଭୂମି ପଡ଼ିଲା ଏବଂ ସେ ମହାପ୍ରଭୁଙ୍କୁ ୧୦୦୦ ବାଟି ଭୂମି ଦାନ କଲେ ଏବଂ ଅଳ୍ପକାଳ ରାଜତ୍ୱ ପରେ ଇହଧାମ ପରିତ୍ୟାଗ କଲେ ।

ଅନଙ୍ଗଭୀମ—ଏ ଜଗନ୍ନାଥଙ୍କୁ ୬୦୪ ବାଟି ଭୂମି ଦାନ କରିଥିଲେ । ଏ ମଦନ ମହାଦେବଙ୍କ ଭାଇ ଥିଲେ ।

ରାଜରାଜ ବା ପୁରୁଷୋତ୍ତମ—ଏ ଜଗନ୍ନାଥଙ୍କୁ ୨୩୭୭ ବାଟି ଭୂମି ଦାନ କରିଥିଲେ । ଅନଙ୍ଗଭୀମ ଦେବ ଏହାଙ୍କ ୨ ଅଙ୍କ ୧୧୦୩ ଶକାବ୍ଦରେ ବଡ଼ଦେଉଳର ଅବଶିଷ୍ଟ କାର୍ଯ୍ୟ ଆରମ୍ଭ କରି ୧୧୧୮ ଶକାବ୍ଦରେ ଶେଷ କଲେ । ଏ ଦେଉଳର ଉଚ୍ଚତା ୬୦ ହାତ । ଏ ୬୦ ଦେଉଳ ତୋଳାଇଥିଲେ, ୮୪ ବାପୀ ଖୋଳାଇଥିଲେ, ୨୦ ପୋଖରୀ ଖୋଳାଇ-ଥିଲେ ଏବଂ ୪୫୦ ଶାସନ ବସାଇଥିଲେ । ମହାପ୍ରଭୁଙ୍କ ଶ୍ରୀମୁଖରେ ଭୈରବମୂର୍ତ୍ତି ସ୍ଥାପନ କରିଥିଲେ । ଦେଉଳ ପ୍ରତିଷ୍ଠା କରି ପରମହଂସ ବାଜପେୟୀଙ୍କ ମୁଖେ ୧୧୧୯ ଶକାବ୍ଦରେ ବଡ଼ଦେଉଳର ଶାସନଭାର ଅର୍ପଣ କଲେ । ଏହାଙ୍କ ଆଦେଶାନୁସାରେ ଦାମୋଦର ବଡ଼ପଣ୍ଡା ଓ ଈଶାନ ପଟ୍ଟନାୟକମାନେ ଗଙ୍ଗାଠାରୁ ଗୋଦାବରୀ ଯାଏ ଜମିମାପ କଲେ । ମୋଟ ଭୂମି ପରିମାଣ ୬୨୨୮୦୦୦ ବାଟିରୁ ଦଣ୍ଡା ପ୍ରଭୃତି ୧୪୮୦୦୦୦ ବାଟି ଥାଇ ଅବଶିଷ୍ଟ

୫୭୪୮୦୦୦ ବାଟୀ । ୩୫୦ ଦେଉଳରେ ଭୋଗ ବସାଇଲେ । ନାଗ ସାଗ ବଞ୍ଚାଇବାକୁ ୧୮୦୦୦୦ ବ୍ରାହ୍ମଣ ଦାନ କଲେ । କୋଠଭୋଗ ବସୁ ଭୂମି ୨୪୫୦୦୦୦ ବାଟୀ । ଏହାଙ୍କର ଦନ୍ତାଳ ହାତୀ ୨୫୦୦ ଘର, ପ୍ରତି ସୈନ୍ୟଙ୍କୁ ୧୪ ଘୋଡ଼ା ବାହାର, ୭୦୦୦୦ ପଦାତି, ୫୦୦୦୦ ଅଶ୍ୱାରୋହୀ ଥିଲେ ।

ଦେଉଳର ଶାସନସ୍ଥ ନଗରର ଏହାଙ୍କ ଅନଙ୍ଗଭୀମ ପଦ୍ମା ଦଧୋବସ୍ତ୍ରରେ ଚଳାନ୍ତି । ଏହାଙ୍କ ଶ ସ୍ଥାପିତ ଦେଖିଲେ ଲୋକ ଆଶ୍ଚର୍ଯ୍ୟ ନହୋଇ ରହି ପାରିବ ନାହିଁ । ଏ ସେଣ୍ଡି ନିଷ୍ଟମାନ ବାଣ ଦେଖାଯାଉଛନ୍ତି, ତାହା ଅଣ ପର୍ଯ୍ୟନ୍ତ କଳାତ୍ମକ ସ୍ମୃତିଚିହ୍ନ । ଯଥା ସ୍ଥାନରେ ତତ୍‌ସମସ୍ତ ବିବରଣ ଦେଖାଇ ଦିଆଯିବ ।

ଏ ପ୍ରଥମେ ଚଉଦ୍ୱାର କଟକରେ ଥିଲେ । ଏକେ ରାଜା ମହାନଦୀ ପାରହୋଇ-ଯିବା ସମୟରେ ଦେଖିଲେ ଦକ୍ଷିଣପାର୍ଶ୍ୱରେ କୋଦଣ୍ଡ ଦଣ୍ଡପାଟ ବାରବାଟୀ ଗ୍ରାମରେ କଟକେଶ୍ୱର ମହାଦେବଙ୍କ ନିକଟରେ ଶ୍ୟାମଳଦେବୀଙ୍କ ବଳ ମାଡ଼ିଦେଇଛି । ଏହା ଶୁଭଲକ୍ଷଣ ଜାଣି ଶୁଭକ୍ଷଣ ଦେଖି ଏଠାରେ ନଗର ବସାଇଲେ । ଏହାର ନାମ ବାରବାଟୀ ଦେଲେ । ଚଉଦ୍ୱାରରୁ ଆସି ଏଠାରେ ରହିଲେ । ସେତେବେଳେ ଧନ ରଖିବା ପରେ ପରମେଶ୍ୱରଙ୍କ ସ୍ୱପ୍ନରେ ଦେଖି ସ୍ୱର୍ଣ୍ଣମୁଦ୍ରାମାନ ତିଆରି କଲେ । "ଗାଙ୍ଗ ଶ୍ରୀ ଗଜପତି" ଇତ୍ୟାଦି ଅକ୍ଷର ଧାରଣ କଲେ । ଏହାଙ୍କ ୧୫ ଅଙ୍କରେ ଏହା ଘଟିଥିଲା । ଏଥିରୁ ଜଣାପଡ଼େ ଯେ ଏହାଙ୍କ ୧୫ ଅଙ୍କ ଅର୍ଥାତ୍ ୧୧୧୭ ଶକାବ୍ଦର ଦୁଇ ତିନି ବର୍ଷ ପୂର୍ବେ ବାରବାଟୀ ନିର୍ମିତ ହୋଇଥିଲା । ଏ ନୂତନ ମୁଦ୍ରା ପ୍ରସ୍ତୁତ କରାଇଥିଲେ ।

ଏହାଙ୍କ ପୂର୍ବେ ଓଡ଼ିଶାର ସୀମା ଥିଲା—ପୂର୍ବଦିଗରେ ଉପସାଗର ସମୁଦ୍ରତୀରଠାରୁ ପଶ୍ଚିମରେ ସୋନପୁରର ଦଣ୍ଡପାଟ ପର୍ଯ୍ୟନ୍ତ । ଉତ୍ତରଦିଗରେ ଦକ୍ଷିଣ ମହାନଦୀ ଉତ୍ତରକୂଳ-ଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ । ଦକ୍ଷିଣରେ ଉତ୍ତର ଗୋଦାବରୀଠାରୁ ଦକ୍ଷିଣ ଋଷିକୁଲ୍ୟା ପର୍ଯ୍ୟନ୍ତ । ଏଥିରୁ ( ୧୫୦୦୦୦୦୦ ) ପନ୍ଦର ଲକ୍ଷ ମାଢ଼ ସୁବର୍ଣ୍ଣ ଆୟ ହେଉଥିଲା ।

ଏହାଙ୍କ ରାଜତ୍ୱ ସମୟରେ ସୀମା ହେଲା—ଉତ୍ତରଦିଗରେ ଗଙ୍ଗାନଦୀଠାରୁ ଦନାଇକୁଡ଼ି ନଦୀ ପର୍ଯ୍ୟନ୍ତ, ଦକ୍ଷିଣ ଦିଗରେ ଋଷିକୁଲ୍ୟାଠାରୁ ରାଜମହେନ୍ଦ୍ରୀ ଦଣ୍ଡପାଟ ପର୍ଯ୍ୟନ୍ତ ।

ଏହିପରି ସୀମାବୃଦ୍ଧି ଦ୍ୱାରା ଅଧିକ ବୋଡ଼ିଏ ଲକ୍ଷ ( ୨୦୦୦୦୦୦ ) ମାଢ଼ ସୁନା ଆୟ ହେଲା । ସୁତରାଂ ଏହାଙ୍କ ଅମଳରେ ମୋଟ ଆୟ ( ୩୫୦୦୦୦୦ ) ପଞ୍ଚତିରିଶି ଲକ୍ଷ ମାଢ଼ ସୁବର୍ଣ୍ଣ । ଅନ୍ୟାନ୍ୟ ସମସ୍ତ ଆୟ ମେଳି ମୋଟ ଆୟ ୪୨୮୦୦୦ ମାଢ଼ ।

ଏ ଦେଶରକ୍ଷା ଓ ଭଦ୍ର ଦାନ ଅନୁଷ୍ଠାନରେ ବ୍ୟୟ କରୁଥିଲେ । ୧୦୦୦୦ ମାଢ଼ ସୁବର୍ଣ୍ଣ ଜଗନ୍ନାଥଙ୍କୁ ଦାନ କରିଥିଲେ । ଏ ୩୩ ଅଙ୍କରେ ୨୭ ବର୍ଷ ରାଜତ୍ୱ କରିଥିଲେ ।

ଲାଙ୍ଗୁଳା ନରସିଂହ ଦେବ—ଏହାଙ୍କ ଅଙ୍କରେ ୧୧୩୨ ଶକାବ୍ଦରେ କୋଣାର୍କ ଦେଉଳ ଶୁଭ ହୋଇଗଲା । ୧୧୩୭ ଶକାବ୍ଦରେ ଶିବେଇ ସାନ୍ତ୍ରା ମହାପାତ୍ରଙ୍କ ମୂଳରେ ଦେଉଳ

ନର୍ମ।ବିଶ୍ୱର ଦେଇ ୧୨ ବର୍ଷ ଦକ୍ଷିଣ ଭଟକାଇ କଲେ । କୋଣାର୍କ ମନ୍ଦିର ନାମ ଦେଲେ "ପଦ୍ମକେଶର" । ଏ ରାଜାଙ୍କ ରାଜତ୍ୱ ୨୩ ଅଙ୍କରେ ଦେଉଳ ପ୍ରତିଷ୍ଠା ହେଲା । ବାରିଶି ପୁହାଣ ପୋତାଇଦେବେନ୍ । ଏ ରାଜା ୩୪ ବର୍ଷ ରାଜତ୍ୱ କଲେ । ଏଥିରୁ ଜଣାଯାଏ ଯେ କୋଣାର୍କ ଦେଉଳ ଆରମ୍ଭ (୧୧୭୨) ଶକାବ୍ଦ ବା ୧୨୫୦ ଖ୍ରୀଷ୍ଟାବ୍ଦ ଏବଂ ଶେଷ ୧୨୬୪ ଖ୍ରୀଷ୍ଟାବ୍ଦ ।

ଭାନୁ ନରସିଂହ (ନବ)—ଏହାଙ୍କ ପୂର୍ବେ ପ୍ରଭୁଙ୍କର ଛ'ଗୋଟି ରଥ ହେଉଥିଲା । କାରଣ ଗୁଣ୍ଡିଚା ମନ୍ଦିର ଓ ବଡ଼ଦେଉଳ ମଧ୍ୟରେ ବାଙ୍କି ମୁହାଣ ନଦୀ ଥିଲା । ତିନି ରଥ ନଦୀ ଏ ପାର୍ଶ୍ୱରେ ରହୁଥିଲା । ଅନ୍ୟ ତିନି ରଥ ନଦୀର ଅପର ପାର୍ଶ୍ୱରେ ରହୁଥିଲା । ଏ ରାଜା ବାଙ୍କି ନଦୀ ଛଡ଼ିନବୁଝେ ପୋତାଇ ଦେଇ ତିନି ରଥ ଦ୍ୱାରା ଯାତ୍ରା ଚଳାଇଥିଲେ । ଅଠରନଳା ବନ୍ଧ ବନ୍ଧାଇଲେ । ଗୁଣ୍ଡିଳା ମର୍ଦ୍ଦନ କରାଇଲେ । ବଳଭଣ୍ଡି ମାଉସୀମା'ଙ୍କ ଦେଉଳ ତୋଳାଇଲେ । ଅମୁଣ୍ଡପୁର ନଗରର ବନ୍ଧ ବନ୍ଧାଇଲେ । ନଟପୋଷୀ ନରେନ୍ଦ୍ର ମହାପାତ୍ର ଏହାଙ୍କ ପାତ୍ର ଥିଲେ । ନରେନ୍ଦ୍ର ପୁଷ୍କରିଣୀ ଖୋଳାଇ ପାତ୍ରଙ୍କ ନାମରେ ନାମକରଣ କରାଇଲେ । କୌଶଲ୍ୟାଗଙ୍ଗ ପୁଷ୍କରିଣୀ ଖୋଳାଇଥିଲେ । ଗୀତଗୋବିନ୍ଦ ଦେଉଳ ନଟରେ ରକ୍ଷା କଲେ । ବଡ଼ମଙ୍ଗଳସିଂହ ଗ୍ରାମ ଦାନ କଲେ । ଏ ରାଜ୍ୟ କଲେ ୩୭ ବର୍ଷ ।

ପ୍ରତାପ ନରସିଂହ (ଷାଠ)—ଏ ରାଜା ତାମ୍ରମାନ ଶାସନ ବସାଇଲେ । ଏହାଙ୍କ ପାତ୍ର ଗୋପୀନାଥ ଭଞ୍ଜ କେନ୍ଦୁଝରର କଳ୍ପ କଲେ । ଏ ରାଜା ବଡ଼ ଧାର୍ମିକ ଓ ବିଷ୍ଣୁଭକ୍ତ ଥିଲେ । ଏହାଙ୍କ ମହିମା ଦାନପ୍ରଣାଳୀ ପ୍ରଭୃତି ତାମ୍ରଶାସନରେ ବିଶଦଭାବରେ ପ୍ରକାଶିତ ହୋଇଛି । ଏ ୩୩ ବର୍ଷ ରାଜତ୍ୱ କରିଥିଲେ ।

କପିଳେନ୍ଦ୍ର—ଶ୍ରୀଧର ରାଏ ଗୀତାମୃତ ଏହାଙ୍କର ପାତ୍ର ଥିଲେ । ଏହାଙ୍କ ଅମଳରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ "ବାଳଧୂପ" ଆରମ୍ଭ ହେଲା । ଏଥିର ଗୋଟିଏ କିମ୍ବଦନ୍ତୀ ଅଛି । ଦିନେ ରାଜା ଦର୍ଶନକୁ ବିଳେ ଯାଇଥିଲେ । ସେତେବେଳେ ଠାକୁରଙ୍କପାଖରେ ଫୁଲ ନଥିଲା । ଫୁଲପ୍ରସାଦ ଦେବାକୁ କିଛି ନପାଇ ପଣ୍ଡାପାଳଙ୍କ ଆପଣା ମୁଣ୍ଡରେ ଥିବା ଦଣ୍ଡଣାକୁ ଫିଙ୍କିଏ ନେଇ ରାଜାଙ୍କୁ ଦେଲା । ତହିଁ ସଙ୍ଗେ ବାଳ ଥିଲା । ରାଜା ଏହା ଦେଖି ପଣ୍ଡାକୁ ପ୍ରଶ୍ନ କଲେ, ବାଳ କେଉଁଠାରୁ ଆସିଲା ? ପଣ୍ଡାକୁ କିଛି ବୁଦ୍ଧି ଦେଖା ନ ଦେବାରୁ ଜଗନ୍ନାଥଙ୍କୁ ସ୍ମରଣ କରି କହିଲା, ଠାକୁରଙ୍କ ମୁଣ୍ଡରେ ଥିଲା । ରାଜା ଶୁଣି ବିଶେଷ ରାଗାନ୍ୱିତ ହୋଇ ପଣ୍ଡାକୁ କହିଲେ, ତୁ ଅମୁକୁ ଠାକୁରଙ୍କ ମସ୍ତକରେ ବାଳ ଥିବାର ଦେଖାଇ ଦେ ! ଏହା କହି ରାଜା ଗଲେ । ପଣ୍ଡାର ଆଉଙ୍କ ଉପସ୍ଥିତ । ରାତିରେ ଠାକୁରେ ରାଜାଙ୍କୁ ସ୍ୱପ୍ନରେ ଜଣାଇଲେ, ପଣ୍ଡାକୁ କିଛି ଭୟ ନାହିଁ । ପାହାନ୍ତି ଅବକାଶବେଳେ ଦର୍ଶନକୁ ଆସିଲେ ବାଳ ଦେଖିବୁ । ରାଜା ତଦନୁସାରେ ଯାଇ ଦେଖିଲେ ଏବଂ ଅନୁତପ୍ତ ହୋଇ ପ୍ରାର୍ଥନା କଲେ । ସେହିଦିନଠୁ ବାଳଧୂପ ରକ୍ଷା ହେଲା । ଏହାଙ୍କ ରାଜତ୍ୱର ୧୨ ଅଙ୍କରେ ଭଗ୍ନାବଳି ତୋଫାନ ହୋଇଥିଲା ।

ସହାବୁଦ୍ଦୀନ୍ ମନ୍‌ଚଙ୍କ ଦମ ହୋଇଥିଲା । ଏହି ସମୟରେ ଖାନ ଉଲ୍ଲୁଗ୍ ୧୨° କାହାରେ ଉତ୍ତରୁ ଫେରାଇଥିଲେ । ବୃଦ୍ଧି ହେବାରୁ ସ୍ୱତନ୍ତ୍ର ଲେଖ ମରିଲା ।

ଭାନୁଦେବ—୧୨୬୪ ସାଲରେ ସିଂହାସନ ଏହାଙ୍କ ହାତ ଆସିଲା । ଏ ଚନ୍ଦ୍ର ଦେବଙ୍କର ଶାସ୍ତ୍ରଶ୍ରେଣୀର ବାନ୍ଧନପତ୍ର ସବୁ ପାଇଥିଲେ ।

ନରସିଂହ—ଏ ଖ୍ରୀଷ୍ଟାବ୍ଦ ଭଲ ଲଢ଼ିଲେ । ମୁସଲମାନଙ୍କର ବିରୁଦ୍ଧରେ ଯୁଦ୍ଧ ଲଗାଇଥିଲେ ।

ଭାନୁଦେବ—ଏ ପାଗଳ ଥିଲେ, ଅର୍ଥାତ୍ ଏହାଙ୍କ ମନ ଠିକ୍ ନଥିଲା ।

ଅନଙ୍ଗଭୀମ ଦେବ—ଏହାଙ୍କ ସମୟରେ ଉତ୍କଳର ଅବସ୍ଥା ଉନ୍ନତି ହୋଇଥିଲା । ଏ ବଡ଼ ଧାର୍ମିକ ଥିଲେ, ମାତ୍ର ଅଧାର୍ମିକ ଥିଲେ । ଏ ଗଙ୍ଗବଂଶର ଶେଷ ରାଜା ।

ଗଙ୍ଗବଂଶୀୟ ରାଜାମାନଙ୍କ କୀର୍ତ୍ତିକଳାପ ତାମ୍ରଶାସନ ଓ ଗଙ୍ଗବଂଶାନୁଚରିତରେ ବିଶେଷଭାବେ ବର୍ଣ୍ଣିତ ହୋଇଛି । ନିମ୍ନଲିଖିତ ଶ୍ଲୋକଟି ତାହାର ଦୃଷ୍ଟାନ୍ତ ।

ବୀର ଭାନୁଦେବସ୍ୟ ଯବନୀ ନୟନାଞ୍ଜନାମ୍ବୁ
ସ୍ୱରେଣ ଦୂର ବଙ୍ଗଦେଶୀୟ ରାଜମଣ୍ଡଳଃ
ତଦ୍ଭକ୍ତଜନ୍ମ କଳ୍ପାବୃକ୍ଷ ଅଶ୍ରୁଜଳା
ଗଙ୍ଗାପି କଳଙ୍କିତା ଯମୁନା ଯଥାଭୂତ୍ ।

ଅର୍ଥାତ୍ ଏହାଙ୍କ ଅଲୌକିକ ଶକ୍ତି ଦର୍ଶନରେ ଗଙ୍ଗା ଯମୁନା ହୋଇଥିଲେ । ଶ୍ରୀ ଭାନୁଦେବ ଯବନ ରମଣୀମାନଙ୍କର ଅଶ୍ରୁଜଳମିଶ୍ରିତ କଜ୍ଜଳସ୍ରୋତରେ କାଳିମାମୟୀ ଯମୁନା ଅଧୁନା ପ୍ରବାହିତା । ଗୌଡ଼ରାଜ୍ୟ ଜୟକରି ଏମାନେ ଗୌଡ଼େଶ୍ୱର ଉପାଧିରେ ଭୂଷିତ ହୋଇଥିଲେ । ପଞ୍ଚଦଶୀର ମଧ୍ୟରୁ ବୀର ଭାନୁଦେବ ନାମକ ଦୁଇଟି ରାଜା ରାଜ୍ୟ କରିଥିଲେ ।

"ଲାଙ୍ଗୁଲା ନରସିଂହ" ଅର୍ଥ କଣ ? ଏହା ମଧ୍ୟ ଗୋଟିଏ କୌତୂହଳ ବିଷୟ । ଗଙ୍ଗବଂଶାନୁଚରିତରେ ଅଛି ଯେ "କୋଣାର୍କ ଦେଶୀୟଙ୍କ ପ୍ରସିଦ୍ଧ ବହୁଳାଙ୍ଗ ସୂର୍ଯ୍ୟ ଚୂଡ଼ାମଣ୍ଡିତ ଶାଳୀ ଶୌଣ୍ଡ ପ୍ରାସାଦମନୋହରୀ ଅପରମ୍ଭଦତ୍ତର ନାରସିଂହାବତାରଃ × × ତସ୍ମାଦାଦୌ ନୃସିଂହୋ ନୃପତି, ଲକ୍ଷ୍ମୀଭୂତ କୋପତେ ଯଦ ଭସ୍ମ ଲାଙ୍ଗୁଲ ମାବିର୍ଭବତ ଦ୍ୱ ତ ନାମ ତତ୍ପୂଜ୍ଜ ମାପଞ୍ଚ" ଇତ୍ୟାଦି । ତାମ୍ରଶାସନ ମଧ୍ୟ ଏହାଙ୍କୁ "ନରସିଂହାବତାର" ବୋଲି ବର୍ଣ୍ଣନା କରିଅଛନ୍ତି । ଏଥିରୁ ଜଣାଯାଏ ସେ ବଡ଼ ପ୍ରତାପୀ ଥିଲେ । କାରଣ ନରସିଂହାବତାର କୋପର ପ୍ରତିମୂର୍ତ୍ତି । ସର୍ପ ଲାଞ୍ଜରେ ହାତ ଦେଲେ ସେ ଯେପରି ଉଗ୍ରମୂର୍ତ୍ତି ହୋଇ ଲାଞ୍ଜରେ ଠିଆହୁଏ । ସମ୍ଭବତଃ ଏହାଙ୍କ ସହିତ କେହି ଶତ୍ରୁ ଆଚରଣ କଲେ ଏ ସର୍ପପରି ପ୍ରକୁପିତ ହେଉଥିଲେ । ସୁତରାଂ ଏହାଙ୍କୁ ଲାଙ୍ଗୁଲା ନରସିଂହ ବୋଲି ବର୍ଣ୍ଣନା କରାଯାଇଥିବାର ସମ୍ଭବ ।

ଗଙ୍ଗବଂଶୀୟ ନୃପତିମାନେ ମୂଳତଃ ଅଙ୍ଗ, ମାଗଧ, ପ୍ରଭାତ, ଗୌଡ଼, ବଙ୍ଗ, କର୍ଣ୍ଣାଟ୍ ଓ ସମତଟାଧିକାରୀ ଥିଲେ । ସେମାନଙ୍କ ସମୟରେ ଉତ୍କଳର ସୀମା ବଙ୍ଗଠାରୁ କୃଷ୍ଣା ପର୍ଯ୍ୟନ୍ତ ହୋଇଥିଲା । ଶତ୍ରୁମାନଙ୍କୁ ପରାଜିତ କରିଥିଲେ । ସେମାନଙ୍କର ବହୁତ ସୈନ୍ୟ ଥିଲେ । ବହୁତ ହାତୀ ରଖିଥିବାରୁ ସେମାନେ ଗଜପତି ଆଖ୍ୟା ଧାରଣ କରିଥିଲେ ।

ଅନେକ ପ୍ରତ୍ନତତ୍ତ୍ୱବିତ୍ "ସପ୍ତ ନରସିଂହ" ଇତ୍ୟାଦି ଉପରୋକ୍ତ ଶ୍ଳୋକ ଦେଖି କୋଣାର୍କ ମନ୍ଦିର ନିର୍ମାଣ ସମୟ ୧୨୭୮ ଖ୍ରୀଷ୍ଟାବ୍ଦ ସ୍ଥିର କରି ଥାଆନ୍ତି । ମାତ୍ର ମୁଁ ଉପରେ କହିଲି ଯେ ଏ ସମୟ ଠିକ୍ ନୁହେଁ ଏବଂ ଶ୍ଳୋକଟି ପ୍ରକ୍ଷିପ୍ତ । ଏଥିରୁ ଅନେକ ଲୋକ ବିଶ୍ୱାସ କରି ନ ପାରନ୍ତି; ମାତ୍ର ଷ୍ଟର୍ଲିଂଙ୍କ ହିସାବ ଯେ ଭ୍ରମପୂର୍ଣ୍ଣ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ତାଙ୍କ ହିସାବ ଅନୁସାରେ ଗଙ୍ଗବଂଶ ରାଜତ୍ୱ ୧୩୪୦ ଶକାବ୍ଦରେ ଶେଷ ହେଲା । ମାତ୍ର କପିଳେନ୍ଦ୍ର ଦେବ ୧୩୫୭ ଶକାବ୍ଦରୁ ରାଜତ୍ୱ କରିଥିବାର ଅକାଟ୍ୟ ପ୍ରମାଣ ଥିବାସ୍ଥଳେ ଏହା କିପରି ଠିକ୍ ହୋଇ ବୁଝାଯିବ ? ଏଠାରେ ୧୭ ବର୍ଷ ଅନ୍ତର । ଷ୍ଟର୍ଲିଂ ସାହେବ ରାଜ-ରାଜେଶ୍ୱରଙ୍କ ରାଜତ୍ୱକାଳ ୨୫ ଥିବାର ଉଲ୍ଲେଖ କରିଅଛନ୍ତି । ମାତ୍ର ତାହା ଠିକ୍ ନଥିବା କଥା ୧ ଓ ୨ ତାଲିକାରୁ ଜଣାଯାଏ । ଏଠାରେ ପ୍ରାୟ ଅନେକ ବର୍ଷର ପ୍ରଭେଦ ଇତ୍ୟାଦି ନାନା କାରଣରୁ ଦେଖାଯାଏ । ଏ ହିସାବ ଭ୍ରମପୂର୍ଣ୍ଣ । ଅମ୍ଭେ ୪ର୍ଥରେ ଯେଉଁ ସମୟ ଦେଇଛୁଁ ତାହା ଯଥାର୍ଥ ଥିବାର ଜଣାଯାଏ । ସୁତରାଂ 'ମୁକୁର'ର ୧୨ ଶ ଖଣ୍ଡର ଅଷ୍ଟମ ସଂଖ୍ୟାରେ ଗଙ୍ଗବଂଶ ରାଜତ୍ୱ ୧୧୦୩—୧୪୩୫ ଖ୍ରୀଷ୍ଟାବ୍ଦ ଲେଖିଥିବା ଅଛି । ତାହା ୧୦୭୪—୧୪୩୫ ଖ୍ରୀଷ୍ଟାବ୍ଦ ହେବ ।

---

# ସୂର୍ଯ୍ୟ ବଂଶ

ଧନ୍ୟ ଅଛି "ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷଂ ।" କେହି କେହି କହନ୍ତି "ଯୋଧା ଦେବତା ହି ଉପର ଯାଡ଼୍ କେ ଦେବତା !" ଆଉ କେହି କେହି କହନ୍ତି "ପୂର୍ବଜନ୍ମକୃତା ବିଦ୍ୟା ପୂର୍ବଜନ୍ମକୃତଂ ଧନଂ, ପୂର୍ବଜନ୍ମକୃତା କନ୍ୟା ଅଗ୍ରେ ଧାବତି ଧାବତି ।"

କଥାଟା ନିତାନ୍ତ ମିଥ୍ୟା ନୁହେଁ । କେହି କେହି ଏ ଶ୍ରେଣୀର ଲୋକମାନଙ୍କୁ ଅଦୃଷ୍ଟ-ବାଦୀ ଆଳସ୍ୟପରାୟଣ ଲୋକ ବୋଲି କହୁଥାନ୍ତି । ତା କହିଲେ କ'ଣ ହେବ, କେତେକ କହନ୍ତି, "ଲକ୍ଷ୍ମୀଅପଣ୍ଡା ନଥି ଭାଗ୍ୟ ଥିଲେ ହେବ, ଛଅ ଖାମ ଧଇଲେ କି ହେବ"; ଅର୍ଥାତ୍ ତା କପାଳରେ ଯେତିକି ।

ସେ ଯାହା ସ୍ୱପ୍ନରେ ଭୁତ ନଥାଏ, ଚିନ୍ତା କରି ନଥାଏ, ଶୁଣି ନଥାଏ, ସେ ତାହା ପ୍ରାପ୍ତ ହେଲେ ହେବନ ଏହି କଥା ଶୁଣିଥାନ୍ତି । ତା କପାଳରେ ଥିଲା । ଏପରି ଘଟଣା ଭୁରି ଭୁରି ଦେଖାଯାଏ । ଅତୀତ କାହାଣୀ ପୁରାଣରେ ବହୁତ ମହାପୁରୁଷଙ୍କ ଜୀବନଚରିତରେ ଏହି ସତ୍ୟ ପ୍ରତ୍ୟକ୍ଷୀଭୂତ ହୋଇଥିବାର ଦେଖାଯାଇଥିଲା । ବୁଦ୍ଧଙ୍କ ଦେବଙ୍କ ଜୀବନଚରିତରେ ଏହି ସତ୍ୟ ପ୍ରତ୍ୟକ୍ଷୀଭୂତ ହୋଇଥିବାର ଦେଖାଯାଇଥିଲା । ବର୍ତ୍ତମାନ କପିଳେନ୍ଦ୍ର ଦେବଙ୍କ ଜୀବନରେ ମଧ୍ୟ ସେହି ସତ୍ୟ ପ୍ରତ୍ୟକ୍ଷୀଭୂତ ହୋଇଥିବାର ଦେଖାଗଲା । କାହିଁ ଓଡ଼ିଶା ସିଂହାସନ, କାହିଁ କପିଳେନ୍ଦ୍ର ଦେବ ! କିନ୍ତୁ ବିଧି ବିଧାନ କିଏ ଅନ୍ୟଥା କରିପାରିବ !

କପିଳେନ୍ଦ୍ର କରଣ ବଂଶୀୟ ସୂର୍ଯ୍ୟବଂଶୀୟ କ୍ଷତ୍ରିୟ ସନ୍ତାନ । ଉଦରପୋଷଣର ଅନ୍ୟ ଉପାୟ ନ ଦେଖି ଜଣେକ ବ୍ରାହ୍ମଣ ଘରେ ଗାଈଚରା କାର୍ଯ୍ୟ କରୁଥିଲେ । ଗାଈ ଜଗିବା କାର୍ଯ୍ୟଟି ବଡ଼ ସହଜ ନୁହେଁ । ସବୁବେଳେ ଗାଈବାଛୁରୀଙ୍କ ଠାରେ ନଜର ଥିବ; ନଚେତ୍ ଯାହା କାହାରି କିଆରୀରେ ପଶିଲେ ସେ ଅଛି ମାଉଧର କରିବ । ଏଣେ ମନଦେଇ ଗାଈମାନଙ୍କୁ ପେଟପୂରାଇ ଚରାଇବାକୁ ହେବ; ନଚେତ୍ ଦୁଗ୍ଧ କମିବ, ଜମା ଗାଈ ଗୋଇବା ଜଣା ଯାଇଗଲେ ।

କିନ୍ତୁ ହେଉ ବା ନ ହେଉ ସେ କୌଣସି ପ୍ରକାରେ । ଲୋକ ଉଦରପୋଷଣ କରିବ ତ ? ପେଟ ଲାଗି ଲୋକ ନାନା ପଥ ଧରନ୍ତି ଏବଂ ଲାଜ ସରମ କୁଳମର୍ଯ୍ୟାଦା ପ୍ରଭୃତି ସବୁ ଭୁଲିଯାଏ । ଏହି ହେତୁରୁ କପିଳେନ୍ଦ୍ର ଗାଈର ଗୋଠ ଗାଈ ଜଗିଥାନ୍ତି ।

ଦିନେ କପିଳ ଖରାରେ ଗାଈ ଚରାଇ ଚରାଇ ବଡ଼ କ୍ଳାନ୍ତ ହୋଇ ପଡ଼ିଲେ । ଗାଈବାଛୁରୀଙ୍କୁ ବୃକ୍ଷମୂଳରେ ଛାଡ଼ିଦେଇ ନିଦ୍ରା ଗଲେ । ନିଦ୍ରାଦେବୀଙ୍କର ସ୍ଥାନାସ୍ଥାନର ବିଚାର ନାହିଁ । ପରିଶ୍ରମୀ ଲୋକ ତାଙ୍କର ପ୍ରଧାନ ଅନୁଗୃହୀତ । କପିଳ ଶ୍ରାନ୍ତ-କ୍ଳାନ୍ତ ହୋଇ ଗାଢ଼ ନିଦ୍ରାଭିଭୂତ ହେଲେ । ବ୍ରାହ୍ମଣ ବେଳ ଢଳ କପିଳଙ୍କ ସନ୍ଧାନ ନେବା ମାନସରେ ବାହାରି ଥାନ୍ତି । ଚିଲ୍କା ଗାଈ ଚରାଉଛି କି ବସିକରି ହୋଇ ଶୋଇଛି, ଏହା ପରୀକ୍ଷା କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ।

ବ୍ରାହ୍ମଣ ଆସି ଦେଖିଲେ କପିଳ ଗାଢ଼ ନିଦ୍ରାଭିଭୂତ । ମୁହଁକୁ ଅଜାଡ଼ି ଖରା ପଡ଼ୁଛି, ମାତ୍ର ଗୋଟିଏ ନାଗସାପ ମୁହଁ ଉପରକୁ ଫେଣା ଟେକିଅଛି । ବ୍ରାହ୍ମଣଙ୍କୁ ଦେଖି ସର୍ପ ଚାଲିଗଲା । ବ୍ରାହ୍ମଣ ମନରେ ସନ୍ଦେହ ସେ କପିଳ ଅଛି ନା ନାହିଁ । ବ୍ରାହ୍ମଣ ମନକୁ ଘୃଣା ଯାଇ କ୍ରମେ ବହୁତ ବିଚାର ହେଲା । ବ୍ରାହ୍ମଣ ଚିଲ୍କାକୁ ଅନେକ ଡାକହାକ କରି ଉଠାଇଲେ; ମାତ୍ର ଦେଖିଲେ ତାହାର କୌଣସି ଆଶଙ୍କା ନାହିଁ । ଚିଲ୍କାକୁ ଘରକୁ ନେଇଗଲେ ଏବଂ ତାକୁ ଭିନ୍ନ ଭୋଜନ ଦେଇଗଲେ । କେତେକ ଦିନ ଗଲା ପରେ କପିଳ ଦେଖିଲେ ସେହି ସ୍ୱପ୍ନରେ ପେଟ ପୁରୁନି ନାହିଁ ।

ବ୍ରାହ୍ମଣେଙ୍କୁ ବାହାରି ଯାଇ ଭିକ୍ଷାବୃତ୍ତି ଆରମ୍ଭ କଲେ । ମନେ କଲେ ଏଥିଦ୍ୱାରା ଜୀବନରେ କେଉଁ ଧନ ମିଳିବ । ବନମାଳୀ ବାଣ୍ଟ ସୂତ୍ର ଜାଣି ଦାସ ପ୍ରଧାନ ହେବା ଚିନ୍ତା ହେଲା । କେତେକ ଦିନ ବିତିବା ପରେ ମନରେ ଭାବିଲେ, ଛିଃ, ଏ ଭିକ୍ଷାବୃତ୍ତି ଦ୍ୱାରା ପେଟ ପାଳିବାଠାରୁ ମରିଯିବା ଭଲ । ପରନ୍ତୁ ଆତ୍ମଘାତ ମହାପାପ । ଅଥଚ ଏ ପାପୀ ଉଦ୍ଧାର ନାହିଁ । ମନେକଲେ, ପୁରୁଷୋତ୍ତମ କ୍ଷେତ୍ରରେ ତ ଅନେକ ଅନ୍ନଛତ୍ରର ବ୍ୟବସ୍ଥା ଅଛି, ସେଠାରେ ଯାଇ ଛତ୍ରରେ ମାଗିଖାଇବି । ଏହି ଭାବନା ମନରେ ପୋଷଣ କରି କ୍ଷେତ୍ରକୁ ଗଲେ । କ୍ଷେତ୍ରରେ ରହି ଏଠାରେ ସେଠାରେ ବୁଲି ମାଗିଖାଉଥିଲେ । ଦେଉଳ ମଧ୍ୟରେ ସେବକମାନେ ପ୍ରସାଦ ପାଇ ଯେଉଁ ପତ୍ରମାନ ଫୋପାଡ଼ି ଦେଉଥାନ୍ତି, ସେହି ପତ୍ର ଚାଟି ତହିଁରେ ଲାଗିଥିବା ପ୍ରସାଦ ସେବାଦ୍ୱାରା ଧନ୍ୟ ଜୀବନ ଯାପନ କରୁଥାନ୍ତି । କେତେକ ଦିନ ଗଲା । ଦିନେ କପିଳ ବିମଳା ଠାକୁରାଣୀଙ୍କ ମନ୍ଦିର ନିକଟରେ ବସିଥିଲେ । ସେଠାରୁ ଓଡ଼ିଶା ମହାରାଜା ଶେଷଦେବଙ୍କୁ ଅର୍ଥାତ୍ ଅଙ୍କଶାସକ ସ୍ୱୟଂ ପ୍ରଭୁଙ୍କ ଦର୍ଶନାର୍ଥେ ମନ୍ଦିରକୁ ବିଜେ କଲେ । ମନ୍ଦିରକୁ ଯାଇ ବିମଳାଙ୍କ ମନ୍ଦିର ନିକଟରେ ଉପସ୍ଥିତ ହେବା ସମୟରେ ସେଠାରୁ କପିଳଙ୍କ ଉପରେ ଦୃଷ୍ଟି ପଡ଼ିଲା ।

କପିଳଙ୍କଠାରେ କି ଆକର୍ଷଣୀ ଶକ୍ତି ଥିଲା କେଜାଣି ତାହା ସେହି ଜଗନ୍ନାଥଙ୍କ ଲୀଳାଁ ଜାଣେ । ରାଜାଙ୍କ ଦୃଷ୍ଟି କପିଳଙ୍କ ଉପରେ ପଡ଼ି ନିଶ୍ଚଳ ସ୍ଥିର ହେଲା । ଅନେକ ଭଲ୍ଲୋର ଉଦ୍ରେକ ହେଲା । ତେବେ ରାଜାଙ୍କ ମନ କପିଳଙ୍କ ପ୍ରତି ଆକର୍ଷିତ ହେଲା । କପିଳଙ୍କୁ ଡାକରା ହେଲା । ରାଜା ପ୍ରଶ୍ନ କଲେ, ତୁମ୍ଭେ କିଏ ? କପିଳ ଉତ୍ତର କଲେ, ମୁଁ ଜଣେ ଦୁର୍ଭାଗ୍ୟଶାଳୀ ଦରିଦ୍ର ଅଶିକ୍ଷିତ ବ୍ରାହ୍ମଣ ! ପୁନଶ୍ଚ ରାଜା ପଚାରିଲେ, ତୁମ୍ଭର କିଏ ଅଛି ? ତୁମ୍ଭେ ଏଠାରେ କଣ କରୁଛ ? କପିଳ କହିଲେ, ମୁଁ ନିରାଶ୍ରୟ । ମୁଁ ଏଠାରେ ଅନ୍ନଦାତାଙ୍କ କୃପାଶ୍ରୟରେ ଅଛି ।

ଉତ୍ତର ଶୁଣି ରାଜାମନ ଚମକିତ ହେଲା । ବ୍ୟକ୍ତିତ୍ୱର ରାଜାଙ୍କ ମନକୁ ସ୍ପର୍ଶ କରିପକାଇଲା । ଅଥଚ ମନ ସୌଭାଗ୍ୟ ଦଶାରେ ରହିଛି ଆଉ ତୁଳନାରେ ନାହିଁ । ବ୍ରହ୍ମ ଅଛି; ତାର ସ୍ଥାନ ଅସ୍ଥାନ ନାହିଁ । ଜାତିଗୋତ୍ର କୁଳଶୀଳ ଧନ-ଦାରିଦ୍ର୍ୟ କିଛି ମାତ୍ର ବିଚାର କରିବାର ଆବଶ୍ୟକ ନାହିଁ ! ଏହା ଦୈବଶକ୍ତିର ନିଯୁକ୍ତି । ରାଜା ଏହି ନିଯୁକ୍ତିରେ ବଶୀଭୂତ ହୋଇ ପ୍ରଶ୍ନ କଲେ, "ତୁ ଏମନ୍ତ ପାରିବୁ ରାଜକାର୍ଯ୍ୟ କରିବୁ ?" କପିଳ ପ୍ରଶ୍ନ ଶୁଣି ନୀରବ ହେଲେ । ମନେ ଭାବିଲେ, ଏ କଣ ? ମୁଁ କିଏ ? ମୁଁ କେଉଁଠି ? ଏ ଅଳୀକ ସ୍ୱପ୍ନ ମୋ ଅନ୍ତରରେ କାହିଁକି ଆସିଲା ? ମୁଁ ଦୀନଦରିଦ୍ର । ଏ ମହାରାଜାଙ୍କ ଦୃଷ୍ଟିରେ ପଡ଼ିଲି କିପରି ? କପିଳ ମନେ କଲେ, ଏ ମୋର ମାତୃମାନ୍ୟ ଯୋଗ ! ଆଜ୍ଞା, ହେଉ, ରାଜାଙ୍କର ଆଦେଶ, ହାନି କଣ ?

କପିଳଙ୍କୁ ରାଜା ସାଥିରେ ନେଇଗଲେ । କପିଳ ରାଜପରିବାର ମଧ୍ୟରେ ବେଶ୍ ସୁଖରେ କାଳଯାପନ କଲେ । ଏହିପରି କିଛି କାଳ ଗଲା । ରାଜା ଅପୁତ୍ରିକ ଥିବାରୁ ଜଗନ୍ନାଥ ମହାପ୍ରଭୁଙ୍କଠାରେ ଆଜ୍ଞାମାଳ ପଚାରିଲେ, "ମୋ ପରେ କିଏ ରାଜା ହେବ ?" ମହାପ୍ରଭୁଙ୍କର ଆଜ୍ଞା ହେଲା, କପିଳ ରାଜା ହେବେ । ମହାପ୍ରଭୁଙ୍କ ଆଦେଶ ଅଲଂଘ୍ୟ । କପିଳ ରାଜସିଂହାସନାରୋହଣ କରି "କପିଳେନ୍ଦ୍ର ଦେବ" ହେଲେ ।

ଏବେ କାଶୀ ବାହୁ ଟେକିଦେଇ କହି ପେଟ ପାରୁଆଏ । ସେଦିନର ଦିନ ଉଠେ ଚୈତ୍ର ଶଙ୍କର କହ, "ଦେବ, କପିଳ ଯାଉ ରଜା ହେଲା, ମୋତେ କିଛିଏ ମନେ ପଡ଼ାଗଲା ନାହିଁ । ଅଚ୍ଛା, ତାଙ୍କ ପାଖୁ ଶୁଣିବା ।" ଏହି କଥା ଶୁଣି କାଶୀ କପିଳେନ୍ଦ୍ରଙ୍କ ଦୁଆରରେ ପଶି ପେଟ ଦେଖାଇ ଉତ୍ତମ ପଦାର୍ଥ ନେଇଗଲା; ମାତ୍ର ଅଦୃଷ୍ଟ । କାଶୀ ଜାତିରେ ବ୍ରାହ୍ମଣ । ଅଙ୍ଗହୀନ ରାଜାଙ୍କ ଛାମୁକୁ ଅଣାହେଲା । ରାଜା ପଚାରିଲେ, "ତୁମ୍ଭେ ପେଟ କାହିଁକି ?" କାଶୀ ଉତ୍ତର ଦେଲା, "ତୁମ୍ଭେ ମୋତେ ନ ଚିହ୍ନିଲ ବୋଲି ।" ରାଜା ପୂର୍ବ କଥା ସ୍ମରଣ କଲେ ଏବଂ କହିଲେ, "କଣ ମାଗୁଛ ମାଗ ।" କାଶୀ ଉତ୍ତର ଦେଲା, "ମୋତେ ବଡ଼ଦେଉଳ ଲେଖିଦିଅ ।" "ଅଚ୍ଛା, ତୁମ୍ଭକୁ ରାଜଗୁରୁ କରାଗଲା" ବୋଲି ରାଜାଜ୍ଞା ହେଲା ।

କପିଳେନ୍ଦ୍ର ଦେବ ୧୩୬୭ ଶକାବ୍ଦ ଜ୍ୟେଷ୍ଠ ମାସ ୨ ନ ଶୁକ୍ଳ ୧୦ମୀ ବୁଧବାର ଦିନ ପୁରୁଷୋତ୍ତମ କ୍ଷେତ୍ରରେ ଅଭିଷିକ୍ତ ହେଲେ । ୩ ଅଙ୍କରେ ଗଙ୍ଗାସ୍ନାନ କରିବାକୁ ଗଲେ । କୁଳଶୀପୁର ଶାସନ ଦାନ ଦେଲେ । ଜଳେଶ୍ୱର ନରେନ୍ଦ୍ର ମହାପାତ୍ର ଏହାଙ୍କ ପାଖେ ଥିଲେ । ୮ ଅଙ୍କରେ କୃଷ୍ଣଗଡ଼ ଜିଣିଲେ । ୯ ଅଙ୍କରେ ପଞ୍ଚମ ଜିଣିଲେ । ୧୦ ଅଙ୍କରେ ଖେମଣ୍ଡି ଜୟ କଲେ । ୧୧ ଅଙ୍କରେ ମହର୍ଘ ପଡ଼ିଲା; ଧାନ ଭରଣକୁ ହେଲା ୧୦୫ କାହାଣ କଉଡ଼ି । ୧୪ ଅଙ୍କରେ ମହେନ୍ଦ୍ର ଜିଣିଲେ । ଏହାଙ୍କ ୧୫ ଅଙ୍କରେ ସିଂହ ଦ୍ୱାରରେ ହେଲା; ପୁରୁଷୋତ୍ତମ ଦେଉଳ ବାହାରବେଢ଼ା ନିର୍ମାଣ କରାଇଲେ । ୧୮ ଅଙ୍କରେ କପିଳେଶ୍ୱରପୁର ଶାସନ କରାଇଲେ । କୃଷ୍ଣଦେବ ଆକ୍ରମଣ କଲେ । ଅଳି, କଣିକା, କୁଜଙ୍ଗ ଓ କେନ୍ଦୁଝର ଜୟ କଲେ । ୨୧ ଅଙ୍କରେ ମଣ୍ଡିକୁ ମାଡ଼ିଲେ । ୨୩ ଅଙ୍କରେ ହରିଦେବୀର ଚନ୍ଦ୍ରଗିରି ଜୟ କରି ବିରୂପାକ୍ଷ ରାଜାଙ୍କୁ ଛାଡ଼ିଲେ । ୨୮ ଅଙ୍କରେ ଉଦୟନଗର ଯାଇ ସେଠାରେ ଗୋଟିଏ ମହାଯଜ୍ଞ କଲେ । ୨୭ ଅଙ୍କରେ ଦୁର୍ଭିକ୍ଷ ଉପୁଜିଲା ହେଲା । ଧାନ ଭରଣକୁ ହେଲା ୧୦୦ କାହାଣ କଉଡ଼ି । ୨୯ ଅଙ୍କରେ ପୁଣି ଉଦୟନଗର ଆକ୍ରମଣ କଲେ । ଅମୀରମାନଙ୍କୁ ଶାସନରେ ବସାଇଲେ । ଦାମୋଦରପୁର ଶାସନ କରାଇଲେ । ୩୨ ଅଙ୍କରେ ରଥ ଘୋଷ ଓ ୩୩ ଅଙ୍କରେ ଭୋଗରାଗ ହେବାକୁ ମହର୍ଘ ପଡ଼ିଲା । ବହୁତ ଲୋକ ମଲେ । ସେତେବେଳେ ଦକ୍ଷିଣରେ କୃଷ୍ଣଦେବ ଆକ୍ରମଣ କଲେ, ଜୟ କରି ଚନ୍ଦ୍ରଗିରିଦେଶକୁ ବାହାରକୁ ଆଣିଲେ । ସେ ରାଜ୍ୟରେ କପିଳେଶ୍ୱର ଗୋଟିଏ ରାଜା କଲେ । ଏ ରାଜା ସେତୁବନ୍ଧ ପର୍ଯ୍ୟନ୍ତ ଜୟ କରି ରାଜତ୍ୱ କଲେ । ଏହାଙ୍କର ସତର ବର୍ଷକୁ ୧୮ ପୁତ୍ର ଜନ୍ମ ହୋଇଥିଲେ । ମାତ୍ର ମହାପ୍ରଭୁଙ୍କ ସ୍ୱପ୍ନାଦେଶମତେ ଶୁକ୍ଳବିବାହିତ ପୁତ୍ର ପୁରୁଷୋତ୍ତମଦେବ ରାଜା ହେଲେ । ମହାପ୍ରଭୁଙ୍କ ଆଦେଶ ପାଇ ପୁରୁଷୋତ୍ତମଙ୍କୁ ହାତରେ ନେଇ କୃଷ୍ଣଗୋର କଲେ । ସେଠାରେ କୃଷ୍ଣବେଣୀ ନଦୀତୀରରେ ୩୭ ଅଙ୍କ ପୁଷ୍ୟମାସ କୃଷ୍ଣ ୧୩ଶୀ ମଙ୍ଗଳବାର ଦିନ ଦେହତ୍ୟାଗ କଲେ । ଏ ରାଜତ୍ୱ କଲେ ୩୦ ବର୍ଷ । ୧୪୩୫—୧୪୬୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅର୍ଥାତ୍ ଶକାବ୍ଦ ୧୩୫୭—୧୩୮୭ ପର୍ଯ୍ୟନ୍ତ ।

ହଣ୍ଟର ସାହେବ ଖ୍ରୀ. ୧୪୬୬—୧୪୭୯ ଲେଖିଛନ୍ତି, ତାହା ଭ୍ରମମୂଳକ ଅଟେ । କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମ୍ବନ୍ଧେ ଭ୍ରମ ହେବାର କିଛି କାରଣ ନାହିଁ । ଏହାଙ୍କ ୪୯ ଅଙ୍କ ବର୍ତ୍ତମାନ ଚଳୁଛି । ମାଦଳାପାଞ୍ଜିରେ ଏଙ୍କ ଉଣଅଶ ଥିବାରୁ ୩୭ ଅଙ୍କରେ ୩୦ ବର୍ଷ ହେଲା; ହଣ୍ଟର ସାହେବ ୩୨ ବର୍ଷ ଲେଖିଥିବାରୁ ପାଇଲେ ବୁଝାଯାଉ ନାହିଁ ।

ପୁରୁଷୋତ୍ତମ ଦେବ—ଏ ଭୋଗ କଲେ ୩୨ ଅଙ୍କରେ ୩୦ ବର୍ଷ । ଖ୍ରୀଷ୍ଟାବ୍ଦ ୧୪୭୦—୧୪୯୭କୁ ଶକାବ୍ଦ ୧୩୯୨—୧୪୧୯ ।

ପୁରୁଷୋତ୍ତମ ଦେବ ରାଜା ହେବା କଥା ଶୁଣି ଅନ୍ୟ ଅନେକ ସାମନ୍ତ ବିରୋଧୀ ହେଲେ । "ଆମ୍ଭମାନଙ୍କ ବର୍ତ୍ତମାନରେ ପୁଅଟା କିଆଁ ହେବ" ଏକଥା କହି ପୁରୁଷୋତ୍ତମଦେବଙ୍କୁ ମାରିପକାଇବାର ଚେଷ୍ଟା କଲେ । କିନ୍ତୁ କଥା ଅଛି "ରାଖିବାର ଯାହାର ଅନନ୍ତ, କିସ କରିବ କାଳଦନ୍ତ" । ଯାହାଙ୍କ ଦେବ ଜଗନ୍ନାଥ ସହାୟ, ଏମାନେ କଣ କରିପାରିବେ ! ଜ୍ୟେଷ୍ଠପୁତ୍ର ହମ୍ବୀର ବା କଳାମିହିର ସିଂହଦ୍ୱାରରେ ଆସି ଆକ୍ରମଣ କଲେ । ପୁରୁଷୋତ୍ତମ ଭିତରେ ରହି କବାଟ ପକାଇ ଦେଇଥିଲେ । ହମ୍ବୀର ସିଂହଦ୍ୱାରରେ ରହି ଗର୍ଜନ କରି କହିଲେ, "ପ୍ରଭୁ, ପୁରୁଷଙ୍କୁ ଆଉ ତୁମ୍ଭେ କେଉଁ ପୁରୁଷ ତନ୍ତ୍ର ଭିଆଣ କଲେ ବା ରକ୍ଷା କରିପାରିବ ନାହିଁ ।" ଏ ପ୍ରତାପ ଅନେକ ପ୍ରଭୁଙ୍କ ଦର୍ଶନ କରିବେଲେ ମଧ୍ୟ କହୁଅଛିଥିଲେ । "କବାଟରେ ଆଜ୍ଞା ଥିଲେ କବାଟ ଫିଟା" ବୋଲି ଡାକ ପକାଇଲେ । ପଡ଼ିଆରୀ କହିଲା, ଠାକୁରଙ୍କ ଆଜ୍ଞା ନାହିଁ । ହମ୍ବୀର ଅଧିକ କ୍ରୋଧାନ୍ଧ ହୋଇ କହିଲେ, "ପୁରୁଷଙ୍କୁ କହ, ଯେବେ ରାଜା ହେବାକୁ ଇଚ୍ଛା ଅଛି ତେବେ ଏ ଶାବଳ ମୁଠାକୁ ଯେବେ ଛଡ଼ାଇ ପାରିବ ତେବେ ସେ ଏ ରାଜ୍ୟରେ ରାଜା ହେବ ।" ପୁରୁଷୋତ୍ତମ ଏହା ଶୁଣି କବାଟ ଫିଟାଇଦେଲେ । ହମ୍ବୀର ଶାବଳ ମାରିଲେ; ମାତ୍ର ପୁରୁଷୋତ୍ତମଙ୍କର କିଛି ହେଲା ନାହିଁ । ସେ ସମ୍ଭାଳି ନେଲେ । ହମ୍ବୀର ଏକଥା ଦେଖି ବିସ୍ମିତ ହେଲେ । ମନେ ଭାବିଲେ, ଏ ମହାପ୍ରଭୁଙ୍କ ଭକ୍ତ; ଏହା ସାଙ୍ଗରେ ଲାଗିଲେ କିଛି ଫଳ ନାହିଁ । ହମ୍ବୀର ମନଦୁଃଖରେ ଦେଶ ତ୍ୟାଗକରି ଦକ୍ଷିଣ ଦିଗକୁ ଗଲେ ଏବଂ ସେଠାରେ ପାରଳାଖେମୁଣ୍ଡିରେ ବାସକଲେ । ବର୍ତ୍ତମାନ ପାରଳାର ରାଜବଂଶ ଏହାଙ୍କ ବଂଶଧର ବୋଲି କୁହାଯାଏ । କଳସ୍ଥ ପୁଅ ପୁରୁଷଙ୍କ ଯାଇ ବାମଣ୍ଡାରେ ବାସକଲେ ।

ହମ୍ବୀରଙ୍କର ଯୋଦ୍ଧା ଗୁଣଦାନ ନାମକ ଜଣେ ହାତୀ ଥିଲେ । ପୁରୁଷୋତ୍ତମଦେବ ତାଙ୍କୁ ମରାଇଦେଲେ । ପରେ ରାଜ୍ୟ ଭୋଗ କଲେ ।

୭ ଅଙ୍କରେ ଜଗନ୍ନାଥ ଦେଉଳର ଭୋଗମଣ୍ଡପ ନିର୍ମାଣ କରାଇଲେ । ୯ ଅଙ୍କରେ ଏ ଦେଉଳ ମଧ୍ୟ ଭୂମି ବେଢ଼ା ନିର୍ମାଣ କରାଇଲେ । ବାସ୍ତୁ ମୂଳରୁ ଦୋଳବେଦୀ ଭୋଗ ଏହାଙ୍କ ଅମଳରେ ସୃଷ୍ଟି ହେଲା ।

୧୦ ଅଙ୍କରେ କାଞ୍ଚି ଯୁଦ୍ଧ ହେଲା । ଯୁଦ୍ଧ ହେଲା ରାଜ୍ୟଲାଭ ଆଶାରେ ନୁହେଁ, କେବଳ ପଦ୍ମା କନ୍ୟା ଲାଭକରିବା ପାଇଁ ।

କନ୍ୟା ଦେବା ଲାଗି କାଞ୍ଚି ରାଜା ପ୍ରଥମେ ସମ୍ମତ ହୋଇଥିଲେ । ମାତ୍ର ରଥଯାତ୍ରା ସମୟରେ ପୁରୁଷୋତ୍ତମଦେବ ରଥରେ ଛେରାପହଁରା କରୁଥିବା ଦେଖି ମନରେ ଘୃଣା କଲେ ଏବଂ ସେ ଚଣ୍ଡାଳ କାର୍ଯ୍ୟ କରୁଥିବାରୁ ମନେ କରି କନ୍ୟା ଦେବାକୁ ଅସ୍ୱୀକୃତ ହେଲେ । ଏହା ହେଲା ଅପମାନର କାରଣ ।

ପୁରୁଷୋତ୍ତମଦେବ ଛେରାପହଁରା କରୁଥିଲେ କାହାର ? ଦେବଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର । ଏହା ତ ପବିତ୍ର କାର୍ଯ୍ୟ । ଜଗନ୍ନାଥ ମହାପ୍ରଭୁଙ୍କ ଛାମୁରେ ସାନ ବଡ଼ ଲୋକର ବିଚାର ନାହିଁ । ଓଡ଼ିଶା ରାଜା ଲକ୍ଷେ ରାଜାରେ ମୁକୁଟମଣି ଥିଲେ । ଚଳନ୍ତି ବିଷ୍ଣୁ ଥିଲେ । ଅନ୍ୟ ରାଜାମାନେ ତାଙ୍କର ସେବା-ଦାସ ଥିଲେ । ମାତ୍ର ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଛାମୁରେ ସେ ବଡ଼ପଣ ଦେଖାଇବା ଉଚିତ କି ? ସେଠାରେ ସମସ୍ତେ ସମାନ ! ସେଠାରେ ଚଣ୍ଡାଳର ଯେଉଁ ସ୍ଥାନ, ରାଜାର ମଧ୍ୟ ସେହି ସ୍ଥାନ । ସେଠାରେ ଚଣ୍ଡାଳ କାର୍ଯ୍ୟ କରିବା ଗୌରବର ବିଷୟ, ଘୃଣାଜନକ ବିଷୟ ନୁହେଁ । କାଞ୍ଚି ରାଜା ଏ କଥା ବୁଝିପାରିଲେ ନାହିଁ । ସେ ରାଜଦମ୍ଭରେ ଦେଖିଲେ । ପୁରୁଷୋତ୍ତମଦେବ ପ୍ରଭୁଙ୍କର ପରମ ଭକ୍ତ । ଈଶ୍ୱର ସର୍ବଦା ଭକ୍ତାଧୀନ । ଭକ୍ତର ଅପମାନ ସେ ସହିପାରନ୍ତି ନାହିଁ । ସେହିହେତୁ ଗର୍ବଭଞ୍ଜନ ନାମ ବହନ୍ତି । ସୁତରାଂ ଭଗବାନ ପୁରୁଷୋତ୍ତମଙ୍କ ସହାୟ ହେଲେ ।

ପୁରୁଷୋତ୍ତମ ପ୍ରଥମେ ଯୁଦ୍ଧରେ ହାରିଲେ । ମାତ୍ର ଦ୍ୱିତୀୟ ଯୁଦ୍ଧରେ ଜଗନ୍ନାଥଙ୍କ ସହାୟତାରୁ ଜୟୀ ହେଲେ । ଏଥର ଦୁର୍ଗାମାଧବ ଦର୍ଶନ କରି ଯାତ୍ରା କଲେ । ପ୍ରବାଦ ଅଛି, ସ୍ୱୟଂ ଜଗନ୍ନାଥ ବଳଭଦ୍ର ଧଳା ଘୋଡ଼ା କଳା ଘୋଡ଼ା ଚଢ଼ି ଯୁଦ୍ଧକ୍ଷେତ୍ରକୁ ଯାଉଥିଲେ ଏବଂ ବାଟରେ ଶୋଷ କଲେ ପୁରୁଣା ଦୋକାନରେ ଘୋଡ଼ା ବନ୍ଧା ଦେଇ ପାଣି ପିଉଥିଲେ । ଏହାପରେ ପ୍ରଭୁମାନେ ଜଳତୃଷ୍ଣାର୍ତ୍ତ ହେଲେ । ମାଣିକ ଗଉଡୁଣୀଠାରେ ମୁଦି ବନ୍ଧା ଦେଇ ଦହି ଖାଇଥିବାର ମଧ୍ୟ ପ୍ରବାଦ ଅଛି । ଏହି ସ୍ଥାନ ମାଣିକପାଟଣା ବୋଲି ଖ୍ୟାତ ଏବଂ ଏଠାରେ ଉତ୍କୃଷ୍ଟ ଦହି ପ୍ରସ୍ତୁତ ହୁଏ ।

ଯୁଦ୍ଧରେ ଜୟୀ ହୋଇ ପଦ୍ମାବତୀ କନ୍ୟା ଓ ସତ୍ୟବାଦୀ ଗୋପୀନାଥଙ୍କୁ ନେଇ ଆସିଲେ । କନ୍ୟାଙ୍କ ସହିତ ପରେ ବିବାହ ହେଲେ ଏବଂ ସତ୍ୟବାଦୀ ଗୋପୀନାଥଙ୍କୁ ଚଉଦ୍ୱାରଠାରେ ରଖାଇଥିଲେ । ଗଣେଶ ମୂର୍ତ୍ତି ଏ ଆଣିଥିଲେ । ଏ ମୂର୍ତ୍ତି ବର୍ତ୍ତମାନ ବଡ଼ଦେଉଳରେ ଅଛନ୍ତି । ନାମ କାଞ୍ଚି-ଗଣେଶ ବା ଭଣ୍ଡ ଗଣେଶ ।

ଧବଳେଶ୍ୱର ମହାଦେବଙ୍କ ବର ପ୍ରସାଦରୁ ପଦ୍ମାବତୀଙ୍କ ଗର୍ଭରେ ପ୍ରତାପରୁଦ୍ର ଜନ୍ମଗ୍ରହଣ କଲେ ।

କାଞ୍ଚି-ଯୁଦ୍ଧର ସମୟ—୧୪୭୪—୧୪୭୫ ଖ୍ରୀଷ୍ଟାବ୍ଦ ।

ପ୍ରତାପରୁଦ୍ରଦେବ—ଏ ରାଜତ୍ୱ କଲେ ୪୪ ଅଙ୍କରେ ୩୭ ବର୍ଷ । ଖ୍ରୀଷ୍ଟାବ୍ଦ ୧୪୯୫—୧୫୩୧କୁ ଶକାବ୍ଦ ୧୪୧୭—୧୪୫୩ ପର୍ଯ୍ୟନ୍ତ ।

ଏହାଙ୍କ ୩ ଅଙ୍କରେ ଧବଳେଶ୍ୱର ମନ୍ଦିର ନିର୍ମିତ ହେଲା । ଜାଜପୁର କ୍ଷେତ୍ରରେ ବଟେଶ୍ୱରନାଥଙ୍କ ଦେଉଳ ତୋଳାଇଥିଲେ । ୮ ଅଙ୍କରେ ବେଲ୍ଲୁବଟ ପର୍ଯ୍ୟନ୍ତ ଆକ୍ରମଣ କଲେ ଏବଂ ବିଦ୍ୟାନଗରର କିଛି ଏକଭାଗ ଦଖଲ କଲେ । ବିଦ୍ୟାନଗରର ସମ୍ଭବତଃ ବିଜୟନଗର । ୧୩ ଅଙ୍କରେ ଦୁର୍ଭିକ୍ଷ ହେଲା । ଧାନ ଭରଣକୁ ୧୨୦ କାହାଣ କଉଡ଼ି ହେଲା ।

ଏହାଙ୍କ ଅମଳରେ ବୌଦ୍ଧମତାବଲମ୍ବୀ ଓ ବ୍ରାହ୍ମଣମାନଙ୍କ ମଧ୍ୟରେ ଘୋର ବିବାଦ ଆରମ୍ଭ ହେଲା; ମାତ୍ର ବୌଦ୍ଧମାନେ ପରାସ୍ତ ହେଲେ । ବୌଦ୍ଧଶାସ୍ତ୍ରମାନ ପୋଡ଼ାହେଲା । ସେକାଳେ ଅମର ସିଂହ ଓ ବର ସିଂହ ନାମକ ଦୁଇ ବୌଦ୍ଧ ରହିଥିଲେ । ୧୫୦୯ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀକୁ ଆସିଥିଲେ । ପ୍ରତାପରୁଦ୍ରଙ୍କୁ ସେ ଷଡ଼ଭୁଜ ଦେଖାଇବାରୁ ସେ ତାଙ୍କ ମତରେ ଦୀକ୍ଷିତ ହୋଇ ବୈଷ୍ଣବଧର୍ମାବଲମ୍ବୀ ହେଲେ । ଭକ୍ତ ଜଗନ୍ନାଥ ଦାସ ଓ ବୃଦ୍ଧ ସମାଜକମାନେ ଏହାଙ୍କ ଅମଳରେ ଧର୍ମପ୍ରଚାର କରିଥିଲେ । ଏହାଙ୍କ ଅମଳରେ ବୈଷ୍ଣବଧର୍ମର ବିଶେଷ ଅଭ୍ୟୁଦୟ ହୋଇଥିଲା ।

୧୫୧୦ ଖ୍ରୀଷ୍ଟାବ୍ଦରେ ଇସମାଇଲ ଗାଜି ଗୌଡ଼ ବାଦଶାହଙ୍କ ଓଡ଼ିଶା ଆକ୍ରମଣ କଲା । କଟକଠାରେ ସେନା ପହଞ୍ଚି ରହିଲା । କଟକ ଦୁର୍ଗରକ୍ଷକ ସେତେବେଳେ ଅନନ୍ତ ସାମନ୍ତ-ସିଂହାର ଥିଲେ । ଭୋଇ ଗୋବିନ୍ଦ ବିଦ୍ୟାଧର ସାରଙ୍ଗଗଡ଼ ରକ୍ଷକ ଥିଲେ । ଅନନ୍ତ କେତେ ଦିନ ଯାଏ ଗଡ଼ ରକ୍ଷା କରିବାକୁ ସମର୍ଥ ହୋଇଥିଲେ; ପରେ ଉପାୟ ନପାଇ ସାରଙ୍ଗଗଡ଼ଠାକୁ ପଳିଲେ ।

ମୋଗଲ ଆକ୍ରମଣ ବାର୍ତ୍ତା ପାଇ ଜଗନ୍ନାଥ ମହାପ୍ରଭୁ ଚଢ଼େଇଗୁହା ପର୍ବତକୁ ସ୍ଥାନାନ୍ତରିତ ହେଲେ । ଠାକୁରେ ସୁପଦ୍ୱାର ବନ୍ଦହୋଇ ଗଲେ । ବାଦଶାହ ପରାସ୍ତ ହୋଇ ଗଙ୍ଗା ପର୍ଯ୍ୟନ୍ତ ପଳାୟନ କଲା । ପ୍ରତାପରୁଦ୍ରଦେବ ହାତୀ, ଅଶ୍ୱ ପ୍ରଭୃତି ନେଇ ବନ୍ଦୀଙ୍କୁ ମୁକ୍ତ କଲେ । ଗୋବିନ୍ଦ ବିଦ୍ୟାଧରଙ୍କୁ ପାଟ ଧଡ଼ି ଶାଢ଼ୀ ଦେଲେ ଏବଂ ତାଙ୍କ ହସ୍ତେ ରାଜ୍ୟଭାର ଅର୍ପଣ କଲେ ।

୩୧ ଅଙ୍କରେ ରାଜା ବେମନ୍ତି ଆକ୍ରମଣ କଲେ ଏବଂ ୩୨ ଅଙ୍କରେ ମହେନ୍ଦ୍ର ଆକ୍ରମଣ କଲେ । ପୁଣି ବାଦଶାହ କୁତବଶା ଓଡ଼ିଶା ଆକ୍ରମଣ କରିବାରୁ ବହୁତ ଯୁଦ୍ଧ ହେଲା ଏବଂ ଅନେକ ଲୋକ ମଲେ । ୧୫୨୦ ଖ୍ରୀଷ୍ଟାବ୍ଦରେ କଣ୍ଡପାଲିଠାରେ ଯୁଦ୍ଧ ହୋଇଥିଲା । ଅବଶେଷରେ ବାଦଶାହ ଓ ରାଜାଙ୍କ ମଧ୍ୟରେ ପ୍ରୀତି ହେଲା ।

୪୪ ଅଙ୍କ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ମଙ୍ଗଳବାର ଦିନ ପ୍ରତାପରୁଦ୍ର ଦେବ ଧବଳେଶ୍ୱରଙ୍କଠାରେ ଦେହତ୍ୟାଗ କଲେ । ଏ ରାଜା କୃଷ୍ଣାବେଣୀ ଅନ୍ତରୀପ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ ।

କାଳୁଆ ପ୍ରତାପଦେବ—ଏ ତୃତୀୟ ଅଙ୍କରେ ଏକ ବର୍ଷ ରାଜତ୍ୱ କରିଥିଲେ ( ୧୫୪୦ରୁ ୧୫୪୧ ଖ୍ରୀଷ୍ଟାବ୍ଦ = ୧୪୬୨—୧୪୬୩ ଶକାବ୍ଦ )। ଗୋବିନ୍ଦ ବିଦ୍ୟାଧର ସେମାନଙ୍କ ଭୃତ୍ୟ ଦ୍ୱାରା ଟେକାରେ ଘୋଡା ମଡାଇଦେଇ ଏହାଙ୍କୁ ମାରିପକାଇଲେ।

କଖାରୁଆ ପ୍ରତାପଦେବ—ଏ କେବଳ ଅଳ୍ପ ୨ ଅଙ୍କରେ ଏକବର୍ଷ ( ୧୫୪୧—୧୫୪୧ ଖ୍ରୀଷ୍ଟାବ୍ଦ = ୧୪୬୪—୧୪୬୫ ଶକାବ୍ଦ )। ଗୋବିନ୍ଦ ବିଦ୍ୟାଧର ଏହାଙ୍କୁ ଓ ପ୍ରତାପରୁଦ୍ରଙ୍କ ଅବଶିଷ୍ଟ ୩ ପୁତ୍ରଙ୍କୁ ମାରିପକାଇ ଆପେ ରାଜା ହେଲେ।

---

# ଭୋଇ-ବଂଶ

ଲାଳସାର ତୃପ୍ତି ନାହିଁ ! ଲୋଭର ସୀମା ନାହିଁ ! ସ୍ୱାର୍ଥାନ୍ଧ ହେଲେ ଲୋକ ପିତୃ ଭୁଲିଯାଏ, କର୍ତ୍ତବ୍ୟ ଧର୍ମ ପଦଦଳିତ କରେ, ପାପକୁ ପୁଣ୍ୟ ମନେ କରେ। ଲାଳସାର ପଥ ବଡ଼ ପିଚ୍ଛିଳ। ଥରେ ଗୋଡ଼ ଖସ, ଖସିଗଲେ ଆଉ ଉପାୟ ନାହିଁ। ଏହି ଦ୍ୱାରା ଲାଳସା ମନୁଷ୍ୟଙ୍କୁ ଧ୍ୱଂସ କରିଥାଏ ! ସୂର୍ଯ୍ୟବଂଶର ଉଚ୍ଛିତ୍ତି ଏହି ଦୁର୍ଦ୍ଦମ ଲାଳସା-ପ୍ରସୂତ !

ଗୋବିନ୍ଦ ବିଦ୍ୟାଧରଙ୍କୁ ପ୍ରତାପରୁଦ୍ରଦେବ ପାତ୍ର ପଦରେ ବରଣ କରି ତାଙ୍କ ଉପରେ ରାଜ୍ୟଭାର ଅର୍ପଣ କରିଥିଲେ। ଗୋବିନ୍ଦ ସୂର୍ଯ୍ୟବଂଶଧରଙ୍କର ପାତ୍ର ସନ୍ତୁଷ୍ଟ ହେଲେ ନାହିଁ। ମନେକଲେ ଅବା ସେବେ ସିଂହାସନର ତପସ୍ୟାର ଫଳ ଭୋଗିବା ଅର୍ଥ ସୁଅବସ୍ଥା। ଏଥିରେ ମନରେ ତିନ ପାତକ ମାତେଇ ମନ ଖାଲି ଅଦାଶମାର୍ଗରେ ଉଡ଼ିଲା। ସେବେ ରାଜ୍ୟ ଧ୍ୱଂସ କରିବ, କେବଳ ରାଜା ହେବ। ଏହି ଉପାୟ ସ୍ଥିର କଲେ, ପ୍ରତାପରୁଦ୍ରଙ୍କ ବଡ଼ ପୁତ୍ରଙ୍କୁ ମାରିପକାଇବାକୁ ହେବ। ସେହି ଉତ୍ତରାଧିକାରୀମାନେ ଜୀବିତ ଥିବା ଯାଏ ରାଜା ହେବା ଅସମ୍ଭବ; ସେମାନଙ୍କୁ ମାରିପକାଇବାକୁ ହେବ, ନଚେତ୍ ରାଜା ହେବାର ସମ୍ଭାବନା ନାହିଁ। ଏହି ସଙ୍କଳ୍ପ ମନରେ ପୋଷିଣ କରି ଗୋବିନ୍ଦ ଏହି ଭୟାବହ ଲୋମହର୍ଷଣ ନୃଶଂସ ନରହତ୍ୟାକାଣ୍ଡ ଆରମ୍ଭ କଲେ। ଏକେ ଏକେ ସମସ୍ତଙ୍କୁ ହତ୍ୟା କରି ରାଜସିଂହାସନ ଆରୋହଣ କଲେ। ମନୋରଥ ପୂର୍ଣ୍ଣ ହେଲା। ଗୋବିନ୍ଦ ବିଦ୍ୟାଧର ରାଜା ହେଲେ।

ଏ ୮ ଅଙ୍କରେ ୧୦ ବର୍ଷ ରାଜତ୍ୱ କଲେ ( ୧୫୪୧—୧୫୪୯ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୧୪୬୩—୧୪୭୧ ଶକାବ୍ଦ )।

ଏ ବରଗୋବିନ୍ଦପୁର ଯୋଗଣ୍ଡା ଖୋଳାଇ ବୀରଗୋବିନ୍ଦପୁର ଶାସନ ଦାନ କଲେ। ୭ ଅଙ୍କରେ ଗୋଲକୁଣ୍ଡା ଆକ୍ରମଣ କଲେ। ସେଠାରେ ୧୮ ମାସ ରହିଲେ। ଏହାଙ୍କ

ଲଢ଼େଇ ରଘୁଭଞ୍ଜ ଛୋଟରାୟ ଓ ବଳଦ୍ଧି ଶ୍ରୀଚନ୍ଦନ । ରାଜା ଏମାନଙ୍କ ପରାମର୍ଶ ନ ଶୁଣିବାରୁ ଏମାନେ ଫେରିଆସିଲେ ଏବଂ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରବେଶ ହୋଇ ପଣ୍ଡାଙ୍କ ମୁଣ୍ଡ କାଟିପକାଇଲେ, କଟକ ଯାଇ ସେଠାରେ ଲଢ଼ି ରହିଲେ । ମୁକୁନ୍ଦ ଭଞ୍ଜ ରକ୍ଷା କଲେ ଏବଂ ରଘୁଭଞ୍ଜ ମାଳେଶ୍ରୀ ଗଡ଼ରେ ଆଟକାଇ ରଖିଲେ ।

ଗୋବିନ୍ଦ ଏ ସମ୍ବାଦ ଶୁଣିପାରି ଦଣ୍ଡାଇ ବିଦ୍ୟାଧରଙ୍କୁ ଦକ୍ଷିଣରେ ଛାଡ଼ି ପୁରୀକି ଆସିଲେ । ୧୬ ଦିନ ପରେ ପୁରୀରେ ପ୍ରବେଶ ହୋଇ ଠାକୁରଙ୍କୁ ଦର୍ଶନ କଲେ । ରଘୁଭଞ୍ଜ ଏ ଖବର ପାଇ ୨୦୦୦ ଲୋକ ସଙ୍ଗେ ନେଇ ମୁକୁନ୍ଦ ସହିତ ମହାନଦୀ ପାର ହୋଇ ମୁଣ୍ଡିରେ ରହିଲେ । ଚନ୍ଦପୁରଠାରେ ଉଭୟର ଯୁଦ୍ଧ ହେଲା । ଦୁଇ ତରଫରୁ ଲୋକକ୍ଷୟ ହେଲା । ରଘୁଭଞ୍ଜ ହାରି ପଳାଇଲେ ।

ଚକ୍ରପ୍ରତାପ—ଗୋବିନ୍ଦଙ୍କ ପୁତ୍ର । ଏ ୧୩ ଅଙ୍କରେ ୧୧ ବର୍ଷ ରାଜତ୍ୱ କଲେ (୧୫୪୩—୧୫୫୪ ଖ୍ରୀଷ୍ଟାବ୍ଦରୁ ୧୪୬୫—୧୪୭୭ ଶକାବ୍ଦ)।

ଏ ରାଜା ହେବା ପରେ ଦକ୍ଷିଣରେ ସେଠି ଦଣ୍ଡାଇ ବିଦ୍ୟାଧର ଥିଲେ ତାଙ୍କୁ ଅତାଇ ଶାସନଙ୍କର ତାଙ୍କ ହସ୍ତେ ସମର୍ପଣ କଲେ । ଏହାଙ୍କ ୫ ଅଙ୍କରେ ଦଶମାଂଶ ନଇତରେ ଧାନ ଉଠିବାରୁ ମୂଲ୍ୟ ହେଲା ୫। ୩୩। ଦୁଇପଣ ।

କେତେକ ଦିନ ପରେ ପୁନଶ୍ଚ ଦଣ୍ଡାଇ ବିଦ୍ୟାଧରଙ୍କୁ ଦକ୍ଷିଣକୁ ପଠାଇଲେ । ଏ ରାଜା ବହୁତ ଅତ୍ୟାଚାର କଲେ । ବ୍ରାହ୍ମଣମାନଙ୍କୁ ବାଧ କଟାଇଲେ । ଲୋକମାନେ ବହୁତ ଅସନ୍ତୁଷ୍ଟ ହେଲେ । ପୁରୀରେ ଅଶୁଭ ଶଙ୍ଖନାଦ ଶୁଣାଗଲା । ଜୀମୂତକେତୁ ବଡ଼, ସମସ୍ତେ ମହାପ୍ରଭୁଙ୍କୁ ଡାକି ପକାଇଲେ, "ଏ ରାଜା ରହିଲେ ମଙ୍ଗଳ ନାହିଁ।" ଅତ୍ୟାଚାର-ପ୍ରପୀଡ଼ିତ ଲୋକମାନଙ୍କ ଅହରହ ଆର୍ତ୍ତନାଦରେ ପ୍ରଭୁଙ୍କର ଆସନ ଟଳିଲା । ୩ ଅଙ୍କ କୃଷ୍ଣ ତ୍ରୟୋଦଶୀ ଦିନ ୪ ପ୍ରହରଠାରେ ରାଜା ପୁରୁଷୋତ୍ତମକ୍ଷେତ୍ରର ଖିଲାଗ୍ରାମରେ ମଲେ । ସମସ୍ତେ ସର୍ବଦ୍ୱାର ପକାଇ ଆଶ୍ୱସ୍ତ ହେଲେ । "ମନ୍ଦ ଅନ୍ତ ହେଲା" କହି ଲୋକେ ଆନନ୍ଦିତ ହେଲେ ।

ନରସିଂହ ଜେନାମଣି—ଏ କେବଳ ୨ ଅଙ୍କରେ ୧ ବର୍ଷ । ମୁକୁନ୍ଦ ହରିଚନ୍ଦନଙ୍କ ୪ ସଙ୍ଗୀମାନେ ମେନହୋଇ ପୁରୀକି ରାଜମନ୍ଦିରରେ ପ୍ରବେଶ ହୋଇ ଏହାଙ୍କୁ ମାରି ପକାଇଲେ (୧୫୫୪—୧୫୫୫ ଖ୍ରୀଷ୍ଟାବ୍ଦରୁ ୧୪୭୭—୧୪୭୭ ଶକାବ୍ଦ)।

ଜେନା ରଘୁରାମ ଦେବ—ଏ କେବଳ ୩ ଅଙ୍କରେ ୨ ବର୍ଷ । ଦଣ୍ଡାଇ ବିଦ୍ୟାଧର ଦକ୍ଷିଣରୁ ଆସି ମଙ୍ଗଳାଯୋଡ଼ଠାରେ ରହିଲେ । ସେଠାରେ ମୁକୁନ୍ଦ ହରିଚନ୍ଦନଙ୍କ ସହିତ ଭେଟହେଲା । ମୁକୁନ୍ଦ ବିଶ୍ୱାସରେ ଦଣ୍ଡାଇଙ୍କୁ କଟକ ନେଇଯାଇ ସେଠାରେ ବନ୍ଦୀ କଲେ । ରଘୁଭଞ୍ଜ ଛୋଟରାୟ ଭିତର ଗଡ଼ରୁ ଆସି ମକୁନ୍ଦଙ୍କ ସହିତ ବହୁତ ଯୁଦ୍ଧ କଲେ ଏବଂ ଛୋଟରାୟଙ୍କ

ବନ୍ଦୀ କଲେ । ଶେଷରେ ଦେଶର ଅଧିକାରୀଙ୍କ ସହାୟତାରେ ସେହି ପଳାଇଯାଇ ରଘୁରାମ ଦେବଙ୍କୁ ମାରିପକାଇଲେ । ଏହିଠାରୁ ସୂର୍ଯ୍ୟବଂଶ ଶେଷହେଲା । ରଘୁରାମ ୧୫୫୫—୫୬ ଖ୍ରୀଷ୍ଟାବ୍ଦ ବା ୧୪୭୬—୧୪୭୭ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ ।

---

## ଚାଳୁକ୍ୟବଂଶ

ମୁକୁନ୍ଦଦେବ—ମୁକୁନ୍ଦ ହରିଚନ୍ଦନ ରାଜା ହୋଇ "ମୁକୁନ୍ଦଦେବ" ହେଲେ । ଏ ବଡ଼ ଧାର୍ମିକ ରାଜା ଥିଲେ । ଦେବତା ବ୍ରାହ୍ମଣମାନଙ୍କୁ ବହୁତ ସେବା କଲେ । ଜଗନ୍ନାଥଙ୍କର ବଡ଼ ଜଗମୋହନ ତୋଳାଇଲେ, ମୁକୁନ୍ଦପୁର ସୁନ୍ଦର ଘର ତୋଳାଇଥିଲେ । ମୁକୁନ୍ଦପୁର ଶାସନ ଦାନ ଦେଲେ ଓ ଏ ଶାସନରେ ଗୋପାଳ ଦେବଙ୍କ ଦେଉଳ ତୋଳାଇ ଗୋପାଳ ଦେବଙ୍କୁ ପ୍ରତିଷ୍ଠା କଲେ । ଜଗନ୍ନାଥଙ୍କ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ଯାଏ ଦୁଇପାଖେ ଶାସନ ବସାଇଲେ । ୮ ଅଙ୍କରେ ଦୋଳମଣ୍ଡପ ତୋଳାଇ ଦୋଳଯାତ୍ରା କଲେ । ୧୨ ଅଙ୍କରେ ଗଙ୍ଗା ନହତାଇ କଲେ । ଗଙ୍ଗାତୀରରେ ଦେଉଳ ତୋଳାଇ ଘାଟ ବନ୍ଧାଇଲେ । ଗଙ୍ଗାଦେବୀଙ୍କୁ ଉତ୍କୃଷ୍ଟି ଦେଇ ଦର୍ଶନ କଲେ । ଦିଲ୍ଲୀ ବାଦଶାହଙ୍କ ସହିତ ପ୍ରୀତି ସ୍ଥାପନ କଲେ; ମାତ୍ର ଗୌଡ଼ ବାଦଶାହଙ୍କ ସହିତ ଅପ୍ରୀତି ହେଲା ।

ଗୌଡ଼ ବାଦଶାହ ଓଡ଼ିଶା ଆକ୍ରମଣ କଲା । ମୁକୁନ୍ଦଦେବ କୋଟସାମନ୍ତଗଡ଼ଠାରେ ରହିଲେ । ସେଠାରେ ବହୁତ ଯୁଦ୍ଧ ହେଲା । ଦୁଇ ପକ୍ଷରୁ ଅନେକ ସୈନ୍ୟ ମଲେ, କେହି କାହାକୁ ହଟାଇ ପାରିଲେ ନାହିଁ । ଇତିମଧ୍ୟରେ କଳାପାହାଡ଼ ପଶ୍ଚିମ ଅଞ୍ଚଳ ବାଂଶଧାରା ନଦୀ ଦେଇ କଟକ ଆଡ଼େ ଆକ୍ରମଣ କଲା । ରାଜାଙ୍କ ସାମନ୍ତମାନେ କଟକ ଦୁର୍ଗ ରକ୍ଷା କରିଥିଲେ । ସେ ବହୁତ ଯୁଦ୍ଧ କଲେ; ମାତ୍ର ପରାସ୍ତ ହେଲେ । କଳାପାହାଡ଼ ଶ୍ରୀକ୍ଷେତ୍ରକୁ ଆସି ବହୁତ ଅତ୍ୟାଚାର କଲା । ରାଜାଙ୍କ ରକ୍ଷା କରିବା ଭାର ରାମଚନ୍ଦ୍ର ଭଞ୍ଜଙ୍କ ହାତରେ ଥିଲା । ରାମଚନ୍ଦ୍ର ଏ ଗୋଳମାଳ ବେଳେ ଦେଶ ରକ୍ଷାକରିବା ପକ୍ଷରୁ ପଳାଇ ଆପଣା ସ୍ୱାର୍ଥ ଦେଖିଲେ । ମନେକଲେ ଏ ବଡ଼ ମାହେନ୍ଦ୍ର, ଯେଣୁ ଏ ସମୟରେ ସେ କଳିଙ୍ଗସିଂହାସନରେ ବସି ଆପଣା ମନୋବାଞ୍ଛା ଚରିତାର୍ଥ କରିନେବେ । ସୁତରାଂ ଆପଣାକୁ ରାଜା ବୋଲି ଘୋଷଣା କଲେ । ମୁକୁନ୍ଦଦେବ ଏ ବାର୍ତ୍ତା ପାଇ ଉଭୟ ସଙ୍କଟରେ ପଡ଼ିଲେ । ଏଣେ କଳାପାହାଡ଼ ଏକ ଶତ୍ରୁ, ତେଣେ ରାମଚନ୍ଦ୍ର ଅନ୍ୟ ଶତ୍ରୁ । ମୁକୁନ୍ଦଦେବ ଆସି କଳାପାହାଡ଼ର ଶରଣ ନେଲେ ଏବଂ ସାରଙ୍ଗଗଡ଼ଠାରେ ରାମଚନ୍ଦ୍ରଙ୍କ ସହିତ ଯୁଦ୍ଧ କଲେ ।

ଉଦସ୍ତ୍ରଙ୍କର ବନ୍ଧୁକ ମୁକ୍ତ ପରେ ରାମଚନ୍ଦ୍ର ଦେବ ମକୁନ୍ଦଦେବଙ୍କୁ ମାରିପକାଇଲେ । ମାତ୍ର ବାଦଶାହଙ୍କ ଲୋକମାନେ ରାମଚନ୍ଦ୍ରଙ୍କୁ ଦେହଦାନ ମାରିପକାଇଲେ । ରାମଚନ୍ଦ୍ର ଏ ଗୋଳମାଳରେ ରାଜା ହେଲେ ମା ୬ । ୧୬ ଦିନ । ପୁଣି ଚନ୍ଦ୍ରବଂଶ ଚୈତନ୍ୟ ରାଜା ହେଲେ । ମାତ୍ର ମୁସଲମାନମାନେ ତାଙ୍କୁ ବିଶ୍ୱାସରେ ମାରିପକାଇଲେ । ସେ ରାଜା ହେଲେ ମା ୪ । ୧୦ ଦିନ । ଏହି ସମୟରୁ କଟକରେ କେହି ରାଜା ରହିପାରିଲେ ନାହିଁ । ମୋଗଲମାନେ ଘର ମାଡ଼ିରହିଲେ । ଏ ଗୋଳମାଳ ଦେଖି ପଣ୍ଡା ଦିବ୍ୟସିଂହ ପଟ୍ଟନାୟକ ଠାକୁରମାନଙ୍କୁ ନେଇ କପିଳ ପ୍ରାସାଦଠାରେ ଚାଉଳି ଭଳି ରଖାଇଥିଲେ; ମାତ୍ର କଳାପାହାଡ଼ ଏ ସମ୍ବାଦ ପାଇ ସେଠାକୁ ଗଲା । ତାର ବଳ ପ୍ରମାଣ ପାର ହୋଇ ଜଣେ ନ ପାଣିରେ ପଶି ଠାକୁରମାନଙ୍କୁ କାଢ଼ିଆଣି ହାତୀରେ ବସାଇ ଘେନି ଆସିଲା । ଭଣ୍ଡାରମାନ ଲୁଟ କଲା, ବଡ଼ଦେଉଳ ଭାଙ୍ଗିଦେଲା ପାଏ ଭାଙ୍ଗିଲା, ଦେବତାମାନଙ୍କୁ ଖଣ୍ଡିଆ କରି ପକାଇଲା । ଠାକୁରମାନଙ୍କୁ ନେଇ ଗଙ୍ଗାକୂଳକୁ ଗଲା । ସେଠାରେ ନିଆଁ ଲଗାଇ ଠାକୁରଙ୍କୁ ନିଆଁରେ ପକାଇଲା । ମାତ୍ର ଈଶ୍ୱରଙ୍କର କି ମହିମା ! କଳାପାହାଡ଼ ଉଦରରୋଗୁ କି ଏକ ରୋଗଗ୍ରସ୍ତ ଆକ୍ରାନ୍ତ ହେଲା ଯେ ତା ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । କଳାପାହାଡ଼କୁ ତାଙ୍କ କାଟି କହିଲା, ଏ ଉତ୍କଳ ଠାକୁରଙ୍କୁ ଅଗ୍ନିରେ ପକାଇବାର ଫଳ । ଏହା ଶୁଣି କଳାପାହାଡ଼ଙ୍କ ଲୋକ ଠାକୁରମାନଙ୍କୁ ନିଆଁରୁ କାଢ଼ିଆଣି ଗଙ୍ଗାରେ ପେଲିଦେଲା । ଠାକୁର ଗଙ୍ଗାରେ ଭାସିଯାଉଥିବାବେଳେ କୁମରୀଓ ଗାଁଠାରେ ଲୋକ ତାଙ୍କୁ ନେଇ ଯାଜପୁର କାନ୍ଥରେ ପକାଇଲା ।

ବେଶର ମହାନ୍ତି ନାମକ ଜଣେ ଭକ୍ତ କଳାପାହାଡ଼ ଠାକୁରଙ୍କୁ ନେବା ବେଳେ ପଛେ ପଛେ ଯାଇଥିଲା । ବୈଷ୍ଣବମାନଙ୍କର ଭକ୍ତି ପର୍ଯ୍ୟାପ୍ତ ଜଣଥାଏ । ସେଠାରୁ ସେ ଅନେକ ଚେଷ୍ଟା ଦ୍ୱାରା କୁମରୀଓଠାରୁ ସେ ମୂର୍ତ୍ତି ଆଣି ତାହାରେ ଥିବା ବ୍ରହ୍ମକୁ ଖୋଲମଧ୍ୟରେ ପ୍ରବେଶ କରାଇ ନେଇଆସି କୁଜଙ୍ଗ ଗଡ଼ରେ ପ୍ରବେଶ ହେଲା । ସେଠାରେ ଅନେକ ଦିନ ଠାକୁର ରହିଲେ ।

ଉତ୍କଳର ସ୍ୱାଧୀନତା ଏହି ସମୟରୁ କ୍ରମେ ଅସ୍ତାଚଳଗାମୀ ହେଲା । ଏ ରାଜା ରାଜ୍ୟ କଲେ ବ ୮ । ୫ ମାସ । ଏହାଙ୍କ ପରେ ରାମଚନ୍ଦ୍ର ଦେବ ରାଜା ହେଲେ ମା ୬ । ୬ ଏବଂ ରଘୁବଂଶ ମା ୪ । ୧୦ । ଏହାଙ୍କ ମୃତ୍ୟୁ ପରେ ରାଜସିଂହାସନରେ ଅନେକ ଗଣ୍ଡଗୋଳ ଲାଗିଥିଲା । ରାମଚନ୍ଦ୍ର ଓ ରଘୁବଂଶ ପ୍ରଭୃତି କିଛି ଦିନ ରାଜ୍ୟ କରିଥିଲେ; ମାତ୍ର ଯଦୁବଂଶୀ ରାମଚନ୍ଦ୍ର ଦେବ ସିଂହାସନାରୂଢ଼ ନ ହେବା ପର୍ଯ୍ୟନ୍ତ ବଡ଼ ଗୋଳମାଳ ଘଟିଥିଲା ।

ରାମଚନ୍ଦ୍ର ଦେବ ଦାନାଇ ବିଦ୍ୟାଧରଙ୍କ ପୁତ୍ର । ଏ ଖୋର୍ଦ୍ଧାଗଡ଼ରେ ରାଜା ହେବା ଲାଗି ମନସ୍ଥ କଲେ । ମାତ୍ର ମକୁନ୍ଦଦେବଙ୍କର ଏକ ପୁତ୍ର ଥିଲେ; ସେ ରାଜା ହେବା ପାଇଁ ଚେଷ୍ଟା କଲେ । ରାମଚନ୍ଦ୍ର ଦେବ ଖୋର୍ଦ୍ଧା । ଜଗନ୍ନାଥପୁରଠାରେ କଟକ ଜୟ କରିଥିଲେ ।

ଏଣେ ମୁକୁନ୍ଦ ଦେବଙ୍କ ପୁତ୍ର ଦିଲ୍ଲୀ ବାଦଶା ରାଜା ମାନସିଂହ ଓ ତୋଡ଼ରମଲଙ୍କ ଶରଣାପନ୍ନ ହୋଇ ଲାନ୍ତି ଓଡ଼ିଶାକୁ ପ୍ରସ୍ଥାନ କଲେ ।

ମୁକୁନ୍ଦଦେବ, ରାମଚନ୍ଦ୍ର ଓ ରଘୁଭଞ୍ଜଙ୍କ ରାଜତ୍ୱ ସମୟ ୧୫୫୭—୧୫୭୭ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୧୪୭୯--୧୪୮୯ ଶକାବ୍ଦ ।

---

# ଯଦୁବଂଶ

ରାମଚନ୍ଦ୍ରଦେବ—ଏ ୪୧ ଅଙ୍କରେ ୩୩ ବର୍ଷ ରାଜତ୍ୱ କଲେ (ଖ୍ରୀ: ୧୫୭୭—୧୬୦୦ = ୧୪୯୯—୧୫୨୨ ଶକାବ୍ଦ) । ଖୋର୍ଦ୍ଧା କବୁଲାଇ ପାଇ ଭଲେ ଜଗନ୍ନାଥ-ପୁରଠାରେ କଟକ ଧରି ରହିଲେ । ଏହାଙ୍କ ୪ ଅଙ୍କରେ ବାଦଶା ତୋଡ଼ରମଲ୍ଲ ଆସିଥିଲେ । ଏହିବେଳେ ଓଡ଼ିଶାରେ ବଡ଼ ଦୁର୍ଭିକ୍ଷ ହୋଇଥିଲା । ଧାନ ଭରଣକୁ ୧୨ କାହାଣ ମୂଲ୍ୟ ହେଲା । ୯ ଅଙ୍କରେ ରାଜା କୁଜଙ୍ଗଗଡ଼ରୁ ଦାରୁବ୍ରହ୍ମଙ୍କୁ ଆଣି ଖୋର୍ଦ୍ଧାଠାରେ ମୂର୍ତ୍ତି କରାଇଲେ ଏବଂ ୧୦ ଅଙ୍କରେ ମକର ୧୮ ଦିନ ଶ୍ରାବଣ ଶୁକ୍ଳ-ନବମୀ ତିଥିରେ ଶ୍ରୀପୁରୁଷୋତ୍ତମ ଦେଉଳ ରତ୍ନସିଂହାସନରେ ମୂର୍ତ୍ତିମାନଙ୍କୁ ବିଜେ କରାଇଥିଲେ । ବଣର ମହାନ୍ତି ଉତ୍କଳାଧ୍ୟକ୍ଷ ହେଲେ । ଏ ଜାତିଭିତରେ ପ୍ରବେଶ କରିବା ଲାଗି ଶାସ୍ତ୍ରୀ ପାଇଥିଲେ; କାରଣ ସେ ମ୍ଲେଚ୍ଛ ଆସିଥିଲେ । ପ୍ରାୟ ୪ ମାସ ପର୍ଯ୍ୟନ୍ତ ଭଗ୍ନ ଭୋଗ ହେଲା । ଯାହେକ ମ୍ଲେଚ୍ଛସ୍ପର୍ଶିତ ଅପବିତ୍ର ଭଣ୍ଡାର, ଏଥିଲାଗି ଚନ୍ଦ୍ର ଭୋଗ କରାଇ ନଥିଲେ । ରାଜା ଦୁଃଖନାଥ ପରେ ବ୍ରାହ୍ମଣ ଆଚାର୍ଯ୍ୟ, ଭଟ୍ଟ ମିଶ୍ର, ସୁଦେଶ ଓ ପ୍ରଦେଶୀ ପଣ୍ଡିତମାନଙ୍କ ସହିତ କଣ୍ଟୁରି ଦପୁର ସମସ୍ତଙ୍କୁ ପରମେଶ୍ୱରଙ୍କ ଭଜନରେ ବୈଠକ କରାଇ ସେବକମାନଙ୍କୁ ଦଣ୍ଡ ଭୋଗ ଲଗିକରିବାକୁ ଆଦେଶ ଦେଲେ । ସକାଳ ଧୂପ ମଙ୍ଗଳାର୍ପଣ ବଢ଼ିଲା ଉତ୍ତାରୁ ଦେଉଳ ତେଣତି ମହାପ୍ରସାଦ ହାତରେ ଧରି ଜଗଜ୍ଜନଙ୍କୁ ବୋଲି ଜଗମୋହନ ଉପରେ ଛିଡ଼ାହୋଇଲେ । ରାମଚନ୍ଦ୍ର ଭଟ୍ଟ, ଗୋବର୍ଦ୍ଧନ ଆଚାର୍ଯ୍ୟ ଓ ମିଶ୍ର ଦେ.ଧାର୍ଯ୍ୟ ଏ ତିନିଜଣ ରାଜାଙ୍କ ହାତରୁ ପ୍ରସାଦ ଉଠାଇ ନେଇ ପ୍ରସାଦ ସେବାକଲେ ଏବଂ ମୁଣ୍ଡରେ ହାତ ବୋଳିଲେ । "ଜୟ ଯଦୁଦେବ" ବୋଲି ସମସ୍ତ ସନ୍ନ୍ୟାସୀ ବ୍ରହ୍ମଚାରୀ ଓ ବ୍ରାହ୍ମଣମାନେ ପ୍ରସାଦ ପାଇଲେ ଏବଂ ରାମଚନ୍ଦ୍ର ଦେବ ମହାରାଜାଙ୍କୁ ଯସ୍ୟ ଇନ୍ଦ୍ରଦ୍ୟୁମ୍ନ ବୋଲି ଖ୍ୟାତି ଦେଲେ ।

୮ ଅଙ୍କରେ ମୁକୁନ୍ଦଦେବଙ୍କ ପୁଅ ମାନସିଂହଙ୍କ ସଙ୍ଗେ ନେଇ ଓଡ଼ିଶାକୁ ଆସିଲେ । ମୁକୁନ୍ଦଦେବଙ୍କ ପୁଅ ମାନସିଂହଙ୍କୁ ଆଣିଥିଲା । ତାହାର ଉଦ୍ଦେଶ୍ୟ ଥିଲା ସେ କିଏ ରାଜା ହେବ ତାହା ନିଷ୍ପତ୍ତି କରିଦେବ । ମାନସିଂହଙ୍କ ଦରବାରରେ ରାମଚନ୍ଦ୍ର ରାଜା ହେଲେ ଏବଂ ମୁକୁନ୍ଦଦେବଙ୍କ ପୁତ୍ରଙ୍କୁ ଅଲଗା ରାଜ୍ୟ ଦେଇ ସେଠାରେ ରାଜା କରାଇଲେ ।

୧୪ ଅଙ୍କରେ ମାନସିଂହଙ୍କ ସ୍ତ୍ରୀ ଗୌରୀ ରାଣୀ କଟକଦେଉଳ ମଧ୍ୟରୁ ମୁକ୍ତିମଣ୍ଡପ ଗଢ଼ାଇଥିଲେ । ରାମଚନ୍ଦ୍ର ଦେବ ସେବକମାନଙ୍କ ସହିତ ପରାମର୍ଶ କରି ନାନାପ୍ରକାର ଭୋଗଭେଟ ଭିଆଣ କଲେ । ରାଜା ମାନସିଂହ ଫେରିଗଲେ । ୩୪ ଅଙ୍କରେ ପଣ୍ଡିତ ବଡ଼ଯେନା ମହାପାତ୍ରଙ୍କ ପୁଅ ଦାମୋଦର ଚମ୍ପତିରାୟ ନଡ଼ଦେଉଳରେ ନୀଳଚକ୍ର ବସାଇଲେ । ବୀରରାମଚନ୍ଦ୍ରପୁର ଶାସନ ଦାନ ଦେଲେ । ୪୦ ଅଙ୍କରେ ରାଜା ଦେହତ୍ୟାଗ କଲେ ।

ପୁରୁଷୋତ୍ତମ ଦେବ ୨—ଏ ୨୭ ଅଙ୍କରେ ୨୨ ବର୍ଷ ରାଜତ୍ୱ କରିଥିଲେ (୧୬୦୭—୧୬୨୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ — ୧୫୨୨—୧୫୪୪ ଶକାବ୍ଦ ପର୍ଯ୍ୟନ୍ତ) ।

୧୬୦୭ ଖ୍ରୀଷ୍ଟାବ୍ଦରେ କୁତୁବୁଦ୍ଦୀନ ଓଡ଼ିଶା ଶାସନକର୍ତ୍ତା ହୋଇ ଆସିଲା । ମୁହମ୍ମଦ ହସେନ ଦେଶୀ ଠାକୁରମାନଙ୍କୁ କପିଳେଶ୍ୱରପୁର ଶାସନ ସମ୍ମୁଖୀ ଯୋଗାଣୀଙ୍କ ନିକଟକୁ ସ୍ଥାନାନ୍ତରିତ କରିଥିଲା । ସେଠାରେ ଦୋଳଯାତ୍ରା ଶେଷ ପର୍ଯ୍ୟନ୍ତ ଥିଲେ, ପରେ ବାହୁଡ଼ା ବିଜେ କଲେ । ହାସିମ ୧୬୦୭ ଖ୍ରୀଷ୍ଟାବ୍ଦରେ ଆସିବାରୁ ଠାକୁରମାନେ ପୁଣି ଖୋର୍ଦ୍ଧା ଗୋପାଳ ଦେଉଳଠାକୁ ସ୍ଥାନାନ୍ତରିତ ହେଲେ । ପର ବର୍ଷ ବାହୁଡ଼ା ବିଜେ ହେଲା । ୧୬୧୧ ଖ୍ରୀଷ୍ଟାବ୍ଦରେ ରାଜା କଲ୍ୟାଣମଲ୍ଲ ଓଡ଼ିଶାର ଶାସନକର୍ତ୍ତା ହୋଇ ଆସିଲେ । ପରମେଶ୍ୱରଙ୍କୁ ମଣ୍ଡପାଳଶୀକୁ ସ୍ଥାନାନ୍ତରିତ କରିହୋଇଥିଲା । ୧୮ ଅଙ୍କରେ ରାଜା କଲ୍ୟାଣମଲ୍ଲଙ୍କୁ ମାଡ଼ିପକାଇଲେ । କଲ୍ୟାଣମଲ୍ଲ ପଳାୟନ କରିବାର ଚେଷ୍ଟା କରିଥିଲେ; ମାତ୍ର ରାଜା ପଶ୍ଚାଦ୍ଧାବନ କରି ନାଗେଶ୍ୱରପୁରଠାରେ ମାଡ଼ିପକାଇଲେ । ୧୬୧୮ ଖ୍ରୀଷ୍ଟାବ୍ଦରେ ମକରମ ଖାଁଙ୍କ ଦ୍ୱାରା ରାଜା ପରାସ୍ତ ହେଲେ । ଖୋର୍ଦ୍ଧା ଓ ରାଜମହେନ୍ଦ୍ରୀ ବ୍ୟତୀତ ଅବଶିଷ୍ଟ ଓଡ଼ିଶା ଦଖଲଭୁକ୍ତ ହେଲା । ମକରମ ଖାଁ ସାକ୍ଷୀଗୋପାଳଙ୍କୁ ଲୁଣ୍ଠନ କରିଥିଲା । ଠାକୁରମାନେ ଏତେବେଳେ ବାଣପୁର ସୀମା ଗଡ଼ପଦାଠାକୁ ସ୍ଥାନାନ୍ତରିତ ହୋଇଥିଲେ । ଏଠାରେ ଶୀତଳବେଶର ମହୋତ୍ସବ ହୋଇଥିଲା । ରାଜା ସନ୍ତୁଷ୍ଟମନରେ ରଣପୁର ସୀମା ମାଣତି ଗ୍ରାମଠାରେ କଟକ କରି ରହିଥିଲେ ।

ପୁଣି ଅହମ୍ମଦ୍ ବେଗ୍ ଏହାଙ୍କ ସମୟରେ ଓଡ଼ିଶା ଆକ୍ରମଣ କରିଥିଲେ । ମାଣତି ଗ୍ରାମଠାରେ ରାଜା ଦେହତ୍ୟାଗ କଲେ ।

ନରସିଂହ ଦେବ—ଏ ୨୭ ବର୍ଷ ରାଜତ୍ୱ କରିଥିଲେ ( ୧୬୨୨—୧୬୩୮ ଖ୍ରୀଷ୍ଟାବ୍ଦ ବା ୧୫୪୪—୧୫୬୦ ଶକାବ୍ଦ ) ।

ଏ ମହାରାଜାଙ୍କ ୪ ଅଙ୍କରେ ଅହମ୍ମଦ ବେଗ୍ ପୁଣି ଓଡ଼ିଶାକୁ ଆସିଥିଲା ଏବଂ ତାହାର ଆଦେଶ ଅନୁସାରେ ଅତାଉଲ୍ଲାକୁ ଯାଇ ମାଣ୍ଡି ଗଡ଼ଠାରେ ଅଟକ କରି ରଖିଲେ । ଖାଜାଖାନ ଏହାଙ୍କ ସମୟରେ ଓଡ଼ିଶାକୁ ଆସିଥିଲେ । ଠାକୁରେ ଏହାଙ୍କ ସମୟରେ ମୁସଲମାନମାନଙ୍କ ଅତ୍ୟାଚାର ଭୟରେ ଠାକୁରଙ୍କୁ ସ୍ଥାନାନ୍ତରିତ କରାଇଥିଲେ । ଏ ମହାରାଜା ନରସିଂହପୁର ଶାସନ ଦାନ କରିଥିଲେ । ୧୯ ଅଙ୍କରେ ବଡ଼ଦେଉଳରେ ଚୁରି ହୋଇଥିଲା । କରଣ ବ୍ରହ୍ମ, ଗୁରୁ ମହାପାତ୍ର, ଜଗୁଆଳ ବିଦ୍ୟାଧର ମହାପାତ୍ର, ବନମାଳୀ ପାଇକ ମହାପାତ୍ରମାନଙ୍କ ଉପସ୍ଥିତିରେ ଜଳ ପଟ୍ଟନାୟକଙ୍କ ଜବାବ ପ୍ରମାଣେ ଚୁରି ଲେଖିବା ଯଉଁ ୯୧୪୩ ରାହୁତ କୁଲୋଟି ଦେଶ ଗଲା ।

ଫତେଖାଁ ଓଡ଼ିଶା ଆକ୍ରମଣ କଲା । ରାଜା ବଶ୍ୟତା ନେଲେ । ଖାନଦୁରାନ ଓ ଏ ଟିକାମହମ୍ମଦଙ୍କ ସହାୟତାରେ ଫତେଖାଁ ରାଜାଙ୍କ ମୁଣ୍ଡ କାଟିପକାଇଲା ଏବଂ ମନ୍ଦିରରୁ ଅନେକ ଦ୍ରବ୍ୟ ଅପହରଣ କରିନେଲା ।

ଗଙ୍ଗାଧର ଦେବ—ଏ ନରସିଂହ ଦେବଙ୍କ ଭାଇ ଗୋକୁଳ ଦେବଙ୍କ ପୁତ୍ର । ଏ ବର୍ଷେ ମାତ୍ର ରାଜତ୍ୱ କରିଥିଲେ ( ୧୬୪୮—୧୬୪୯ ଖ୍ରୀଷ୍ଟାବ୍ଦ ବା ୧୫୭୦—୧୫୭୧ ଶକାବ୍ଦ ) । ବଳଭଦ୍ର ଦେବ ଏହାଙ୍କୁ ମାରିପକାଇଲେ ।

ବଳଭଦ୍ର ଦେବ—ଏ ୧୬୪୯—୧୬୫୬ ଖ୍ରୀଷ୍ଟାବ୍ଦ ବା ୧୫୭୧—୧୫୭୮ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ସମୟରେ 'ଗୋପାଳ ଦାସ' ନାମକ ଗୋଟିଏ ଏକଦନ୍ତା ହାତୀ ଆସିଥିଲା । ପୁରୁଷୋତ୍ତମକ୍ଷେତ୍ରରୁ ମହାବୁବ ଖାଁ ସେ ହାତୀକୁ ଧରି ନେଇଗଲା । ଏ ବଲ୍ଲଭପୁର ଶାସନ ଦାନ ଦେଲେ ।

ମୁକୁନ୍ଦ ଦେବ ୨—ଏ ବଳଭଦ୍ର ଦେବଙ୍କ ପୁତ୍ର । ଏ ମହାରାଜାଙ୍କ ରାଜତ୍ୱ ସମୟରେ ମାହାଳିଆ. ଗଙ୍ଗାଦେବ ରାଜା ହେଲେ ମାତ୍ର ୨୭ ଦିନ । ସେ ଧବଳେଶ୍ୱରଠାରେ ପ୍ରାଣତ୍ୟାଗ କଲେ । କୃଷ୍ଣଦେବଙ୍କ ଭାଇ କପିଳଭ୍ରମରବର ରାଜା ହେଲେ । ମୁକୁନ୍ଦଦେବ ତାଙ୍କୁ ବନ୍ଦୀ କଲେ ।

ଏହାଙ୍କ ୮ ଅଙ୍କରେ ଦୁର୍ଭିକ୍ଷ ପଡ଼ିଲା । ଧାନ ଭରଣକୁ ମୂଲ୍ୟ ହେଲା ୪୮ କାହାଣ । ମନୁଷ୍ୟ ମାଂସ ମନୁଷ୍ୟ ଖାଉଥିଲେ ବୋଲି ପ୍ରବାଦ ଅଛି । ଅନେକ ଲୋକ ମଲେ । ନବାବ ଅବଦୁଲ୍ ନସର ଖାଁ ପିପିଲି ଯାଏ ଆସିବାରୁ ରାଜା ସକୁଟୁମ୍ବରେ ଯାଇ ବାଣ୍ଡ୍ରମକୁଡ଼ା-ପୁରଠାରେ ବାସକଲେ । ଚୈତ୍ରମାସରେ ଝଡ଼ ପଡ଼ିବାରୁ ନବାବ ରାଜାଙ୍କ ସହିତ ପ୍ରୀତି ସ୍ଥାପନ କରି କଟକ ଫେରିଗଲା ।

କପାଳୀ ବା କପିଳଭ୍ରମରବର ପଳାଇକ ଭଣ୍ଡ ଢେଙ୍କାନାଳରେ ବାନ୍ଧିଲେ । ୨୬ ଅଙ୍କରେ ବାର୍ଗି ମୁକ୍ତ । ୪୧ ଅଙ୍କ ତୁଳ ୨୪ ଦିନ ଦକ୍ଷିଣଦ୍ୱାରକ ଉପରୁ ଆକାଶବାଣୀ ଶୁଭିଲା । ଏହି ଅଙ୍କ ବୃଷ୍ଟି ୨୧ ଦିନ ଯାଜପୁର ନଗରଠାରେ ରାଜା ବଳଭଦ୍ରଦେବଙ୍କର ପ୍ରାଣତ୍ୟାଗ କଲେ । ଏ ଭୋଗ କଲେ ୪୧ ଅଙ୍କରେ ୩୪ ବର୍ଷ ( ୧୬୫୧—୧୬୮୭ ଖ୍ରୀଷ୍ଟାବ୍ଦ = ୧୫୭୪—୧୬୦୮ ଶକାବ୍ଦ ) । ଏ ରାଜାଙ୍କ ୧୯ ଅଙ୍କଠାରୁ ଦଶାହରାରୁ ରଥଯାତ୍ରା ହେଉଅଛି । ପୂର୍ବେ ବାସୁଦେବୁଠାରୁ ହେଉଥିଲା ।

ଦିବ୍ୟସିଂହ ଦେବ ୧—ଏ ଭୋଗକଲେ ୨୭ ବର୍ଷ ( ୧୬୮୭—୧୭୧୩ ଖ୍ରୀଷ୍ଟାବ୍ଦ = ୧୬୦୮—୧୬୩୫ ଶକାବ୍ଦ ) ।

ଦେବାନ ପରମାନନ୍ଦ ପଟ୍ଟନାୟକଙ୍କ ପୁତ୍ର ରାମଚନ୍ଦ୍ର ପଟ୍ଟନାୟକ ଯାଇ କରପଡା-ଗଡ଼ଠାରୁ ଦିବ୍ୟସିଂହଙ୍କୁ ଆଣି ରଥପୁର କଟକରେ ବିଜେ କରାଇଲେ । ସେହିଠାରେ ଅଭିଷେକ ହୋଇ ଦେବାର୍ଚ୍ଚନ କଲେ । କଟକ ଭୂଇଁ ଆସି ଶ୍ରୀକ୍ଷେତ୍ରକୁ ଆଗମନ କଲେ । ଏହାଙ୍କ ୭ ଅଙ୍କରେ ପୁନଶ୍ଚ ମୋଗଲମାନେ ଆକ୍ରମଣ କଲେ । ଦେବତାମାନେ ଚୋରିକଲ୍ଲିକୁ ପ୍ରାଣାନ୍ତରିତ ହେଲେ । ଆରଙ୍ଗଜେବଙ୍କ ନବାବ ଏକରାମ ଖାଁ ଆଗମନ କଲା । ଏ ଦେଉଳରେ ବହୁତ ଅତ୍ୟାଚାର କଲା । ଏ ରାଜା ପଳାଇଯାଇ ଚନ୍ଦନପୁରଠାରେ ରହିଲେ ।

୯ ଅଙ୍କ ତୁଳ ୨୦ ଦିନ ଶାନ୍ଦାର ଭୟଙ୍କର ତୋଫାନ ହୋଇଥିଲା । ନୀଳଚକ୍ର ଭାଙ୍ଗି ଭଣ୍ଡାରଘରଙ୍କ ଆଗରେ ପଡ଼ିଲା । ଅନ୍ୟାନ୍ୟ ଦେଉଳମାନଙ୍କ ମସ୍ତକରୁ ଚକ୍ର ଖସିପଡ଼ିଲା । ଅନେକ ଲୋକଙ୍କର ଘରଦ୍ୱାର ଭାଙ୍ଗିଗଲା । ଅନେକ ଗାଈ ମଇଁଷି ମନୁଷ୍ୟ ମଲେ । ଦଶ ଅଙ୍କରେ ଦୁର୍ଭିକ୍ଷ ହେଲା । ଧାନ ଗଉଣେକୁ ମୂଲ୍ୟ ହେଲା ୨୪ କାହାଣ । ୨୪ ଅଙ୍କରେ ନବାବ ମୁଲାଖାଁ ଟେଙ୍କି ଲଗାଇ ଦେଲା । ୩୧ ଅଙ୍କରେ ନୂତନ ନୀଳଚକ୍ର ବସିଲା । ଏ ରାଜା ବଡ଼ଦେଉଳ ମଠ ନଅରରେ ଦେବଭଣ୍ଡାର କଲେ ।

ହରେକୃଷ୍ଣ ଦେବ—ଏ ଦିବ୍ୟସିଂହ ଦେବଙ୍କ ସାନଭାଇ । ଏ ଭୋଗ କଲେ ୬ ଅଙ୍କରେ ୪ ବର୍ଷ ( ୧୭୧୩—୧୭୧୭ ଖ୍ରୀଷ୍ଟାବ୍ଦ = ୧୬୩୫—୧୬୩୯ ଶକାବ୍ଦ ) ।

୩ ଅଙ୍କରେ ହରେକୃଷ୍ଣପୁର ଶାସନ ଦାନକଲେ । ଧର୍ମ୍ମ ଗୁରୁଚରଣଙ୍କ ତତ୍ତ୍ୱାବଧାନରେ ବଡ଼ଦେଉଳ ତୁଳ କଲେ । ଭଗବାନ ଭ୍ରମରବର ସେଗସାହି ଭିତର ଦୁଆରୁ ଜଗମୋହନ ପାଟଳ ପର୍ଯ୍ୟନ୍ତ ଅଛୁଣ୍ଣା ପାଟଳ ଗଢ଼ାଇଲେ । ଏହାଙ୍କ ପୁତ୍ର ଧର୍ମ୍ମ ଗୁରୁଚରଣ ଗନ୍ଧେଶ୍ୱର ଦେଉଳର ଜଗମୋହନ ଗଢ଼ାଇଲେ ।

ଗୋପୀନାଥ ଦେବ—ଏ ହରେକୃଷ୍ଣଙ୍କ ପୁତ୍ର । ଏ ଭୋଗକଲେ ୮ ବର୍ଷ ( ୧୭୧୭—୧୭୨୫ ଖ୍ରୀଷ୍ଟାବ୍ଦ = ୧୬୩୯—୧୬୪୭ ଶକାବ୍ଦ )

ଦେୱାନ୍ ହସନ୍ ବେଗ୍, କୃଷ୍ଣ ନନ୍ଦନ୍ ଓ ବେନୁ ତ୍ରିପାଠୀଙ୍କର ଦେବସ୍ୱମାନେ ଖୋର୍ଦ୍ଧା ନଅରରେ ପ୍ରବେଶ କରି ଏହାଙ୍କୁ ମାରିପକାଇଲେ । ଏ ରାଜା ବଡ଼ ଲମ୍ପଟ ଥିଲେ । ତାଙ୍କର କଥା ନମାନି ପାପାଚରଣ କରିବାରୁ ପାଇକମାନେ ବିଦ୍ରୋହ କରି ମାରିଦେଲେ ।

ରାମଚନ୍ଦ୍ର ଦେବ ୨—ଏ ଗୋପୀନାଥଙ୍କ ସନ୍ତାନ । ଏହାଙ୍କ ନାମ କେଶବ ଥିଲା । ଏ ରାଜତ୍ୱ କଲେ ୧୨ ବର୍ଷ ( ୧୭୨୫—୧୭୩୭ ଖ୍ରୀଷ୍ଟାବ୍ଦ = ୧୬୪୭—୧୬୫୯ ଶକାବ୍ଦ ପର୍ଯ୍ୟନ୍ତ ) ।

୪ ଅଙ୍କରେ ତକୀ ଖାଁ ବେନୁ ଭ୍ରମରବରଙ୍କ ପ୍ରକ୍ଷିପ୍ତ ଘର ଜଗମୋହନ ଭଙ୍ଗାଇଥିଲେ । ମକୁନ୍ଦଦେବ ଅଟାଇଥିବା ୪ କୋଠା ମୁଦ୍ରାଶାଳର ଏକ ଦ୍ୱାର ଜଗମୋହନ ଭଙ୍ଗାଇଦେଇ-ଥିଲେ । ୮ ଅଙ୍କରେ ଖାନ୍ ୧୨ ଶହ ଘୋଡ଼ା ପୁଲାଖାଁ ପୁତ୍ର ମହମ୍ମଦ ତକୀ ନଅର ନେଇ ଶିଶୁପାଳଗଡ଼ ଆକ୍ରମଣ କରି ଲୁଟି ନେଲାଇଦେଲେ । ଖୋର୍ଦ୍ଧାଗଡ଼ ଓ ରଥପୁରଗଡ଼ ଆକ୍ରମଣ କଲେ । ତକୀ ଖାଁ, ଦେୱାନ, ପାଇକ ପ୍ରଭୃତି ମେଳକରି ଲଢ଼ାଇ ନକରି ପଳାୟନ କଲେ । ରାଜା ଏହା ଦେଖି ଲୋଧ୍ ମିଆଁଙ୍କୁ ଦେୱାନ କଲେ ଓ କଲିଯା ଗଦାଧର ମଙ୍ଗରାଜଙ୍କୁ ବକ୍ସି କରି ତାଙ୍କୁ ସାଥିରେ ନେଇ ନବାବଙ୍କ ଦେଖା ରଥପୁରଠାରେ ସାକ୍ଷାତ କଲେ । ନବାବଙ୍କ ସହିତ ପ୍ରୀତି ସ୍ଥାପନ କଲେ । ପରେ ତକୀ ଓ ଦେୱାନ ସେମାନେ ପଳାଇଥିଲେ ସେମାନଙ୍କ ମୁଣ୍ଡ କଟାଇଦେଲେ ।

ନବାବ ରଥପୁରଠାରେ ରହି ଖୋର୍ଦ୍ଧା ଗଡ଼ପଡ଼ାଠାରେ ଯୁଦ୍ଧ କଲେ । ରାଜା ପୁଣି ନବାବଙ୍କ ସାକ୍ଷାତକୁ ଗଲେ । ନବାବ ଦେୱାନ୍, ବକ୍ସି ପ୍ରଭୃତି ଅନେକ ଲୋକଙ୍କୁ ମରାଇଦେଲେ । ତେଣୁ ଲୋକ ପଳାୟନ କଲେ ।

ରାଜାଙ୍କ ଜ୍ୟେଷ୍ଠପୁତ୍ର କୃଷ୍ଣରାଏ, ଏହାଙ୍କ ବଡ଼ପୁଅ ମକୁନ୍ଦକୁମାର ଓ ତାଙ୍କ ପୁତ୍ର ମଧୁସୂଦନ କୁମାର ଏବଂ ତାଙ୍କ ପୁତ୍ର ଜଗନ୍ନାଥ କୁମାରମାନେ ଏପରି ଆଠ ରାଜା ନାରସିଂହଗଡ଼ଠାରେ ରହିଲେ ଏବଂ ଖୋର୍ଦ୍ଧା ତ୍ୟାଗ କଲେ ।

ମୀନ ମାସରେ କୁମାରମାନେ ନାରସିଂହ ଛାଡ଼ି ଦକ୍ଷିଣରେ କୋଦଳା ପଠଗଡ଼କୁ ଯାଇ ରହିଲେ ।

ନବାବ ବାଣପୁର ଆକ୍ରମଣ କଲେ; ମାତ୍ର ଲୋକହିଁସାରି ରାଜାଙ୍କୁ ଆପଣା କନ୍ୟା ଦେଇ ରଥପୁର ଲୁଣ୍ଠ କରିବ କଲେ ।

ପୁନଶ୍ଚ କେତେ ଦିନ ପରେ ରାଜା ବନ୍ଦୀ ହେଲେ । ରଥପୁରରୁ ସୈନ୍ୟ ଛାଡ଼ିଗଲେ ।

ଗୁଣ୍ଡିଚା ଯାତ୍ରା ଶେଷ ହେବା ପରେ କୁମାରମାନେ ସୈନ୍ୟ ନେଇ ଦକ୍ଷିଣଦେଶରୁ ଆସିଲେ, ମହାପ୍ରଭୁଙ୍କୁ ଦର୍ଶନ କରି ଗାଡ଼ି ବନ୍ଦାଇ ଖୋର୍ଦ୍ଧା ଗଲେ ।

କେତେକ ଦିନ ପରେ ମହମ୍ମଦ ତକୀଖାଁ ରାଜାଙ୍କ ସଙ୍ଗେ ଆସି ଗଙ୍ଗପଡ଼ାଠାରେ କୁମାରଙ୍କ ସହିତ ଯୁଦ୍ଧ କଲା । କୁମାରମାନେ ଶେଷକୁ ପରାସ୍ତ ହୋଇ ପଳାୟନ କରି ବାଣପୁରରେ ରହିଲେ । ନବାବ ଖୋର୍ଦ୍ଧାଠାରେ ରାଜାଙ୍କୁ ବନ୍ଦୀ କରି ନେଲେ । ରାଜା ନବାବଙ୍କ କେତେକ ଜାଣି ନ ପାରିବା ଭଳି ଦୋଳଯାତ୍ରା ଦିନ ପୁରୁଷୋତ୍ତମକୁ ପଠାଇଥିଲେ । ଏମାନଙ୍କ ଆଜ୍ଞା ତାଙ୍କ ପ୍ରମାଣେ ବଡ଼ପଣ୍ଡା ପରିମାନଙ୍କୁ ମାରି ମହାପାତ୍ର ମାନ ପଣ୍ଡା ଠାକୁରମାନଙ୍କୁ ଡୋଙ୍ଗା ନଈରେ ରୂପଦ୍ୱାରୁ ଚିଲିକା ପାରିକରି ହରିଶଙ୍କର ମନ୍ଦିରକୁ ନେଇଗଲେ ।

୧୦ ଅଙ୍କ କୁମ୍ଭ ୧୬ ଦିନ ନବାବ ଖୁର୍ଦ୍ଧା ଖୋର୍ଦ୍ଧା ଆକ୍ରମଣ କଲାରୁ ରାଜା କୁହିଗଡ଼ଠାକୁ ଗଲେ । ଏଠାରୁ ପୁଣି ଆଠଗଡ଼ା ବୋଲଗଡ଼ ଗଲେ । ଠାକୁରଙ୍କୁ ଚିଲିକା ଚିମା ଚିକିଲିଠାକୁ ନେଇଗଲେ ।

ନବାବ ବାଣପୁରରୁ ଭଗୀରଥୀ କୁମାରଙ୍କୁ ଅଣାଇ ତାଙ୍କୁ ରାଜା କରି ଅପଣା ସୈନ୍ୟ ଦେଇ ଯାଉଁକ କଲା । ଭଗୀରଥୀ ରାଜା ହୋଇ ଦାରୁ ଅଣାଇ ପୁରୁଷୋତ୍ତମରେ ରଖାଇଲେ ।

ରାମସିଂହ ବୋଲଗଡ଼ଠାକୁ ଆସି ଖୋର୍ଦ୍ଧାରେ ରହିଲେ । ଭଗୀରଥୀ ନବାବଙ୍କ ସୈନ୍ୟ ନେଇ କଟକ ପଳାଇଲେ ।

ରାଜା ପରମେଶ୍ୱରଙ୍କୁ ଚିଲିକାରୁ ଅଣାଇ ଗୁଣ୍ଡିଚା ଯାତ୍ରା କରାଇଲେ । ପୁନର୍ବାର ମୋଗଲ ଆକ୍ରମଣ ହେଲା । ଠାକୁର ପୁଣି ହରିଶଙ୍କର ମନ୍ଦିରକୁ ଗଲେ । ସେଠାରୁ ଆଠଗଡ଼ ଚିମାକୁ ଗଲେ । ରାଜା ଜଙ୍ଗଲରେ ଲୁଚିଲେ ।

ପରିଶେଷରେ ପଦ୍ମନାଭ ଦେବ ରାଜା ହେଲେ । ଏମାନଙ୍କ ଅମଳରେ ଶାନ୍ତି ନଥିଲା । ମୋଗଲମାନେ ବାରମ୍ବାର ଆକ୍ରମଣ କରି ଦେଶକୁ ଛାରଖାର କରି ପକାଇଲେ । ଅବଶେଷରେ ରାଜା ନରସିଂହପୁରଗଡ଼ଠାରେ ୧୪ ଅଙ୍କ ଧନୁ ୧୮ ଦିନ ଦେହତ୍ୟାଗ କଲେ ।

ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ପାଖେ ଯେଉଁ ପତିତପାବନ ମୂର୍ତ୍ତି ଅଛନ୍ତି, ସେ ଏମାନଙ୍କ ଅମଳରେ ପ୍ରତିଷ୍ଠିତ ହୋଇଥିଲେ । ନବାବ ଲୋକମାନେ ଉପଦ୍ରବ କରିବାରୁ ଏମାନଙ୍କ ବହୁତ କାଳପୂର୍ବକ ଜଗନ୍ନାଥ ଦର୍ଶନଦେବାକୁ ରାଜା କାତର ହୋଇ ପ୍ରଭୁଙ୍କ ଦର୍ଶନ ପାଇବାକୁ

ଦୀକ୍ଷିତ ହେଲେ । ଏହିହେତୁରୁ ୧୦ ଅଙ୍କରେ ପତିତପାବନ ମୂର୍ତ୍ତି ବାହାରେ ରଖାଇ ଦର୍ଶନ କଲେ ।

ବୀରକେଶରୀ ଦେବ—ଏ ୪୩ ବର୍ଷ ରାଜତ୍ୱ କଲେ ( ୧୭୩୭—୧୭୮୦ ଖ୍ରୀଷ୍ଟାବ୍ଦ —୧୬୫୯—୧୭୦୨ ଶକାବ୍ଦ ) ।

ଏହାଙ୍କ ଅମଳରେ ମୁର୍ଶିଦ କୁଲିଖାଁଙ୍କ ଆକ୍ରମଣ । ଏହାଙ୍କ ଶତ୍ରୁତ ବାଦଶାହ ୧୮୦୦୦୦୦ ଲକ୍ଷ ଟଙ୍କା ଦେବାକୁ ବାଧ୍ୟ ହେଲା । ମୁର୍ଶିଦାବାଦ ନବାବ ଅଲିବର୍ଦ୍ଦି ଖାଁ ମଧ୍ୟ ରଥିପୁରଠାରୁ ଫେରିଥିଲେ । ରାଜା ଚଳିତ ହେଲେ । ନବାବ ସୈନ୍ୟଙ୍କ ଦ୍ୱାରା ଶିବିରପା ଦେଇ ଫେରିଗଲେ ।

ଏହାଙ୍କ ଅମଳରେ ଜେମଣି ରାଜା ଓଡ଼ିଶାର ଉତ୍ତରାଧିକାରୀ ବୋଲି ଦାବି କରି ଓଡ଼ିଶା ଆକ୍ରମଣ କଲେ ଏବଂ ଜୟ କରି ବୀରକେଶରୀ ଦେବଙ୍କୁ ତଡ଼ିଦେଲେ । ବୀରକେଶରୀ ମରହଟ୍ଟାମାନଙ୍କ ଆଶ୍ରୟ ନେଲେ । ମରହଟ୍ଟାମାନେ ଜେମଣି ରାଜାଙ୍କୁ ପରାସ୍ତ କରି ତଡ଼ିଦେଲେ ଏବଂ ବୀରକେଶରୀଙ୍କଠାରୁ ଏକଲକ୍ଷ ଟଙ୍କା ପାଇବାର ଚୁକ୍ତି ହେଲା । ଟଙ୍କା ଦେଇ ନ ପାରିବାରୁ ଲେମ୍ବାଇ, ରହାଙ୍ଗ, ପୁରୁଷୋତ୍ତମ ଓ ଚଉବିଶ ପରଗଣାର ସ୍ୱତ୍ୱ ମରହଟ୍ଟାମାନଙ୍କୁ ପ୍ରଦାନ କଲେ । ଏହାଙ୍କ ପୁନ ଏକ ସହସ୍ର ଟଙ୍କା ଦେବାକୁ ସ୍ୱୀକାର ହେବାରୁ ଖୋର୍ଦ୍ଧା ଛୁଟିହେଲା ।

ବୀରକେଶରୀଙ୍କର ଶାସନ ଚଳାଇଲେ । ଏହାଙ୍କ ଠାକୁରମା' ବଡ଼ଦେଉଳ ଜର୍ଣ୍ଣ ।ଲା ମଣ୍ଡପ ହୋଇଥିବାରୁ କନକମଣ୍ଡପ ତୋଳାଇଲେ, ଦୋଳମଣ୍ଡପ କରାଇଲେ ।

ଏ ରାଜାଙ୍କ ପାଟମହାଦେଈ ବଡ଼ଦେଉଳରେ ଚୂନ ଦିଆଇଥିଲେ ।

୫ ଅଙ୍କରେ ମରହଟ୍ଟାମାନେ ମୋଗଲମାନଙ୍କୁ ତଡ଼ିଦେଇ ରାଜତ୍ୱ କଲେ । ସେଠାରୁ ମୋଗଲବନ୍ଦ ହେଲା । ଦେଉଳ ଉପରଦ୍ୱାର ଗୁମୁଟବେଢ଼ନ ହୋଇଥିଲା । ରାଜାଙ୍କ ଦ୍ୱାରା ଅସ୍ତ୍ରଶାଳୀ ଭୋଗଶାଳି ତୋଳାଇଥିଲେ । ସ୍ନାନବେଦୀର ପଦ୍ମପଥର ବସାଇଲେ । ଘଣ୍ଟ, ଶେଯଘର, ଭୋଗମଣ୍ଡପ, ପୁଞ୍ଜିତା ଘରମାନ ନୂତନ ନିର୍ମାଣ କଲେ । ଭୀମସେନଙ୍କ ଦେଉଳ ସୁବର୍ଣ୍ଣପାଶରେ ପଥର ବସାଇଲେ ଓ ଚକଡ଼ା କଲେ ।

ଏ ରାଜାଙ୍କ ପାଠ ଶ୍ରୀଧର ଉଦ୍ଧାରଙ୍କ ବଟମୂଳରେ ସ୍ଥାନଦେଇଲେ ଗୋଟିଏ କଷ୍ଟି ପାଷାଣ ବାଳମୁକୁନ୍ଦ ମୂର୍ତ୍ତି ପ୍ରତିଷ୍ଠା କଲେ । ବର୍ତ୍ତମାନ ରାଜା କାର୍ତ୍ତିଚନ୍ଦ୍ରଙ୍କ ମାତା ମାର୍କଣ୍ଡରେ ପଥର ବସାଇଲେ ।

ଦିବ୍ୟସିଂହ ଦେବ—ଏ ଜଗନ୍ନାଥଦେବଙ୍କ ପୁତ୍ର ଓ ବୀରକିଶୋର ଦେବଙ୍କ ନାତି । ମରହଟ୍ଟ ମାନେ ଏହାଙ୍କୁ ଦିବ୍ୟସିଂହ ନାମ ଦେଇ [illegible] ଦେଇ ରାଜା କରାଇଲେ । ଏ ଖୋର୍ଦ୍ଧାଗଡ଼ ଗ୍ରାମ ବରୁଣାଇ ପର୍ବତକୋଳରେ ଘାଟିନାମକ ଗଡ଼ ଗଢ଼ ବାନ୍ଧିଲେ । ମରହଟ୍ଟାଙ୍କୁ ପେସ୍କସ୍ ଦେଇ ବାଣପୁର, ରମ୍ଭାଇ, ଟୋକି । ପ୍ରଭୃତି ଫେରାଇ ନେଲେ । ମରହଟ୍ଟାମାନଙ୍କ ଲୁଣ୍ଠନ ଭୟରେ ଗୋପନରେ ସୁବର୍ଣ୍ଣ ଲକ୍ଷ୍ମୀ-ପ୍ରତିମା ନିର୍ମାଣ କରାଇ ଜଗନ୍ନାଥଙ୍କ ପାଦତଳେ ଭୂମିତଳେ ରଖାଇଲେ । ସୁବର୍ଣ୍ଣ ଲକ୍ଷ୍ମୀ-ମୂର୍ତ୍ତି ଭଣ୍ଡାରରେ ରହିଲା । ଏହାଙ୍କ ଅମଳରେ [illegible] ଖସିଗଲା । ଅମାବାସ୍ୟା ନାରାୟଣ ଦେବଙ୍କ ଉଦ୍ୟମାନୁସାରେ ନିର୍ମାଣ କରାଇ ଦକ୍ଷିଣ ଘରେ ରଖେ ଭଣ୍ଡାରରେ । ପୁନଶ୍ଚ ଶସ୍ତ ପ୍ରତିମା ଗଢ଼ାଇଥିଲେ ଏବଂ ମହାପ୍ରଭୁଙ୍କୁ ବହୁତ ପଦାର୍ଥମାନ ଦେଲେ । ପଞ୍ଚିମଦ୍ୱାର ଫିଟାଇଲେ, ନରେନ୍ଦ୍ର ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀମାନଙ୍କରେ ପଥର ବନ୍ଧାଇଥିଲେ । କୋଣାର୍କ କ୍ଷେତ୍ରରୁ ସୂର୍ଯ୍ୟପଥର ସ୍ତମ୍ଭ ଆଣି ସିଂହଦ୍ୱାର ସମ୍ମୁଖରେ ରଖାଇଲେ । ୧୭୨୨ ଶକାବ୍ଦରେ ବଡ଼ଦେଉଳରେ ଚୂନ ଲଗାଇଲେ । ରତ୍ନସିଂହାସନରେ ପଥର ଗାଡ଼ି ବନ୍ଦ କଲେ । ଶ୍ରୀରାମସ୍ୱାମି ଓ ପଦ୍ମସ୍ୱାମି ମୂର୍ତ୍ତିମାନଙ୍କୁ ନେଇ ଦକ୍ଷିଣ ଘରେ ରଖାଇଲେ । ପୁନଶ୍ଚ ଦେଉଳ ପରେ ସେମାନଙ୍କୁ ସିଂହାସନ ଉପରେ ସ୍ଥାପନ କରାଇଲେ । ଏ ରାଜା ରାଜ୍ୟ କଲେ ୧୮ ବର୍ଷ ( ୧୭୮୦—୧୭୯୮ ଖ୍ରୀଷ୍ଟାବ୍ଦ = ୧୭୦୨—୧୭୨୦ ଶକାବ୍ଦ ) ।

ମୁକୁନ୍ଦ ଦେବ ୨ୟ—ଏ ରାଜା ରାଜ୍ୟ କଲେ ୧୯ ବର୍ଷ ( ୧୭୯୮—୧୮୧୭ ଖ୍ରୀଷ୍ଟାବ୍ଦ = ୧୭୨୦—୧୭୩୯ ଶକାବ୍ଦ ) । ଏହାଙ୍କ ଅମଳରେ ଓଡ଼ିଶାର ସ୍ୱାଧୀନତା ସୂର୍ଯ୍ୟ ଅସ୍ତମିତ ହେଲେ ।

୧୮୦୩ ଖ୍ରୀଷ୍ଟାବ୍ଦରେ ହାରକୋର୍ଟ ସାହେବ ପ୍ରଭୃତି ବହୁତ ସୈନ୍ୟ ନେଇ ଓଡ଼ିଶା ଆକ୍ରମଣ କଲେ । ମରହଟ୍ଟାମାନେ କଟକଠାରେ ସାମାନ୍ୟ ଯୁଦ୍ଧ କରି ଇଂରେଜମାନଙ୍କୁ ଓଡ଼ିଶା ଛାଡ଼ିଦେଲେ । ଇଂରେଜମାନେ ସେମାନଙ୍କୁ ସାହାଯ୍ୟ ଦେବା ଲାଗି ମୁକୁନ୍ଦଦେବଙ୍କଠାରୁ ଲୋକ ଡାକିଲେ । ମୁକୁନ୍ଦଦେବ ଅନେକ ପ୍ରକାରରେ ଇଂରେଜ ଶାସନକୁ ଗ୍ରହଣ କଲେ ।

୧୮୦୪ ଖ୍ରୀଷ୍ଟାବ୍ଦରେ ଏ ରାଜା ଏହାଙ୍କ ଦେୱାନ ଜୟୀ ରାଜଗୁରୁଙ୍କ ପରାମର୍ଶରେ ଇଂରେଜମାନଙ୍କ ବିରୁଦ୍ଧ ବିଦ୍ରୋହୀ ହେଲେ; ମାତ୍ର ପରାସ୍ତ ହୋଇ କଟକ ବାରବାଟୀ ଦୁର୍ଗରେ ବନ୍ଦୀ ହେଲେ । କେତେ ଦିନ ପରେ ମୁକୁନ୍ଦ ଦେବଙ୍କୁ ବାରବାଟୀରୁ ମେଦିନୀପୁରକୁ ନେଇଗଲେ । ଜୟୀ ରାଜଗୁରୁ ଫାଶି ପାଇଲେ । ୧୨ ଅଙ୍କରେ ମୁକୁନ୍ଦଦେବ ଖଲାସ ହେଲେ । ଖଲାସ ହୋଇ ବହୁତ ଦେଶବିଦେଶ ବୁଲି ଆସି ପାରିଲେ । ପରେ ଆଠଗଡ଼ ରାଜାଙ୍କ ଆଶ୍ରୟରେ ରହିଲେ ।

କେତେକ ବର୍ଷ ପରେ ମୁକୁନ୍ଦଦେବଙ୍କ ପୁଅ ଜଗବନ୍ଧୁ ବିଦ୍ୟାଧର ଦେଉଳିଆ ହେଲେ । ଏ ଦେଉଳିଆର ଠିକଏ କାରଣ ଅଛି ।

କୃଷ୍ଣଚନ୍ଦ୍ର ସିଂହ ନାମକ ଜଣେକ ବଙ୍ଗାଳି ପ୍ରଥମ କଲେକ୍ଟର ସାହେବଙ୍କ ଦେୱାନ୍ ଥିଲେ । ଓ ଏବ ସାହେବ କଲେକ୍ଟର ହେବାରୁ ସେ କାର୍ଯ୍ୟ ଛାମୁକରଣ ଭାବରେ ରହିଲେ ।

କୃଷ୍ଣଚନ୍ଦ୍ରଙ୍କ ଖୁଡ଼ି ଗୌରହରି ଘୋଷ । ରାଜାଙ୍କଠାରୁ ମହସୁଲ ନେଉଥିବା ଖାସମହାଲ ଅର୍ଥାତ୍ ଲେମ୍ବାଇ ପ୍ରଦେଶର ତହସିଲଦାର ଥିଲେ ।

ରହଙ୍ଗ, ସିରାଇ, ଚବିଶକୁଦ ଓ ଲେମ୍ବାଇ ପ୍ରଗଣା ଗୌରହରିଙ୍କ ତହସିଲରେ ଥିଲା । ସେହିଙ୍କ ଏହି ପ୍ରଗଣା ଅନ୍ତର୍ଗତ ଥିଲା । ଜଗବନ୍ଧୁଙ୍କ ବଂଶ ସେହିଙ୍କୁ ଖୋର୍ଦ୍ଧା ରାଜାଙ୍କଠାରୁ କିଣି ନେଇଥିଲେ । ୧୮୦୪ ଓ ୧୮୦୫ / ୬ ସାଲ ବନ୍ଦୋବସ୍ତ କାଗଜ-ମାନଙ୍କରେ ବିଦ୍ୟାଧରଙ୍କ ନାମ ଥିଲା । ୧୮୦୯ ସାଲରେ କୃଷ୍ଣଚନ୍ଦ୍ର ରହଙ୍ଗ ପ୍ରଗଣାକୁ ଲକ୍ଷ୍ମୀନାରାୟଣ ନାମକ ଜଣେ ଲୋକ ନାମରେ ବନ୍ଦୋବସ୍ତ କରାଇଦେଲେ । ଜଗବନ୍ଧୁ ବିଦ୍ୟାଧର କୃଷ୍ଣଚନ୍ଦ୍ରଙ୍କ ପରାମର୍ଶ ଅନୁସାରେ କଲେକ୍ଟରରେ ରାଜସ୍ୱ ଦାଖଲ ନକରି ଗୌରହରିଙ୍କ ନିକଟରେ ଦାଖଲ କରାଉଥିଲେ । ଗୌରହରି ରାହାଙ୍ଗ ଓ ସେହି ପ୍ରଗଣା ହିସାବ ସହିତ ଏ ଟଙ୍କା ଅଟକ ରଖିଥିଲେ; ପୃଥକ୍ ହିସାବ ରଖୁ ନଥିଲେ । ଏହିପରି କ୍ରମେ ରାହାଙ୍ଗ ପ୍ରଗଣା ସହିତ ରୋଡ଼ଙ୍ଗ ଖଜଣା ବାକି ହେଲା । ୧୮୧୦ ମସିହାରେ ରାହାଙ୍ଗ ନିଲାମ ହେବାରୁ କୃଷ୍ଣଚନ୍ଦ୍ର ଖରିଦ କଲେ । ଖରିଦ କରିବା ପରେ ରୋଡ଼ଙ୍ଗ ଦଖଲ କରିବାକୁ ଚେଷ୍ଟା କଲେ; ମାତ୍ର ଜଗବନ୍ଧୁ ଦଖଲ ଦେଲେ ନାହିଁ ।

ରୋଡ଼ଙ୍ଗରେ ଦୁଇଜଣ ଅଂଶୀଦାର ଥିଲେ । ଜଗବନ୍ଧୁଙ୍କ ଖୁଡ଼ୁତାପୁଅ ଭାଇର ୪ ଅଣା ଅଂଶ ଥିଲା । କୃଷ୍ଣଚନ୍ଦ୍ର ରୋଡ଼ଙ୍ଗ ରାହାଙ୍ଗ ଅନ୍ତର୍ଗତ ବୋଲି ବନ୍ଦୋବସ୍ତ କାଗଜରେ ପ୍ରଚାର କରିବାକୁ ଉଦ୍ୟୋଗ ହେଲେ । ଜଗବନ୍ଧୁ ଆପତ୍ତି କଲେ । ଚୁଲାର ସାହେବ କମିଶନରଙ୍କ ନିକଟରେ ଆପତ୍ତି ହେବାରୁ ଜଗବନ୍ଧୁ ଓ ତାଙ୍କ ଭାଇଙ୍କ ଅଂଶ ଭିନ୍ନ ଭିନ୍ନ ରଖିବାକୁ ଆଦେଶ ଦେଲେ । ମାତ୍ର ଜଗବନ୍ଧୁଙ୍କ ସ୍ୱତ୍ୱ ସମ୍ବନ୍ଧେ ସନ୍ଦେହ କରି ଦେବାନୀ ଅଦାଲତରେ ନାଲିସ କରିବାକୁ ଆଦେଶ ଦେଲେ । କୃଷ୍ଣଚନ୍ଦ୍ର ବଡ଼ ମାମଲତକାର କୌଶଳୀ । ଜଗବନ୍ଧୁ ତାଙ୍କ ସହିତ ମକଦ୍ଦମା କରିପାରିବେ ନାହିଁ ବୋଲି ସ୍ଥିର କରି ଅଦାଲତରେ ମକଦ୍ଦମା କଲେ ନାହିଁ ।

ଜଗବନ୍ଧୁ ଉପଯୁକ୍ତ ମତେ ବିଫଳମନୋରଥ ହୋଇ ଉପାୟାନ୍ତର ନ ଦେଖି ଖୋର୍ଦ୍ଧା ହୋଇ ପାଇକମାନଙ୍କୁ ଏକତ୍ରିତ କରି ବିଦ୍ରୋହ ଆରମ୍ଭ କଲେ । ୧୮୧୭

ମସିଦ୍ୱାରରେ ଘୁମୁସରରୁ ଚାରିଶହ କନ୍ଧ ଆସି ଖୋର୍ଦ୍ଧା ପାଇକମାନଙ୍କ ସହିତ ଏକତ୍ରିତ ହୋଇ ସରକାରୀ ଲୁଣ୍ଠନ କଲେ । ବାଣପୁରରେ ଥିବା ସରକାରୀ ଘର ଜାଳି ଦେଇ ୧୫୦୦୦ ଟଙ୍କା ନେଇଗଲେ । ସଲ୍ଟ ଏଜେଣ୍ଟ ବ୍ଲେକର୍ ସାହେବଙ୍କ ନୌକା ଆକ୍ରମଣ କରି ଲୁଣ୍ଠନ କଲେ, ଅନ୍ୟ ଦଳେ ଖୋର୍ଦ୍ଧା ଆକ୍ରମଣ କଲେ । ସରକାରୀ କର୍ମଚାରୀ ଚରଣ ପଟ୍ଟନାୟକଙ୍କୁ ହାଣିପକାଇଲେ । ଫେବର୍ ସାହେବଙ୍କ ନାୟକତ୍ୱରେ ଇଂରେଜ ସୈନ୍ୟ ଖୋର୍ଦ୍ଧା ଓ ପିପିଲିଠାରେ ପ୍ରବେଶ କଲେ । ଲମି ସାହେବ ମେଜେଷ୍ଟର ୬୦ ସିପାହି ନେଇ ଯାଉଥିଲେ; ମାତ୍ର ୩୦୦୦ ପାଇକ ଏକତ୍ରିତ ହୋଇ ଚତୁର୍ଦ୍ଦିଗରୁ ଶର ନିକ୍ଷେପ କରୁଥିବାରୁ ଖୋର୍ଦ୍ଧା ନିକଟ ଯିବା ସୁଯୋଗ ହୋଇନଥିଲା । ଫେବର୍ ସାହେବ ଗଙ୍ଗପଡାଠାରେ ନିହତ ହେଲେ ଏବଂ ଲମି ସାହେବ ପୁରୀକୁ ଫେରିଆସିଲେ ।

କ୍ୟାପଟେନ୍ ଓ୍ୱାଲିଙ୍ଗଟନ ପୁରୀକୁ ଆସିଲେ । ଲିଙ୍ଗି ଘର ୫୬୦ ସେନା ଓ ତୋପ ନେଇ ପ୍ରବେଶ କଲେ । ବିଦ୍ରୋହୀମାନେ ପୁରୀ ଆକ୍ରମଣ ଚେଷ୍ଟା କରିବାରୁ ସାହେବମାନେ କଟକ ଗଲେ । ଲିଙ୍ଗି ଘର ଖୋର୍ଦ୍ଧାରେ ପ୍ରବେଶ ହୋଇ ପାଇକ ଗ୍ରାମମାନ ନିଆଁ ଲଗାଇଦେଲେ ଏବଂ ପୁରୀକୁ ଆସି ରାଜାଙ୍କୁ ବନ୍ଦୀକରି ବାରବାଟୀକୁ ନେଇଗଲେ ।

ପାଇକମାନେ ଦାରଙ୍ଗଗଡ଼ରେ ରହି ଖାଦ୍ୟସମ୍ଭାର କରି ଯୁଦ୍ଧ କରୁଥିଲେ; ମାତ୍ର ହାମିଲଟନ ସାହେବ ସାଧାରଣ କ୍ଷମା ଅଙ୍ଗୀକାର କଲେ । ସର୍ ଜି. ଟି. ଫ୍ରେଲ୍ ସାହେବ ମିଲିଟାରୀ କମିଶନର ନିଯୁକ୍ତ ହେଲେ । ସେ ଉଡାର ସାହେବଙ୍କୁ ସଙ୍ଗରେ ନେଇ ବିଚାର କଲେ । ମୁକ୍ତି-କରୋହୀମାନଙ୍କ ବିଚାର ୧୮୧୭ ମେ ମାସରେ ହେଲା । ଅସ୍ତରେଶ୍ୱର, ଡରଣ, ହରିହର-ପୁର ଓ ଗୋପ ଥାନାମାନ ପାଇକମାନେ ପୋଡ଼ିଦେଇଥିବାର ପ୍ରମାଣ ହେଲା । କୁଜଙ୍ଗ ଓ କନିକା ରାଜାମାନେ ବିଦ୍ରୋହୀଙ୍କୁ ସାହାଯ୍ୟ କରିଥିବାର ସନ୍ଦେହ ହେବାରୁ କେନେଟ୍ ସାହେବ ୧୮୧୭ରେ କୁଜଙ୍ଗ ଆକ୍ରମଣ କରି ପାରାଦ୍ୱୀପ ଦୁର୍ଗଜୟ କଲେ । ୨୦୦୦ ପାଇକ ପରାସ୍ତ ହେଲେ । ନାରାୟଣ ପରମଗୁରୁ ଓ ବାମଦେବ ପାଟଯୋଷୀମାନେ ପାଇକନେତା ଥିବାରୁ ଧୃତ ହେଲେ ଏବଂ ଦ୍ୱୀପାନ୍ତରିତ ହେଲେ । କୁଜଙ୍ଗ ରାଜା ଆତ୍ମସମର୍ପଣ କଲେ ।

୧୮୧୮ ସାଲରେ ରିକେଟ୍ସ ସାହେବ ପ୍ରଥମ କମିଶନର ନିଯୁକ୍ତ ହେଲେ । ପୁରୀ ରାଜା ମୁକୁନ୍ଦଦେବ ଶ୍ରୀକ୍ଷେତ୍ରର ସାମନ୍ତ ହେବାରୁ ତାଙ୍କୁ ଜଳପ ଦୂଧଶାଳ ଏବଂ ଜଗନ୍ନାଥ ଦେବାପୂଜା ବୁଝିବା ନିମନ୍ତେ ମାସିକ ୨୦୦୦ ଟଙ୍କା ବୃତ୍ତି, ଖୋରଧା ମାଲିକାନା ଦେଲେ ଏବଂ ସୁବ୍ୟବସ୍ଥା ପୁରୀଠାରେ ରହିବା ଲାଗି ଗଭର୍ଣ୍ଣମେଣ୍ଟରୁ ଆଦେଶ ପାଇଲେ ।

ବାରବାଟୀ ଦୁର୍ଗରେ ମୁକୁନ୍ଦଦେବ ଦେହତ୍ୟାଗ କଲେ । ୧୮୧୯ ସାଲ ବନ୍ଦୋବସ୍ତ ପରେ ଓଡ଼ିଶା ଚିରସ୍ଥାୟୀ ବନ୍ଦୋବସ୍ତ ପାଇବା ଆଶାରୁ ବଞ୍ଚିତ ହେଲା ।

୧୮୨୨ ସାଲରେ ମିଶନାରୀ ବା ପାଦ୍ରିମାନେ ଓଡ଼ିଶାକୁ ଆସି ପ୍ରଥମେ ମୁଦ୍ରାଯନ୍ତ୍ର ସ୍ଥାପନ କଲେ ।

୧୮୦୮ ସାଲରେ ଓଡ଼ିଶା ଜିଲ୍ଲାରେ ବଳବତ୍ ହୋଇ ନୂତନ ଶାସନପ୍ରଣାଳୀ ପ୍ରଚଳିତ ହେଲା । ଜଜ୍‌ମାନେ ମାଜିଷ୍ଟ୍ରେଟଙ୍କ କ୍ଷମତାରୁ ବଞ୍ଚିତ ହେଲେ ।

ଏହି ନୂତନ ଶାସନପ୍ରଣାଳୀ ପ୍ରଚଳିତ ହେବା ପୂର୍ବରୁ ରାଜସ୍ୱ ଦେଣା ନିଲାମ କଲିକତାଠାରେ ହେଉଥିଲା । ବଙ୍ଗାଳୀ ଜମିଦାରମାନେ ଅତି ଅଳ୍ପ ମୂଲ୍ୟରେ ମୂଲ୍ୟବାନ୍ ଜମିଦାରୀମାନ ଓଡ଼ିଶାରୁ କିଣିନେଲେ । ୧୨,୭୯୫ ଟଙ୍କା ଦେୟ ଜମାର ୪୧ ତାଲୁକ ୪୭,୦୦୫ ଟଙ୍କାରେ ନିଲାମ ହୋଇଥିଲା । ଓଡ଼ିଶା ପକ୍ଷେ ଏ ବଡ଼ କଷ୍ଟକର କଥା ବୋଲି କମିଶନର ସାହେବ ମହୋଦୟ ଗ୍ରୁଦସ୍ନାମ ଲବପାର ବୋର୍ଡ଼କୁ ଲେଖି କଲିକତାରେ ହେଉଥିବା ନିଲାମ ବନ୍ଦ କରାଇଲେ ।

ମୋଗଲ ଓ ମରହଟ୍ଟାମାନଙ୍କ ଅତ୍ୟାଚାର ଦ୍ୱାରା ବାରମ୍ବାର ପ୍ରପୀଡ଼ିତ ହୋଇ ଓଡ଼ିଶାର ଲୋକେ ହାହାକାର କରୁଥିବାବେଳେ ଇଂରେଜମାନେ ଓଡ଼ିଶାକୁ ଆସିଲେ ଏବଂ ପୁରୀରେ ପ୍ରବେଶ ହୋଇ ଓଏଲେସ୍‌ଲି ସାହେବ ସୈନ୍ୟମାନଙ୍କୁ ଆଦେଶ ଦେଲେ ଯେ ସେମାନେ ବ୍ରାହ୍ମଣ ସେବକ ଓ ଯାତ୍ରୀମାନଙ୍କ ଧର୍ମବିଶ୍ୱାସପ୍ରତି ମାନ୍ୟ ଦେବେ । ଏହା ଶୁଣି ପଣ୍ଡାମାନେ ସାନନ୍ଦରେ ଇଂରେଜମାନଙ୍କ ହସ୍ତେ ଦେଉଳ ସମର୍ପଣ କରିଥିଲେ । ପ୍ରତ୍ୟେକ ଯାତ୍ରୀ ଏକ ପାଉଣ୍ଡ ୯ ଶିଲିଂ ଟିକସ ଦେଉଥିଲେ; ଇଂରେଜମାନେ ତାହା ବନ୍ଦ କରିଦେଲେ । ଦେଉଳ ଆୟରୁ ଶତକଡ଼ା ତିନି ଅନାଟନ ଟଙ୍କା ମରହଟ୍ଟାମାନେ ଯେପରି ଦେଉଥିଲେ, ଇଂରେଜ ଶାସନକର୍ତ୍ତାମାନେ ସେହିପରି ଦେଲେ । ସ୍ୱୟଂବର୍ଷ ଦେବାପରେ ଏହି ପ୍ରଥା ବନ୍ଦ କରାଗଲା । ୧୮୦୭ ମସିହାରେ ଇଂରେଜମାନେ ତତ୍ତ୍ୱାବଧାରଣ ଭକ୍ତ ନର ପୁରୀ ରାଜାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ କଲେ । ରଥଯାତ୍ରା ବାବଦ ମେ.ଟ ବାର୍ଷିକ ୬୦୦୦ ପାଉଣ୍ଡ ଦେଲେ ୧୮୩୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ । ୧୩୯୦୦୦ ପାଉଣ୍ଡ ଅର୍ଥାତ୍ ବର୍ଷକୁ ୬୬୧୯ ପାଉଣ୍ଡ ଲେଖାଏଁ ମନ୍ଦିରର ବାର୍ଷିକ ଆୟ ୫୯୫୫ ପାଉଣ୍ଡ ବାଦ ଦେବାକୁ ହୋଇଥିଲା । ଯୁକ୍ତ ସାମାନ୍ୟ ସାମ୍ପ୍ରତିକ ହେଲା ।

ପୁରୀ ବାଟରେ ପୁରୀ ଜଣ ପହରୀ ରହିଲେ । ବୈତରଣୀ ଓ ଋଷିକୁଲ୍ୟା ନଦୀ ମଧ୍ୟସ୍ଥ ଲୋକମାନଙ୍କୁ ଟିକସ ମାଫ୍ ଥିଲା । ଧନୀ ଯାତ୍ରୀ ପ୍ରତ୍ୟେକ ୧୨ ଶିଲିଂଠାରୁ ୧ ପାଉଣ୍ଡ ଦେଲେ ଏବଂ ସାଧାରଣ ୪ ଶିଲିଂ ଦେଉଥିଲେ । ପାଦ୍ରିମାନେ ଧର୍ମମୂଳକ ଆପତ୍ତି ଉଠାଇବାରୁ କମ୍ପାନୀ ୧୮୪୦ ମସିହାରେ ଦେଉଳ ଖର୍ଚ୍ଚ ତ୍ୟାଗକଲେ ଏବଂ ପରବର୍ତ୍ତେ ୪୦୦୦ ପାଉଣ୍ଡ ମୂଲ୍ୟର ଭୂମି ଦେଲେ ।

ରାମଚନ୍ଦ୍ର ଦେବ ୩—ଏ ରାଜା ୩୭ ବର୍ଷ ରାଜତ୍ୱ କଲେ ୧୮୧୭—୧୮୫୪ ଖ୍ରୀଷ୍ଟାବ୍ଦ = ୧୭୩୯—୧୭୭୬ ଶକାବ୍ଦ ପର୍ଯ୍ୟନ୍ତ । ଏହାଙ୍କ ନାମ ଗୋପୀନାଥ ପାଟଯୋଶୀ ଇଂରେଜ ବାହାଦୂରଙ୍କ ଆଦେଶାନୁସାରେ ବାରବାଟୀ ମୁକାମରେ ରାଜା ହେଲେ । ରାଜା ରାମଚନ୍ଦ୍ର ଦେବ ବୋଲି ପ୍ରସିଦ୍ଧ ହେଲେ । ବାରବାଟୀରୁ ଆସି ପୁରୀ ନଅରରେ ପ୍ରବେଶ ହେଲେ । ମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ଚଳାଇଲେ । ଏ ରାଜା ପରମ ବିଷ୍ଣୁଭକ୍ତ ଥିଲେ । ଫୁଲମାଳ ଶ୍ରୀହସ୍ତରେ ଧରି ମହାପ୍ରଭୁଙ୍କୁ ଲାଗିକରନ୍ତି । ଠାକୁରଙ୍କ ନୈବେଦ୍ୟ ମହୋଦଧି ଶେଷ ନ ହେବାଯାଏ ଅନ୍ୟ ଜଳ ଗ୍ରହଣ କରନ୍ତି ନାହିଁ । ଜଗନ୍ନାଥଙ୍କ ଅଳଟ ଲାଗି ସମସ୍ତେ ଦଣ୍ଡପ୍ରଣାମ କରନ୍ତି । ମହାପ୍ରଭୁ ନରେନ୍ଦ୍ରକୁ ଚନ୍ଦନ-ବେଳେ ଗଲାବେଳେ ଆସନ୍ତି । ରାଜା ଦେଉଳକୁ ଯିବାବେଳେ ବାଦ୍ୟ ବାଜିବାକୁ ମନା କରିଥାନ୍ତି । ଏ ମହାପ୍ରଭୁଙ୍କ ମନ୍ଦିର ସେବା ଉତ୍ତମରୂପେ ଚଳାଇ ଏକାଳି ଷାଠିଏ ହଜାର ମୋହର ଜମା ରଖିଥିଲେ । ଦେଉଳର ଉପରେ ଅନ୍ଧାର ହେବ, କପଡ଼ ବେଶୀ ଆସୁ ହେବ, ଇତ୍ୟାଦିରେ ଏହାଙ୍କର ବିଶେଷ ଦୃଷ୍ଟି ଥିଲା ।

ବାଲିନଅରଠାରୁ ଉଆଟ ଛଉଣି ବଡ଼ଦାଣ୍ଡରେ ନୂତନ ଗୃହ ନିର୍ମାଣ ହେଲା । ଏ ସେବକମାନଙ୍କର ନୂତନ ବନ୍ଦୋବସ୍ତ କଲେ । ସଦାଭୋଗ ଭୁଜାଣ ଖଞ୍ଜା ପନ୍ତି ଉଚ୍ଛେଦ କଲେ, ଦରମାଦାରମାନଙ୍କ ଦରମା ସ୍ଥିର କଲେ, ଭୋଗଘର ଜଳନ ଘୃଣା କଲେ, ହୋଇ ବଣ୍ଟୋଇ ଘରଣ୍ଡ ନାମ ରଖିଲ ନିଜେ ଅଟପ ହେଉ ବନ୍ଦୋବସ୍ତ କରି ସେବା ଚଳାଇଲେ । ଏହାଙ୍କ ପାଞ୍ଚମାନେ ସୁମନ୍ତ୍ରୀ ଥିଲେ । ସକଳ କାର୍ଯ୍ୟ ଉତ୍ତମରୂପେ ଚଳୁଥିଲା ।

୧୮୪୦ ସାଲରେ ବାଙ୍କି ରାଜା ବ୍ରାହ୍ମଣ ମାରିବାରୁ ବାଙ୍କି ଖାସ୍ ହେଲା । ୧୮୪୭ ମସିହାରେ ଅନୁଗୁଳ ରାଜା ବିଦ୍ରୋହ ହେବାରୁ ଅନୁଗୁଳ ଖାସ୍ ହେଲା ।

ବୀରକିଶୋର ଦେବ—ଏ ରାଜା ଭୋଗ କଲେ ୫ ବର୍ଷ (୧୮୫୪—୧୮୫୯ ଖ୍ରୀଷ୍ଟାବ୍ଦ = ୧୭୭୬—୧୭୮୧ ଶକାବ୍ଦ) ।

ଏ ରାଜା ବଡ଼ ଲମ୍ପଟ ଥିଲେ ଏବଂ ମହାପ୍ରଭୁଙ୍କ କାର୍ଯ୍ୟରେ ମନ ଦେଲେ ନାହିଁ । ରୋଗଗ୍ରସ୍ତ ହେଲେ ଏବଂ ଅପୁତ୍ରିକ ହେବାରୁ ବଡ଼ହେମଣ୍ଡିରୁ ଦିବ୍ୟସିଂହ ଦେବଙ୍କୁ ପୋଷ୍ୟପୁତ୍ର କଲେ ।

ଦିବ୍ୟସିଂହ ଦେବ ୨—୧୮୫୯-୧୮୭୯ ଖ୍ରୀଷ୍ଟାବ୍ଦ ବା ୧୭୮୧-୧୮୦୧ ଶକାବ୍ଦ ପର୍ଯ୍ୟନ୍ତ । ଏ ରାଜା ଭୋଗ କଲେ ୨୪ ଅଙ୍କରେ ୨୦ ବର୍ଷ ।

ଏ ରାଜା ନାବାଳକ ଥିବାବେଳେ ମାତା ମହାଦେଈ ସୂର୍ଯ୍ୟମଣି ପାଟମହାଦେଈ ୧୮ ବର୍ଷ କାଳ ଅଭିଭାବକରୂପେ ସମସ୍ତ କାର୍ଯ୍ୟ ସୁଶୃଙ୍ଖଳା କଲେ । ଏ ରାଜା ବଡ଼ ବିଦ୍ୟାବନ୍ତ ଓ ମଲ୍ଲବିଦ୍ୟାରେ ସୁଦକ୍ଷ ଥିଲେ । ଏ ପ୍ରତିଦିନ ମଡ଼ପୁଲି ମଧ୍ୟୋହ୍ନରେ ୧ ସେର ଘିଅ ଓ ୧୬ ସେର ଦୁଧ ଖାଉଥିଲେ । ଏ ଓଡ଼ିଶାରେ ସର୍ବଶ୍ରେଷ୍ଠ ବଳିଷ୍ଠ ଥିଲେ; ମାତ୍ର ସେବକ ବ୍ରାହ୍ମଣମାନଙ୍କୁ ବହୁତ ପୀଡ଼ିତ କଲେ । ମହାପ୍ରଭୁଙ୍କ ଭୋଗରାଗ ପ୍ରତି ଦୃଷ୍ଟି ଦେଲେ ନାହିଁ; ଅନ୍ନଭୋଗ ହେବାରୁ ମହାଭ୍ରମ ହେଲା । ଏହାଙ୍କ ଅମଳରେ ନଡ଼ଦେଉଳ ସ୍ତମ୍ଭ ଉପରୁ ସିଂହାସନ ତଳେ ପଥର ଖସିଲା । ସୁତରାଂ ଠାକୁରମାନେ ସିଂହାସନରୁ ଅସି ଅଣସର ପିଣ୍ଡିରେ ଶୟନ କଲେ । ଏଠାରେ ଅନ୍ନ ମହାପ୍ରସାଦ ହେବାରୁ ସନ୍ୟାସୀ, ବ୍ରହ୍ମଚାରୀ ଓ ବ୍ରାହ୍ମଣମାନେ କେତେକ ଦିନ ପର୍ଯ୍ୟନ୍ତ ପ୍ରସାଦ ସେବା କଲେ ନାହିଁ; ପରେ ସତ୍ ହୋଇ କଥା ସ୍ଥିର ହେବାରୁ ପ୍ରସାଦ ସେବା କଲେ । ମହାଭ୍ରମ ହେବାରୁ ରାଜା ଜଣେ ବୈରାଗୀଙ୍କୁ ମାରିପକାଇବା ଯୋଗୁଁ ଆମିଷ୍ଟ୍ରଙ୍ଗ କଲେକ୍ଟର ସାହେବ ତାଙ୍କୁ ଦ୍ୱୀପାନ୍ତର ଦଣ୍ଡ ଦେଲେ । ବର୍ତ୍ତମାନ ମୁକୁନ୍ଦଦେବ ନାବାଳକ ଥିବାରୁ ସୂର୍ଯ୍ୟମଣି ପାଟମହାଦେଈ ସ୍ୱୟଂ ମହାଦେଈ ହୋଇ କାର୍ଯ୍ୟ ଚଳାଉଥିଲେ । ୧୮୬୬ ମସିହା ଅର୍ଥାତ୍ ଦିବ୍ୟସିଂହ ଦେବଙ୍କ ୯ ଅଙ୍କରେ ଓଡ଼ିଶାରେ ଦୁର୍ଭିକ୍ଷ ହୋଇଥିଲା ।

ଦିବ୍ୟସିଂହ ଦେବ ଦ୍ୱୀପାନ୍ତରିତ ହେବା ପରେ କେତେ ବର୍ଷ ପର୍ଯ୍ୟନ୍ତ ତାଙ୍କ ଅଙ୍କ ଚଳୁଥିଲା । ଦିବ୍ୟସିଂହଙ୍କ ୩୫ ଅଙ୍କରୁ ମୁକୁନ୍ଦଙ୍କ ୯ ଅଙ୍କ ଆରମ୍ଭ ହେଲା । ସୁତରାଂ ଦିବ୍ୟସିଂହଙ୍କ ୨୧ ବର୍ଷ ପ୍ରକୃତ ପକ୍ଷେ ୨୦ ବର୍ଷ ଏବଂ ମୁକୁନ୍ଦଦେବଙ୍କର ୩୦ ବର୍ଷ ନ ଆଇ ପ୍ରକୃତରେ ୩୮ ବର୍ଷ ।

ମୁକୁନ୍ଦଦେବ ୧୮୬୯ ଖ୍ରୀଷ୍ଟାବ୍ଦରୁ ବା ୧୮୦୧ ଶକାବ୍ଦରୁ ୧୯୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ବା ତତ୍ତ୍ୱାବଧାରକ ହୋଇ କାର୍ଯ୍ୟ ଚଳାଉଥିଲେ । "ନବୋତ୍କଳ" ଇତିହାସରେ ଏହାଙ୍କ କୀର୍ତ୍ତିକଳାପ ବର୍ଣ୍ଣନ କରାଯିବ ।

ପ୍ରାଚୀନ ଉତ୍କଳ ପ୍ରସଙ୍ଗରେ ଆମ୍ଭମାନଙ୍କୁ ୩ୟ ମୁକୁନ୍ଦଦେବଙ୍କ ସମୟ ଅର୍ଥାତ୍ ଇଂରେଜ ଶାସନ ଆରମ୍ଭ ପର୍ଯ୍ୟନ୍ତ ଦେଖିବାକୁ ହେବ ।

ଅହଲ୍ୟାବାଈ ଅନନ୍ତରାଓଙ୍କ କନ୍ୟା । ସେ ଇନ୍ଦୋର ରାଜାଙ୍କୁ ବିବାହ ହୋଇଥିଲେ । ତାଙ୍କ ସ୍ୱାମୀ ଏକ ଦୁର୍ଗ ଅବରୋଧ କରିବା ସମୟରେ ଶତ୍ରୁ ଦ୍ୱାରା ନିହତ ହେବାରୁ ସେ ବିଧବା ହୋଇ ୧୭୯୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ । ୧୭୮୪ ଖ୍ରୀଷ୍ଟାବ୍ଦରେ ପୁରୀ ଆସିଥିଲେ । ସେ ଦେଉଳ, ଧର୍ମଶାଳା ପ୍ରଭୃତି ଧର୍ମକାର୍ଯ୍ୟରେ ୨୦ କୋଟି ଟଙ୍କା ବ୍ୟୟ କରିଥିଲେ ଏବଂ ଯାତ୍ରୀମାନଙ୍କ ସୁବିଧା ଲାଗି ସେଇ ରାଜପଥ ପ୍ରସ୍ତୁତ କରାଇଥିଲେ ତାହା

ଅଦ୍ୟାପି ବିଦ୍ୟମାନ ରହିଅଛନ୍ତି । ତାଙ୍କ ସ୍ୱାମୀ ନାମ ଲକ୍ଷ୍ମଣରାଓ । ସେ ମଲହର ରାଓଙ୍କ ପୁତ୍ର ଥିଲେ ।

ବହୁ ଚେଷ୍ଟା ଓ ପରିଶ୍ରମ ସହକାରେ ଆମ୍ଭେ ପ୍ରାପ୍ତବ୍ୟ ସମସ୍ତ ବିଷୟ ପ୍ରତି ଦୃଷ୍ଟି ଦେଇ ଏ ବଂଶାବଳୀ ପ୍ରସ୍ତୁତ କଲୁଁ । ଏଥିରେ ଯେ ଭ୍ରମ ନଥିବ, ଏକଥା ମୁଁ ସାହସ କରି କହି ନପାରେ । ଯଦି କୌଣସି ପାଠକ ଭ୍ରମ ଦେଖି ମୋତେ କହି ଦେଇପାରନ୍ତି ମୁଁ ତାଙ୍କଠାରେ କୃତଜ୍ଞ ରହିବି ଏବଂ ଭବିଷ୍ୟତରେ ଏହାକୁ ସଂଶୋଧନ କରିଦେବି ।